# ଉଦ୍‌ଭ୍ରାନ୍ତ

ଲକ୍ଷ୍ମୀଧର ନାୟକ

ବୁକ୍‌ସ ଆଣ୍ଡ ବୁକ୍‌ସ
ବିନୋଦ ବିହାରୀ, କଟକ-୨

# ଉଦ୍‌ଭ୍ରାନ୍ତ

*

ଲେଖକ :

**ଲକ୍ଷ୍ମୀଧର ନାୟକ**

*

ପ୍ରକାଶକ :

**କୃଷ୍ଣଚନ୍ଦ୍ର ବେହେରା**

**ବୁକ୍‌ସ ଏଣ୍ଡ ବୁକ୍‌ସ**

ବିନୋଦ ବିହାରୀ, କଟକ-୨

*

ପ୍ରକାଶକାଳ

୧୯୮୪

*

ପ୍ରଚ୍ଛଦ ଶିଳ୍ପୀ :

ଅସୀତ୍ ମୁଖାର୍ଜୀ

*

ମୁଦ୍ରଣ :

**କଳିଙ୍ଗ ମୁଦ୍ରଣୀ**

ନିମ୍‌ଚୌଡ଼ି, କଟକ-୨

*

ମୂଲ୍ୟ : ତିରିଶ ଟଙ୍କା

ବନ୍ଧେଇ : ପଇଁତିରିଶ ଟଙ୍କା

**UDABRHANT**

*by*

**Laxmidhar Nayak**

●

Published in : **1984**

●

Published by

**Sri K. C. Behera**

**Books and Books**

Binode Behari

Cuttack-2

●

Printed at

**Kalinga Mudrani**

Nimchouri, Cuttack-2

●

Price : Thity **only**

Delux : Thityfive **only**

# ॥ ଭୂମିକା ॥

ମୋର କୌଣସି ବହିରେ ମୁଁ ଭୂମିକା ଲେଖି ନାହିଁ । ଏଥର ବି ଲେଖିବାର ପ୍ରବୃତ୍ତି ନଥିଲା । ଉପନ୍ୟାସର ଭୂମିକା ଲେଖା ମୋ ମତରେ ସେ 'ଚରିତ୍ର' ମାନଙ୍କ ପ୍ରତି ଏକ ଅବମାନନା । ତାଙ୍କ କଥା ସେଇମାନେଇ କହି ଆସିଚନ୍ତି । ଥରେ ନୁହେଁ, ଦୁଇଥର ନୁହେଁ, ତିନିଥର, ଚାରିଥର ଏବଂ ଏଥରକୁ ନେଇ ପାଞ୍ଚଥର ।

'ଉଦ୍‌ଭ୍ରାନ୍ତ' କୁ ଯେଉଁମାନେ ବାରମ୍ବାର ଶୁଣୁଚନ୍ତି ତାହା 'ଉଦ୍‌ଭ୍ରାନ୍ତ' ର ଏବଂ ସ୍ରଷ୍ଟାର ଆତ୍ମପ୍ରସାଦ ।

ଲକ୍ଷ୍ମୀଧର ନାୟକ

ମୋ ଜନ୍ମଭୂମି ଉତ୍କଳ ମାତାର ସୁକୋମଳ ବକ୍ଷ ଛାଡ଼ି ଆଜ ମୁଁ ବହୁତ ଦୂରରେ । ସୁଦୂର ରେଙ୍ଗୁନର ଏଇ ବଣ ଜଙ୍ଗଲ ଘେରା ନିର୍ଜନ ନିକାଞ୍ଚନ ଭୂଇଁରେ ମତେ କେହି ଆସି ଖୋଜି ବାହାର କରିପାରିବ ଇଏ ଆଦୌ ସମ୍ଭବ ନୁହେଁ । ଯଦିଚ ବା ଖୋଜି ଖାଜି ଠାବ କରିପାରେ, ଚିହ୍ନି ପାରିବ ମତେ ନିର୍ଭୁଲ ଭାବରେ ସ୍ଥା ବି ଏକ ଦୁଃସାଧ୍ୟ କଥା । କାରଣ, ଗଲା କେତେ ବର୍ଷ ଭିତରେ ମୋ ଚେହେରାରେ ଏତେ ପରିବର୍ତ୍ତନ ହୋଇଯାଇଛି—କଥା ଭାଷା, ଚାଲିଚଳନ, ହାବଭାବ, ଏ ସବୁରେ ଏତେ ସାଂଘାତିକ ଓଲଟ ପାଲଟ, ପୃଥିବୀରେ ଏପରି କେହି ନାହିଁ, ଯେ ମତେ ଦେଖିଦେଲା ମାତ୍ରେ କହିବ : ହଁ, ହଁ, ଇଏ ସେଇ ଲୋକ ! ସେଇ ଉମାକାନ୍ତ ! ସେଇ ଉମାକାନ୍ତ !!

ଅତୀତ ଜୀବନର ଯେଉଁ ରହସ୍ୟପୂର୍ଣ୍ଣ ଇତିହାସ ଆଜ ମୁଁ ଲେଖିବାକୁ ବସିଛି, ତାକୁ ମୋର ଅତି ପରିଚିତ କେତେଜଣ ହୁଏତ ପଢ଼ି ଚମକି ଉଠିବେ । ଉଠିବାର କାରଣ ବି ଯଥେଷ୍ଟ ଅଛି । ବହୁବର୍ଷ ଧରି ଯେଉଁମାନେ ମରି ହଜି ଯାଇଛନ୍ତି ବୋଲି ଗୋଟାଏ ଶେଷ ସିଦ୍ଧାନ୍ତ ହୋଇଯାଇଥିଲା, ଆଜି ସେମାନଙ୍କର କୌତୂହଳପୂର୍ଣ୍ଣ ଜୀବନ-ଇତିହାସ ଶୁଣିଲେ ଆଶ୍ଚର୍ଯ୍ୟ ନ ହେବ ବା କିଏ ? ଆଉ ତା'ଛଡ଼ା ମୋ ନିଜ କଥା ଯଦି କହେଁ, ସୁଦୂର ରେଙ୍ଗୁନ ଦେଶରେ ମୁଁ ଆଜି ଶ୍ରେଷ୍ଠ ବଡ଼ ସଂସାର କରି ମହାସୁଖରେ କାଳାତିପାତ କରୁଛି, ଏକଥା କିଏ ବା ବିଶ୍ୱାସ କରିବ ? ହେଲେ, ଦୁନିଆରେ ଏମିତି ଘଟଣା ଯେ ଏକାବେଳେ ଆଶ୍ଚର୍ଯ୍ୟ ଆଉ ଅସମ୍ଭବ, ସେମିତି କିଛି ନୁହେଁ । ମଣିଷ ସମାଜ ଭିତରେ ସଇତାନଙ୍କ ଆବିର୍ଭାବ ଧପ୍ପାବାଜିର ଇନ୍ଦ୍ରଜାଲ ଭିତରେ ଏତେ ପ୍ରବଳ ହୋଇ ଉଠିଲାଣି, ମୋ କଥା ତ ସାମାନ୍ୟ, ସ୍ଥାଠ ବଳି କେତେ ବଡ଼ ବଡ଼ ଦୁର୍ଘଟଣା ଯେ ଘଟିଯାଉଛି, ତା' ହୁଏତ କଳନା କରିବାର ଶକ୍ତି କାହାର ନାହିଁ । ଭଣ୍ଡ ପ୍ରତାରକଙ୍କ ଯୁଗ ଏଇଟା । ସଭ୍ୟତା ଆଢ଼ୁଆଳରେ ପିଶାଚର ତାଣ୍ଡବ ଲୀଳା ଏମିତି ଭେଲକି-ଦୁରନ୍ତ, ଜଣେ ଯେତେ ହୁସିଆର ରହିଲେ ବି ସେଇ ଖାପ୍ପରେ ନ ପଡ଼ି ବର୍ତ୍ତିଯିବା ଆଦୌ ସମ୍ଭବ ନୁହେଁ ।

ହଁ, ମୋ କଥାଟା କହେଁ । ମୁଁ ଉଦ୍‌ଭ୍ରାନ୍ତ । ଉଦ୍‌ଭ୍ରାନ୍ତ ଗୋଟିଏ ରୂପସୀ ନାରୀର ପ୍ରେମ ଲାଗି । ହଳାହଳ ବିଷକୁ ମୁଁ ସେଇ ନାରୀର ପ୍ରେମ ଲାଗି

ପାନ କରିଛି । ତା'ର ପାଇଁ ହସି ହସି ମୃତ୍ୟୁର ବିଭୀଷିକାକୁ ଜୀବନଯାତ୍ରାର ପାଥେୟ କରିଛି । ତା'ରି ଲାଗି ସହ୍ୟ କରିଛି ଅପମାନ । ଆତ୍ମୀୟମାନଙ୍କ ଭର୍ତ୍ସନା, ଦୁନିଆର ନିନ୍ଦା ଆଉ ସମାଜର ଅପବାଦ—ସବୁ ତାରି ପାଇଁ ମୁଣ୍ଡପାତି ନେଇଛି । ଥରେ ହେଲେ ଥକି ପଡ଼ି ନାହିଁ । ଚଢ଼ା ହୋଇଛି କଠିନ ପାହାଡ଼ ପଥ । ଆଗେଇ ଯାଇଛି ଦୁର୍ଦ୍ଧର୍ଷ ବୀରପରି । ଅହଙ୍କୃତ ଗର୍ବରେ ସବୁକିଛି ବିପଦର ସମ୍ମୁଖୀନ ହୋଇଛି । ପ୍ରତିଶୋଧ ନେବାକୁ ଭୟ କରି ନାହିଁ । ପିଶାଚଠୁ ବଳି ନିର୍ମମ ହୋଇଛି । ଅତି ଆପଣାର ବନ୍ଧୁଟାର ଗଳା ଚିପି ଖୁନ୍ କରିଛି । ରାକ୍ଷସଙ୍କ ପରି ଚକା ଚକା କରି ତା କଣ୍ଠନଳୀର ରକ୍ତ ପିଇଛି । ଯାହାକୁ ଭଲ ପାଇଥିଲି, ତାକୁ ଇ ପାଇବା ପାଇଁ, ଯେତେ କିଛି ବାଧା ଆଉ ପ୍ରତିବନ୍ଧକ, ସବୁ କିଛିକୁ ଅତିକ୍ରମ କରି ଖୋଜିନେଇଛି ମୋ ସ୍ୱପ୍ନର ମାନସସୁନ୍ଦରୀକୁ । ସଂଘର୍ଷମୟ ଜୀବନର ଶେଷ ପ୍ରାନ୍ତରେ ଫେରିପାଇଛି ମୋ ପ୍ରାଣପ୍ରିୟାର ସଙ୍ଗସୁଖ ! ସେଇ ମୋର ଶାନ୍ତି, ସେଇ ମୋର ତୃପ୍ତି, ସେଇ ମୋର ସ୍ୱର୍ଗ ।

ହୃଦୟର ଯୌବନ-କୁଞ୍ଜରେ ଅଗଣିତ କୁସୁମକଳି ଫୁଟିଉଠିଥିଲା ଯା' ନିଶ୍ୱାସର ମଳୟ ପ୍ରବାହରେ, ମୋ ମର୍ମବୀଣାର ଛିନ୍ନ ତନ୍ତ୍ରୀରେ ପ୍ରେମ କବିତାର ଛନ୍ଦ ବାଜିଉଠିଥିଲା ଯା' ଚମ୍ପକ ଅଙ୍ଗୁଳିର ମୃଦୁ ସ୍ପର୍ଶରେ, ତାକୁ ଯେତେବେଳେ ଫେରିପାଇଲି, ସେତେବେଳେ ମୋର ଆଉ ଲୋଡ଼ା କ'ଣ ? ମୁଁ ତ ଜାଣେ, ମୋ ସୁଖ ଦେଖି କେହି ସହି ପାରିବେନି । ମୋ ସୁନାମ କାହା ମୁହଁରୁ ପାଇବିନି ଅକପଟ ପ୍ରଶଂସା । ମୁଁ ଜାଣେ, ଏ ସ୍ୱାର୍ଥାନ୍ଧ ସମାଜରେ କାହାର ସୁଖ୍ୟାତି କାହା ମୁହଁରେ ନାହିଁ । ଏ ଅବସ୍ଥାରେ କାହା କଥାରେ ବିଚଳିତ ହେବାର କ'ଣ ଅଛି ? କାହା ବିଦ୍ରୂପକୁ ଶୁଣିବି ବା କାହିଁକି ? ଦବିଯିବି କାହିଁକି କାହା ଉପହାସରେ ? କାହା ସମାଲୋଚନାରେ କ୍ଷୁଣ୍ଣ ହେବାର କ'ଣ ଅଛି ? ସମାଜରୁ ମତେ ଅଲଗା କରିଦେବାକୁ କେହି ହୁଏତ ଧମକ ଦେବ ! ଏଇ ଶାସ୍ତ୍ର-ପୋଥିଗଢ଼ା ନୀତିବାଗୀଶଙ୍କ ଆଇନର ସମାଜ ! ହେଃ, ତା' ଚେହେରାଟା କ'ଣ ମୁଁ ଭଲକରି ଦେଖିନି ? ଜଣେ କେତେ ପ୍ରାଚୀନପନ୍ଥୀ ଧନଗର୍ବୀଙ୍କର ଏଇ ମତଲବୀ ସମାଜର କୁତ୍ସିତ ରୂପ ! ସେ ଚେହେରା ସହିତ ମୁଁ ଖୁବ୍ ପରିଚିତ । ପରବାଏ କରେନା । କରିବି ବା କାହିଁକି ? ଯେତେବେଳେ ମୁଁ ଘରଦଉଡ଼ି କାଟି, ଜନ୍ମଭୂମିର ସୁକୋମଳ ବକ୍ଷ ଛାଡ଼ି, ଶ୍ରୀକ୍ଷେତ୍ରର ପୁଣ୍ୟପୀଠ ଛାଡ଼ି, ତରଙ୍ଗାୟିତ ବେଳାଭୂମିର ପ୍ରାଣପ୍ରାଚୁର୍ଯ୍ୟ ଛାଡ଼ି, ନୀଳାମ୍ବୁ ଚିଲିକାର ଶୋଭାସମ୍ପଦ ଛାଡ଼ି, କଟକ ନଗରୀର ସ୍ନିଗ୍ଧ ପରିବେଶ ଛାଡ଼ି, ଜାତି କୁଟୁମ୍ବହୀନ ସୁଦୂର ରେଙ୍ଗୁନରେ ଏକ ଅସାମାଜିକ ଜୀବନ ନେଇ ଆପଣା ଭାଗ୍ୟ ନେଇ ଆଗେଇ ଚାଲିଛି, ସେତେବେଳେ କାହା ମର୍ଜିର ଆଜ୍ଞାବାହକ ଭୃତ୍ୟ ହେବାର ବା ମୋର କ'ଣ ଅଛି ?

ଏ କାହାଣୀ ପଢ଼ି ମତେ ହୁଏତ ଅନେକ ପାଗଳ ବୋଲି କହିବେ । ମୁଁ ଖୁଣୀ ବୋଲି ଜାଣି ଅନେକ ଗୁଇନ୍ଦା ହୁଏତ ମୋ ପଛେ ପଛେ ଲାଗି ମତେ ଗାଡ୍‌ଡରେ ପକାଇବାକୁ ଷଡ଼ଯନ୍ତ୍ର କରିବେ । କରନ୍ତୁ, ମୋର ସେଥିକି ଭ୍ରୂକ୍ଷେପ ନାହିଁ । ସାରା ଯୌବନଟା ଦାମ୍ପତ୍ୟ ସୁଖସମ୍ଭୋଗ ଭିତରେ କାଟି, ଆଜି ମୁଁ ପ୍ରୌଢ଼ । ଦେହ ହାତ ମୋର ଅବଶ । ଜୀବନର ଶେଷ ଯବନିକା ଆଉ କେତେଟା ବର୍ଷ ଭିତରେ ପଡ଼ିବାକୁ ହୁଏତ ଡେରି ନାହିଁ । ଏପରି ଅବସ୍ଥାରେ କାହା ମାରପେଞ୍ଚରେ ଯଦି କଟୁବନ ଜେଲ୍‌ରେ କଟାଇବାକୁ ପଡ଼େ କିମ୍ବା ଫାଶିକାଠରେ ଝୁଲିବାକୁ ପଡ଼େ, ସେଥିପାଇଁ କୁଣ୍ଠିତ ହେବି କାହିଁକି ? ଫାଶିର ଧମକ ଆଜି ମୋ ପାଖରେ ନିରର୍ଥକ । ଯେତେବେଳେ ଡରିବାର କଥା ସେତେବେଳେ ତ ଶଙ୍କି ନାହିଁ, ଆଉ ଆଜି ! ଆଜି ତ ପରପାର ଯାତ୍ରା ପାଇଁ ସବୁ ଆୟୋଜନ ମୁଁ କରିବସିଛି, ଭୟ କ'ଣ ?

ମତେ ଯେଉଁମାନେ ଦିନେ ଜାଣିଥିଲେ, ସେମାନେ ମୋ ଚରିତ୍ରର ଅନୁକରଣ ଦିଗଟା ଖୁବ୍ ଭଲକରି ଲକ୍ଷ୍ୟ କରିଥିବେ ନିଶ୍ଚୟ । ବର୍ମାରେ ଗଲା କେତେ ବର୍ଷ ରହିଗଲା ପରେ ମୁଁ ପୁରିପୁରି ବର୍ମ୍ମୀ ପାଲଟି ଯାଇଛି । କଥାରେ, ଚାଲିରେ, ବେଶରେ ସବୁଥିରେ ମୋର ଏକ ଚମତ୍କାର ବର୍ମ୍ମୀଜ୍ ଛାପ୍ । କିନ୍ତୁ ତୁମମାନଙ୍କର ପରିଚୟ ପଚାରିଲେ ଯେମିତି ଗୋଟାଏ ବୁନିଆଦିର ଇତିହାସ ଥାଏ, ମୋର ବି ସେମିତି ଗୋଟାଏ ଥିଲା । ଯେଉଁଠି ଜନ୍ମ ହୋଇଥିଲି, ସେଇଠାର ବର୍ଣ୍ଣନା ଦେବି । ମୋର ବିଶ୍ୱାସ, ଏବେ ବି ସବୁ ସେମିତି ନିଖୁଣ୍ ହୋଇ ଥିବ । ଘରଦ୍ୱାର ଗୁଡ଼ି, ବାବନା ଭୂତ ହୋଇ ବୁଲିଲି ବୋଲି ଆମ କୁଳ ବଂଶ ତ ଲୋପ ହୋଇଯାଇନଥିବ । ବାପା ବୋଉ ନ ଥାଇପାରନ୍ତି ହୁଏତ, କିନ୍ତୁ ବନ୍ଧୁ, କୁଟୁମ୍ବ ପରିଜନ ଏମାନେ ସବୁ ଯିବେ କୁଆଡ଼େ ? ଯେଉଁମାନେ ବଞ୍ଚିଥିବେ, ତାଙ୍କୁ ଯଦି ଉମାକାନ୍ତ କିଏ ବୋଲି ପଚାରିଯାଏ, ଏତେ ଟିକିଏ ବିଳମ୍ବ ନ କରି ସେମାନେ ନିଶ୍ଚୟ ମୋ କଥା କହିବେ, ଅସୀମ ଆଗ୍ରହରେ ପଚାରିବସିବେ ମୋ ଭଲ-ମନ୍ଦର ଖବର ।

ପୁରୀରେ ଓକିଲାତି କରି ବାପା କେଶ୍ ନାଁ କମେଇଥିଲେ । ଆଉ ସେଇ ଓକିଲ ଭଗବାନ ପଟ୍ଟନାୟକଙ୍କ ପୁଅ ଉମାକାନ୍ତ ବୋଲି ସହରରେ ଯେତେ ବଡ଼ ବଡ଼ ଲୋକଙ୍କ ଘରେ ମୋର ଥିଲା ଅବାଧ ପ୍ରବେଶ । ସେମାନଙ୍କ ଭିତରେ ମତେ ଆପଣାର କରି ନେଇଥିଲେ ଯେଉଁମାନେ ସେମାନେ ହୁଏତ ଆଜି କହିବେ ମୋ ପରି ଚରିତ୍ରବାନ୍ ପିଲା କୋଟିକରେ ଗୋଟିଏ ବି ମିଳିବା ଅସମ୍ଭବ ।

ପୁରୀରେ ମତେ ଆଉ କେହି ମନେ ରଖୁ ନ ରଖୁ, ନରେଶ, ବିପିନ ଏମାନେ ନିଶ୍ଚୟ ମୋ କଥା ଭଲଭାବେ ସ୍ମରଣ ରଖିଥିବେ । ଖାଲି ମତେ ନୁହେଁ, ମୋର ପରମ ବନ୍ଧୁ ସୁରେଶକୁ ମଧ୍ୟ । ତାକୁ ବରଂ ମୋଠାରୁ ବେଶୀ ମନେ

ଦେଖିବାର କଥା । ଅତି ବାଚାଳ ପିଲା ସେ । ତତ୍‌ସଙ୍ଗରେ ତାର ବୈଶିଷ୍ଟ୍ୟ ଆଉ ନ ଆଉ, ତା ମୁହଁ ଖଣ୍ଡକରେ ଯେଉଁ ଅସାଧାରଣ ଶକ୍ତି ଥିଲା, ତାର ସୁଖ୍ୟାତିରେ ସେ ବହୁଦିନ ପାଇଁ ଅପାଶୋରା ରହିଯିବ । ବଦମାସଙ୍କର ଓସ୍ତାଦ୍ ଥିଲା ସେ । ଫାଜିଲ୍‌ର ଚୂଡ଼ାନ୍ତ । ଯେତେ ଇଚ୍ଛା ସେତେ ବଡ଼ ଲୋକ ହୁଅନ୍ତୁ ନା କାହିଁକି, ବିନୟରେ ପଦେ ଅଧେ କଥା ସଯତ୍ନ ଭାବରେ କହିବା ଥିଲା ତା' ସ୍ୱଭାବବିରୁଦ୍ଧ । ତା ଛଡ଼ା ସମସ୍ତଙ୍କ ଆଖିରେ ଖୁବ୍ ସ୍ପଷ୍ଟ ବାରିହୋଇ ପଡ଼ୁଥିଲା ସେ ତା ବେଶପରିପାଟୀ ଲାଗି । ଶ୍ୟାମଳ ବର୍ଣ୍ଣର ଡେଙ୍ଗା ପିଲାଟାଏ, ତା ମୁଣ୍ଡର କୁଞ୍ଚକୁଞ୍ଚିଆ ବାଳରେ ଏପରି ଗୋଟାଏ ଦାମୀ ବାସ୍‌ନା ତେଲର ଖସ୍‌ବୋଇ ଖେଳି ବୁଲୁଥାଏ ସବୁବେଳେ । ଯେ ତା ସାନ୍ନିଧ୍ୟକୁ ଆସିବ, ସେ ଅଭିଭୂତ ନ ହୋଇ ରହି ପାରିବନି । ଖଣ୍ଡାଧାର ପରି ନାକ ତଳେ ଦଫାଳିଆ ପ୍ରଜାପତିଆ ନିଶ ସାଙ୍ଗକୁ ସୁନେଲି ଫ୍ରେମବନ୍ଧା ଚଷମା ଆଢ଼ୁଆଳରୁ ଦୁଇଟା ତରଙ୍ଗ-ତରଙ୍ଗ ଆଖିର ଚାହାଣୀ, ଯେତିକି ସୁନ୍ଦର, ସେତିକି ବିସ୍ମୟକର ! ପୁଣି ଆଖି ଆଉ ମୁହଁର ଭାବ-ଉଚ୍ଛ୍ୱାସ ସାଙ୍ଗକୁ ପିନ୍ଧା ଲୁଗାର ଝକମକ ଶୁଭ୍ରତା, ପୁଣି ତା ସାଙ୍ଗକୁ ଯୋଗାଯୋଗ ରଖି ଜାଲି ଜାଲିଆ ଗେଞ୍ଜି ସାଙ୍ଗକୁ ମଲ୍ ମଲ୍ ପଞ୍ଜାବିର ସୌଖିନ ରୁଚିବିଳାସ, ସବୁ ଯେମିତି ବାଦ୍‌ସାହୀ ଠାଣିର ଦର୍ପ ବିଳାସ । ମୋଟ ଉପରେ ସୁରେଶର ପ୍ରତ୍ୟେକ ହାବ-ଭାବରେ ଏପରି ଗୋଟାଏ ଉଜ୍ଜ୍ୱଳ-ଶ୍ରୀର ବୈଶିଷ୍ଟ୍ୟ ଥିଲା, ଯାହା ଯେ କୌଣସି ଲୋକର ଆଖିକୁ ଆକର୍ଷଣ କରୁଥିଲା ଚୁମ୍ବକ ଲୁହାକୁ ଟାଣିଲା ପରି ।

ଯା' ଛଡ଼ା ସ୍କୁଲ ଛାତ୍ରଙ୍କ ଭିତରେ ଶ୍ରେଷ୍ଠ ବଡ଼ ଗୋଟାଏ ନେତା ହୋଇ ଉଠିବାର କ୍ଷମତା ବି ସୁରେଶ ପାଖରେ ଥିଲା ଯଥେଷ୍ଟ । ହେଡ୍‌ମାଷ୍ଟରଙ୍କୁ ବି ବାଦ୍ ନ ଦେଇ ଯେତେ ଶିକ୍ଷକ ସମସ୍ତଙ୍କୁ ମୁହଁ ଉପରେ ସମାଲୋଚନା କରିବାର ବେପରୁଆ ଭାବ, ଓଜସ୍ୱିନୀ ଭାଷାରେ ପଦେ ଅଧେ ବକ୍ତୃତା ଦେଇ ପିଲାଙ୍କୁ ଉତ୍ତେଜିତ କରିଦେବାର ଦାମ୍ଭିକତା, ଦେଶର ବଡ଼ ବଡ଼ ନେତା ଧରପଗଡ଼ ହେଲେ ବଜାର ହାଟରେ ହରତାଳ କରେଇ ସ୍କୁଲ ଫାଟକ ପାଖରେ ପିକେଟିଂ କରିବା ପର୍ଯ୍ୟନ୍ତ ସାହସିକତା, ଦୁର୍ଭିକ୍ଷ ପଡ଼ିଲେ ଘର ଘର ବୁଲି ଗୁଣ୍ଡା ମାଗି ବୁଲିବାରେ ଆଗଭର ହୋଇ ବାହାରି ପଡ଼ିବାର ନେତାଗିରି, ଇମିତି ଯେତେ ସବୁ ଭଲମନ୍ଦ କାମରେ ଅଗ୍ରଣୀ ହେବାର ଉତ୍ସାହ ତାକୁ ସମସ୍ତଙ୍କ ପାଖରେ ଅନ୍ତରଙ୍ଗ କରି ଦେଇଥିଲା । ସେଇଥିପାଇଁ ସ୍କୁଲର ଶିକ୍ଷକଗୋଷ୍ଠୀ ସୁରେଶକୁ ମୁହଁ ଉପରେ ଗାଳିଗୁଲଜ କଲେ ମଧ୍ୟ ମନେ ମନେ ତାରିଫ୍ କରୁଥିଲେ ।

ସୁରେଶ ଖାଲି ବାଜେ ସେମିତି ରସିକତା କରି ବୁଲୁ ନ ଥିଲା । ତା ପାଖରେ ରସିକତା କରିବାର ଯୋଗ୍ୟତା ବି ଥିଲା ଯଥେଷ୍ଟ । ମାତୃଭାଷାର ଉନ୍ନତି ପାଇଁ ସେ କଲମ ଧରିଥିଲା ନିଷ୍ଠାର ସହିତ । ଓଡ଼ିଶାରେ ସେ ସମୟରେ ନୂଆ

ନୂଆ ବାହାରୁଥିବା 'ଆରତି' ପତ୍ରିକାରେ ତାର ଅନେକ ଗଳ୍ପ-କବିତା ପ୍ରକାଶ ପାଇଥିଲା । କିଛିଦିନ ପାଇଁ ସାରା ପୁରୀ ସହରଟାରେ ତା' କବିତ୍ୱର ଖ୍ୟାତି ବଢ଼ି ଯାଇଥିଲା । ଆଉ ମୋର ଶ୍ରେଷ୍ଠ ବନ୍ଧୁ ବୋଲି କହି ଗୌରବଟା ଯେ ବେଳେ ବେଳେ ବେଶୀ ପରିମାଣରେ ଦାବୀ କରି ବସୁଥିଲି ମୁଁ, ସେ କଥା ଆଜି ଅସ୍ୱୀକାର କରିବି ନାହିଁ ।

ପୁରୀରେ ଆମ ଘର ପାଖକୁ ଲାଗି ସୁରେଶର ଘର । ଏକାଠି ବସ, ଉଠ, ଖେଳ, କୁଦ ସବୁ କିଛି । ଦୁହେଁ ଦୁହିଁଙ୍କୁ ଭଲ ପାଉ ସାଧାରଣ ଭାବରେ । କ୍ଲାସରେ ପର୍ଯ୍ୟନ୍ତ ଗୋଟାଏ ବେଞ୍ଚରେ ଦେହ ଘଷାଘଷି ହୋଇ ବସୁଁ । ଯାହା କିଛି ସେ କରିବାକୁ ଯାଏ, ମୋ ମତ ନ ନେଇ, ମୋ ସମର୍ଥନ ନ ପାଇ କେବେ କିଛି କରିଛି ବୋଲି ମୋର ମନେ ପଡ଼ୁନି । କଥାରେ ହୁଏତ ଠିକ୍ ବୁଝେଇ କହିପାରୁନି ତାର ମୋର ଘନିଷ୍ଠତା କେତେ, କିନ୍ତୁ ବାସ୍ତବିକ ବନ୍ଧୁ ବୋଲି କହିଲେ ଦୁନିଆରେ ଯାହା ବୁଝାଏ, ବନ୍ଧୁ ପାଇଁ ଜୀବନ-ଦାନ, ଠିକ୍ ସେଇଆ ।

ସୁରେଶର ମୋର ଏତେ ଘନିଷ୍ଠତା ମୂଳରେ ଅସଲ କାରଣ, ମୋ ବାପା ଆଉ ସୁରେଶର ବାପାଙ୍କ ଭିତରେ କ୍ଷୀର-ନୀରର ସମ୍ପର୍କ । ଦୁହେଁ ଥିଲେ ସହପାଠୀ । ପୁରୀରେ ଦୁହେଁ ଓକିଲାତି ବି କରୁଥିଲେ । ଟଙ୍କା ରୋଜଗାରରେ ଦୁହେଁ ଥିଲେ ଧୁରନ୍ଧର । ପୁରୀ ସମୁଦ୍ରକୂଳକୁ ଲାଗି ଆମର ତିନିମହଲା କୋଠା । ସମୁଦ୍ର ପାଖ ଦେଇ ଯେଉଁ ନାଲି ସଡ଼କଟା ପଡ଼ିଚି ତାର ଉପରେ ଛିଡ଼ା ହୋଇ ଟିକିଏ ନିରୀକ୍ଷଣ କରି ଦେଖିଲେ ଆଖି ଦିଇଟା ସିଧାସିଧା ଯାଇ ପଡ଼ିବ ଆମ ହଳଦିଆ କୋଠା ଉପରେ । ଆଉ ପାଖକୁ ଯାଇଁ ଦେଖିଲେ ବଡ଼ ବଡ଼ ଅକ୍ଷରରେ ସ୍ପଷ୍ଟ ଲେଖା ହୋଇଥିବା "ଉମା-କୁଟୀର"ର ଲିଖନ ଭଙ୍ଗୀରୁ ବାପାଙ୍କର କଳା-ରୁଚିର ଯଥେଷ୍ଟ ପ୍ରମାଣ ମିଳିବ, ଏଥିରେ ସନ୍ଦେହ ନାହିଁ ।

ମୁଁ ଜନ୍ମ ହେବା ବର୍ଷ ବାପା ସେଇଟାକୁ ତିଆରି କରିଥିଲେ—ସେଥିପାଇଁ ମୋରି ନାଁରେ ସେ ଘରଟାର ନାମକରଣ ବି ହୋଇଥିଲା । ଏଇଟା ଗୋଟାଏ ଖିଆଲ ତାଙ୍କର । କୋଠାଟା ଆମର ମସ୍ତ ବଡ଼ ; କିନ୍ତୁ ପରିବାର ଅତି ଛୋଟ— ବାପା, ବୋଉ, ମୁଁ, ଆଉ ଲେଖାଜୋଖାରେ ମୋର ଜଣେ ବୁଢ଼ୀ ମାଉସୀ । ଏକାଠି ଛିଡ଼ାହେଲେ ଘରର ଗୋଟାଏ କଣକୁ ବି ଦେଖାଯାଉ ନା । ବୋଉ ଏଥିପାଇଁ ବାପାଙ୍କ ସାଙ୍ଗେ ବରାବର ଲଗାଏ—କେତେଟା ଘର କାହାକୁ ଭଡ଼ା ଲଗାଇଦେଲେ ଘରଟା ଘର ପରି ଦେଖାଯାଆନ୍ତା—ଗହଳି ଲାଗନ୍ତା । ମାତ୍ର ବାପାଙ୍କର କି ବୁଝାମଣା କେଜାଣି, କିଛି ଉତ୍ତର ନ ଦେଇ ଚୁପ୍ ହୋଇ ରହନ୍ତି । ବୋଉ ନାକ ଫୁଲାଏ, ହସିବା ଖୋରାକ ପାଇଯାଆନ୍ତି ବାପା ।

ସୁରେଶର ଏକମହଲା କୋଠା ଘରଟା ବି ଆମ ଘରଠୁ ଅଳ୍ପ ଦୂରରେ। ପରିବାର କିନ୍ତୁ ତାଙ୍କର ବେଶ୍ ବଡ଼। ସୁରେଶକୁ ଛାଡ଼ି ଆଉରି ଚାରି ଭାଇ। ସମସ୍ତଙ୍କଠୁ ସୁରେଶ ଜ୍ୟେଷ୍ଠ ; ତା ତଳେ ଗୋଟିଏ ଜ୍ୟେଷ୍ଠ ଭଉଣୀ 'ଜ୍ୟୋତ୍ସ୍ନା'। ବେଶ୍ ସୁନ୍ଦର ଝିଅଟା। ଠିକ୍ ସୁରେଶ ପରି ବି ଫାଜିଲ୍ ସେ!! ବୋଧେ' ଇ'ନା ପିଲାଝିଅ ନେଇ ଘରଦ୍ୱାର କରିବଣି ; କିନ୍ତୁ ମୋ କଥା ତାକୁ ପଚାରିଲେ ଗୋଟି ଗୋଟି କରି ସବୁ କହିଯିବ ସେ। ମୋ ସାଙ୍ଗେ ସେ ଭାରି ଲାଗୁଥିଲା। ସୁରେଶ ସାଙ୍ଗେ ତାଙ୍କ ଘରକୁ ଗଲେ ତା ପାଖରୁ ଲୁଚି ଆସିବା ଛଡ଼ା ମୋ ପାଖରେ ଆଉ ଉପାୟ ନ ଥିଲା।

ପୁଣିରେ ପ୍ରବେଶିକା ପରୀକ୍ଷାରେ ଦୁଇ ଜଣଯାକ ସେକେଣ୍ଡ ଡିଭିଜନ୍‌ରେ ପାଶ କଲୁ। ମୋର କଟକରେ ଆଇ. ଏସ୍. ସି. ପଢ଼ିବାର ଠିକ୍ ହେଲା। ସୁରେଶ କଲିକତାରେ ରହି ଆଇ. ଏ. ପଢ଼ିବାକୁ ଠିକ୍ କଲା। ଏତେ ଦିନର ବନ୍ଧୁତ୍ୱଟା ଏପରି ଭାବରେ ଭାଙ୍ଗିଯିବ ବୋଲି ଭାବି ଦୁହେଁ କାନ୍ଦିଉଠିଲୁ। ଜୀବନରେ ଏ ଛଡ଼ାଛଡ଼ି ଯେପରି ଆମ ପ୍ରତି ଅସହ୍ୟ ହୋଇଉଠିଲା। ମନେ ଅଛି, ସେଦିନ ସୁରେଶକୁ ଗାଡ଼ିରେ ଚଢ଼େଇ ଦେଇ ବିଦାୟ ନେଲାବେଳେ ଆଖିରୁ ମୋ ଅଜାଣତରେ ଦି ଟୋପା ଲୁହ ଝରି ପଡ଼ିଥିଲା। ସୁରେଶର ବି ସେ ଅଧୀରତା ମୁଁ ଲକ୍ଷ୍ୟ କରିଥିଲି। କହିଥିଲି : ସୁରେଶ, ମନରେ ଦୁଃଖ କରିବାର କିଛି ନାହିଁ। ଭବିଷ୍ୟତର ପ୍ରଶସ୍ତ କ୍ଷେତ୍ର ଆମ ଆଗରେ ପଡ଼ିରହିଛି। ଛୁଟିରେ ତ ନିଶ୍ଚୟ ଦେଖା ହେବ—ଭଗବାନ ଯେବେ ଦୁହିଁଙ୍କୁ ଜୀବନରେ ବଞ୍ଚାଇ ରଖିଥିବେ, ପଢ଼ିସାରି ଦୁହେଁ ଗୋଟାଏ ଜାଗାରେ କାମ କରି ସବୁଦିନ ପାଇଁ ଏକାଠି ରହିବା। ସୁରେଶ ଆଉ କିଛି କହିପାରି ନଥିଲା। ତାକୁ ବିଦାୟ ଦେଇ ଏକ ଭାରାକ୍ରାନ୍ତ ହୃଦୟ ନେଇ ଘରକୁ ଫେରି ଆସିଥିଲି।

କଟକରେ ମୋର ଆଇ. ଏସ୍. ସି. ପଢ଼ିବାର ବନ୍ଦୋବସ୍ତ ବାପା ଆଗରୁ ସବୁ ଠିକ୍ କରି ରଖିଥିଲେ। ଇଚ୍ଛା ଥିଲା—ହଷ୍ଟେଲରେ ରହି ପଢ଼ିବି ; କିନ୍ତୁ ବାପା ରାଜି ହେଲେ ନାହିଁ। ସେ କହିଲେ—ହଷ୍ଟେଲରେ ପଢ଼ାଶୁଣା ଯାହା ହେଉ ନ ହେଉ, ଖାଇବା ପିଇବାଟା ଅନ୍ତତଃ ଭଲ ହୁଏ ନା। ମୋର ପିଲାଦିନର ସହପାଠୀ ବିଶ୍ୱମୋହନ ତ କଟକରେ ରହି ଓକିଲାତି କରୁଚି। ଘର ମଧ୍ୟ ତାର ଯଥେଷ୍ଟ। ତା ସାଙ୍ଗେ ଯାଇ ସବୁ କଥାବାର୍ତ୍ତା କରି ଆସିଛି। ଅଭିଭାବକର ଦାୟିତ୍ୱଟା ସେ ନେବ। ତାଙ୍କର ଘରେ ରହି ପଢ଼ିଲେ ପଢ଼ାଶୁଣା, ଖାଇବା ସବୁଥିରେ ସୁବିଧା ହେବ। କଲେଜକୁ ଯିବା ଆସିବା ଟିକିଏ ଦୂର ହେବ ; ସେଥିପାଇଁ ଗୋଟାଏ ସାଇକଲ ପଛେ କିଣି ଦିଆଯିବ। ସେଇଠିକି ଯା'। ହଷ୍ଟେଲରେ ରହି ପାଠପଢ଼ା ଅସମ୍ଭବ।

ଏଥିରେ ମୋର କିଛି ଆପତ୍ତି କରିବାର ନ ଥିଲା । ଏତିକ, ସାଙ୍ଗ ପିଲାଙ୍କ ପାଖରେ ରହିଥିଲେ ଆମୋଦ ପ୍ରମୋଦଟା ଟିକିଏ ବେଶୀ ଭାବରେ ହୋଇଥାଆନ୍ତା । ସେତିକି ହୁଏତ ନ ହେଲା ନାହିଁ । ବାପାଙ୍କ କଥା ମାନି କଟକରେ ବିଶ୍ୱମୋହନ ବାବୁଙ୍କ ଘରେ ରହି କଲେଜରେ ନାଁ ଲେଖାଇଲି । କୌଣସିଥିରେ କିଛି ଅସୁବିଧା ରହିଲା ନାହିଁ ।

ବିଶ୍ୱମୋହନ ବାବୁ ମତେ ଖୁବ୍ ସ୍ନେହ କରନ୍ତି ; ବିଶେଷତଃ ତାଙ୍କ ସ୍ତ୍ରୀ ଲଳିତା ଦେବୀ ଠିକ୍ ଦୟାର ପ୍ରତିମୂର୍ତ୍ତିଟିଏ ଯେମିତି ! ତାଙ୍କ କଥାରୁ ସତେ ଯେମିତି ସ୍ୱର୍ଗର ଅମୃତ ଝରିଲା ପରି ମନେହୁଏ । ମାତୃତ୍ୱ ଗର୍ବରେ ହୃଦୟ ତାଙ୍କର ପ୍ରଶାନ୍ତ, ନିର୍ମଳ । ଦେଖିଲେ ମୁଣ୍ଡ ଆପେ ଆପେ ନଇଁ ପଡ଼େ । ସ୍ୱାମ ଆଉ ନିଜ ତାଙ୍କର ଦୁଇଟି ଗର୍ଭଜାତ ସନ୍ତାନଠାରୁ ସେ ମୋତେ କୌଣସି ଗୁଣରେ ଊଣା କରି ଦେଖନ୍ତି ନାହିଁ । ଆଦର ଯେମିତି, ସ୍ନେହ ବି ସେମିତି । ମୁଁ ତାଙ୍କୁ ନିଜ ମାଆ ପରି ଭକ୍ତି କରେ । ମା' ମା' ବୋଲି ମଧ୍ୟ ଡାକେ । ତାଙ୍କଠାରେ ଯେଉଁ ନିଗୂଢ଼ ସ୍ନେହର ସନ୍ଧାନ ପାଇଥିଲି, ତା କେବେ ଭୁଲି ହେବନି ଏ ଜନ୍ମରେ ।

କଟକରେ ବିଶ୍ୱମୋହନ ବାବୁଙ୍କର ବି ଦ'ମହଲାର ଗୋଟାଏ ପ୍ରକାଣ୍ଡ କୋଠା । ଘରେ ତାଙ୍କର ରହିବାକୁ ସେ ନିଜେ, ସ୍ତ୍ରୀ, ଦୁଇଟି ପୁଅ ଆଉ ଜଣେ ବୁଢ଼ୀ । ଲେଖାଯୋଖାରେ ମା' ଲଳିତା ଦେବୀଙ୍କର ସେ ଅପା ହୁଅନ୍ତି । ସ୍ୱଳ୍ପ ପାଞ୍ଚ ବଖରା ନିଜେ ଚଳିବା ପାଇଁ ରଖିଦେଇ ବାକି ଘରତକ ସେ କଲିକତାର ଜଣେ କାୟସ୍ଥ ବଙ୍ଗାଳୀଙ୍କୁ ଭଡ଼ା ଲଗାଇ ଦେଇଥାଆନ୍ତି । ମୁନିସିପାଲିଟି ଅଫିସରେ ସେ ଗୋଟାଏ କ'ଣ ବଡ଼ କାମ କରୁଥିଲେ ।

ସିବାର ଦି ଦିନ ପରେ ପଢ଼ାଘରେ ବସି କଣ ଖଣ୍ଡେ ଉପନ୍ୟାସ ପଢ଼ୁଚି, ହଠାତ୍ ପଛପଟିଆ କିଏ ଜଣେ ଆସି ମୋ ଆଖି ବୁଜି ଧରିଲେ । ଅଚହ୍ନା ଲୋକର ଏପରି ଅଭଦ୍ର ବ୍ୟବହାରରେ ବେଶ୍ ଟିକିଏ ବିବ୍ରତ ହୋଇ ରୁକ୍ଷ ସ୍ୱରରେ ପଚାରିଲି, : କିଏସ୍ ଆପଣ ? କଥାଟା ବଡ଼ କଡ଼ା ହୋଇଗଲା ବୋଧହୁଏ, ଅପରାଧୀଟି ପରି ପରି ହାତ ଗୁଡ଼ି ଦେଇ ସେ କହିଲେ : ବେଶ୍ ଉପନ୍ୟାସଟିଏ ତ ? କାହା ଲେଖା ଦେଖେଁ ।

ଟିକିଏ ନରମ ଗଳାରେ କହିଲି : ବଙ୍କିମ ବାବୁଙ୍କର ।

ଥଟ୍ଟାଳିଆ ଗଳାରେ ଟିକିଏ ଆନ୍ତରିକତା ଭରିଦେଇ ସେ କହିଲେ : ଏସବୁ ବହି ପଢ଼ିଲେ ଶେଷରେ ବୋହୂ ଖୋଜିବାକୁ ବାପାଙ୍କୁ ହଇରାଣ ହେବାକୁ ପଡ଼ିବ ଯେ !

ଜଣେ ଅପରିଚିତ ଲୋକର ଏପରି ରସିକତାକୁ ଉପହାସ ଛଳରେ ଗ୍ରହଣ କରିବାକୁ ମୁଁ ଆଦୌ ପ୍ରସ୍ତୁତ ନ ଥିଲି । କିମିତି ଅଡ଼ୁଆ ଅଡ଼ୁଆ ଲାଗିଲା ମତେ ।

ଭଦ୍ରଲୋକଙ୍କ ସାଙ୍ଗରେ ଜଣାଶୁଣା ନାହିଁ—ଅଥଚ ବିନା ସଙ୍କୋଚରେ ଏପରି ଅବାନ୍ତର ପ୍ରସଙ୍ଗ ଉଠାଇବାରେ କି ବାହାଦୁରି, ମୁଁ ଆଦୌ ଠଉରାଇ ପାରିଲି ନାହିଁ । ବେଶ୍ ଟିକିଏ ଜୋର ଦେଇ କହିଲି : ଆପଣଙ୍କୁ ତ ମୁଁ ଚିହ୍ନିଲି ପରି ମନେ ହେଉନି !

ହୋ ହୋ କରି ହସିଉଠିଲେ ସେ । କହିଲେ : ଓଃ, ମୋ' ପରିଚୟଟା ପଚାରୁଛନ୍ତି ? ଏଇ ଆପଣଙ୍କ ଘରେ ଅଛି ତ—ଆପଣଙ୍କ ପ୍ରତିବେଶୀ ।

: ଆପଣ ତାହାହେଲେ ସରୋଜ ବାବୁ ? ନମସ୍କାର ! ପ୍ରତିନମସ୍କାର ଜଣାଇ ପାଖ ଚେୟାରଟା ଉପରେ ବସି ସେ କହିଲେ : ହଠାତ୍ ମୋର ଏପରି ବ୍ୟବହାରଟା ଦେଖି ଆପଣ ଆଶ୍ଚର୍ଯ୍ୟ ହୋଇଗଲେ ନା ? କହିଲି : କ୍ଷମା କରିବେ—ବଡ଼ ଲଜ୍ଜିତ ମୁଁ ସେଥିପାଇଁ କିନ୍ତୁ । ବାଧା ଦେଇ ସରୋଜ ବାବୁ କହିଲେ : କିନ୍ତୁ ବଙ୍ଗାଳୀ ହୋଇ ଏପରି ଖାଣ୍ଟି ଓଡ଼ିଆରେ କଥାବାର୍ତ୍ତା କରିପାରୁଚି, ଏଇଆ ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗୁଚି ? ବିନମ୍ର ସ୍ୱରରେ କହିଲି : ହଁ ।

ଟେବୁଲ ଉପରେ ଥୋଇ ଦେଇଥିବା ଉପନ୍ୟାସଟା ଖସି ପଡ଼ିବାକୁ ଯାଉଥିଲା, ସରୋଜ ବାବୁ ସେଇଟାକୁ ପତନମୁଖରୁ ଉଠାଇ ନେଇ ଅନ୍ୟମନସ୍କ ଭାବରେ କହିଲେ : କାହିଁକି ? ମୁଁ ଏକା ତ ନୁହେଁ—ଆମର ସମସ୍ତେ ଓଡ଼ିଆ କହନ୍ତି, ସବୁବେଳେ ଓଡ଼ିଆରେ ହିଁ କଥାବାର୍ତ୍ତା ହୁଏ । ମୋ ସ୍ତ୍ରୀ ହେଉଛନ୍ତି ଏଠାରେ କେହି ନାହାନ୍ତି, ସମସ୍ତେ କଲିକତାରେ । ଆସିଲେ ଶୁଣିବେ, ଆମେ ଓଡ଼ିଆରେ କଥାବାର୍ତ୍ତା କରିବାକୁ କେତେ ଆନନ୍ଦ ପାଉ ।

କୌତୂହଳ ଦୃଷ୍ଟିରେ ସରୋଜ ବାବୁଙ୍କୁ ଚାହିଁ କହିଲି : ତାହାହେଲେ ଆପଣ ବଙ୍ଗଳା ଭାଷା ସହିତ ସମ୍ପର୍କ ତୁଟେଇ ଦେଇଛନ୍ତି ?

: ହଁ, ସେଇପରି କେତେଟା । ତା' ନ କରି ବା ଚଳିବୁ କିପରି ? ଜୀବନଟାଯାକ ଯେତେବେଳେ ଓଡ଼ିଶାରେ କଟାଇବାକୁ ହେବ, ସେ ଅବସ୍ଥାରେ ବଙ୍ଗଳା ଭାଷାକୁ ନେଇ ତୁଚ୍ଛା ଗର୍ବ କରିବାର କ'ଣ ଅଛି ? ଆପଣ ହିଁ କହନ୍ତୁ ନା ? ମହାଭାରତୀୟ ସଂସ୍କୃତି ଦୃଷ୍ଟିରୁ ଦେଖିବାକୁ ଗଲେ ଏକ ମାଆର ସନ୍ତାନ ତ ଆମେ ସମସ୍ତେ । ବଙ୍ଗଳା, ଓଡ଼ିଆ ନେଇ ଏତେ ଘଣ୍ଟା ଚକଟା କରିବାର କଣ ଅଛି ? ତା ଛଡ଼ା ଯେଉଁ ଉତ୍କଳ ମା'ର ଅନ୍ନଖାଇ ଆମକୁ ଜୀବନ ଧାରଣ କରିବାକୁ ପଡ଼ୁଛି, ତାର ମାଟିର ସନ୍ତାନ ସାଥିରେ ଗୋଟାଏ ଭାଷାଗତ ଦ୍ୱନ୍ଦ୍ୱର ସୂତ୍ରପାତ କରିବା କ'ଣ ମାନବିକତାର କାର୍ଯ୍ୟ ହେବ ।

କହିଲି : ଠିକ୍ କହିଛନ୍ତି ସରୋଜ ବାବୁ—ଆପଣଙ୍କୁ ମୁଁ ଧନ୍ୟବାଦ ନ ଦେଇ ରହି ପାରୁନି । ଓଡ଼ିଶାର ଗୌରବକୁ ନିଜର ବୋଲି ଭାବି ବଙ୍ଗ

ଭାଇମାନେ ଯଦି ପ୍ରାଦେଶିକତା ଗ୍ରସ୍ତ, କଳିଙ୍ଗ ମା'ର ଜାତୀୟତା—ମନ୍ତ୍ରରେ ଅନୁପ୍ରାଣିତ ହୁଅନ୍ତେ ତାହାହେଲେ ଆଜି ଯେଉଁ ମହାପ୍ରାଣର ପ୍ରତିଷ୍ଠା ହୁଅନ୍ତା, ତାର ଇତିହାସ ଯେ ଭାରତ ବର୍ଷରେ ଏକ ନୂତନ ଅଧ୍ୟାୟର ସୃଷ୍ଟି କରନ୍ତା, ଏଥିରେ ଟିକିଏ ବି ସନ୍ଦେହ ନାହିଁ । ବଙ୍ଗ ଭାଇମାନେ କହନ୍ତି—ଓଡ଼ିଶାରେ କିଛି ନାହିଁ । ନା ସାହିତ୍ୟ, ନା ଶିଳ୍ପ ନା ସଂସ୍କୃତି । ହେଲା, ଯଦି ସେପରି କିଛି ଅଭାବ ଅଛି, ତାହାହେଲେ ସେଇମାନେ ଓଡ଼ିଶାକୁ ନିଜର ବୋଲି ଭାବି ତାର ବିଶାଳ ଅତୀତକୁ ଜୀବନ୍ତ କରିବାକୁ ଚେଷ୍ଟା କରୁ ନାହାନ୍ତି, କ୍ଷତି କ'ଣ ? ଓଡ଼ିଶାରେ ନ ଥିଲା କ'ଣ ? ଶିଳ୍ପ, ସାହିତ୍ୟ ସାମରିକ ଦର୍ପ !! ସବୁ ଥିଲା, ସବୁ ଅଛି । ଯେଉଁ ଦେଶରେ ବିଶ୍ୱବିଖ୍ୟାତ କୋଣାର୍କ ମନ୍ଦିରର ଶିଳ୍ପୀ ଧରମାର ଜନ୍ମ, ଯେଉଁ ଦେଶର ମାଟିରେ ଉପେନ୍ଦ୍ର ଭଞ୍ଜଙ୍କ ପରି କବିର ଆବିର୍ଭାବ, ଯେଉଁ ଦେଶର ଐତିହ୍ୟରେ ଖାରବେଳ, ଯଯାତିଙ୍କ ପରି ବୀର ପୁତ୍ରଙ୍କର ଗୌରବ ବିଦ୍ୟମାନ, ସେପରି ରାଜ୍ୟରେ ଅଭାବ କଣ ? ଅଭାବ ସାହିତ୍ୟ, ଶିଳ୍ପ କିମ୍ବା ଗୌରବରେ ନୁହେଁ—ଅଭାବ ତା ସନ୍ତାନଙ୍କ ଶକ୍ତିରେ । ବୀରପ୍ରସବିନୀ ଉତ୍କଳ ମାତାର ସନ୍ତାନ ଆଜି ଦୁର୍ବଳ, ଆପଣା ଆପଣା ଭିତରେ ଏକତା ନ ରଖି ସେମାନେ ଆଜି ପରଦ୍ୱାରସ୍ଥ ଲକ୍ଷ୍ମୀ ଚ । କିନ୍ତୁ ପୁଣି ଯଦି ସେଇ କଳିଙ୍ଗ ପୁଏ ସମବେତ କଣ୍ଠରେ ଜନ୍ମଭୂମିର ହୃତ ଗୌରବ ଗୀତି ଗାଇ ନାଚି ଉଠିବେ—ତେବେ ଭଞ୍ଜ କବିର ସେ ସାହିତ୍ୟ, କୋଣାର୍କ ଶିଳ୍ପୀର ସେ ଶିଳ୍ପ—ଖାରବେଳର ସେ ବୀରତ୍ୱ ପୁଣିଥରେ ଏଇ ମାଟି ଉପରେ ଜଳି ଉଠିବ । ଅତୀତର ସୁବର୍ଣ୍ଣ ଦିନ ପୁଣି ଫେରି ଆସିବ । ବିଶ୍ୱ ପୃଷ୍ଠରେ ଓଡ଼ିଆ ତାର ବିଜୟ ପତାକା ଅନାୟାସରେ ଟେକି ରଖି ପାରିବ । ଜଗତରେ ଶକ୍ତି କାହାର ଏ ବିରାଟ ଜାତି ବିରୁଦ୍ଧରେ ଖଡ଼୍‌ଗ ଉତ୍ତୋଳନ କରି ଛିଡ଼ା ହୋଇପାରେ ?''

ସରୋଜ ବାବୁ କିଛି ସମୟ ନୀରବ ରହି ମୋ କଥାଗୁଡ଼ାକ ଶୁଣୁଥିଲେ, ତାପରେ କିପରି ବିଚଳିତ ହେଲାପରି କହିଲେ, : ନା, ଜାଗରଣର ଚିହ୍ନ ଟିକିଏ ଦେଖାଗଲଣି । କଳିଙ୍ଗ ଇତିହାସର ପ୍ରାଧାନ୍ୟ ଆଜି ସର୍ବଭାରତୀୟ ସ୍ତରରେ ଏକ ଆଲୋଚନାର କଥା ହେଲଣି ।

ବାହାରେ ସେତେବେଳକୁ ଅସ୍ତଗାମୀ ସୂର୍ଯ୍ୟର କିରଣଛଟା ଲିଭି ଲିଭି ଆସୁଥାଏ । ଖୋଲା ଝରକା ଫାଙ୍କ ଦେଇ ସେଇ ଜାଫରାନି ଆକାଶର ଝଲକାଏ ରଶ୍ମି ଆସି ଆଗରେ ପଡ଼ିଥିବା ଟେବୁଲ ଉପରେ ଚକ୍ ଚକ୍ କରୁଥାଏ । ସେଇଆଡ଼େ ଚାହିଁ ମୁଁ ଟିକିଏ ଅନ୍ୟମନସ୍କଭାବରେ କଣ ଚିନ୍ତା କରୁଚି, ହଠାତ୍ ସରୋଜବାବୁ ଅନ୍ୟ ପ୍ରସଙ୍ଗ ଉଠାଇ କହିଲେ—ଚାଲନ୍ତୁ କାଠଯୋଡ଼ି କୂଳଆଡ଼େ ଟିକେ ବୁଲି ଆସିବା । ବହୁଦିନ ପରେ ମୋର ଆଜି ଛୁଟି ମିଳିଛି । ଚାଲନ୍ତୁ—ଆଳାପ କରାଯିବ ।

ନିଦରୁ ଚମକି ଉଠିଲା ପରି ଆକାଶ ଆଡ଼କୁ ମୁହଁ ଫେରାଇ କହିଲି : ଭଲ କଥା । କାଠଯୋଡ଼ି କୂଳରେ ଶରତର ସନ୍ଧ୍ୟା—ଜୀବନରେ ଇଏଠୁ ବଳି ଉପଭୋଗର ବସ୍ତୁ କଣ ହୋଇପାରେ ?

ଦୁହେଁ ବାହାରିଲୁ । ଏଣୁ ତେଣୁ କଥା ନଦୀକୂଳରେ ବୁଲୁ ବୁଲୁ ଦେଶକଥା—ଘରକଥା—ଅନେକ କିଛି ପଡ଼ିଗଲା । ଓଡ଼ିଆ ଜାତିଟା ପ୍ରତି ସରୋଜ ବାବୁଙ୍କର ଆନ୍ତରିକ ଶ୍ରଦ୍ଧା ଦେଖି ମୁଁ ମନେ ମନେ ଗର୍ବ ଅନୁଭବ କଲି । ତାଙ୍କ ପ୍ରତି ମୋର ଗୋଟାଏ ପ୍ରଚ୍ଛନ୍ନ ମମତା ରୂପ ପାଇ ଉଠିଲା । ଆଜିର ଆଲୋଚନା ଭିତରେ ମୁଁ ଯେପରି ତାଙ୍କଠାରେ ଅନେକ ଭଲ ଗୁଣ ଦେଖିବାକୁ ପାଇଲି । ଜୀବନର ଅନେକ ଗୋପନୀୟ କଥା ମୁକ୍ତଭାବରେ କହି ସେ ତାଙ୍କର ଅମାୟିକ ଚରିତ୍ରର ଯଥେଷ୍ଟ ପରିଚୟ ଦେଲେ ! ଅଜାଣତରେ ମୋ ମନ ତାଙ୍କ ଆଡ଼କୁ ଆକୃଷ୍ଟ ହୋଇପଡ଼ିଲା । ବନ୍ଧୁତାର ଅଚ୍ଛେଦ୍ୟ ବନ୍ଧନରେ ଦୁହେଁ ଦୁହିଁଙ୍କ ପାଖରେ ବାନ୍ଧି ହୋଇଗଲୁ ।

କଟକରେ ମୋର ଚିହ୍ନା ଜଣା କେହି ସେପରି ନ ଥିଲେ କଣ ହେଲା, ସରୋଜବାବୁଙ୍କ ବନ୍ଧୁ ରୂପେ ମୁଁ ଅନେକ ପରିବାର ସହିତ ଟିକ୍ ଅଳ୍ପ ଦିନ ଭିତରେ ପରିଚିତ ହୋଇ ଉଠିଲି । କଲେଜରେ କେତୋଟା ଘଣ୍ଟା ପଢ଼ା ପଢ଼ି ବାଦ୍—ସରୋଜବାବୁ ଆଉ ମୁଁ ଦୁହେଁ ଘରଆଡ଼େ ଘୂରି ବୁଲୁ । ଶୁଆ ବସା, ଖିଆ ପିଆ ସବୁ ଏକା ସାଙ୍ଗରେ । ମା ଲଳିତା ଦେବୀ ଆମ ଦୁହିଁଙ୍କର ଘନିଷ୍ଠତା ଦେଖି କହନ୍ତି, "ଯୋଗ ଗଣି ଭଗବାନ୍ ତୁମ ଦୁହିଁଙ୍କୁ କେମିତି ମିଳେଇ ଦେଲେ କେଜାଣି !" ସରୋଜବାବୁ ମୋ ମୁହଁକୁ ଚାହାନ୍ତି । ମୁଁ ତାଙ୍କ ମୁହଁକୁ ଚାହେଁ । ତାପରେ ଦୁହେଁ ହୋ ହୋ କରି ହସିଉଠୁ । ବାସ୍ତବିକ କେତୋଟା ଦିନ ଭିତରେ ପରସ୍ପର ପ୍ରତି ଏପରି ଗୋଟାଏ ନିବିଡ଼ ଆକର୍ଷଣ ଆସିଗଲା, ଜଣେ ଜଣକୁ ମୁହୂର୍ତ୍ତକ ପାଇଁ ନ ଦେଖିଲେ ଅସ୍ଥିର ହୋଇ ପଡ଼ିଲୁ ।

ବନ୍ଧୁତା ଭିତରେ ଏପରି ଏକ ଅଭିନବ କଳ୍ପନା ବିଳାସର ରଙ୍ଗୀନ ଜଗତ୍ ଆତ୍ମଗୋପନ କରି ରହିଚି, ଜୀବନରେ ଏଇ ପ୍ରଥମ ଥର ପାଇଁ ଅନୁଭବ କଲି ।

## || ୨ ||

ଦିନ କାହା ପାଇଁ ରହେନି—ଦେଖୁଁ ଦେଖୁଁ ଆଜିକାଲି ହୋଇ ତିନି ଚାରିଟା ମାସ ପାଣି ପରି ବହିଗଲା । ପୂଜା ଛୁଟି ପାଇଁ କଲେଜ ବନ୍ଦ ହେଲା । ପୁରୀ ଯାଇଁ ବୁଲି ଆସିବାକୁ ମନଟା ଛଟ୍‌ପଟ ହୋଇଉଠିଲା । ସୁରେଶ ବି ମୋର ପାଇଁ କଲିକତାରେ ବସିକି ଦେଖି ପୂଜା ସମାରୋହ ଛାଡ଼ି ଘରକୁ ଫେରିଆସିବ । ସମୁଦ୍ରକୂଳରେ ଛୁଟିଟା ବେଶ୍ ହସ ଖୁସିରେ କଟିବ । ବୋଉ ବି ଚିଠି ଲେଖିଛି— ଛୁଟିରେ ନ ଗଲେ ମାତୃହୃଦୟ ତାର ବିକଳରେ କାନ୍ଦିଉଠିବ । ହଁ, ନିଶ୍ଚୟ ଯିବାକୁ ହେବ । ସରୋଜ ବାବୁ କିନ୍ତୁ ଛାଡ଼ିବାକୁ ନାରାଜ । ଅନେକ ବୁଝାସୁଝା କରି ଯେତେ ଶୀଘ୍ର ପାରେ ଫେରି ଆସିବି କହି ଗାଡ଼ିରେ ବସିଲି । ଟ୍ରେନ୍‌ରେ ବସେଇ ଦେଇ ସରୋଜ ବାବୁ କହିଲେ : ଉମାକାନ୍ତ ବାବୁ, ଦି' ଚାରି ଦିନ ରହି ନିଶ୍ଚୟ ଫେରିଆସିବେ । ଆପଣଙ୍କୁ ଛାଡ଼ି ରହିବା ଯେ କି କଷ୍ଟ, ତା ବୁଝି ପାରିବେନି । ଏଇ କେତେଦିନର ଆଳାପ ଭିତରେ ଯେମିତି ଗୋଟାଏ ନୂଆ ଦୁନିଆର ପର୍ଦ୍ଦା ଖୋଲିଯାଇଛି । ଆପଣଙ୍କ ଅଭାବରେ ପାଗଳ ହୋଇଯିବି ମୁଁ !

ଶୀଘ୍ର ଫେରିବାର ଯଥେଷ୍ଟ ଆଶ୍ୱାସନା ଦେଇ ସରୋଜ ବାବୁଙ୍କଠାରୁ ବିଦାୟ ନେଲି । ରାସ୍ତାଟାଯାକ ସରୋଜ ବାବୁଙ୍କ କଥା ଭାବି ଭାବି କଟିଲା । ପୁରୀ ଷ୍ଟେସନରେ ଓହ୍ଲେଇ ଗୋଟିଏ ରିକ୍‌ସା ଭଡ଼ା କରି ଆସି ଘରେ ପହଞ୍ଚିଲି । ବୋଉର ଆନନ୍ଦ କହିଲେ ନ ସରେ । ଆହା, ମା'ର ହୃଦୟ କି କୋମଳ, କି ମମତାମୟ ସତେ !! ପୃଥିବୀରେ ମା' ପରି ଆଶ୍ରୟ ଆଉ କାହିଁ ?

ସକାଳେ ଖାଇ ପିଇ ସାରି ଟିକିଏ ଶୋଇପଡ଼ିଲି—ଗଲା ରାତିଟାଯାକ ଘରକୁ ଆସିବାର ଉତ୍ତେଜନା ଭିତରେ ଟିକିଏ ହେଲେ ଶୋଇ ପାରି ନ ଥିଲି । କେମିତି କ୍ଳାନ୍ତ ଲାଗୁଥିଲା । ଶୋଇ ଶୋଇ ଗୁଡ଼ାଏ ଶୋଇପଡ଼ିଲି । ଚାରିଟା ବେଳକୁ ସୁରେଶ ଆସି ଉଠେଇଲା । ଆଜି ଆସି ପହଞ୍ଚିବ ବୋଲି ସୁରେଶ ପାଖକୁ ଆଗରୁ ଚିଠି ଦେଇଥିଲି । ଚାରି ମାସ ପରେ ଦେଖା ହେବାରେ ଗୋଟାଏ ଉତ୍ତେଜନା ତ ରହିବାର କଥା । ମନଟା ଯେମିତି ଆକାଶର ବିହଙ୍ଗ ପରି ଚଞ୍ଚଳ ହୋଇଉଠିଲା । କିଛିକ୍ଷଣ ଘର ଭିତରେ ବସି କଲେଜର ପଢ଼ାଶୁଣା ନେଇ କଥାବାର୍ତ୍ତା ହେଲୁ । ଖରା ତେଜଟା ଅଳ୍ପ ଟିକିଏ ମଉଳି ଆସିବା ପରେ ସମୁଦ୍ରକୂଳ ଆଡ଼େ ବୁଲି ବାହାରିଲୁ ।

ଉପର ମହଲରୁ ଓହ୍ଲାଇ ତଳ ମହଲର ବାରଣ୍ଡା ପାଖରେ ସୁରେଶ ହଠାତ୍ ମୋ ହାତମୁଠା ଭିତରୁ ତା ହାତଟା ଟାଣି ନେଇ କୋତାରେ ବାଲି ପଶିଯାଇଛି ବୋଲି କହି କୋତାଟା ଖୋଲି ଭଲ ରକମ ଝାଡ଼ି ପୁଣି ଥରେ ପିନ୍ଧି ବସିଲା । ମାତ୍ର ଏତେଗୁଡ଼ାଏ କାମ ଭିତର ଦେଇ ଗଡ଼ି କଲାବେଳେ ମୁଁ ସୁରେଶର ଢଙ୍ଗଢାଙ୍ଗ ଭାବ ଲକ୍ଷ୍ୟ କରି ବେଶ ଟିକିଏ ଆଶ୍ଚର୍ଯ୍ୟ ହୋଇଉଠିଲି । ସିମେଣ୍ଟ ବାରଣ୍ଡା ଉପରେ ଆସୁ ଆସୁ ହଠାତ୍ ଏପରି କୋତାରେ ବାଲି ପଶିଗଲା କେଉଁଠୁ ? ହେଲେ କିଛି ପଚାରିଲି ନାହିଁ । ସାମାନ୍ୟ ଘଟଣାକୁ ଗୋଟାଏ ବଡ଼ କଥାର ମୂଳ କାରଣ ବୋଲି ଭାବି ତନ୍ନ ତନ୍ନ କରି ଅନୁସନ୍ଧାନ କରି ଦେଖିବା ମୋ ଚରିତ୍ର ନୁହେଁ । ବଡ଼ ବଡ଼ ଦାର୍ଶନିକ ଆଉ କବିଙ୍କ ମତରେ ଅବଶ୍ୟ ସେଇ ଅତି ସାମାନ୍ୟ ଟିକିକ ଭିତରେ ଗୋଟାଏ ଅସୀମ ଚେତନାର ଐଶ୍ୱର୍ଯ୍ୟ ନିହିତ ଅଛି ବୋଲି ଅନେକ ଥର ଶୁଣିଛି ; ମାତ୍ର ମୋ' ପ୍ରକୃତିଟା ଟିକିଏ ଭିନ୍ନ ରକମର । ଅତି ଛୋଟ ଛୋଟ କଥାକୁ ନେଇ ସୂତାରୁ ଖିଅ ବାହାର କରି ବସିବାଟା ପସନ୍ଦ କରେ ନାହିଁ ମୁଁ । ଛୋଟ ଗୋଟାଏ କଥା ଭିତରେ ଅସୀମ କାଳର ରହସ୍ୟ ଲୀଳା ଲୁଚି ଥାଇପାରେ — ଏହା ମୁଁ ବିଶ୍ୱାସ କରେ ନା । ପୁଣି ସୁରେଶର ସେଇ କ୍ଷଣିକ ଚପଳତା ଭିତରେ ଯେ ଗୋଟାଏ ସଇତାନୀ ଅଭିସନ୍ଧି ପ୍ରଚ୍ଛନ୍ନ ରହିଛି ଏଇଟାବା ମୁଁ କଳ୍ପନା କରିବି କାହିଁକି ? ସେଇଥିପାଇଁ ଅତି ହାଲୁକା ଭାବରେ କଥାଟାକୁ ଧରିନେଇ ମୁଁ କିଛି ମନ୍ତବ୍ୟ କଲି ନାହିଁ । ମାତ୍ର ବଗିଚା ଭିତରୁ ପାର ହୋଇ ରାସ୍ତାକୁ ଆସିବା ସମୟ ଟିକିକ ଭିତରେ ତାକୁ ବାରମ୍ବାର ପଛକୁ ଫେରି ଚାହିଁବାର ଦେଖି ବେଶ୍ ଟିକିଏ ଆଶ୍ଚର୍ଯ୍ୟ ହୋଇଉଠିଲି । ତା ମୁହଁକୁ ଚାହିଁ ଦେଖିଲି—ସେ କେମିତି ଟିକିଏ ଗମ୍ଭୀର । ଯେପରି କେତେଗୁଡ଼ାଏ ଅସଂଲଗ୍ନ ଚିନ୍ତାର ଦ୍ୱନ୍ଦ୍ୱ ଭିତରେ ବୁଡ଼ିରହି ବ୍ୟସ୍ତ ଓ ଚଞ୍ଚଳ ହୋଇଉଠିଛି । ତା' ଚାଲିଚଳନ, କଥାବାର୍ତ୍ତା ସବୁ ଯେପରି ଖାପଛଡ଼ା ମନେ ହେଉଛି । କଥାରେ ଏଇ ଅଳ୍ପ ଟିକିକ ଆଗରୁ ଫୁଟି ଉଠିଥିବା ରସିକତାର ଲେଶ୍ ଆଉ ଯେମିତି ନାହିଁ । ବିସ୍ମୟରେ ଏକାବେଳେ ଅଭିଭୂତ ମୁଁ । କି ଅଦ୍ଭୁତ ପରିବର୍ତ୍ତନ ! ତରଳ ଛଳ ଛଳ ଚପଳ ପ୍ରାଣ ସୁରେଶର ! ଆଖି ପିଛୁଳାକରେ ଏ କି ଅଦ୍ଭୁତ ଗାମ୍ଭୀର୍ଯ୍ୟ ! କହିଲି : ଏମିତି ମୁହଁ ହାଣ୍ଡି କଲୁ କାହିଁକି ? ଏଇ ଟିକିକ ଆଗରୁ ତ ଖାସା ରସିକଟିଏ ପରି କେତେ କୌତୁକ ଉପହାସ କରି ହସି ଉଠୁଥିଲୁ ? ହଠାତ୍ କଣ ହେଲା ତୋର ?

ସୁରେଶ ଅନ୍ୟମନସ୍କ ଭାବରେ "ନା, ସେପରି କିଛି ନୁହେଁ ?" ବୋଲି ଗୋଟିଏ ଛୋଟିଆ ଉତ୍ତର ଦେଇ ମୁଣ୍ଡର କୁଞ୍ଚିତ କେଶଗୁଚ୍ଛ ଉପରେ ଟିକିଏ ହସ୍ତ ସଂଚାଳନ କରି ବିଗତଯୌବନ ସମୁଦ୍ର ଆଡ଼େ ଚାହିଁଲା । ତା'ପରେ ଅନ୍ୟମନସ୍କ ଭାବେ ପାଦରେ ରାସ୍ତାର ଗୋଡ଼ି ମାରି ମାରି ଚାଲିଲା । ଆଶ୍ଚର୍ଯ୍ୟରେ ମୁଁ ତା' ଗତିବିଧି ଲକ୍ଷ୍ୟ କରି ମନେ ମନେ ଭାବିଲି, ଏ କଣ ସେଇ ସୁରେଶ—ପ୍ରତି ମୁହୂର୍ତ୍ତରେ ଯେ

ତାରୁଣ୍ୟର ପ୍ରଗଲ୍‌ଭତା ନେଇ କେଉଁ ଅଜଣା ଅଶୁଣା ମାନସ-ସୁନ୍ଦରୀର ସ୍ପର୍ଶ ଅଙ୍ଗେ ଅଙ୍ଗେ ଅନୁଭବ କଲା ପରି ପ୍ରେମ କବିତା ଆବୃତ୍ତି କରି ବୁଲେ, ଏ କ'ଣ ସେଇ ସୁରେଶ ? ଆଖି ପିଛୁଳାକେ ଏ କି ଅଦ୍ଭୁତ ଅଦଲ ବଦଲ ? ମନେ ମନେ ଆଶ୍ଚର୍ଯ୍ୟ ହେଲି, ସୁରେଶର ଏ ଖିଆଲିଆ ରଙ୍ଗ ଢଙ୍ଗ ଲାଗି ଉପହାସ କରିବାର ଖୋରାକ ବି ପାଇଲି କିଛି । କିନ୍ତୁ ତାକୁ ହଠାତ୍ ଗମ୍ଭୀର ହୋଇଯିବାର କାରଣ ପଚାରିବାକୁ ସାହସ କରି ପାରିଲି ନାହିଁ । କିଛିକ୍ଷଣ ଚୁପ୍‌ହୋଇ ବସି ରହିଲୁ ଦୁହେଁ ।

ସମ୍ମୁଖରେ ଦିଗନ୍ତବ୍ୟାପୀ ବାରିରାଶି ଉପରେ ଶରତର ମେଘମୁକ୍ତ ଆକାଶ । ଅସ୍ତଗାମୀ ସୂର୍ଯ୍ୟର ରଶ୍ମି ଝଲକ ଝଲମଲ ହେଉଚି ସମୁଦ୍ର ଲହରୀରେ । ଏଇ ଦୃଶ୍ୟ ଦେଖିଲେ ନିକଷ୍ଟ ଚିତ୍ତରେ, ଯେତେବଡ଼ ନାସ୍ତିକ ହେଉନା କାହିଁକି, ସ୍ରଷ୍ଟାଭିମୁଖୀ ହୋଇଯିବ ମୁହୂର୍ତ୍ତିକ ପାଇଁ । ଗୋଟାଏ ଅଦୃଶ୍ୟ ଶକ୍ତି ଯେ ସବୁ କିଛି ନିୟନ୍ତ୍ରିତ କରୁଚି, ଏଇ ଅକାଟ୍ୟ ସତ୍ୟକୁ ସ୍ୱୀକାର କରିବାକୁ ବାଧ ହେବ ଭାବନାର ସବୁ ଦ୍ୱନ୍ଦ୍ୱ ଭିତରେ ।

କିଛି ଦୂରରେ ଫେନୋଚ୍ଛ୍ୱସିତ ସମୁଦ୍ର ବକ୍ଷରେ ଗୋଟିଏ ନୌକା ତରଙ୍ଗର ଘାତପ୍ରତିଘାତ ଭିତରେ ଦୋଳାୟମାନ । ସେ ଦୃଶ୍ୟ ଉପଭୋଗ କରିବାରେ ହଠାତ୍ ବାଧା ଆସିଲା । ଆମ ସାମନାରେ ଗୋଟିଏ ତରୁଣୀର ଗୋଲାପି ଅଞ୍ଚଳ ପବନର ଝାପଟାରେ ଖେଳି ଉଠିଲା । ଆକାଶର ଗୋଧୂଳି ଉତ୍ସବ ଆଡ଼େ ଚାହିଁ ତରୁଣୀଟି ତନ୍ମୟ ଭଙ୍ଗୀରେ ଚାଲିଚି । କାହା ଉଦ୍ଦେଶ୍ୟରେ ହୁଏତ ଗୋପନ ସନ୍ଦେଶ ପଠାଉଚି । ସୁଷମାର ଝଲକ ବିକ୍ଷ ହୋଇ ପଡ଼ୁଚି ଯେମିତି ତା' ଚାରିପାଖେ ।

ଆମ ପାଦ ପାଖକୁ ଲାଗି ଢେଉଟିଏ ମାଡ଼ି ଆସିଲା । ପ୍ରକୃତିର ସୌନ୍ଦର୍ଯ୍ୟ ଭିତରେ ବିଭୋଳ ହୋଇ ନିଜ ଅଜାଣତରେ ଯେଉଁ ନୀରବତା ଟିକକ ନିବିଡ଼ ହୋଇ ଆସିଥିଲା ହଠାତ୍ ଯେମିତି ଚହଲି ଉଠିଲା ।

ହାଓ୍ୱାରେ ଗୋଟାଏ କି ଚମତ୍କାର ଖୁସ୍‌ବୋଇର ପ୍ରାଣମତାଣିଆ ଗନ୍ଧ । ସୁରେଶ ଆଡ଼କୁ କଣେଇ କରି ଚାହିଁଲି । ସେ ବି ଚୁପ୍ ଚାପ୍ ବସି ରହିଚି । ତା' ମନ ଭିତରେ ବେଦନାର ଜ୍ୱାଳା, ନା ଆନନ୍ଦର ଶିହରଣ କିଏ କହିବ ? ରସିକତା କରି ପଚାରିଲି : କିରେ ! କବିଟାଏ ତୁ, ଏ ସୌନ୍ଦର୍ଯ୍ୟ ରାଜ୍ୟରେ ତ ବାତୁଳଙ୍କ ପରି ବକ୍‌ବକ୍ କରିବା କଥା, ଇମିତି ଗମ୍ଭୀର ହୋଇ ବସି ରହିଚୁ ଯେ !

ଶୂନ୍ୟରୁ ଖସି ପଡ଼ିଲା ପରି ଚମକି ଉଠିଲା ସୁରେଶ । କହିଲା : ମୁଁ ପଦେ ଅଧେ କବିତା ଲେଖୁଚି ବୋଲି ମତେ ପରିହାସ କରୁଚୁ ନା ?

—ନା, ନା, ପରିହାସ କାହିଁକି ? ବରଂ ତୋ ପ୍ରତିଭାକୁ ଶତମୁଖରେ ପ୍ରଶଂସା କରେ ମୁଁ । ତା' କ'ଣ ତୁ ଜାଣୁନା ? କିନ୍ତୁ ଏଠି ଏମିତି ଧ୍ୟାନମଗ୍ନ ଋଷିଟିଏ ପରି ବସି ରହିଚୁ କାହିଁକି ସେଇଆ ଭାବି ଆଶ୍ଚର୍ଯ୍ୟ ହଉଚି ।

ମୋ କଥାର ସିଧା ସଳଖ ଜବାବ ନ ଦେଇ ସୁରେଶ ତା ସାର୍ଟ ପକେଟରୁ ଗୋଟିଏ ଫ୍ଲୁଟ ବଇଂଶୀଟିଏ କାଢ଼ି ମତେ ଦେଖେଇଲା । କହିଲା : ବଜେଇ ଜାଣୁ ?

: ମୁଁ ବଜେଇ ଜାଣେ ? ହୋ ହୋ କରି ହସି ଉଠିଲି କହିଲି : କ'ଣ ମୋ ଅରସିକ ପଣିଆକୁ ଆକ୍ଷେପ କରୁଚୁ ନା କ'ଣ ?

: ଅରସିକ ପଣିଆ ? ସୁରେଶ ଅର୍ଦ୍ଧସ୍ୱଗତ ଗଳାରେ ପ୍ରଶ୍ନ କଲା ।

: ନୁହେଁତ ଆଉ କ'ଣ ? ତୁ ଏକାଧାରରେ କବି, ଶିଳ୍ପୀ ଆଉ ବଂଶୀ-ବାଦକ ବୋଲି ତୋ ଦୋସ୍ତ ବି କଳା ଆଉ ସଙ୍ଗୀତର ଜଣେ ମହାନ୍ ଆର୍ଟିଷ୍ଟ ହେବ, ଏୟା କାହିଁକି ଆଶା କରୁଚୁ ?

: ଆଶା କରିବା କ'ଣ ଭୁଲ୍ ?

: ନା ଭୁଲ୍ ଅବଶ୍ୟ ନୁହେଁ । ତେବେ ସମସ୍ତେ ଯଦି କଳାକାର ହେବେ କଳାର ପ୍ରଶଂସକ ହେବେ କିଏ ?

: ବାଃ ଭଲ କଥା ପଦିଏ କହିଚୁ । ତୁ ତା'ହେଲେ ଜଣେ ବିଦଗ୍ଧ ଶ୍ରୋତା ?

: ନିଶ୍ଚୟ । ତା' କ'ଣ ତୁ ଜାଣୁନା ?

: ହଁ, ହଁ, ଜାଣେ । ମୁଣ୍ଡ ହଲେଇ ମୋ କଥାର ସମର୍ଥନ ଜଣାଇଲା ସୁରେଶ । କହିଲା, ହଉ ତେବେ ଶୁଣ୍ ଗୋଟାଏ ଧୂନ୍‌ର ଆଲାପ ।

: ଧୂନ୍ ?

: ହଁ, ବାଗେଶ୍ରୀର ଆଲାପ । କହି, ସୁରେଶ ବାଲି ଉପରେ ଟିକିଏ ସଜବାଜ ହେଇ ବସି, ଓଠ ପାଖରେ ବଂଶୀଟି ରଖି ଫୁଙ୍କ ଦେଲା । ଗୋଟାଏ ମିଠା ସୁରର ଧ୍ୱନି ବାହାରି ଆସିଲା ବଂଶୀର ଶୂନ୍ୟ ଗର୍ଭରୁ ।

ସନ୍ଧ୍ୟାର ଶେଷ ପାଟଳାଭାସ ନିଶ୍ଚିହ୍ନ ହେଇ ଯାଇଥିଲା ଦିଗନ୍ତର ସୀମାରେଖା ତଳେ । ସମୁଦ୍ର ଭିତରୁ ଗୋଟିଏ କଳା ଛୁଇର ଜୀବନ୍ତ ଈଗଲ୍ ଯେପରି ଉଠି ଆସି ସାରା ଆକାଶଟାକୁ ଘୋଡ଼େଇ ଦେଲା ତା ଡେଣା ଭିତରେ । ମାୟାମୟ ସ୍ନିଗ୍ଧ ପରିବେଶ ଭିତରେ ଆତ୍ମବିଭୋଳ ହେଇ ବସି ରହିବାର ଏକ ଆନନ୍ଦ ଯେପରି ସମସ୍ତ ମନପ୍ରାଣକୁ ଆଚ୍ଛନ୍ନ କରିଦେଲା ।

ସେଇ ବାତାବରଣ ଭିତରେ ସୁରେଶର ବଂଶୀନାଦ ଯେପରି ଗୋଟାଏ ମାତାଲର ଟଳମଟଳ ପଦକ୍ଷେପ ପରି ଟଳି ଟଳି ଆଗେଇ ଆସୁଚି ମୋ ଆଡ଼କୁ,

ଆସୁଛି ଯାଉଛ, ସୁଦୂର ଦିଗନ୍ତ ଆଡ଼େ, ପହଁଚି ଯାଉଛ ଉର୍ମିର ଫେନଚୂଡ଼ ଉପର ଦେଇ ଶୂନ୍ୟତାର ପ୍ରାଣ ବିନ୍ଦୁ ପର୍ଯ୍ୟନ୍ତ !

ଆଃ, କି କରୁଣ କି ମର୍ମସ୍ପର୍ଶୀ ସେ ଧ୍ୱନିର ଝଙ୍କାର ! ବେଦନାର କି ମାଦକମୟ କୋମଳତାରେ ଆର୍ଦ୍ର ସେ ରାଗିଣୀର ଝଙ୍କାର !!

ଆଉ ଗୋଟିଏ ଢେଉ ଆସି ଆମ ପାଦଗୁଡ଼ିକୁ ଛୁଇଁ ଦେଇଗଲା । ଦେହ ଶୀତେଇ ଉଠିଲା । ହାଠାତ୍ ଆଖି ପଡ଼ିଲା ସବୁ ବନ୍ଦ। କହ୍ନିଟିଏ କେତେବେଳେ ଉଇଁ ଆସିଛି ।

କିଏ ଜଣେ ଲୁଇ-ଲୁଇଆ ହୋଇ ଅଳ୍ପ ଦୂରରେ ଚାଲିଗଲା । ସୁରେଶର ବଂଶୀବାଦନ ବନ୍ଦ ହୋଇଗଲା ଅଧା ବାଟରେ । ଚମକି ଉଠିଲି : ଏ କ'ଣ, ବନ୍ଦ କରି ଦେଲୁ ଯେ ! ପଚାରିଲି ଆହତ ଗଳାରେ ।

ମୋ ହାତ ପାପୁଲିକୁ ଜୋରରେ ଚପି ଦେଲା ସୁରେଶ । ଫିସ୍ ଫିସ୍ କରି କହିଲା : ଚୁପ୍, ଚୁପ୍, ସେ କିଏସ୍ ଯାଉଛି, ଚହ୍ନି ପାରୁନୁ ?

: ନା' ତ ! ବିସ୍ମୟବିହ୍ୱଳ ଗଳାରେ ପଚାରିଲି, ସେ କିଏ ?

ପାଖକୁ ମୋର ଖୁବ୍ ଘନିଷ୍ଠ ହୋଇ ଆସିଲା ସୁରେଶ । କହିଲା : ତୁମ ଘରେ ଭଡ଼ା ନେଇ ଅଛନ୍ତି ପରା ।

: ଘର ଭଡ଼ା ନେଇ ଅଛନ୍ତି ତ କାଶୀନାଥ ବାବୁ ।

: ହଁ ତାଙ୍କର ଝିଅ ଏଇ, ଅରତି । ଆଉ ତା' ପଛେ ପଛେ ଯିଏ ଚାଲିଛି—ସେ ତାଙ୍କ ଚାକର ବୁଢ଼ା ।

: ଏ' ସବୁ ତୁ ଜାଣିଲୁ କେମିତି ?

: କାଲି ଯାଇଥିଲି ତମ ଘରକୁ । ଆସିଲୁଣି କି ନାହିଁ ବୁଝିବାକୁ । ମାଉସୀଙ୍କ ସାଙ୍ଗେ କଥା ହେଉଛି, ଘର ବାରଣ୍ଡା ପଟେ ଚାଲିଗଲା ଏଇ ଝିଅଟି । ମୁଁ କିଛି ପଚାରିବା ଆଗରୁ ମାଉସୀ ତାଙ୍କ ଲାଗି କହି ବସିଲେ କାଶୀନାଥ ବାବୁଙ୍କ ପରିବାର କଥା ।

ଠୋ ଠୋ କରି ହସି ଉଠିଲି । କହିଲି : ଓହୋ ! ବୁଝିଲି, ସେଥିପାଇଁ ତେବେ ଦୁଆର ମୁହଁରେ, ଜୋତା ଭିତରେ ବାଲି ପଶିଯାଇଛି ବୋଲି କହି କହିଁ ପଡ଼ି, ଯୋତା କାଢ଼ି ପାଦ ଝାଡ଼ ହେବାର ଗୋଟାଏ ଫାର୍ସ କରି କଣେଇ କଣେଇ କରି ଏଣିକି ତେଣିକି ଚାହୁଁ ଥିଲୁ ଆସିଲାବେଳେ ନା ?

ମୋ ପାଖରେ ଏତେ ସହଜରେ ଧରା ପଡ଼ିଯିବ, ସୁରେଶ ଆଶଙ୍କା କରି ନ ଥିଲା । ଟିକିଏ ଅପ୍ରସ୍ତୁତ ହେଲାପରି କହିଲା : ଖ୍ରାଣ ଦୁର୍ମୁଖଟାଏ ତୁ ! ହଁ, ତତେ ଲୁଚେଇବାର ବା କ'ଣ ଅଛି ? ଝିଅଟା ଅସାଧାରଣ ସୁନ୍ଦରୀ ! ଯାହାକୁ କହନ୍ତି—ଗୋଟିଏ ଛାଞ୍ଚରେ ଗଢ଼ା।

ଝିଅଙ୍କ ରୂପ ଗୁଣ ବଖାଣିବାରେ କବିମାନେ ଖୁବ୍ ଓସ୍ତାଦ୍ ! ତେବେ ଗୋଟାଏ ରୋମାନ୍‌ସ ହାତରେ ମିଳିଚି ଏତେ ଦିନକେ, କ'ଣ କହୁଚୁ ?

: ଧୁତ୍ତ !

: ଧୁତ୍ତ କ'ଣରେ ? ମତେ ଗୋଟାଏ ସୁଯୋଗ ଦେ । ଭଲ୍‌ଲେକ କରିବା ଦାୟିତ୍ୱଟା ନେଇ ମୁଁ ଚେଷ୍ଟା କରି ଦେଖେ, ଯଦି ଯଶସ୍ୱୀ ହୋଇଯାଇପାରେ କେଡେ ବଡ଼ ଭାଗ୍ୟ ନ ହେବ ମୋର !

: ଧନ୍ୟବାଦ ! ଆନନ୍ଦରେ କୁରୁଳି ଉଠିଲା ସୁରେଶ । ମତେ କୁଣ୍ଢେଇ ପକେଇଲା ଚପାକସ୍ ଆଲିଙ୍ଗନରେ । କହିଲା : ହଁ, ତୋ ପାଖରେ ଆଉ ଲୁଚେଇବି କାହିଁକି ? ମୋ ଦୁର୍ବଳତା ଟିକକ ଯଦି ଧରି ନେଲୁଣି ତୁ—ଖୋଲି କହିଦିଏ ତେବେ—ବୁଝିଲୁ, କାଲିଠୁ ତାକୁ ଦେଖିଲା ପରଠୁ ମୋ ଧ୍ୟାନ ଧାରଣା ସବୁ ବିଗିଡ଼ି ଯାଇଚି । ସାରା ରାତି ତାକୁ କାଲି ସପନ ଦେଖିଚି, ବିଶ୍ୱାସ କରି । ଜାଣେ ନା, କାହିଁକି ଏ ଉଚ୍ଛୃଙ୍ଖଳତା ମୋ ଜୀବନରେ । ବିଧାତା ଏ ନାରୀ ଜାତିଟା ପାଖରେ କି କୁହୁକ୍ କାଠିଟା ରଖିଛନ୍ତି କେଜାଣି—ଆମେ ପୁରୁଷଗୁଡ଼ାକ କାହିଁକି ଅନ୍ଧ ହୋଇଯାଉ ଦେଖିଲା ମାତ୍ରେ, ଆଶ୍ଚର୍ଯ୍ୟ କଥା ! କହି ସୁରେଶ ଅଳ୍ପ ଟିକଏ ରହିଯାଇ ପୁଣି କ'ଣ ଭାବିଲା ପରି ଉଚ୍ଛ୍ୱସି ଉଠି କହି ଚାଲିଲା ଅନର୍ଗଳ : ନାରୀ ହିଁ ବିଶ୍ୱକୁ ଭଗବାନଙ୍କର ଶ୍ରେଷ୍ଠ ଦାନ । ତୁ ସିନା ନିର୍ଘାତ ଚରିତ୍ରବାନଟାଏ ପରି ମୋ ସାଙ୍ଗେ ଯୁକ୍ତି କରୁ ବେଳେ ବେଳେ, ମତେ ଆକ୍ଷେପ କରୁ, ତାଗିଦ୍ କରୁ ପର ସ୍ତ୍ରୀ, ବୋହୂଆଡ଼କୁ ନ ଅନେଇବା ପାଇଁ, ହେଲେ ତୁ ଜାଣିଚୁ କି ନାହିଁ, ଆମ ଆଦି ରସର କବି ଉପେନ୍ଦ୍ର ଭଞ୍ଜ, ଅକି କବି ସମ୍ରାଟ ବୋଲାଉଛନ୍ତି କାହିଁକି ? ନାରୀ ଜାତିର ରୂପ ବର୍ଣ୍ଣନା, ତାଙ୍କ ଲେଖନୀ ମୁନରେ ଏପରି ଅନବଦ୍ୟ ଶୈଳୀରେ ରୂପାୟିତ ହୋଇଚି—ତାଙ୍କ ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ପଢ଼ିଲାବେଳେ ତ ମୁଁ ଭାବେ ପୃଥିବୀର ଯେତେ ଭାଷା, ଯେତେ ଶବ୍ଦ, ଯେତେ ସାହିତ୍ୟ ସବୁ ଯେମିତି ଜୀବନ୍ତ ହୋଇ ଗୋଟିଏ ତନ୍ୱୀ ତରୁଣୀ ରୂପରେ ମତେ ଆଲିଙ୍ଗନ କରିବାକୁ ଆସୁଚି ।

: ଇସ୍, କି ବାକ୍‌ପଟୁତା ତୋର ! କଥା ମଝିରେ ବାଧା ଦେଇ ମୁଁ କହିଲି : ସେଇ ତନ୍ୱୀ ତରୁଣୀ ସୁନ୍ଦରୀଟି କାଶୀ ବାବୁଙ୍କର ଏଇ ଝିଅଟି ନୁହେଁତ, ଯିଏ ଗୋଟିଏ ଧୂସର ଛାୟା ପରି, ଏଇ କ୍ୱଚିତ୍ ଜ୍ୟୋତ୍ସ୍ନାଲୋକରେ ଚାଲିଗଲା ତୋ ଆଖି ସାମନାରେ···

ମୋ ହାତକୁ ଆହୁରି ନିବିଡ଼ ମମତାରେ ଚାପି ଧରିଲା ସୁରେଶ । କହିଲା : ହୋଇପାରେ, ହୋଇପାରେ, କିଛି ଅସମ୍ଭବ ନୁହେଁ । ହୁଏତ ଭଞ୍ଜଙ୍କ ସେଦିନର ଲାବଣ୍ୟବତୀ ଥିଲା ଏଇ ରୂପସୀ 'ଆରତି' ମୋର ମାନସ ପ୍ରତିମା···

—ଆରେ, ଏତେ ଫାଘାଡକଭାବରେ ପ୍ରେମରେ ପଡ଼ି ଯାଇଚୁ ତୁ ଆରତିର ।

: ହଁ, ଫାଘାଡକଭାବରେ ବନ୍ଧୁ, ଅଥ ଶୋଚମୀୟଭାବରେ ତାକୁ ଦେଖିଲା ପରଠୁ ଭାବୁଛି, ତା' ଓଠର ଲାଲିମାକୁ କୋଉ ଫୁଲ ସାଙ୍ଗେ ତୁଳନା କରିବି ? ବନ୍ଧୁଲି ନା ଗୋଲାପ ? ତା ଦେହର ରଙ୍ଗକୁ କାହା ସାଙ୍ଗେ ତୁଳନା କରିବି, ପୂର୍ଣ୍ଣିମାର ଜ୍ୟୋତ୍ସ୍ନା ନା କାଠଚମ୍ପା ଫୁଲର ବର୍ଣ୍ଣବିଭା ସହିତ ? ତା ଗତିର କି ଉପମା ଦେବି ? ରାଜହଂସର ଅଳସ ଛନ୍ଦ ନା, ନା, ନା, ମନେ ପଡ଼ୁନି ଆଉ କ'ଣ ହୋଇ ପାରେ ! ତେବେ ତା ଆଖି ତୋଳାର ତରଙ୍ଗ ଚାହାଣୀ ନିଶ୍ଚୟ ହରିଣୀ ଆଖିର ଚକିତ ଚଞ୍ଚଳ ଚାହାଣୀଠାରୁ ଆହୁରି ସୁନ୍ଦର, ଆହୁରି ସ୍ୱର୍ଣ୍ଣମୟ । ହଁ, ଗୋଟାଏ କଥାରେ ସ୍ୱୀକାର କରୁଚି ବନ୍ଧୁ, ଆରତିକୁ ଦେଖିଲା ପରଠୁ ମୋ ଆଖି ଆଗରେ ବିଶ୍ୱ ସୁଷମାର ଅମାପ ଉତ୍ସ ଫିଟି ଯାଇଚି ମୋ ଆଖି ଆଗରେ । ମୁଁ ନିଜକୁ ହରେଇ ବସିଚି, ମୁଁ ହତବାକ୍ ହୋଇ ଯାଇଚି···

: ହଉ ବନ୍ଦ କର । ହତବାକ ହେବୁ କାହିଁକି, ଏଇ ତ ବାଗୁଲଙ୍କ ପରି ଲେକଚର ଝାଡ଼ି ଚାଲିଚୁ କମା ଫୁଲଷ୍ଟପ୍ ବାଦ୍ ଦେଇ । ଓଡ଼ିଆରେ ଅଧ୍ୟାପକଟାଏ ହେଲେ ତୁ ବାଜିମାତ୍ କରିବୁ ଛାତ୍ର ମହଲରେ । ଧରି ନେ, ମୁଁ ତୋର ବନ୍ଧୁ ନୁହେଁ, ଜଣେ ଶୁଶ୍ରୋଷା ଛାତ୍ର ଏଇ ମୁହୂର୍ତ୍ତଠୁ ଏବଂ ତୋ ଭାଷଣରୁ ଯାହା ବୁଝୁଚି ଏ ପର୍ଯ୍ୟନ୍ତ ଧୀର ସ୍ଥିର ଚିତ୍ତରେ ଶୁଣି ଉପଲବ୍ଧି କରି, ତା'ହେଲା : ତୁ ସେଇ ଝିଅଟିକୁ ଦେଖି ଦେଖି ସୁଖ ପାଇ ବସିଚୁ ଏବଂ ଯଦି ମୌକା ମିଳିଯାଏ, ତେବେ ତୁ ତାକୁ ପ୍ରେମ ନିବେଦନ କରିବାକୁ ନିଲଡାଉନ୍ ହୋଇ ତା ସାମ୍ନାରେ ବସି କହିବୁ— ଦେହିପଦ ପଲ୍ଲବ ମୁଦାରମ୍ ଏବଂ···

: ଚୁପ୍ କର୍ । ସୁରେଶ ମୋ ମୁହଁରେ ତା' ହାତପାପୁଲିଟାକୁ ରଖିଦେଇ କହିଲା ଏବଂ ମୁଁ ତାକୁ ବିବାହ କରିବାକୁ ମୋର ସର୍ବସ୍ୱ ତା ଗୋଡ଼ତଳେ ସମର୍ପଣ କରିବି, ଏୟା କହିବାକୁ ଚାହୁଁଚୁ ।

: ଏକ୍‌ଜାକ୍ଟଲି ।

: ନା, ଆଦୌ ନୁହେଁ । ସୁରେଶ କହିଲା ।

: କାହିଁକି ନୁହେଁ ?

: କାହା ଇଚ୍ଛା ବିରୁଦ୍ଧରେ ମୁଁ ବିବାହ କରିବାକୁ ଚାହେଁନା ।

: ଇଚ୍ଛା ବିରୁଦ୍ଧରେ କାହିଁକି ? ତୋ ପ୍ରେମ ନିବେଦନ ପରେ ଆରତି ଯଦି ତୋ ହାତଧରି ତଳୁ ଉଠାଇ ଦେଇ କୁହେ, ଆସ ପ୍ରିୟତମ···

ଠୋ ଠୋ କରି ହସି ଉଠିଲା ସୁରେଶ । କହିଲା : ବାଃ ଚମତ୍କାର କଥା ପଢ଼ାଏ କହିଚୁ ଏତେବେଳକେ ।

: କହୁଚ ନା ? ମୁଁ ସଗର୍ବେ କହିଲି ।

: ହଁ, କହୁଚି ଅଲବତ୍ ।

: ଏଥର ତୋ ମତ କ'ଣ ?

: ଫିଗ୍ୟୁର୍ ।

: ଫିଗ୍ୟୁର—ଫିଗ୍ୟୁର ନୁହେଁ । ସ୍ୱୀକୃତ ଦେ । ମୁଁ ତୁମ ଦୁହିଙ୍କର ଦେଖା ଚାହାଁର ସୂତ୍ରପାତ କରିବି ଏବଂ ମୋର ବିଶ୍ୱାସ, ସବୁ ଠିକ୍ ଠାକ୍ ହୋଇଯିବ ଏ ଗୁରୁବାରରେ ।

: ଏତେ ଆଶାବାଦୀ ତୁ ?

: ହଁ, ନିଶ୍ଚୟ ! ତୁ ପ୍ରେମ କରିବାରେ ଯେମିତି ଧୁରନ୍ଧର ମୁଁ ପ୍ରେମିକ ପ୍ରେମିକା ଭିତରେ ଘଟକଗିରି କରିବାରେ ବି ସେମିତି ଅଘଟନଘଟନ ପଟୀୟସୀ !

ଖୁସିରେ କୁରୁଳି ଉଠି ମୋ ପିଠି ଥାପୁଡେଇ ଦେଲା ସୁରେଶ । କହିଲା,
: ଏତେ କରିତକର୍ମାଟାଏ ଯଦି ତୁ, ମୋ ପାଇଁ ଭଦ୍ରଲୋକଗିରି ନକରି ନିଜ ପ୍ରାର୍ଥିତ୍ୱ ଶୀଘ୍ର ପେଶ୍ କରୁନୁ ରୂପସୀଟି ପାଖରେ । ଜାମ୍ବୁବାନ କହୁଚନ୍ତି—ଅଚିରେ ଫଳପ୍ରାପ୍ତ ହେବୁ ।

: ଜାମ୍ବୁବାନଙ୍କୁ ମୋର ଶତକୋଟି ପ୍ରଣାମ । ଦୂରରୁ ଜୁହାର, ସେ ଆଶା ମୋ ପରି ବେରସିକ ପିଲାର କସ୍ମିନକାଳେ ନହେଉ ।

: କାହିଁକି ?

: ମୁଁ ସେ ପ୍ରବୃତ୍ତିର ପିଲା ନୁହେଁ ।

: ଅର୍ଥାତ୍···

: ଆରେ, ଯାହା ହାତରେ ମଲା କଙ୍କଡ଼ା ବି ଓଲଟିବ ନାହିଁ, ସେ ତୋଳିବ ଆକାଶ କଇଁ, ମାରିବାକୁ ଯିବ ଚିଲିକା ମାଛ ?

: ତୁ ଏତେ ସୁଚୀବାୟୁଗ୍ରସ୍ତ କାହିଁକି ? ସୁରେଶ ଶ୍ଳେଷ କଣ୍ଠରେ ପଚାରିଲା ।

: କାହିଁକି ମାନେ ? ପର ଝିଅଙ୍କୁ ମୁଁ ନିଜ ଭଉଣୀ ପରି ଦେଖେ ।

: ଇସ୍, କି ସାଧୁ ପୁରୁଷଟାଏରେ ! କହି ସୁରେଶ ମୋ କାନ୍ଧ ଉପରେ ବନ୍ଧୁତାର ଚିହ୍ନ ସ୍ୱରୂପ ହାତକଠା ପକାଇଦେଇ ମୋ କାନ ପାଖକୁ ମୁହଁ ଲଗେଇ ଦେଇ କହିଲା : ପରଝିଅଙ୍କୁ ଭଉଣୀ ପରି ଦେଖି, ଜୀବନରେ ଆଉ ବାହା-ସାହା ହେବୁ ନାହିଁ ନା କ'ଣ ? ଶୁଣ୍, ମୋ କଥା ରଖ । ଯଥେଷ୍ଟ ସୁଯୋଗ ଅଛି ତୋ ପାଇଁ । ଏକା ଖଞ୍ଜାରେ ରହୁଚ । ଗୋଟାଏ ଅଗଣାରେ ଚଲପ୍ରଚଲ ହେଉଚ । ଯାଉଣୁ ଆସୁଣୁ ଦେଖା ଚାହାଁ ହବ, ଘଡ଼ିକି ଘଡ଼ି । ବୁଝିଲୁ, ମୌକା ଦେଖି ପଦେ ଅଧେ କଥାବାର୍ତ୍ତାର ସୁଯୋଗ ଖୋଜିନେ ।

: ସୁଯୋଗ ଖୋଜି ନେଲେଇ ହେଲ ? ମୁଁ ତାଚ୍ଛଲ୍ୟ ଗଳାରେ କହିଲି ।

: ହଁ ହୋଇଯିବ ସେଠିକାରେ । ଜାଣୁ ! ତୁ ଯେପରି ଗୋଟାଏ ଗୋ-ବେଚାରା ଚେହେରାର ପିଲା, ଯେ କୌଣସି ତରୁଣୀ ଝିଅ ତୋ ସାଙ୍ଗରେ ହସ ଖେଳ କରିବାକୁ ଆଗ୍ରହୀ ହୋଇଯିବ ଚାଏଁ ଚାଏଁ ।

ଭଲ ଲାଗିଲାନି ସୁରେଶର ଏ କଥା ପଦକ ! ଟିକିଏ ବିରକ୍ତ ହୋଇ କହିଲି : ବଦମାସଙ୍କ ଏକ୍‌ସେସ୍ ତୁ । ରଖ୍ ତୋର ରସିକତା । ଚାଲ୍ ଘରକୁ ଚାଲ୍ ।

: କାହିଁକି, ମୋ କଥାଟା ତୋ ମନକୁ ପାଇଲା ନାହିଁ ? ସୁରେଶ ଥଣ୍ଡାଳିଆ ସ୍ୱରରେ କହିଲା ।

: ଆଦୌ ନୁହେଁ । ଭାବିଥିଲି ତୁ କଲିକତା ଯାଇ ଟିକିଏ ବଦଳି ଯାଇଥିବୁ ହେଲେ ତୁ ତ ସେଇ ବଙ୍କୁଆଡରେ ! ତୁଳସୀ ହେବୁ କେବେ ?

ଏ ମନ୍ତବ୍ୟ ଶୁଣି, ସୁରେଶ ଟିକିଏ ଗମ୍ଭୀର ହୋଇଗଲା ପ୍ରଥମେ, ତା'ପରେ ହୋ ହୋ କରି ହସି ଉଠିଲା ।

କିନ୍ତୁ ସେ ହସ ଭିତରେ ଗୋଟାଏ ପୈଶାଚିକ ହସର ସୈତାନୀ ଦୁରଭିସନ୍ଧି ଲୁଚି ରହିଥିଲା, ତା' ଏତେ ଦିନକେ ବୁଝିଛି ।

## ॥ ୩ ॥

ସୁରେଶକୁ ଖଣ୍ଡେଦୂର ବଳେଇ ଦେଇ ଘରକୁ ଫେରିଆସି ଦେଖେ ରାତି ଆଠଟା । ଭାବ-ଉଦ୍‌ବେଳିତ ମନଟାକୁ ଜୋର୍ କରି ପଢ଼ାରେ ଲଗାଇ ସୁରେଶର ସେ ଅବାନ୍ତର ପ୍ରସଙ୍ଗଗୁଡ଼ାକ ପାସୋରି ପକାଇବାକୁ ଯେତେ ଚେଷ୍ଟା କଲେ ସୁଦ୍ଧା ପାରିଲି ନାହିଁ । ହୃଦୟ ଭିତରେ ସେ ଆଲୋଚନାଗୁଡ଼ିକ କିପରି ରୂପ ପାଇଉଠିଲା କେଜାଣି, ସେଗୁଡ଼ାକୁ ମୁଁ ଯେତେଥର ଠେଲି ବାହାର କରିବାକୁ ଚେଷ୍ଟା କରୁଥାଏ, ସେ ସେତିକି ଦୁଷ୍ଟ ପିଲାଟି ପରି ଫେରି ଫେରି ଆସି ମତେ ଅସ୍ତବ୍ୟସ୍ତ କରି ପକାଉଥାଏ । ହଠାତ୍ ମନରେ କଣ ଗୋଟାଏ ଖିଆଲ ପଶିଲା, ଉଠିଯାଇ ଦେଖିଲି, ବାସ୍ତବିକ୍ ଜଣେ ବୁଢ଼ା କିଏ ବସି ଆର ଘରେ ପାନ ଭାଙ୍ଗୁଛନ୍ତି । କାଶୀନାଥ ବାବୁ ବୋଲି ଜଣେ ଭଡ଼ାଟିଆ ଲୋକ ପ୍ରକୃତରେ ଆମ ଘରେ ଅଛନ୍ତି— ଏଇଟା ବିଶ୍ୱାସ କଲି । ସୁରେଶର ଏ କଥାଟା ଯେତେବେଳେ ସତ, ସେତେବେଳେ

ଆଉତ ବୋଲି କାଶୀନାଥ ବାବୁଙ୍କର ଗୋଟିଏ ଝିଅ ଆମ ଘରେ ଅଛି, ସେଇଟା ମଧ୍ୟ ବିଶ୍ୱାସ ନ କରି ରହିପାରିଲି ନାହିଁ ।

ମୋର ଏପରି ଅସ୍ଥିରତା ତ କେବେ ଆସି ନ ଥିଲା ; ମାତ୍ର ସେ ଦିନ ଯେ-କାହିଁକି ମୋ ମନରେ ଯୁଗପତ୍ ଗୋଟାଏ ଆଶା ଆଉ ନୈରାଶ୍ୟର ଉତ୍‌ଥାନ ପତନ ଚାଲିଥାଏ, ତା ମୁଁ କିଛି ବୁଝିପାରିଲି ନାହିଁ । ଅନ୍ୟମନସ୍କ ଭାବରେ ଗୋଟାଏ ବହି ଖୋଲି ପଢ଼ି ବସିବାକୁ ଯାଇ ଏଣୁ ତେଣୁ କେତେ କଣ ଭାବିବସିଲି । ପରଝିଅ ସଙ୍ଗେ ଗୁପ୍ତ ପ୍ରେମ କରିବା ନ୍ୟାୟ କି ଅନ୍ୟାୟ ? ଫେର୍ ଭାବିଲି—ନା, ସେସବୁ ବାଜେ ପ୍ରସଙ୍ଗ ନେଇ ମୋର ଭାବିବା ନିହାତି ଅଭଦ୍ରତା । ପରର ଝିଅ ନିଜର ଭଉଣୀ, ପରର ସ୍ତ୍ରୀ ନିଜର ମା—ସେମାନଙ୍କ ବିଷୟ ନେଇ ଏପରି ଗୁଡ଼ାଏ ଭାବିବା ଖାଲି ଅନ୍ୟାୟ ନୁହେଁ, ପାପ । ଜୋର୍ କରି ମନଟାକୁ ପୁଣି ପାଠ ପଢ଼ାରେ ଲଗାଇଲି । ମାତ୍ର ମୋର ସମସ୍ତ ଧୈର୍ଯ୍ୟକୁ ଚୂରମାର କରି ହୃଦୟ ଭିତରେ ରହି ରହି ଚିନ୍ତା-ଲହରୀର ଘାତ-ପ୍ରତିଘାତ ଚାଲିଲା । ନ୍ୟାୟ-ଅନ୍ୟାୟର ଗୋଟାଏ ଚରମ ସିଦ୍ଧାନ୍ତ କରିବାକୁ ଯାଇ ମନ ଭିତରେ ବହୁ ରକମର ଦ୍ୱନ୍ଦ୍ୱ ବାଜିଉଠିଲା—ଭଲ, ମନ୍ଦ—ଭଦ୍ରତା, ଅଭଦ୍ରତା—ଉଚିତ, ଅନୁଚିତ—ସୁନ୍ଦର, ଅସୁନ୍ଦର—ଜାତି, ଅଜାତି—ଇମିତି କେତେ । କିନ୍ତୁ ମନ କାହିଁରେ ତୃପ୍ତ ହୋଇ ଭାବନାରୁ କ୍ଷାନ୍ତ ହେଲା ନାହିଁ । ବରଂ ଯେତିକି ଭାବିଲି, ସେତିକି ସେତିକି ଆଶା ପ୍ରବଳ ହୋଇଉଠିଲା । ହୃଦୟ ଭିତରେ ଅଦମ୍ୟ ପିପାସାର ଚିତା ଧୂ ଧୂ ହୋଇ ଜଳିଉଠିଲା । ଗୋଟି ଗୋଟି ହୋଇ କେତେ ଅସଂଲଗ୍ନ ଚିନ୍ତା ଅଗୁଣ୍ଠା ମାଳା ପରି କଳ୍ପଲୋକରେ ଭାସିଉଠିଲା । ଦୃଷ୍ଟିପଥରେ କେତେ ଅସ୍ପଷ୍ଟ ଚିତ୍ରର ପ୍ରତିଲେଖ ଆଙ୍କି ହୋଇଗଲା । ଭାବିବାରେ ତୃପ୍ତି ଆସିଲା ସିନା, ଅବସାଦ ଆସିଲାନି ।

ବହିଟା ଖୋଲି ପୁଣି ପଢ଼ିବାକୁ ବସିଲି । କିଛି ସମୟ ଧରି ସେମିତି ବିଚଳିତ ଭାବରେ ବହିର ପୃଷ୍ଠାଗୁଡ଼ାକ ଓଲଟାଉଚି, ଆଉ ଘରୁ ବୋଉ ଡାକିଲା, : କିରେ ଉମା, ଆଜି ଦିନକ ପଢ଼ା ବନ୍ଦ କରି ଏଠିକି ଟିକେ ଆ ।

ଆଜି କଟକରୁ ଆସିଲି । ସକାଳୁ ଦିପହରଟାଯାକ ଶୋଇ ଶୋଇ କଟାଇଲି । ବୋଉ ସାଙ୍ଗେ କଥାବାର୍ତ୍ତା କିଛି ହେଇନି । ଇମିତି ଭୂତ ଲାଗିଲା ପରି ଆସି ବହିଟା ଧରି ବସିରହିଛି ଦେଖି ନିଜକୁ ନିଜେ ଉପହାସ କରି ଦିମେ ହସିଲି । ତାଚ୍ଛଲ୍ୟ ଭାବରେ ବହିଟାକୁ ଫିଙ୍ଗିଦେଇ ବାହାରକୁ ଆସିଲି ।

ଅଗଣାର ଗୁନ୍ଦନୀ ଉପରେ ମସିଣା ପକାଇ ବୋଉ ଶୋଇଥାଏ । ପାଖକୁ ଲାଗି ତାର ଜଣେ କିଏ ପ୍ରୌଢ଼ା ବସିଥାଆନ୍ତି । ଟିକିଏ ଆଡ଼େଇ ଆଡ଼େଇ ହୋଇ ପାଖରେ ବସିବାକୁ ଯାଉଥିଲି, ହଠାତ୍ ବୋଉ ଉଠିପଡ଼ି କହିଲା : କିରେ ! ମାଉସୀକୁ ଚିହ୍ନୁଁ ହଉନୁ ? ସଙ୍କୁଚିତ ଭାବରେ ଗୋଟିଏ ଛୋଟ ପ୍ରଣାମ କରି ବୋଉ-

ପାଇରେ ଯାଇ ବସିଲି । ମୁହଁଟା ମୋର ଏ ଗତ ଚାରି ପାଞ୍ଚ ମାସ ଭିତରେ ଖିଆପିଆ ଅଭାବରେ ଶୁଖି ଯାଇଛି କି ନାହିଁ ଦେଖିବା ପାଇଁ ବୋଧେ ଟିକିଏ ନିରୀକ୍ଷଣ କରି ମୋ ଦେହ ହାତ ସାଉଁଳି ଦେଇ ବୋଉ କହିଲା : ହଁ କଟକରେ ତୋର ଚଳପ୍ରଚଳ କଥା ତ କିଛି କହିଲୁ ନାହିଁ । କିଛି ଅସୁବିଧା ହଉ ନାହିଁ ତ ।

କହିଲି : ମା ଲଳିତାଙ୍କ ପରି ଦେବୀ ଯେଉଁ ଘରେ ଅଛନ୍ତି ସେଠି ପୁଣି ଅଭାବ ଅସୁବିଧା କ'ଣ ? ତାଙ୍କ ଜନ୍ମକଲା ପୁଅକୁ ସେ ଯେତେ ଭଲ ନପାଆନ୍ତି ତା'ଠୁ ବଳି ସ୍ନେହ କରନ୍ତି ମତେ ।

: ଶୁଣିଥିଲି, ଅଧେ ଘର କୁଆଡ଼େ ଭଡ଼ା ଦେଇଛନ୍ତି କାହାକୁ ।

: କଲିକତାର ଜଣେ କାୟସ୍ଥ ବଙ୍ଗାଳୀ ଭଦ୍ରଲୋକଙ୍କୁ । ସେମାନେ ତାଙ୍କ ଚାଲିଚଳନରେ ପୂରାପୂରି ଆମମାନଙ୍କ ପରି । ନିଜ ନିଜ ଭିତରେ ବି ଓଡ଼ିଆ କଥାବାର୍ତ୍ତା କରନ୍ତି । ତାଙ୍କ ସାଙ୍ଗରେ ଖୁବ୍ ଭାବ ଦୋସ୍ତି ମୋର ।

: ତାଙ୍କ ପିଲାପିଲି କ'ଣ ସମସ୍ତେ ସେଇଠି ?

: ନା, ମୁଁ ଗଲାବେଳକୁ ପିଲାପିଲି ତାଙ୍କର କଲିକତା ଚାଲି ଯାଇଥିଲେ । ମାସକ ପରେ ଆସିବେ ସମସ୍ତେ, ସରୋଜ ବାବୁ କହୁଥିଲେ ।

ହଠାତ୍ ସ୍ୱରଟା ବଦଳାଇ ନେଇ ବୋଉ କହିଲା : ଆଚ୍ଛା, ଆମ ଘରଟା ଇ'ନା କିମିତି ଲାଗୁଚି ? ପଦେ କଥାଭାଷା ହେବାକୁ କେହି ନ ଥିଲେ···

କହିଲି : ଖୁବ୍ ଭଲ ।

: ବାପାଙ୍କ ସାଙ୍ଗରେ କେତେ ଝଗଡ଼ା କରି କାଶୀନାଥ ବାବୁଙ୍କୁ ଆଣି ରଖିଛି । ମାଉସୀ ବୋଲି କହି ଯାହାଙ୍କୁ ନମସ୍କାର କଲୁ, ସେ ତାଙ୍କ ସ୍ତ୍ରୀ ।

ଏତକ କହି ବୋଉ ଟିକିଏ ରହିଗଲା । ମାଉସୀ କ'ଣ ପାଇଁ ଘର ଭିତରକୁ ଉଠିଗଲେ । ମୁଁ ପଚାରିଲି : ତାଙ୍କ ନାଁ କ'ଣ ?

: କମଳା । ଆଉ ଜଣେ ବୁଢ଼ୀ, ଲେଖା ଯୋଖାରେ ତାଙ୍କ ଅପା ହୁଅନ୍ତି, ସେ ବି ଅଛନ୍ତି ଏଠି । ପିଲାଝିଲାଙ୍କ ନଟରି ବେଶୀ ନାହିଁ । ଗୋଟିଏ ବୋଲି ଝିଅ, ଆରତି । ସ୍ୱଭାବ ଚରିତ୍ର ଭାରି ଭଲ । ସିଲେଇ କାମ ଜାଣେ । ଏତେ ଗେଲବସରରେ ରଖିଚନ୍ତି ତାକୁ, ହେଲେ ଦିନ ରାତି ମୋର ସବୁ କାମ କରି ଦଉଥିବ ।

ବୋଉ ଆଉ କେତେ କ'ଣ କହି ଚାଲିଥାଆନ୍ତା, ପଚାରିଲି : କାଶୀନାଥ ବାବୁ କ'ଣ କରନ୍ତି, ଓକିଲାତି ?

: ନା ମ, ଓକିଲାତି ନୁହେଁ । ସେଇ କୋର୍ଟରେ କ'ଣ ଗୋଟାଏ ବଡ଼କାମ କରନ୍ତି । ଅନେକ ଟଙ୍କା ପାଆନ୍ତି । କଲିକତାରେ ତାଙ୍କର ବଡ଼ ଭାଇ କାମ କରନ୍ତି । ଏଇ ମାସକ ତଳେ ଏଠିକି ଆସିଥିଲେ । ବହୁତ ବୁଢ଼ା ହେଇଗଲେଣି ।

ତାଙ୍କର ବି ପୁଅ ଝିଅ କେହି ନାହାନ୍ତି । ସ୍ତ୍ରୀ ବି ମଲେଣି । ଆଉ ମାସେ ଦମାସ କାମ କରିସାରିଲେ ଲୁଆଡ଼େ ପେନ୍‌ସନ୍ ପାଇବେ । ସେଠୁ କାମ ଛାଡ଼ି ଆସିଲେ କଟକରେ ଘରଦ୍ୱାର କରି ରହିବେ । ଟଙ୍କା ତ କାହିଁରେ କଣ ଜମେଇଛନ୍ତି । କିଏ ତାଙ୍କର ଖାଇବ ?

ବୋଉ ତ କଥାର ଗୋଟାଏ ଜାହାଜ । ସେ ଯେମିତ ଦରବାର ନୁହେଁ । ଘର ଭିତରୁ କମଳା ଦେବୀ ଡାକିଲେ : ଉମା, ଏଠି କି ଆସନା—ବୋଉ ସାଙ୍ଗରେ ବସି ଚପୁଥିବ କି ? ବୋଉ ପୁଣି ଥରେ ଶୋଇବାର ଉପକ୍ରମ କରି କହିଲା : ଯାରେ ମାଉସୀ ସାଙ୍ଗରେ ବସି କଥା ହ' । ଘରି ସ୍ନେହୀ ଲୋକ, ଇ'ନା ମୂଲ୍ୟାକର କଥା ତତେ ପଚାରିବେ ।

ଲଜ ବୋଲି ଯେଉଁ କଥାଟା, ସେଇଟା ପିଲାଦିନରୁ ମୋର ଗୋଟାଏ ବ୍ୟାଧି ରୂପେ ରହିଯାଇଛି । ଦଶ ବାର ଥର କାହା ସଙ୍ଗେ ସେମିତ ଭଲ ରକମ ହେଲମେଳ ହୋଇ କଥାବାର୍ତ୍ତା ନ ହେଲେ ମୋ' ଲଜ ଯାଏ ନା । କିନ୍ତୁ ଏ କ୍ଷେତ୍ରରେ ଲଜ କରି ନିଜର ଦୁର୍ବଳତା ଟିକକୁ ପ୍ରକାଶ କରିବା ପାଇଁ ମୋର ଇଚ୍ଛା ନ ଥିଲା । ଧୈର୍ଯ୍ୟ ଆଉ ସାହସ ସଂଗ୍ରହ କରି ଯାଇ କମଳା ଦେବୀଙ୍କ ପାଖରେ ଲଥ୍‌କିନା ବସିପଡ଼ିଲି । ସେ ବସି ପାନ ଭାଙ୍ଗୁଥାଆନ୍ତି । ଖଣ୍ଡେ ମୋ ହାତକୁ ଦେଇ କଟକର ଚୌଧୁରୀବଜାର ହାଲଠାରୁ ଆରମ୍ଭ କରି ହାଇକୋର୍ଟର ମାଲି ମକଦ୍ଦମା ପର୍ଯ୍ୟନ୍ତ ସବୁ କଥା ପଚାରିଗଲେ । ତଳକୁ ମୁହଁ ପୋତି ଗୋଟିଏ ବଡ଼ ଅପରାଧୀ ପରି ସବୁ ଜବାବ ଦେଇଗଲି । ଲଜ ସଙ୍କୋଚରେ ମୁଁ ଏମିତ ଜଡ଼ସଡ଼ ହୋଇ ଯାଇଥାଏ ଯେ, ଘରର ଚାରି ପାଖକୁ ଭଲକରି ଚାହିଁବାର ସାହସ ମୋର ଯେପରି ନ ଥାଏ ।

ଭିତର ଘରୁ ପୂଜାରୀ ଟୋକାଟା ଡାକିଲା : ମା—

କମଳା ଦେବୀ ଉଠି ଯାଇ କହିଲେ : ବସିଥା ପୁଅ, ମୁଁ ଠାକୁରଙ୍କୁ ତରକାରୀ ରାନ୍ଧିବା ପାଇଁ ପରିବା ଦେଇ ଆସେ ।

ଦଶ ପନ୍ଦର ମିନିଟ୍ ଧରି ଏକା ନିହସରେ ତଳକୁ ଚାହିଁ ମୁହଁ ପୋତି କଥା କହିବାରେ ବେକଟା ଲାଗି ଯାଇଥିଲା । ମାଉସୀ ଚାଲିଗଲା ପରେ ମୁକ୍ତିର ନିଃଶ୍ୱାସ ମାରି ମୁଁ ଯେପରି ବଞ୍ଚିଲି । ଘରର ଚାରିଆଡ଼େ ମୁହଁ ବୁଲାଇ ହଠାତ୍ ପଛକୁ ଚାହିଁଦିଏ ତ ଆଖି ମୋର ପଡ଼ିଗଲା—ଆରତିର ଚଞ୍ଚଳ ଆଖି ଦୁଇଟିରେ । ଆରତିକୁ ସକାଳୁ ଏପର୍ଯ୍ୟନ୍ତ ଦେଖି ନ ଥିଲି ; ହୁଏତ ଆରତି ମୋଠାରୁ ନିଜକୁ ଲୁଚାଇ ରଖିବାକୁ ଚେଷ୍ଟା କରିଥିବ ; ମାତ୍ର ଘରେ ଯେତେବେଳେ କମଳା ଦେବୀଙ୍କ ଝିଅ ଛଡ଼ା ଆଉ କେହି ନାହାନ୍ତି, ସେତେବେଳେ ଏ ଯେ ସେଇ ଆରତି ଛଡ଼ା ଆଉ କେହି ହୋଇ ନ ପାରେ, ସେଥିରେ ମୋର ଏତେ ଟିକିଏ ସନ୍ଦେହ ରହିଲା ନାହିଁ ।

ଆରମ୍ଭ ସଙ୍ଗେ ମୋର ଦୃଷ୍ଟି ବିନିମୟ—ଅତି କ୍ଷଣିକ ସେ ଦେଖା—ମାତ୍ର ସେଇ ମୁହୂର୍ତ୍ତିରେ ଟେବୁଲ ଲ୍ୟାମ୍ପର ସ୍ତିମିତ ଆଲୋକରେ ମୁଁ ତାର ସୁନ୍ଦର ଚଞ୍ଚଳ ମୁହଁଟିକୁ ବେଶ୍ ସ୍ପଷ୍ଟଭାବରେ ଦେଖିପାରିଲି—ସତେ ଯେମିତି ଲହୁଣୀରେ ଗଢ଼ା କୋମଳ ଗୁଡ଼ିଟି ପରି ଲାବଣ୍ୟଭରା। ସୁନ୍ଦର—ଅତି ସୁନ୍ଦର ତାର ସେଇ ସ୍ନିଗ୍ଧ ଲଲାଟଦେଶରେ କୁଞ୍ଚିତ କେଶରାଶିର ତରଙ୍ଗାୟିତ ପରିପାଟୀ। ଓଠରେ ରକ୍ତ ଗୋଲାପର କମନୀୟତା, ନୀଳକଇଁ ପରି ବଡ଼ ବଡ଼ ଆଖି ଯୋଡ଼ିକରେ କିଶୋରୀସୁଲଭ ଚପଳତା ଦେଖିଲେ ଆତ୍ମବିସ୍ମୃତ ନ ହେବାର କିଛି ନାହିଁ। କେତେ କିଶୋରୀ ଯୁବତୀ ଏପର୍ଯ୍ୟନ୍ତ ଦେଖିଛି, ହେଲେ ଆଜିର ଏ ଦେଖାରେ ଯେଉଁ ଉଦ୍ଦୀପନା ଭରି ରହିଥିଲା ଭାଷାରେ ବ୍ୟକ୍ତ କରି ହେବନି ସେ ଅସ୍ଥିରତାର ଜ୍ୱାଳା।

ଥରଟିଏ ପାଇଁ ଆଖିରେ ଆଖି ମିଶିଗଲା। କିନ୍ତୁ ସେଇ ଚାହାଣୀ ଭିତରେ କି କୁହୁକ ମନ୍ତ୍ର ଥିଲା କେଜାଣି ଭାବନା ରାଜ୍ୟରେ ତୋଫାନର ଝଡ଼ ଉଠିଲା। ମୁଁ ଯେତେ ଜୋରରେ ଆଖି ଦିଇଟାକୁ ଫେରାଇବାକୁ ଚେଷ୍ଟା କଲେ ସୁଦ୍ଧା ସେ ଫେରି ଫେରି ପୁଣି ଯାଇ ତା'ର ଆଖି ଉପରେ ପଡ଼ୁଥାଏ। କେବଳ ମୁଁ ଏକା ନୁହେଁ, ସେ ବି ରହି ରହି ମୋ ଆଡ଼େ ଚାହୁଁଥାଏ। ଥରେ ମୁଁ କେତେ ମିନିଟ ଧରି ଚାହିଁ ରହିବା ସତ୍ତ୍ୱେ ସେ ଆଖି ନ ଫେରାଇବାର ଦେଖି ବେଶ୍ ଟିକିଏ ବିସ୍ମିତ ହୋଇଉଠୁଛି, ଏଇ ସମୟରେ ସେ ହଠାତ୍ ଚମକି ଉଠିଲା। ବେଶ୍ ବୁଝିପାରିଲି, ସେ ଅନ୍ୟମନସ୍କ ଥିବା ହେତୁ ମୋ ଆଡ଼େ ଏପରି ଭାବରେ ଚାହିଁଥିଲା। ତା ମୁହଁରେ ଯେପରି ମୁଠାଏ ଫଗୁର ଝଲକ ବିଞ୍ଚି ହୋଇଗଲା। କିଛି ନ ଜାଣିଲା ପରି ହେଇ ଚଟ୍‌କିନି ଆଖି ଫେରାଇ ନେଇ ଆଗରେ ଥୁଆ ହୋଇଥିବା ପଢ଼ା ବହିଟା ଉପରେ ସେ ମନ ନିବେଶ କଲା। ମୁଁ ବି ଅନ୍ୟ ଆଡ଼େ ଚାହିଁଲି। ଯେପରି ଆମ ଦୁହିଁଙ୍କ ଭିତରେ ଗୋଟାଏ ଗୁହ୍ୟ ଲେଖାପଢ଼ା ହୋଇଗଲା—ଏପରି ଭାବେ ପରସ୍ପର ପ୍ରତି ଚାହିଁ ରହିବାଟା ଆଉ ଯାହା ହେଉ ନା କାହିଁକି—ଠିକ୍ ଶ୍ଳୀଳତାର ପରିଚାୟକ ନୁହେଁ।

କିନ୍ତୁ ବୁଦ୍ଧିର ଲେଖାପଢ଼ାରେ ଯଦି ମନ ସବୁ ସମୟରେ ବୁଝି ଯାଉଥାଆନ୍ତା, ତାହାହେଲେ ଜଗତରେ ଅନେକ ଟ୍ରାଜେଡ଼ିର ଯେ ନିବାରଣ ହେଉଥାଆନ୍ତା, ଏଇଟା କହିବା ବାହୁଲ୍ୟ ମାତ୍ର। ତା ହୁଏନା ବୋଲି କେତେ ଦୁଃଖ ଯନ୍ତ୍ରଣା ଯେ ସହ୍ୟ କରିବାକୁ ପଡ଼ୁଛି ମଣିଷକୁ ତା'ର କଳନା ନାହିଁ।

ବେଶ୍ ମନେ ପଡ଼ୁଛି, ଦର୍ଶନ-ଇନ୍ଦ୍ରିୟର ଅଭିଳାଷକୁ ଶତବାଧା ଦେବା ସତ୍ତ୍ୱେ କି ଗୋଟାଏ ଅଜ୍ଞାତ ଚୁମ୍ବକର ଆକର୍ଷଣରେ ଯେପରି ମୋ' ଦୃଷ୍ଟି କାହାରିକି ସେଇ ନିତାନ୍ତ ଗଦ୍ୟମୟ ପାରିପାର୍ଶ୍ୱିକତା ମଧ୍ୟରେ କ୍ରମାଗତ ଖୋଜୁଥିଲା—ତାର ସ୍ନିଗ୍ଧ ପକ୍ଷ୍ମପାତକୁ। ଫଳରେ ଆମ ଦୁହିଁଙ୍କର ବିପରୀତାଚରଣର ଶତ ଚେଷ୍ଟା

ସତ୍ତ୍ୱେ ଥରେ ଥରେ ଆମ୍ଭମାନଙ୍କର ଦୃଷ୍ଟି ବିନିମୟ ହେଉଥିଲା ଓ ସଙ୍ଗେ ସଙ୍ଗେ ଗୋଟାଏ ଅଜ୍ଞାତ ଶିହରଣ ଯେପରି ଆମ ଦୁହିଁଙ୍କର ଶୁଭ୍ର ଆଖି ପାଖେ ବାଜି ଉଠୁଥିଲା । ସେ ମଧ୍ୟ ଏଇଟା ଉପଲବ୍ଧି କରୁଥିଲା ବୋଧହୁଏ—କାହିଁକି ନା, ଦୃଷ୍ଟି ବିନିମୟର ପରକ୍ଷଣରେ ତା ଆଗରେ ଥୁଆ ହୋଇଥିବା ବହିଟା ପ୍ରତି ନିବିଡ଼ ମନୋଯୋଗ ଠିକ୍ ଏପରି ପ୍ରବଳ ହୋଇ ଉଠୁ ନ ଥାନ୍ତା ଥରକୁ ଥର ।

ବାସ୍ତବିକ ମୋ କଥା କହିବାକୁ ଗଲେ ମତେ ମାନିବାକୁ ପଡ଼ିବ—ତା ଚାହାଣୀରେ ଏପରି ଗୋଟାଏ ଅପୂର୍ବ ଜ୍ୟୋତି ଥିଲା, ଯାହା ମୋତେ ପ୍ରଥମ ଥରରୁହିଁ ଆବିଷ୍ଟ କରି ତୋଳିଥିଲା । ଅବଶ୍ୟ ତରୁଣୀ ମାନଙ୍କେ ସୁନ୍ଦରୀ, ଆଉ ତାଙ୍କର ସେଇ ସୁନୀଳ ଚକ୍ଷୁର କଟାକ୍ଷ ସମସ୍ତ ତରୁଣଙ୍କ ପାଖରେ ସଚରାଚର ରଙ୍ଗୀନ ଦେଖାଯାଏ—ବିଶେଷତଃ ତାରୁଣ୍ୟର ଗୋଟାଏ ବିଶେଷ ସଙ୍କଟ ଅବସ୍ଥାରେ । ତଥାପି ମୋର ମନେହୁଏ ପ୍ରେମ ସହିତ ମୋହର ମାଦକତା ମଧ୍ୟରେ ଯଦି କେଉଁଠାରେ ପ୍ରକୃତରେ ପାର୍ଥକ୍ୟ ରହିଯାଇଥାଏ, ତେବେ ସେଇଟା ବୁଝାଯାଏ—କେବଳ ଏଇ ଦୃଷ୍ଟିର ପାର୍ଥକ୍ୟ ମଧ୍ୟରେ । ଅନ୍ତତଃ ମୋ ପାଖରେ ତ ଆଖିର ଭାଷା ହିଁ ଆଜି ପର୍ଯ୍ୟନ୍ତ ସବୁଠାରୁ ରହସ୍ୟପୂର୍ଣ୍ଣ, ଗଭୀର ଓ ଲୀଳାଚଞ୍ଚଳ ବୋଲି ମନେ ହୋଇଆସିଛି ।

ଥରେ ଥରେ ମନେ ହୁଏ ଯେ, ହୁଏତ ତାର ଆଖି ଦୁଇଟି ମଧ୍ୟରେ ଯେଉଁ ବିଶେଷତ୍ୱଟି ମତେ ସବୁଠାରୁ ଅଧିକ ସ୍ପର୍ଶ କରିଥିଲା, ସେଇଟି ହେଉଛି ଗୋଟିଏ ଚକିତ ଘନକୃଷ୍ଣ ସୁଷମାର ସ୍ନିଗ୍ଧ ଚମତ୍କାରିତା । ଆଜିପର୍ଯ୍ୟନ୍ତ ଏପରି ସୁନ୍ଦରୀ ମୁଁ ଦେଖିଛି କି ନାହିଁ ମନେ ହେଉନି । ତା' ଚକ୍ଷୁର ପଲ୍ଲବ—କିନ୍ତୁ ନା, ତା ରୂପର ବର୍ଣ୍ଣନା ନେଇ ଆଉ ମୁଣ୍ଡ ଘୂରେଇବି ନାହିଁ । ଗୋଟାଏ ଦିଗରୁ ଦେଖିଲେ ନାରୀର ରୂପ ବର୍ଣ୍ଣନାଟାକୁ ହିଁ ତ ଏକାନ୍ତ ବାହୁଲ୍ୟ ବୋଲି ମନେ କରାହୁଏ । ଅନ୍ତତଃ ପ୍ରଣୟୀ ମୁଖରେ ପ୍ରଣୟିନୀର ରୂପଛବି ବର୍ଣ୍ଣନାରେ ଯେ ଅତିରଞ୍ଜନ ସ୍ୱତଃସିଦ୍ଧ, ଏଥିରେ ସନ୍ଦେହ ନାହିଁ । କାରଣ ହଜାରେ ଚେଷ୍ଟା କରେ ନା କାହିଁକି, ତା ରୂପ ଲାବଣ୍ୟର ଯେଉଁ ଅବର୍ଣ୍ଣ୍ୟ ଭାଷାଟି ମୋ ହୃଦୟ ମଧ୍ୟରେ ସ୍ପଷ୍ଟଭାବରେ ଲେଖି ହୋଇ ଯାଇଥିଲା, ତୁମମାନଙ୍କ ପାଖରେ ଖାଲି କଥାର ଗୁରୁତ୍ୱରେ ଠିକ୍ ସେ ଚାହାଣୀର ଭାଷା ଫୁଟିଉଠି ପାରିବନି କେବେ । ସେଥିପାଇଁ ତାର କୃଷ୍ଣ ଚକ୍ଷୁର ସ୍ନିଗ୍ଧ ଦୃଷ୍ଟି ପାଇଁ ମୋ' ମନଟା ଦୋଳାୟମାନ ହୋଇ ଉଠିଥିଲା, କି ତାର ମୋ ଆଡ଼େ ଚାହିଁବାର ଭଙ୍ଗୀ ଭିତର ଦେଇ ଗୋଟାଏ ଅନାସ୍ୱାଦିତ ମାଦକତା ଥିଲା ବୋଲି ମୁଁ ମୁଗ୍ଧ ହୋଇ ଯାଇଥିଲି, ସେ ବିଷୟରେ ସୂକ୍ଷ୍ମ ଗବେଷଣା ବର୍ତ୍ତମାନ ଅନାବଶ୍ୟକ । ଖାଲି ମୋଟ ଉପରେ ଏତିକି କହିରଖେ ଗୋଟାଏ ଅନନ୍ୟସାଧାରଣ ଚୁମ୍ବକ କେବଳ କ୍ଷଣିକ ଦୃଷ୍ଟି ବିନିମୟ ଫଳରେ ମୋ' ଜୀବନ ଉପରୁ ଗୋଟାଏ ପ୍ରକାଣ୍ଡ

ଯବନିକାକୁ ଉଠାଇ ଦେଇଥିଲା । ଆଉ ମୁଁ, ସେଇ ତରୁଣୀର ସ୍ନିଗ୍ଧ ଗୃହାଣୀରେ ଆତ୍ମବିସ୍ମୃତ ନ ହୋଇ ରହିପାରି ନ ଥିଲି । ରହିପାରି ନ ଥିଲି !

କାହିଁକି ନା—ବେଶ୍ ମନେ ହଉଚି, ଅଭଦ୍ରତାର ଚରମ ସୀମା ମୁଁ ଅତିକ୍ରମ କରୁଚି ବୋଲି ଜାଣିବା ସତ୍ତ୍ୱେ ରହି ରହି ତା ଆଡ଼େ ନ ଚାହିଁ ସ୍ଥିର ହୋଇପାରୁ ନ ଥିଲି—ଯଦିଓ ଏଥିପାଇଁ ପ୍ରତିଥର ମୁଁ ନିଜ ଉପରେ ଟିକିଏ ଟିକିଏ କରି ବିରକ୍ତ ହୋଇ ଉଠୁଥିଲି । ପୁଣି ଏପରି ଅଭଦ୍ର ଭାବରେ ମୁଁ ଯେ ଆଗରୁ ଆଉ କେଉଁ ଅଜଣା ଆଡ଼େ କେବେ ଚାହିଁନି, ସେ କଥା ମନେ କରି ଯଥେଷ୍ଟ ବିସ୍ମୟ ବି ବୋଧ କରୁଥିଲି । ସ୍ପଷ୍ଟ ମନେ ହେଉଥିଲା, ଯେପରି ତାର ଗୃହାଣୀ ଭିତରେ ଗୋଟାଏ ପ୍ରତ୍ୟକ୍ଷ ସ୍ପର୍ଶ ଅଛି—ସେଇଟା ସୂକ୍ଷ୍ମ ନୁହେଁ—ସ୍ଥୂଳ । ପବନ-ହିଲ୍ଲୋଳର ଯେଉଁ ସ୍ପର୍ଶରେ ତୃଣଲତା ରୋମାଞ୍ଚିତ ହୋଇ ଉଠିଥାଏ, ଆଉ ତାର ଭିତରେ ଯେଉଁ ଅକାଟ୍ୟ ବାସ୍ତବତା ଥାଏ, ତା ଆଖିତାରାର ସ୍ନିଗ୍ଧ କଟାକ୍ଷର ବାସ୍ତବତା ଠାରୁ ଯେ କୌଣସି ଗୁଣରେ କମ୍ ସତ୍ୟ ନୁହେଁ, ଏ କଥା ପ୍ରତିଥର ମୋର ମନେ ହେଉଥିଲା । ଏପରି ଆଶ୍ଚର୍ଯ୍ୟ ଅନୁଭୂତି ଯେ ମୋର ଆଉ କେବେ ହୋଇ ନ ଥିଲା, ତା ବି ମୁଁ ବେଶ୍ ବୁଝି ପାରୁଥାଏ ।

ଏ ଚାହାଣୀର ଶେଷ ପରିଣତି ନେଇ ମନଭିତରେ ଦ୍ୱନ୍ଦ୍ୱ ବାଜି ଉଠୁଥିଲେ ବି ଗୋଟାଏ ମଳୟହିଲ୍ଲୋଳ ଯେପରି ମୋ' ଶରୀରପାଖେ ତା ସ୍ନିଗ୍ଧ ଅବଲେପ ବିଞ୍ଚିଇ ଦେବାକୁ ଆରମ୍ଭ କରିଥିଲା । ମନ ମୋର କେଉଁ ସ୍ୱପ୍ନରାଜ୍ୟକୁ ଯେମିତି ଉଡ଼ିଗଲା, ଯେଉଁଠି ସବୁ ସରଳ, ସୁନ୍ଦର, ନିର୍ମଳ । କେଉଁ ଯାଦୁକର ଯେମିତି ତା ସୁନା କାଠି ଛୁଆଁଇ ମୋ ସାମନାରେ ଗୋଟାଏ ନୂତନ ରାଜ୍ୟର ସୃଷ୍ଟି ରଚନା କରିଦେଲା । ଦେଖୁଁ ଦେଖୁଁ କେତେ ରକମର ବିଚିତ୍ର ଚିନ୍ତା, ସମ୍ଭାବନା ଓ କଳ୍ପନା ମୋ ମନ ଭିତରେ ଷୋଡ଼ଶୋପଚାରରେ ରୂପ ଦେବତାର ପୂଜା ପାଇଁ ନୈବେଦ୍ୟ-ସାମଗ୍ରୀ ସଜାଡ଼ି ବସିଲା । ଛାତି ଭିତରେ ଗୋଟାଏ ଆଶାର ଉଦ୍ଦୀପନା ହୁ ହୁ କରି ଜଳିଉଠିଲା । କାହା ସ୍ପର୍ଶରେ ଯେପରି ସ୍ନିଗ୍ଧତାର ଅମାପ ଉତ୍ସ ଫିଟିଗଲା । କେଉଁ କୁହୁକମୀର ନୀରବ ଇଙ୍ଗିତରେ ମୋ' ଦୃଷ୍ଟି ସମ୍ମୁଖରେ ଯେପରି ସ୍ୱପ୍ନରାଜ୍ୟର ଅନନ୍ତ ଲୀଳା ଜାଗିଉଠିଲା । ବୁଝିପାରିଲିନି—ସେଇଟା ନିଯୁତି-ନିୟୋଜିତ ନା ଆକସ୍ମିକ । ଏବେ ବୁଝିବାକୁ ଚେଷ୍ଟା ନ କରି ଯାହା ବୁଝିଛି, ସେଇଟା ଯଦି ସେତିକିବେଳେ ବୁଝିବାକୁ ଚେଷ୍ଟା କରି ବୁଝି ପାରିଥାଆନ୍ତି, ତାହାହେଲେ ଏତେ ହିନସ୍ତା ହେବାକୁ ପଡ଼ି ନ ଥାନ୍ତା ବୋଧହୁଏ ।

ମାତ୍ର ଏଇ କ୍ଷଣିକ ଦୃଷ୍ଟିବିନିମୟ ପଛରେ ଯେ ଗୋଟାଏ ବିରାଟ ପ୍ରାଣସତ୍ତାର ପ୍ରକାଶ ଲୀଳା ଅନ୍ତରାଳରେ ଲୁକ୍‌କାୟିତ ରହିଛି—ସେଇଟା ବୁଝିବାର କ୍ଷମତା ଥାଉ କି ନ ଥାଉ, ପ୍ରବୃତ୍ତି ଯେ ମୂଳରୁ ନ ଥିଲା ସେଇଟା ଆଜି ଲକ୍ଷିତ

ହୋଇ ସ୍ୱୀକାର କରିବାକୁ ବାଧ୍ୟ ହେଉଛି । ଏପରି ଆକସ୍ମିକ ଭାବରେ ସାମାନ୍ୟ ଗୃହାଣୀର ବିଜନମଞ୍ଚରେ ଦୁଇଟି ତରୁଣ ତରୁଣୀର ପବିତ୍ର ଜୀବନ ଅନନ୍ତକାଳ ପାଇଁ ଏପରି ନିବିଡ଼ ଭାବରେ ଗ୍ରନ୍ଥିତ ହୋଇ ଯାଇପାରେ, ଯାହା ଯେପରି ମୁଁ ଆଜି ବି କଳ୍ପନା କରିପାରୁ ନାହିଁ ।

ଆଖିର ଭାଷା, ଗୃହାଣୀର ସ୍ପର୍ଶ କି ପ୍ରବଳ, କି ଉଦ୍ଦାମ !! ପଲକସ୍ଥାୟୀ ହେଲେ ବି ତାର ଦାହିକାଶକ୍ତି କି ତୀବ୍ର, କି ନିର୍ମମ ! ସେଇ ପ୍ରଥମରୁ ହିଁ ତାର ଦୁଃସହ ଜ୍ୱଳନ ପ୍ରାଣର ପ୍ରତି ସ୍ପନ୍ଦନରେ ଅନୁଭବ କଲି । ଖାଲି ଭୁଲି ଏତକି କଲି··· ସେ ସ୍ପନ୍ଦନର ପରବର୍ତ୍ତୀ ପରିଣାମକୁ ବିବେଚନା କରି ଦେଖିଲି ନାହିଁ । ଦୀପ୍ତି-ବିଚ୍ଛୁରିତ ଚକିତ ଗୃହାଣୀର ଆଲୋକ ସ୍ଫୁରଣ ଦେଖି ନାଚିଉଠିଲି । କିନ୍ତୁ ଆଲୋକ ପଛରେ ଯେ ଅନ୍ଧାରର କାଳିମା ଆଉ ସ୍ପର୍ଶାତୁର କମ୍ପନ ପଛରେ ଯେ ଧ୍ୱଂସର ହାହାକାର ଲୁଚିରହିଚି, ତା' ବୁଝିବାର ଦୂରଦୃଷ୍ଟି ଯେପରି ନ ଥିଲା ମୋର । ସେତେବେଳେ ମନେ ହେଉଥିଲା, ହେତେ ଅବା ଦୃଷ୍ଟି ବିଜନମଞ୍ଚର ଏଇ ସ୍ନିଗ୍ଧ ସ୍ତିମିତ ଆଲୋକଶିଖାଟି ଜନ୍ମଜନ୍ମାନ୍ତର ପାଇଁ ଜଳୁଥିବ । ତାର ଶେଷ ନାହିଁ କି ଅବସାନ ନାହିଁ······

## ॥ ୪ ॥

ପରିବର୍ତ୍ତନ—ହଁ, ପରିବର୍ତ୍ତନ ହିଁ ଦୁନିଆର ନିୟମ । କେବଳ ପରିବର୍ତ୍ତନ ଭିତର ଦେଇ ମହାକାଳ ତାର ସୌନ୍ଦର୍ଯ୍ୟସମ୍ପଦକୁ ପ୍ରସ୍ଫୁଟିତ କରାଇଦିଏ । କେବଳ ପରିବର୍ତ୍ତନ ହିଁ ପୁରାତନର ଧୂସରତା ଉପରେ ଗଢ଼ି ତୋଳେ ନୂତନ ଜୀବନର ସବୁଜ ଭୂମିକା ।

ପରିବର୍ତ୍ତନ କଥା କହିବାକୁ ଯାଇ ମୁଁ ଆଜି ନିର୍ବିବାଦରେ ମାନିବି, କାଳର ପ୍ରବାହ ଭିତରେ ହିଁ ମୋ ଜୀବନର ଯେତେ କିଛି ଓଲଟ ପାଲଟ । ଝଡ଼ ତୋଫାନର ବିପର୍ଯ୍ୟୟ ଭିତରେ କେତେ ବିପଦ ଆପଦକୁ ମୁଣ୍ଡପାତି ସହିନେଇଛି, ତାର କଳନା ନାହିଁ । ଗୋଟାଏ ଗୋଟାଏ ତୁଚ୍ଛ ଘଟଣାରେ ଅନେକଙ୍କ ଦୃଷ୍ଟି ଫେରିଯାଏ । ଅତି ସାମାନ୍ୟ ସାମାନ୍ୟ କଥାରେ ଆଶ୍ଚର୍ଯ୍ୟ ଓଲଟ ପାଲଟ ବି ଘଟିଯାଏ । ମଣିଷ ଯେତେ ହୁସିଆର ଆଉ ସାବଧାନ ହେଉନା କାହିଁକି, କେଉଁ ଏକ ଅସତର୍କ

ମୁହୂର୍ତ୍ତରେ ଯେ ଗୋଡ଼ ଖସି କଚଡ଼ା ଖାଇବାକୁ ପଡ଼େ, କେହି ଜାଣିବା ସମ୍ଭବ ନୁହେଁ ।

ନାରୀର ସଂସ୍ପର୍ଶରେ ଆସି ପୁରୁଷ ପକ୍ଷରେ ଯେଉଁ ପରିବର୍ତ୍ତନର ସମ୍ମୁଖୀନ ହେବାକୁ ହୁଏ, ପୃଥିବୀରେ ସବୁଠୁ ବଳି ବିସ୍ମୟକର ସେ ପରିବର୍ତ୍ତନ । ବାହାରେ ପ୍ରକାଶ ନାହିଁ, ଅଥଚ ଅଜ୍ଞାତରେ, ମନର ଅଗୋଚରରେ କେତେବେଳେ ସେ ପରିବର୍ତ୍ତନର ମଞ୍ଜି ଅଙ୍କୁରିତ ହୋଇ ମହାଦ୍ରୁମରେ ପଲ୍ଲବିତ ହୋଇଉଠିଛି, ହଠାତ୍ ଯେମିତି ଆଖିରେ ପଡ଼ି ଆଶ୍ଚର୍ଯ୍ୟ ଲାଗେ ।

ନାରୀ, ହଁ ନାରୀ ହିଁ ବାସ୍ତବିକ ରୂପରାଜ୍ୟର ତିଲୋତ୍ତମା ! ସୁନ୍ଦର ପ୍ରକୃତିଠାରୁ ସେ ଆହୁରି ସୁନ୍ଦର । ଉଜ୍ଜ୍ୱଳ ଆଲୋକଠାରୁ ବଳି ଆହୁରି ସ୍ପର୍ଶଚପଳ ତାର ଦୀପ୍ତ ଦେହକାନ୍ତିର ସମ୍ମୋହିତ ଶ୍ରୀ । ମୁଁ ଭାବିଲି, ସୁରେଶ ବାସ୍ତବିକ ଠିକ୍ ବୁଝିଛି । ନାରୀ ହିଁ ବିଶ୍ୱକୁ ଭଗବାନଙ୍କର ଶ୍ରେଷ୍ଠ ଦାନ । ଦୁର୍ନିବାର ତାର ଆକର୍ଷଣ, ଦୁରନ୍ତ ତାର ମୋହ । ନାରୀ ବିନା ପୁରୁଷର ଜୀବନ ହୃତ-ଶ୍ରୀ । ବଞ୍ଚିରହିବାର ସାର୍ଥକତା ନାହିଁ ନାରୀଶୂନ୍ୟ ଜଗତରେ । ନାରୀପ୍ରେମବଞ୍ଚିତ ପୁରୁଷର ସୌଭାଗ୍ୟ ଏକ ଅଦୃଷ୍ଟର ବିଡ଼ମ୍ବନା । ନାରୀସଙ୍ଗସୁଖବିବର୍ଜିତ ପୁରୁଷର ଅହଙ୍କାର ଏକ ନିର୍ବୋଧର ଆସ୍ଫାଳନ ଛଡ଼ା ଆଉ କିଛି ନୁହେଁ ।

କାହିଁକି ନା ଗତ ରାତିଠୁ ଆରମ୍ଭ ସହିତ ସେଇ ଥରେ ଦୁଇଥର ଦୃଷ୍ଟି ବିନିମୟ ପରଠୁ ମନ ଭିତରେ ଏପରି ଗୋଟାଏ ଅଭୂତପୂର୍ବ ନୂତନତା ଆସି ଯାଇଥିଲା, ପ୍ରତି ମୁହୂର୍ତ୍ତରେ ଯେପରିକି ଆଶ୍ଚର୍ଯ୍ୟତମ ତୃପ୍ତିରେ ମୋ ପ୍ରାଣ ସ୍ପନ୍ଦିତ ହୋଇଉଠୁଥିଲା । ମାଦକଦ୍ରବ୍ୟ ଖାଇଲା ପରି ମୁଁ ସତେ ଯେମିତି ଅଜାଣତରେ କି ପୁଲକିତ ଭାବନାରେ ରୋମାଞ୍ଚିତ ହୋଇ ପକ୍ଷୀପରି ଡେଣା ମେଲେଇ କେଉଁ ଶୂନ୍ୟ ଆକାଶକୁ କାହା ସନ୍ଧାନରେ ଉଡ଼ିଯିବାକୁ ଚଞ୍ଚଳ ହୋଇ ଉଠୁଥିଲି । ଗୋଟାଏ ଯାଗାରେ ସ୍ଥିର ହୋଇ ବସି ରହିବା ଯେପରି ମୋ ପକ୍ଷରେ ହୋଇଉଠିଥିଲା ଦୁର୍ବିସହ !!

କେଉଁଥିରେ ଯେତେବେଳେ ମନ ନ ଲାଗେ, ଠିକ୍ ସେତେବେଳେ ବୁଝି ହୁଏନା ମନ କଣ ଖୋଜୁଁଛି, ଠିକ୍ ସେତିକିବେଳେ କାହାକୁ ଜଣେ ପାଖରେ ପାଇବାକୁ ହୃଦୟ ଅସ୍ଥିର ହୋଇଉଠେ । ମୋର ସୌଭାଗ୍ୟକୁ ଠିକ୍ ସେତିକିବେଳେ ଦୁଆରମୁହଁରେ ଦେଖାଦେଲା ସୁରେଶ··· । କହିଲା : ବାଃ, ଠିକ୍ ସମୟରେ ଆସି ପହଞ୍ଚିଛୁ । ମୁଁ ତୋରି କଥା ହିଁ ଭାବୁଥିଲି ।

ଟେବୁଲ୍ ଉପରେ ପଡ଼ିଥିବା ମୋ ପଢ଼ା ବହିଟାକୁ ଅନ୍ୟମନସ୍କଭାବରେ ହାତରେ ଉଠାଇନେଇ ସୁରେଶ କେମିତି ଭଙ୍ଗା ଗଳାରେ ପଚାରିଲା : ମୋ କଥା ଭାବୁଥିଲୁ ? କାହିଁକି ? ଏ ସକାଳ ପହରଟାରେ ଏ ହତଭାଗାଟାର ଦରକାର

କଣ ପଡ଼ିଲା ? ଏହା କହି ସେ ହଠାତ୍ କିପରି ଗୁମ୍ ହୋଇ ବସି ପୁଣି କହିଲା : ମୋ ମନ ବି କାହିଁକି ଘରେ ଲାଗିଲାନି······

କିଛିକ ରସିକତା କରି କହିଲି : ଠିକ୍ ତ ଲାଗିବାର କଥା ନୁହେଁ । ଏଠି ଯେତେବେଳେ ପାନପସୁନ୍ଦରୀ—ଘରେ ମନଟା ନ ଲାଗିବାର ଇ କଥା ।"

କଥାଗୁଡ଼ାକ ଯିନା ମୁଁ ତାକୁ ଉପହାସ କରି କହୁଥାଏ; ମାତ୍ର ଭିତରେ ଭିତରେ ନିଜେ ଯେ ସେଇ 'କିଛି ଭଲ ନ ଲାଗିବାର' ଦୁଃସହ ଯନ୍ତ୍ରଣାରେ ଛଟପଟ ହେଉଥାଏ, ତା ମୁଁ ଜାଣେ । ବୁଝିଲିନି ସୁରେଶ ପାଖରେ କାହିଁକି ଏ ଗୋପନତା ? ନା ଭୁଲ କହିଲି—ସୁରେଶ ପାଖରେ ମୋର ଗୋପନତା କାହିଁକି, ସେଇଟା ଯେ ମୁଁ ନ ଜାଣିଥିଲି ତା' ନୁହେଁ । ସୁରେଶ ଆରତିକୁ ଦେଖିଚି, ଆଉ ଦିନ ଦିନ ତଳେ ଆରତି ସହିତ ସୁରେଶର ଦୃଷ୍ଟି ବିନିମୟ ଭିତରେ ଯେ ନିଶ୍ଚୟ ଏକ ପ୍ରଚ୍ଛନ୍ନ ମୋହର ସଞ୍ଚାର ହୋଇଥିବ, ସେଇଆ କଳ୍ପନା କରି ମୁଁ ଯେମିତି କିପରି ଈର୍ଷାଳୁ ହୋଇ ଉଠିଥିଲି । ସେଇଥି ପାଇଁ ସୁରେଶ ମୋ ପାଖରେ ତା ମନ କଥା କିଛିଟା ପ୍ରକାଶ କରିଥିଲେ ବି ଆରତି ସମ୍ବନ୍ଧରେ ମୋ ମନର ଦୁର୍ବଳତା କଥା ମୁଁ ସୁରେଶକୁ କହିବାକୁ ଚାହୁଁ ନ ଥିଲି ଏବଂ ଠିକ୍ କଣ କହି ସୁରେଶକୁ ସନ୍ତୁଷ୍ଟ କରିବି ଏଇଆ ନେଇ ଯେତେବେଳେ ଚଞ୍ଚଳ ହୋଇ ଉଠୁଥିଲି, ସୁରେଶ କେମିତି କିପରି ଆଶ୍ଚର୍ଯ୍ୟ ଗଳାରେ ପଚାରିଲା : କିରେ ଦେଖା କଲୁ ?

: କାହାକୁ ?

ହୋ ହୋ କରି ହସିଉଠି ସୁରେଶ କହିଲା : ଇସ୍ କିଛି ମନେ ନାହିଁ ଯେମିତି, ଗୋଟାଏ ନିତାନ୍ତ ସାଧୁ ! ଭାରି ଭଲ ପିଲାଟାଏ !

ଚମକିଲା ପରି ହୋଇ କହିଲି : ଓହୋ—ବୁଝିଲି । ନା—ତେବେ ପରା ମୁଁ କହିଚି ଦେଖା କରିବାର ପ୍ରବୃତ୍ତି ମୋର ନାହିଁ । ସେ ସବୁ ତୁମ ପରି କବି ପ୍ରକୃତିର ଯୁବକଙ୍କଠି ସାଜେ । ଆମେ ସବୁ ନିପଟ ଶୁଷ୍କ, ସାହାରା ମରୁଭୂମି ପରି ନୀରସ । ହୁଏତ ଧରନେ, ଥରେ ଯଦି ଦେଖାହେଲା, ତେବେ ସେ ଥରକ ଦୃଷ୍ଟି ବିନିମୟରେ ତୋ ପରି ଆମମାନଙ୍କର କବିତା ରସ କିମ୍ବା ପ୍ରେମର ଫଲ୍‌ଗୁଧାରା ବୋହିଯିବାର ଅବକାଶ ନାହିଁ । ତୁମ ପରି କବି ହୁଏତ Love begins at the first sight ବୋଲି କହି କେତେ କବିତା ଲେଖି ପକାଇବେ, କେତେ ରୋମାନ୍‌ସର ପରିକଳ୍ପନା କରି ବୁଲିବେ—ଆମ ଦେଇ ସେ ସବୁ ଅସମ୍ଭବ । ଆମେଗୁଡ଼ାକ ନିହାତି ଅକର୍ମଣ୍ୟ···

ସୁରେଶ ଗର୍ବରେ ହସି ହସି କହିଲା : ଆରେ—ନିଜକୁ ଏତେ ହେୟ ଜ୍ଞାନ କରିବା ବୁଦ୍ଧିମାନର କାର୍ଯ୍ୟ ନୁହେଁ । ନା, ସେସବୁ ଫାଜିଲାମି କଥା ରଖ, ଆଗେ କହ ତୋର ତାର ଦେଖା ହୋଇଚି କି ନାହିଁ !

ପ୍ରଥମେ ଭାବୁଥିଲ ଦେଖା ହେଇନ ବୋଲି କହିଦେବ, ମାତ୍ର ପେଣ୍ଡ୍ ମନେ ମନେ ଭାବିଲ, ଖାଲି ଦେଖାରେ କଣ ଜଣେ ଜଣକୁ ଭଲ ପାଇ ପକାଏ ? ତା ଯଦି ନୁହେଁ, ତେବେ ସୁରେଶକୁ ହଁ, ଦେଖା ହୋଇଛି ବୋଲି କହିଲେ ବା ଦୋଷଟାଏ କଣ ? କହିଲ : ଦେଖା ନ ହୁଅନ୍ତା କାହିଁକି ରେ ? ଏକା ଘରେ ଅଛୁ, ଅଗଣାକୁ ଗଲେ ମୁଁ ତାକୁ ଦେଖିବ, ସେ ମୋତେ ଦେଖିବ—ସେ ତ କିଛି କଣ୍ଢେଇଆସୁଣୀ ନୁହେଁ ……

: ତାହାହେଲେ ଦେଖା ହେଇଛି ?

: ହଁ, ଇମିତି ଦେଖା—ତୁ ଦଶ ବାର ହାତ ଦୂରରେ ଛିଡ଼ା ହୋଇ ନଜର କାମ କରୁଚୁ, ଆଉ ମୁଁ ସେଇ ବାଟ ଦେଇ ଯାଉ ଯାଉ ତତେ ଦେଖିଲି—ଆଉ, ମୋ ପାଖ ଦେଇ କିଏ ଜଣେ ଗଲା ବୋଲି ଯେପରି ତୁ ଟିକିଏ ଫେରି ଚାହିଁଦେବାଟା ସାଧାରଣତଃ ଦେଖା ଯାଇଥାଏ—

: ବୁଝିଲି, ତୁ କହୁଚୁ କଥାବାର୍ତ୍ତା କିଛି ହେଇନ । ହେଲେ ସେଥିରେ କିଛି ଯାଏ ଆସେନ । ତୁ ନୂଆ, ଆଜ କାଲି ଭିତରେ ଟିକିଏ ଘନିଷ୍ଠତା ଆସିଗଲେ ହୁଏତ ସବୁ ସୁବିଧା ହୋଇଯିବ । କହି ସୁରେଶ ଟିକିଏ ହସିଦେଇ କହିଲା : ଆଚ୍ଛା ତା' ବୋଉ ସାଙ୍ଗରେ କଥାବାର୍ତ୍ତା ହେଇନୁ ?

କହିଲ : ହୁଁ, ତା ହେଇଛି । ଅନେକ କଥାବାର୍ତ୍ତା—

ସୁରେଶ ଆଉ କ'ଣ କହିବାକୁ ଯାଉଥିଲା, ହଠାତ୍ ଉଠିପଡ଼ି କାହାକୁ ନମସ୍କାର କଲା । ମୁହଁ ବୁଲେଇ ଦେଖିଲି, ଦୁଆର ପାଖେ କମଳା ଦେବୀ । ଚଉକିରୁ ଉଠିପଡ଼ି କହିଲି : ସୁରେଶକୁ ଚିହ୍ନନ୍ତ ମାଉସୀ ?

ପାଖକୁ ଲାଗିଆସି କମଳା ଦେବୀ କହିଲେ : ହଁ, ପଅରଦିନ ସେ ତୁମକୁ ଖୋଜିବାକୁ ଆସିଥିଲେ, ସେଇ ଦିନ ଚିହ୍ନିଲି ତୁମ ଦୁହିଁଙ୍କ ଭିତରେ କୁଆଡ଼େ ପାଣି ଗଲେନା…

ଟିକିଏ ହସିଦେଇ କହିଲି : ଠିକ୍ କଥା, କିନ୍ତୁ ସୁରେଶକୁ ବନ୍ଧୁ ଭାବରେ ପାଇବା ସେତେ କଷ୍ଟ ନୁହେଁ, ତା' ସହିତ ବନ୍ଧୁତା ରଖି ହାତେ ମାପି ଚାଖଣ୍ଡେ ଚାଲିବା କିନ୍ତୁ ଗୋଟାଏ ସାଧନାର କଥା ।

ଗର୍ବରେ ସୁରେଶ ଫୁଲିଉଠିଲା । କମଳା ଦେବୀ ଟିକିଏ ହସିଲେ । କହିଲେ : ସାଧନା ହିଁ ତ ସଫଳତାର ମୂଳଦୁଆ । ଯାହାକୁ ଧରିରଖିବା କଷ୍ଟସାଧ୍ୟ ନୁହେଁ, ଚଳନ୍ତି ବଜାରରେ ତାର ମୂଲ୍ୟାଙ୍କନ ବା କ'ଣ ?

ସୁରେଶ କହିଲା : ମୋ ମନକଥା କହିଲ ମାଉସୀ ! ଉମେଶର ପ୍ରକୃତି କିନ୍ତୁ ଅଲଗା । ସେ ସବୁ କଥାକୁ ସହଜ ଭାବରେ ଗ୍ରହଣ କରେ । ହସି

ଉଡ଼େଇଦଏ ଗୁରୁତ୍ୱ ନ ଦେଇ । ତା ପାଖରେ ଜୀବନଟା ବିଧାତାର ସୃଷ୍ଟିରେ ଗୋଟାଏ କ୍ଷଣିକ ଖିଆଲର ଦୁର୍ଘଟଣା ।

କହିଲି : ଠିକ୍ ତ ! ଭାବିଲେ ହିଁ ସବୁ ହାସ୍ୟାସ୍ପଦ । ତା ନ ହେଲେ ମଣିଷର ଏଇ ଜୀବନଟା ପଛରେ ଆଶ୍ଚର୍ଯ୍ୟ ଭାବରେ ସିରିଅସ୍ ହେବାର ଅଛି କଣ ? ସୁ' ଜୀବନଟା ପୁଣି ଆମମାନଙ୍କର ସବୁକିଛି ସିରିଅସ୍‌ନେସ ସତ୍ତ୍ୱେ ଆମ ହାତମୁଠା ଭିତରେ ନୁହେଁ । କେଉଁ ଦିନ କଣ ହେଇଯିବ, କାହା ଇଙ୍ଗିତରେ କୁ' ମୁହୂର୍ତ୍ତରେ କୁଆଡ଼େ ଯାଇଁ ଧ୍ୱସ୍ତ ବିଧ୍ୱସ୍ତ ହେଇଯିବ, କେହି କହିପାରିବ ନାହିଁ ।

କମଳା ଦେବୀ କହିଲେ : ତା ବୋଲି କ'ଣ ଯେ କେତେଦିନ ବଞ୍ଚିବ, ବଞ୍ଚିଲା ପରି ବଞ୍ଚିବାକୁ ସିରିଅସ ହେବା ଉଚିତ୍ ନୁହେଁ ? ସୃଷ୍ଟିର ସାର୍ଥକତା ତ ଧ୍ୱଂସର ମୂଳରେ । ତା ବୋଲି ସୃଜନରେ କ'ଣ ଗୁରୁତ୍ୱ ନାହିଁ ? ଧ୍ୱଂସ ପରି ମୃତ୍ୟୁ ଅନିବାର୍ଯ୍ୟ ବୋଲି କ'ଣ ଜୀବନକୁ ସାଧନାର ନିଗଡ଼ ଭିତରେ ଅମୃତମୟ ନ କରି ଆତ୍ମପ୍ରବଞ୍ଚନାକୁ ପ୍ରଶ୍ରୟ ଦେବ ?

ଆଶ୍ଚର୍ଯ୍ୟ ହେଇଗଲି । ମାଉସୀଙ୍କର କି ଶାଣିତ ଯୁକ୍ତି ? ତଥାପି କ'ଣ ଗୋଟାଏ ପ୍ରତିବାଦ କରିବାକୁ ଯାଉଥିଲି, ସୁରେଶ କିନ୍ତୁ କଥାପ୍ରସଙ୍ଗକୁ ବୁଲେଇ-ଦେଲା । କହିଲା : ମାଉସୀ, ଆପଣଙ୍କ ଯୁକ୍ତି ଶୁଣିଲା ପରେ ଅମୃତର ତୃଷ୍ଣା ଅନୁଭବ କରୁଛି ହାସ୍ୟାସ୍ପଦ ଭାବରେ । କପେ ଚା' ଦେବେ···

ହୋ ହୋ କରି ହସିଉଠିଲି । କମଳା ଦେବୀ ମଧ୍ୟ ସସ୍ନେହ ମମତାରେ ସୁରେଶର ହାତଧରି କହିଲେ : ତୁମ ଦୁହିଁଙ୍କୁ ଡାକିବାକୁ ଆସିଥିଲି ଜଳଖିଆ ଖାଇବାକୁ । ସକାଳୁ କିଛି ନ ଖାଇ 'ଭମ' ବି ବହି ମେଲେଇ ବସିଛନ୍ତି···

ମାତୃତ୍ୱ ଗର୍ବରେ ଅହଙ୍କୃତା ଏଇ ନାରୀଟି ପାଖରେ ମୁଁ ଯେମିତି କେତେ ସାମାନ୍ୟ ବୋଲି ଅନୁଭବ କଲି ।

କମଳା ଦେବୀଙ୍କ ପଛେ ପଛେ ତାଙ୍କ ଘର ଭିତରକୁ ଯାଇଁ ଦେଖିଲୁ, ଅନେକଗୁଡ଼ାଏ ପ୍ଲେଟରେ ଖାଇବାସାମଗ୍ରୀ ବଢ଼ା ହେଇଛି । ମୋ କାନ ପାଖକୁ ମୁହଁ ଲଗାଇ ସୁରେଶ ଖୁବ୍ ନିମ୍ନସ୍ୱରରେ କହିଲା : କିରେ ଏ କ୍ୟାଁପୁଅ ଚିଜ । ସମ୍ବାଦ ତ ମତେ କାହିଁ ଦେଇ ନ ଥିଲୁ ! ରାତିକ ଭିତରେ ଏତେ ?

ଲାଜରେ ମୋ କାନମୁଣ୍ଡା ଗରମ ହୋଇଗଲା । ରାଗରେ ସୁରେଶକୁ ପୁଳାଏ ଚିମୁଟି ଦେଇ କହିଲି : ଧେତ୍, ଇଡ଼ିଅଟ···

॥ ୪ ॥

ସୁରେଶ ପାଖରେ ନିଜକୁ ସାଧୁ ସଚ୍ଚୋଟ ବୋଲି ଜାହିର କରି ଭିତରେ ଭିତରେ ଯେ ଗୋଟାଏ ପ୍ରଚ୍ଛନ୍ନ ପିପାସାର ରକ୍ତ ଶିଖାକୁ ପ୍ରଜ୍ଜ୍ୱଳିତ କରିବାରେ ମୁଁ ନିଜେ ଇ ନିଜକୁ ସାହାଯ୍ୟ କରୁଥିଲି, ଆଜି ଆଉ ସେକଥା ଲୁଚେଇ ଲାଭ ନାହିଁ । ସେଇ ରାତିର ଦେଖାଚାହାଁ ଘଟଣା ଏ ଭିତରେ ଦି'ଦିନର ପୁରୁଣା କଥା ହୋଇଗଲାଣି । ଏ ଦି'ଦିନ ବି ଅକସ୍ମାତ୍ ଭେଟାଭେଟିର ରଙ୍ଗଭୂମି ନ ହୋଇ ରହି ନାହିଁ । ଆଉ ସ୍ୱୀ ବି ମାନିବି, ସେ ଦିନ ରାତିରେ ହଠାତ୍ ତାକୁ ଦେଖି ଯେଉଁ ଭାବାନ୍ତର ଆସିଥିଲା, ମନର ଶାସନ ସତ୍ତ୍ୱେ, ସେ ଭାବାବେଶରେ କଳ୍ପନାର ରଙ୍ଗୀନ ଡେଣା ଲାଗିଥିଲା ସିନା, ନିର୍ଲିପ୍ତ ଉଦାସୀନତା ଭିତରେ ନିଷ୍ପନ୍ନ ହୋଇଯିବାକୁ ବସି ନ ଥିଲା କେବେ । ବରଂ ମନ ଭିତରେ ଦୁଇଟା ବିରୋଧ ଭାବର ସଂଘର୍ଷ ପ୍ରବଳ ହୋଇ ଉଠିଥିଲା । ତାକୁ ଚାହିଁବି, ନ-ଚାହିଁବି, ଭଲ ପାଇବି, ନ-ପାଇବି —ଯଦିଓ ମନ ଭିତରେ ଏଇ ଦୁଇଟା ବିରୁଦ୍ଧ ଭାବର ଚିନ୍ତା ଉପରେ ଲଗାମ ଭିଡ଼ି ନିୟନ୍ତ୍ରଣ କରିବାର ଏତେ ଟିକିଏ ଶକ୍ତି ମୋର ନ ଥିଲା, ତଥାପି ଚେଷ୍ଟାରେ ମୋର ଶିଥିଳତା ନ ଥିଲା ଟିକିଏ ହେଲେ ।

ସବୁ ଆଡ଼ୁ ସବୁ ଆଡ଼ୁ ଉପରି ଗୋଟାଏ ଉଚ୍ଛୃଙ୍ଖଳତାର ଖେଦ ପୁଞ୍ଜିଭୂତ ହୋଇ ଉଠୁଥିଲା ମନ ଭିତରେ । ବେଳେ ବେଳେ ବିତୃଷ୍ଣା ଆଉ ତାଚ୍ଛଲ୍ୟ ବି ଆସୁଥିଲା ନିଜ ଉପରେ । ଚିଡ଼ିଉଠୁଥିଲି ଟିକିଏ ଟିକିଏ, ଦୁର୍ବଳ ବିବେକ ଆଉ ମନର ଅସହାୟତା କଥା ବିଚାର କରି ।

ଚିନ୍ତା-ରାଜ୍ୟରେ ନାନା ବିଭ୍ରାଟ ସତ୍ତ୍ୱେ ମୁଁ ଭାରି ଆଶ୍ଚର୍ଯ୍ୟ ହେଉଥିଲି ଗୋଟାଏ କଥା ଲକ୍ଷ୍ୟ କରି । ସେଇଟା ହେଉଛି, ଏ ଦି'ଦିନ ଭିତରେ ମୁଁ ଯେପରି ଆକାଶ ପାତାଳ, କେତେ କଣ ଭାବିବାରେ ଅଭ୍ୟସ୍ତ ହୋଇଉଠିଛି । ହୋଇଉଠିଛି ଏକ ଉଦ୍‌ଭ୍ରାନ୍ତ ଭାବୁକ, ଆଉ ସ୍ୱପ୍ନ-ବିଳାସୀ କବି !! ଆରମ୍ଭ ସହିତ କ୍ଷଣିକ ଚାହାଣୀ ବିନିମୟ ଭିତରେ ଆର୍ଟ ବା କଳା ଶବ୍ଦର ମୁଁ ଯେପରି ଏକ ଚମତ୍କାର ବ୍ୟାଖ୍ୟା କରିପାରିଛି । ଆମମାନଙ୍କ ଜୀବନ ଗୋଟାଏ ଆର୍ଟ, ଗୋଟାଏ ଲୀଳା, ଗୋଟାଏ ନୃତ୍ୟ । ବାସ୍ତବିକ ମନର ଅବ୍ୟକ୍ତ ଭାବ-ଉଚ୍ଛ୍ୱାସକୁ ଶୋଭନଭଙ୍ଗୀ ଭିତରେ ପ୍ରକାଶ କରିବା, ଗୋଟାଏ ଆବେଗ ବା ଚିନ୍ତାକୁ ନାନା ରଙ୍ଗର ତୁଳୀରେ ଆଙ୍କି ମନର କଳ୍ପଲୋକରେ ରଙ୍ଗୀନ କରି ତୋଳିବା, ଗୋଟାଏ କଥାରେ କଳ୍ପନା ଜଗତରେ ଯେଉଁ ଅରୂପ ଆଉ ଅଦୃଶ୍ୟ ଲୁଚି ରହିଛି ତାକୁ ମୂର୍ତ୍ତିମନ୍ତ ଭାବେ ଆଖିର ଭାଷାରେ ପ୍ରକାଶକରି ତୋଳିବାରେ

ଯେ ଉଚ୍ଚକୋଟୀର କଳାନୈପୁଣ୍ୟର ସାର୍ଥକତା ପ୍ରତିପାଦିତ ହୁଏ, ଏହା ନିର୍ବିବାଦରେ ମାନିବାକୁ ହେବ । ଅବଶ୍ୟ ସେପରି ରୂପକାର ଆଉ ନିପୁଣ ଶିଳ୍ପୀ ହୋଇଉଠିବା ଏକ ସାଧନାର କଥା । ତା କେତେଜଣ ବା ହୋଇପାରନ୍ତି ? ସେଇଥିପାଇଁ ତ ସେଠି ତ ବିଭ୍ରାଟ ।

ଅବଶ୍ୟ ଜୀବନ ଲୀଳାର ଆର୍ଟ ବୋଲି କହିଲେ କ'ଣ କେବଳ ଗୋଟାଏ ଗଭୀର ସୁଷମାବୋଧର ମୁଞ୍ଜରଣ, ଅହେତୁକ ବିକାଶର ଆଗ୍ରହ, ଆଉ ଦୁନିଆର ଅନୁଭୂତିର ଉଚ୍ଛୃଙ୍ଖଳତା ବୁଝାଏ ? ଆପାତତଃ ଆର୍ଟକୁ ପ୍ରୟୋଜନୀୟତା ବା ସୌଖୀନତାର ମାପକାଠିରେ ବିଚାର କରାଯାଇପାରେ ନା । ଆର୍ଟ ହେଉଛି ଗୋଟାଏ ଉଦ୍ଦାମ ଲୀଳାଚଞ୍ଚଳତା—ଯାହା ନେଇ ତାର ପରମ ସାର୍ଥକତା ଓ ଚରମ ସମର୍ଥନ । ବସନ୍ତର ଲକ୍ଷ ଲକ୍ଷ ଭୃଣାଙ୍କୁର ଲତା, ପତ୍ର, ପଲ୍ଲବ, କିଶଳୟର ରୋମାଞ୍ଚନ ପରି ଆର୍ଟ ପ୍ରକୃତିର ଗୋଟାଏ ମସ୍ତ କୀର୍ତ୍ତି । ଆଉ ସେ କୀର୍ତ୍ତିର ଜୟଧ୍ୱନି ବିଶ୍ୱଜୀବନବୋଧର ପରିପ୍ରେକ୍ଷୀରେ ଫୁଲଶଯ୍ୟାର ସୁରଭିସମାରୋହ ଭିତରେ ଯେତିକି, ବିରହ-ବିଧୂର ପ୍ରଣୟୀର ହା-ହୁତାଶ ଭିତରେ ତାଠାରୁ ଯେ ଆହୁରି ଅଧିକ ବେଶୀ, ଏଥିରେ କୌଣସି ସନ୍ଦେହ ନାହିଁ ।

ସୂକ୍ଷ୍ମ ପର୍ଯ୍ୟାଲୋଚନା ଥାଉ, ମୋ କଥାଟା ଆଗ କୁହେ । ହଁ, ସେଇଦିନ ରାତିର ଦେଖା ପରେ ମନରେ ଯେଉଁ ଉନ୍ମାଦନା ଟିକିକ ଆସିଥିଲା, ସେଇଟା ଏ ଦୁଇ ଦିନ ବିଶେଷ ଅଗ୍ରସର ନ ହେବା ଫଳରେ ଯେପରି ଭାବରେ ନିଷ୍ପ୍ରଭ ହୋଇ ଆସିଥିଲା, ସେଇପରି ଭାବରେ ଆଉ ତିନି ଚାରି ଦିନ ଚାଲି ଯାଇଥିଲେ ଯେ ପୂର୍ଣ୍ଣ ଭାବରେ ଲିଭି ଯାଇଥାଆନ୍ତା, ଏହା ନିଶ୍ଚିତ କଥା । କିନ୍ତୁ ନିୟତିର ଲୀଳା ଥିଲା ଭିନ୍ନ ରକମର । ତାକୁ ଅନ୍ୟଥା କରିବାର ଶକ୍ତି ମନୁଷ୍ୟର କାହିଁ ?

ସେଦିନ ସନ୍ଧ୍ୟା ପରେ ମୋ ଘରେ ବସି କ'ଣ ଗୋଟାଏ ପଢ଼ୁଛି—ରାତି ବେଶି ହୋଇନି, ଆଠଟା ପାଖାପାଖି ବୋଧହୁଏ—ହଠାତ୍ କାଶୀନାଥ ବାବୁ ଆସି ମୋ ପାଖରେ ବସିଲେ ।

ତାଙ୍କୁ ନମସ୍କାର କରି କଣ ପଚାରିବାକୁ ଯାଉଥିଲି, ସେ କହିଲେ : ତୁମର ଆଉ ଛୁଟି କେତେଦିନ ?

: ଅଛି ଦଶ ପନ୍ଦର ଦିନ । ପୂଜାଛୁଟି ବେଶୀ ଦିନ ହୁଏ ନା ।

ଟିକିଏ ଚିନ୍ତା କଲା ପରି କ'ଣ ଭାବି କାଶୀନାଥ ବାବୁ କହିଲେ : ଆଚ୍ଛା ତୁମର ଯଦି ପଢ଼ାଶୁଣାରେ ବିଶେଷ କ୍ଷତି ନ ହୁଏ—ତେବେ ଏଇ ଦିନ କେତଟା ଆରତିର ପଢ଼ାଟା ଟିକିଏ ଦେଖାଦେଖି ଯଦି କରିଦିଅନ୍ତ, ଭଲ ହୁଅନ୍ତା । ଛୁଟି ପରେ ପରେ ଇ ତାର ପରୀକ୍ଷାଟା—ଭଗବାନଙ୍କ କୃପାରୁ ପାଶ୍‌ଟା ଯଦି କରିପାରନ୍ତା, କୌଣସି ମତେ··· । ଗୋଟିଏ ଟିଉଟର ରଖିବ ବୋଲି ଭାବୁଥିଲି । ତାକୁ

ପଢ଼ୁଥିଲି । ସେ କିନ୍ତୁ ନିହାତି ନାମଙ୍ଗ । ତେବେ ତା ନାମଙ୍ଗରେ କିଛି କିଛି ନ ଥିଲା ; ହେଲେ ସେପରି ଲୋକ ମୁଁ କାହାକୁ ଦେଖିନି । ତୁମେ ଆସିଛ—କାଲି ସେ ମୋ ସାଥିରେ ଲଗାଇଥିଲା, 'ଉମା ନନାଙ୍କୁ ଟିକିଏ କହିଦିଅ—ମତେ ଇଂରାଜୀ ଆଉ ଅଙ୍କଟା କେବଳ ଥରେ ଥରେ ବୁଝେଇଦେବେ । ବାକି ସବୁ ମୁଁ ମେକ୍‌ଅପ୍ କରିନେବି ।' ତୁମର ଯଦି ଅସୁବିଧା କିଛି ନ ହୁଏ, ଟିକିଏ ସାହାଯ୍ୟ କର, ଏ ଘାଟୀଟା ସେ ପାର ହୋଇଯାଉ । କ୍ଲାସରେ ବରାବର ଫାଷ୍ଟ ହୋଇଆସୁଛି । ତେବେ ପରୀକ୍ଷାଟା ଭାଗ୍ୟର କଥା, କ'ଣ ହେବ କିଛି କହି ହବ ନାହିଁ ।

କାଶୀନାଥ ବାବୁଙ୍କର ଏ ପ୍ରସ୍ତାବରେ ମନଭିତରେ ମୋର କ'ଣ ଗୋଟାଏ ନିଶା ଲାଗିଗଲା କେଜାଣି, ମୁଁ ଗୋଟାଏ ସୁନ୍ଦର ସୁଯୋଗ ପାଇଛି ବୋଲି ମନେମନେ ଉତ୍‌ଫୁଲ୍ଲ ନ ହୋଇ ରହିପାରିଲିନି । ବେଶ୍ ନମ୍ର ଗଳାରେ କହିଲି : ନା, ପଢ଼ାଶୁଣାରେ ମୋର ବେଶୀ ସେପରି କିଛି କ୍ଷତି ହେବ, ତା ନୁହେଁ । ସବୁ ସମୟରେ ଯେ ବସି ପଢ଼ୁଚି ତା ବି ନୁହେଁ । ଫୁରୁସତ୍ ଦେଖି ଘଣ୍ଟାଏ ଦିଘଣ୍ଟା କରି ପଢ଼ାଇ ଦେଇ ଆସିବି ।

ବଙ୍କା ହାତବାଡ଼ିଟି ଉପରେ ସମସ୍ତ ଦେହଟିର ଓଜନ ଲଦି ଉଠୁ ଉଠୁ କାଶୀନାଥ ବାବୁ କହିଲେ : ତାହାହେଲେ ଆରତିକୁ କହିଦଉଚି—ଆସି, ପଢ଼ାଟା ବୁଝାସୁଝା କରିଯିବ । ଆପତ୍ତି କରି କହିଲି : ନା, ତାଙ୍କୁ ଆସିବାକୁ କହିବେ କାହିଁକି, ଆଜି ତ ରାତି ହେଇଗଲାଣି, କାଲିଠାରୁ ମୁଁ ଫୁରସତ୍ ଦେଖି ଦିପହରେ କିମ୍ବା ସଞ୍ଜବେଳେ ଯାଇ ପଢ଼େଇଦେଇ ଆସିବି ।

: ଆଚ୍ଛା—କହି କାଶୀନାଥ ବାବୁ ତାଙ୍କ ଶୋଇବା ଘରକୁ ଚାଲିଗଲେ । ମୁଁ ଚେୟାରଟା ଉପରେ ବସିପଡ଼ି ପୁଣି କେତେ ଭାବନା ଭିତରେ ବୁଡ଼ି ରହିଲି । ଏ ଦୁଇ ଦିନ ଭିତରେ କଳ୍ପନାର ଯେଉଁ ବର୍ତ୍ତୁଳ ଆକାଶ ଆଷାଢ଼ ଅପରାହ୍ଣର ମଉଳା ଖରା ପରି ଝାଉଁଳି ଆସିଥିଲା, ତା ପୁଣି ଯେମିତି ମେଘମୁକ୍ତ ଶରତ ଆକାଶରେ ଉଜ୍ଜ୍ୱଳ ରୌଦ୍ର ପରି ଝଲମଲ କରି ଉଠିଲା । ଏ ପାଖ ସେ ପାଖ ଗୋଟିଏ କିଛି ଶେଷ ସିଦ୍ଧାନ୍ତରେ ପହଞ୍ଚିବାକୁ ଯୁ' ଚେଷ୍ଟା କରୁଥିଲି, ତା ସେଇମିତି ଅଧାପନ୍ତରିଆ ହୋଇ ରହିଗଲା । ଯେତେ ଚେଷ୍ଟାକଲି ଏସବୁ ଝିଞ୍ଜଟ ଭିତରକୁ ନ ଯାଇଁ ଦୂରରେ ରହିବା ହିଁ ଶ୍ରେୟସ୍କର, ତା କୌଣସିମତେ ନିର୍ଦ୍ଦିଷ୍ଟ କରିପାରିଲି ନାହିଁ । ବରଂ ନିଜକୁ ଆଉରି ବେଶୀ ଅସହାୟ ଆଉ ଦୁର୍ବଳ ବୋଲି ମନେହେଲା ।

ଅବଶ୍ୟ ସେଇ ଦୁର୍ବଳତା ଭିତରେ ମୁଁ ଯେ ଆନନ୍ଦ ଆଉ ପୁଲକର ମଧୁର ଶିହରଣ ଅଙ୍ଗେ ଅଙ୍ଗେ ଅନୁଭବ କରୁଥାଏ, ସେଥିରେ କୌଣସି ସନ୍ଦେହ ନାହିଁ । ଗୋଟାଏ ତୃପ୍ତି ଆଉ ଶାନ୍ତିର ଉଚ୍ଛ୍ୱାସ ମନ ଭିତରେ ଖେଳିଖେଳି ବୁଲୁଥାଏ । ପଲକେ ପଲକେ ମୁଁ ଗୋଟାଏ ବିଷାଦ-କୃଷ୍ଣ ମେଘ ଆଢ଼ୁଆଳରେ ସମୁଜ୍ଜ୍ୱଳ ଆଶାର

ଦେଦୀପ୍ୟମାନ ବିଦ୍ୟୁତ୍‌ର ଛଟାର ସ୍ୱପ୍ନ ଦେଖୁଥାଏ । ଆଶା ଓ ନୈରାଶ୍ୟର ଭାବ, ଯୁଗପତ୍‌ ସମୁତ୍ଥିତ ହୋଇ ପ୍ରାଣକୁ ଏକ ଅପୂର୍ବ ତିକ୍ତ ମଧୁର ରସରେ ରସାଣି ଦେଉଥାଏ । ମୁଁ ଯେପରି କେଉଁ ଅଲକ୍ଷ୍ୟର ଇଙ୍ଗିତରେ ଯାଉଥାଏ-ଆସୁଥାଏ । କେତେବେଳେ କ'ଣ ଭାବି ମନକୁମନ ହସୁଥାଏ । ତା ପର କ୍ଷଣରେ ପ୍ରକୃତିସ୍ଥ ହୋଇ···ନିଜକୁ ନିଜେ କରୁଥାଏ କୋରଡ଼ା ବେତ୍ର ମାଡ଼ରେ ଶାସନ ।

କ୍ଷଣେ କ୍ଷଣେ ପରିବର୍ତ୍ତନଶୀଳ ମନର ଲୀଳାଖେଳାଟା କିନ୍ତୁ ଚଞ୍ଚଳ ହେଲେ ସୁଦ୍ଧା ଭାରି ସୁନ୍ଦର । ସେଥିପାଇଁ ତା' ଛବିଟା ମନର ପର୍ଦ୍ଦା ଉପରେ ଆଙ୍କି ଦେଖିବାକୁ ଇଚ୍ଛା ହୁଏ । ଅଥଚ ମୁହଁର ଭାଷାରେ ମନର ସୁକୁମାର ସୂକ୍ଷ୍ମ ଭାବ ଓ ଅନୁଭୂତିଗୁଡ଼ିକୁ ଠିକ୍ କରି ଫୁଟାଇ ଉଠାଇବା ବି ବଡ଼ ଶକ୍ତ ।

ମୋ ପକ୍ଷରେ ଆଜି ଯେଉଁ ସମସ୍ୟାଟିକୁ ବୁଝାଇବାକୁ ଏତେ କଠିନ ମନେ ହେଉଚି—ସେଇଟା ଏଇ କେତୁଟା ଦିନର ସାମାନ୍ୟ ଆଳାପ ପରିଚୟ ପରେ ମନେହେଲା ଯେପରି ଆମେ ଦୁଇ ଜଣ ଅଜ୍ଞାତରେ ପରସ୍ପରର ବେଶ୍ ଟିକିଏ ପାଖାପାଖି ହୋଇଆସିଛୁ ; ଅଥଚ ଆମମାନଙ୍କ ମିଳାମିଶାର ଧରଣ ଥିଲା ନିତାନ୍ତ ସାଧାରଣ ଓ ପରିଧି ଥିଲା ନିତାନ୍ତ ସଂକୀର୍ଣ୍ଣ । ମନେ ଅଛି—ଏଥିପାଇଁ ମନ ମଧ୍ୟରେ ମୁଁ ଗୋଟାଏ ଭାରି ସ୍ନିଗ୍ଧତା ଅନୁଭବ କରୁଥାଏ ; ଅଥଚ ସାଙ୍ଗେ ସାଙ୍ଗେ ଆଶ୍ଚର୍ଯ୍ୟ ହୋଇ ଭାବୁଥାଏ, ହୃଦୟ ଜଗତର କି ରହସ୍ୟ ଏ, ମୌନତା ଭିତର ଦେଇ ବି ଦୁଇଟି ପ୍ରାଣୀ ଏପରି ଅପରୂପ ସାନ୍ନିଧ୍ୟ ଅନୁଭବ କରନ୍ତି କିପରି ?

ଅବଶ୍ୟ ସେ ମୌନତା ଭାଙ୍ଗିବାର ଗୋଟାଏ ଅପ୍ରତ୍ୟାଶିତ ସୁଯୋଗ ଆସିଲା—କାଶୀନାଥ ବାବୁଙ୍କ ପ୍ରସ୍ତାବ ପରେ । ଆଉ, ପ୍ରଥମ ଦିନ ଆରତିକୁ ପଢ଼ା କହିଦେବାକୁ ଯାଇଁ ତାର ଖୁବ୍ ପାଖକୁ ଲାଗି ବସି ତିନି ଚାରି ଦିନର ପୁଞ୍ଜିଭୂତ ବେଦନାର ମୌନତାକୁ ପ୍ରଥମ କଥାପଦିକ କହିବାର ବ୍ୟାକୁଳତା ଭିତରେ ଯେତେବେଳେ ନିଜକୁ ପ୍ରକାଶ କଲି, ସ୍ପଷ୍ଟ ମନେ ପଡ଼ୁଛି, ସେ ମୁହୂର୍ତ୍ତରେ ମୁଁ ଯେମିତି କି ଅସହ୍ୟ ଉତ୍ତାପ ଗୋଟାଏ ଅନୁଭବ କଲି, ଯେଉଁ ଉତ୍ତାପର ଜ୍ୱଳନ ଠିକ୍ ଥର୍ମି ମିଟରର ଡିଗ୍ରୀରେ ମପା ହୋଇ ପାରେନା କି ମପାହେବାର କୌଣସି ଯନ୍ତ୍ର ଏପର୍ଯ୍ୟନ୍ତ ତିଆରି ହୋଇଛି କି ନାହିଁ ତା ବି ଜାଣେନା ।

ଆହା, କି ଉତ୍ତେଜନା ସତେ ମନର ପ୍ରଣୟିନୀ ପାଖରେ ପ୍ରଥମ କଥା କହିବାର ଆଗ୍ରହ ଭିତରେ !! ଆଖିର ଭାଷା ଆଉ ଓଠର କମ୍ପନ ଭିତରେ କି ଅଦ୍ଭୁତ ପ୍ରତିଯୋଗିତା ! ନିଜକୁ ବ୍ୟକ୍ତ କରିବାର କି ଦୁରନ୍ତ ନିର୍ଲଜ୍ଜତା ! କି ଉଲଗ୍ନ ଉଚ୍ଛ୍ୱାସ !! କି ଅଚିନ୍ତନୀୟ ଅସହାୟତା !!

ପ୍ରଥମ କଥା, ପ୍ରଥମ ଦେଖାର ଶିହରଣଠାରୁ ପ୍ରଥମ କଥାପଦିକ କହିବାର ଦୁଃସାହସ ବୋଧହୁଏ ଆହୁରି ବେଶୀ ରୋମାଞ୍ଚକର । କ'ଣ କହି ଆରମ୍ଭ କରିବାକୁ

ହେବ, କଣ୍ଠର ସ୍ୱର ଆଉ ଭାଷାର ଅଭିବ୍ୟକ୍ତି ଭିତରେ ଭରି ଦେବାକୁ ହେବ କି ନିଗୂଢ଼ ମମତାର ଉଦ୍‌ବେଗ, ପ୍ରାଣର କି ଅନୁଭୂତିର ସ୍ପର୍ଶାକୁଳତା ସଞ୍ଚାରିତ କରି ଦେବାକୁ ହେବ କଥାର ଶବ୍ଦ ବିନ୍ୟାସ ଭିତରେ, ଭାବି ଠିକ୍ କରିବା ଯେ କି ଦୁଃସାଧ୍ୟ, ତା ଆରତି ସହିତ ପ୍ରଥମ କଥା ପଦିକ କହିଲାବେଳେ ବୁଝିପାରିଲି ।

ପ୍ରଥମ କଥା ପଦିକ କହିଲାବେଳର ଅସହଜ ଭାବ କେବଳ ମୋର ନୁହେଁ…ମୋଠୁ ପ୍ରଥମ କଥାପଦିକ ଶୁଣିଲାବେଳର ଯେଉଁ ସଙ୍କୁଚିତ ଲଜ୍ଜା ଆରତିକୁ ଘର୍ମାକ୍ତ କରି ତୋଳିଥିଲା, ସେ ଉଦ୍‌ବେଗ ମୁହୂର୍ତ୍ତର ଦୃଶ୍ୟ ବି ମୋ ଆଖି ଆଗରୁ ଏ ପର୍ଯ୍ୟନ୍ତ ଲିଭି ନାହିଁ ।

ଦୁହିଁଙ୍କର ଏପରି ଅସ୍ୱାଭାବିକ ଚଞ୍ଚଳତା ମୂଳରେ ପ୍ରଧାନ କାରଣ ଥିଲା…… ଦୁହେଁ ପରସ୍ପରକୁ ଭାବିବା ଆରମ୍ଭ କରିଥିଲୁ ସେଇ ପ୍ରଥମ ରାତିର ଦୃଷ୍ଟି ବିନିମୟ ପରଠୁ । ଦୁହେଁ ସମାନଭାବରେ କିଛି ଅନ୍ୟାୟ କରୁଚୁ ବୋଲି ମନେ ମନେ ଧାରି ହେଉଥିଲୁ…ସେଇଥି ପାଇଁ ବାହାରେ ହଠାତ୍ ଦେଖାଚାହାଁ ବେଳେ, କି ପଢା ପାଖରେ ବସି କଥାବାର୍ତ୍ତା ହେବା ସମୟରେ ଭାବି ଚିନ୍ତି ଖୁବ୍ ସାମାନ୍ୟ ପଦେଅଧେ କ'ଣ କୁହାକୁହି ହେଉଥିଲୁ ସିନା, ଗୁଚ୍ଛାଏ ବକ୍‌ବକ୍ ହେବାର ଉଚ୍ଛ୍ୱାସ ନ ଥିଲା ।

ପଢାପଢ଼ିର ପ୍ରଥମ ଦି-ଚାରି ଦିନ ଖୁବ୍ ଅସ୍ୱସ୍ତିକର ଜଣାଗଲେ ବି ଅସହଜ ଭାବ କ୍ରମଶଃ କଟିଗଲା । ଲଜ୍ଜା ଆଉ ସଙ୍କୋଚ ଆପେ ଆପେ ଚାଲିଗଲା । ଏମିତି ବି ହେଲା, ଦିନରେ ବହୁଥର ଦେଖାହୁଏ । ପ୍ରତିଥର ସେ ମୋ ଆଡ଼େ ଚାହିଁ ହସିବାକୁ ଚେଷ୍ଟା କରୁଚି ବୋଲି ମୋର ମନେ ହୁଏ । ତାପରେ, ମୁଁ ବି ତାଆଡ଼େ ଚାହିଁ ହସିବାକୁ ଚେଷ୍ଟାକରେ । ପର ମୁହୂର୍ତ୍ତରେ ଦୁହେଁ ପୁଣି ଗମ୍ଭୀର ହୋଇ ବିପରୀତ ଦିଗରେ ନିଜ ନିଜର କାମର ବାହାନା କରି ଚାଲିଯାଉ । ଇମିତି ସଦାବେଳେ ହସିବା ଭିତରେ ଗୋଟାଏ ବଡ଼ ଅନ୍ୟାୟ କେଉଁଠି ଲୁଚିରହିଛି ବୋଲି ଉଭୟେ ଧରିନେଇ ହସକୁ ଚୁପି ରଖିବାର ଚେଷ୍ଟାକରୁ । ଯା ଅର୍ଥ ଇମିତି ବି ହୋଇପାରେ, ଏଇ ସାମାନ୍ୟ ମିଳାମିଶାରେ ଏପରି କିଛି ଘନିଷ୍ଠତା ଆସି ନ ଥିଲା, ଯାହା ଫଳରେ ହସଟାକୁ ଗୋଟାଏ ସାଧାରଣ କଥା ବୋଲି ଗ୍ରହଣ କରିନେବାକୁ ପ୍ରସ୍ତୁତ ହୋଇ ପାରିଥିଲୁ ।

ତେବେ ବିବେକର ଅପ୍ରୀତିକର ଶାସନ ସତ୍ତ୍ୱେ ଧୀରେ ଧୀରେ ପରସ୍ପର ଭିତରେ ବେଶ୍ କଥାବାର୍ତ୍ତା ହେଲା । ଏପରିକି ଗୋଟାଏ ଉତ୍ତରର ସତ୍ୟାସତ୍ୟ ବିବେଚନା କରିବାକୁ ଯାଇ ଯଦି ତର୍କ କରିବାକ୍ ପଡ଼େ, ତା ବି କରିବାକ୍ ଛାଡ଼ିଲୁ ନାହିଁ । ପ୍ରଥମେ ପ୍ରଥମେ ଆରତି ଅବଶ୍ୟ ଟିକିଏ ସଙ୍କୁଚିତ ହେଉଥିଲା—ମାତ୍ର ମୁଁ

ଯେଉଁଦିନ ତାକୁ ନିଃସଙ୍କୋଚରେ ତର୍କ କରିବାର ସ୍ୱାଧୀନତା ଦେଲି, ତା' ପରଠାରୁ ଆରତି ତା' ସୂକ୍ଷ୍ମ ବୁଦ୍ଧିରେ ମତେ ଏପରିଭାବରେ ବିବ୍ରତ କରିପକାଏ, ମୁଁ ପରାଜୟ ସ୍ୱୀକାର ନ କରି ରହି ପାରେ ନାହିଁ । ମତେ ପରାଜିତ କରି ଆରତି କମଳାଦେବୀଙ୍କୁ ସାକ୍ଷୀ କରି ହସି ଉଠେ—ମୁଁ ଦୁଃଖ କରେନା, ବରଂ ଆରତି ପାଖରେ ହାରିଯାଇ ମତେ କେମିତି ଟିକିଏ ଖୁସି ଲାଗେ ।

ସ୍କୁଲ ଆଉ କଲେଜର କେତେକ ଘଟଣା ନେଇ ଆମ ଦୁହିଁଙ୍କ ମଧ୍ୟରେ ଏ କଥା ସେ କଥା ନେଇ ନାନା ପ୍ରସଙ୍ଗ ଉଠେ—କିନ୍ତୁ ଆଶ୍ଚର୍ଯ୍ୟ ବିଷୟ, ଏ ସପ୍ତାହଟା ଧରି ପ୍ରେମ ସମ୍ବନ୍ଧରେ କୌଣସି ଆଲୋଚନା କେତେବେଳେ ହେଲେ ହେଇନି । କେବଳ କଥାବାର୍ତ୍ତା ସମୟରେ ପରସ୍ପର ଭିତରେ ଯେଉଁ ଦୃଷ୍ଟି ବିନିମୟଟା ହୁଏ, ସେଇଟା ଅତି କ୍ଷଣିକ ଓ ଚଞ୍ଚଳ ହୋଇଉଠିବା ଛଡ଼ା ମୁହଁର ଭାଷାରେ ମନର ପ୍ରଚ୍ଛନ୍ନ ଉଦ୍ଦେଶ୍ୟର ଏତେ ଟିକିଏ ସୂଚନା କେବେହେଲେ ଫୁଟିଉଠେନି । ସତେ ଯେପରି ଆମ ଦୁହିଁଙ୍କ ଭିତରେ କିଛି ଲେଖାପଢ଼ା ହୋଇଯାଇଛି । ବହିର ପଢ଼ା ପ୍ରସଙ୍ଗ ଛଡ଼ା ଆଉ କୌଣସି ଆଲୋଚନା କି ତର୍କ ବିତର୍କ କରିବା ଦୁହିଁଙ୍କ ପକ୍ଷରେ ଅପରାଧ ।

ମନର ଅନୁଶାସନକୁ ବିବେକ ଯଦି ମାନି ଚଳୁଥାଆନ୍ତା, ତାହେଲେ ଅବଶ୍ୟ କଥା ନ ଥିଲା । କିନ୍ତୁ ସଚରାଚର ଦେଖାଯାଏ, ମନ ସହିତ ବିବେକର ଦ୍ୱନ୍ଦ୍ୱରୁ ହିଁ ଚିନ୍ତା-ରାଜ୍ୟରେ ଘଟେ ବିଭ୍ରାଟ । ଫଳରେ ସମସ୍ତ ଜୀବନଟା ଗଡ଼ିଯାଏ ଅମଡ଼ା ବାଟରେ । ପଛକୁ ଫେରି ହୁଏନା । ବିଚାରି ଶକ୍ତି ଥାଇ ବି କିଛି କରି ହୁଏନା । ଭୁଲ୍ ହୁଏ ପ୍ରତି ପଦେପଦେ । ଆଉ ସେଇ ଭୁଲ୍‌ରୁ ହିଁ ହୁଏ ଯେତେସବୁ ଓଲଟ ପାଲଟ ।

ଅବଶ୍ୟ ଜୀବନର ସେଇ ଭୁଲ୍‌ରୁ କେହି ଦକ୍ଷ ଶିଳ୍ପୀ ଫୁଲ ଫୁଟାଇବାରେ ସକ୍ଷମ ହୋଇପାରେ, କିନ୍ତୁ ମୁଁ ସେତେବଡ଼ ଶିଳ୍ପୀ ଥିଲି ବୋଲି କାହିଁ ଆଜି ଭାବିପାରୁନି ।

ସେଇଥିପାଇଁ ହଠାତ୍ ସେଦିନ ଆରତିକୁ ନିର୍ନିମେଷ ନୟନରେ ମୋ ଆଡ଼କୁ ଚାହିଁ ରହିଥିବାର ଦେଖି ବେଶ୍ ଟିକିଏ ଆଶ୍ଚର୍ଯ୍ୟ ବୋଧକଲି । ମୁଁ ଆଖି ଫେରାଇନେଲି, କିନ୍ତୁ ତା ଦୃଷ୍ଟି ସେଇପରି ସ୍ଥିର ଆଉ ନିଶ୍ଚଳ । ମୁଁ ଲାଗ ଲାଗି ଦୃଷ୍ଟି ପକାଇ ଫେରାଇନେବା ପରେ ଆରତିର ଚାହାଣୀ ସେଇପରି ପଲକହୀନ ହୋଇ ରହିଛି ଦେଖି ସତକୁ ସତ ଚମକିଉଠିଲି । ଏ କ'ଣ ? ଏ କି ଆଶ୍ଚର୍ଯ୍ୟ ? ଆରତି କଣ ମୋ ମୁହଁରୁ କିଛି ଖୋଜୁଛି ? ମୋ ଆଖିର ଚାହାଣୀରେ କ'ଣ କିଛି ଦୋଷ ଅଛି ?

ଟେନିସନଙ୍କର 'ବେଗର୍‌-ମେଡ଼୍‌' କବିତାଟିକୁ ବୁଝାଇବାକୁ ଚେଷ୍ଟା କରୁଥିଲି ; ମାତ୍ର ମନଟା କେମିତି ଅସ୍ଥିର ହୋଇଉଠିଲା । ଭାଷା ଓ ଭାବର ଠିକଣା କିଛି ମିଳିଲା ନାହିଁ । ଗୋଟାଏ ଅଧୀର ବିହ୍ୱଳତା ହୃଦୟର ଭାବନାରାଶିକୁ ଉଦ୍‌ବେଳିତ କରି ପକାଇଲା । ଲଜ୍ଜିତ ହୋଇ ଚାହିଁ ଦେଖେ—ଆରତି ଆଖିରେ ସେହି ପଲକହୀନ ଚାହାଣୀ ; ଆଉ ତାର ଭିତରେ ବଡ଼ ବଡ଼ କୃଷ୍ଣ ତୋଳାଯୋଡ଼ିକ ଯେପରି ମୋ ମୁହଁରେ ଗୋଟାଏ କ'ଣ ଖୋଜି ଖୋଜି ବୁଲୁଚି !!

ମୋର ଧୈର୍ଯ୍ୟଚ୍ୟୁତି ହେଲା । ଆରତିର ଆରକ୍ତ ମୁଖଛବି, ଉଦାସ ଚାହାଣୀ, ପ୍ରକମ୍ପିତ ଅଧର ଦେଖି ମୁଁ ଅସ୍ଥିର ହୋଇପଡ଼ିଲି । ଆଖି ଆଗରୁ ମୋର ଗୋଟାଏ କଳା ଯବନିକା ଉଠିଗଲା । ଛାତି ଭିତରୁ ଗୋଟାଏ ରୁଦ୍ଧ ଆବେଗ ଉଠିଆସି ମୋର ଶ୍ୱାସରୁଦ୍ଧ କରିବାକୁ ବସିଲା । ଯାହା ଜାଣିବା ପାଇଁ ମୁଁ ଆଜିପର୍ଯ୍ୟନ୍ତ ଅନ୍ଧାର ଭିତରେ ଖୋଜି ଖୋଜି ବୁଲୁଛି—ତାକୁ ଇ ଆଜି ହାତ ପାଖରେ ପାଇଛି ଭାବି ଆନନ୍ଦରେ ଅଧୀର ହୋଇଉଠିଲି ମୁଁ । ଉନ୍ମାଦଗ୍ରସ୍ତ ପାଗଳ ପରି ମୋ ମୁଠା ଭିତରେ ତା ହାତକୁ ଚପି ଧରି ଆକୁଳ କଣ୍ଠରେ ଡାକିଲି : ଆରତି ! ତଥାପି ତା'ର ଚେତନା ଫେରି ଆସିଲାନି । କ'ଣ ଭାବି ଭାବି ସେ ଯେପରି ଆତ୍ମହରା ହୋଇପଡ଼ିଚି—ମନଟା ତାର ଯେପରି କେଉଁ ସ୍ୱପ୍ନ ରାଜ୍ୟରେ ଦିଗହରା ।

ଗାଢ଼ ଅନୁଯୋଗରେ ତା' କୋମଳ ହାତ ପାପୁଲିଟିକୁ ପୁଣିଥରେ ହଲାଇଦେଲି । ଏଥର ନିଦରୁ ଚମକି ଉଠିଲା ପରି ଆରତି ସଜଳ ଦୃଷ୍ଟିରେ ମୋ ଆଡ଼କୁ ଚାହିଁ ଥରିଉଠିଲା । ଠିକ୍ ବସନ୍ତ କୁଞ୍ଜରେ ନବ ପୁଷ୍ପିତ କୁସୁମ କଳିକା ମଳୟର ନିବିଡ଼ ଚୁମ୍ବନରେ କମ୍ପି ଉଠିଲା ପରି ତା' ଓଠ ଦୁଇଟି ମୁହୁର୍ମୁହୁ ଥରିଉଠିଲା । ଦେଖିଲି, ଶୁଭ୍ର ଲଲାଟ ବି ଈଷତ୍ କୁଞ୍ଚିତ ଓ ପାଣ୍ଡୁର ହୋଇଉଠିଚି । ସୁକୋମଳ ଚିବୁକ ଦୁଇଟି ଫଗୁରଞ୍ଜିତ ହୋଇଉଠିଚି । ଯେପରି ଗୋଟାଏ ଅବ୍ୟକ୍ତ ବେଦନା ପୁଞ୍ଜୀଭୂତ ହୋଇ ମୁଖଟିକୁ ଅପରୂପ ସୌନ୍ଦର୍ଯ୍ୟରେ ଟଳଟଳ କରି ତୋଳିଚି । ସେତେବେଳେ ତାର ଏଇ କରୁଣ ଦୃଷ୍ଟି ମୋତେ ଏପରି ଆବିଷ୍ଟ କରି ପକାଇଲା—ହଠାତ୍ କାହିଁକି ଇଚ୍ଛା ହେଲା, ତାର ସେଇ ଆନତ, ଉଦାସ, ଆଖି ଦୁଇଟିକୁ ଅବିରାମ ଚୁମ୍ବନରେ ଛୁଇଁଦେଇ ତା ମଧ୍ୟରେ ନିହିତ ବେଦନା ଟିକକୁ ପୋଛିଦେବି । ମାତ୍ର ସାଙ୍ଗେ ସାଙ୍ଗେ ମନଭିତରେ କମିତି ସଙ୍କୋଚ ଭାବ ଆସିଲା । ଦୁଷ୍ଟ ମୋହର ପ୍ରବୃତ୍ତିକୁ ମୁଁ ଜୋରକରି ଦାବିରଖିଲି ସିନା ; ମାତ୍ର କି ମର୍ମାନ୍ତକ ବେଦନାରେ ଯେ ଛାତିଟା ଫାଟିଗଲା ପରି ଲାଗିଲା, ତା ଆଜି ଲେଖାର ଭାଷାରେ ବ୍ୟକ୍ତ କରି ପାରିବିନି ।

× × × ×

ଏ ଭିତରେ ଦରକାରି ଅ-ଦରକାରି ଅନେକ କଥାର ବାହାନା କରି ସୁରେଶ ଆସି କମଳା ଦେବୀଙ୍କ ସାଙ୍ଗରେ ଆନ୍ତରିକତା ଜମେଇ ବସିଛି । ତାଙ୍କ

ଘର ସହିତ କ୍ରମେ ସହଜ ହୋଇଆସିଛି ସମ୍ପର୍କଟା । କାଶୀନାଥ ବାବୁ ତାଙ୍କ ସଂସାର ସମ୍ବନ୍ଧରେ ନିସ୍ପୃହ । ଆଉଥର ପଢ଼ାଶୁଣା ନେଇ ଥରେ ଅଧେ ମୋ ସହିତ ଆଲୋଚନା କରିବା ଛଡ଼ା ଆଉ କେବେ ତାଙ୍କୁ ଘର ଭିତରେ କାହା ସହିତ କଥାଭାଷା ହେବାର ପ୍ରାୟ ଇ ଦେଖାଯାଏନା । କମଳା ଦେବୀ ହିଁ ଘରର ମୁରବୀ । ସେତେବେଳ ସମୟରେ ଝିଅଙ୍କୁ ସ୍କୁଲ କଲେଜକୁ ପଠେଇ ଶିକ୍ଷିତା କରିବାର ଝୁଙ୍କ ଗୃହସ୍ଥଙ୍କର ଏତେ ବେଶୀ ନ ଥିଲେ କ'ଣ ହେଲା, କମଳା ଦେବୀଙ୍କ ବାପା ଥିଲେ ବଡ଼ ଆଧୁନିକ ଢଙ୍ଗର ଲୋକ । ଘରେ ଗାଁ ସ୍କୁଲର ହେଡ଼ମାଷ୍ଟ୍ରଙ୍କୁ ରଖି ଝିଅକୁ ସେ ଯାହା ପଢ଼େଇଥିଲେ, ସେଥିରେ କମଳା ଦେବୀଙ୍କୁ ଓଡ଼ିଆ ବଙ୍ଗଳା ଉପନ୍ୟାସ ପଢ଼ିବା ଛଡ଼ା ଇଂରାଜୀରେ ପଦେ ଅଧେ କଥାଭାଷା ହେବା ପାଇଁ ପଛେଇବାକୁ ପଡ଼ୁ ନ ଥିଲା ସ୍ଥଳବିଶେଷରେ । ସବୁଠାରୁ ବିଶେଷ ସଦ୍‌ଗୁଣ ଥିଲା କମଳା ଦେବୀଙ୍କର—ଗୀତ, ନାଚ ପ୍ରତି ଝୁଙ୍କ । କଳା-କବିତା ପ୍ରତି ସ୍ୱାଭାବିକ ମୋହ ଆଉ ଆକର୍ଷଣ ବି ଥିଲା ତାଙ୍କର ପ୍ରଚୁର । ସେଇଥିପାଇଁ ସୁରେଶ ପାଖରେ ସେ ପାଇ ଯାଇଥିଲେ ସମୟ କଟାଇବା ପାଇଁ କିଛି ତର୍କର ଖୋରାକ ।

ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ, ଆଉ କବିସୂର୍ଯ୍ୟଙ୍କ ସଙ୍ଗୀତ ସଂଗ୍ରହଠୁ ଆରମ୍ଭ କରି ଉତ୍କଳ-ସାହିତ୍ୟ ପତ୍ରିକା ଯୁଗର ଆଧୁନିକ କବିଙ୍କର ବହୁ କବିତା ସଞ୍ଚୟନ ରଖିଥିଲେ କମଳା ଦେବୀ । ସୁରେଶ ପଢ଼େ କି ନାହିଁ କେଜାଣି, ହୋ-ହଲ୍ଲା କରି ନେଇଯାଏ ଆସି ଖଣ୍ଡେ ଖଣ୍ଡେ । ହୁଏତ କିଛି କିଛି ପଢ଼େ । କାରଣ ବହି ଫେରେଇଲା ବେଳକୁ କମଳା ଦେବୀ ପଚାରି ବସନ୍ତି : କେମିତି ଲାଗିଲା ? ସୁରେଶ କ'ଣ କ'ଣ ସବୁ ଗପେ । ଗପିବାରେ ଭାରି ଉତ୍ସାହିତ ଦେଖାଯାଏ ତାକୁ । ମୁଁ କିନ୍ତୁ ପସନ୍ଦ କରେନା ତାର ଏତେଟା ନଦ-ଘସ ହେବାର ଗୁଲି-ଚଳନଟାକୁ । ହେଲେ ପ୍ରତିବାଦ କରିବାର କୌଣସି ସୁବିଧା ନ ଥାଏ ମୋ ହାତରେ ; ବରଂ ମୋ ଅନିଚ୍ଛାସତ୍ତ୍ୱେ ମତେ ବି ଯୋଗ ଦେବାକୁ ହୁଏ ଆଲୋଚନାରେ । ଓଡ଼ିଆ ପ୍ରାଚୀନ ସାହିତ୍ୟରେ ବିଶେଷ କିଛି ନାହିଁ । ଭାଷା ଆଉ ଶବ୍ଦର ସମାହାର କଥା ଯାହା ଶୁଣିବାକୁ ମିଳେ ଭଞ୍ଜୀୟ କାବ୍ୟଭକ୍ତଙ୍କଠାରୁ ତା ବି ଗୋଟାଏ ଫମ୍ପା ଯୁକ୍ତି ! ସୁରେଶ କହେ—ଗୁଡ଼ାଏ ଆବୁରୁ ଜାବୁରୁ ଶବ୍ଦର ଜମକ ଆଉ ଲହରିଦିଆ ଗାଇବାର ଗୁରୁତ୍ୱ ଏଇଆ କଣ ସରସ କାବ୍ୟର ମାପକାଠି ?

କମଳା ଦେବୀ ପ୍ରତିବାଦ କରନ୍ତି । କହନ୍ତି —ରାଧାନାଥଧର୍ମୀ ସାହିତ୍ୟ କିନ୍ତୁ ପ୍ରକୃତ ଓଡ଼ିଆ ସାହିତ୍ୟ ନୁହେଁ ସୁରେଶ ! ସେଥିରେ ବଙ୍ଗଳାର ଛାପ ଏତେ ବେଶୀ ଯେ ମୁଁ ତା ଭିତରେ ଓଡ଼ିଶୀ-ପ୍ରାଣପ୍ରକାଶକୁ ଖୋଜି ପାଏନା । ଆଉ ଯୁ' ସାହିତ୍ୟରେ ମୋ ଭାଷାର ପ୍ରକାଶ ନାହିଁ, ମୋ ଦୈନନ୍ଦିନ ଜୀବନର ଭାବ-ଉଚ୍ଛ୍ୱାସ

ନାହିଁ, ମୋ ଜାତୀୟ କଳାନୈପୁଣ୍ୟର ବର୍ଣ୍ଣ-ବ୍ୟଞ୍ଜନା ନାହିଁ, କେମିତି ମାନିବି ସେ ସାହିତ୍ୟ ମୋ ଜାତିର ଗର୍ବ ଆଉ ଜୀବନର ଅହଙ୍କାର ବୋଲି ।

କେବେ କେବେ ଏମିତିସବୁ ଯୁକ୍ତିତର୍କରେ ମୁଁ ବି ଭାଗ ନିଏ । କହେ ମଝିମଝିକିଆ ଗୋଟାଏ ମନ୍ତବ୍ୟ । କହେ, ଖାଲି ଶବ୍ଦର ଅନୁପ୍ରାସ ଯେମିତି ଭଲ ସାହିତ୍ୟ ନୁହେଁ, ସେଇମିତି ନିଜ ସାମାଜିକ ଜୀବନର ଘାତମାତବର୍ଜିତ ଏକ ପ୍ରାଦେଶିକ ସାହିତ୍ୟର ପ୍ରକାଶଭଙ୍ଗୀ ଆଉ ଲିଖନଶୈଳୀ ବି ଠିକ୍ ଆମ ଦେଶର ମାଟି-ପବନରେ ଉଧେଇ ପାରିବନି ବେଶି ଦିନ । ତା ମଉଳିଯିବ···

ମନେ ପଡ଼ୁଛି, ସେଦିନ ମୋର ଏଇପରି ଏକ ମନ୍ତବ୍ୟକୁ କମଳା ଦେବୀ ଖୁବ୍ ପ୍ରଶଂସା କରିଥିଲେ । କହିଥିଲେ : ଠିକ୍ କହୁଛ ଉମ, ଓଡ଼ିଆ ସାହିତ୍ୟ ପାଇଁ ଏକ ପରୀକ୍ଷାର ଦିନ ଆସିଛି ଏଇ ଆଲୋକପ୍ରାପ୍ତ ସାମାଜିକ ଜୀବନର ଉନ୍ମେଷ ଭିତରେ । ଖାଲି ପୁରୁଣାକୁ ଧରିରଖିଲେ ଚଳିବ ନାହିଁ କି ଇଂରାଜୀ ସାହିତ୍ୟର ରଙ୍ଗ-ଢଙ୍ଗକୁ ଅନୁକରଣ କରି ଆମେ ଯାହା ନୋହୁଁ, ଯାହା ହେଇପାରୁନା, ତାର ଏକ ନିର୍ଲଜ ଅନୁକରଣ କଲେ ଚଳିବ ନାହିଁ । ମୋଟ ଉପରେ ଆମକୁ ଏପରି ଏକ ସାହିତ୍ୟ ଗଢ଼ିବାକୁ ହେବ, ଯାହା ହେବ ଦେଶ-ଦର୍ଶୀ ଆଉ ଜୀବନଧର୍ମୀ···

ଏଇ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ପରେ ଆମେ ଦୁହେଁ ଚୁପ୍ ହେଇଯାଉ । ସୁରେଶ ହାରିଗଲା ପରି ଭଙ୍ଗୀ ଦେଖେଇ ଯିବାକୁ ଉଠି ଛିଡ଼ା ହୁଏ । ଆଉ ତାରି ସାଙ୍ଗେ ସାଙ୍ଗେ ମୁଁ ବି ଖସି ପଳେଇଆସେ ବାହାରକୁ ।

କିନ୍ତୁ ଯୁ' କଥାଟା କହିବା ପାଇଁ ଏ ତର୍କ-ପର୍ବର ସୂଚନା ଦେବାକୁ ଗଲି, ସେଇଟା ଏତେବେଳ ଯାଏଁ ନ କହି ରହିଯାଇଛି ।

କମଳା ଦେବୀ ଖୁବ୍ ଆଧୁନିକା ହେଲେ ବି ଆମ ତିନିଜଣଙ୍କର ଯୁକ୍ତିତର୍କ ଭିତରକୁ କିନ୍ତୁ ଆରତିକୁ କେବେ ଟାଣନ୍ତିନି । ଏପରି କି ଥରେ ଆମେ କଣ କଥାବାର୍ତ୍ତା ହେଉଥିଲୁ ବେଳେ ଆରତି ସେ ଘରକୁ କ'ଣ ଗୋଟାଏ ନବା ପାଇଁ ପଶି ଆସିବାରୁ, କମଳା ଦେବୀ ତାକୁ ସାଙ୍ଗେ ସାଙ୍ଗେ ତାଗିଦ୍ କରି ଫେରେଇଦେଇ କହିଲେ : ଯା ପଢ଼େ ଆସି ଖୋଜିବୁ । ଦିପହରେ ନ ଶୋଇ ଟୋ-ଟୋ ହୋଇ ବୁଲୁଚୁ କାହିଁକି ଏ ଘର ସେଘର ।

ସେଇ ଥରକ । ତାପରେ କେବେହେଲେ ଆଉ ଆରତିର ଦେଖା ହେଇନି ସୁରେଶର ଉପସ୍ଥିତି ବେଳେ ଆମ ଘରେ, ଯୁକ୍ତିତର୍କ ସମୟରେ ।

:କମଳା ଦେବୀ କାବ୍ୟରସିକା ହେଲେ କଣ ହେବ ଝିଅକୁ ଶାସନ କରିବାରେ ବଡ଼ କଡ଼ା—ସୁରେଶ କହିଲା ଦିନେ, କ୍ୟାପିଟେଲ୍ ସିନେମାର ଧୂସର ଅନ୍ଧକାର ଭିତରେ ।

କିଛି ମନ୍ତବ୍ୟ ନ କରି ମୁଁ ଚୁପ୍ ହେଇ ରହିଲି । ସୁରେଶ ପୁଣି ପଚାରିଲା, : ଆଜିକାଲି ବଡ଼ ଗମ୍ଭୀର ଦେଖାଯାଉଛୁ ଯେ ?

: କାହିଁ ? ମୁଁ ଚମକିଲା ପରି ହୋଇ କହିଲି । ମତେ ଦେଖିବାରେ ତୋର ଏ ଭିତରେ ଦୃଷ୍ଟିର ପରିବର୍ତ୍ତନ ହୋଇଛି ।

: ଆରତିକୁ ତ ଟିଉସନ୍ କରୁଚୁ ଶୁଣିଲି । ସୁରେଶ ପୁଣି ପଚାରିଲା ।

: ବିଶେଷ ଉଲ୍ଲେଖଯୋଗ୍ୟ ସମ୍ବାଦ ନୁହେଁ । ସେଇଥିପାଇଁ ତତେ କହି ନାହିଁ । ମୁଁ ସାଙ୍ଗେ ସାଙ୍ଗେ ଜବାବ ଦେଲି ।

: ମତେ ଫାଙ୍କି ଦେଉଚୁ ? ସୁରେଶ ପଚାରିଲା ।

କହିଲି : ତୋର ସେମିତି ମନେ ହେଉଛି । କାରଣ ଆରତି ପ୍ରତି ତୋର ଦୁର୍ବଳତା ଅଛି ।

ସେଇ ଅନ୍ଧାରରେ ଠୋ ଠୋ କରି ହସିଉଠିଲା ସୁରେଶ । କହିଲା, : ମନସ୍ତତ୍ତ୍ୱବିଦ୍ ହୋଇ ଉଠିଲୁଣି ଏ କେତୋଟା ଦିନ ଭିତରେ ଦେଖୁଚି ।

: ସୁଖ୍ୟାତିଟା ତୋର ; କାରଣ କଲମ୍ବସ ଭାରତବର୍ଷ ଆବିଷ୍କାର କଲା ପରି ମୋ ମନର ପୃଥିବୀରେ 'ମନସ୍ତତ୍ତ୍ୱବିଦ୍'କୁ ତୁ ଚିହ୍ନଟ କରିଛୁ ।

କଣ ହେଲା କେଜାଣି, ସୁରେଶ ଫଟ୍ କରି ଉଠି ଚାଲିଗଲା ଅଧା ଖେଳରୁ । ଏପରି ଗୋଟାଏ ଅସ୍ୱାଭାବିକ ପରିସ୍ଥିତି ପାଇଁ ମୁଁ ଆଦୌ ପ୍ରସ୍ତୁତ ନ ଥିଲି । ସୁରେଶ କାହାଠୁ ଜାଣିଲା, ମୁଁ ଆରତିକୁ ପଢ଼ଉଛି ? ମାଉସୀଙ୍କଠାରୁ ? ମନକୁ ମନ ଭାବିଲି ।

ସେଦିନ ଆଉ ସିନେମା ଦେଖିବାକୁ ମନ ଲାଗିଲା ନାହିଁ । ସୁରେଶ ପଛେ ପଛେ ମୁଁ ବି ଉଠି ଆସିଥିଲି ।

ପଢ଼ାଘରକୁ ଆସି ମୋର କ୍ଲାନ୍ତ ଦେହକୁ ଶେଯ ଉପରେ ଫିଙ୍ଗିଦେଇ କେତେ କଣ ଭାବିଗଲି । ସୁରେଶ ମୋର ଅନ୍ତରଙ୍ଗ ବନ୍ଧୁ । ଆରତି ନେଇ ତା ସହିତ ମାନ ମନାନ୍ତର ସୃଷ୍ଟି କରିବା ଆଦୌ ଉଚିତ୍ ନୁହେଁ । ବରଂ ଯେତିକି ହୋଇଛି ସେତିକି । ଏଣିକି ଆରତି କଥା ମତେ ଭୁଲିଯିବାକୁ ହେବ । ବନ୍ଧୁ ପାଇଁ ମୋର କର୍ତ୍ତବ୍ୟ କରିବାକୁ ହେବ । ପ୍ରତିଶ୍ରୁତି ଦେଇଚି ସୁରେଶକୁ—ଆରତି ସହିତ ତାକୁ ବିବାହ କରାଇଦେବା ପାଇଁ ପ୍ରସ୍ତାବ ଆଣିବି କମଳା ଦେବୀଙ୍କ ପାଖରେ । କାହିଁ, ସେ ବିଷୟରେ ଯେ ମୁଁ ସମ୍ପୂର୍ଣ୍ଣ ଆତ୍ମ-ବିସ୍ମୃତ ହୋଇ ରହିଛି ! ଛି ଛି, ବନ୍ଧୁ ପ୍ରତି କି ଅବିଚାର ମୁଁ କରିଛି ! ନିଜ ପ୍ରତି ଧିକ୍କାରରେ ମନ ବିଷେଇ ଉଠିଲା ।

କିନ୍ତୁ ଏ ଭାବନା କେବଳ କ୍ଷଣିକ ପାଇଁ । ଭାବନାର ଗତିସ୍ରୋତରେ ପର ମୁହୂର୍ତ୍ତରେ ପୁଣି ଯେତେବେଳେ ଆରତିର ଛବି ଆଖି ଆଗରେ ନାଚିଉଠିଲା, ମୁଁ ଆତ୍ମବିସ୍ମୃତ ହୋଇଗଲି । ତା କମନୀୟ ତନୁଲତାର ଲୀଳା-ଚଞ୍ଚଳ ଗତି, କୁଣ୍ଠାନତ ମୁଖର ଅରୁଣିମା, ଚକିତ ନୟନର ସ୍ନିଗ୍ଧ ମାଦକତା ସବୁ ପୁଣି ଖେଳିଗଲା । ବୁଦ୍ଧି ବିବେକ ହରାଇ ମାତାଲ ପରି ଦିଗହରା ହୋଇଗଲି ମୁଁ ।

ମଝିରେ ମଝିରେ ଚମକ ପଡ଼ିଲା ପରି ମୋର ଜ୍ଞାନୋଦୟ ହୁଏ। ଭାବେ, ମୋର ଗନ୍ତବ୍ୟ କେଉଁଆଡ଼େ? ମୋର ଲକ୍ଷ୍ୟ କେଉଁଠି? କିନ୍ତୁ ସେ ସବୁର ବିବେଚନା କରିବାକୁ ଯାଇ ଶ୍ୱାସ ମୋର ରୁଦ୍ଧ ହୋଇଆସେ ଯେମିତି। ଗୋଟାଏ ଦୁଃସ୍ୱପ୍ନକୁ ମନମଧ୍ୟରୁ ଝାଡ଼ି ପକାଇଲା ପରି ଯେତେ ଅଶୁଭ ଚିନ୍ତାକୁ ଆରତର ସୁନ୍ଦର ମୁହୂର୍ତ୍ତି କଥା ସ୍ମରଣ କରି ଏଡ଼େଇ ଯାଏ। ଭାବ-ବିଳାସୀ ମନ ନେଇ ପୁଣି ଉଦ୍‌ଭ୍ରାନ୍ତଙ୍କ ପରି ଆଗେଇ ଚାଲେ···

## ॥ ୬ ॥

ସକାଳ ଡାକରେ ସରୋଜବାବୁଙ୍କ ଚିଠି ଆସିଥିଲା। ସାମାନ୍ୟ କେତୋଟା ଦିନ ପାଇଁ ପୁରୀ ଆସିଥିଲି। ଏଇ ଟିକିକ ଛଡ଼ା-ଛଡ଼ିରେ ସରୋଜବାବୁ ଯେ ଏତେ ବ୍ୟତିବ୍ୟସ୍ତ ହୋଇ ଉଠିବେ, ଏ ଧାରଣା ମୋର ନ ଥିଲା। ଆଶ୍ଚର୍ଯ୍ୟ ହେଲି। ଖାମ୍ ଫାଡ଼ି ଦେଖିଲି ଗୁଲ୍‌ଫୋଳର ଲମ୍ବାଚଉଡ଼ା ଚିଠି। ଚମତ୍କାର ଓଡ଼ିଆ ହସ୍ତାକ୍ଷରରେ ଲେଖା।

ବୋଉ ପାନ ଖାଇବାକୁ ଘର ଭିତରକୁ ପଶିଆସି ମୋ ହାତରେ ଚିଠି ଦେଖି ଆଚମ୍ବିତ ହୋଇ ପଚାରିଲା—କଟକରୁ ତୋତେ ଏଡ଼େବଡ଼ ଚିଠି କିଏ ଦେଇଛି ରେ?

: ସରୋଜବାବୁ, ମୁଁ କହିଲି ନମ୍ରରେ।

: କ'ଣସବୁ ଲେଖିଛନ୍ତି?

: ଏଇ ତ ପଢ଼ୁଛି।

: କଟକ କେବେ ଯିବୁ?

: ଦି ଚାରି ଦିନ ଭିତରେ। କାହିଁକି? ଚିଠି ପଢ଼ୁ ପଢ଼ୁ ମୁଁ ଅନ୍ୟମନସ୍କ ଭାବରେ ପଚାରିଲି।

ପିଢ଼ାଳ ବଟା ପାଖରେ ଚକାପକେଇ ପାନ ଭାଙ୍ଗୁ ଭାଙ୍ଗୁ ବୋଉ କହିଲା, : ଯଦି ସାତ ଆଠ ଦିନ ରହନ୍ତୁ, ତତେ ନେଇ କଲିକତା ଟିକିଏ ବୁଲିଆସନ୍ତି। ମାଇଁ ର ପେଟ ଅପରେସନ ହବ ବୋଲି ଚିଠି ଲେଖିଚି ମହନ। ବେଶୀ ବଳାବଳ ହୋଇଥିବ ଯଦି, ମୁଁ ରହିବି···ରୁ ପଛେ ମତେ ଛାଡ଼ିଦେଇ ଚାଲିଆସନ୍ତୁ।

: ଚାଲି ପାରିବୁ ଯାଇଁ କଲିକତାରେ! ମୁଁ ଆଶ୍ଚର୍ଯ୍ୟରେ ପଚାରିଲି।

: ଚାଲି ପାରିବୁନି କାହିଁକି ? ଶ୍ୟାମ ବଜାରରେ ମାମୁଁର ତ ରଜା ଉଆସ ପରି ଘର...

: ଘର ପାଇଁ ମୁଁ କହୁଛି ? ତୋର ତ ବାର ଓପାସ ତେର ବ୍ରତ । ସେଠି ତୋ ଖିଜ୍‌ମତ କରିବ କିଏ ?

: ଓହୋ, ଯା ବୋଲି ଦଶ, ପନ୍ଦର ଦିନ ଚାଲି ପାରିବିନି ?

: ଏଠି ବାପାଙ୍କ କଥା କରିବ କିଏ ?

: କାହିଁକି ? ବୋଉ ଖଣ୍ଡେ ପାନ ପାଟିରେ ଗୁଞ୍ଜି କହିଲା—ଆଉଡିବୋଉ ଅଛନ୍ତି । ଆଉ ଆମ ଗୁକରଟା ତ ଅଛି । କେଉଁଟା ଦିନ ଯେ ! ମହିନ କାନ୍ଦୁ କେତେ ନେହୁରା ହୋଇ ଚିଠି ଦେଇଚି ଗୋଟାଏ ଲୋକ ହାତରେ । କଲିକତାରୁ ଗୋଟାଏ ଲୋକ କିଏ କାଲି କଟେକରେ କାମ ଥିଲା ବୋଲି ଆସିଲା ଯେ, ସେଇ ଆସି କହୁଥିଲା ବାପାଙ୍କୁ, ଯେମିତି ହେଲେ ମତେ ଯିବାକୁ ଦଶ ବାର ଦିନ ପାଇଁ । କ'ଣ କହୁଚୁ ?

ଚିଠି ପଢ଼ା ପ୍ରାୟ ସରି ଆସିଥିଲା । କହିଲି : ମୁଁ ଯାଇ ପାରିବିନି । କଲିକତାର କୋଉଠା ମୁଁ ଦେଖିନି । କୁଆଡ଼େ ମତେ ଗ୍ରୁଡ଼ିବୁ ଯେ... ତତେ ନେଇ ସାଙ୍ଗରେ ଯିବି । ଘରୁ ଗୋଡ଼ କାଢ଼ିଲେ ହଜିଯିବ ବୋଲି ତ ଦୁନିଆଯାକର ଭୟ...

: କଲେଜରେ ପଢ଼ିଲୁଣି ! ବୋଉ କହିଲା କେମିତି ଟିକିଏ ଗର୍ବରେ, ତୁ କଣ ଆଉ କୋଳରେ ପଶିଚୁ ? କଟକ ଗଲୁଣି, କଲିକତା ନେଇଯାଇ ପାରିବୁନି !

ମନକୁ ମନ ହସିଲି ଟିକିଏ । ବୋଉ ପାଖରେ କଟକ ଯାହା, କଲିକତା ତା ତୁଳନାରେ ଯେମିତି କେଡ଼େ ସାମାନ୍ୟ । କହିଲି : କଲିକତା ସମ୍ବନ୍ଧରେ ତୋ ଧାରଣାଟା କ'ଣ ବୁଝିପାରୁ ନାହିଁ ?

: କାହିଁକି, କଲିକତାଟା ଇମିତି କଣ କି ? ଅବଜ୍ଞା ଗଳାରେ ପଚାରିଲା ବୋଉ ।

: କ'ଣ ? ମୁଁ ବା କ'ଣ ତତେ ବୁଝେଇ କହିପାରିବି ! ତେବେ ଗୋଟିଏ କଥା କଲେ ହବ ।

ବୋଉ ମୋ ମୁହଁକୁ ଆଗ୍ରହ ଦୃଷ୍ଟିରେ ଚାହିଁଲା ।

କହିଲି : ଚିଠିରେ ସରୋଜବାବୁ ଲେଖିଛନ୍ତି, ସେ ଦି ଚାରି ଦିନ ଭିତରେ କଲିକତା ଯିବେ ତାଙ୍କ ସ୍ତ୍ରୀ ହେବାକୁ ଆଣିବା ପାଇଁ । ମତେ ଚିଠି ପାଇଲାମାତ୍ରେ ବସିବାଠୁ ଉଠିଯିବାକୁ ଅନୁରୋଧ କରିଛନ୍ତି । ତାଙ୍କ ଇଚ୍ଛା ମତେ ସାଙ୍ଗରେ ନେଇ କଲିକତା ବୁଲେଇ ଆଣିବେ । ତାଙ୍କର ଇମିତି କଲିକତା ଯିବା ସୁବିଧା ପାଇଥିଲେ ମୁଁ ଏ ଛୁଟିରେ ଏଠିକି ନ ଆସି ସେଣେ ଯାଇ ବୁଲି ଆସିଥାନ୍ତି । ଯା' ହେଉ ଛୁଟି

ଏଇନା ଗୃହ ପାଞ୍ଚ ଦିନ ଅଛି । ଯଦି କହୁଛୁ ତେବେ କାଲି ଆମେ ଏଠୁ କଟକ ଗଲେ ସରୋଜବାବୁଙ୍କୁ ସାଙ୍ଗରେ ନେଇ ପଅରଦିନ କଲିକତା ଯାଇ ପାରନ୍ତେ ।

ବୋଉ କହିଲା : ହଉ । ବାପାଙ୍କୁ ମୁଁ ଆଜି କହେ । ତାଙ୍କ କଥା କ'ଣ ? କାଲି ତ ମଙ୍ଗିଥିଲେ, ଆଜି କ'ଣ କହୁଛନ୍ତି କେଜାଣି ? କହି, ବୋଉ ତରତରରେ ଉଠି ଚାଲିଗଲା ।

ଚିଠିଟାକୁ ପୁଣିଥରେ ପଢ଼ିଲି । ଲେଖାର ପ୍ରତି ଛନ୍ଦେ ଛନ୍ଦେ ଯେପରି ପ୍ରାଣର ମମତାଭରି ରହିଛି । ଚିଠିରେ ଗୋଟାଏ ଜାଗାରେ ଲେଖିଥିଲେ ସରୋଜବାବୁ, : କଲିକତାରୁ ଗୋଟାଏ ଜରୁରୀ ଚିଠି ଦେଇଚି ମୋ ସ୍ତ୍ରୀ, ତାକୁ ଯାଇଁ ନେଇ ଆସିବାକୁ । ଆଠ ମାସର ଝିଅ ତନ୍ଦ୍ରାର ଦେହ ଭଲ ରହୁ ନାହିଁ । କଲିକତା ଜଳବାୟୁ ତା ଦେହରେ ଯାଉ ନାହିଁ । ଓଡ଼ିଶାର ପାଣି-ପବନରେ ବହୁଦିନ ଧରି ଅଭ୍ୟସ୍ତ ହୋଇଯିବା ଫଳରେ ସେଠାକାର ଆବ୍‌ହାଓ୍ୱା କେମିତି ଅସ୍ୱସ୍ତିକର ଲାଗୁଛି ।

ଚିଠିର ଆଉ ଗୋଟାଏ ଜାଗାରେ ଆଖି ପଡ଼ିଗଲା । ଲେଖାଥିଲା — ତୁମକୁ ଶୀଘ୍ର ଫେରି ଆସିବାକୁ ଲେଖୁଛି—ତା'ର କାରଣ ତୁମ ସହିତ ଅଛି ଜରୁରୀ ପରାମର୍ଶ । ଅଲକା କଥା ତୁମକୁ ଏ ଭିତରେ କଥା ପ୍ରସଙ୍ଗରେ କେବେ କହିଛି କି ନାହିଁ ମନେ ନାହିଁ । ତା' ନେଇ ମୁଁ ବଡ଼ ଚିନ୍ତିତ । ବଡ଼ଭାଇ ତାକୁ ପିଲାଟି ଦିନରୁ ଦି ଆଖିରେ ଦେଖିପାରନ୍ତି ନାହିଁ । ମୋ ସ୍ତ୍ରୀ ଆସିଲେ ଏଥର ସେ ବି ଏଠିକି ଆସି କଲେଜରେ ନାଁ ଲେଖେଇବ ବୋଲି ଜିଦ୍ ଧରିଛି । ମୋର ଏଇ ଜ୍ୟେଷ୍ଠ ଭଉଣୀଟିକି ମୁଁ ପ୍ରାଣ ଦେଇ ଭଲ ପାଏ । ଯେତେ ଅସୁବିଧା ହେଉ ପଛେ ମୁଁ ତାକୁ ନିଶ୍ଚୟ ଆଣିବି ସାଙ୍ଗରେ । ତେବେ କଲେଜରେ ତାର ଆଡ଼ମିସନ୍ ନେଇ ତୁମର ସାହାଯ୍ୟ ଆଉ ପରାମର୍ଶ ଏକାନ୍ତ ଦରକାର । ଏଠୁ କଲିକତା ସେମାନଙ୍କୁ ଆଣିବାକୁ ଯିବା ଆଗରୁ ତୁମର ମତାମତ ମୋର ସର୍ବାଗ୍ରେ ପ୍ରୟୋଜନ । ଶୀଘ୍ର ଆସ ।

ଆଶ୍ଚର୍ଯ୍ୟ ହେଲି । ଏ ଭିତରେ ସରୋଜ ବାବୁ ମତେ ତାଙ୍କ ପରିବାର ସଂକ୍ରାନ୍ତୀୟ ଭଲ ମନ୍ଦ କାର୍ଯ୍ୟକ୍ରମର ଉପଦେଷ୍ଟା ହିସାବରେ କେବେଠୁ ଗ୍ରହଣ କରିନେଇଛନ୍ତି, ଭାବି ପାରିଲି ନାହିଁ ।

ମନେ ମନେ ଗୋଟାଏ ଗଭୀର ଆତ୍ମପ୍ରସାଦରେ ଫୁଲିଉଠି ଚିଠିଟାକୁ ପୁଣିଥରେ ମୂଳରୁ ପଢ଼ିବାକୁ ଯାଉଛି, ହଠାତ୍ ଯେମିତି କାହାର ଉପସ୍ଥିତିରେ ଚମକି ଉଠିଲି । ଦୁଆର ଆଡ଼କୁ ମୁହଁ ବୁଲେଇ ଦେଖେ କବାଟ ପାଖରେ ସନ୍ତର୍ପଣରେ ଠିଆ ହୋଇଚି ଆରତି । ତାର ଗୋଟିଏ ହାତରେ ଚାଇନା ପ୍ଲେଟରେ କ'ଣ ସବୁ ଖାଇବା ଜିନିଷ ଆଉ ଗୋଟିଏ ହାତରେ ନେଲୀ କାଚ ଗ୍ଲାସରେ ପାଣି ।

: କ'ଣ ସେସବୁ ? ମୁଁ ଏଇକ୍ଷଣି ଖାଇଚି । ନମ୍ର କଣ୍ଠରେ କହିଲି ।

ମୋ କଥା ଶୁଣି ନ ଶୁଣିଲା ପରି ସେ ଆଗେଇଆସି ଖଟ ଉପରେ ରଖିଦେଲା ଜଳଖିଆ ପ୍ଲେଟ । କହିଲା : ସାକ୍ଷୀଗୋପାଳଙ୍କ ପାଖରେ ଭୋଗ ହୋଇ ସରପୁଳି ଆସିଛି । ଆପଣଙ୍କୁ ଖାଇବାକୁ ହେବ । ବୋଉ ପଠେଇ ଦେଇଚି । କହି ସେ ମୋ ଆଡ଼କୁ କପଟ ସ୍ନିଗ୍ଧ ଭଙ୍ଗୀରେ ଟିକିଏ ଚାହିଁଲା । ସ୍ପଷ୍ଟ ଭାବରେ ତା ଆଡ଼କୁ ନ ଚାହିଁ ରହିପାରିଲି ନାହିଁ । ଦୁଇ ଭ୍ରୂଲତାର ମଝିରେ ଗୋଟିଏ ଛୋଟ କୁଙ୍କୁମର ବିନ୍ଦୁ—ଦୁଇ ପାଖରେ ଦୁଇଟି ଅତଳ ଗଭୀର କଳା ଆଖିର ତାରା—ମୋ ଆଡ଼କୁ ନିର୍ନିମେଷ ଭାବରେ ଚାହିଁ ରହିଛନ୍ତି । ବିଜୟିନୀର ଦୃଷ୍ଟି !

ଈଷତ୍ ଗୋଲାପି ରଙ୍ଗର ଖଣ୍ଡିଏ ମିଲ୍ ଶାଢ଼ୀ ପିନ୍ଧିଛି ଆରତି । ଅଗ୍ନିଶିଖା ପରି ହଳଦିଆ ବର୍ଣ୍ଣର ବ୍ଲାଉଜ୍ ପରିପୁଷ୍ଟ ଦେହ ଉପରେ ଚିପି ବସିଲା ପରି ଜଡ଼ି ରହିଛି । ଶୁଭ୍ର ନିଟୋଳ ହାତରେ ଚୁର-ଚୁର ପଟ ସୁନାକାଚ ଆଉ ପଟେ ପଟେ ସରୁ ଚୁଲି । ବେକରେ ଖୁବ୍ ଘନ ହୋଇ ବେଣିଆ ମୋଟା ବିଛା ହାର—ସୁନା ଦେବୀ ପ୍ରତିମାର କଣ୍ଠଦେଶରେ ହଳଦିଆ କନିଅର ଫୁଲର ମାଳା ଶୋଭା ପାଇଲା ପରି···ତା ପ୍ରସନ୍ନ ମନର ଦୀପ୍ତି ଯେପରି ଝଟକୁଥିଲା କଣ୍ଠହାରର ବର୍ତ୍ତୁଳ ଲକେଟ୍‌ରେ ।

ବିସ୍ଫାରିତ ଆଖିରେ ଏଇ ପ୍ରଥମ ଥର ପାଇଁ ପରିପୂର୍ଣ୍ଣ ଦୃଷ୍ଟିରେ ମୁଁ ଦେଖିଲି ଆରତିକୁ ।

: ଖାଇବାକୁ ହେବ । ଆରତିର କଣ୍ଠସ୍ୱରରେ ଯେମିତି କେତେ ଯୁଗର ଭାବପ୍ରବଣତା ! ଯେମିତି କେତେ ଆନ୍ତରିକତାର କୋମଳ ସ୍ପର୍ଶ !! ଦୃଷ୍ଟିରେ ଆତ୍ମପ୍ରତ୍ୟୟର ହସ, ବିଶ୍ୱମୋହିନୀର ପୁଲକିତ ଠାଣି ! କିନ୍ତୁ ଖୁବ୍ ବେଶୀ ସମୟ ପାଇଁ ରହିଲାନି ସେ ସ୍ମିତ ହାସ୍ୟଚ୍ଛଟାର ମାଧୁରୀ । ତା କୃଷ୍ଣ-କଜଳ ଆଖିର ଡୋଳାରେ କେତେଗୁଡ଼ିଏ ଚଞ୍ଚଳ ଅଭିବ୍ୟକ୍ତିର ତରଙ୍ଗ ଖେଳିଗଲା ପଛକୁ ପଛ । କେତେଗୁଡ଼ିଏ ଅସଂଲଗ୍ନ ଚିନ୍ତାର ଭାବାବେଶ—ଯାହାର ନିର୍ଦ୍ଦିଷ୍ଟ ଅର୍ଥ ଯେମିତି କିଛି ନାହିଁ—କିନ୍ତୁ ଖୁବ୍ ମନଯୋଗ ସହିତ ଭାବିବସିଲେ ହୁଏତ ଗୋଟାଏ ମୋଟାମୋଟି ଅର୍ଥ ବାହାରିପାରେ । ଆରତିର ହସ ମିଳେଇଯିବା ଆଗରୁ ଗୋଟାଏ ଛବି ଉଜ୍ଜ୍ୱଳ ହୋଇଉଠିଲା ବିସ୍ମିତ ଅଭିବ୍ୟକ୍ତିର ପରିପ୍ରକାଶରେ ଏବଂ ସେଇ ବିସ୍ମୟର ବ୍ୟଞ୍ଜନା ଭଲକରି ପୋଛି ହୋଇ ନ ଯିବା ଆଗରୁ ପ୍ରକ୍ଷିପ୍ତ ହେଲା ସଲ୍ଲଜ ଅପାଙ୍ଗ-ଠାଣିର ସଙ୍କେତରେ । ଜଳଖିଆ ପ୍ଲେଟ ରଖିଦେଇ ବୋଧହୁଏ ମିନିଟିଏ ଖଣ୍ଡେ ଠିଆ ହୋଇଛି କି ନାହିଁ···ଆରତି କହି ଚାଲିଗଲା ତରତରରେ—ମୁଁ ପାନ ନେଇ ଆସୁଛି ।

ଚାଲିଗଲା ଆରତି ।

ମୁଁ ତାର ଲୀଳାୟିତ ଗତିଛନ୍ଦ ଆଡ଼େ ମୁଗ୍‌ଧ ଦୃଷ୍ଟିରେ ଚାହିଁ କେତେ କଣ ଭାବିଗଲି । ଅନ୍ୟମନସ୍କ ଭାବରେ ସରପୁଲିରୁ ଟିକିଏ ଭାଙ୍ଗି ପାଟିରେ ଦେଇ ଆକାଶ-ପାତାଳ ଘୂରିବୁଲିଲି କଳ୍ପନା ବିଳାସର ଉତ୍ତେଜନାରେ ।

ଆରତି ହଠାତ୍ ଇମିତି ଆସିଲା କାହିଁକି ମୋ ସାମନାକୁ ? ଇମିତି ସହଜ ଆଉ ସ୍ୱଚ୍ଛନ୍ଦ ଭାବରେ ଆସି ମତେ ନିଗୂଢ଼ ଆନ୍ତରିକ ସ୍ୱରରେ ଅନୁରୋଧ କଲା କାହିଁକି ଖାଇବାକୁ ? କ'ଣ ତା'ର ଉଦ୍ଦେଶ୍ୟ ? ଇମିତି ଆସି ଠିଆ ହେବା ମୂଳରେ ତା' ଚହଲା ମନର କ'ଣ ପ୍ରେମ-ଉଚ୍ଛ୍ୱାସ ନାହିଁ ? ଯେତେବେଳେ ମୁଁ ନିଜେ ମୋ ଅସ୍ତିତ୍ୱ ଭୁଲି ବସିଛି, ପ୍ରାଣର ପ୍ରତି ସ୍ପନ୍ଦନରେ, ଆଖିର ପ୍ରତି ପକ୍ଷ୍ମପାତରେ ଦେଖୁଛି ଆରତିର ରୂପ, ତା ଲୀଳା ଚଞ୍ଚଳ ଗତି, ତା' କରୁଣ ବ୍ୟାକୁଳ ଚାହାଣୀ, ସେତେବେଳେ ଆରତିର ମନ ଭିତରେ କ'ଣ ଝଡ଼ ଉଠି ନାହିଁ ? ମାତ୍ର ଦି-ଚାରି ଦିନର ଦେଖାଚାହାଁ ହେଲେ ବି ମୋର ଯେମିତି ମନେହେଲା ଆରତିକୁ ମୁଁ ଆଉ ଭୁଲି ପାରିବିନି ! ଆରତି ଛଡ଼ା ରହିପାରିବିନି ! ତାକୁ ନ ଦେଖି ବଞ୍ଚିପାରିବିନି । ମଧୁର ବସନ୍ତରେ ଅଦିନ ଗ୍ରୀଷ୍ମ ଆସିପାରେ, ସ୍ନିଗ୍‌ଧ ଶରତରେ ଅକାଳ ବଜ୍ର ପଡ଼ିପାରେ, କିନ୍ତୁ ମୋ ଜୀବନ-ବସନ୍ତରେ ଆରତିର ଦେହ ସୁଷମା ହଜାଇ ବାଧା-ବିପଦର କୌଣସି ହା-ହୁତାଶ କେବେହେଲେ ବିଚ୍ଛିନ୍ନ କରି ପାରିବ ନାହିଁ ମତେ ତାଠାରୁ ।

ମୁଁ ତାକୁ ଭଲ ପାଇଛି, ଭଲ ପାଇଛି ସେଇ ପ୍ରଥମ ଦିନର ଦୃଷ୍ଟି ବିନିମୟଠାରୁ···ଆଉ ଭଲ ପାଉଥିବି ଦେହର ହାଡ଼ମାଂସ ମାଟିରେ ମିଶିଯିବା ପର୍ଯ୍ୟନ୍ତ । ତାପରେ, ତାପରେ କିଏ ଜାଣେ ମଣିଷ ଜୀବନର ସେଇ ପରଜନ୍ମ କଥା ?—ଯେଉଁଠାରେ କଳ୍ପନାଶକ୍ତିର ବ୍ୟାପକତା ଅତି ସାମାନ୍ୟ । ଯୌବନର ଦାବୀ ଯେଉଁଠାରେ ଅତି ତୁଚ୍ଛ ! ତଥାପି ଯୋଗୀ ଋଷିଙ୍କ ମତରେ ଇହଜୀବନ ପରେ ପୁରାଣବର୍ଣ୍ଣିତ 'ପରକାଳ' ଯଦି ଥାଏ, ତାହେଲେ ବି ମୁଁ ଆରତିକୁ ଭୁଲିପାରିବି ନାହିଁ । ସେଠି ବି ଖୋଜି ବୁଲିବି ମୋ ପୁଣ୍ୟ ପ୍ରେମର ସାଥୀକୁ, ମୋ ପ୍ରୀତି-କୁସୁମର ପାରିଜାତକୁ···

ପାନ ନେଇ ଆରତି ଫେରିଆସିବ ବୋଲି କହିଗଲା ; କିନ୍ତୁ ଉଦ୍‌ବିଗ୍ନ ହୋଇ ମୁଁ ବହୁକ୍ଷଣ ଚାହିଁରହିବା ସତ୍ତ୍ୱେ ସେ ଆଉ ଫେରି ନ ଆସିବାରୁ ସ୍ପଷ୍ଟ ବୁଝିପାରିଲି···ମୋ ପାଖରୁ ପଳେଇଯିବା ପାଇଁ ସେ ଗୋଟାଏ ଆଳ ଖୋଜି ପାନ ଆଣିବା ବାହାନାରେ ଚାଲିଗଲା ।

ଜଳଖିଆ ପ୍ଲେଟକୁ ନେଇଯିବା ପାଇଁ ଘର ଭିତରକୁ କିନ୍ତୁ ଆସିଲେ କମଳା ଦେବୀ । କହିଲେ : ଏଇ ଟିକକ ସରପୁଲିରୁ ଅଧେ ଛାଡ଼ି ଯାଇଛ ଉମେଶ ! କ'ଣ ହେଇଚି ତୁମର ?

: କାହିଁ କଣ ? ମୁଁ ଚୋରଙ୍କ ଭଳି ଚମକି ଉଠିଲି । କହିଲି, ସକାଳେ ଜଳଖିଆ କରିଥିଲି ।

ମୋ ହାତକୁ ଖଣ୍ଡେ ପାନ ବଢ଼େଇଦେଇ ମାଉସୀ କହିଲେ : ଏଡ଼େ ଲାଜକୁଳୀ, ଯେତେ କହିଲି ପାନଟା ଦେଇ ଆସ୍ ବୋଲି···କହି ପଡ଼ାଠୁ ମୋତେ ଚାହିଁଲା ନାହିଁ । କହି, ଟିକିଏ ରହିଯାଇ ପୁଣି ପଚାରିଲେ କମଳା ଦେବୀ : ସୁରେଶଙ୍କୁ କାହିଁକି କାଲିଠାରୁ ଦେଖି ନାହିଁ ? ମୋଠୁ ବହି ନେବେ ବୋଲି କହି ଯାଇଥିଲେ, କାହିଁ ଆସିଲେ ନାହିଁ ତ !

: ଆସିବ ଆଜି ବୋଧହୁଏ । ମୁଁ ଟିକିଏ ନିର୍ବିକାର ଗଳାରେ କହିଲି ।

: କିଏ ଆସିବ ମାଉସୀ ? ବାହାରପଟୁ ପାଟିକରି ଘର ଭିତରକୁ ପଶି ଆସିଲା ସୁରେଶ···

: ଆସ, ଆସ, ମୁଁ ତୁମର କଥା ଉମେଶଙ୍କୁ ପଚାରୁଥିଲି । ତୁମ କବିତା ବହିଟା ପଢ଼ିସାରିଛି । କେବେ ଛପଉଛ ? କମଳା ଦେବୀ ପଚାରିଲେ ।

: କି କବିତା ବହି ! ମୁଁ ଆଶ୍ଚର୍ଯ୍ୟରେ ସୁରେଶ ଆଡ଼େ ଚାହିଁଲି । କାହିଁ ତ ମତେ ତ କିଛି କହିନୁ !

: ତତେ ଗୋଟାଏ କଣ କହିବି ?

ସୁରେଶ କପଟ ତାଚ୍ଛଲ୍ୟ ଗଳାରେ କହିଲା : ତୋ ପରି ବଦ୍‌ରସିକକୁ କବିତା ବହି ପଢ଼ିବାକୁ ଦେବା ଯାହା, ମାଙ୍କଡ଼ ହାତରେ ଶାଳଗ୍ରାମ ଦେବା ସେଇଆ !

ଆଚ୍ଛା, ମୁଁ ଭିତରେ ଟିକିଏ ବିରକ୍ତ ହେଇ କହିଲି : ତୋ ମୁହଁରେ ତୋ ରସିକପଣିଆର ବିଜ୍ଞାପନଟା ସାଜେ ନାହିଁ ସୁରେଶ ! କବିତା କେଇଟା ଲେଖିଚୁ ବୋଲି ମାଉସୀଙ୍କ ସାମ୍‌ନାରେ ଅନ୍ତତଃ ଏତେ ବଡ଼ ଅହଙ୍କାର ସୁନ୍ଦର ଦିଶିଲା ନାହିଁ ।

କଥାଟାକୁ ଗୋଳେଇ ଦେବାପାଇଁ କହିଲେ କମଳା ଦେବୀ : କବିତାଗୁଡ଼ିକ ସବୁ ଗୋଟିଏ ବିଷୟରେ । ଭାଷାର ଲାଳିତ୍ୟ ଅଛି, କିନ୍ତୁ ଅନୁଭୂତିର ଆବେଗ ନାହିଁ । ତୁମେ ଜଣେ ସୌନ୍ଦର୍ଯ୍ୟର ପୂଜାରୀ, କିନ୍ତୁ···କହି କମଳା ଦେବୀ ଟିକିଏ ରହିଗଲେ ।

: କୁହନ୍ତୁ, କୁହନ୍ତୁ ମାଉସୀ ସୁରେଶ ଆଗ୍ରହ କଣ୍ଠରେ ପଚାରିଲା, କବିତାସବୁ କେମିତି ଲାଗିଲା ?

: କହିଲିତ ! ସୌନ୍ଦର୍ଯ୍ୟର ପୂଜାରୀ ତୁମେ, କିନ୍ତୁ ସୌନ୍ଦର୍ଯ୍ୟର ସୂକ୍ଷ୍ମ ରୁଚିବୋଧ ନାହିଁ । ଭାବର ଉଚ୍ଛ୍ୱାସରେ···

: ମାନେ ?

: ମାନେ, ବଡ଼ ଆତ୍ମକେନ୍ଦ୍ରିକ ତୁମର ପ୍ରକୃତ ଅନୁଶୀଳନ । ବ୍ୟାପକ ନୁହେଁ କି ପର୍ଯ୍ୟାପ୍ତ ନୁହେଁ ଜୀବନ-ଦର୍ଶନର ଅଭିବ୍ୟକ୍ତିରେ ।

ଆଶ୍ଚର୍ଯ୍ୟ ହେଲି, ଏ ଯେପରି ସାଧାରଣ ନାରୀ ନୁହନ୍ତି, ଜ୍ଞାନ ଆଉ ବୁଦ୍ଧିର ଗଭୀରତାରେ ଯେମିତି ପ୍ରତ୍ୟେକଟି ମନ୍ତବ୍ୟ ଯାଙ୍କର ଉଜ୍ଜ୍ୱଳ ।

ସୁରେଶ ଟିକିଏ ଖଜୁପଡ଼ିଲା ପରି ନିରୁତ୍ସାହିତ ଭାବପ୍ରକାଶ କଲା । କହିଲା, : ନୂଆ କରି ଲେଖୁଛି ମାଉସୀ, ମନର ଭାବନା କବିତାର ଛନ୍ଦରେ ଠିକ୍ ଫୁଟେଇ ପାରିବାରେ ସକ୍ଷମ ହେଇପାରିନି । କହି, ସେ ହଠାତ୍ ବସିଲାଠୁ ଉଠିପଡ଼ି କମଳା ଦେବୀଙ୍କ ହାତଧରି ଅନୁଯୋଗ ସ୍ୱରରେ କହିଲା : ଚାଲନ୍ତୁ ଆର ଘରକୁ । ମତେ ଟିକିଏ କହିଦେବେ କେଉଁଠି କ'ଣ କରିବାକୁ ହେବ ।

ତିନି ଚାରିଟା ଦିନ ଭିତରେ କମଳା ଦେବୀଙ୍କ ପାଖରେ ସୁରେଶର ଏପରି ଆବ୍‌ଦାର ଦେଖି ମୁଁ ମନେ ମନେ ଟିକିଏ ଈର୍ଷାନ୍ୱିତ ହେଇ ଉଠିଲି ।

ସୁରେଶ ସାଙ୍ଗରେ ଟାଣି ହେଲା ପରି ଯାଉ ଯାଉ କମଳା ଦେବୀ ମୋ ଆଡ଼କୁ ଚାହିଁ କହିଲେ : ଏ ଘରକୁ ଆସ ଉମେଶ, ସୁରେଶଙ୍କର ଏତେ ବଡ଼ ବନ୍ଧୁ ହେଇ ତୁମେ ତାଙ୍କ କବିତା ପଢ଼ିନ, ଆଶ୍ଚର୍ଯ୍ୟ କଥା ।

: ସେଥିରେ ମୋର ଲଜ୍ଜିତ ହବାର କିଛି ନାହିଁ ମାଉସୀ, ମୁଁ କହିଲି, ସୁରେଶ ବରଂ ଅନୁତାପ କରିବା ଉଚିତ୍ ।

ହସି ହସି ସୁରେଶ ମୋ ହାତ ଧରିପକେଇ କହିଲା : ମାଉସୀଙ୍କ ସାର୍ଟିଫିକେଟ ସହିତ ମୁଁ ତତେ ପଢ଼ିବାକୁ ଦେଇ ଚମକେଇ ଦେଇଥାନ୍ତି ଉମେଶ, ଯା ଛଡ଼ା ମୋର ଆଉ କିଛି ଉଦ୍ଦେଶ୍ୟ ନ ଥିଲା ।

: ବେଶ୍ ତ । ନ ଥିଲା ଯଦି ଭଲ କଥା, ଏତେ କୈଫିୟତ୍ ଦବାର କିଣ ଅଛି ? ମୁଁ ଟିକିଏ ଚଡ଼େଇବା ପାଇଁ ଶାଣିତ ଗଳାରେ କହିଲି ସୁରେଶକୁ ।

ଉଭୟଙ୍କ ଭିତରେ ଏକ ମୀମାଂସା ଆଣିଦେବା ପାଇଁ ଆମ ଦୁଇ ଜଣଙ୍କୁ ଘର ଭିତରେ ବସେଇ ଦେଇ କମଳା ଦେବୀ କହିଲେ : ଉମେଶଙ୍କର ଅଭିମାନରେ ଯେତିକି ଯୁକ୍ତି ଅଛି, ତୁମର କୈଫିୟତ୍‌ରେ ସେତିକି ମହତ୍ ଉଦ୍ଦେଶ୍ୟ ଅଛି ସୁରେଶ ! କିନ୍ତୁ ମୋ ପରି ଜଣେ ଅପାଠୋଇଠାରୁ ସୁପାରିଶ ପତ୍ର ସଂଗ୍ରହ କରିବାର ବୁଦ୍ଧିକୁ ତୁମର ତାରିଫ୍ କରିପାରୁ ନାହିଁ । କବିତାର ମୁଁ ବୁଝେଁ କିଣ ?

: ବାଃ, ଆପଣ ବୁଝନ୍ତି ନାହିଁ ? ସୁରେଶ ବିନମ୍ର ଗଳାରେ କହିଲା, ମୁଁ ଜାଣି ନ ଥିଲି । ଆପଣଙ୍କର ପ୍ରାଚୀନ ସାହିତ୍ୟରେ ଏତେ ଦଖଲ ଅଛି !

: ଜାଣିଥିଲେ କିଣ କରିଥାନ୍ତ ? କମଳା ଦେବୀ ଟିକିଏ ହାଲକା ଗଳାରେ ସୁରେଶକୁ ଉଦ୍ଦେଶ୍ୟକରି କଥା କେତେପଦ କହି ଟେବୁଲ ଡ୍ରୟର ଭିତରୁ କିଣ ଗୋଟାଏ ଖୋଜିବାରେ ବ୍ୟସ୍ତ ହେଇପଡ଼ିଲେ ।

କାହିଁ, ଏଇଠି ତ ରଖିଥିଲି, ମନକୁ ମନ ଉଚ୍ଚାରଣ କଲେ କମଳା ଦେବୀ, ତୁମ କବିତା ଖାତାଟା ଏଠୁ ଗଲା କୁଆଡ଼େ ସୁରେଶ ! ଆରତି ନେଇଛି ନା କଣ ? କହି ପାଖ ଘରକୁ ତରବରରେ ସେ ଚାଲିଗଲେ ।

ଏତିକିବେଳେ ସୁରେଶ ମୋ ଆଡ଼କୁ ଟିକିଏ କଣେଇ କରି ଚାହିଁ ହସିଦେଲା । ସେ ହସ ଭିତରେ ଯେମିତି ଲୁଚି ରହିଥିଲା ମତେ ଉପହାସ କରିବାର ଭାଷ୍ୟ !!

ମନେ ମନେ ରାଗରେ ଜଳିଉଠିଲି ମୁଁ ।

## ॥ ୭ ॥

କିଛି ଭଲ ଲାଗିଲା ନାହିଁ ।

ସାରା ଦି' ପହରଟା ଶୋଇବାର ଚେଷ୍ଟାକରି ଛଟପଟ ହେଲି । ସନ୍ଦେହର କଳାମେଘ ଖଣ୍ଡେ ଉଠି ମୋ କଳ୍ପଲୋକର ଆକାଶକୁ ଯେପରି ଘୋଡ଼େଇ ପକେଇଲା ।

ଆରତି ପାଖରୁ ସୁରେଶର କବିତା ବହି ମାଗି ଆଣିଲେ କମଳା ଦେବୀ ! ସୁରେଶର କବି-ପ୍ରତିଭାରେ ଆରତି କଣ ମୁଗ୍ଧ ହେଇଯାଇଛି । ତା ନ ହେଇଥିଲେ ସେ କବିତା ବହି କମଳା ଦେବୀଙ୍କ ଅଜ୍ଞାତରେ ଟେବଲ ଉପରୁ କାଢ଼ିନେଇ ଆରତି ପଢ଼ୁଥାଆନ୍ତା କାହିଁକି ?

ସବୁ ଯେମିତି ଗୋଳମାଳ ହୋଇଗଲା । ସୁରେଶର କବିତା ବହି ଆରତି ନେଇ ପଢ଼ୁଛି, ଏତିକି ଜାଣିବା ମାତ୍ରେ ମୋ ମନଟା ଯେମିତି ଈର୍ଷାରେ ଜଳିଗଲା । ବିଦ୍ରୋହ କରିଉଠିଲା ସମସ୍ତ ପ୍ରାଣ । ହାତମୁଠା ଥରିଉଠିଲା । ଶୋଇ ଶୋଇ ଭାବିଲି, ସୁରେଶକୁ ଆଜି ସନ୍ଧ୍ୟାରେ ମୁହାଁମୁହିଁ ପଚାରିବି—ତା ଉଦ୍ଦେଶ୍ୟ କଣ ?

ଫେର୍ ଭାବିଲି, ସୁରେଶର ବା ଦୋଷ କଣ ? ସେ ତ ସ୍ପଷ୍ଟ କହୁଛି ଆରତିକୁ ଦେଖିଲା ସମୟରୁ ତା ମନ ଚଞ୍ଚଳ ହେଇଉଠିଛି । ତା ରୂପରେ ସେ ପାଗଳ ହେଇଯାଇଛି । ତାର ସଙ୍ଗସାନିଧ ଲାଭ କରିବା ପାଇଁ ସେ ଖୋଜିବୁଲୁଛି କୌଣସି ସୁଯୋଗର ସୂତ୍ର । ବରଂ ମୁଇ ସାଧୁ ସଜ୍ଜନ ପରି ଦେଖେଇଛି ଭଦ୍ରଲୋକ ସୁରେଶ ଆଗରେ । କହିଛି ଚେଷ୍ଟାକରି ଉଭୟଙ୍କୁ ମିଳେଇଦେବି ଜନ୍ମ-ଜନ୍ମାନ୍ତର ପାଇଁ । ବିବାହର ପ୍ରସ୍ତାବ ବାଢ଼ିବି ଆରତିର ଅଭିଭାବକଙ୍କ ପାଖରେ···

କିନ୍ତୁ କିଏ ଜାଣିଥିଲା ମୋ ଅଗୋଚରରେ ମୋର ଭିତରେ ଜଳି ଉଠିବ ଏଇ ପ୍ରେମର ହୋମାନଳ ? କିଏ ଜାଣିଥିଲା ଆରତିର ସଙ୍ଗସୁଖ ପାଇଁ ଏଇ

ସାମାନ୍ୟ କେତୋଟା ଦିନ ଭିତରେ ମୁଁ ଏମିତି ହାଇ-ହାଇ କରି ଉଠିବି ? କିଏ ଜାଣିଥିଲା ମୋ କଳ୍ପନା-କୁଞ୍ଜରେ ଅଦିନ ମଳୟର ସୁରଭି ଏମିତି ଦିଗହରା ଖସ୍‌ଖେଇରେ ଫାଟିପଡ଼ିବ ବୋଲି ? ମୋ ଗଦ୍ୟମୟ ଜୀବନ, ଆରତିର ଅପାଙ୍ଗ ଚାହାଣୀରେ ଏମିତି କାବ୍ୟ-ମଧୁର ହୋଇଉଠିବ ବୋଲି, କିଏ ଭାବିଥିଲା ?

ମନର କେଉଁ ନିର୍ଜନ ନିଭୃତରେ ଯେମିତି ଦୁଃସହବେଦନାର ହୁତାଶନ ଜଳିଉଠିଲା । ଏ କି ଜ୍ୱାଳା ! ଏ କି ଦହନ !! କାହାକୁ କହିବାର ଉପାୟ ନାହିଁ । କାହାଠାରୁ ସହାନୁଭୂତି ଚାହିଁବାର ବାଟ ନାହିଁ । ଏ ଆତ୍ମ ଦହନର ଉତ୍ତାପ ସମସ୍ତ ପ୍ରାଣର ଶିରାସ୍ନାୟୁକୁ ଯେପରି ପୋଡ଼ି ଛାରଖାର କରିଦେବା ଉପରେ— ତଥାପି ପ୍ରତିକାର ଲୋଡ଼ିବାର ସାହସ ନାହିଁ । ଏ ଯେ କି ବ୍ୟାଧି, ଏ ଯେ କି ଯନ୍ତ୍ରଣା, ତାର ନିର୍ଣ୍ଣୟ ନିଜକୁ କରିବାକୁ ଇ ହେବ । ନିଜକୁ ବୁଝେଇବାକୁ ହେବ, ଧୈର୍ଯ୍ୟ ଧରିବାକୁ ହେବ, ସଂଯତ ହେବାକୁ ପଡ଼ିବ ।

ଗଲା କେତେ ଦିନ ଧରି ଆରତି ମତେ ଭଲ ପାଇଛି ବୋଲି ଗୋଟାଏ ମୋଟାମୋଟି ଧାରଣା କରିନେଇ ମନେ ମନେ ମୁଁ ଯେଉଁ ଉତ୍ତେଜନା ଅନୁଭବ କରୁଥିଲି, ସୁରେଶର କବିତା ବହି ନେଇ ସେ ପଢ଼ିବା କଥା ଜାଣିବା ମାତ୍ରେ ତା ଯେପରି କୁଆଡ଼େ ନିଶ୍ଚିହ୍ନ ହୋଇଗଲା । ଭାବିଲି ଏ କଣ କଲା ଆରତି ? ମୋ ରୁକ୍ଷ ଜୀବନରେ ପ୍ରେମର ସଞ୍ଚାର କରି, ମୋ ମାନସଲୋକରେ ତା ରୂପ ଚନ୍ଦ୍ରମାର ଜ୍ୟୋତ୍ସ୍ନା ବିଚ୍ଛୁରିତ କରି, ମୋ ପ୍ରାଣତନ୍ତ୍ରୀରେ ପ୍ରୀତି-ବସନ୍ତର କୁହୁ-ମୂର୍ଚ୍ଛନା ଭରିଦେଇ ଏ କି ଅବିଚାର କଲା ତା ମନର ପ୍ରଣୟୀ ପ୍ରତି ?

ମନର ପ୍ରଣୟୀ ! ଫେର୍ ଭାବିଲି, କାହିଁ ଆରତି ତ ଏପର୍ଯ୍ୟନ୍ତ ମୁହଁରେ ପ୍ରକାଶ କରି ନାହିଁ ମୁଁ ତା ମନର ପ୍ରଣୟୀ ବୋଲି ! ଆଖିର ଚାହାଣୀରୁ, ପାଖରେ ବସିବାର ସାନ୍ନିଧ୍ୟରୁ ମୁଁ ବା ଏତେ ଦୂର କାହିଁକି ଭାବିଯାଉଛି···ସେ ମତେ ଭଲ ପାଏ, ପ୍ରାଣର ସର୍ବସ୍ୱ ଦେଇ ଭଲ ପାଏ ?

ଠିକ୍ କଲି, ପଚାରିବି । ଆଜି ହିଁ ସବୁ ସନ୍ଦେହର କରିବି ସମାଧାନ । ଆରତିର ମନ ନ ଜାଣି କାହିଁକି ଘୂରିବୁଲିବି ସ୍ୱପ୍ନ-ରାଜ୍ୟରେ । ମରୀଚିକା ପଛରେ ଧାଇଁବି କାହିଁକି ମରୁର ତପ୍ତ ବାଲି ଅତିକ୍ରମ କରି । କି ଦରକାର ! ମୁଁ ଯାହାକୁ ଭଲ ପାଇଛି···ସେ ଯଦି ନ ଚାହେଁ ମତେ, କଳ୍ପନାର ଜାଲ ବୁଣି ଲାଭ କଣ ?

ଏଇ ଭାବନା ଆସିବା ସାଙ୍ଗେ ସାଙ୍ଗେ ମନ କିପରି ଉଦାସ ହୋଇ ଆସିଲା । କିପରି ଏକ ସଂଯମର କାଠିନ୍ୟରେ ପ୍ରାଣର କୋମଳ ତନ୍ତ୍ରୀ ହୋଇଉଠିଲା ରୁକ୍ଷ । ଗମ୍ଭୀର ହୋଇଉଠିଲି ନିଜ ଅଜାଣତରେ । ପ୍ରତିଜ୍ଞାର ଶପଥରେ ନିଜର ବିବେକକୁ କରିନେଲି ଦୃଢ଼ ଆଉ ଶକ୍ତ ।

ଦ୍ୱିପହରଟାଯାକ ଛଟପଟ ହେଇ ପାଞ୍ଚଟା ବେଳକୁ ଉଠି ଅଗଣା ପଟକୁ ଆସିଲି ମୁହଁ ଧୋଇବା ପାଇଁ । ଚାକରଟାକୁ ପାଣି ମାଗିଲି । ଭିତର ବାରଣ୍ଡା ଉପରେ ଠିଆ ହେଇ ମୁହଁ ଧୋଉଛି, ହଠାତ୍ ଦୃଷ୍ଟି ପଡ଼ିଲା ସାମନା ଘରର ଝରକା ଉପରେ । ଝରକାର ଲୁହା ରେଲିଂ ସେପାଖୁ ଆରତି ମୋରି ଆଡ଼େ ଚାହିଁଛି, ଦେଖିଲି । ଦେଖିବା ମାତ୍ରେ ମୁହଁ ଫେରାଇନେଲି ଅଭିମାନରେ । ଆଗ ପରି ଚାହିଁବାର ଲୀଳା-ଖେଳା ଆଉ ନୁହେଁ । ଶାସନର କଠିନ ବେଢ଼ି ଭିତରେ ବାନ୍ଧି ରଖିଲି ମନର ଦୁରନ୍ତ ଲିପ୍ସାକୁ । ତଳମୁହାଁ ହେଇ ପଳେଇ ଆସିଲି । ଆସି ବୋଉକୁ ଡାକିଲି, କହିଲି : ମୁଁ ଆଜି କଟକ ଯିବି ରାତି ଗାଡ଼ିରେ ।

ବୋଉ ଆଶ୍ଚର୍ଯ୍ୟରେ ମୋ ମୁହଁକୁ ବକ ବକ ହେଇ ଚାହିଁଲା । ବାପା କଚେରୀରୁ ଆସି ନାହାନ୍ତି, ମୁଁ କହୁଛି ପଚାରନ୍ତି ତାଙ୍କୁ, ତୁ ଯିବାକୁ ବସିଲୁଣି···

: ତୁ କ'ଣ ଯିବୁ ? ମୁଁ ପଚାରିଲି ପଢ଼ା ବହିଗୁଡ଼ାକ ଟେବୁଲ୍ ଉପରେ ସଜାଡ଼ୁ ସଜାଡ଼ୁ ।

: କହିଲି ପରା ଯିବି ! ବୋଉ ମୋ ଆଡ଼କୁ କିପରି ସନ୍ଦେହ ଦୃଷ୍ଟିରେ ଚାହିଁ ପଚାରିଲା, ହଠାତ୍ ଦ୍ୱିପହର ନିଦରୁ ଉଠି ଇମିତି ଆଉ ପାଗଳଆଙ୍କ ପରି ହଉଚୁ କାହିଁକି ? ସକାଳେ ତ କହୁଥିଲୁ ଦି-ଚାରି ଦିନ ରହିବୁ ବୋଲି !

: କହୁଥିଲି, କିନ୍ତୁ ସରୋଜବାବୁଙ୍କ ଚିଠି ପଢ଼ି ମନଟା କେମିତି ଛୁଟି-ପିଟି ହଉଛି । ମୁଁ ଆଜି ଯେମିତି ହେଲେ ଯିବି ।

: ନାଇଁ, ନାଇଁ, ରାତିଟାରେ କୁଆଡ଼େ ଯିବୁ । କାଲି ସକାଳ ଗାଡ଼ିରେ ହବ ଯଦି ଦୁହେଁ ଏକାଠି ଯିବା । କହି ବୋଉ ତରତରରେ ଘର ଭିତରୁ ବାହାରିଗଲା ।

ମୁଁ ଖାତାପତ୍ରସବୁ ସଜାଳି କରି ରଖିଲି ଟ୍ରଙ୍କ ଭିତରେ ।

ବୋଉ ପାଟିରେ ଲୁଣ ମିଳାଏନା । ଘର ଭିତରୁ ଯାଇଁ ସାଙ୍ଗେ ସାଙ୍ଗେ ପ୍ରଚାର କରିଦେଲା ମୋର କଟକ ଯିବା ସମ୍ବାଦ । ଆଉ ସେଇ ପ୍ରଚାରର ପ୍ରଥମ ପ୍ରତିକ୍ରିୟା ହେଲା କମଳା ଦେବୀଙ୍କ ପ୍ରଶ୍ନବାଣ : ହଠାତ୍ ଇମିତି କଟକ ଯିବା ପାଇଁ ସଜିଲ ହେଲ ଯେ ?

: ହଁ, ମାଉସୀ, ହଠାତ୍ ଯିବାକୁ ଠିକ୍ କଲି । ସରୋଜବାବୁ ଚିଠି ଦେଇଛନ୍ତି । ମୁଁ ଗଲେ ସେ କଲିକତା ଯିବେ ମୋ ସହିତ ପରାମର୍ଶ ସାରି । ହୁଏତ ମତେ ବି ତାଙ୍କ ସାଙ୍ଗରେ ଯିବାକୁ ପଡ଼ିପାରେ ।

: ହଠାତ୍ ଇମିତି ନ ଗଲେ ଚଳନ୍ତା ନାହିଁ ? ଛୁଟିଟା ଏଇଠି ସାରି···

: ନା, ନା, ବାଧା ଦେଇ କହିଲି କଥା ମଝିରେ । ଖୁବ୍ ଜରୁରି କାମ । ମତେ ଯିବାକୁ ହିଁ ପଡ଼ିବ ।

ମୋ କହିବାର ଭଙ୍ଗୀ ଭିତରେ କେଉଁଠି ଯେପରି ଟିକିଏ ରୁକ୍ଷତାର ଆଭାସ ଥିଲା । ବୁଝିପାରିଲେ କମଳା ଦେବୀ । କହିଲେ : ପଚାରିଲି ବୋଲି ମନରେ ବିରକ୍ତ ହେଉଛ କି ? ଏ କେତେଦିନ ତମକୁ ଦେଖି ମୋ ମନ ଯେ କି ଖୁସିରେ ପୂରି ଯାଇଥିଲା, ତା ତୁମେ ବୁଝି ପାରିବନି ଉମେଶ, ପୁଅ ନ ଥିଲା ମା'ର ମନ ଦୁନିଆର ସବୁ କିଛି ସୁଖ ଭିତରେ କାହିଁକି ଯେ ଇମିତି କାଙ୍ଗାଳୀ ପରି ହାହାକାର କରିଉଠେ, କେମିତି ବୁଝାଇବି ସେକଥା ? କହି ସେ ଏକ ରୁଦ୍ଧ ଆବେଗକୁ ଚାପିରଖିବା ପାଇଁ ଘର ଭିତରୁ ବାହାରିଗଲେ ।

ମୁଁ କିଛିକ୍ଷଣ ଗୁମ୍ ହେଇ ବସିରହିଲି ଖଟ ଉପରେ । ବନ୍ଧ ସଜଡ଼ା ଅଧା ରହିଲା । ଲୁଗାପଟା କେତେଖଣ୍ଡ ରଖା ହୋଇଥିଲା ବ୍ରାକେଟରେ । ଗଲା ବେଳକୁ ସୁଟ୍‌କେଶ ଭିତରେ ସେସବୁ ଗୁଞ୍ଜି-ଗାଞ୍ଜି ପକେଇବି ଠିକ୍ କରି କମିଜ ଖଣ୍ଡେ ଗଳେଇ ବାହାରିଲି ରାସ୍ତା ଉପରକୁ । ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଘରଟା ଭିତରେ ଛଟପଟ ହେଇ କେମିତି ଉଦାସ ହେଇ ଯାଇଥିଲା ସମସ୍ତ ମନ । କେଉଁଠି ଯେପରି କଣ୍ଟା ବିନ୍ଧୁଛି ପ୍ରାଣର ଅଭ୍ୟନ୍ତରେ । ଠିକ୍ ବୁଝି ହେଉନି···ଅଥଚ ମର୍ମାନ୍ତିକ ଜ୍ୱାଳାରେ ସମସ୍ତ ଦେହରେ ଅଗ୍ନିର ଦାହ !

ପୁରୀରୁ ବିଦାୟ ନେଇ ଯିବି । ପିଲାଟି ଦିନରୁ ଖେଳିଚି ବୁଲିଚି ଏଇ ତୀର୍ଥଭୂମିର ମାଟି-ପବନ ଆଉ ଆଲୋକରେ । ଯା'ର ରାସ୍ତାର ପ୍ରତିଟି ଧୂଳିକଣା କେତେ ପରିଚିତ ମୋର । ପ୍ରାଣର କେତେ ନିଗୂଢ଼ ସମ୍ବନ୍ଧ ଯା'ର ସନ୍ଧ୍ୟାର ଅନ୍ଧକାର ସହିତ—ଯା' ରାଜପଥର ଝାଉଁଗଛର ଶିର୍ ଶିର୍ ପବନ ସହିତ । କିନ୍ତୁ ସେଇ ମୁହୂର୍ତ୍ତରେ ବାଟ ଚାଲୁ ଚାଲୁ ଯେପରି ମନେହେଲା···ଏ ପୁରୀର ଜଳବାୟୁ ଯେମିତି କେତେ ରୁଗ୍‌ଣ ହେଇଯାଇଛି ଏ ଭିତରେ । କେମିତି ଖାପ୍‌ଛଡ଼ା ହେଇଯାଇଛି ଏଠି ଜୀବନର ସଙ୍ଗତି ! ପୂର୍ବମୁଖା ହେଇ ଚାଲିଲି କେତେ କ'ଣ ଭାବି । ହଠାତ୍ ଏ ସହର ମୋ ପାଖରେ ବିସଦୃଶ ହେଇଉଠିଲା କାହିଁକି ? ମୋ ଆଖିରୁ କିଏ କାଢ଼ିନେଲା ଏ ସହରର ସୌନ୍ଦର୍ଯ୍ୟବୋଧ ଆକର୍ଷଣ ! ମୋ ହୃଦୟ ଭିତରୁ କିଏ କାଢ଼ି ନେଲା ଏ ସହରକୁ ଭଲ ପାଇବାର ମମତାମୟ ପ୍ରାଚୁର୍ଯ୍ୟ !! କିଏ କାଢ଼ିନେଲା ? ଆରତି !

ଚାରିଆଡ଼େ ଅନ୍ଧକାର ଘନୀଭୂତ ହୋଇ ଆସିଥିଲା । ରାସ୍ତାର ବତୀ ଖମ୍ବ ମାନଙ୍କରେ ମୁମୂର୍ଷୁ ବତୀ ଜଳିଉଠିଛି । ଆକାଶରେ ନକ୍ଷତ୍ରର ସମାରୋହ ।

ଭାବନା ପ୍ରତିହତ ହେଲା । ନା, ଭାଙ୍ଗିପଡ଼ିଲେ ଚଳିବନି । ସୁରେଶ ପ୍ରତି ଏତେ ଈର୍ଷାନ୍ୱିତ ହେବାର କ'ଣ ଅଛି ? ଆରତି ଯଦି ଭଲ ପାଏ ସୁରେଶକୁ, କ୍ଷତି କ'ଣ ? ମୋର ବରଂ ପ୍ରତିଦ୍ୱନ୍ଦ୍ୱିତା କରିବା ସୁନ୍ଦର ନୁହେଁ । କିଏ ମୋର ଆରତି ? କି ସମ୍ପର୍କ ମୋର ତା ସହିତ ? ପୁଣି ଛାଡ଼ି ଚାଲିଯିବା ହିଁ ଉଚିତ । ଏ ମନସ୍ତାପରୁ, ଏ ଅନ୍ତର୍ଦାହରୁ ବଞ୍ଚିବାକୁ ହେଲେ ମତେ ପୁଣି ଛାଡ଼ି ଚାଲିଯିବାକୁ ଇ ପଡ଼ିବ । ନିର୍ମମ ଭାବରେ ସବୁ ଦୁର୍ବଳତାକୁ ଦଳି ଚକଟି ଦୂରେଇ ଯିବାକୁ ହେବ ସବୁ ପ୍ରଲୋଭନର ଆକର୍ଷଣ ପାଖରୁ···

ଏକ ଶେଷ ନିଷ୍ପତ୍ତିର ସିଦ୍ଧାନ୍ତ ନେଇ ମୁଁ ସେଇଠୁ ଫେରିଲି ଏକ ଉଦ୍‌ଭ୍ରାନ୍ତଙ୍କ ପରି ।

ଫେରିବା ବାଟରେ ମନେହେଲା ଆରତି ସମ୍ବନ୍ଧରେ ଅତି ମାତ୍ରାରେ ଚିନ୍ତା କରିବାର ପ୍ରକ୍ରିୟା ମତେ ଯେମିତି ଅସହ୍ୟ ଯନ୍ତ୍ରଣା ଦେଉଛି । ତାର ପ୍ରତ୍ୟେକଟି ଚାଲିଚଳନ, ଦୃଷ୍ଟିଭଙ୍ଗୀ, ମାଦକମୟ ସାନିଧ୍ୟକୁ ବିଶ୍ଳେଷଣ କରି ଦେଖିବାକୁ ଯିବା ଫଳରେ ମୋ ଭିତରେ ଏଇ ଅବସନ୍ନ ଭାବ । ଆଗରେ ଅପରନ୍ତ ପଥ ପଡ଼ିରହିଛି ଜାଣି, ଯାହାର ଆରମ୍ଭରେ ଯେପରି ଅଶ୍ରାନ୍ତ ପଥିକର ସ୍ତିମିତ ହତାଶା ଜାଗେ, ଗୋଟାଏ ଭାରାକ୍ରାନ୍ତ କଷ୍ଟର ବିକଳତାରେ ମୁଁ ସେହିପରି ଛଟପଟ ହେଇ ଆସି ଘରେ ପହଞ୍ଚିଲି ।

ସନ୍ଧ୍ୟା, ରାତିର ନିରନ୍ଧ୍ର ଅନ୍ଧକାର ଭିତରେ ଗମ୍ଭୀର ହେଇ ଉଠିଥିଲା ଅନେକବେଳୁ ।

କୋଉକୁ କ'ଣ କେମିତି କହି କଟକ ଫେରିଯିବା ପାଇଁ ମନେଇବି, ସେଇ କଥା ଭାବିଭାବି ତା ଶୋଇଲା ଘରକୁ ଯାଇଁ ଦେଖେ ସବୁଆଡ଼ ଶୂନ୍‌-ଶାନ୍‌ ! ଅଗଣାପଟକୁ ଗଲି । କାହିଁ, କେହି ତ ନାହାନ୍ତି ? କୁଆଡ଼େ ଗଲେ ସବୁ ? ଆଶ୍ଚର୍ଯ୍ୟରେ ଏପାଖ ସେପାଖ ଅନେଇଲି—ଏତିକିବେଳେ ଚାକରଟା ରୋଷେଇଘର ଭିତରୁ ବାହାରିଆସି କହିଲା : ମା ହେରିକା ସମସ୍ତେ ଦେଉଳକୁ ଯାଇଛନ୍ତି—ଆପଣଙ୍କୁ କେତେ ଅନେଇଲେ ।

: କେତେବେଳକୁ ଫେରିବେ ସବୁ ? ମୁଁ ପଚାରିଲି ।

: ଉପରେ ଦେଈ ଅଛନ୍ତି । ତାଙ୍କୁ କ'ଣ ସବୁ କହିଯାଇଛନ୍ତି । କହି ଚାକର ଚାଲିଗଲା ।

ଆରତି ଯାଇନି ? ଏକା ଅଛି ଘରେ ? ମନେ ମନେ ମୁଁ ଯେମିତି ଚମକି ଉଠିଲି । କିଛି ଠିକ୍ କରିପାରିଲି ନାହିଁ । କେମିତି ସବୁ ଗୋଳମାଳ ହେଇଗଲା । ଗୁଣିଆ ମନ୍ତ୍ରରେ କଣ୍ଢେଇ ଏପାଖ-ସେପାଖ ହଲି ଦୋହଲି ନାଚିଲା

ପରେ ମୁଁ ମୋ ପଢ଼ାଘର ଭିତରକୁ ଆସି ଅନ୍ୟମନସ୍କ ଭାବରେ ପୁଣି ପଢ଼ାବହି ସଜାଡ଼ି ବସିଲି । ଏତିକବେଳେ ଯେମିତି କାହାର ନିଃଶବ୍ଦ ଆଗମନ ଘର ଭିତରର ଶୂନ୍ୟତାକୁ ଚହଲାଇ ଦେଲା ପରି ମନେହେଲା । ପଛକୁ ଫେରି ଚାହିଁ ତଟସ୍ଥ ହୋଇଗଲି । ଏକ ସ୍ନିଗ୍ଧ ନମନୀୟ ଭଙ୍ଗୀରେ ଆସି ଠିଆହୋଇଛି ଆରତି !

: କେହି ନାହାନ୍ତି ଯେ ଘରେ ? ମୁଁ ଆଗେ ନୀରବତା ଭଙ୍ଗ କଲି ।

: ଆପଣଙ୍କ ପାଇଁ ଅପେକ୍ଷା କରି ସମସ୍ତେ ଦେଉଳକୁ ଯାଇଛନ୍ତି । ଆଜି ଗୁରୁବାର ! ଲକ୍ଷ୍ମୀଙ୍କ ପାଖରେ ଆରତି ଦେଖିବାକୁ ମାଉସୀ ବାହାରିଲେ । ସାଙ୍ଗରେ ବୋଉକୁ ଭିଡ଼ି ନେଇଗଲେ । ଆରତି କହିଲା ଲଜ୍ଜା-ନମ୍ର ଗଳାରେ ।

: ତମେ ଗଲ ନାହିଁ ? ମୁଁ ପଚାରିଲି ନମ୍ର ସ୍ୱରରେ ।

: ନା, ମୋର ଅନେକ ପଢ଼ା ବୁଝିବାର ଅଛି ।

: କିନ୍ତୁ ମୁଁ ଯେ ଆଜି ରାତିରେ କଟକ ଚାଲିଯାଉଛି ।

: ନା, ଆଜି ଯାଇପାରିବେନି ଆପଣ ! ଆରତି ଅନୁଯୋଗ ସ୍ୱରରେ କହିଲା—ମୋର ଅନେକ କଥା ଅଛି······

: କି କଥା, ଆଶ୍ଚର୍ଯ୍ୟରେ କିଛି ନ ବୁଝିଲା ପରି ମୁଁ ପଚାରିଲି ।

: କହିବି, ଏ ଘରକୁ ଆସନ୍ତୁ । କହି, ଏକ ସଲ୍ଲଜ ଭଙ୍ଗୀରେ ଆରତି ଚାଲିଯିବାକୁ ବସିଥିଲା, ହଠାତ୍ ମୁଁ ବାଧା ଦେଇ କହିଲି—ମତେ କ୍ଷମା କରିବ ଆରତି, ମୋର ସେ ଘରକୁ ଯାଇଁ କଥା କହିବାକୁ ସମୟ ନାହିଁ । ମତେ ଯିବାକୁଇ ପଡ଼ିବ । ଲୁଗାପଟା କିଛି ସଜାଡ଼ିନି । କ'ଣ କହିବାକୁ ଅଛି ଏଇଠି କହ ।

: କ'ଣ ହୋଇଛି ଆପଣଙ୍କର ? ଆକାଶର ନକ୍ଷତ୍ର ଭଳି ଉଜ୍ଜ୍ୱଳ ଦୀପ୍ତିରେ ଝଲସି ଉଠିଲା ପରି ପଚାରିଲା ଆରତି । ଆଜି ସକାଳ ପହରରୁ ମୋ ଆଡ଼କୁ ଭଲକରି ଚାହୁଁ ନ ଯେ ! ମୁଁ କି ଅପରାଧ କରିଛି ?

: ଅପରାଧ ? କାହିଁ, ମୁଁ ତ କିଛି ଜାଣି ନାହିଁ । ଦମିଲା ସ୍ୱରରେ ମୁଁ କହିଲି, ହଠାତ୍ ମୋ ବିରୁଦ୍ଧରେ ତୁମର ଏ ନାହିଁ-ନ ଥିଲା ଅଭିଯୋଗ କାହିଁକି ?

: ନାହିଁ ନ ଥିଲା ! ଆରତି ଶାଣିତ ଗଳାରେ କହିଲା—ମୋ ଦେହ ଛୁଇଁ କହିପାରିବେ ଆପଣ ରାଗି ନାହାନ୍ତି !

ହଠାତ୍ ଯେମିତି ଆରତି ଗୋଟାଏ କି ଅବ୍ୟକ୍ତ ବେଦନାରେ ଫାଟି ପଡ଼ିଲା ପରି ନିର୍ମମ ହୋଇଉଠିଛି ! ମତେ ଚିହ୍ନିବାକୁ, ମତେ ଜାଣିବାକୁ ତାର ଯେପରି ବାକି ନାହିଁ । ଏଇ ପାଞ୍ଚ-ଛଅ ଦିନର ଦେଖା ଚାହାଁ ଆଉ ସାନ୍ନିଧ୍ୟ ଭିତରେ···ମୋ ଭିତରର ଦୁର୍ବଳ ମଣିଷଟିକୁ ଆବିଷ୍କାର କରିବାରେ ତାର ଯେପରି ଏତେ ଟିକିଏ ଭୁଲ ହୋଇ ନାହିଁ । ଆଉ ସେ ନିର୍ଭୁଲ ସତ୍ୟର ଆବିଷ୍କାର ଗର୍ବରେ ଅହଙ୍କାରୀ

ତା' ବୁଦ୍ଧିଦୀପ୍ତ ଚାହାଣି ଯେପରି ମତେ କୌଣସି ଛଳନାର ଆଶ୍ରୟ ଭିତରେ ଖସି ପଳେଇଯିବାର ଚେଷ୍ଟାକୁ ସହଜରେ କ୍ଷମା କରିବାକୁ ଚାହେଁନା । ପଥ ଆଗୁଳି, ସେ ଯେପରି ସବୁ କିଛି ସନ୍ଦେହର ଶେଷ ମୀମାଂସା ଚାହେଁ । ଚାହେଁ ଗୋଟାଏ ନିର୍ଦ୍ଦିଷ୍ଟ ଉତ୍ତର ।

ବିସ୍ମିତ ଦୃଷ୍ଟିରେ ଚାହିଁଲି ତା ଆଡ଼କୁ । ମନେହେଲା ଯେପରି ମୋ ସାମନାରେ ଏକ ନିଷ୍କଳଙ୍କ ଜ୍ୟୋତିର୍ମୟୀ ଶିଖା ମୂର୍ତ୍ତିମୟୀ ଆରତି ରୂପରେ ଠିଆ ହୋଇଛି । ମୁଁ ଅସହାୟ ବିପନ୍ନ ପରି କିଛିକ୍ଷଣ ଗୁମ୍ ହୋଇ ଠିଆ ହୋଇ ରହିଲି । ଏକ ଅଭିନବ ଆତ୍ମଚେତନାରେ ଆରତିର ମୁଖମଣ୍ଡଳ ଉଦ୍‌ଭାସିତ । କିପରି ଏକ ବିହ୍ୱଳ ଭାବ ତାର ସମସ୍ତ ଅଙ୍ଗପ୍ରତ୍ୟଙ୍ଗରେ । ଗଲା କେତେଦିନ ଧରି ଯେତେଥର ତା' ଦୃଷ୍ଟି ବିନିମୟ ହୋଇଛି ମୋ ସହିତ, ଲକ୍ଷ୍ୟ କରିଛି ସେ ଯେପରି କି ନିଗୂଢ଼ ରହସ୍ୟକୁ ବୁଝିବାକୁ ଚେଷ୍ଟା କରୁଛି ନିର୍ନିମେଷ ନୟନରେ ଚାହିଁ ଚାହିଁ । ଏତେବେଳକୁ ବୁଝିଲି ସେ କି ଉତ୍ତରର ସନ୍ଧାନ କରୁଥିଲା ମୋ ପାଖରୁ ।

ସେ ଯେପରି ଗଲା କେତେଦିନ ଧରି ଝଡ଼ବାଦିର ଉତ୍ତାଳ ସମୁଦ୍ର ପରି ତା' ଅଶାନ୍ତ ଅସଂଯତ ହୃଦୟକୁ ସଂଯତ କରି ରଖି ଆସିଛି, ଅତିଶୟ ଯନ୍ତ୍ରଣାର ଜ୍ୱାଳାରେ । ସେ ଯନ୍ତ୍ରଣା କିନ୍ତୁ ଆଜି ସୀମା ଟପିଛି । ସେଇଥିପାଇଁ, ଏମିତି ଏକାକିଆ ମତେ ପାଇ ସେ ଭୁଲିଯାଇଛି ତା' କିଶୋରୀସୁଲଭ ଲଜ୍ଜା···କୁମାରୀତ୍ୱର ସମ୍ଭ୍ରମ । ନିଦାରୁଣ ଦୁଃଖର ଆତିଶଯ୍ୟରେ ଧୈର୍ଯ୍ୟହରା ହୋଇ ମୁହାଁମୁହିଁ ପଚାରିବସିଛି ପ୍ରଣୟର ଚିରନ୍ତନ ପ୍ରଶ୍ନ—କଣ ହୋଇଚି ତୁମର ?

କିନ୍ତୁ ତା ପ୍ରଶ୍ନର କି ଉତ୍ତର ଦେବି ମୁଁ ଭାବିପାରିଲି ନାହିଁ ।

ମତେ ସ୍ତବ୍ଧ ହୋଇ ଠିଆ ହେବାର ଦେଖି କେମିତି ଟିକିଏ କୋମଳ ହୋଇଆସିଲା ତାର ଆବେଦନ । କହିଲା : ମତେ ଲୁଚେଇବାର କିଛି, ସତ କୁହ—କି ଦୋଷ ମୁଁ କରିଛି ?

: ଦୋଷ ତୁମେ କିଛି କରିନ ଆରତି, ଦୋଷ ମୁଁ କରିଛି ମୋ ମନର ବିଚାର ଉପରେ । କହି ଟିକିଏ ରହିଯାଇ କହିଲି—ମୋ ସାଙ୍ଗରେ ଟିକିଏ ବାହାରକୁ ଯାଇପାରିବ ?

: ବୋଉ କହିଯାଇଛି, ଆପଣ ଫେରିଆସିଲେ ସାଙ୍ଗରେ ନେଇ ମନ୍ଦିରକୁ ଯିବା ପାଇଁ । ଆପଣ ତଳକୁ ଚାଲନ୍ତୁ, ମୁଁ ଆସୁଛି । କହି ଆରତି ଏକ ଝଲସିତ ଉଲ୍‌କା ପରି ଚାଲିଗଲା ମୋ ପାଖରୁ ।

ମୋର ସମସ୍ତ ଶିରାପ୍ରଶିରାରେ ଯେମିତି ଏକ ତରଳ ଉତ୍ତେଜନାର ଉଷ୍ଣ ପ୍ରବାହ ଖେଳିଗଲା । ମୋ ଜୀବନରେ ମନର ତରୁଣୀକୁ ପାଇବାର ପ୍ରଥମ ସୁଯୋଗର

ମୋହ ! ସେ କି ଉଦ୍ଦାମ ଆକର୍ଷଣ ! କି ମଉଆଳ ଭାବପ୍ରବଣତା ! କି ଲୁଗାଟା କାଢ଼ି ପିନ୍ଧିବ, ଅର୍ଦ୍ଧିକନାର ପଞ୍ଜାବି କି ଭାଗଲପୁରୀ ସିଲ୍କର କାମିଜଟା ପିନ୍ଧିଲେ ଭଲ ମାନିବ, କିଛି ଠିକ୍ କରିପାରିଲି ନାହିଁ । ଅବ୍ୟବସ୍ଥିତ ଭାବରେ ଯାହା-ତା' ଦଶଖଣ୍ଡ ପିନ୍ଧି ବୁକୁଭରା ଉଚ୍ଛ୍ୱାସ ନେଇ ମୁଁ ଯେତେବେଳେ ତଳକୁ ଓହ୍ଲାଇଆସେ, ଦେଖିଲି ଆରତି ତଳ ମହଲା ବାରଣ୍ଡାର ସ୍ତିମିତ ଆଲୋକରେ ଏକ ମୋହମୁଗ୍ଧା ଉର୍ବଶୀ ପରି ଅପୂର୍ବ ଲାବଣ୍ୟ ନେଇ ଅପେକ୍ଷା କରି ରହିଛି ।

ସଙ୍କୋଚ ନାହିଁ, ଜଡ଼ତା ନାହିଁ, ଆରତି ମୋରି ପଛେ ପଛେ ଓହ୍ଲେଇ ଆସିଲା ବାରଣ୍ଡାରୁ ରାସ୍ତା ଉପରକୁ । ସ୍ପଷ୍ଟ ବୁଝିପାରିଲି ଯେଉଁ ଅସ୍ଥିର ଭାବାବେଶରେ ମୁଁ ବିଗଳିତ ହୋଇ ଜନ-ସମାଜ ସବୁକିଛି ଭୁଲି ଉଦ୍‌ଭ୍ରାନ୍ତ ହୋଇଉଠିଛି, ଆରତିର ଅସ୍ଥିର ବ୍ୟାକୁଳତା ତାଠାରୁ କିଛି କମ୍ ନୁହେଁ । ଯେତେ ଅନିୟମ, ଯେତେ ଅସଙ୍ଗତ ସବୁ ଯେମିତି ସେଇ ଅମୃତମୟ ପ୍ରେମର ପ୍ରଥମ ସଞ୍ଚାରରେ ସଞ୍ଜୀବିତ ହୋଇଉଠିଛି ଏକ ବେପରୁଆ ଦାମ୍ଭିକତାର ଦର୍ପରେ ! ଅନିବାର୍ଯ୍ୟ ଆକର୍ଷଣ ଛଡ଼ା ଦ୍ୱିତୀୟ ସତ୍ୟ ଯେମିତି ବିଶ୍ୱଜଗତରେ ନାହିଁ । ମନର ମୋହକୁ ଚରମ ପୂର୍ଣ୍ଣତା ପାଇଁ ଲୋଭାତୁର କରି ତୋଳିବାରେ ଆଜି ଦୁହିଁଙ୍କ ଭିତରେ ଯେମିତି ଏକ ସ୍ୱର୍ଗୀୟ ନିଶାର ମାଦକତା, ଅଗ୍ନି-କମଳ ପରି ତାର ଶତଦଳ ଉନ୍ମୋଚନ କରି ବିକଶି-ଉଠୁଛି । ଏ ବିକାଶକୁ ପ୍ରତିରୋଧ କରିବାର ଶକ୍ତି ସାରା ସୃଷ୍ଟିରେ କାହାର ନାହିଁ । ହୁଏତ ନାହିଁ ଖୋଦ୍ ବିଧାତାର । ପ୍ରେମକୁ ଆଶ୍ରୟ କରି ଯେଉଁ ଅପାର୍ଥିବ ଅନୁଭୂତି ଅମୃତ ଲୋକର ରହସ୍ୟ ସମ୍ପଦରେ ଯୁଗଳ ପ୍ରଣୟୀର ଚେତନା ଐଶ୍ୱର୍ଯ୍ୟକୁ ଆଚ୍ଛନ୍ନ କରି ତୋଳେ, ତାକୁ ପ୍ରତିହତ କରିବ କିଏ ? ସେ ଦୁଃସହ ଆବେଗର ସ୍ଫୁରିତ କାମନାକୁ ବାଧା ଦେବ କିଏ ?

ପ୍ରବଳ ଉତ୍ତେଜନାରେ ଦୁହେଁ ଚାଲିଲୁ । ରାସ୍ତା ପାରହୋଇ ସମୁଦ୍ରଧାରରେ ପହଞ୍ଚିବା ପର୍ଯ୍ୟନ୍ତ ଆରତି ଯେମିତି ଗୋଟାଏ କି ଚଲାର ଝଙ୍କରେ ମୋ ସହିତ ଛନ୍ଦ ରଖି ଆଗେଇ ଚାଲିଥାଏ । ଯେମିତି ମନେହେଲା ସେ କାହାକୁ ଲୁଚି ପଳେଇ ଆସିଛି···କେହି ତାକୁ ଦେଖି ପକେଇବା ଆଗରୁ ସେ ଛପିଯିବାକୁ ଚାହେଁ ସମୁଦ୍ରତୀରର ଶାନ୍ତିମୟ ଅନ୍ଧକାର ଭିତରେ । ହଜିଯିବାକୁ ଚାହେଁ ରାତିର ରହସ୍ୟମୟ ଅବଗୁଣ୍ଠନ ତଳେ ।

ଚାଲୁ ଚାଲୁ ଟିକିଏ ରହିଯାଇ କହିଲି : ମୋ ସାଙ୍ଗରେ ଏତେ ଜୋରରେ ଧାଇଁଲା ପରି ଆସିଚ, କ୍ଲାନ୍ତ ହୋଇଯିବଣି, ଏଇଠି ଟିକିଏ ବସ ।

: ନା, ଆଉରି ଟିକିଏ ଆଗକୁ ଚାଲନ୍ତୁ । ଧାଇଁବାକୁ ଆଜି ଯେପରି ଖୁବ୍ ଆନନ୍ଦ ଲାଗୁଛି । କି ସୁନ୍ଦର ରାତି !

: ଭୁଲ କହିଲ ଆରତି ! ଶୁଧ ସୁନ୍ଦର ନୁହେଁ···ସୁନ୍ଦର ଆମ ମନର ଏଇ ମୁହୂର୍ତ୍ତି ।

: ମନର ମୁହୂର୍ତ୍ତି ! ଆରତି ଧୂସର କଣ୍ଠରେ ଉଚ୍ଚାରଣ କଲା ଯେପରି ଏଇ କଥା କେତେପଦ ଭଲକରି ବୁଝି ଦେଖିବାକୁ । ତାପରେ ଟିକଏ ରହିଯାଇ ପଚାରିଲା—କ'ଣ ଭାବି ଏ କଥା କହିଲେ ?

: କ'ଣ ଭାବି ନୁହେଁ, ମୁଁ କହିଲି, ପଚାର କଣ ଭାବୁଚ ।

ଆକାଶରେ କେତେବେଳେ ବଙ୍କା ଜହ୍ନ ଉଇଁଥିଲା ଏ ଭିତରେ । ହଳଦିଆ ଜ୍ୟୋତ୍ସ୍ନାରେ ଆରତିର ମୁହଁରେ ସୌନ୍ଦର୍ଯ୍ୟର ଏକ ଅପୂର୍ବ-ଶ୍ରୀ । ସେଇ ସମ୍ମୋହନ ଶ୍ରୀର କିଛି ଉଜ୍ଜ୍ୱଳତା ମୋ ଉପରକୁ ଫିଙ୍ଗି ଆରତି ଏକ ସହଜ ଠାଣିରେ ପଚାରିଲା : କହନ୍ତୁ କ'ଣ ଭାବୁଛନ୍ତି ?

: ଅନେକ କଥା ଭାବୁଛି ଆରତି, ଅନେକ କଥା । ତାକୁ କ'ଣ ଠିକ୍ କହିହେବ ?

: ନା' କହିବାକୁ ହେବ ଆପଣଙ୍କୁ । ଆରତି କଣ୍ଠରେ ଉର୍ମିର ଉଚ୍ଛ୍ୱସିତ ଆବେଗ ।

କହିଲି : ଯେଉଁ ଆନ୍ତରିକ ଆବେଗରେ ମତେ କହିବାକୁ ଅନୁରୋଧ କରୁଚ, ସେଠି ମତେ ଆପଣ ବୋଲି ସମ୍ବୋଧନ କରିବାର କୌଣସି ଯଥାର୍ଥତା ଦେଖୁନାହିଁ ଆରତି !

: ବଡ଼ ଅଭିମାନୀ ତୁମେ ! କହି ସମୁଦ୍ରର ଢେଉ ଯେଉଁଠି ନାଚି ନାଚି ଆସି ଭାଙ୍ଗି ମିଳେଇଯାଏ, ବାଲିରେ ସେଇଠି ଟିକଏ ଦୂରଛଡ଼ା ହୋଇ ବସିଲା ଆରତି ।

କହିଲି : ଅଭିମାନୀ ବୋଲି ମତେ ଦୋଷ ଦେବାର ଯଦି କିଛି ଥାଏ, ତାହାହେଲେ ମୋ ଭିତରେ ସେଇ ଅଭିମାନର ସଞ୍ଚାରଣୀ ଭାବରେ ତୁମକୁ କୈଫିୟତ ଦେବାକୁ ହେବ ଆଗେ ।

: ବେଶ୍, ତା ଦେବି ; କିନ୍ତୁ କୁହ କ'ଣ ଭାବୁଚ ? ଆରତି ପଚାରିଲା ।

: କହିଲି ତ ଅନେକ କିଛି ।

: କ'ଣ ହେଇଛି ଯେ, ଅନେକ କିଛି ?

: କ'ଣ ହେଇଛି ଠିକ୍ କହି ପାରିବିନି, କିନ୍ତୁ କଷ୍ଟ ହେଉଛି ଭୀଷଣ ।

: ତୁମରି କଷ୍ଟ କଥା ଖାଲି ଭାବୁଚ । ମୋର କ'ଣ ହେଉନି !

: କିନ୍ତୁ ତୁମର କି କଷ୍ଟ ଆରତି ! କଣ ହେଇଚି ତୁମର ?

: କ'ଣ ହେଇଚି ମୁଁ କ'ଣ ତା ବୁଝେଇ କହି ପାରିବି । ତା କ'ଣ ତୁମେ

ମୋ ମୁହଁରୁ ନ ଶୁଣି ଏ କେତେ ଦିନରେ ବୁଝିନ ? ଆରତିର କଣ୍ଠସ୍ୱର ଯେମିତି ହଠାତ୍ ଭାଜି ପଡ଼ିଲା ।

କିଛି ସମୟ ମୁଁ ଚୁପ୍‌ଟି କରି ବସିରହିଲି । କଥା କେତେ ପଦ କହି ଆରତି ବି କିପରି କରୁଣ ପ୍ରାର୍ଥନା ପରି ବସିରହିଲା ମୂକ ହୋଇ । ଜ୍ୟୋସ୍ନା ଚର୍ଚ୍ଚିତ ଆକାଶର ଏକ ପ୍ରାନ୍ତରେ ଖଣ୍ଡେ କଳା ମେଘର ଛାଇ ବିଚ୍ଛୁରିତ ଶୁଭ୍ରତା ଭିତରେ ଆଣିଦେଲା କୁଞ୍ଚିତ ଲଜ୍ଜାର ପାଟଳତା । କଳକଣାର ଆଦ୍ର ତାରେ ସମୁଦ୍ରର ହାଓ୍ୱା ଯେମିତି ଭାରି ହୋଇଉଠିଛି । ଆରତିର ଚୂର୍ଣ୍ଣ ଅଳକଦାମ ଯେମିତି ଛାୟା ନର୍ତ୍ତକୀ ପରି ତା ନିଭୃତ ମନର ପ୍ରଥମ ସ୍ଫୁରିତ ପ୍ରେମର ବ୍ୟାକୁଳତା ନେଇ ଖେଳିବୁଲୁଚି ।

ସେଇ ଆଡ଼େ ଚାହିଁ ମୁଁ କିପରି ଚଞ୍ଚଳ ହୋଇଉଠିଲି—କହିଲି : ତୁମ ମନର କଷ୍ଟ ପାଇଁ ଯଦି ମୁଁ ଦାୟୀ, ମତେ କ୍ଷମା କର ଆରତି !

ଏକ ଦୁଃସହ ବେଦନାର ବ୍ୟଥାରେ, ସମୁଦ୍ର ବୁକୁରେ ଉଦ୍‌ବେଳିତ ତରଙ୍ଗ ଫାଟି ଚୂର୍ଣ୍ଣ-ବିଚୂର୍ଣ୍ଣ ହୋଇଗଲା ପରି ମୋ ଛାତି ଉପରେ ଢଳି କାନ୍ଦିଉଠିଲା ଆରତି । ତାର ନରମକୋମଳ ଦେହ-ପୁଷ୍ପଟିକ୍ ବସନ୍ତ କାନନରେ ସଦ୍ୟ ବିକଶିତ କୁସୁମ କଳିକା ମଳୟର ନିବିଡ଼ ଚୁମ୍ବନରେ କମ୍ପି ଉଠିଲା ପରି ମୁହୂର୍ମୁହୁ ଥରିଉଠିଲା । ଅଶ୍ରୁଳ ଉଚ୍ଛ୍ୱାସରେ ଅପରୂପ ମୁଖ-ପଦ୍ମ ସୌନ୍ଦର୍ଯ୍ୟର ରହସ୍ୟମୟ ଲାବଣ୍ୟରେ ଟଳ ଟଳ ହୋଇ ଥରିଉଠିଲା । ଆଉ ସେଇ ଆଡ଼େ କିଛିକ୍ଷଣ ଉଦ୍ଦାମ ଆବେଗରେ ଚାହିଁରହି ମୋର ଯେମିତିପ୍ରବଳ ଇଚ୍ଛା ହେଲା, ତାର ସେଇ ଆନତ, ଉଦାସ, ବେଦନା ପାଣ୍ଡୁର ଆଖି ଦୁଇଟିକୁ ଅବିରାମ ଚୁମ୍ବନରେ ଛୁଇଦେଇ ତା ଭିତରେ ନିହିତ ବେଦନା ଟିକକୁ ପୋଛି କାଢ଼ି ନେବି । ମାତ୍ର ସାଙ୍ଗେ ସାଙ୍ଗେ କିପରି ଗୋଟାଏ କୁଣ୍ଠା ଆଉ ସଙ୍କୋଚର ଭାବ ଜାଗିଉଠିଲା । ଦୁଷ୍ଟ ମୋହର ପ୍ରବୃତ୍ତିକୁ କୋର୍‌ରେ ଚାପିରଖି ମୁଁ ଆତ୍ମସ୍ଥ ହେଲି । ସସ୍ନେହ ଆଦରରେ ତାକୁ କୋଳ ଉପରୁ ଉଠାଇ ବାହୁର ନିବନ୍ଧରେ ଭିଡ଼ି ଧରି କହିଲି : ଆରତି, ମୁଁ କ'ଣ ତୁମର ଏତେ ବଡ଼ ଦାନର ଯୋଗ୍ୟ ?

: ଛି, ଛି, ଏ ତମେ କଣ କହୁଚ ? ଆରତି ଅଶ୍ରୁଳ କଣ୍ଠରେ ମୋ ହାତ ଧରି ପକାଇ କହିଲା—ତୁମେ ମୋର ସର୍ବସ୍ୱ । ତୁମକୁ ଦେଖିଲା ମୁହୂର୍ତ୍ତରୁ ମୋର ମନେ କ'ଣ ହୋଇଛି, କି ନିଦାରୁଣ ଜ୍ୱାଳାରେ ମୁଁ ଯେ ଜଳି ପୋଡ଼ି ମରୁଚି, ନିଷ୍ଠୁର ତୁମେ କଣ ବୁଝିବ ସେ କଥା ! କହି ଆରତି ପୁଣି ଛୋଟ ପିଲାଟି ପରି ଉଚ୍ଛ୍ୱସିତ କୋହରେ ଡଇଁ କଇଁ ହୋଇ କାନ୍ଦିଉଠିଲା ।

ଯା'ପରେ ଆଉ କି କଥା ! ଆଉ କି ପ୍ରତିବାଦ ! ସ୍ୱପ୍ନର ରାଜନନ୍ଦିନୀ ଯେତେବେଳ ଧରା ଦେଇଚି ଅଯାଚିତ ଭାବରେ, ଆଉ କି ଭାବନା ! ହାତରେ

ଯେପରି ସ୍ୱର୍ଗର ପାରିଜାତ ପାଇଛି । ମୋ ସୌଭାଗ୍ୟର କ'ଣ ଶେଷ ଅଛି ? ମୋ ସୁଖର କିଣ ଅନ୍ତ ଅଛି ? କଳ୍ପନାର ସ୍ୱର୍ଗ ଯେ ମୋ ହାତ ମୁଠା ଭିତରେ !

ସୁରିଆଡ଼ର ନିସ୍ତବ୍ଧତା ଭିତରେ ଜ୍ୟୋତ୍ସ୍ନା-ବିଧୂର ସମୁଦ୍ରର ରୂପ ଯେମିତି କି ଆଶ୍ଚର୍ଯ୍ୟ ଚମତ୍କାର ! କି ଅଶାନ୍ତ ସୁନ୍ଦର !! ସେଇ ସୁନ୍ଦରିମାର ପ୍ରାଚୁର୍ଯ୍ୟରେ ଆମ ଦୁହିଁଙ୍କର ନିର୍ମଳ ଆତ୍ମା କେତେବେଳେ ଯେ ପ୍ରଥମ ମିଳନର ଅଶ୍ରୁକାତର ବିଷ୍ଟୁବ୍ଧତାକୁ ଅତିକ୍ରମ କରି ସାର୍ଥକ ପ୍ରଣୟର ଆନନ୍ଦ-ଉଚ୍ଛ୍ୱାସରେ ଉଦ୍‌ବେଳିତ ହୋଇଉଠିଲା, ଆଉ ଉଭୟଙ୍କର ଅଲକ୍ଷ୍ୟରେ ମନର ଅଗୋଚରରେ ପରସ୍ପର ପ୍ରତି ଆସିଲା ଭଲ ପାଇବାର ଶାଶ୍ୱତ ପ୍ରତ୍ୟୟ, ତା ସେଦିନ ହଠାତ୍ କେମିତି ଯେ ଆବିଷ୍କାର କଲି, ଆଜି ଭାବିଲେ ଆଶ୍ଚର୍ଯ୍ୟ ଲାଗେ ।

॥ ୮ ॥

ପୁରୀରେ ଆରତି ସହିତ ଆଉ ଦୁଇଟି ସନ୍ଧ୍ୟା ।

ସେଦିନ ଅନେକ ରାତିରେ ଘରକୁ ଫେରିବା ବାଟରେ ଆରତିର କରୁଣ ଆବେଦନ, ଆଉ ଦୁଇଟି ଦିନ ରୁହ, ମୁଁ ତୁମକୁ ଆଖି ପୂରେଇ ଦେଖିନି । ମତେ ଏମିତି ଜାଳି-ପୋଡ଼ି ଯାଅନି, ନିଷ୍ଠୁର ! ମତେ କନ୍ଦେଇ ମାରନି । ମତେ ଦୁଇ ଦିନ ପାଇଁ ତୁମ ସହିତ ମନଭରି କଥା କହିବାକୁ ଦିଅ । ପ୍ରାଣ ଦେଇ ଅନୁଭବ କରିବାକୁ ଦିଅ । ତାପରେ ଯାଅ । ତୁମକୁ ଯିବାକୁ ହେବ । ତୁମକୁ ବଡ଼ ହେବାକୁ ହେବ । ତୁମର ଚାଲିବାଟରେ ମୁଁ ପ୍ରତିବନ୍ଧକ ହେବି ନାହିଁ । ତୁମର ଭବିଷ୍ୟତ ଗଢ଼ିବାରେ ମୁଁ ବାଧା ଦେବି ନାହିଁ । ଖାଲି ଦୁଇ ଦିନ ପାଇଁ ମୁଁ ଆଉ ତୁମକୁ ଚାହେଁ ମୋ ପାଖରେ । ତା ପରେ ତୁମେ ଯିବ !

ମନେ ପଡ଼ୁଛି ସେଇ ରାତିରେ ମୋର କଟକ ଫେରିଯିବାର ସମସ୍ତ ପ୍ରତିଜ୍ଞାକୁ ବିସର୍ଜନ ଦେବାକୁ ପଡ଼ିଥିଲା କେବଳ ଆରତିର ଅନୁରୋଧ ଯୋଗୁଁ ନୁହେଁ ମୁଁ ନିଜେ ଯେମିତି କି ଦୁର୍ଲଭ ସମ୍ପଦ ପାଇଥିବା ଲୋଭରେ ଉନ୍ମାଦ ହୋଇ ଯାଇଥିବା ଯୋଗୁଁ । ବୋଉ ମୋର କଟକ ନଯିବାର ସଦ୍‌ବୁଦ୍ଧିକୁ ତାରିଫ୍ କରି ଶାନ୍ତିର ନିଃଶ୍ୱାସ ମାରିଲା । ତାର କଲିକତା ଯିବା ପ୍ରସ୍ତାବ ବାପାଙ୍କ ମଞ୍ଜୁରି ପାଇଲା ନାହିଁ । ମୋ ସାଙ୍ଗରେ ତାର କଟକ ଯିବା ବନ୍ଦ ହେଲା ପରେ ସେ ବି ମତେ ଆଉ ଦୁଇ ଦିନ ପାଇଁ କୋଳରେ ଧରି ରଖିବାକୁ ତା' ମାତୃହୃଦୟର ସମସ୍ତ ବାତ୍ସଲ୍ୟ ମମତା ନେଇ କାନ୍ଦିଉଠିଲା । ଏଡ଼ି ହେଲା ନାହିଁ ତା' ଅନୁରୋଧ ।

କିନ୍ତୁ ଏଇ ଦୁଇ ଦିନ ଭିତରେ ଏତେଗୁଡ଼ାଏ ଘଟଣା ଘଟିଯିବ, ଏହା ମୋ' କଳ୍ପନାରେ ନ ଥିଲା । ଆଉ ତା ସହିତ ମୋ ପ୍ରାଣର ବନ୍ଧନ ସାମାନ୍ୟ ଦୁଇଟି ଦିନ ଭିତରେ ଏପରି ନିବିଡ଼ ଆଉ ଆନ୍ତରିକ ହୋଇ ଉଠିବ, ଏହା ଯେପରି ମୁଁ ସ୍ୱପ୍ନରେ ବି ଭାବି ପାରି ନ ଥିଲି ।

ତହିଁ ଆରଦିନ ସକାଳେ ସରୋଜବାବୁଙ୍କ ପାଖକୁ ଚିଠି ଲେଖି ବସିଥିଲି । ତାଙ୍କ ସାଙ୍ଗରେ କଲିକତା ଯିବା ମୋର ସମ୍ଭବ ନୁହେଁ । ସେ ଯାଇଁ ତାଙ୍କର ପରିବାର ଶୀଘ୍ର ନେଇ ଆସନ୍ତୁ । ନେଇ ଆସିଲା ପରେ ଅଲକାର ପାଠ ପଢ଼ା ସମ୍ବନ୍ଧରେ ଯାହା ସାହାଯ୍ୟ କରିବା କଥା, ତା ମୁଁ ଅବଶ୍ୟ କରିବି । ସେଥିପାଇଁ ଆଗରୁ ପରାମର୍ଶ କରି କିଛି ଲାଭ ନାହିଁ । ଏଇ ମର୍ମରେ ଚିଠି ଲେଖି 'ଖାମ ବନ୍ଦ କରିବାକୁ ଯାଉଛି, ଏତିକିବେଳେ ଘରଭିତରକୁ ପଶି ଆସିଲା ସୁରେଶ । କହିଲା,
: କାଲି ସନ୍ଧ୍ୟାରେ ହଠାତ୍ କୁଆଡ଼େ ଅନ୍ତର୍ଦ୍ଧାନ ହୋଇ ଯାଇଥିଲୁ ରେ ?

: ମନ ଭଲ ନ ଥିଲା, ଏକା ଟିକିଏ ବୁଲି ଚାଲିଯାଇଥିଲି ସୁନାର ଗୌରିଙ୍କ ଆଡ଼େ । କହି ମୁଁ ଖାମ୍ ଉପରେ ଠିକଣା ଲେଖିଲି ।

: ହୁଁ, ମନ ଭଲ ନ ରହିବା କଥା ତ ! ସୁରେଶ କେମିତି ଅଣ୍ଟାଳିଆ ସ୍ୱରରେ କହିଲା— ଏ କେତେ ଦିନ ଧରି ତୋ ମନ ଭଲ ନ ରହିବା କଥା ମୁଁ ବି ଲକ୍ଷ୍ୟ କରୁଛି ।

: ଲକ୍ଷ୍ୟଟା ତୋ ମାନସିକ-ବିକାରର ଲକ୍ଷଣ ନୁହେଁ ତ ? ମୁଁ ହସି ହସି ପଚାରିଲି ।

: ମୋ' ମାନସିକ ବିକାର ହେବ କାହିଁକି, ହେଲେ ତୋର ହୋଇ ପାରେ । ମୋର ତ ଆଉ ବିକାରଗ୍ରସ୍ତ ହେବା ପାଇଁ ଉପାଦାନ ନାହିଁ ସେମିତି କିଛି ।

ବୁଝିଲି ସୁରେଶର କଥା କହିବା ମର୍ମ । କହିଲି : ଉପାଦାନ ଥିଲେ ନୁହେଁ, ଉପାଦାନ ଅଭାବରେ ତ ମାନସିକ ବିକାର ହେବାଟା ଲକ୍ଷ୍ୟ କରାଯାଇଥାଏ ସାଧାରଣତଃ ।

: ଓଃ ଭାରି ଅହଙ୍କାର ତ ଆସିଯାଇଛି ତୋର ।

: କାହିଁକି ଅହଙ୍କାର କୋଉଠି ?

: ଏଇ ତ କହୁଛୁ, ତୋର ଉପାଦାନ ଅଛି ଆଉ ମୋର ନାହିଁ । କିମ୍ବା ତୋର ଅଛି ବୋଲି ମୋର ଈର୍ଷା ।

: ଖୁବ୍ ତ ଭାବାର୍ଥ କରି ଜାଣୁ ? କହିଲି, ' ମୋ କଥାରୁ ତୁ ଏତେ ସବୁ ବୁଝିଲୁ କେମିତି ?

: ସବୁ ବୁଝିପାରେ, ସବୁ ବୁଝିପାରେ । ସୁରେଶ ଆଖିରେ ଧୂଳି ଦେବା ପିଲା ଖୁବ୍ କମ୍ ଏ ରାଜ୍ୟରେ, ବୁଝିଲୁ ! ମୁଁ କାହିଁକି ଆସିଚି ଜାଣୁ ?

ଏଥର ସ୍ପଷ୍ଟଭାବରେ ତା ମୁହଁକୁ ଚାହିଁଲି । କହିଲି : ତୋର ଏଠିକି ଆସିବା ଭିତରେ କେବେ କାରଣ ଥାଏ ବୋଲି ତ ମୁଁ ଜାଣି ନ ଥିଲି ଏ ପର୍ଯ୍ୟନ୍ତ । ଆଜି ତୋର ଏଠିକି ଆସିବା ଭିତରେ କାରଣ ଅଛି କହି ମତେ ଚମକେଇ ଦେଲୁ ସୁରେଶ ! କଣ, କଥା କଣ ?

: କଥା ବିଷୟ ଖୁବ୍ ସାଂଘାତିକ । ମୋର ତୋ ସହିତ କିଛି ବୁଝା-ପଡ଼ାର ଦରକାର ଅଛି ।

: ବେଶ୍ ତ, ସେଥିପାଇଁ ଏତେ ଭଣିତା କାହିଁକି ? କହ ତୋ ବୁଝା-ପଡ଼ା କରିବାର ବିଷୟବସ୍ତୁ କ'ଣ ।

: କିନ୍ତୁ ଏଠି ନୁହେଁ, ସୁରେଶ କହିଲା କର୍କଶ ଗଳାରେ, ମୋ ସାଙ୍ଗରେ ଟିକିଏ ଆମ ଘରକୁ ଯିବାକୁ ପଡ଼ିବ ।

: କାହିଁକି ଏଠିତ କେହି ନାହାନ୍ତି । ମୋର ଏ ଶୂନ୍ୟ ଘରର ନିର୍ଜନତା କଣ ଯଥେଷ୍ଟ ନୁହେଁ ତୋ କଥାର ଆଲୋଚନା ପାଇଁ ?

: ନା, ନୁହେଁ । ହୁଏତ ହଠାତ୍ କେହି ଆସି ପହଞ୍ଚି ଯାଇପାରେ ।

: ବେଶ୍ ଦୁଆର କିଳି ଦେଉଛି । କହି ମୁଁ ଉଠିଯିବାକୁ ଯାଉଛି, ମୋ ହାତ ଭିଡ଼ି ଧରିଲା ସୁରେଶ । କହିଲା—ନା, ନା, ଏ ଘରର ପରିବେଶ ଅନୁକୂଳ ନୁହେଁ, ତୋର ମୋର ସେ ଆଲୋଚନା ପାଇଁ ।

: ଆଶ୍ଚର୍ଯ୍ୟ ! ତୋର ଏତେ ଗୁପ୍ତ କଥାର ଭଣ୍ଡାର କେବେଠୁ ବଢ଼ି-ଉଠିଲାଣି ! ତୁ ଏମିତି ବିବ୍ରତ ଦେଖାଯାଉଛୁ କାହିଁକି ?

: ବିବ୍ରତ ମୁଁ ଦେଖାଯାଉଛି ନା ତୁ ? ସୁରେଶ ସିଧାସଳଖ ମୋ ମୁହଁକୁ ଚାହିଁ ପଚାରିଲା । ଆଇନାରେ ଆଜି ସକାଳୁ ତୋ ମୁହଁଟା ଦେଖିଚୁ ?

ମୁଁ ଯେମିତି ଚମକି ଉଠିଲି । କଣ ହୋଇଛି ମୋର ? ମୋ ମୁହଁରେ କଣ କିଛି ଦାଗ ପଡ଼ିଛି, ଗତ ରାତିର ନିଦ୍ରାହୀନ ଦୁଶ୍ଚିନ୍ତାର ?

ମତେ ନୀରବ ଦେଖି ସୁରେଶ ପୁଣି କହି ଚାଲିଲା : ଦେଖିଚୁ ଭଲକରି ତୋ ଆଖିର କଷାଳିଆ ଡୋଳା ଦୁ'ଟାକୁ ? ତୋ ଗାଲର ଶେତା ରଙ୍ଗଟାକୁ ଲକ୍ଷ୍ୟ କରିଚୁ ?

ବାଧାଦେଇ କହିଲି : ରଖ ତୋର ଡାକ୍ତରୀ ଆନାଲେସିସ୍ । କଥା କଣ କହ ।

: ବେଶ୍ କହିବ, କିନ୍ତୁ କେହି ଯଦି ଆସି ଶୁଣେ ।

: କେହି ଶୁଣିବେନି । ସେଥିପାଇଁ ମୁଁ ଦାୟୀ ।

: ଠିକ୍ ତ !

: ଆଃ, କହୁନା, ମୁଁ ବିରକ୍ତ ଗଳାରେ କହିଲି । ବଡ଼ ବେଶୀ ବେଆଦବ ତୁ ସୁରେଶ ! ବେଳେ ବେଳେ ସହ୍ୟ ହୁଏନା ।

: ବେଳେ ବେଳେ ନୁହେଁ, ଏଣିକି ହୁଏତ ମୋଟେ ତୁ ମତେ ସହ୍ୟ କରିପାରିବୁ ନାହିଁ ।

: ଶୁଆ ମୂଳ ଶୁଆ ମୁହଁରେ ପରି ତୋ ସମ୍ବନ୍ଧରେ ତୁ ନିଜେ ଯେ ଶତମୁଖ ହେଇଉଠିଛୁ ସୁରେଶ—ତୋର ମତିଭ୍ରମ ହେଇଚି ନା କଣ ?

: ନା ମୋର ନୁହଁ, ତୋ ମତିଭ୍ରମକୁ ମୁଁ ଧରିଛୁ ବୋଲି ମୋ ମତିଭ୍ରମଟା ତୋ ଆଖିରେ ଏତେ ବେଶୀ ଉଜ୍ଜ୍ୱଳଭାବେ ପ୍ରକଟ ହେଇଉଠିଛି । ଆଗୁ କହପାରିବୁ, ନିଆଁ ନେଇ ଖେଳିବାର ଏ ଦୁଃସାହସ ତୋର କାହିଁକି ?

: ଅର୍ଥାତ୍ ! ମୁଁ ବେଶ୍ ନିର୍ଭୀକ ଗଳାରେ ପଚାରିଲି ସୁରେଶକୁ ।

: ଅର୍ଥାତ୍ ? ଆରତିକୁ ନେଇ କାଲି ସନ୍ଧ୍ୟାରେ କୁଆଡ଼େ ଯାଇଥିଲୁ ? ସୁରେଶ ପଚାରିଲା ।

: ଯାଇଥିଲି ଜାଣିଚୁ ଯେତେବେଳେ, କୁଆଡ଼େ ଯାଇଥିଲି ତା ନିଶ୍ଚୟ ତୁ ଜାଣୁ ।

: ହିଁ । ଜାଣେ ଜ, କିନ୍ତୁ ତୋ ମୁହଁରୁ ମୁଁ ଶୁଣିବାକୁ ଚାହେଁ ।

: ମୋ ମୁହଁରୁ ?

: ହଁ, ସୁରେଶ ଦୃଢ଼ ଗଳାରେ କହିଲା ।

: କାହିଁକି ? ମୁଁ ପଚାରିଲି ।

: ମୋ ପ୍ରତି ତୋର ଏତେଦିନର ବନ୍ଧୁତାର ସଫେଇ ଜାଣିବା ପାଇଁ । କହି, ସୁରେଶ କପଟ ଅବଜ୍ଞାରେ ଟିକିଏ ହସିବାକୁ ଚେଷ୍ଟା କଲା ।

କହିଲି : ବଡ଼ ଅଦ୍ଭୁତ ବୁଝୁଚୁ ତୁ ସୁରେଶ ! କାଲି ସନ୍ଧ୍ୟାରେ ଆରତି ସାଙ୍ଗରେ ବୁଲି ଯାଇଥିଲି ବୋଲି ତୋ ସହିତ ବନ୍ଧୁତାର ଅବମାନନା କଲି କେଉଁଠି ?

: ଆଉ କଣ କଲେ କରିଚୁ ବୋଲି ମନରେ ଭାବିଥାଆନ୍ତୁ ଶୁଣେ ?

: ସେ ବିଷୟରେ ଚିନ୍ତାକରି ଦେଖି ନାହିଁ । ମୁଁ ବେଶ୍ ନିର୍ବିକାର ଗଳାରେ କହିଲି ।

: ଆଚ୍ଛା, ସିଧାସଳଖ ମୋ କଥାର ଉତ୍ତର ଦେବୁ ? ସୁରେଶ ପଚାରିଲା ।

: ଯେତେଟା ପାରେ ।

: ଚାହିଁଲେ ସବୁଟା ତୁ ପାରିବୁ; କିନ୍ତୁ ଇଚ୍ଛା କରି ହୁଏତ ଦେବୁ ନାହିଁ ।

: ମୁଁ ତୋର ବନ୍ଧୁ ବୋଲି ମୋ ଇଚ୍ଛାଟାକୁ ତୁ ନିୟନ୍ତ୍ରଣ କରିବୁ ନା କଣ ?

: ନା, ସେ କଥା ମୁଁ କହୁ ନାହିଁ । ତେବେ—ଖୋଲା ଉତ୍ତର ଦେଇ-ପାରିବା ଅବସ୍ଥାରେ ତୁ ନାହୁଁ ବୋଲି ଜାଣିଲେ, ମୁଁ ହୁଏତ ତତେ କିଛି ପଚାରନ୍ତି ନାହିଁ ।

: ନ ପଚାରିଲେଇ ପାରୁ । ମୁଁ କି ଉତ୍ତର ଦେବି···କେମିତି ଉତ୍ତର ଦେବି ସବୁ ନିର୍ଭର କରେ ତୋ ପଚାରିବାର ଭଦ୍ରତା ଉପରେ ।

: ମୁଁ ତାହାହେଲେ ଏ ଭିତରେ ଅଭଦ୍ର ବି ହେଇଉଠିଛି କିଛି କିଛି ତୋ ପାଖରେ !

: ଅବାନ୍ତର ଯୁକ୍ତି ତର୍କ ଛାଡ଼ି କହିଲୁ, କଥା କଣ ?

: କହିଲି ତ, ତୁ ଆରତିକୁ ନେଇ କୁଆଡ଼େ ଯାଇଥିଲୁ ?

: ସ୍ୱର୍ଗକୁ ନିଶ୍ଚୟ ନୁହେଁ । ମୁଁ କହିଲି । ଏଇ ପୃଥିବୀରେ କୌଣସି ଏକ ନିଭୃତ ଇଲାକାକୁ ।

: ନିଭୃତ ଇଲାକା ବୋଲି ମାନୁଚୁ ତାହେଲେ ! ସୁରେଶ ପଚାରିଲା ।

: ହିଁ, ନେଇ ଯାଇଥିଲି ଯେତେବେଳେ, ମାନିବାରେ ଭୟ କଣ ?

: ତୁ ଯେ ପିଲାଦିନରୁ ନିର୍ଭୀକ, ତା ମୁଁ ଜାଣେ । ସୁରେଶ କହିଲା ଶ୍ଳେଷକଣ୍ଠରେ ।

: ମୋ ନିର୍ଭୀକତା ସମ୍ବନ୍ଧରେ ତୋର ସାର୍ଟିଫିକେଟର ଦରକାର ନାହିଁ । ଆଉ କଣ ପଚାରିବାର ଅଛି ?

: ତୋର ସ୍ୱୀକାରୋକ୍ତି ପରେ ପଚାରିବାର ଆଉ କିଛି ନାହିଁ ମୋର । ତେବେ ମୁଁ ଗୋଟାଏ କଥା ଜାଣିବାକୁ ଚାହେଁ । ମୋ ସଙ୍ଗେ ତୁ ପ୍ରତାରଣା କରୁଛୁ କାହିଁକି ?

: କି ପ୍ରତାରଣା ?

: ଆରତିକୁ ତୁ ଭଲ ପାଉ, ସେଦିନ ସମୁଦ୍ରକୂଳେ କହିଲୁନି କାହିଁକି ?

: ଆଜି ବି ଭଲ ପାଏ ବୋଲି ତତେ କିଏ କହିଲା ?

: ନିଭୃତ ଇଲାକାକୁ ତାକୁ ନେଇଯିବା ଅର୍ଥ ତେବେ କଣ ?

: ଅର୍ଥ କଣ ନିର୍ଭୁଲଭାବରେ 'ପ୍ରେମ' ?

: ନିଶ୍ଚୟ । ସୁରେଶ ଜୋର୍ ଦେଇ କହିଲା ।

: ନିଶ୍ଚୟ ଆଉ ସ୍ୱତଃସିଦ୍ଧ ବୋଲି ଜାଣିଚୁ ଯଦି, ବିଶ୍ଳେଷଣ କରି ପଚାରୁ ଲାଭ କଣ ?

: ଲାଭ ତୋର ନ ଥାଇପାରେ, ମୋର କିନ୍ତୁ ଅଛି ।

: ତୋର ଅଛି ? ମୁଁ ଆଶ୍ଚର୍ଯ୍ୟରେ ପଚାରିଲି । କି ଲାଭ କଥା ତୁ କହୁଛୁ ମୁଁ ବୁଝିପାରୁ ନାହିଁ ।

: ମୁଁ ଏଠୁ ଗଲାପରଠୁ ବୁଝିପାରିବୁ ପରିଷ୍କାରଭାବରେ ।

: ନା, ତତେ ଏଇକ୍ଷଣି କହିବାକୁ ହେବ ।

: ତା ବି କହିପାରେ । ମୁଁ ଖାଲି ନୁହେଁ ତୋ ପରି । ମୁଁ ଆରତିକୁ ଭଲ ପାଇଥିଲି ପ୍ରଥମ ଦେଖାରେ । ତତେ ସେଦିନ ସମୁଦ୍ରକୂଳେ କହିଥିଲି । କିନ୍ତୁ ତୁ ବି ତାକୁ ଭଲ ପାଉଛୁ ଜାଣିଲେ ମୁଁ ଦୂରେଇ ଯିବାକୁ ଚାହେଁ । ତୋର ମୋର ବନ୍ଧୁତା ଯାହା···ସେଠି ଜଣେ ଅବିବାହିତା ଝିଅକୁ ଆକର୍ଷଣ କରିବା ପାଇଁ ଝଗଡ଼ା ଲାଗିବା ସୁନ୍ଦର ନୁହେଁ । ପୃଥିବୀରେ ଅନେକ କୁମାରୀ ସୁନ୍ଦରୀ ଅଛନ୍ତି—ଚାହିଁଲେ ଜଣେ ଯୋଗାଡ଼ କରି ନେଇପାରେ ।

: ଝିଅ ଯୋଗାଡ଼ କରିବାଟା ହିଁ ପ୍ରେମର ପ୍ରଥମ ପଦକ୍ଷେପ ତୋ ପାଖରେ ।

ସୁରେଶ ଟିକିଏ ଅପ୍ରସ୍ତୁତ ହେଲା ପରି ଅଙ୍ଗମଙ୍ଗ ହେଲା । ତା'ପରେ କହିଲା : ଯୋଗାଡ଼ର ଅର୍ଥ ତୁ କଣ ଏଇପରିଭାବରେ ବାଖ୍ୟା କରିବାକୁ ଚାହୁଁ ?

: ମୋ ବାଖ୍ୟା ସହିତ ତୋର ଯାଏ ଆସେ କଣ ? ତୁ କବି । ପ୍ରେମର ତାତ୍ତ୍ୱିକ ଅର୍ଥ ତୋ ପାଖରେ ସ୍ୱତନ୍ତ୍ର ।

ସୁରେଶର ମୁହଁ ଲଜ୍ଜା ଓ ଅପମାନର ଆଘାତରେ ଯେମିତି ଲାଲ୍ ହୋଇ-ଉଠିଲା । କ'ଣ ଗୋଟାଏ କହିବାକୁ ଯାଉଥିଲା ସେ; କିନ୍ତୁ ହଠାତ୍ ଦୁଆର ମୁହଁରେ କମଳା ଦେବୀଙ୍କ ଆବିର୍ଭାବରେ ଥମିଗଲା । ସୁରେଶ ସସମ୍ଭ୍ରମେ ଉଠି ଛିଡ଼ା ହୋଇପଡ଼ିଲା । କହିଲା : ଆପଣଙ୍କୁ ନିମନ୍ତ୍ରଣ କରିବାକୁ ଆସିଛୁ ମାଉସୀ, ଆମ ଘରକୁ ଆଜି ସନ୍ଧ୍ୟାରେ ଯିବେ ଆପଣ ।

: କ'ଣ ପାଇଁ ନିମନ୍ତ୍ରଣ ? କମଳା ଦେବୀ ହସି ହସି ଘର ଭିତରକୁ ପଶି ଆସି କହିଲେ—କନ୍ୟା ଦେଖା ନିର୍ବନ୍ଧର ଭୋଜି-ଭାତ ନା କଣ ? କିନ୍ତୁ ସେ ନିମନ୍ତ୍ରଣ ତ ତୁମ ବୋଉ କରିବା କଥା ।

: ମୋ ବୋଉ ଏକ ହୁଣ୍ଡୀ, ମାଉସୀ ! ସତକୁ ସତ କନ୍ୟା ଦେଖା ନବନ୍ଧର ପାଲା ଯଦି କେବେ ଆମ ଘର ଭିତରେ ହୁଏ, ବୋଉ ବୋଧହୁଏ ସେଦିନ ହାଉଳି ଖାଇଲା ପରି କଣ ନାହିଁ କଣ କରି ବସିବ ! କହି ସୁରେଶ ଟିକିଏ ମୋ ଆଡ଼କୁ କଣେଇକରି ଗୃହିଁ କହିଲା—ଆପଣଙ୍କ କଥା ମୋଠୁ ଶୁଣି, ବୋଉ ସେଇ ଦିନଠୁ ମୋ ପାଙ୍ଗେ ଲଗେଇଛି ଆପଣଙ୍କୁ ଡାକି ନେବା ପାଇଁ । ଯେତେ କହିଲି ତୁ ଆଗେ ଯାଇ ଦେଖା କରିଆ, ସେତେ ତାର ଜିଦ୍ , ତୁ ମାଉସୀଙ୍କୁ ସାଙ୍ଗରେ ଡାକିଆଣ । ମତେ ତ କଥା କହି ଆସେ ନା, କଣ ଯାଇ କହିବି ।

କମଳା ଦେବୀ ହସିଉଠିଲେ । କଥା ଯଦି କହି ଆସେ ନା—ମୁଁ କଣ ଯାଇଁ କଥା ଶିଖେଇଦେଇ ଆସିବି ?

: ନା, ତା ନୁହେଁ, ଆପଣ ଆଗେ ଗଲେ ତ ଲାଜ କଟିଯିବ । ବଡ଼ ଗାଁଉଲି କି ନା !

: ଆଚ୍ଛା, ଯିବି କେବେ ।

: ନା, କେବେ ନୁହେଁ, ଆଜି ସଞ୍ଜରେ । ମୁଁ ରିକ୍‌ସା ନେଇ ଆସିବି ।

: ଏଡିକି ତ ବାଟ । ରିକ୍‌ସା କଣ ହେବ ? ଗଲେ କାଲି ଗ୍ରାଇଲେଉଟା ବେଳେ ଯିବି । ସନ୍ଧ୍ୟାରେ ଶୋଷେଇବାସ, ଘରଯାକର କାମ ।

: ତେବେ, ଉନଟା ବେଳକୁ ମୁଁ ଆସି ନେଇଯିବି କହି ସୁରେଶ ଉଠି ଠିଆ ହେଲା ।

କମଳା ଦେବୀ କହିଲେ : ଉଠି ଠିଆ ହେଲ ଯେ । କ'ଣ ସବୁ ମୁହଁ ଯୋଡ଼ା-ଯୋଡ଼ି ହେଇ କଥାଭାଷା ହେଉଥିଲ । ମୁଁ ଆସିଲାରୁ ବାଧା ପଡ଼ିଲା ବୋଧହୁଏ ! ତୁମ କବିତା ବହି ଛପା କେତେଦୂର ଗଲା ?

: ଲାଗୁଛି ଛପିବ ନାହିଁ । ଲେଖା ଆଉ ଟିକିଏ ଦୋରସ୍ତ ହେଉ ।

: ସେଦିନ ମୋ ମନ୍ତବ୍ୟରେ କ୍ଷୁଣ୍ଣ ହେଲ ନା କଣ ? କମଳା ଦେବୀ ସସ୍ନେହ ଗଳାରେ ପଚାରିଲେ ।

: ନାଁ କ୍ଷୁଣ୍ଣ ନୁହେଁ, ବରଂ ମୋ ଭୁଲ ମତେ ଦେଖାଇଦେଇ ମୋର କବିଦୃଷ୍ଟିକୁ ଶାଣିତ କରିଛନ୍ତି ଆପଣ !

: ଏତେ ବେଶୀ ପ୍ରଶଂସା କରିବ ନାହିଁ ସୁରେଶ, ମୁଁ କବିତାର ବୁଝେଁ କଣ ? ତେବେ ସାଧାରଣ ପାଠିକା ଦୃଷ୍ଟିରୁ ମୁଁ ତୁମକୁ କେତେକ କଥା କହିଥିଲି ସେଦିନ । ମୋ ମତରେ ତୁମେ ଜଣେ ସୌନ୍ଦର୍ଯ୍ୟର ପୂଜାରୀ । ନଗ୍ନ ପ୍ରେମ ସମ୍ବନ୍ଧରେ କବିତା ନ ଲେଖି ଜୀବନର ସୂକ୍ଷ୍ମ ଅନୁଭୂତିକୁ ନେଇ ଯଦି ଲେଖନ୍ତ, ତାହାହେଲେ ଭଲ

ହୁଅନ୍ତା । କାହିଁକି ଏକଥା କହୁଛୁ ଜାଣ ? ନଗ୍ନ ପ୍ରେମ ଉପରେ ଆମ ପ୍ରାଚୀନ କବି ଏତେ ବେଶୀ ଲେଖିଯାଇଛନ୍ତି—ଆଧୁନିକ କବିଙ୍କର କଳ୍ପନା ସେଠି ସେମିତି ଆଣ୍ଠୁ ମାଡ଼ି ପଡ଼ିଗଲା ପରି ଜଣାଯାଏ ।

: ନଗ୍ନ ପ୍ରେମ ଉପରେ କବିତା ଲେଖି ସମ୍ରାଟ ହୋଇଥିବା ଉପେନ୍ଦ୍ରଭଞ୍ଜଙ୍କ କଥା ଆପଣ ନିଶ୍ଚୟ କହିବାକୁ ଚାହୁଁଛନ୍ତି । କିନ୍ତୁ ମୁଁ କହିବି—ନଗ୍ନ ପ୍ରେମ ଉପରେ ପ୍ରାଚୀନ କବି ଭଞ୍ଜଙ୍କର ଦୃଷ୍ଟିକୋଣଠାରୁ ଆଜିର ଆଧୁନିକ ଓଡ଼ିଆ କବିଙ୍କର ଅନୁଶୀଳନାତ୍ମକ କବିତା କଣ ସ୍ୱତନ୍ତ୍ର ନୁହେଁ ?

: ତୁମ ଆଧୁନିକ ଓଡ଼ିଆ କବିଙ୍କ କବିତାକୁ ମୁଁ ପଢ଼ିଛି ସୁରେଶ ! ସେମାନଙ୍କର ଅନୁଶୀଳନାତ୍ମକ କବିତା ଭିତରେ କେତେଦୂର ଆଧୁନିକତା ଅଛି, ତା ଅବଶ୍ୟ ତର୍କର କଥା । କିନ୍ତୁ ମୋର ଗୋଟାଏ କଥା ମନେ ହୁଏ, ଏମାନଙ୍କର କବିତା ବଡ଼ ଦୈହିକ !

: କିନ୍ତୁ ମୋର ମନେହୁଏ ସମ୍ପୂର୍ଣ୍ଣ ଓଲଟା । ପ୍ରାଚୀନ କବିଙ୍କର କବିତାସବୁ ଉଗ୍ର କାମଲାଳସାର ବହ୍ନିପ୍ରକାଶ, ଯେଉଁ ବହ୍ନିର ଶିଖା ସମସ୍ତ ଶିରାପ୍ରଶିରାରେ ହୁତାଶନ ଜାଳିଦିଏ । କହି ସୁରେଶ ସଗର୍ବେ ମୋ ଆଡ଼କୁ ଚାହିଁଲା ।

ଅଳ୍ପ ଟିକିଏ ହସିଲେ କମଳା ଦେବୀ । କହିଲେ : ପ୍ରାଚୀନ ଭଞ୍ଜ କବିତା ପଢ଼ି ମୋଟାମୋଟି ଗୋଟାଏ ସ୍ଥୂଳ ଅର୍ଥ ବାହାର କରିବସିଲେ ହୁଏତ କେତେଟା ତୁମର ମନ୍ତବ୍ୟ ସହିତ ସମାନ । କିନ୍ତୁ କବିତା ବା କାବ୍ୟର ଅନୁଶୀଳନ କଣ କେବଳ ଶବ୍ଦର ଅର୍ଥରୁ ହିସାବ ମିଳାଇ କରାଯାଏ ? ତା ଭିତରେ ନିହିତ ନିଗୂଢ଼ ଭାବ ଆଉ ଅନୁଭୂତିକୁ କଣ ପର୍ଯ୍ୟାଲୋଚନା କରି ଦେଖିବାର କଥା ନୁହେଁ ? ତୁମେ ଜାଣ, ପ୍ରାଚୀନ କବିଙ୍କର କାବ୍ୟ-କବିତାର ଅର୍ଥ ବହୁମୁଖୀ !

: ଜାଣେ, ସୁରେଶ କହିଲା, ଖାଲି ବହୁମୁଖୀ ନୁହେଁ, ଅବୋଧଗମ୍ୟ ।

: ଠିକ୍ କହିଛ, ପ୍ରାଚୀନ କବିତାର ସ୍ୱାତନ୍ତ୍ର୍ୟ ସେଇଠି । ତୁମର ଆଧୁନିକ କବିତା ଗନ୍ଧହୀନ ପଳାଶପୁଷ୍ପ ପରି ସୁନ୍ଦର ହୋଇପାରେ, କିନ୍ତୁ ପ୍ରାଚୀନ କାବ୍ୟର ସାର୍ଥକତା ହେଲା ତାର ସୌନ୍ଦର୍ଯ୍ୟର ସୁରଭିତ ରୋମାଞ୍ଚନରେ ! ସେ କବିତା ମନ-ପ୍ରାଣକୁ ଅଭିଭୂତ କରିଦିଏ । ଆଉ ତୁମମାନଙ୍କର ଏ କବିତା କେବଳ ପାଖ ଦେଇ ଚାଲିଯାଏ । ନିଭୃତ ହୃଦୟର ସୀମାକୁ ସ୍ପର୍ଶକରି ଅନୁପ୍ରାଣିତ କରିବାର ଶକ୍ତି ନାହିଁ ତାର । କହି, କମଳା ଦେବୀ ଟିକିଏ ହସି ହସି ମୋ ଆଡ଼କୁ ଚାହିଁଲେ । ମୁଁ କିନ୍ତୁ ପଦଏ ହେଲେ କିଛି ନ କହି ଏପର୍ଯ୍ୟନ୍ତ ଚୁପ୍ କରି ବସିଥାଏ । କମଳା ଦେବୀଙ୍କ ସହିତ ସୁରେଶର ଯୁକ୍ତି କରିବାର ବଢ଼ିମାଟାକୁ ମୁଁ କିନ୍ତୁ ଖୁବ୍ ପସନ୍ଦ କରୁନଥିଲି ।

ଏତିକିବେଳେ ବୋଉ ଘର ଭିତରକୁ ପଶିଆସିଲା। ସୁରେଶ ଉଠି ନମସ୍କାର କଲା। କହିଲା : ମାଉସୀ, ଆମ ଘର ଆଡ଼େ ଆଜି ଦି'ପହରେ ଟିକିଏ ବୁଲିଯିବ। ବୋଉ ଡାକିଛି।

: କମଳା ମାଉସୀଙ୍କ ନେଇଯା, ସେ ଦେଖିବେ। ମୋର କେତେ କାମ ! ହମ କାଲି କଟକ ଯିବ। ତା ପାଇଁ ମୁଁ ଆଁ, ଉଖୁଡ଼ା କରୁଚି। ଆଜି ଫୁରୁସତ୍ ନାହିଁ।

କଥା ମଝିରେ କମଳା ଦେବୀ କହିଲେ : ହଁ, ଭୁଲିଯାଇଛି ସୁରେଶ, ଆଜି ତ ଯିବା ହେବ ନାହିଁ ! ସନ୍ଧ୍ୟା ଗୃଘଣ୍ଟା ପାସେଞ୍ଜରରେ ବାଲେଶ୍ୱରରୁ ଭାଇ ଆସିବେ। ଆଉଦିନେ ଯିବି। ତୁମେ ତ ଅଛ ଏଇକ୍ଷଣି କେତେଦିନ।

ସୁରେଶ କିପରି ବିମର୍ଷ ଗଳାରେ କହିଲା : ହଉ ! ତାପରେ ମୋ ଆଡ଼କୁ ଟିକିଏ କଣେଇ କରି ଗୃହିଁ ଉଠି ଗୃଲିଗଲା।

ତା ଗୃହାଣୀରୁ ବୁଝିଲି, ସେ ଯେପରି ଏକ କଠିଣ ପ୍ରତିଜ୍ଞାରେ ନିଜକୁ ସୁଦୃଢ଼ ହେଇ ଛୁଡ଼ାହେବାକୁ ଚେଷ୍ଟା କରିବାର ଶପଥ ନେଇ ଗୃଲିଗଲା।

ସୁରେଶ ସହିତ ଏପରି ଭାବେ ଗୋଟାଏ ଟଣାଓଟାରା ଲାଗିଯିବ ଆରତିକୁ ନେଇ, ଏ ମୋର କଳ୍ପନାର ବାହାରେ ଥିଲା। କିନ୍ତୁ ମୁଁ ଭାଙ୍ଗି ପଡ଼ିଲି ନାହିଁ। ବରଂ ଅଗ୍ନି-ବର୍ମ ପରି ନିଜକୁ ଶକ୍ତ କରିନେଲି, ଯେ କୌଣସି ପ୍ରତିଯୋଗିତାର ସମ୍ମୁଖୀନ ହେବା ପାଇଁ।

ଆଶ୍ଚର୍ଯ୍ୟ ବି ହେଲି, ପ୍ରେମ କ୍ଷେତ୍ରରେ ମନର ତରୁଣୀଟିକୁ ପାଇବା ପାଇଁ ନିଜର ଅଗୋଚରରେ ପ୍ରେମିକର ବାହୁରେ ସଂଗ୍ରାମର ଅପରିସୀମ ଶକ୍ତି ଆସେ କୁଆଡ଼ୁ ? କୁଆଡ଼ୁ ଆସେ ମୃତ୍ୟୁର ଶପଥ ନେଇ ପ୍ରଣୟିନୀକୁ ଉଦ୍ଧାର କରିବା ପାଇଁ ପ୍ରତିଦ୍ୱନ୍ଦ୍ୱୀର ଚକ୍ରାନ୍ତରୁ !

ଆରତିକୁ ପଗୃରିଲି ସେଦିନ ସନ୍ଧ୍ୟାରେ : କହିପାରିବ, ତୁମେ ମୋ ହାତମୁଠାରେ ଏ ବଜ୍ରର ଶକ୍ତି ଆଣିଦେଲ କିପରି ?

ପଢ଼ାବହିକୁ ସାମନାରେ ମେଲେଇ ରଖି ସେ ମୋ ଆଡ଼କୁ ଆଶ୍ଚର୍ଯ୍ୟ-ସ୍ନିଗ୍ଧ ଦୃଷ୍ଟିରେ ଗୃହିଁଲା।

କହିଲି : ବୁଝିପାରୁନ ନା ? ସୁରେଶ ଆଜି ମୋ ସହିତ ଅନେକ କିଛି ତର୍କ କରି ଯାଇଛି। ମତେ ଗୋଟାଏ କଥା ଖୋଲି କହିବ ?

ଆରତି ଆହୁରି ଆଶ୍ଚର୍ଯ୍ୟରେ ଗୃହିଁଲା ମୋ ଆଡ଼େ।

କହିଲି : ମୁଁ ଆସିବା ଆଗଦିନ ସୁରେଶ ଆସିଥିଲା ମତେ ଖୋଜିବାକୁ, ତୁମ ସହିତ ଦେଖା ହେଇଥିଲା ତାର ?

: ହଁ, ଆରତି ଅସ୍ଫୁଟ ଗଳାରେ କହିଲା, କ'ଣ ହୋଇଛି ?

: ତୁମକୁ ସ୍ପଷ୍ଟଭାବରେ ଦେଖିଥିଲି ? ମୁଁ ପଚାରିଲି ।

: ହଁ, ମୁଁ ତୁମ ପଢ଼ାଘର ଭିତରକୁ କଣ ଆଣିବାକୁ ପଶିଗଲା ବେଳେ ସେ ଆସି ମୋ ଆଗରେ ଠିଆ ହୋଇ ମତେ କେମିତି ଅଭଦ୍ର ଭାବରେ ଚାହିଁଲେ । ମୁଁ ପଳେଇ ଆସିବାକୁ ବାଟ ପାଇଲି ନାହିଁ ।

: ବୋଉ କି ମାଉସୀ କେହି ନ ଥିଲେ ?

: ନା, ସମସ୍ତେ ତଳ ମହଲାରେ ଥିଲେ ।

: ତାପରେ, ମୁଁ ଉଦ୍‌ବିଗ୍ନ ହୋଇ ପଚାରିଲି ।

: ନା, ଆଉ କିଛି ନୁହେଁ । ମୋ ଆଡ଼କୁ କିଛି ସମୟ ଚାହିଁଆଙ୍କ ପରି ଅନେଇ ସେ ଚାଲିଗଲେ ତଳକୁ ।

ମୁଁ ଟିକିଏ ଗୁମ୍ ହୋଇ ବସିଲି ।

: କଣ ହୋଇଛି ? ଆରତି ବିମର୍ଷ ଗଳାରେ ପଚାରିଲା ।

: ଆଚ୍ଛା, ତୁମେ ତା କବିତା ଖାତାଟା ନେଇ ସେଦିନ ପଢ଼ୁଥିଲ ?

: ହଁ, ନେଇଥିଲି । କବିତା ମତେ ଭଲ ଲାଗେ ।

: ସୁରେଶ ସେ କବିତା ଲେଖିଥିଲା ଜାଣ ?

: ହଁ, ଜାଣେ ; କିନ୍ତୁ ସେ କବିତା ମତେ ଭଲ ଲାଗିଲା ନାହିଁ ।

: କାହିଁକି ? ମୁଁ ଟିକିଏ କର୍କଶ ଗଳାରେ ପଚାରିଲି ।

: ଯାହା ଲେଖାଯାଏ, ସବୁ କଣ ପଢ଼ିବାକୁ ଭଲ ଲାଗେ ?

କହିଲି : ଭଲ ଲାଗିବା ନ ଲାଗିବା ପାଠକର ମନ ଉପରେ ନିର୍ଭର କରେ । ଅନେକ ଖରାପ ସାହିତ୍ୟ ବି ବଜାରରେ ବିକ୍ରୀ ହୁଏ । କାରଣ ଯେ କେଣେ ତାକୁ ପଢ଼ିବାକୁ ଭଲ ଲାଗେ ବୋଲି । ତୁମେ ଖାତାଟାକୁ ଚୋରି କରି ଟେବଲ୍ ଡ୍ର ଭିତରୁ ନେଇଥିଲ ବୋଲି ତୁମକୁ ପଢ଼ି ଭଲ ଲାଗିଲା ନାହିଁ । ସୁରେଶ ହାତରୁ ସେଇଟାକୁ ନେଇଥିଲେ ପଢ଼ିବାକୁ ଭଲ ଲାଗିଥାଆନ୍ତା ।

: ଏ ତୁମେ କଣ କହୁଚ ସବୁ, ବୁଝି ପାରୁ ନାହିଁ । ମତେ ଅଯଥା ସନ୍ଦେହ କରୁଛ କାହିଁକି ? ଆରତିର ସ୍ୱର ଯେମିତି ଅଭିମାନରେ ଫାଟି ପଡ଼ିଲା ।

: ସନ୍ଦେହ କରୁ ନାହିଁ ଆରତି ! ସନ୍ଦେହ କରିବାର ମୋର କୌଣସି ଅଧିକାର ନାହିଁ ତୁମ ଉପରେ । କିନ୍ତୁ ତୁମ ସମ୍ବନ୍ଧରେ ସୁରେଶ ଯେପରି ଉନ୍ମାଦ ହୋଇଉଠିଛି, ତା ଭିତରେ କଣ ତୁମ ଆଡ଼ୁ ଏତେ ଟିକିଏ ଇଙ୍ଗିତ ନାହିଁ ।

: ମୋ ଆଡ଼ୁ ? କାହିଁକି ଭୁଲ୍ ବୁଝୁଛ ମତେ କହିଲ ? ତୁମ ଛଡ଼ା···କହୁ କହୁ ଆରତି ଯେପରି ଝର ଝର କରି କାନ୍ଦି ପକାଇଲା ।

ମୁଁ ଏକ ବିପଦରେ ପଡ଼ିଗଲି । ଏଇ ସାମାନ୍ୟ କଥାରେ ଆରତି କାନ୍ଦି ପକେଇବ—ଏ ଧାରଣା ମୋର ନ ଥିଲା । ତାର କୁସୁମ କୋମଳ କରପଲ୍ଲବଟିକୁ ହାତମୁଠାରେ ଚିପିଧରି କହିଲି : ଛି, ତୁମେ କାନ୍ଦୁଛ କାହିଁକି ? ତୁମ ମନରେ କଷ୍ଟ ଦେବା ପାଇଁ ମୁଁ ତ କିଛି କହି ନାହିଁ । ମୋର ଭୁଲ୍ ହୋଇଛି ତେବେ, ମତେ କ୍ଷମା କର । କହି ମୁଁ ଉଠିଆସିବାକୁ ଛିଡ଼ା ହେଲି ।

: କିନ୍ତୁ ତା କି ସମ୍ଭବ !! ଆରତି ଆଉରି ଜୋରରେ କାନ୍ଦି କାନ୍ଦି ଭିଡ଼ିଧରିଲା ମୋ ହାତକୁ । ମୋ ହାତ ଉପରେ ତା ଅଶ୍ରୁ-ଉଚ୍ଛ୍ୱସିତ ଆଖିର ଧାରିଶ୍ରାବଣ ଝରିପଡ଼ିଲା ଆଷାଢ଼ର ଉଦ୍ଦାମ ବର୍ଷା ଧାରି ପରି ।

ସ୍ତବ୍ଧ ହୋଇ ମୁଁ ବସିରହିଲି । ଆଉ ଭାବିଲି, ପ୍ରେମ କ୍ଷେତ୍ରରେ ମନର ପ୍ରାର୍ଥନା ଜଣାଇବାରେ ଅଶ୍ରୁର ଏ କି ଆଶ୍ଚର୍ଯ୍ୟ ଶକ୍ତି !!

ସବୁ କେମିତି ଗୋଳମାଳ ହୋଇଗଲା । ଆରତିକୁ ଅଯଥା ସନ୍ଦେହ କରି ଭୁଲ୍ କରିଛି । ନିଜ ଉପରେ ମନ ମୋର ତିକ୍ତ ହୋଇଉଠିଲା । ଉଦ୍‌ଭ୍ରାନ୍ତଙ୍କ ପରି ଘର ଭିତରୁ ମୁଁ ପଳାଇ ଆସିଲି ।

ବୁକୁ ଆବେଗର ବେଦନା ନେଇ ଆରତି ପାଖରୁ ଚାଲିଆସି ସାରି ରାତିଟା ବିଛଣା ଉପରେ ଏକଡ଼ ସେକଡ଼ ହୋଇ ମୁଁ ଯେ କି ଛଟପଟ ହୋଇଛି, ତା ମୁଁ ଜାଣେ । କେତେବେଳକୁ ଟିକିଏ ଶୁଇଶୁଇଆ ନିଦ ଲାଗି ଆସିଛି, ଆଉ ମୁଁ ଗୋଟାଏ କି ସ୍ୱପ୍ନ ଦେଖିଛି—ହଠାତ୍ ଯେମିତି ଅନୁଭବ କଲି ମୋ ଗୋଡ଼ ଉପରେ କାହାର ନରମ କୋମଳ ହାତର ସ୍ପର୍ଶ ।

ଚମକି ଉଠି ବସିଲି । ଅନ୍ଧାର ଜମାଟ ବାନ୍ଧିଛି ଘର ଭିତରେ । କିନ୍ତୁ ନିରନ୍ଧ୍ର ଅନ୍ଧକାରର ଏପରି କରୁଣ ଉଜ୍ଜ୍ୱଳ ରୂପ ଯେମିତି ଏଇ ପ୍ରଥମ ଥର ପାଇଁ ଦେଖିଲି । ପାଇଲି ଅନ୍ଧକାରର ତରଙ୍ଗାୟିତ ସ୍ପର୍ଶ, ଆଉ ଅନୁଭବ କଲି ତାର ଉଷ୍ଣ ମାଦକତା ।

ସମସ୍ତ ଦେହ ମୋର କଣ୍ଟକିତ ହୋଇଉଠିଲା । ଏତେ ରାତିରେ ଅବିବାହିତା କୁମାରୀ ଆରତି ମୋ ଘରେ, ମୋର ଏତେ ପାଖରେ, କାନ୍ଦି ଫାଟିପଡ଼ୁଛି ଗୁହାଳରୁଦ୍ଧ ନଦୀ ପରି ଦୁଃସହ ବ୍ୟଥାର ମର୍ମାନ୍ତକ ବେଦନାରେ । କଣ କହି ସାନ୍ତ୍ୱନା ଦେବି ତାକୁ, ଭାବିପାରିଲି ନାହିଁ ।

: ଆରତି ! ମୁଁ ଅସ୍ଫୁଟ ଗଳାରେ ଡାକିଲି, ଏ ତୁମେ କଣ କଲ ?

: ମୁଁ କିଛି ଭାବିପାରୁ ନାହିଁ ମୁଁ କଣ କରୁଛି । ମତେ କ୍ଷମା କର । ଆକୁଳ କୋହରେ ଫୁଲି ଫୁଲି କାନ୍ଦିଉଠିଲା ଆରତି ।

ବହୁ କଷ୍ଟରେ ଉଠେଇ ବସେଇଲି ତାକୁ । କହିଲି : ତଳଘରୁ କିପରି ଆସିଲ ଉପର ମହଲାକୁ ?

: କିଛି ଜାଣି ନାହିଁ । ଭଲ ମନ୍ଦ କିଛି ବୁଝିବାର କ୍ଷମତା ନାହିଁ ମୋର ! ମୋ ଉପରେ ରାଗି -ରୁଷିଆସିଲ ତୁମେ । ସେଦିନଠାରୁ ସମସ୍ତ ପୃଥିବୀ ମୋ ପାଇଁ ଅନ୍ଧାର ହୋଇଯାଇଛି । ମୁଁ କେମିତି ବଞ୍ଚିବି ? କିନ୍ତୁ ମୋ ଗୃହ ଉପରକୁ ଉଡିପଡ଼ିଲି ନୀଡ଼-ଆଶାୟୀ ବିହଙ୍ଗିନୀ ପରି ।

: ଛି, ମୋର ସାମାନ୍ୟ ଅଭିମାନରେ ତୁମେ ଏତେ ଅସ୍ଥିର ହୋଇଉଠିଲ ଆରତି ! ମୁଁ ତ ଅଛି, ଭୟ କଣ ତୁମର ?

: ନା, ଭୟ ନୁହେଁ ।

: ତେବେ ? ମୁଁ ସ୍ତବ୍ଧ ଗଳାରେ ପଚାରିଲି ।

: ଏଁ ! ତନ୍ଦ୍ରାଛନ୍ନ ପରି ଚମକି ଉଠିଲା ଆରତି । ଏ ଗୃହ ଭିତରଟା ମୋର କଣ ହୋଇଯାଉଛି । କହି, ସେଇ ଅନ୍ଧାରରେ ମୋ ପାଦକୁ ଦି ହାତରେ ଦରାଣ୍ଡିଲା ପରି ଖୋଜି ଦେଖି କହିଲା—ମତେ ତୁମ ପାଦତଳେ ଆଶ୍ରୟ ଦେବ, କଥା ଦିଅ !

ଆରତି ! ମୋ ଗଳା ଥରିଉଠିଲା ।

ସେଇ ଅନ୍ଧାର ଭିତରେ ଆରତିର ଉଜ୍ଜ୍ୱଳ ଚକ୍ଷୁ-ତାରକାର ଦୀପ୍ତି ଦେଖିଲି ମୁଁ ! ନକ୍ଷତ୍ର ପରି କରୁଣ ଆବେଦନରେ ଭରା ! କଥାର ପ୍ରକାଶ ନାହିଁ ଓଠରେ ! ସମ୍ବେଦନଶୀଳ ସ୍ୱୀକୃତି ଯେମିତି ମୂର୍ତ୍ତିମନ୍ତ ହୋଇଉଠିଛି ଘରର ସମସ୍ତ ଅନ୍ଧକାରକୁ ସୁରଭିତ କରି ଆଲୁଳାୟିତ କେଶଗୁଚ୍ଛର ମଦିର ଖୁସ୍‌ବୋଇରେ । ଜେସ୍‌ମିନର ଏକ ନମ୍ର କୋମଳ ଗନ୍ଧ ନିଭୃତ କକ୍ଷର ରେଶମୀ ଅନ୍ଧକାରକୁ ନିଦ୍ରାଳୁ ଆବେଶରେ ସ୍ୱପ୍ନାଛନ୍ନ କରି ଆମ ଦୁହିଁଙ୍କର ଅଦମ୍ୟ ଲାଳସାକୁ ବହ୍ନି ଶିଖା ପରି ପ୍ରଜ୍ଜ୍ୱଳିତ କରିଦେଲା ଯେମିତି ! କିନ୍ତୁ ସେ ଶିଖାର ଦାହରେ ଜଳି ପୋଡ଼ି ଛାରଖାର ହୋଇଯିବା ଆଗରୁ ମୁଁ ସଂଯତ କରିନେଲି ନିଜକୁ । ଶାସନ କଲି ଆରତିକୁ । କହିଲି : କ୍ଷଣିକ ଉତ୍ତେଜନାରେ ତୁମେ କଣ କରିବସିବ ଜାଣ ?

: ଜାଣେ, ଆରତି କହିଲା, କିନ୍ତୁ…

: ନା, କିନ୍ତୁ ନୁହେଁ, ତୁମେ ଉଠ ଆରତି ! ତୁମ ଘରକୁ ଫେରିଯାଅ ।

: ଯିବି, କିନ୍ତୁ ଯିବା ଆଗରୁ କଥା ଦିଅ, ତୁମେ ମତେ କ୍ଷମା କରିଛ ?

: କ୍ଷମା କରିଛି, କ୍ଷମା କରିଛି ଆରତି ! ମୋ କଣ୍ଠ ଅଶ୍ରୁଗଦ୍‌ଗଦ୍‌ ହୋଇଆସିଲା । କେବଳ କ୍ଷମା ନୁହେଁ, ଆଜିଠାରୁ, ଏଇ ମୁହୂର୍ତ୍ତିରୁ ତୁମେ ମୋ ଜୀବନର ସର୍ବସ୍ୱ, ତୁମେ ମୋ ହୃଦୟର ରାଣୀ ।

ରାତ୍ରିର ଶୀତଳ ଅନ୍ଧକାର ଭିତରେ ଦିନର ଉତ୍ତପ୍ତ ପୃଥିବୀ ଘୁମେଇ ସ୍ୱପ୍ନ ଦେଖିଲା ପରି ମୋ ବାହୁର ଆଲିଙ୍ଗନ ଭିତରେ ନିଜକୁ ହଜାଇଦେବାର ବ୍ୟାକୁଳ ଚେଷ୍ଟାରେ କିଛିକ୍ଷଣ ନିଶ୍ଚଳ ହୋଇ ଛାତି ଉପରେ ପଡ଼ିରହିଲା ଆରତି ।

॥ ୯ ॥

ମୁଁ କଟକ ଫେରିଆସିଲି । ବୋଉର କଲିକତା ଯିବା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲି । ଆରତିର ଆତ୍ମ-ନିବେଦନ ପରେ ମୋ ମନଭିତରେ ଆସିଲା ମଣିଷ ହେବାର ଏକ ଶାଣିତ ପ୍ରତିଜ୍ଞା । ମୁଁ ପଢ଼ି ଶିକ୍ଷିତ ହେବି, ଆଉ ପ୍ରତିଷ୍ଠିତ ହେବି ଜଣେ ବଡ଼ ମଣିଷ ଭାବରେ, ଏଇ ହେଲା ମୋ ଜୀବନର ଲକ୍ଷ୍ୟ । ସରୋଜବାବୁ ଆଶ୍ଚର୍ଯ୍ୟ ହେଲେ ମୋ ଗତିଚଳନ ଦେଖି । : କଣ ହେଲା ତୁମର ଉମାକାନ୍ତବାବୁ ? ସେ ପଚାରିଲେ ଦିନେ ସନ୍ଧ୍ୟାରେ । ଛୁଟିରେ ପୁରୀ ଯାଇଁ ଆପଣ କଣ ହୋଇଯାଇଛନ୍ତି, ବୁଝିପାରୁ ନାହିଁ । ଇମିତି ଗମ୍ଭୀର, ଆଉ ଉଦାସ ତ ଆପଣଙ୍କୁ କେବେ ଦେଖି ନ ଥିଲି ! ହଠାତ୍‌ ଏ କି ପରିବର୍ତ୍ତନ ?

ଟିକିଏ ହସିଦେଇ ତାଙ୍କର ଏ ପ୍ରଶ୍ନଠୁ ଦୂରେଇ ରହିବା ଛଡ଼ା ମୋର ଆଉ ଅନ୍ୟ ଉପାୟ ନ ଥିଲା । ଆରତିର ଚିନ୍ତା ଆଉ ତା' ସ୍ମୃତିର ମୋହ ମତେ ଏପରି ଆଚ୍ଛନ୍ନ କରି ରହିଥିଲା ଯେ ଭାରକ୍ରାନ୍ତ ମନ ନେଇ ମୁଁ ଖୋଜି ପାଉ ନ ଥିଲି ନିଃଶ୍ୱାସ ମାରିବାର ମୁହୂର୍ତ୍ତିଏ । ମୋ ଦୁର୍ବଳତା ସମ୍ବନ୍ଧରେ ମୁଁ ରହିଥିଲି ସଂପୂର୍ଣ୍ଣ ସଚେତନ । ସେଥିପାଇଁ ମୋ ମନକଥା ଘୋଡ଼େଇ ରଖିବା ପାଇଁ ମୁଁ ସଦାବେଳେ ସରୋଜବାବୁଙ୍କୁ ଆଡ଼େଇ ଯିବାକୁ ଚେଷ୍ଟା କରୁଥିଲି । ପଢ଼ାପଢ଼ିର ଗୁରୁତ୍ୱ କଥା ଦେଖାଇ ସରୋଜବାବୁଙ୍କୁ ଠକିବାର ଚେଷ୍ଟା କିନ୍ତୁ ବେଶୀଦିନ ଯାଇ ପାରିଲା ନାହିଁ । ଦିନେ ରାତିରେ ପଢ଼ାଘରେ ବସି ଚିଠି ଲେଖୁଛି, ସରୋଜବାବୁ ପଛରୁ ଗୋଡ଼ ଚପି ଚପି ଆସି ମୋ ଆଖି ବୁଜି ଧରିଲେ ।

: ହାତ କାଢ଼ନ୍ତୁ ସରୋଜବାବୁ, ଆଖି ଦି'ଟା ଫୁଟିଗଲା ଯେ !

: ଗଳ୍ପ କେତେ ଢଙ୍ଗ ଧରି ଆପଣ ମତେ ଆଡ଼ ଆଡ଼ ହୋଇ ଚାଲିଛନ୍ତି କାହିଁକି ଶୁଣେ ? ସରୋଜବାବୁ ଭଙ୍ଗା ଗଳାରେ କହିଲେ । ମୁଁ କିଛି ଦୋଷ କରିଛି ନା କଣ ?

ନା, ନା, ଦୋଷ ନୁହେଁ କିଛି । ମୁଁ ନିଜେ ପଢ଼ାପଢ଼ିରେ ବ୍ୟସ୍ତ ରହିବାକୁ ଚାହେଁ ।

: ବେଶ୍ ତ ! ପଢ଼ିବା ଆପଣଙ୍କ ଜୀବନର ଲକ୍ଷ୍ୟ । ନିଶ୍ଚୟ ପଢ଼ିବେ ଆପଣ । କିନ୍ତୁ ତା ବୋଲି ବନ୍ଧୁ ସାଙ୍ଗେ କଥା କହିବେନି, ବାହାରେ ଟିକିଏ ବୁଲିବେନି, ଅଧେ ଅଧେ ସିନେମା ଦେଖିବେନି—ଏମିତି କ'ଣ ହୁଏ ?

: ଭଲ ସିନେମା କିଛି ଆସିଛି ନା କଣ ? ମୁଁ ପଚାରିଲି ହସ ହସ ଗଳାରେ ।

: ସିନେମା ତ ଆସିଛି, ସଦାବେଳେ ଆସେ, ଭବିଷ୍ୟତରେ ବି ଆସିବ, କିନ୍ତୁ ଭଲ ବୋଲି ପଚାରିବାର ଅର୍ଥ ?

: ସବୁ ସିନେମା କ'ଣ ଭଲ ?

: ସିନେମା ଦେଖିବା ପାଇଁ ସିନେମା ଦେଖାଯାଏ । ସିନେମାରେ ଭଲ ମନ୍ଦ ଖୋଜିବା ଅର୍ଥ ମୁଁ କିଛି ବୁଝେନା । ସରୋଜବାବୁ କହିଲେ ।

: ବାଃ, ମୁଁ କହିଲି, ଏ କେମିତି କଥା ? ଯେଉଁଥିରୁ ଶିଖିବାର କିଛି ନାହିଁ, ସେ ସିନେମା ଦେଖି ଲାଭ କଣ ?

ସରୋଜବାବୁ ଟିକିଏ ହସିଲେ । କହିଲେ : ମୋ ମତରେ ସିନେମା ଦେଖିବା ପଛରେ ଲାଭ-ଲୋକସାନର ହିସାବ ଯେଉଁମାନେ କଷନ୍ତି, ମୁଁ ସେମାନଙ୍କ ଦଳର ନୁହେଁ । ମୁଁ ଜାଣେ ସିନେମା ଦେଖିବାଟା ହିଁ ଭୁଲ୍ । କିନ୍ତୁ ଭୁଲ୍ କରିବା ଭିତରେ ମଣିଷ ମନର ଯେଉଁ ଆନନ୍ଦ ଅଛି, ସେ ଆନନ୍ଦକୁ ଲାଭର ନିକିତିରେ ତଉଲି ଯାଇପାରେନା ।

ଆଶ୍ଚର୍ଯ୍ୟ ହେଲି । ସରୋଜବାବୁଙ୍କ ଦୃଷ୍ଟିକୋଣ କି ଚମତ୍କାର ! କହିଲି, : ଠିକ୍ କହୁଚନ୍ତି । ସିନେମା ଦେଖିବା ଖରାପ ଜାଣି ବି ଲୋକ ସିନେମା ଦେଖେ । କାରଣ ସେ ଖରାପ ଭିତରେ ବି ଆନନ୍ଦ ଅଛି । ମାନିଲି ; କିନ୍ତୁ ଆଉ ଗୋଟିଏ କଥା ମତେ ବୁଝେଇ ପାରିବେ ? ଖରାପ ଭିତରେ ଯେ ଆନନ୍ଦକୁ ଖୋଜିବାକୁ ଚାହେଁନା, ମୁଁ ଯଦି ସେଇ ଦଳର ହୁଏ ?

: ତେବେ ସେ କଥା ସ୍ୱତନ୍ତ୍ର । ସରୋଜବାବୁ ହସି ହସି କହିଲେ । ଟିକିଏ ଆଗରୁ ଭାବୁଥିଲି, ମୋ କଥାକୁ ମାନିଯାଇ ଆପଣ ମୋ ପାଖରେ ହାରିଗଲେ ; କିନ୍ତୁ ତା ତ ନୁହେଁ । ଆପଣ ଯେ ଟିକିଏ ବଙ୍କେଇଯାଇ ମତେ ଚଟାକାଟି ଚାଲିଗଲେ । ଆଚ୍ଛା ବେଶ୍, ଏଥର ଅସଲ ପ୍ରସଙ୍ଗକୁ ଆସନ୍ତୁ । ସିନେମା ଅଛି ତ । ଯିବେ ?

: ଯାଇପାରେ ଆପଣଙ୍କ ପାଇଁ । କିନ୍ତୁ ତା ଆଗରୁ ମୁଁ ଜାଣିବାକୁ ଚାହେଁ, ହଠାତ୍ ସିନେମା ଦେଖିବା ପାଇଁ ଆପଣ ଛଟପଟ ହୋଇ ବ୍ୟସ୍ତବିବ୍ରତ କାହିଁକି ?

: ବ୍ୟସ୍ତ ନୁହେଁ, ବିବ୍ରତ । ସରୋଜବାବୁ ଉଦାସ ଗଳାରେ କହିଲେ ।

: ବିବ୍ରତ କାହିଁକି ? ମୁଁ ପଚାରିଲି ।

: ବିବ୍ରତ, ମୋ ସ୍ତ୍ରୀ ପ୍ରଭୃତି ଆଜି ଦିନ ଗୋଟାଏ ଟ୍ରେନରେ ଆସିବାକୁ କହିଥିଲେ । ଷ୍ଟେସନ ଯାଇ ଫେରିଆସିଲି । କେହି ଆସି ନାହାନ୍ତି । କଣ ହେଲା କେଜାଣି, କିଛି ବୁଝିପାରୁ ନାହିଁ ।

: ସିନେମା ଦେଖିଲେ କଣ ସେ ବିବ୍ରତ ଭାବ କଟିଯିବ ?

: ଠିକ୍ ତା ନୁହେଁ ଅବଶ୍ୟ । ତେବେ ସେକେଣ୍ଡ ସୋ'ରେ ସିନେମା ଦେଖିସାରି ମାଡ୍ରାସ ମେଲ୍‌ଟା ଦେଖିବାକୁ ଯିବି । ସେ ପର୍ଯ୍ୟନ୍ତ ଅନ୍ତତଃ ମନର ଅସ୍ୱସ୍ତି ଭାବଟାକୁ ଦମନ କରିବାକୁ ଚାହେଁ ।

: ଆଚ୍ଛା ବେଶ୍ । କିନ୍ତୁ ଆପଣଙ୍କ ପରିବାର ସହିତ ଆସୁଛନ୍ତି କିଏ ? ଆପଣଙ୍କର ନିଜେ ଯାଇଁ ନେଇ ଆସିବା କଥା ଥିଲା ନା ?

: ତା ତ ଥିଲା । କିନ୍ତୁ ଯାଇପାରିଲି କୁଆଡ଼ୁ ? ଲେଖି ଦେଇଥିଲି ସେମାନଙ୍କୁ ନିଜେ ନିଜେ ଚାଲିଆସିବା ପାଇଁ ।

: ଆପଣଙ୍କ ସ୍ତ୍ରୀ ଖୁବ୍ ଶିକ୍ଷିତା ନିଶ୍ଚୟ । ମୁଁ ସହଜ ଗଳାରେ ପଚାରି କମିଜ ପିନ୍ଧିବାକୁ ଉଠିଲି ।

: ଖୁବ୍ ଶିକ୍ଷିତା ନୁହେଁ, ଚଳନୀୟ । କିନ୍ତୁ ଏ କଥା କାହିଁକି ପଚାରିଲେ ?

: ସେମାନେ ଏକା ଏକା ଚାଲି ଆସିପାରିବେ ?

: ଚାଲି ଆସିବାକୁ ଶିକ୍ଷାର କଣ ଦରକାର ?

: ଅର୍ଥାତ୍ ?

: ଠିକ୍ ଶିକ୍ଷା ନୁହେଁ, ଅଭ୍ୟାସର ଦରକାର ବୁଝନ୍ତୁ । ସରୋଜବାବୁ କହିଲେ ।

: ଶିକ୍ଷା ସହିତ ଅଭ୍ୟାସର କ'ଣ କିଛି ଯୋଗାଯୋଗ ନାହିଁ ? ମୁଁ ପଚାରିଲି ।

: ଥାଇପାରେ, କିନ୍ତୁ ଖୁବ୍ ସାମାନ୍ୟ । ଖାଲି ଶିକ୍ଷା ଥିଲେ ଜଣେ ସ୍ତ୍ରୀ ଏକା, ଟ୍ରେନ୍ ତ ଦୂରର କଥା, ଘର ସାମନା ରାସ୍ତାକୁ ବି ଯିବା ପାଇଁ ସାହସ କରିପାରେନା । ସେଇଟା ମୋ ମତରେ ଅଭ୍ୟାସର କଥା—ମାନେ ସାହସର କଥା । ଅନେକ ଶିକ୍ଷିତାଙ୍କୁ ଦେଖିଛି –ଅସମ୍ଭବ ରକମର ଭୀରୁ । ଅଥଚ ଅନେକ

ଅଶିକ୍ଷିତାଙ୍କୁ ଦେଖିଛୁ—କଲିକତାର ଚୌରଙ୍ଗୀ ଛକ ଉପରେ ଗ୍ରୁଡ଼ ଫଲେଇ ଗୁଲିଥାନ୍ତି ଦେହରେ ଦେହ ଘଷି । ମୋ ସ୍ତ୍ରୀ ବସ୍, ଟ୍ରାମ, ଟ୍ରେନରେ ଯା-ଆସ କରିବାରେ ପିଲଟି ଦିନରୁ ଅଭ୍ୟସ୍ତା । ଯେଉଁ ଶିକ୍ଷା ରହିଲେ ଜଣେ ସ୍ତ୍ରୀ ସାହସ ବାନ୍ଧି ଟ୍ରେନ୍‌ରେ ଯା-ଆସ କରିପାରିବ ବୋଲି ଆପଣ ମନେ କରୁଛନ୍ତି, ସେତେଟା ଶିକ୍ଷା କିନ୍ତୁ ତାର ବାସ୍ତବିକ ନାହିଁ ।

: କିନ୍ତୁ ଆପଣଙ୍କ ସ୍ତ୍ରୀଙ୍କର ସାହସ ସମ୍ବନ୍ଧରେ ଆପଣ ଯେପରି ବ୍ୟାଖ୍ୟା କଲେଣି, ମୋର ମନେ ହେଉଛି ଯତ୍‌ସାମାନ୍ୟ ଶିକ୍ଷା ଭିତରେ ବି ସେ ଅସାମାନ୍ୟା ବୋଧହୁଏ !

ଏଥର ହୋ ହୋ କରି ହସିଉଠିଲେ ସରୋଜବାବୁ । କହିଲେ : ଆପଣଙ୍କ ସାଙ୍ଗେ ଯୁକ୍ତି କରି ଜିତିବାର ଉପାୟ ନାହିଁ । ମୋ ସ୍ତ୍ରୀ ଯାହା ନୁହେଁ, ମତେ ଏବେ ତା ମାନିବାକୁ ପଡ଼ିଲାଣି ଦେଖୁଛି ।

: କଣ ନୁହନ୍ତି ଆପଣଙ୍କ ସ୍ତ୍ରୀ ? ମୁଁ ପଚାରିଲି ।

: ଅସାମାନ୍ୟା ।

: ମାନିବାକୁ କଷ୍ଟ ହେଉଛି ?

ଏଥର ଆହୁରି ଜୋରରେ ହସିଉଠିଲେ ସରୋଜବାବୁ । କହିଲେ : ମୋର ପକ୍ଷେ ଟିକିଏ କଷ୍ଟ ହେଉ ଆପଣଙ୍କ ମନ୍ତବ୍ୟକୁ କିନ୍ତୁ ଅସମ୍ମାନ କରି ଆପଣଙ୍କ ମନରେ କଷ୍ଟ ଦେବି ନାହିଁ । କହି, ସେ ଉଠି ଛିଡ଼ା ହେଲେ । କହିଲେ—ଗ୍ଲୁଲନ୍ତୁ ଯିବା । ସିନେମା ବେଳ ହେଇଗଲାଣି ।

: ଗ୍ଲୁଲନ୍ତୁ । କହି ମୁଁ ସରୋଜବାବୁଙ୍କ ସାଙ୍ଗେ ବାହାରକୁ ଆସିଲି । ପଚାରିଲି—ଆପଣଙ୍କ ସ୍ତ୍ରୀ ଏକା ଆସୁଛନ୍ତି ?

: ନା, ମୋ ଭଉଣୀ ଅଳକା ବି ଆସୁଛି ତା ସାଙ୍ଗରେ । ଅଳକାର ନାଁ ଲେଖା ନେଇ ତ ମୁଁ ଚିଠିରେ ଲେଖିଥିଲି ତୁମକୁ । କ୍ଷମା କରିବେ, ଆପଣଙ୍କୁ ଭୁଲ୍‌ରେ ତୁମକୁ ବୋଲି ବାହାରିଗଲା ।

: ଯାହା ସହଜ ଆଉ ସ୍ୱଚ୍ଛନ୍ଦ, ତାହା ହିଁ ଶୁଣିବାକୁ ସୁନ୍ଦର । ତା ଛଡ଼ା ବୟସରେ ମୁଁ ତ ଆପଣଙ୍କଠୁ ଜ୍ୟେଷ୍ଠ । 'ଆପଣ' ନ କହି ତୁମେ ବୋଲି ସମ୍ବୋଧନ କରିବେ ମତେ ।

: ଆଉ ତୁମେ ମତେ ଆପଣ ବୋଲି ସମ୍ବୋଧନ କରିବ ?

: କିଛି ଗ୍ରହଣ କରି ବଦଳରେ ଫେରାଇଦେବାଟା ଅବଶ୍ୟ ସୁନ୍ଦର । କିନ୍ତୁ ଗ୍ରହଣ ସଙ୍ଗେ ସଙ୍ଗେ ଫେରାଇବା ସୌଜନ୍ୟ କପଟ କଡ଼ା ଦେଖାଯାଏ ଆଖିକୁ ।

: ଯୁକ୍ତିଟା ତାତ୍ତ୍ୱିକ ହୋଇଗଲା । ସରୋଜବାବୁ ଏତିକି କହି ସିନେମା ଟିକେଟ ଆଣିବାକୁ ବୁକିଂ ଅଫିସ ଘର ଆଡ଼କୁ ଚାଲିଗଲେ ।

ମୁଁ ଏତିକିବେଳେ କ୍ୟାପିଟେଲ ସିନେମାର ଉଦ୍‌ଭ୍ରାନ୍ତ ଚେହେରା ଆଡ଼କୁ ଲକ୍ଷ୍ୟ କଲି । ପୁରୁଣା, ଧୂସର ଟିଣ ଘରଟାର ଉପରେ ଯେମିତି ଗୋଟାଏ ସୃଷ୍ଟି ଛଡ଼ା ଭାବ ! ବିବର୍ଣ୍ଣ-ବିପର୍ଣ୍ଣ-ବିଦୀର୍ଣ୍ଣ ପାଣ୍ଡୁରତାର ସ୍ତୂପ ! ଚାରିପାଖର ପରିବେଶ ଭିତରେ ପଚା ପାଣିର ଦୁର୍ଗନ୍ଧ, ଅଥଚ ବାହାରର ଏଇ ଅପରିଚ୍ଛନ୍ନ ଅସଂସ୍କୃତ ଆବହାଓ୍ୱାର ବେଷ୍ଟନୀ ଭିତରେ କଳା-ସଂସ୍କୃତିର ଚିତ୍ରପ୍ରଦର୍ଶନୀ ଚାଲେ ହଲ୍‌ଘର ଭିତରେ ରୂପେଲି ପର୍ଦ୍ଦା ଉପରେ !!

ସରୋଜବାବୁ ଟିକେଟ ନେଇ ଆସିଲେ । ଦଶ ଦଶ ଥର ରିଲ୍ ଛିଣ୍ଡା, ଦର୍ଶକଙ୍କ ହୁଇସିଲ୍ ଆଉ ଲୋଫର୍ ଟୋକାଙ୍କ ହାତତାଳି ଭିତରେ ସିନେମା ଦେଖିସାରି ଯେତେବେଳେ ବାହାରକୁ ଆସିଲୁ, ରାତି ବାରଟା ପ୍ରାୟ । ରିକ୍‌ସା ଡାକି ଦୁହେଁ ବସି ଷ୍ଟେସନ ଅଭିମୁଖେ ଚାଲିଲୁ । ନିସ୍ତବ୍ଧ ରାତିର ଅନ୍ଧକାର ଭିତରେ ଆମ ରିକ୍‌ସା ଚାଲିଛି । ରାସ୍ତାର ଜନସମାଗମ ବନ୍ଦ ପ୍ରାୟ । ହଠାତ୍ ସ୍ତବ୍ଧ ନୀରବତାକୁ ଭଙ୍ଗକରି ସରୋଜବାବୁ କହିଲେ : ଛବିର କାହାଣୀଟି ଅଦ୍ଭୁତ ।

: ଅଦ୍ଭୁତ କାହିଁକି ? ଏକ ନୂତନ ଦୃଷ୍ଟିକୋଣ ନେଇ ନାୟିକାର ଚରିତ୍ରଟି ତ ବେଶ୍ ଲେଖିଛନ୍ତି କଥାଶିଳ୍ପୀ !

: ନୂତନ ଦୃଷ୍ଟିକୋଣ ? ସରୋଜବାବୁ ଚମକିଲା ପରି ହୋଇ କହିଲେ— ଛବିର ନାୟିକା ଜଣକୁ ବିବାହ କରି ଆଉ ଜଣକୁ ପ୍ରେମ କରୁଛନ୍ତି । ଏଇ ଅଶ୍ଳୀଳ ଚରିତ୍ରଟି ହେଲା ଆପଣଙ୍କ ମତରେ ଲେଖକର ନୂତନ ଦୃଷ୍ଟିକୋଣ ?

ଟିକିଏ ଚିନ୍ତା କରି ମୁଁ କହିଲି : ଅଶ୍ଳୀଳ ଚରିତ୍ର ଆପଣ କହୁଛନ୍ତି କାହିଁକି ? ଅପରାଧ କ'ଣ ଯଦି ନାୟିକା ଜଣକୁ ବିବାହ କରି ଆଉ ଜଣକୁ ଭଲ ପାଏ ?

: ଅପରାଧ ନୁହେଁ ? ସରୋଜବାବୁ ଏଥର ଖତମତ ରାଗ ରାଗ ଗଳାରେ କହିଲେ ।

ମୁଁ କହିଲି : ନା, ଅପରାଧ ନୁହେଁ । ବିବାହ ବୋଇଲେ ଆପଣ ବୁଝନ୍ତି କଣ ? ଦି'ଟା ମନ୍ତ୍ରପଢ଼ାରେ ବା ଗୋଟାଏ ସ୍ୱାକ୍ଷର କରିବାରେ କ'ଣ ନାରୀର ହୃଦୟ-ରାଜ୍ୟରେ ବିପର୍ଯ୍ୟୟ ଘଟିଯାଏ ବୋଲି ଆପଣ କହନ୍ତି ?

: ଖାଲି ମନ୍ତ୍ରପଢ଼ା ତ ନୁହେଁ । ସରୋଜବାବୁ ବିଶ୍ଳେଷଣାତ୍ମକ ଗଳାରେ କହିଲେ — ନାୟିକାର ବିବାହିତ ସ୍ୱାମୀ ଯେତେବେଳେ ହୃଦୟ ଦେଇ ପ୍ରେମ କରୁଥିବେ, ସେତେବେଳେ ଗୋଟାଏ କପଟ ଛଳନା ନେଇ ଏ କ'ଣ ସବୁ ସମୟରେ ତାକୁ ଠକି ଚାଲିଥିବ ବୋଲି ତୁମେ କହୁଛ ?

କହିଲି : ନା, ସେ କଥା ମୁଁ କହୁ ନାହିଁ । ତା'ର ବିବାହିତ ସ୍ୱାମୀକୁ ନାୟିକା ଭଲ ପାଉ ନା—କ୍ଷତି କଣ ସେଥିରେ ?

: କ୍ଷତି କଣ ମାନେ ? ମନ୍ତ୍ରପଢ଼ା ବିବାହ ଆଉ ହୃଦୟ ଦେଇ ପ୍ରେମ ଏ ଦୁଇଟିଯାକ କଣ ପରସ୍ପର ସହିତ ସଂପୃକ୍ତ ନୁହେଁ ?

: ମୋ ମତରେ ନୁହେଁ । ମନ୍ତ୍ରପଢ଼ା ବିବାହ ହେଲା ସମାଜର ସ୍ୱାକ୍ଷର, ଆଉ ପ୍ରେମ କରିବା ମାନେ ହେଲା ହୃଦୟର ସ୍ୱାକ୍ଷର । ଦୁଇଟାଯାକ ସଂପୂର୍ଣ୍ଣ ପୃଥକ ମୋ ମତରେ ।

ସରୋଜବାବୁ ବିଚଳିତ ହେଲା ପରି କହିଲେ : ତା'ମାନେ ?

କହିଲି : ସମାଜର ସ୍ୱାକ୍ଷର ଯଦି ନ ମିଳେ, ତେବେ ହୃଦୟର ସ୍ୱାକ୍ଷର ଦେଇ ଜଣେ କଣ ଦିଇଟା ଲୋକଙ୍କୁ ଗୋଟାଏ ସନ୍ଦେଶ ଦେଇପାରେନା ? କେଉଁ ସ୍ୱାକ୍ଷରଟା ଅପର ସ୍ୱାକ୍ଷର ଉପରେ ନିର୍ଭର କରେ, ସେଇଟା କଣ ବୁଝିବା ଏତେ ଶକ୍ତ ?

: ନା, ଶକ୍ତ ନୁହେଁ । ହୃଦୟର ସ୍ୱାକ୍ଷରଟାହିଁ ସାମାଜିକ ସ୍ୱାକ୍ଷରର ମୂଳଭିତ୍ତି ହେବା ଉଚିତ । କିନ୍ତୁ ଏକ ସମୟରେ ଦୁଇ ଜଣଙ୍କୁ କଣ ଗୋଟାଏ ସ୍ୱାକ୍ଷର ଦେଇ ଏକ ପ୍ରକାର ସନ୍ଦେଶ ଦିଆଯାଇପାରେ ? ସରୋଜବାବୁ ଆଶ୍ଚର୍ଯ୍ୟ ଗଳାରେ ପଚାରିଲେ ।

କହିଲି : କାହିଁକି ଦିଆଯାଇ ପାରିବନି ? ହୃଦୟ କଣ ଗୋଟାଏ ଉଦ୍ଭିଦ ଜାତୀୟ ଜିନିଷ ଯେ ତାକୁ ଗୋଟାଏ ନିର୍ଦ୍ଦିଷ୍ଟ ଜାଗାରେ ପୋତିଦେଲେ ହେଇଗଲା ? ଉଦ୍ଭିଦ ପକ୍ଷରେ ଅଳ୍ପ ଟିକିଏ ପରିସର ଆଉ ନିର୍ଦ୍ଦିଷ୍ଟ ଉତ୍ତାପ ଯଥେଷ୍ଟ ହେଇପାରେ; କିନ୍ତୁ ମଣିଷ-ହୃଦୟ କଣ ଗୋଟାଏ ମୁକ୍ତ ବିହଙ୍ଗ ପରି ନୁହେଁ, ଯେ ଗୋଟାଏ ଜାଗାରୁ ଆଉ ଗୋଟାଏ ଜାଗାକୁ ଉଡ଼ି ଉଡ଼ି ଯାଇ ଆଲୁଅ ଖୋଜେ, ଆଉ ସାର୍ଥକ ହୁଏ ନୂତନ ହାଓ୍ୱା ଓ ନିର୍ମଳ ଉତ୍ତାପରେ ?

: ହୁଏତ ହେଇପାରେ, ସରୋଜବାବୁ ଅଙ୍ଗ ଅଙ୍ଗ ହେଇ କହିଲେ । କିନ୍ତୁ···

: ଆଉ କିନ୍ତୁ କାହିଁକି ? ମୁଁ କହିଲି—ମାନିନିଅନ୍ତୁ ନା ଟିକିଏ ଉଦାର ପ୍ରାଣର ମହିମାରେ ଏବଂ ଯଦି ମାନିନିଅନ୍ତି, ତାହେଲେ ଏଥିର କ'ଣ ସ୍ୱୀକାର କରିବେ ନାହିଁ, ଛବିର ସେଇ ନାୟିକାର ଚରିତ୍ର ଅସାଧାରଣ କିଛି ନୁହେଁ, ବରଂ ଲେଖକଙ୍କର ଏକ ନୂତନ ଦୃଷ୍ଟିକୋଣ ଭିତରେ ନାରୀଚରିତ୍ରର ଏକ ବାସ୍ତବ ପ୍ରତିବିମ୍ବ !!

ସରୋଜବାବୁ ହତବୁଦ୍ଧି ହେଇଗଲା ପରି କ'ଣ ଗୋଟାଏ କହିବାକୁ ଯାଇ ଚୁପ୍ ରହିଗଲେ । ଏତିକିବେଳେ ରିକ୍ସାବାଲା କହିଲା : ବାବୁ ! ଷ୍ଟେସନ !

: ହଁ-ହଁ, ଷ୍ଟେସନ । ଆମେ ଦେଖିପାରୁଚୁ କହୁ, ମୁଁ ଆଗେ ରାସ୍ତା ଉପରକୁ ଓହ୍ଲାଇ ପଡ଼ିଲି । ରିକ୍‌ସାବାଲାକୁ ବାରଣା ପଇସା ଧରେଇ ଦେଇ ସରୋଜବାବୁ ଦୁଖଣ୍ଡ ପ୍ଲାଟଫର୍ମ ଟିକଟ ଆଣିବାକୁ ଚାଲିଗଲେ । ମାଡ୍ରାସ ମେଲ୍ ଠିକ୍ ସେତିକିବେଳେ ପ୍ଲାଟଫର୍ମକୁ ପ୍ରବେଶ କଲା ।

ମୁଁ ଇଣ୍ଟରକ୍ଲାସ ଓ୍ୱେଟିଂ ରୁମ୍ ପାଖରେ ଛିଡ଼ାହୋଇ ରହିଲି । ସରୋଜବାବୁ ଯାତ୍ରୀ-ଭିଡ଼ ଭିତରେ ଗଳି ପଶି ଖୋଜିଲାଗିଲେ । ହକର୍‌ଠାରୁ ସେଦିନର ଖଣ୍ଡେ 'ସମାଜ' କିଣି ଗୋଟାଏ କ ଶୃଙ୍ଖଳକର ଖବର ଉପରେ ଆଖି ବୁଲାଉଛି, ସରୋଜ ବାବୁ ଟିକିଏ ଦୂରରେ ଛିଡ଼ାହୋଇ ଡାକିଲେ : ଆସ ଉମାକାନ୍ତ ! ତୁମ ବୌଦି ହେଉକା ଆସିଲେଣି ।

'ବନ୍ଧୁ'ରୁ ସରୋଜବାବୁ ନିଜକୁ ଏ ଭିତରେ 'ଭାଇ'ରେ ପରିଣତ କରି ସ୍ତ୍ରୀଙ୍କୁ ମୋ ପାଖରେ 'ବୌଦି' ଭାବରେ ପରିଚିତ କରେଇଲେଣି ! ଭଲ ! ତାଙ୍କର ସରଳ ହୃଦୟକୁ ତାରିଫ୍ କଲି ମନେ ମନେ ।

: ଆସନ୍ତୁ । ସରୋଜବାବୁ ଆଉଥରେ ଡାକିଲେ ।

ଚଞ୍ଚଳ ପଦକ୍ଷେପରେ ଆଗେଇଗଲି । : ନମସ୍କାର ବୌଦି !

ସ୍ନେହ-ସ୍ନିଗ୍ଧ ହସରେ ମୋ ଅଭିବାଦନ ଗ୍ରହଣ କଲେ ବୌଦି । କିନ୍ତୁ ତାଙ୍କ ପାଖକୁ ଲାଗି ଯେଉଁ ତରୁଣୀଟି ତାକୁ କ'ଣ କହିବି ? ମୁହଁରେ କିଛି ନ କହି କେବଳ ଅଙ୍ଗଅଙ୍ଗ ହୋଇ ହାତ ଉଠାଇଦେଲି ।

ଖିଲ୍‌ଖିଲ୍ ହୋଇ ଗୋଟାଏ ଚାପା ହସର ଢେଉ ତରୁଣୀ ଓଠରେ ।

ସରୋଜବାବୁ କହିଲେ : ଏ କ'ଣ ? ସେ ପରା ଅଲକା ! ତୁମଠୁ ବୟସରେ ଯଥେଷ୍ଟ ସାନ !

ତା'ପରେ ଏକ ସଲଜ ଭଙ୍ଗୀରେ ଅଲକା ମୋ ସାମନାରେ ନଇଁ ପଡ଼ି ପାଦଧୂଳି ନେଇ ମୁଣ୍ଡରେ ମାରିଲା ।

ମନେ ମନେ ଭାବିଲି, ମୋର ବି ବୌଦିଙ୍କ ଆଗରେ ନଇଁପଡ଼ି ପାଦଧୂଳି ନେଇ ମୁଣ୍ଡରେ ମାରିବା ଉଚିତ୍ ଥିଲା ନା କଣ ? ଯାଉ, ସେ ପର୍ବ ସରିଲାଣି । ଏତେ ଡେରିରେ ଆଉ ସେ ଢଙ୍ଗ ନ କଲେ ଚଳିବ ।

ଝଜନପଦ ଧରି ବୁଲୁ ଟିକିଏ ଆଗକୁ ଯାଇ ଠିଆହୋଇ ଡାକିଲା ଆସ ବାବୁ !

ଝିଅକୁ କୋଳରେ ଧରି ଆଗେଇଗଲେ ସରୋଜବାବୁ ।

ଅଲକା ଲାଜ ଲାଜ ଭଙ୍ଗୀରେ ଟିକିଏ ପଛେଇଗଲା ।

ମୁଁ ଆଗକୁ ଯିବି କି ପଛକୁ ଯିବି କିଛି ଠିକ୍ କରି ନ ପାରି ଶେଷରେ ମନ୍ତ୍ର-ମୁଗ୍ଧ ଭଳି ହୋଇ ବୌଦ୍ଧଙ୍କ ସାଙ୍ଗ ଧରିଲି ।

ପ୍ଲାଟଫର୍ମ ବାହାରକୁ ଆସି ସର୍ବେଶବାବୁ ଦୁଇଟା ରିକ୍‌ସା କରି ଜିନିଷପତ୍ର ରଖାରଖି କଲେ । ମୁଁ ସର୍ବେଶବାବୁଙ୍କ ପାଖରେ ଯାଇଁ ବସି ପଡ଼ିଲି । ବୌଦ୍ଧଙ୍କ ସାଙ୍ଗରେ ଅଲକା ବସିଲି ତନ୍ଦ୍ରାକୁ କୋଳରେ ଧରି ।

ଘରେ ପହଞ୍ଚି ଜିନିଷପତ୍ର ରଖାରଖି କରି ଶୋଇଲାବେଳକୁ ପ୍ରାୟ ରାତି ଦଶଟା ସେମାନଙ୍କର । ମୁଁ ଅବଶ୍ୟ ଫାଙ୍କିମାରି ଟିକିଏ ଆଗରୁ ଶୋଇପଡ଼ିଥିଲି ।

ସକାଳେ ଅନେକ ଡେରିରେ ନିଦ ଭାଙ୍ଗିଲା ।

ମୁହଁ ହାତ ଧୋଇ ପଢ଼ାଘରେ ବସିଛି, ସର୍ବେଶବାବୁ ଆସି ଡାକିଲେ ଜଳଖିଆ ଖାଇବାକୁ । ନାହିଁ କରିବାର ଉପାୟ ନ ଥିଲା ।

ସର୍ବେଶବାବୁଙ୍କ ଶୋଇଲା ଘରକୁ ପଶିଯିବା ମାତ୍ରେ ବୌଦ୍ଧ କହିଲେ : କାଲି ଆମ ପାଇଁ ବହୁତ କଷ୍ଟ କଲେ ଆପଣ ।

: ବାଃ, ଆପଣ ତ ଚମତ୍କାର ଓଡ଼ିଆ କହୁଛନ୍ତି ! ମୁଁ ଆଶ୍ଚର୍ଯ୍ୟରେ କହିଲି ।

: ଓଡ଼ିଆ କହୁଚି, ଚମତ୍କାର ଓଡ଼ିଆ କଣ ? କହି ବୌଦ୍ଧ ମୋ ଆଡ଼କୁ ଟିକିଏ ସ୍ଥିରଦୃଷ୍ଟିରେ ଚାହିଁ ଗୋଟିଏ ଚୀନା ପ୍ଲେଟରେ କଣ ସବୁ ଖାଇବା ଜିନିଷ ସଜେଇବାରେ ଲାଗିଲେ ।

ତାଙ୍କ ପ୍ରଶ୍ନରେ ବେଶ୍ ଟିକିଏ ଅସୁବିଧାରେ ପଡ଼ିଗଲି । ବାସ୍ତବିକ, 'ଚମତ୍କାର' ଓଡ଼ିଆ କହିବା ଅର୍ଥ କଣ ? ତଥାପି ଗୋଟାଏ କିଛି ଉତ୍ତର ଦେବାକୁ ହେବ । କହିଲି : ଚମତ୍କାର ଓଡ଼ିଆ କହିବା ଅର୍ଥ, ଯେ ଓଡ଼ିଆ କହି ନ ଜାଣିବା କଥା ସେ ଯେତେବେଳେ ନିର୍ଭୁଲ ଓଡ଼ିଆ କହିପାରୁଛି, ସେତେବେଳେ ଚମତ୍କାର ଓଡ଼ିଆ ନୁହେଁ ତ ଆଉ କଣ ?

ଏଥର ଟିକିଏ ହସିଲେ ବୌଦ୍ଧ । କହିଲେ : ଆଚ୍ଛା, ଚମତ୍କାର ଓଡ଼ିଆ ନ କହି ଯଦି ତୁମେ ମତେ ପଚାରିଥାଆନ୍ତ—ଆପଣ ଓଡ଼ିଆ କହି ପାରୁଛନ୍ତି ? ସେତିକିରେ କଣ ଯଥେଷ୍ଟ ହୋଇ ନ ଥାନ୍ତା ?

କହିଲି : ମଣିଷ କ'ଣ ସବୁବେଳେ ମାପିଚୁପି କଥା କହିବାରେ ଅଭ୍ୟସ୍ତ ?

: କହିବା କ'ଣ ଉଚିତ୍ ନୁହେଁ ? ତା ଛଡ଼ା ମୁଁ କାହିଁକି ଗୋଟାଏ ସାମାନ୍ୟ ଶବ୍ଦ ନେଇ ଯୁକ୍ତି କରିବସିଲି ଜାଣ ?

: ନା ।

: ଆସେସବୁ ଓଡ଼ିଶାରେ ଆସି ବସବାସ କଲୁଣି ଯେତେବେଳେ ବର୍ଷ ବର୍ଷ ଧରି, ସେତେବେଳେ ଚମତ୍କାର ଓଡ଼ିଆ କହିପାରୁଛୁ ବୋଲି ଆଶ୍ଚର୍ଯ୍ୟ ହେବା ଅର୍ଥ ଆମକୁ ଅପମାନ ଦେବା ।

ମୁଁ କପରି ଟିକଏ ଅପ୍ରସ୍ତୁତ ଭାବ ଅନୁଭବ କଲି । କହିଲି : ନା, ନା, ସେମିତିକା କିଛି ଭାବ କହିବା ମୋର ଉଦ୍ଦେଶ୍ୟ ନ ଥିଲା ବୌଦି ! ଆପଣ ମତେ ଭୁଲ୍ ବୁଝିଲେ ।

: ବୌଦି କାହିଁକି ? ବଙ୍ଗଳାର 'ବୌଦି' ଓଡ଼ିଶାର 'ନୂଆବୋଉ' ନା !

ଏଥର ସରୋଜବାବୁ ହୋ-ହୋ କରି ହସିଉଠି ନିଜ ସ୍ତ୍ରୀଙ୍କ ଉଦ୍ଦେଶ୍ୟରେ କହିଲେ : ତୁମେ ସଦାବେଳେ ନୂଆ ହୋଇ ରହିବାକୁ ଚାହଁ ନା ?

: ଆଚ୍ଛା, 'ବୌଦି' ଅପେକ୍ଷା 'ନୂଆବୋଉ' ଶବ୍ଦଟା ବେଶୀ ଜୀବନ୍ତ ନୁହେଁ ?

: ଖାଲି ଜୀବନ୍ତ ନୁହେଁ, ପ୍ରାଣସ୍ପର୍ଶୀ ମଧ୍ୟ । ମୁଁ କହିଲି — ବେଶ୍ ଆଜିଠାରୁ ମୁଁ ଆପଣଙ୍କୁ 'ନୂଆବୋଉ' ହିଁ ଡାକିବି ।

ସାମନାରେ ଅନେକଗୁଡ଼ାଏ ମିଠା ଆଉ ପ୍ଲେଟ ଖଣ୍ଡେ ଦହି ଆଣି ରଖିଦେଇ କହିଲେ ନୂଆବୋଉ : ଖାଅ ।

: ଖାଇବି ତ, ମୁଁ କହିଲି, କିନ୍ତୁ ଏତେ ସବୁ କାହିଁକି ? ସରୋଜବାବୁ ଖାଇବେ ମୋ ସାଙ୍ଗରେ ନିଶ୍ଚୟ ।

: ସେଇଟା ତୁମ ଦୁହିଁଙ୍କ ଭିତରେ ବୁଝା-ସୁଝା ହେବାର କଥା ।

ସରୋଜବାବୁ କହିଲେ : ଆମେ ଦୁହେଁ ସାଙ୍ଗ ହୋଇ ଖାଉଛୁ ।

: ତେବେ ବି ଅନେକ ହୋଇଛି । କିଛି କାଢ଼ି ରଖିଲେ ହୁଅନ୍ତା ।

ମୁଁ କହିଲି ।

: ନା, ନା, ବେଶୀ ନୁହେଁ କିଛି । ସବୁ ରକମରୁ ତ ଦୁଇ ଦୁଇଟା ଦେଇଛି ଦୁହିଁଙ୍କ ପାଇଁ ।

ପାଟିରେ ଟିକଏ ଦେଇ କହିଲି : ଚମତ୍କାର ଟେଷ୍ଟ ତ !

: ତା ହବନି ! ଆମନାର୍ ସନ୍ଦେଶର ନାଁ ଯେ ପୃଥିବୀ ବିଖ୍ୟାତ ! ନୂଆବୋଉ କହିଲେ ।

: ପୃଥିବୀ ? ମୁଁ ଟିକଏ ହସିଦେଲି ।

: ହସିଲ କାହିଁକି ଉମାବାବୁ ? ପ୍ୟାରିସର ଅତର ଯଦି ପୃଥିବୀବିଖ୍ୟାତ ହୋଇପାରିଲା, ବିଲାତର ମଦ ଯଦି ବିଶ୍ୱବିଖ୍ୟାତ ହୋଇପାରିଲା, ଭାରତର ସନ୍ଦେଶ କାହିଁକି ପୃଥିବୀପ୍ରସିଦ୍ଧ ନ ହୋଇପାରିବ ମୁଁ ତ ବୁଝି ପାରୁ ନାହିଁ ।

ସରୋଜବାବୁ ଉତ୍କଣ୍ଠାକୁ ଟିକିଏ ହାଲ୍‌କା କରିବା ପାଇଁ କହିଲେ : ଉମାକାନ୍ତ ବାବୁ କହୁଛନ୍ତି, ତୁମର ଏ କଲିକତାର ସନ୍ଦେଶ ଭାରତବିଖ୍ୟାତ ହୋଇପାରେ, କିନ୍ତୁ ପୃଥିବୀବିଖ୍ୟାତ କାହିଁକି ହେବ ? ପ୍ୟାରିସର ଇଭ୍‌ନିଂ ଇନ୍ ପ୍ୟାରିସ ଅତରକୁ ପୃଥିବୀରେ ସମସ୍ତେ କିଣି ଲଗାନ୍ତି ବୋଲି ସେ ପୃଥିବୀବିଖ୍ୟାତ ; କିନ୍ତୁ ଭୀମନାଗ ସନ୍ଦେଶକୁ ବିଲାତର କେତେ ଲୋକ କିଣି ଖାଆନ୍ତି ?

: ଖାଆନ୍ତି ନାହିଁ ତମେ ଜାଣିଲ କେମିତି ? ବିଲାତର ଲଣ୍ଡନ ସହରକୁ ଉଡ଼ାଜାହାଜରେ ଯାଉଛି କି ନାହିଁ ସ୍ମଲଣ ହୋଇ ସେ ଖବର ଅବଶ୍ୟ ମୁଁ ରଖି ନାହିଁ । କିନ୍ତୁ ବିଲାତର ସାହେବ, କଲିକତାରେ ଯେଉଁମାନେ ଅଛନ୍ତି, ସମୁଦ୍ର ସେପାରିର ହଜାର ହଜାର ଗୋରା ଯେଉଁମାନେ ଆସୁଛନ୍ତି ଭାରତବର୍ଷ, ସେମାନେ ତ ଭୀମନାଗ ସନ୍ଦେଶ ଆଉ କେସି. ସି. ଦାଶର ରସଗୋଲା ଛଡ଼ା ଲଞ୍ଚ-ଡିନରରେ ତୃପ୍ତି ପାଉ ନାହାନ୍ତି । ସେଇଥିରୁ କଣ ବୁଝାଗଲା ନାହିଁ ଯେ କଲିକତାର ସନ୍ଦେଶ କେବଳ ଭାରତରେ ନୁହେଁ, ସମଗ୍ର ପୃଥିବୀରେ ଆଜି ପ୍ରସିଦ୍ଧି ଲାଭ କରିଛି ? ଗୋରାଙ୍କ ଦେଶକୁ ଗଲେ ହେବ—ଗୋରା ଲୋକେ କିଣି ଖାଇଲେ ତା ପୃଥିବୀବିଖ୍ୟାତ ବୁଝେଇବ ନାହିଁ ?

ଠିକ୍ କହୁଥିଲେ ସରୋଜବାବୁ । ମୁଁ ମନେ ମନେ ଆଶ୍ଚର୍ଯ୍ୟ ହେଲି—ପାଠ ବେଶୀ ନ ପଢ଼ିଥିଲେ ବି ବୁଦ୍ଧି କି ଶାଣିତ ନୂଆବୋଉଙ୍କର ! ଟିକିଏ ରହସ୍ୟ କରି କହିଲି : ତାହେଲେ ଓଡ଼ିଶାର ଦହିପଖାଳକୁ ଏଣିକି ପୃଥିବୀବିଖ୍ୟାତ ଭାବରେ ଚଳେଇଲେ ହେବ ।

: କାହିଁକି ହବନି ? ନୂଆବୋଉ କହିଲେ । ଚଳେଇବା ମୂଳରେ ପ୍ରଚାର-ବୁଦ୍ଧି ରହିଲେ ହେଲା ।

: ଖାଲି କଣ ପ୍ରଚାର-ବୁଦ୍ଧି ? ସରୋଜବାବୁ କହିଲେ—ଶିଳ୍ପ-ବୁଦ୍ଧି ବି କିଛି ଦରକାର ।

: ଶିଳ୍ପ-ବୁଦ୍ଧି ସମ୍ବନ୍ଧରେ କଣ ଓଡ଼ିଶାଠାରୁ ବେଶୀ କିଏ ? ନୂଆବୋଉ କହିଲେ ।

: କୋଣାର୍କଶିଳ୍ପରୁ ଓଡ଼ିଶାର ଶିଳ୍ପ-ବୁଦ୍ଧି ସମ୍ବନ୍ଧରେ ଆପଣ ମନ୍ତବ୍ୟ କଲେ ନା କ'ଣ ନୂଆବୋଉ ?

ଦାମୀ କାଚ ଗ୍ଲାସରେ ପାଣି ରଖି କହିଲେ କୁସୁମବାଳା : କୋଣାର୍କଶିଳ୍ପ ଯେ ପୃଥିବୀବିଖ୍ୟାତ !

: କିନ୍ତୁ କୋଣାର୍କଶିଳ୍ପର ଦେଶଟା ଏପର୍ଯ୍ୟନ୍ତ ଭାରତବିଖ୍ୟାତ ହୋଇପାରିଲା ନାହିଁ । ଏଇ ତ ଅବଶୋଷ । ମୁଁ କହିଲି ।

: ଆପଣମାନଙ୍କ ପାଖରେ ବଡ଼ ବେଶୀ ସ୍ୱାନମନ୍ୟତାର ଦୁର୍ବଳତା ଅଛି । ପ୍ରାଚୀନ ସାହିତ୍ୟ-କଳାର ବିଭବ ଓଡ଼ିଶାର ଯା' ଅଛି ବଙ୍ଗଳାର ଯଦି ଥାଆନ୍ତା, ତାହେଲେ ଏପର୍ଯ୍ୟନ୍ତ ଜାଣିଟା କେଉଁଠି ଯାଇ ପହଞ୍ଚିଥାଆନ୍ତା ! କହି, କୁସୁମବାଳା ଟିକିଏ ରହିଯାଇ ସର୍ବେଶବାବୁଙ୍କ ଆଡ଼କୁ ଗୁହିଁଲେ । ଏତିକିବେଳେ ଘର ଭିତରକୁ ଚା' ନେଇ ଆସିଲା ଅଲକା । ସାମନାରେ ଚା' ରଖିଦେଇ କହିଲା : ପ୍ଲେଟରେ ତ କିଛି ନାହିଁ ବୌଦି ! ସବୁଯାକ ମିଠା ଖାଇଲା କିଏ ?

କୁସୁମବାଳା କହିଲେ : କଣ ଅନୁମାନ କରୁଚ ?

: ଅନୁମାନ ଆଉ କରିବି କଣ ? ଅଲକା କହିଲା ରସ-ସ୍ନିଗ୍ଧ ଗଳାରେ— ଟିକକ ଆଗରୁ ଯେ କହୁଥିଲେ ଏଥିରୁ ଗୁଡ଼ାଏ କାଢ଼ି ରଖିଦିଅ, ସେଇ ନିଷ୍ଠୁର ସେତକ ଉଦରସ୍ଥ କରିଛନ୍ତି ।

ଠୋ-ଠୋ କରି ହସିଉଠିଲି ମୁଁ ସମସ୍ତଙ୍କ ସାଙ୍ଗରେ । ତା'ପରେ କହିଲି, : ତୁମ ଭାଇ ଯେ ଖାଇ ନ ଥିବେ ତାର ପ୍ରମାଣ କଣ ?

: ତାର ପ୍ରମାଣ, ଆପଣଙ୍କର ଏ ହଠାତ୍ ଉପରେ ପଡ଼ି ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣ କରିବାର ସ୍ୱଫେଇ । ଭିତର ଘରେ କିଏସେ, ନା ମୁଁ କଦଳୀ ଖାଇନି ।

: ତୁମେ ବି ତ ଓଡ଼ିଆ କହୁଛ ! ମୁଁ କହିଲି ।

: ମୁଁ ଓଡ଼ିଆ କହୁନି, ଓଡ଼ିଆ ଶିଖୁଚି ।

: ମାନେ ?

: ମାନେ, ଯେଉଁ କଥାର ଉତ୍ତର ଗୋଟିଏ ଶବ୍ଦରେ ଦେଇ ହେଇଥାଆନ୍ତା —ତାକୁ କେତେ ବନେଇ-ଚୁନେଇ କଥାର ଅଜସ୍ରତା ଭିତରେ ପ୍ରକାଶ କରିବାକୁ ମୁଁ ବ୍ୟାକୁଳ, ଦେଖୁ ନାହାଁନ୍ତି ?

ଆଉଥରେ ଜୋରରେ ହସିଉଠିଲି । ମନେ ମନେ ଭାବିଲି, ବାଃ ଅଲକା କି ଚମତ୍କାର ! କହିଲି : ସର୍ବେଶବାବୁ, ଏଇ ସାମାନ୍ୟ କେଟେଟା ବର୍ଷ ଓଡ଼ିଶାରେ ରହିଲା ଭିତରେ ଆପଣଙ୍କ ପରିବାର ଯେ ଏପରି ଆନ୍ତରିକ ଭାବରେ ଓଡ଼ିଆ

ସ୍ୱପ୍ନ-ସାହିତ୍ୟକୁ ନଜର ବୋଲି ଭାବିବେ, ଏ ବଡ଼ ଆଶ୍ଚର୍ଯ୍ୟର କଥା । ମୋର ଅଶେଷ ଧନ୍ୟବାଦ ।

: ଇସ୍, ଭାରି ଦାମୀ ଲୋକ ତ ଆପଣ ! ଖିଲ୍‌ଖିଲ୍ କରି ହସିଉଠିଲା ଅଲକା ।

କୁସୁମବାଳା ଆଉ ସରୋଜବାବୁ ଉଭୟେ ହସିଉଠିଲେ । କଥାଟା ମତେ ଉପହାସ କରି କୁହାଯାଇଥିଲେ ମଧ୍ୟ ମୁଁ ବି ବାଧ୍ୟହୋଇ ଟିକିଏ ହସିଲି । କିନ୍ତୁ ପରମୁହୂର୍ତ୍ତରେ ଯେତେବେଳେ ହସର ପାଳି ବନ୍ଦ ହୋଇଗଲା, ମନେ ମନେ ଭାବିଲି—କି ଫାଜିଲ୍ ଝିଅ ଏ ଅଲକାଟା !! ଜଣା-ଶୁଣାର ଘନିଷ୍ଠତା ନାହିଁ, ପଦେ ଅଧେ କଥାବାର୍ତ୍ତା ହୋଇଚି କି ନାହିଁ—ଏପରି ଭାବରେ ହଠାତ୍ ଗୋଟାଏ ରିମାର୍କ ପାସ୍ କରିଦେବାକୁ ଟିକିଏ ବି ସଙ୍କୁଚିତ ହେଲା ନାହିଁ ! ଟିକିଏ ବେଶୀ ଯଦି ଚିହ୍ନା-ପରିଚୟ ଥାଆନ୍ତା ଆଗରୁ, ତା' କାନଟା ମୋଡ଼ି ନ ଦେଇ ଛାଡ଼ି ନ ଥାନ୍ତି ।

: କି ମହାଶୟ, ହଠାତ୍ ଗମ୍ଭୀର ହୋଇ ବସିରହିଲେ ଯେ ? ଗୁ'ଟା ଖାଆନ୍ତୁ, ଅଲକା କହିଲା, 'ସୁଡ଼ିଏ' ଗଲା ଯେ !

: ସୁଡ଼ିଏ ଗଲା ? ମୁଁ ହୋ-ହୋ କରି ହସିଉଠିଲି, ଏତେବେଳକେ ଅଦ୍ଭୁତ ଓଡ଼ିଆ କଥା ପଦେ ଶୁଣିଲି ।

ସରୋଜବାବୁ ଆଉ କୁସୁମବାଳା ମୋ ସାଙ୍ଗେ ଗଳା ଛାଡ଼ି ହସିଉଠିଲେ ।

: ନାଁ ପକେଇଲୁ ଅଲକା, ନାଁ ପକେଇଲୁ । 'ସୁଡ଼ିଏ' ବୁଝେଁ ଲୋ ବୋକା—ଅଣ୍ଡା ହୋଇଗଲା କହୁଥାନ୍ତୁ ସିନା !

ଲାଜରେ ଝାଉଁଳିପଡ଼ି ଘର ଭିତରୁ ହାଓ୍ୱା ପରି ଛୁଟି ଚାଲିଗଲା ଅଲକା ।

## ॥ ୨୦ ॥

ମୋ ଜୀବନରେ ସେ ଏକ ଅବିସ୍ମରଣୀୟ ଦିନ, ପ୍ରଥମେ ଯେଉଁଦିନ ମୁଁ ପାଇଲି ଆରତି ପାଖରୁ ଚିଠି । ବିରହବ୍ୟାକୁଳ ପ୍ରଣୟଲିପି ! କି ରକ୍ତାକ୍ତ ଅନୁଭୂତିର ଅଭିବ୍ୟକ୍ତି ନେଇ ସେ ପ୍ରେମଚିଠି ମୋ ପାଖକୁ ଆସିଥିଲା କେଜାଣି, ମୋ ପାଷାଣହୃଦୟର ବରଫର ବିଗଳିତ ଧାରା ପରି ଅଶ୍ରୁର ଉଚ୍ଛ୍ୱାସରେ ଫାଟିପଡ଼ିଲା

ସେଦିନ । କଲେଜରୁ ଫେରିଆସି ଅପରାହ୍ଣର ଏକ ଶାନ୍ତ ପରିବେଶ ଭିତରେ ନିର୍ଜନ କକ୍ଷରେ ଶୋଇଥିଲି । ଚାକର ଆସି ଦେଇଗଲା ମୋ ହାତରେ ଖାମ୍ ବନ୍ଦ ଚିଠିଟି । ଲଫାପା ଉପର ହାତଲେଖା ଠିକଣାରୁ ପ୍ରଥମେ କିଛି ଅନୁମାନ କରିପାରିଲି ନାହିଁ ଚିଠିଟି ଆସିଚି କାହା ପାଖରୁ । ଏକ ବ୍ୟଗ୍ର ଉତ୍ତେଜନା ନେଇ ଖାମ୍ ଫାଡ଼ି ତା ଭିତରୁ ନେଳୀ କାଗଜରେ ଲେଖା ଦୀର୍ଘ ତିନିପୃଷ୍ଠା ଚିଠିର ପ୍ରଥମ ସମ୍ବୋଧନ ଯେତେବେଳେ ପଢ଼ିଲି, ମୋ ଅଜାଣତରେ ଆଖି ଲୁହରେ ଛଳଛଳ ହୋଇଆସିଲା ।

'ପ୍ରାଣର ପ୍ରିୟତମ', ଏଇ ଦୁଇଟି ଶବ୍ଦ ଭିତରେ ପ୍ରେମ-ରାଜ୍ୟର କି କୁହୁକ ଯେପରି ଭରି ରହିଥିଲା । କଳ୍ପଲୋକର ମାଦକତା—ଆଉ ସ୍ୱପ୍ନପୁରୀର ବର୍ଣ୍ଣବିଳାସ ଯେପରି ଝଲମଲ କରୁଥିଲା । ସ୍ପନ୍ଦିତ ହୃଦୟ ଆଉ ଉତ୍ତେଜିତ ମନ ନେଇ ଧାଡ଼ି ପରେ ଧାଡ଼ି ପଢ଼ିଚାଲିଲି । ଅସହାୟ ମନର କରୁଣ ପ୍ରାର୍ଥନା ଶବ୍ଦର ପ୍ରତି ଛନ୍ଦେ ଛନ୍ଦେ ଯେପରି ଆର୍ତ୍ତନାଦ କରି ବାଳପି ଉଠିଛି । ଲେଖିଥିଲା ଆରତି—ତୁମେ ହଠାତ୍ ଚାଲିଗଲ । ଗଲାବେଳେ ଟିକିଏ ଦେଖା ଦେଇ ଗଲନି ! ପଦେ କଥା କହି ଗଲନି ! କି ନିଷ୍ଠୁର ନିର୍ମମ ତମେ ? କି ପାଷାଣ ହୃଦୟ ତୁମର ? କି କଠିନ ତୁମର ଶପଥ ! ବକ୍ର ପରି କି ନିଦାରୁଣ ତମେ ? କାହିଁକି, କାହିଁକି ଏ ଅବିଚାର କଲ ତୁମେ ମୋ ପ୍ରତି ? ମୁଁ କି ଭୁଲ୍ କରିଛି ? କି ଅନ୍ୟାୟ ବା କରିଛି କେତେବେଳେ ? ଯଦି ବା କରିଥିଲି କିଛି—କ୍ଷମା କଣ କରିପାରି ନ ଥାନ୍ତ ଶେଷ ବିଦାୟ ବେଳେ ? ତମ ମନ କିପରି ହେଲା କଥା ପଦେ ନ କହି ଚାଲିଯିବାକୁ ? ଯେ ଯାହାକୁ ଭଲ ପାଏ, ସେ କଣ ଏଇପରି ଆଘାତ ଦେଇ ଚାଲିଯାଏ—ଚାଲିଯାଇପାରେ ?

ଆଉ ପଢ଼ିପାରିଲି ନାହିଁ । ଅସରନ୍ତି ଲୁହର ପ୍ଳାବନରେ ଭିଜିଗଲା ହାତର ଚିଠି । ମୁଣ୍ଡ ତଳେ ଚିଠିକୁ ରଖିଦେଇ କିଛିକ୍ଷଣ ସ୍ତବ୍ଧ ହୋଇ ବସିରହିଲି ।

ବାସ୍ତବିକ ଭୁଲ୍ କରିଛି ମୁଁ । ଆସିବା ବେଳେ ଅନ୍ତତଃ ଆରତିକୁ ଦେଖାକରି ଆସିବା ଉଚିତ ଥିଲା । କିଛି ତ ଭୁଲ୍ କରି ନ ଥିଲା ସେ । ତା ପ୍ରତି ଏପରି ପ୍ରତାରଣା କରିବାର କଣ ଥିଲା ମୋର ? କିନ୍ତୁ ମୁଁ କଣ ବାସ୍ତବିକ ଆରତିକୁ ଠକିବା ପାଇଁ ଲୁଚି ଚାଲି ଆସିଥିଲି ? ନା, ସେ ବିଦାୟକାଳୀନ ମୁହୂର୍ତ୍ତ ମୁଁ ସହ୍ୟ କରିପାରିବି ନାହିଁ ବୋଲି, ଆରତିର ଅଶ୍ରୁକାତର ମୁହଁ ଦେଖି ଧୈର୍ଯ୍ୟ ଧରି ରହିପାରିବିନି ବୋଲି ତାକୁ କିଛି ନ କହି ଚାଲିଆସିଲି ଆତ୍ମଗୋପନ କରି ।

ମୁଣ୍ଡତଳୁ ଚିଠିଟି ପୁଣିଥରେ କାଢ଼ି ସମୁଦାୟଟି ପଢ଼ିଲି । ତାପରେ ପ୍ୟାଡ୍ ନେଇ ଲେଖିବସିଲି ଉତ୍ତର ।

କିନ୍ତୁ ହଠାତ୍ ପଡ଼ିଲା ବାଧା । ଘର ଭିତରକୁ ଏକ ମ୍ଳାନସ୍ମିତ ଛନ୍ଦରେ ପଶିଆସିଲା ଅଳକା । କହିଲା : ସନ୍ଧ୍ୟାବେଳେ ବସି କଣ ଲେଖା ହେଉଛି । ଆପଣ ସବୁ ସମୟରେ ପଢ଼ନ୍ତି ନା କଣ ?

ମୋ ଘର ଭିତରକୁ ଅଳକାର ଆସିବା ଏଇ ପ୍ରଥମ ନୁହେଁ । ଏ କେତେଦିନ ଭିତରେ ସେ ବହୁବାର ଆସିଛି, ଆଉ ମୁଁ ନ ଥିଲା ବେଳେ ଆଲୁରୁ ବାଲୁରୁ ବହିପତ୍ରକୁ ସଜଡ଼ା ସଜଡ଼ି କରି ଟେବୁଲ୍ ଉପରେ ରଖିବା ମୁଁ ପ୍ରାୟ ଲକ୍ଷ୍ୟ କରିଆସିଛି । ବେଳେ ବେଳେ ତାକୁ ଏ ଅହେତୁକ ଯତ୍ନ ସମ୍ବନ୍ଧରେ ପ୍ରଶ୍ନ କଲେ ସେ କହେ—ବିଶୃଙ୍ଖଳା ଭିତରେ କବିତ୍ୱ ଥାଇପାରେ, କିନ୍ତୁ ଭଲ ରୁଚି ହେବାର ବିଚକ୍ଷଣତା ନାହିଁ । ତାର ଉତ୍ତର ଉପରେ ମୋର ଯୁକ୍ତି ଚଳେନା । ମୁଁ ଟିକିଏ ହସି ଦେଇ ନୀରବ ରହେ ।

ଅଳକାର ହଠାତ୍ ଆବିର୍ଭାବରେ ସେଦିନ କିନ୍ତୁ ବେଶ୍ ଟିକିଏ ବିରକ୍ତ ହେଲି ମନେ ମନେ । କହିଲି : କଣ ଦରକାର ?

ମୋ ଆଡ଼କୁ ଦୀର୍ଘାୟିତ ଦୃଷ୍ଟିରେ ଚାହିଁ କହିଲା ଅଳକା : ଆଜି ଏ କି ପ୍ରଶ୍ନ ?

କହିଲି : ମୁଁ ଟିକିଏ ବ୍ୟସ୍ତ ।

: ମୁଁ କିନ୍ତୁ ବ୍ୟତିବ୍ୟସ୍ତ, ଅଳକା କହିଲା । ତେଣୁ ଆପଣଙ୍କ ପ୍ରଶ୍ନ ଯେତେ କଟୁ ହେଉ ପଛେ, ମୁଁ ଟିକିଏ ଅତ୍ୟାଚାର କରିବାକୁ ଅନୁମତି ଚାହୁଁଛି ।

: ଅତ୍ୟାଚାର ! ମୁଁ ପଚାରିଲି ବିସ୍ମୟରେ ।

: ହଁ, ଆପଣଙ୍କ ବ୍ୟସ୍ତ ସମୟ ଉପରେ ମୋ ବ୍ୟତିବ୍ୟସ୍ତ ମନର ଅତ୍ୟାଚାର । କିଛି ମନେ କରିବେନି, ମୁଁ ଗୋଟାଏ କଥା ପଚାରିବାକୁ ଆସିଛି ।

: କଣ ? ମୁଁ ଗମ୍ଭୀର ହୋଇ କହିଲି ।

: ଏତେ ଗମ୍ଭୀର ହୋଇ ବସି ମତେ ମୁରବୀଙ୍କ ପରି ଧମକ ଦେଲେ କିନ୍ତୁ ମୁଁ କିଛି କହିପାରିବିନି ।

: ନା, ନା, କୁହ କଣ କହିବ ! କିନ୍ତୁ ମାତ୍ର ପାଞ୍ଚ ମିନିଟ ସମୟ ଦେଲି ।

: ସମୟର ମାପଚୁପ ଭିତରେ କିନ୍ତୁ ମୁଁ କିଛି କହିପାରିବିନି ।

: ଆଚ୍ଛା ନ ହେଲା ନାହିଁ । ସମୟର ଅବାରିତ ସ୍ୱାଧୀନତା ତୁମ ହାତରେ । ଏଥର କୁହ କଣ ? କହି, ମୁଁ ଚିଠିଲେଖା ପ୍ୟାଡ଼କୁ ଟେବଲ୍ ଡ୍ରୟର ଭିତରେ ଲୁଚେଇ ରଖିଲି ।

: ଆପଣ କବିତା ଲେଖନ୍ତି ? ଅଳକା ପଚାରିଲା ହସ ହସ ଗଳାରେ ।

: ନା ।

: ଉପନ୍ୟାସ ପଢ଼ନ୍ତି ?

: ନା ।

: ଗୀତ ଶୁଣିବାକୁ ଭଲ ପାଆନ୍ତି ?

: ନା ।

: ନାଚ ଦେଖିବାକୁ ?

: ତା ବି ନୁହେଁ । କିନ୍ତୁ କାହିଁକି ଏସବୁ ଜାଣିବାକୁ ଚାହୁଁଚ ଶୁଣେ ?

: ଆଜି ଗୋଟିଏ ଇଂରାଜୀ ଉପନ୍ୟାସ ପଢ଼ୁଥିଲି । ସେଥିରେ ଗୋଟାଏ ଜାଗାରେ ଲେଖାଅଛି— ପୃଥିବୀରେ ଏପରି କୌଣସି ଜଣେହେଲେ ପୁରୁଷ ନାହିଁ, ଯେ ଉପରୋକ୍ତ ବିଷୟରୁ କୌଣସି ଗୋଟିକରେ ରସିକ ନୁହେଁ । ଏବେ ଦେଖୁଛି, ବିଶ୍ୱପ୍ରସିଦ୍ଧ ସେ ଔପନ୍ୟାସିକଙ୍କର କଲମରେ ଭୁଲ୍ ରହିଛି । ପୃଥିବୀରେ ଏପରି ଅରସିକ ଯୁବକ ଅଛନ୍ତି, ଯେ ନାଚ, ଗୀତ ମଉଜମଜଲିସ୍ କିଛି ଚାହାନ୍ତି ନାହିଁ । କେବଳ ଗ୍ରନ୍ଥକୀଟ ହୋଇ ରହିବା ତାଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ ।

ମୁଁ ଟିକିଏ ହସିଲି ।

ଅଳକା କହିଲା : ଏଣିକି ଆପଣ ହସିବାଟାକୁ ବି ବାଦ୍ ଦିଅନ୍ତୁ ଜୀବନର ବିକାଶ ପର୍ବରୁ । ଯେ ଏପରି ଅରସିକ, ତା ଜୀବନରେ ହସିବାଟା ବି ଏକ ଅସୁନ୍ଦର କଥା ।

: ବେଶ୍, ତୁମ ପାଇଁ ଅନ୍ତତଃ ସେଇଟା ବାଦ୍ ଦେବି । ଆଉ କଣ ପଚାରିବାର ଅଛି ?

: ମୋ ପାଇଁ ଅନ୍ତତଃ ବାଦ୍ ଦେବେ ମାନେ ?

: ହଁ, ତୁମ ପାଇଁ । ତୁମେ ଯେତେବେଳେ ମୋ ଅରସିକ ଜୀବନରେ ହସଟାକୁ ଦି ଆଖିରେ ଦେଖି ସହ୍ୟ କରିପାରୁନ ।

: ମୁଁ ସହ୍ୟ କରିପାରୁନି ନା ଆପଣ ମତେ ସହ୍ୟ କରିପାରୁ ନାହାନ୍ତି ?

ମନେ ମନେ ହଠାତ୍ ଚମକି ଉଠିଲି ମୁଁ । ଏ କଣ ? ଅଳକା ହଠାତ୍ ମୋ ମନକଥା ଜାଣିଲା କିପରି ?

: ଆଚ୍ଛା, ମୁଁ ଯାଉଛି । ଅଳକା ଉଠି ଠିଆହେଲା । କହିଲା— ଆପଣଙ୍କୁ ଆସି ଅଯଥା ବିରକ୍ତ କଲି ।

କହିଲି : ନା, ବସ । କିନ୍ତୁ ମୋ ଆଡ଼କୁ ଆଉ ଫେରି ନ ଚାହିଁ ମୃଦୁ ପଦକ୍ଷେପରେ ଘରଭିତରୁ ବାହାରିଗଲା ଅଳକା । ପଛପଟରୁ ତାକୁ ଲକ୍ଷ୍ୟ କରି

ଦେଖିଲି । ନିତମ୍ବଚୁମ୍ବୀ ଦୁଇଟି ମୋଟା ବେଣୀ ଝୁଲିପଡ଼ିଛି ପୃଷ୍ଠଦେଶରେ । ଦୁଇଟି ବେଣୀ ଫାଙ୍କରେ ଗଳାର କିଛି ଅଂଶ ଦେଖାଯାଉଛି ମେଘର ବେଷ୍ଟନୀ ଭିତରେ ଟିକିଏ ହଳଦିଆ ଜ୍ୟୋତ୍ସ୍ନା ପରି । ଆଉ ପୃଷ୍ଠଦେଶକୁ ଆବୃତ କରି ଶୁଭ୍ର ଶାଢ଼ୀର ଉଜ୍ଜ୍ୱଳତା ଉପରେ ଘୁମେଇଥିବା ନିଘଞ୍ଚ ବେଣୀର ମାଧୁର୍ଯ୍ୟ···ସତେ ଯେପରି ମଧ୍ୟାହ୍ନର ରୌଦ୍ର ଭିତରେ ନିଘଞ୍ଚ ବନାନୀର ଛାୟା—ସ୍ନିଗ୍ଧ କୋମଳତା ପରି ଅପୂର୍ବ ସୁଷମାରେ ସଚକିତ ।

କ୍ଷଣିକ ପାଇଁ ମୋ ଆଖିର ଦୃଷ୍ଟି ଯେପରି ତନ୍ମୟ ହୋଇଗଲା ଅଳକାର ପରିପୁଷ୍ଟ ଯୌବନର ଲାବଣ୍ୟରେ । କିନ୍ତୁ ସେ କେବଳ କ୍ଷଣିକ ପାଇଁ । ପରମୁହୂର୍ତ୍ତରେ ଯେତେବେଳେ ମନେ ପଡ଼ିଗଲା ଆରତି, ଦୃଷ୍ଟିପଥରେ ନାଚିଉଠିଲା ଆରତିର କମନୀୟ ରୂପକାନ୍ତି, ସେତେବେଳେ ଏକ ଦ୍ୱନ୍ଦ୍ୱ ଭିତରେ ବିଷମ ପରିସ୍ଥିତିର ସମ୍ମୁଖୀନ ହେଲି ମୁଁ । ଆରତି ନା ଅଳକା ? କିଏ ମୋ କଳ୍ପନାର ମାନସୀ ? କିଏ ମୋ ହୃଦୟର ରାଣୀ ? ଦୁହିଁଙ୍କ ଭିତରୁ କିଏସେ ମୋ ସ୍ୱପ୍ନର ରାଜନନ୍ଦିନୀ, କିଛି ଠିକ୍ କରିପାରିଲି ନାହିଁ ।

ଆକାଶ ପାତାଳ କେତେ କଣ ଭାବିବସିଲି । ଏ ଭିତରେ କେତେବେଳେ ସନ୍ଧ୍ୟା ହୋଇଛି—ଘର ଭିତରେ ରାତିର ଅନ୍ଧକାର ଜମିଉଠିଛି, କିଛି ଲକ୍ଷ୍ୟ କରିପାରି ନାହିଁ । ଅନ୍ଧାର ଭିତରେ ବସି ମନର ତରୁଣୀ ସମ୍ବନ୍ଧରେ ଭାବିବାକୁ କେତେ ଭଲ ଲାଗେ, ସେଇଦିନ ପ୍ରଥମ କରି ବୁଝିଲି ।

ପ୍ରଥମ କରି ବୁଝିଲି ମୋ ତରୁଣ ମନ ଉପରେ ଆରତିର ପ୍ରଥମ ପ୍ରେମ ଚିଠିର ଆଶ୍ଚର୍ଯ୍ୟ ପ୍ରଭାବ ! ପ୍ରଥମ କରି ଅନୁଭବ କଲି ମୋ ତରୁଣ ପ୍ରାଣ ଭିତରେ ଅଳକାର ସଲଜ୍ଜ ଅଭିମାନର ଚକିତ ଆଘାତ !!

ଆରତିର ପ୍ରେମ ଚିଠି ! ହଁ, ଆରତିକୁ ମୁଁ ଭଲ ପାଇଛି । ସେ ଭଲ ପାଇବା ଭିତରେ ମୋ ତରୁଣ ମନ ଅଜାଣତରେ ତା ଆଡ଼କୁ ଆକୃଷ୍ଟ ହୋଇଯାଇଛି । ଆରତିର ମଧ୍ୟ ଠିକ୍ ସେଇଆ । ମୋ ଭଲପାଇବା ବଦଳରେ ସେ ବି ମତେ ଦେଇବସିଛି ତା' କୁମାରୀ ଜୀବନର ଯୌବନସର୍ବସ୍ୱ । ମୋ ବିଚ୍ଛେଦରେ ବିରହର ହୋମାନଳରେ ଜଳିପୋଡ଼ି ମୋ ପାଖକୁ ଦୀର୍ଘ ପ୍ରେମ ଚିଠି ଲେଖିବା ଖୁବ୍ ସ୍ୱାଭାବିକ । ଆଶ୍ଚର୍ଯ୍ୟ ବା ଅସୁନ୍ଦରର କଥା କିଛି ନାହିଁ ସେଥିରେ ।

କିନ୍ତୁ ଅଳକା ? ଅଳକାକୁ ତ ମୁଁ ଭଲ ପାଏ ନାହିଁ ! ତା କଥା ତ ଦିନେହେଲେ ଏକାନ୍ତରେ ବସି ଭାବି ନାହିଁ । ତାକୁ କେବେ ସ୍ପଷ୍ଟଭାବେ ନିରୀକ୍ଷଣ କରି ଦେଖିବା ତ କାହିଁ ମନେ ପଡ଼ୁନାହିଁ ମୋର ! ସେ କିପରି ମୋ ଉପରେ ଆଜି ଅଭିମାନ କରିଗଲା କାହିଁକି ? ମୋ ସମସ୍ତ ଉପରେ ତା ସ୍ନେହର ଅତ୍ୟାଗ୍ରହ

କରିବାକୁ ଆସିଲା କି ସାହସରେ ? ମୋ ଭାବମଗ୍ନ ଚିତ୍ତକୁ ଚହଲାଇ ଦେବା ପାଇଁ ରୂପର ଐଶ୍ୱର୍ଯ୍ୟ ନେଇ ଆସିଲା ସେ କି ଦୁରଭିସନ୍ଧି ନେଇ ? ପୁଣି ମୋଠାରୁ ତା ମନମୁତାବକ ସହୃଦୟତା ନ ପାଇବାରୁ କ୍ଷୁବ୍ଧ ହୋଇ ଗୁରୁ ଅଭିମାନରେ ଏଠୁ କଥା ନ କହି ଚାଲିଗଲା କ'ଣ ମନେକରି ? ମୋ ଉପରେ ଏତେଟା ଆବଦାର କରିବାର ସାହସ ସେ ପାଇଲା କେଉଁଠୁ ? ମୋ ପାଖରେ ଅଭିମାନ କରି ଚାଲିଗଲେ ତା ପାଇଁ ଉତ୍କଣ୍ଠାରେ ମୁଁ ଅସ୍ଥିର ହୋଇଉଠିବି—ଏ ଧାରଣା ବା ସେ କରିପାରିଲା କେମିତି ? ତେବେ ସେ କ'ଣ ମତେ ଭଲ ପାଏ ? ଅଲକା ମତେ ଭଲ ପାଏ !

ବିଦ୍ୟୁତ୍ ପରି ଏକ ଅଦ୍ଭୁତ ଶିହରଣ ଖେଳିଗଲା ମୋର ସାରା ଦେହରେ । ଶିରାପ୍ରଶିରାରେ ସ୍ପନ୍ଦିତ ଉତ୍ତେଜନାର ଏକ ଉଷ୍ମ ତରଙ୍ଗ ବହିଗଲା ରକ୍ତ ପ୍ରବାହରେ । ଘର ଭିତରର ପୁଞ୍ଜୀଭୂତ ଅନ୍ଧକାର ମତେ ଯେପରି ମାଡ଼ିବସିଲା ପରି ଲାଗିଲା । ଉଷ୍ମରେ ଅଠରିଲି । ହାଲିଆ ଖାଇଲା ପରି ଉଠି ଛିଡ଼ା ହେଇପଡ଼ିଲି । କାନ୍ଥ ଦରିଣ୍ଡି ସୁଇଚ୍ ଟିପି ବତୀ ଲଗେଇଲି । ମତେ କେମିତି ଅସ୍ଥିର ଲାଗିଲା । ଟେବଲ୍ ଉପର ବହିଗୁଡ଼ାକ ଖେଳେଇ ପକେଇଲି ଅନ୍ୟମନସ୍କ ଭାବରେ । ମାଣ୍ଡି ତଳୁ ଆରଥର ଚିଠିଟା ଆଣି ଆଉଥରେ ପଢ଼ିବା ପାଇଁ ଆଲୁଅ ପାଖରେ ମେଲେଇ ଦେଖିଲି । ସେଇ ଚିଠି ତ ! ଦି'ଘଣ୍ଟା ଆଗରୁ ପଢ଼ିଛି, ଆଉ କଣ ପଢ଼ିବି ? ପୁଣି ରଖିଦେଲି ଟେବୁଲ ଡ୍ର ଭିତରେ । ତାପରେ ଏକ ଅଶାନ୍ତ ଉତ୍ତେଜନାରେ ପଳେଇ ଆସିଲି ବାହାରକୁ ।

ବାରଣ୍ଡା ଉପରେ ସରୋଜବାବୁଙ୍କ ସହିତ ଦେଖା । —ଏ କଣ ? ଘର ଅନ୍ଧାର କରି ବସିଥିଲ କାହିଁକି ? ସରୋଜବାବୁ ପଚାରିଲେ ଆଶ୍ଚର୍ଯ୍ୟ ଗଳାରେ ।

କିଛି ଉତ୍ତର ନ ଦେଇ ବାହାରକୁ ଖସି ଚାଲିଯିବାକୁ ବାହାରୁଥିଲି, ମୋ ହାତକୁ ଖପ୍ କରି ଧରି ପକେଇଲେ ସରୋଜବାବୁ । କହିଲେ : କ'ଣ ହେଇଛି ? ମୁହଁ ଏମିତି ଶୁଖିଲା ଶୁଖିଲା ?

: ନା, କିଛି ହେଇନି ତ ! ଦି'ପହରେ ଟିକିଏ ଶୋଇ ପଡ଼ିଥିଲି ।

: ଶୀତଦିନେ ଦିପହରେ ଶୋଇଲେ ଦେହରୁ ରକ୍ତ ଶୁଖିଯାଏ । କହି, ସରୋଜବାବୁ ମୋ ହାତ ଧରି ତାଙ୍କ ଶୋଇଲାଘର ଆଡ଼େ ଟାଣି ଟାଣି ନେଲେ ।

: ଟିକିଏ ବାହାରେ କାମ ଥିଲା । ମୁଁ କହିଲି ।

: ଆଜି ଆଉ କାମ ଫାମ କିଛି ଶୁଣାଯିବନି । ଜଳଖିଆ ଖାଇ ସାରି ଆଗ ।

ଅନିଚ୍ଛାସତ୍ତ୍ୱେ ଟାଣି ହେଇ ଗଲି । ସରୋଜବାବୁଙ୍କ କଥାରୁ ବାହାରିଯିବା କ୍ଷମତା ମୋର କାହିଁକି ତ । ଘର ଭିତରେ ବସି ସରୋଜବାବୁଙ୍କ ସ୍ତ୍ରୀ କୁସୁମବାଲାଙ୍କୁ

ଲକ୍ଷ୍ୟକର କହିଲି : ଯେତେବେଳେ ଆସିବ, ସଦାବେଳେ ମଦ ଖାଇବା ପିଇବାର ଆୟୋଜନ ହେବ ତାହେଲେ ବାଧ ହେଇ ଘର ଛାଡ଼ିଦେଇ ହଷ୍ଟେଲରେ ଯାଇ ରହିବାକୁ ପଡ଼ିବ ମତେ ।

: ହଷ୍ଟେଲରେ ରହିଲେ ବୋଧହୁଏ ଖାଇବା ଦରକାର ପଡ଼େନା ! କୁସୁମବାଲା କହିଲେ ।

: ଦରକାର ପଡ଼ିବନି କାହିଁକି ? କିନ୍ତୁ 'ଖାଦ୍ୟ'ଟା ମଣିଷ ପଛରେ ଗୋଡ଼ାଏନି ।

: ତାହେଲେ ବିପରୀତ ନିଶ୍ଚୟ । ଖାଇବା ପଛରେ ମଣିଷ ଗୋଡ଼ାଏ ! ପୂଜ୍ୟାରୀଙ୍କୁ ଦଶ ଥର ପଢ଼ାରୁ ଉଠିଯାଇ ପଚାରିବାକୁ ପଡ଼େ ଖାଇବା ହେଲଣି କି ନାହିଁ ? ସମୟର ସଦ୍‌ବ୍ୟବହାରଟା ଗୁଡ଼ିଏ ବେଶୀ କରିପାରେ ନା ? କହି ବୌଦି ହସିଉଠିଲେ ।

ମୁଁ ଲଜ୍ଜିତ ହୋଇଗଲି । କହିଲି : ହଷ୍ଟେଲ ନାଁ ଧରି ଗୋଟାଏ ଧମକ ଦେବାକୁ ବସିଲି ଆପଣଙ୍କୁ ଯେ ଆପଣ ଓଲଟି ମତେ ବୋକା ବନେଇ ଛାଡ଼ିଲେ ! ତାପରେ ସରୋଜବାବୁଙ୍କୁ ଲକ୍ଷ୍ୟକରି କହିଲି—ଆପଣ ଏମିତି ବିଚକ୍ଷଣା ବୌଦିଟି ଯୋଗାଡ଼ କଲେ କେଉଁଠୁ ?

ସରୋଜବାବୁ ମୋ ମୁହଁକୁ ଚାହିଁ ଟିକିଏ ହସିଲେ । ତୁମର ଏ ପ୍ରଶ୍ନର ଉତ୍ତର ମୁଁ ବୋଧହୁଏ ଦେଇପାରିବିନି । କହିଲେ ସରୋଜବାବୁ ।

: ଦେଇପାରିବେନି ! ଆଶ୍ଚର୍ଯ୍ୟରେ ପଚାରିଲି—ସେ କେମିତି କଥା !

: ମୁଁ ଯୋଗାଡ଼ କରିଥିଲେ ସିନା କହିବି !

: ତେବେ ?

: ଯୋଗାଡ଼ ସେ କରି ନାହାନ୍ତି, ମୁଁ କରିଛି । କୁସୁମବାଲା ପାଖ ଘରୁ ଭିତରୁ ପ୍ଲେଟଭର୍ତ୍ତି ଲୁଚି ନେଇଆସି ଆମ ଦୁହିଁଙ୍କ ସାମନାରେ ରଖି କହିଲେ—ଶାନ୍ତିନିକେତନରେ ପଢ଼ୁଥିଲାବେଳେ ମୁଁ ତାଙ୍କୁ ଯୋଗାଡ଼ କରିଛି କହି, ସରୋଜ ବାବୁଙ୍କ ଆଡ଼କୁ ସ୍ପଷ୍ଟ ଭାବରେ ଟିକିଏ କଟାକ୍ଷ ହାଣି କହିଲେ—ଲାଜ ସରମ କିଛି ଆଉ ବାକି ରଖିଲି ନାହିଁ ଦେଖୁଛ !

ମୁଁ ସ୍ତମ୍ଭୀଭୂତ ହୋଇଗଲି । ବେଶ୍ ଟିକିଏ କୌତୂହଳ ହେଲା । ଦାଦା-ବୌଦିଙ୍କ ବିବାହ ଇତିବୃତ୍ତିଟା ତା'ହେଲେ ଗୋଟାଏ ଶାନ୍ତିନିକେତନ କାବ୍ୟ ! ମୁଁ ଟିକିଏ ଅଳ୍ପାଳିଆ ସ୍ୱରରେ କହିଲି ।

: କାବ୍ୟ ନୁହେଁ, ନୃତ୍ୟ ! କହିଲେ ସରୋଜବାବୁ । ତୁମ ବୌଦିଙ୍କ ନାଚରେ ହିଁ ମୁଁ ମୁଗ୍ଧ ହୋଇଥିଲି ।

: ବୌଦି ନାଚ ଜାଣନ୍ତି ! ମୁଁ ଆତୁର ବିସ୍ମୟରେ ପଚାରିଲି ।

: ଏତେ ବେଶୀ ଆଗ୍ରହାନ୍ୱିତ ହୋଇ ଉତ୍ତେଜନା ପ୍ରକାଶ କରିବ ନାହିଁ ଉମାବାବୁ ! ସେ ନାଚର ଏତେ ଟିକିଏ ବି ଆଉ ମୋର ମନେ ନାହିଁ ।

: କାହିଁକି ମନେ ରହନ୍ତା ବା ? ସରୋଜବାବୁ କହିଲେ । ପତ୍ନୀଦେବତାଙ୍କୁ ଯୋଗାଡ଼ କରିନେଲା ପରେ ସେ ନାଚର ଆଉ କି ପ୍ରୟୋଜନ ?

: ଓଃ, ଯେଉଁ ଦେବତା ! କୁସୁମବାଳା କଥା ପଦକ କହିଦେଇ ଜିଭ କାଢ଼ି ଭିତର ଘରକୁ ଚାଲିଗଲେ ।

ସରୋଜବାବୁ ହୋ-ହୋ କରି ହସିଉଠିଲେ ।

ମୁଁ କହିଲି : ଆପଣ କବିଗୁରୁଙ୍କ ସଂସ୍ପର୍ଶରେ ଆସିଛନ୍ତି ନା ?

: ତାଙ୍କ ସଂସ୍ପର୍ଶରେ ଆସି ତ ଏପରି ସ୍ତ୍ରୀ-ରତ୍ନଟିଏ ପାଇଲି ।

କଣ ଗୋଟାଏ କହିବାକୁ ଯାଉଥିଲି, ଏତିକିବେଳେ ଘର ଭିତରକୁ ଆସିଲା ଅଳକା । ହାତରେ ତାର ତରକାରି ଆଉ ଭଜାର ପ୍ଲେଟ ।

: ଏତେ ସବୁ ଖାଇବା ପିଇବାର ଆୟୋଜନ ଏ ସନ୍ଧ୍ୟା ବେଳଟାରେ କାହିଁକି ? ମୁଁ ପଚାରିଲି ।

: କଲିକତାରୁ ନାଟ୍ୟ-ନିକେତନ ଥିଏଟର ଆସିଛି । ଦେଖିଯିବନି ନା କଣ ? ସରୋଜବାବୁ ସହଜ ଗଳାରେ କହିଲେ ।

: ନାଟ୍ୟ-ନିକେତନ ? କାହିଁ ମୁଁ ତ କିଛି ଜାଣିନି !

: ଜାଣିବ କିପରି ? ଜାଣିବାର ବୁଦ୍ଧି ଥିଲେ ସିନା ! ଅଳକା ମନ୍ତବ୍ୟ ଦେଇ ଚାଲିଗଲା ବାହାରକୁ ।

: ମୁଁ ତୁମ ପାଇଁ ଟିକଟ ନେଇଆସିଛି । ସରୋଜବାବୁ କହିଲେ ।

: ମୁଁ ଜମୁ ଥିଏଟର ଦେଖିବାକୁ ଭଲ ପାଏନି । ଲୁଚି ଖାଉ ଖାଉ ଅନ୍ୟମନସ୍କ ଭାବରେ କହିଲି । ପୁଣି ବଙ୍ଗଳା ମୁଁ ଭଲ ବୁଝିପାରେ ନାହିଁ ।

ଭିତର ଘର ପଟୁ ଠୋ-ଠୋ କରି ହସିଉଠିଲା ଅଳକା । ଗଳା ଶୁଣେଇ କହିଲା : ସଭା ସମିତି ହୋଇଥିଲେ ମୁଁ ହାତ ତାଳି ଦେଇ ଥାଆନ୍ତି ଦାଦା, ତୁମ ବନ୍ଧୁଙ୍କର ଏ କଥାରେ ।

କିଛି ମନ୍ତବ୍ୟ ନ କରି ମୁଁ ଚୁପ୍‌ହୋଇ ବସି ଖାଉଥିଲି । ମୋଟ ଉପରେ ମୁଁ ଚାହୁଁ ନ ଥିଲି ଅଲକା ସହିତ ଯୁକ୍ତିତର୍କ କରି ସନ୍ଧ୍ୟା ବେଳର ପରିସ୍ଥିତିକୁ ହାଲ୍‌କା କରିବା ପାଇଁ । ତା' ମୋ ଭିତରେ ଗୋଟାଏ କିଛି ମାନ ମତାନ୍ତର ହୋଇ କଥାବାର୍ତ୍ତା ବନ୍ଦ ହେଉ—ଯଥା ଯେପରି ମୁଁ ମନେମନେ ଚାହୁଁଥିଲି । ପରକ୍ଷଣରେ ଅବଶ୍ୟ ଯଥା ବି ଭାବିଲି, ମୋ ପାଖରୁ ସେତେବେଳେ ଗମ୍ଭୀର ହୋଇ ଚାଲିଆସି ଇମିତି ଅକାରଣରେ ମୌନତା ଭାଙ୍ଗି ଉପରେ ପଡ଼ି କଥା କହିଲା କାହିଁକି ଅଲକା ? କଣ ସରୋଜବାବୁଙ୍କ ପାଖରେ ତା' ମୋ ଭିତରେ ଘଟିଥିବା ମାନ ଅଭିମାନର ଅଶୋଭନୀୟ ଘଟଣାକୁ ଲୁଚାଇ ରଖିବାକୁ ଚାହେଁ ସେ ।

ଅଲକାର ଭିତରି ମନର ଉଦ୍ଦେଶ୍ୟକୁ ଠିକ୍ ଭାବରେ ଜାଣିବା ପାଇଁ ଖାଇସାରିଲା ପରେ ପରେ ନିଜ ପଢ଼ାଘରକୁ ଉଠି ଚାଲିଆସିଲି ମୁଁ । କହିଆସିଲି, ମତେ ଅଯଥା ବିରକ୍ତ କରିବାକୁ ମୋ ପଢ଼ାଘରକୁ ଯିବେ ନାହିଁ । ମୁଁ ନାଚ-ଗୀତ ବି ଆଖିରେ ଦେଖିପାରେ ନାହିଁ ।

ସରୋଜବାବୁ ପଛକୁ ମୁହଁ ବୁଲେଇ ଟିକିଏ ହସିଲେ ।

ପଢ଼ାଘରେ ବସି ଏ ବହି ସେ ବହି ଖୋଲିଖୋଲି କରି ଅନ୍ୟମନସ୍କଭାବରେ ଆଖି ବୁଲାଉଛି, ଦୁଆର ମୁହଁରେ ହଠାତ୍ ଅଲକାର କଣ୍ଠ ଶୁଣାଗଲା—କ୍ଷମା କରିବେ, ଆପଣଙ୍କୁ ବିରକ୍ତ କରିବାକୁ ଘର ଭିତରକୁ ଯାଇପାରେ ?

: କି ଆଶ୍ଚର୍ଯ୍ୟ ! ମନକୁ ମନ କଥା ପଦକ ଉଚ୍ଚାରଣ କରି ଫେରି ଚାହିଁଲି ଦୁଆର ଆଡ଼େ । ବାଃ, କି ଚମତ୍କାର ସାଜିଛି ଅଲକା ! ମେରୁନ୍ ରଙ୍ଗର ଢାକାଇ ଶାଢ଼ୀ କି ଅପୂର୍ବ ମାନିଛି ଅଲକାର ଗୋରା ତକ୍‌ତକ୍ ଦେହକୁ ! ଧୂସର ରଙ୍ଗର ବ୍ଲାଉଜ୍, ଗଳା ଓ ଦି ବାହୁର ଶେଷ ସୀମାରେ ଜରିକାମର କୁମ୍ଭପକା ପାଡ଼ ଚପି ହେଲା ପରି ବସିଛି ପରିପୁଷ୍ଟ ଅବୟବରେ । ଚାଲିଲେଉଟା ବେଳର ବେଣୀର ପ୍ରସାଧନଶୈଳୀ ଏ ଭିତରେ ବଦଳି ଯାଇଛି । ଦି କାନ୍ଧକୁ ଛୁଇଁ ନ ଛୁଇଁଲା ପରି କାନ ତଳକୁ ବଉଳଫୁଲର ଖୋସାପରି ଝୁଲିପଡ଼ିଛି କୃଷ୍ଣ କେଶର ଅଜସ୍ରତା ଭିତରେ ଧଳା ରେଶମୀ ରିବନ୍‌ର ଲାବଣ୍ୟ, ଠିକ୍ ପଲାଶ ବନର ମଥାନ ଉପରେ ଦୋଳାୟିତ ନୀଳ ଆକାଶର କିଛି ମାଧୁରୀ ଝରିପଡ଼ିଲା ପରି । ଆଉ ଦୁକୂଳାବୃତ ସ୍ଫୀତାୟିତ ବକ୍ଷର ସୌନ୍ଦର୍ଯ୍ୟ, ସତେ ଯେପରି ସବୁଜ ଅରଣ୍ୟର ଶ୍ୟାମାଞ୍ଚଳ ତଳେ, କଠିନ ଗିରିଶୃଙ୍ଗର ଦର୍ପିତ ଅହଙ୍କାର ପରି ଜମାଟବନ୍ଧା ଯୌବନର ଐଶ୍ୱର୍ଯ୍ୟ-ଗରିମାରେ ସଂଗ୍ରାମ-ଇଙ୍ଗିତ !!!

: ଯାଇପାରେ ? ଅଲକା ଏଥର ଅନୁମତିର ଅପେକ୍ଷା ନ ରଖି ପଶିଆସିଲା ଘର ଭିତରକୁ ।

ମୋ ପୌରୁଷ ଯେପରି ଲଜ୍ଜାରେ ନଇଁପଡ଼ିଲା । କହିଲି : କଣ ଚାହୁଁ ତୁମେ ମୋଠୁ ?

: ଏଇ ଟିକିଏ ଅଭ୍ୟାଗତରେ ସବୁ କିଛି ଦେବାକୁ ପ୍ରସ୍ତୁତ ହୋଇ-ପଡ଼ିଲେ ? କହି, ଅଳକା ଟିକିଏ ହସିଦେଇ ମୋ ପାଖରେ ଆସି ଠିଆ ହେଲା ।

ଗୋଟାଏ କି ଦାମୀ ସେଣ୍ଟର ଗନ୍ଧ ଆସି ବାଜିଲା ମୋ ନାକରେ । ମୁହଁରେ ବିଶେଷ ଟଏଲଟ୍ ନାହିଁ, ତଥାପି ତାର ଉଜ୍ଜ୍ୱଳ ମୁହଁର ତେଜ ଇଲେକ୍‌ଟ୍ରିକ୍ ଆଲୁଅରେ ଜକ୍‌ଜକ୍ କରୁଛି । ତନ୍ମୟ ଦୃଷ୍ଟିରେ ଚାହିଁ କହିଲି : ଦେବାକୁ ପ୍ରସ୍ତୁତ ବୋଲି କେଉଁଠି କହିଲି ? ପଚାରୁଛି, କଣ ଚାହୁଁ ମୋଠୁ ?

: ଓଡ଼ିଆ କହିପାରୁଥିଲେ ଯେତେବେଳେ, ବୁଝିପାରୁଛି ନିଶ୍ଚୟ ଆପଣ କ'ଣ ମନେ କରି କ'ଣ କହିଲେ । ମୁଁ କଣ ଚାହେଁ—ସେ କଥା ପରେ ହେବ । ଆଗେ ମୋ ଅନୁରୋଧ ରଖି ଭାଇଙ୍କ ସାଙ୍ଗରେ ଯାଆନ୍ତୁ ଥିଏଟର ଦେଖି ଆସିବେ । କହି, ମୋ ଉତ୍ତରକୁ ଅପେକ୍ଷା ନ କରି ସେ କାନ୍ଥ ବ୍ରାକେଟରେ ଟଙ୍ଗା ହୋଇଥିବା ସିଲ୍‌କ ପଞ୍ଜାବୀଟିକୁ କାଢ଼ି ଆଣି ମୋ ହାତରେ ଧରେଇଦେଲା ।

: କହିଲି ପରା, ମତେ ଥିଏଟର ଦେଖିବାକୁ ଭଲ ଲାଗେ ନାହିଁ !

: ମୁଁ ଜାଣେ ଥିଏଟର ଦେଖିବାକୁ ଭଲ ନ ଲାଗିବା କଥା ନୁହେଁ, ମୋ ଉପସ୍ଥିତି ଆପଣଙ୍କୁ ଭଲ ଲାଗେନା । କିନ୍ତୁ ଆଜିକ ପାଇଁ ମତେ ଟିକିଏ ସହ୍ୟ କରିବାକୁ ମୁଁ ଅନୁରୋଧ କରୁଛି । ଦାଦା ନ ଜାଣନ୍ତୁ, ଆପଣ ଓ ମୋ ଭିତରେ ଗୋଟାଏ କିଛି ମତଦ୍ୱୈଧ ଘଟିଛି । ମୁଁ କଥା ଦେଉଛି—କାଲିଠାରୁ ଆପଣଙ୍କ ଘରପାଖରେ ମୋ ଛାଇ କେବେଁ ପଡ଼ିବ ନାହିଁ । ମୁଁ ଆପଣଙ୍କୁ ଆଉ ବିରକ୍ତ କରି ମନରେ କଷ୍ଟ ଦେବାକୁ ଆସିବି ନାହିଁ । ଉଠନ୍ତୁ, ଦାଦା ଏ ଘର ଆଡ଼େ ଆସୁଛନ୍ତି । କହି ଗୋଟାଏ ବୁକ ବେଦନାର କୋହ ଚାପିରଖିଲା ପରି ତଳକୁ ମୁହଁ ପୋତି ଘରଭିତରକୁ ଚାଲିଗଲା ଅଳକା । ଦୁଆର ମୁହଁରେ ସରୋଜବାବୁଙ୍କ ଉଦ୍ଦେଶ୍ୟରେ କହିଗଲା : ତୁମ ବନ୍ଧୁ ଯିବାକୁ ରାଜି ହେଲେ ଦାଦା, ତାଙ୍କୁ ଆଉ ଖୋସାମଦ କରିବା ଦରକାର ନାହିଁ ।

ଗୋଟାଏ ମୁହୂର୍ତ୍ତ ଭିତରେ କ'ଣ ହୋଇଗଲା, କିଛି ବୁଝି ପାରିଲି ନାହିଁ । କୁଆଡ଼େ ଗଲା ମୋ ଅଟଳ ପ୍ରତିଜ୍ଞା, କୁଆଡ଼େ ଗଲା ମୋ ମନର ଦୃଢ଼ତା !! ଅଭିମାନମିଶା ଆବଦାର ଭିତରେ ନାରୀର ରୂପ ଯେ ବିଜୟିନୀର ଦର୍ପରେ ଏପରି ଐଶ୍ୱର୍ଯ୍ୟମୟୀ ହୋଇ ଉଠେ, ପ୍ରଥମେ ସେଦିନ ଅଳକାକୁ ଦେଖି ବୁଝିଲି । ତା କଥାର ପ୍ରତିବାଦ କରିବା ସାହସ ଯେପରି ଚୂର୍ଣ୍ଣ ହୋଇଗଲା କେତେପଦ ଅଭିମାନୀ କଥାର ଆଘାତରେ । "କାଲିଠାରୁ ଆଉ ବିରକ୍ତ କରିବାକୁ ଆସିବି ନାହିଁ"—ଏଇ

ପର୍ଦ୍ଦାର ଭିତରେ ଯେପରି ମୋ ପୌରୁଷର ଔଦ୍ଧତ୍ୟକୁ ଚାବୁକ ମାରିବାର କେତେ ଦୁର୍ଦ୍ଦାନ୍ତ ଶକ୍ତି ଆତ୍ମଗୋପନ କରି ରହିଥିଲା । ଭୟ ଆଉ ଆତଙ୍କର ଶିହରଣରେ କି ଦୁର୍ଲ୍ଲଭ ରତ୍ନ ହରାଇବାର ଦୁଶ୍ଚିନ୍ତାରେ, ମୋ ତରୁଣ ପ୍ରାଣ ଯେ ଆର୍ତ୍ତନାଦ କରି ଉଠିଲା, କିଛି ବୁଝିପାରିଲି ନାହିଁ ।

ପଞ୍ଚାଂଶଟା ପିଛା, ଉଠି ଛିଡ଼ା ହେଲି । କହିଲି : ଚାଲନ୍ତୁ ସରୋଜବାବୁ, ଆପଣଙ୍କ ନାଟ୍ୟ-ନିକେତନ ଦେଖି ଆସିବା ।

ରାସ୍ତା ଉପରେ ରିକ୍ସା ଅପେକ୍ଷା କରିଥିଲା । ସରୋଜବାବୁ ଓ ମୁଁ ଗୋଟିକରେ, ଆଉ ନଣନ୍ଦ-ଭାଉଜ ଦୁହେଁ ବସିଲେ ଅନ୍ୟ ରିକ୍ସାରେ ।

ଥିଏଟର ପେଣ୍ଡାଲ ପାଖରେ ପହଞ୍ଚି ନିର୍ଦ୍ଦିଷ୍ଟ ସ୍ଥାନରେ ବସିବା ଏକ ସମସ୍ୟା ହୋଇ ଉଠିଲା । ବଙ୍ଗଳା ଥିଏଟର ଦେଖିବାକୁ ଓଡ଼ିଶାରେ ଏତେ ଆଗ୍ରହ, ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଟିକଟ ପାଇଁ ବାଡ଼ଆପିଟା । ଭାଗ୍ୟକୁ ସରୋଜବାବୁ ଆଗରୁ ଆମ ଟିକେଟ କିଣିଥିଲେ । ତଥାପି ନିର୍ଦ୍ଦିଷ୍ଟ ସ୍ଥାନ ପାଖକୁ ଯିବା ବି ଏକ କୁସ୍ତି କସରତ ବ୍ୟାପାର ହୋଇ ଉଠିଲା । ଗେଟ୍ ପାଖରେ ଲୋକଙ୍କର ଏତେ ଅସମ୍ଭବ ଭିଡ଼, ଭିତରକୁ ଠେଲି ପେଲି ହୋଇ ବସିବାକୁ ରୀତିମତ ଘର୍ମାକ୍ତ ହେବାକୁ ପଡ଼ିଲା ।

ସାମନା ଦୁଇ ଧାଡ଼ି ସିଟ୍ ଛାଡ଼ି ତୃତୀୟ 'ରୋ'ରେ ଆମ ଚାରିଟି ସିଟ୍ ବ୍ୟତୀତ ବାକୀ ସବୁଗୁଡ଼ିକରେ ଲୋକ ବସି ସାରିଥିଲେ । କୁସୁମବାଲା ପ୍ରଥମେ ଧାଡ଼ି ଭିତରକୁ ପଶିଯାଇଁ ଗୋଟିଏ ମହିଳା ଦର୍ଶକଙ୍କ ପାଖରେ ବସିପଡ଼ିଲେ ସରୋଜବାବୁ । ବାକୀ ରହିଲା ଦୁଇଟି ସିଟ୍ । ସରୋଜବାବୁ ମତେ ଡାକିଲେ ତାଙ୍କ ପାଖରେ ବସିବାକୁ । କାରଣ ଆମମାନଙ୍କ ନିଜର ସିଟର ଶେଷରେ ବସିଛନ୍ତି ଜଣେ ଭଦ୍ର ମହିଳା । ସରୋଜବାବୁଙ୍କ ପାଖକୁ ଅଳକା ବସିଲେ ମତେ ବସିବାକୁ ପଡ଼ିବ ଅପରିଚିତା ଭଦ୍ରମହିଳାଙ୍କ ପାଖରେ । ବାଧ୍ୟ ହୋଇ ମୁଁ ସରୋଜବାବୁଙ୍କ ପାଖରେ ବସିଲି, ଆଉ ମୋ ପାଖକୁ ଲାଗି ବସିଲା ଅଳକା । ଅବଶ୍ୟ ସିଟ୍ ଉପରେ ବସିବାକୁ ଯିବା ଆଗରୁ ଅଳକା ତା ବୌଦିଙ୍କୁ ଲକ୍ଷ୍ୟ କରି କହିଲା : ତୁମେ ଏ ପାଖକୁ ଆସ ବୌଦି, ମୁଁ ସେଠି ବସେ । କୁସୁମବାଲା ସହଜ ଗଳାରେ କହିଲେ : ଏକା କଥା, ବସନା ତୁମେ ସେପାଖେ ।

ସରୋଜବାବୁ ଆଗକୁ ଝୁଙ୍କିପଡ଼ି କ'ଣ ଗୋଟାଏ କହିବାକୁ ଯାଉଥିଲେ, ଏତିକିବେଳେ ପୂର୍ବ ବିଜ୍ଞାପିତ ଅନୁସାରେ ନାଟକ ଆରମ୍ଭର ଘଣ୍ଟି ବାଜିଉଠିଲା । ରଙ୍ଗମଞ୍ଚର ପର୍ଦ୍ଦା 'ମଦାଲସା' ଯାଦୁ ଦେଖାଇଲା ପରି ଉଠିଗଲା ଶୂନ୍ୟକୁ । ଲାଇଟ

ଅଫ୍ ହୋଇଗଲା ପ୍ରେକ୍ଷାଳୟରେ । ଅମାବାସ୍ୟାର ଆକାଶରୁ ମେଘାଏ ଝାଅନ୍ଧା ଅନ୍ଧାର ଯେପରି ଅଡ଼ିଟୋରିୟମ ଭିତରକୁ ଛୁଟିକି ଆସି ଗୃହଆଡ଼ ମ୍ଳାନ୍ୟମ କରି ଦେଲା । ଠିକ୍ ପରମୁହୂର୍ତ୍ତରେ ମଞ୍ଚ ଉପରେ ଆଲୁଅର ଅସରନ୍ତି ତୋଫାନ୍ ! ଝଲସିଗଲା ଆଖି ! ମନେ ହେଲା, ପ୍ରେକ୍ଷାଳୟରେ ଅମାବାସ୍ୟାର ଅନ୍ଧକାର ସହିତ ବାଜି ମାରିଲା ପରି ମାର୍ଚ୍ଚର ମଧ୍ୟାହ୍ନ ଆକାଶରୁ ଅଗ୍ନି ବର୍ଷୀ ସୂର୍ଯ୍ୟର ଝଲକାଏ ଆଲୋକ ଯେପରି ଖସିପଡ଼ିଛି ନାଟ୍ୟ-ନିକେତନର ରଙ୍ଗମଞ୍ଚରେ । ଆଉ ସେଇ ଆଲୁଅର ଦୀପ୍ତ ତେଜରେ ଅଡ଼ିଟୋରିୟମର ଘନ କୃଷ୍ଣ ଅନ୍ଧକାର ଯେପରି ଧୂସର-ଗୋଲାପ ପରି ହୋଇଉଠିଛି ଅପୂର୍ବ !! ଦର୍ଶକର ଆଖି ଆଗରେ ସ୍ୱପ୍ନପୁରୀର କୁହୁକ କାଉଁସି ବିସ୍ତାରି ଦେଇଛି ଚଞ୍ଚଳ ଭାବପ୍ରବଣତାର ଇନ୍ଦ୍ରଜାଲ । ଅବ୍ୟକ୍ତ ଉତ୍ତେଜନାରେ ସମସ୍ତ ଦର୍ଶକ-ପ୍ରାଣ ଯେପରି ଦେଖିବାର ଆଗ୍ରହରେ ସ୍ପନ୍ଦିତ ହୋଇଉଠିଛି ।

ପ୍ରାଣତନ୍ତ୍ରୀରେ ଆଗ୍ରହାନ୍ୱିତ ଉତ୍ତେଜନାର ସ୍ପନ୍ଦନ ସହିତ ଛନ୍ଦ ମିଳାଇ ରଙ୍ଗମଞ୍ଚର ନେପଥ୍ୟରୁ ଠିକ୍ ସେତିକିବେଳେ ବାଜିଉଠିଲା ଅର୍କେଷ୍ଟ୍ରା ! ବେହେଲା ଆଉ କ୍ଲାରିଓନେଟର ଦୀପ୍ତ ରାଗିଣୀର ଝଙ୍କାର ! ଶିରା-ପ୍ରଶିରାରେ ପ୍ରବାହିତ ରକ୍ତର ସ୍ରୋତରେ ଜାଗିଉଠିଲା ନର୍ତ୍ତନର ଛନ୍ଦ— ବାଃ, ମୋ ଅଜାଣତରେ ମୁହଁରୁ ବାହାରି ପଡ଼ିଲା— କି ଚମତ୍କାର !!

ଆଉ ଠିକ୍ ସେତିକିବେଳେ ମୋ ହାତ ଉପରେ ଯେପରି ଅନୁଭବ କଲି କାହା କୁସୁମ-କୋମଳ କରପଲ୍ଲବର ଆବେଗ-ଉତପ୍ତ ପରଶ !

ଚମକି ଉଠିଲି । ଦେହକୁ ଦେହ ଲାଗିଲା ପରି ପାଖ ଘଷି ହୋଇ ବସିଛି ଅଳକା । ମଞ୍ଚଆଡ଼ୁ ମୁହଁ ଫେରାଇ ତା ଆଡ଼କୁ ଅଳ୍ପ ଟିକିଏ କଣେଇ କରି ଅନେଇଲେ ମୁଁ ସେଇ ଧୂସର ଅନ୍ଧକାର ଭିତରେ ଲକ୍ଷ୍ୟକରି ପାରିବି ତା' ମୋହାଚ୍ଛନ୍ନ ମୁଖ-ପଦ୍ମର ତନ୍ମୟ ଭାବ । ଚାହିଁଲେ, ତା କୃଷ୍ଣ ବେଣୀର ମଧ୍ୟ ଦେଶରେ କମ୍ର ଭଙ୍ଗୀରେ ଗୁଞ୍ଜା ହୋଇଥିବା ପୁଷ୍ପିତ ଗୋଲାପର ମୃଦୁ ଗନ୍ଧ ବି ମୁଁ ପ୍ରାଣଭରି ଆଘ୍ରାଣ କରି ପାରିବି । କିନ୍ତୁ କ'ଣ ଗୋଟାଏ ମନକୁ ମନ ଭାବି ସବୁ ଜାଣି ନ ଜାଣିଲା ପରି ମୁଁ ନିର୍ବିକାର ଭଙ୍ଗୀରେ ଚାହିଁ ରହିଲି ସେଇ ମଞ୍ଚ ଆଡ଼େ— ଅଧିକ ମନଯୋଗ ସହକାରେ, ବିଭୋର ତନ୍ମୟ ଦୃଷ୍ଟିରେ ।

ଅଭିନୟ ଆରମ୍ଭ ହେଲା ।

## ॥ ୨୨ ॥

ମହାତ୍ମା ଗାନ୍ଧିଙ୍କର ଅସହଯୋଗ ଆନ୍ଦୋଳନ ଗଲା କେତେ ମାସ ଧରି ଜୋରସୋରରେ ମାତି ଉଠିଥିଲା । ଲବଣ ସତ୍ୟାଗ୍ରହ ପରେ ପରେ ବଡ଼ ବଡ଼ ସହରରେ ବ୍ରିଟିଶ ଶାସନକଳର ମୁକାବିଲା କରି ସଭା ସମିତିରେ ବକ୍ତୃତାର ଝଡ଼, ଖଜଣା ନ ଦେବାର ବିରୁଦ୍ଧାଚରଣ, ସାହେବୀ ହୁକୁମ ବିରୁଦ୍ଧରେ ପ୍ରତିବାଦ, ନାନା ରକମର ବାଦବିସମ୍ବାଦ ଚାଲିଥିଲା ସାରା ଦେଶବ୍ୟାପୀ । ଠିକ୍ ସେତିକିବେଳେ ଦିନେ କଲିକତାରୁ ପାଇଲି ସୁରେଶର ଦୀର୍ଘ ଚାରି ଫାଳର ଚିଠି ।

କଲିକତାର ଗୋଟିଏ କଳ ଶ୍ରମିକ ପଟୁଆରରେ ନେତୃତ୍ୱ ନେଇ ସେ ଗିରଫ ହୋଇ ସାତ ଦିନ ଜେଲ୍‌ରେ ରହି ଛାଡ଼ ପାଇଛି । ଜେଲ୍ ଭିତରେ ତା ଉପରେ ଯେଉଁ ଭାବରେ ଅତ୍ୟାଚାର ହୋଇଛି, ତାହା ବର୍ଣ୍ଣନାତୀତ । ସେଇ ଅତ୍ୟାଚାରର ଜ୍ୱାଳାରେ ଜୁହୁଳି ତା ଭିତରେ ବ୍ରିଟିଶ ସରକାର ଉପରେ ପ୍ରତିଶୋଧ ନେବାର ପ୍ରତିଜ୍ଞା ପୂର୍ବାପେକ୍ଷା ଅଧିକ ଦୃଢ଼ ହୋଇଛି । ଆଉ ସେ ଗଲା ମାସେ ହେଲା ପଢ଼ାପଢ଼ି ଛାଡ଼ିଦେଇ ଦେଶର ସେବା ପାଇଁ କଂଗ୍ରେସର ତ୍ରିରଙ୍ଗ ପତାକା ତଳେ ଠିଆହୋଇ ମହାତ୍ମାଜୀଙ୍କ ଜିନ୍ଦାବାଦ ସ୍ଲୋଗାନ ଦେବା ଆରମ୍ଭ କରିଦେଇ ସାରିଛି । ଏଇ ସବୁ ସେ ଲେଖିଥିଲା ।

ଦୀର୍ଘ ଦି'ଫାଳ ଚିଠି, ଦେଶାତ୍ମବୋଧ ଆଲୋଚନାରେ ଶେଷ୍ କରି ତୃତୀୟ ପୃଷ୍ଠାରେ ସେ ଆରମ୍ଭ କରିଛି "ଆରତି" କଥା ।

ଛୁଟି ନ ସରୁଣୁ ମୁଁ ଚାଲିଆସିଲି । ସେ କିନ୍ତୁ ପୁରୀରେ ରହିଥିଲା ଆହୁରି ଛ' ଦିନ । ଛ' ଦିନ ଭିତରେ ପ୍ରାୟ ପ୍ରତି ଦିନ ଦେଖା କରିଥିଲା କମଳାଦେବୀଙ୍କ ସହିତ । କମଳାଦେବୀ ଜଣେ ଅସାମାନ୍ୟା ବିଦୁଷୀ । ପ୍ରାଚୀ କବିତାରେ ତାଙ୍କର ଅସାଧାରଣ ଜ୍ଞାନ । ସେଇ ଜ୍ଞାନରୁ କିଛି ଆହରଣ କରିବା ଉଦ୍ଦେଶ୍ୟରେ ରୋଜ କମଳାଦେବୀଙ୍କ ସହିତ ଦେଖା କରିବାକୁ ଯାଇ ସେ ତାଙ୍କ କନ୍ୟାରତ୍ନ ଅରତି ସହିତ ମଧ୍ୟ କଥାଭାଷା କରିଛି, ଆଉ ବୁଝିପାରିଛି ମୋର ହଠାତ୍ ପୁରୀରୁ ଚାଲିଯିବାରେ ଆରତି ଯଥେଷ୍ଟ ଆଘାତ ପାଇଛି । କିନ୍ତୁ ସ୍ତ୍ରୀ ଜାତି ହେଲା ବିଶ୍ୱାସଘାତିନୀ । ତାର କାରଣ ସ୍ୱରୂପ ସେ ଚିଠିର ଚତୁର୍ଥ ପୃଷ୍ଠାରେ ଲେଖିଥିଲା । ଏ ଭିତରେ ଆରତିର ବିଭାଘର ହେବା ଠିକ୍ ହୋଇ ଯାଇଥିବା ସମ୍ବାଦ ପାଇ ସେ ଆଶ୍ଚର୍ଯ୍ୟ ହୋଇଛି ଆଉ ଜଣେ ଅପରିଚିତ ଯୁବକକୁ ବିବାହ କରିବା ପାଇଁ ତା ବାପା, ମାଆଙ୍କ

କଥାରେ ପ୍ରତିବାଦ ନ କରି ରାଜି ହୋଇଯିବା ସମ୍ବାଦରୁ ତା'ର ଦୃଢ଼ ଧାରଣା ହୋଇଛି—ଶିକ୍ଷିତା ଝିଅ ମାନେ ବିଶ୍ୱାସଘାତିନୀ ।

ଉତ୍ତେଜିତ ମନ ଆଉ ଅସ୍ଥିର ହୃଦୟ ନେଇ ପଢ଼ିଲା ସୁରେଶର ସେଇ ଚିଠିର ବାକି ଅଂଶତକ । ଆରତି ଯାହାକୁ ବାହା ହେବାକୁ ଯାଉଛି, ସେ ପିଲାଟି ପଢ଼େ ତାରି ସାଙ୍ଗରେ, ଏକା କଲେଜରେ । ନାଁ ତାର ଅସିତ୍ । କଲିକତାର ଜଣେ ବିଖ୍ୟାତ ଠିକାଦାର ହିସବରେ ଅସିତ୍‌ର ବାପା ପ୍ରଫୁଲ୍ଲ ପଟ୍ଟନାୟକଙ୍କର ଯଥେଷ୍ଟ ସୁନାମ । ଅସିତ୍ ପିଲାଟି ଦେଖିବାକୁ ସୁନ୍ଦର ନ ହେଲେ ବି ଧନର କୁବେର । ତରୁଣ ଅଭିନେତା ହିସାବରେ ତାର ସୁଖ୍ୟାତି ଅଛି, ଆଉ ଧନୀର ସନ୍ତାନ ହେଲେ ବି ମିଳାମିଶା କରିବାରେ ସେ ଖୁବ୍ ଖୋଲା ଆଉ ଦିଲ୍‌ଦାର । ହକି ଆଉ ଫୁଟବଲ ସେ ଖେଳେ ଚମତ୍କାର । ଗୋଟାଏ ଦିଗରୁ ଆରତି ଖୁବ୍ ସୁଖୀ ହେବ ବୋଲି ମନ୍ତବ୍ୟ କରିଥିଲା ସୁରେଶ । ଲେଖିଥିଲା ତୋ ପରି ମୁହଁଚୋରା କପଟିଆ ପିଲାକୁ ବିବାହ କରିଥିଲେ ଆରତିର ସରସ ସବୁଜ ନାରୀ-ପ୍ରାଣ ଏକାବେଳେ ନଷ୍ଟ ହୋଇ ଯାଇଥାନ୍ତା ।

ଆଚ୍ଛା ! ପଢ଼ା ବନ୍ଦ କରି ଟିକିଏ ରହିଯାଇ ରାଗରେ ମୁଣ୍ଡବାଳଗୁଡ଼ାକ ବିରକ୍ତିରେ ଟାଣି ପକାଇଲା । ବଦମାସ ସୁରେଶକୁ ଯଦି ପାଆନ୍ତା ଏତିକିବେଳେ···

କିନ୍ତୁ ନିଜକୁ ସଂଯତ କରିନେଲା । ପର ମୁହୂର୍ତ୍ତିରେ ଚିଠିର ବାକି ଅଂଶତକ ପଢ଼ିବା ପାଇଁ ଛଟପଟ ହୋଇଉଠିଲା ମନ ।

ପଢ଼ିଲା, ସୁରେଶ ଲେଖିଛି—ତୁ ସିନା ଆରତି କଥା ମତେ ସବୁ ଲୁଚେଇଲୁ ; କିନ୍ତୁ ତୁ ଚାଲିଗଲା ପରେ କମଳା ଦେବୀଙ୍କ ସହିତ କଥାଭାଷା ହୋଇ ମୁଁ ସବୁ ବୁଝିନେଇଚି । ସେ ତତେ ପୁଅଠୁ ବଳି ଅଧିକ ସ୍ନେହ କରୁଥିଲେ । କିନ୍ତୁ ଆରତିକୁ ଭଉଣୀ ପରି ଦେଖିବାର ଛଳନା କରି ଭିତରେ ଭିତରେ ତୁ ତାକୁ ଯେପରି ବିପଥଗାମୀ କରାଇ ହଠାତ୍ ଖସି ପଳାଇଗଲୁ—ସେଥିରୁ କମଳା ଦେବୀ ବେଶ୍ ବୁଝିପାରିଲେ ତୁ ତାଙ୍କ ବିଶ୍ୱାସରେ ବିଷ ଦେଇଛୁ, ଆରତିର ସର୍ବନାଶ କରିଛୁ । ଆଉ ସେଥିପାଇଁ ଯେତେଶୀଘ୍ର ଆରତିର ବିବାହ ହୁଏ, ତା ଶେଷ କରିବା ପାଇଁ ବ୍ୟସ୍ତ ହୋଇଉଠିଲେ କମଳା ଦେବୀ । ମୁଁ ତାଙ୍କର କେହି ନୁହେଁ, ତଥାପି ମତେ ବି ଅନୁରୋଧ କଲେ ଆରତି ଲାଗି ପାତ୍ରଟିଏ ଖୋଜି ଦେବା ପାଇଁ । ଶୁଣି ଖୁସି ହେବୁ ନିଶ୍ଚୟ—ମୁଁ ଅସିତ୍ ସମ୍ବନ୍ଧରେ ବିବାହ ପ୍ରସ୍ତାବ ଦେବା ସଙ୍ଗେ ସଙ୍ଗେ କମଳା ଦେବୀ ସାବାସ୍ ଦେଇ ଚିଠି ଲେଖିଲେ ମତେ । ଆସନ୍ତା ତିଥିରେ ବିବାହ କାର୍ଯ୍ୟ ସମ୍ପନ୍ନ ହେବ । କମଳା ଦେବୀଙ୍କ ଆଡ଼ୁ ତୁ ନିମନ୍ତ୍ରଣ ପାଇବାର ବୋଧହୁଏ ସମ୍ଭାବନା ନାହିଁ । ତେବେ ତୁ ମୋର ବନ୍ଧୁ । ସ୍ତ୍ରୀ ବି ଜାଣେ, ଆରତିକୁ ତୁ

ଭଲପାଉ । ଅସିତର ବନ୍ଧୁ ହିସାବରେ ମୁଁ ତତେ ଆମନ୍ତ୍ରଣ ଜଣାଇରଖିଲି ଏବେଠୁ, ନିଶ୍ଚୟ ଆସିବୁ ।

ଆଉରି କେତେ ଧାଡ଼ି ବାକି ଥିଲା ପଢ଼ିବାକୁ ; କିନ୍ତୁ ଧୈର୍ଯ୍ୟ ରହିଲା ନାହିଁ । ରକ୍ତ ତାତିଉଠିଲା ମୋର । ବୁଝିପାରିଲି, ମତେ ଖୁଞ୍ଚା ଦେବା ପାଇଁ ସୁରେଶର ଏ ଉପହାସଭରା ଚିଠି ।

କିଛି କ୍ଷଣ ଅବାକ୍ ହୋଇ ବସିରହିଲି । ଆରତିର ଏ ବିବାହ ସମ୍ବାଦ ଯେପରି ଅକାଳ ବଜ୍ର ପରି ପଡ଼ିଲା ମୋ ମୁଣ୍ଡ ଉପରେ ।

ଆରତି ସହିତ ମୋ ସମ୍ବନ୍ଧ ଜାଣିନେଲେ କମଳା ଦେବୀ ! କିପରି ? କିଏ କହିଲା ତାଙ୍କୁ ?

ସେଦିନ ରାତିରେ ଆରତି ଯେ ମୋ ଶୋଇଲା ଘରକୁ ଆସିଥିଲା, କମଳା ଦେବୀ କଣ ଦେଖିଥିଲେ ? ସେ ବିଷୟରେ କିଛି ସନ୍ଦେହ କରି ସେ କଣ ଆରତିକୁ କିଛି ପଚାରିଥିଲେ ? ଆରତି କଣ ସବୁ କହିଦେଲା ? ଏ କଣ ସମ୍ଭବ ?

ନା, ନା, ଆରତି କହି ନାହିଁ । ଆରତି କହିପାରେ ନା । ତେବେ ସୁରେଶ ଯେ ଲେଖିଛି, କମଳା ଦେବୀଙ୍କ କଥାଭାଷାରୁ ସେ ଆଭାସ ପାଇଲା ମୋ ପ୍ରତି ତାଙ୍କର ଅବିଶ୍ୱାସ ! ଏ କଣ ସୁରେଶର କପୋଳକଳ୍ପିତ !!

କିଛି ଭାବିପାରିଲି ନାହିଁ । କେମିତି କଣ ସବୁ ହୋଇଗଲା ବୁଝିପାରିଲି ନାହିଁ । କିଛି ଦିନ ତଳେ ଆରତି ଚିଠି ଦେଇଥିଲା । ତା ଉତ୍ତରରେ ମୁଁ ବି ଜବାବ ଦେଇଥିଲି । ଆଉ କଣ ସେଇ ଚିଠି କମଳା ଦେବୀଙ୍କ ହାତରେ ପଡ଼ିଲା ? କାହିଁ ସେଇଦିନଠୁ ଆଉ ଦ୍ୱିତୀୟ ଚିଠି ତ ଆସିନି ଆରତି ପାଖରୁ !

ଯେତିକି ଆକାଶ ପାତାଳ ଭାବିଲି, ଜଟିଳରୁ ଜଟିଳତର ଦେଖାଗଲା ପରିସ୍ଥିତି । କିନ୍ତୁ ଏତେ ଶୀଘ୍ର ଆରତିର ବିଭାଘର ଠିକ୍ ହେଲା କାହିଁକି ? ମୋ ସହିତ ଆରତିର ପ୍ରଣୟ-ବୀଜାଙ୍କୁରରେ କଣ ସତେ ଆତଙ୍କିତା ହୋଇ ଉଠିଲେ କମଳା ଦେବୀ ? କାହାଠୁ ବୁଝିହେବ ଅସଲ ଘଟଣା ? କିଏ କହିପାରିବ ଆରତିର ମନର ଅବସ୍ଥା ଆଜି କଣ ?

ନିଜକୁ ଧିକ୍କାର କଲି । କି ଦୁର୍ବଳ ମୁଁ । କେଡ଼େ ଅସହାୟ ମୁଁ । କି ଭୀରୁ, କାପୁରୁଷ ମୁଁ । କଟକଠୁ ପୁରୀ କେତେ ବାଟ ବା ? ଆଜି ଚାଲିଗଲେ ତ ସବୁ ବୁଝିଦେଇ ଆସିପାରନ୍ତି । ଆରତିକୁ ଦେଖି ଦେଇ ଆସନ୍ତି ।

କିନ୍ତୁ ସତକୁ ସତ ଯଦି କମଳା ଦେବୀ ସବୁ କିଛି ଜାଣି ନେଇଥାଆନ୍ତି, ତେବେ···ତେବେ ଏ ନିର୍ଲଜ ମୁହଁ ତାଙ୍କୁ ଦେଖାଇବି କିପରି ? କଣ କହି ସାନ୍ତ୍ୱନା ଦେବି ଶୋକାକୁଳା ଆରତିକି !

ଭୁଲ୍ କରିଛି । ଭବିଷ୍ୟତ କଥା ଚିନ୍ତା ନ କରି ଆରତି ସହିତ କଥାଭାଷା କରିବା ହିଁ ମୋର ହୋଇଛି ଭୁଲ୍ । ମୁଁ ଜାଣେ, ସ୍ଥିତିର ଦମ୍ଭ ନାହିଁ ମୋର ; ସାହସ ନାହିଁ ବିପଦର ସମ୍ମୁଖୀନ ହେବାପାଇଁ, ଶକ୍ତି ନାହିଁ ବିପର୍ଯ୍ୟସ୍ତ ପରିସ୍ଥିତି ଭିତରେ ବେପରୁଆ ଭାବରେ ଆଗେଇଯିବା ପାଇଁ, ଅଥଚ ଆରତିର ନିର୍ମଳ କୁମାରୀ-ଜୀବନକୁ କରିଦେଲି ନଷ୍ଟ । କ୍ଷଣିକ ଉତ୍ତେଜନାରେ ସ୍ଥିତି ଉପରେ ଆଲିଙ୍ଗନ-ଫାଶରେ ଭିଡ଼ିଧରି ତା କାନରେ ଶୁଣାଇଲି ପ୍ରଣୟ-ରାଜ୍ୟର କୁହୁକ କାବ୍ୟ । କାହିଁକି କଲି ଏ ଭୁଲ୍ ? ଅନ୍ଧଙ୍କ ପରି ଯୌବନର ରଙ୍ଗୀନ ସ୍ୱପ୍ନ ଭିତରେ ଡୁବିରହି ଲକ୍ଷ୍ୟହୀନ, ଉଦ୍ଦେଶ୍ୟହୀନ ଭାବରେ ଆରତି ସହିତ କାହିଁକି ମେଲିଦେଲି ପ୍ରେମର ନାଆ, ତୁଙ୍ଗଆର ବିପଦସଙ୍କୁଳ ପାରାବାରରେ ! ସୀମାହୀନ ସମୁଦ୍ର ! ଅନଭ୍ୟସ୍ତ ନାଉରୀ ମୁଁ କାହିଁକି ଟାଣିଆଣିଲି ନିସହାୟା ବାଳିକାର ବାହୁ ? ଟାଣିବା ଆଗରୁ କଣ ମୋର ଭାବିବା ଉଚିତ ନ ଥିଲା—ଯଦି ଆକସ୍ମିକ ଭାବରେ ଉଠେ ଆକାଶରେ ମେଘ, ଆସେ ଝଞ୍ଜା, ବହେ ଝଡ଼, ଧାଏଁ ଘୂର୍ଣ୍ଣି—ସେତେବେଳେ ଯିବି କୁଆଡ଼େ ! କିପରି ସମ୍ମୁଖୀନ ହେବି ଅପ୍ରତ୍ୟାଶିତ ତୋଫାନର ? ଅବଳାର ଅମୂଲ୍ୟ ଜୀବନ ନେଇ ଆଶ୍ରୟ ଖୋଜି ବୁଲିବି କୁଆଡ଼େ ? କେଉଁ ବନ ଜଙ୍ଗଲ ପାହାଡ଼ରେ ?

ମନର ଭାବନାରେ ମୂର୍ତ୍ତିମନ୍ତ ହୋଇ ଠିଆହେଲା ଆରତି । ତା ଲୋତକାର୍ଦ୍ର ମୁଖମଣ୍ଡଳ ଭାସିଉଠିଲା ଆଖି ଆଗରେ । ଉଃ, ସେ କି କରୁଣ, ସେ କି ବେଦନାପାଣ୍ଡୁର ! ଆରତି ଯେପରି କାନ୍ଦି କାନ୍ଦି କହୁଛି—ମତେ ଭୁଲି ଗଲ ! ଆଶ୍ରୟ ମାଗିଥିଲି ତୁମ ପାଦତଳେ ! ସେଦିନ ରାତିରେ ବୁକୁ ଉପରେ ଉଠାଇ ଧରିଥିଲ ପାଦତଳୁ ଟେକି ନେଇ । ସବୁ ଭୁଲିଗଲ ? ପ୍ରତିଶ୍ରୁତି ଦେଇଥିଲ, ମତେ ଜୀବନ ସଙ୍ଗିନୀ କରିବ । କଥା ଦେଇଥିଲ, ତୁମଠୁ ମତେ କେହି ଛଡ଼ାଇ ନେବାକୁ ଚେଷ୍ଟା କଲେ ଅର୍ଜ୍ଜୁନ ପରି ଯୁଦ୍ଧ କରି ଜିତି ଆଣିବ ମତେ ? କୁଆଡ଼େ ଗଲା ତୁମର ସେ ପଣ ?

ଭାବୁ ଭାବୁ ମ୍ରିୟମାଣ ହୋଇଗଲି । ଆଖି ଲୁହରେ ଛଳଛଳ ହୋଇଆସିଲା ।

ମନର ଆଲୁଅରେ କି ମୃତ୍ୟୁର ବିଭୀଷିକା ଦେଖିଲି ପରି ଲାଗିଲା ମତେ । ମୋ ଆଗରେ ଯେମିତି ସୁରେଶ ରୁଦ୍ର ଭୈରବ ମୂର୍ତ୍ତି ଧରି ଛିଡ଼ା ହୋଇ ମତେ ପରିହାସ କରୁଛି । ତାର ଅଟ୍ଟହାସ ପାଖରେ ମୁଁ ଯେପରି କେତେ ତୁଚ୍ଛ ! କେଡ଼େ ସାମାନ୍ୟ ! କଣ କରିବି, ଏତେବେଳେ ମୋର ଉପାୟ କଣ ?

ଏ ବିଶାଳ ପୃଥିବୀରେ ମୁଁ ଆଜି କେଡ଼େ ଅସହାୟ ! କି ଅକର୍ମଣ୍ୟ !! ମୋ ପାଇଁ ଜଣେ ନିସହାୟା ବାଳିକା ତା ସର୍ବାଙ୍ଗର ସର୍ବସ୍ୱ ଦେଇ ତା ଯୌବନର ଇହକାଳ—ପରକାଳ ସବୁ କିଛି ମୋ ପାଦତଳେ ନିବେଦନ କରି, ଅଶ୍ରୁକାତର

କଣ୍ଠରେ ଡାକୁଛି ଆଶ୍ରୟ ପାଇଁ—ଅଥଚ ମୁଁ ନିର୍ବିକାର ଭାବରେ ଦୂରେଇ ରହିଛି ପ୍ରତାରକର ନିର୍ମମ ହୃଦୟ ନେଇ ! ଏଇ କଣ ମୋର ପୌରୁଷ, ଏଇ କଣ ମୋର ମନୁଷ୍ୟତ୍ୱ !! ଜଣେ ନାରୀ, ତା' ପ୍ରାଣର ସମସ୍ତ ମମତା ଦେଇ ମୋ ପାଇଁ ବିରହିଣୀ, ମୋ ଲାଗି ଭିଖାରୁଣୀ ଅଥଚ ତାକୁ ଏକାକିନୀ ଛାଡ଼ି ମୁଁ ଏଠି ଭାବିଚାଲିଛି ଏକ ଅଥର୍ବର କଳ୍ପନା—ବିଳାସ ଭିତରେ ଯେତେ କିଛି ଆକାଶ-ପାତାଳ !.

ଆରତିକୁ ଏ ବିପଦରୁ ରକ୍ଷା କରିବାକୁ ପଡ଼ିବ । ମରି ଦରିଆରେ ସେ ଭାସୁଛି, ମତେ ତାକୁ ଉଦ୍ଧାର କରିବାକୁ ପଡ଼ିବ । କିନ୍ତୁ କିପରି ? କି ଉପାୟରେ ?

ନା, ଉପାୟ ନାହିଁ । ମୋ ପରି କାପୁରୁଷ ପକ୍ଷରେ ଆରତିକୁ ସାହାଯ୍ୟ କରିବା ସମ୍ପୂର୍ଣ୍ଣ ଅସମ୍ଭବ । ତାଠୁ ବରଂ ତାକୁ ସ୍ପଷ୍ଟ ଲେଖି ଜଣାଇଦେବା ମୋର ଉଚିତ । ଆରତି, ତୁ ଦେବୀ, ତୁ ସତୀ, ତୁ ପୁଣ୍ୟମୟୀ । ମୋ ପରି ପାପୀ ଦୁରାଚାରକୁ ତୋର ଭୁଲିଯିବା ଉଚିତ୍ । ମୋ ପାଇଁ ଅପେକ୍ଷା ନ କରି ତୁ ବିବାହ କର । ସୁଖୀ ହୋ । ତୋ ବିବାହିତା ଜୀବନର ସଂସାର ଭିତରେ ଆତ୍ମତୃପ୍ତ ହୋ । ସେଇ ମୋର ସୁଖ, ସେଇ ମୋର ଶାନ୍ତି ।

ହଁ, ସ୍ପଷ୍ଟ ଲେଖିଦେବା ଉଚିତ—ଆରତି, ମୁଁ ଭୁଲ କରିଛି । ମୁଁ ତତେ ବୃଥା ଆଶ୍ୱାସନା ଦେଇ ପ୍ରବଞ୍ଚିତା କରିଛି । ସେଥିପାଇଁ ଯାହା କିଛି ଶାସ୍ତି ଦେବା କଥା ଦେ, ମୁଁ ତା ମୁଣ୍ଡପୋତି ସହିନେବି । ଯଦି ପାରୁ, ମତେ କ୍ଷମା କର । ତୋ ସୁଖଶାନ୍ତିର ପଥ ତୁ ବାଛି ନେ । ମତେ ଛାଡ଼ିଦେ ପ୍ରାୟଶ୍ଚିତ୍ତ କରିବା ପାଇଁ—ଅନୁତାପର ତୁଷାନଳରେ ଆଜୀବନ ଜଳି ପୋଡ଼ି ଧ୍ୱଂସ ହେବା ପାଇଁ ! ବିଶ୍ୱାସ କର, ତୋର ସ୍ମୃତିକୁ ଜୀବନର ପାଥେୟ କରି ମୁଁ ଚିରଦିନ ରହିବି ଅବିବାହିତ । ଅବଶ୍ୟ ଚାହିଁଲେ ମୁଁ ଗୋପନରେ ତୋତେ ନେଇ ଚାଲିଯାଇ ପାରିବି କୌଣସି ଏକ ଅଜ୍ଞାତ ସ୍ଥାନକୁ । କିନ୍ତୁ ବଂଶର ମର୍ଯ୍ୟାଦା ମୁହଁରେ କଳଙ୍କ କାଳିମା ବୋଳି, ସମାଜ ଆଖିରେ ହୀନ ତୁଚ୍ଛ ହୋଇ ଆତ୍ମଗୋପନ କରି ରହି କି ସୁଖ ପାଇବା ଆମ ଦାମ୍ପତ୍ୟ ଜୀବନରେ ? ସାହସ ନାହିଁ ଯଦି ମୋର ତତେ ସମାଜରେ ନେଇ ପ୍ରତିଷ୍ଠା କରିବାକୁ, ତେବେ ସେ ମିଳନରେ କି ଲାଭ ? ସେ ପ୍ରେମରେ କି ଶାନ୍ତି ? ନା ମୋ କଥା ଭୁଲିଯା ଆରତି ! ପାଶୋରି ଦେ ମୋ ପ୍ରତିଶ୍ରୁତି । ଅନ୍ୟକୁ ବିବାହ କର । ବାପା-ମାଆଙ୍କର ସୁପୁତ୍ରୀ ହୋଇ ବଂଶର ମୁଖ ଉଜ୍ଜ୍ୱଳ କର ।

ମୋ ପାଇଁ ତୁ ବି ଅବିବାହିତା ରହିବୁ ? ନା, ନା, ସେ କଥା ମୁଁ ସହି ଭାବିପାରେନା ଆରତି ! ତା ଛଡ଼ା ମୋ ପରି ଲକ୍ଷ୍ମୀଛଡ଼ା ପାଇଁ ତପସ୍ୱିନୀର ଜୀବନ ଧରି ତୁ ବ୍ରତଚାରିଣୀ ହେବୁ ବା କାହିଁକି ? କି ଆଶାରେ ? କଣ ପାଇପାରିବୁ ତୁ ମୋଠୁ ?

ହୃଦୟର ଉଦ୍‌ବେଳ ଆବେଗରେ ମୁଁ ତୋ ଭରା ଯୌବନର ପୁଷ୍ପିତ ଉଦ୍ୟାନରୁ କେତେଗୋଟି ପ୍ରେମକୁସୁମ ଚୟନ କରିଥିଲି । ସେଗୁଡ଼ିକର ମାଳା ରଚନା କରିପାରିଲି ନାହିଁ । ମୋ ଜୀବନ-ବେଦୀ ଉପରେ ସେଗୁଡ଼ିକ ଠୁଳ ହୋଇ ପଡ଼ି ରହିଛି, ପଡ଼ିରହିଥିବ ଆଜୀବନ । ଯେଉଁଦିନ ଶୁଖି ମଉଳିଯିବ ସେଗୁଡ଼ିକ, ସେଦିନ ବିରାଟ ପୃଥିବୀ ସହିତ ମୋର ଶେଷ ଚୁକ୍ତି ହେବ । ତା ପରେ ଅନନ୍ତ ଆକାଶରେ, ସ୍ୱର୍ଗଲୋକରେ ମୁଁ ତୋର ଲାଗି ନିର୍ନିମେଷ ନୟନରେ ଚାହିଁରହିବ ।

ମନକୁ ମନ ପାଗଳଙ୍କ ପରି କେତେ କଣ ଏଣୁ ତେଣୁ ଭାବି ପ୍ରବଳ ଉତ୍ତେଜନାରେ ଲେଖି ବସିଲି ଆରତି ପାଖକୁ ଶେଷ ଚିଠି ।

## ॥ ୧୨ ॥

ସେଦିନ କଲେଜର କମନ୍ ରୁମ୍‌ରେ ଅଳକାର ହଠାତ୍ ଆବିର୍ଭାବରେ ମୁଁ ଚମକି ଉଠିଲି । ଏ କଣ ? ଏତେବେଳେ କେଉଁଠୁ ଆସିଲା ଅଳକା ? କାହିଁକି ବା ଆସିଲା ?

: ଉଠନ୍ତୁ ଅଳକା କହିଲା, ମୋ ସାମନାରେ ଅଭିନେତ୍ରୀ ଭଙ୍ଗୀରେ ଠିଆ ହୋଇ—ଏଇକ୍ଷଣି ଯିବାକୁ ହେବ ମୋ ସାଙ୍ଗରେ ।

ରୁମ୍ ଭିତରେ ତରୁଣ ଛାତ୍ରଙ୍କ ଭିତରେ ଆଶ୍ଚର୍ଯ୍ୟର ଆଖି ଟିପା ଟିପି । ଲଜ୍ଜିତ ହେଲି ମୁଁ ବି ଟିକିଏ । ରୁକ୍ଷ ଗଳାରେ ପଚାରିଲି : କୁଆଡ଼େ ଯିବାକୁ ହେବ ?

: ସେକଥା ମୁଁ କହିବି । ଆପଣ ରୁମ୍ ବାହାରକୁ ଚାଲନ୍ତୁ କହି ସାମ୍ନା ଟେବୁଲ୍ ଉପରେ ଥୁଆ ହୋଇଥିବା ମୋ ବହିତକ ଗୋଟେଇ ପୋଟେଇ ଛାତି ଉପରେ ଜାକିଧରିଲା ଅଳକା ।

: ମୋର ଯେ ଆହୁରି କ୍ଲାସ୍ ଅଛି ! କୁଆଡ଼େ ଯିବାକୁ ହେବ ନ ଜାଣିଲେ···

: ବହି ଗୋଟେଇ ଧରିବା ଭଙ୍ଗୀରୁ କଣ ବୁଝିପାରିଲେ ନାହିଁ କୁଆଡ଼େ ଯିବାକୁ ହେବ ?

: ନା ।

: ଏଇଠି ଛୁଡ଼ା ଛୁଡ଼ାରେ ସମସ୍ତଙ୍କ ଆଗରେ ବୁଝାଇ କହିବାକୁ ହେବ ? ଅଳକା କହିଲା—ଚାଲନ୍ତୁ ବାହାରକୁ । ଘରେ କାମ ଅଛି । କହି ସେ ଆଗେ ଆଗେ ରୁମ୍ ଭିତରୁ ବାହାରକୁ ଚାଲିଆସିଲା ।

ସୁନା ପିଲାଟି ପରି ଓଜର ଆପତ୍ତି କିଛି ନ କରି ଆସିଲି ତା ପଛେ ପଛେ । ବାରଣ୍ଡାର ଗୋଟାଏ କଣକୁ ପାଖେଇଲା ପରି ଛୁଡ଼ାହୋଇ କହିଲା ଅଳକା : ପୁରୀରୁ ମାଉସୀ ଆସିଛନ୍ତି ବାରଟା ଗାଡ଼ିରେ । ଆପଣଙ୍କୁ ଡାକି ନେବାର ଭାର ପଡ଼ିଲା ମୋ ଉପରେ ।

: ବୋଉ ଆସିଛି ପୁରୀରୁ ? ମୁଁ ଆଶ୍ଚର୍ଯ୍ୟରେ ପଚାରିଲି । ଆଉ ଆସିଛି ଯଦି ଏମିତି ତନାଘନା କରି ମତେ ଡାକିନେବାର ଦରକାର କଣ ପଡ଼ିଲା ।

: ସେସବୁ ମୁଁ କିଛି କହି ପାରିବ ନାହିଁ । ତେବେ ମାଉସୀଙ୍କ ମୁହଁରୁ ଜଣା ପଡ଼ୁଛି ସେ କେମିତି ଭାରି ବ୍ୟସ୍ତ । ରିକ୍‌ସାରୁ ଓହ୍ଲେଇ ଘରେ ଗୋଡ଼ ଦେଉଁ ଦେଉଁ କହିଲେ, କେହି ଯାଇଁ 'ଉମା'କୁ ଡାକିଦିଅନ୍ତା କି ଟିକିଏ !

: ବୋଉର ସେଇ କଥାରେ ତୁମକୁ ଗୋଟାଏ ଆଳ ମିଳିଗଲା କଲେଜ ଦୌଡ଼ି ଆସିବାକୁ ? ମୁଁ ଟିକିଏ କଣେଇ କରି ଅଳକା ଆଡ଼େ ଚାହିଁଲି ।

ସାମାନ୍ୟ ଟିକିଏ ହସିଲା ଅଳକା । ତା ପରେ ବାରଣ୍ଡା ଉପରୁ ତଳକୁ ଓହ୍ଲେଇ ଫାଟକ ଆଡ଼େ ଚାଲିଲା ।

: ଆଚ୍ଛା, ମୁଁ ଟିକିଏ ପରେ ଗଲେ ହେବ ନାହିଁ ?

: ନା, ନା, ଏଇକ୍ଷଣି—ମୋ ସାଙ୍ଗରେ । ପରେ ଗଲେ ମୋ ବାହାଦୁରୀଟା କେଉଁଠି ?

: ଗଡ଼ ଜିତିବାର ବାହାଦୁରୀ !

: ନିଶ୍ଚୟ । କହି ମୋ ଆଡ଼କୁ ଟିକିଏ ଦର୍ପିତ ଭଙ୍ଗୀରେ ଚାହିଁଲା ଅଳକା ।

କହିଲା : ରଣରଙ୍ଗିଣୀ ବୀରାଙ୍ଗନା !

ହୋ ହୋ କରି ହସିଉଠିଲା ଅଳକା । ପଚାରିଲା—ଭୟ ଲାଗୁଚି ନା କ'ଣ ?

: କାହାର ନ ଲାଗିବ କୁହ ! ପୁଣି ସେ ବୀରାଙ୍ଗନା ଯଦି ହୁଏ ବଙ୍ଗଲଲନା ।

: ବଙ୍ଗାଳୀ ଜାତିଟାକୁ ଆପଣ ଖୁବ୍ ଘୃଣା କରନ୍ତି ନା ?

: ହଁ କରେ ! କାରଣ ସେ ଜାତିଟା ସ୍ୱଇତର କୌଣସି ଜାତିର ଲୋକଙ୍କୁ ଢ଼ ଆଖିରେ ଦେଖିପାରେ ନା । ବିଶେଷତଃ ଓଡ଼ିଆ ମାନେଇ ତ ତାଙ୍କ ଆଖିରେ

ଉଡ଼େ ମେଢ଼ା' ! ଏପରି କି ତୁମ ଦେଶର ବିଶ୍ୱକବି ରବୀନ୍ଦ୍ର ବି ଏ ଓଡ଼ିଆବିଦ୍ୱେଷୀ ମନୋଭାବରୁ ମୁକ୍ତ ନୁହନ୍ତି ।

: ନା, ନା, କବି ଗୁରୁଙ୍କୁ ଆପଣ ନିନ୍ଦା କରିବେ ନାହିଁ । ଅଲକା ମୁହଁ ଛୁଆଡ଼ି କହିଲି ।

: ତୁମ କବିଗୁରୁଙ୍କର କିଣ ସବୁ କଥା ସୁନ୍ଦର ! ତାଙ୍କ ଦୁ'ବିଘା ଜମିର 'ଉଡ଼େ ମାଲି' ପର୍ଯ୍ୟନ୍ତ !

ଏଥର ଦବିଗଲି ଅଲକା । କହିଲା : ଆପଣ ରବୀନ୍ଦ୍ରନାଥଙ୍କୁ ପଢ଼ିଛନ୍ତି ?

: ନିଶ୍ଚୟ ପଢ଼ିଛି । ଆଉ ପଢ଼ିଛି ବୋଲି କହୁଛି—ରବୀନ୍ଦ୍ର ବିଶ୍ୱକବି ହୋଇପାରନ୍ତି ଲେଖାରେ କିନ୍ତୁ, ମଣିଷ ହିସାବରେ ସେ 'ବିଶ୍ୱ-ମାନବ' ହେବା ତ ଦୂରର କଥା 'ମହାଭାରତୀୟ' ବି ନୁହନ୍ତି । ନିର୍ଭୁଲ ଭାବରେ ବଙ୍ଗାଳୀ—ଆଉ ନିଶ୍ଚିତ ଭାବରେ ସମ୍ପୂର୍ଣ୍ଣ ବଙ୍ଗୀୟ ଭାବାପନ୍ନ ତାଙ୍କ ବ୍ୟକ୍ତିଗତ ଜୀବନରେ ।

: ଆପଣ ବାହାରକୁ ଯେପରି ମନେ ହୁଅନ୍ତି, ଭିତରେ କିନ୍ତୁ ସମ୍ପୂର୍ଣ୍ଣ ବିପରୀତ । ଅଲକା ଫାଟକ ପାଖରେ ଗୋଟାଏ ରିକ୍‌ସା ଡାକି ସେଥିରେ ବସିପଡ଼ି କହିଲା—ଉଠି ଆସନ୍ତୁ ଉପରକୁ ।

: ନା, ମୁଁ ଆଉ ଗୋଟାଏ ରିକ୍‌ସାରେ ବସୁଛି ।

: ଆପଣଙ୍କ କଲେଜର ଛାତ୍ର ବନ୍ଧୁ ଏଠି କେହି ନାହାନ୍ତି ଗୁଇନ୍ଦାଗିରି କରିବାକୁ । ଭୟ କାହିଁକି ?

: ଭୟ ମୋ ଛାତ୍ରବନ୍ଧୁମାନଙ୍କୁ ନୁହେଁ, ଭୟ ତୁମକୁ । ଟିକିଏ ଆଗରୁ କହିଛି ।

: ଜଣେ ତରୁଣୀକୁ ଭୟ କରିବା ସ୍ୱୀକାରୋକ୍ତି ଜଣେ କଲେଜ ଛାତ୍ର ପକ୍ଷରେ 'ଚରିତ୍ରବତ୍ତା'ର ସାର୍ଟିଫିକେଟ ହୋଇପାରେ ; କିନ୍ତୁ ସେଇ ତରୁଣୀକୁ ଥରକୁ ଥର ନିଜ କାପୁରୁଷତା ସମ୍ବନ୍ଧରେ ମନେ କରେଇଦେବା ନିଶ୍ଚୟ ବୁଦ୍ଧିମାନର ଲକ୍ଷଣ ନୁହେଁ ।

ଏଥର ମୁଁ ଟିକିଏ ହସିଲି । କହିଲି : ତୁମ ପାଖରେ ମୁଁ ନିର୍ବୁଦ୍ଧିଆ ବୋଲି ବିବେଚିତ ହେଲେ ବି ଦୁଃଖ ନାହିଁ । କାରଣ କଣ ଜାଣ ?

: ଦରକାର ନାହିଁ ମୋର ଜାଣିବା । କହି ରିକ୍‌ସା ଉପରୁ ଆଗକୁ ଟିକିଏ ଝୁଙ୍କିପଡ଼ି ମୋ ହାତକୁ ଟାଣିଧରି କହିଲା ଅଲକା—ବସନ୍ତୁ ଆସି ରିକ୍‌ସାରେ । ରାସ୍ତା ଉପରେ ସମସ୍ତେ ଅନେଇଛନ୍ତି ।

: ତୁମର ବି ତାହେଲେ ଭୟ ଅଛି ?

: ଭୟ ନୁହେଁ ଲଜ୍ଜା । କହିଲା ଅଲକା ।

ସ୍ତ୍ରୀ'ପରେ ଶକ୍‌ସାରେ ନ ବସି ମୋର ଗତ୍ୟନ୍ତର ନ ଥିଲା । ପଗ୍ଚରିଲି,
: ଲଜ୍ଜା ତୁମର ଅଛୁ ?

: ଆପଣଙ୍କର ସନ୍ଦେହ ଥାଇପାରେ । କିନ୍ତୁ ଲଜ୍ଜା ସମ୍ବନ୍ଧରେ ଉଚ୍ଚବାଚ କରିବା ନାରୀର ଜନ୍ମାଧିକାର ।

: ମୋ ପାଖରେ ଅନ୍ତତଃ ତୁମର ସେ ଅଧିକାରଟା ସମ୍ବନ୍ଧରେ ବାହୁସ୍ଫୋଟ ନ ମାରିଲେ ସୁନ୍ଦର ଦିଶିବ ।

: କାହିଁକି ? ଆପଣଙ୍କୁ ଟିକିଏ ଭଲ ପାଇଛୁ ବୋଲି କ'ଣ ମୁଁ ନିର୍ଲଜ୍ଜ ? କହି ଅଳକା ଟିକିଏ ଗମ୍ଭୀର ହୋଇଗଲା । ତା କଥାର ଶେଷ କେତେପଦ ଯେମିତି ଖର ଖର ଶୁଣାଗଲା ।

ମୁଁ କିନ୍ତୁ ନରମି ଗଲି ନାହିଁ । ବରଂ ଏଇ ହିଁ ସୁଯୋଗ, ଅଳକାକୁ ବେଶ ଟିକିଏ କଡ଼ା ଆଘାତ ଦେଇ ତା' ଗର୍ବରୋଧ କରିବାକୁ କହିଲି : ଯେଉଁ ନାରୀ ଅନାୟାସରେ କହି ଦେଇପାରେ, ଜଣେ ଯୁବକକୁ ଭଲ ପାଏ ବୋଲି, ସେ ତୁମ ବର୍ଗୀୟ ସମାଜ ମତରେ ନିର୍ଲଜ୍ଜ ନ ହୋଇପାରେ କିନ୍ତୁ ଆମ କଳିଙ୍ଗ ଗାଁଉଲି ମତରେ 'ଅଲାଜୁକି' ।

: ମୋ ଜାତଟାକୁ ଏପରି ଭାବରେ ଅପମାନିତ କରିବା, ଆପଣଙ୍କର କୌଣସି ଅଧିକାର ନାହିଁ ।

: ମୋ ଦେଶର ସାମାଜିକ ଆବହାଓ୍ୱା ଭିତରେ 'ଭଲ ପାଇବା' ଜଣାଇବାର ଯେଉଁ ରଙ୍ଗଢଙ୍ଗ ସୁନ୍ଦର ଦେଖାଯାଏ ନାହିଁ, ବଙ୍ଗଦେଶର ସେ ସହସ୍ର 'ଭଲ ପାଇବାର' ସମ୍ଭ୍ରାନ୍ତ 'ଲୀଳା-ଖେଳା' ମୋ ପାଖେ ଦେଖାଇବାର କୌଣସି ଅଧିକାର ତୁମର ବି ନାହିଁ ।

: ମୁଁ ତାହେଲେ ଭଲ ପାଇବାର ଲୀଳା-ଖେଳା କରୁଚି ବୋଲି ଆପଣଙ୍କର ଧାରଣା ? ଅଳକା କହିଲା ଆହତ ଗଳାରେ ।

: ମତେ ସେ ଧାରଣା ପାଇଁ ଦୋଷୀ କରିବାରେ ତୁମର କିଛୁ ନାହିଁ । କାରଣ ମୋ ମନରେ ସେପରି ଧାରଣା ଗଢ଼ିଉଠିବା ମୂଳରେ ତୁମର ହାବ-ଭାବ, ଚାଲି-ଚଳନ ସବୁ କିଛୁ ଦାୟୀ ।

: କାହିଁ ମନେ ତ ପଡ଼ୁ ନାହିଁ, କେଉଁଦିନ କି ଅଶୋଭନୀୟ ହାବଭାବ ମୁଁ ଦେଖାଇଚି ଆପଣଙ୍କ ପାଖରେ ? ଆଚ୍ଛା, ଆପଣଙ୍କ ପାଖକୁ ଏକୁଟିଆ ଆସି ମୁଁ କେତେଥର ବସିଛୁ, ଆପଣଙ୍କ ଅନୁପସ୍ଥିତିରେ ଆପଣଙ୍କ ପଢ଼ାବହି ସଜେଇ ରଖିଦେଇଛୁ, ଆପଣ ମୁହଁ ଭାରି କରି ଦୁଶ୍ଚିନ୍ତାରେ ବସି ଅନ୍ୟମନସ୍କ ଭାବରେ କଣସବୁ ଭାବି ବ୍ୟତିବ୍ୟସ୍ତ ହେଉଥିବା ଲକ୍ଷ୍ୟକରି ପାଖକୁ ଯାଇଁ ଏ କଥା—ସେ

କଥାର ଆଲୋଚନାରେ ଆପଣଙ୍କ ଭ୍ରାନ୍ତ ମନକୁ ଟିକିଏ ହାଲୁକା କରିବାକୁ ଯେ ଚେଷ୍ଟା କରିଛି, ସେଇ ସବୁ କଣ ଆପଣଙ୍କ ମତରେ ନିର୍ଲଜ୍ଜର ଲୀଳା-ଖେଳା ? କହି ଟିକିଏ ରହିଯାଇ ପୁଣି କହିଚାଲିଲା ଅଲକା—ମୁଁ ଜାଣି ନ ଥିଲି, କୌଣସି ନାରୀକୁ ଭଲ ପାଇବା ତ ଦୂରର କଥା, କୌଣସି ନାରୀର ସ୍ୱତଃପ୍ରବୃତ୍ତ ଭକ୍ତି ଆଉ ଶ୍ରଦ୍ଧାକୁ ଭଲ ଆଖିରେ ଦେଖିବା ବି ଆପଣଙ୍କ ପକ୍ଷରେ ଅକ୍ଷମଣୀୟ ଅପରାଧ !

: ନା, ନା, ଠିକ୍ ସେଇଆ ମୁଁ ମିନ୍ କରିନାହିଁ ଅଲକା······

: ମିନ୍ ଆପଣ କ'ଣ କରିଛନ୍ତି ମୁଁ ଜାଣେ । ଅଲକା କହିଲା ମୋ କଥା ମଝିରେ ବାଧା ଦେଇ । ନାରୀର 'ଭଲ ପାଇବା' ଜଣାଇବାର ସ୍ୱଚ୍ଛତାକୁ ବି କ'ଣ ଗୋଟାଏ ଦେଶର ସାମାଜିକ ଆଦବ କାଇଦା ନିୟନ୍ତ୍ରଣ କରିବା ଉଚିତ ଆଜିକାଲିର ସଭ୍ୟ ଯୁଗରେ ? ମୁଁ ଆଶ୍ଚର୍ଯ୍ୟ ହେଉଛି ବଙ୍ଗଳା ସହିତ ଓଡ଼ିଶାର ସଂସ୍କୃତି ଭିତରେ ଏତେ ବିଚକ୍ଷଣ ସାମଞ୍ଜସ୍ୟ ଥିବା ସତ୍ତ୍ୱେ ବି ଓଡ଼ିଆ ଯୁବକ ସାହସର ସହିତ କେତେଜଣ ମୁଷ୍ଟିମେୟ ବଙ୍ଗ ଲେଖକର ଓଡ଼ିଶାକୁ ସହ୍ୟ ନ କରି ପାରିବାର ସଂକୀର୍ଣ୍ଣ ମନୋବୃତ୍ତିକୁ ଭାଙ୍ଗିଦେବାକୁ ଆଗେଇ ନ ଯାଇ ଗୋଟାଏ ଅଭିମାନରେ କେତେକ ଆକ୍ଷେପମୂଳକ କଥା କହି ନେପଥ୍ୟରେ ତାର କର୍ତ୍ତବ୍ୟ ଶେଷ କରି ନିଶ୍ଚେଷ୍ଟ ରହିବା ଶ୍ରେୟସ୍କର ମନେ କରୁଛି ! ଆଉ ମୋ ପରି ଜଣେ ଅସହାୟ ବଙ୍ଗ ଯୁବତୀ ପାଖରେ ଆପଣଙ୍କ ପରି ଜଣେ ଓଡ଼ିଆ ଯୁବକର ଆହତ ଜାତୀୟବାଦୀ ମନର ପୁଞ୍ଜୀଭୂତ ବେଦନାର ଶୋକୋଚ୍ଛ୍ୱାସ···କଣ ବା ତା'ର ମାନେ ? କେଉଁଠି ତାର ସାର୍ଥକତା ? କହି ଅଲକା ନିର୍ଦ୍ଦେଶ ଦେଲା ରିକ୍ସାବାଲାକୁ ଏଇ ଆଗ କୋଠା । ରହ୍ ଏଇଠି । ତାପରେ, ଏପର୍ଯ୍ୟନ୍ତ କୋଳ ଉପରେ ଜାବୁଡ଼ି ଧରିଥିବା ବହିତକ ମୋ ହାତରେ ରଖିଦେଇ ଘରର କେହି ନ ଦେଖିବା ଆଗରୁ ଖପ୍ କରି ରିକ୍ସାରୁ ଡେଇଁପଡ଼ି ତଳେ ଛିଡ଼ାହୋଇ ପଡ଼ିଲା । ଆଉ ରିକ୍ସାବାଲା ହାତରେ ଛ'ଣା ଗୁଞ୍ଜିଦେଇ ପଚାରିଲା—ହେଲା ତ ?

ରିକ୍ସା ଉପରୁ ବେଶ୍ ଟିକିଏ ଆରାମରେ ଓହ୍ଲାଇବାର ଭଙ୍ଗୀକରି କହିଲି, : ଏତେବାଟ ବହିର ଓଜନ ବୋହି କରି ଆସିଲି, ଦୁଆର ମୁହଁରେ ମୋ ଉପରକୁ ନ ଫିଙ୍ଗି ଆଉ ଦପାହୁଣ୍ଡ ଆଗେଇଯାଇ ସିଡ଼ି ଉଠି ଉପର ମହଲକୁ ଯାଇଥିଲେ କଣ 'ବୀରାଙ୍ଗନା' ପରିବର୍ତ୍ତେ 'ବିଜୟିନୀ' ବୋଲି କହିବାରେ ମୁଁ କାର୍ପଣ୍ୟ କରିଥାଆନ୍ତି ବୋଲି ଭାବିଲ ?

ହସିଲା ଟିକିଏ ଅଲକା, କହିଲା : ନା, ସେ ଅପବାଦ ଦେବି ନାହିଁ ଆପଣଙ୍କୁ । ଆପଣ ଯେ ଦାତାକର୍ଣ୍ଣ ତାର ପ୍ରମାଣ ପାଇଛି ପ୍ରଥମ ଦିନ ସେଇ ଜଳଖିଆ ଖାଇଲାବେଳେ ଆପଣଙ୍କ ମନ୍ତବ୍ୟରୁ । ଆମ ପରିବାର ଅନ୍ତରଙ୍ଗ ଭାବରେ

ଓଡ଼ିଆ ଭାଷା ସାହିତ୍ୟକୁ ନିଜର ବୋଲି ଭାବିନେବାରେ ଆପଣ ଆଶ୍ଚର୍ଯ୍ୟ ହୋଇ ଅଶେଷ ଧନ୍ୟବାଦ ଦେଇଥିଲେ ସେଦିନ । କିନ୍ତୁ ଘର ପାହାଚ ଉଠୁ ଉଠୁ ନମ୍ର କଣ୍ଠରେ କହିଲି—'ରଣରଙ୍ଗିଣୀ ବୀରାଙ୍ଗନା' ବୋଲି କଲେଜ ଛକ ପାଖରେ କହିଥିଲେ, ଆଉ ରିକ୍‌ସାରେ ମୋ ସାଙ୍ଗରେ ଛ'ଣା ପଇସାର ବାଟ ଅତିକ୍ରମ କରି ଆସି ଆପଣଙ୍କ ବହିତକ ବୋହି ଆଣିଥିବା ମୋ ଦେହର ଜୋରକୁ ଆଶ୍ଚର୍ଯ୍ୟ ହୋଇ ମନେ ଆପଣଙ୍କ ପଢ଼ାଘରେ ହୁଏତ 'ବିଜୟିନୀ'ର ଗୌରବ-ମୁକୁଟ ପିନ୍ଧାଇବାରେ ଓଡ଼ିଶୀ ଉଦାରତା ଦେଖାଇ ପାରିଆନ୍ତେ—କିନ୍ତୁ ବଙ୍ଗ ଦେଶର 'ବୀରାଙ୍ଗନା'ର 'ବିଜୟିନୀ' ଭାବୋଚ୍ଛ୍ୱାସ ଆପଣଙ୍କ ଦେଶର ସାମାଜିକ ଦୃଷ୍ଟିରେ ଦୋଷଶୀଳ୍ପର କଳଙ୍କ ଟୀକା, ସେ କଥା ତ ଆପଣ ମନେ କଲେଜ ଫାଟକ ପାଖରେ ଟିକିଏ ଆଗରୁ ସବିଶେଷ ବ୍ୟାଖ୍ୟା କରି ବୁଝାଇ ଦେଇଛନ୍ତି । ଆପଣଙ୍କ କଥାକୁ ଏତେ ଶୀଘ୍ର ଭୁଲି ଯାଇଥିଲେ କଣ ଆପଣଙ୍କର ଅପମାନ ହୋଇ ନ ଥାନ୍ତା ? ବଙ୍ଗ ଯୁବତୀ ଆପଣଙ୍କ ବିବେଚନାରେ ଅଲଜ୍ଜୁକା ହୋଇପାରେ, କିନ୍ତୁ 'ଆତ୍ମସମ୍ମାନହୀନା' ନୁହେଁ । କହି ଏକ ଦର୍ପିତ ଭଙ୍ଗୀରେ ଅଳକା ଉଠି ଚାଲିଗଲା ଉପରକୁ ।

ବାରଣ୍ଡା ଉପରକୁ ଚଢ଼ୁ ଚଢ଼ୁ ରିକ୍‌ସାବାଲା ଆଡ଼େ ଟିକିଏ ଅନ୍ୟମନସ୍କ ଭାବେ ଚାହିଁ ମୁଁ ଭାବିଲି—ଅଳକା କି ଓଜସ୍ୱିନୀ ! ଅଳକା କି ବିଚକ୍ଷଣା !

## ॥ ୨୩ ॥

: ଆଗରୁ ଚିଠି ନ ଦେଇ ହଠାତ୍ ତୁ ଏମିତି ଚାଲିଆସିଲୁ ? କଣ ହୋଇଛି ? ପଢ଼ାଘର ଭିତରକୁ ସିଧାସଳଖ ପଶିଯାଇ ବୋଉ ଉପରେ ବିଗିଡ଼ିଗଲି ମୁଁ ଓଳଟି ।

: କଣ ହବ କାହିଁକି ? ତତେ ଟିକିଏ ଦେଖିବାକୁ ଆସିଲି ରେ ! କାଲି ରାତିରେ ଗୋଟାଏ ଖରାପ ସପନ ଦେଖିଲି । ବାପା କହିଲେ—ଯାଅ, ପୁଅକୁ ଦେଖିଆସିବ ।

: ବାପା କେବେ କହି ନ ଥିବେ । ତୋର ଯେତେସବୁ ଫନ୍ଦି । ବହିଗୁଡ଼ାକ ଟେବୁଲ ଉପରେ ଫିଙ୍ଗିଦେଇ କହିଲି—ଖରାପ ସପନଟା କଣ ଶୁଣେ ?

: କହିବି ମ ! ତୁ ଆଗ ଖିଆପିଆ କର ।

: ଖାଇକରି ଦଶଟାରେ କଲେଜ ଯାଇଥିଲି ପରା ! ଏ ଭିତରେ ଭୋକ ଲାଗିଗଲା ?

: ସବୁଦିନେ ତ ତୋର ଖାଇବା ନେଇ ଖିଟମିଟ । ମହାପ୍ରସାଦ ଆଣିଚ, ଖାଇବୁ ଚାଲ ।

: ସକାଳ ଗାଡ଼ିରେ ଆସିଲୁ, ମହାପ୍ରସାଦ ଆଣିଲୁ କେମିତି ।

:ଏଇନା ପରା ପହିଲି ଭୋଗ ହେଉଛି । ଧନୁରୁ ମକର ଯାଏଁ ଦେଉଳରେ ପହିଲି ଭୋଗ ହୁଏ ।

: ସେମାନଙ୍କ ଘରକୁ ଦେଲୁଣି ? ମୁଁ ନମ୍ର ସ୍ୱରରେ ପଚାରିଲି ।

: ସେମାନଙ୍କ ଘର ଆଉ କିଏ ? ସରୋଜବାବୁଙ୍କ ଘରକୁ କହୁଚୁ ତ ?

: ହଁ, ହଁ, ସରୋଜବାବୁ ।

: ତାଙ୍କ ଘରକୁ ଦେବି ନାହିଁ, ତୁ କଣ ମତେ ଏମିତି ହୁଣ୍ଡୀ କରି ପାଇଚୁ ! ମୁଁ ଖେଁ କରି ହସିଉଠିଲି । କହିଲି : ହୁଣ୍ଡୀ ନୋହୁ ତୁ ଆଉ କଣ ?

: ହଉ ଯେ, ଖାଇବୁ ଆ ମୋ ସାଙ୍ଗରେ ।

: ତୁ ଏତେବେଳ ଯାଏଁ ଖାଇନୁ ?

: ଗାଡ଼ିରେ ଆସି ଦେହଟା କେମିତି ଚହଲିଲା ପରି ବାନ୍ତି ବାନ୍ତି ଲାଗିଲା ।

: ପୁରୀରୁ କଟକ ଆସିବା ତିନି ଘଣ୍ଟା ଭିତରେ ଗାଡ଼ିରେ ବସି ତୋ ଦେହ ଚହଲିଗଲା ?

: ମୋର ସବୁ କଥା ତ ତୋର :ଅପସନ୍ଦ । ହଉ ଚାଲ । କହି ବୋଉ ମୋ ହାତ ଭିଡ଼ି ତଳ ଘରକୁ ନେଲା ।

ରୋଷେଇଘର ଦୁଆର ମୁହଁରେ ଅଭଡ଼ା ବାଢ଼ି ଠିଆ ହୋଇଥିଲେ ଲଳିତା ଦେବୀ । ବୋଉ ମତେ ଟାଣି ଟାଣି ନବାର ଦେଖି କହିଲେ : ତୁମ ପୁଅଙ୍କ ଖାଇବା ଚିନ୍ତା ନେଇ ମୁଁ କ୍ଆଡ଼େ ଯାଇପାରେ ନା ଅପା ! ଖାଇଲାବେଳେ ଯଦି ମୁଁ ଘରେ ନାହିଁ, ପୂଜାରୀକୁ ଚେରମେର ଦେଖାଇ ଭାତ ଥାଳି କୁଷ୍ଟ ଦୁର୍ଗା ନ କରି ପଳେଇଥିବେ କଲେଜକୁ ।

: ଭାତଥାଳି ପାଖରେ ଜଗି ବସି ଗିଳେଇ ଗିଳେଇ ମତେ କେମିତି ମୋଟା କରିଦେଲେଣି ମାଉସୀ ଦେଖୁଚୁଟି ବୋଉ !

: କେଡ଼େ ଡାହାଣୀଟା ବା ! ବୋଉ ମୋ ପିଠିକୁ ଖୁନ୍ଦାଟାଏ ପକାଇ କହିଲା — ନିଜ ଦେହକୁ ନିଜେ ଆଖିକରି ଇମିତି ଶୁଖିଲା କାଠ ପରି ଡାଙ୍ଗ ହେଇଛୁ । ଖାଲି ପାଠ ପଢ଼ିଲେ କଣ ହବ ?

ବେକଟାକୁ ଏକପ୍ରକାର ମାଡ଼ିବସି ବୋଉ ଗିଳେଇଲା ଦଶବାର ଗୁଣ୍ଡା ଜବରଦସ୍ତ । ଲଳିତା ଦେବୀ ମୋ ଅସହାୟ ଛଟପଟ ଅବସ୍ଥା ଦେଖି ହୋ-ହୋ

କରି ହସି ଉଠିଲେ । ସରୋଜବାବୁଙ୍କ ସ୍ତ୍ରୀ କୁସୁମବାଲା ଆଉ ତାଙ୍କ ପଛେ ପଛେ ଦର ଦର ହସ ମୁହଁରେ ଅଳକା ।

: ପୁଅକୁ ଖୁଆଇ ଦବାପାଇଁ ଗାଡ଼ିରୁ ଓହ୍ଲଉ ଓହ୍ଲଉ ମତେ ଡାକି ଆଣିବାକୁ ପଠେଇ ଦେଲେ କଲେଜ ? ଅଳକା ଅଛାଲିଆ ଗଳାରେ କହିଲା । ଏକୋଇର ବଲା ବଶିକେଶନ' ବୋଲି 'ଉମିଦା' ର ଖୁବ ଗର୍ବ !!

: ଓଲକା ତ କଣ କେଡ଼େ ସୁନ୍ଦର ଓଡ଼ିଆ କହୁଚ ? ବୋଉ ଆଚମ୍ବିତ ହେଲା ପରି ମୁହଁ ବୁଲେଇ ଗୃହିଁଲା ଦୁଆର ଆଡ଼େ ।

ବୋଉର ଅନ୍ୟମନସ୍କ ମୁହୂର୍ତ୍ତିରେ ମୁଁ ଖସି ପଳେଇଗଲି ବେମାଲୁମ୍ ।

: ଆଉ ଢ ଗୁଣ୍ଡା ଖାଇଦେ ମ ! ପେଟ ପୂରି ନ ଥିବ । ବୋଉ କହିଲା ଚକଳ ହେଇ ।

: ମୋ ବଦଳା ତୋ 'ଅଲକା'କୁ ଖୁଆଇଦେ । ଘର ଭାଇରେ ଗୋଟିଏ ଭଉଣୀ ବୋଲି ତାର ବ ଖୁବ ଦମାକ୍ !

: ଆସ ଓଲକା ଆସ । କହୁ ବୋଉ ଅଲକା ଆଡ଼କୁ ଅନାଇଲା ମାତ୍ରେ ଲଳିତା ଦେଈ, କୁସୁମବାଲା ଆଉ ମୁଁ ସମସ୍ତେ ହୋ-ହୋ କରି ହସି ଉଠିଲୁ । ଖୋଦ୍ ଅଳକା ତା ନାଁର ବଚନ ଉଚ୍ଚାରଣ ବୋଉ ମୁହଁରେ ଶୁଣି ଅଭଡ଼ା ନ ଖାଇ ଅଭଡ଼ା ଖାଇବାର ଅମୃତ ଆନନ୍ଦରେ ହସି ଲୋଟିଗଲା କାନ୍ଥ ଆଡ଼ୁଆଲରେ ।

: ହସିଲ କାହିଁକ ? ବୋଉ କିଛି ବୁଝି ନ ପାରିଲା ପରି ପଗ୍ଚରିଲା : ଝିଅ ନାଁ 'ଓଲକା' ନା ଆଉ କଅଣ ମ ?

: ହଁ ମ ଅପା, ତୁମ କଥା କିଏ ଧରୁଚ ? ଓଲକା, ଅଲକା ସବୁ ସମାନ ।

: ଆ' ଲ ତା ନାଁ କଣ ମତେ କହି ଅସନ୍ତା ନେଇଁ କ ? ମୁଁ ପରି ସେ ଅକ୍ଷର ତୁଣ୍ଡରେ ଧରିବାକ । ଆମ ଶଶୁରଙ୍କ ନା ପରି ସେଇଥିରେ ପଡ଼ୁଚି ।

ବୋଉର ଏ ସଫେଇ ପରେ ହସର ତୋଫାନ ଯେତକ ଜୋରରେ ଉଠିଥିଲା, ଉତୁରା ଦୁଧରେ ପାଣି ପକେଇଲା ପରି ଠିକ୍ ସେମିତି ଥିର ହେଇଗଲା ।

ମୁହଁ ଧୋଇ ମୁଁ ଉପର ପଢ଼ାଘରକୁ ଗ୍ଲିଯାଇଁ ଖଟ ଉପରେ ଶୋଇପଡ଼ିଲି । ଶୋଇ ଶୋଇ ଭାବିଲି—ବୋଉ ଏମିତ ହଠାତ୍ ଆସି ପହଞ୍ଚିଲା କାହିଁକ ? ବୋଉକୁ ନ ପଗ୍ଚରି ଆଉ କାହାଠୁ କଅଣ ବୁଝିହେବ ? ସାଙ୍ଗରେ ଅବଶ୍ୟ ନାଥିଆ ଗ୍ଚକର ଆସିଚି । କିନ୍ତୁ ସେ ତ ନିର୍ଧୂମ ବୋକାଟାଏ । ସେ ବା ବୋଉ ମନକଥା ଜାଣିବ କେମିତ ?

ମୁଁ ଛଟପଟ ହେଲି । ମନେ ପଡ଼ିଲା ଆରଭ କଥା । କେବେ ତା'ର ବାହାଘର ? ତା ମନର ଅବସ୍ଥା କେମିତ ? ମୋ ସମ୍ବନ୍ଧରେ କଣ ବା ସବୁ ଆଲୋଚନା ହେଉଛି ମୁଁ ପୁରୀ ଛାଡ଼ି ଚାଲିଆସିଲା ପରେ ? ବୋଉକୁ ପଚାରି ଏସବୁ କଥା ବୁଝିହେବ କେମିତ ? ବୋଉ କଣ କହିବ ?

ଖାଇ ସାରି ବୋଉ ଆସିଲା ମୋ ପଢ଼ାଘରକୁ । ଖଟ ଉପରେ ଉଠି ବସିଲି । କହିଲି : ତୁ ଟିକିଏ ଶୋ ।

: ଛୁଇ ନେଉଛିଲଣି, ଆଉ ଶୋଇବ କଣ ? ତୁ ମତେ ଟିକିଏ ଶଙ୍କରବାବୁଙ୍କ ଘରକୁ ନେଇଚାଲ ।

: ଶଙ୍କରବାବୁ ? ସେ କିଏ ?

: ମୋ ମଲାଶୁରଙ୍କ ପୁଅ । ସ୍କୁଲ ମାଷ୍ଟର ହୋଇ ନାହାନ୍ତି ?

: କାହିଁ ମତେ ତ କିଛି କହିନୁ ଆଜଯାଏଁ ।

: ତୁ ତାଙ୍କୁ ଚିହ୍ନିନୁ । କହି ବୋଉ ଶାଢ଼ୀ ବଦଳା ଯିବାପାଇଁ ସଜ ହେବାକୁ ପାଖ ଘରକୁ ଉଠିଗଲା ।

ମନ ଭିତରେ ନାନା ଦୁଶ୍ଚିନ୍ତା । ବୋଉକୁ ସାଙ୍ଗରେ ନେଇ ଶଙ୍କରବାବୁଙ୍କ ଘରକୁ ଯିବା ଶୁଣି ମତେ କେମିତ ଛେଳିକ ପାଣି ଭିତରକୁ ଭିଡ଼ିଲା ପରି ଲାଗିଲା । ବଡ଼ ପାଟି କରି ବୋଉକୁ ଶୁଣେଇଲା ପରି କହିଲି : ମୁଁ ତତେ ସାଙ୍ଗରେ ନେଇ କୁଆଡ଼େ ଯାଇପାରିବି ନାହିଁ । ମତେ କଲେଜରୁ ପଢ଼ା ମାଗି କରି ଡକେଇ ଆଣି କଟକ ସହର ବୁଲେଇ ଦେଖିବା କାମ ତୋର ଏମିତ ଜରୁରୀ ହେଇଉଠିଲା ?

ସେଇ ଆରଘରୁ ବୋଉ କଣ ସବୁ ଗୁଣୁ ଗୁଣୁ ହୋଇ କହିଲା । ତାର ଶେଷ କଥା କେତେ ପଦ କେବଳ ସ୍ପଷ୍ଟ ଶୁଣିପାରିଲି—ନ ଯିବୁ ତ ନାହିଁ ଯା' ତୋ କଲେଜକୁ କି ପାଠ ପଢ଼ିବୁ । ମୁଁ ନାଥିଆକୁ ସାଙ୍ଗରେ ନେଇ ଯାଉଛି । କହି ବୋଉ ଶାଢ଼ୀ ବଦଳି ଆସି ଆଗରେ ଠିଆ ହେଲା ।

: ରାଗିଲୁ ନା କଅଣ ? ମୁଁ ନରମ ଗଳାରେ ପଚାରିଲି : ନାଥିଆକୁ ସାଙ୍ଗରେ ନେଇ ଯାଇପାରିବୁ ?

: ହଁ, ଯିବ ନାହିଁ କାହିଁକି ? ସାଙ୍ଗରେ ଓଲକା ଯାଉଛି ।

: ଓଲକା ? ଓଃ, ମୁଁ ପୁଣି ସ୍ମରଣ କରିନେଲା ପରି କହିଲି : ଅଲକା ଯିବ ତୋ ସାଙ୍ଗରେ ?

: ବଡ଼ ଭଲ ଝିଅଟିଏ । ବୋଉ କହିଲା : ମୁଁ ଆସିଲା ବେଳଠାରୁ ମୋର ସବୁ କଥା ବୁଝୁଛି ।

: ତୋ ପାଖରେ ସବୁ ଝିଅ ଭଲ । ଆରତି ବି ତୋର ସବୁକଥା ବୁଝୁଥିଲା ।

ହଠାତ୍ ଗମ୍ଭୀର ହୋଇଗଲା ବୋଉ ମୋ ମୁହଁରେ ଆରତି ନାଁ ଶୁଣି । ମୁଁ ଇଚ୍ଛାକରି କହିଥିଲି ଆରତି ନାଁ । ଗଲା କିଛି ସମୟ ଧରି ମୋ ମନ ଆରତି ଚିନ୍ତାରେ ଏପରି ଭାବରେ ଆଚ୍ଛନ୍ନ ହୋଇ ରହିଥିଲା ଯେ ମୋ ଅଜାଣତରେ ଏକ-ପ୍ରକାର ଆରତି ନାଁ ବାହାରି ପଡ଼ିଲା ମୁହଁରୁ ।

ବୋଉ ମତେ ସ୍ଥିରଦୃଷ୍ଟିରେ ଟିକିଏ ଚାହିଁଲା । ତା ପରେ ମୁହଁ ଶୁଖେଇ କହିଲା : ମୁଁ ଆସେ ଆରତି କଥା ତତେ ସବୁ କହିବି । ତା ବୋଉ ସାଙ୍ଗେ ମୋର କେତେ କଳି ।

: କଳି କାହିଁକି ? ମୁଁ ଚମକି ଉଠିଲି ।

: ମୁଁ ବୁଲିଆସେ ସବୁ କହିବି ତତେ । କହି ବୋଉ ତରତରରେ ଚାଲିଗଲା ।

ସେ ସନ୍ଧ୍ୟାଟା କିପରି କଟିଲା, ଆଜି ଆଉ ତା କହିପାରିବିନି । କି ଅସ୍ୱସ୍ତି ! କି ଛଟପଟ !! ଦୁଶ୍ଚିନ୍ତାରେ ମୁଁ ଯେମିତି ପାଗଳ ପରି ହୋଇଗଲି ।

ରାତି ଆଠଟାକୁ ବୋଉ ଫେରିଆସିଲା । ଖିଆ-ପିଆ ସାରି ମୋର ପଲଙ୍କତଳେ ବିଛଣା ପାରି ଶୋଇଲା । କିଛି ପଚାରିବା ଆଗରୁ ନିଜେ ଆରମ୍ଭ କଲା ସେ, : ସୁରେଶ ପିଲାଟା ଏଡ଼େ ଚଗଲା, ମୁଁ ଜାଣି ନ ଥିଲି । କେତେ କ'ଣ ଲଗେଇ ଯୁଟେଇ କହିଚି ସେ ତୋ ନାଁରେ ।

ଖଟ ଉପରେ ଶୋଇଥିଲି, ଧଡ଼କିନି ଉଠିଯାଇ ବତୀ ଲିଭେଇ ଦେଲି । ଘର ଭିତରେ ଅନ୍ଧକାର ଭରିଗଲା । ବୋଉ ପଚାରିଲା : ବତୀ ଲିଭେଇଦେଲୁ କାହିଁକି ? ରାତି ତ ବେଶୀ ହୋଇ ନାହିଁ ।

ନା, ରାତି ପାଇଁ ନୁହେଁ । ଆଲୁଅଟା ଆସି ସିଧା ଆଖିରେ ପଡ଼ୁଛି । ମୁଁ ଶୋଉ ନାହିଁ, ତୁ କହ ।

ବୋଉକୁ ଏ କଥା ବାହାରେ କହିଲେ ବି ଘରର ବତୀ ଲିଭେଇ ଦେବାର ଅନ୍ୟ କାରଣ ଥିଲା । ମୋଟ ଉପରେ ମୁଁ ଚାହୁଁ ନ ଥିଲି, ବୋଉ କଥା ଶୁଣି ମୋ ମୁହଁରେ ଯେଉଁ ଭାବାନ୍ତର ହେବ, ତା ସେ ଲକ୍ଷ୍ୟ କରୁ ।

କହିଚାଲିଲା ବୋଉ : ତୁ ଆସିବାର ଦି' ଦିନ ପରେ ଆରତି ବୋଉ ଆସି ମତେ ପଚାରିଲେ, ଉମାବାବୁ କଣ ସବୁ କରି ଯାଇଛନ୍ତି ତୁମେ ଜାଣ ? ମୁଁ କହିଲି, କାହିଁ କଣ ? ମୁଁ କେମିତି ଜାଣିବି ? ଆରତିର ସର୍ବନାଶ କରି ଯାଇଛନ୍ତି କହି, ତୁ ପାଠ ପଢ଼େଇବା ଆଳରେ ଆରତିକି ସବୁ କଣ କଣ କହିଛୁ ସବୁ କହିଲେ ଏବେ

ବଡ଼ ପାଜିକଣ । ମୁଁ ମୁହେଁ ମୁହେଁ କହିଦେଲି—ମୋ ପୁଅ ତ ମାଷ୍ଟ୍ରଙ୍କ ମ କହେନି । ଆରତି ବାପା କାହିଁକି ତାକୁ ପାଠ ପଢ଼େଇବାକୁ ଡାକ ନେଲେ କି ?

: ଆରତି ତବେ କିଛି କହିନି ? ମୁଁ ଉଦ୍‌ବିଗ୍ନ ହୋଇ ପଚାରିଲି ।

: କହିନି କାହିଁକି, ସବୁ କହିଛି । ତୁ ଆରତିକି କଣ ସବୁ ଲେଖି ଦେଇଥିଲୁ । ସେ ଚଠି ପଡ଼ିଲା ତା ବୋଉ ହାତରେ । ସେଇ ଚଠି ନେଇ କେତେ କବଲାକବଲି । ସେଇ ଚଠି ପାଇଲା ଦିନଠୁ ଏକା ଜିଦ୍ ଧରିଲା ଆରତିବୋଉ—ଝିଅକୁ ବାହା କରିବ । ସୁରେଶ ଯାଇଁ କଲିକତାରେ କାହାକୁ ଠିକ୍ କରି ଚଠି ଲେଖୁ ନ ଲେଖୁଣୁ ଝିଅକୁ ବାହା କରିବାକୁ ତ ଦି ଗୋଡ଼ରେ ଠିଆହେଲା କମଳା । ବାହା ହେବା କଥା ଶୁଣିଲା ଦିନଠାରୁ ଆରତିର କାନ୍ଦଣା କଣ ଦେଖିବୁ । ମୋର ତ ମୁଣ୍ଡ ଫାଟିଗଲା । ତା ବିକଳ କିଏ ଦେଖିବ ? ମା'ଟା ହୋଇ କମଳା କେମିତି ନିଷ୍ଠୁର ହେଲା କେଜାଣି ? ମୁଁ ତ ରହିପାରିଲିନି । ପଳେଇ ଆସିଲି ଏଠିକି । ଆଜି ରାତିରେ ବର ଆସିବ କଲିକତାରୁ ।

: ଆଜି ବାହାଘର ? ମୁଁ ନିସ୍ତେଜ ଗଳାରେ ପଚାରିଲି ।

: ହଁ, ଆଜି ।

: ତବେ ଆରତିବୋଉ ଛାଡ଼ିଦେଲେ ଏଠିକି ଆସିବାକୁ ?

: ତାର ମୋର କଥାଭାଷା ଆଉ ଅଛି କି ସେଇ ଦିନୁ ? କହି ବୋଉ କଣ ମନେ ପକାଇଲା ପରି ଚମକିଉଠି କହିଲା—ଆରେ ପାଶୋରି ପକେଇଛି—ନିଆଁ ଲଗା ମନରେ କଣ କିଛି ରହୁଛି ? ଆରତି ତୋ ପାଖକୁ ଖଣ୍ଡେ ଚଠି ଦେଇଚି । ଦେଖ୍ ମୋ ପିନ୍ଧା କାନିରେ ବନ୍ଧା ହୋଇଥିଲା ।

: ଥାଉ, କାଲି ସକାଳେ ଦେଖିବି । କହି ମୁଁ ମନେ ମନେ ଭାବିଲି, ବୋଉର ତାହେଲେ ଆରତି ପ୍ରତି ସହାନୁଭୂତି ଅଛି, ହୁଏତ ମୋ ସହିତ ଆରତିର ସମ୍ବନ୍ଧକୁ ସେ ମନେ ମନେ ଅନୁମୋଦନ କରେ ।

କିନ୍ତୁ କଣ ହେବ ଆଉ ଅନୁମୋଦନ କରି । ସବୁ ତ ସରିଗଲା । ପର ତ ହୋଇଗଲା ଆରତି । ତା ସମ୍ବନ୍ଧରେ ମୋର ଆଉ ଭାବିବା କେବଳ ଅସୁନ୍ଦର ନୁହେଁ, ପାପ ମଧ୍ୟ । ଆଜଠାରୁ ସେ ପରର ସ୍ତ୍ରୀ । ଅନ୍ୟ ଘରର କୁଳବଧୂ । ତା ସହିତ ମୋର ସମସ୍ତ ସମ୍ପର୍କ ଚରଦିନ ପାଇଁ ଛିନ୍ନ ହେଇଯିବା ଉଚିତ୍ ।

ଅନ୍ଧାର ଭିତରେ ଆରତିର ଉଜ୍ଜ୍ୱଳ ମୂର୍ତ୍ତି ଯେପରି ଆସି ମୋ ସାମନାରେ ଠିଆ ହେଲା । ବ୍ୟଥାର ଅଶ୍ରୁକାତର ମୁଖ—ଲୋତକ ଛଳ ଛଳ ଦୁଇଟି ଆଖିର ସକରୁଣ ଦୃଷ୍ଟି କି ମର୍ମନ୍ତୁଦ !! ମୋ ଅଜାଣତରେ ମୋ ଆଖି ବି ଲୁହରେ ଭରିଗଲା, ଧାର ଧାର ହେଇ ଲୁହ ବହି ତକିଆ ଭିଜିଗଲା ।

ଆଉ କେତେପଦ କଣ ସବୁ କହି ବୋଉ ହଠାତ୍ ରହିଗଲା । ତା କଥା ଶୁଣିବାକୁ ମୋର ଆଉ ଧୈର୍ଯ୍ୟ ନ ଥିଲା । ମନ ହେଉଥିଲା, ସେଇ ରାତ୍ରିରେ ଦୂରନ୍ତର ସମସ୍ତ ବ୍ୟବଧାନ ଏକ ଲମ୍ଫରେ ଅତିକ୍ରମ କରି ପହଞ୍ଚି ଯାଇ ଗୋଟାଏ ବଜ୍ର ପ୍ରହାରରେ ଭିଲେନ୍‌କ ସୁରେଶ ସମେତ ବରଯାତ୍ରୀର କଣ୍ଠନଳୀ ଚିପି ଧରି ରକ୍ତ ଶୋଷି ପିଇବି । କିନ୍ତୁ ସେ ଆଶା ବିଡ଼ମ୍ବନା ମାତ୍ର ! ମୋରି କଥା ମତେ ଯେପରି ଉପହାସ କଲା ସେଇ ଅନ୍ଧାରରେ । ମୋର ଦୁର୍ବଳତା ମତେ ଯେପରି ବ୍ୟଙ୍ଗ କରି ଆଖିଠାର ମାରିଲା । ଆତ୍ମଗ୍ଳାନିରେ ନିଜ କଣ୍ଠନାଳୀ ଦି' ହାତରେ ଚିପି ଧରିବାକୁ ବିଦ୍ରୋହ ଜାଗିଉଠିଲା ମନ ଭିତରେ । କିନ୍ତୁ......

ଭାବିଚାଲିଲି ଆକାଶପାତାଳ କେତେ କଣ ! ଆରତିର ଏ ବିଭାଘର ବନ୍ଦ କରିବାକୁ କଣ କିଛି ଉପାୟ ନାହିଁ ? ସୁରେଶ ଉପରେ ପ୍ରତିଶୋଧ ନେବାର କିଛି ରାସ୍ତା ନାହିଁ ? ଆରତିକୁ ସେ ନାଗଫାଶ-ବନ୍ଧନରୁ ମୁକ୍ତ କରିବାର କୌଣସି ଫନ୍ଦି ନାହିଁ ?

ଯେତିକି ଭାବିଲି — ଅବସ୍ଥା ସେତିକି ଜଟିଳ ଜଟିଳ ମନେହେଲା ।

ଆରତି ଚିଠି ଦେଇଛି ? ବୋଉଟା କି ହୁଣ୍ଡୀ, ଦିନ ଦିଇଟାଠୁଁ ରାତି ଦଶଟା ଭିତରେ ମନେ ପଡ଼ିଲା ନାହିଁ ମତେ ଚିଠି କଥା କହିବାକୁ ? କି ଆଶ୍ଚର୍ଯ୍ୟ ! କି ଭୁଲାମନ ତାର !

ଚିଠିଟା ବୋଉ କାହିଁରୁ ନେଇ ପଢ଼ିବି ? ଆଉ, ବୋଉ ବୋଧହୁଏ ଶୋଇ ପଡ଼ିଲାଣି । ଏତେବେଳେ ତାକୁ ଉଠାଇ ଚିଠି ନେଇ ପଢ଼ିଲେ କଣ ଭାବିବ ସେ ! ତା ଛଡ଼ା କଣ ବା ଲେଖାଥିବ ଚିଠିରେ ? ସେଇ କାକୁତିମିନତି ! ଆଉଥରେ ସେଇ ଅଶ୍ରୁ-ବିକଳ ପ୍ରାର୍ଥନା : ମତେ ପ୍ରତିଶ୍ରୁତି ଦେଇଥିଲ — ପାଦତଳେ ଆଶ୍ରୟ ଦେବ — ହୃଦୟର ରାଣୀ କରିବ । ଆସ, ମତେ ନେଇଯାଅ । ମତେ ଏ ବିପଦରୁ ଉଦ୍ଧାର କର । ତୁମେ ଆସି ଖାଲି ଠିଆ ହୁଅ — ମୁଁ ଏ ବିବାହବେଦୀ ଉପରୁ ଉଠି ଚାଲିଯିବି ତୁମ ସାଙ୍ଗରେ । ଏ ପରିବାର — ଏ ଅନୁଶାସନ, ବାପା-ବୋଉଙ୍କର ଏ ଆଖିର କଡ଼ା ଆଇନ ମୁଁ କିଛି ମାନିବିନି । ଥରେ ଖାଲି ତୁମେ ଆସି ଦେଖା ଦିଅ । ଥରେ ଆସ......

ଘର ଭିତରେ ଅସହ୍ୟ ଗରମ । କିନ୍ତୁ ଏ ଯେ ଶୀତ ରାତି ! ବୋଉ କମ୍ବଳ ଘୋଡ଼ିହୋଇ ଶୋଇଛି — ଟିକିଏ ଆଗରୁ ମତେ ବି ତ ଶୀତ ଲାଗୁଥିଲା । କିନ୍ତୁ ଭାବନାର ଉତ୍ତେଜନାରେ ମୁଣ୍ଡ ମୋର ଏମିତି ତାତି ଉଠିଛି ?

ଝରକା ଖୋଲିଦେଇ ଖଟ ଉପରୁ ଟିକିଏ ଝୁଙ୍କି ପଡ଼ିଲି ବାହାର ଆଡ଼କୁ । ଏ କଣ ? ଏ କି ଲଳିତ ଝଙ୍କାର ? ଏ କି ସୁରର ମୂର୍ଚ୍ଛନା ? ଏତେ ରାତିରେ

କେଉଁଠୁ ଆସୁଛି ଏ ପ୍ରାଣସ୍ପର୍ଶୀ ରାଗିଣୀର ତରଙ୍ଗ !! କେଉଁ ମରମୀର ନରମ ଅଙ୍ଗୁଳିର ମୃଦୁ ଆଘାତରେ ଏସ୍‌ରାଜର ତାରରେ ମାତିଉଠିଛି ବୁକୁଫଟା କୋହର ଉଚ୍ଛ୍ୱାସ !!

ମୋ ବେଦନା-କାତର ପ୍ରାଣର ଶୋକୋଚ୍ଛ୍ୱାସ ସହିତ ସେ ବ୍ୟଥାସ୍ନିଗ୍ଧ ସୁରର ଯେମିତି ଅସାଧାରଣ ସାମଞ୍ଜସ୍ୟ ? ରହିପାରିଲିନି ଘରର ଅନ୍ଧକାର ଭିତରେ । ମୋ ଅଜାଣତରେ ମୁଁ ଯେମିତି ଉଠି ଛିଡ଼ା ହୋଇପଡ଼ିଲି । ଆଉ ଧୀରେ ଧୀରେ ଗୋଡ଼ ଚିପି ଦୁଆର ଖୋଲି ଆସିଲି ଭିତର ବାରଣ୍ଡା ଉପରକୁ । ଏଥର ସ୍ପଷ୍ଟ ଶୁଣିପାରିଲି—ଖୁବ୍ ଦୂରରେ ନୁହେଁ, ଆମର ଘରର ଆଖପାଖରେ କେଉଁଠି ଯେମିତି କାକର-ଭିଜା ଶୀତ ରାତିର ତନ୍ଦ୍ରା ଭାଙ୍ଗି—ସୁରର ତୋଫାନ ଜାଗିଉଠିଛି । କିନ୍ତୁ ଆଶ୍ଚର୍ଯ୍ୟ, ମୋ ଘରର ଏତେ ପାଖରେ, ମୋ ହାତର ଏତେ ନିକଟରେ, ଅଥଚ ମୋ କଳ୍ପନାର ଏତେ ଦୂରରେ ଏ ଦୀପ୍ତ ରାଗିଣୀର ଉତ୍ସ କେମିତି ସମ୍ଭବ ହେଲା ?

ଶଙ୍କିତ ପଦକ୍ଷେପରେ ଚାଲି ଚାଲି ହୋଇ ବାରଣ୍ଡା କଡ଼େ କଡ଼େ ସରୋଜବାବୁଙ୍କ ଘର ଆଡ଼କୁ ଗଲି । ଦେଖିଲି ସେ ଘର ଅନ୍ଧାର । ସରୋଜବାବୁ କଣ ଶୋଇ ପଡ଼ିଲେଣି ? ଏତେ ଶୀଘ୍ର ସେ ତ କେବେ ଶୁଅନ୍ତି ନାହିଁ ।

ତା' ଆରପାଖ ଘର ଆଡ଼କୁ ଆଖି ପକେଇଲି । ଏଇ ଘରେ ଅଳକା ଶୁଏ । ସେ ଘର ବି ଅନ୍ଧକାର । ବହୁ ରାତି ପର୍ଯ୍ୟନ୍ତ ବହି ପଢ଼ିବା ଅଳକାର ଅଭ୍ୟାସ । ତେବେ ଏମାନେ ସବୁ କଣ ବାହାରକୁ ଯାଇଛନ୍ତି ?

ସ୍ତବ୍ଧ ହୋଇ କିଛିକ୍ଷଣ ଛିଡ଼ା ହେଲି । ତା ପରେ କିଛିକ୍ଷଣ ସ୍ଥିର ଭାବରେ ଚିନ୍ତା କରି କାନ ପାତି ଶୁଣିଲି, ଏସ୍‌ରାଜର ଝଙ୍କାର ଆସୁଚି କେଉଁଠୁ ? ଯେପରି ମନେହେଲା, ଖୁବ୍ ପାଖରେ କିଏସେ ବଜାଉଛି ; କିନ୍ତୁ ନିରନ୍ଧ୍ର ଅନ୍ଧକାର ଭିତରୁ ତାକୁ ଖୋଜି ବାହାର କରିବା ଯେମିତି ଅସମ୍ଭବ !! କି ଆଶ୍ଚର୍ଯ୍ୟ ! ମନେ ମନେ ଅବାକ୍ ହେଲି ।

ଆକାଶରେ ଶାରଦୀୟ ଜ୍ୟୋତ୍ସ୍ନା । ବାରଣ୍ଡାର ଅନ୍ଧକାର ଧୂସର ହୋଇଉଠିଛି ସେ ଆଲୋକର ଆଭାସରେ । ଥଣ୍ଡା ପଡ଼ିଛି, କିନ୍ତୁ ଶୀତର ପ୍ରକୋପ ବିଶେଷ ସେମିତି ନାହିଁ । ଏସ୍‌ରାଜର ମୃଦୁ ମଧୁର ସୁର-ଲହରୀ ଭିତରେ ରାତିର ପରିବେଶ ଯେପରି ସ୍ୱପ୍ନମୟ ହୋଇଉଠିଛି । ପ୍ରାଣଭରି କିଛି ସମୟ ସେ ଅମୃତ-ଧ୍ୱନିକୁ ଉପଭୋଗ କଲି ।

ହଠାତ୍ ଅନ୍ତରାର ଅବରୋହଣ ବେଳେ କଣ ଗୋଟାଏ ବାଧା ପାଇଲା ପରି ଥପ୍ କରି ରହିଗଲା ସ୍ୱରଟି । ମୋର ତନ୍ମୟ-ବିଭୋଳତାରେ ଯେମିତି ଚମକ

ଆସିଲା । ସୁରଟି ଯେପରି କଣ ଗୋଟାଏ ହଜାଇଲା ଜିନିଷକୁ ଖୋଜି ଫେରିପାଇଲା ପରି ପୁଣି ବାଜିଉଠିଲା ଆକୁଳ ଛନ୍ଦରେ । ଏଥର ମୁଁ ସ୍ପଷ୍ଟ ବୁଝିପାରିଲି, ସ୍ୱରଟିର ଧ୍ୱନି ଆସୁଛି କୋଠାର ଛାତ ଉପରୁ । କୌତୂହଳରେ ମୋ ହୃଦୟ ନାଚିଉଠିଲା । ଏତେ ରାତିରେ, ଥଣ୍ଡା କାକରରେ ଛାତ ଉପରେ କିଏ ବସି ବଜାଉଛି ଏସ୍ରାଜ ?

କୋଠା ଛାତ ଉପରକୁ ଆସି, ସିଡ଼ି ମୁହଁରେ କିଛିକ୍ଷଣ ସ୍ତବ୍ଧ ହୋଇ ଛିଡ଼ା ହୋଇ ରହିଲି । କଟକର ଜ୍ୟୋତ୍ସ୍ନାସ୍ନାତ ରାତିର ଆକାଶ ଏତେ ସୁନ୍ଦର, ଏତେ ହୃଦୟସ୍ପର୍ଶୀ, ପ୍ରଥମଥର ପାଇଁ ଲକ୍ଷ୍ୟ କରି ଆଶ୍ଚର୍ଯ୍ୟ ହେଲି । ଶୀତ ପଡ଼ୁଛି, ତଥାପି ଶୁଭ୍ର ଜ୍ୟୋତ୍ସ୍ନାର ମାଦକମୟ ପରିବେଶ ଆଉ ଶାନ୍ତ ପ୍ରକୃତିର ସ୍ତବ୍ଧତା ଭିତରେ ଆତ୍ମହରା ହୋଇ ହଜିଯିବାର ବ୍ୟାକୁଳତା ଯେପରି ପ୍ରାଣର ପ୍ରତିଟି ସ୍ପନ୍ଦନରେ କଥା କହିଉଠିଛି । ଚାନ୍ଦିନୀ-ଚକିତ ଦିଗସୀମାର ଅସୀମତା ଭିତରେ ନିଜକୁ ବିଲୁପ୍ତ କରିଦେବାର ଅନ୍ୟମନସ୍କତାରୁ ଆତ୍ମସ୍ଥ ହୋଇ, ଏସ୍ରାଜର ପଳାତକ ସୁର ପଛରେ ଧାଇଁବା ପାଇଁ ମନ ଯେତେବେଳେ ପୁଣି ଚମକି ଉଠିଲା, ପଛକୁ ଫେରି ଚାହିଁ ଦେଖିଲି, ଏକ ଅପୂର୍ବ କମନୀୟ ଭଙ୍ଗୀରେ ଠିଆ ହୋଇଛି ଅଳକା । ଧଳା ମାର୍ବଲ ପଥରର ମୂର୍ତ୍ତି ପରି ସ୍ନିଗ୍ଧ, ଅପରୂପ !! କହିଲି, ଏତେ ଥଣ୍ଡାରେ, ଛାତ ଉପରେ ଆସି ବସିଛ ଯେ…?

: ବହୁଦିନୁ ଏସ୍ରାଜ ବଜେଇ ନ ଥିଲି ! ଭାଇ ଆଉ ନୂଆବୋଉ ଦୁହେଁ ଭୋଜି ଖାଇ ଗଲେ ତାଙ୍କ ଅଫିସର କେଉଁ ଏକ ବନ୍ଧୁ ଘରକୁ । ସେମାନେ ଫେରିଲା ପର୍ଯ୍ୟନ୍ତ ମତେ ଜଗି ବସି ରହିବାକୁ ପଡ଼ିବ । ଘର ଭିତରେ ବଜେଇଲେ ଆପଣଙ୍କ ପଢ଼ାରେ ବ୍ୟାଘାତ ଆସିବ, ସେଥିପାଇଁ କୋଠା ଛାତ ଉପରକୁ ଚାଲିଆସିଲି । ଏ ଛାତର ସେଇ ଶେଷ ଆଡ଼କୁ ଗ୍ରେଟ ଚାନ୍ଦନୀଟିଏ କରି ତା ଉପରେ ଛତା ପରି ଗୋଟିଏ ଚାନ୍ଦୁଆ ତିଆରି କରିବାର ପରିକଳ୍ପନା କି ଚମତ୍କାର, ଆଜି ଏସ୍ରାଜ ବଜାଇବାକୁ ଆସି ବୁଝିଛି । ଚାଲନ୍ତୁ ଦେଖିବେ । କହି ଅଳକା ଟିକିଏ ଆଗେଇଗଲା । ମନ୍ତ୍ରମୁଗ୍ଧ ପରି ମୁଁ ତା ପଛେ ପଛେ ଚାଲିଲି ।

ଏତେଦିନ ଏ ଘରେ ରହିଲିଣି ; କିନ୍ତୁ କେବେ ହେଲେ କୋଠା ଛାତ ଉପରକୁ ଆସି ନ ଥିଲି । ବାସ୍ତବିକ ଛାତର ଦକ୍ଷିଣ ପଟକୁ ଗୋଟିଏ ଗ୍ରେଟ ସିମେଣ୍ଟ ଚାନ୍ଦନୀ । ତା ଉପରେ ଛତା ପରି ଗୋଟିଏ ଚାନ୍ଦୁଆ-ଲୁହା ଛଡ଼ରେ ସିମେଣ୍ଟ ଦେଇ ତଳେଇ ହୋଇଛି । ଚାନ୍ଦନୀ ଉପରେ ବସିଲେ ଦିନରେ ଖରା ତାପ ଆଉ ରାତିରେ ଥଣ୍ଡା କାକର ମୁଣ୍ଡକୁ ବାଧିବ ନାହିଁ । ଅଥଚ ପ୍ରକୃତିର ସମସ୍ତ ସରସତାକୁ ପ୍ରାଣଭରି ଉପଭୋଗ କରିହେବ ।

ଗୃହିଣୀ ଉପରେ ଖଣ୍ଡିଏ ଷ୍ଟ୍ରେଟ ସପ ପଡ଼ିଛି । ତାର ଉପରେ ଥୁଆ ହୋଇଛି ଗୋଲାପୀ ରଙ୍ଗର ଏସ୍ରାଜ । ବାଜି-ବାଜି କ୍ଲାନ୍ତ ହୋଇ ଯେପରି ଅଳସ ଭାଙ୍ଗିବା ପାଇଁ ଟିକିଏ ଢଳିପଡ଼ିଛି ଗୋଟିଏ ପଟକୁ । ସେଇ ଆଡ଼କୁ ନିରୀକ୍ଷଣ କରି କହିଲି : କାହିଁ ସରୋଜବାବୁ ତ ମତେ କେବେ କହି ନାହାନ୍ତି ତୁମେ ଏଡ଼େ ସୁନ୍ଦର ଏସ୍ରାଜ ବଜେଇ ଜାଣ ?

: ନ କହିବାର କାରଣ ବୋଧହୁଏ ଅଛି । ଭାଇ ବୋଧହୁଏ ମୋଠୁ ବେଶୀ ଭଲ ଭାବରେ ଜାଣନ୍ତି — ଆପଣ ସ୍ୱର-ସଙ୍ଗୀତର ଧାର ଧାରନ୍ତି ନାହିଁ ।

ମୁଁ ଟିକିଏ ହସିଲି, କହିଲି : ସେଦିନ ଥିଏଟର ଦେଖିଯିବା ବେଳର ମନ୍ତବ୍ୟକୁ ମୋର ମନେ ରଖିଚ ତମେ ନା ?

: ମନେ ରଖିବାକୁ ତ କୁହାଯାଇଥାଏ । ଅଳକା ନମ୍ର ସ୍ୱରରେ କହିଲା ।

: ତା ଅବଶ୍ୟ ସତ ; କିନ୍ତୁ ଜୀବନବ୍ୟାପୀ ତୁମେ ଏପର୍ଯ୍ୟନ୍ତ ଯେତେ ଯାହା ଶୁଣିଚ ସବୁ କଣ ମନେ ରଖିଚ ?

: ଯାହା ମନେରଖିଲା ପରି, ତା ନିଶ୍ଚୟ ମନେ ରଖିଛି ।

: ମୋ ସହିତ ଦେଖା ହେଲା ଦିନଠାରୁ ଯେତେ ଯାହା କହିଛି, ସେ ଭିତରୁ ଆଉ କଣସବୁ ମନେ ରଖିଛ କହିପାରିବ ?

: କହିପାରିବ, କିନ୍ତୁ ସେସବୁ ଆପଣ ଶୁଣିବା ଉଚିତ ନୁହେଁ ।

: କାହିଁକି ?

: ଶୁଣିଲେ ଆପଣ ନିଜେ ଲଜ୍ଜିତ ହେବେ । ତା' ଛଡ଼ା ମୋ ମୁହଁରୁ ଶୁଣିବାକୁ ଚାହିଁବା ମୂଳରେ ଆପଣଙ୍କ ଦୁର୍ବଳତା ମୋ ପାଖରେ ଧରାପଡ଼ିଯିବାର ବିପଦ ବି ଅଛି ।

ଚମକି ଉଠିଲି ମୁଁ ଅଳକା କଥାରେ । କି ଅସମ୍ଭବ ଚତୁରୀ ଅଳକା ! କି ଅସାଧାରଣ ତା' ବୁଦ୍ଧି !! ବାସ୍ତବିକ ମନେ ମନେ ଟିକିଏ ଲଜ୍ଜିତ ହେଲି । କହିଲି : ତୁମ ମସିଣା ଉପରେ ଟିକିଏ ବସିପାରେ ?

: ବସିବେ ? ଆପଣଙ୍କ ସମ୍ମାନରେ ଆଞ୍ଚ ଲାଗିବନି ତ ?

: ତା ଲାଗୁ ! ଟିକିଏ ଲାଗିଲେ କିଛି କ୍ଷତି ନାହିଁ ।

: କ୍ଷତିଗ୍ରସ୍ତ ହେବାକୁ ଏପରି ଉଦାର ମନରେ ରାଜି ହେବା ମୂଳରେ ଆପଣଙ୍କ ବ୍ୟକ୍ତିଗତ ଆନନ୍ଦ ଛଡ଼ା ଆଉ କାହାପାଇଁ କିଛି ଅଛି ବୋଲି ଭାବିପାରେ ? ଅଳକା ଟିକିଏ ଉଚ୍ଛନ୍ ହସି ମୋ ଆଡ଼କୁ ଚାହିଁ ପିନ୍ଧା ପଣତକାନିରେ ସପକୁ ଝାଡ଼ିଦେଇ କହିଲା — ବସନ୍ତୁ । ଆଜି ମୋର କି ସୌଭାଗ୍ୟ……

: ସୌଭାଗ୍ୟ କଥା କାହିଁକି କହୁଲ ଅଳକା, ବୁଝିପାରିଲି ନାହିଁ ।

: ନା, ନା, ସେ କଥା ବୁଝେଇ କହିବାର ମୁହୂର୍ତ୍ତ ଏ ନୁହେଁ । କୁହନ୍ତୁ, ଆପଣଙ୍କୁ ଟିକିଏ ଆନନ୍ଦ ଦେବା ପାଇଁ ମୁଁ କ'ଣ କରିପାରେ ? ଅଳକା ତା'ର ସାର୍ଯାସ୍ପିତ ଆଖିର ତୋଳା ବନ୍ତାଶର କରି ମୋ ଆଡ଼କୁ ଗୁହିଁଲା ସକରୁଣ ଦୃଷ୍ଟି ଫେରି

: ମୋ ପାଇଁ ? ମତେ ଆନନ୍ଦ ଦେବାପାଇଁ ? ମୁଁ କପଟ ଭୟବହ୍ବଳ କଣ୍ଠରେ କହିଲି—ନା, ନା, ମୋ ପାଇଁ ତୁମକୁ କିଛୁ କରିବାକୁ ପଡ଼ିବ ନାହିଁ ଅଳକା ! ମୋ ପାଇଁ ବ୍ୟସ୍ତ ହେବାକୁ ପଡ଼ିବ ନାହିଁ । ରାତିର ଏଇ ଶାନ୍ତ ନିର୍ଜ୍ଜନ ମୁହୂର୍ତ୍ତକୁ ଉପଭୋଗ କରିବାରେ ତୁମକୁ ଆସି ବାଧା ଦେଇ ମୁଁ ବାସ୍ତବିକ ବଡ଼ ଭୁଲ କରିଛି । ମୁଁ ବଡ଼ ଦୁଃଖିତ, ମତେ କ୍ଷମା କରିବ । କହି ଉଠି ଛିଡ଼ା ହେଲି ଏକ ପ୍ରବଳ ଉତ୍ତେଜନାରେ ।

: ଏ କଣ ? ବ୍ୟାକୁଳ କଣ୍ଠରେ କହିଲା ଅଳକା । ଚାଲିଯିବେ କି କଣ ?

: ହଁ, ମୁଁ ଯାଏ……

: ନା, ନା, ଆଉ ଟିକିଏ ବସନ୍ତୁ ଆପଣ । ମୋର ଅନୁରୋଧ । ଅଳକା ମୋ ସାମନାକୁ ଆସି ବାଟଓଗାଳି ଠିଆହେଲା ।

: ତୁମେ ଭୁଲ୍ କରୁଚ ଅଳକା ! ମୋର ଏଠିକି ରାତିର ଏ ଜନଶୂନ୍ୟ ପ୍ରହରରେ ଆସିବା ଭୁଲ୍‌ଠାରୁ ଆଉର ବଡ଼ଭୁଲ୍ ତୁମେ କରିବାକୁ ଯାଉଚ, ମତେ ବସେଇ ରଖିବାକୁ ଚେଷ୍ଟା କରି ।

: କିଛି ଭୁଲ୍ ନୁହେଁ, କିଛି ଭୁଲ୍ ନୁହେଁ । ଆପଣ ଟିକିଏ ବସନ୍ତୁ । ମୋର ଏ ଅନୁରୋଧ, ଆପଣଙ୍କୁ ଆଜ ରଖିବାକୁ ହେବ । ମୁଁ ଜାଣେ ଆପଣଙ୍କ ମନ ଆଜ ଭଲ ନାହିଁ । ମୁଁ ଜାଣେ ଆପଣ ଘର ଭିତରେ ଯାଇ ଶୋଇ ପାରିବେ ନାହିଁ। ସ୍ୱା'ବ ଜାଣେ ମୁଁ ଭୁଲ୍ କରୁଛି—କିନ୍ତୁ ଏଇ ଭୁଲ୍‌ଟି ଆପଣଙ୍କ ପାଖରେ କରିବା ପାଇଁ ମୁଁ ଏ କେତେଦିନ ସୁଯୋଗର ଅପେକ୍ଷାରେ କି ଛଟପଟ ହୋଇ ମରୁଛି……

: ଅଳକା ? ମୁଁ ଶାସନ—କମ୍ପିତ ଗଳାରେ କହିଲି, ଆତ୍ମସ୍ଥ ହୁଅ ଅଳକା। ଏ ସବୁ ତୁମେ କଣ କହୁଛ ?

: ନା, ନା, ମୁଁ ଆଜ ଆପଣଙ୍କର କୌଣସି ଶାସନ ମାନିବି ନାହିଁ । ମୁଁ ସମ୍ପୂର୍ଣ୍ଣ ଆତ୍ମସ୍ଥ ହୋଇ ଅନୁନୟ କରୁଛି । ଆପଣ ଟିକିଏ ବସନ୍ତୁ, କହି ଅଳକା ତା କୁସୁମ କୋମଳ ହାତ ପାପୁଲିରେ ମୋ ହାତକୁ ଚିପିଧରି ଟାଣିନେଇ ବସେଇ

ଦେଲି ଗୃହଦ୍ୱାର ଉପରେ । କହିଲି, ମତେ ଲୁଚାଇବେ ନାହିଁ, କୁହନ୍ତୁ ଆପଣ କଣ ଶୁଣିବେ, ଏସ୍ରାଜ ନା ଗୀତ ?

ସ୍ତବ୍ଧହୋଇ କିଛିକ୍ଷଣ ବସି ରହିଲି । ଚାହିଁଲି ଶୂନ୍ୟ ଆକାଶକୁ । ଶାଗୁଆମେଘର ଝାଲର ତଳେ ଜହ୍ନ ଢାଙ୍କି ହୋଇଯାଇଥିଲା ଟିକକ ଆଗରୁ, ଧିରେ ଧିରେ ପୁଣି ବାହାରିଆସିଲା ପରିପୂର୍ଣ୍ଣ ରୂପରଦ୍ୟୁତିରେ ଚାରିଆଡ଼ ଜ୍ୟୋତ୍ସ୍ନାର ପ୍ଲାବନରେ ଭସାଇ ଦେଇ ।

ଏସ୍ରାଜ ତାରରେ ଉଠିଲା ଝଙ୍କାର ।

ଆକାଶଆଡ଼ୁ ମୁହଁ ଫେରାଇ ମୋ ସାମନାରେ ସ୍ୱପ୍ନମୟୀ ଅଳକାର ଅନିନ୍ଦ୍ୟ ସୁନ୍ଦର ମୁଖମଣ୍ଡଳ ଆଡ଼େ ଚାହିଁଲି ବିମୁଗ୍ଧ ଦୃଷ୍ଟିରେ । କହିଲି : ଯଦି ଜୋର୍‌କରି ବସେଇଲ, ମୋର ଗୋଟିଏ କଥାର ଉତ୍ତର ଦିଅ ଆଗେ, ତା ପରେ ତୁମର ଗୀତ ଆଉ ଏସ୍ରାଜ ସବୁ ଶୁଣିବି ।

: ବେଶ୍, କଣ ପଚାରନ୍ତୁ । ଅଳକା ସ୍ପଷ୍ଟ ଭାବରେ ମୋ ମୁହଁକୁ ଚାହିଁ କହିଲା, ଯାହା ପଚାରିବେ ତାର ଅକପଟ ଉତ୍ତର ମୁଁ ଦେବି । କିନ୍ତୁ ତା ଆଗରୁ ମତେ ବି ଆପଣଙ୍କୁ ପ୍ରତିଶ୍ରୁତି ଦେବାକୁ ହେବ, ମୋ ନାଚ ନ ଦେଖି ଆପଣ ଯିବେନାହିଁ ।

: ନାଚ ? ମୁଁ ଆଶ୍ଚର୍ଯ୍ୟରେ ଅଳକାକୁ ନିରୀକ୍ଷଣ କରି କହିଲି, ନାଚ ତୁମେଜାଣ ! ନାଚିପାରିବ ତୁମେ ମୋ ଆଗରେ !

: ଖୁବ୍ ପାରିବି । ନିଶ୍ଚୟ ପାରିବି । ସେ ପରୀକ୍ଷା ଆପଣ ଟିକକ ପରେ ମତେ କରିପାରିବେ । ଆଗେ ଆପଣଙ୍କ ପ୍ରଶ୍ନ ପଚାରନ୍ତୁ ।

: ହଁ, ମୋ ପ୍ରଶ୍ନ ! ଆଚ୍ଛା, କହିପାରିବ ମୋ ମନ ଆଜି ଭଲନାହିଁ, ଏ କଥା ତୁମେ ଜାଣିଲ କିପରି ?

: ଜାଣିଲି ତୁମ ନା, ନା, କ୍ଷମା କରିବେ, ଆପଣଙ୍କ ମୁହଁକୁ ଚାହିଁ ।

: ଆପଣ ନ କହି, 'ତୁମେ' ବୋଲି କୁହନା ।

: ନା, ନା, ମୋ ପାଦରେ ହାତମାରି, ଧୂଳିନେଇ ମୁଣ୍ଡରେ ବୋଳି ଅଳକା କହିଲା, ଏତେବଡ଼ ଭାଗ୍ୟନେଇ କଣ ଜନ୍ମହୋଇଛି ? ଆପଣଙ୍କୁ 'ତୁମେ' ବୋଲି ସମ୍ବୋଧନ କରିବାର ଅହଙ୍କାର ପାଇ ପାରିବି ଜୀବନରେ ?

ମୋ ପାଦରେ ଅଳକା ହାତର ସ୍ପର୍ଶରେ ସମସ୍ତ ଦେହ ମୋର ରୋମାଞ୍ଚିତ ହୋଇଉଠିଲା । କିନ୍ତୁ ମନର ଅସ୍ଥିରତାକୁ ସଂଯତ କରି ପଚାରିଲି : ମୋ ମୁହଁକୁଚାହିଁ ଜାଣିଲି ବୋଲି କହୁଛ, କିନ୍ତୁ ମୋ ମୁହଁକୁ ତୁମେତ ଚାହିଁଥିଲ ସେଇ ସନ୍ଧ୍ୟାବେଳେ ।

: ନା, ନା, ସତ୍ତ୍ୱେହେଲେ ଆପଣଙ୍କ ମୁହଁକୁ ଚାହିଁବା କଥା ମୁଁ କହୁନାହିଁ । ଭଲ ଓଡ଼ିଆ କହି ଜାଣେନି ଆପଣ ଜାଣନ୍ତି । ମୁଁ କହିବାକୁ ଚାହେଁ, ଯେଉଁଦିନଠୁ ଆପଣଙ୍କ ମୁହଁକୁ ମୁଁ ଚାହିଁଛି, ସେଇ ଅରଙ୍ଗ ଷ୍ଟେସନରେ, ଗାଡ଼ିରୁ ଓହ୍ଲାଇ, ଯେଉଁଦିନ ମୁଁ ତୁମ···ନା-ନା ଆପଣଙ୍କ ମୁହଁକୁ ସର୍ବପ୍ରଥମେ ଚାହିଁଛି···

: ଅଲକା, ମୁଁ ଆବେଗରେ, ପାଟିକରି ଉଠିଲି ।

: ହଁ ଆପଣଙ୍କୁ ଶୁଣିବାକୁ ହେବ । ଆପଣ ରାଗିବେନି । ମତେ ଭୁଲ୍ ବୁଝିବେନି । ଏତେ ଦିନକେ ମନକଥା କହି ପାରିବାର ସୁଯୋଗ ପାଇଛି । ଏ ମୁହୂର୍ତ୍ତ ମୁଁ କେବେ ବିଫଳ ହେବାକୁ ଦେବିନି ।

: ବିଫଳ-ସଫଳର କଥାନୁହେଁ ଅଲକା । ତୁମ ମୋ ଭିତରେ ଏପରି କଥା-ବାର୍ତ୍ତା ହେବା ସାମାଜିକ ଆଇନ୍ ବିରୁଦ୍ଧ ! ରାତିର ଏପରି ନିର୍ଜନ କ୍ଷଣରେ ଆମ ଦୁହିଁଙ୍କର ଏକାଠି ମୁହାଁମୁହିଁ ବସିବା ବି ଅଶ୍ଳୀଳ ।

: ଅଶ୍ଳୀଳ ? ଚମକି ଉଠିଲାପରି ହୋଇ କହିଲା ଅଲକା, ଏ ଅଭିଜ୍ଞାନ ଆପଣଙ୍କର ହେଲା କେଉଁଠୁ ? କୌଣସି ବହିର ପଢ଼ା ବିଦ୍ୟାରେ ନା ଜୀବନରେ କିଛି ବ୍ୟକ୍ତିଗତ ଅଭିଜ୍ଞତାର ଅନୁଭୂତିରୁ ?

: ମାନେ ?

: ମୋ'ଠୁ ଶୁଣି ସାରନ୍ତୁ ଆଗେ । ଅଲକା ବାଧାଦେଇ କହିଲା, ମନର ଦୁଃଖ କହିବା, ପ୍ରାଣର ଆବେଦନ ଜଣାଇବା କଣ ଅଶ୍ଳୀଳ ?

: ସାମାଜିକ ଦୃଷ୍ଟି କୋଣର ବିଚାର ଦିଗରୁ, ମୁଁ କହିଲି ।

: ସମାଜର ହୋଇ ବିଚାର କରିବାର ଆଦର୍ଶ ମୋର ବେଳକୁ, ନା, ଆଉରି ବେଳକୁ ବି ଥିଲା ?

: ଅଲକା ? ମୁଁ ପାଟିକରି ଉଠିଲି ? ସ୍ପଷ୍ଟ ଚନ୍ଦ୍ରାଲୋକରେ ମୁଁ ପ୍ରେତାତ୍ମାର ବିଭୀଷିକା ଦେଖିଲାପରି ଭୟ ବିହ୍ୱଳ ଅସ୍ଥିରତାରେ ଆଖି ଖୋଲି ଖପ୍‌କରି ଧରି ପକେଇଲି ଅଲକାର ହାତ । ସବୁଜାଣ ତମେ ?

: ସବୁ ନୁହେଁ, ସାମାନ୍ୟ ! ଅଲକାର ଗଳା ଅସ୍ୱାଭାବିକ ଭାବରେ ନିର୍ଭୀକ ! ଆଉ ଯେଉଁ ସାମାନ୍ୟ ଟିକିଏ ଜାଣେ, ସେଇଥିରୁ ମୁଁ ଦୁଇଟି କଥା ପଚାରିବାକୁ ଚାହେଁ । ଗୋପନରେ ଗୋଟିଏ ଝିଅକୁ ଭଲପାଇ, ତା'ପାଇଁ ସର୍ବସ୍ୱ ଦେବାର ପ୍ରତିଶ୍ରୁତି ଦେଇ, ଯଥାର୍ଥ ବିପଦ ବେଳେ ତା ପାଖରେ ଠିଆହୋଇ ନ ପାରିବାର ଧୋକାବାଜି ଅଶ୍ଳୀଳତାଠାରୁ, ନିର୍ଜନରେ ଗୋଟିଏ ଝିଅ ପାଖରୁ ତା' ପବିତ୍ର ପ୍ରେମର ଆତ୍ମ ନିବେଦନ ଶୁଣିବା କଣ ଏତେ ବେଶୀ ଅଶ୍ଳୀଳ ?

: ପବିତ୍ର ପ୍ରେମର ଆତ୍ମ ନିବେଦନ ? ଏ ସବୁ କଣ କହି ଚାଲିଛ ଅଳକା ? ତୁମେ ହୋସ୍‌ରେ ଅଛ ତ ?

: ଟିକିଏ ଆଗରୁ ଏସବୁ ବକାଉଥିଲି ବୋଲି କଣ ଭାବିଛନ୍ତି, ମୁଁ ବୁଦ୍ଧି ବିବେକ ସବୁ ହରେଇ ବସିଛି ?

: ମୋର ତ ସେଇଆ ମନେହୁଏ ।

: ନା, ନା; ଅଳକା କହିଲା, କମ୍ପିତ ଗଳାରେ, ମତେ ଉନ୍ମାଦିନୀ ବୋଲି ମନେକରନ୍ତୁ ନାହିଁ । ମୁଁ ସମ୍ପୂର୍ଣ୍ଣ ଆତ୍ମ ସଚେତନ । ଯାହା କହୁଛି, ତାର ପରିଣତି ସମ୍ବନ୍ଧରେ ବି ଚିନ୍ତା କରି ଦେଖିଛି । ଯା' ପରଠୁ ଆପଣ ମତେ ଘୃଣା କରିବେ । ହୁଏତ, ଦାଦାଙ୍କ ଆଗରେ ମୋ କଥାର ବିଶ୍ଳେଷଣ କରି ମୁଁ ଉନ୍ମାଦଗ୍ରସ୍ତ ବୋଲି ଯୁକ୍ତି କରି ବୁଝାଇ ବସିବେ । କିନ୍ତୁ ସେ ସବୁ ସତ୍ତ୍ୱେ ମୁଁ ଆପଣଙ୍କୁ ଯାହା କହିବି ବୋଲି ଠିକ୍ କରିଛି ତା ନିଶ୍ଚୟ କହିବି । ଆଉ, ସମସ୍ତ ଅନିଚ୍ଛାସତ୍ତ୍ୱେ ଆପଣଙ୍କୁ ମୋଠାରୁ ସବୁ ଶୁଣିବାକୁ ପଡ଼ିବ ।

: ନା, ମୁଁ ଆଉ କିଛି ଶୁଣିବାକୁ ଚାହେଁ ନାହିଁ ଅଳକା, ମତେ ଯିବାକୁ ଦିଅ, କହି ମୁଁ ପୁଣି ଗୋଟାଏ ପାଖକୁ କରେଇ ହୋଇ ଚାଲି ଆସିବାକୁ ବାହାରିଗଲି ।

: ଅଯଥା, ମତେ ବେହିଆମି କରିବା ପାଇଁ ପ୍ରଶ୍ରୟ ଦେବେ ନାହିଁ । ବାଧ୍ୟ କରିବେ ନାହିଁ ନିର୍ଲଜ୍ଜଙ୍କ ପରି ଆପଣଙ୍କ ଅମର୍ଯ୍ୟାଦା କରିବାପାଇଁ କହି, ଅଳକା ପୁଣି ମୋ ସାମନାକୁ ଆସି ବାଟ ଓଗାଳି ଠିଆହେଲା ।

କ୍ଷଣିକ ପାଇଁ ମନେହେଲା ଯେପରି ଛାତ ଉପରକୁ ଏତେ ରାତିରେ ଆସି ଭୁଲ୍ କରିଛି । କିପରି ବିରକ୍ତି ବି ଲାଗିଲା ଅଳକାର ଢଙ୍ଗଢାଙ୍ଗ ଦେଖି । କିନ୍ତୁ ନିରୁପାୟ ! ମତେ ଯେପରି ବଡ଼ ଅସହାୟ ମନେହେଲା । ମୋ ଅନିଚ୍ଛାସତ୍ତ୍ୱେ ଅଳକାଠାରୁ ମତେ ଶୁଣିବାକୁ ପଡ଼ିବ । ସମସ୍ତ ସ୍ୱାତନ୍ତ୍ର୍ୟ ଯେପରି ମୋର ଲୋପ ହୋଇଯାଇଛି । ପଚାରିଲି—କେତେ ସମୟ ଲାଗିବ ତୁମ କଥା ଶୁଣିବାକୁ ।

: ଆପଣଙ୍କର ସମୟର ସ୍ୱଳ୍ପତା ଅପେକ୍ଷା ଆପଣଙ୍କ ସହିତ ରାତିର ଏ ନିର୍ଜ୍ଜନ ପ୍ରହରରେ ସମୟର ପ୍ରତିଟି ମୁହୂର୍ତ୍ତ କଟେଇବାର ବିପଦ ଆଉ ଦୁର୍ନାମ କଥା ମୁଁ ବେଶୀ ଭାବି ଚିନ୍ତି ସ୍ୱୈରିଣୀଙ୍କ ଭଳି ଅଙ୍ଗ ଅଙ୍ଗ ହେଉଛି ଉମାବାବୁ, ବିଶ୍ୱାସ କରନ୍ତୁ ଯେତେ କମ୍ ସମୟ ଭିତରେ ଆପଣଙ୍କୁ ବିଦାୟ ଦେଇ ପାରିବି ସେତେ ସୌଭାଗ୍ୟବତୀ ମୁଁ ମନେ କରିବି ନିଜକୁ । କହି କହି ଅଳକା, ମୋ ହାତ ଧରି ପୁଣି ଚ୍ଛଦନୀ ଉପରେ ବସେଇ ଦେଇ କହିଲା : ମୋ' ପ୍ରଥମ ପ୍ରଶ୍ନର ଉତ୍ତର ଆପଣ ଦେଲେନାହିଁ । ମୋର ଦ୍ୱିତୀୟ ପ୍ରଶ୍ନ ଆପଣ—ଆରତିକୁ ଭଲପାଉଥିଲେ ନା,

ଆରତି ଆଗ ତା ପ୍ରେମ ନିବେଦନ କରିଥିଲା ଆପଣଙ୍କ ପାଖରେ ? କହି, ଅଳକା କିପରି ଗମ୍ଭୀର ହୋଇ ଚାହିଁଲା ମୋ ଆଡ଼େ ।

କହିଲି, ତୁମର ଦ୍ୱିତୀୟ ପ୍ରଶ୍ନର ବି ଉତ୍ତର ଦେଇପାରୁ ନାହିଁ, ଅଳକା, କାରଣ ମୁଁ ନିଜେ ଜାଣେନା, ଆରତି ଆଉ ମୋ ଭିତରେ ପ୍ରେମର ସଞ୍ଚାର ପ୍ରଥମେ କେତେବେଳେ, କିପରି ଭାବେ ହୋଇଥିଲା । ତା ଛଡ଼ା ସେ କଥା ବା ଜାଣି ତୁମର ଲାଭ କଣ ?

: ମୋର କିଛି ଲାଭ ହେବ ଜାଣିଲେ, କଣ ଆପଣ କହିବେ ?

: ନା,

ତେବେ ? ଅଳକା ସ୍ତବ୍ଧ ଗଳାରେ କହିଲା : ତାହେଲେ ମୋ ଲାଭ-କ୍ଷତି ସମ୍ବନ୍ଧରେ ପ୍ରଶ୍ନ କଲେ କାହିଁକି ?

: ଇମିତି ଜାଣିବା ପାଇଁ······

: ଇମିତି ? ତାହେଲେ, ମୋର ଯେତେ କିଛି ପ୍ରଶ୍ନ, ସବୁ ଆପଣ ହାଲ୍‌କା ଭାବରେଇ ନେଇଛନ୍ତି ?

: ନା, ନା, ତା ଅବଶ୍ୟ ନୁହେଁ । ମୁଁ କଣ କହିବାକୁ ଉଦ୍ୟତ ହୋଇ ହଠାତ୍ ଟିକିଏ ଅଟିଗଲି ଅଳକା ଆଡ଼କୁ ଚାହିଁ । ତା ମୁହଁରେ ଝଲକାଏ ଜ୍ୟୋତ୍ସ୍ନାର ଆଲୁଅ ଚକ୍ ଚକ୍ କରୁଥିଲା — ଆଉ ସେଇ ଝଲକ ଭିତରେ ସ୍ପଷ୍ଟ ବାରି ହୋଇ ଦେଖାଗଲା ତା ଆଖିର ଶେଷ ପ୍ରାନ୍ତରେ ଦୁଇ ବିନ୍ଦୁ ଅଶ୍ରୁର ମୁକ୍ତା ।

: ଆପଣ କହିବେନି । ଅଳକା କହିଲା : ଆପଣ ବାସ୍ତବିକ ଆରତିକୁ ଭଲ ପାଆନ୍ତି । ପ୍ରେମ ଏକ ଦୁର୍ଲଭ ସମ୍ପଦ । ସେ ସମ୍ପଦର ସୁରାକ କୌଣସି ପ୍ରଣୟୀ ଇତର ଲୋକଙ୍କୁ ଦେବାକୁ ନ ଚାହିଁବା ସ୍ୱାଭାବିକ ।

: ତୁମେ ମୋଟେ ଇତର ନୁହଁ ଅଳକା···ମୁଁ ଉନ୍ମାଦଙ୍କ ପରି କଥା ମଝିରେ କହିଲି ।

କିନ୍ତୁ ମୋ କଥାକୁ ଶୁଣି ନ ଶୁଣିଲା ପରି ଅନ୍ୟମନସ୍କତା ଦେଖାଇ କହିଚାଲିଲା ଅଳକା — ଆପଣ ଟିକିଏ ଆଗରୁ ମତେ ପଚାରୁଥିଲେ ମୁଁ ସବୁ ଜାଣିଲି କିପରି ? ସେଇକଥା କହୁଛି । ମାଉସୀ ସଞ୍ଜବେଳେ ବୁଲିଯିବା ପାଇଁ ମୋ ଶୋଇଲା ଘରକୁ ଆସି ଶାଢ଼ୀ ପାଲଟିଲା ବେଳେ, ତାଙ୍କ ପିନ୍ଧା କାନିର ଗଣ୍ଠି ଅକସ୍ମାତ ଖୋଲି ଯାଇ, ଖଣ୍ଡେ ଚାରି ଚଉତା ହୋଇ ମୋଡ଼ା କାଗଜ ତଳେ ପଡ଼ିଗଲା । ମାଉସୀ ତରତରରେ ଆପଣଙ୍କୁ ତାଙ୍କର ବୁଲିଯିବା କଥା କହିବାକୁ

ଫୁଲିଗଲେ, ଆଉ ସେ କାଗଜ ଖଣ୍ଡିକ ଉଠେଇ ନେଇ ପଢ଼ିଲି···ସେଇଟି ଆରତିର ଚିଠି । ସେ ଚିଠି ଆପଣ ବୋଧହୁଏ ପଢ଼ି ନାହାନ୍ତି । ମୁଁ ପଢ଼ିସାରି ମାଉସୀଙ୍କ କାନରେ ସେଇମିତି ବାନ୍ଧି ଦେଇଛି । କାଲି ନେଇ ପଢ଼ିବେ···

: ହୋଇ ମତେ, ଟିକିଏ ଆଗରୁ ଶୋଇଲା ବେଳେ ଆରତିର ଚିଠି କଥା କହୁଛି । ମୁଁ ଇଚ୍ଛାକରି ପଢ଼ିନି···ମୁଁ ଜାଣେ ଆରତି କଣ ଲେଖିଥିବ; ମୁଁ ଉଦାସ ଗଳାରେ କହିଲି ।

: ସବୁ ଜାଣିଥିଲେ ବି, ଆପଣଙ୍କର ସେ ଚିଠି ପଢ଼ି ଦେଖିବା ଉଚିତ୍ ! ମୁହଁରେ ଆପଣ ଆରତିଠୁ ଯାହାଶୁଣି ଜାଣିଛନ୍ତି, ଆଉ କଳ୍ପନାରେ ଆରତିର ଆପଣଙ୍କ ପ୍ରତି ମନର ଉଦ୍‌ବେଗ ଯାହା ବିଶ୍ଳେଷଣ କରି ବୁଝିଛନ୍ତି—ଆରତିର ଏ ଚିଠିର ଭାଷା ତାଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । ମୁହଁରେ ଅନେକ କଥା କୁହାଯାଇ ପାରେନା, କିନ୍ତୁ ଚିଠିରେ ସେ ସବୁ ଲେଖିବାରେ ନ ଥାଏ ଲଜ୍ଜା ବା ସଙ୍କୋଚ ! ସେଇଥିପାଇଁ ତ ପ୍ରେମ କ୍ଷେତ୍ରରେ ମୁହଁର କଥା ଅପେକ୍ଷା ଚିଠିର ଭାଷା ସଭ୍ୟତାର ପ୍ରଥମ ଦିନରୁ ଏତେବଡ଼ ଆସନ ପାଇ ଆସିଛି ! କହି, ଅଳକା ଟିକିଏ ରହିଯାଇ କହିଲା, ଆପଣଙ୍କୁ ମନକଥା ଜଣାଇବା ପାଇଁ ମୁଁ ଗଲା ଆଠଦିନ ଧରି କେତେ ଖଣ୍ଡ ଚିଠି ଲେଖି ସେ ଚିରିଲିଣି······।

: ମତେ ଚିଠି ଲେଖିଛ ? ମୁଁ ବ୍ୟାକୁଳ ଆଗ୍ରହରେ ପଚାରିଲି ।

: ହଁ ଲେଖି ରଖିଚି, କିନ୍ତୁ ଦେଇନାହିଁ । ଦେବି-ନ-ଦେବି ଭାବି ଆଠଦିନ ବିତିଯାଇଛି, ଆଉ ଏଇକ୍ଷଣି ଭାବୁଚି···କିଛି କରିବା ଆଗରୁ ଚିନ୍ତା କରି ଦେଖିବାରେ କିଛି ସମୟ ଅପବ୍ୟୟ କରିବାଟାକୁ ଯେଉଁମାନେ ହସି ଉଡେଇ ଦିଅନ୍ତି—ସେମାନେ ବାସ୍ତବିକ ଭୁଲ କରନ୍ତି । ସମୟର ଗୋଟାଏ ଯଥାର୍ଥ ମୂଲ୍ୟ ଅଛି, ଆଉ ଯେ କୌଣସି କାର୍ଯ୍ୟ ପାଇଁ ଯେତେ ବେଶି ସମୟ ଦିଆଯାଏ, ତାର ମୂଲ୍ୟ ସେତିକି ବେଶୀ ଭାବରେ ମିଳେ ।

: ମତେ ସେ ଚିଠି ନ ଦେଇ ଠିକ୍ କରିଚ ବୋଲି ମନେ କରୁଚ, ମୁଁ ପଚାରିଲି ।

: ହଁ, ସେଇଆ ତ ମନେ ହେଉଛି ଏଇକ୍ଷଣି । ସେ ଚିଠି ଦେଇଥିଲେ, ଆଜି କଣ ମୁଁ ଆପଣଙ୍କ ପାଖରେ ଇମିତି ଗର୍ବିତ ଅହଙ୍କାରରେ କଥା କହି ପାରୁଥାଆନ୍ତି ?

ବୁଝି ପାରୁ ନାହିଁ ତୁମ କଥା ।

: ଆପଣ ଠିକ୍ ବୁଝିଛନ୍ତି, କିନ୍ତୁ ମୁହଁରେ ସ୍ୱୀକାର କରିବାକୁ ଚାହାନ୍ତି ନାହିଁ । ଆଚ୍ଛା, କହିପାରିବେ—ଯାହାକୁ ଜଣେ ଭଲପାଏ, ତାକୁ ପାଇଲେ, ଭଲ ପାଇବାଟା ବଢ଼େ ନା କମେ ?

: ପ୍ରଶ୍ନଟା ତୁମର ଗୋଳମାଳିଆ, ମୁଁ କହିଲି । 'ପାଇବା' ଅର୍ଥ ତୁମର ଏଠି କଣ ? ବିବାହ ।

: ହଁ, ଧରନ୍ତୁ ସେଇଆ ଯଦି ହୁଏ, ଅଳକା ନିମ୍ନସ୍ୱରରେ କହି ମୋ ମୁହଁକୁ ଉତ୍ତର ପାଇଁ ସତୃଷ୍ଣ ନୟନରେ ଚାହିଁରହିଲା ।

କହିଲି : ଭଲପାଇବା ଆଉ ବିବାହ ଦୁଇଟା ଅଲଗା କଥା । ମୋ ମତରେ ପ୍ରେମ ସହିତ ବିବାହର କୌଣସି ଆଦର୍ଶଗତ ସମ୍ପର୍କ ନାହିଁ । ପ୍ରେମ ପାଇଁ ପ୍ରେମ । ବିବାହ ପାଇଁ ଯଦି ପ୍ରେମର ପ୍ରୟୋଜନୀୟତା ଅଛି ବୋଲି କେହି କହେ, ତାହେଲେ ମୁଁ କହିବି ସେ ପ୍ରେମର ତାତ୍ତ୍ୱିକ ଅର୍ଥ କଣ ଠିକ୍ ବୁଝି ପାରିନି । ପ୍ରେମର ଅସଲ ସାର୍ଥକତା ହେଲା Love at the first sight ପ୍ରଥମ ଦେଖାରେ ପ୍ରେମ । ପ୍ରେମରେ ପଡ଼ିବାକୁ ଦିନ ମାସ ବା ବର୍ଷର ସମୟ ସାପେକ୍ଷତା କେହି ବିଚାର କରେନା । ସେ ଦୃଷ୍ଟିରୁ ବିଚାର କର ଯେ ପ୍ରେମ କରିବାକୁ ଚାହିଁଛି ସେ ଅସଲରେ ପ୍ରେମ କରିନି—ନିଜକୁ ସାନ୍ତ୍ୱନା ଦେଇଛି, ସେ ପ୍ରେମରେ ପଡ଼ିଛି ବୋଲି । ପ୍ରଥମ ଚାହାଣୀରେ ଭଲ ଲାଗିବା ହେଲା ପ୍ରେମର ଅଭିବ୍ୟକ୍ତି । ଆଉ ସେ ଭଲ ଲାଗିବା ଏପରି ହଠାତ୍ ଆଖି ପିଛୁଳାକେ ହୁଏ ଯେ, ପରେ ବିବାହ ହେବ କି ନାହିଁ ସେ କଥା ଭାବି ଦେଖିବାକୁ ବେଳ ନଥାଏ, ବୁଦ୍ଧି ବି ନଥାଏ । ସେଇଥିପାଇଁ କହିଲି, ଯୁ' ପ୍ରେମର ଉଚ୍ଛ୍ୱାସ ହେଲା ମନ-ରାଜ୍ୟରେ ଏକ ବିଦ୍ୟୁତ୍‌ର ଚମକ ପରି ଭାବନାର ଐନ୍ଦ୍ରଜାଲିକ କୁହୁକ ଭିତରେ, ତା ସହିତ ସାମାଜିକ ବନ୍ଧନର ନୀତି ନିଗଡ଼ ଭିତରେ ବିବାହର ଗତାନୁଗତିକ ଆନୁଷ୍ଠାନିକ ମନ୍ତ୍ର ଉଚ୍ଚାରଣର ସମ୍ପର୍କ ଅଛି କ'ଣ ? କହି, ମୁଁ ଟିକିଏ ରହିଯାଇ କହିଲି, ସେଇଥିପାଇଁ ପ୍ରାୟ ଦେଖିବାକୁ ମିଳେ, ପ୍ରେମର ଅସଲ ଉତ୍ତାପ କମିଯାଇଛି ବିବାହିତ ଜୀବନର ସାମାଜିକ ବନ୍ଧନ ଭିତରେ । ପ୍ରଥମ ଚାହାଣୀରେ ପରସ୍ପରକୁ 'ଭଲ' ଲାଗିବାର ଦୁର୍ବାର ମୋହ ଆଉ ପାଖା-ପାଖି ବସିରହି ପରସ୍ପରକୁ ଦେଖିବାର, ଶୁଣିବାର ଦୁରନ୍ତ ଉତ୍ତେଜନା, ବିଲୁପ୍ତ ହୋଇଯାଇଛି ସ୍ୱତଃସ୍ଫୂର୍ତ୍ତ ପ୍ରେମକୁ ଏକ ଅସ୍ୱାଭାବିକ ପରିଣତି ଭିତରକୁ ଟାଣିଆଣି ବାନ୍ଧି ରଖିବାରେ ।

: ତାହେଲେ ଯେଉଁଠି ପ୍ରେମ ଅଛି ସେଠି କ'ଣ ବିବାହ ହେବା ଉଚିତ ନୁହେଁ ଆପଣଙ୍କ ମତରେ ? ଅଳକା ପଚାରିଲା ।

: ନ ହେବା ଭଲ । ପ୍ରେମ ସୂକ୍ଷ୍ମ, ପରିଣୟ କିନ୍ତୁ ସ୍ଥୂଳ । ପ୍ରେମ ଚିରନ୍ତନ । ବିବାହ ସମୟର ବର୍ଷ-ମାସ-ଦିନର ଗଣ୍ଡି ଭିତରେ ପରିମିତ ।

: କିନ୍ତୁ ଯେତେବେଳେ ପ୍ରେମ କରିସାରିଲା ପରେ କର୍ତ୍ତବ୍ୟର କଥା ମନକୁ ଆସେ ? ଅଳକା ସ୍ନିଗ୍ଧ ଗଳାରେ ପଚାରିଲା ।

: ସେତେବେଳେ ଅବଶ୍ୟ ପ୍ରେମକୁ ସାର୍ଥକ କରିବା ପାଇଁ କେତେକ କଳ୍ପିତ ଦାୟିତ୍ୱକୁ ବହନ କରିବା କଥା ସ୍ୱତଃ ମନକୁ ଆସେ । କିନ୍ତୁ ସେସବୁ ସାମାଜିକ ମତବାଦ—ଅଭ୍ୟସ୍ତ ବୈଷୟିକ ମନର କଥା । ପ୍ରେମପାଗଳ ପ୍ରେମିକ-ପ୍ରେମିକାର ସୂକ୍ଷ୍ମ ରୁଚିବୋଧର କଥା ନୁହେଁ ।

: ତାହେଲେ ଆପଣ କହିବାକୁ ଚାହାନ୍ତି ପ୍ରେମ ହେବ ଦାୟିତ୍ୱହୀନ, ଭଲପାଇବା ହେବ କେବଳ ସୁଖ-ସ୍ୱପ୍ନର ଫୁଲଶଯ୍ୟା । ବିରହ-ମିଳନର ଅଭିସାର ଭିତରେ ତରୁଣ-ତରୁଣୀର ମନ ଆଉ ଦେହର ମିଳନ ହେବ ସୁରଭିମୂର୍ଚ୍ଛିତ କଳ୍ପନାର ଫୁଲଫୁଟା ଉତ୍ସବର ଅଧିବାସ ? କହି ଅଳକା ଟିକିଏ ହସିଦେଇ ପୁଣି କହିଲା—ସେଇଥିପାଇଁ ଆରତି ବିବାହ କରିବା ସମ୍ବାଦରେ ଆପଣ ବିଚଳିତ ହୁଅନ୍ତି । କାରଣ ଆରତିକୁ ଆପଣ ପ୍ରେମ କରନ୍ତି । ପ୍ରେମ କରିବାକୁ ଗଲାବେଳେ ବିବାହ କରି ସେ ପ୍ରେମକୁ ସାର୍ଥକ କରିବାର ପ୍ରତିଶ୍ରୁତି ଆପଣ ଦେଇ ନଥିଲେ ।

: ନା, ନା, ଠିକ୍ ତା ନୁହେଁ ଅଳକା ! ଆରତି ଆଉ ମୋ ଭିତରେ ସମ୍ବନ୍ଧ, ଯାହା ହଠାତ୍ ଆସି ଆମ ଦୁହିଁଙ୍କ ଜୀବନକୁ ଓଲଟ ପାଲଟ କରିଦେଇଛି, ତା ପ୍ରେମ କି ଆଉ କିଛି ମୁଁ ଏପର୍ଯ୍ୟନ୍ତ ଭାବି ଠିକ୍ କରିପାରି ନାହିଁ । ଆଉ ତୁମେ ଯାହା ଭାବୁଛ, ମୁଁ ଆରତିକୁ ପ୍ରେମ କରିବାକୁ ଗଲାବେଳେ କିଛି ପ୍ରତିଶ୍ରୁତି ଦେଇ ନ ଥିଲି—ତା ବି ଠିକ୍ ନୁହେଁ । ମୁଁ ତାକୁ କିଛି ଆଶ୍ୱାସନା ଦେଇଥିଲି, ଦେଇଥିଲି କିଛି ନିର୍ଭର ସାନ୍ତ୍ୱନା । କହିଥିଲି ମୁଁ, ତା ବିପଦରେ ଯାଇଁ ପାଖରେ ଛିଡ଼ା ହେବି । ଭରସା ଦେଇଥିଲି, ତାକୁ ମୋଠାରୁ କେହି ଛିନ୍ନ କରିବାକୁ ବସିଲେ ମୁଁ ନିର୍ମମ ଭାବରେ ପ୍ରତିରୋଧ କରିବି । ପ୍ରତିଶୋଧ ବି ନେବି । ଆଉ ସେଇଆ ଦେଇଥିଲି ବୋଲି ତ ଆଜି ତାର ଚରମ ଦୁର୍ଦ୍ଦିନରେ ତା ପାଖରେ ଯାଇଁ ଛିଡ଼ା ନ ହୋଇ ପାରିବାର ଗ୍ଲାନିରେ ମୁଁ ନିଜ ବିରୁଦ୍ଧରେ ବିଦ୍ରୋହ କରିଉଠିଛି । ମୋ ଅକର୍ମଣ୍ୟତା କଥା ଭାବି ନିଜେ ଦାନ୍ତ ରଗଡ଼ି ନିଜ ତଣ୍ଟି ନିଜ ହାତରେ ଚିପି ଆତ୍ମହତ୍ୟା କରିବାକୁ ମନକୁ ଉଆରି କରୁଛି । ମଝିରେ ମଝିରେ ଚିନ୍ତାକରି ଦେଖୁଛି—ମୁଁ ଆରତିକୁ କ'ଣ ଭଲ ପାଇଛି ? ଭଲ ଯଦି ପାଇଛି, ତା ପାଇଁ ହସି ହସି ମରିବାକୁ ପଚ୍ଛଉଛି କାହିଁକି ?

: ହସି ହସି ମରିବାକୁ ? ଅଳକା ହଠାତ୍ ମୋ କଥା ମଝିରେ ବାଧା ଦେଇ ପଚାରିଲା—ଆଚ୍ଛା, ଯେ ଯାହାକୁ ଭଲପାଏ ସେ ତା ପାଇଁ ହସି ହସି ମରିବା ପାଇଁ ଆଗେଇଯାଏ ନା ?

: ମୋର ତ ସେଇଆ ମନେ ହୁଏ ଅଲକା ! ତା ନ ହେଲେ ଭଲ ପାଇବାର ଅର୍ଥ କ'ଣ ? ପ୍ରେମ କରିବାରେ ମହତ୍ତ୍ୱ କେଉଁଠି ? ପ୍ରେମରେ ଯେ ଆନନ୍ଦ, ପ୍ରେମରେ ଯେ ନିର୍ବାଣ, ପ୍ରେମରେ ଯେ ମୁକ୍ତି, ପ୍ରେମ ପାଇଁ ସର୍ବସ୍ୱ ନ ଦେଇ ପ୍ରେମ ପାଇଁ ହସି ହସି ମରି ନ ପାରିଲେ କ'ଣ ତା ବୁଝିହୁଏ ?

ହଠାତ୍ ଗୋଟାଏ କି ଶବ୍ଦ ! ତଳ ମହଲରେ କାହାର ପାଦ ଶୁଭିଲା । ଦାଦା ଆଉ ବୌଦି ବୋଧହୁଏ ଫେରିଲେ । ରାତି ଅନେକ ହେଇଛି । ଅଲକା କହିଲା : ଆପଣ ଯା'ଆନ୍ତୁ ଶୋଇବେ ।

: ସରୋଜବାବୁ ଫେରିଲେ ? ମୁଁ ମନେ ମନେ ଟିକିଏ ଚମକି ଉଠି ଦୋଷୀଙ୍କ ପରି ଧଡ଼ପଡ଼ ଛିଡ଼ା ହୋଇପଡ଼ିଲି ।

: ନା, ନା, ବ୍ୟସ୍ତ ହେବେନି । ଭୟର କାରଣ କିଛି ନାହିଁ । ବଙ୍ଗାଳୀ ଝିଅ ତା ମନର ତରୁଣ ସହିତ ନିଭୃତରେ ବସି ଆଳାପ କରିବା ତା ସାମାଜିକ ସଂସ୍କୃତି ଅନୁମୋଦିତ । ଆପଣ ନିଶ୍ଚିନ୍ତରେ ତଳକୁ ଯାଇପାରନ୍ତି । ଦାଦା ବା ବୌଦି କେହି କିଛି ଭାବିବାର କାରଣ ନାହିଁ । କିନ୍ତୁ ମୋର ଗୋଟିଏ କଥା କେବଳ ଆପଣଙ୍କୁ ସ୍ମରଣ କରାଇଦେବା ବାକି ରହିଯାଇଛି । ଆପଣ ପ୍ରତିଶ୍ରୁତି ଦେଇଥିଲେ ମୋ ନାଚ ନ ଦେଖି ଯିବେ ନାହିଁ !

: ନା, ନା, କ୍ଷମା କରିବ ଅଲକା ! ତୁମ ନାଚ ମୁଁ ଦେଖି ପାରିବି ନାହିଁ, ମୁଁ ଦେଖିପାରିବି ନାହିଁ । କହି ଅସ୍ତ ପଦକ୍ଷେପରେ ପଳେଇ ଆସିବାକୁ ଉଦ୍ୟତ ହେଉଛି ପୁଣି ମୋ ସାମନାକୁ ଆସି ବାଟ ଓଗାଳିଲା ଅଲକା । କହିଲା, ଆଜି ନୁହେଁ କିନ୍ତୁ ଆଉ ଦିନେ ।

: ବେଶ୍, କିନ୍ତୁ ତୁମର ଗୋଟିଏ ପ୍ରତିଶ୍ରୁତି ଉପରେ । ସେଦିନ ତୁମ ନାଚ ମତେ ଭଲ ନ ଲାଗିଲେ ମୁଁ ଯେ କୌଣସି ମୁହୂର୍ତ୍ତରେ ନାଚ ମଝିରେ ଉଠି ଚାଲି ଯାଇପାରେ ଆଉ ସେ ଚାଲିଯିବାରେ ତୁମେ ଆଜିପରି ସେଦିନ ବାଟ ଓଗାଳି ବାଧା ଦେଇ ପାରିବ ନାହିଁ ।

ହଠାତ୍ କ'ଣ ଭାବି ଅଲକା ତଳକୁ ନଇଁପଡ଼ି ମୋ ପାଦଧୂଳି ନେଇ ମୁଣ୍ଡରେ ମାରିଲା । କହିଲା : ମଞ୍ଜୁର ।

କ'ଣ ହେଇଗଲା କେଜାଣି, ଗୋଟାଏ ପ୍ରବଳ ଉତ୍ତେଜନାରେ ମୁଁ ଦୁଇ ହାତରେ ଅଲକାକୁ ଗୋଡ଼ ଉପରୁ ଉଠେଇଧରି ତା ମୁହଁକୁ ଚାହିଁ ରହି ପୁଲକରେ

ସ୍ତବ୍ଧହୋଇ ଶୁଣିଉଥିଲି । କ'ଣ ଗୋଟାଏ କହିବାକୁ ବି ବଡ଼ ଅସ୍ଥିର ହୋଇଉଠିଲି । କହି ପାରିଲି ନାହିଁ, ପାରିଲି ନାହିଁ । ଅସହ୍ୟ ଆବେଗରେ ଲୁଚି ପଳେଇଆସିଲି ତଳକୁ ।

ସୌଭାଗ୍ୟକୁ ବାରଣ୍ଡା ଉପରେ କାହା ହାବୁଡ଼ରେ ପଡ଼ିଲି ନାହିଁ । ସନ୍ତୋଷବାବୁ ଆଉ କୁସୁମବାଲା ଉଭୟେ ଘର ଭିତରକୁ ଚାଲି ଯାଇଥିଲେ ।

ମୋ ଶୋଇଲା ଘରକୁ ଅଣନିଶ୍ୱାସୀ ହୋଇ ପଶିଯାଇ ଶେଯ ଉପରେ ଶୋଇପଡ଼ି ମୁଁ ଗୋଟାଏ କ୍ଲାନ୍ତିସୂଚକ 'ଆଃ' କହି କଡ଼ ଲେଉଟେଇଲି ।

## ॥ ୨୪ ॥

ବୋଉ ଆସିଥିଲା ଆରତିର ଚିଠି ନେଇ । କିନ୍ତୁ ଖାଲି ଚିଠି ନେଇ ଆସିବା ଛଡ଼ା ଆଉ ମତେ ଆରତିର ବିବାହ ଖବର ଜଣାଇଦେବା ଛଡ଼ା ତାର ଅନ୍ୟ କି ଉଦ୍ଦେଶ୍ୟ ଥିଲା ବୁଝିପାରିଲି ନାହିଁ ।

ହୁଏତ ଦୁଇଟା କଥା ଉଦ୍ଦେଶ୍ୟ ଥାଇପାରେ । ଏକ୍‌ରେ, ବୋଉ ଚାହୁଁନ ଥିଲା ଆରତିର ବାପା ବୋଉ ମତେ ଯେତେବେଳେ ଆକ୍ଷେପ କରି ଗାଳି ଗୁଲଜ କରି ସ୍ଥିର ବିବାହ ଦେଲେ, ସେତେବେଳେ ସେ ବିବାହ ଉତ୍ସବରେ ଉପସ୍ଥିତ ରହିବାକୁ । କାରଣ ତା କୌଣସି ପୁତ୍ରବତ୍ସଳା ଜନନୀର ଧୈର୍ଯ୍ୟର ବାହାରେ । ଦ୍ୱିତୀୟ ହେଲା, ଆରତିର ବାହାଘର କଥା ଶୁଣି ମୋ ମନର ଅବସ୍ଥା କ'ଣ ହେବ—କାଳେ ମୁଁ ପାଗଳ ହେଇଯିବି କି ଘରଦ୍ୱାର ଛାଡ଼ି କୁଆଡ଼େ ବାବନାଭୂତ ହେଇ ପଳାଇବି, ସେଥିପାଇଁ ମତେ ଜଗି ବସିବାକୁ ହୁଏତ ଆସିଥିଲା ।

ସେଇଥିପାଇଁ ସେଣେ ବାହାଘର ପାଳି ସରିଯିବାର ତିନି ଚାରି ଦିନ ପରେ ସେ ମତେ ଆଶ୍ୱସ୍ତ ହୋଇ ପଢ଼ାଶୁଣା କରି ବଡ଼ ମଣିଷ ହେବାର କେତେକ ସଦୁପଦେଶ ଦେଇ ବିଦାୟ ନେଇ ପୁଣି ପୁରୀ ଅଭିମୁଖେ ଫେରିଯିବାର ଆୟୋଜନରେ ବ୍ୟସ୍ତ ହୋଇଉଠିଲା ।

: ଖାଲି ପାଞ୍ଚଦିନ ପାଇଁ କାହିଁକି ଆସିଥିଲୁ ? ମୁଁ ପଚାରିଲି ।

: ଭଲେ ଟିକଏ ଦେଖିଯିବା ପାଇଁ ।

: ଦେଖା ସରିଗଲା ?

: ମୋ ଉପରେ ରାଗ ରାଗ ହେଉଚୁ କାହିଁକି ? ବୋଉ ଟିକିଏ ଅବସର ପାଇଲା ପରେ କହିଲା—ମା'ର କ'ଣ ପୁଅକୁ ଘର ଦନ ଦେଖିଲେ ଦେଖିବା ସରିଯାଏ ?

: କେଜାଣି ? ମୁଁ ପରିହାସ ଗଳାରେ କହିଲି—ମୁଁ କ'ଣ ମା' ହେଇଚି, ମା' ମନକଥା କହିବି ?

: ତୁ ପୁଅ ତ ? ବୋଉ କହିଲା ।

: ହଁ, ପୁଅ ଯେ, ମୁଁ କ'ଣ ତୋର ସେ କୁଳରତ୍ନ ପୁଅ—ଯେଉଁ ପୁଅ ମା' ମନକଥା ଜାଣି ସବୁ କିଛି ଆଗରୁ କରିବସେ ?

: ଏକୋଇର ବଲା ଝଗିକେଶନ, ତୁ ମୋର କୁଳରତ୍ନ ନୋହୁ ଆଉ କ'ଣ ?···କହୁ କହୁ ବୋଉ ହଠାତ୍ ଅଟକିଯାଇ ମନକୁ ମନ ଗୋଟାଏ କି ଶବ୍ଦ ଖୋଜିଲା ପରି ବୁଝାଗଲା ।

ମୁଁ କହିଲି : ତୁ କହି ପାରିବୁନି । ମୁଁ କୁଳରତ୍ନ ନୁହେଁ—କୁଳାଙ୍ଗାର । ଯେଉଁ ପୁଅ ତୋର ଏତେବଡ଼ ବଦନାମ ଅର୍ଜିଲା, ଯେଉଁ ପୁଅ ତୋ ମୁହଁରେ ଚୂନକାଳି ଦେଲା, ଯେଉଁ ପୁଅ ତାର କୀର୍ତ୍ତିକଳାପରେ ତୋ ଘରେ ଭଡ଼ାଟିଆ ଭାବରେ ରହିଥିବା ଗ୍ରୁର ପ୍ରତିବେଶିନୀଠାରୁ ଗାଳି ଭର୍ତ୍ସନା ଶୁଣେଇଲା, ସେ ପୁଅ କ'ଣ କୁଳରତ୍ନ ? ସେ ପୁଅ ଥାଇ କେତେ ନ ଥାଇ କେତେ ?

: କାହିଁକି ଏତେ କଥା କହୁଚୁ ରେ ? ବୋଉ ମୋ ପାଖକୁ ଲାଗି ଆସି, ତା ଛାତି ଉପରକୁ ମତେ ଆଉଜେଇ ନେଇ, ମୁଣ୍ଡରେ ହାତ ବୁଲେଇ ଦେଇ ସ୍ନେହାର୍ଦ୍ର ଗଳାରେ କହିଲା—ପାଗଳାଟା ପରି କ'ଣ ସବୁ କହିଯାଉଛୁ !

: ପାଗଳଟା ପରି ନୁହେଁ ବୋଉ, ବାସ୍ତବିକ ମୁଁ କୁଳକଳଙ୍କ । ସତ କହୁ ତ, ବାପା କ'ଣ ଭାବିଛନ୍ତି ମୋ ସମ୍ବନ୍ଧରେ କମଳା ମାଉସୀଙ୍କ ଗାଳି ଗୁଲଜ ଶୁଣି ?

: ସେ ଅନେକ କଥା ପୁଅ ! ବୋଉ କାନ୍ଦ କାନ୍ଦ ଗଳାରେ କହିଲା, ସେସବୁ କଥା ଯେତେବେଳେ ଘଣ୍ଟା-ଚକଟା ଲାଗିଲା ଆଉ ମୁଁ ଯେତେବେଳେ ତୋ ପଟ ହେଇ ବାପାଙ୍କୁ ବୁଝେଇ ବସିଲି—ରାଗରେ ଖପା ହେଇ ଘର ଦନ କଥା କହିଲେନି ମତେ ।

: ତାପରେ ?

: ତାପରେ ଆଉ କ'ଣ ? ବସିଥିଲେ ତୋ ପାଖକୁ ତାର କରି ଡକେଇ

ପଚରା-ଉଚରା କରିବାକୁ । ମୁଁ କହିଲି—ବୁଢ଼ାଟିଏ ହେଲଣି, ତୁମକୁ ଲାଜ ନାହିଁ ? ତୁମେ କହୁନ କାଶୀନାଥ ବାବୁଙ୍କୁ, ଏତେ ଯଦି ଝିଅକୁ ଆକଟ—ଟିଉସନ କରିବାକୁ ମୋ ପୁଅକୁ ଖୁସାମତ କରି ଘରକୁ ଡାକୁଥିଲେ କାହିଁକି ? ବଢ଼ିଲା ଝିଅକୁ ଛାଡ଼ୁଥିଲେ କାହିଁକି ମୋ ଭେଣ୍ଡା ପୁଅ ପାଖକୁ ? ମୁହେଁ ମୁହେଁ କାଢ଼େଇ ଦଉନ ? ଏତେ ଡର କାହିଁକି ? ଦୋଷ ଖାଲି ମୋ ପୁଅର—ତାଙ୍କ ଝିଅଟି ଗୋଟିକଯାକ ତୁଳସୀ ନା ?

: ତାପରେ ? ମୁଁ ଅସହିଷ୍ଣୁ ହେଇ ପଚାରିଲି ।

: ଆଉ ତାପରେ କ'ଣ ମ ? ତୋ ବାପା, ବୁଝିବାକୁ ଯେଉଁ ରାଘବ ! ଖମ୍ବଆଳୁ ବୁଝିଲା ପରି ସବୁ ଦୋଷ ପକେଇଦେଲେ ମୋରି ଉପରେ । କହିଲେ, ତୁମେ କାହିଁକି ଉମକୁ ଆକଟ କଲ ନାହିଁ ? ଓଲଟି କାଶୀବାବୁଙ୍କୁ ଡାକି କହିଲେ—ସବୁ ଦୋଷ ମୋ ସ୍ତ୍ରୀର, ମତେ କ୍ଷମା କର ।

: ବାପା କ୍ଷମା ମାଗିଲେ ? ମୁଁ ରାଗରେ ଜଳିଉଠିଲା ପରି କହିଲି !

: ମାଗନ୍ତେ ନାହିଁ ଆଉ କ'ଣ କରନ୍ତେ ? ଓକିଲ ହେଇଛନ୍ତି ନା ଛେନା ହେଇଛନ୍ତି ! ରାଗରେ ମୋ ହାଡ଼ ଜଳିଗଲା । କହିଲି, ଭଲ ବୁଝାମଣା କଲ । ବେଶ୍, ମୋର ଯଦି ସବୁଦୋଷ, ତେବେ ଥାଅ ତୁମେ ଏଠି, ମୁଁ ଯାଉଛି ପୁଅ ପାଖକୁ ।

: ଆସିଲାବେଳେ ତାହେଲେ ଝଗଡ଼ା କରି ଆସିଛୁ, ମୁଁ କହିଲି । ତେବେ ଯିବାକୁ ବାହାରିଛୁ କାହିଁକି ଏତେ ଜଲ୍‌ଦି !

: ଯିବ ନାଇଁ ଆଉ କ'ଣ କରିବ ପୁଅ ! କୁଆଡ଼କୁ ହେବ ? କେଲେଇକୁଟି ଖାଇଲି ତ ତମେ ଦି ଜଣ ଦି ପାଖେ । ସେ ଯେମିତି ଅବୁଝାମଣାକୁ ତୁ ସେମିତି ଏକବାଜଆ । କାହାକୁ କ'ଣ କହିବ ? ସେ ସ୍ୱାମୀ, ତୁ ପୁଅ । କହୁ କହୁ ବୋଉର ଗଳା ଲୁହରେ ଓଦା ହେଇଆସିଲା ପରି ଭାରି ଭାରି ଜଣାଗଲା ।

: ତାହେଲେ ତୁ ଯିବୁ ? ଖଟ ଉପରେ କ୍ଳାନ୍ତ ମନରେ ବସିପଡ଼ି ମୁଁ ପଚାରିଲି ।

: ନ ଗଲେ କ'ଣ ସେ ଆଉ ଆମ ଦିହିଁଙ୍କର ଗତଗୋତର ରଖିବେ ! ଏଇ ଚାରି ଦିନ ସେ କେତେ କ'ଣ ଭାବି ରାଗରେ ଜଳିବେଣି ତୁ ଜାଣୁ ?

: ମୋର କିଛି ଜାଣିବା ଦରକାର ନାହିଁ । ତୁ ଯା' କିନ୍ତୁ ମତେ ଆଉ ସେ ଘରକୁ ଡାକିବ ନାହିଁ ।

ଏ ତୁ କ'ଣ କହୁଚୁ ରେ ? ବୋଉ ହାଉଳି ଖାଇଲା ପରି ମୋ ପିଠି ଆଉଁସି ଦେଇ ଦେଇ କହିଲା—ସେ ଘରଦୁଆର ତେବେ କାହା ପାଇଁ ?

ଜାଣିଥିବୁ ତୁ କାହା ପାଇଁ । ମୋର କିଛି ଦୋଷ ନ ଥାଇ, ବାପା ଯଦି ମତେ କିଛି ନ ପଚାରି କାଶୀବାବୁଙ୍କଠୁ କ୍ଷମା ମାଗିଲେ—ତେବେ ସେ ଘରର ଭୁନଆଦର କି ଠେକ ରଖିଲେ ସେ ?

: ଛୁଡ଼, ତାଙ୍କୁ ଯାହା ସୁନ୍ଦର ଦିଶିଲା ସେ ତା କଲେ । କାଶୀବାବୁଟା କି ସେମିତି ଖରାପ ଲୋକ ନୁହେଁ ମ ? ଆରତିବୋଉ ଖଣ୍ଡିକ, କେତେ ସୋଗେଇ ହେଉଥିଲା ତୋ ପାଖରେ, ସେଇ ତ ଲଙ୍କୁଡରେ ନିଆଁ ଲଗିଲା ପରି ସୁରେଶଠୁ କ'ଣ ସବୁ ଶୁଣିଲା କେଜାଣି, ପାଟିରେ ମେଦନୀ କମ୍ପେଇଲା ।

: ସୁରେଶ ? ତେବେ ଏସବୁର ନଟବର ଗୋବର୍ଦ୍ଧନ ନା ? ମୁଁ ରକ୍ତ ଚାଉଳ ଚୋବେଇଲା ପରି ତାତିଉଠିଲି ।

: ହଁ, ସେଇ ସୁରେଶ । ଛୁଞ୍ଚିମୁହାଁ ସୁରେଶ । ତୁ ସିନା ତା ସାଙ୍ଗରେ ରାତିଦିନ ବୁଲୁଥିଲୁ । ଦଣ୍ଡେ ନ ଦେଖିଲେ ପାଗଳ ହେଇଯାଉ । ମୁଁ କିନ୍ତୁ ଦି ଆଖିରେ ଦେଖିପାରେନା ସେ ଟୋକାଟାକୁ । ଭାରି ଚୁପ୍ ସଇତାନ । କହୁ ବୋଉ ତା ଲୁଗାପଟା ସଜାଡ଼ିଲା । ବୋଉର ଯିବାରେ ବାଧା ହେଲି ନାହିଁ ।

ବୋଉକୁ ନେଇ ଷ୍ଟେସନରେ ଗାଡ଼ିରେ ବସେଇଦେଲି । ବୋଉ ଚାଲିଗଲା ।

ବୋଉ ଚାଲିଯିବା କଥା ଭାବି ଭାବି ରିକ୍‌ସାରେ ଘରକୁ ଫେରିବା ବାଟରେ ଆଉ ଜଣକର ଚାଲିଯିବା କଥା ବି ମନେ ପଡ଼ିଲା । ସେ ଆରତି ।

ବୋଉ ଯାଇଁ ପୁରୀରେ ପହଞ୍ଚିଲା ବେଳକୁ ଆରତି ବି ନ ଥିବ
ସେ ବି ଚାଲି ଯାଇଥିବ ।
ଆରତି ଚାଲି ଯାଇଥିବ ।
ଚାଲି ଯାଇଥିବ !

॥ ୨୪ ॥

ସୁରେଶ ଚିଠି ଦେଇଥିଲା କଲିକତାରୁ ।

ସେ ଚିଠିର ମର୍ମ ହେଲା ଆରତି ତା' ବନ୍ଧୁ ଅସୀତଙ୍କୁ ବିବାହ କରି ଖୁବ୍ ସୁଖରେ ରହିଛି । ଚିଠି ଜରିଆରେ ଏ ସମ୍ବାଦ ଜଣାଇବାର ଅସଲ ଉଦ୍ଦେଶ୍ୟ ତା'ର ହେଲା—ମୋ କଟା ଘା'ରେ ଚୂନ ଦେବା, ମତେ ରଗେଇବା, ମତେ ପରିହାସ କରିବା ।

ଆରତିର ବିବାହ ବୃତ୍ତାନ୍ତ ବି ବିଶଦ ଭାବରେ ବଖାଣି ଲେଖିଥିଲା ସୁରେଶ । ଏ ବିବାହ କରେଇବା ମୂଳରେ ତାର ପ୍ରଚ୍ଛନ୍ନ କାରସାଦି, ଆଉ ତା ଚକ୍ରାନ୍ତର ବାହାଦୁରୀ ସବୁ ସ୍ପଷ୍ଟ ହୋଇ ଉଠିଥିଲା ଚିଠିର ଶବ୍ଦସମାରୋହ ଭିତରେ ।

ଥରେ ନୁହେଁ, ଓଲଟ ପାଲଟ କରି ଚାରି ଫାଳର ଦୀର୍ଘ ଚିଠିକୁ ଯେତେଥର ପଢ଼ିଲି ସେତେଥର ମନେହେଲା—ଦୁନିଆରେ କ'ଣ ଏପରି ଦଗାବାଜ୍ ବନ୍ଧୁ ଥାଇପାରନ୍ତି ? ଗୋଟିଏ ଯୁବତୀର ପ୍ରେମ ଲାଗି ଗୋଟିଏ ଯୁବକ କଣ ଏତେଦୂର ପ୍ରତିହିଂସାପରାୟଣ ହୋଇପାରେ ?

କି ନିଗୂଢ଼ ବନ୍ଧୁତା ମୋର ନ ଥିଲା ସୁରେଶ ସହିତ ? କି ଆନ୍ତରିକ ସମ୍ବନ୍ଧ ମୋର ନ ଥିଲା ସୁରେଶ ସହିତ ? ପରସ୍ପରକୁ ଭଲ ପାଇବାର କି ଦୁଃଖ-ଦରଦ ବା ନ ଥିଲା ଉଭୟଙ୍କ ହୃଦୟରେ ? କିନ୍ତୁ କୁଆଡ଼େ ଗଲା ସବୁ ? ଗୋଟିଏ ତରୁଣୀର ପ୍ରେମ ଲାଗି ବର୍ଷ-ବର୍ଷବ୍ୟାପୀ ନିଗୂଢ଼ ସମ୍ପର୍କର ମୂଳଦୁଆ ଭୁଷୁଡ଼ି ପଡ଼ିଲା କେମିତି ?

ଆକାଶ ପାତାଳ କେତେ କ'ଣ ଭାବିଗଲି । ଆରତି ସୁଖରେ ଅଛି ? ସୁରେଶ ଲେଖିଛି । ସୁରେଶ ସବୁ ଜାଣେ । ଆରତି ସୁଖ ସ୍ୱଚ୍ଛନ୍ଦରେ ରହିଥିବା କଥା ଜଣାଇବା ମୂଳରେ ହୁଏତ ସେ କି ଆଶ୍ଚର୍ଯ୍ୟ ହୋଇଛି—ଆରତି ଏତେ ଶୀଘ୍ର ମୋ କଥା ଭୁଲିଯାଇ ଅସିତ୍‌କୁ ଭଲ ପାଇ ତା ସହିତ ପ୍ରେମର ଅମୃତ ନୀଡ଼ ରଚନା କଲା କିପରି ? ତା ସହିତ କିପରି ବାନ୍ଧିଲା ପ୍ରୀତିର ନିଗୂଢ଼ ଡୋରି !

ଫେରି ଭାବିଲି, ଭଲ ହୋଇଛି । ଗୋଟିଏ ଦୃଷ୍ଟିରୁ ସୁରେଶର ଏ ଚିଠି ଖୁବ୍ ଉପକାରରେ ଆସିବ ମୋର ।

କଲିକତାରେ ଆରତି ମତେ ବିବାହ ନ କରି ସେଠି ଅସିତ୍ ଘରେ ଯାଇଁ ମୋ ପାଇଁ ଅଶ୍ରୁପାତ କରୁଛି ବୋଲି ଭାବି ହୁଏତ ଅଯଥା ଛଟପଟ ହୋଇ ମରନ୍ତି । ସେ ଦୁର୍ଭାବନା ଆଉ ଏଣିକି ରହିଲାନି । ସୁରେଶ ଠାରୁ ଆରତିର ସୁଖ ସଂସାର କଥା ଜାଣି ମୁଁ ଏଣିକି ନିଶ୍ଚିନ୍ତ ହୋଇପାରିବି । ମୋ ଭବିଷ୍ୟତ୍ ଗଢ଼ିପାରିବି । ମୋ ଜୀବନର ପଥ ବାଛି ନେଇପାରିବି ।

ଆରତିକି ଭଲ ପାଇଥିଲି । ଆରତିକି ପାଇପାରିଲି ନାହିଁ—କାରଣ ମୁଁ ନିଜେ ଭୀରୁ, ମୁଁ ନିଜେ କାପୁରୁଷ । ଆରତିର ଦୋଷ କ'ଣ ? ସେ କ'ଣ ମୋ ଅପେକ୍ଷାରେ ତାର ସମସ୍ତ ଜୀବନ ନଷ୍ଟ କରିଥାଆନ୍ତା ? ବାପ-ମାଙ୍କୁ ଭ୍ରୂକ୍ଷେପ କରିଥାଆନ୍ତା ? ତାଙ୍କ ଆଦେଶ, ତାଙ୍କ ବ୍ୟବସ୍ଥା ବିରୁଦ୍ଧରେ ବିଦ୍ରୋହ କରିଥାଆନ୍ତା ? କିନ୍ତୁ କାହିଁକି ? ମୁଁ ପୁରୁଷ ପୁଅ ହୋଇ ଯେତେବେଳେ ଚିହ୍ନା ପଡ଼ିବାକୁ ଭୟ କଲି, ସେତେବେଳେ ସାମାନ୍ୟ ଝିଅଟାଏ ହୋଇ ସେ ବା ଦମ୍ଭ ଦେଖାଇଥାଆନ୍ତା କେଉଁ ଭରସାରେ ? କାହା ସାହସରେ ? କି ବିଶ୍ୱାସରେ ? କି ବିଶ୍ୱାସର ପ୍ରତିଶ୍ରୁତି ବା ମୁଁ ଦେଇଥିଲି ତାକୁ ? ସବୁ ଜାଣି ତ ମୁହଁ ଲୁଚେଇ ଛପିରହିଲି ଘର କଣରେ । ଚିଠି ଦେଲି କୋଉ ହାତରେ । ଡକେଇ ପଠେଇଲି, ଅରେ ଆସ ବିବାହ ଆଗରୁ । ମୁଁ କିଛି ମାନିବିନି, ଗୁଡ଼ି ପଳେଇବି ଘର ଦୁଆର ସବୁ କିଛି ଛୁଟିକରି ତୁମ ସାଙ୍ଗରେ । କୁଳର ସମ୍ମାନ କି ବଂଶର ମର୍ଯ୍ୟାଦା କିଛି ଦେଖିବିନି । ମୁଣ୍ଡ ଉପରେ ଆକାଶ ଭାଙ୍ଗିପଡ଼ିଲେ ବି ସେ ମୋ ହାତ ଧରି ବାହାରି ଆସିବ ରାସ୍ତା ଉପରକୁ । ଯୁଆଡ଼େ ମୁଁ ନେଇଯିବି ତାକୁ—ସେଆଡ଼େ ଯିବ ମୋ ସାଙ୍ଗରେ । ବିନା ଦ୍ୱିଧାରେ, ବିନା ପ୍ରତିବାଦରେ । ମୋ ଚଲାବାଟ ହେବ ତା ନାରୀ-ଜୀବନର ମୁକ୍ତିର ପଥ ।

କିନ୍ତୁ କାହିଁ ? ତା ଚିଠି ପାଇ ମୁଁ ଗଲି କେଉଁଠି ? ନ ଗଲି ନାହିଁ, ପଦେ ଚିଠି କ'ଣ ଲେଖିପାରିଲି ସାନ୍ତ୍ୱନା ଦେଇ ?

ତେବେ, ତେବେ କାହିଁକି ଆଜି ସୁରେଶ ଠାରୁ ସେ ସୁଖ ସ୍ୱାଚ୍ଛନ୍ଦ୍ୟରେ ଅଛି ବୋଲି ସମ୍ବାଦ ପାଇ ତା ଉପରେ ରାଗିବି ? ତାକୁ ଅଭିଯୁକ୍ତ କରିବି କି ଦୋଷରେ ? ତାକୁ ପରିହାସ କରିବି କି ଯୁକ୍ତିରେ ? ଏପରି ଭାବରେ ସ୍ୱାର୍ଥପର ହେବା କ'ଣ ମୋର ଉଚିତ ? ଏମିତି ଏକଦର୍ଶୀ ମନୋଭାବାପନ୍ନ କ'ଣ ମୋର ହେବା ସୁନ୍ଦର ? ଦୋଷ କ'ଣ ଆରତିର ? ଭୁଲ ମୋର ନା ତା'ର ?

ଆରତି ସୁଖରେ ଅଛି, ରହୁ । ଆରତି ଅସିତ୍‌ର ଗୃହିଣୀ ହୋଇଛି, ହେଉ । ଆରତି ଅସିତ୍‌ର କଳ୍ପଲୋକକୁ ରଙ୍ଗୀନ୍ କରିଛି ତା ପ୍ରେମର ଇନ୍ଦ୍ରଧନୁ ବର୍ଣ୍ଣଛଟାରେ, ଖୁବ୍ ସୁଖର କଥା । ଆରତି ଧନ୍ୟା ହେଉ ସ୍ୱାମୀର ପ୍ରଣୟ-ଗର୍ବରେ । ଆରତିର

ସୁଖ ତ ମୋର ସୁଖ । ମୁଁ ଆରତିକୁ ଭଲପାଏ, ନା ? ଆରତି ତ ମୋ ପ୍ରତି ଅନ୍ୟାୟ କରି ନାହିଁ ! ମୋ ପ୍ରେମର ଅମର୍ଯ୍ୟାଦା କରି ନାହିଁ ! ମୋ ଭଲ ପାଇବା ପ୍ରତି ପ୍ରତାରଣା କରି ନାହିଁ ! ତେବେ ତାର ସୁଖ ସମ୍ବାଦରେ ମୁଁ ଉଲ୍ଲସିତ ହେବି ନାହିଁ କାହିଁକି ? ସେ ତ ସବୁ ଦେବାକୁ ଚାହିଁଥିଲା ମତେ । ସବୁ ଦିନ ପାଇଁ ସେ ତ ଚାହିଁଥିଲା ମୋର ହୋଇ ରହିବା ପାଇଁ । ମୁଁ ସିନା ତାକୁ ନିଜର କରିପାରିଲି ନାହିଁ, ତାର ସର୍ବସ୍ୱ ଦେବାରେ ସେ ତ ପଛେଇ ନ ଥିଲା ! ତେବେ ଦୋଷ କାହିଁକି ହେବ ତାର ?

ବରଂ ମୁଁ ଧୋକ୍କାବାଜି କରିଛି ଆରତି ସହିତ । ମୁଁ ପ୍ରତାରକ ପରି ତାର ସର୍ବସ୍ୱ ଲୁଣ୍ଠନ କରି ଆତ୍ମଗୋପନ କରି ରହିଲି ତାର ଚରମ ଦୁର୍ଦ୍ଦିନରେ । ମୋର ବରଂ ପ୍ରାୟଶ୍ଚିତ୍ତ କରିବା ଉଚିତ୍ । ମୋର ବରଂ ଆତ୍ମହତ୍ୟା କରିବା ଉଚିତ୍ ।

ସତେ ତ, ଆରତି ବିନା ମୋର ଆଉ କି ଭବିଷ୍ୟତ୍ ଅଛି ଜୀବନରେ ? କି ସୁଖ-ଶାନ୍ତିର ମୋହରେ ମୁଁ ଆଉ ବଞ୍ଚିରହିବି ?

ଯୌବନର ବାସନ୍ତୀ କୁଞ୍ଜରେ ପ୍ରେମମଞ୍ଜରୀର ପ୍ରସ୍ଫୁଟିତ ସୌନ୍ଦର୍ଯ୍ୟ ଯେତେ ଦିନ ଥିଲା ସେତେ ଦିନ । ମନ-ରାଜ୍ୟରେ ଅପ୍ସରାର ଲଳିତ ନୃତ୍ୟ, କଳ୍ପନାର କୁହୁକ ଲୀଳା ଯେତିକି ଥିଲା ସେତିକି । ଆରତି ସାଙ୍ଗରେ ସବୁ ଯାଇଛି, ସବୁ ଯାଇଛି, ସବୁ ଶେଷ ହୋଇଛି ଆରତିର ବିବାହପର୍ବ ସହିତ !! ଆରତି ବିନା ଆଜି ମୋ ଜଗତ୍ ଶୂନ୍ୟ !! ମୋର ବର୍ତ୍ତମାନ ହା-ହୁତାଶମୟ, ମୋ ଭବିଷ୍ୟତ୍ ଏକ ଅସ୍ତୁର ହାହାକାର ! ଜୀବନର ସମସ୍ତ ସରସତା ଆଜି ବିଲୁପ୍ତ । ଗ୍ରୀଷ୍ମର ଝଞ୍ଜା ଭିତରେ, ଅଦିନ ବର୍ଷାର ସଜଳ ବର୍ଷାଧାରା ଶ୍ୟାମଳ ରସର ମାଦକତା ଆଣିଦେଲା ପରି ମୋ ରୁକ୍ଷ ପ୍ରାଣରେ ମରୁ ଉପରେ ପ୍ରେମର ଜାହ୍ନବୀ ଧାରା ବୁହାଇ ଆରତି କେଉଁ ସୁଦୂର ରାଜ୍ୟରେ ଯାଇଁ ତାର ସୁଖସଂସାର ଗଢ଼ି ରହିଲା ରାଣୀର ସୌଭାଗ୍ୟ ନେଇ ସେ ଐଶ୍ୱର୍ଯ୍ୟର ରାଜହଂସପୁରରେ ରହିଲା ସ୍ୱପ୍ନର ଆବେଶରେ । ଆଉ ମୁଁ, ମୁଁ ପଡ଼ିରହିଲି ବିରହର ଜ୍ୱାଳା ନେଇ, ବିଚ୍ଛେଦର ବୃଶ୍ଚିକ ଦଂଶନ ଭିତରେ ହା-ହୁତାଶର ଦାହ ନେଇ ! ବ୍ୟର୍ଥତାର ଅବଶୋଷ ଭିତରେ, ଅନୁଶୋଚନାର ଆତ୍ମଗ୍ଲାନି ଭିତରେ ମୋର ବଞ୍ଚିରହିବା କି ଦରକାର ? ବଞ୍ଚି ରହିବାରେ ବା କି ଶାନ୍ତି ? ତା'ଠୁ ବରଂ ଏ ଘର, ସଂସାର ସମାଜ, ସବୁ କିଛି ଛାଡ଼ି କେଉଁ ଅଜ୍ଞାତ ଲୋକକୁ ଚାଲିଯିବା ଶ୍ରେୟସ୍କର—ଯେଉଁଠି ଆରତିର ସେଇ ଗୋଟିଏ ରାତିର ସଙ୍ଗସୁଖର ସ୍ମୃତିକୁ ଇହକାଳ ପରକାଳର ଅକ୍ଷୟ ସମ୍ପଦ ଭାବେ ସାଇତି ରଖି ମୁଁ ବ୍ରହ୍ମଚାରୀ ହୋଇ ରହିପାରିବି ପରଜନ୍ମରେ ତା ସହିତ ମିଳନ ପାଇଁ, ତପସ୍ୟାରତ ବ୍ରହ୍ମଚାରୀର ସଂଯମ ନେଇ ଯୋଗସାଧନାରେ ଆରତିର ବିବାହିତା ଜୀବନର ସଦ୍‌ଗତି କାମନା କରିପାରିବି ।

ହଠାତ୍ ଭାବନା ମଝିରେ ଆସିଲା ଚନ୍ଦ୍ରାର ଭ୍ରମ । ସୁରେଶ ଚିଠିରୁ ଆରତି ସୁଖ-ଶାନ୍ତିରେ ଅଛି ବୋଲି ଧରିନେବା କ'ଣ ଉଚିତ୍ ? ବାହାଘିଅ ସୁରେଶର ଏପରି ଲେଖି ଜଣାଇବା ମୂଳରେ କିଛି ଗୂଢ଼ ଅଭିସନ୍ଧି ନାହିଁ ତ ?

ଧାରଣା ବଦଳିଗଲା । ଭାବିବସିଲି ସବୁ ସତକୁ ମିଛ ଭାବରେ, ସବୁ ମିଛକୁ ବାସ୍ତବତା ଦୃଷ୍ଟିରୁ । ସୁରେଶକୁ ବୁଝିବା ମୁସ୍କିଲ । ତା ସ୍ୱଭାବ ବଡ଼ ଜଟିଳ । ତା ଚରିତ୍ର ବଡ଼ ସାଙ୍ଘାତିକ । ଆରତିର ଚନ୍ଦ୍ରାକୁ ମୋ ମନଭିତରୁ ସମ୍ପୂର୍ଣ୍ଣଭାବେ ପୋଛି ନିଶ୍ଚିହ୍ନ କରାଇଦେବା ପାଇଁ ସେ ଏପରି ସବୁ କପୋଳକଳ୍ପିତ କଥା ଲେଖି ଜଣାଇ ନାହିଁ ତ ?

ଧରି ତା'ଇ ଯଦି ହୁଏ, ତେବେ ବି ମୋର ଉପାୟ କ'ଣ ? ଆରତି ମୋ କଥା ଏବେ ଭାବୁଛି । ମୋ କଥା ଭାବି ଭାବି ସେ ନ ଖାଇ ନ ପିଇ ଶୁଖି ଶୁଖି ମରୁଛି, ଅସିତର ପ୍ରେମକୁ ପ୍ରତ୍ୟାଖ୍ୟାନ କରିଛି—ତା ପରିବାରଦ୍ୱାରା ପ୍ରତି ପଦେ ପଦେ ଲାଞ୍ଛିତ, ଅପମାନିତ ଆଉ ନିର୍ଯାତିତ ହେଉଛି—ସ୍ୱା' ବି ଜାଣି ମୁଁ କ'ଣ କରିପାରେ ? କି ପ୍ରତିକାରର ପନ୍ଥା ଅଛି ମୋ ହାତମୁଠା ଭିତରେ ? ମୁଁ କ'ଣ ଯାଇଁ ଆରତିକୁ ସେ ନାଗଫାଶରୁ ଉଦ୍ଧାର କରିପାରିବି ? ମୁଁ କ'ଣ ଯାଇଁ ଆରତିକୁ ଭରସା ଦେଇପାରିବି ? ତା ପାଖରେ ଛିଡ଼ା ହେଇପାରିବି ଜୀବନକୁ ବିପଦଗ୍ରସ୍ତ କରି ? ସେ ଦୁଃସାହସ କ'ଣ ମୋର ଅଛି ? ମୋ ମାନସ ପ୍ରତିମାକୁ ଉଦ୍ଧାର କରିବା ପାଇଁ ମୁଁ କ'ଣ ହସି ହସି ମରିବା ପାଇଁ ଅସିତ୍ ଆଗରେ ଯାଇଁ ଛିଡ଼ା ହେଇପାରିବି ? ତାକୁ ନିର୍ଭୀକ ଗଳାରେ କହିପାରିବି, ଫେରାଇ ଦେ ମୋ ହୃଦୟର ରାଣୀକୁ ? ମୁକ୍ତ ଦେ ମୋ ପ୍ରେମର ଇନ୍ଦ୍ରାଣୀକୁ ତୋ ରୁଦ୍ଧ ପ୍ରକୋଷ୍ଠର ଅର୍ଗଳ ଭିତରୁ ? ମୋ ବନ୍ଦିନୀ ପ୍ରିୟାକୁ ମତେ ଫେରାଇ ଦେ, ନଚେତ୍......

ଆଉ ସୁରେଶକୁ ଯାଇଁ କହି ପାରିବି—ରଖ ତୋ ଚାଲବାଜିର କାରସାଦି ! ମତେ ସାହାଯ୍ୟ କର ଆରତିକୁ ଅସିତ୍ ପାଖରୁ ଉଦ୍ଧାର କରିବାରେ । ତୁଇ ତ ଚକ୍ରାନ୍ତ କରି ତାକୁ ମୋଠାରୁ ବିଚ୍ଛିନ୍ନ କରି ଆଣି ଅସିତ୍ ହାତରେ ଦେଇଛୁ । ସବୁ ଜାଣି, ସବୁ ଭଲ ଭାବରେ ହୃଦୟଙ୍ଗମ କରି ମୋ ସହିତ କରିଛୁ ବିଶ୍ୱାସଘାତକତା । ଯଦି ଶେଷ ମୁହୂର୍ତ୍ତରେ ଭଲରେ ଭଲରେ ଆରତିକୁ ଉଦ୍ଧାର କରିବାରେ ମତେ ସାହାଯ୍ୟ ନ କରୁ—ତାହେଲେ ଜାଣିରଖ, ତୋ ମୃତ୍ୟୁ ସୁନିଶ୍ଚିତ । ମୁଁ ତୋର ପ୍ରାଣ ନେବି, ତୁ ଭାବିଛୁ—ମତେ ଏପରି ଭାବରେ ଠକି ଖସି ଚାଲିଯିବୁ । ମୋ ଜୀବନକୁ ଜାଳିଦେଇ ତୁ କଲିକତାରେ ବନ୍ଧୁ ଅସିତ୍ ସାଙ୍ଗରେ ବସି ଠୋ-ଠୋ କରି ବିଦ୍ରୂପର ହସ ହସିବୁ ! ମତେ ଛଟପଟ ହେଇ ମରିବା ପାଇଁ ଚକ୍ରାନ୍ତର ବ୍ୟୂହ ଭିତରକୁ ଠେଲିଦେଇ ତୁ ହାତତାଳି ଦେଇ

ନାଟକୁ । ତା କଦାପି ହେବ ନାହିଁ । ତା ମୁଁ କଦାପି ହେବାକୁ ଦେବ ନାହିଁ । ମୁଁ ଦିନେ ତୋର ପରମ ବନ୍ଧୁ ଥିଲି, ଆଜି ତୋର ପରମ ଶତ୍ରୁ ହେବାକୁ ବି ପଛେଇବି ନାହିଁ । ମୁଁ ତୋ ସହିତ ହସି ହସି ମିଶିଥିଲି—ଦରକାର ପଡ଼ିଲେ ତୋତେ ବିଶ୍ୱାସଘାତକତାର ସମୁଚିତ ଶିକ୍ଷା ଦେବା ପାଇଁ ତୋ ସହିତ ହସି ହସି ମିଶି ବିଷ ବି ଦେଇପାରେ ଏ ହାତରେ । ତୁ ଯଦି ପାଷଣ୍ଡ—ବର୍ବର ହେଇପାରୁ ଗୋଟିଏ ନାରୀର ପ୍ରେମ ଲାଗି, ତେବେ ଯେଉଁ ନାରୀ ମୋ ପାଇଁ ତାର ସର୍ବସ୍ୱ ଦେଇ ଅଶ୍ରୁପାତ କରି ଗୁହାରିବସିଛି, ଆଉ ଯାହାକୁ ପ୍ରାଣ ଦେଇ, ହୃଦୟ ଦେଇ ମୁଁ ଭଲ ପାଏ, ତାକୁ ପାଇବାଲାଗି ତୋ ପରି ପାଷାଣ୍ଡର କଣ୍ଠନାଳୀର ରକ୍ତ ପିଇବା ପାଇଁ ରାକ୍ଷସ ପରି ମୁଁ ନିର୍ମମ ନ ହେଇପାରିବି କାହିଁକି ? ମୁଁ କ'ଣ ଏଡ଼େ ଅପାରଗ ? ଏଡ଼େ ଅପଦାର୍ଥ ? ଏଡ଼େ କାପୁରୁଷ ? ନା, ନା, କେବେ ନୁହେଁ, କେବେ ନୁହେଁ ସୁରେଶ ! ମୁଁ ବି ଶେଷ ପର୍ଯ୍ୟନ୍ତ ଅପେକ୍ଷା କରି ଯଦି ନିରାଶ ହୁଏ, ତେବେ ମୁଁ ବି ତୋଠୁ ବଳି ନିର୍ମମ ଆଉ ପାଷାଣ୍ଡ ହେଇପାରେ ପ୍ରତିଶୋଧ ନେବା ପାଇଁ । ତୋର ରକ୍ଷା ନାହିଁ ସୁରେଶ, ତୋର ଗତ୍ୟନ୍ତର ନାହିଁ । ତୁ ପ୍ରସ୍ତୁତ ରହ ।

ମନେ ମନେ ଚିନ୍ତା କରୁ କରୁ ମୋ ଅଜାଣତରେ ମୁଁ ପାଟିକରି ଉଠିଲି । ଆଉ ଠିକ୍ ସେତିକବେଳେ ଘର ଭିତରକୁ ସରୋଜବାବୁ ପଶି ଆସି ଆଶ୍ଚର୍ଯ୍ୟରେ ଅମ୍ଭିକି ଛିଡ଼ା ହୋଇଗଲେ—ଏ କ'ଣ ? ହାତରେ ଖଣ୍ଡେ କାଗଜ ଧରି, ଚିଠି ବୋଧହୁଏ ସେଇଟା, ସରୋଜବାବୁ କହିଲେ—ତୁମେ ଏମିତି କାହାକୁ କ'ଣ ପାଇଁ ପ୍ରସ୍ତୁତ ହେବାକୁ ସତର୍କ କରଉଛ ଉମାବାବୁ । କ'ଣ ହେଇଚି ତୁମର ?

ଚମକି ଉଠିଲି ମୁଁ । ଆରେ, ସରୋଜବାବୁଙ୍କ ପାଖରେ ମୁଁ ଧରା ପଡ଼ିଗଲି ନା କ'ଣ ? କହିଲି—ନା, ନା—ଘରୁ ଗୋଟାଏ ଚିଠି ଆସିଥିଲା—ବୋଉ ଯାଇଁ ଏଣୁ ତେଣୁ କ'ଣ ସବୁ ଲେଖିଛି । ଭଲ ଲାଗିଲା ନାହିଁ, ସେଥିପାଇଁ ମନେ ମନେ ବିରକ୍ତ ହେଉଥିଲି ।

: କିନ୍ତୁ ମା'ଙ୍କ ଚିଠି ପଢ଼ି ଏତେ ଉତ୍ତେଜିତ ହେବାର କ'ଣ ଅଛି ? ସରୋଜବାବୁ ସନ୍ଦେହ ଦୃଷ୍ଟିରେ ମୋ ଆଡ଼େ ଚାହିଁ କହିଲେ—ତୁମେ ମତେ ଲୁଚଉଛ । ଚିଠିଟା ବୋଧହୁଏ ଆଉ କାହାର !

: ଠିକ୍ କହିଛନ୍ତି । ଏଥର ଆଉ ସରୋଜବାବୁଙ୍କୁ ଲୁଚେଇଲି ନାହିଁ । କହିଲି, ଚିଠିଟି ମୋର ଗୋଟାଏ ବନ୍ଧୁର । କଲିକତାରୁ ଆସିଛି । ମୋ ସହିତ ସେ ବିଶ୍ୱାସଘାତକତା କରିଛି । ପରେ କେବେ ଆପଣଙ୍କୁ ସବୁ କହିବି । ଏକ୍ଷଣି ରାଗରେ ମୁଁ ଅସ୍ଥିର । କିଛି ବୁଝାଇ କହିପାରିଲା ପରି ଅବସ୍ଥାରେ ନାହିଁ ।

: ବେଶ୍, ପରେ କହିବେ । ସରୋଜବାବୁ ହସି ହସି ମୋ ପିଠିରେ ହାତରଖି ସାନ୍ତ୍ୱନା ଦେଇ ପରି କହିଲେ, ବନ୍ଧୁ ହିଁ ତ ବିଶ୍ୱାସଘାତକତା କରେ । ଦୁନିଆର ସଚରାଚର ନିୟମ ଏଇଆ । ସମାଜରେ ଯେତେ ରକ୍ତାକ୍ତ ବିପ୍ଳବ ଏ ପର୍ଯ୍ୟନ୍ତ ଦେଖା ଦେଇଛି, ସବୁ ହିଁ ତ ବନ୍ଧୁ ପ୍ରତି ବନ୍ଧୁର ନିମକହାରାମ ପଣିଆ ପାଇଁ । ବନ୍ଧୁ ପ୍ରତି ବନ୍ଧୁର ଠକାମି ଆଉ ପ୍ରବଞ୍ଚନାପୂର୍ଣ୍ଣ ପ୍ରତାରଣା ପାଇଁ ।

: ରକ୍ତାକ୍ତ ବିପ୍ଳବ ? ମୁଁ ସରୋଜବାବୁଙ୍କ କଥା କେତେପଦ ଭିତରୁ ଏଇ ଦି'ପଦ କଥା ବାଛିନେଇ ମନକୁ ମନ ଉଚ୍ଚାରଣ କରି ଉଠିଲି—ବିଶ୍ୱାସଘାତକତାର ଜବାବ ରକ୍ତାକ୍ତ ବିପ୍ଳବ ଭିତରେ ଦିଆଯାଏ, ନା ?

: ତା' ଛଡ଼ା ଆଉ କି ରାସ୍ତା ଅଛି ? ବିଶ୍ୱାସ ମଣିଷକୁ କରେ ଦେବତା ଆଉ ବିଶ୍ୱାସଘାତକତା ମଣିଷକୁ କରେ ରାକ୍ଷସ । ବିଶ୍ୱାସ ଉପରେ ବଢ଼ିଉଠେ ସୁଖର ସାମ୍ରାଜ୍ୟ, ଜୀବନର ସଂହତି ।

ସମାଜର ଅମୃତମୟ ସମୃଦ୍ଧି କେବଳ ବିଶ୍ୱାସ ଆଉ ଭ୍ରାତୃତ୍ୱ ଉପରେ ହିଁ ବିଶ୍ୱମୈତ୍ରୀ ପ୍ରତିଷ୍ଠିତ । ବିଶ୍ୱାସ ଯଦି ତୁଟିଯାଏ, ବିଶ୍ୱାସଘାତକତା କରାଯାଏ—ତା ହେଲେ ହିଁ ତ ମଣିଷ ପାଲଟେ ରାକ୍ଷସ ! ପ୍ରତିହିଂସା ଆଉ ପ୍ରତିଶୋଧ ନେବା ପାଇଁ କ୍ରୋଧର ଶାଣିତ ତରବାରୀ ଝକ୍ ଝକ୍ କରି ଉଠେ । ବିଦ୍ରୋହ ଜାଗି ଉଠେ । ବିପ୍ଳବ ନାଚି ଉଠେ । ତାତି ଉଠେ ରକ୍ତ । ଅବଶ୍ୟମ୍ଭାବୀ ହୁଏ ରକ୍ତପାତ !! କେହି ରୋକି ପାରେ ନାହିଁ । କୌଣସି ଶକ୍ତି ବାଧା ଦେଇ ପାରେ ନାହିଁ । ଅମୃତପୁତ୍ର ମଣିଷ, ବିଶ୍ୱାସହରା ହେଲେଇ ତ ପାଲଟେ ରାକ୍ଷସ । ଆଉ ନିଜେଇ କରେ ନିଜର ଅନିଷ୍ଟ, ନିଜ ଜୀବନର ସର୍ବନାଶ, ନିଜ ସମାଜର ସର୍ବନାଶ, ଧ୍ୱଂସର ହଲାହଲମୟ ତାଣ୍ଡବରେ···

: ବାଃ ! ଉତ୍ତେଜିତ ହେଇଉଠିଲି ଶୁଣି ଶୁଣି ସରୋଜବାବୁଙ୍କ କଥା । ସରୋଜବାବୁ ଆପଣ ତ ମୋଠୁ ବଳି ଦୁର୍ଦ୍ଦାନ୍ତ !

ଆପଣ କି ଆଶ୍ଚର୍ଯ୍ୟ ଯୁକ୍ତିବାଦୀ !

ମୁଁ ଜାଣି ନ ଥିଲି ଆପଣଙ୍କର ଏ ଶାନ୍ତ-ସମ୍ମୋହନ ଚେହେରା ତଳେ ଏପରି ଅଗ୍ନି-କମଳର ଲେଲିହାନ ଶିଖା ଆତ୍ମଗୋପନ କରି ରହିଛି ବୋଲି । ବେଶ୍ । ମୁଁ ଯାହା ଖୋଜୁଥିଲି ପାଇଗଲି । ମୁଁ ଅନ୍ଧାରରେ ଆଲୋକ ଖୋଜୁଥିଲି । ଅମଡ଼ାବାଟରେ ରାସ୍ତା ଖୋଜୁଥିଲି । ମୁଁ ଧନ୍ଦାଳି ହେଉଥିଲି । କ'ଣ କରିବି ? କୁଆଡ଼େ ଯିବି ? ଆପଣ ହିଁ ମତେ ନିର୍ଦ୍ଦେଶ ଦେବେ । ଆପଣହିଁ ମତେ ବାଟ କହିଦେବେ ଲକ୍ଷ୍ୟପଥରେ ପହଞ୍ଚିବା ପାଇଁ । ସରୋଜବାବୁ ! ସବୁ କିଛି କହିବି ମୁଁ ଆପଣଙ୍କୁ···

: ଉତ୍ତେଜିତ ହେବ ନାହିଁ । ମୁଁ ଅଛି, ବରାବର ଅଛି ତୁମ ପାଖେ ପାଖେ । ଯେତେବେଳେ ଯାହା ଚାହିଁବ—ସବୁ ଦେବ, ସବୁ କରିବ ।

: ଧନ୍ୟ ହେଲି । ଆନନ୍ଦର ଆତିଶଯ୍ୟରେ ମୁଁ ସରୋଜ ବାବୁଙ୍କ କୋଳରେ ମୁହଁ ଗୁଞ୍ଜି ଲେଟିପଡ଼ିଲି । କି ଦୁର୍ଲଭ ସାନ୍ତ୍ୱନାରେ ମୋ ଦଗ୍ଧହୃଦ୍ ପ୍ରାଣ ଭରିଗଲା କେଜାଣି, ସବୁ କିଛି ଦୁର୍ବଳତା ଲୁଚାଇବାକୁ ଚେଷ୍ଟା କରିବା ସତ୍ତ୍ୱେ ମୋ ଆଖି ଲୁହରେ ଛଳ ଛଳ ହୋଇ ଆସିଲା ।

## ॥ ୨୭ ॥

ଦୁଃଖ-ନୈରାଶ୍ୟରେ ମୁଁ ଏତେ ମ୍ରିୟମାଣ ହୋଇ ପଡ଼ିଛି ଯେ ହୃତ୍ପିଣ୍ଡରେ ସ୍ପନ୍ଦନ ଅଛି କି ନାହିଁ, ଜାଣିପାରେ ନାହିଁ । ସବୁ ଯେପରି, କୌଣସି ଯାଦୁକରର ମନ୍ତ୍ର ଭିତରେ କାଠ କଣ୍ଢେଇ ନାଚିଲା ପରି ମୁଁ ବାଧ୍ୟବାଧକତାରେ କରେ । ପଢ଼ିବାକୁ ହୁଏ ବୋଲି ପଢ଼େ । ଖାଇବାକୁ ହୁଏ ବୋଲି ଖାଏ । ନ ଖାଇ ନ ପିଇ ଯଦି ଦିନ କଟିଯିବାର ହୋଇ ଥାଆନ୍ତା, ତା' ବି କରିବାରେ ମୁଁ ପଛୁନ୍ତ ନାହିଁ । ମଗ୍ନମନ ଆଉ ନିଷ୍ପ୍ରାଣ କାର୍ଯ୍ୟକ୍ରମ ଭିତରେ ମୁଁ ନିଜକୁ ନିଜେ ଯେପରି ଉପହାସ କଲା ପରି ଏକ ବିଦ୍ରୂପର ଭାଷାଳି ନେଇ ଚଲାବୁଲା କରେ ।

କେବେ କେବେ ଉଦ୍‌ଭ୍ରାନ୍ତଙ୍କ ପରି ବସି ଭାବେ—ଏଣିକି ମୋ ଜୀବନର ଲକ୍ଷ୍ୟ କ'ଣ ? ପଢ଼ି ମଣିଷ ହେବି ? କିନ୍ତୁ ମଣିଷ ହୋଇ ବଞ୍ଚି ରହିବାରେ ଲାଭ ବା କ'ଣ ? ଯେତେବେଳେ ଘର-ସଂସାର ପ୍ରତି ମୋ ମନ ବୀତଶ୍ରଦ୍ଧ ହୋଇଉଠିଛି, ମନ ତିକ୍ତ ହୋଇଉଠିଛି, ସାଂସାରିକ ନୀତି ନିୟମ ଭିତରେ ବିଶ୍ୱାସଘାତକ ସମାଜ ପ୍ରତି, ସେତେବେଳେ ବଞ୍ଚି ରହିବାରେ ତାତ୍ପର୍ଯ୍ୟ କ'ଣ ?

କିନ୍ତୁ ଖାଲି ଚାହିଁଦେଲେ ତ ଜୀବନର ଶେଷ ହୋଇଯାଏ ନାହିଁ । ଜହର ଖାଇ ଆତ୍ମହତ୍ୟା ନ କଲା ପର୍ଯ୍ୟନ୍ତ ପ୍ରାଣ ନେଇ ଛଟପଟ ହେବାକୁଇ ପଡ଼ିବ । ଆଉ ଆତ୍ମହତ୍ୟା ଯେତେବେଳେ ପାପ, ସେତେବେଳେ ଜୀବନର ଶେଷ ଯବନିକା ନ ପଡ଼ିଲା ପର୍ଯ୍ୟନ୍ତ କିଛି ନାହିଁ କିଛି କରିବାକୁଇ ପଡ଼ିବ ।

ଦୁନିଆର ସବୁ କିଛି ପ୍ରଲୋଭନ ଭିତରୁ ବାହାରେ ରହି, ଏକ ତପସ୍ୱୀର ନିର୍ଲିପ୍ତ ସ୍ୱଭାବ ଆଉ ମାୟାବିମୁଖ ବୈରାଗ୍ୟ ମନ ନେଇ ନିଜକୁ ଯେତେବେଳେ

କଠୋର ସାଧନା ପଥରେ ଅଭ୍ୟସ୍ତ କରିବାକୁ ଚେଷ୍ଟା କରୁଛି, ସେତେବେଳେ ହଠାତ୍ ଦିନେ ଅପରାହ୍ଣରେ ମୋ ସାମନାରେ ପୁଣି ଆସି ଛିଡ଼ାହେଲା ଅଳକା ।

: କ'ଣ ତୁମର ଦରକାର ? ରୁକ୍ଷ ଗଳାରେ ପଚାରିଲି ।

: ସଦାବେଳେ ମୋର ଆପଣଙ୍କ ପାଖକୁ ଆସିବା ପଛରେ କ'ଣ କିଛି ଦରକାର ଥାଏ ? ଅଳକା ଓଷ୍ଠାଗ୍ରରେ ଟିକିଏ ହସି ଦେଇ କହିଲା ।

: ତା' ନ ହେଲେ ତୁମେ ଆସିଥାନ୍ତ କାହିଁକି ଏ ଅସମୟରେ ? ପୁଣି ଗଲ କେତେଦିନ ଧରି ଯେତେବେଳେ ତୁମ ଛାଇ ଦେଖିବାକୁ ପାଇନି ଏ ଘରର ଅନ୍ଧକନ୍ଦରେ···

: ସତେ ? ଅଳକା ଆଉରି ଟିକିଏ ଖୋଲା ହସ ହସି କହିଲା, ମୋ ଛାଇ ନ ଦେଖି ଆପଣଙ୍କର ଏତେ ଦୁଶ୍ଚିନ୍ତା ? ଆଶ୍ଚର୍ଯ୍ୟ, ମୋ ଛାଇ ପ୍ରତି ଆପଣଙ୍କର ହଠାତ୍ ମାୟା ଜାଗିଲା କେବଠୁ ?

କ'ଣ ଗୋଟାଏ ବେଆଡ଼ିଆ କଥା କହିବସିଛି ଯେମିତି, ଅଳକା ମୋ କଥା ଧରି ପରିହାସ କରିବାରୁ ବୁଝିପାରିଲି । କହିଲି : ନା ନା ଏତେ ଗୁରୁତ୍ୱ ଦେଇ ମୁଁ କିଛି କହିନି । କହୁ କହୁ ଏମିତି କହି ପକେଇଛି । ଆସିବାରେ କିଛି ଯଦି ଖାସ୍ ଉଦ୍ଦେଶ୍ୟ ନାହିଁ, ବସ ତେବେ । ମୋର ଆପତ୍ତି ନାହିଁ ।

: ଧନ୍ୟବାଦ ଆପଣଙ୍କୁ ।

: ଆଜି ବଡ଼ ବେଶୀ ଶିଷ୍ଟାଚାରିଣୀ ବୋଧ ହେଉଛ ଯେ ତୁମେ, ବଡ଼ ଭଦ୍ରୋଚିତ—ଧନ୍ୟବାଦ, ଆଜ୍ଞା, ଆପଣ···

କାହିଁକି ? ଆପଣଙ୍କ ପ୍ରତି ମୁଁ ତ କେବେ ବେଖାତିର ମନଭାବ ଦେଖାଇ ନାହିଁ ଏ ପର୍ଯ୍ୟନ୍ତ ! ଶିଷ୍ଟାଚାରିଣୀ ହେବା କଥା କାହିଁକି କହିଲେ ? ଅଳକା ହଠାତ୍ ମୁହଁ ଲମ୍ବ କହିଲା ।

: ଆଚ୍ଛା, କଡ଼ା ହୋଇଯାଇଛି ମୋ ମନ୍ତବ୍ୟଟା । ମୁଁ ଫେରାଇ ନେଉଛି । ଏଥର କୁହ···

: କହିବାର ଯାହା ଥିଲା, ତା ଶୁଣାଇଲା ପରି ପରିବେଶ ନାହିଁ । ଅଫିସରୁ ଦାଦା ଆସନ୍ତୁ, ସେ କହିବେ କମ୍ପା ବୌଦି···ତାଙ୍କୁ ଯାଇଁ ପଠାଇ ଦଉଛି, କହି ଅଳକା ଯିବାକୁ ଉଦ୍ୟତ ହେଲା ।

: ଶୁଣ, ଅଳକା ହାତ ଧରି ପକାଇଲି ଅନ୍ୟମନସ୍କ ଭାବରେ । କହିଲି, ତୁମେଇ କୁହ । ସରୋଜବାବୁଙ୍କ ପର୍ଯ୍ୟନ୍ତ କଥା ଗଡ଼େଇବା ଦରକାର ନାହିଁ । କ'ଣ କୁହ । ତୁମ ଘରେ ରାତିରେ ଖାଇବାକୁ ହେବ ?

: ନା । ଅଲକା ସ୍ତବ୍ଧ ହୋଇ ମୋ ସାମ୍‌ନାରେ ଛିଡ଼ା ହୋଇ କହିଲା, ଆଜି ଆପଣ ଅନ୍ୟମନସ୍କ କାହିଁକି ?

: ଅନ୍ୟମନସ୍କ ? କାହିଁ ?

କାହିଁ ? ଅଲକା ମୋ ଆଡ଼କୁ ବିସ୍ଫାରିତ ଦୃଷ୍ଟିରେ ଚାହିଁ କହିଲା : ମୋ ହାତ ଧରି ପକେଇଛନ୍ତି ଅନ୍ୟମନସ୍କଭାବରେ ଦେଖି ପାରୁଛନ୍ତି ? କହି ସେ ମୋ ହାତମୁଠା ଭିତରୁ ତା କୁସୁମ-କୋମଳ କରପଲ୍ଲବଟିକୁ ମୁକ୍ତ କରିନେବାକୁ ବ୍ୟର୍ଥ ଚେଷ୍ଟା କଲା ।

: ନା, ହାତ ଛାଡ଼ିବି ନାହିଁ । କୁହ, ଖାଲି ମୋ ଅନ୍ୟମନସ୍କତା ଲକ୍ଷ୍ୟ କରିଚ ନା ଆଉ କିଛି ?

: ହଁ, ଆଉ କିଛି ବି । ଅସହାୟତା । ଆପଣଙ୍କର ଶୋଚନୀୟ ଅସହାୟତା !

: ଅବାକ୍ କଲ ମତେ ଅଲକା ! ମୁଁ ତା ହାତକୁ ଜୋରରେ ଚିପି ଦେଇ କହିଲି : ମୋର ନିଦାରୁଣ ଅସହାୟତା କଥା କେମିତି ଜାଣିପାରିଲ ତୁମେ ? କେମିତି ଧରିନେଇ ପାରିଲ ମୁଁ ଆଜି ଅସମ୍ଭବ ରକମର ବିଚଳିତ ! ହା-ହୁତାଶ ଭିତରେ ଅତି ଶୋଚନୀୟ ଭାବରେ ଭାଙ୍ଗି ପଡ଼ୁଛି, କେମିତି ଜାଣିପାରିଲ ତୁମେ ଅଲକା ?

ଟିକିଏ ମୁରୁକି ହସିଲା ଅଲକା । କହିଲା : ଆପଣ ତ ଆଜି ଭାଙ୍ଗି ପଡ଼ି ନାହାନ୍ତି—ଭାଙ୍ଗି ପଡ଼ିଛନ୍ତି ଯେଉଁଦିନୁ ଶୁଣିଛନ୍ତି ଆରତିର ବିବାହ କଥା—ଆଉ ବେଶୀ ଭାବରେ ବିବ୍ରତ ହୋଇ ପଡ଼ିଛନ୍ତି ଯେଉଁଦିନ ରାତିରେ ମୋ ସୀତାର ବଜା ଶୁଣିବାକୁ ଯାଇଁ ମତେ ଯୁକ୍ତି କରି ବୁଝାଇବାକୁ ଚେଷ୍ଟା କରିଛନ୍ତି : ପ୍ରେମ ସହିତ ବିବାହର କୌଣସି ଆଦର୍ଶଗତ ସମ୍ପର୍କ ନାହିଁ ।

: ସବୁ ଜାଣ ଯଦି, ମତେ ତେବେ ବିରକ୍ତ କରିବାକୁ ଆସିଲ କାହିଁକି ? ମୁଁ ଏକାକୀ ରହିବାକୁ ଚାହୁଁଛି, ନିର୍ଲିପ୍ତ ଆଉ ନିର୍ବିକାର···

: ବେଶ୍, ମୁଁ କିଛି ସାହାଯ୍ୟ କରିପାରେ ? ଅଲକା ପଚାରିଲା ।

: ହଁ ସାହାଯ୍ୟ ନବା କଥା ଅଛି ଅଲକା ! ଦେଇ ପାରିବ ତମେ ?

: ଏବେ ବି ସନ୍ଦେହ ଅଛି ?

: ନା, ନା, ସନ୍ଦେହ କଥା ନୁହେଁ । ମୁଁ ଟିକିଏ ରହିଯାଇ କହିଲି, ମତେ ତୁମର ନାଚ ଦେଖାଇବାକୁ ସେଦିନ ରାତିରେ କହିଥିଲ । କେବେ ଦେଖାଇ ପାରିବ ?

: ମୋ ନାଚ ଦେଖିବେ ? ଅଳକା ଶୁଷ୍କିଲ ହସରେ ମୋ ଆଡ଼କୁ ଆଶ୍ଚର୍ଯ୍ୟ ଦୃଷ୍ଟିରେ ଚାହିଁ କହିଲା : ମୋ ନାଚ ଦେଖିଲା ପରି ମନ ଆଉ ଆପଣଙ୍କର ଅଛି ?

: ମନ ?

: ହଁ, ମନ । ଯେଉଁ ମନ ନେଇ ଗୋଟିଏ ପ୍ରେମାସକ୍ତା ତରୁଣୀର ନାଚ ଦେଖାଯାଏ, ଯେଉଁ ମନ ଥିଲେ ନୃତ୍ୟ-ଉନ୍ମାଦିନୀ ଗୋଟିଏ ଯୁବତୀର ନାଚର ଛନ୍ଦ କିଛି ବୁଝାଯାଏ ! ଅଛି ଆପଣଙ୍କର ସେ ଉଦ୍ଦାମ ମନର ଭାବାବେଗ ?

ଠିକ୍ କହୁଚ, ଠିକ୍ ଧରିଚ । ଗୀତ ନାଚ ଶୁଣିଲା ପରି କି ଦେଖିଲା ପରି ସରସ ସବୁଜ ମନ ଆଉ ମୋର ନାହିଁ । ନ ରହିବା ପାଇଁ ମୁଁ ସାଧନା ବି କରୁଛି ଅଳକା ! ଆଉ ଆଜି ତୁମ ମୁହଁରୁ ସେ ସାଧନାର ସଫଳତା ସମ୍ବନ୍ଧରେ ଶୁଣି ମୁଁ ଆତ୍ମପ୍ରସାଦ ଅନୁଭବ କରୁଛି ।

: ସାଧନାର ସଫଳତା ନା ବିଫଳତା ? ଆପଣଙ୍କ ମୁହଁରେ ସେ ଅପ୍ରାକୃତ ସାଧନାର ବିକୃତି ଏତେ ବେଶୀ ପ୍ରତିଫଳିତ—ମୋର ତ ମନେହୁଏ, ଆଉ କେତେ ଦିନ ପରେ ଆପଣ ଏକ ବ୍ୟାଧିଗ୍ରସ୍ତ ଲୋକ ପରି କଦର୍ଯ୍ୟ ହୋଇଉଠିବେ ।

: ସେଇଥାଇ ମୁଁ ଚାହେଁ । ମୁଁ ଚାହେଁ, ଜୀବନର ସମସ୍ତ ସରସତା ହରାଇ ମୁଁ ଯେପରି ଏକ ରୁଗ୍ଣ ଦେହର ଭିତରେ ପୋଡ଼ା କାଠ ପରି ବୀଭତ୍ସ ଦେଖାଯାଏ ।

: କିନ୍ତୁ କାହିଁକି ? ଆପଣ ଯା ହୋଇ ନ ପାରିବେ, ଆପଣ ଯାହା ହେବା ଉଚିତ୍ ନୁହେଁ—ତା ହେବାକୁ ଚେଷ୍ଟା କରିବା ମୂଳରେ ଉଦ୍ଦେଶ୍ୟ କ'ଣ ? ଆପଣ କ'ଣ ଆରତିକୁ ଆଉ ପାଇପାରିବେ ? ଆରତି ବିବାହିତା—ତା ସୁଖର ସଂସାର ନେଇ ସେ ରହିଛି । ତା କଥା ଆପଣଙ୍କର ଭାବିବା ବି ଆଜି ଅନ୍ୟାୟ ।

: କିନ୍ତୁ ମୁଁ ଯେ ଆରତିକି ଭଲ ପାଇଥିଲି ଅଳକା ! ମୁଁ ତାକୁ ଭୁଲିଯିବି ? ଜଣକୁ ମନ-ପ୍ରାଣ ଦେଇ ଭଲପାଇଲେ କ'ଣ ଭୁଲି ହୁଏ ?

: ନା, ଭୁଲି ହୁଏନା, ଭୁଲିବା ଉଚିତ ବି ନୁହେଁ—କିନ୍ତୁ ଯଦି ଉଭୟ ପକ୍ଷରୁ ପରସ୍ପରକୁ ନ ଭୁଲିବାର ସାଧନା ଥାଏ ।

: ଉଭୟ ପକ୍ଷ ? ତୁମେ ଆରତି କଥା କହୁଚ ? କିନ୍ତୁ ଆରତି ମୋ କଥା ଯେ ନ ଭାବୁଛି—ମୋ ପାଇଁ ନ ଖାଇ ନ ପିଇ ଝୁରି ନ ମରୁଚି, ଏ କଥା ତା ତୁମେ କହିବ କିପରି ?

: କହୁଚି ଏଇଥିପାଇଁ, ସେ ବିବାହ କରିଛି ବୋଲି ।

: ତା ଛଡ଼ା ଆଉ କି ଉପାୟ ଥିଲା ତାର ?

: କାହିଁକି ଜହର ତ ଖାଇ ପାରିଥାନ୍ତା ବିବାହ-ବେଦୀ ଉପରକୁ ଗଲା ଆଗରୁ !

: ଜହର ?

: ହଁ, ଜହର । ସେଦିନ ଘରେ ଆପଣ ତ ମତେ କହୁଥିଲେ, ପ୍ରେମ ପାଇଁ ମରି ନ ପାରିଲେ ପ୍ରେମ କ'ଣ ? କହି ହଠାତ୍ ଉଠି ଛିଡ଼ା ହୋଇପଡ଼ିଲା ଅଳକା ।

: ଯିବ ନା କ'ଣ ? ମୁଁ ପଚାରିଲି । ପଦେହେଲେ କିଛି ନ କହି ଅଳକା କ୍ଷଣକରେ ଘର ଭିତରୁ ଚାଲିଗଲା । ମୁଁ ଶୂନ୍ୟଦୃଷ୍ଟିରେ ତା ଆଡ଼କୁ ଚାହିଁ ଚାହିଁ ଭାବିଲି—କୁଆଡ଼େ ଆସିଥିଲା ଅଳକା ? କାହିଁକି ବା ଆସିଥିଲା ? ମୋର କଥାରେ ମତେ ଏମିତି ଅପମାନିତ କରିଗଲା କାହିଁକି ? କାହିଁକି···

## ॥ ୧୭ ॥

ବୋଉର ଚିଠି ପାଇ ଦିନକ ପାଇଁ ପୁଣି ଆସିଥିଲି ।

ସେଦିନ ରବିବାର ।

ଏ ଭିତରେ ଆମ ଘରୁ ଆରତିର ପରିବାର ସମସ୍ତେ ଅନ୍ୟ ଭଡ଼ା ଘର ଖୋଜି ଚାଲିଯାଇଛନ୍ତି । ବିରାଟ କୋଠାଟା ଯେପରି ନିଶୂନ୍, ନିର୍ଜନ ! ସାରା ଦିନଟା ତଳୁ ଉପରକୁ, ଉପରୁ ତଳକୁ, ଏ ଘର ସେ ଘର ହୋଇ କାଟିଲି । ପ୍ରଥମେ ଯେଉଁ ଘରେ ଆରତି ସହିତ ଦେଖା—ସେଇ ଘରେ ଯାଇଁ କିଛିକ୍ଷଣ ସ୍ତବ୍ଧ ହୋଇ ଛିଡ଼ାହେଲି । ମନେହେଲା ଯେପରି, ଏବେ ବି ସେ କକ୍ଷର ଶୂନ୍ୟ ପରିବେଶ ଭିତରେ ଆରତିର ମଧୁର ଚପଳ ଗନ୍ଧର ମୂର୍ଚ୍ଛିତ ତରଙ୍ଗ ଭାସି ବୁଲୁଛି । ଆଖିରେ ଲୁହ ଛଳ ଛଳ ହୋଇଆସିଲା । କୁଆଡ଼େ ଗଲା ଆରତି ? ମତେ ଏକା କରି, ମୋ ସମସ୍ତ ଜୀବନକୁ ସାହାରା ମରୁଭୂମି ପରି ପୋଡ଼ି ଛାରଖାର କରି କୁଆଡ଼େ ଲୁଚିରହିଲା ସବୁଦିନ ପାଇଁ । କୁଆଡ଼େ ଗଲା ମୋ ହୃଦୟର କୌସ୍ତୁଭମଣି—ମୋ ଜୀବନର ଧ୍ରୁବତାରା—ମୋ ଜୀବନର ପାରିଜାତ !!

ବାହାରିଆସିଲା ଏକ ଦୀର୍ଘଶ୍ୱାସ ମୋ ଅଲକ୍ଷ୍ୟରେ ।

କେତେବେଳଯାଏଁ ସେଇ ଘର ଝରକା ପାଖରେ ଠିଆହୋଇ ଶୂନ୍ୟ ଆକାଶକୁ ଗୃହିଁ ଗୃହିଁ କ'ଣ ସବୁ ଭାବୁଥାଆନ୍ତି କେଜାଣି, ଯଦି କୋଉ ଆସି ମତେ ଡପା ଗଳାରେ ଡାଗିଦ କଲା ପରି ଡାକ ନ ଆନ୍ତା ! ଭଲେ କିଏ କାହାକୁ ଡାକୁଚିରେ ଉମ ! ସଞ୍ଜ କେତେବେଳୁ ଲାଗିଲଣି, ଅନ୍ଧାରରେ ଏ ଘରଟାରେ ଏକୁଟିଆ କ'ଣ କରୁଚୁ ?

: କିଏ ଡାକୁଚି ? ମୁଁ ତରତରରେ ଘରଭିତରୁ ବାହାରିଆସି ଦାଣ୍ଡକୁ ଗଲି । ଦେଖିଲି, ରାସ୍ତା ଉପରେ ଧଳା ଚପ୍‌କନପିନ୍ଧା ଅର୍ଦ୍ଧଲି ପରି ଗୋଟାଏ କିଏ ଲୋକ ଠିଆ ହୋଇଛି । କ'ଣ ଦରକାର ? ମୁଁ ପଚାରିଲି ।

: ଉମାକାନ୍ତ ବାବୁ ଏଠି କିଏ ଅଛନ୍ତି ? କହି ସେ ଗୋଟାଏ ଚିଠି ମୋ ଆଡ଼କୁ ବଢ଼ାଇଦେଲା ।

ଖୋଲି ଦେଖିଲି । ଇଂରାଜୀରେ ଦି ଧାଡ଼ି ଲେଖା । ତାର ମର୍ମ—ମତେ ପୁରୀ ବି. ଏନ୍. ଆର୍. ହୋଟେଲରେ ଅନୁଗ୍ରହ କରି ଦେଖାକରନ୍ତୁ । କିଛି ସନ୍ଦେହ କରିବେ ନାହିଁ । ମୁଁ ଆପଣଙ୍କର ପରିଚିତ ନ ହେଲେ ବି ଆପଣଙ୍କ ନାଁ ମୋର ଅତି ପରିଚିତ । ଏଠାକୁ ଆସିଲେ ମୋ ପରିଚୟ ଆପଣ ପାଇପାରିବେ ।

ଅର୍ଦ୍ଧଲିକୁ ସନ୍ଧ୍ୟାର ଧୂସର ଅନ୍ଧକାର ଭିତରେ ଥରେ ଆପାଦମସ୍ତକ ନିରୀକ୍ଷଣ କଲି । ତାପରେ ପଚାରିଲି : ତୁମେ ଓଡ଼ିଆ ତ ?

: ଆଜ୍ଞା !

: ବି. ଏନ୍. ଆର୍. ହୋଟେଲରେ ତ ସାହେବ ଆସି ରହନ୍ତି !

: ହଁ ଆଜ୍ଞା, ଏ ବି ଆମ ଦେଶୀ ସାହେବ ।

: ଏ କ'ଣ ଓଡ଼ିଆ ?

: କହିପାରିବିନି ଆଜ୍ଞା ! ହୋଟେଲର ମ୍ୟାନେଜର ମତେ ଏ ଚିଠିଟି ଦେଲେ ଆପଣଙ୍କ ଘର ଖୋଜି, ଦେବା ପାଇଁ । ମୁଁ ବିଶେଷ କିଛି କହିପାରିବି ନାହିଁ । ରାସ୍ତା ଉପରେ ମଟର ଥୁଆ ହୋଇଛି । ଆପଣ ଯିବେ ଯଦି ମୋ ସଙ୍ଗରେ ମଟରରେ ବସେଇ ନେଇଯିବାକୁ ହୁକୁମ୍ ହୋଇଛି ।

ବହୁଦିନ ତଳେ ଗୋଟାଏ ଇଂରାଜୀ ଡିଟେକ୍‌ଟିଭ ଉପନ୍ୟାସର ଗୋଟାଏ କୌଣସି ଚରିତ୍ରକୁ ଏପରି ଚିଠି ଲେଖି ଡକାଇ ପଠାଇବା ଘଟଣା ପଢ଼ିଲା ପରି ଏସବୁ ବ୍ୟବସ୍ଥା ମନେହେଲା । ତଥାପି ଭୟର କିଛି କାରଣ ନାହିଁ ଜାଣି ଘର ଭିତରକୁ ଯାଇଁ ଜାମିଜଟା ଗଳେଇ ଅର୍ଦ୍ଧଲି ସାଙ୍ଗେ ମଟରରେ ବସିଲି ।

ରାସ୍ତାରେ ବତୀ ଲଗି ଯାଇଥିଲା ବହୁତ ବେଳୁ ।

ହୋଟେଲ ସାମନାରେ ବଡ଼ ବଡ଼ ଝାଉଁଗଛ । ରାତିର ଅନ୍ଧକାର ସେ ଝାଉଁଗଛର ଛାଇ ଭିତରେ ଆହୁରି ଭୟଙ୍କର ହୋଇଉଠିଛି । କିନ୍ତୁ ସେଇ ଭୟଙ୍କର ରାତି ଭିତରେ ବିରାଟ ବି. ଏନ୍. ଆର୍. ହୋଟେଲର ଆଲୋକ-ଉଦ୍ଭାସିତ ରୂପ ଖୁବ ଚମତ୍କାର ଲାଗିଲା ମତେ । ପୁରୀରେ ମୋର ଜନ୍ମ । ତେବେ ବି ଏଇ ପ୍ରଥମ ଥର ପାଇଁ ଆସିଛୁ ଏ ହୋଟେଲର ସୀମା ଭିତରକୁ । ପ୍ରଥମେ ଟିକିଏ ଭୟ-ଭୟ ଲାଗିଲା । ସାହେବ-ସୁବାଙ୍କର ସ୍ୱପ୍ନ ମହଲ ! ଫୁର୍ତ୍ତି ଆଉ ଆନନ୍ଦର ହରିଲୁଟ ଏଠି ! ଆମ ପରି ଲୋକ ଏଠି ବେଖାପ୍ !

ମତେ ବାରଣ୍ଡା ଉପରକୁ ଉଠିବାର ଦେଖି ହୋଟେଲର ମ୍ୟାନେଜର ମିଃ ଥମାସ୍ ଆଗେଇଆସି କହିଲେ : ଆପଣ ଉମାକାନ୍ତ ବାବୁ ?

ସମ୍ମତିସୂଚକ ମୁଣ୍ଡ ହଲେଇଲି ।

ସେ କହିଲେ : ଆପଣ ଓ୍ୱେଟିଂ ହଲ୍‌ରେ ଅପେକ୍ଷା କରନ୍ତୁ । କଥାଭାଷାରୁ ମନେହେଲା, ମ୍ୟାନେଜର ଜଣେ ଆଙ୍ଗ୍ଲୋ ଇଣ୍ଡିଆନ । ତାଙ୍କର ସାହେବୀ କାଇଦାରେ ଚାଲି-ଚଳଣିରୁ ସ୍ପଷ୍ଟ ବି ମନେହେଲା ଯେ ସେ ମର୍ତ୍ତ୍ୟଲୋକରେ ନାହାନ୍ତି, ସୁରା ଆଉ ସାକିର ମାଦକମୟ ଜଗତରେ ଯେପରି ଡେଣା ମେଲେଇ ଭାସି ବୁଲୁଛନ୍ତି । ମନେ ମନେ ଟିକିଏ ହସି ତାଙ୍କ ପଛେ ପଛେ ଯାଇଁ ଗୋଟିଏ ସୁସଜ୍ଜିତ ଡ୍ରଇଂ ରୁମ୍‌ରେ ଅପେକ୍ଷା କଲି ।

ବେଶୀ ସମୟ ପାଇଁ ନୁହେଁ । ସାଙ୍ଗେ ସାଙ୍ଗେ ଦରଓ୍ୱାନ ଆସି କହିଲା, : ଆସନ୍ତୁ ମୋ ସାଙ୍ଗରେ । ଯନ୍ତ୍ରଚାଳିତବତ୍ ମୁଁ ତା ପଛେ ପଛେ ଗଲି । ରୁମ୍ ନମ୍ବର ପାଞ୍ଚର ଦୁଆର ସାମ୍ନାରେ ଛିଡ଼ା ହୋଇ ଦରଓ୍ୱାନ ମତେ ନିର୍ଦ୍ଦେଶ ଦେଲା ଭିତରକୁ ଯିବା ପାଇଁ ।

ସବୁଜ ରଙ୍ଗର ଗୋଟାଏ ଦାମୀ ପରଦା ଝୁଲୁଥିଲା ଦୁଆର ମୁହଁରେ ।

ପରଦା ଟିକିଏ ଘାଞ୍ଚେଇ ଦେଇ ଭିତରକୁ ଚାହିଁଚି କି ନାହିଁ, ଭିତରୁ କେଣ୍ଟ ମୋଟା ଗଳାରେ ଆବାଜ ଶୁଭିଲା : କମ୍ ଇନ୍...

ପଶିଗଲି ଭିତରକୁ । ଯାହା ଦେଖିଲି ମୋ ଆଖି ଝଲସିଗଲା । ବିରାଟ ଘର । ଘର ଚଟାଣ ଉପରେ ପଡ଼ିଛି ଦାମୀ କାର୍‌ପେଟ । ଆଉ ସେଇ କାର୍‌ପେଟ ଉପରେ ଘର ମଝିକୁ ମେହଗାନି କାଠର ବଡ଼ ଟେବୁଲ ଚାରିପାଖେ ପଡ଼ିଛି ମୋଟା ଗଦି ଅଣ୍ଟା ମୂଲ୍ୟବାନ୍ ଚେୟାର ଚାରି ଖଣ୍ଡ । କାନ୍ଥ ପାଖକୁ ଲମ୍ବା ଲମ୍ବା ସୋଫା । କଣକୁ ତେରେଛା ହୋଇ ବିରାଟ ଏକ ଡ୍ରେସିଂ ଟେବୁଲ — ବେଲ୍‌ଜିୟମ କାଚର ଲମ୍ବା ଚଉଡ଼ା ଆଇନା । ସାମ୍ନାରେ ଠିଆହେଲେ ପୁରା ଚେହେରା ଦେଖାଯିବ ।

କାନ୍ଥମାନଙ୍କରେ ରଙ୍ଗୀନ ତୈଳ ଚିତ୍ର—ସୁନେଲି ଫ୍ରେମ୍ ବନ୍ଧା । କିଛି ପ୍ରାକୃତିକ ଦୃଶ୍ୟ, ଆଉ କିଛି ସୁନ୍ଦରୀ ତରୁଣୀଙ୍କର ନଗ୍ନ ଦେହର ଛବି । ବୋକାଙ୍କ ପରି ଘରର ଚାରିପାଖକୁ ଚାହିଁ ଯେତେବେଳେ ଟେବୁଲ ଆଗକୁ ଆଗେଇଲି, ଜଣେ ଶ୍ୟାମଳ ରଙ୍ଗର ଦୀର୍ଘକାୟ ଯୁବକ ବସିଲାଠାରୁ ଉଠିପଡ଼ି ମୋ ଆଡ଼କୁ ହାତ ବଢ଼େଇଦେଇ ସ୍ପଷ୍ଟ ଓଡ଼ିଆରେ କହିଲେ : ଆସନ୍ତୁ ଉମାକାନ୍ତ ବାବୁ ! ମୁଁ ଆପଣଙ୍କୁ ହଠାତ୍ ଏମିତି ଦେଖିବାକୁ ପାଇବି ଆଶା କରି ନ ଥିଲି ।

ସେ ହାତ ବଢ଼େଇଥିଲେ କରମର୍ଦ୍ଦନ କରିବା ପାଇଁ । ମୁଁ କିନ୍ତୁ ହାତ ଯୋଡ଼ି ନମସ୍କାର କଲି ।

: ବସନ୍ତୁ । ସେ କହିଲେ । ଆପଣ କଟକରେ ପଢ଼ୁଛନ୍ତି ନା ?

: ହଁ, ଆଜି ଦିନକ ପାଇଁ ପୁରୀ ଆସିଛି ।

: ଜାଣେ । ମୁଁ କାଲି ବି ଲୋକ ପଠେଇଥିଲି ଆପଣଙ୍କ ଘରକୁ । ସେଇଠୁ ଖବର ମିଳିଥିଲା ଆଜି ଆପଣ ଆସିପାରନ୍ତି ଦିନକ ପାଇଁ ।

ଚମତ୍କାର ଓଡ଼ିଆ । କିନ୍ତୁ ଚେହେରାରେ କେମିତି ବଙ୍ଗାଳୀ ବଙ୍ଗାଳୀ ଭାବ । କହିଲି : ଆପଣଙ୍କ ନାଁ ଜାଣିପାରେ ?

: ନିଶ୍ଚୟ ଜାଣିବେ । ଯଥା ସମୟରେ ମୁଁ ଆପଣଙ୍କୁ ନାଁ କହିବି । ତାପରେ ଖଣ୍ଡେ ଚୁରୁଟ ମୁହଁରେ ଧରି ଦିଆସିଲି ମାରୁ ମାରୁ କହିଲେ—ହୁଏତ ଟିକକ ପରେ ମତେ ନାଁ କହିବାକୁ ବି ନ ପଡ଼ିପାରେ । ଆପଣ ମୋ ନାଁ ଜାଣିଛନ୍ତି ବୋଲି ନିଜେ କହିବେ । ଆଚ୍ଛା, ଆପଣଙ୍କୁ ଏଠାକୁ ଡକାଇ ପଠାଇବାଦ୍ୱାରା ଆପଣଙ୍କ ସମ୍ମାନରେ କିଛି ଆଞ୍ଚ ଲାଗିନି ତ ?

: ଆଞ୍ଚ ଲାଗିଥିଲେ ମୁଁ ଆସିଥାଆନ୍ତି କାହିଁକି ?

: ବେଶ୍, ଜାଣି ଖୁସି ହେଲି ।

ଏତିକିବେଳେ ଏ ଘର ସହିତ ସଂଲଗ୍ନ ପାଖ ଘରର ଦୁଆର ସାମନାରେ ଗୋଲାପୀ ରଙ୍ଗର ପରଦା ହଠାତ୍ ଦୋହଲିଲା ପରି ମନେହେଲା । ମୁଁ ସେଣିକି ଚାହିଁବାମାତ୍ରେ ଭଦ୍ରଲୋକ କହିଲେ : କିଛି ମନେ କରିବେ ନାହିଁ—ମୁଁ ଆପଣଙ୍କ ସହିତ ମୋ ପ୍ରେମିକାଙ୍କୁ ପରିଚିତ କରାଇ ଦେଉଛି । କହି ଦୁଆର ଆଡ଼କୁ ଟିକିଏ ଆଗେଇଯାଇଁ ଯେଉଁ ତରୁଣୀଟିର ହାତ ଧରି ସେ ମୋ ସାମନାକୁ ଆସି ମତେ ପରିଚୟ କରାଇ ଦେଲେ, ଦେଖିଲି ସେ ଯେପରି ନଗ୍ନ ଯୌବନର ଏକ ଜୀବନ୍ତ ପ୍ରତିଛବି !! ତରୁଣୀଟି ମତେ ନମସ୍କାର କଲେ । ମୁଁ ବି ଏତେସବୁ ରହସ୍ୟଘେରା ଘଟଣା ଭିତରେ ଆବା-କାବା ହୋଇଗଲା ପରି ପ୍ରତି-ନମସ୍କାର ଜଣାଇଲି ।

: ମିସ୍ ବେଲା ମଜୁମଦାର, ମୋର ପ୍ରଥମ କଲେଜ-ଜୀବନର ସହପାଠିନୀ । ସେତେବେଳେ ତାଙ୍କୁ ପୁରୀ ଆଣି କୋଣାର୍କ ଦେଖାଇବାର ପ୍ରତିଶ୍ରୁତି ଦେଇଥିଲି । ଏତେ ଦିନକେ ତା ଫଳବତୀ ହେଲା । କହି ଚେୟାରରେ ବସିବାକୁ ମିସ୍ ବେଲାଙ୍କୁ ସଙ୍କେତ ଦେଇ ନିଜେ ବସି କହିଲେ ଭଦ୍ର ଯୁବକ—ମିସ୍ ବେଲା, ଏ ହେଉଛନ୍ତି ଉମାକାନ୍ତ ବାବୁ ! ଯାହାଙ୍କ ପ୍ରଶଂସା ଶୁଣି ତୁମ କାନ ବଧିର ହୋଇଯାଇଛୁ ।

: ମୋ ପ୍ରଶଂସା ? କାହାଠୁ ଶୁଣିଛନ୍ତି ମିସ୍ ବେଲା ?

ବେଲା କ'ଣ କହିପକାଇବାକୁ ଯାଉଥିଲେ, ହଠାତ୍ ଇଙ୍ଗିତ କରି ବାଧା ଦେଲେ ଭଦ୍ର ଯୁବକ—ଟିକକ ପରେ ଜାଣିବେ । ଆଗେ କୁହନ୍ତୁ, ଆପଣ ଫେରିଯିବା ପାଇଁ ଖୁବ୍ ବ୍ୟସ୍ତ ନୁହନ୍ତି ତ ?

: ତା ନୁହେଁ ଅବଶ୍ୟ । ତେବେ ବେଶୀ ରାତି ଯାଏଁ ମୁଁ ରହିପାରିବିନି ।

: ଭୟ କ'ଣ ? ହୋଟେଲର ଗାଡ଼ି ନେଇ ଛାଡ଼ି ଦେଇ ଆସିବ ଆପଣଙ୍କୁ ।

ମୁଁ ନୀରବ ରହିଲି ।

: କ'ଣ ଆପଣ ଭଲ ପାଆନ୍ତି ? ରମ୍ ନା ବ୍ରାଣ୍ଡି ?

ଆଶ୍ଚର୍ଯ୍ୟରେ ଚମକି ଉଠିଲି । କହିଲି : ମୋ ବନ୍ଧୁଙ୍କଠାରୁ ଆପଣ ନିଶ୍ଚୟ ଜାଣିଥିବେ ମୁଁ କିଛୁ ଭଲ ପାଏ ।

ଏଣିକେ ହୋ ହୋ କରି ହସିଉଠିଲେ ମିସ୍ ବେଲା । କହିଲେ : ଠିକ୍ ଉତ୍ତର ପାଇଚ ଅସିତ୍ ! ଉମାକାନ୍ତ ବାବୁ ତୁମକୁ ଠିକ୍ ଜବତ୍ କରିଛନ୍ତି ।

ଅସିତ୍ ? ମୁଁ ଆଶ୍ଚର୍ଯ୍ୟରେ ଚମକି ଉଠିଲି ମନେ ମନେ । ବିସ୍ଫାରିତ ଦୃଷ୍ଟିରେ ଚାହିଁଲି ଭଦ୍ର ଯୁବକଙ୍କୁ—ଅସିତ୍ ? ଏଇ ତେବେ ଆରତିର ବିବାହିତ ସ୍ୱାମୀ ? ଆଖି ଝାପସା ହେଇଗଲା । ସମସ୍ତ ଘର ଯେମିତି ଘର୍ ଘର୍ ହେଇ ବୁଲିଲା ପରି ଜଣାଗଲା ମତେ ।

: କ'ଣ କଲ ମିସ୍ ବେଲା ? ଏତେ ତାଡ଼ିଦ୍ ସଙ୍ଗେ ମୋ ନାଁଟା ଫାସ୍ କରି କହିଦେଲ ତୁମେ !

ଆଗଠାରୁ ମୁଁ ଟିକଏ ଗମ୍ଭୀର ହେଇ ବସିଲି । ଭାରି ମଜା ତ ? ଅସିତ୍, ମିସ୍ ବେଲାଙ୍କୁ ସାଙ୍ଗରେ ନେଇ ପୁରୀ ସଫର୍‌ରେ ଆସିଛନ୍ତି । କଥା କ'ଣ ? ମନେ ମନେ ଆକାଶ-ପାତାଳ କେତେ କ'ଣ ଭାବିଲାଗିଲି ।

: ମୋ ନାଁ ମିସ୍ ବେଲାଙ୍କ ମୁହଁରୁ ଶୁଣିସାରିଲା ପରେ ନିଶ୍ଚୟ ଜାଣିପାରୁଥିବେ ଆପଣଙ୍କ ପ୍ରଶଂସା କାହା ପାଖରୁ ଶୁଣି ଶୁଣି ମିସ୍ ବେଲାଙ୍କ କାନ ବଧିର ହେଇଯାଇଥିବା କଥା ମୁଁ ଟିକକ ଆଗରୁ କହିଛି !

: ହଁ, ଜାଣିପାରୁଛି । ସେ ମୋର ପରମ ବନ୍ଧୁ ସୁରେଶ । କହି ମୁଁ ଦୀର୍ଘ ନିଶ୍ୱାସ ପକେଇଲି ।

: ସୁରେଶ ଆପଣଙ୍କର କେବଳ ପରମ ବନ୍ଧୁ ନୁହେଁ, ମୋର ଆଉ ମିସ୍ ବେଲାଙ୍କର ମଧ୍ୟ ।

: ଆପଣମାନେ ନିଶ୍ଚୟ ମୋଠାରୁ ପରା ଭାଗ୍ୟବାନ୍ ।

: ସିଓର୍ ! ସିଓର୍ !! ଅସିତ୍ କହିଲା । ସୁରେଶର ବନ୍ଧୁତା ପୃଥିବୀର ଯେ କୌଣସି ଲୋକ ପକ୍ଷରେ ଏକ ଗର୍ବର କଥା !

ମୁଁ ଟିକିଏ ଓଠ ବଙ୍କେଇ ହସିଲି । କହିଲି : ସେ ତାହେଲେ କହି ନାହିଁ, ମୁଁ ବ୍ରାଣ୍ଡି ଭଲ ପାଏ କି ରମ୍ ? ଜିନ୍ ଭଲ ପାଏ କି ହୁଇସ୍କି ?

: ତା ଅବଶ୍ୟ ସେ କହି ନାହିଁ । କିନ୍ତୁ ଆପଣ—ନା, ନା, ମତେ ଏଣିକି ଆପଣ ବଦଳରେ ତୁମେ ବୋଲି ସମ୍ବୋଧନ କରିବାକୁ ଅନୁମତି ଦିଅନ୍ତୁ ।

: ବେଶ୍ । ମୁଁ ସ୍ଥିର ଗଳାରେ ଅନୁମତି ଦେଲି ।

ଟ୍ରେଟିକୁ ଦି ଥର ଖୁବ୍ ଜୋରରେ ଟାଣିନେଇ ମତେ ଥ୍ରୀ କାସଲ୍ ଟିଣରୁ ଖଣ୍ଡେ ସିଗାରେଟ ନେବା ପାଇଁ ନିର୍ଦ୍ଦେଶ ଦେଇ କହିଲା ଅସିତ୍ : ତୁମେ ଯେତେବେଳେ ତାର ପରମ ବନ୍ଧୁ, ସେତେବେଳେ ମତେ ଧରିନେବାକୁ ହେବ, ତୁମେ ରମ୍ ହିଁ ଭଲପାଅ ନିଶ୍ଚୟ । କାରଣ ସୁରେଶ ତ କେବଳ ରମ୍ ଭଲପାଏନା—ସେ ତା'ଠୁ ଆହୁରି କଡ଼ା, ଆହୁରି ସାଂଘାତିକ—ରମ୍‌ର କକ୍‌ଟେଲ୍ ଭଲ ପାଏ ।

ମୁଁ ଟିକିଏ ହସିଲି । କହିଲି : ଆପଣଙ୍କ କଥାରୁ ବୁଝୁଛି, ମୁଁ କିନ୍ତୁ ଆପଣଙ୍କ ପରି ସୁରେଶର ଅନ୍ତରଙ୍ଗ ବନ୍ଧୁ ନୁହେଁ । ସୁରେଶ ରମ୍‌ର କକ୍‌ଟେଲ ଭଲ ପାଏ, କାହିଁ, ତା ସହିତ ବର୍ଷ ବର୍ଷ ବ୍ୟାପି ବନ୍ଧୁତା ଭିତରେ ତ ମୁଁ ତା ପିଇବା ରୁଚିର ଏତେ ବଡ଼ ସମ୍ବାଦ ଜାଣିପାରି ନ ଥିଲି । କହି ଟିକିଏ ରହିଯାଇ କହିଲି—ମତେ କିନ୍ତୁ କ୍ଷମା କରିବେ । ମୁଁ ରମ୍ କି ରମ୍‌ର କକ୍‌ଟେଲ୍ କୌଣସି ରକମର ପାନୀୟର ଭକ୍ତ ନୁହେଁ ।

: ଆଶ୍ଚର୍ଯ୍ୟ ! କହିଲା ଅସିତ୍, ତାହେଲେ ଆପଣଙ୍କ ସମ୍ବନ୍ଧରେ ଯାହା ସବୁ ଶୁଣିଛି ସୁରେଶ ମୁହଁରୁ ସବୁ କ'ଣ ମିଛ ?

: ମାନେ ! ମୁଁ ସ୍ପଷ୍ଟଭାବରେ ଅସିତ୍‌କୁ ଚାହିଁଲି ।

: ମାନେ ! କହି, ଅସିତ୍ ମୋ ମୁହଁରୁ ତା ଦୃଷ୍ଟି ଫେରାଇନେଇ ଚାହିଁଲା ମିସ୍ ବେଲାଙ୍କୁ । ତାପରେ ଅର୍ଦ୍ଧ ସ୍ୱଗତ ଭାବରେ ମନକୁ ମନ ପ୍ରଶ୍ନ କଲା—ତାହେଲେ ଆଉ ଥରେ ତୁମେ ଭଲ ପାଇ ନ ଥିଲ ? ମୋ ବିବାହିତା ସ୍ତ୍ରୀ ଆରତି......

ଏ ଭିତରେ ଗିଲାସରେ କିଛି ସାମାନ୍ୟ ଢାଳି କେତେବେଳେ ମିସ୍ ବେଲ ଅସିତ୍ ହାତକୁ ବଢ଼େଇ ଦେଇଛି ଆଉ ଅସିତ୍ ତାର ସଦ୍‌ବ୍ୟବହାର କରିଛି—କଥା ଲହରରେ ମୁଁ ଠିକ୍ ଲକ୍ଷ୍ୟ କରିପାରି ନାହିଁ । ତେବେ ନିଶା ଜୋରରେ ଅସିତ୍ ଯେ ଏପରି ସହଜ ଆଉ ନିର୍ଲଜ ଭାବରେ ଆରତି ସହିତ ମୋ ସମ୍ପର୍କ ସମ୍ବନ୍ଧରେ ଏପରି ଅଦ୍ଭୁତ ପ୍ରଶ୍ନ ପଚାରି ବସିଲା, ତା କି ମନେ ହେଲା ନାହିଁ ।

ମତେ ନୀରବ ରହିବା ଦେଖି ପୁଣି ପ୍ରଶ୍ନ କଲା ଅସିତ୍ : କିନ୍ତୁ ମୁଁ ଯେ ଆରତି ଚିଙ୍କରୁ ତୁମର ଚିଠି ପାଇଛି—ସେ କ'ଣ ମିଛ ?

ଲଜ୍ଜାରେ ମୋ ମୁହଁ କଳା ପଡ଼ିଗଲା । କ'ଣ କହିବି କିଛି ଭାବି ପାରିଲି ନାହିଁ—ହଠାତ୍ ଏପରି ଭାବରେ ପୂର୍ବ ଆସି, ହୋଟେଲର ରୁଦ୍ଧ ପ୍ରକୋଷ୍ଠ ଭିତରେ ବସେଇ ରଖି, ପାଖରେ ସହପାଠିନୀ ମିସ୍ ବେଲ ଆଉ ସାମ୍‌ନାରେ ମଦର ଫେନୋଚ୍ଛ୍ୱସିତ ଗ୍ଲାସ ରଖି ଅସିତ୍ ତାର ବିବାହିତା ସ୍ତ୍ରୀର ଚରିତ୍ର ସମ୍ବନ୍ଧରେ ଏଭଳି ନିର୍ଲଜ ଆଲୋଚନା ଆରମ୍ଭ କରିବା ମୂଳରେ ଉଦ୍ଦେଶ୍ୟ କ'ଣ ?

: ତୁମେ ଆରତିକି ଭଲ ପାଉଥିଲ ନା ଆରତି ତୁମକୁ ?

ଏଥର ଉତ୍ତର ଦେବାର ଗୋଟାଏ ରାସ୍ତା ପାଇଲି । କହିଲି : ହଠାତ୍ ମତେ ଏପରି ଭାବରେ ହୋଟେଲକୁ ଡକେଇ ଆଣି ଯେପରି ଭାବରେ ଆରତି ସମ୍ବନ୍ଧରେ ଆଲୋଚନା ଆରମ୍ଭ କରିଚ, ସେଥିରେ ମୁଁ ବେଶ୍ ଟିକିଏ ଅସୁବିଧାରେ ପଡ଼ିଛି—କିନ୍ତୁ ମୋ ପ୍ରତି ତୁମର ପ୍ରଶ୍ନ ଯଦି ନିର୍ମଳ ମନର ଭାବପ୍ରବଣତାରୁ ଆରମ୍ଭ ହୋଇଥାଏ ତାହେଲେ ସତ୍ୟକୁ ଲୁଚେଇବାର କୌଣସି କାରଣ ଦେଖୁ ନାହିଁ । ବାସ୍ତବିକ ଆରତିକି ମୁଁ ହିଁ ପ୍ରଥମେ ଭଲ ପାଇଥିଲି ।

ପୁଣି ଥରେ ମଦ ଗ୍ଲାସରେ ଚୁମୁକ ଦେଇ କହିଲା ଅସିତ୍ : ଆଉ ମୁଁ ଆରତି ପାଖରୁ ଯାହା ଜାଣିଲି—ସେ ବି ତା ଆଡ଼ୁ ତୁମକୁ ପ୍ରଥମେ ଭଲ ପାଇଥିଲା । ପ୍ରେମର ସଞ୍ଚାର ପ୍ରଥମ ସ୍ନହାଣୀରେ ଦୁହିଁଙ୍କର ପରସ୍ପର ପ୍ରତି ହୋଇଛି । କହି ସେ ମିସ୍ ବେଲଙ୍କ ଆଡ଼କୁ ଟିକିଏ କଣେଇ କରି ଚାହିଁ ହୋ ହୋ କରି ହସିଉଠିଲା । ତାପରେ ହସ ମଝିରେ ହଠାତ୍ ଗମ୍ଭୀର ହୋଇ କହିଲା—ତୁମର ସ୍ୱୀକାରୋକ୍ତିକୁ ତାରିଫ୍ କରୁଛି ଉମାକାନ୍ତ ବାବୁ ! 'ବ୍ରେଭୋ', ତୁମେ ଜଣେ ସଚ୍ଚା ପ୍ରେମିକ । ତା ନ ହେଲେ କୌଣସି ନାରୀର ବିବାହିତା ସ୍ୱାମୀ ଆଗରେ ତୁମେ ଏପରି ନିର୍ଭୀକ ଗଳାରେ ସେଇ ନାରୀକୁ ଦିନେ ଭଲ ପାଉଥିଲ ବୋଲି ଖୋଲା ଦିଲ୍‌ରେ କହିବାର ସାହସ କରି ନ ଥାନ୍ତ । କହି ଟିକିଏ ରହିଯାଇ ପୁଣି କହିଲା—କିନ୍ତୁ ତମେ ଆରତିକି ଯଦି ଭଲ ପାଇଥିଲ, ତେବେ ତା ଜୀବନକୁ ଇମିତି ନଷ୍ଟ ହୋଇଯିବାକୁ ଦେଲ କାହିଁକି ? ସୁରେଶକୁ ଏତେ ଜାଣିବି ତୁମେ ଟିକିଏ ହୁସିଆର ହୋଇପାରିଲ ନାହିଁ ? ତା ଚାଲ୍‌ବାଜିର ମୁକାବିଲା କରିପାରିଲ ନାହିଁ ?

: ବାସ୍ତବିକ ବଡ଼ ନିସ୍ସହା ଝିଅ କିନ୍ତୁ ଆରତି। କହୁଥିଲେ ମିସ୍ ବେଲ। ଯେତେଥର ତୁମ ଘରେ ତାକୁ ଦେଖିଛି—ସେତେଥର ମନେ ହେଇଛି ମୁଁ ଯେପରି ପୁରାଣପଢ଼ା କୌଣସି ସତୀ ସାବିତ୍ରୀକୁ ଦେଖୁଛି···

: ସତୀ କି ! ଠୋ-ଠୋ କରି ହସିଉଠିଲା ଅସିତ୍—ଉମାକାନ୍ତ ବାବୁଙ୍କୁ ଭଲ ପାଇ ମତେ କିନ୍ତୁ ବିବାହ କଲା, ସତୀ ନୁହେଁ ତ ଆଉ କ'ଣ ?

ଧୈର୍ଯ୍ୟ ରହିଲା ନାହିଁ ଅସିତ୍‌ର ଏ ମନ୍ତବ୍ୟ ଶୁଣି। କହିଲି : ଓଡ଼ିଆ ଘରର ସାମାଜିକ ପରିସର ଭିତରେ କ'ଣ କରିପାରିଥାଆନ୍ତା ଆରତି ? ଯେଉଁଠି ମୁଁ ଭୀରୁ ପରି ଆତ୍ମଗୋପନ କରି ରହିଲି···

: ଜହର ନ ଥିଲା ଖାଇ ମରିବାକୁ ? ଶାଣିତ ଗଳାରେ କହିଲା ଅସିତ୍, କାହିଁକି ଗଲା ମୋ ଜୀବନଟାକୁ ଛାରଖାର କରିବା ପାଇଁ ? କହି ହଠାତ୍ ଗୋଟାଏ କି ଉତ୍ତେଜନାରେ ବସିଲାଠୁ ଉଠି ଛିଡ଼ା ହେଇପଡ଼ିଲା ଅସିତ୍। ପାଖ ଘର ଭିତରକୁ ପଶିଯାଇ ହାତରେ ଗୋଟାଏ କି କାଗଜ ଧରି ପୁଣି ମୋ ସାମ୍ନାକୁ ଆସି ଟେବୁଲ ଉପରେ ଥୋଇଦେଇ କହିଲା—ଚିହ୍ନି ପାରୁଚ ? ଏଇଟା ତୁମର ଚିଠି ନା ?

ମୁଁ ବସିଲାଠୁ ଉଠି ଛିଡ଼ା ହେଇପଡ଼ିଲି। କହିଲି : ହଁ, ମୋର।

: କ'ଣସବୁ ଲେଖିଥିଲ ମନେ ଅଛି ?

: ଅଛି।

: ଆଜି ସତ୍ ସାହସ ଅଛି ଆରତିକୁ ଗ୍ରହଣ କରିବା ପାଇଁ ? ଅଛି ? ଅସିତ୍ ଗର୍ଜିଉଠିଲା। ତାପରେ ଢକ୍ ଢକ୍ କରି ଗିଲାସର ସମସ୍ତ ପାନୀୟ ଏକା ନିଶ୍ୱାସକେ ପିଇ ଶେଷ କରି କହିଲା—ସାହସ ଯଦି ନାହିଁ, ତେବେ ନିସ୍ସହା ବାଳିକାର ସର୍ବସ୍ୱ ନେଇ ତା ଜୀବନକୁ ପୋଡ଼ି ପାଉଁଶ କରିଦେଲ କାହିଁକି ?

କ'ଣ କହିବି ? କି ଉତ୍ତର ବା ଦେବି ? ମୁଣ୍ଡକୁ ତଳକୁ ପୋତି ଠିଆ ହେଲି କିଛିକ୍ଷଣ। ଭାବିଲି, ଏତିକିବେଳେ ଯଦି ମୋ ମୁଣ୍ଡ ଉପରେ ଘରର ଛାତ ଭାଙ୍ଗିପଡ଼ନ୍ତା, ତାହେଲେ ସବୁଦିନ ପାଇଁ ଲଜ୍ଜା ଆଉ ଗ୍ଳାନିରୁ ମୁକ୍ତି ପାଇଯାଆନ୍ତି ମୁଁ।

: ଏ ଚିଠିର ଲେଖକ ହିସାବରେ ମୁଁ ଭାବିଥିଲି ତୁମେ ଏକ ବୀର ପ୍ରେମିକ। କିନ୍ତୁ ଆସି ଦେଖୁଛି···ଅସିତ୍ ଗୋଟାଏ ବିଦ୍ରୂପ ଭରି ହସ ହସି କହିଲା—ତୁମେ ଜଣେ ଦଗାବାଜ୍ ଲେଫର୍ ! ମୁଁ ଯଦି ଆରତିର ଅଭିଭାବକ ହୋଇଥାଆନ୍ତି, ତାହେଲେ ଖୁନ୍ ନ କରି ଛାଡ଼ି ନ ଥାନ୍ତି ତୁମକୁ। କହି ଟେବୁଲ ଉପରେ ଦଥର ହାତ ବାଡ଼େଇ କହିଲା—ଏଥର ଯାଇପାର ତୁମେ। ବାହାରେ ଗାଡ଼ି ଠିଆ ହୋଇଛି। ଡ୍ରାଇଭରକୁ ନିର୍ଦ୍ଦେଶ ଦିଆଯାଇଛି, ତୁମକୁ ନେଇ ଛାଡ଼ିଦେଇ ଆସିବ। ଯାଅ···

: ଧନ୍ୟବାଦ, ମୁଁ ନମ୍ର ଗଳାରେ କହିଲି—ଆଶ୍ୱସ୍ତ ହେଲି, ଆରତି ସତ୍‌ପାତ୍ରରେ ପଡ଼ିଛି । ତାର ସବୁ ଦୋଷକୁ କ୍ଷମା କଲା ପରି ଉଦାର ହୃଦୟ ତୁମର ଅଛି ।

: ଦରକାର ନାହିଁ ମୋ ହୃଦୟକୁ ତାରିଫ୍ କରିବା । ମୁଁ କ'ଣ ତା ମୁଁ ନିଜେ ବେଶ୍ ଜାଣେ । ଆରତିକୁ କ୍ଷମା କରିବା ନ କରିବା ତୁମ ସଦୁପଦେଶ ଉପରେ ନିର୍ଭର କରୁ ନାହିଁ—ମୁଁ ଯେ ତୁମକୁ କ୍ଷମା କରିଛି ଏଇ ତୁମର ପରମ ସୌଭାଗ୍ୟର କଥା । ଯାଅ……

ଯା' ପରେ ମୋର ଆଉ କିଛି କହିବାର ନ ଥିଲା ।

ଦୋଷୀଟି ପରି ନିଃଶବ୍ଦରେ ମୁଁ ଘର ଭିତରୁ ବାହାରି ଆସିଲି ।

ସେଇଦିନ ରାତିରେ ବି ବୋଉର ହଜାର ରାଣ ନିୟମକୁ ଭ୍ରୂକ୍ଷେପ ନ କରି କଟକ ଫେରିବାକୁ ଜିଦ୍ ଧରିବସିଲି । ଏପରି କି ବାପାଙ୍କ କଥାକୁ ବି ଅବଜ୍ଞା କରି ଆଡ଼ବାୟାଙ୍କ ପରି ରାସ୍ତା ଉପରେ ଆସି ଠିଆ ହେଲି । ରାଗରେ ବାପା କ'ଣ କହିବାକୁ ଯାଉଥିଲେ—ବୋଉ ତାଙ୍କୁ ଶାନ୍ତ କରି କହିଲା : ଯାଉ ସେ, ଯିବାକୁ ସଜ ହୋଇ ଦାଣ୍ଡରେ ଠିଆ ହେଲଣି, ତମରି ପରି ଏକଜିଦିଆ ତ, ତାକୁ କ'ଣ ଆଉ ରଖି ହେବ ?

କିନ୍ତୁ କି ମନସ୍ତାପର ଜ୍ୱାଳାରେ ଛଟପଟ ହୋଇ ମୁଁ ସେ ବାପାଙ୍କ ଆକଟକୁ ବି ବେଖାତିର କରି କଟକ ଫେରିବାକୁ ବାହାରିଲି, ସେ କଥା କ'ଣ ବୋଉ ବୁଝିପାରିଲା ?

## ॥ ୧୮ ॥

ଅସିତ୍ ଦ୍ୱାରା ଲାଞ୍ଛିତ ଆଉ ଅପମାନିତ ହୋଇ ଗଲା କେତେଦିନ ଧରି ମୁଁ ଯେତେବେଳେ ମୋ ଭବିଷ୍ୟତ୍ କାର୍ଯ୍ୟପନ୍ଥା ସମ୍ବନ୍ଧରେ ଗମ୍ଭୀର ଭାବରେ ଚିନ୍ତା କରୁଥିଲି, ହଠାତ୍ ଦିନେ ଅପରାହ୍ଣରେ ସୁରେଶଠାରୁ ଆଉରି ଖଣ୍ଡେ ଚିଠି ପାଇ ବୁଦ୍ଧିବିବେକଶୂନ୍ୟ ହୋଇ ସମ୍ପୂର୍ଣ୍ଣ କିଂକର୍ତ୍ତବ୍ୟବିମୂଢ଼ ହୋଇ ବସିଲି ।

ଲେଖିଥିଲା ସୁରେଶ—ସାମାନ୍ୟ କେତୋଟି ଧାଡ଼ି—ଗତ କାଲି ସନ୍ଧ୍ୟା ଆଠଟାରେ ହଠାତ୍ ହାର୍ଟଫେଲ୍ କରି ଅସିତ୍‌ର ମୃତ୍ୟୁ ଘଟିଛି । ଗଲା କେତେ

ଦିନ ଧରି—ଆରତିକୁ ବିବାହ କଲା ପରଠୁ ଅସିତ୍ ଅତିରିକ୍ତ ମଦ୍ୟ ପାନ କରିବା ଆରମ୍ଭ କରିଥିଲା । ମୋର ବାରମ୍ବାର ବାରଣ ସତ୍ତ୍ୱେ ସେଥିରୁ କ୍ଷାନ୍ତ ହେବା ପରିବର୍ତ୍ତେ ସେ ବରଂ ଲୁଚି ଲୁଚି ଗୋପନରେ ପିଇବାର ମାତ୍ରା ବଢ଼ାଇବାରେ ଲାଗିଲା । ଡାକ୍ତର ମଧ୍ୟ ତାକୁ ପରୀକ୍ଷା କରି ଗଲା କିଛିଦିନ ଧରି ମାଦକଦ୍ରବ୍ୟ ସେବନ ପୁରାପୁରି ଛାଡ଼ିଦେବା ପାଇଁ ତାଗିଦ୍ କରିଥିଲେ । କିନ୍ତୁ ବିପଦ ଯେତେବେଳେ ଆସିବାର ଥାଏ—ସେତେବେଳେ କାହାର ବାରଣ କି ହୁସିଆର ସତ୍ତ୍ୱେ ତା ଅଗ୍ରନକ ଭାବରେ ନିର୍ଦ୍ଧାର୍ଯ୍ୟ ଭାବରେ ଆସି ପହଞ୍ଚେ । ଅସିତ୍‌ର ସେଇଆ ହେଲା । ଆରତି ଅନାଥିନୀ ହେଲା—ଏ ଦୁଃସମ୍ବାଦ ତୋ ପାଇଁ କି ମର୍ମବିଦାରକ ତା ମୁଁ ବୁଝିପାରୁଛି । ତୋର ହେଇ ଆରତିକୁ ମୁଁ କି ସାନ୍ତ୍ୱନା ଦେଇପାରେ ମତେ ଜଣାଇବୁ । ତୋ ପାଇଁ ମୁଁ ସବୁ କରିବାକୁ ପ୍ରସ୍ତୁତ ଅଛି । ଆଶା, ଅସିତ୍‌ର ଅପମୃତ୍ୟୁଜନିତ ଆରତିର ଏ ଦୁର୍ଦ୍ଦିନରେ ମୋର ଏ ଚିଠି ଲେଖାକୁ ମତେ ଭୁଲ୍ ବୁଝିବୁନି ।

ଚିଠିଟିକୁ ଥରେ ନୁହେଁ, ବାରମ୍ବାର ପଢ଼ିଲି । ସନ୍ଦେହ ଆଉ ଅବଶୋଷ ଉଭୟ ଯୁଗପତ୍ ମୋ ମନକୁ ଆଚ୍ଛନ୍ନ କରି ପକେଇଲା । ଭାବିଲି, ସୁରେଶର ଏପରି ଲେଖିବା ମୂଳରେ କୌଣସି ମନଗଢ଼ା ଦୁରଭିସନ୍ଧି ନାହିଁ ତ ? ଫେରି ଭାବିଲି, ସୁରେଶ କ'ଣ ଏତେଦୂର ଅମଣିଷ ? ଜୀବିତ ଥିବା ଲୋକକୁ ମୃତ କହି ମତେ ଚିଠି ଲେଖିବ ? କାହିଁକି ବା ଲେଖିବ ? ଅସିତ୍‌ର ମିଥ୍ୟା ମୃତ୍ୟୁ ସମ୍ବାଦ ମତେ ଦେବାରେ କି ଉଦ୍ଦେଶ୍ୟ ବା ସାଧିତ ହେବ ତାର ? ନା, ନା, ମୋ ପ୍ରତି ତା ମନରେ ଯେତେ ବିରୁଦ୍ଧଭାବ ଥାଉ ନା କାହିଁକି—ତା ପ୍ରିୟ ବନ୍ଧୁ ଅସିତ୍ ସମ୍ବନ୍ଧରେ ସେ କେବେ ମନଗଢ଼ା ମୃତ୍ୟୁ ସମ୍ବାଦ ଲେଖି ଚିଠି ଦେବ ନାହିଁ । ନିଶ୍ଚୟ ଅସିତ୍‌ର ହାର୍ଟଫେଲ୍ ହୋଇଛି । ଆଉ ଅତିରିକ୍ତ ମାଦକଦ୍ରବ୍ୟ ସେବନ ଫଳରେ ଯେ ତା' ହୋଇଥିବା ସମ୍ଭବ, ସେ ବିଷୟରେ ମୋର କୌଣସି ସନ୍ଦେହର ଅବକାଶ ରହିଲା ନାହିଁ । କାରଣ ମୁଁ ନିଜେ ଆଖିରେ ସେଦିନ ରାତିରେ ଦେଖିଥିଲି ଅସିତ୍‌କୁ ବେପରୁଆ ଭାବରେ ସମସ୍ତ ମଦ ବୋତଲକୁ ନିଃଶେଷ କରି ପିଇଯିବାର । କିନ୍ତୁ ସୁରେଶ ଯାହା ଲେଖିଛି ଆରତିକୁ ବିବାହ କଲାଦିନଠାରୁ ଅସିତ୍ ପିଇବା ଆରମ୍ଭ କରି ନିଜର ସର୍ବନାଶ ଡାକି ଆଣିଲା—କ'ଣ ଏହାର ମର୍ମ ?

ଅସିତ୍ ମଦ୍ୟପ । ଆରତିକୁ ବିବାହ କଲା ପରଠୁ ନୁହେଁ—ଧନଶାଳୀ କୁବେର ପୁତ୍ର ଭାବରେ ସେ ଯେଉଁ ବନ୍ଧୁବାନ୍ଧବଙ୍କ ଗହଣରେ କଲିକତା ପରି ସହରରେ ଘୂରି ବୁଲୁଥିଲା—ସେଥିରେ ପ୍ରତି ପଦେ ପଦେ ବିପଥଗାମୀ ହେବା ବହୁ ଆଗରୁ ହିଁ ଘଟିଛି—ଆଉ ନିଶା ଖାଇ ମାତାଲ ହେବାର ବଦଭ୍ୟାସ ତାର ବହୁତ ଅଳ୍ପ ବୟସରୁ । ହୁଏତ ସ୍କୁଲ ଛାଡ଼ି କଲେଜ ହତା ମାଡ଼ିଲା ପରଠୁ ସେ ଭଲରୁ

କ୍ଷେପର—ମାତାଲଙ୍କ ଆଡ଼କୁ—ଫଳରେ ନିଜକୁ ସୀମା ଭିତରେ ରଖିବା ତା ପାଇଁ ଆଉ ସମ୍ଭବ ହୋଇନି ।

କିନ୍ତୁ ଆରତିକୁ ବିବାହ କଲା ପରଠୁ ସେ ଅତିରିକ୍ତ ପିଇବା ଆରମ୍ଭ କଲା—ସୁରେଶର ଏପରି ଲେଖିବା ମୂଳରେ ଅନ୍ତର୍ନିହିତ ମର୍ମ କଅଣ ? ଆରତି ପରି ଝିଅକୁ ବିବାହ କଲା ପରଠୁ ତାର ତ ସେ ବଦଭ୍ୟାସ ତ ଛାଡ଼ିଯିବାର କଥା ! କିନ୍ତୁ ତା ପରିବର୍ତ୍ତେ ବଢ଼ିବାର କାରଣ କ'ଣ ? ଆଉ କ'ଣ ଅସିତ୍ ଚରିତ୍ରରେ ଏଇସବୁ କଳଙ୍କର କଥା ଜାଣିପାରି ଆରତି ତାକୁ ଘୃଣା କରିଛି ? ଭର୍ତ୍ସନା କରିଛି ? ତା ପାଖରୁ ନିଜକୁ ଦୂରେଇ ରଖିଛି ?

ହୁଏତ ଏଇଆ ହିଁ ସମ୍ଭବ । ମୁଁ ଭାବିଲି, ଠିକ୍ ତ ସେଦିନ ହୋଟେଲରେ ଅସିତ୍ ଯେ ଆରତି ପାଖରୁ ମୋ ଚିଠି ପାଇ ପଢ଼ିଥିବା କଥା କହିଲା—କିଛି କଲି ତକରାଳ ନ ଲାଗିଥିଲେ, ଆରତି ଅସିତ୍‌କୁ ଘୃଣା ନ କରିଥିଲେ ଅସିତ୍ ବା ତାକୁ ସନ୍ଦେହ କରି ତା ଚରିତ୍ର ସମ୍ବନ୍ଧରେ ସବୁ କିଛି ଜାଣିବା ପାଇଁ ଚେଷ୍ଟା କରିଥାଆନ୍ତା କାହିଁକି ? ତା ଟ୍ରଙ୍କ ଖୋଲି ଘଣ୍ଟା ଚଟକା କରି ମୋ ଚିଠି ଖୋଜି ବାହାର କରିଥାଆନ୍ତା ବା କିପରି ?

ତା ହେଲେ କ'ଣ ବିବାହ ଦିନଠାରୁ ଆରତି ଓ ଅସିତ୍ ଦୁହିଁଙ୍କ ଭିତରେ ସ୍ୱାମୀ-ସ୍ତ୍ରୀର ସମ୍ପର୍କ କିଛି ଗଢ଼ି ଉଠି ନାହିଁ ? ସୁରେଶ କ'ଣ ମୋ ସହିତ ବିଶ୍ୱାସଘାତକତା କରି, ଶାନ୍ତ ନ ହୋଇ ଆରତିର ସର୍ବନାଶ କରିବା ପାଇଁ ତା ଚରିତ୍ର ସମ୍ବନ୍ଧରେ ମନଗଢ଼ା କଥା ଅସିତ୍‌କୁ କହି ଆରତି ବିରୁଦ୍ଧରେ ତା ମନକୁ ଉତ୍କ୍ଷିପ୍ତ କରି ତୋଳିଛି ? ଏତେଦୂର ନିର୍ମମ ନିଷ୍ଠୁର ହୋଇପାରେ ସୁରେଶ ? ଅସମ୍ଭବ କ'ଣ ? ଯା'ର ବାହାରର ସୁନ୍ଦର ରୂପ ତଳେ ଏକ ରାକ୍ଷସ ପ୍ରବୃତ୍ତିର କୁଟ ଚକ୍ରାନ୍ତ ଭରି ରହିଛି ନିଜର ପାଶବିକ ଲାଳସାକୁ ଚରିତାର୍ଥ କରିବା ପାଇଁ ତା ପକ୍ଷରେ କ'ଣ କରିବା କା ଅସମ୍ଭବ ?

ଭାବୁ ଭାବୁ ମୋ ଦେହର ଲୋମ ଟାଙ୍କୁରି ଉଠିଲା । ଉତ୍ତେଜନାରେ ହାତର ମୁଠା ଶକ୍ତ ହେଇଉଠିଲା । ମନ ହେଲା, ଏଇକ୍ଷଣି ସାମନାରେ ସେ ପିଶାଚ ସୁରେଶକୁ ଦେଖନ୍ତି କି ତା ରକ୍ତ ଚଟା ନ କରି ଛାଡ଼ନ୍ତି ନାହିଁ ।

କଅଣ କରିବି ? ଆରତିର ଏ ଦୁଃସମୟରେ ତା ପାଖେ ଯାଇଁ କ'ଣ ମୋର ଅରକ୍ଷିଏ ଛିଡ଼ା ହେବା ଉଚିତ ନୁହେଁ ? ତାକୁ ପଦେ ସାନ୍ତ୍ୱନା ଦେବା କର୍ତ୍ତବ୍ୟ ନୁହେଁ ? କ'ଣ କହିବେ ପ୍ରଫୁଲ୍ଲବାବୁ—ଅସିତ୍‌ର ବାପା ? କ'ଣ ଭାବିବେ ବା କାହିଁକି ? ଆରତିର ସମ୍ପର୍କୀୟ ଭାଇ ହିସାବରେ ମୁଁ ଯାଇ କ'ଣ ତାଙ୍କ ଘରେ

ଆଉଥରେ ଦେଖା କରିବାର ଅନୁମତି ପାଇବ ନାହିଁ ? ଫେରି ଆସିଲେ, ପୁଣି ଯିବ । କମଳା ଦେବୀଙ୍କ ସହିତ ଦେଖା କରିବ—ମୋ ଦୋଷ ପାଇଁ କ୍ଷମା ମାଗିବ । ଏକମାତ୍ର କନ୍ୟାର ବୈଧବ୍ୟ ସମ୍ବାଦରେ ସେ ଆଜି ନିଶ୍ଚୟ ହତଶ୍ରୀ ହୋଇ କାନ୍ଦ ଲେଉଟୁଥିବେ । ତାଙ୍କୁ ବି ମୋର ଯାଇ ସାନ୍ତ୍ୱନା ଦେବା କଥା । ଦିନେ ତ ସେ ମତେ ବାତ୍ସଲ୍ୟ ସ୍ନେହରେ ପୁଅଠାରୁ ଆଉରି ବଳି ଆଦର କରୁଥିଲେ । ମୁଁ ଏ ଦୁର୍ଦ୍ଦିନରେ ଯାଇଁ ତାଙ୍କ ପାଖରେ ଠିଆ ହେଲେ ସେ କ'ଣ କ୍ଷମା କରିବେନି ମତେ ? ଭୁଲିଯିବେନି ମୋର ଅପରାଧ ? କୋଳକୁ ଟାଣି ନେବେନି ଆଗ ପରି ସ୍ନେହ କରି ?

ପରକ୍ଷଣରେ କାହିଁକି କେଜାଣି ମନେ ମନେ ନିରୁତ୍ସାହିତ ହୋଇ ଗୁରିଆଡ଼ ଅନ୍ଧାର ଦେଖିଲି । ନିଜ ଲାଜ ନିଜକୁ ଖାଇଲା ପରି ଆରତି ପ୍ରତି ମୋର ଦୁର୍ବଳତା—କମଳା ଦେବୀଙ୍କ ଅନାବିଳ ବାତ୍ସଲ୍ୟ ସ୍ନେହ ପ୍ରତି ମୋର ବିଶ୍ୱାସଘାତକତା ମତେ ବୃଶ୍ଚିକ ପରି ଦଂଶନ କଲା ପଦେ ପଦେ । ଛଟପିଟି ହେଲି, କିନ୍ତୁ ବାଟ ପାଇଲି ନାହିଁ । ଗୁରିଆଡ଼ ଅନ୍ଧାର ଦେଖାଗଲା । ଜମାଟଭରା ଅନ୍ଧକାର ।

ତଥାପି ଏଇ ଅନ୍ଧାର ଭିତରେ ମତେ ଦଉଡ଼ି ଆଗେଇବାକୁ ହେବ । ସୁତରାଂ ଅସଂଲଗ୍ନ ଭାବନା ଭିତରେ ଉଦ୍‌ଭ୍ରାନ୍ତଙ୍କ ପରି ଆରତି ପାଖକୁ ଲେଖିବସିଲି ଚିଠି……

ଲେଖିଲି, 'ପ୍ରାଣର ଆରତି ! ଆଜି ତୁମର ଚରମ ଦୁର୍ଦ୍ଦିନରେ ମୋର ଏ ଆବେଗଭରା ଚିଠି ତୁମକୁ ଉପହାସ କରିବାକୁ ଲେଖା ଯାଇଛି ବୋଲି ଭାବିବ । କିନ୍ତୁ ମୋର ଅସହାୟତା କଥା ଜଣାଇ ତୁମର ଦୁଃସମୟରେ ପାଖରେ ଯାଇଁ ଛିଡ଼ା ନ ହୋଇପାରିବାର ଗ୍ଳାନି ମୋ ଜୀବନକୁ କିପରି ତିଳ ତିଳ କରି ଦଗ୍ଧ କରୁଛି, ତା କ'ଣ ବୁଝିବ ତମେ ? କାହିଁକି ବା ବୁଝିବ ? କ'ଣ ପାଇଁ ବା ବିଶ୍ୱାସ କରିବ ? ଖାଲି କଥାରେ କହି, ଚିଠିର ଭାଷାରେ କେତେ ପଦ ଲେଖି ଜଣାଇଦେଲେ କ'ଣ କର୍ତ୍ତବ୍ୟ ଶେଷ ହୋଇଯାଏ ? ମୋ ନିଜର ସେଥିରେ ବିଶ୍ୱାସ ନାହିଁ । ସେଇଥିପାଇଁ ତ ତୁମ ବିବାହ ସମ୍ବାଦ ଯେତେବେଳେ ପାଇଲି ସେତେବେଳେ ସେ ବିବାହ ବିରୁଦ୍ଧରେ ପ୍ରତିବାଦ କରିବାର ସାହସ ଓ ଶକ୍ତି ଯଥେଷ୍ଟ ଅଛି ବୋଲି ଯେତେବେଳେ ଅନୁଭବ କରି ନ ପାରିଲି, ଖାଲି ସାନ୍ତ୍ୱନାପୂର୍ଣ୍ଣ କଥା କେତେପଦ ଲେଖି ତୁମକୁ ବୁଝାଇବାକୁ ନିର୍ଲ୍ଲଜ ଚେଷ୍ଟା କରିବାରୁ କ୍ଷାନ୍ତ ହେଲି ନିଜେ ନିଜେ । ତୁମେ ଭୁଲ୍ ବୁଝିଥିବ ନିଶ୍ଚୟ । ବୁଝିଥାଇପାର—ବରଂ ମୋ ପାଖରେ ଶ୍ରେୟସ୍କର—ମୁଁ ଯାହା ନୁହେଁ—ମୁଁ ଯାହା କରିପାରେନା—ତାର କୈଫିୟତ

ମନଗଢ଼ା କଥାର ଆସ୍ଫାଳନ କରି ଚିଠି ଲେଖି ମୁଁ ମୋର କୁତ୍ସିତ ରୂପର ଚେହେରା ତୁମ ପାଖରେ ଦେଖାଇବାକୁ ଚାହିଁ ନ ଥିଲି ।

କିନ୍ତୁ ଆଜି—ଆଜି ଯେତେ ଭୁଲ୍ ବୁଝ ମତେ, ତୁମ ନାରୀ ଜୀବନର ଏ କରୁଣ ବୈଧବ୍ୟ ସମ୍ବାଦରେ ମୁଁ ଆଉ ଧୈର୍ଯ୍ୟ ଧରି ନୀରବ ରହିପାରିଲି ନାହିଁ । ହେଲେ କିପରି ମୋ ହୃଦୟର ସମବେଦନା ଜଣାଇବି ତୁମକୁ—ମନର ଆକୁଳତାକୁ କିପରି ପ୍ରକାଶ କରିବି ଚିଠିର ଭାଷାରେ ତା' ବି ଠିକ୍ ଖୋଜି ପାଉନାହିଁ । ଯଥା ବି ମନେ ହେଉଛି ପ୍ରାଣର ପ୍ରିୟତମାକୁ କ'ଣ ଚିଠି ଲେଖି ବୁଝାଇବାର ଚେଷ୍ଟା ଏକ ନିଷ୍ଠୁର ଛଳନା ନୁହେଁ ? ବିଶ୍ୱର ପ୍ରଣୟ-ଇତିହାସରେ କ'ଣ ଏପରି ନିର୍ବୋଧ ପ୍ରେମିକ କେହି ଅଛି ମୋ ପରି—ଯେ ଗୋଟାଏ ତରୁଣୀର ସର୍ବସ୍ୱ ନେଇ ତା ଜୀବନକୁ ଧ୍ୱଂସ କରିସାରିଲା ପରେ ସେଇ ଧ୍ୱଂସ ସ୍ତୂପ ଉପରେ ଠିଆ ହୋଇ ଅଶ୍ରୁପାତ କରି ପାପକ୍ଷାଳନର ଭଣ୍ଡାମି ଅଭିନୟ କରିପାରେ ? ଛି-ଛି, କି ନିର୍ଲଜ୍ଜ ମୁଁ—କି ବର୍ବର ଆଉ ନିର୍ମମ ପାଷାଣ୍ଡ ମୁଁ !!

ମତେ ତୁମେ ଭଲ ପାଇଥିଲ । ସେ ଭଲପାଇବା ମୁଁ ମାଗି ନ ଥିଲି । ଯଥା ବୋଲି ଆଜି ସେଥିପାଇଁ ସବୁ ଦୋଷ ତୁମକୁ ଦେବି—କ'ଣ ଏତେ ବଡ଼ ଏକଦର୍ଶୀ ସ୍ୱାର୍ଥପର ମୁଁ ହେଇପାରେ ? ପୁଣି ଭାବିଛି—ଭଲ ପାଇବା କ'ଣ କେହି ମାଗେ ? ମାଗିଲେ କ'ଣ ଭଲପାଇବା ମିଳେ ? ତୁମେ ମତେ ତୁମ ଅଜାଣତରେ ଭଲପାଇ ବସିଥିଲ—ଆଉ ମୋ ବିବେକର ସବୁ କିଛି ସତର୍କ ବିରୋଧ ତଳେ ମୁଁ ଯେ ସେ ଭଲପାଇବାର ଅମୃତ ଧାରାକୁ ଆଞ୍ଜୁଳା ଆଞ୍ଜୁଳା କରି ଆକଣ୍ଠ ପିଇ ଉଦ୍‌ଭ୍ରାନ୍ତ ହେଇଥିଲି ସେ କଥା କ'ଣ ଆଜି ଅସ୍ୱୀକାର କରିବି ? ମନ ଭିତରେ ସେଇଥିପାଇଁ ଦ୍ୱନ୍ଦ୍ୱ ଆଉ ସଂଘର୍ଷ ଭିତରେ ନିଜର ସମସ୍ତ ଅପାରଗତା ଆଉ ଅକର୍ମଣ୍ୟତା କଥା ବିଚାର କରି ମୁଁ ତୁମଠୁ ଯେ କୌଣସି ଶାସ୍ତି ପାଇଁ ପ୍ରସ୍ତୁତ ଅଛି । ଚାହିଁଲେ ଏ ଜୀବନ ବି ଅକାତରେ ଦେବାକୁ ପଶ୍ଚାତ୍ପଦ ହେବି ନାହିଁ । କିନ୍ତୁ ସାମାଜିକ ଶୃଙ୍ଖଳା ଦୃଷ୍ଟିରୁ ତୁମେ ତା ନେବାକୁ ଆସିପାରିବ ନାହିଁ । ଏଣୁ ମୋର ଯେ କୌଣସି ସ୍ୱେଚ୍ଛାପ୍ରବୃତ୍ତ ଦାନ କେବଳ ଚିଠିର ଭାଷାରେ ହିଁ ସୀମାବଦ୍ଧ ବୋଲି ଜାଣି ତୁମେ ଏ ଚିଠି ପଢ଼ୁ ପଢ଼ୁ ହୁଏତ ବିଦ୍ରୂପରେ ହସିବ । ତେବେ ବି ମୋର ଅନୁରୋଧ, ତୁମେ ମତେ ଭୁଲିଯାଅ । ତୁମ ବୈଧବ୍ୟ ଜୀବନରେ ତପସ୍ୱିନୀ ବ୍ରତ ନେଇ ତୁମ ସ୍ୱର୍ଗତ ସ୍ୱାମୀଙ୍କର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କର । ଆଉ ମୁଁ, ମୁଁ ବି ଆଜି ବିଶ୍ୱ ବିଧାତାଙ୍କ ପାଖରେ ପ୍ରାର୍ଥନା କରୁଛି—ସମାଜର ସବୁ କିଛି ପ୍ରଲୋଭନରୁ ଦୂରରେ ରହି ସମସ୍ତର ନିର୍ମମ ପରୀକ୍ଷା ଭିତରେ ଅଗ୍ନି-କମଳ ପରି ତୁମର ଚରିତ୍ର ଯେପରି ପୂନା ପରି ଝକ ଝକ କରି ଇହଜନ୍ମର ସାର୍ଥକ ସାଧନା

ଭିତରେ ପରଜନ୍ମକୁ ଅମୃତମୟ କରେ । ପତିପରାୟଣା ସତୀ ସାଧ୍ୱୀ ଭାବରେ ତୁମେ ଧନ୍ୟା ହୁଅ, ପୂଜ୍ୟା ହୁଅ ।'

ଏଇ ପର୍ଯ୍ୟନ୍ତ ଲେଖି, ଚିଠିଟିକୁ ସ୍ଥିର ଚିତ୍ତ କରି ମୋଡ଼ି, ଖାମ ଭିତରେ ରଖି ଅଠା ଲଗେଇ ବନ୍ଦ କରି ଠିକଣା ଲେଖା ଶେଷ କରିଛି, ଏତିକିବେଳେ ଦେଖିଲି ଦୁଆର ମୁହଁରେ କ'ଣ କହିବା ପାଇଁ ଆସି ଠିଆ ହୋଇଛି ଅଲକା ।

ଆଜି କାହିଁକି ସେ ବଡ଼ ମଳିନ ଆଉ କରୁଣ ଦେଖାଯାଉଥିଲା । ଯେପରି କେତେଗୁଡ଼ାଏ ଦୁର୍ଶ୍ଚିନ୍ତା ଭିତରେ ସେ ଗଲା କେତେ ଦିନ ଧରି କୁହୁଳି କୁହୁଳି ଝାଉଁଳି ପଡ଼ିଛି । ଫେର ଭାବିଲି, ନା, ମୁଁ ବୋଧହୁଏ ଭୁଲ୍ ଦେଖୁଛି । ଆରତିର ଦୁଃସମ୍ବାଦରେ ମୋ ମନ ପୋଡ଼ି ଛାରଖାର ହୋଇଯାଇଛି ବୋଲି ହୁଏତ ଦୁନିଆରେ ଯାହା କିଛି ଦେଖୁଛି ସବୁ ମଳିନ—ନଷ୍ଟ ଭ ଦେଖାଯାଉଛି ମୋ ଆଖିକି । କ'ଣ ହୋଇଛି ଅଲକାର ? ସେ କାହିଁକି ମଳିନ ଦେଖାଯିବ ? ବୋଧହୁଏ ତାକୁ ସେପରି ଦେଖିବା ମୂଳରେ ମୋର ଦୃଷ୍ଟିରେ କିଛି ଦୋଷ ରହିଛି ।

ଅଲକାକୁ ଘର ଭିତରକୁ ଆସିବାକୁ ଇଙ୍ଗିତ ଦେଇ ଚାକରକୁ ଡାକିଲି । ଚିଠିଟି ସାଙ୍ଗେ ସାଙ୍ଗେ ଯାଇଁ ଡାକଘରେ ପକେଇଦେଇ ଆସିବାକୁ ନିର୍ଦ୍ଦେଶ ଦେଇ ଅଲକାକୁ ବେଶ୍ ମନଯୋଗ ଦେଇ ଆଉଥରେ ଭଲକରି ଦେଖିଲି । ନା, ଭୁଲ୍ ଦେଖୁ ନାହିଁ ତ ! ବାସ୍ତବିକ ଅଲକାର ମୁହଁ ଶୁଖି ଯାଇଛି । ଆଖିତୋଳା କଷା ପଡ଼ିଯାଇଛି ଦୁର୍ଶ୍ଚିନ୍ତାଜନିତ ଅନିଦ୍ରାରେ । ତଥାପି ସେଇ କରୁଣତା ଭିତରେ ଯେପରି କି ଅନିନ୍ଦନୀୟ ଶ୍ରୀ ଲାଗି ରହିଛି ବୁଡ଼ନ୍ତ ଚନ୍ଦ୍ରର ପାଣ୍ଡୁର ଜ୍ୟୋତ୍ସ୍ନାରୁ ଅପରୂପ ମାଧୁରୀ ଝରିପଡ଼ିଲା ପରି । ମୋ ବିମର୍ଷ-ବିକ୍ଷୁବ୍ଧ ମନ ସହିତ ଅଲକାର ସକରୁଣ ରୂପର ଯେପରି ଏକ ସାମଞ୍ଜସ୍ୟ ଥିଲା—ସେଇଥିପାଇଁ ସେ ମୁହୂର୍ତ୍ତରେ ଭାରି ଭଲ ଲାଗିଲା ତାକୁ ଦେଖିବାକୁ । ତାକୁ ପାଖରେ ବସାଇ ମନର ଦୁଃଖ କିଛି କହି ହୃଦୟକୁ ହାଲୁକା କରିବା ପାଇଁ ମୁଁ ଯେପରି ଛଟପଟ ହୋଇଉଠିଲି । କହିଲି—ବଡ଼ ଭଲ ବେଳରେ ଆସିଚ ଅଲକା ! ମୁଁ ଯେପରି କାହାକୁ ଜଣେ ପାଖରେ ଖୋଜୁଥିଲି । ସେ ଖୋଜିବା ଭିତରେ ତୁମ ସାନିଧ୍ୟର ଦୁର୍ଲ୍ଲଭତା କଥା ମୁଁ ଏଇକ୍ଷଣି ବେଶ୍ ହୃଦୟଙ୍ଗମ କରିପାରୁଛି । ମୋ ଜୀବନରେ ତୁମକୁ କିଛିକ୍ଷଣ ଲାଗି ପାଖରେ ପାଇବା ପାଇଁ ଏପରି ଏକ ବ୍ୟାକୁଳତା ଜାଗିପାରେ, କାହିଁ ଆଗରୁ କେବେ ତ ସେପରି ଧାରଣା କରି ପାରି ନ ଥିଲି ।

ଟେବୁଲ ଆରପାଖେ ଗୋଟିଏ ଚେୟାର ଉପରେ ଧୀର ଉଦାସ ଭଙ୍ଗୀରେ ବସି ଅଲକା ମୋ ଆଡ଼କୁ ଟିକିଏ କଣେଇ କରି ଚାହିଁଲା । ତାପରେ ଟିକିଏ ସ୍ମିତହାସ୍ୟରେ କହିଲା : ମୋର ଆଜି ବଡ଼ ସୌଭାଗ୍ୟ—ଆପଣଙ୍କ ମନ୍ଦିରଠ ପାଖରେ

କହିବା ପାଇଁ ଅନୁରୋଧ ଶୁଣିବ, ଏହା ମୁଁ ଯେପରି ସ୍ୱପ୍ନରେ ମଧ୍ୟ କଳ୍ପନା କରିପାରୁ ନାହିଁ । ଯେମିତି ମନେ ହେଉଛି—କେତେ କ'ଣ କହିବା ପାଇଁ ଆପଣ ବ୍ୟାକୁଳ । କୁହନ୍ତୁ, ମୁଁ ଶୁଣିବ ।

: ହଁ, ତୁମକୁ ଶୁଣାଇବାର ଅନେକ ଦୁଃଖ ଅଛି ମୋର ଅଳକା ! କିନ୍ତୁ ଏ କକ୍ଷର ରୁଦ୍ଧ ଆବେଷ୍ଟନୀ ଭିତରେ ନୁହେଁ, କୌଣସି ଏକ ନିର୍ଜନ ମୁକ୍ତ ପ୍ରାନ୍ତର ବା ନିକାଞ୍ଚନ ବନଭୂଇଁ କି ନଦୀର ଶୂନ୍ୟ ଘଠା ଉପରେ---ଯେଉଁଠି ଆଉ କେହି ନୁହଁ—କେବଳ ତୁମେ ଆଉ ମୁଁ—ଆଉ ସ୍ତବ୍ଧ ଶାନ୍ତ ପ୍ରକୃତି । କହି ମୁଁ ଟିକଏ ରହିଯାଇ ପଚାରିଲି---କେଉଁଠି ଅଛି ସେମିତି ସ୍ଥାନ ଆମ ପାଇଁ କହିପାରିବ ?

: ଖୋଜି ବୁଲିଲେ ସ୍ଥାନର ଅଭାବ ରହିବ ନାହିଁ---ଯଦି ଖୋଜି ବୁଲିବା ପାଇଁ ମନର ନିଭୃତରେ ଉଦ୍ଦାମ ଭାବପ୍ରବଣତା ବଲ୍‌ଗାଛିଣ୍ଡା ଘୋଡ଼ା ପରି ପୃଥିବୀର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ଛୁଟିଯିବା ପାଇଁ ତିଆର ଥାଏ !!

: ଛୁଟି ଯିବା ପରି ମନ କ'ଣ ମୋର ଅଛି ? ମୁଁ ଅର୍ଦ୍ଧ ସ୍ୱଗତ ଭାବରେ ଉଚ୍ଚାରଣ କଲି ।

: କାହାର ଥାଏ ନାହିଁ, ତିଆରି କରିନେବାକୁ ହୁଏ । ଅଳକା କହିଲା ନମ୍ର ଗଳାରେ ।

: ହୁଁ, ମୁଁ ଟିକଏ ଗମ୍ଭୀର ହୋଇ କହିଲି---କୁହ, କୁଆଡ଼େ ଆସିଚ ?

: କ'ଣ ପାଇଁ ଗୋଟାଏ ଆସିଥିଲି ନିଶ୍ଚୟ, ଅଳକା ଟିକିଏ ହଜାଇଲା ପରି ଅଙ୍ଗ ଅଙ୍ଗ ହୋଇ କହିଲା, କିନ୍ତୁ---ସେ କଥା ଆଉ ମନେ ନାହିଁ । ପାଶୋରି ଦେଲିଣି କ'ଣ ପଚାରିବାକୁ ଠିକ୍ କରି ଆସିଥିଲି । ଭୁଲିଗଲିଣି ଏପରି ଅସମୟରେ ଆସିବାର ଦରକାର କାହିଁକି ବା ମନେ କରିଥିଲି ।

: ଭୁଲିଯାଇ ଖୁବ୍ ଭଲ କରିଚ ଅଳକା ! ମୁଁ କିପରି ଭାବମଗ୍ନ ଗଳାରେ କହିଲି---ଗଲା ଅତୀତଟାକୁ ପୁରାପୁରି ଭୁଲିଯିବା, ମାନେ, ମୁଁ ଯଦି ତୁମରି ପରି ପଛ କଥାକୁ ଭୁଲିଯାଇ ପାରନ୍ତି, ପାଶୋରି ଦେଇ ପାରନ୍ତି ଜୀବନର କେତେକ ସୁବର୍ଣ୍ଣ ମୁହୂର୍ତ୍ତର ରକ୍ତାକ୍ତ ସ୍ମୃତିକୁ, ଆଜି କି ସୁଖୀ ହୋଇପାରନ୍ତି---କି ଆରାମ ପାଇପାରନ୍ତି ଜାଣ ?

: ଅତୀତକୁ କ'ଣ କେହି ଭୁଲିପାରେ ? ଭୁଲିଯାଇ ସୁଖୀ ହୋଇପାରେ ? ଅଳକା ପଚାରିଲା ମୋ ଆଡ଼କୁ ବିସ୍ମୟ-ମୁଗ୍ଧ ଭଙ୍ଗୀରେ ଚାହିଁ, ଆପଣ ଅତୀତକୁ ଭୁଲିବା ପାଇଁ ଚେଷ୍ଟା କରୁଛନ୍ତି, କୁହନ୍ତୁ ଆପଣଙ୍କୁ ମୁଁ କିପରି ଭାବରେ ସାହାଯ୍ୟ କରିପାରେ ?

: ହଁ, ତୁମେଇ ମୋତେ ସାହାଯ୍ୟ କରିପାର ଅଲକା, ତୁମେ ମୋତେ ଭଲ ଭାବରେ ଜାଣ । ଜାଣିପାରିଚ ଏଇ ଅଳ୍ପ କେତେଦିନ ଭିତରେ । ମୋ ଦୁର୍ବଳତା, ମୋ ଆତ୍ମାଳନ, ସବୁ ତୁମ ପାଖରେ ଧରା ପଡ଼ିଯାଇଚି । କହ, ମୁଁ ଟିକିଏ ରହିଯାଇ କହିଲି, ତୁମେ ସୁଗାୟିକା, ରବୀନ୍ଦ୍ର ସଙ୍ଗୀତରେ ତୁମର ଅସାମାନ୍ୟ କୃତି ଅଛି । ତୁମ ପ୍ରକୃତି କବିତା ପରି ଦରଦଭରା, ହୁଏତ ତୁମେ କବି । କହିପାରିବ, ଜୀବନରେ କାହାକୁ କେବେ ଭଲ ପାଇ ତୁମେ ବିରହରେ ଛଟପଟ କରିବାରେ ଆନନ୍ଦ ପାଇଚ ବେଶି ନା ଜ୍ୟୋତ୍ସ୍ନାଚକିତ ରାତିରେ, ବେତସକୁଞ୍ଜର ଗ୍ରନ୍ଥିଅଗୁଣ୍ଠନ ତଳେ ନିଭୃତରେ ମନର ପ୍ରିୟତମ ପାଖରେ ବସି ମିଳନର ଆଶ୍ଳେଷ ଭିତରେ ତୃପ୍ତି ପାଇଚ ବେଶି ? କହିପାରିବ, ଅଶ୍ରୁ ନା ହସ, ବ୍ୟଥା ନା ଆନନ୍ଦ, ପ୍ରେମ କ୍ଷେତ୍ରରେ କାହାର ମୂଲ୍ୟ ବେଶି ?

ଅଲକା ସ୍ପଷ୍ଟ ଭାବରେ ଚାହିଁଲା ମୋ ଆଡ଼େ । କିଛି କହିବା ଆଗରୁ ଟିକେ ବେଶ୍ ଚିନ୍ତା କଲା ପରି ଭାବମଗ୍ନ ଦେଖାଗଲା ତାକୁ । ତା ପରେ କମ୍ପିତ ଗଳାରେ କହିଲା : ବଡ଼ ଶକ୍ତ ପ୍ରଶ୍ନ ; ଉତ୍ତର ମୁଁ ଦେଇପାରେ । ଦେବ ନିଶ୍ଚୟ, କିନ୍ତୁ ଏ ମୁହୂର୍ତ୍ତରେ ନୁହେଁ ।

: କାହିଁକି ? ମୁହୂର୍ତ୍ତର ଦୋଷ କ'ଣ ?

: ନା, ମୁହୂର୍ତ୍ତର ଦୋଷ କଥା ନୁହେଁ, ଆପଣଙ୍କ ଓ ମୋ ମନର ଦୋଷ--- ଆପଣଙ୍କ ଓ ମୋ ଭିତରେ ଏ ପର୍ଯ୍ୟନ୍ତ ଗଢ଼ିଉଠିଥିବା ସମ୍ପର୍କର ଦୋଷ । ଏ ପ୍ରଶ୍ନ ପଚାରିବା ଆଗରୁ ଆପଣଙ୍କର ଭାବିବା ଉଚିତ ଥିଲା, ଜଣେ ଅବିବାହିତା ଯୁବତୀ ସହିତ ଆପଣଙ୍କର ସମ୍ବନ୍ଧ କି ଅବସ୍ଥାକୁ ଆସି ପାରିଲେ ଏପରି ଆଲୋଚନାର ଉତ୍ତର ମିଳିପାରେ । ତେବେ ବି ଆପଣ ପଚାରିଛନ୍ତି ଯେତେବେଳେ, ମୁଁ କହିବି । ପ୍ରେମ କ୍ଷେତ୍ରରେ କେବଳ ବିରହ ହିଁ ବଡ଼ ନୁହେଁ । ଖାଲି ଅଶ୍ରୁ ପ୍ରେମର ସର୍ବସ୍ୱ ନୁହେଁ, ମୋର ତ ମନେ ହୁଏ, ମିଳନର ଫୁଲଶଯ୍ୟା ଉପରେ ମଉଳା ପାଖୁଡ଼ାର ବିରହାଶ୍ରୁ ପାଏ ତାର ଚରମ ସଫଳତା । ଯଦି ମିଳନ ନାହିଁ, ମିଳନ ହେଇ ନାହିଁ ବିରହର ବେଦନା ସେ କ'ଣ ଆସିବ ଶୂନ୍ୟରୁ ? ମିଳନ ଦଗ୍ଧ କରେ ବୋଲି ତ ବିରହର ଜ୍ୱାଳା ପୃଥିବୀର ପ୍ରଣୟ ପର୍ବରେ ଯୁଗ ଯୁଗ ଧରି ଅପୂର୍ବ ଆଉ ଅନବଦ୍ୟ । କହି, ସୀତାର ଭୈରବ ଝଙ୍କାର ପରି ଉଠି ଛିଡ଼ା ହେଇପଡ଼ିଲା ଅଲକା । କହିଲା, ଯାଏଁ, ଯେଉଁ କଥା କହିବାକୁ ଆସି ହଠାତ୍ ଆପଣଙ୍କ ସାନିଧ୍ୟର ସ୍ପର୍ଶରେ କିଛିକ୍ଷଣ ପାଇଁ ଭୁଲି ଯାଇଥିଲି ପୁଣି ମନେ ପଡ଼ିଗଲା ହଠାତ୍ । କିଛିଦିନ ତଳେ ଆପଣଙ୍କୁ ରାତିର ଏକ ନିର୍ମମ ପ୍ରହରରେ କୋଠା ଛାତ ଉପରେ ଅପ୍ରତ୍ୟାଶିତ ଭାବରେ ପାଇ ଅନୁରୋଧ କରିଥିଲି ମୋ ଗୀତ ଥରେ ଶୁଣାଇବି, ମୋ ନାଚ ଥରେ ଦେଖାଇବି ।

ମୋ ସୀତାର ବଜା ଆପଣ ଶୁଣିଚନ୍ତି ସେଦିନ । ମୋ ଗୀତ ଆଉ ନାଚ ଆପଣ ଦେଖିବେ ଆଜି ରାତିରେ । ଆଜି ପୂର୍ଣ୍ଣିମା । କହି ସୁରର ବାଲ୍ମୀନତା ପରି ଅଳକା ହଜିଗଲା ଦୃଷ୍ଟିର ସୀମା ଭିତରୁ ।

କିଛିକ୍ଷଣ ସ୍ତବ୍ଧ ହୋଇ ମୁଁ ବସିରହିଲି ।

## ॥ ୨୯ ॥

ସନ୍ଧ୍ୟାର ସ୍ତବ୍ଧ ଅନ୍ଧକାର ଭିତରେ କେତେବେଳ ଯାଏ ଗୁମ୍ ହୋଇ ବସିରହିଲି ଜାଣିନି । କେତେବେଳେ ଅଳକା ଘର ଭିତରକୁ ପୁଣି ଆସି ସୁଇଚ୍ ଟିପି ଆଲୁଅ ଲଗାଇଚି, ତା ବି ଜାଣିପାରିନି । ଆଲୁଅର ଝଲମଲ ରୋଶଣିରେ ଯେତେବେଳେ ସମସ୍ତ ଘର ଉଦ୍‌ଭାସିତ ହୋଇଉଠିଲା, ଆସ୍ପଷ୍ଟ ହୋଇ ଦେଖିଲି, କପେ ଚା ଧରି ସାମନାରେ ଠିଆ ହେଇଚି ବିଶ୍ୱମୋହିନୀ ରୂପରେ ଅଳକା ।

: ଚା ନିଅନ୍ତୁ । କହିଲା ଅଳକା—ସେତିକି ବେଳୁ ଗୁମ୍ ହେଇ ଅନ୍ଧାର ଭିତରେ କ'ଣ ଭାବୁଛନ୍ତି ? ଅନୁରୋଧ କଥା ଭୁଲିଗଲେ ନା କ'ଣ ? ଯିବାକୁ ହବ ଯେ ମୋ ସାଙ୍ଗରେ ।

: କୁଆ ଡ଼ ? ଅଳକା ହାତରୁ ଚା ପିଆଲା ନେଇ ସ୍ନିଗ୍ଧ ଦୃଷ୍ଟିରେ ତା ଆଡ଼କୁ କଣେଇ କରି ଚାହିଁ ପଚାରିଲି, କେଉଁଠିକି ନେଇଯିବ ମୋତେ ?

: କୌଣସି ଏକ ନିର୍ଜନ ଜାଗାକୁ, ଯେଉଁଠି ଆମ ଦୁହିଁଙ୍କ ଛଡ଼ା ଆଉ କେହି ରହିବେନି । ଚା ଖାଇସାରି କମିଜ ପିନ୍ଧି ପ୍ରସ୍ତୁତ ହୁଅନ୍ତୁ । ମୁଁ ବୌଦିଙ୍କୁ କହି ଏଇ ଆସୁଚି । କହି ଦ୍ରୁତ ପଦକ୍ଷେପରେ ଘର ଭିତରୁ ନିଷ୍କ୍ରାନ୍ତ ହେଇଗଲା ଅଳକା ।

ଚା ପିଇସାରି ସିଲ୍‌କ ପଞ୍ଜାବୀଟିକୁ ଦେହରେ ଗଳେଇ ମୁଁ ଉଠି ଛିଡ଼ାହେଲି ବଡ଼ ଆଇନାଟା ସାମନାରେ । ନିଜର ମୁହଁ ନିଜେ ଯେପରି ଚିହ୍ନି ପାରିଲିନି । କେତେ ଘଣ୍ଟା ଭିତରେ ମୋ ଚେହେରାର ଯେପରି ଏକ ଅଦ୍ଭୁତ ପରିବର୍ତ୍ତନ । ଦୁଶ୍ଚିନ୍ତାରେ ବିବର୍ଣ୍ଣ ମୁହଁର ମଳିନତା ଯେପରି କରୁଣତର ହେଇଉଠିଚି । ମୁଣ୍ଡର

ବାଳ ଅଡ଼ୁଆ ଝଡ଼ୁଆ । ଚିରୁଣୀଟା ପଡ଼ିଛି ଟେବୁଲ ଉପରେ । କିନ୍ତୁ ଇଚ୍ଛା ହେଉନି ମୁଣ୍ଡଟା କୁଣ୍ଡାଇବା ଲାଗି । ମନ ଭିତରେ ଅନୁଶୋଚନାର ଜ୍ୱାଳା ହାଉ ହାଉ ହୋଇ ଜଳୁଛି ଯେପରି । କ୍ଷତବିକ୍ଷତ ପ୍ରାଣ ନେଇ ଅଳକା ସାଙ୍ଗେ ଯାଇ ଲାଭ କ'ଣ ? ମନକୁ ମନ ଭାବିଲି, କିନ୍ତୁ କିଛି ଗୋଟାଏ ନିର୍ଦ୍ଦିଷ୍ଟ ଭାବରେ ସ୍ଥିର କରିବା ଆଗରୁ ଆସି ପହଞ୍ଚିଗଲା ଅଳକା । ଓଠରେ ତାର ସ୍ମିତହାସ, ଆଖିରେ ବିଦ୍ୟୁତର ଝଲସିତ ଠାଣି । ଗୋଟିଏ ଘଣ୍ଟା ଭିତରେ ଯେପରି ସମ୍ପୂର୍ଣ୍ଣ ବଦଳି ଯାଇଛି ସେ । ମୋତେ ପୃଥିବୀର କେଉଁ ଏକ ଦୁଃଖ-ଶୋକହରା ସ୍ୱପ୍ନପୁରୀକୁ ନେଇଯିବା ପାଇଁ ସେ ଯେପରି ନାଚି ଉଠିଛି । ତାର ତରୁଣୀ ପ୍ରାଣ ଯେପରି କି ଅମୃତଲୋକର ସନ୍ଧାନ ପାଇ ଫୁର୍ତ୍ତିର ମୟୂର ପରି ବର୍ହ ତୋଳି କ୍ରୀଡ଼ା କରିଉଠିଛି । ବୈଶାଖର ଶୁଷ୍କ ଆକାଶରେ ଅଦିନ ମେଘର ଚିକ୍କଣ ଶ୍ୟାମଳିମା ଘେରି ଆସିଛି, ଆଉ ଦକ୍ଷିଣ ହାଉଆର ତୀବ୍ର ଆଘାତରେ ସେ ମେଘ, ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇ, ଫାଟି, ବର୍ଷାଧାରାରେ ରୌଦ୍ରଦଗ୍ଧ ପୃଥିବୀ ଉପରେ ସତେ ଅବା ଝରି ପଡ଼ିଛି । ଆର୍ଦ୍ର ମାଟିର ସେଇ ସୁରଭିତ ଗନ୍ଧର ଖୁସିବୋଇ ଯେପରି ଲାଗିଛି ଅଳକାର କଳ୍ପଲୋକରେ । ମୟୂରୀ ପରି ନାଚିଉଠିଛି ତା' ହୃଦୟ ।

: ଖୁବ୍ ଯେ ସାଜି ଆସିଛ ଅଳକା ! ମୁଁ ତାକୁ ଟିକେ ସାନ୍ତ୍ୱନା ଦେବାପାଇଁ ସହାନୁଭୂତିପୂର୍ଣ୍ଣ କଣ୍ଠରେ କହିଲି । କିଛି ମନେ କରିବନି, ମୁଁ ଆଜି ତୁମ ପାଖରେ ଟିକେ ସହଜ ହେବା ପାଇଁ ଚେଷ୍ଟା କରିବି ।

: ତାହାହେଲେ ମୋର ଆଜି ଆଉ ରକ୍ଷା ନାହିଁ । ଆପଣ ସହଜ ହେବାକୁ ମୋ ପାଖେ ଚେଷ୍ଟା କରିବା ଅର୍ଥ ମୁଁ ବେଶ୍ ବୁଝି ପାରୁଛି । ଯେ ଯାହା ନୁହେଁ, ସେ ତାହା ହେବାକୁ ଚେଷ୍ଟାକଲେ ବିପଦ ଅନିବାର୍ଯ୍ୟ ।

: ଭୟ ଲାଗୁଛି ?

: ହଁ ଟିକିଏ ଲାଗୁଛି ଅବଶ୍ୟ । ଲାଗିବା ସ୍ୱାଭାବିକ । ଏପର୍ଯ୍ୟନ୍ତ ଆପଣଙ୍କର ଗମ୍ଭୀର ରୂପଟା ଦେଖି ଆସିଥିଲି କିନା, ଅଭ୍ୟସ୍ତ ହୋଇ ଯାଇଥିଲି ଆପଣଙ୍କର ବଙ୍କାଟଙ୍କା କଥାର ମାରପେଞ୍ଚ ସହିତ । ଫଳରେ ଆପଣଙ୍କର ସେଇ ରୂପଟାରେ ମୋ ପାଖରେ ସହଜ ହୋଇ ଆସିଥିଲା । ସେଇଥିପାଇଁ ଆପଣ ମୋ ପାଖରେ ସହଜ ହେବା ପାଇଁ ଚେଷ୍ଟା କରିବେ ବୋଲି କହିବାରୁ ମୁଁ ନିଜେ ଟିକିଏ କିପରି ଅସହଜରେ ପଡ଼ିବାକୁ ଯାଉଛି ବୋଲି ଆଶଙ୍କା କରି ଭୟ କରୁଛି । ତେବେ ବି ମୁଁ ଭାବୁଛି, ଆପଣଙ୍କର ସହଜ ଆତ୍ମପ୍ରକାଶ ସହିତ ମୋର ଥରେ ସିଧାସଳଖ ମୁକାବିଲା ହୋଇଯିବା ଉଚିତ । କହି, ଅଳକା ନିଃଶବ୍ଦ ହସରେ ପ୍ରାଣଭରି ମୋତେ ଟିକିଏ ଚାହିଁଲା ।

: ସାଡ଼ମଡ଼ ପ୍ରସ୍ତୁତ ହୋଇ ଆସିଚ ଦେଖୁଚ । କହି, ଗୋଡ଼ରେ ଚଟି ଗଳେଇଲି ।

ଉପର ମହଲା ବାରଣ୍ଡାର ସିଡ଼ି ପାଖକୁ ଆସି ମୁଁ ଟିକିଏ ଅଟକି ଠିଆହେଲି । ଠିଆ ହେବାର କାରଣ ପଗ୍ଚରିଲା ପରି ଅଲକା ଆଶ୍ଚର୍ଯ୍ୟରେ ମୋ ଆଡ଼କୁ ଚାହିଁଲା । ସମସ୍ତଙ୍କୁ କହିଦେଇ ଆସିବା ଉଚିତ୍ ନୁହେଁ ? ମୁଁ ପଗ୍ଚରିଲି, ସରୋଜବାବୁ ଫେରିଲେଣି ?

: ନା, ଦାଦା ଫେରି ନାହାନ୍ତି । କିନ୍ତୁ ଆପଣଙ୍କର କାହାକୁ କିଛି ପଗ୍ଚରିବା ଦରକାର ନାହିଁ । କହି, ଅଲକା ସିଡ଼ି ଓହ୍ଲାଇ ମୋତେ ତା ପଛେ ପଛେ ଆସିବାକୁ ଇଙ୍ଗିତ ଦେଇ କହିଲା, ଖୁସିମତ କରି ଅନୁମତ ଯାହାଠୁ ଯାହା ନବାର, ମୁଁ ତା ନେଇସାରିଚି । ଦାଦାଙ୍କୁ ଜଣାଇ ସମ୍ମତ ନବାର ଦାୟିତ୍ୱ ବୌଦିଙ୍କୁ ଦେଇଆସିଚି କିଛି ତୋଷାମୋଦ କରି ।

: ତୋଷାମୋଦ, ସେ କ'ଣ ?

: ବୌଦି ରବୀନ୍ଦ୍ର ସଙ୍ଗୀତର ଗାୟିକା ହିସାବରେ ପୃଥିବୀରେ ଅଦ୍ୱିତୀୟା, ଏତକ କହିଦେଲେ କୌଣସି 'ବର' ପାଇବାରେ ଆଉ ଡେରି ହୁଏନା । କହି ଅଲକା ଫିକ୍ କରି ହସିଉଠିଲା ।

ସିଡ଼ି ଅତିକ୍ରମ କରି ତଳ ମହଲାର ବାରଣ୍ଡା ଡେଇଁ ରାସ୍ତା ଉପରକୁ ଆସି ଦେଖିଲି, ଅଲକା ବହୁ ଆଗରୁ ଘରର ଚାକରକୁ ପଠାଇ ରିକ୍‌ସା ଡାକି ଛିଡ଼ା କରାଇଚି । ମୁଁ ଆଗ ଉଠି ବସିଲି । ଅଲକା ବେଶ୍ ସ୍ୱଚ୍ଛନ୍ଦ ଭଙ୍ଗୀରେ ରିକ୍‌ସା ଉପରକୁ ଉଠି ମୋ ପାଖକୁ ଲାଗି ବସି କହିଲା : ଗନ୍ତବ୍ୟପଥର ନିର୍ଦ୍ଦେଶ ମୁଁ ଦେବି ନା ଆପଣ ?

: ଗନ୍ତବ୍ୟର ନିୟାମକ ଯେତେବେଳେ ତୁମେ, ପଥର ନିର୍ଦ୍ଦେଶ ତୁମେଇ ଦେଲେ ଯୋଗାଯୋଗ ଠିକ୍ ରହିବ ବୋଧହୁଏ ।

: ମୁଁ ଜାଣେ, ଆପଣ ସେଇଆ କହିବେ । ମୋ ପାଖରେ ସହଜ ହେବାର ଏଇ ବୋଧହୁଏ ଆପଣଙ୍କ ଚରିତ୍ରର ପ୍ରଥମ ପ୍ରକାଶ । କହି ଅଲକା ଟିକିଏ ହସିଦେଇ ରିକ୍‌ସାବାଲାକୁ ଉଦ୍ଦେଶ୍ୟ କରି କହିଲା ଅଲକା, ତୋ ଇଚ୍ଛା, ମହାନଦୀ ବା କାଠଯୋଡ଼ି କୂଳର ଯେ କୌଣସି ଏକ ନିର୍ଜନ ଜାଗାକୁ ଆମକୁ ନେଇ ଚାଲ୍ । ବୁଝିଲୁ ?

: ହଁ ମା' । ରିକ୍‌ସାବାଲା ଚାଲୁ ଚାଲୁ ଉତ୍ତର ଦେଲା ।

: ଜାଣିଚୁ ? ଅଲକା ପଚାରିଲା ।

: ଚାରି ଦିନ ତଳେ ଦୁଇ ଜଣଙ୍କୁ ନେଇ ଯାଇଥିଲି । ଟିକେ ଦୂର ବାଟ । ଫେରୁ ଫେରୁ ରାତି ଅନେକ ହୋଇଯିବ । ବକ୍‌ସିସ୍ ଦେବେ ତ !

: ତା ଦେବି । ବେଗେ ନେଇ ଚାଲ୍ । କହି, ଅଲକା ମତାମତ ଜାଣିବା ପାଇଁ ମୋ ଆଡ଼କୁ ଟିକିଏ କଣେଇ କରି ଚାହିଁଲା ।

: ମୋର ଆପତ୍ତି ନାହିଁ । ମୁଁ କିନ୍ତୁ ଗୋଟିଏ କଥା ବୁଝି ପାରିଲିନି ରିକ୍‌ସାବାଲାର । ଚାରି ଦିନ ତଳେ ଆମରି ପରି ଦୁଇ ଜଣଙ୍କୁ ନେଇ ଯାଇଥିଲା ମାନେ ? ତୁମ ମୋ ଭିତରେ କି ରକମ ସମ୍ବନ୍ଧ ଅଛି ବୋଲି ସେ ଭାବିଚି କହିପାରିବ ?

: ସାଧାରଣତଃ ଏ ଶ୍ରେଣୀର ଲୋକ ଗୋଟିଏ ଯୁବକ-ଯୁବତୀଙ୍କୁ ଏକାଠି ବସି କୁଆଡ଼େ ଯିବା ଦେଖିଲେ ସେମାନଙ୍କ ଭିତରେ ରହିଥିବା ସମ୍ବନ୍ଧ ବିଷୟରେ ଯାହା ମନେ କରନ୍ତି ହୁଏତ ସେଇଆଇ ଭାବିଚି । କିନ୍ତୁ ଉଦ୍‌ବେଗର କାରଣ କିଛି ନାହିଁ ।

: ତୁମକୁ ତ ବେଶ୍ ବେପରୁଆ ମନେ ହେଉଚି । ମୁଁ କହିଲି ।

: ଆପଣ ତ ସାଙ୍ଗରେ ଅଛନ୍ତି, ମୋର ଦୁଶ୍ଚିନ୍ତା କ'ଣ ?

: ଭୁଲ କରୁଚ ଅଲକା ! ଜଣଙ୍କୁ ପାଖରେ ପାଇଲେଇ ନିଜକୁ ନିରାପଦ ବୋଲି ମନେ କରିହୁଏନା । କାହିଁକି ଜାଣ ?

: ଜାଣେ । ଆପଣ କହିବାକୁ ଚାହାନ୍ତି, ଆରତି ଆପଣଙ୍କୁ ପାଖରେ ପାଇଥିଲା । ତେବେ ବି ପରିବାରର ସାମାନ୍ୟତମ ଆପଦରୁ ଆପଣ ତାକୁ ବଞ୍ଚାଇ ପାରିଲେନି ।

: ଠିକ୍ କହିଚ ।

: ନା, ମୋର ବୁଝିବା କିନ୍ତୁ ଭିନେ ରକମର । ଜଣକୁ ପାଖରେ ପାଇଲେ କେବଳ ନିଜକୁ ନିରାପଦ ମନେ କରିହୁଏନା । ଜଣକର ସାନ୍ନିଧ୍ୟ ପାଇବା ସଙ୍ଗେ ସଙ୍ଗେ ନିଜର ମନକୁ ବି ସୁଦୃଢ଼ କରିନେବାକୁ ହୁଏ । ତାହେଲେଇ ରହେନା ଦୁଶ୍ଚିନ୍ତା । ବେପରୁଆ ଭାବ ଆସେ, ନିଜ ମନ ଭିତରୁ । ବନ୍ଧୁର ସାହାଚର୍ଯ୍ୟ ସେ ହୁଏତ ଏକ ସାନ୍ତ୍ୱନା ।

: ତୁମେ କହିବାକୁ ଚାହଁ, ଆରତି ନିଜ ମନ ଭିତରେ ଥିଲା ଦୁର୍ବଳ ?

: ମୋର ତ ସେଇଆ ମନ ହୁଏ । ଅଲକା କହିଲା । ଭଲ ପାଇ ବିପଦର ସମ୍ମୁଖୀନ ହେବା ପାଇଁ ନିଜ ଆଡ଼ୁ ସାହସ ସଞ୍ଚୟ ନ କରି ସେ ଅସହାୟ ଭାବରେ

ଆପଣଙ୍କୁ ଆଶ୍ରା କରିଥିଲି । ସେଇଥିପାଇଁ ତ ସାମାନ୍ୟତମ ଆଘାତରେ ଭାଙ୍ଗିପଡ଼ିଲି ସେ ! ବିବାହ ପ୍ରସ୍ତାବରେ ପ୍ରତିବାଦ କରିବାର ଶକ୍ତି ତାର ସମ୍ଭବ ହେଲା ନାହିଁ । ସେ ଅପେକ୍ଷା କଲା, ଆପଣ ଯାଇ ତାକୁ ରକ୍ଷା କରିବେ । ପାତାଳପୁରୀରେ ଅସୁରୁଣୀ ବୁଢ଼ୀ ହାତରେ ବନ୍ଦିନୀ ରାଜକୁମାରୀକୁ କଳ୍ପନାଗଡ଼ର ରାଜକୁମାର ଯାଇ ଯେମିତି ମୁକୁଳେଇ ଆଣିଲା ପରି, ଆପଣ ଯାଇ ମୁକ୍ତ କରି ଆଣିଆନ୍ତେ ତାକୁ । ମୁଁ ତ ଭାବୁଚି, ଆରତି ଆପଣଙ୍କ ସ୍ତ୍ରୀ ହେଇ ପାରିଥାନ୍ତା — ପ୍ରେମିକା କିନ୍ତୁ ନୁହେଁ ।

ମନେ ମନେ ଚମକି ଉଠିଲା ପରି ଅଲକା ଆଡ଼େ ମୁହଁ ବୁଲାଇ ଚାହିଁଲି । ଆକାଶରେ ପୂର୍ଣ୍ଣିମାର ଜହ୍ନ । ରାଜହଂସର ଧୋବିଲା ପର ପରି ସଫେଦ୍ ଜ୍ୟୋତ୍ସ୍ନା ବୃଷ୍ଟିହୋଇ ପଡ଼ୁଚି ଚାରିଆଡ଼େ । ଚନ୍ଦ୍ରକିରଣର ଉଜ୍ଜ୍ୱଳତାରେ ଆକାଶର ଗୌରକାନ୍ତ ମୁଖଶ୍ରୀ ଶୁଭ୍ର ଶତଦଳ ପରି ସ୍ନିଗ୍ଧ ଲାବଣ୍ୟରେ ଢଳଢ଼ଳ । ଆକାଶରୁ ଚନ୍ଦ୍ରର କିଛି ଅଂଶ ଯେପରି ଖସି ପଡ଼ୁଚି ପୃଥିବୀ ଉପରେ । ଆଖି ଝଲସିଗଲା ମୋର । ଅଲକାର କଥାରେ ବି କେଉଁ ଦୂର ଅମୃତଲୋକର ଶାଣିତ ଦୀପ୍ତି ! କହିଲି, ହଠାତ୍ ତୁମ କଥାରେ ଆଜି ଏପରି ନିର୍ମମ ସତ୍ୟର ତୀବ୍ର ଆଭାସ କାହିଁକି ? କ'ଣ ହେଇଚି ତୁମର ?

: କିଛି ନାହିଁ । ଗର୍ବିତ ଭଙ୍ଗୀରେ ମୋ ଆଡ଼କୁ ଭ୍ରୂଲତା ନଚାଇ ଚାହିଁଲା ଅଲକା । ମୋ ଅପ୍ରିୟ ସତ୍ୟରେ ଆପଣ କ୍ଷୁଣ୍ଣ ମନେ କରୁଛନ୍ତି ? କହିପାରିବେ, ଆରତିକି ଆପଣ ପ୍ରତିଷ୍ଠା କରିବାକୁ ଚାହିଁଥିଲେ ଆପଣଙ୍କ ସାମାଜିକ ଜୀବନର କେନ୍ଦ୍ର ଭୂମିରେ ! କିନ୍ତୁ ତା ଆଗରୁ ଭାବି ଦେଖିଥିଲେ କି ଆରତି ତା' ହୃଦୟ-ମନ୍ଦିରର ପୂଜାପୀଠରେ ଆପଣଙ୍କୁ ପ୍ରତିଷ୍ଠା କରି ପାରିଥିଲା କି ନାହିଁ ? କରିବାର ସାହସ ତାର ଥିଲା କି ନାହିଁ ? ମୋର ତ ମନେହୁଏ, ଆପଣଙ୍କ ପ୍ରତିଷ୍ଠା ଯଦି ସେ କରିପାରିଥାନ୍ତା ନିଜ ଭିତରେ, ପୃଥିବୀର ଏପରି କି ଶକ୍ତି ଥିଲା ତାକୁ ଅନ୍ୟ ପୁରୁଷ ସହିତ ବିବାହ ଦେବାରେ ସକ୍ଷମ ହୋଇଥାନ୍ତା !

: ବୁଝିଲି, ହୁଏତ ତୁମ କଥା କେତେକାଂଶରେ ଠିକ୍ । କିନ୍ତୁ କିଛି ମନେ କରିବନି ଅଲକା, ତୁମେ ଯାହା କିଛି କହିଲ ସବୁ ଆଦର୍ଶର କଥା, ବହିପଢ଼ା ସୀତା-ସାବିତ୍ରୀଙ୍କ ଚରିତ୍ରର କଥା — ମଧ୍ୟବିତ୍ତ ଓଡ଼ିଆ ପରିବାରର ଦଉପାଠୋଇ ଝିଅ ଆରତିର କଥା ନୁହେଁ ।

: ଆପଣ ସୀତା-ସାବିତ୍ରୀଙ୍କ ଚରିତ୍ରର କଥାକୁ ପୁରାଣ ଯୁଗର କପୋଳ-କଳ୍ପିତ ଆଦର୍ଶର କଥା ବୋଲି ଭାବୁଚନ୍ତି କାହିଁକି ? ତା ଛଡ଼ା ସତ୍ୟ ଆଉ ଧର୍ମ, ନିଷ୍ଠା ଆଉ ସତୀତ୍ୱ, ସେ କ'ଣ କେବଳ ପୁରାଣ ଯୁଗରେଇ ଥିଲା ? ଆଜିର କୁମାରୀ କ'ଣ ତା ଜୀବନରେ ଜଣକୁ ଭଲପାଇ ବ୍ରତଚାରିଣୀ ହୋଇ ପ୍ରେମର ଆଦର୍ଶ କଥା

ଚଲ୍ତା କରପାରେନା ? କହୁ, କାପର ଗୋଟାଏ ରୁଦ୍ଧ ବେଦନାକୁ ଗୁପି ରଖିବାର ଚେଷ୍ଟାକର କଥା ବାଆଁ ରେଇବା ଆଳରେ ରକ୍‌ସାବାଲାକୁ ଉଦ୍ଦେଶ୍ୟ କର କହିଲି, ଆନନ୍ଦର କଲ୍ପଲୋକକୁ ନା ଦୁଃଖର ଅନ୍ଧଗହ୍ୱରକୁ କୁଆଡ଼େ ନେଇ ଗ୍ଲଲୁ ରେ ? ଆଉ କେତେ ଦୂର ?

ଦୂରତା ନେଇ ବ୍ୟସ୍ତ କାହିଁକ ? ରକ୍‌ସାବାଲା କଛୁ କହିବା ଆଗରୁ ଉପରେ ପଡ଼ି କହିଲି ମୁଁ । କବ ରବନ୍ଦ୍ରଙ୍କର 'ଆମି ସୁଦୂରରେ ପିଆସୀ' କବତା ଜାଣ ଅଲକା ?

: ଜାଣେ ।

: ଗାଇପାରବ ?

: ଏଇ ଗ୍ଲଲୁ ଗ୍ଲଲୁ ?

: ଆମେ ତ ଗ୍ଲଲୁ, ଗ୍ଲଲଚ ରକ୍‌ସା । ମୁଁ କହିଲି । ରକ୍‌ସାର ଏଇ ମୃଦୁମନ୍ଦ ଗତଛନ୍ଦ ଭିତରେ ତୁମ କଣ୍ଠଲହରର ଭଙ୍ଗା ଭଙ୍ଗା ସ୍ୱର ବେଶ୍ ଲଗିବ ଅଲକା ! ଗାଅ ନା···! ମୋ ସ୍ୱରରେ ଯେମିତ କେତେ ଶତାବ୍ଦୀର ଆକୁଳତା !

ସ୍ନିଗ୍ଧ ପାପୁଲରେ ସ୍ୱର୍ଣ୍ଣ କଲ୍ଲ ମତେ ଅଲକା । ମୋ ହାତ ଉପରେ ସହାନୁଭୂତର ଏକ ନରମ ଉତ୍ତାପ ପର ରଖିଲା ତା ହାତଟି । ତା ପରେ କଣ୍ଠର ଉଦାମ ସ୍ୱରଲହର ଦୀପ୍ତ ରାଗିଣୀରେ ଫୁଟାଇ ଗାଇଲା—'ଆମି ଚଞ୍ଚଲ ହେ, ଆମି ସୁଦୂରେର ପିଆସୀ······ ।'

ରକ୍‌ସାବାଲାର ହୃଦୟ ଯେପର ନାଚଉଠିଲା । ପ୍ରଭଞ୍ଜନର ବେଗ ଯେପର ସ୍ପନ୍ଦିତ ହେଇଉଠିଲା ତା' ପ୍ରତି ପଦକ୍ଷେପରେ ।

କ ଆଶ୍ଚର୍ଯ୍ୟ ସୁନ୍ଦର କଣ୍ଠ !!

କ ଲଳତ କରୁଣ ସୁର !!!

ଶୁଣୁ ଶୁଣୁ ତନ୍ମୟ ହେଇଗଲି ମୁଁ । ଭାବାବେଶରେ ମୋ ଆଖିପତା ବୁଜି ହେଇଗଲା । ମୁଁ ଯେପର ସୁରଲୋକର ତରଙ୍ଗ-ଜାଲ ଭିତରେ ବନ୍ଦ ହେଇପଡ଼ିଛି । ଏ ପଡ଼ିବାରେ କଛି ଜ୍ୱାଳା ନାହିଁ, ଅଛି ପୁଲକର ମୂର୍ଚ୍ଛନା । ଅଛି ଯେପର ଆରାମ ଆଉ ଆନନ୍ଦର ତନ୍ଦ୍ରାଚ୍ଛନ୍ନ ଆବେଶ । ଗୀତ ଶୁଣୁ ଶୁଣୁ ଆଉର କେତେ ବାଟ ଯେ କଟିଯାଇଚ, କଛି ଜାଣିପାରନ । ମଝିରେ ହଠାତ୍ ଅଲକାର କମ୍ପିତ ସ୍ୱରରେ ଯେପର କ ମର୍ମାନ୍ତକ ବେଦନାର କରୁଣ ରାଗିଣୀ ବାଜିଉଠିଲା । ଚମକ ଉଠିଲି ପର

ଆଖିଖୋଲି ଦେଖିଲି, ଅଳକାର ଗଣ୍ଡ ପ୍ଳାବିତ କରି ଦୁଇ ଧାର କରୁଣ ଅଶ୍ରୁର ଧାରା ଜହ୍ନର ସ୍ୱଚ୍ଛ ଆଲୋକରେ ଚକ୍ ଚକ୍ କରୁଛି ।

ଏ କ'ଣ ? ତୁମେ କାନ୍ଦୁଚ ଯେ !! ସ୍ତବ୍ଧ ଗଳାରେ ମୁଁ ପଚାରିଲି । ଗୀତ ଗାଇ ଗାଇ ଭାବାବେଶରେ ବଡ଼ ବେଶି ଅନୁପ୍ରାଣିତ ହୋଇପଡ଼ିଚ ନା ?

: ନା, ନା । କିଛି ନୁହେଁ । କବିଗୁରୁଙ୍କ ଗୀତ ଗାଇଲେ ମୋର ଇମିତି ପ୍ରାୟଇ ହୁଏ । କହି, ହଠାତ୍ ଗିରି ଝରଣା ଲମ୍ଫ ଦେଇ ନାଚି ନାଚି ବହିଗଲା ପରି ରିକ୍ସାରୁ ଓହ୍ଲାଇ ଖପ୍ କରି ତଳକୁ ଡେଇଁପଡ଼ି କିଛି ଦୂର ଲୀଳାୟିତ ଭଙ୍ଗୀରେ ଧାଇଁଯାଇଁ ଆଶ୍ଚର୍ଯ୍ୟରେ ପାଟି କରି ଉଠିଲା ଅଳକା — କି ଚମତ୍କାର ଜାଗା !! ଏଇଠି ଆଉ ରିକ୍ସା । ଆସନ୍ତୁ, ସେଇ ଘଞ୍ଚାଳିଆ ଗଛର ଛାୟାବିତାନ ତଳେ ଟିକିଏ ବସିବା । କହି, ମୋ ହାତକୁ ଅବଲୀଳାକ୍ରମେ ନିଜ ହାତମୁଠାରେ ଚାପି ଧରି ଟାଣି ଟାଣି ନେଇଗଲା ଅଳକା ।

ମହାନଦୀର ଶୁଭ୍ର ବାଲୁକାଶଯ୍ୟା ଉପରେ ସ୍ୱଚ୍ଛ ଚନ୍ଦ୍ରମାର ଉଦ୍‌ବେଳିତ ତରଙ୍ଗ । ଠାଏ ଠାଏ ଅଗଭୀର ଜଳଧାରା ସର୍ପିଳ ଭଙ୍ଗୀରେ ବହିଯାଉଛି । ସେଇ ନୀଳ ଜଳର ଦର୍ପଣରେ ପ୍ରଶାନ୍ତ ଆକାଶର କିଛି ଅଂଶ ଯେପରି ଉଜ୍ଜ୍ୱଳ ଭାବପ୍ରବଣତାରେ କଥା କହିଉଠିଲା ପରି ମନେ ହେଉଚି । ସେଇ ଆଡ଼କୁ ତନ୍ମୟ ଭଙ୍ଗୀରେ ଚାହିଁ ଜ୍ୟୋତ୍ସ୍ନା ଛାୟାଚର୍ଚ୍ଚିତ ସବୁଜ ଘାସର ଗାଲିଚା ଉପରେ ଗଛ ଆଢ଼ୁଆଳରେ ବସିପଡ଼ିଲା ଅଳକା । କହିଲା : ସେପାରିର ବାଲିତଟ ଜ୍ୟୋତ୍ସ୍ନା-ଲୋକର ଆଭାରେ କିପରି ରୁପା ପରି ଝକ୍ ଝକ୍ କରୁଚି ଦେଖୁଛନ୍ତି ?

ଅଳକା ପାଖକୁ ଲାଗି ବସି ମୁଁ କିଛିକ୍ଷଣ ମୂକ-ମୌନତା ଭିତରେ ଶୁଭ୍ର ଶୂନ୍ୟତାର ଐଶ୍ୱର୍ଯ୍ୟ ପ୍ରାଣଭରି ଅନୁଭବ କଲି । ଦୂର ଜଙ୍ଗଲରୁ କି ଅନାମିକା ଫୁଲର ଘନ ସୁଗନ୍ଧ ଭାସିଆସି ନିର୍ଜନତାକୁ ଭାରାକ୍ରାନ୍ତ କରି ତୋଳିଛି । ପବନର ମୃଦୁ ଆଲୋଡ଼ନରେ ନଦୀର ପ୍ରବାହିତ ଜଳଧାରାରେ କେଉଁ ଅପ୍‌ସରାର କୁଞ୍ଚିତ କେଶଦାମର ଲାବଣ୍ୟ ଯେପରି ଝଟକୁଛି । ମୁହୂର୍ତ୍ତକ ଭିତରେ ଜ୍ୟୋତ୍ସ୍ନାମାତାଲ ଶୂନ୍ୟତା, କଥା କହି, ଗୀତ ଗାଇ ଥରି ଥରି ଊର୍ଦ୍ଧ୍ୱଲୋକକୁ ଡେଣା ମେଲାଇ ଉଡ଼ିଯିବାକୁ ପ୍ରସ୍ତୁତ ହୋଇ କାହା ସଙ୍କେତକୁ ଯେପରି ଅପେକ୍ଷା କରି ରହିଲା ପରି ବୋଧ ହେଲା । ଏଇ ତ ମୁହୂର୍ତ୍ତ !! ମନେ ହେଲା ଏଇଠି ହିଁ ତ ଜୀବନ ସତ୍ୟ, ହୃଦୟ ମୁକ୍ତ ଆଉ ମନର ଭାବନା ମୂର୍ତ୍ତି, ନିଜକୁ ପ୍ରକାଶ କରିବାର ନିର୍ଲ୍ଲଜ ବ୍ୟାକୁଳତାରେ !

: କେମିତି ଲାଗୁଚି ? ଅଳକା ପୁଣି ଥରେ ଆଗ୍ରହ ଗଳାରେ ପଚାରିଲା ।

: କ'ଣ ? ମୁଁ ଅନ୍ୟମନସ୍କ ଭାବରେ କହିଲି।

: ଏଇ ନର୍ତ୍ତନଭଙ୍ଗୀ।

: ଠିକ୍ କହିପାରିବିନି। ତୁମେ ପାରିବ ?

: ହିଁ, ନିଶ୍ଚୟ ପାରିବି। କିନ୍ତୁ ଯଦି ମନରେ ନ ଭାବିବେ ତାହେଲେ ପଚାରିବି ଆରତିଙ୍କୁ ଆପଣ ଭଲ ପାଉଥିଲେ ନା ?

: ହିଁ, ପାଉଥିଲି। ରୁଦ୍ଧ ଗଳାରେ କହିଲି ମୁଁ।

: କେମିତି ଲାଗୁଥିଲା ସେ ଭଲ ପାଇବା ?

: ତା' କ'ଣ ବୁଝେଇ କହିପାରିବି ?

: କେହି କହିପାରେନା ଉମାକାନ୍ତ ବାବୁ ! ଭଲ ପାଇବାକୁ ବ୍ୟକ୍ତ କରିବାର ଭାଷା ନାହିଁ ପୃଥିବୀର କାବ୍ୟ-ସାହିତ୍ୟରେ। 'ଭଲ ଲାଗିବା' ଆଉ 'ଭଲ ପାଇବା' ଉଭୟେ ନିଜେ ନିଜର ମହିମାରେ ଏତେ ବେଶୀ ଧ୍ୱନିମୁଖର ଯେ ତାକୁ ପୁଣି ମୁହଁର ଭାଷାରେ ବ୍ୟକ୍ତ କରି ପ୍ରକାଶ କରିବା ସମ୍ଭବ ହୁଏ ନାହିଁ। ମର୍ମେ ମର୍ମେ ବୁଝାଯାଏ ତାକୁ। ପ୍ରାଣର ଗହନ ତନ୍ତ୍ରୀରେ ସେଇ ବୁଝିବାର ଆଲୋଡ଼ନରୁ ଯେଉଁ ତରଙ୍ଗିତ ଝଙ୍କାର ଉଠେ, ସେଇ ଝଙ୍କାର ହିଁ 'କେମିତି ଲାଗିବା' ପ୍ରଶ୍ନର ଉତ୍ତର। କହି ଏକ କମ୍ର ଭଙ୍ଗୀରେ ଉଠି ଛିଡ଼ା ହେଇପଡ଼ି ମୋ ଆଡ଼କୁ ନୃତ୍ୟ ଠାଣିରେ ଚାହିଁ କହିଲା ଅଳକା—ଆଉ ଦେଖନ୍ତୁ, ମୋର ଏଇ ଛନ୍ଦାୟିତ ଦେହର ଲାସ୍ୟ ହିଁ ସେଇ ଝଙ୍କୃତ ରାଗିଣୀର ମୁଦ୍ରାୟିତ ପ୍ରକାଶ।

ସଫେଦ୍ ଜ୍ୟୋତ୍ସ୍ନାର ହାଲ୍କା ଫେଣା ଯେମିତି ଲାଗିଛି ଅଳକାର ଶୁଭ୍ର ଉତ୍ତରୀରେ !! ରକ୍ତଜବା ପାଦ ଦୁଇଟିରେ ଝିଲ୍ଲୀର କମ୍ପନ ! କାମନାର କଳ୍ପଲୋକରୁ ଆଲୋକର ଫେଣାକଣ୍ଠା ପରୀ ସତେ ଯେପରି ଖସିପଡ଼ିଛି ମର୍ତ୍ତ୍ୟଲୋକରେ।

ଅବାକ୍ ହେଇ ଚାହିଁରହିଲି ମୁଁ। କହିଲି : ନାଚିବ ନା କ'ଣ ?

କଟିଦେଶରେ ଶାଢ଼ୀର ଶେଷପ୍ରାନ୍ତ ଦୁଇ ଯେରି କରି ଗୁଡ଼େଇ ନେଇ ଅଳକା ଭଲ ଭାବରେ ଟିକିଏ ପ୍ରସ୍ତୁତ ହେଇ କହିଲା : ନାଚ ଦେଖିବାକୁ ପ୍ରତିଶ୍ରୁତି ଦେଇଥିଲେ ମନେଅଛି ?

: କି ନାଚ ? ମୁଁ ପଚାରିଲି।

: ମୁଖର ବନ୍ଦନା।

: ନା, ନା, ସେ ନାଚ ମୁଁ ଦେଖିବାକୁ ଚାହେଁନା।

: ଭୟ କ'ଣ ? ମୃତ୍ୟୁ ହିଁ ତ ଜୀବନ, ନବଜନ୍ମର ବର୍ତ୍ତି-ପ୍ରକାଶ । କହି, ମୋର ସମସ୍ତ ବାରଣକୁ ପ୍ରତ୍ୟାଖ୍ୟାନ କରି ଉନ୍ମାଦ ଛନ୍ଦରେ ନାଚିଉଠିଲା ଅଳକା । ପ୍ରତି ପଦକ୍ଷେପରେ ଯେପରି ଅଶାନ୍ତ ଝଡ଼ର ବେଗ, ଅଙ୍ଗର ଲୀଳାୟିତ ଭଙ୍ଗୀରେ ବାସନାଦୃପ୍ତ ହୃଦୟର ତରଙ୍ଗ, ଆଖିର ଅପାଙ୍ଗ ଠାଣିରେ କାମନାଦୀପ୍ତ ମନର ଶାଣିତ ଲାବଣ୍ୟ, ଆଉ ସମସ୍ତ ଦେହର ଦୋଳାୟିତ କମ୍ପନ ଭିତରେ ସମୁଜ୍ଜ୍ୱଳ ଆଲୋକର ଶିଖାନ୍ୱିତ ଜ୍ୟୋତି । ମନେ ହେଲା, ସେ ଜ୍ୟୋତି ସତେ ଅବା ପ୍ରେମର ଅଗ୍ନିଳ ଶପଥରେ ମୃତ୍ୟୁର ଅନ୍ଧକାରକୁ ମହିମାନ୍ୱିତ କରି ତୋଳିବାକୁ ବ୍ରତ ଗ୍ରହଣ କରିଛି ।

କିନ୍ତୁ କାହିଁକି ଅଳକାର ଏ ନିର୍ମମ କଠିନ ଶପଥ ?

ନାଚ ଦେଖୁ ଦେଖୁ ଭାବନାର ବକ୍ଷୁବ୍‌ଧତା ଭିତରେ କେତେବେଳେ ମୁଁ ଅନ୍ୟମନସ୍କ ହୋଇ ଆକାଶ-ପାତାଳ କେତେ କ'ଣ ଚିନ୍ତାକରି ବସିଛି ଜାଣି ପାରି ନାହିଁ । ମଝିରେ ନାଚ ଶେଷ କରି ହଠାତ୍ ମୋ ପାଦ ଉପରେ ଯେତେବେଳେ ହୁଲ୍‌ହୁନ କଟୁଡ଼ି ହୋଇ ପଡ଼ିଲା ଅଳକା, ଗୁଡ଼ିଏ କରି ହୋସ୍ ଫେରିଆସିଲା ମୋର । ଅଜଣା ଭୟରେ ଚମକି ଉଠି ଦେଖିଲି, ଅଚେତା ହୋଇ ପରି ଭୂଇଁ ଉପରେ ଲୋଟୁ-କୋଟୁ ହୋଇ ଢଳି ପଡ଼ିଛି ଅଳକା ଗୋଟାଏ କଡ଼କୁ । ମୁହଁରେ କଥା ନାହିଁ, ଆଖିପତା ବୁଜି ହୋଇଯାଇଚି । ନାଚି-ନାଚି ଧଇଁ ସଇଁ ହୋଇ ଏକାବେଳେ କ୍ଳାନ୍ତ ହୋଇ ଭାଜି ଲୋଟିପଡ଼ିଛି ତଳେ ।

ମୋ ଛାତି ଧଡ଼ ଧଡ଼ କରିଉଠିଲା !

କ'ଣ ହେଲା ଅଳକାର ? ପାଦ ଉପରୁ ଦୁଇ ହାତରେ ତା ମୁହଁକୁ ଉଠାଇ ଧରି କିଛିକ୍ଷଣ ଜ୍ୟୋତ୍ସ୍ନା ଆଲୋକରେ ନିରୀକ୍ଷଣ କରି ଦେଖିଲି । ନାଚିବା ବେଳେ ମୁଣ୍ଡର ହଲ-ଦୋହଲରେ କେତେବେଳେ ବେଣୀ ଫିଟିଯାଇଛି । ଆଲୁଳାୟିତ କେଶଗୁଚ୍ଛ ବିଛୁଡ଼ି ହୋଇ ପଡ଼ିଛି କମନୀୟ ମୁଖପଦ୍ମ ଉପରେ । ମେଘର ଝାଲର ଭିତରେ ଚନ୍ଦ୍ରର ଲାବଣ୍ୟ ପରି କେଶର ଅରଣ୍ୟ ଭିତରୁ ଚନ୍ଦ୍ରବଦନର ଶୋଭା ଅପୂର୍ବ ଆଭା ନେଇ ହସିଉଠିଛି ।

ମୁଗ୍‌ଧ ଦୃଷ୍ଟିରେ ଆଉରି କିଛିକ୍ଷଣ ଚାହିଁରହି ଡାକିଲି : ଅଳକା !

କେଉଁ ଅମୃତଲୋକରୁ ମାନସ-ପ୍ରିୟର ଡାକ ଶୁଣି ସ୍ୱପ୍ନରୁ ଚମକି ଉଠିଲା ପରି କେଶବାସକୁ ସଜାଡ଼ି ନେଇ ଉଠି ବସିଲା ଅଳକା । ଉଠି ବସି ସଲଜ ଦୃଷ୍ଟିରେ ମୋ ଆଡ଼େ ସ୍ତବ୍ଧ ହୋଇ କିଛିକ୍ଷଣ ଚାହିଁରହିଲା । ସ୍ପଷ୍ଟ ବୁଝିପାରିଲି, ଯେପରି ମୋ

ମୁହଁରୁ ତା ମନର ଉତ୍ପନ୍ନ ପ୍ରଶ୍ନର କିଛି ଉତ୍ତର ସେ ଖୋଜି ବୁଲୁଚି । କିନ୍ତୁ କି ଉତ୍ତର ମୁଁ ଦେବି ? କି ଉତ୍ତର ଦେବାର ଶକ୍ତି ମୋର ଅଛି ? ନିଜ ଅସହାୟ୍ୟତାର ଲଜ୍ଜାରେ ମୁହଁ ଫେରାଇନେଇ ଚୁପ୍ କରି ବସିରହିଲି ମୁଁ ।

ମୋର ଧରାଛୁଆଁ ନ ଦେବାର ଖାପଛଡ଼ା ମନର ଅବସ୍ଥା ବୁଝିପାରିଲା ଅଲକା । ଗୋଟାଏ ଦୀର୍ଘନିଃଶ୍ୱାସ ନିକ୍ଷେପ କରି ଆଲୁଳାୟିତ କେଶଗୁଚ୍ଛକୁ ସଜାଡ଼ି, ଜୁଡ଼ା କରି, ଗଣ୍ଠି ପକେଇ, କହିଲା : ଚାଲନ୍ତୁ ଫେରିଯିବା, ରାତି ଅନେକ ହୋଇଛି । କହି, ମୋ କାନ୍ଧ ଉପରେ ତା ହାତର ଭାର ରଖି ଅଳସ ଭଙ୍ଗୀରେ ଉଠି ଛିଡ଼ା ହୋଇ ଧୀରେ ଧୀରେ ରିକ୍ସା ଆଡ଼କୁ ଚାଲିଲା ।

ଚାଲି ଚାଲି ଏପାଖ-ସେପାଖ ଢଳି ଢଳି ପଡ଼ୁଥାଏ ସେ । ଯେପରି ଶକ୍ତି ନାହିଁ ଚାଲିବାର, ଯେମିତି କେତେ ଦୁର୍ବଳ ହୋଇଯାଇଛି ସେ !

ତା ହାତକୁ ମୋ ମୁଠା ଭିତରେ ଶକ୍ତ କରି ଚାପିଧରିଲି ମୁଁ । କହିଲି, : ଆସ, ମୋ ପାଖେ ପାଖେ ଚାଲ । ଏପରି ଭାବରେ ଉନ୍ମାଦିନୀଙ୍କ ପରି ତୁମର ନାଚିବା ଉଚିତ ହୋଇ ନାହିଁ ଅଲକା ! ନାଚିବା ବୋଧହୁଏ ତୁମେ ବହୁତ ଦିନ ହେଲା ଛାଡ଼ିଦେଇଚ……

: ହଁ, ଦୁଇ ବର୍ଷ ଉପରେ ହେବ । ନିଉ ଏମ୍ପାୟାରରେ ଥରେ ରବୀନ୍ଦ୍ରନାଥଙ୍କ 'ବର୍ଷା ମଙ୍ଗଳ' ଗୀତି-ନାଟ୍ୟରେ ନାଚି ନାଚି ପଡ଼ି ଜ୍ଞାନ-ଶୂନ୍ୟ ହୋଇଯାଇଥିଲି । ସେଇ ଦିନଠୁ ଡାକ୍ତରଙ୍କ ପରାମର୍ଶରେ ନାଚିବା ବନ୍ଦକରି ଦେଇଥିଲି ସମ୍ପୂର୍ଣ୍ଣଭାବରେ । ସେଇଥିପାଇଁ ଏତେଦିନ ପରେ ହଠାତ୍ ନାଚିବାକୁ ଯାଇଁ ମନର ଉତ୍ତେଜନାକୁ ସଂଯତ କରି ପାରିଲି ନାହିଁ । କହି, ମୋ ଆଡ଼କୁ ଟିକିଏ କଣେଇ କରି ଚାହିଁ କହିଲା—ନାଚ ଦେଖିଲେ; କିନ୍ତୁ କିଛି ପ୍ରଶଂସା କି ହାତ ତାଳି କିଛି ଦେଲେ ନାହିଁ ଯେ……

ହୋ ହୋ କରି ହସିଉଠିଲି । କହିଲି : କ'ଣ ବୁଝିକି ତୁମ ନାଚକୁ ଯେ ହାତ ତାଳି ଦେବ ? ମୋ ପରି ଜଣେ ବେକୁବ୍ ଜଙ୍ଗଲୀ ଆଗରେ ତୁମର ଏ ନୃତ୍ୟ-ଗୀତ ପରିବେଷଣର ମାନେ କ'ଣ ଅଲକା ! ଏକ 'ଅଶାନ୍ତ' ପାଖରେ ଶାନ୍ତି ନିକେତନର କଳା-ଶୈଳୀ ଅନ୍ଧକୁ ହାତୀ ଦେଖାଇଲା ପରି ହାସ୍ୟକର ଚେଷ୍ଟା ଛଡ଼ା ଆଉ କ'ଣ ହୋଇପାରେ ?

: ଅନ୍ଧର ସିନା ଆଖି ନାହିଁ, ହୃଦୟ ତ ଅଛି ? ଉଦାସ ଗଳାରେ କହିଲା ଅଲକା ।

: ତା ଅବଶ୍ୟ ଅଛି । କିନ୍ତୁ ଆଖିରେ ଯାହା ଦେଖାଯାଏନା, ତାକୁ ହୃଦୟରେ କ'ଣ ଅନୁଭବ କରିହୁଏ ? ଅନୁଭବ କରି ମୁହଁର ଭାଷାରେ ପୁଣି ବ୍ୟକ୍ତ କରିହୁଏ ସେ ଅନୁଭୂତିର କିଛି ?

: ଆପଣ କ'ଣ କହୁଛନ୍ତି ହୃଦୟର କୌଣସି ସ୍ୱତନ୍ତ୍ର କ୍ରିୟା ନାହିଁ ମଣିଷ ଶରୀରରେ ? ଖାଲି ଆଖିରେ ଦେଖିଲେଇ ସେ ଅନୁଭବ କରେ । ତା ଛଡ଼ା କେବଳ ଦର୍ଶନ ଇନ୍ଦ୍ରିୟର ପ୍ରଭାବ କ'ଣ ପଡ଼େ ହୃଦୟ ଉପରେ ? ଶୁଣିବା, ଛୁଇଁବା ଆଉ କଳ୍ପନା କରିବା—ଏସବୁର କ'ଣ କିଛି ପ୍ରତିଫଳନ ନାହିଁ ନିଭୃତ ହୃଦୟର ମର୍ମ ତନ୍ତ୍ରୀରେ ? 'ହାତୀ' ଶବ୍ଦର ଉଚ୍ଚାରଣରେ କ'ଣ କିଛି ଅନୁଭୂତିର ଶିହରଣ ଜାଗେନା ହୃଦୟର ଅନ୍ତରତମ ପ୍ରଦେଶରେ ? ହାତୀର ବିରାଟ କଳେବରକୁ ଛୁଇଁ ସ୍ପର୍ଶର ଶିହରଣରେ ଅନୁପ୍ରାଣିତ ହୋଇ ନିଜ ଅଜାଣତରେ ବି ଆଶ୍ଚର୍ଯ୍ୟ ଉନ୍ମାଦରେ କଥା କହି ଉଠିବାର କ'ଣ କିଛି ନାହିଁ ? କହି ଅତି ସନ୍ତର୍ପଣରେ ଶଯ୍ୟା ଉପରକୁ ଉଠିଲା ଅଳକା ।

ତା ପାଖରେ ବସିବାକୁ କାହିଁକି କେଜାଣି ବଡ଼ ସଙ୍କୁଚିତ ମନେ କଲି । ମନ ଭିତରେ କେଉଁଠି ଯେପରି ନିଜ ଅକର୍ମଣ୍ୟତା ପାଇଁ ଅବଶୋଷ ଆସିଯାଇଥିଲା ମୋର । ଅଳକାର ଉଦାର ହୃଦୟ ପାଖରେ ମୁଁ ଯେପରି କେତେ କ୍ଷୁଦ୍ର, କେତେ ସାମାନ୍ୟ ! ମନେ ହେଲା, ଏ ବିଚକ୍ଷଣା ଝିଅଟିକୁ କଥାର ମାରପେଞ୍ଚରେ ଭୁଲେଇ-ଭାଲେଇ ଠକି ଖସିଯିବାର ଚେଷ୍ଟା ଯେମିତି ଅସମ୍ଭବ । ପ୍ରଖର ବୁଦ୍ଧିର ଶାଣିତ ଦୀପ୍ତିରେ ଯାହା ଚଳିବା ବାଟର ରାସ୍ତା ଏତେ ପରିଷ୍କାର-ଉଜ୍ଜ୍ୱଳ, ସେଠି ଗୁହାର ବା ଅନ୍ଧାରରେ ନିଜକୁ ଆଡ଼ ଆଳରେ ଛପେଇ ରଖି ଲୁଚିଯିବା କେବଳ ଅସମ୍ଭବତା ନୁହେଁ, ଆଉରି ନିର୍ଲଜ୍ଜତାର କଥା । କହିଲି, ତୁମେ ଏତେ ବେଶୀ ଜାଗ୍ରତ ଯେ, ତୁମ ପାଖରୁ ଖସି ପଳେଇବା ଏକ ସାଧନାର କଥା···

: କିନ୍ତୁ ମୋ ପାଖରୁ ଆପଣଙ୍କର ଖସି ପଳେଇବା ପାଇଁ ସାଧନାର କଥା ଉଠାଇଲେ କାହିଁକି ? ମୁଁ ତ ଆପଣଙ୍କୁ ଏପର୍ଯ୍ୟନ୍ତ ବାନ୍ଧିରଖିବା କଥା ଚିନ୍ତାରେ ହିଁ ଆଣି ନାହିଁ ।

: ଠିକ୍ କହୁଚ ? ଅଳକା ଦେହକୁ ଟିକିଏ ଗୁଡ଼ିଲା ପରି ହୋଇ ଶଯ୍ୟାରେ ବସି ମୁଁ ପଚାରିଲି ।

: ଠିକ୍ କହୁଚି ବୋଲି ତ ମନେ ହଉଚି । ଅଳକା ଦୃଢ଼ କଣ୍ଠରେ କହିଲା : ତା ଛଡ଼ା ବାନ୍ଧିରଖିବା କଥା କଳ୍ପନା କଲେ କ'ଣ ଖାଲି ବାନ୍ଧି ରଖିହୁଏ ? ପୁଣି ମୁଁ ଯେତେବେଳେ ଭଲକରି ଜାଣେ ଯେ ଆପଣ ସ୍ୱେଚ୍ଛାରେ ଜଣକ ପାଖରେ ବହୁ ଆଗରୁ ବନ୍ଧା ପଡ଼ି ଛଟପଟ ହେଉଛନ୍ତି, ସେତେବେଳେ ମୁଁ ବାନ୍ଧି ରଖିବାର ଚେଷ୍ଟା କଲେ ବି କ'ଣ ଆପଣ ବାନ୍ଧି ହୋଇପାରିବେ ?

: ଛଟପଟ ମୁଁ ହେଉଛି ଅଳକା, ଠିକ୍ କହିଚ, ମୁଁ ତତଲା ତେଲ କଡ଼େଇରେ ପଡ଼ି ଭଜା ହେଲା ପରି ଠକ୍ ଠକ୍ ହୋଇ ଶିଝୁଚି । କହିପାରିବ, ମୋର ଏଥିରୁ ପରିତ୍ରାଣର ବାଟ କ'ଣ ?

: ବାଟ ମୁଁ କହିଦେବି ? ଅଲକା ପଚାରିଲା ଅର୍ଦ୍ଧସ୍ୱଗତ କଣ୍ଠରେ ।

ରିକ୍ସା ଘରମୁହାଁ ଫେରିବା ବାଟ ଧରି ଚାଲିଥିଲା ।

ମୁଁ କହିଲି : ହଁ, ତୁମେ ମତେ ବାଟ କହିଦେବ ଅଲକା ! ତୁମ ଛଡ଼ା ମୋର ଅନ୍ୟ ଗତି ନାହିଁ ।

: ଗତିର ନିର୍ଦ୍ଦେଶ କ'ଣ ଜଣକୁ କେବଳ ଉପରଠାଉରିଆ ମନରେ ପଚାରିଲେ ମିଳିଯାଏ ?

: ନା, ତା ମିଳେନା ମୁଁ ଜାଣେ । ସେଥିପାଇଁ ପ୍ରାଣର ଆବେଗ ଥିବା ଉଚିତ । ନିର୍ଦ୍ଦେଶକୁ ମାନି ଚାଲିବାର ନିର୍ମଳ ପ୍ରବୃତ୍ତି ବି ରହିବା ଉଚିତ । କିନ୍ତୁ ତା ମୋର ନାହିଁ ବୋଲି ତୁମେ କ'ଣ ସନ୍ଦେହ କରୁଚ ?

: ସନ୍ଦେହ କରୁ ନାହିଁ । ମୁଁ ଜାଣେ, ଆପଣ ଆରତିକୁ ନିବିଡ଼ ଭାବରେ ଭଲ ପାଆନ୍ତି — ଆଉ ସେ ପରର ସ୍ତ୍ରୀ ହୋଇଗଲା ପରେ ମଧ୍ୟ ଆପଣ ତା ପାଇଁ ବ୍ରତାଚାରୀ ହୋଇ ରହିବାର ଶପଥ ଗ୍ରହଣ କରିଛନ୍ତି…

: ମୋ ମନକଥା ତୁମେ କିପରି ଜାଣିଲ ? ମୁଁ ଉତ୍କଣ୍ଠାରେ ଅଲକାର ହାତ ଚାପି ଧରି କହିଲି — କିଏ ତୁମକୁ କହିଲା ଏକଥା ?

: ଆପଣଙ୍କ ଚାଲିଚଳନ, ଆପଣଙ୍କର ମୋ ସହିତ ବ୍ୟବହାର…ଆପଣଙ୍କ ଉଦାସ ମଳିନ ମୁଖର ଗାମ୍ଭୀର୍ଯ୍ୟ…

: ଆଶ୍ଚର୍ଯ୍ୟ, ତୁମେ ଏତେସବୁ ଅନୁମାନ କରିପାରିଚ ଅଲକା ?

ଟିକିଏ ଶୁଖିଲା ହସ ହସିଲା ଅଲକା । କହିଲା : ଅନୁମାନ କରିପାରିବା ଲାଗି ମତେ ବାହାଦୁରୀ ଦବା ଛଡ଼ା ଆଉ କ'ଣ କିଛି କର୍ତ୍ତବ୍ୟ ନାହିଁ ମୋ ପ୍ରତି ?

: ହୁଏତ ଅଛି । ମୁଁ ବୁଝିପାରୁଚ, ତୁମେ କ'ଣ କହିବାକୁ ଚାହଁ । କିନ୍ତୁ ତୁମେ ତ ଜାଣ ଅଲକା, ମୁଁ କିପରି ଦୁର୍ବଳ — କିପରି ଅସହାୟ !

: କେହି ଅସହାୟ ଆଉ ଦୁର୍ବଳ ମନେ ନ କଲେ ପ୍ରେମର ଆଶ୍ରା ଖୋଜେ ନାହିଁ । ପ୍ରେମ ଗୋଟାଏ ଆଶ୍ୱାସନା ଆଉ ଅବଲମ୍ବନ ଛଡ଼ା ଆଉ ବିଶେଷ କ'ଣ ମତେ କହିପାରିବେ ? ସେଇଥିପାଇଁ ତ ଜଣେ ଜଣକୁ କାହିଁକି ଭଲ ପାଏ ବୋଲି ପଚାରିଲେ ସଚରାଚର ଉତ୍ତର ମିଳେ ଭଲ ପାଇବାର କିଛି କାରଣ ନାହିଁ । ଭଲ ପାଇବାଟା ମଣିଷ-ଚରିତ୍ରର ଗୋଟାଏ ଦୁର୍ବଳ ମୁହୂର୍ତ୍ତର ଖିଆଲ ବୋଲି ମଣିଷ ଭଲ ପାଏ'।

: ତୁମ କଥା କେତେକାଂଶରେ ହୁଏତ ଠିକ୍ । ମୁଁ କହିଲି : ସ୍ତ୍ରୀ ବୋଲି ଜଣେ କ'ଣ ଯାହାକୁ ଇଚ୍ଛା ତାକୁ ଭଲ ପାଇପାରେ ? ଖାଲି ଦୁର୍ବଳ

ଆଉ ଅସହାୟ ମନେକଲେ କ'ଣ ଜଣେ ଯାହାକୁ ପାଖରେ ପାଏ ତାକୁ ଭଲ ପାଇବସେ ?

: ଅପଣ ମତେଇ ଆକ୍ଷେପ କରି କଥାଟା କହିଲେ ଉମାକାନ୍ତ ବାବୁ, ମୁଁ ବୁଝିପାରୁଚି । କିନ୍ତୁ ଗୋଟାଏ ଆଦିମ ସତ୍ୟକୁ ଆପଣ ଭୁଲିଯିବାକୁ ବସିଛନ୍ତି । ଜଣେ ଜଣକୁ ଭଲ ପାଇବାକୁ ଯାଇ କେବେ ବିଚାର କରି ଦେଖେନା, ସେ ଯାହାକୁ ଭଲପାଇବା ଦବାକୁ ଯାଉଛି···ପ୍ରତିଦାନରେ ସେ ଭଲପାଇବା ପାଇବ କି ନାହିଁ । ଭଲ ପାଇବା ହେଲ 'ଅନ୍ଧ' । ଇଂରେଜୀରେ ଅଛି ନା 'ଲଭ ଇଜ୍ ବ୍ଲାଇଣ୍ଡ' ! ମତେ ଆପଣ ଭଲ ପାଇବେ କି ନାହିଁ ମୁଁ ଯଦି ବିଚାର କରି ଦେଖି ଭଲ ପାଇବି, ତାହେଲେ ମୁଁ କ'ଣ ସେଇ ଅମୃତ ପ୍ରେମର କଳ୍ପିତ ସ୍ୱର୍ଗ ପାଇ-ପାରିବି ? ଅରେ ବିଚାର କରି ଦେଖି ଭଲ ପାଇବାକୁ ଗଲେଇ ଭୁଲଭ୍ରାନ୍ତିର କେତେ ଯେ ଦୁଷ୍ଟିନ୍ତା ମନକୁ ବିବ୍ରତ କରି ତୋଳିବ, ତାର କ'ଣ କିଛି ଠିକଣା ଅଛି ? ସେଇଥିପାଇଁ ତ ଭଲ ପାଇବାକୁ ହେଲେ ଅନ୍ଧ ଭାବରେ ହିଁ ଭଲ ପାଇବାକୁ ହୁଏ ।

: ଆଉ ସେଇଥିପାଇଁ ତ ପରିଣାମ ହୁଏ ଭୟାବହ । ଯେତେବେଳେ ଅନ୍ଧ ଭାବରେ ସର୍ବସ୍ୱ ଦେଇ ବାଞ୍ଛିତ ପ୍ରେମ ମିଳେ ନାହିଁ, ମୁଁ କହିଲି, ସେତେ-ବେଳେ ଅବସ୍ଥା କ'ଣ ହୁଏ ଜାଣ ?

: ଜାଣିବି କ'ଣ ? ମୁଁ ତ ନିଜେ ଭୋଗୁଛି । ଅଲକା କହିଲା ଆର୍ଦ୍ର ଗଳାରେ ।

: ତୁମେ ? ମୁଁ ଚମକି ଉଠିଲି ପରି ଆଶ୍ଚର୍ଯ୍ୟ ଗଳାରେ ପଚାରିଲି ।

: ହଁ, ମୁଁ । ସେ କଥା କ'ଣ ଜାଣିନ ? ଆକାଶରୁ ପଡ଼ିଲା ପରି ଏମିତି ବିସ୍ମିତ କଣ୍ଠରେ ମତେ ପଚାରିଲ ଯେ···

ଲକ୍ଷ୍ୟ କଲି, ଅଲକା, ନିଜ ଅଜାଣତରେ ସମ୍ବୋଧନର ମାନ୍ୟାର୍ଥକୁ ସହଜ ଓ ସ୍ୱାଭାବିକ ସ୍ତରକୁ ନେଇଆସିଚି । ମନେ ମନେ ଟିକିଏ ଗର୍ବ ଅନୁଭବ କଲି । ଭାବିଲି, ବିପ୍ଳବୀ ସେଇପରି ସହଜ ଓ ସରଳ ଭାବରେ ହେଲେ ମତେ ଗ୍ରହଣ କରି ଟିକିଏ ଆନନ୍ଦ ପାଉ । କହିଲି, କ୍ଷମା କରିବ ଅଲକା, ମତେ ଆକ୍ଷେପ କରି କିଛି କହିବା ଆଗରୁ କହିପାରିବ କେବେ, କେତେବେଳେ ମତେ ଜଣାଇଚ ତୁମର ଭଲ ପାଇବା ?

: ଭଲ ପାଇବାଟାକୁ କ'ଣ ମୁହଁର କଥାରେ ଜଣାଇବାକୁ ହୁଏ ? କାହିଁ, ଏପର୍ଯ୍ୟନ୍ତ ଉପନ୍ୟାସର କୌଣସି ଚରିତ୍ର ମୁହଁରେ ତ ମୁଁ ସେ ଭାଷା ପଢ଼ି ନାହିଁ !

: ତୁମର ମତେ ଭଲ ପାଇବାର ଉଚ୍ଛ୍ୱାସ ମୂଳରେ କ'ଣ ତେବେ କୌଣସି ଔପନ୍ୟାସିକ ନାୟିକାର ପ୍ରେରଣା ଓ ଅଭିବ୍ୟକ୍ତି ଅଛି ?

: ଅସ୍ୱୀକାର କରିବିନି ! ଅଳକା କହିଲା, ଆଦମ ବର୍ବର ଯୁଗର ସେଇ ଭଲ ପାଇବାର ଢଙ୍ଗ କାଳକ୍ରମେ ପରିମାର୍ଜିତ ହୋଇ ଆସିଛି ତ ବହିର ନାୟିକା ଚରିତ୍ରର ଭାଷାବ୍ୟଞ୍ଜନାରୁ ଶିଖି, ପଢ଼ି, ଅଭ୍ୟାସ କରି । ମୁଁ ତୁମକୁ ମୋ ଭଲ ପାଇବା ଜଣାଇବା ପାଇଁ କ'ଣ ଗୋଟାଏ ସଭା ସମିତିର ଆୟୋଜନ କରିଥାନ୍ତି କହୁଚ ?

: ନା, ତା ନୁହେଁ । ମୁଁ ଟିକିଏ କ୍ଷୁଣ୍ଣ ଗଳାରେ କହିଲି, ମୋ କଥାକୁ ଭୁଲ୍ ବୁଝିଲ ବୋଧହୁଏ ।

: ଭୁଲ୍ ମୁଁ ନିଶ୍ଚୟ ବୁଝିଁଚି । ଅଳକା ଅସ୍ୱାଭାବିକ ଭାବରେ କଥାରେ ଜୋର ଦେଇ କହିଲା, ଭୁଲ ବୁଝିବା ସ୍ୱାଭାବିକ, କାରଣ ମୁଁ ତୁମକୁ ଭଲ ପାଇଛି । କହି ମୋ ହାତମୁଠା ଭିତରେ ସେତିକିବେଳୁ ବନ୍ଦୀ ହୋଇ ରହିଥିବା ତା ହାତ ପାପୁଲିଟିକୁ ସେ ମୁକ୍ତ କରିନେବାର ଚେଷ୍ଟା କରି କହିଲା—କଳ୍ପନାରେ ଆଉ କାର୍ଯ୍ୟରେ ଭୁଲ୍ ପରେ ଭୁଲ୍ କରି, ନାରୀ ତା ମନର ପୁରୁଷକୁ ତ ପ୍ରାଣ ଦେଇ ଭଲ ପାଇ ଶିଖେ ଆଉ ପ୍ରେମର ସ୍ୱର୍ଗ ପାଏ···

ଅଳକାର ଉତ୍ତର ଶୁଣି ଟିକିଏ ଲଜ୍ଜିତ ହେଲି । କହିଲି : ମତେ ବୃଥାରେ ଆକ୍ଷେପ କରି ଏତେ ସବୁ କହୁଚ ଅଳକା ! ତୁମେ ତ ସବୁ ଜାଣ । ଜୀବନରେ କେତେ ବଡ଼ ଭୁଲ୍ ମୁଁ କରିବସିଛି । ଗୋଟିଏ ତରୁଣୀର ଇହକାଳ ପରକାଳ ଧ୍ୱଂସ କରି ମୁଁ କି ମନସ୍ତାପରେ କୁହୁଳୁଚି ତା ତ ତୁମେ ଜାଣ । ସବୁ ଜାଣିଶୁଣି ତଥାପି କାହିଁକି ମତେ ଭଲ ପାଇ ବସିଲ ଅଳକା ! ମୁଁ ଏ ଭଙ୍ଗା ମନ ଆଉ ପୋଡ଼ା ପ୍ରାଣ ନେଇ ତୁମକୁ କି ପ୍ରତିଦାନ ଦେଇପାରିବି ?

: ପ୍ରତିଦାନ ମୁଁ ଚାହେଁନା···ଅଳକା ଉତ୍ତେଜିତ ଗଳାରେ କହିଲା ।

: ତୁମେ ନ ଚାହିଁପାର, କିନ୍ତୁ ମୋର ତ ବିବେକ ଅଛି ।

: ଆପଣଙ୍କର ବିବେକ ଅଛି ? ଅଳକା ତାଚ୍ଛଲ୍ୟ ଗଳାରେ ପଚାରିଲା । ମୋ ପାଇଁ ସେ ବିବେକର କଥା ମୁଁ କହୁ ନାହିଁ, ଆରତି ପାଇଁ ବି କ'ଣ ସେ ବିବେକ କିଛି କର୍ତ୍ତବ୍ୟ କରିଛି ?

: ନା, ତା କରିପାରି ନାହିଁ ବୋଲି ତ ଆଜି ତୁମ ଦାନକୁ ଗ୍ରହଣ କରିବାକୁ ମୁଁ ଏତେ କୁଣ୍ଠିତ ଅଳକା ! ଆରତି ଆଜି ମୋ ହାତର ପହଞ୍ଚ ଭିତରେ ନାହିଁ । ମୁଁ ଜାଣେ, ସେ ବିବାହିତା, ପରକୀୟା, ବିଧବା । ଏ ଜୀବନରେ ମୋର ତା ସହିତ ଆଉ କୌଣସି ସମ୍ପର୍କ ରହିବା ସମ୍ଭବ ହେବ ନାହିଁ ।

ତା ବୋଲି ମୁଁ ତ ଆଉ ଅମାନୁଷିକ ଭାବରେ ସ୍ୱାର୍ଥପର ହୋଇପାରେନା । ଆରଢର ସମସ୍ତ ଜୀବନ ନଷ୍ଟକରି କେଉଁ କଳଙ୍କ ମୁହଁରେ ମୁଁ ଆଜି ତୁମର ପ୍ରେମିକ ସାଜିବି ? ମୋ ପରି ଜଣେ ଅବ୍ୟବସ୍ଥିତ ଚରିତ୍ର କାପୁରୁଷ ଯୁବକକୁ ପାଇ ତୁମେ କ'ଣ ସୁଖୀ ହୋଇପାରିବ ? ତା'ଠୁ ବରଂ ମୋ ଶ୍ରେଷ୍ଠ ଅନୁରୋଧଟିଏ ରଖ ଅଲକା, ତୁମେ ବିବାହ କର, ତୁମ ପରି ଝିଅର ସ୍ୱାମୀ ହେବା ପାଇଁ ବଙ୍ଗଳାରେ ପାତ୍ରର ଅଭାବ ନାହିଁ ।

: ନା, ନା, ମତେ କ୍ଷମା କର । କହି ଉଚ୍ଛ୍ୱସିତ କୋହରେ ହଠାତ୍ ଫାଟିପଡ଼ିଲା ଅଲକା । ସେଇ ଶଯ୍ୟା ଉପରେ ମୋ କୋଳରେ ତା ମୁହଁଟିକୁ ଲୁଚାଇ ରଖି ଅଶ୍ରୁ ଗଦ୍‌ଗଦ୍ କଣ୍ଠରେ କହିଲା—ନାରୀର ସତୀତ୍ୱ ବୋଲି ଯଦି କିଛି ଥାଏ, ମୁଁ ସେଇଟି ବହୁଦିନରୁ ତୁମ ପାଦ ତଳେ ଉତ୍ସର୍ଗ କରିଦେଇଛି ପ୍ରିୟତମ ! ମୁଁ ଏ ଜୀବନରେ ଅନ୍ୟ କାହାକୁ ବିବାହ କରିପାରିବ ନାହିଁ ।

: ଛୋଟ ପିଲାଟିଏ ପରି ଏ ତୁମେ କ'ଣ କହୁଚ ଅଲକା ! କୋଳ ଉପରୁ ତାର ଲୋତକପ୍ଲାବିତ ମୁହଁଟିକୁ ଦି ହାତରେ ବୁକୁ ଉପରେ ତୋଳି ଧରି କହିଲି—ମନକୁ ଶକ୍ତ କର ଅଲକା, ତୁମେ ବୁଦ୍ଧିମତୀ, ଶିକ୍ଷିତା । କୌଣସି ଦୁର୍ବଳ ମୁହୂର୍ତ୍ତରେ ଯଦିବା ମୋ ପ୍ରତି ତୁମର ଆସକ୍ତି ଆସିଯାଇଛି, ଚାହିଁଲେ ତୁମେ ପୁଣି ନିଜକୁ ସଂଯତ କରି ନେଇପାରିବ । ତୁମ ପାଖେ ପାଖେ ରହି ବଡ଼ ଭାଇଟି ପରି ମୁଁ ସବୁମତେ ସାହାଯ୍ୟ କରିବି ତୁମର ଭବିଷ୍ୟତ ଗଢ଼ିବା ପାଇଁ । ମତେ ବିଶ୍ୱାସ କର ।

: ନା, ନା, ତା ମୋ ପକ୍ଷରେ ଅସମ୍ଭବ । ଜୀବନରେ ମୃତ୍ୟୁ ବରଂ ଶ୍ରେୟଃ, କିନ୍ତୁ ତୁମ ଛଡ଼ା ଅନ୍ୟ ପୁରୁଷକୁ ବିବାହ ମୋ ପକ୍ଷରେ ସମ୍ଭବ ନୁହେଁ ଏ ଜନ୍ମରେ । ଯେଉଁ ଦେଶର ମାଟିରେ ସୀତା, ସାବିତ୍ରୀଙ୍କର ଜନ୍ମ, ସେ ଦେଶରେ ମୁଁ କ୍ଷଣିକ ସୁଖସମ୍ଭୋଗ ପାଇଁ ନାରୀଜୀବନର ଏତେ ବଡ଼ ଆଦର୍ଶକୁ ବଳି ଦେବି ! ତା କୌଣସିମତେ ହୋଇପାରେନା । ପୁଣି ମୁଁ ଯେତେବେଳେ ଘରେ ଦାଦା, ବୌଦି ସମସ୍ତଙ୍କୁ କହିଦେଇସାରିଛି, ତୁମକୁ ମୁଁ ଭଲ ପାଏ, କେବେ ବିବାହ କଲେ ତୁମକୁ ହିଁ ବିବାହ କରିବି, ସେତେବେଳେ କେଉଁ ମୁହଁରେ ଆଉ ତାଙ୍କ ଆଗରେ ମୁଣ୍ଡ ଟେକି ବାଟ ଚାଲିବି କୁହ…

: ମତେ ଭଲ ପାଅ ବୋଲି ବୌଦିଙ୍କୁ କହିସାରିଚ ?

: ହଁ । ତା ନ ହେଲେ ଏ ନିର୍ଜନ ରାତିରେ ତୁମ ସାଙ୍ଗରେ ପୁଣିଥରେ ଏ ନିଭୃତତମ ଜାଗାକୁ ଆସିବା ପାଇଁ କ'ଣ ମୋର ସତ୍‌ସାହାସ ହୋଇଥାନ୍ତା ! ବୌଦିଙ୍କୁ କହି ଅନୁମତି ଚାହିଁବା ପାଇଁ ?

: ତୁମେ ବଡ଼ ଭୁଲ କରି ପକେଇଚ ଅଳକା ! କ୍ଷଣିକ ଉତ୍ତେଜନାରେ ତୁମେ ତୁମର ସର୍ବନାଶ ଡାକିଆଣିଚ । ମୁଁ ବ୍ୟଥିତ ଗଳାରେ କହିଲି ।

: ମୋ ପାଇଁ ବ୍ୟସ୍ତ ହେବେ ନାହିଁ । ମୋ ଭବିଷ୍ୟତ ପଥ ମୁଁ ବାଛିନେବି । ସେ ବୁଦ୍ଧି ମୋର ଅଛି । ସେଦିନ କୋଠା ଛାତ ଉପରେ ତମେ ମୋତେ—ନା, ନା ଆପଣ—କହି ହଠାତ୍ କଥା ମଝିରେ ରହିଯାଇ କହିଲା ଅଳକା, ହେଇ ଯାଃ, ଏ ଭିତରେ ଅନ୍ୟମନସ୍କତା ଭିତରେ କେତେବେଳେ ଆପଣଙ୍କୁ 'ଆପଣ' ବଦଳରେ 'ତମେ ବୋଲି ସମ୍ବୋଧନ କରିବସିଚି ଖିଆଲ ନାହିଁ, କ୍ଷମା କରିବେ···

: ନା, ନା, ମତେ ତମେ ବୋଲି କୁହ ଅଳକା, ଆଜଠୁ ମତେ ଟିକିଏ ଆପଣାର ପରି ପାଖକୁ ନିଅ, ମତେ ଟିକିଏ ସ୍ନେହରେ ଡାକ, ମମତାରେ କଥା କୁହ । ଭକ୍ତି ନୁହେଁ ଅଳକା, ସମ୍ମାନ କି ଅର୍ଚ୍ଚନା ସେସବୁ କିଛି ଚାହେଁନା ତୁମଠୁ । ମୁଁ ଚାହେଁ ଆଜଠାରୁ ଶ୍ରେଷ୍ଠ ଭଉଣୀଟି ପରି ତୁମେ ମତେ···

: ନା, ତା ହେଇପାରେନା ଉମାକାନ୍ତବାବୁ ! ମୋ ମୁହଁରେ ତା କୁସୁମ-କୋମଳ କର ପଲ୍ଲବଟିକୁ ନ୍ୟସ୍ତ କରି କଥାରେ ବାଧା ଦେଇ କହିଲା ଅଳକା, ଆପଣ ମୋର ଭାଇ ହେଇ ପାରିବେନି, ବନ୍ଧୁ ବି ନୁହନ୍ତି, ଆପଣ ମୋର ପ୍ରିୟତମ, ଆପଣ ମୋ ପ୍ରାଣର ସର୍ବସ୍ୱ । କହି ଛାତି ଉପରେ ମୁଣ୍ଡ ରଖି ଫୁଲି ଫୁଲି କାନ୍ଦି-ଉଠିଲା ଅବୁଝ ଶିଶୁଟି ପରି ।

କି ସାନ୍ତ୍ୱନା ନେଇ ଅଳକାକୁ ବୁଝାଇବି ଭାବିପାରିଲି ନାହିଁ । ଶୂନ୍ୟ ଆକାଶକୁ ଚାହିଁଲି । ରାତି ଗମ୍ଭୀର ହେଇଛି । ଆକାଶରେ ଜହ୍ନର ରୂପ ଯେମିତି ଅସାଧାରଣ ଭାବରେ ଉଜ୍ଜ୍ୱଳ । ସେ ଉଜ୍ଜ୍ୱଳତା ଭିତରେ ମୁଁ ଯେପରି ଅଳକା ମନର ପରିଚ୍ଛନ୍ନ ନିଷ୍ଠାର ଆଭାସ ପାଇଲି । କହିଲି : ଶୁଣ, ମୋର ଗୋଟିଏ ଅନୁରୋଧ ରଖିବ ?

: ନା, ଆଜି ନୁହେଁ । ତୁମର ଅନୁରୋଧ ରଖିଥାଅ ପରେ କେବେ କହିବ । ଘର ହେଇଗଲାଣି । ବରଂ ମତେ ପଦିଏ ଶେଷ କଥା କହିବାକୁ ଅନୁମତି ଦିଅ ।

: ଶେଷ କଥା ? ମୁଁ ବିସ୍ମୟ-କ୍ଷୁବ୍ଧ ଗଳାରେ ପଚାରିଲି—ଶେଷ କାହିଁକି ଅଳକା, ତୁମର ପ୍ରିୟତମ ହେବାର ଏତେବଡ଼ ଭାଗ୍ୟ ନେଇ ମୁଁ ଜନ୍ମ ହେଇନି, ମତେ ଭୁଲ ବୁଝୁଚ କାହିଁକି ? କୁହ କ'ଣ କହୁଚ, କିନ୍ତୁ ତା ଶେଷ କଥା ଯଦି ହୋଇଥାଏ ତୁମ ଆଡୁ, ତାହେଲେ ମତେ କହିବା ଉଚିତ୍ ହେବ ନାହିଁ । ମୁଁ ତା ଶୁଣିବି ନାହିଁ । ମୁଁ ଚାହେଁ ତୁମ ମୋ ଭିତରେ ଆଜଠୁ ଆଉ ଶେଷ ହେଇ କିଛି ନାହିଁ । ଅଶେଷ ଆଉ ଅସୀମ ଭିତରେ ସବୁ ଶ୍ରେଷ୍ଠ ଆଉ ସାମାନ୍ୟ, ସବୁ ଅସୁନ୍ଦର

ଆଉ ଅଶୋଭନୀୟ, ଅପୂର୍ବ ଆଉ ଅସାମାନ୍ୟ ହୋଇଉଠୁ ଏଇ ମୁହୂର୍ତ୍ତଟି ! ବୁଝିଲ ଅଳକା, ଆଜିଠାରୁ ତୁମର ମୋର ସମ୍ପର୍କ ଜୀବନର ଅନନ୍ତକାଳ ପାଇଁ, ଅଶ୍ରୁର ଆକୁତିରେ, ମମତାର ବନ୍ଧନରେ ଅମୃତମୟ ହୋଇ ରହିଲା ଜନ୍ମ ଜନ୍ମାନ୍ତର ପାଇଁ । ଏ ଗ୍ରନ୍ଥିକୁ କେହି ଛିଣ୍ଡାଇ ପାରିବ ନାହିଁ ଅଳକା ! ଦୁଇଟି ପ୍ରାଣରେ ଏ ପବିତ୍ର ବନ୍ଧନକୁ ମୃତ୍ୟୁ ବି ଜାଳି ପୋଡ଼ି ଭସ୍ମ କରିପାରିବ ନାହିଁ । ତୁମେ ଚିରକାଳ ପାଇଁ ମୋ ଆଗରେ ମହୀୟସୀ ନାରୀ ଭାବରେ ପୂଜା ପାଇବ ! ମୋ ଠାରୁ ତୁମେ ବଡ଼, ମୋର ପ୍ରେମାସ୍ପଦା ଆରତିଠାରୁ ବି ତୁମେ ଉଚ୍ଚରେ । ଏଇ ମୁହୂର୍ତ୍ତରୁ ତୁମେ ମୋ ପାଖରେ ଦେବୀ···

: ଆଃ ! ଚିତ୍କାର କରିଉଠିଲା ଅଳକା, ଏସବୁ ଉଦ୍‌ଭ୍ରାନ୍ତଙ୍କ ପରି କ'ଣ କହୁଯାଉଛ ? କହି ସେ ହଠାତ୍ ମୋ ଗୋଡ଼ ଆଡ଼କୁ ଝୁଙ୍କି ପଡ଼ି ମୋ ପାଦରୁ ଧୂଳି ନେଇ ମୁଣ୍ଡରେ ମାରିଲା । କହିଲା : ଆଜି ରାତିରେ ମୁଁ ଖୁବ୍ ଶାନ୍ତିରେ ଶୋଇପାରିବି ପ୍ରିୟତମ ! ଏ ବନ୍ଧନ ଛିନ୍ନ ହେବ ନାହିଁ । ଛିନ୍ନ ହେବାକୁ ତମେ ଦେବ ନାହିଁ । ଏଇ ଆଶ୍ୱାସନା ତ ମୁଁ ଚାହୁଁଥିଲି । ଏଇ ପ୍ରତିଶ୍ରୁତି ପାଇଁ ତ ମୁଁ ରାତି ରାତି କାନ୍ଦି ମରୁଥିଲି । ଆଉ ମୋର କିଛି ଲୋଡ଼ା ନାହିଁ । ଆଜି ରାତିରେ ଗଭୀର ନିଦ୍ରାରେ ଶୋଇ ମୋ ନାରୀ ଜୀବନର ମୁକ୍ତିର ସ୍ୱପ୍ନ ମୁଁ ଦେଖି ପାରିବି । କହି ସେ ଛଳ ଛଳ ଆଖିରେ ମୋ ଆଡ଼କୁ କିଛିକ୍ଷଣ ପାଇଁ ସକରୁଣ ଦୃଷ୍ଟିରେ ଚାହିଁଲା । ତା'ପରେ ରିକ୍‌ସାକୁ ଘର ପାଖରୁ ଅଳ୍ପ ଟିକିଏ ଦୂରରେ ରଖିବାକୁ କହି ତରତରରେ ଓହ୍ଲାଇ ପଡ଼ି କୋଠା ଆଡ଼କୁ ଚାଲିଗଲା ।

କିଛିକ୍ଷଣ ସ୍ତବ୍ଧ ହୋଇ ମୁଁ ସେଇ ଗଦ୍ଦା ଉପରେ ଛିଡ଼ାହୋଇ ଆକାଶ ଆଡ଼େ ଚାହିଁଲି । କେତେବେଳେ ଯାଏ ସେମିତି ଅବାକ୍ ହୋଇ ଚାହିଁରହିଲି, ତା ବି ଜାଣେନା । ମଝିରେ ରିକ୍‌ସାବାଲା ପାଟି ଶୁଣେଇ କହିଲା—ବାବୁ, ମା ପାଞ୍ଚ ଟଙ୍କା ଦେଲେ । ମୁଁ ଯାଉଛି । ଆପଣଙ୍କର ଉନ୍ନତି ହେଉ ବାବୁ !

ଘଣ୍ଟି ବଜେଇ ରିକ୍‌ସା ଚାଲିଗଲା । ଚକର ଘଡ଼ ଘଡ଼ ଶବ୍ଦ ଦୂରରୁ ଦୂରକୁ ଯାଇ ଆସ୍ତେ ଆସ୍ତେ ରାତିର ନିସ୍ତବ୍ଧତା ଭିତରେ ମିଳେଇଗଲା । ଗୋଟାଏ ଦୁଶ୍ଚିନ୍ତାକୁ ମନରୁ ଝାଡ଼ିଦେଲା ପରି ଶିହରିଉଠି ମୁଁ ଘର ଭିତରକୁ ପଶିଗଲି ।

॥ ୨୦ ॥

ଘରେ ସେତେବେଳକୁ ସମସ୍ତେ ଖାଇ ପିଇସାରି ଶୋଇବାର ଆୟୋଜନରେ ବ୍ୟସ୍ତ । ମୋ ପଢ଼ାଘର ଭିତରକୁ ଗୃକର ଆସି କିଛି ପିଠା ଆଣି ଖିଆ ଭଖିଦେଇଗଲା ଖାଇବାକୁ । ସେଦିନ ପୂର୍ଣ୍ଣିମା । ମାଉସୀ କ'ଣ ସବୁ ପିଠାପଣା କରିଥିଲେ । ଗୃକର କହିଲା—ମା ଏତେବେଳଯାଏ ଆପଣଙ୍କୁ ଅନେଇ ବସିଥିଲେ । ଟିକିକ ଆଗରୁ ଶୋଇଛନ୍ତି । ଡାକଦେବି ?

: ନା, ନା, କିଛି ଦରକାର ନାହିଁ । ପାଣି ଗିଲାସେ ଆଣି ରଖି ଦେଇ ତୁ ଶୋଇବାକୁ ଯା । ମତେ ଭୋକ ନାହିଁ । ଟିକିଏ ପରେ ଖାଇବି ।

: ରାତି ଅନେକ ହେଲାଣି, ଗୃକର କହିଲା, ଆପଣ ଖାଇ ଶୋଇପଡ଼ନ୍ତୁ ।

: ସେକଥା ମୁଁ ଦେଖିବି, ତୁ ଯା । ହଁ, ଶୁଣ୍ । ଆଜିର ଖବରକାଗଜ ଦେଇଯାଇଛୁ ? 'ସମାଜ' ?

- ହଁ, ଦେଇଯାଇଛୁ । ବଡ଼ ବାବୁ ନେଇ ପଢୁଥିଲେ । ତାଙ୍କୁ ଆଣି ଦେବି ? କହି ମୋ ନିର୍ଦ୍ଦେଶକୁ ଅପେକ୍ଷା ନ କରି ଗୃକର ଗୃଲିଗଲା ତଳକୁ । ମୁଁ ଉଠିଯାଇ ଗୋଡ଼ ହାତ ଧୋଇ ଆସି ଟେବୁଲ ସାମନାରେ ବସିଲି । ସମସ୍ତ ଦେହଟା କିପରି ଗରମ ହୋଇ ଉଙ୍କାଟ ଲାଗୁଥାଏ । ଘର ଭିତରେ ଯେମିତି ଅସହ୍ୟ ଗରମ ! ସାରା ରାତିଟା ଯେଉଁ ବାହାରେ, ନଦୀକୂଳେ କଟିଆଆନ୍ତା କି !

'ସମାଜ' ମୋ ହାତକୁ ବଢ଼େଇଦେଇ ଗୃକର ଟିକିଏ ଠିଆ ହେଲା । କହିଲା — ନା, ଆଉ କିଛି ଲୋଡ଼ା ନାହିଁ । ତାଲେ ପାଣି ବାହାରେ ଦେଇଚୁ ତ ?

: ଦେଇଚି ।

: ପାନ ?

: ହଁ, ବିଛଣାଚାଦର ଉପରେ ଢାକିଆପାଖେ ରଖିଦେଇଚି ।

: ମୋ ଟର୍ଚ୍ଚଲାଇଟ୍ ?

: ଟର୍ଚ୍ଚଲାଇଟ୍‌ଟା ସରୋଜ ବାବୁ ମାଗିନେଇ ଯାଇଛନ୍ତି ସଞ୍ଜବେଳେ । ଫେରେଇ ନାହାନ୍ତି । ସେ ଶୋଇପଡ଼ିବେଣି । ତାଙ୍କଠୁ ଯାଇଁ ନେଇଆସିବି ?

: ନା, ଦରକାର ନାହିଁ । ତୁ ଯା ।

: ଖଣ୍ଡେ ପିଠା ଖାଇଦିଅ ବାବୁ ! ରାତିରେ ଉପାସ ଶୁଅନ୍ତୁ ନାହିଁ ।

: ଏ ସତ୍ୟ ତୁ କେଉଁଠୁ ଆବିଷ୍କାର କଲୁ? ମୁଁ କାଗଜଟାକୁ ବାଁ ହାତରେ ଧରି ଡାହାଣ ହାତରେ ପିଠାକୁ ଖଣ୍ଡେ ଭାଙ୍ଗି ପାଟିରେ ଗୁଞ୍ଜି କହିଲି, ତୁ କେଉଁଠି ଶୋଉଚୁ ରେ? ତଳେ?

: ହଁ, ତଳେ ଶୋଉଥିଲି। ଆଜି ଏଇ ବାରଣ୍ଡା ଉପରେ ଶୋଇବି। ବଡ଼ ଗରମ। ଘର ଭିତରେ ମଶା...କହି ଟିକିଏ ରହିଯାଇ କହିଲା—ଯାଉଚି ବାବୁ!

: ଯା, ତୋ କଥା ମାନି ମୁଁ ଖାଇଲିଣି। ତୋର ଆଉ ଜଗି ଠିଆହୋଇ ମତେ ଖୁଆଇବା ଦରକାର ନାହିଁ।

ଶଙ୍କର ଚାଲିଗଲା। ପିଠାରୁ ଆଉ ଦିଖଣ୍ଡ ଭାଙ୍ଗି ଖାଇ ହାତ ଧୋଇ ମୁଁ ବିଛଣା ଉପରକୁ ଉଠିଗଲି। ଆଖିରେ ନିଦ ନାହିଁ। ତେବେ ବି କେମିତି ଶ୍ରାନ୍ତ କ୍ଲାନ୍ତ ମନେ ହେଲା। ଚିତ୍ ହୋଇ ଶୋଇ ଦି ହାତରେ ଖବରକାଗଜଟା ମେଲେଇ ଧରି ସେଦିନର ସମ୍ବାଦ ଉପରେ ଆଖି ପକେଇଗଲି। ଅହମଦାବାଦ ଲୁଗାକଲରେ ଶ୍ରମିକ ବିକ୍ଷୋଭ। ଲାଠି ମାଡ଼ରେ ବହୁ ଲୋକ ମୃତ ଆଉ ଆହତ। କଲିକତାରେ ଲକ୍ଷାଧିକ ଲୋକଙ୍କ ସାଧାରଣ ସଭାରେ ମହାତ୍ମା ଗାନ୍ଧିଙ୍କ ଭାଷଣ। ସେଇ ସଭାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ଦେଶବାସୀଙ୍କୁ ଆହ୍ୱାନ। ବ୍ରିଟିଶରାଜକୁ ଅକାମି କରିବା ନିମନ୍ତେ ଅସହଯୋଗ ଆନ୍ଦୋଳନରେ ଯୋଗଦେବା ପାଇଁ ସୁଭାଷ ବୋଷଙ୍କ ନିବେଦନ।

ସମସ୍ତ ଦେଶ ଯେମିତି ସ୍ୱାଧୀନତା ସଂଗ୍ରାମ ପାଇଁ ଜାଗ୍ରତ ହୋଇଉଠିଛି। ପ୍ରତ୍ୟେକ ଭାରତବାସୀ ଯେପରି ଅପେକ୍ଷା କରି ରହିଛି ତାଙ୍କର ଜନକ ମହାତ୍ମାଙ୍କ ନିର୍ଦ୍ଦେଶକୁ। ଜାତୀୟ ଯଜ୍ଞକୁଣ୍ଡରେ ଝାସ ଦେବା ପାଇଁ ସମସ୍ତେ ଯେପରି ଅଗ୍ନି ଶପଥରେ ନିଜକୁ ପ୍ରସ୍ତୁତ କରୁଛନ୍ତି। ଖବର ପଢ଼ୁ ପଢ଼ୁ ମୋ ସ୍ନାୟୁ ଶିରାରେ ଯେପରି ବିଦ୍ରୋହର ନିଆଁ ଲାଗିଗଲା। ଭାବିଲି, ସୁରେଶ ଭଲ କରିଛି। ପଢ଼ା ଛାଡ଼ିଦେଇ ଦେଶର ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ଜୀବନକୁ ଧନ୍ୟ କରିଛି। କ'ଣ ହେବ ଏ ଗୋଲାମଗିରି ପାଠ ପଢ଼ି, ପରୀକ୍ଷାରେ ପାଶ୍ କରି? କହିବାର ସ୍ୱାଧୀନତା ନାହିଁ ଯେଉଁ ଦେଶର, ସ୍ୱାଧୀନ ଭାବରେ ଚିନ୍ତା କରିବାର ଅବକାଶ ନାହିଁ ଯେଉଁ ଦେଶବାସୀଙ୍କ ଜୀବନରେ, ପାଠ ପଢ଼ି ଶିକ୍ଷିତ ହେବାର ମୂଲ୍ୟ କ'ଣ ବାସ୍ତବିକ? ସୁରେଶ ଠିକ୍ କରିଛି, କଂଗ୍ରେସ ଆନ୍ଦୋଳନରେ ଯୋଗ ଦେଇଛି, ଭଲ କରିଛି। ହୁଏତ ଖଦଡ଼ ପିନ୍ଧିବା ଆରମ୍ଭ କରିଦେଇଥିବ ଏ ଭିତରେ। ଶାନ୍ତିପୁରୀ, ମର୍ସରାଇଜଡ଼ ଧୋତି ଆଉ ସିଲ୍କ ପଞ୍ଜାବୀ ପୋଡ଼ି ଜାଳି ଦେଇଥିବ ଏ ଭିତରେ। ଜହରଲାଲ ଙ୍କ ଜୟ, ମହାତ୍ମାଜୀ ଙ୍କ ଜୟ, ହିନ୍ଦୁସ୍ଥାନ

ଏକ୍ ହୋ, ବ୍ରିଟିଶରାଜ ମୂର୍ଦ୍ଦାବାଦ କହି ସ୍ଲୋଗାନ ଦେଇ ପଟୁଆରର ଅଗ୍ରଣୀ ହୋଇ କଲିକତା ସହରର ହରିସନ୍ ରୋଡ଼ରେ ପରିକ୍ରମା କରୁଥିବ । ସୁରେଶ ଧନ୍ୟ ! ସୁରେଶ ଯୋଦ୍ଧା !! ସୁରେଶ ସାବାସ୍ !!!

ସମାଜର ପୃଷ୍ଠା ଓଲଟାଇଲି । ଦ୍ୱିତୀୟ ଫାଲ ସମ୍ପାଦକୀୟ । ଜନ୍ମଭୂମିରେ ଓଡ଼ିଆ ଶିକ୍ଷା । ଦାସେ ଆପଣେ ବିଚ୍ଛିନ୍ନାଞ୍ଚଳ ଜନ୍ମଭୂମିରେ ସ୍କୁଲ ପରେ ସ୍କୁଲ ବସେଇ ଚାଲିଛନ୍ତି । ଭାଷା, ସାହିତ୍ୟ ଆଉ ଶିକ୍ଷାର ମାଧ୍ୟମରେ ବିଚ୍ଛିନ୍ନାଞ୍ଚଳ ଓଡ଼ିଶା ସହିତ ମିଶିବ । ପଣ୍ଡିତ ଗୋଦାବରୀଶ ଚକ୍ରଧରପୁରରେ ଦାସ ଆପଣଙ୍କ ନିର୍ଦ୍ଦେଶରେ ତାର ଉପରେ ପଡ଼ୁଚି ବିହାରୀମାନଙ୍କର କୁଠାରାଘାତ । ଲଜ୍ଜାର କଥା......

ଆସିଲି ତୃତୀୟ ପୃଷ୍ଠାକୁ ।

ଚମକି ଉଠିଲି । ଏ କ'ଣ ? ଏ କାହା ଫଟୋ ? ଉଠିବସିଲି ଶେଯ ଉପରେ । ଆଶ୍ଚର୍ଯ୍ୟ ! ଏ ଫଟୋ କ'ଣ ଆରତିର ?

ଠିକ୍ ତ ! ଆରତିର ଫଟୋ ଏଠି ଛପା ହୋଇଚି କାହିଁକି ? ମୁଣ୍ଡର ସ୍ନାୟୁଶିରାରେ ବିଜୁଳି ଖେଳିଲା ପରି ଝାଇଁ ଝାଇଁ କରି ଉଠିଲା । ଆରତିର ଛବି ଏଥିରେ କାହିଁକି ?

ସବୁ ଚିନ୍ତା ଆଉ କଳ୍ପନା ମୋର ହାର ମାନିଲା । ଆଶ୍ଚର୍ଯ୍ୟ ହୋଇ ପଢ଼ିବସିଲି—

### "ତରୁଣୀଟିକୁ ଖୋଜିଦେଲେ ପାଞ୍ଚହଜାର ଟଙ୍କା ପୁରସ୍କାର

କଲିକତା, ତା୧୭।୧୧।୧୯୮୦

କଲିକତାର ବିଖ୍ୟାତ ଠିକାଦାର ଶ୍ରୀ ପ୍ରଫୁଲ୍ଲ ପଟ୍ଟନାୟକଙ୍କର ବିଧବା ପୁତ୍ରବଧୂ ଆଜି ସକାଳୁ ଆଉ ଦେଖାଯାଉ ନାହାନ୍ତି । ପ୍ରଫୁଲ୍ଲବାବୁଙ୍କର ଏକମାତ୍ର ପୁତ୍ର ଶ୍ରୀମାନ୍ ଅସିତ୍‌କୁମାର ପୁରୀର ଡେପୁଟି ଶ୍ରୀ କାଶୀନାଥ ବାବୁଙ୍କର କନ୍ୟା ଶ୍ରୀମତୀ ଆରତି ଦେବୀଙ୍କୁ ଛଅ ମାସ ତଳେ ବିବାହ କରିଥିଲେ । କିଛି ଦିନ ତଳେ ଅସିତ୍‌କୁମାରଙ୍କୁ ଦିନେ ତାଙ୍କ ଶୟନକକ୍ଷରେ ମରି ଶୋଇଥିବାର ଦେଖା ଯାଇଥିଲା । ଡାକ୍ତରୀ ପରୀକ୍ଷାରୁ ଜଣାଯାଇଥିଲା ଯେ ଅତିରିକ୍ତ ମାଦକଦ୍ରବ୍ୟ ସେବନ ହେତୁ ହଠାତ୍ ତାଙ୍କର ହାର୍ଟ ଫେଲ୍ କରିଛି । ସ୍ୱାମୀଙ୍କର ଅକାଳ ବିୟୋଗରେ ଆରତିକୁ ପ୍ରାୟ ବିପର୍ଯ୍ୟସ୍ତ ଓ ଚିନ୍ତିତ ଥିବାର ଦେଖା ଯାଉଥିଲା । ଗତ କାଲି ରାତି ନଅଟା ପରେ ପ୍ରଫୁଲ୍ଲବାବୁ ସସ୍ତ୍ରୀକ ନିମନ୍ତ୍ରଣ ରକ୍ଷା କରିବାକୁ କୌଣସି ଏକ ବନ୍ଧୁ ଘରକୁ ଯାଇଥିଲେ । ଘରେ ଆରତି ଏକା ରହିଥିଲେ । ବାରଟା ପରେ ନିମନ୍ତ୍ରଣରୁ ଫେରିଆସି ପ୍ରଫୁଲ୍ଲବାବୁ ଦେଖିଲେ ଯେ ଘରେ ଆରତି ଦେବୀ ନାହାନ୍ତି ।

ଆରତି ଦେବୀଙ୍କ ବୟସ ସତର ବର୍ଷ । ବର୍ଣ୍ଣ ଗୌର । ସୁଶ୍ରୀ । ଅନୁସନ୍ଧାନର ସୁବିଧା ପାଇଁ ତାଙ୍କର ଫଟୋଟି ଛପାଗଲା । କୌଣସି ସମ୍ବାଦ ପାଇଲେ ସମ୍ପାଦକ, 'ସମାଜ'ଙ୍କ ମାରଫତ୍‌ରେ ଚିଠି ଦେବାକୁ ଅନୁରୋଧ ।'

ଆରତି ପଳାତକା ! ଥରେ ପଢ଼ି ବିଶ୍ୱାସ କରିପାରିଲି ନାହିଁ । ବାରମ୍ବାର ପଢ଼ିଲି । ଦୁଃଖରେ, ଗ୍ଳାନିରେ ମୋ ଛାତି ଫାଟିଗଲା ପରି ବୋଧ ହେଲା । ମୋ ଆଖି ଆଗରେ ସମସ୍ତ ପୃଥିବୀ ଯେପରି ଅନ୍ଧକାର ଦେଖାଗଲା । ଘର ଛାତଟା ଭାଙ୍ଗି ମୁଣ୍ଡ ଉପରେ ଅଜାଡ଼ି ହୋଇ ପଡ଼ିଲା ପରି ଜଣାଗଲା । ଆଶ୍ଚର୍ଯ୍ୟ ଆଉ ବିସ୍ମୟରେ ମୋର ସମସ୍ତ ଦେହ ଝିମ୍ ଝିମ୍ କରିଉଠିଲା । ସତେ ଯେପରି ପିଣ୍ଡରେ ପ୍ରାଣ ନାହିଁ । ସତେ ଯେପରି ହୃଦ୍‌ଯନ୍ତ୍ରକ୍ରିୟା ହଠାତ୍ ବନ୍ଦ ହୋଇଯିବ । ପ୍ରବଳ ଉତ୍ତେଜନାରେ ସତେ ଯେପରି ମୋ ଛାତି ଫାଟି ରକ୍ତ ବାହାରି ପଡ଼ିବ । କ'ଣ ହେଲା ଆରତିର ? କୁଆଡ଼େ ଗଲା ସେ ? କାହିଁକି ବା କାହାକୁ କିଛି ନ କହି ଲୁଚି ଛପି ପଳେଇଲା ? କାହା ସାଙ୍ଗରେ ବା ଗଲା ? ନର୍କର ହଳାହଳକୁ ନା ଅନ୍ଧକାରର ରୁଦ୍ଧ ଗହ୍ୱରକୁ ? କି ଉଦ୍ଦେଶ୍ୟରେ ଗଲା କିଏ କହିଦେବ ? କାହାକୁ ପଚାରିଲେ ତା ସନ୍ଧାନ ମିଳିବ ? କୁଆଡ଼େ ଗଲେ ତାର ସନ୍ଦେଶ ମିଳିବ ?

ଆରତି ଚାଲିଗଲା ! ରାତି ଅଧରେ ଘରଦ୍ୱାର ଛାଡ଼ି ଚାଲିଗଲା ! ଜାତି ମୁହଁରେ, କୁଳ ମୁହଁରେ ବଂଶର ମର୍ଯ୍ୟାଦା ମୁହଁରେ କଳା ଲଗାଇ ଘରୁ ଲୁଚି ପଳାଇଲା ! ଛି, ଛି, ଏ କ'ଣ କଲା ଆରତି ! ଆରତିର ଏ ପଥସ୍ଖଳନ ସମ୍ବାଦ ଶୁଣିବା ଆଗରୁ ମୋର ମୃତ୍ୟୁ ହେଲା ନାହିଁ କାହିଁକି ? ତାର ଏ କଳଙ୍କିନୀର ଦୁର୍ନାମ ଶୁଣିବା ଆଗରୁ ମୋ ପ୍ରାଣବାୟୁ ଉଡ଼ିଗଲା ନାହିଁ କାହିଁକି ?

ଘରୁ ଯଦି ଆତ୍ମଗୋପନ କରି ରାତ୍ରିର ଅନ୍ଧକାର ଭିତରେ ଲୁଚିଛପି ପଳେଇ ଯାଇଛି ଆରତି, ତା ହେଲେ ସେ ପଳେଇଯିବା ପଛରେ କୁପ୍ରବୃତ୍ତିର ଦୁରଭିସନ୍ଧି ନାହିଁ ତ ଆଉ କ'ଣ ? ଦେହର କ୍ଷୁଧା, ସମ୍ଭୋଗର ଲାଳସା ଛଡ଼ା ଆଉ କି ମହତ୍ ଉଦ୍ଦେଶ୍ୟ ବା ଥାଇପାରେ ତାର ଏପରି ପଳେଇଯିବାରେ ? ନିଶ୍ଚୟ ଆରତି ପତିତା; ଆରତି କଳଙ୍କିନୀ; ଆରତି ଦୋଚାରିଣୀ ।

କଳଙ୍କିନୀ ଆରତି ! କିନ୍ତୁ ମୋର ଏ ସିଦ୍ଧାନ୍ତରେ ବା ସତ୍ୟ କ'ଣ ? କିଏ କହିବ ଆରତି ତାର ଦୁଷ୍ଟ ଲାଳସାର ଦୈହିକ ସମ୍ଭୋଗ ପାଇଁ ବାରବିଳାସିନୀ ପଥ ବାଛିନେଇ ଘର ଛାଡ଼ି ଯାଇଛି ? ଘରୁ ଚାଲିଯିବାର କ'ଣ ଅନ୍ୟ କିଛି କାରଣ ନ ଥାଇପାରେ ? ତା ଉପରେ ଯଦି ଅତ୍ୟାଚାର ହୋଇଥାଏ, ଅମାନୁଷିକ ବ୍ୟବହାର ହୋଇଥାଏ, ତେବେ ଘର ଛାଡ଼ି ପଳେଇବା ବଡ଼ା ଆଉ କି ଉପାୟ ବା ତାର ଥିଲା ?

ହୋଇପାରେ ତା ଉପରେ ଅତ୍ୟାଚାର ହେଉଛି । ତା ପ୍ରତି ଅନ୍ୟାୟ କରା ହେଉଛି । ତାକୁ 'ଅଲକ୍ଷଣୀ' ବୋଲି ହୁଏତ ଶାଶୁ ଶ୍ୱଶୁର ଆକ୍ଷେପ କରି କହୁଛନ୍ତି । ସ୍ତ୍ରୀ ବୋଲି ଘରୁ ଗୋଡ଼ କାଢ଼ି ରାତି ଅଧରେ ବାହାରିଯିବା କ'ଣ ଠିକ୍ ହେଉଛି ତା ପକ୍ଷରେ ?

ଫେରି ଭାବିଲି, ଆରତିକୁ ବା ଦୋଷ ଦେଉଛି କାହିଁକି ? ତାର ଆଜି ସ୍ଖଳନ ହେଲା କାହିଁକି ? ଦୁନିଆର ମାନସମ୍ଭ୍ରମ ପ୍ରତି ଆଖି ବୁଜି ସେ ଆଜି ରୌରବର ପଥ ବାଛିନେଲା କାହିଁକି ? ତାକୁ ସେତିକି ବାଧିଚି ବୋଲି ତ ! ସମାଜର ନିର୍ମମ ଆଘାତ ସହି ନ ପାରି ସେ ଭାଜି ପଡ଼ିଲା ବୋଲି ତ ! କାହାଠାରୁ ପଦେ ସାନ୍ତ୍ୱନା ନ ପାଇଲା ବୋଲି ଜୀବନକୁ ଧ୍ୱଂସ କରିଦେବା ପାଇଁ ସେ ଆଗେଇଗଲା ସିନା !

ହଁ, ସବୁ ଦୋଷ ମୋର । ଆରତିର ଏ ଅଧଃପତନ ଲାଗି ମୁଁ ହିଁ ଦାୟୀ । କାହାଲାଗି ଆଜି ସେ କଳଙ୍କିନୀ ? କାହାଲାଗି ସେ ବିବାହିତ ସ୍ୱାମୀର ପ୍ରେମ ପାଇପାରିଲା ନାହିଁ । କାହାଲାଗି ସେ ଚରିତ୍ରହୀନା ଭାବରେ ନିନ୍ଦିତା ହେଲା ? କାହାଲାଗି ସେ ସମାଜ ପାଖରୁ ପାଇଲା ଘୃଣା, ପାଇଲା ତାଚ୍ଛଲ୍ୟ, ପାଇଲା ଭର୍ତ୍ସନା ?

ଆରତି ପତିତା !! କିନ୍ତୁ ପତିତା ବୋଲି ଭାବିବା ଆଗରୁ ମୋର କ'ଣ ଆଗ ଜାଣିବା ଉଚିତ ନୁହେଁ ସେ ଘରୁ ବାହାରିଯାଇ ବଞ୍ଚିଛି କି ମରିଚି ?

ସେ ଯଦି ଆତ୍ମହତ୍ୟା କରିଥାଏ ?

କିଏ ଜାଣେ, ତା ପରି କୋମଳପ୍ରାଣା ଝିଅ ପକ୍ଷରେ ଦୁନିଆର ଦାଉ ସହିବା ହୁଏତ ସମ୍ଭବ ହୋଇ ନାହିଁ ! ଘରୁ ବାହାରିଯାଇ ରାତିର ଅନ୍ଧକାର ଭିତରେ ଗଙ୍ଗାର ଗଭୀର ଜଳ ଭିତରକୁ ଝାମ୍ପ ଦେଇ ସବୁଦିନ ପାଇଁ କଳଙ୍କର ମର୍ମଦାହକୁ ସେ ହୁଏତ ଶାନ୍ତ କରିଛି !!

ଆରତି ମୃତ !!!

ଏଇକଥା ଭାବିଦେଲା ମାତ୍ରେ ଚାରିଆଡ଼ ଅନ୍ଧକାର ଦେଖାଗଲା ମତେ । ଆଉ ମୁହୂର୍ତ୍ତିକ ପାଇଁ ବି ବଞ୍ଚିରହିବା ମୋ ପକ୍ଷେ ଦୁର୍ବିସହ ହୋଇଉଠିଲା । ନିଜ ହାତରେ ନିଜ ତଣ୍ଟି ଚିପି ଆତ୍ମହତ୍ୟା କରିବା ପାଇଁ ମନ ଛଟପଟ କରିଉଠିଲା । ଆରତି ଯଦି ବାସ୍ତବିକ ଆତ୍ମହତ୍ୟା କରିଥାଏ, ତାହେଲେ ମୁଁ ହିଁ ଖୁଣୀ ଭାବରେ ଅଭିଯୁକ୍ତ ହେବାର କଥା । ଆଉ ସେଇ ଖୁଣୀ ଅପରାଧର ଶାସ୍ତି ରୂପେ ମତେ ମୃତ୍ୟୁ ଦଣ୍ଡ ବି ଦିଆଯିବା ଉଚିତ୍ । ଫାଶୀ କାଠରେ ଝୁଲେଇ ଦିଆଯିବା ଉଚିତ ମୋ ଉଦ୍ଧତ ମୁଣ୍ଡଟାକୁ । ଛୁରୀରେ ଖୁଣ୍ଟି ମୋ ଦେହରୁ ପଲେ ପଲେ ମାଂସ ଛିଣ୍ଡେଇ କୁକୁର, ଗଧିଆ ଆଗରେ ଫିଙ୍ଗିଦେବା ଉଚିତ । ଛି ଛି, କି ନରପିଶାଚ ମୁଁ ! କି ପାଷଣ୍ଡ, ବର୍ବର ମୁଁ !! ମୋ ପରି ନରାଧମର ଗତି କୁଆଡ଼େ ?

ମୁହୂର୍ତ୍ତିକ ଭିତରେ ମୋ କର୍ତ୍ତବ୍ୟ ମୁଁ ଠିକ୍ କରିନେଲି । ଆରତିକୁ ଖୋଜି ବାହାର କରିବି । ଶେଷ ନିଃଶ୍ୱାସ ଥିଲା ପର୍ଯ୍ୟନ୍ତ ତାର ସନ୍ଧାନ ହିଁ ମୋ ଅବଶିଷ୍ଟ ଜୀବନର ଏକମାତ୍ର ଲକ୍ଷ୍ୟ ।

ଆଉ ଆଲୁଅ ଲୋଡ଼େଁ, ଆଜିଠାରୁ ଅନ୍ଧକାର ହିଁ ମୋ ଚଲା ବାଟର ସାଥି । ପୃଥିବୀର ନିର୍ଜ୍ଜନତମ ଅନ୍ଧକାରରୁ ଆରତିକୁ ଖୋଜି ବାହାର ନ କଲା ପର୍ଯ୍ୟନ୍ତ ସେଇ ଅନ୍ଧାର ଭିତରେ ହିଁ ମତେ ଘୂରି ମରିବାକୁ ପଡ଼ିବ ।

ପ୍ରବଳ ଉତ୍ତେଜନାରେ ଉଠିପଡ଼ି ସୁଇଚ୍ ଅଫ୍ କରିଦେଲି । ସମସ୍ତ ଘର ଭରିଗଲା ନିବିଡ଼ ଅନ୍ଧକାରରେ । ଶେଯ ଉପରେ ପାଗ୍ଲ ପରି ଓଲଟି ପଡ଼ି ଭେଁ ଭେଁ କରି କାନ୍ଦିଉଠିଲି । ବୁକୁ ଭିତରେ କେଉଁଠି ଥିଲା ସେ ଅଶ୍ରୁର ଉଚ୍ଛ୍ୱାସ ! ଅଷାଢ଼ର ବନ୍ୟା ପରି ଉଜାଣି ସୁଅରେ ଛୁଟିଚାଲିଲା ଦୁଇ ଆଖିର କୋଳା ଚିରି, ଛାତି ଫଟାଇ, କୋହ ଉଠାଇ ।

ହତବୁଦ୍ଧି ହୋଇ, ଛଟପଟ କରି କେତେବେଳେ ଟିକିଏ ନିଦ ଆସିଯାଇଛି କିଛି ଜାଣିନି । କାହା ଡାକରେ ଯେତେବେଳେ ହଠାତ୍ ନିଦ ଭାଙ୍ଗିଯାଏ, ଦେଖେ ସାମ୍ନାରେ ମା ଲଳିତା ଦେବୀ । ତାଙ୍କ ମୁହଁକୁ ଚାହିଁ ଚମକି ପଡ଼ିଲି । ଭୟରେ ଆଉ ଦୁଃଖରେ ମୁହଁଟି ଶୁଖି କଳା ପଡ଼ିଯାଇଛି । ଦେହ ବରଡ଼ାପତ୍ର ପରି ଥରୁଚି । ଲୁହରେ ଆଖି ଛଳଛଳ ।

: କ'ଣ ହୋଇଛି ମା ? ମୁଁ ଆଶ୍ଚର୍ଯ୍ୟରେ ପାଟି କରି ଉଠିଲି ।

: ଶୀଘ୍ର ଆସ ଉମ ! ଅଳକାର କ'ଣ ହୋଇଯାଉଛି । ଘରଯାକ ଛାଟିପିଟି ହୋଇ ଗଡ଼ୁଚି ।

: କ'ଣ ହୋଇଚି ଅଳକାର ? ମୁଁ କାଠ ହୋଇଗଲି ।

: କେଜାଣି କ'ଣ, ମୁଁ କିଛି ବୁଝିପାରୁ ନାହିଁ । ଜହର କି ବିଷ କ'ଣ ଖାଇଦେଇଚି ନା କ'ଣ ? କି କାଉଳି ବାଉଳି ହୋଇ ପାଟିରେ ସାରା ଘର ଫଟାଉଛି !

: କେତେବେଳୁ କ'ଣ ହୋଇଚି, ମୁଁ ତ କିଛି ଜାଣି ନାହିଁ । ମତେ ଡାକିଲେ ନାହିଁ କାହିଁକି ସରୋଜବାବୁ ? କହି ମୁଁ ପାଗଳଙ୍କ ପରି ଆରପଟ ବାରଣ୍ଡାଆଡ଼େ ଛୁଟିଲି । ଘର ଦୁଆର ମୁହଁରେ ପହଞ୍ଚି ଯାହା ଦେଖିଲି, ଆଖି ବୁଜି ହୋଇଗଲା ।

ସରୋଜବାବୁ କହିଲେ : କ'ଣ ଦେଖିବାକୁ ଆସିଲ ଉମାକାନ୍ତବାବୁ ? ମୋର ସର୍ବନାଶ କରିଦେଲ ତୁମେ ।

: ନା, ନା, ସେ କିଛି କରି ନାହାନ୍ତି ଦାଦା ! ତାଙ୍କୁ ତୁମେ କିଛି ଦୋଷ ଦିଅନା । ସବୁ ମୋ ଦୋଷ । ମୁଁ ଜାଣିଶୁଣି ମୋର ସର୍ବନାଶ କରିଛି···କହୁ କହୁ ପାଟି କରି ଭେ ଭେ କାନ୍ଦିଉଠିଲା ଅଳକା । ଯେମିତି କଷ୍ଟରେ ତା ଛାତି ଫାଟିଯାଉଛି ! ଜ୍ୱାଳାରେ ତା ଦେହ ପୋଡ଼ିଯାଉଚି ! ଉଃ, କି ବିକଳ ହେଉଚି ଅଳକା ! କି ମର୍ମବିଦାରକ ସେ ଦୃଶ୍ୟ !

ଆଖିରେ ଅନେଇ ହେଲା ନାହିଁ । ମୁଣ୍ଡଟା ଘରଘର ହେଇ ବୁଲିଲା ପରି ଲାଗିଲା, ସତେ ଯେପରି ତଳେ କଚ୍ଛଡ଼ି ହେଇ ପଡ଼ିବି ! ସ୍ଥିରଭାବେ ଛିଡ଼ା ହୋଇ ରହିପାରିଲିନି । ଛୁଟିଗଲି ଅଳକା ପାଖକୁ । ମୁଣ୍ଡ ପାଖରେ ବସିପଡ଼ି ଅଶ୍ରୁ-ଗଦ୍‌ଗଦ କଣ୍ଠରେ ଡାକିଲି : ଅଳକା, କ'ଣ ହେଇଚି ତୁମର ମତେ କହ । ମୋ ମୋ ଆଡ଼କୁ ଚାହଁ ।

: କିଛି ହେଇ ନାଇଁ । ଅଳକା କହିଲା ଭଙ୍ଗା ଭଙ୍ଗା ଗଳାରେ । ତୁମକୁ ଆଉ କଷ୍ଟ ଦେବି ନାହିଁ । ତୁମକୁ ଆଉ ବିରକ୍ତ କରିବି ନାହିଁ । ତୁମ ପଢ଼ାରେ ଆଉ ବାଧା ଦେବି ନାହିଁ । ମୋ ଉପରେ ରାଗିବନି ଉମାକାନ୍ତବାବୁ ! ତୁମେ ରାଗିଲେ ମୋତେ ବଡ଼ ଭୟ ଲାଗେ । ମୋର ବଡ଼ କଷ୍ଟ ହୁଏ, ମୋର ବଡ଼ କଷ୍ଟ······

: ଅଳକା ! ମୁଁ ତା ହାତକୁ ମୋ ମୁଠା ଭିତରେ ଚାପି ଧରି କହିଲି, ନା, ମୁଁ ଆଉ ରାଗିବିନି । ମୋ ପାଖରେ ଆଜିଠୁ ତୁମର ମନଇଚ୍ଛା ଅତ୍ୟାଚାର ତୁମେ କରିବ ଅଳକା ! କୁହ ତୁମର କ'ଣ ହେଇଚି ? ତୁମେ କ'ଣ କରିଚ ?

: କିଛି କରିନି । କିଛି ଖାଇନି । ପାଗଳୀଙ୍କ ପରି ଆଖି ଡୋଳା ଓଲଟେଇ ମତେ କଟମଟ କରି ଚାହିଁ କହିଲା, ଅଳକା—ତୁମେଇ କହୁଥିଲ ନା···ପ୍ରେମ ପାଇଁ ମରି ନ ପାରିଲେ—ହସି ହସି ପ୍ରାଣ ନ ଦେଇପାରିଲେ ପ୍ରେମର ସ୍ୱର୍ଗ କାହିଁ ?

: ତୁମେ ବିଷ ଖାଇଚ ? ମୁଁ ଅଳକା ଦେହକୁ ଖୁବ୍ ଜୋରରେ ହଲେଇ-ଦେଇ ବାଥ୍ୟାଙ୍କ ପରି ପଚାରିଲି, ବିଷ ଖାଇଚ ?

: ନା, ନା······ଅଳକା ମୋ ହାତକୁ ଟାଣି ଧରି ଝିଙ୍କିନେଲା ଛାତି ଉପରକୁ······

: ସରୋଜବାବୁ ! ମୁଁ ଚିତ୍କାର କରିଉଠିଲି । କ'ଣ ଦେଖୁଛନ୍ତି ? ଡାକ୍ତର, ଡାକ୍ତର ! ଅଳକା ବିଷ ଖାଇଚି—ଜହର···ଜହର···

ସରୋଜବାବୁଙ୍କ ପାଟିରେ କଥା ନାହିଁ । ସେ ହତବୁଦ୍ଧି, ଜଡ଼, ମୂକ ।

ଏତେବେଳେକେ କଥା କହିଲେ କୁସୁମବାଲା : ଡାକ୍ତର ଆଉ କ'ଣ କରିବ ଠାକୁର ପୋ'—ସବୁ ସରିଗଲା ଆମର ।

: ନା, ନା, କିଛି ହୋଇନି, ସବୁ ଠିକ୍ ହୋଇଯିବ ନୂଆବୋଉ ! ମୁଁ ଯାଏଁ ଡାକ୍ତର ଡାକିଆଣେ ।

: ଯାଇଚ ଡାକ୍ତର ଡାକିବାକୁ ପୂର୍ବାସ୍ମ—କହିଲେ ଲଳିତା ଦେବୀ । ଏତିକିବେଳକୁ ଏ ବି ନାହାନ୍ତି ଘରେ ! କାଲିଠୁ ଗଲେଣି କେଉଁ କେସ୍‌ରେ···

ଏତିକିବେଳେ ଡାକ୍ତର ଆସି ପହଞ୍ଚିଲେ ।

: କ'ଣ ହୋଇଚି ? ରଜନୀବାବୁ ପଚାରିଲେ, ଆପଣମାନେ ପାଖେଇ ଯାଆନ୍ତୁ ତ···

: କିଏ ରଜନୀ ଦା', ଅଳକା ସେଇ ବିଷର ଜ୍ୱାଳା ଭିତରେ ଡାକ୍ତରବାବୁଙ୍କୁ ଚିହ୍ନି ପାରିକରି ଉଠିଲା । ନା, ନା ମତେ ଇଞ୍ଜେକ୍‌ସନ ଫୋଡ଼ି ଆଉ ମାରନା । ମୁଁ ବଞ୍ଚିବାକୁ ଚାହେଁନା । ମୁଁ ଜହର ଖାଇଚି । ···ଅଫିମ ଖାଇଛି···ଖୁବ୍ ମନଭରି ଖାଇଛି··· । ମନଭରି ପ୍ରେମ କରିଥିଲି କି ନା !

: ଆଃ । ଚୁପ୍ କର୍ ! ରଜନୀବାବୁ ସ୍ତବ୍ଧ-କାତର ଗଳାରେ କହିଲେ । ଇଞ୍ଜେକ୍‌ସନ ଦେଇ ଦେଖେ । ଧରନ୍ତୁ ତ ଆପଣମାନେ । ସରୋଜ ଦା', ଧର ତ···

ମାଡ଼ିବସିଲୁ ଆମେ ସମସ୍ତେ ।

ଅଳକା ଗୋଡ଼ ହାତ ବାଡେଇ ଛଟପଟ ହେଉଚି । ଯେମିତି ତା ଦେହରେ କିଏ ନିଆଁ ଲଗେଇ ଦେଇଚି । ହାଉ ହାଉ ହୋଇ ଜଳୁଚି ତା ସମସ୍ତ ଶରୀର । ଉଃ ! ବିଷର କି ଭୈରବ ରୂପ !

: ଦାଦା, ମୁଁ ତ ମରୁଚି । ମତେ ନୃଶଂଶଭାବରେ ଫୋଡ଼ି ଆଉ କେଣି ଦହଗଞ୍ଜ କରି କାହିଁକି ମାରୁଚ ? କହୁ କହୁ ହଠାତ୍ ମୁହଁରୁ ଆଞ୍ଜୁଳାଏ ଫେଣ ବାହାରି ପଡ଼ିଲା ।

ସାଙ୍ଗେ ସାଙ୍ଗେ ଚେତା ବୁଡ଼ିଗଲା ଅଳକାର । ପାଟିକରି କାନ୍ଦିଉଠିଲେ କୁସୁମବାଲା ।

: ପାଣି, ପାଣି—ଡାକ ପକେଇଲେ ଡାକ୍ତରବାବୁ ।

ହାଉଳି ଖାଇଲା ପରି ଲଳିତା ଦେବୀ ଧାଇଁଯାଇ ଗିଲାସେ ପାଣି ଆଣି ମୋ ହାତକୁ ବଢ଼ାଇଦେଲେ । ମୋ କୋଳ ଉପରକୁ ଅଳକାର ମୁଣ୍ଡକୁ ଟେକିନେଇ ମୁଁ ତା କପାଳରେ ପାଣି ମାରିଲି । ମୁହଁରେ ପୋଷ ପୋଷ କରି ପାଣି ଛିଞ୍ଚିଲି ।

ଡାକ୍ତର କହିଲେ : ବହୁତ ଡେରି ହୋଇଗଲା ସରୋଜ ବାବୁ, ମନେ ହେଉଛି ସମସ୍ତ ଦେହରେ ବିଷର କ୍ରିୟା ବ୍ୟାପିଯାଇଛି । ବହୁତ ବେଶୀ ପରିମାଣରେ ଖାଇଦେଇଛନ୍ତି ଅଫିମ । ପଟାସିଅମ ସାଇନାଏଡ଼ଠାରୁ ଆହୁରି ସାଂଘାତିକ ଜହର ଏ ଅଫିମ, ଯଦି ମାତ୍ରା ଅତ୍ୟଧିକ ହୋଇଥାଏ···

: ବୈଦ ! ମରିଗଲି । ଚିତ୍କରିଉଠିଲା ଅଳକା । ମୋ ଛାତି ଫାଟିଯାଉଛି ବୈଦ ! ମତେ ଧର···ଆଃ, ଆଃ···

ଅଳକାର ସମସ୍ତ ଦେହ ବିବଶ ।

କାତର ହୋଇ ଦି ହାତରେ ମୁଣ୍ଡ ବାଳକୁ ଟାଣି ଓଟାରି ହିଁଡ଼ି ପକେଇଲା ଅଳକା । ଛାତିକୁ ରାମ୍ପୁଡ଼ି ପକେଇଲା ନଖରେ । ଦାନ୍ତ ରଗଡ଼ି, ଓଠ କାମୁଡ଼ି ରଡ଼ି ଛାଡ଼ିଲା ଗଳା ଫଟେଇ । ମରିଗଲି ଉମାକାନ୍ତ ବାବୁ ! ମତେ ଧର, ମତେ ଧର, ମତେ ନେଇଯାଅ ମଶାଣିକୁ । ମତେ ନେଇ ମାଟିରେ ପୋତି ପକାଅ । ନା ନା, ମୋ ଦେହରେ କିରାସିନ ଢାଳିଦିଅ । ନିଆଁ ଲଗେଇ ଦିଅ । ମତେ ଜଲ୍‌ଦି ପୋଡ଼ିଦିଅ, ଆଉ ସହିପାରୁନି ଏ ଜ୍ୱାଳା, ଆଃ···

ମୋ ମୁହଁରେ ଆଉ କଥା ନାହିଁ—ମୋ ତୁଣ୍ଡରେ ଆଉ ସାନ୍ତ୍ୱନା ନାହିଁ—ମୋ ପାଟିରେ ଆଉ ଆହା ନାହିଁ । କିଛି ନାହିଁ···କିଛି ନାହିଁ ।

ନିର୍ବେଦ, ନିସ୍ତେଜ, ନିଷ୍ପ୍ରାଣ ମୁଁ···

ଅଳକାର ବିକଳ ଆଉ ଦେଖିପାରିଲେ ନାହିଁ ସରୋଜ ବାବୁ । କହିଁ କହିଁ ହୋଇ କାନ୍ଦିଉଠି ପଳେଇଗଲେ ବାହାରକୁ ।

ଲଳିତା ଦେବୀ ଦୁଆର ସେପଟ ବାରଣ୍ଡା ଉପରେ କଚାଡ଼ି ହୋଇ ପଡ଼ିଲେ ।

ପଲଙ୍କ ବାଡ଼ରେ ଠୋ ଠୋ କରି ମୁଣ୍ଡ ପିଟିଦେଲେ କୁସୁମବାଳା ।

ଅଳକା ପାଟିରୁ ଆହୁରି ପୋଷେ ଫେଣ ବାହାରି ଆସିଲା, ତା ପରେ ଝଲକାଏ ରକ୍ତ ।

କଲିଜାଟା ଫାଟିଗଲା ବୋଧହୁଏ ।

ରକ୍ତ ! ମୁଁ ଭୟରେ ଚିତ୍କାର କରିଉଠିଲି । ରଜତ ବାବୁ ଉଠି ଠିଆ ହେଲେ । ଛଳ ଛଳ ଆଖିରେ ମୋ ଆଡ଼କୁ ଥରେ ଚାହିଁଲେ ।

ଡାକ୍ତର ବାବୁ ! ମୁଁ ବ୍ୟାକୁଳ କଣ୍ଠରେ ଡାକିଲି—ଅଳକାକୁ ବଞ୍ଚାଅ । ଯେତେ ଟଙ୍କା ଲାଗିବ—ବଞ୍ଚାଅ । ମୋ ପ୍ରାଣ ବିନିମୟରେ ବଞ୍ଚାଅ ।

କଥା ନାହିଁ ଡାକ୍ତରଙ୍କ ମୁହଁରେ । କରୁଣ ସହାନୁଭୂତିରେ କେବଳ ମୋ ଆଡ଼େ ଥରେ ଚାହିଁଲେ । ତାପରେ···ତାପରେ ନିଃଶବ୍ଦରେ, ଦ୍ରୁତ ପଦକ୍ଷେପରେ ବାହାରିଗଲେ ଘର ଭିତରୁ ।

: ଏ କ'ଣ ? ଘରଟା ଅନ୍ଧାର ହୋଇଗଲା କାହିଁକି ? ଉମାକାନ୍ତ ବାବୁ ! ନା ନା, ପ୍ରିୟତମ, ପ୍ରିୟ ମୋର, ରାଗ ନାହିଁ, ଆଲୁଅ ଲଗେଇ ଦିଅ । ମତେ ଥରେ ଭଲକରି ଦେଖିବାକୁ ଦିଅ ତୁମ ମୁହଁ । ଏତେ ପାଖରେ ତମେ, କିନ୍ତୁ ଯେ ମୁଁ ଦେଖି ପାରୁ ନାହିଁ ! ଆଲୁଅ ଲଗେଇ ଦିଅ । ଘର ଅନ୍ଧାର କରିଦେଲ କାହିଁକି ? ବଡ଼ ଅନ୍ଧାର ।

ପାଗଲୀଙ୍କ ପରି ବାଉଳି ଗାଉଳି ହେଇ ଗପିଚାଲିଲା ଅଳକା — ଆଜି ପୂର୍ଣ୍ଣିମୀ ନା ? ବାହାରେ ସୁନ୍ଦର ଜ୍ୟୋସ୍ନା । ଯିବା ଟିକିଏ ବାହାରକୁ ? ସେଇ ନଈକୂଳକୁ ? ନାଚିବା ଦୁହେଁ ? ଗୀତ ଗାଇବା ?

: ଅଳକା ! ଅଳକା ! ଶ୍ରୁୁତ ଉପରେ ଅଜାଡ଼ି ହେଇ ପଡ଼ିଲି ମୁଁ ଗଛ କାଟିଲା ପରି । ଯିବା ଅଳକା, ନଈକୂଳେ ଯାଇଁ ନାଚିବା ।

: ହଁ ହଁ, ସାରା ରାତି ନାଚିବା । ତୁମେ ରାଜି ତ ? ଖନେଇ ଖନେଇ କହିଲା ଅଳକା । ଚା-ଲ-ଉ-ଠ ।

: ଅଳକା !

: ଏଁ !

: ଅଳକା !!

: ଏଁ···ବ···ଡ଼···ଅ···ନ୍ଧା···ର । ମ···ତେ···ଧ···ର ।

କହୁ କହୁ ହଠାତ୍ ତା କଣ୍ଠ ରୁଦ୍ଧ ହେଇଆସିଲା । ବାହାରି ଆସିଲା ଆଉରି ଝଲକାଏ ରକ୍ତ । ସମସ୍ତ ଦେହ ମୁଣ୍ଡ ସେ ରକ୍ତରେ ମୋର ଭରିଗଲା । ଢେକାର ଉଠିଲା ପରି ହେକା ଆସିଲା । ବିସ୍ଫାରିତ ଆଖିରେ ମୁଁ ଚାହିଁରହିଲି ଅଳକା ମୁହଁକୁ । ଆଖିର ଡୋଳା ଜବାଫୁଲ ପରି ଲାଲ । ସାରା ମୁହଁ ଶେତା ହେଇଆସିଚି । ଦେହର ସବୁ ରକ୍ତ ଯେମିତି ବାନ୍ତିରେ ବାହାରି ପଡ଼ୁଛି । କି ଭୟଙ୍କର ଦେଖାଯାଉଛି ଅଳକା !

ମୃତ୍ୟୁର କି ରୁଦ୍ର ଭୈରବ ରୂପ !

ଗୁଣଚ୍ଛିଣ୍ଡା ଧନୁଶର ପରି ହଠାତ୍ ଚହଙ୍କି ଉଠିଲା ଅଳକା । ସମସ୍ତ ଦେହଟା ତଳୁ ଠେଲିଦେଇ ଯେମିତି ଉପରକୁ ଛୁଟିକି ଆସିଲା । ଆକାଶରୁ ଗୋଟାଏ ଉଲ୍‌କା ବିଦ୍ୟୁତ୍ ବେଗରେ ଖସିପଡ଼ିଲା ପରି ପୁଣି ତଳେ ପିଚି ହୋଇଗଲା ।

ତା ପରେ ସବୁ ଶେଷ···

॥ ୧୨ ॥

ଅଲକାର ଇହଲୀଳା ଶେଷ ହୋଇଗଲା । ଚାଲିଗଲା ସେ ସ୍ୱର୍ଗକୁ ମୋ କୋଳ ଉପରେ ମୁଣ୍ଡ ରଖି । ମତେ ଶେଷ ଥର ପାଇଁ ପ୍ରିୟତମ ବୋଲି ଡାକି, ମତେ ପ୍ରେମିକର ଗର୍ବରେ ଅହଙ୍କୃତ କରି ହସି ହସି ଚାଲିଗଲା ତା କର୍ତ୍ତବ୍ୟ ଶେଷ କରି—ତା ଭଲପାଇବାର ଆଦର୍ଶ ରଖି ସମାଜ ଆଗରେ—ଚରମ ତ୍ୟାଗର ନିଦର୍ଶନ ଦେଖାଇ ଦୁନିଆକୁ । ତା ନାରୀ-ଜୀବନକୁ ସେ ଧନ୍ୟ କରିଗଲା ସମସ୍ତଙ୍କ କରୁଣାର ଆଶୀର୍ବାଦ ଭିତରେ, ସହାନୁଭୂତିର ସଫଳତା ଭିତରେ । କିନ୍ତୁ ମୁଁ ! ମୁଁ ପଡ଼ି ରହିଲି ସମସ୍ତଙ୍କ ଭର୍ତ୍ସନା ଆଉ ଅଭିଶାପର ବିଦ୍ରୂପ ଭିତରେ ଏକ ଦସ୍ୟୁ ପରି ଘୃଣ୍ୟ ହୋଇ !

ଅଲକାର ମୃତ ଦେହ ଉପରେ ମୁହଁ ମାଡ଼ି କେତେବେଳ ଯାଏଁ ପଡ଼ି-ରହିଛି ଜାଣିନି । ହଠାତ୍ କାହାର ବୁଟ୍ ଯୋତାର ମଚ୍ ମଚ୍ ଶବ୍ଦ ଆଉ ପାଟିତୁଣ୍ଡ ଶୁଣି ଯେତେବେଳେ ମୁଣ୍ଡ ଉଠାଏ, ଦେଖେ ମୋ ସାମନାରେ ଖାକି ପୋଷାକପିନ୍ଧା ଦୁଇଟା କନଷ୍ଟେବଲ ଆଉ ଥାନା ସବ୍‌ଇନସ୍‌ପେକ୍ଟର ଅବିନାଶ ବାବୁ ।

ଏମାନେ ଏଠି କାହିଁକି ?

ଦୁଆର ମୁହଁରେ ସରୋଜ ବାବୁ ଠିଆ ହୋଇଛନ୍ତି । ମୁଁ ତାଙ୍କ ଆଡ଼କୁ ପ୍ରଶ୍ନିଳ ଦୃଷ୍ଟିରେ ଚାହିଁଲି । କିନ୍ତୁ କୌଣସି ଉତ୍ତର ନାହିଁ । ତାଙ୍କ ମୁହଁ ଯେପରି କଠିନ ଆଉ ନିର୍ମମ ! ଯେପରି ପ୍ରତିଶୋଧର ପ୍ରତିଜ୍ଞାରେ ତାଙ୍କର ସମସ୍ତ ଚେହେରା ଅଟଳ ପାହାଡ଼ ପରି ଶକ୍ତ ଆଉ ଗମ୍ଭୀର !

କୁସୁମବାଲା କେତେବେଳୁ ଘର ଭିତରୁ ଉଠି ବାହାରକୁ ଚାଲି ଯାଇଛନ୍ତି । ତଳେ କାନ୍ଦ ବୋବାର ଚାପା ଶବ୍ଦ ବି ଶୁଣାଯାଉଛି ।

ଏ ଭିତରେ ରାତି ପାହି ଫରଚ୍ଛ ହୋଇଯାଇଚି । ହୁଏତ ସୂର୍ଯ୍ୟ ଉଦୟ ହୋଇଛନ୍ତି···ପାହାନ୍ତିଆ ଖରାର ଉଜ୍ଜ୍ୱଳତା କିଛି ପଡ଼ିଛି ଆସି ଘର ଭିତରେ । ପ୍ରଭାତୀ ଆଲୋକର ସେଇ ସ୍ନିଗ୍ଧତା ଭିତରେ ଶେଷଥର ପାଇଁ ଚାହିଁଲି ଥରେ ଅଲକାର ମୃତ୍ୟୁ-ପାଣ୍ଡୁର ମୁଖମଣ୍ଡଳକୁ । ଏବେ ବି ଆଖିର ନିମୀଳିତ ପତା ଉପରେ ଲାଗିରହିଛି ଘୁମନ୍ତ ଆବେଶର ଲାବଣ୍ୟ···ଏବେ ବି ଓଠର ମଳିନ ରକ୍ତିମା ଭିତରୁ ଫୁଟି ଦିଶୁଚି ଯୌବନର ସଲ୍ଲଜ କମନୀୟତା ।

ମୋ ଅଜାଣତରେ ଏକ ଦୀର୍ଘନିଃଶ୍ୱାସ ବାହାରି ଆସିଲା ଛାତିର ପଞ୍ଜରା ଦେଇ ।

ସିପାହୀ ଦୁଇଟା ପଶିଆସିଲେ ଘର ଭିତରକୁ । ମୋ କୋଳରୁ ଅଲକାକୁ ଉଠାଇନେଇ ଶୁଆଇଦେଲେ ପାଖ ପଲଙ୍କ ଉପରେ । ତାପରେ ମୋ ଦୁ ପାଖେ ଦୁ ଜଣ ଠିଆ ହୋଇ ହାତ ଧରି ଉଠାଇ ଛିଡ଼ା କରେଇଲେ । କହିଲେ—ବାହାରକୁ ଚାଲ ।

ବୁଝିପାରିଲି ଏମାନେ ମତେ ଗିରଫ କରିବାକୁ ଆସିଛନ୍ତି । ଅଲକାର ଆତ୍ମହତ୍ୟା ଅପରାଧରେ ଖୁଣୀ ଭାବରେ ଅଭିଯୁକ୍ତ ମୁଁ !

ବାହାର ବାରଣ୍ଡାକୁ ଆସିଲି ।

ମୋ ହାତରେ ହାତକଡ଼ା ପିନ୍ଧାଇଦେଲେ ଅବନାଶ ବାବୁ । କହିଲେ—ଆନାକୁ ଯିବାକୁ ହେବ ।

କିଛି କହିଲି ନାହିଁ । ଥରେ ଖାଲି ସରୋଜ ବାବୁଙ୍କ ଆଡ଼କୁ ଚାହିଁଲି । ଭାବିଲି, ସେ ବୋଧହୁଏ କିଛି କହିବେ । କହିବେ ହୁଏତ ମୁଁ ନିର୍ଦ୍ଦୋଷ । ଅଲକାର ଆତ୍ମହତ୍ୟା ପାଇଁ ମୁଁ ଦାୟୀ ନୁହେଁ । ଅଲକା ତ ଯାଇଛି ! ସବୁ କିଛି ଶେଷ ହୋଇଛି । ମତେ ବାନ୍ଧିନେଇ ହଇରାଣ କରି ଲାଭ କ'ଣ ? ଅଲକା କ'ଣ ଆଉ ଫେରିଆସିବ ? ସବୁ ତ ଜାଣନ୍ତି ସରୋଜ ବାବୁ । ଭାବିଲି, ସେ ହୁଏତ ନିଗଡ଼ବନ୍ଧ ତାର ଦୃଷ୍ଟାନ୍ତ ଦେଖାଇବେ—ଅଲକା ଆଦର୍ଶ ପ୍ରେମିକାର ନିଦର୍ଶନ ଦେଖାଇଚି ଯେତେବେଳେ ! କିନ୍ତୁ କାହିଁ ? ସରୋଜ ବାବୁ ତ କିଛି କହିଲେ ନାହିଁ ? ସେ ଯେ ସ୍ଥାଣୁ ପରି ଛିଡ଼ା ହୋଇ ରହିଲେ ବିଦ୍ରୋହର ଏକ ପ୍ରତିମୂର୍ତ୍ତି ପରି ! ନିଶ୍ଚଳ ଆଉ ନିଷ୍ପନ୍ଦ ! ବରଂ କପଟ ଉତ୍‌କଣ୍ଠିତ ମନେ ହେଲା ତାଙ୍କୁ । ଏ ଭିତରେ ସେ ଯେପରି ସମ୍ପୂର୍ଣ୍ଣ ବଦଳି ଯାଇଛନ୍ତି । ଆଗର ସେ ଶାନ୍ତଶିଷ୍ଟ ଭଦ୍ର ସରୋଜ ବାବୁ ଆଉ ସେ ନୁହନ୍ତି ! ପ୍ରତିହିଂସାର ଶପଥରେ ଯେପରି ଦୃପ୍ତ ଆଉ ଦୁର୍ଦ୍ଦାନ୍ତ ସେ !!

ମତେ ହାତକଡ଼ା ଦେଇସାରି ଅବନାଶ ବାବୁ ପୁଣି ଘର ଭିତରକୁ ଗଲେ । ଯାଇ ଘର ଭିତରେ ବୁଲି କ'ଣ ସବୁ ଖୋଜିଲା ପରି ଚାରିଆଡ଼େ ଅନେଇଲେ । ପଲଙ୍କ ଉପରେ ଗୋଟାଏ ମାଣ୍ଡି ପଡ଼ିଥିଲା । ସେଇଟାକୁ ଟେକି ଦେଖିଲେ । ଗୋଟାଏ ଚାରି ଚଉତା କାଗଜ ଉପରେ ନଜର ପଡ଼ିଲା ତାଙ୍କର । ତାକୁ ଆଣି ଖୋଲି ପଢ଼ିଲେ । ବୋଧହୁଏ ଅଲକା ଜହର ଖାଇବା ଆଗରୁ ସେ କାଗଜ ଖଣ୍ଡିକରେ କ'ଣସବୁ ଲେଖିଚି । ସେଇଟିକୁ ପଢ଼ି ପୁଣି ଚଉତାଇ ପକେଟରେ ରଖିଲେ । ଘରର ଗୋଟିଏ କଣକୁ ଟ୍ରେସିଂ ଟେବୁଲ । ଦୁ ଚାରି ଖଣ୍ଡ ବହି ଥୁଆ ହୋଇଥିଲା । ତାକୁ ଖେଳେଇ ଦେଖିଲେ । ଟେବୁଲର ଡ୍ରୟର ବାହାରକୁ ଟାଣି ଦେଖିଲେ । ଖଣ୍ଡିଏ ରୁମାଲ ପାଇଲେ । ସେ ଖଣ୍ଡିକୁ ପକେଟ ଭିତରେ

ରଖିଲେ । ଖଣ୍ଡେ ଚିଠିଲେଖା ପ୍ୟାଡ଼ ବି ଥିଲା । ତାକୁ ଓଲଟା-ପାଲଟା କରି ଦେଖି ହାତରେ ଧରିଲେ । ଦେଖିଲି ତାଙ୍କ ମୁହଁ ଉଜ୍ଜ୍ୱଳ ହୋଇଉଠିଲା । ତାପରେ ରଣବିଜୟୀ ଯୋଦ୍ଧା ପରି ବାହାରକୁ ଆସି ମୋ କାନ୍ଧ ଉପରେ ସଜୋରେ ଚପେଟାଘାତ କରି କହିଲେ—ସ୍କାଉଣ୍ଡ୍ରେଲ, ବାହାରକୁ ଏତେ ଭଦ୍ର ଅଥଚ ଭିତରେ ଭିତରେ ଏକ ଅନ୍‌ସ୍କ୍ରୁପୁଲସ୍ ଡେଭିଲ ! ନେଇ ଚାଲ ଥାନାକୁ । କହି ସେ ସିପାହି ଦଳଟାକୁ ନିର୍ଦ୍ଦେଶ ଦେଲେ ।

ତଳକୁ ମୁହଁ ପୋତି ଖୁନୀ ଆସାମୀ ପରି ମୁଁ ପଛେ ପଛେ ଚାଲିଲି ।

ମୋ ଅଲକ୍ଷ୍ୟରେ ଆଖିରୁ ଦି ଟୋପା ଲୁହ ଝରିପଡ଼ିଲା ।

ଭାବିଲି, ଠିକ୍ ହୋଇଛି, ଏ ଶାସ୍ତି ମୋର ହେବା ଉଚିତ୍ । ଆରତିର ସର୍ବନାଶ କଲି । ତାକୁ ଭଲ ପାଇ, ବିପଥଗାମୀ କରାଇ, ପ୍ରତାରକଙ୍କ ପରି ବିଶ୍ୱାସଘାତକତା କରି ଦୂରେଇ ରହିଲି । ତା ସ୍ୱାମୀ ପାଖରେ ତାକୁ ଅସତୀ କରେଇଲି, ତାର ସୁଖର ସଂସାର ପୋଡ଼ି ଛାରଖାର କଲି, ଆଉ ଅଲକା ପରି ଆଦର୍ଶ ପ୍ରେମିକାର ପ୍ରେମକୁ ପ୍ରତ୍ୟାଖ୍ୟାନ କରି ତାକୁ ଜହର ଖାଇ ଆତ୍ମହତ୍ୟା କରି ମରିବା ପାଇଁ ବାଧ୍ୟ କରେଇଲି । ମୋ ଛଡ଼ା ତା ଆତ୍ମହତ୍ୟା ପାଇଁ ଆଉ ଦାୟୀ କିଏ ? ମୁଁ ଖୁନୀ ନୁହେଁ ତ ଆଉ କିଏ ? ଠିକ୍ ହୋଇଚି, ମୋର ଏଇ ଶାସ୍ତି ହେବା ଉଚିତ୍ । ଜେଲ୍‌ରେ ପଚି ସଢ଼ି ମରିବା ଉଚିତ ମୋର । ମୋତେ ଗୁଳି କରି ମାରିବା ଉଚିତ୍ । ମତେ ଫାଶୀକାଠରେ ଝୁଲେଇ କଲବଲ କରି ଛଟପଟ କରେଇ ବର୍ଚ୍ଛାରେ ଭୁଷି ମାରିବା ଦରକାର !!

ଥାନାର ହାଜତ ଘରେ ବନ୍ଦ କରି ରଖାଗଲା ମତେ । ଆଗରୁ ଥାନା ଅଫିସର ମୋଠୁ ଗୋଟାଏ ଇଜାହାର ନେଲେ । କିଛି ଲୁଚେଇଲି ନାହିଁ । କାହିଁକି ବା ଲୁଚେଇବି ? ଦି-ଦିଟା ଝିଅଙ୍କର ମୃତ୍ୟୁର କାରଣ ହୋଇ ବର୍ବର ପିଶାଚଙ୍କ ପରି ଦୁନିଆର ସମସ୍ତଙ୍କ ଆଖିରେ ଘୃଣିତ ହେଲା ପରେ ଆଉ କି ସୁଖଲୋଭରେ ବଞ୍ଚିରହିବାର ଲାଳସା ବା ରହିପାରେ ମୋର ? ବରଂ ମୃତ୍ୟୁର ଶାନ୍ତି ଭିତରେ ଯେତେ ଶୀଘ୍ର ଏ ଜୀବନର ଶେଷ ହୁଏ ସେତେ ଭଲ ! ପରପାରରେ ହୁଏତ ଅଲକା ଆଉ ଆରତିଠୁ ଯାଇ କ୍ଷମା ମାଗିବାର ସୁଯୋଗ ମିଳିବ । ଯେତେ ଶୀଘ୍ର ସେମାନଙ୍କ ପାଖକୁ ଯାଇଁ ଭୁଲର ପ୍ରାୟଶ୍ଚିତ୍ତ କରିବି ସେତେ ଭଲ, ସେତେ ଶାନ୍ତ !!

ଥରେ ମନେ ହେଲା, ଆତ୍ମହତ୍ୟା କରିବି । କଚେରୀକୁ ଯାଇଁ ମାମଲାର ବିଚାର ହେବ, ଆଉ ମୁଁ କାଠଗଡ଼ାରେ ଛିଡ଼ା ହୋଇ ନିର୍ଲଜ୍ଜ ବେହିଆଙ୍କ ପରି ଛିଡ଼ାହୋଇ ଶୁଣିବି ? ବନ୍ଧୁବାନ୍ଧବ ଯେଉଁ ଛିଡ଼ା ହୋଇଥିବେ । ସହରର

ଅସଂଖ୍ୟ ଲୋକ ମତେ ଦେଖିବାକୁ ଆସିଥିବେ, ସେମାନଙ୍କ ଆଗରେ ମୁଁ ଓକିଲ ସହିତ ଜବାବ ସୁଆଲ କରିବି ? କହିବି ମୁଁ ନିର୍ଦ୍ଦୋଷ, ନିଷ୍ପାପ, ନିଷ୍କଳଙ୍କ ? ଦୁନିଆଁ ହସିବନି ? ଉପହାସ କରି ହାତତାଳି ଦେଇ ମତେ ବିଦ୍ରୂପ କରିବେନି ସମସ୍ତେ ?

ବାପା ଆସିବେ ହୁଏତ ମତେ ମୁକୁଳେଇ ନେବା ପାଇଁ । ଓକିଲ ଦେଇ କେସ୍ ଲଢ଼ିବେ । ମତେ ସାଧୁ-ସଜ୍ଜନ ବୋଲି ପ୍ରମାଣ କରାଇବା ପାଇଁ ତାଙ୍କର ସମସ୍ତ ସମ୍ପତ୍ତି ସେ ଉଡ଼େଇ ବରବାଦ କରିବେ । କିନ୍ତୁ କାହିଁକି ? କ'ଣ ଦରକାର ? ବାପାଙ୍କୁ ଚିଠି ଲେଖିଦେଲେ ତ ହବ । ମତେ ଖଲାସ କରି ନେବା ପାଇଁ ଚେଷ୍ଟା କରିବେ ନାହିଁ । ମୋ ପରି କୁଳାଙ୍ଗାର ପୁଅର ମୁହଁ ଚାହିଁବା ଉଚିତ ନୁହେଁ ଆପଣଙ୍କର । ମୁଁ ଅପଦାର୍ଥ, କୂଳକଳଙ୍କ । ଆପଣଙ୍କର ସପ୍ତପୁରୁଷର ଭୁନିଆଦି ବଂଶରେ କାଳି ଲଗେଇଲି ମୁଁ । ଆପଣଙ୍କ ସମ୍ମାନ ତଳେ ପକେଇଲି । ପରିବାରର ଇଜ୍ଜତ ମହତ ସବୁ ନଷ୍ଟଭ୍ରଷ୍ଟ କଲି । ଏ ଦୁନିଆରେ ମୋର ରହିବା ଉଚିତ ନୁହେଁ । ସମାଜର ଅବାଞ୍ଛିତ ମୁଁ । ମୁଁ ଏକ ଦୁଷ୍ଟ ଗ୍ରହ । ମୁଁ ଏକ ଅଶୁଭ ନକ୍ଷତ୍ର । ମୁଁ ଯେଉଁଠିକି ଯିବି ସେଠି ଡାକିଆଣିବି ସର୍ବନାଶ । ମୋ ସ୍ପର୍ଶରେ ସବୁ ଜଳିପୋଡ଼ି ଧ୍ୱଂସ ହୋଇଯିବ । ଦ ଦ'ଟା ତରୁଣୀ-ଜୀବନ ପୋଡ଼ି ଛାରଖାର ହୋଇଗଲା । ମୁଁ ନର-ରାକ୍ଷସ । ମୁଁ ଆପଣଙ୍କ ପରି ଦେବତୁଲ୍ୟ ପିତାର ପୁତ୍ର ହେବା ଭାଜନ ନୁହେଁ । ମୋର ଆତ୍ମହତ୍ୟା କରି ମରିବା ଉଚିତ ।

ଫେର୍ ଭାବିଲି, ଆତ୍ମହତ୍ୟା କରିବି କାହିଁକି ? ଆତ୍ମଘାତୀ ହୋଇ ମରିବା ଅପେକ୍ଷା ଆଉ କ'ଣ ବଡ଼ ଶାସ୍ତି ନାହିଁ ? ଜେଲ୍‌ର ରୁଦ୍ଧ ପ୍ରକୋଷ୍ଠ ମଧ୍ୟରେ ମତେ ସାରା ଜୀବନ ବନ୍ଦୀକରି ରଖି ପାଗଳ କୁକୁରକୁ ଠେଙ୍ଗାରେ ପିଟିପିଟି ମାରିଲା ପରି କୋରଡ଼ା ମାଡ଼ରେ ପିଟି ଦଳ ଦଳ କରି ଯଦି ମରାଯାଏ, ତାହାହେଲେ ତ ଆହୁରି ଭଲ । ଜହର ଖାଇ କେତେ ମିନିଟ ଭିତରେ ମରିଯିବା ତ ଖୁବ୍ ସହଜ । ଶାସ୍ତି ହେଲା କ'ଣ ସେଥିରେ ? ଛଟପଟ ହୋଇ ବର୍ଷ ବର୍ଷ ଧରି କାମୁଡ଼ି କାମୁଡ଼ି ହୋଇ ନ ମଲେ ପ୍ରାୟଶ୍ଚିତ୍ତ ହେଲା କ'ଣ ?

ସକାଳ ପାଇଁ ଗାଧୁଆ ବେଳ ହେଲା । ଥାନାର ଗୋଟାଏ କିଏ ସିପାହୀ ଆସି ଗୋଟାଏ ପିତଳ ଥାଳିରେ ଦେଇଗଲା ମୁଠାଏ ବଗଡ଼ା ଚାଉଳର ଭାତ । ଦରସିଝା ଡାଲି ପାଣିରୁ ଗିନାଏ । ହୋ ହୋ କରି ହସି ଉଠିଲି ମୁଁ । ଏତେ-ବେଳକୁ ମତେ ହସ ମାଡ଼ିଲା । ଛାତିଫଟା...ମନଭରି ହସ...

: ହେଇ, ହସୁଚୁ କ'ଣ କି ! ଖା — ନାଲି ଆଖି ଦେଖେଇ କହିଲା ସିପାହୀ ।

: ହଁ, ଖାଇବି । ଅତି ସ୍ୱଗତ ଗଳାରେ କହିଲି । ମତେ ବଞ୍ଚିବାକୁ ହେବ । ନ ଖାଇ ନ ପିଇ ମୁଁ ମରିବାକୁ ଚାହେଁନା । ଗିଲାସେ ପାଣି ଦିଅ ମତେ ।

: ପାଣି ଫାଣି ନାହିଁ । ବିଦ୍ରୂପ କଣ୍ଠରେ କହିଲି ସିପାହୀ । ସେଇଆକୁ ଗିଲ୍ ।

: ପାଣି ନାହିଁ ! ଏ ବଢ଼ି-ବନ୍ୟାର ଦେଶରେ ପାଣି ନାହିଁ ? ମୁଁ ଆଉଥରେ ହସି କହିଲି; ଠିକ୍ କହୁଚ ପାଣି-ପବନ ବାସନ୍ଦ ହେବା ଉଚିତ । ମୋର ପ୍ରାୟଶ୍ଚିତ୍ତର ପ୍ରଥମ ପର୍ବ ଏଇ ପାଣି-ପବନରୁ ଆରମ୍ଭ ହେବା ଉଚିତ ।

କ'ଣ ଭାବିଲି କେଜାଣି ସିପାହୀ ଉଠିଯାଇ ପାଣି ଆଣି ଦେଲା ଗୋଟାଏ କଳା କଟକଟ ଗିଲ୍‌ଟି ଗ୍ଲାସରେ । କହିଲା—ନେ, ଖା ଏଥର ।

ପାଣି ଗିଲାସକ ନେଇ ଢକ ଢକ କରି ପିଇଦେଲି । ଶୋଷରେ ଛାତି ଫାଟି ଯାଉଥିଲା ଯେପରି । ପେଟ ଭରିଗଲା । ଆଃ କି ଶାନ୍ତି !

ଶୁଖିଲା ଭାତ ଥାଳି ପଡ଼ିରହିଲା ସାମନାରେ । ଡାଲି ବିନା ଚାରିପାଖେ ଭଣ ଭଣ କରି ବେଢ଼ିଗଲେ ମାଛି । ଗୋଟାଏ ରୁମଉଠା, ଚିଙ୍କଲାଗା କୁକୁର ହାଜତ ଘର ଦୁଆର ମୁହଁକୁ ଉଠିଆସି ସେଇ ଭାତ ଥାଳି ଆଡ଼କୁ ଲୋଲୁପ ଦୃଷ୍ଟିରେ ଚାହିଁ ଜିଭ ଲହ ଲହ କରି ଅନେଇ ରହିଚି । ତା ଆଡ଼କୁ ଥାଳିଟା ଠେଲିଦେବାର ଉପାୟ ନାହିଁ । ସାମନାରେ ଲୁହା ରେଲିଂର ଦୁଆର ।

କାନ୍ଥକୁ ଆଉଜି ଶୂନ୍ୟ ଛାତକୁ ଅନେଇ ବସିରହିଲି । ଭାଗ୍ୟରେ ଏଇଆ ଥିଲା ! ଆରତିକୁ ଭଲ ପାଇଥିଲି । ଭାବିଥିଲି, ତାକୁ ବିବାହ କରି ସୁନାର ସଂସାର ଗଢ଼ିବି । କିନ୍ତୁ କ'ଣ ହେଲା ! କ'ଣ ହେଲା ସବୁ କଳ୍ପନା ଜଳ୍ପନାର ପରିଣତି ? କୁଆଡ଼େ ଗଲା ଆରତି ? କେଉଁଠୁ ଆସି ଦେଖା ଦେଲା ବା ଅଲକା ଅପ୍ରତ୍ୟାଶିତ ଭାବରେ ? ଆସି ଓଲଟପାଲଟ କରିଦେଲା ମୋ ସାରା ଜୀବନର ଲକ୍ଷ୍ୟ !

ଅସରନ୍ତି ଭାବନାର ଘଣ୍ଟା-ଚକଟା ଭିତରେ ସାରା ଦ୍ୱିପ୍ରହରଟା କଟି ସମସ୍ତ ରାତିର ନିସ୍ତବ୍ଧ ଅନ୍ଧକାର ପ୍ରହରଗୁଡ଼ିକ ବି କଟିଗଲା । ସକାଳ ହେଲା । ଦିନ ଏଗାରଟା ବେଳକୁ ମୋ ହାତରେ ହାତକଡ଼ା ଦେଇ ଚଲେଇ ଚଲେଇ ନିଆଗଲା କଚେରୀ ଇଜ୍‌ଲାସକୁ କୋର୍ଟରେ ହାଜର କରାଇବା ପାଇଁ ।

କଚେରୀ ବାରଣ୍ଡାର ପାହାଚ ଉଠି ସାମାନାକୁ ଚାହିଁ ଦେଖେ ଅଳ୍ପ ଦୂରରେ ମୋ ଆଡ଼କୁ ସ୍ଥିର ଦୃଷ୍ଟିରେ ଅନେଇ ଛିଡ଼ା ହେଇଛନ୍ତି ବାପା । ତାଙ୍କ ମୁହଁ ଯେପରି ଚଟାଣର କାଠିନ୍ୟରେ ଗମ୍ଭୀର । ଗୋରା ତକତକ ଦେହ ଶୁଖି କଳାକାଠ ହେଇଯାଇଛି । ଅନେଇ ପାରିଲିନି ତାଙ୍କ ଆଡ଼କୁ । ଲଜ୍ଜାରେ ତଳକୁ ମୁହଁ ପୋତିଦେଲି । ଛି, ଛି, କି ନରାଧମ ମୁଁ ! ଶେଷକୁ ଏଇମିତି ନାଁ ପକେଇଲି !

ପୁଲିସ ମତେ କୋର୍ଟ ଘର ଭିତରକୁ ନେଇ କାଠଗଡ଼ା ଭିତରେ ଠିଆ କରାଇଲା। ହାକିମ ମୋ ମୁହଁକୁ କଟମଟ କରି ଥରେ ଚାହିଁଲେ। ତାପରେ ପୁଲିସର ପ୍ରସିକ୍ୟୁଟର ପଢ଼ିଲେ। ଏତିକିବେଳେ ଭଗବାନଙ୍କ ନାଁରେ କେତେଗୁଡ଼ାଏ ପ୍ରତିଶ୍ରୁତି ଉଚ୍ଚାରଣ କରିବାକୁ ପଡ଼ିଲା—ଯା କହିବି ସତ କହିବି। ମିଛ କହିବିନି···

ଶପଥ ପାଠ ପରେ ହାକିମ ମତେ ପଚାରିଲେ—ତୁମେ ଦୋଷୀ କି ନିର୍ଦ୍ଦୋଷ ?

: ହଁ, ମୁଁ ଦୋଷୀ। ସଙ୍ଗେ ସଙ୍ଗେ ଉତ୍ତର ଦେଲି ଉତ୍ତେଜିତ ଗଳାରେ।

ମୋ ଆଡ଼କୁ ପୁଣି ଥରେ ମୁହଁ ଟେକି ଚାହିଁଲେ ମାଜିଷ୍ଟ୍ରେଟ ସାହେବ। କିନ୍ତୁ ବିଶେଷ କିଛି ଗୁରୁତ୍ୱ ଦେଲା ପରି ମନେହେଲା ନାହିଁ ମୋ କଥାରେ। ସେ କ'ଣସବୁ ଲେଖିବସିଲେ।

ଏତିକିବେଳେ କଳାକୋଟପିନ୍ଧା ଜଣେ ବୟସ୍କ ଲୋକ କ'ଣ କାଗଜ ବଢ଼େଇଦେଲେ ହାକିମଙ୍କ ଆଡ଼କୁ। ବୋଧହୁଏ ମୋ ପାଇଁ ବାପା ତାଙ୍କୁ ଓକିଲ ନିଯୁକ୍ତ କରିଥିଲେ କି କ'ଣ ! ମୋ ଆଡ଼କୁ ଟିକିଏ କ'ଣ ଇଙ୍ଗିତ ଦେଲା ପରି ପରି ଚାହିଁ କହିଲେ—ସାର୍, ଆସାମୀ ମନର ଦୁର୍ଶ୍ଚିନ୍ତାରେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛି। ଏକପ୍ରକାର ଉତ୍ତେଜିତ ସେ। କ'ଣ କହୁଚି କିଛି ଭାବି ଚିନ୍ତି କହିବା ଅବସ୍ଥାରେ ନାହିଁ। ଆପଣ ତାଙ୍କୁ ଜାମିନ୍‌ରେ ଛାଡ଼ିବା ପାଇଁ ଅନୁରୋଧ କରି ମୁଁ ଏ ଅର୍ଜି ଦେଉଚି।

: ଶ୍ରୀକାନ୍ତ ବାବୁ, ହାକିମ୍ ଧରିଥିବା କଲମଟାକୁ ଓଠ କଣରେ ଗେଞ୍ଜି କହିଲେ—ମୁଁ ଦୁଃଖିତ, ଏ ନନ୍ ବେଲେବଲ କେସ୍, ଅପରାଧ ଗୁରୁତର···

: କିଛି ଗୁରୁତର ନୁହେଁ ସାର୍, ଝିଅଟି ନିଜ ଇଚ୍ଛାରେ ବିଷ ଖାଇ ଆତ୍ମହତ୍ୟା କରିଛି, ଆସାମୀର କୌଣସି ଦୋଷ ନାହିଁ।

: ହେଇପାରେ, ବାଧାଦେଇ କହିଲେ ମାଜିଷ୍ଟ୍ରେଟ, ଦୋଷ ଅଛି କି ନାହିଁ ସେ ବିଷୟରେ ଯୁକ୍ତି କରିବାକୁ ଆପଣଙ୍କୁ ଯଥେଷ୍ଟ ସୁଯୋଗ ମିଳିବ। ଅପରାଧର ଗୁରୁତ୍ୱ ଦୃଷ୍ଟିରୁ ମୁଁ ବେଲ୍ ଦେଇପାରିବି ନାହିଁ। ପୁଲିସ ପକ୍ଷରୁ ଅଭିଯୋଗ, ଆସାମୀଙ୍କର ବାପା ଜଣେ ଅବସ୍ଥାପନ୍ନ, ପ୍ରତିପତ୍ତିଶାଳୀ ଲୋକ। ଜାମିନରେ ଖଲାସ ପାଇଲେ ଏ କେସକୁ ପଣ୍ଡ କରିବାକୁ ସେ ଚକ୍ରାନ୍ତ କରିବେ। କହି କ'ଣ-ସବୁ ଲେଖିଚାଲିଲେ।

: ସାର୍ ! ଟିକିଏ ଜୋର୍ ଦେଇ କହିଲେ ଶ୍ରୀକାନ୍ତ ବାବୁ, ଏଇପରି ଏକ ଘଟଣାର କେସ୍‌ରେ ହାଇକୋର୍ଟର ରାୟ ଅଛି ସାର୍ !

: ତା ମୁଁ ଜାଣେ, ହାକିମ କହିଲେ, ମୁଁ ଜାମିନରେ ଛାଡ଼ିବି ନାହିଁ, ତେବେ ଏତିକି କରିପାରେ, କେସ୍‌ର ଅଯଥା ଲମ୍ବା ତାରିଖ ପକେଇ ମୁଁ ଆପଣଙ୍କ ଆସାମୀକୁ ହଇରାଣ କରିବି ନାହିଁ । ପୁଲିସଙ୍କୁ ମୁଁ ନିର୍ଦ୍ଦେଶ ଦେଉଛି···ସେ ତାଙ୍କର ତଦାରଖ ରିପୋର୍ଟ କାଲି ଭିତରେ ଦିଅନ୍ତୁ···ପଅରଦିନକୁ ମୁଁ ତାରିଖ ରଖୁଛି ।

ଶ୍ରୀକାନ୍ତ ବାବୁ ଆଉ ସବୁ କ'ଣ କହିବାକୁ ଯାଉଥିଲେ । କିନ୍ତୁ କିଛି ଶୁଣିବାକୁ ଗ୍ରାହ୍ୟ ନ କରି ଆଉ ଗୋଟାଏ କ କେସ୍‌ର ନଥିପତ୍ର ପେସ୍କାରଙ୍କଠାରୁ ନେଇ ଦେଖିବସିଲେ ।

ବାହାରେ କୋର୍ଟ ପିଅନ ଅନ୍ୟ ଆସାମୀର ନାଁ ଧରି ଡାକ ଛାଡ଼ିଲା— ଜନାର୍ଦ୍ଦନ ଦାଶ ହାଜର୍ ହୋ···

କାଠଗଡ଼ାରୁ ବାହାର କରି ଆଣି ସିପାହୀ ଦଇଟା ମତେ କୋର୍ଟ ହାଜତରେ ଭର୍ତ୍ତି କଲେ । ତଳକୁ ମୁହଁ ପୋତି ମୁଁ ଗୋଟାଏ କଣକୁ ଯାଇଁ ଚୁପ୍ କରି ଠିଆ ହେଲି । ଭାବୁଥିଲି, ବାପା ବୋଧହୁଏ କୋର୍ଟ ବାବୁଙ୍କଠାରୁ ଅନୁମତି ନେଇ ମତେ ଆସି ଦେଖାକରି କ'ଣସବୁ କହିବେ । କିନ୍ତୁ ସେ ଆଶା ବୃଥା ହେଲା । ବାପା ଆସିଲେ ନାହିଁ । ସେ ବୋଧହୁଏ ମୋ ପରି କୁଳାଙ୍ଗାର ପୁଅର ମୁହଁ ଦେଖିବାକୁ ତାଙ୍କ ଇଜ୍ଜତ-ମହତ୍ତ୍ୱର ବାହାରେ ବୋଲି ଭାବିଲେ । ଭାବିବା ସ୍ୱାଭାବିକ । ମୁଁ ବା ତାଙ୍କ ମୁହଁକୁ ସିଧାସଳଖ ଅନେଇ କ'ଣ କହିଥାଆନ୍ତି ।

ମନଟା ଖାଲି ବିକଳ ହେଲା ବୋଉ ପାଇଁ । ମା' ମନ, ମା ହୃଦୟ, ସେ କ'ଣ ଏତେ ସବୁ ବୁଝିଥିବ ? ମୁଣ୍ଡ ବାଡ଼େଇ ଗଳା ଫଟେଇ କାନ୍ଦି ଲେଟୁଥିବ ସେ ସାରା ଘରଟାଯାକ । ହୁଏତ ନ ଖାଇ ନ ପିଇ ଭୂଇଁରେ ଶୋଇଥିବ ମୋ ଗିରଫ୍ତି କାହାଣୀ ଶୁଣିଲା ବେଳଠୁ । ବାପାଙ୍କୁ ଦେଖିଥିଲେ ଖାଲି କହୁଥାଆନ୍ତି ବୋଉକୁ ବୁଝେଇବା ପାଇଁ, ତାକୁ ପ୍ରବୋଧ ଦେବା ପାଇଁ—ମୋ ପରି କୁଳାଙ୍ଗାର ପୁଅକୁ ପେଟରେ ଦଶ ମାସ ଧରି ଯେଉଁ ଭୁଲ୍ କରିଛି ସେଇଥିପାଇଁ ପ୍ରାୟଶ୍ଚିତ୍ତ କରୁ । ମୋ ପରି ଦଶଟା ପୁଅ ବଞ୍ଚିଥିଲାଠୁ ବରଂ ସେ ଅପୁତ୍ରିକା ହୋଇ ରହିବା ଆହୁରି ଗର୍ବର କଥା ।

ଛୁଇଲେଉଟା ବେଳକୁ ମତେ ଜେଲ୍‌ଖାନାକୁ ଅଣାଗଲା ।

ଜେଲ୍‌ଖାନାର ରୁଦ୍ଧ ପ୍ରକୋଷ୍ଠ ଭିତରେ ଆଉରି ପାଞ୍ଚଜଣ ଦାଗୀଙ୍କ ସହିତ ମୁଁ ଯେତେବେଳେ ମୁହାଁମୁହିଁ ହେଲି, ଭାବିଲି ଏ କି ଅଦ୍ଭୁତ ରାଜ୍ୟ ! ଏ କି ବିଚିତ୍ର ଦୁନିଆ !!

ଜେଲର ସିପାହୀ ମତେ ଛାଡ଼ି ଚାଲିଗଲା ପରେ ପାଞ୍ଚଜଣଯାକ ମୋ ଚାରିପାଖେ ଘେରିଗଲେ । ଜଣେ ପଚାରିଲା—ତୁମ ନାଁ ?

ମୁଁ କିଛି କହିବା ଆଗରୁ ଆଉ ଜଣେ ତାର ଦୁଇ ତିନି ମାସର ଜଙ୍ଗଲକୃତ ଦାଢ଼ିରେ ମୁହଁ ହଲାଇ କହିଲା—ନାଁ'ରୁ କ'ଣ ପାଇବୁ ବେ ! ପଚାରି କି ଲାଗି କରି ବାବୁ ସାହେବ ଏଠିକି ଆସିଛନ୍ତି ? ଛନଛନିଆ, ଟୋକାଳିଆ ଚେହେରା, ତୋ ପରି ଖୁବ୍‌ସୁରତ ଚେହେରା ନେଇ, ପୁରି ଭଦରଲୋକ ସାଜି, ଚୌଧୁରୀ ବଜାରରେ କେଉଁ ବାବୁର ପକେଟ ମାରି ନାହାନ୍ତି ତ ?

ଆଉ ଜଣେ ହୋ-ହୋ କରି ହସିଉଠିଲା । କହିଲା—ଚଗଲାଗୁଡ଼ାକ ବାବୁ ! ନମ୍ବରି ଗୁଣ୍ଡା ଏମାନେ, ଯାଙ୍କ କଥା ଛାଡ଼ନ୍ତୁ । ବିଡ଼ି-ଫିଡ଼ି ଅଛି ଯଦି କାଢ଼ନ୍ତୁ ଖଣ୍ଡେ ।

କାହାକୁ କିଛି ନ କହି ବଲବଲ କରି ଚାହିଁଲି ସମସ୍ତଙ୍କ ମୁହଁକୁ ବାବା ହୋଇ ।

ତା ଭିତରେ ମୋର ସମବୟସ୍କ ଗୋଟିଏ ଯୁବକକୁ ଦେଖିଲି । ବର୍ଣ୍ଣ ଶ୍ୟାମଳ । ମୁଣ୍ଡବାଳ ଝାମ୍ପର । ଆଖି ଦୁଇଟିରେ ଅପୂର୍ବ ଜ୍ୟୋତିର ଝଲକ । ବୟସ ତୁଳନାରେ ପ୍ରକୃତି ଟିକିଏ କିପରି ଅସ୍ୱାଭାବିକ ଭାବରେ ଗମ୍ଭୀର । ମୋ ମୁହଁକୁ ବିସ୍ଫାରିତ ଦୃଷ୍ଟିରେ ଚାହିଁ ଏତେବେଳଯାଏ ସେ ଯେପରି କ'ଣ ଚିନ୍ତା କରୁଥିଲା । ହଠାତ୍ ବାଧା ଦେଇ କହିଲା—ଚୁପ୍ କର ! ତୁମମାନଙ୍କର ମଣିଷ ଚିହ୍ନିବାର ବୁଦ୍ଧି ଶୁଦ୍ଧି କିଛି ନାହିଁ । ତୁମେ ଯାହା, ଜଗତଟା କ'ଣ ସେଇଆ ? ଚେହେରାରୁ ଦେଖିପାରୁନ...ଥିଲା ଘରର ପିଲା !

: ହଟ୍‌ବେ ! ଭାରି ଚହ୍ଲାଳିଟା ତୁ ! ତୋ ଭଦ୍ର ଚେହେରା ଦେଖିଲେ ତ ମନେ ହେବ ଗୋଟାଏ ଜମିଦାରିଆ ଆଡ଼ା-ଚଉଡ଼ା । ଶେଷକୁ କିଛି ମିଳିଲା ନାହିଁ—ମସଜିଦ୍ ଗଳିର ଫୁଲ ବାଈ ଘରେ ଜୁଆ ଖେଳି ଛୁରି ଭୁଷାଭୁଷି ହୋଇ ଜେଲ୍ ଖଟିଲୁ ! ଚେହେରାଟା ତ ସୁନ୍ଦର—ଥିଲା ଘରର ପୁଅ—ଏଠିକି ଆସିଚନ୍ତି କାହିଁକି ପଚାରିଲୁ ?

ତଳକୁ ମୁହଁ ପୋତି ସେମାନଙ୍କ ଗହଳିରୁ ଖସିଯାଇ ଭିତରପଟ ଝରକା ରେଲିଂ ଧରି ବାହାରକୁ ଚାହିଁଲି । ସନ୍ଧ୍ୟାର ଟେନାଏ ଆକାଶ ଦେଖାଯାଉଚି ଜେଲ୍ ହତାର ପାଚେରି ଉପରକୁ । ସ୍ତବ୍ଧ ହୋଇ ଅନେଇ ରହିଲି । ସେମାନେ ମୋ ସମ୍ବନ୍ଧରେ କଅଣସବୁ ଆଲୋଚନା କରି ବାହାର ବାରଣ୍ଡାକୁ ଚାଲିଗଲେ ।

ଲୁହା ରେଲିଂ ଉପରେ ମୁଣ୍ଡ ରଖି ଗୋଟାଏ ଦୀର୍ଘନିଃଶ୍ୱାସ ନିକ୍ଷେପ କଲି...ଭଗବାନ୍ ! ମନକୁ ମନ କହିଲି ମୁଁ—ଶେଷକୁ କପାଳରେ ଏଇଆ ଥିଲା !! ଏଇ ଦୁନିଆ ! ଏତିକି ଦହଗଞ୍ଜ !! ଉଃ !!!

ମନସ୍ତାପରେ କେତେବେଳେ ଆଖି ବୁଜି ହୋଇଯାଇଛୁ ଆଉ ମୁଁ ସେଇମିତ ଠିଆହୋଇ ମନଭରି କାନ୍ଦିଚ, କିଛୁ ଜାଣିପାରି ନାହିଁ। ବିଡ଼ି ଧୂଆଁ ଗନ୍ଧରେ ଯେତେବେଳେ ନାକ ଫାଟିଗଲା ପରି ଲାଗିଲା, ଦେଖିଲି ଏ ଭିତରେ କେତେବେଳେ ରାତି ହୋଇଯାଇଛୁ, ଆଉ ସାରା ଘରଟା କଳା କଟିମିଟି ଅନ୍ଧାରରେ ଭୟଙ୍କର ହୋଇଉଠିଚ।

: ବିଡ଼ି ନବ ?

: ଉଁ ? ମୁଁ ସେଇ ଅନ୍ଧାରରେ ସମସ୍ତଙ୍କୁ ଆଉଥରେ ଦେଖିବାକୁ ଚେଷ୍ଟା କଲି।

: ବିଡ଼ି ଖାଇବ ?

: ନା।

: ସେତିକିବେଳୁ ଠିଆହୋଇଚ କାହିଁକି ? କେତେ ଦିନ ଏମିତ ଠିଆ-ହେବ ? ଜେଲ୍ ତ ଆସିଲଣି, ଆଉ ଅବଶୋଷ କାହିଁକି ? ଆସ, ବସ ଆମ ପାଖରେ। ଆଉ ଜଣେ ଡାକଲା, ଆସ ତୁମର ବାହାଦୁରୀ ଶୁଣିବା।

ବାହାଦୁରୀ ! ମୁଁ ମନକୁ ମନ କହିଲି—ବାହାଦୁରୀ ତ ନିଶ୍ଚୟ ! ଗୋଟାଏ ଝିଅକୁ ଘରଛଡ଼ା କରାଇଲି, ଆଉ ଗୋଟାକୁ ପ୍ରାଣରେ ମାରିଲି।

: ହଇହୋ ବାହାଦୁର୍ ବାବୁ ! ମତେ ନୀରବ ଦେଖି ସେମାନଙ୍କ ଭିତରୁ ଜଣେ ପରିହାସ ଗଳାରେ କହିଲା—ନାଁ ଫାଁ ତ କିଛୁ କହିଲ ନାହିଁ—ଆମେ ତମକୁ 'ବାହାଦୁର' ବାବୁ ଡାକିବା।

: ଆବେ ନା, କରାମତି ବାବୁ ଡାକ। କିଛୁ ବଡ଼ ରକମର କରାମତି କରି ଆସିଚନ୍ତି ନିଶ୍ଚୟ। ସେଥିପାଇଁ ଆମ ପାଖରେ କହିବାକୁ ପସନ୍ଦ କରୁ ନାହାନ୍ତି। ଷ୍ଟେଟଲୋକ ଆମେସବୁ କନା ! କ'ଣ ବୁଝିବା।

: ନା, ନା, ମତେ ଭୁଲ ବୁଝନା ଭାଇ ! ଷ୍ଟେର କରିବାର ବୁଦ୍ଧି ମୋର ନାହିଁ କି ଚୁରି ମାରିବାର ସାହସ ବି ନାହିଁ। ମୁଁ ଏକ ସଇତାନ ବେକୁବ୍। ତୁମମାନଙ୍କୁ ଶୁଣାଇଲା ପରି ବାହାଦୁରୀ କିଛୁ କରି ନାହିଁ। ଦି ଦିଇଟା ଝିଅଙ୍କର ସର୍ବନାଶ କରିଛୁ...ମୁଁ ଏକ ବିଶ୍ୱାସଘାତକ ସଇତାନ୍...

ସେଇ ଅନ୍ଧାରରେ ଦଶଟା ଆଖିର ତାରା ଦପ୍ ଦପ୍ ହୋଇ ଜଳିଉଠିଲା— ପାଞ୍ଚଟା ଦେହ ଭୟରେ ଶୀତେଇ ଉଠିଲା—ପାଞ୍ଚଟା କମ୍ପିତ ଗଳାରେ ଏକା ସାଙ୍ଗରେ ସ୍ୱର ଉଠିଲା—ଦି'ଦିଇଟା ଝିଅ ?

ମୁଁ ସ୍ତବ୍ଧ ହୋଇ ବସିରହିଲି।

ମୋ ପାଖକୁ ସମସ୍ତେ ପାଖେଇ ଆସିଲେ ନିବିଡ଼ ଭାବରେ । କହିଲେ—କହନ୍ତୁ…

: କ'ଣ କହିବି ?

: କେମିତି କ'ଣ ହେଲା ?

: ଶୁଣିଲା ପରି କିଛି ନୁହେଁ । ମୁଁ କହିଲି ଧୂସର କଣ୍ଠରେ ।

: ଶୁଣିଲା ପରି ନ ହେଉ, କହିଲା ପରି ତ କିଛି ! କୁହ… କୁହ…

ନ କହି ମୁକ୍ତି ନାହିଁ । ନଛୋଡ଼ବନ୍ଧା ସେମାନେ । କହିବାକୁ ହି ପଡ଼ିବ । ମନେହେଲା ସବୁ କହିପକାଇବାକୁ ମୋ ଭିତରେ ଯେମିତି ଗୋଟାଏ ପ୍ରବଳ ଆବେଗ । ମନର ଦୁଃଖ କହି ପକାଇବାକୁ ମଣିଷ ଏପରି ଅସ୍ଥିର ହୋଇଉଠେ, ପ୍ରଥମ ସେଇଦିନ ଅନୁଭବ କଲି । ଉପରେ ନାହିଁ ନାହିଁ କଲେ ବି ଭିତରେ ଯେମିତି ନିଜକୁ ଖୋଲି ଦେଖାଇଦବାର ଉଚ୍ଛ୍ୱସିତ ଆଗ୍ରହ…

କହିଗଲି ।

ଦୁଇ ଦିନ, ଦୁଇ ରାତି…

ଖିଆ ନାହିଁ, ପିଆ ନାହିଁ, ତଥାପି ସରିଲା ନାହିଁ । ବାକି ରହିଗଲା…

ତୃତୀୟ ଦିନ ଯେତେବେଳେ କଚେରୀକୁ ନବା ପାଇଁ ସିପାହୀ ଆସିଲେ, ବନ୍ଧୁମାନେ କହିଲେ—ଯାଆନ୍ତୁ, ଆପଣ ବଡ଼ଲୋକର ପିଲା । ଖଲାସ ପାଇଯିବେ । ଆପଣଙ୍କ ସାଙ୍ଗେ ଆଉ ଦେଖା ହେବ ନାହିଁ ।

କହିଲି : ନା, ଖଲାସ ହେବିନାହିଁ । ଧର୍ମ ଅଛି । ପାପର ପ୍ରାୟଶ୍ଚିତ୍ତ ଏଇଠି ଆସି କରିବି । ଆପଣମାନଙ୍କ ସହିତ ପୁଣି ଆସି ମିଶିବି । ମୋ କଥାର ବାକିତକ କହିବି ।

କଚେରୀ ପାଖରେ ଯେତେବେଳେ ପହଞ୍ଚିଲି, ଦେଖିଲି ପୂର୍ବରୁ ପ୍ରାୟ ପଚାଶ-ଷାଠିଏ ଜଣ ଆସିଛନ୍ତି ମୋ ଚିହ୍ନାପରିଚୟ ଲୋକ । ଆଉ ମୋ ପଢ଼ା ସାଙ୍ଗ, କଲେଜର ବନ୍ଧୁ ପ୍ରାୟ କୋଡ଼ିଏ ତିରିଶ ଜଣ । ଛି, ଛି, କି ଲଜ୍ଜା !! କି ବେଇଜ୍ଜତି ! ବାପାଙ୍କୁ କିନ୍ତୁ ସେ ଗହଳି ଭିତରେ ଦେଖିଲି ନାହିଁ । ହୁଏତ ଆସିଛନ୍ତି । ଏତେ ଲୋକଙ୍କ ଆଗକୁ ଆସିବାକୁ ଅପମାନିତ ମନେ କରୁଛନ୍ତି ବୋଧହୁଏ । ଗଛମୂଳରେ କେଉଁଠି ବସିଥିବେ ।

କୋର୍ଟ ରୁମ୍‌ରେ ସେଦିନ ପରି ମତେ ନେଇ କାଠଗଡ଼ା ଭିତରେ ଛିଡ଼ା କରାହେଲା । ଶପଥ ବି ପାଠ କରାଗଲା । ଶ୍ରୀକାନ୍ତ ବାବୁ ଆଗରୁ କଅଣସବୁ ବହିପତ୍ର ଧରି ହାକିମଙ୍କ ସାମନାରେ ଠିଆ ହୋଇଥାଆନ୍ତି ।

ସରୋଜ ବାବୁଙ୍କୁ ଦେଖିଲି । ଆମ ଘରର ଗୁମାସ୍ତା ବି ଆସି ଠିଆ-ହୋଇଛି । ଆଉ ଆସି ଠିଆହୋଇଛି ଢନନ୍ଦନ ଭଳି ସେଦିନ ଗାଡ଼ିରେ ଅଳକା ଆଉ ମତେ ଯେଉଁ ରିକ୍‌ସାବାଲା ନେଇ ଯାଇଥିଲା ନଦୀକୂଳକୁ । ମୋ ଛାତି ଧଡ଼ ପଡ଼ କରି ଉଠିଲା ।

ମୋ ବିରୁଦ୍ଧରେ ସାକ୍ଷୀ ଦେବାକୁ ଆସିଛନ୍ତି ଏମାନେ । ଯେଉଁ ସରୋଜ ବାବୁ ମୋର ଅନ୍ତରଙ୍ଗ ବନ୍ଧୁ ଥିଲେ, ସେ ଆଜି ମୋର ପରମ ଶତ୍ରୁ ସାଜି ଠିଆ ହୋଇଛନ୍ତି । ସ୍ୱାର୍ଥ ଉପରେ ଆଞ୍ଚ ଆସିଲେ ମଣିଷ କିପରି ବିଦ୍ରୋହ କରି ପିଶାଚ ନୃଶଂସ ହୋଇଉଠେ, ସରୋଜ ବାବୁଙ୍କ ମୁହଁକୁ ଦେଖି ବୁଝିଲି । ମନେ ପଡ଼ିଲା, ପୁରୀରୁ ମୁଁ ଆସି କଟକରେ ପଢ଼ିବା ପାଇଁ ଯେତେବେଳେ କଲେଜରେ ନାଁ ଲେଖେଇଲି ସେତେବେଳେ ଏଇ ସରୋଜ ବାବୁ ମୋ ବନ୍ଧୁତ୍ୱ ପାଇବା ପାଇଁ ମୋ ପାଖରେ କି ନିଦପଷି ହୋଇ ନ ଥିଲେ ! ମୋ ପଢ଼ାରେ ବ୍ୟାଘାତ ଦେଇ ମତେ ଟାଣି ଓଟାରି ସାଙ୍ଗରେ ଧରି ବୁଲିବାକୁ କି ପାଁପଲା-ପାଁପଲି କରୁ ନ ଥିଲେ ! ଆଉ ଆଜି, ଭଲ ଭାବେ ଜାଣି, ଅଳକାର ମୃତ୍ୟୁ ପାଇଁ ମୁଁ ଦାୟୀ ନୁହେଁ, ଅଳକାକୁ ମୁଁ ଭଲ ପାଇ ନ ଥିଲି, ତାଙ୍କରି ପରି ଅଳକା ଉପରେ ପଡ଼ି ତା ଭଲ ପାଇବା ନିବେଦନ କରି ମତେ ତା ଆଡ଼କୁ ଆକୃଷ୍ଟ କରିବାକୁ ସେଇ ପ୍ରଥମ ଦେଖା ଦିନରୁ ହିଁ ଚେଷ୍ଟା କରି ଆସୁଥିଲା, ଏକଥା ଖୁବ୍ ଭଲରୂପେ ହୃଦୟଙ୍ଗମ କରିବି ଆଜି ଭଉଣୀର ଆତ୍ମହତ୍ୟା ପାଇଁ ମତେ ଦାୟୀ କରି କାଠଗଡ଼ା ଭିତରେ ଛିଡ଼ା କରେଇ ଦାଉ ସାଧିବା କି ଅମାନୁଷିକ ବର୍ବରତା, ଥରେ ଭାବି ଦେଖିଲେ ନାହିଁ ! ତା ଯଦି ସେ ନ ଦେଖିଲେ ମୁଁ ବା ସତ କଥା କହିବି ନାହିଁ କାହିଁକି ? ଯାହା ଯାହା ଘଟଣା ଘଟିଛି ସେସବୁ ବୟାନ କରିବନି କାହିଁକି ? ମୁଁ ତ ପୁରୁଷ ପୁଅ । ମୋର କି ଲଜ୍ଜା ! ଇଜ୍ଜତ ମହତ ପଦାରେ ପଡ଼ିଲେ ସରୋଜ ବାବୁଙ୍କର ହିଁ ପଡ଼ିବ ।

ପରକ୍ଷଣରେ ଭାବିଲି—ନା, ନା, ସରୋଜ ବାବୁ ମୋ ବନ୍ଧୁତା ପ୍ରତି ଅବିଚାର କଲେ ବୋଲି ମୋର କରିବା ଉଚିତ୍ ହେବ ନାହିଁ । ଥରେ ଯେତେ-ବେଳେ ତାଙ୍କୁ ବନ୍ଧୁ ବୋଲି ଗ୍ରହଣ କରିଛି—ତାଙ୍କ ସମ୍ମାନ ମୋ ସମ୍ମାନ । କ'ଣ କହିବ ଦୁନିଆ ? ବନ୍ଧୁତାର ଆଦର୍ଶ କ'ଣ ସମାଜରୁ ଲୋପ ପାଇଗଲା ?

ପୁଣି ଅଳକା କଥା ! ତାର ଏତେ ବଡ଼ ପ୍ରେମର ଆଦର୍ଶ ମୁହଁରେ ଚୂନକାଳି ଦେବି ? ଆରତିକୁ ମୁଁ ଭଲ ପାଇଥିଲି । କାହିଁ ଆରତି ତ ମୋ ପାଇଁ ପ୍ରେମର ଆଦର୍ଶ ଦେଖାଇ ଜହର ଖାଇ ମରିପାରିଲା ନାହିଁ ! ଜୀବନକୁ ତୁଚ୍ଛ ବୋଲି ଭାବି ଆତ୍ମହତ୍ୟା କରିପାରିଲା ନାହିଁ ! ଅଥଚ ଅଳକା, ତାକୁ ମୁଁ ଦିନେ ହେଲେ ଜଣେଇନି ମୋ ଭଲ ପାଇବାର ଦୁର୍ବଳତା । ମୁହୂର୍ତ୍ତିକ ପାଇଁ ବି ଦେଖାଇନି ପ୍ରେମର ଆସକ୍ତି, ଅଥଚ ସେ ହସି ହସି ଜହର ଖାଇ ପ୍ରେମର ଚୂଡ଼ାନ୍ତ ନିଦର୍ଶନ

ଦେଖାଇଦେଇ ଏ ଦୁନିଆରୁ ଚାଲିଗଲା । କେତେ ବଡ଼ ହୃଦୟ ଅଲକାର ! କେତେ ବଡ଼ ଆଦର୍ଶ ଅଲକାର !! କେତେ ବଡ଼ ତ୍ୟାଗ ଅଲକାର !!! ସେ ତ୍ୟାଗର ସମ୍ମାନ ନ ଦେଇ ଏ କଚେରୀରେ ମୁଁ ତାର ଅପମାନ କରିବି ? ସେ ପ୍ରେମର ଲାଞ୍ଛନା ମୋ ମୁହଁରେ ସୁନ୍ଦର ଦେଖାଯିବ ? ଅଲକା ପରି ମହୀୟସୀ ନାରୀର ଅବମାନନା ମୁଁ କରିବି—ଧର୍ମ ସହିବ ? ଦୁଇଟା ଜୀବର ତ ସର୍ବନାଶ କଲି—ଶେଷରେ ଦୁନିଆରେ ବଞ୍ଚିରହିବା ପାଇଁ ପବିତ୍ର ପ୍ରେମର ଅବମାନନା କରିବି ?—ନା, ତା କଦାପି ହୋଇପାରେନା । ସରୋଜ ବାବୁ ମତେ ଅଭିଯୁକ୍ତ କରି ବୟାନ ଦିଅନ୍ତୁ । ମତେ ଜେଲ୍ ଖଟାଇ ତାଙ୍କର ସ୍ୱର୍ଗତ ଭଗିନୀର ମୃତ ଆତ୍ମା ସୁଖୀ ହେବ ବୋଲି ଯଦି ସେ ଆଶା କରୁଛନ୍ତି—ତାହା ହିଁ ସେ କରନ୍ତୁ, କରି ସୁଖୀ ହୁଅନ୍ତୁ । ମୁଁ ହସି ହସି କାରାବରଣ କରିବି ବରଂ···ମୃତ୍ୟୁ ଦଣ୍ଡ ସେ ବି ମୋର ଶିରୋଧାର୍ଯ୍ୟ । ସେ ଶାସ୍ତି ପଛେ ହେଉ—ମୁଁ ଅଲକାର ଅସମ୍ମାନ କରିପାରିବି ନାହିଁ ।

: ଅଲକା ଆପଣଙ୍କ ନିଜ ଭଉଣୀ ? ମୋ ପକ୍ଷର ଓକିଲ ଶ୍ରୀକାନ୍ତ ବାବୁଙ୍କ ଚଡ଼ା ଗଳାରେ ପ୍ରଶ୍ନ ଶୁଣି ଭାବନା-ରାଜ୍ୟରୁ ମୁଁ ଚମକି ଉଠିଲି । ଏ ଭିତରେ କେସ୍‌ର କେତେଗୁଡ଼ାଏ କାର୍ଯ୍ୟ ଆଗେଇ ଯାଇଛି । ଘଣ୍ଟାଏ ଉପର ହେବ ମୁଁ ଏଣୁ ତେଣୁ କଅଣସବୁ ଭାବି ଚାଲିଛି । କୌଣସି ତର୍କ ବିତର୍କ ପ୍ରତି ମୋର ଲକ୍ଷ୍ୟ ନାହିଁ । ଶ୍ରୀକାନ୍ତ ବାବୁଙ୍କ ପାଟିରେ ଅସ୍ଥିର ହୋଇ ମୁଁ ଦେଖିଲି, ମୋ ସାମନା କାଠଗଡ଼ା ଭିତରେ ଠିଆ ହୋଇଛନ୍ତି ସରୋଜ ବାବୁ । ମୋ ବିରୁଦ୍ଧରେ ସାକ୍ଷୀ ଦେଉଛନ୍ତି ସେ । ମୋ ପକ୍ଷ ଓକିଲ ଜେରା କରୁଛନ୍ତି ।

: ହଁ ଅଲକା ମୋ ନିଜ ଭଉଣୀ । ଦର୍ପିତ ଗଳାରେ କହିଲେ ସରୋଜ ବାବୁ ।

: ବଡ଼ ନା ସାନ ?

: ସବା ସାନ ।

: ବୟସ କେତେ ?

: ଅଠର ।

! କଲିକତାରେ ଆପଣଙ୍କ ଆଉ ସବୁ ଭାଇ ରହିଥିବା ବେଳେ ସେ ଆପଣଙ୍କ ସାଙ୍ଗରେ ଏଠିକି କାହିଁକି ଆସିଥିଲେ ?

: ଏଠା କଲେଜରେ ପଢ଼ିବାକୁ ।

: କଲିକତାରେ କଲେଜ ନାହିଁ ?

: ଅଛୁ । କିନ୍ତୁ ମୁଁ ତାଙ୍କୁ ବେଶୀ ସ୍ନେହ କରେ । ମୋ ପାଖରେ ରହି ପଢ଼ିବାକୁ ସେ ବେଶୀ ପସନ୍ଦ କଲା ।

: ଅଲକା ଓଡ଼ିଆ କହି ଜାଣିଥିଲା ?

: ହଁ ।

: କାହାଠୁ ଶିଖିଥିଲା ଓଡ଼ିଆ ।

: ମୋଠୁ ଏବଂ ମୋ ସ୍ତ୍ରୀଠୁ ।

: କଟକ ସେ ଆଗରୁ କେବେ ଆସିଥିଲା ?

: ହଁ, ସବୁ ଖରା ଛୁଟିରେ ପ୍ରାୟ ଆସେ ।

: ଓଡ଼ିଆ ଭାଷା ଶିଖିବା ଲାଗି ଆପଣଙ୍କ ଇଚ୍ଛା ପଛରେ ଓଡ଼ିଶା ଦେଶ ପ୍ରତି ଆପଣଙ୍କର ଆନୁଗତ୍ୟ ନା କୌଣସି ଉଦ୍ଦେଶ୍ୟଗତ ଦୁରଭିସନ୍ଧି ?

: ଆପଣ ଯାହା ମନେ କରିପାରିବେ । ସରୋଜ ବାବୁ କହିଲେ, ଓଡ଼ିଶାରେ ମୁଁ ଗଲା ଆଠ ବର୍ଷ ଧରି ଚାକିରି କରି ରହିଛି—ଜୀବନର ବାକୀ ଦିନତକ ମଧ୍ୟ ଏଇଠି କାଟିବା ମୋର ଇଚ୍ଛା । ସେ ଅବସ୍ଥାରେ···

: ଆଚ୍ଛା, ଗଲା କେତେ ମାସ ତଳେ ପୂଜା ପରେ ଆପଣଙ୍କ ସ୍ତ୍ରୀ ଆଉ ଅଲକା ଯେତେବେଳେ କଲିକତାରୁ ଆସିଲେ ରାତି ମେଲ୍‌ରୁ ତାଙ୍କୁ ଆଣିବା ପାଇଁ ଆପଣ ଉମାକାନ୍ତ ବାବୁଙ୍କୁ ସାଙ୍ଗରେ ଡାକି ନେଇଥିଲେ କି ?

: ହଁ, ନେଇଥିଲି ।

: ଆପଣଙ୍କ ପରିବାର ସହିତ ଉମାକାନ୍ତ ବାବୁଙ୍କୁ ଖୋଲା ଭାବରେ ମିଳାମିଶା କରିବାକୁ ସୁବିଧା ଦେବା ମୂଳରେ ଆପଣଙ୍କର କିଛି ଦୁରଭିସନ୍ଧି ନ ଥିଲା ଆପଣ କହିପାରିବେ ?

: ନା, ନ ଥିଲା ।

: ଅଲକା ଉମାକାନ୍ତଙ୍କ ପଢ଼ାଘରକୁ ଏକୁଟିଆ ଅନେକ ସମୟରେ ଯିବା ଆସିବା କରୁଥିଲେ । ଆପଣ ତା ଜାଣିଥିଲେ ?

: ହଁ, ଜାଣିଥିଲି । ମୋଟ ଉପରେ ଉମାକାନ୍ତ ବାବୁଙ୍କୁ ମୁଁ ଅନ୍ତରଙ୍ଗ ବନ୍ଧୁ ଭାବରେ ଦେଖୁଥିଲି । ସେ ଯେ ମୋ ପରିବାର ସହିତ ମିଶି ମୋ ଭଉଣୀର ଦିନେ ସର୍ବନାଶ କରିବେ, ତାକୁ ପ୍ରଲୋଭିତ କରି ନିଜ ଆଡ଼କୁ ଆକୃଷ୍ଟ କରାଇ ଶେଷରେ ତାକୁ ପ୍ରତାରିତ କରିବେ, ଏ ଚିନ୍ତା ମୁଁ ବା ମୋ ସ୍ତ୍ରୀ କାହା ମନରେ କ୍ଷଣକ ପାଇଁ ବି ସ୍ଥାନ ପାଇ ନ ଥିଲା ।

: ଆଚ୍ଛା, ଉମାକାନ୍ତ ବାବୁ ଅଲକାକୁ କେବେ ବିବାହ କରିବାକୁ ଚାହିଁଥିଲେ ଆପଣ ସେଥିରେ ଆପତ୍ତି କରି ନ ଥାନ୍ତେ ?

: ନା ।

: ତା ହେଲେ ଆପଣ ଭିତରେ ଭିତରେ ଚାହୁଁଥିଲେ ଅଲକା ଉମାକାନ୍ତଙ୍କୁ ମନା-ମନି କରେଇ ବିଭା ହୋଇପଡ଼ୁ ।

: ନା, ନା, ତା ନୁହେଁ । ଅଲକା ଶିକ୍ଷିତା । ତାର ବୁଦ୍ଧିବୃତ୍ତି ଅଛି । ମୋ ଚାହିଁବା ମୁତାବକ ତା ଚାହିଁବା ନିୟନ୍ତ୍ରିତ ହେଉ—ଏପରି ଭାବିବା ମୋର କୌଣସି ଯୁକ୍ତିସଙ୍ଗତ ନୁହେଁ, ଯେତେବେଳେ ମୁଁ ଜାଣେ ଜୀବନର ସାଥୀ ବାଛିନେବା ପାଇଁ ତାର ଯଥେଷ୍ଟ ଦାୟିତ୍ୱଜ୍ଞାନ ହୋଇଛି । ତା ଛଡ଼ା ତା ବୌଦି ମାନେ ମୋ ସ୍ତ୍ରୀ ଆଗରେ ସେ ସ୍ପଷ୍ଟ ମତବ୍ୟକ୍ତ କରିଥିଲା···ଉମାକାନ୍ତ ବାବୁଙ୍କୁ ସେ ଭଲ ପାଏ ଏବଂ କେବେ ବିବାହ କଲେ ସେ ତାଙ୍କୁଇ ବିବାହ କରିବ ।

: ଆପଣ ତାହେଲେ ଜାଣିଥିଲେ ଅଲକା ଉମାକାନ୍ତ ବାବୁଙ୍କୁ ଭଲ ପାଉଥିଲା !

: ହଁ ।

: ଆଚ୍ଛା ଉମାକାନ୍ତ ଅଲକାକୁ ଭଲ ପାଉଥିଲେ କି ନାହିଁ କହିପାରିବେ ?

: ନା, ତା ମୁଁ କହିପାରିବି ନାହିଁ ।

: ସାର୍ ! ଶ୍ରୀକାନ୍ତ ବାବୁ ପାଟି କରିଉଠି କହିଲେ—ଆପଣ ଏଇଠି ଲକ୍ଷ୍ୟ ରଖନ୍ତୁ, ସାକ୍ଷୀ କହୁଛନ୍ତି···ଅଲକା ଉମାକାନ୍ତଙ୍କୁ ଭଲ ପାଇବା କଥା ସେ ତା ମୁହଁରୁଇ ଶୁଣିଥିଲେ, କିନ୍ତୁ ଉମାକାନ୍ତ ବାବୁ ତାଙ୍କ ଭଉଣୀଙ୍କୁ ଭଲ ପାଆନ୍ତି କି ନାହିଁ ତା ସେ ଜାଣି ନ ଥିଲେ । ଏଇଥିରୁ ପ୍ରମାଣ ହେଉଛି—ଅଲକା ଆସାମୀକୁ ତା ଆଡ଼କୁ ଆକୃଷ୍ଟ କରିବା ପାଇଁ ବରାବର ଚେଷ୍ଟା କରୁଥିଲା । କିନ୍ତୁ ଆସାମୀ ଉମାକାନ୍ତ ଅଲକାକୁ ଯେଉଁଦିନ ସ୍ପଷ୍ଟ ଜଣାଇଦେଲେ ଯେ ସେ ତାଙ୍କୁ ଭଲ ପାଇପାରିବେ ନାହିଁ, କାରଣ ଜଣେ ଜଣକୁ ଭଲ ପାଇଲେ ଆଉ ଜଣେ ତା ବଦଳରେ ଭଲ ପାଇବାକୁ ବାଧ୍ୟ ହ୍ୟାର ଯେତେବେଳେ କୌଣସି ଯୁକ୍ତିସଙ୍ଗତ କାରଣ ନାହିଁ, ସେତେବେଳେ ଅଲକା ଏକପ୍ରକାର ହତାଶ ହୋଇ ହୁଏତ ଜହର ଖାଇ ଆତ୍ମହତ୍ୟା କରିଛନ୍ତି । ଚିଠିରେ ବି ଅଲକା ସେଇକଥା ସ୍ପଷ୍ଟ ଲେଖିଛନ୍ତି । ଏଠାରେ ସମସ୍ତ ଚିଠିଟା ପଢ଼ିବା କିଛି ଦରକାର ନାହିଁ । ଉମାକାନ୍ତଙ୍କ ସହିତ ତାଙ୍କର ପ୍ରଥମ ଦେଖା ସାକ୍ଷାତରୁ ଆରମ୍ଭ କରି ଏପର୍ଯ୍ୟନ୍ତ ସମସ୍ତ ସ୍ମରଣୀୟ ଘଟଣାକୁ ଲେଖିଛନ୍ତି ଅଲକା । ପୁରା ଚିଠିଟା ପଢ଼ିଲେ ସ୍ପଷ୍ଟ ଜଣାଯିବ, ଉମାକାନ୍ତ ତାଙ୍କ ନିଜ ଆଡ଼ୁ କୌଣସି ଦିନ ଅଲକାକୁ ପ୍ରତିଶ୍ରୁତି ଦେଇ ନାହାନ୍ତି ନିଜର

ଭଲ ପାଇବା ସମ୍ବନ୍ଧରେ । ବରଂ ପ୍ରତିକୂଳ ମତ ଦେଇ ବରାବର ଅଲକାଙ୍କୁ ବୁଝାଇଛନ୍ତି ପରିଣାମ କଥା ବିଚାର ନ କରି ଅନ୍ଧ ଭାବରେ ତାଙ୍କ ପ୍ରେମ ନିବେଦନ କରିବାରୁ କ୍ଷାନ୍ତ ହେବାକୁ । ଏ ଅବସ୍ଥାରେ ଉମାକାନ୍ତଙ୍କୁ ଅଲକାର ଆତ୍ମହତ୍ୟା ପାଇଁ ଦାୟୀ କରିବାରେ କୌଣସି ଯଥାର୍ଥତା ନାହିଁ । କହି ଟିକିଏ ରହିଯାଇ ସରୋଜ ବାବୁଙ୍କ ଆଡ଼କୁ ଚାହିଁ କହିଲେ—ଆପଣ ଏଥର ଯାଇପାରନ୍ତି ।

ସେ ଗଲା ପରେ କାଠଗଡ଼ା ଭିତରକୁ ସାକ୍ଷୀ ଦେବା ପାଇଁ ଆସିଲା ଚାକର ।

ଶ୍ରୀକାନ୍ତ ବାବୁ ପଚାରିଲେ—ଅଲକାଙ୍କ ଶୋଇଲାଘରେ ତୁ କେବେ ଉମାକାନ୍ତ ବାବୁଙ୍କୁ ଦେଖିଚୁ ?

: ନା ।

: ଉମାକାନ୍ତ ବାବୁଙ୍କ ପଢ଼ାଘରେ କେବେ ଅଲକାଙ୍କୁ ଦେଖିଚୁ ?

: ହଁ, ପ୍ରାୟ ପ୍ରତିଦିନ ଦେଖେ ।

: ସେମାନେ କ'ଣ କଥାଭାଷା ହୁଅନ୍ତି କେବେ ଶୁଣିଚୁ ?

: ନା । ଥରେ ଦିଥର ଦେଖିଛି ଉମାକାନ୍ତ ବାବୁଙ୍କ ପଢ଼ାଘରେ ଅଲକା ଦେଈଙ୍କୁ ବସି କାନ୍ଦିବାର । ମୁଁ ପଶିଗଲେ ଦେଈ ତଳକୁ ମୁହଁ ପୋତି ପଣତରେ ଲୁହ ପୋଛିପକାନ୍ତି । ଥରେ ଉମାକାନ୍ତ ବାବୁଙ୍କୁ ବି କାନ୍ଦିବାର ଦେଖିଚି ।

: ଆଚ୍ଛା, ସେଦିନ ରାତିରେ କେତେବେଳେ ଦୁହେଁ ଫେରିଲେ ?

: ଅଧ ରାତି ହୋଇ ଯାଇଥିଲା ।

: ସେଦିନ ବୁଲିଯିବା ପାଇଁ ରିକ୍‌ସା ଡାକି ଆଣିବାକୁ ତତେ କିଏ ପଠାଇଥିଲେ ?

: ଅଲକା ଦେଈ ।

: ସେମାନେ ଆଉ କେବେ ଦୁହେଁ ଏକାଠି ବୁଲିଯିବା ପାଇଁ ତୁ ରିକ୍‌ସା ଡାକିଛୁ ?

: ହଁ ଆଉ ଥରେ ଦି ଥର ।

: ଫେରିବାର ଏଇମିତି ଡେରି ସବୁଦିନେ ହୁଏ ?

: କହିପାରିବିନି ।

: ଆଚ୍ଛା, ତୁ ଯା ।

ଶ୍ରୀକାନ୍ତ ବାବୁ କହିଲେ : ରିକ୍‌ସାବାଲା କାହିଁ ?

ରିକ୍‌ସାବାଲା ଆସି ଠିଆ ହେଲା କାଠଗଡ଼ାରେ ।

ପଚ୍ଚରଲେ ଶ୍ରୀକାନ୍ତ ବାବୁ : ତୋ ନାଁ ?

: ବକଲା ଭୋଇ ।

: ବାପ ନାଁ ?

: ଆକୁଲା ଭୋଇ ।

: ତୁ ନଦୀକୂଳକୁ ବୁଲାଇବାକୁ ନେଇ ଯାଇଥିଲୁ ?

: ହଁ ଆଜ୍ଞା !

: ତତେ କିଏ ଡାକ ଆଣିଥିଲା ?

: ସେଇ ଲୋକ । କହି ବକଲା ପାଖରେ ଠିଆ ହୋଇଥିବା ଯୁବକକୁ ହାତ ଦେଖାଇଦେଲା ।

: ସେମାନେ ନଦୀକୂଳରେ ଯାଇଁ କ'ଣ କରିଥିଲେ ?

: ମୁଁ କହିପାରିବିନି । ମୁଁ ରାସ୍ତା ଉପରେ ରିକ୍ସା ରଖିଥିଲି । ସେମାନେ ବହୁତ ଦୂରକୁ ଯାଇ ନଦୀକୂଳରେ ବସିଥିଲେ ।

: କିଛି ଦେଖିନୁ ତୁ ?

: ନା, ଶୁଣିଚି ।

: କ'ଣ ?

: ଗୀତ ।

: କିଏ ଗାଉଥିଲେ, ଉମାକାନ୍ତ ବାବୁ ?

: ନା ।

: ଆଉ କିଏ ଅଳକା ?

: ହଁ ଆଜ୍ଞା !

: ଆଚ୍ଛା, ତୁ ସେମାନଙ୍କୁ ନେଇ ଫେରିବା ପରେ ତତେ ଭଡ଼ା ଟଙ୍କା କିଏ ଦେଲେ ?

: ମା ଦେଲେ ।

: କେତେ ?

: ପାଞ୍ଚ ଟଙ୍କା ।

: ଆଚ୍ଛା, ତୁ ଯା । କହି ଶ୍ରୀକାନ୍ତ ବାବୁ କହିଲେ—ଏଇଥିରୁ ସ୍ପଷ୍ଟ ବୁଝାଯାଉଛି, ସେଦିନ ସନ୍ଧ୍ୟାରେ ଉମାକାନ୍ତ ବାବୁଙ୍କୁ ହିଁ ଅଲକା ଦେଖି ଡାକି ନେଇ ଯାଇଥିଲେ ନଦୀକୂଳକୁ । ତା ନ ହେଲେ ଭଡ଼ା ଟଙ୍କା ସେ ଦେବାର କୌଣସି କାରଣ ନ ଥିଲା ।

ମାଜିଷ୍ଟ୍ରେଟ କଅଣସବୁ ଲେଖିବାରେ ବ୍ୟସ୍ତ ଥିଲେ । ଏତିକିବେଳେ କାଗଜ ଉପରୁ ମୁହଁ ଉଠେଇ ସାମାନାକୁ ଚାହିଁଲେ ।

ମୋ ପକ୍ଷ ଓକିଲ ଶ୍ରୀକାନ୍ତ ବାବୁ ବସିପଡ଼ିଲେ । ଉଠି ଛିଡ଼ା ହେଲେ ଜଣେ ଲମ୍ବା କଳା କୋର୍ଟପିନ୍ଧା ପ୍ରୌଢ଼ । ଛିଡ଼ା ହୋଇ ମୋ ଆଡ଼କୁ ଟିକିଏ ବିସ୍ଫାରିତ ଦୃଷ୍ଟିରେ ଚାହିଁଲେ । ତା ପରେ ପଚାରିଲେ—ଅଲକା ତୁମ ପଢ଼ାଘରକୁ ବରାବର ଆସନ୍ତି ?

: ହଁ । ମୁଁ ଭାବିଲି, ମୁଁ ବୋଧହୁଏ ସରକାରଙ୍କ ତରଫ ଓକିଲ । ମତେ ଜେରା କରି ମୋ ମୁହଁରୁ ସତ ବାହାର କରିବାକୁ ଠିଆ ହୋଇଛନ୍ତି ।

: ତୁମ ପାଖକୁ ସେ ଆସିବା ଦ୍ୱାରା ତୁମେ କେବେ ବିରକ୍ତି ପ୍ରକାଶ କରିଚ ?

: ନା ।

: ଅଲକାର ଆସିବାରେ ତୁମର ପ୍ରଚ୍ଛନ୍ନ ସମ୍ମତି ଥିଲା ।

: ନା ।

: ତାହେଲେ ତୁମେ ସ୍ପଷ୍ଟ ମନା କରି ଦେଇ ନ ଥିଲ କାହିଁକି ?

: ସେ କଥା ମୁଁ କହିପାରିବି ନାହିଁ ।

: ତୁମର କିଛି ଦୁର୍ବଳତା ଥିଲା ତାଙ୍କ ପ୍ରତି ବୋଲି ଏଥିରୁ ଅନୁମାନ କରିବା କ'ଣ ଭୁଲ୍ ହେବ ?

: ନା, ସେ ଏକ ଅସାଧାରଣ ନାରୀ । ତାଙ୍କୁ ଆଘାତ କରିବା ମୋ ପକ୍ଷରେ ସମ୍ଭବ ହୋଇ ନ ଥିଲା ।

: ତାହେଲେ ତାଙ୍କର ଅସାଧାରଣତ୍ୱର ତୁମେ ଜଣେ ସ୍ତାବକ ?

ଏଥିର କ'ଣ ଉତ୍ତର ଦେବି ଭାବିପାରିଲି ନାହିଁ ।

: ଆଚ୍ଛା । ସରକାର ପକ୍ଷ ଓକିଲ ଟିକିଏ କ'ଣ ଚିନ୍ତା କରି କହିଲେ—ଅଲକାଙ୍କ ଶୋଇଲାଘର ଟେବୁଲ ଡ୍ର ଭିତରୁ ଗୋଟାଏ ଚିଠି ଲେଖା ପ୍ୟାଡ଼

ମିଳିଛୁ । କହ ସେ ପ୍ୟାଡ଼ ମୋ ଆଡ଼କୁ ଦେଖିବା ପାଇଁ ବଢ଼ାଇଦେଇ ପଚାରିଲେ—ତାହା ଅଲକାଙ୍କ ହସ୍ତାକ୍ଷର ?

: ହଁ ।

: ତାଙ୍କ ଓଡ଼ିଆ ଅକ୍ଷର ଅସ୍ୱାଭାବିକ ଭାବରେ ବଡ଼ କାହିଁକି କହିପାରିବେ ?

: ଅଲକା ନୂଆ ନୂଆ ଓଡ଼ିଆ ଲେଖିବା ଶିଖୁଥିଲେ ।

: ଓଡ଼ିଆ ଲେଖି ଶିଖିବାକୁ ତୁମେ ତାଙ୍କୁ କେବେ କହିଥିଲ ?

ଟିକିଏ ଚିନ୍ତା କରି କହିଲି : ହଁ, କହିଥିଲି ଥରେ ଦି ଥର ମନେ ପଡ଼ୁଛି ।

: ତାଙ୍କୁ ଓଡ଼ିଆ ଲେଖି ଶିଖିବା ପାଇଁ ପ୍ରରୋଚିତ କରିବା ମୂଳରେ ତୁମର କିଛି ଉଦ୍ଦେଶ୍ୟ ଥିଲା ?

: ନା ।

: ତେବେ କାହିଁକି କହିଥିଲ ?

: ସେ ଭଲ ଓଡ଼ିଆ କହି ପାରୁଥିଲେ । ସେଥିପାଇଁ ଓଡ଼ିଆ ଲେଖି ଶିଖିବାକୁ ତାଙ୍କୁ କଥା ଛଳରେ ଥରେ ଅଧେ କହିଥିଲି ।

ସେ ମୋ ହାତରୁ ଖାତାଟା ମାଗିଲେ ।

ମୁଁ ବଢ଼ାଇଦେଲି ।

ଖାତାଟା ହାତରେ ଧରି ସେ ପୁଣି ପଚାରିଲେ : ଅଚ୍ଛା, ଏ ପ୍ୟାଡ଼ରେ ଅଲକା ତୁମ ସହିତ କେତେକ ଦିନର ଆଳାପ ଆଲୋଚନାର ତାଲିକା ଲେଖିଛନ୍ତି । ସେଥିରେ ତୁମେ ଆରତି ବୋଲି ଗୋଟିଏ ଝିଅକୁ ଭଲପାଅ ବୋଲି ତାଙ୍କ ଆଗରେ ସ୍ୱୀକାର କରିବା କଥା ସେ ଲେଖିଛନ୍ତି । ଆରତି ବୋଲି କୌଣସି ଝିଅକୁ ତୁମେ ଭଲ ପାଇଥିଲ ?

: ହଁ ।

: ସେ ଭଲ ପାଇବା ନିର୍ଦ୍ଦୋଷ ଭଲ ପାଇବା ନା ଗୁପ୍ତ ପ୍ରଣୟ ।

କିଛି ନ କହି ମୁଁ ଚୁପ୍ କରି ଛିଡ଼ା ହୋଇ ରହିଲି ।

ଓକିଲ, ହାକିମଙ୍କ ଆଡ଼କୁ ଚାହିଁ ଟିକିଏ ମୁରୁକି ହସିଲେ । ଏତିକିବେଳେ ହାକିମ ଚ କଅସେବ୍ ଲେଖିବାରେ ମନୋନିବେଶ କଲେ । ମୋ ମୁହଁ ଲଜରେ ଲାଲ ହୋଇଉଠିଲା । ଦେହ ହାତରେ ଗୋଟାଏ ବିଜୁଳିର ଶିହରଣ ଖେଳିଗଲା ।

: ଆଚ୍ଛା, ଓକିଲ ପୁଣି ପଚାରିଲେ, ତୁମ ବାପାଙ୍କର ପୁରୀରେ କୋଠା ଅଛି ?

: ହଁ ।

: ସେ କୋଠାର କିଛି ଅଂଶ ଭଡ଼ା ଦିଆଯାଇଛି ?

: ହଁ ।

: ଆରତିର ବାପା, ମା ସେଇଠି ଭଡ଼ାଟିଆ ଭାବରେ ଅଛନ୍ତି ?

: ନା, ଏବେ ଆଉ ନାହାନ୍ତି ।

: ଏବେ ନାହାନ୍ତି, କିନ୍ତୁ ସେତେବେଳେ ଥିଲେ । ଆଉ ତୁମର ସେଇଠି ଆରତିଙ୍କ ସହିତ ଜଣାଶୁଣା ହୋଇଥିଲା ।

: ହଁ ।

: ଆରତିକି ତୁମେ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲ ?

: ବିବାହ କରିବାକୁ ନୁହେଁ । କହିଥିଲି···ହଠାତ୍ ମୁଁ ଅଟକି ଗଲି କିଛି କହୁ ।

: ହଁ କୁହନ୍ତୁ, କୁହନ୍ତୁ, ବିବାହ କରିବାକୁ ନୁହେଁ···କୁହନ୍ତୁ କ'ଣ କହିଥିଲେ ?

ମୁଁ ଚୁପ୍ ହୋଇ ଛିଡ଼ା ହୋଇ ରହିଲି ।

ଓକିଲ ପୁଣି ଥରେ ହାକିମଙ୍କ ଆଡ଼କୁ ଚାହିଁ ହସିଲେ । ତା ପରେ ପୁଣି ମୋ ଆଡ଼କୁ ମୁହଁ ବୁଲେଇ ପଚାରିଲେ—ଆରତିଙ୍କ ବୟସ କେତେ ହେବ ତୁମ ଆନ୍ଦାଜରେ ?

: ପନ୍ଦର-ଷୋଳ ।

: ସେ ସୁନ୍ଦରୀ ?

କିଛି ନ କହି ମୁଁ ଚୁପ୍ ରହିଲି ।

: ତାଙ୍କର ବିବାହ ହୋଇଯାଇଛି ?

: ହଁ ।

: କେଉଁଠି ବିବାହ କରିଛନ୍ତି ସେ ?

: କଲିକତାରେ ।

: କାହାକୁ ଜାଣ ?

: ହଁ, ଅସିଥିଲେ ।

: ସେ ଅଛନ୍ତି ?

: ନା, କିଛିଦିନ ତଳେ ହାର୍ଟଫେଲ୍ କରି ସେ ମରିଛନ୍ତି ।

: ହାର୍ଟଫେଲ କରି ସେ ମରିଛନ୍ତି ନା ଆରତି ବିଷ ଦେଇ ତାଙ୍କ ସ୍ୱାମୀକୁ ମାରିଛନ୍ତି ?

: ନା, ନା, ତା କଦାପି ହୋଇପାରେନା । ମୁଁ ପାଟି କରି ଉଠିଲି । ଆରତି ସେମିତି ଝିଅ ନୁହେଁ ।

! କ୍ଷିପ୍ତ ହେବେନି । ଶାନ୍ତ ହୁଅନ୍ତୁ । ଆରତି ଖୁବ୍ ଭଲ ଝିଅ ବୋଲି ତୁମେ କହୁଚ ?

: ହଁ, ନିଶ୍ଚୟ ।

: ଗୁପ୍ତ ପ୍ରେମ ଭଲ ନା ଖରାପ ?

ମୁଁ ଚୁପ୍ ଭାବେ ଠିଆ ହୋଇ ରହିଲି ।

: ଆରତିଙ୍କ ସହିତ ତୁମର ଗୁପ୍ତ ପ୍ରଣୟ ଥିଲା ବୋଲି ତୁମେ ଟିକକ ଆଗରୁ ସ୍ୱୀକାର କରିଚ । ଆରତି ଯଦି ଭଲ ଝିଅ ତୁମ ମତରେ, ତା ହେଲେ ତାଙ୍କୁ ତୁମ ପ୍ରତି ଗୁପ୍ତ ପ୍ରେମ କରିବାକୁ ଆକୃଷ୍ଟ କରିବା ମୂଳରେ ତୁମେଇ ଦାୟୀ, ଏକଥା ଅସ୍ୱୀକାର କରିବ ?

ମୁଁ ନୀରବ ନିସ୍ପନ୍ଦ ଭାବେ ଠିଆ ହୋଇ ରହିଲି ।

: ଉତ୍ତର ଦିଅ !

ମୁଁ ପୂର୍ବପରି ଚୁପ୍ ରହିଲି ।

: ସେପଟେ ଆରତିକୁ ଭଲ ପାଇ, ତା ପ୍ରତି ବିଶ୍ୱାସଘାତକତା କରି, ଏଣେ ଅଲକା ସହିତ ତୁମେ କାହିଁକି ସମ୍ପର୍କ ରଖିଥିଲ ?

: କିଛି ସମ୍ପର୍କ ନ ଥିଲା ମୋର ଅଲକା ସହିତ । ମୁଁ କହିଲି, ଅଲକା ନିଜେ ମୋ ଆଡ଼କୁ ଆକୃଷ୍ଟ ହୋଇଥିଲା—ଆଉ ଆରତି ପ୍ରତି ଅନ୍ୟାୟ କରିଥିବା କଥା କହି—ମୁଁ ବରଂ ଅଲକାକୁ ମତେ ଭଲ ପାଇବାରୁ କ୍ଷାନ୍ତ ହେବା ପାଇଁ କେତେବାର ବୁଝାଇଛି ।

ହୋ-ହୋ କରି ହସିଉଠିଲେ ଓକିଲ ସାହେବ । କହିଲେ, ଅଲକାକୁ ତାହା ବୁଝାଇବା ପାଇଁ ତୁମେ କୋଠା ଛାତ ଉପରେ ବସି ସୀତାର ବଜା ଶୁଣି ତା ହାତ ଧରି ପକେଇଥିଲ ? ରିକ୍ସା ଉପରେ ତା ସାଙ୍ଗରେ ନଦୀକୂଳକୁ

ଭୁଲିଯିବାକୁ ପାଇଁ ରବୀନ୍ଦ୍ରନାଥଙ୍କ ଗୀତ ଗାଇବାକୁ ଅନୁରୋଧ କରିଥିଲ ? ଆଉ ଜ୍ୟୋତ୍ସ୍ନାଲୋକରେ ନଦୀପଠା ଉପରେ ବସି ତା ନାଚ ଦେଖି ପ୍ରଶଂସାରେ ଶତମୁଖ ହୋଇ ଉଠିଥିଲ ? ସାର୍‌, ହାକିମଙ୍କ ଆଡ଼କୁ ଚାହିଁ ଓକିଲ କହିଲେ—ସାର୍‌, ଏ ଜଣେ ଭଦ୍ର ପ୍ରତାରକ । ଏହାଙ୍କ ଚେହେରା ଦେଖନ୍ତୁ, କେମିତି ଅମାୟିକ ପ୍ରେମିକ ଏ ! କି ନିଷ୍କପଟ ଏହାଙ୍କର ପ୍ରେମ !! କି ଛଳନାହୀନ ଏହାଙ୍କର ଭଲ ପାଇବା !!! ସାର୍‌, ଆପଣ ଖୁବ ଦେଖନ୍ତୁ, ଏଇ ଧରଣର ଯୁବକ କି ସାଙ୍ଘାତିକ ! ନିରୀହା ଯୁବତୀଙ୍କୁ ଭୁଲାଇବାରେ ଏମାନେ କିପରି ପ୍ରେମର ଜାଲ ବିସ୍ତାର କରିପାରନ୍ତି ! ଭଦ୍ରତାର ଆଢ଼ୁଆଳରେ କ'ଣ ନ କରିପାରନ୍ତି ଏମାନେ ? ଆପଣ କ'ଣ ବିଶ୍ୱାସ କରନ୍ତି, ଅଳକା ଏହାଙ୍କୁ ଭଲ ପାଇବା ଉଚିତ ନୁହେଁ ବୋଲି ବୁଝାଇବାକୁ ଏ ବାସ୍ତବିକ ଚେଷ୍ଟା କରୁଥିଲେ…ନା ତାଙ୍କୁ ବୁଝାଇବା ଛଳନାରେ ଏ ଅଳକାଙ୍କୁ ତାଙ୍କୁ ଭଲ ପାଇବାକୁ ପ୍ରଲୁବ୍ଧ କରୁଥିଲେ ? ଏ ତ ଖାଲି ପ୍ରେମିକ ନୁହନ୍ତି…ଏ ହେଉଛନ୍ତି ଚକ୍ରାନ୍ତକାରୀ ପ୍ରେମିକ, ଏ ହେଉଛନ୍ତି ନିର୍ମମ ନିଷ୍ଠୁର ପ୍ରେମିକ—ଯେ ପ୍ରେମିକ ହେବାକୁ ଅନିଚ୍ଛା ପ୍ରକାଶ କରିବା ମୂଳରେ ଦଗାବାଜ୍‌ ପ୍ରେମିକ ହେବାକୁ ରୀତିମତ କୂଟ ଚକ୍ରାନ୍ତ କରି ପ୍ରେମିକ ବନନ୍ତି । ଏମାନଙ୍କ ପ୍ରେମ ଅନ୍ଧ ପ୍ରେମ ନୁହେଁ, ଦୂରଭିସନ୍ଧି ପ୍ରେମ । ବିପଦ-ଆପଦ ପଡ଼ିଲେ, ଧରାବନ୍ଧା ହେଲେ ସବୁ ନିନ୍ଦା ଆଉ କଳଙ୍କ ଝିଅ ମୁଣ୍ଡରେ ଢାଳିଦେଇ ଖସି ପାରି ହୋଇଯିବାର ସତର୍କ ଫନ୍ଦି ଏମାନେ ଆଗରୁ କରି ରଖିଥାଆନ୍ତି । ଏମାନେ ନିଜେ ଝିଅଙ୍କୁ ବିଷ ଦେଇ ମାରନ୍ତି ନାହିଁ—କାରଣ ଧରା ପଡ଼ିଲେ ଫାଶୀ ପାଇବେ, କିନ୍ତୁ ଝିଅମାନେ ଏହାଙ୍କ ପରି ପ୍ରେମିକ ପାଇଁ ସ୍ୱୟଂ ବିଷ ଖାଇ ଆତ୍ମହତ୍ୟା କରି ମରନ୍ତୁ ତାର କଳ କୌଶଳ ଖଞ୍ଜି ଏମାନେ ଛାତି ଫୁଲେଇ ହସନ୍ତି । କାରଣ ସେମିତି ପ୍ରେମିକପଣିଆରେ ଏମାନେ ପ୍ରେମିକସମ୍ରାଟ ସାଜି ଦୁନିଆରେ ବେଶୀ ସମ୍ମାନ ଆଉ ବାହାଦୁରୀ ପାଇବେ ବୋଲି ବିଶ୍ୱାସ କରନ୍ତି । ଭଦ୍ରସମାଜରେ ଏମାନେ ଗୋଟିଏ ଗୋଟିଏ ଭଦ୍ର ଦସ୍ୟୁ । ଅମଙ୍ଗଳ ଧୂମକେତୁ ଏମାନେ । ଏ ଯେଉଁ ଝିଅକୁ ଦେଖିବେ, ତାକୁ ଫାନ୍ଦରେ ପକାଇବାକୁ ଚେଷ୍ଟା କରିବେ…ତାକୁ ନଷ୍ଟଭ୍ରଷ୍ଟ କରି ସର୍ବନାଶ କରିବାକୁ ଚକ୍ରାନ୍ତ କରିବେ । ଆଶ୍ଚର୍ଯ୍ୟର କଥା, ଏମାନେ ଏପରି ଭାବରେ ସାଙ୍ଘାତିକ ଖେଳୁଆଡ଼ ଯେ ଏମାନଙ୍କୁ ଧରିବା ବି ମୁସ୍କିଲ ! ମୋ ମତରେ, ଯଦି ଧରାପଡ଼ି ଯାଆନ୍ତି, ତେବେ ଏମାନଙ୍କୁ ଏପରି ଦଣ୍ଡହେବା ଉଚିତ ଯେପରି ସମାଜରେ ଆଉ କେହି କେବେ ସାହସ କରିବନି ଏପରି ଖେଳଓ୍ୱାଡ଼ ପ୍ରେମିକ ସାଜିବା ପାଇଁ । ଆଇନର କଠୋରତମ ଦଣ୍ଡ ଏହାଙ୍କୁ ଦିଆଯିବା ଉଚିତ । କଠିନତମ ଶାସ୍ତି ! କହି ଓକିଲ ହାତ ମୁଠା ହଲେଇ ଚଢ଼ା ଗଳାରେ ପାଟିକରି ଉଠିଲେ—ନିର୍ମମତମ ଶାସ୍ତି !! ନିର୍ଦ୍ଦୟତମ ଶାସ୍ତି !!!

ତଳକୁ ମୁଣ୍ଡ ପୋତି ହୋଇଗଲି ମୋର । ଏତିକିବେଳେ ମାଜିଷ୍ଟ୍ରେଟ ହଠାତ୍ ଉଠପଡ଼ି କୋର୍ଟସଂଲଗ୍ନ କୋଠରି ଭିତରକୁ ଚାଲିଗଲେ ।

ସମସ୍ତ କୋର୍ଟରୁମ୍ ନୀରବ ନିସ୍ପନ୍ଦ । ମକଦ୍ଦମା ଶୁଣିବାକୁ ଛିଡ଼ା ହୋଇଛନ୍ତି ଦେଢ଼ଶହ ଦୁଇଶହ ଜଣ ଲୋକ । ସମସ୍ତଙ୍କ ମୁହଁରେ ମୋ ପ୍ରତି ଏକ ଘୃଣାର ବିରକ୍ତି । ମୁଁ ସେଇ କାଠଗଡ଼ା ଭିତରେ ଛିଡ଼ାହୋଇ ଅନୁମାନ କରିପାରିଲି । ଭାବିଲି, ଠିକ୍ ତ, ମୋ ପ୍ରତି ଦୟା ବା ସହାନୁଭୂତି ଦେଖାଇବାର କ'ଣ ଅଛି ? ମୋ ଅପରାଧ ଯେ ଖୁଣୀଠାରୁ ବଳି ଗୁରୁତର ! ମୋ ପ୍ରତି ଫାଶୀ ଦଣ୍ଡଠାରୁ ବଳି ଆହୁରି ନିର୍ମମ କିଛି ଶାସ୍ତି ହେବା ଉଚିତ !!

ସିପାହୀ ଦୁଇ ଜଣ ମତେ କାଠଗଡ଼ା ଭିତରୁ ନେଇଯିବାକୁ ଆସି ଠିଆ ହେଲେ ।

ଏତିକିବେଳେ ମାଜିଷ୍ଟ୍ରେଟ ଆସି ଇଜଲାସରେ ବସିଲେ ।

କୋର୍ଟ ରୁମ୍‌ରେ ଠିଆ ହୋଇଥିବା ସବୁ ଶ୍ରୋତାଙ୍କ ଭିତରେ ଏକ ଚାଞ୍ଚଲ୍ୟ ଖେଳିଗଲା । ଗୋଟାଏ ଚାପା ଫୁସ୍‌ଫୁସ୍ ଶୁଣାଗଲା ସମସ୍ତଙ୍କ ମୁହଁରେ—ହାକିମ ଯାଙ୍ଗେ ଯାଙ୍ଗେ ରାୟ ପଢ଼ିଦେବେ ବୋଧହୁଏ ।

ସାମ୍ନା ଟେବୁଲ ଉପରେ ପଡ଼ିଥିବା କେତେ ଖଣ୍ଡ କାଗଜକୁ ଥରେ ଦୁଇ ଥର ଓଲଟ ପାଲଟ କରି ଦେଖି ମାଜିଷ୍ଟ୍ରେଟ କହିଲେ : ଆସାମୀ ଏକ ପେଶାଦାର ପ୍ରେମିକ ବୋଲି ମନେ ହେଉଛି । ଭଦ୍ରସମାଜର ଝିଅମାନଙ୍କ ସହିତ ଭଲ ପାଇବାରେ ଲିପ୍ତ ରହି ଏକ ମୁନାଫାଖୋର ବ୍ୟବସାୟୀ ରୂପେ ଜଣକ ପରେ ଜଣକୁ ଠକି ଚାଲିବା ସ୍ୱାଙ୍କର ଚରିତ୍ରଗତ ଅପରାଧ । ଏମାନେ ସାଂଘାତିକ, ଏମାନେ କାଳସର୍ପଠୁ ବଳି ଭୟଙ୍କର । କିନ୍ତୁ ଅଳକା ସ୍ୱଇଚ୍ଛାରେ ବିଷ ଖାଇ ଆତ୍ମହତ୍ୟା କରିଥିବାରୁ ମୁଁ ଅଳକାର ମୃତ୍ୟୁ ପାଇଁ ଆସାମୀଙ୍କୁ ସମ୍ପୂର୍ଣ୍ଣଭାବେ ଦାୟୀ କରିପାରୁ ନାହିଁ । ତଥାପି ଆସାମୀ ଚାହିଁଥିଲେ ଅଳକାଠୁ ପ୍ରଥମରୁ ଦୂରରେ ରହି ପାରିଥାନ୍ତେ । ଆରତି ନାମରେ ଗୋଟିଏ ଝିଅକୁ ଆଗରୁ ଭଲ ପାଇ, ତା ପ୍ରତି ବିଶ୍ୱାସଘାତକତା କରି ଅଳକା ପରି ଗୋଟିଏ ଅବିବାହିତା ଝିଅ ସହିତ ମିଳାମିଶା କରିବା ପଛରେ ଆସାମୀର ଯେତେ ନିଷ୍ପାପ ମନର ସଫେଇ 'ଆଉନା କାହିଁକି, ଏହା ଯେ ତା ଚରିତ୍ରର ଏକ ସାଂଘାତିକ ଅପରାଧୀ ମନୋବୃତ୍ତିର ଲକ୍ଷଣ ଆଉ ଅଳକାକୁ ପ୍ରଲୁବ୍ଧ କରି ପରେ ଠକିବାର ଧୋକ୍‌କାବାଜି ଚକ୍ରାନ୍ତ, ଯାହା ଫଳରେ ହତାଶ ହୋଇ ଅଳକା ବିଷଖାଇ ଆତ୍ମହତ୍ୟା କରିବା ଛଡ଼ା ଅନ୍ୟ କୌଣସି ଉପାୟ ଦେଖି ନାହିଁ, ଏଥିରେ ମୋର କୌଣସି ସନ୍ଦେହ ନାହିଁ । ମୁଁ ଆସାମୀକୁ ଏକ ବର୍ଷ ସଶ୍ରମ କାରାଦଣ୍ଡର ଆଦେଶ ଦେଲି ।

ତଳକୁ ମୁହଁ ପୋତି ଶୁଣୁଥିଲି । ରାୟ ପଢ଼ା ଶେଷ ହେବା ମାତ୍ରେ ଉପରକୁ ମୁଣ୍ଡ ଟେକି ହାକିମଙ୍କୁ ନମସ୍କାର କଲି । ଗୋଟାଏ ଉତ୍ତେଜନାରେ ମୋର ସମସ୍ତ ଦେହ ଥରିଉଠିଲା ।

ମତେ ଜାମିନ୍‌ରେ ନେବା ପାଇଁ ଶ୍ରୀକାନ୍ତବାବୁ ବୋଧହୁଏ ଗୋଟାଏ କାଗଜ ଲେଖି ଆଣିଥିଲେ, ସେଇଟାକୁ ସେ ହାକିମଙ୍କ ଆଡ଼କୁ ବଢ଼ାଇ ଦେଉଥିଲେ । ତାଙ୍କ ଆଡ଼କୁ ଚାହିଁ ବାଧାଦେଇ କହିଲି, ମତେ ଜାମିନରେ ନେଲେ ମୁଁ ଯିବି ନାହିଁ । ଅପିଲ୍ କରି ମୋ ଦଣ୍ଡକୁ ଅକାମି କରି ମତେ ଖଲାସ କରିନେବା ପାଇଁ ଆପଣ ଚେଷ୍ଟା କରିବେ ନାହିଁ । ବାପାଙ୍କୁ କହିଦେବେ—ମୁଁ ଗୋଟାଏ ବର୍ଷ ଜେଲରେ ହିଁ ରହିବି···ମୋ ପାପର ପ୍ରାୟଶ୍ଚିତ୍ତ କରିବି । ମତେ ଜେଲରୁ ମୁକ୍ତ କରିନେଲେ ବି ମୁଁ ଜେଲରୁ ଖଲାସ ହୋଇ ଘରେ ରହିବି ନାହିଁ । ମୋ ପାଇଁ ବୃଥା ଚେଷ୍ଟା କରିବେ ନାହିଁ । ତାପରେ ସମସ୍ତଙ୍କ ଆଡ଼କୁ ଚାହିଁ ହାତ ଯୋଡ଼ି ପ୍ରଣାମ କରି ମୁ ଶାନ୍ତ ପଦକ୍ଷେପରେ କାଠଗଡ଼ା ଭିତରୁ ବାହାରି ଆସିଲି ।

ସିପାହୀ ଦି ଜଣ ମୋ ଦି ପାଖେ ପାଖେ ଚାଲିଲେ ।

ଜେଲର ସେଇ ଅନ୍ଧାର କୋଠରୀ ଭିତରକୁ ମୁଁ ପୁଣି ଫେରିଆସିଲି ।

## ॥ ୨୨ ॥

ସାରାଦିନ ଧରି ହାଡ଼ଭଙ୍ଗା ଖଟଣି ଶେଷରେ ସ୍ୱାଦହୀନ, ତୃପ୍ତିହୀନ ଖାଡ ଗଣ୍ଡାଏ ଖାଇ, ଜେଲ ପ୍ରହରୀମାନଙ୍କ ନିଷ୍ଠୁର ନିର୍ଯ୍ୟାତନାରୁ ନିଜକୁ ଲୁଚେଇ ରଖି ମୁଁ ଯେତେବେଳେ ଟିକିଏ ବିଶ୍ରାମ ନିଏ, ସେତେବେଳେ ମନକୁ ମନ ଭାବେ, ଏତେ କଷ୍ଟ ଆଉ ଯନ୍ତ୍ରଣା ଭିତରେ ବଞ୍ଚିରହିବା ପାଇଁ ସଂଘର୍ଷ କରୁଛି କାହିଁକି ? ମୋ ଜୀବନର କି ଭବିଷ୍ୟତ ଆଉ ଅଛି ? ମୁଁ ଆଶା କରୁଛି କି ସୁଖ ସ୍ୱାଚ୍ଛନ୍ଦ୍ୟ ବା ଦେଖିବା ପାଇଁ ? ଯାହାକୁ ଭଲ ପାଇଥିଲି ତାକୁ ନିଜର କରିପାରିଲି ନାହିଁ । ମତେ ଯେ ଭଲ ପାଇଥିଲା ତାକୁ ବି ଧରିଛୁଆଁ ଦେଲି ନାହିଁ । ଆଉରି ସର୍ବନାଶ କଲି । ଅଳକାର ଆତ୍ମହତ୍ୟାର କାରଣ ହେଲି । ଜଣେ ମୋ ପାଇଁ ବିଧବା ହୋଇ ଗୃହହରା ହୋଇ କୁଆଡ଼େ ଘୂରିବୁଲିଲା, ଆଉ ଜଣେ ଜହର ଖାଇ ମରି ସ୍ୱର୍ଗରେ । ଇହଜୀବନର ଅତୃପ୍ତ ବାସନା ନେଇ ଅଶ୍ରୁପାତ କରୁଛି ସେ । ଏ ସବୁ ଜାଣି ଶୁଣି ବଞ୍ଚି ରହିବାର ତାତ୍ପର୍ଯ୍ୟ କ'ଣ ?

ଅସରନ୍ତି ଦୁଶ୍ଚିନ୍ତାର ଅସହିଷ୍ଣୁତା ଭିତରେ ମୁଁ ଯେତେବେଳେ ଚଟାଣ ଉପରେ ମୁହଁମାଡ଼ି ଗଭୀର ନିସୁପ୍ତି ଭିତରେ ଛଟପଟ କରେ, ମୋ ସାଙ୍ଗସାଥି ଆସାମୀମାନେ ନିଘୋଡ଼ ନିଦରେ ଘୁଙ୍ଘୁଡ଼ି ମାରି ହୁଏତ କଡ଼ ଲେଉଟାନ୍ତି । କିଏ ହୁଏତ ନିଦ ବାଉଳାରେ ଏଣୁ ତେଣୁ ଗପେ । ଆଉ କେହି ନିଜ ଅପରିଚ୍ଛନ୍ନ ଦେହର ଆବର୍ଜନାକୁ ନଖରେ ରାମ୍ପୁଡ଼ି ବିଦାରି ଶିକାର କରେ ।

ଭାବନାରେ କ୍ଷଣକ ପାଇଁ ବାଧା ପଡ଼େ । ମନର ବିରକ୍ତିରେ ଉଠି ବସେ ମୁଁ ପାଗଳଙ୍କ ପରି । ଅସହ୍ୟ ହୋଇ ଉଠେ ରୁଦ୍ଧ କୋଠରୀର ବିଷାକ୍ତ ଆବହାଉଆ । ନିଃଶ୍ୱାସ ବନ୍ଦ ହୋଇଆସିଲା ପରି ଲାଗେ । ଉଠି ଛିଡ଼ା ହୁଏ ଝରକା ପାଖରେ । ତାରାମୟ ଆକାଶକୁ ଚାହେଁ । ସୋର ଶବ୍ଦ କିଛି ନାହିଁ । କଟକର ଘୁମନ୍ତ ଆତ୍ମା ଯେପରି ନିବିଡ଼ ପ୍ରଶାନ୍ତିରେ ସ୍ୱପ୍ନ ଦେଖୁଛି । ଖାଲି ଯା ମୁଁ ଏକା, ସାଥିଶୂନ୍ୟ, ବନ୍ଧୁହୀନ, କାରରୁଦ୍ଧ ପ୍ରାଣ ନେଇ ହାଇ ହାଇ କରୁଛି ଶୂନ୍ୟ ରାତିର ନିସ୍ତବ୍ଧତାକୁ ଚାହିଁ ।

ଆଉ କେତେ ଦିନ ?

ଆଉ କେତେ ମାସ ??

ଜେଲ ଭୋଗିବାର କେତେଦିନ ହେଲା ? ବାକି ରହିଲା କେତେ ? କେବେ ସରିବ ତିନିଶ ପଞ୍ଚଷଠୀ ଦିନ ??...

କିନ୍ତୁ ଛଟପଟ ହୋଇ ଅବଶୋଷ କରି ଲାଭ କ'ଣ ? ଅଧୈର୍ଯ୍ୟ ହୋଇ ବା ଫଳ କ'ଣ ? ନିଜେ ତ ମନା କଲି ଶ୍ରୀକାନ୍ତବାବୁଙ୍କୁ । ବାପା ନିଶ୍ଚୟ ଅପିଲ୍ କରିଥାଆନ୍ତେ—ମତେ ଜାମିନରେ ଖଲାସ କରି ନେଇଥାଆନ୍ତେ । ଅପିଲରେ ହୁଏତ ମୁଁ ଛୁଟି ପାଇଥାଆନ୍ତି । କିନ୍ତୁ ସ୍ୱଇଚ୍ଛାରେ ତ ବରଣ କଲି କାରା । ଜେଲ ଭିତରେ ରହି ପ୍ରାୟଶ୍ଚିତ୍ତ କରିବାକୁ ତ ଆଗେଇ ଆସିଲି । ଏତେବେଳେ ପ୍ରତିକାର ଖୋଜି ଲାଭ କ'ଣ ? ଜେଲରୁ ବାପାଙ୍କୁ ଚିଠି ଲେଖିବି ? କହିବି ମତେ ଖଲାସ କରିନିଅନ୍ତୁ ! ନା—ନା, ଅସମ୍ଭବ । କ'ଣ କହିବେ ମୋର ସାଙ୍ଗ ସାଥି ? ଏ କଳଙ୍କ ମୁହଁ ଦେଖାଇ ମୁଁ ବାଟ ଚାଲିପାରିବି ? ତାଠୁ ବରଂ ଏଇଠି ଏଇ ପୂତିଗନ୍ଧମୟ ଅନ୍ଧକାରରେ ପଚି ସଢ଼ି ମରିବା ଭଲ ।

କିନ୍ତୁ ଏ ଜେଲ ଭିତରେ ଏମିତି ଯଦି ରାତି ଦିନ ଭାବି ଭାବି ମରିବି ମୁଁ… ମୁଣ୍ଡ ଖରାପ କରିବି ଦୁଶ୍ଚିନ୍ତାରେ…ତାହେଲେ ପାଗଳ ହୋଇ ଯିବିନି ତ ? ଯାହା ତ ହୋଇଛି, ହୋଇଛି । ଗୋଟାଏ ବର୍ଷ ଆଖି ବୁଜି ମନ ସ୍ଥିରକରି କଟାଇଦେଲେ ତ ଯିବ । ତା'ପରେ ଖଲାସ ହେବି । ସାରା ଜୀବନ ପଡ଼ିରହିଛି । ପୁଣି ଫେରି ଆସିବ ଯୌବନର ରଙ୍ଗୀନ୍ ଦିନ……ପ୍ରଜାପତି ପରି ହାଲ୍‌କା ଜୀବନ ପୁଣି ଦେଖାଦେବ ବର୍ଣ୍ଣିଳ ସମାରୋହରେ…ସମୟର ପ୍ରବାହରେ ପାଶୋରି ହୋଇଯିବ ଅତୀତର ଦୁଶ୍ଚିନ୍ତା, ଦୁଃଖର ଦିନଗୁଡ଼ିକ ପୋଛି ହୋଇଯିବ ମାନସପଟରୁ… ଭବିଷ୍ୟତର ନବଦିଗନ୍ତରେ ପୁଣି ଦେଖାଦେବ ସ୍ୱର୍ଣ୍ଣିମ ଉଷାର ହଳଦୀ ଆକାଶ…ମୁଁ ପୁଣି ସବୁ ଫେରି ପାଇବି ।

ଫେରିପାଇବି ? ମନକୁ ମନ ପଚାରେ, କ'ଣ ପାଇବି ଫେରି ? ଆରତିକୁ ? ଆରତି କ'ଣ ଅଛି ? ଆରତି କ'ଣ ବଞ୍ଚିଛି ? ସେ ଯେ ପଳାତକା ! ପଳେଇଯାଇ ସେ ଯେ ଆତ୍ମହତ୍ୟା କରିନି, କିଏ କହିବ ?

କିନ୍ତୁ ଆତ୍ମହତ୍ୟା କରିବାର ଥିଲେ ସେ ତ ଘରେ ରହି କରି ପାରିଥାନ୍ତା ! ପଳେଇଗଲା କାହିଁକି ? ଆଉ ଯଦି ସେ ପଳେଇଛି, ସେ କଣ ମୋରି ପାଇଁ ପଳେଇଛି ? ମୋରି ଅନୁସନ୍ଧାନରେ ?

ଅସମ୍ଭବ ! ମୋ ପାଇଁ ବା ସେ କୁଆଡ଼େ ପଳେଇବ ? ସେ ଯେତେବେଳେ ଜାଣେ ମୁଁ କଟକରେ, ମୋ ପାଇଁ ପଳେଇଥିଲେ ତ ସେ ମୋରି ପାଖକୁ ଆସି-ଥାଆନ୍ତା ! ତା ବି କଲା କେଉଁଠି ?

ନିଶ୍ଚୟ ସେ ପଳେଇଛି ଆଉ କିଛି ଉଦ୍ଦେଶ୍ୟରେ । ଯାହା ସମ୍ଭବ ହୁଏତ କିଛି ପାପଚକ୍ରାନ୍ତ କରି ସେ ଘରୁ ଗୋଡ଼ କାଢ଼ି ନର୍ତ୍ତକୀଙ୍କ ପରି ଚାଲିଯାଇଛି । ମୋ ପାଇଁ ନୁହେଁ…ମୋ ପାଇଁ ହୋଇପାରେନା ।

ଆରତି ଦୋସ୍ତରଣୀ, ଏହା ଯେ ମୁଁ ଭାବିପାରୁ ନାହିଁ! ଏହା ଯେ ମୁଁ ବିଶ୍ୱାସ କରିପାରୁ ନାହିଁ! ତା ପାପ ଅଭିଳାଷ ଚରିତାର୍ଥ କରିବା ପାଇଁ ସେ ପରିବାର ମୁହଁରେ କାଳି ବୋଳି ଚାଲିଯାଇଛି? ତା' ପରି ଝିଅ ଏପରି କରିବ—ଏହା ଯେ ମୋର ଆତ୍ମପ୍ରତ୍ୟୟର ବାହାରେ।

ତେବେ ଜେଲ୍‌ର ଅବରୁଦ୍ଧ କୋଠରୀ ଭିତରେ କେବଳ ମନକୁ ମନ ଏଣୁତେଣୁ ଆଲୋଚନା କରି ଆରତି ସମ୍ବନ୍ଧରେ କ'ଣ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ପହଞ୍ଚିହେବ? ବିଞ୍ଚି ରହିଲଣି ଯଦି, ଗୋଟାଏ ବର୍ଷ କାରାଦଣ୍ଡକୁ ସ୍ୱେଚ୍ଛାରେ ମୁଣ୍ଡପାତି ବରି-ନେଇଛି ଯେତେବେଳେ—ଜେଲ୍‌ରୁ ଖଲାସ ପାଇଲା ପରେ ମୋର ପ୍ରଥମ କର୍ତ୍ତବ୍ୟ ହେବ ଦୁନିଆକୁ ଚିହ୍ନିବା···ନାରୀଜାତିକୁ ଚିହ୍ନିବା···ଆରତିକୁ ଖୋଜି ବାହାର କରି ଅରେ ପଚାରିବା—ପାପିନୀ, ଏଥିପାଇଁ କ'ଣ ମୁଁ ତତେ ଭଲ ପାଇଥିଲି? ଏଥିପାଇଁ ମୋ ତରୁଣ-ଜୀବନର ସର୍ବସ୍ୱ ମୁଁ ଦେଇଥିଲି ତତେ? ତୋରି ପରି ଗୋଟିଏ ଝିଅ ଅଳକା, ସେ ତ ପୁଣି ମତେ ଭଲ ପାଇ, ମୋ ପାଇଁ ହସି ହସି ଜହର ଖାଇ ମରିପାରିଲା···ଅଥଚ ତୁ···? ତୁ ମୋ ଭଲ ପାଇବା ଉପରେ ପଦାଘାତ କରି·· ବିଧବା ହୋଇ···ଶେଷରେ ପରପୁରୁଷ ସାଥିରେ ଘରଦ୍ୱାର ଛାଡ଼ି ପଳେଇଗଲୁ? ରାକ୍ଷସୀ, ବିଶ୍ୱାସଘାତିନୀ! ଅଳକା ପ୍ରତି ଯେଉଁ ଭୁଲ୍ କରିଥିଲି···ସେଥିପାଇଁ ବର୍ଷେ ଜେଲ୍ ଭୋଗି ପ୍ରାୟଶ୍ଚିତ୍ତ କଲି···କିନ୍ତୁ ତୋ ପାଇଁ··· ତୋ ପାଇଁ ମୁଁ ହେବ ପିଶାଚଠାରୁ ନିର୍ମମ···ରାକ୍ଷସଠାରୁ ବି ନିର୍ଦ୍ଦୟ। ତୋ ତଣ୍ଟି ଚିପି ରକ୍ତ ପିଇବି। ତତେ ଖୁନ୍ କରିବି। ପ୍ରତିଶୋଧ ନେବି ତୋଠୁ। ପ୍ରତିଶୋଧ!

ପ୍ରତିଶୋଧ? ଆରତିଠାରୁ ପ୍ରତିଶୋଧ! ଉଃ!

ମୁଣ୍ଡ ଘିର୍ ଘିର୍ କରି ବୁଲେଇଦିଏ।

ମୁଁ ଆଉ ଭାବିପାରେନା!

ତଳେ ବସିପଡ଼େ ସେଇ ମଧ୍ୟ ରାତିର ଅନ୍ଧକାର ଭିତରେ। କ୍ଳାନ୍ତ ଶରୀର ମେଲିଦିଏ ଚଟାଣ ଉପରେ। ଆଖିକୋଣରେ ଲୁହ ଜକେଇ ଆସେ। ସେଇ କାନ୍ଦ ଭିତରେ କେତେବେଳେ ଢୁଲଇଢୁଲଇଆ ହୋଇ ନିଦ ଲାଗିଆସେ। ପାହାନ୍ତା କାଲୁଆ ପବନରେ ସେଇ ନିଦର ଗହନତା ଭିତରେ ହୁଏତ ଝଲସିଉଠେ ସ୍ୱପ୍ନ। ମୁଁ ସ୍ୱପ୍ନ ଦେଖେ, ସେ ଗୋଟାଏ କି ଅପୂର୍ବ ଦେଶ! ଅସଂଖ୍ୟ ପ୍ରାସାଦରେ ଭରା। ପ୍ରାସାଦ ଭିତରେ ସାତ ମହଲର ରାଜ ଉଆସ। ଉଆସ ଭିତରେ ଚମତ୍କାର ଫୁଲର ବଗିଚା। କାହାଣୀପଢ଼ା ପାରିଜାତ ଫୁଲର ସୌନ୍ଦର୍ଯ୍ୟ ଝୁରିଆଡ଼େ। କେଉଁଠି ମାଧବୀ ଲତାର ସବୁଜ ମାଧୁରୀ, କେଉଁଠି ବା ରକ୍ତ ଗୋଲାପର ବର୍ଣ୍ଣିଳ

ଆଃ ! ଅଶ୍ରୁତପୂର୍ବ ସେଇ ଉଦ୍ୟାନରେ କେତେସବୁ ଅଲୌକିକ ଆମୋଦ-ପ୍ରମୋଦର ସମାରୋହ । କଳା ମଚମଚ ମୁଗୁନି ପଥରର କୃତ୍ରିମ ପାହାଡ଼ ଦେହରେ ଅଙ୍କେଇ ବଙ୍କେଇ ଝରିଯାଇଛି ସ୍ୱଚ୍ଛ ଜଳଧାରାର ଝରଣା । ଖଣ୍ଡା ପଥରକୁ ଡେଇଁ ଡେଇଁ ଗଲାବେଳେ ନିପୁଣା ନର୍ତ୍ତକୀର ନୂପୁର ଧ୍ୱନି ପରି ଶୁଭୁଛି ଛନ୍ଦିତ ରାଗିଣୀର ଝଙ୍କାର ।

ସେଇ ଝରଣାର ଜଳଧାରା ଆସି ପଡ଼ୁଛି ଏକ ଗମ୍ଭୀର ନୀଳ ପୁଷ୍କରିଣୀରେ । କୂଳରେ ତାର ପଥରବନ୍ଧା ପାହାଚର ଧାଡ଼ି, ମଝିରେ ଦ୍ୱୀପଦାଣ୍ଡି ଉପରେ କାରୁକାମକରା ଶୁଭ୍ର ମାର୍ବଲର ଦେଉଳ, ଆଉ ସେଇ ଦେଉଳର ଚୂଡ଼ା ଉପରେ ନର୍ତ୍ତିଳ ଭଙ୍ଗୀରେ ଏକ ପ୍ରସ୍ତିତା ତରୁଣୀ ଠିଆ ହୋଇ ମଥାରେ ଧରିଛି ସୁନାର କଳସ । ତା ଭିତରେ ହୁଏତ ରହିଛି ସ୍ୱର୍ଗୀୟ ମନ୍ଦାକିନୀ···ଅମୃତର ବାରି ।

ଉଦ୍ୟାନରେ କେହି ନାହିଁ । ଆକାଶରେ ପୂର୍ଣ୍ଣିମାର ଚନ୍ଦ୍ର । ଉଆସର ଛବି ଝଲମଲ କରୁଛି ପୁଷ୍କରିଣୀର ନୀଳ ଜଳ-ଦର୍ପଣରେ । ଜ୍ୟୋତ୍ସ୍ନାର ଶାନ୍ତ ସ୍ନିଗ୍ଧ ପରିବେଶ । ରାତି ଗମ୍ଭୀର ହୋଇଛି । ସ୍ତବ୍ଧ ଶୂନ୍ୟତା ଯେପରି ଉଲଗ୍ନ ତରୁଣୀର ଯୌବନ ପରି ଚଞ୍ଚଳ ହୋଇ ଉଠିଛି । ସେଇ ନଗ୍ନ ଶୋଭାର ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ମୁଁ ସେଠି କିପରି ଯାଇଁ ପହଞ୍ଚିଛି, କିଛି ଜାଣିପାରି ନାହିଁ । ପ୍ରାସାଦମୟ ନଗରୀର ରାଜପଥ ପରିକ୍ରମା କରି ରାଜ ଉଆସର ମହଲ ପରେ ମହଲ ବୁଲି ଦେଖି ବଗିଚା ଭିତରେ ପୁଲକ-ସ୍ପନ୍ଦିତ ହୃଦୟରେ ପଦଚାରଣ କରୁ କରୁ ଗୋଟିଏ ରଜନୀଗନ୍ଧା କୁଞ୍ଜ ପାଖରେ ହଠାତ୍ ମୋ ପାଦ ଟିକିଏ ରହିଗଲା । ସୁରଭିରେ ଫାଟି ପଡ଼ୁଛି କୁଞ୍ଜତଳ । ଜ୍ୟୋତ୍ସ୍ନାର ଉଜ୍ଜ୍ୱଳତା ଭିତରେ ହସ୍ନ-ହେନାର ଶୁଭ୍ରତା ସହସ୍ର ଗୁଣରେ ଯେପରି ହସି ଉଠୁଛି । ମୁହୂର୍ତ୍ତିକ ପାଇଁ ଠିଆ ହୋଇ ମୁଁ ସେଇ ମଦିର ଗନ୍ଧକୁ ମନପ୍ରାଣ ଭରି ଥରେ ଆଘ୍ରାଣ କଲି । ଆଘ୍ରାଣ ସଙ୍ଗେ ସଙ୍ଗେ ମୋ ଦେହର ଶିରା-ପ୍ରଶିରାରେ ଯେପରି ଏକ ଅଗ୍ନିଳ ଉଚ୍ଛ୍ୱାସର ଉନ୍ମାଦନା ଅନୁଭବ କଲି । ତା'ପରେ ମୋ ପଦଚାଳନାର ଶିଥିଳ ମନ୍ଥରତାରେ ହଠାତ୍ କୁଆଡ଼ୁ ଚାଲିଆସିଲା ଚଞ୍ଚଳ କ୍ଷିପ୍ରତାର ବେଗ । ବୁକୁ ଭିତରେ କାହାକୁ ଖୋଜିବୁଲିବାର ବ୍ୟାକୁଳତା । ଆଖିର ଦୃଷ୍ଟିରେ କାହାକୁ ଦେଖି ବାହାର କରିବାର ଅସ୍ଥିରତା । ମୁଁ ବ୍ୟସ୍ତ ହୋଇଉଠିଲି । କାହିଁ ? କିଏ ସେ ଏ ସୌନ୍ଦର୍ଯ୍ୟର ଅପ୍‌ସରା ରାଜ୍ୟରେ କେଉଁଠି ଆତ୍ମଗୋପନ କରି ରହିଛି ? କାହାକୁ କେନ୍ଦ୍ର କରି ଏ ସ୍ୱର୍ଗୀୟ ସୁଷମାର ଉତ୍ସବ ଅଧିବାସ ?

ଅନ୍ୱେଷଣର ଉଦ୍ଦାମ ଆବେଗ ନେଇ ଖୋଜିବୁଲିଲି ହସ୍ନହେନାର ବନରୁ ମାଳତୀଲତାର କୁଞ୍ଜକୁ, ଆମ୍ରଗଛର ଛାୟାଗୁଣ୍ଠନ ତଳୁ ମାଧବୀ ବିତାନର ନିଭୃତ ଅଭିମୁଖେ ।

ଗୋଟାଏ ଜାଗାରେ ଦେଖିଲି, ସବୁଜ ଘାସର ଗାଲିଚା ମଝିରେ ଜଳର ଫୁଆରା । ବିନ୍ଦୁ ବିନ୍ଦୁ ପାଣିର ଛୁଟିକା ଉପରକୁ ଉତ୍‌କ୍ଷିପ୍ତ ହୋଇ ବିଛୁଡ଼ି ହୋଇ ପଡ଼ୁଛି ଚାରିଆଡ଼େ । ଭାବିଲି, ସେଇ ଶୀକର ଶୀତଳ ଫୁଆରାର ବର୍ଷଣଧାରା ଭିତରେ ଉଦ୍ୟାନ-ରୂପସୀ କ'ଣ ତା ସୁରଭି-ଉତ୍କଣ୍ଠ ଦେହର ଉତ୍ତାପକୁ ଶାନ୍ତ କରିବା ପାଇଁ ଉଲଗ୍ନ ହୋଇ ସ୍ନାନ କରୁଛି ?

କ୍ଷଣକ ପାଇଁ ଭାବେ ଛୁଡ଼ା ହୋଇ ଲକ୍ଷ୍ୟ କଲି । ନା···ଏଠି କେହି ନାହିଁ । ଫୁଆରାର ଟିପି ଟିପି ବିନ୍ଦୁ ବର୍ଷଣ ଭିତରେ ଅଦୃଶ୍ୟ ରୂପସୀର ସ୍ନାନ ବେଳର ମନଫୁଲଣିଆ ଗୁଣୁଗୁଣୁ ସ୍ୱରର ଗୀତମନ୍ଦ୍ର ଅଛି, କିନ୍ତୁ ସ୍ନାନ ବେଳର ତା ମୁକ୍ତ କେଶର କୃଷ୍ଣ-ଐଶ୍ୱର୍ଯ୍ୟତାର ଆଭାସ କାହିଁ ? ଫୁଆରାର ଶୁଭ୍ରତା ଭିତରୁ ଟଳମଳ ରଙ୍ଗିର ଚକିତ ଲାବଣ୍ୟ ତ ଫୁଟି ଉଠୁଥାନ୍ତା କାହାରିକୁ !!

ମୃଦୁ ପବନର ଆଲୋଡ଼ନରେ ଫୁଆରା କେତେ ବିନ୍ଦୁ ଆସି ଲାଗିଲା ମୋ ମୁହଁରେ । ସମସ୍ତ ଦେହ ମୋର ଶୀତେଇ ଉଠିଲା । ଆଗକୁ ଚାଲି ଚାଲି ଗଲି । ସମସ୍ତ ଉଦ୍ୟାନର ସୁରଭି ମାଦକତା ଏକ ଅପ୍‌ସରା ରୂପରେ ଜଙ୍ଘନ୍ୟାସ ପାଇ ମୋ ଆଗେ ଆଗେ ଯେପରି ଡାକି ଡାକି ଚାଲିଛି । ନିର୍ଜନ ରାତିର ସ୍ତବ୍‌ଧତା ସଜୀବ ମୂର୍ତ୍ତିର ଶକ୍ତି ପ୍ରଭାବରେ ମତେ ଯେପରି ସ୍ପନ୍ଦିତ କରି ତୋଳୁଛି !

ଅପ୍ରେଲର ଗ୍ରୀଷ୍ମ-କାଉଳା ରାତି । ଶୀତଳ ଜ୍ୟୋସ୍ନା ଆଉ ସୁରଭି ହାଉଆର ପ୍ରବାହରେ ଉଦ୍ୟାନର ଶାନ୍ତ ପରିବେଶ ଅପେକ୍ଷାକୃତ ହିମ ହୋଇଆସିଛି । ତେବେ ବି ଦେହର ଉତ୍ତାପ ଖୋଜୁଛି ସୁଗନ୍ଧ ଚନ୍ଦନର ପ୍ରଲେପ ।

ହଠାତ୍ କେତେଖଣ୍ଡ ଭାସମାନ ମେଘର ଝାଲର ଭିତରେ ଚନ୍ଦ୍ର ଲୁଚିଗଲା । କୃଷ୍ଣଛାୟାର ଏକ କୋମଳ ସ୍ନିଗ୍‌ଧତା ଲମ୍ବି ଆସିଲା ଆକାଶରୁ ଭୂପୃଷ୍ଠକୁ । ମାୟାମୟ ଛାୟାବଗୁଣ୍ଠନ ଭିତରେ ଉଦ୍ୟାନର ଏକ ଅଂଶ ଅନିନ୍ଦମାୟ ଶ୍ରୀରେ ସଲଜ୍ଜ ହୋଇ-ଉଠିଲା । ଏତିକିବେଳେ ମନେହେଲା, ସେଇ ଛାୟା ସାଥିରେ ଜଣେ ଅପୂର୍ବ ସୁନ୍ଦରୀ କେଉଁ କୁହୁକ ରାଜ୍ୟରୁ ଓହ୍ଲାଇ ଆସି ମୋ ପାଖ ଦେଇ ମତେ ଛୁଇଁ ଯେପରି ଦୌଡ଼ି ପଳାଇଗଲା । ଭୟ ଆଉ ପୁଲକର ଚକିତ ଶିହରଣରେ ମୋର ସର୍ବାଙ୍ଗ ରୋମାଞ୍ଚିତ ହୋଇଉଠିଲା । ଯଦିବା ପ୍ରତ୍ୟକ୍ଷରେ କାହାକୁ ଦେଖି ନ ଦେଖିଲି ପରି ମନେ ହେଲା, ତଥାପି ସେଇ ଗ୍ରୀଷ୍ମ ରାତିର ଉତ୍କଣ୍ଠକୁ ଶାନ୍ତ କରିବା ପାଇଁ କେଉଁ ପ୍ରମୋଦ-ଚଞ୍ଚଳା ତରୁଣୀ ଯେପରି ଉଦ୍ୟାନର ସେଇ ପୁଷ୍କରିଣୀର ନୀଳ ଜଳରାଶିରେ ସ୍ନାନ କରିବାକୁ ଓହ୍ଲାଇ ଆସିଛି ଶୂନ୍ୟଲୋକରୁ !

ଆଶ୍ଚର୍ଯ୍ୟରେ ସ୍ତବ୍‌ଧ ହୋଇଗଲି ମୁଁ । ଚନ୍ଦ୍ରାରାଜ୍ୟରେ ସବୁ ଯେପରି ବିଭ୍ରାନ୍ତ ହୋଇଗଲା । ତାପରେ ମୁଁ କୁଆଡ଼େ ଯିବି ଭାବି ଠିକ୍ କରିପାରିଲି ନାହିଁ । ମୋ

ନିକଟରେ ସବୁ ଯେପରି ଝାପ୍‌ସା ଆଉ ଅସ୍ପଷ୍ଟ !! ଫୁଲର ସୁରଭି ଏପର୍ଯ୍ୟନ୍ତ ଯାହା ମୋ ଚାରିପାଖ ଘେରି ମହକୁଥିଲା, ହଠାତ୍ ମନେ ହେଲା ତା ଯେପରି ସେଇ ରୂପସୀର ଚିକୁର ଗନ୍ଧ ଲୋଭରେ ମାତାଲ ହୋଇ ପଛେ ପଛେ ଅନୁଗମନ କରୁଚି । ଜ୍ୟୋତ୍ସ୍ନାର ଆଲୋକ ଏପର୍ଯ୍ୟନ୍ତ ଯାହା ଶାନ୍ତ ସ୍ଥିର ରହିଥିଲା, ତାହା ଯେପରି ହଠାତ୍ ଚହଲି ଉଠି ସୁନ୍ଦରୀର କନକ ଦେହକାନ୍ତିର ମାଧୁରୀ ଲୋଭରେ ପିଚ୍ଛା ଧରି ଧାଇଁ ଚାଲିଛି !! ସ୍ପଷ୍ଟ ଦେଖିଲି ପରି ଲାଗିଲା, ସମସ୍ତ ଉଦ୍ୟାନର ନାନା ସୌନ୍ଦର୍ଯ୍ୟ ଯେପରି କେଉଁ ତନ୍ଦ୍ରାଚ୍ଛନ୍ନ ସ୍ୱପ୍ନଲୋକରୁ ଚମକି ଉଠି, ତନ୍ୱୀ ତରୁଣୀ ରୂପରେ ଛିଡ଼ା ହୋଇପଡ଼ି, ଆଜ୍ଞାନୁବର୍ତ୍ତିନୀ ପରିଚାରିକାରୂପେ ସେଇ ସୁନ୍ଦରୀ ରାଜନନ୍ଦିନୀଙ୍କୁ ଅଭିବାଦନ ଜଣାଇ, ଝୁମ୍ପିର ମୁକ୍ତାମାଳା ପିନ୍ଧାଇ, ଯାଚ୍ଛେଟିନେଇ ତା ଚାରିପାଖ ଘେରି, ଖିଲି ଖିଲି ହସରେ, ଛଳ ଛଳ ପରିହାସରେ, ନଚେଇ, ବୁଲେଇ ବାଟ କଢ଼େଇ ନେଇ ଯାଉଚି ।

ମୋ ଶୁଷ୍କ ଉତ୍ତେଜନାର ଆବେଗରେ କମ୍ପି ଉଠିଲି । ଏକ ଅପୂର୍ବ କୌତୂହଳର ଆନନ୍ଦରେ ସାରା ଦେହ ରୋମାଞ୍ଚିତ ହୋଇଉଠିଲା । ଭାରି ଇଚ୍ଛା ହେଲା, ପାଖକୁ ଯାଇ ସେମାନଙ୍କୁ ଭଲକରି ଥରେ ଦେଖିବି । କିନ୍ତୁ ସାମନାରେ ସ୍ପଷ୍ଟ ଦେଖିଲି ପରି କିଛି ନାହିଁ । ଭାବିଲି, ଛପି ଛପି ଆଡ଼ୁଆଳରେ ରହି ସେମାନଙ୍କୁ ଅନୁସରଣ କରିବି, କାନପାରି ଶୁଣିବି ସେମାନଙ୍କ କଥା—କିନ୍ତୁ ଏକାନ୍ତ ମନରେ ଧ୍ୟାନ ଦେଲେ ମଳୟର ମୃଦୁ ହିଲ୍ଲୋଳରେ ଉଦ୍ୟାନସ୍ଥ ବୃକ୍ଷଲତାର ମର୍ମର ଛଡ଼ା ଆଉ କିଛି ଶୁଣା ଯାଉ ନାହିଁ ।

ଏ କି କୁହୁକ-କାଉଁରୀର ଇନ୍ଦ୍ରଜାଲ !!

ଏ କି ଧରା-ଛୁଆଁ ବାହାରର ଛାୟା-ଦୃଶ୍ୟ !

ଏ କି ମାୟା ମନ୍ତ୍ର ଲୀଳା-ଖେଳାର ରସ-ଉତ୍ସବ !!

ହଠାତ୍ ସୁ ସୁ ହୋଇ ଦମକାଏ ପବନ ବହିଆସିଲା । ଚାରିଆଡ଼ ଯେପରି ମଳୟର ଗନ୍ଧରେ ଫାଟିପଡ଼ିଲା । ଜ୍ୟୋତ୍ସ୍ନାର ତରଙ୍ଗରେ ଯେପରି ଆସିଲା ପୂର୍ଣ୍ଣିମାର ଜୁଆର । ଝଲମଲ କରିଉଠିଲା ଚାରିଆଡ଼ । ଆଲୋକର ତୋଫାନ୍ । ସୁରଭିର ଉଚ୍ଛ୍ୱାସ ଆଉ ହାଉଆର କମ୍ପନ ଭିତରେ ମୁଁ ଯେପରି ଧନ୍ଦି ହୋଇଗଲି । ମୁହୂର୍ତ୍ତିକ ପାଇଁ ମୋ ଆଖି ବୁଜି ହୋଇଗଲା । ସତେ ଯେପରି ତଳେ କଚ୍ଛଡ଼ି ହୋଇ ପଡ଼ିବି ! ପାଖରେ ଗୋଟାଏ କାଠଚମ୍ପା ଗଛକୁ ଧରି ପକାଇ ମୁଁ ଟିକିଏ ସୁଦୃଢ଼ ହୋଇ ଛିଡ଼ା ହେବାକୁ ଚେଷ୍ଟା କଲି । ଏତିକିବେଳେ ପୋଖରୀ ଭିତରେ ଝାମ୍ପଦେଇ କଚ୍ଛଡ଼ି ହୋଇ ପଡ଼ିଲା ପରି ଗୋଟାଏ ବିକଟ ଶବ୍ଦ ଶୁଣାଗଲା । ବିଭ୍ରାନ୍ତ ଭିତରେ ପୁଣି ହୋସ୍ ଫେରିଆସିଲା ମୋର । ଏଥର ସେଇ ଶବ୍ଦାନୁସରଣରେ ଧୀର ପଦକ୍ଷେପରେ ଆଗେଇ ଚାଲିଲି ମୁଁ ।

ପୁଷ୍କରିଣୀ ତଟସଂଲଗ୍ନ ଗୋଟିଏ ଲୁରିଅନା କୁଞ୍ଜର ଆଢୁଆଳରେ ଲୁଚି ରହି ନିରୀକ୍ଷଣ କରି ଯାହା ଦେଖିଲି, ସେଥିରେ ଯେପରି ସ୍ତବ୍ଧ ହୋଇଗଲି । କିନ୍ତୁ ସମସ୍ତ ଆଗରୁ ଦେଖି ଯାଇଥିବା ସ୍ଥିର ନୀଳ ଜଳରାଶିରେ ଜାଗିଛି ତରଙ୍ଗର କମ୍ପନ । ସେଇ ତରଙ୍ଗର ହିଲ୍ଲୋଳରେ ଚହଲି ଉଠିଚି ଚଞ୍ଚଳ ଚନ୍ଦ୍ରବଦନାମାନଙ୍କର ଅପୂର୍ବ ମୁଖଶୋଭା । ମନେହେଲା ଯେଉଁ ତନ୍ୱୀ ପରିଚାରିକାମାନେ ମୋ ପାଖ ଦେଇ ସକୌତୁକ କଳହାସରେ ଧାଇଁ ଆସିଥିଲେ ସେମାନେ ଏଇ ପୋଖରୀ ଭିତରକୁ ଲମ୍ଫଦେଇ ବେକକ ପାଣିରେ ବୁଡ଼ି ରହି ଯେପରି ଗ୍ରୀଷ୍ମ-ଉତ୍ତପ୍ତ ଯୌବନକୁ ଶୀତଳ ଜଳରାଶିରେ ଶାନ୍ତ କରୁଛନ୍ତି । କିନ୍ତୁ ଯେଉଁ ଅନିନ୍ଦ୍ୟସୁନ୍ଦରୀ ରାଜନନ୍ଦିନୀଙ୍କୁ ଅନୁଗମନ କରି ଏଇ ପରିଚାରିକାମାନେ ଆସିଲେ, ସେ ଏମାନଙ୍କ ଭିତରେ କାହିଁ ? ପୁଷ୍କରିଣୀର ପ୍ରଶସ୍ତ ବକ୍ଷରେ ଭାସମାନ ଚନ୍ଦ୍ରମୁଖଗୁଡ଼ିକୁ ଗୋଟି ଗୋଟି କରି ଦେଖିଗଲି—ନା, ସେ ଯେ ଅସାମାନ୍ୟା ରୂପସୀ ! ଏମାନଙ୍କ ଗହଣରେ ତ ସେ ନାହିଁ ! ତେବେ ଗଲା କୁଆଡ଼େ ?

ବିସ୍ମିତ ପୁଲକରେ ମୁଁ ପଛକୁ ମୁହଁ ଫେରାଇ ଆଉଥରେ ସମସ୍ତ ଉଦ୍ୟାନକୁ ତନ୍ନ ତନ୍ନ କରି ଦେଖିନେଲି । ପୁଣିଥରେ ଚାହିଁଲି ପୁଷ୍କରିଣୀବକ୍ଷକୁ । କିନ୍ତୁ ସେ ଅପୂର୍ବ ଲାବଣ୍ୟମୟୀଙ୍କୁ ଏଥର ବି ଦେଖିବାକୁ ନ ପାଇ ଯେତେବେଳେ ବିକ୍ଷୁବ୍ଧ ଦୃଷ୍ଟିକୁ ଫେରାଇଆଣି ସେ ସ୍ଥାନ ପରିତ୍ୟାଗ କରି ଚାଲି ଆସିବାକୁ ଭାବୁଛି, ସେତିକିବେଳେ ହଠାତ୍ ପୁଷ୍କରିଣୀର ଦକ୍ଷିଣପଟ ତୀରସଂଲଗ୍ନ ପାହାଚ ଉପରେ ଅର୍ଦ୍ଧ-ଉଲଗ୍ନା ଏକ ନାରୀମୂର୍ତ୍ତି ସ୍ଥିରଦୃଷ୍ଟିରେ ଊର୍ଦ୍ଧ୍ୱାକାଶକୁ ଚାହିଁ ବସିଥିବାର ଦେଖିଲି । ତାର ନଗ୍ନ ପଦ ଦୁଇଟିରୁ ଗୋଟାଏ ପାଣିକୁ ଛୁଇଁଲା ପରି ଝୁଲି ପଡ଼ିଛି, ଆଉ ଗୋଟିଏ ପାହାଚ ଉପରେ ଠେରହୋଇ ରହିଛି । ଠେରହୋଇ ରହିଥିବା ଆଣ୍ଠୁ ଉପରେ ଦକ୍ଷିଣ କର ନ୍ୟସ୍ତକରି, ପାପୁଲିର ନେଡ଼ି ଉପରେ ମୁଖପଦ୍ମଟିକୁ ବନ୍ଧ-ଠାଣିରେ ରଖି କି ଏକ ଭାବନାର ତନ୍ମୟତାରେ ସେ ଯେପରି ଶୂନ୍ୟକୁ ଚାହିଁରହିଛି ଛବିଳ ଭଙ୍ଗୀରେ !! କିନ୍ତୁ କି ଭାବନା : କି ଦୁଶ୍ଚିନ୍ତା ଏଇ ସୁନ୍ଦରୀର ! ମୋ ହୃଦୟ ଏକ ଅଜଣା ବ୍ୟଥାରେ ଦ୍ରବୀଭୂତ ହୋଇଗଲା । ଏଥର ଆଉ ସ୍ଥିର ହୋଇ ରହିପାରିଲି ନାହିଁ । ଉନ୍ମାଦଙ୍କ ପରି ଛୁଟି ଚାଲିଲି ପୁଷ୍କରିଣୀର ଦକ୍ଷିଣ ତୀର ଅଭିମୁଖେ । ତୀରର ନିକଟକୁ ଆସି ଭାବିଲି, ନିଶବ୍ଦ ପଦପାତରେ ପଛରୁ ଯାଇଁ ଲାବଣ୍ୟମୟୀର ଦୁଇ ଆଖି ବୁଜି ଧରିବି । ଆଉ କାନ ପାଖରେ ମୁହଁ ରଖି ଅସ୍ଫୁଟ ଗୁଞ୍ଜନରେ ପଚାରିବି—ରୂପବତୀ, କିଏ ତୁମେ ? ଏଇ ନିର୍ଜନ ରାତିରେ, ପୁଷ୍କରିଣୀ ତୀରରେ ଏପରି ଉନ୍ମନା ହୋଇ ବସି କାହା କଥା ଭାବୁଛ ? କି ଦୁଃଖ ତୁମର ?

ମନକୁ ମନ ଆଉ କେତେ ପ୍ରଶ୍ନର ପ୍ରସ୍ତୁତି କରି ପାହାଚରୁ ପାହାଚ ଓହ୍ଲାଇ ନିକଟରୁ ନିକଟତର ହେଲି । ସାମ୍ନାରେ ଆଉ ତିନୋଟି ପାହାଚ ମାତ୍ର ବାକି ।

ସେତିକି ଓଁହେଇ ଗଲେ ମୁଁ ଭାବମଗ୍ନ ରୂପସୀର ଦେହ ସ୍ପର୍ଶ କରିପାରିବି । ପଛରେ ଛଡ଼ାହୋଇ ରହି ତା ମୁକ୍ତ କେଶଦାମର ଅଜସ୍ରତା ଦେଖିଲି । ପୃଷ୍ଠଦେଶର ଲାବଣ୍ୟ କି ଅପୂର୍ବ ! ଭୁଜବଲ୍ଲରୀର ଶୋଭା କି ଆଶ୍ଚର୍ଯ୍ୟ ସୁନ୍ଦର ! କିନ୍ତୁ ଏ କ'ଣ ? ଗଳାରେ ମୁକ୍ତାମାଳା କାହିଁ ? କାନରେ ହୀରାର ଦୁଲ୍ କାହିଁ ? ବାହୁରେ କଙ୍କଣ କାହିଁ ? ଏ କ'ଣ ? ସୁନ୍ଦରୀ ଭୂଷଣବିହୀନା କାହିଁକି ? ସେ କ'ଣ ବିରହିଣୀ ? ସେ କ'ଣ ତପସ୍ୱିନୀ ?

କିଛି ଭାବିପାରିଲି ନାହିଁ । ନିଷ୍ପଲକ ନୟନରେ ସ୍ଥିରଦୃଷ୍ଟିରେ ଚାହିଁରହିଲି କିଛିକ୍ଷଣ । ନଗ୍ନ ଦେହକାନ୍ତିର ଲାବଣ୍ୟରେ ଯେପରି ଏକ ରକ୍ତାକ୍ତ ଆକର୍ଷଣର ଉଦ୍ଦୀପନା ! ମୁଁ ଶିହରି ଉଠିଲି, ସ୍ପନ୍ଦିତ ହୋଇଉଠିଲି, ପ୍ରବଳ ଉତ୍ତେଜନାରେ ତା ପୃଷ୍ଠଦେଶରେ ଢଳିପଡ଼ି, ପଛରୁ ହାତବୁଲେଇ ଆଖି ଦୁଇଟି ବୁଜିଧରି କାନ ପାଖରେ ମୁହଁ ଗୁଞ୍ଜି କ'ଣ କହିବାକୁ ଯାଉଛି—ହଠାତ୍ ଏକ ବିଦ୍ୟୁତ୍‌ର ଝଲକ ପରି ଚମକି ଉଠିଲା ସେ । ମୋ ହାତକୁ ଫିଙ୍ଗି ଛଡ଼ାଇଦେଇ ଦର୍ପିତ ଭଙ୍ଗୀରେ ଚାହିଁଲା ମୋ ମୁହଁକୁ ।

ଏ କ'ଣ ?

ଏ କିଏସ୍ !

ଆରତି ! ମୁଁ ଚମକି ଉଠିଲି । ତୁମେ ଏଠି ଆରତି ! କି ଆଶ୍ଚର୍ଯ୍ୟ, ମୁଁ ସ୍ୱପ୍ନ ଦେଖୁ ନାହିଁ ?

—ନା ନା, ସ୍ୱପ୍ନ ନୁହେଁ, ମୁଁ ଆରତି, ତୁମର ପ୍ରଣୟିନୀ, ତୁମର ମାନସ-ଚାରିଣୀ । କହି ଅଶ୍ରୁଳ ଆବେଗରେ କାନ୍ଦି ଲୋଟିପଡ଼ିଲା ସେ ମୋ ଛାତି ଉପରେ । ତାର ଶୋକୋଚ୍ଛ୍ୱାସ ଦେଖି ମୁଁ ଧୈର୍ଯ୍ୟ ଧରି ରହିପାରିଲି ନାହିଁ । ଆକୁଳ ଚୁମ୍ବନରେ ଛୁଇଁଦେଲି ତାର ମୃଣାଳ ବାହୁଲତା, ଚଞ୍ଚଳ ଚିବୁକ, ଗୋଲାପୀ ଗଣ୍ଡ । ଆଘ୍ରାଣ କଲି ତା ଚୂର୍ଣ୍ଣ ଅଳକଦାମର ସୁଗନ୍ଧ । ତାପରେ ଉନ୍ମାଦଙ୍କ ପରି ଦୁଇ ହାତରେ ତା ପୁଷ୍ପ-କୋମଳ ଦେହଟିକୁ ତୋଳି ଧରି ଉଦ୍ୟାନର ଶେଷ ପ୍ରାନ୍ତରେ ଥିବା ସେଇ ନିଭୃତ ରାଜହଂସପୁର ଉଦ୍ଦେଶ୍ୟରେ ଯିବାକୁ ବାହାରିଛି···ହଠାତ୍ ଗୋଟାଏ ଅଟ୍ଟହାସର ଶବ୍ଦରୋଳରେ ସମସ୍ତ ଶୂନ୍ୟତା ଯେପରି ଥରିଉଠିଲା । ସାମ୍ନାକୁ ଚାହିଁ ଦେଖେ ମୋ ଆଡ଼କୁ ବଜ୍ରମୁଷ୍ଟି ଦେଖାଇ ଠିଆ ହୋଇଛି ଏକ ବିକଟାଳ ମୂର୍ତ୍ତି ! ସେ ଯେପରି ସୁରେଶର ପ୍ରେତଛାୟା ! ଭୟରେ ମୁଁ ଗର୍ଜି ଉଠିଲି । ସେ କିନ୍ତୁ ଦୁର୍ଦ୍ଧର୍ଷ ବିକ୍ରମରେ ଝାମ୍ପ ପଡ଼ିଲା ମୋ ଉପରକୁ । ମୋ କୋଳରୁ ଆରତି ତଳେ ଛିଟିକି ପଡ଼ିଗଲା । ମତେ ସଜୋରରେ ଏକ ଧକ୍କା ଦେଇ ସେଇ ପ୍ରେତମୂର୍ତ୍ତି ଆରତିକୁ ଧରି ପକାଇବାକୁ ଚେଷ୍ଟା କରିବା ମାତ୍ରେ ପବନର ଗନ୍ଧ ଉଡ଼ିଗଲା ପରି

ସେଇ ବସନ୍ତ-ସ୍ପନ୍ଦିତ ଉଦ୍ୟାନର ଏକ ଦୀର୍ଘ ନିଃଶ୍ୱାସରେ ଆରତି ଯେପରି ଉଡ଼ି ଚାଲିଗଲା ଶୂନ୍ୟାକାଶକୁ ! ମୁଁ ଆଶ୍ଚର୍ଯ୍ୟରେ ସେ ଆଡ଼କୁ ଚାହିଁଚି, ଏତିକିବେଳେ ଗୋଟାଏ କି ନିର୍ମମ ଆଘାତ ଯେପରି ପଡ଼ିଲା ମୋ ମଥା ଉପରେ । ଚାରିଆଡ଼ ଅନ୍ଧାର ଦେଖାଗଲା । ତଳେ କଚାଡ଼ି ହୋଇ ପଡ଼ିଲି । ପାହାଚ ପରେ ପାହାଚ ଗଡ଼ାଇ ମତେ ସେଇ ଅଜ୍ଞାନ ଅବସ୍ଥାରେ କିଏ ଯେପରି ଟେକି ନେଇ ଫିଙ୍ଗିଦେଲା ପୋଖରୀର ପାଣିରେ !

ମୁଁ ପାଟିକରି ଉଠିଲି ।

ଥର୍‌ଥରେଇ ଉଠିଲି ଭୟରେ ।

ହଠାତ୍ ମୋ ସ୍ୱପ୍ନ ଭାଙ୍ଗିଗଲା ।

ନିଦବାଉଳାରେ ଉଠି ବସିଲି ଚଟାଣ ଉପରେ । ଚାରିପାଖ ଦରାଣ୍ଡି ଦେଖିଲି, କେହି କୁଆଡ଼େ ନାହିଁ । ସେପାଖ କାନ୍ଥ ପାଖକୁ ଶୋଇଛନ୍ତି ସେହିପରି ଆସାମୀମାନେ । ଘର ଭିତରେ ଝାପ୍‌ସା ଅନ୍ଧାର ।

ଉଠି ଠିଆହୋଇ ଚାଲିଲି ।

ଝରକା ପାଖକୁ ଯାଇଁ ଛିଡ଼ା ହେଲି !

ବାହାରେ ଫରଚ୍ଛ ହୋଇଆସୁଛି ।

କାହିଁକି ଇମିତି ସ୍ୱପ୍ନ ଦେଖିଲି ? ମନକୁ ମନ ଭାବିଲି, ସକାଳ ସ୍ୱପ୍ନ ସତ ବୋଲି କହନ୍ତି ନା ! ଆରତିକି ସ୍ୱପ୍ନ ଦେଖିଲି ! ଆରତି କ'ଣ ଅଛି ? ମୋ କଥା ଭାବୁଛି ?

କହନ୍ତି, ଜଣେ ଜଣକୁ ନ ଭାବିଲେ ସ୍ୱପ୍ନରେ ଦେଖାଯାଏନି । ପୃଥିବୀର କେଉଁ ଏକ ନିଭୃତ କୋଠରୀରେ ମୋରି ପରି କ'ଣ ଆରତି ମତେ ଭାବି ଭାବି ରାତିରେ ଶୋଇଥିଲା, ମୁଁ ତାକୁ ସ୍ୱପ୍ନ ଦେଖିଲି ? ସେ ବି କ'ଣ ମତେ ସ୍ୱପ୍ନ ଦେଖୁଛି ରାତିର ନିସୁପ୍ତି ଭିତରେ ?

ଆରତିର ମନ ଜାଣିବା ପାଇଁ କାହିଁକି ବେଳେବେଳେ ବ୍ୟାକୁଳତା ଜାଗିଉଠେ ମୁଁ କଳ୍ପନା କରିପାରେ ନାହିଁ । ହୃଦୟ ମନ୍ଥି ହୋଇଯାଏ । ଅସ୍ଥିର ଉତ୍ତେଜନାରେ ମନ ଛଟପଟ କରେ । ଜେଲର ଅର୍ଗଳି ଭାଙ୍ଗି ଛୁଟି ଚାଲିଯିବାକୁ ବାହୁର ମାଂସପେଶୀ ଶକ୍ତ ହୋଇଉଠେ । କିନ୍ତୁ ପରକ୍ଷଣରେ ଭାବେ, କି ଆଶ୍ଚର୍ଯ୍ୟ, ସାମାନ୍ୟ କେତେଟା ଦିନରେ ଇମିତି ପାଗଳଙ୍କ ପରି ହେଉଛି ମୁଁ ! ଦୀର୍ଘ ବାର ମାସ ପଡ଼ି ରହିଛି ! କାଟିବାକୁ ହେବ ଏଇ ଅନ୍ଧକାରରେ । ଏଇ ଅପ୍ରଶସ୍ତ ଘରର

କଦର୍ଯ୍ୟ ଆବର୍ତ୍ତନା ଭିତରେ ମୁହଁ ମାଡ଼ି ମୁଣ୍ଡ ପୋତି ସବୁ ନିର୍ଯ୍ୟାତନା ସହିବାକୁ ହେବ । ଏ ଅଭ୍ୟାଗୃହ ଭିତରେ ବଞ୍ଚ ବର୍ଷେ କାଟିପାରିଲେ ତା ପରେ ଯାଇଁ ଦେଖା ହୋଇପାରେ ଆରତି ।

ଦେଖା ହୋଇପାରେ ଯଦି ମୋ ପାଇଁ ସେ ଅପେକ୍ଷା କରି ବସିଥିବ କେଉଁଠି । ଯଦି ମତେ ଖୋଜି ଖୋଜି ବୁଲୁଥିବ ସେ । ହୁଏତ ଭେଟ ହୋଇଯିବ ଅକସ୍ମାତ୍—କେଉଁ ଅଗନାଗ୍ନି ବନସ୍ତରେ ବା ନଦୀର ନିର୍ଜନ ପଠାରେ, ପାହାଡ଼ର ଗୁମ୍ଫା ଭିତରେ ବା ଲୋକାରଣ୍ୟ ରାଜପଥର ପଟୁଆର ମଝିରେ ! କିଏ ଜାଣେ, କେଉଁଠି ? ସମାଜସେବିକା ରୂପରେ ତାକୁ ଦେଖିବି ନା କୌଣସି ଆଶ୍ରମରେ ଦେଖିବି ବ୍ରହ୍ମଚାରିଣୀ ତପସ୍ୱିନୀ ବେଶରେ ? କୌଣସି ରଙ୍ଗମଞ୍ଚରେ ବିଚ୍ଛେଦାତ୍ମକ ନାଟକର ଅଭିନେତ୍ରୀ ରୂପେ ଦେଖିବି ନା କେଉଁ ନୃତ୍ୟ-ନାଟିକାର ନର୍ତ୍ତକୀ ରୂପେ ଦେଖିବି ସମୃଦ୍ଧ ସହରର ସିନେମା ପ୍ରେକ୍ଷାଗୃହରେ ?

କି ହଠାତ୍ କେବେ ଦେଖିବି ଚଳନ୍ତା ଟ୍ରେନ୍‌ର ଫାଷ୍ଟକ୍ଲାସ କମ୍ପାର୍ଟମେଣ୍ଟ ଭିତରେ କୌଣସି ରୂପବନ୍ତ ତରୁଣର ସହଯାତ୍ରିଣୀ ବଧୂ ରୂପେ···କିଏ ଜାଣେ ?

ବଧୂ ? ଆରତି ଯେ ବିଧବା ! ତାକୁ ଆଉ ସଲଜ୍ଜିନୀ ବଧୂ ରୂପେ ଦେଖିବା କ'ଣ ସମ୍ଭବ ? ଓଃ, ଭଗବାନ୍, ତାକୁ କାହିଁକି ଏ ନିଷ୍ଠୁର ଅଭିଶାପ ଦେଲ ? କି ନିର୍ମମ ତୁମେ !

ଭାବନାର ଓଲଟ ପାଲଟ ଭିତରେ ଦିନ ପରେ ଦିନ ବିତିଯାଏ । କେତେବେଳେ ମନକୁ ମନ ପ୍ରଶ୍ନ କରି ନିଜେଇ ଉତ୍ତର ଖୋଜି ବାହାର କରେ । କେତେବେଳେ ସାଥି ଆସାମୀମାନଙ୍କୁ ପଚାରେ । ମତେ ଛାଡ଼ି ଘର ଭିତରେ ଆଉରି ପାଞ୍ଚ ଜଣ ଆସାମୀ । ପାଞ୍ଚ ଜଣଯାକ ପାଞ୍ଚ ରକମର ଉତ୍ତର ଦିଅନ୍ତି । କେହି କହେ, ହଟାଓ ତୁମର ଭଗବାନଙ୍କୁ । କିଏ କହେ, କାହିଁ ଭଗବାନ ! କିଏ କହେ, ପାଜି ଭଗବାନ ! ସଇତାନ ! ଲାଞ୍ଚଖୋର !

ସବୁ ଶୁଣି ଆଉ ଜଣେ ହସିଉଠେ । ହସି ହସି ବେଦମ୍ ହୋଇଯାଏ । କହେ, ଭଗବାନ୍ ନାଁଟାକୁ ମୁହଁରେ ଧରୁଛ ଯେତେବେଳେ ତୁମେମାନେ, ସେତେବେଳେ ତୁମମାନଙ୍କଠାରୁ ବଳି ଉଚ୍ଚକୋଟିର ସ୍ତାବକ ତାଙ୍କର ଆଉ ବୋଧହୁଏ ସୃଷ୍ଟିରେ ନାହାନ୍ତି ! ତାଙ୍କୁ ଗାଳି ଦିଅ, ବିଦ୍ରୂପ କର, ଯାହା କର··· ତୁମେ ସବୁ ପ୍ରକାରାନ୍ତରେ ସ୍ୱୀକାର କରୁଛ ତାଙ୍କର ଅସ୍ତିତ୍ୱ, ତାଙ୍କ ବଡ଼ିମା, ତାଙ୍କ କରାମତି । ତା'ପରେ ତୁମେ ତାଙ୍କୁ ମାନ ନ ମାନ, ସେ ସର୍ବଶକ୍ତିମାନ୍ । ସେ ବସି ମଜା ଦେଖୁଛନ୍ତି । ସେ ମୁରୁକି ମୁରୁକି ହସି ଶୁଣୁଛନ୍ତି ତୁମ ପାଗଳାମି—ବାପ ଯେପରି ଅଝଟ ପୁଅର ଗାଳି ଫଜତ୍‌କୁ ଗର୍ବରେ ଶୁଣେ । ଟଗଲା ପୁଅର କାନ

ମୋର୍‌ ଶାସନ କଲେ ବି ବେଳେବେଳେ ଯେଉଁ ପୁଅ ଯେତେ ଦୁଷ୍ଟ, ଯେତେ ଅଧମ, ବାପ ଯେପରି ତା'ର ଗତିବିଧି ଉପରେ ବେଶୀ ଦୃଷ୍ଟି ରଖି ତାକୁ ଭଲ ମଣିଷ ଭାବରେ ଗଢ଼ିବାକୁ ଆନ୍ତରିକ ପ୍ରଭାବ ପକାଏ, ମୋର ମନେ ହେଉଛି, ତୁମମାନଙ୍କ ପରି ବିଦ୍ରୋହୀ ପୁଅଙ୍କ ଉପରେ ଭଗବାନଙ୍କର ପ୍ରଭାବ ସେହିପରି ପ୍ରବଳ ଆଉ ଅସାଧାରଣ । କହି ସେ ପୁଣି ଥରେ ଜୋରରେ ହସିଉଠେ । ତା'ପରେ ଗମ୍ଭୀର ହୋଇଯାଇ—କହେ ମୁଁ ସେଇଥିପାଇଁ 'ଭ-ଗ-ବା-ନ'' ଚାରିଟା ଅକ୍ଷରକୁ କେବେ ମନେ ପକାଏନା । ଭୁଲରେ ବି ମୁହଁରେ ଧରେନା । କେହି ସେ ନାଁଟା ଉଚ୍ଚାରଣ କଲେ କାନ ଡେରି ଶୁଣେନା । ଆଉ ସତରେ ଯଦି କେବେ ସେଇ ଭ-ଗ-ବା-ନ ଚାରିଟା ଅକ୍ଷର ମୂର୍ତ୍ତିମନ୍ତ ହୋଇ ସଶରୀରେ ମୋ ସାମନାକୁ ଆସନ୍ତି, ତା'ହେଲେ କ'ଣ କରନ୍ତି ଜାଣ ? ଦି ହାତରେ ତା ତଣ୍ଟି ଧରି ଚିପି ଲହୁଲୁହାଣ କରି ତଳେ ପକେଇ ତା ଛାତି ଉପରେ ଚଢ଼ିବସି କଣ୍ଠନାଳୀରୁ ଚଳା ଚଳା କରି ରକ୍ତ ପିଅନ୍ତି । କହୁ କହୁ ତା ମୁହଁ କ୍ରୋଧର ବହ୍ନିରେ ଜଳି ଉଠିଲା ପରି ଲାଲ୍‌ ହୋଇଯାଏ ।

ସମସ୍ତଙ୍କ ଭିତରୁ ଏଇ ଲୋକଟାର କଥା ମତେ ଖୁବ୍‌ ଭଲ ଲାଗେ । କଥା ମଝିରେ କେହି କୁଆଡ଼େ ଉଠି ଚାଲିଗଲେ ମୁଁ ପଚାରେ—ସୁଧାକର, ଭଗବାନଙ୍କ ଉପରେ ତୁମର ଏତେ ରାଗର କାରଣ କ'ଣ ?

ଏ ଭିତରେ ଏକା ସଙ୍ଗରେ ରହିବା ଫଳରେ ପରସ୍ପରର ନାଁ, ଗାଁ ସବୁ ବୁଝାବୁଝି ହୋଇସାରିଥିଲୁ ଆମେ ।

ସୁଧାକର ମୋ ମୁହଁକୁ ଚାହେଁ, ବେଶ୍‌ ନିରୀକ୍ଷଣ କରି ଚାହେଁ । ତା'ପରେ କହେ, ମୁଁ ନାସ୍ତିକ । ଭଗବାନଙ୍କ ଅସ୍ତିତ୍ୱ-ଇ ସ୍ୱୀକାର କରେନା । ସେ ଅବସ୍ଥାରେ ତାଙ୍କ ଉପରେ ରାଗର କାରଣ କ'ଣ ଥାଇପାରେ ?

ମୁଁ ଟିକିଏ ହସେ । କହେ : ଆଚ୍ଛା, ରାଗ ନ ହେଉ, ସରାଗ ?

: ସରାଗ ! ସେ ଆହୁରି ଆଶ୍ଚର୍ଯ୍ୟ ହୋଇ ପଚାରେ, ସରାଗର ଆଭାସ କେଉଁଠୁ ପାଇଲ ମୋର ତାଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣାର ଗର୍ଜ୍ଜନ ଭିତରେ !

ଏଥର ମୁଁ ହସିଉଠେ । କହେ : ମଣିଷ ଗର୍ଜ୍ଜନ କରେ କେତେବେଳେ ଜାଣ ? ଯେତେବେଳେ ନିଦାରୁଣ ଆଘାତ ପାଏ ।

: ଆଘାତ ! ସୁଧାକର ଅର୍ଦ୍ଧସ୍ୱଗତ କଣ୍ଠରେ ମୋ ଆଡ଼କୁ ଅନେଇ ଆଉ କାହାକୁ ଉଦ୍ଦେଶ୍ୟ କରି ଯେପରି 'ଆଘାତ' ଶବ୍ଦଟାକୁ ପୁନରାବୃତ୍ତି କରେ ।

: ହଁ, ଆଘାତ । ମୁଁ ତା କାନ୍ଧ ଉପରେ ହାତ ରଖି ସଶ୍ରଦ୍ଧ କଣ୍ଠରେ କହେ—ଆଉ କିଏ କାହାକୁ ଆଘାତ ଦିଏ ଜାଣ ? ଯିଏ ଯାହାକୁ ବେଶୀ ଭଲ ପାଏ ।

: ଭଲ ପାଏ ! ବିସ୍ମୟ-ପୁଲକ କଣ୍ଠରେ ସେ ପ୍ରତ୍ୟେକ ଅକ୍ଷରକୁ ଉଚ୍ଚାରଣ କରେ । ଏଥର ସୁଧାକର ମୋ କାନ୍ଧ ଉପରକୁ ଢଳିପଡ଼ି, ପିଠି ଆଡ଼କୁ ମୁହଁ ବୁଲେଇ ମତେ ଦି ହାତରେ ଜାବୁଡ଼ି ଧରେ ।

ସ୍ତବ୍ଧତାରେ ଘରର ଆତ୍ମା ଗୁମ୍ ହୋଇଯାଏ ।

ମୋ ପିଠି ଉପରେ ଦି ଟୋପା ଗରମ ଲୁହର ଉତ୍ତାପ ମୁଁ ଅନୁଭବ କରେ ।

ସୁଧାକର କାନ୍ଦେ ।

× × × ×

କାହିଁକି ତୁମେ କାନ୍ଦ ସୁଧାକର ? ଦିନେ ପଚାରିଲି, କିଛି ଆନ୍ତରିକତା ଜମିଆସିଲା ପରେ ।

ଏଥର ତା ଆଖିରେ ଆଶ୍ଚର୍ଯ୍ୟର କୌଣସି ଭାବାନ୍ତର ଦେଖିଲି ନାହିଁ । ବେଶ୍ ସପ୍ରତିଭ ଦୃଷ୍ଟିରେ ସେ ଚାହିଁଲା ମୋ ଆଡ଼କୁ । କହିଲା—କାନ୍ଦେ, କାରଣ ମନ ଖରାପ ହୁଏ ।

: କ'ଣ ଜେଲ୍ ଆସିଛ ବୋଲି ?

: ନା, ସେ ପାଇଁ ନୁହେଁ । ଖରାପ କାମ କରିଛି, ଜେଲ୍ ଭୋଗୁଛି । ସେଥିପାଇଁ ଦୁଃଖ ନୁହେଁ ।

: ତେବେ ?

: ନା, ସେ ଅନେକ କଥା, ମୁଁ କହିପାରିବି ନାହିଁ । କହି କାନ୍ଦିପାରିବି ନାହିଁ ଆଉ । ଏ ଟୋକା ବୟସରେ କହି କାନ୍ଦିବାର ଦୁର୍ବଳତାକୁ ମୁଁ ପସନ୍ଦ କରୁ ନାହିଁ । ଏଣିକି ପଥର ପରି କଠିନ ହେବାକୁ ଚେଷ୍ଟା କରୁଛି ।

: ତା କ'ଣ ହୋଇପାରିବ ? ମୁଁ ପଚାରିଲି ।

: କାହିଁକି ପାରିବନି ? ପାଣି ତ ବରଫ ରୂପରେ ଜମାଟ ବାନ୍ଧି କଠିନ ହୁଏ । ମୋ ଲୁହ-ଲହରି ଘନୀଭୂତ ପଥର ହବ ନାହିଁ କାହିଁକି ? ଚେଷ୍ଟା କରୁଛି । କହି ଟିକିଏ ରହିଯାଇ ପୁଣି ମୋ ଆଡ଼କୁ ସ୍ଥିର ଦୃଷ୍ଟିରେ ଚାହିଁଲା ସୁଧାକର ।

ପଚାରିଲି : ଭଗବାନଙ୍କ ବିରୁଦ୍ଧରେ ଅଭିଯୋଗ କ'ଣ ?

: କିଛି ନାହିଁ ।

: ଖୁନ୍ କରିବାକୁ ତାହା ହେଉ କାହିଁକି ?

: ମୁଁ କମ୍ୟୁନିଷ୍ଟ ।

: ତୁମେ ଷ୍ଟାଲିନଙ୍କ ଭକ୍ତ ? ମୁଁ ଆଶ୍ଚର୍ଯ୍ୟରେ ପାଟିକରି ଉଠିଲି ।

ସୁଧାକର କିଛି ଗମ୍ଭୀର । ସେ ଯେପରି ମାର୍କସ୍‌ଙ୍କର କେଉଁଠା ବହିର ପୃଷ୍ଠା ପଢ଼ୁଛି ମନେ ମନେ ।

ହାତରେ ତା କାନ୍ଧକୁ ହଲାଇଦେଲି । କହିଲି : କ'ଣ ଭାବୁଛ ?

: ଭାବୁଛି, ମୁଁ କେମିତି କମ୍ୟୁନିଷ୍ଟ ହେଲି, କାହିଁକି ମାର୍କସ୍ ପଢ଼ିଲି !

: ତୁମକୁ କ'ଣ କେହି କମ୍ୟୁନିଷ୍ଟ କରିଥିଲା : ମାର୍କସ୍ ପଢ଼ାଇଥିଲା ?

: ହଁ, ଏକପ୍ରକାର ସେଇଆ ।

: ସେ କିଏ ?

: ସେ ତୁମର ସେଇ ନିର୍ମମ ଭଗବାନ ।

: ଅଦ୍ଭୁତ କଥାସବୁ କହୁଚ ସୁଧାକର ! ମୁଁ କିଛି ବୁଝିପାରୁ ନାହିଁ ।

: କେମିତି ବୁଝିବ ? ଦୁନିଆକୁ କେବେ ଭଲ ପାଇଛ ? ବଞ୍ଚିବା ପାଇଁ କେବେ ସଂଘର୍ଷ କରିଛ ? ସଂଘର୍ଷ କରି, ସଂଗ୍ରାମ କରି, ଦାରିଦ୍ର୍ୟର କଷାଘାତ ଭିତରେ କେବେ ଆଣ୍ଠୁ ମାଡ଼ି, ମାଟି କାମୁଡ଼ି ଲହୁ-ଲୁହାଣ ହୋଇଛ ? ସମାଜରେ ଯେ ଗରିବ, ତାର ବଞ୍ଚିବାର ଦାବୀ ନାହିଁ । ତାର ଭଲ ପାଇବାର ଅଧିକାର ନାହିଁ । କେବେ ଦୁନିଆରେ ଏଥିପାଇଁ ବଡ଼ ଲୋକଠାରୁ ଅପମାନ ପାଇଚ ? ଚାବୁକ ଖାଇଚ ? ଦୁଆର ମୁହଁରୁ ତଡ଼ା ଖାଇଛ ? ଘର ଭିତରୁ ଗଳାଧକ୍କା ଖାଇଛ ? କହୁ କହୁ ସୁଧାକରର ଜଙ୍ଗଲାକୃତି ଶ୍ମଶ୍ରୁଳ ମୁହଁ କ୍ରୋଧରେ, ଉତ୍ତେଜନାରେ ରକ୍ତାଭ ହୋଇଉଠିଲା । ତା ଅଜାଣତରେ ତା ହାତ ମୁଷ୍ଟିବଦ୍ଧ ହୋଇଉଠିଲା । ସତେ ଯେପରି ସେ କାହାକୁ ପାଖରେ ପାଇଲେ ଏଇକ୍ଷଣି ଢ଼ ଘୁଷା ମାରି ପ୍ରାଣ ନେଇନେବ ।

ଭୟରେ ଥରିଉଠିଲି ମୁଁ ! ସୁଧାକରର ଏ କି ଭୟଙ୍କର ରୂପ ! କହିଲି, : ଏପରି କ୍ଷିପ୍ତ ହୋଇଉଠୁଛ କାହିଁକି ? କ'ଣ ହୋଇଛି ?

: କିଛି ହୋଇଛି, ତା ନ ହେଲେ ମୁଁ ଜେଲ ଭୋଗୁଥାନ୍ତି କାହିଁକି ? ଆମ ଗାଁର ଜମିଦାର ଆନନ୍ଦ ବକ୍‌ସି ପାଣଙ୍କୁ ଦମ୍ଭ କରି ଦାଆ ଝାଡ଼ିଦେଇଛି । ଆଉ ସେଇ ଅପରାଧରେ ଜେଲ୍ ଭୋଗୁଛି । ତୁମ ନିର୍ଲଜ୍ଜ ଭଗବାନ ଯେପରି ଦେଖୁଛ,

ତୁମ ସମାଜର ଏଇ ସାମନ୍ତବାଦୀ ଆଇନ ଅଦାଲତ ସେ ସବୁ ଜାଲିଯାନ୍ତ ଜୁଆଚୋର୍ । ସବୁ ମାରି ପିଟି ଛାରଖାର କରିଦେବାକୁ ହେବ, ସବୁ ଧ୍ୱଂସ କରିବାକୁ ହେବ । ଅନ୍ୟାୟର ଶାସନ, ବଡ଼ଲୋକର ଅତ୍ୟାଚାର, ଥିଲାବାଲାର ଏ ଦୁନିଆ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିବାକୁ ହେବ । ସାମ୍ରାଜ୍ୟବାଦକୁ ବିପ୍ଳବର ବାରୁଦ ଲଗାଇ ପୋଡ଼ି ଜାଳି ଦେବାକୁ ହେବ । ମୁଁ ମଣିଷ ନୁହେଁ ? ଗରିବ ବୋଲି ମୋର ରକ୍ତ ନାହିଁ ? ମୋର ସମ୍ମାନ ନାହିଁ ? ଆତ୍ମମର୍ଯ୍ୟାଦା ନାହିଁ ? ଗରିବର ଯଦି କିଛି ନାହିଁ, କହିବାର ସ୍ୱାଧୀନତା ନାହିଁ, ଭଲ ପାଇବାର ଅଧିକାର ନାହିଁ, ତେବେ ତୁମ ଭଗବାନ କାହିଁକି ଜନ୍ମ ଦେଲା ମତେ ? ମୋ ପରି ଲକ୍ଷ-ସହସ୍ର ଲୋକଙ୍କୁ କାଙ୍ଗାଳର ଭିକ୍ଷାବୃତ୍ତି ଭିତରେ ହାଇ ହାଇ କରି ମରିବାକୁ ?

ଅଛି ଭଗବାନ ?

ତୁମ ନ୍ୟାୟର ଭଗବାନ, ତୁମ ଦୟାର ଭଗବାନ, ତୁମ ସତ୍ୟ-ଶିବ-ସୁନ୍ଦରର ସୌଭାଗ୍ୟବନ୍ତ ଭଗବାନ ! ଅଛି ? ଅଛି ଯଦି ମତେ ଦେଖେଇ ଦିଅ—ମୁଁ ତା କାନଟା ଧରି ଆଚ୍ଛାକରି ରଗଡ଼ି ଥରେ ପଚାରେ—ମଣିଷର ଆତ୍ମା ରୂପରେ ଯଦି ତୁମେ ବିରାଜ କରୁଛ, ତାହେଲେ ଜଣକୁ କୋଟିପତି କରି ଆଉ ଜଣକୁ କାଙ୍ଗାଳ କରୁଛ କାହିଁକି ? ଏ ଅବିଚାରର କୈଫିୟତ ତୁମେ ନ ଦେଲେ ତୁମକୁ ଛାଡ଼ିବ କିଏ ? ମାନିବ କିଏ ?

କହି କିଛିଏ ଅଟିଯାଇ ନିଃଶ୍ୱାସ ମାରି ଦମ୍ ନେଇ ପୁଣି କହିଲି ସୁଧ କରି—ବନ୍ଦନା ମତେ ଭଲ ପାଇଥିଲା, ସେ କ'ଣ ମୋର ଦୋଷ ? ବକ୍‌ସି ପାଟଙ୍କର ଅଲିଅଳି ଝିଅ ବନ୍ଦନାର ପାଠ ପଢ଼ାଇବା, ଦରମାଖିଆ ଚାକର ମୁଁ ହୋଇପାରେ, କିନ୍ତୁ ବନ୍ଦନାର ପବିତ୍ର ଭଲ ପାଇବାର ସୁଯୋଗ୍ୟ ସ୍ୱାମୀ ହୋଇପାରେନା । କାରଣ ମୁଁ ଗରିବ । ମୋର ଏକର ଏକର ଜମି ନାହିଁ, ବାଗ୍‌ବଗିଚା ନାହିଁ, ସୁନ୍ଦର କୋଠାଘର ନାହିଁ । ସାମନ୍ତରାଜ ବଂଶ ପରି ବୁନିଆଦି ଘରର କୁଳରତ୍ନ ହେଲେ ବି ମୋ ବାପା ଗରିବ । ଲଙ୍ଗଳ ଧରି କ୍ଷେତରେ ଖଟି ମୋ ବାପା ତୁଣ୍ଡଝାଳ ମୁଣ୍ଡରେ ମାରି ମତେ ପାଠ ପଢ଼େଇ ଶିକ୍ଷିତ କରିଥିଲେ ବି ମୋର ବଡ଼ ସରକାରୀ ଚାକିରି ନାହିଁ । ମାଟି କାନ୍ଥର କୁଟା ଛପର ଘରେ ମୁଁ ପେଜ ପଖାଳ ଖାଇ ଦିନ କାଟେ । ବନ୍ଦନାକୁ ଭଲ ପାଇବା ମୋର ଏକ ଆସ୍ପର୍ଦ୍ଧା । ଆଉ ଯେତେ-ବେଳେ ବନ୍ଦନା ନିଜ ମୁହଁରେ ମୋ ପ୍ରତି ତା ଦୁର୍ବଳତା କଥା ପ୍ରକାଶ କଲା, ସେତେବେଳେ ତାର ଫଳ ହେଲା···ଅଲିଅଳି ଝିଅର ଦୋଷ ନ ବାଛି ମୋ ପ୍ରତି ଭର୍ତ୍ସନା । ଆଉ ·ଗଳାଧକ୍‌କା । ଏ ଅନ୍ୟାୟ ସହିବାର କୌଣସି କାରଣ ଦେଖିଲି ନାହିଁ । ପ୍ରତିବାଦ କଲି କେବଳ ମୁହଁରେ ନୁହେଁ, ବଜ୍ରମୁଷ୍ଟିର ଆଘାତରେ । ତାର ପରିଣାମ ଏ ଜେଲଭୋଗ ।

: ବନ୍ଦନା କିଛି କହିଲା ନାହିଁ ?

: କହିବାର ସୁଯୋଗ ନ ଥିଲା ତାର । ପରେ ଲୁଚକରି ଆସି ମତେ ଥରେ ହାଜତରେ ସାକ୍ଷାତ କରି ଯାଇଥିଲା । ମୁଁ କିନ୍ତୁ ପସନ୍ଦ କଲି ନାହିଁ ସେସବୁ ।

: ତା ପରେ ?

: ତା ପରେ ବନ୍ଦନା ଅବଶ୍ୟ ଆଉ ଜେଲକୁ ଆସି ନାହିଁ । ମତେ କିନ୍ତୁ ଚିଠି ଦିଏ ମଝିରେ ମଝିରେ । ମୁଁ ଉତ୍ତର ଦିଏ ନାହିଁ । ତେବେ ବି ସେ ଦିଏ ।

: ଏଇ ଜେଲ୍‌କୁ ? ମୁଁ ଆଶ୍ଚର୍ଯ୍ୟରେ ପଚାରିଲି ।

: ହଁ, ଏଇଠିକି । ଲମ୍ବା ଚଉଡ଼ା ଚିଠି । ମନ ହେଲେ କେବେ ପଢ଼େ । କେବେ ଚିରି ଫୋପାଡ଼ିଦିଏ ।

: କ'ଣ ଲେଖାଥାଏ ସେ ଚିଠିରେ ?

: କହିଲି ପରି କିଛି ନୁହେଁ । କାରଣ ମୁଁ ଭାବେ ସେସବୁ ଛଳନା, ସେସବୁ ଠକାମି, ସେସବୁ ପ୍ରତାରଣା । ଯାହାର ବାପ ବଡ଼ଲୋକର ଅହଙ୍କାରରେ ଗରିବ ମଣିଷକୁ କୁକୁରଠୁ ବଳି ହୀନ ଦୃଷ୍ଟିରେ ଦେଖେ, ତାର ଝିଅ କେବେହେଲେ ତା ଦରିଦ୍ରର ସଂସାରକୁ ଭଲ ପାଇପାରେନା ।

: ନା ନା, ନାରୀର ଭଲ ପାଇବା କେବେ ପ୍ରତାରଣାପୂର୍ଣ୍ଣ ହୋଇ-ପାରେନା । ମୁଁ ପ୍ରତିବାଦ କଲି ।

: ହସିଉଠିଲା ସୁଧାକର । ରହସ୍ୟ କରି କହିଲା—ହୋଇପାରେନା ବୋଲି ବନ୍ଦନା ଗୋଟିଏ ବଡ଼ଲୋକର ବେଶ୍ୟାସକ୍ତ ମଦ୍ୟପ କୁଳଚନ୍ଦ୍ରକୁ ବାପାଙ୍କ କଥାରେ ପୁନା ଝିଅଟି ପରି ବିବାହ କରିଛି । ଆଉ ଶୁଣିପାରୁଛ, ତାର ବିବାହିତ ସ୍ୱାମୀ କେବେ ପୁରୀର ଚୂଡ଼ଙ୍ଗ ସାହିରେ, କେବେ କଟକର ମସ୍‌ଜିଦ୍ ଗଳିରେ ବା କଲିକତାର ହାଡ଼କଟା ଲେନ୍‌ରେ ବେକରେ ମଲ୍ଲୀମାଳ ପକେଇ ଯେତେବେଳେ ହାଇଜା ଖୋଜିବୁଲନ୍ତି, ସନ୍ଧ୍ୟାର ଅନ୍ଧକାରରେ, ବନ୍ଦନା ସେତେବେଳେ ହୁଏତ ପୁରୀର ସମୁଦ୍ରକୂଳରେ ତରୁଣ ଯୁବକ ନେଇ ହାଉଆ ଖାଇ ବୁଲେ କିମ୍ବା କଟକର ସିନେମାଗୃହରେ ସ୍ୱାମୀର କୌଣସି ଲୋଫର୍ ବନ୍ଧୁ ସାଙ୍ଗରେ ପ୍ରେମର ସ୍ୱପ୍ନ ଦେଖେ କିମ୍ବା କଲିକତାର କୌଣସି ସମ୍ଭ୍ରାନ୍ତ ହୋଟେଲରେ ପାର୍ଟିରେ ଯୋଗଦେଇ ଅର୍କେଷ୍ଟ୍ରା ଛନ୍ଦରେ ଡାନ୍‌ସ କରେ । ଆଉ ଫୂର୍ତ୍ତିର ଦିନ ଗୁଡ଼ିକର ଆନନ୍ଦ-ପ୍ରବାହ ଭିତରେ ଯେତେବେଳେ ମଝିରେ କେବେ କେବେ ସ୍ୱପ୍ନ ଭାଙ୍ଗିଯାଏ ହୁଏତ ମନେ ପଡ଼ିଯାଏ

ମୁଁ ! ତା ପରେ ଲେଖିବସେ ଚଠି । କେତେଗୁଡ଼ାଏ ଏଣୁ ତେଣୁ କଥା ଭିତରେ ତା' ସମ୍ପଦଶାଳୀ ସ୍ୱାମୀର କୀର୍ତ୍ତି କାହାଣୀ ! ତାର ସ୍ୱେଚ୍ଛାଚାରିତା, ଆଉ ଜୀବନକୁ ବେପରୁଆ ଭାବେ ଭୋଗ କରି ଚାଲିବା ବ୍ୟଭିଚାରର କୁତ୍ସିତ ରୂପ !

: ଏସବୁ ଲେଖିପାରେ !

: ହଁ, ପାରେ; କାରଣ ସେଇ ଲେଖିପାରିବା ଭିତରେ ସେ ତା ଅହଙ୍କୃତ ମନର ଗୋଟାଏ କଦର୍ଯ୍ୟ ଦିଗ ଦେଖାଇ ମତେ ଉପହାସ କରିବାକୁ ଚେଷ୍ଟା କରେ । ମତେ ଅପମାନିତ କରିବାକୁ ଚେଷ୍ଟା କରେ । ଜଣାଇଦିଏ ଏତେ ସମ୍ଭୋଗ ଭିତରେ ସେ ମତେ ଭୁଲିନି । ସେ ମୋ ପ୍ରେମକୁ ଭୁଲିନି । ମୋ ପରିବାରକୁ ଭୁଲିନି । ମଝିରେ ମଝିରେ ମୋ ଦରିଦ୍ର ସଂସାରକୁ ସେ ଆର୍ଥିକ ସାହାଯ୍ୟ କରୁଛି, ଯା ବି ଜଣାଏ । ତା ଉଦାର ହୃଦୟର ପରିଚୟ ଦିଏ । କହି ଟିକିଏ ରହିଯାଇ କହିଲା ସୁଧାକର—ଆଉ ଜାଣ ଉମାକାନ୍ତ ବାବୁ, ମୁଁ ଜେଲ୍‌ରୁ ଖଲାସ ହେଲେ ତାର ଏଇ ଆର୍ଥିକ ଦାନର କି ପ୍ରତିଦାନ ଦେବି ! ମତେ ଗରିବ ଜାଣି ମୋ ମା'କୁ ତା ଔଦ୍ଧତ୍ୟର ଶିକାର କରିବାର ପ୍ରତିଶୋଧ କି ନିର୍ମମ ଭାବରେ ନେବି ଜାଣ ? କ'ଣ କରିବି ଆନୁମାନ କରିପାରୁଛ ?

: କ'ଣ କରିବ ?

: ନା, ଥାଉ । ମୁଁ କମ୍ୟୁନିଷ୍ଟ । ମୋର କାହା ଆଗରେ କ'ଣ କରିବି ପ୍ରକାଶ କରିବା କଥା ନୁହେଁ । କହି ସୁଧାକର ଗୋଟାଏ ପ୍ରବଳ ଉତ୍ତେଜନାରେ ଉଠିପଡ଼େ ।

ମୁଁ ବସିରହେ ।

ଭାବିଚାଲେ······

ବନ୍ଦନାର ଏ କି ଭଲ ପାଇବାର ଢଙ୍ଗ ?

ସୁଧାକରକୁ ତା ଜୀବନରେ ଆଉ କେବେ ନ ପାଇବାର ଅବଶୋଷରେ ସେ କ'ଣ ବ୍ୟଭିଚାରର ରସାତଳକୁ ଓହ୍ଲେଇଯାଇ ଏଇପରି ଭାବରେ ନିଜର ସର୍ବନାଶ କରୁଛି ?

କିଏ କହିପାରେ ?

ହୁଏତ ସେଇଆ !

ତେବେ ଆରତି, ସେହିପରି ରୌରବର ନର୍କକୁ ଓହ୍ଲେଇ ଯାଇନି ବି ?

ମୋ ଆଖି ଆଗରେ ଆରତିକୁ କେନ୍ଦ୍ରକରି ଗୋଟାଏ କଦର୍ଯ୍ୟ ବୀଭତ୍ସ ଦୃଶ୍ୟ ଖେଳିଯାଏ ।

ମୁଁ ଆଉ ଭାବିପାରେନା ।

## ॥ ୨୩ ॥

ସମୟର ସ୍ରୋତ ମୁହଁରେ ମୋ ଜେଲ-ଜୀବନର ପ୍ରତିଟି ମୁହୂର୍ତ୍ତ ଭାବନାର ଦୁଶ୍ଚିନ୍ତା ଭିତରେ ଦିନ ଦିନ, ମାସ ମାସ ହୋଇ ବଢିଯିବାକୁ ଲାଗିଲା ।

ଦିନ ଗଣତିରେ ଭୁଲ୍ ହେଉ ନାହିଁ ତ !

ଏତେଗୁଡ଼ାଏ ଦିନ କଟିଗଲା ଏ ଭିତରେ !

ଆଶ୍ଚର୍ଯ୍ୟ !

କାଲି ପରି ଲାଗୁଛି !

ତେବେ ବି ତିନିଶ ଷାଠିଏ ଦିନ…

ଆଉ ମାତ୍ର ଚାରି-ପାଞ୍ଚଟା ଦିନ ପରେ ବର୍ଷେ ପୂରିଯିବ ।

ଏ ଭିତରେ କିଛି ଦିନ ତଳେ ଆଗ ପଛ ହୋଇ ଚାରି ଜଣ ଆସାମୀ ଖଲାସ ପାଇ ଚାଲି ଯାଇଛନ୍ତି । ଆଉ ଅଛି ଜଣେ । ଏ ଆମର ସେଇ ଜୁଆଡ଼ୀ ବନ୍ଧୁ ।

: ଆଉରି ଅନେକଗୁଡ଼ାଏ ଦିନ ମୋର ବାକି । ସେ କହିଲା ।

କହିଲି : ତା ବି କଟିଯିବ । ସମୟ କାହାପାଇଁ ରହେ ନାହିଁ ।

: ତା ଅବଶ୍ୟ ରହେ ନାହିଁ; କିନ୍ତୁ ମୁଁ ଖଲାସ ପାଇଲେ କୁଆଡ଼େ ଯିବି ? କଟକରେ ରହିବା ମୋ ପକ୍ଷେ ସମ୍ଭବ ହେବ ନାହିଁ । ମୁଁ ଯାହାକୁ ଛୁରୀ ଭୁଷିଥିଲି, ସେ ହୁଏତ ତରଓ୍ୱାଲ୍ ନେଇ ବସିଥିବ । ଦାଉ ସାଧିବାକୁ ଛକି ବସିଥିବ । ମତେ ଦାଉରେ ପାଇଲେଇ ନେବ ପ୍ରତିଶୋଧ ।

ମୁଁ କହିଲି, ଇମିତି କାହିଁକି ଭାବୁଛ ? ତୁମେ ଜେଲ୍ ଭୋଗିଲ, ଶାସ୍ତି ପାଇଲ । ଏଇଥିରେଇ ହୁଏତ ତା ମନରୁ ତୁମ ପ୍ରତି ରାଗ କମିଯିବଣି । ସେ ଭୁଲିଯିବଣି ତୁମର ଅପରାଧ । ହୁଏତ ଦେଖିବ, ସେ ପ୍ରଥମେ ଆସି ତୁମକୁ ଜେଲ୍ ଫାଟକ ପାଖରୁ ପାଛୋଟି ନେବ ।

ସେ ଏକ ଦୀର୍ଘନିଃଶ୍ୱାସ ଛାଡ଼ିଲା । କହିଲା : ରାତି ପାହିଲେ ତୁମେ ଖଲାସ ହେବ । କ'ଣ କରିବ ଯାଇଁ ? ପଢ଼ିବ ?

ଟିକିଏ ହସିଲି ।

: ହସିଲ କାହିଁକି ? ସେ ପଚାରିଲା ।

: ହସ ମାଡ଼ିଲା ।

ସେ ମୁହଁକୁ ଚାହିଁଲା । କହିଲା : ଏ ହସଟା କିନ୍ତୁ ମୁହଁକୁ ବଡ଼ ଭୟଙ୍କର ଦେଖାଯାଉଛି । ଦାଢ଼ିଗୁଡ଼ାକ ଆଗ ଯାଇ କାଟି ପକାଇବ ।

: ଦାଢ଼ି ? ସତେ ତ ଏ ଭିତରେ ଗୁଡ଼ାଏ ଦାଢ଼ି ହୋଇଯାଇଛି ମୋ ମୁହଁରେ । ହାତ ମାରି ଗାଲ ସାରି ସବୁ ଥରେ ଦେଖିଗଲି । କେମିତି ଦେଖା-ଯାଉଛି ? ମୁହଁଟା ଥରେ ଆଇନାରେ ଦେଖିବାକୁ ଇଚ୍ଛାହେଲା ।

: ଆଇନା ଏଠି କାହିଁ ? ଏଠୁ ଖଲାସ ହେଲେ ଭଣ୍ଡାରି ପାଖରେ ବସି ବାଳ କାଟିବାବେଳେ ଦେଖିବ ।

: କଦର୍ଯ୍ୟ ଦେଖାଯାଉଛି ନା ?

: ହୁଁ ।

: ବାବାଙ୍କ ପରି ?

: ନା, ନା, ପାଗଳ ପରି । ସେ କହି ହୋ-ହୋ କରି ହସିଉଠିଲା ।

: ପାଗଳ ? ମୁଁ ମନକୁ ମନ ଶବ୍ଦଟା ଉଚ୍ଚାରଣ କଲି, ପା-ଗ-ଳ । ଆଚ୍ଛା କହିପାରିବ, ମୁଁ ତା ମୁହଁକୁ ବଲବଲ କରି ଚାହିଁ ପଚାରିଲି : ଏ ଦାଢ଼ିଟା ମୋ ଜେଲ୍-ଜୀବନର ସ୍ମୃତିରୂପେ ସାଇତି ରଖିଲେ କ୍ଷତି କ'ଣ ?

: ତାହେଲେ ମନେ ହେଉଛି, ତୁମେ ଆଉ ଘରକୁ ଫେରିବନି ।

: ଉଁ ! ମୁଁ ଚୁପହୋଇ ବସିପଡ଼ିଲି ।

: ବୋଧହୁଏ ଘରକୁ ଫେରିବନି !

: କିଛି ଠିକ୍ କରିନି ।

: ଠିକ୍ କରି ଗୋଟାଏ କିଛି । ରାତି ପାହିଲେ ଯେ ଖଲାସ ପାଇବ । ସେ କହି ଉଠି ଚାଲି ଯାଉ ଯାଉ ଦୁଆର ମୁହଁରେ ମୋ ଆଡ଼କୁ ଟିକିଏ ଫେରିପଡ଼ି ପଚାରିଲା : ମୋ ସାଙ୍ଗକୁ ଆଉ କେହି ଏ ଘରକୁ ଆସିବନି ନା କ'ଣ ? କାଲିଠୁ ଏ ଘରେ ମୁଁ ଏକା ରହିବି ? କଟକରେ ଅପରାଧ ମାତ୍ରା କମିଗଲା ନା କ'ଣ ? ଆମେଇ କ'ଣ ଏ ସହରର ଶେଷ ଅପରାଧୀ ? ଏହା କହି ମୋ ଉତ୍ତରକୁ ଅପେକ୍ଷା ନ ରଖି ସେ ଚାଲିଗଲା ।

: ମୁଁ ହିଁ ତାହେଲେ ଶେଷ ଅପରାଧୀ ! ମୋ ଆଗରୁ ଏମାନେ ସମସ୍ତେ ଆସିଥିଲେ । ସମସ୍ତଙ୍କ ଶେଷରେ ତ ମୁଁ !! ତେବେ···

ହଠାତ୍ ଗୋଟାଏ ଝଟ୍‌କାରେ ଉଠି ଠିଆ ହୋଇପଡ଼ିଲି । ଚାଲି ଚାଲି ହୋଇ ଜେଲର ବାବୁଙ୍କ ଅଫିସ ଭିତରକୁ ଆସିଲି ।

: କଣେ କହୁଛ ? ଜେଲର୍ ବାବୁ ମୋ ଅପ୍ରତ୍ୟାଶିତ ଆବିର୍ଭାବରେ ଚମକି ଉଠିଲା ପରି ପଚାରିଲେ : ଆସ, ଭିତରକୁ ଆସ ।

: କିଛି ନାହିଁ, ମୋର ଗୋଟିଏ ସାମାନ୍ୟ ଅନୁରୋଧ । କାଲି ବୋଧହୁଏ ମୁଁ ଛାଡ଼ ପାଇବି ?

: ହଁ । କ'ଣ ଲେଖୁ ଲେଖୁ ଜେଲର୍ ବାବୁ କହିଲେ ।

: କେତେବେଳେ ଛାଡ଼ ପାଇବି କହିପାରିବେ ?

: ସକାଳ ଆଠଟା ପରେ ।

: ଦିନବେଳେ ମତେ ନ ଛାଡ଼ି ସନ୍ଧ୍ୟା ପରେ ରାତିର ଅନ୍ଧାର ଭିତରେ ମତେ ମୁକ୍ତି ଦେଇପାରିବେ ନାହିଁ ?

: ନା, ନା, ତୁମ ମିଲ୍‌ର ବନ୍ଦୋବସ୍ତ ହେବ କିପରି ? କିନ୍ତୁ କାହିଁକି ? ଆଠଟାରେ ଯିବାକୁ ତୁମେ ମନା କରୁଛ କାହିଁକି ?

: ବିଶେଷ କିଛି ନାହିଁ । ମୁଁ କାଲି ଛାଡ଼ ପାଇବି । ହୁଏତ ବାପା ଦିନ ଗଣିଠି କରି ରଖିଥିବେ । ମତେ ଜେଲ୍ ଫାଟକ ପାଖରୁ ଧରି ନେବାକୁ ଆସିବେ । ହୁଏତ ମୋର କେତେକ କଲେଜପଢ଼ା ବନ୍ଧୁ ବି ଆସିବେ । ସେମାନଙ୍କୁ ଏ ଚେହେରା ନେଇ ଦେଖା ଦେବାକୁ ଚାହେଁନା ।

: ଓ, ବୁଝିଲି । କ'ଣ ଟିକିଏ ମନକୁ ମନ ଭାବିଲା ପରି ଜେଲର୍ ବାବୁ ମୋ ମୁହଁକୁ ଚାହିଁଲେ । ତାପରେ ମିଠା ଗଳାରେ କହିଲେ, ଲାଜ କ'ଣ ? ଇମିତି ହୁଏ । ଜେଲ୍‌ଟା ଲଜ୍ଜାର କଥା ନୁହେଁ···ଏ ଗୋଟାଏ ଶିକ୍ଷା ।

ମୁଁ ଟିକିଏ ହସିଲି । ହୋଇପାରେ—ମୁଁ ବିନମ୍ର କଣ୍ଠରେ କହିଲି, : ଏଠିକି ଶିକ୍ଷା ପାଇବାକୁ ଆସିବା କ'ଣ ଏକ ଗର୍ବର କଥା ଆପଣ କହନ୍ତି ?

: ନା, ନା, ଗର୍ବର ନ ହୋଇପାରେ, ଲଜ୍ଜାର ବି ନୁହେଁ । ମଣିଷ-ଜୀବନର କର୍ମ ସଂକ୍ରାନ୍ତ ଏକ ଶିକ୍ଷା ।

: ତା ହୋଇପାରେ । କିନ୍ତୁ···କହି ମୁଁ ଟିକିଏ ରହିଗଲି ।

ଜେଲର୍ ବାବୁ କହିଲେ—ଆଉ କିଛି କହିବ ?

: ନା । ମୁଁ ଫେରିବାକୁ ଉଦ୍ୟତ ହେଲି ।

ସେ କହିଲେ—ଶୁଣ, ମୁଁ ଗୋଟାଏ କଥା କରିପାରେ ।

ମୁଁ ଛିଡ଼ା ହେଲି ।

: କାଲି ସକାଳର ଲେଖାପଢ଼ି ଯାହା ମୁଁ ଏଇ ସନ୍ଧ୍ୟାରେ କରି ରଖୁଚି । ବଡ଼ି ଭୋରରୁ ତମକୁ ଛାଡ଼ିଦେବା ପାଇଁ ମୁଁ ନିର୍ଦ୍ଦେଶ ଦେଇ ରଖୁଚି । ହେବ ତ ?

: ଧନ୍ୟବାଦ । ମୁଁ ଶ୍ରଦ୍ଧାରେ ନମସ୍କାର କଲି ।

ସେ ବି ଟିକିଏ ହାତ ଉଠାଇଦେଲେ ।

କୋଠରି ଭିତରକୁ ଫେରିଆସି କୁଆଡ଼େ ଯିବି, କ'ଣ କରିବି ସବୁ କିଛି ଠିକ୍ କରିନେଲି ।

ଘଡ଼ିଟା ନିଶ୍ଚିନ୍ତରେ ଶୋଇଲି ।

ପାହାନ୍ତାକୁ ଘୁଅଁ ନିଦ ଭାଙ୍ଗିଗଲା ।

ବାହାରକୁ ଆସି ଠିଆ ହେଲି ।

ଜେଲପ୍ରହରୀ ଶୋଇଥିଲା ଅଫିସ ଘର ଦୁଆର ମୁହଁରେ । ଧୀରେ ଧୀରେ ତାକୁ ଡାକି ଉଠାଇଲି ।

: ହଁ, ହଁ, ଯିବ ପରା ତୁମେ ! ଯାଅ, ଫାଟକ ଖୋଲି ଦଉଚି ମୁଁ ।

ସେ ଫାଟକ ଖୋଲିଦେଲା ।

କଟକର ଶାନ୍ତ ପ୍ରଭାତ ।

ସିନ୍ଦୂରି ଫାଟିନି । ଫରଚ୍ଚ ହେଇଆସୁଚି ।

: ଆଅ, ଯାଏ । ପ୍ରହରୀ ଉଦ୍ଦେଶ୍ୟରେ ଅର୍ଦ୍ଧସ୍ୱଗତ କଣ୍ଠରେ କେତେ ପଦ କହି ରାସ୍ତା ଉପରକୁ ପାଦ ବଢ଼େଇଲି ।

ଦ ପାହୁଣ୍ଡ ଆଗେଇଗଲି ।

ସେଇ ନାଲି ସଡ଼କ । ସେଇ ଅଳିଆ ଗଦା । ସେଇ ଖଣ୍ଡିଆ ଖାବରା ଘୁଲଘର ମଝିରେ ମଝିରେ କରାଙ୍କିଣ୍ଟ କୋଠାର ନମୀୟା ରୂପ ! ଊଲ ଊଲ

ଚାଲିଲି । ମୁହଁରେ ହାତ ବୁଲାଇ ଦାଢ଼ିକୁ ଥରେ ଦେଖିଲି । ଦେହରେ ବର୍ଷକ ତଳର ସେଇ ମଇଳା କୋଟଟ କାମିଜ । ଲୁଗାଟା ବି ସେଇ ପୁରୁଣା ଧୋତରା । ଗୋଡ଼ରେ ଜୋତା ନାହିଁ । ଚପଲ୍ ହଳେ ପିନ୍ଧି ହାଜତ ଘରକୁ ଯାଇଥିଲି । ଏ ଭିତରେ ସେ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଯାଇଛି । ଛୁଟି ନେଇଚି ମୋ ଅଜାଣତରେ ।

ଚାରିଆଡ଼କୁ ଥରେ ଚାହିଁଲି । ସାମନାରୁ ଗୋଟାଏ ହାତଟଣା ରିକ୍ସା ଆସୁଛି । ଘୁମେଇ ଘୁମେଇ ଚାଲିଛି ସେ । ପାହାନ୍ତା ପହରର ଅଳସ ନିଦ ତା ଆଖିପତାରେ । ପେଟ ପାଇଁ ଦୌଡ଼ୁଛି । ସବାରଟିଏ ପାଇଛି । ଅଣେ ଦି'ଅଣା ମିଳିଯିବ । ଚୌଧୁରୀ ବଜାର ଛକ କଡ଼କୁ ଜଗା ସାହୁ ଦୋକାନରେ ଅଫିମ ପକେଇ ବରା ଗୁଲୁଗୁଲା ସାଙ୍ଗକୁ ଚା ଗିଲାସେ ଖାଇବାକୁ ପଇସା ମିଳିଯିବ ସକାଳୁ ସକାଳୁ ।

ସିନ୍ଦୂର ଫାଟିଆସୁଛି । ତରବର ହୋଇ ଆଗେଇ ଚାଲିଲି ।

କିନ୍ତୁ ଯିବି କୁଆଡ଼େ ?

ଅନେକ ବାଟ ତ ଚାଲି ଆସିଲିଣି । ରାଣୀହାଟ କେନାଲ ପାଖ ହୋଇଗଲାଣି । ଏଣେ ସିଧା ଗଲେ ଷ୍ଟେସନକୁ ରାସ୍ତା ଆଗରେ କଲେଜ ।

ନୂଆଁଣିଆ ଚାଳଘର ବଖରାଏ । ଟିକିଏ ଠିଆହେଲି । ସକାଳ ଆଲୁଅରେ କଲେଜ କୋଠାର ଗୈରିକ ରୂପ । ଧ୍ୟାନମଗ୍ନ ଋଷି ପରି ଜ୍ଞାନର ଅହଂକୃତ ଦର୍ପ ନେଇ ଠିଆହୋଇଛି । ହତା ଭିତରେ ଗଛପତ୍ରର ସେଇ ସବୁଜ ସମାରୋହ । କାଠଚମ୍ପା ଗଛର ଫୁଲ୍ ମହକ ଯେପରି ଏତେ ଦୂରକୁ ବି କାଲୁଆ ପବନରେ ଭାସିଆସି ନାକରେ ବାଜୁଛି । ଗୋଡ଼ିବାଣ ଫୁଲର ଶିଖାୟିତ ସୌନ୍ଦର୍ଯ୍ୟ ଉଦୀୟମାନ ଅରୁଣିମାରେ ଝଲସୁଛି । କେତେ ବାସନାର ରଙ୍ଗୀନ୍ କଳ୍ପନା ନେଇ ଏଇ କଲେଜରେ ପ୍ରଥମେ ଆସି ନାଁ ଲେଖେଇ ନ ଥିଲି ! କୁଆଡ଼େ ଗଲା ସବୁ ? କୁଆଡ଼େ ଗଲା ସେ ସ୍ୱପ୍ନର କୋଣାର୍କ ! କୁଆଡ଼େ ଗଲା ସେ କଳ୍ପନାର ତାଜମହଲ ! ସବୁ ଭାଙ୍ଗି ଚୂରମାର୍ ହୋଇଗଲା । ବସନ୍ତର ସବୁଜିମାକୁ ନିଦାଘର ମରୁଝାଞ୍ଜି କାଳି ପୋଡ଼ି ଭସ୍ମୀକରି ଦେଲାପରି ସମସ୍ତ ଜୀବନର ଉତ୍ସବ ଅଧିବାସ କେଉଁ ଅନ୍ଧକାରରେ ବିଲୁପ୍ତ ହୋଇଗଲା···ସବୁ ଗଲା, ସବୁ ଶେଷ ହୋଇଗଲା ।

ଗୋଟାଏ ଦୀର୍ଘଶ୍ୱାସ ଛାଡ଼ି ତଳକୁ ମୁହଁ ପୋତି ଷ୍ଟେସନ ଅଭିମୁଖେ ଚାଲିଲି ।

ଷ୍ଟେସନ ବାହାରେ ଯାତ୍ରୀଙ୍କ ଭିଡ଼ । ରିକ୍ସାବାଲା ଡାକ ଛାଡ଼ୁଛନ୍ତି । ରାସ୍ତାର ସେପାଖ କଡ଼କୁ ଦି'ଟା ରେଗିଣା ଘୋଡ଼ା-ଯୋଚା ଫିଟନ ଗାଡ଼ିଟାଏ

ଠିଆହୋଇଛି । ଗୋଟାଏ କି ଟ୍ରେନ ଆସି ଲାଗିଛି ପ୍ଲାଟଫର୍ମରେ । ଭିତରକୁ ଯାଇ ହବ ନାହିଁ । ହୁଇଲର୍ ବୁକ୍‌ଷ୍ଟଲ ପାଖରେ ଠିଆ ହେଲି । ସକାଳ ଏକ୍ସପ୍ରେସ୍‌ରେ କାଗଜ ଆସିଛି । ଅମୃତବଜାର ପତ୍ରିକାଟା ଟାଣିନେଇ ଦେଖିଲି ।

ଦେଖି ଚାଲିଛି ପୃଷ୍ଠା ପରେ ପୃଷ୍ଠା ଓଲଟାଇ ।

: କାଗଜଟା ନେବେ ?

: ଏଁ ! ଷ୍ଟଲ୍‌ବାଲାର ପ୍ରଶ୍ନରେ ମୁଁ ଚମକି ଉଠିଲି ।

: କାଗଜଟା ନେବେ ?

: ହଁ । ମୁଁ ପକେଟରେ ହାତ ଗଳେଇଦେଲି । ଆରେ, କାଣି କଉଡ଼ିଟିଏ ଚେ ନାହିଁ ପାଖରେ ! ଲାଜରେ ମୁହଁ ଲାଲ ପଡ଼ିଗଲା । ଛି, ଛି, କି ଅପଦସ୍ତ !

: ନେବେ ନାହିଁ ଯଦି କାଗଜ ରଖିଦିଅନ୍ତୁ । ଛୁଡ଼ା ଛୁଡ଼ାରେ କାଗଜଟା ମାଗଣା ପଢ଼ିଦେବା ପାଇଁ ଷ୍ଟଲ୍ ଖୋଲା ହୋଇଛି ? ହାତରୁ କାଗଜଟା ଝିଙ୍କି-ନେଲା ଷ୍ଟଲ୍‌ବାଲା ।

ଦୂରେଇ ଛିଡ଼ାହେଲି । ଭିଡ଼ କମିଯାଇଛି । ଟିକଟ କଲେକ୍ଟର ଗେଟ୍ ଛାଡ଼ି ଚାଲିଗଲାଣି । ଏଥର ଷ୍ଟେସନ ଭିତରକୁ ଗଲେ କିଛି ନାହିଁ । ଇଣ୍ଟରକ୍ଲାସ ଓ୍ୱେଟିଙ୍ଗ ରୁମ୍ ପାଖକୁ ଆସି ପାଇପ୍ ଖୋଲି ଚଳ ଚଳ ପାଣି ମୁହଁରେ ଛାଟି ଧୂଆ-ଧୋଇ ହେଲି । ହୋଟଲବାଲା ପାଖରୁ ଖଣ୍ଡେ ଦାନ୍ତକାଠି ମାଗି ଘଷିଲି । ନ ଗାଧୋଇଲେ ଚଳିବ । ପାଲଟିବାକୁ ବା ଲୁଗା କାହିଁ ? ନା, ଏଇ ବେଶ୍ ଅଛି । କାଲି ତ ଗାଧୋଇଛି···

କିନ୍ତୁ ଭୋକ ଯେ ହେଲାଣି । କାଲି ରାତିରେ କିଛି ନ ଖାଇ ସକାଳ ହେଲେ ଜେଲ୍‌ରୁ ଖଲାସ ପାଇବା ଆନନ୍ଦରେ ଶୋଇପଡ଼ିଥିଲି । ମୁକ୍ତି ତ ପାଇଲି, ହେଲେ ଉଦରତୃପ୍ତି ହେବ କିପରି ? କିଏ ଦେବ ମତେ ଖାଇବାକୁ ? ପଇସା ପାଇବି କେଉଁଠୁ ?

ସାମ୍‌ନାରେ ଗୋଟାଏ କଲେଜ ପିଲା ଚାଲିଗଲା । ମୋଠୁ ଦୁଇ ବର୍ଷ ସିନିଅର୍ ସେ । କଲେଜରେ ବହୁବାର ଦେଖିଛି । ଚିହ୍ନା ମୁହଁ । କିନ୍ତୁ ସେ ଯଦି ମତେ ଚିହ୍ନି ପକାନ୍ତି ? କିମ୍ବା ଦୋ-ଦୋ ଚିହ୍ନା ହୋଇ ଯଦି ମତେ ନାଁ ପଚାରନ୍ତି ? ନା, ନା, ଅସମ୍ଭବ । ତାଙ୍କୁ ପରିଚୟ ଦେଇ ପଇସା ମାଗିବି ? ସେ ମୋ ଦେଇ ହେବ ନାହିଁ । ତାଠୁ ବରଂ···

: ହେ, କୁଲି ! ମୋ ପଛରେ ଯେମିତି କିଏ ଡାକିଲା ପରି ମନେହେଲା । ଫେରି ଚାହିଁଲି ।

: ଖୁ କୁଲ ନା ?

: ନା ।

: ପାଗଳଟାଏ ନା କ'ଣ ? କୁଲଠାରୁ ତ ଆଉର କଦର୍ଯ୍ୟ ଦେଖା ଯାଉଚ ! ତୁକ୍ ପଇସା ଦେବ, ଗୁଲ୍ ନା କାହାରୁ ମାଲ୍‌ଗୁଡ଼ାଏ ଉଠାଇ ଆଣିବୁ ।

: ପଇସା ଦେବେ ?

: ଆଉ କ'ଣ ମହ୍‌ଲଆରେ ତୁ ଖିଜ୍‌ମତ କରବୁ ?

: କେତେ ମାଲ୍ ଅଛୁ ବାବୁ !

: ଏଇନା କୁଲ ନୋହୁଁ ବୋଲି ମନା କରୁଥିଲୁ ! ପଇସା ଦେବା କଥା କହିଲାରୁ କେତେ ମାଲ୍ ! ଆ, ଆ, ଆସ୍ ମୋ ସାଙ୍ଗରେ ।

ବାବୁ ଆଗେ ଆଗେ ଗୁଲଲେ । ମୁଁ କୁଲି ! ବେଶ୍ କଥା । କିଛୁ ରୋଜଗାର ହେଲେ ହୋଇଯାଉ । ଖାଇବାକୁ ତ ହେବ !

ରାସ୍ତା ଉପରେ ବହୁତ ଗୁଡ଼ାଏ ମାଲ ଜମାହୋଇଚ୍ଛ ଦେଖିଲି । ବୋଟାଇମ୍‌ରେ ବାବୁ ଆସିଚନ୍ତି । ସେଥିପାଇଁ କୁଲି ଖୋଜି ପାଇ ନାହାନ୍ତି ଷ୍ଟେସନରେ ।

: ପାର୍ଶଲ ଘରେ ମାଲସବୁ ଓଜନ ହେବ । କେତେ ନେବୁ କହ ? ବାବୁ ହାକିମିଆ ଗଳାରେ ପଚ୍ଚରଲେ ।

: ଦେଖି ଦେଇଦେବେ ଯାହା । ତେବେ ଏତେଗୁଡ଼ାଏ ଜିନଷ ଏକା ନେଇଯାଇ ପାରବ ?

: ପାଗଳାଟା କରେ ? ଏକା ନେଇଗଲେ ବେଶୀ ପଇସା ପାଇବୁ ବୁଝିପାରୁନୁ ? ଆଉ ଗୋଟାଏ ଆସିଲେ ଭାଗ ନେବନ ତୋଠୁ ?

: ତା ତ ନେବ, କିନ୍ତୁ ଏକା କ'ଣ ପାରବ ?

: ଦେଖ୍ ଦେଖ୍ । ହେମନ୍ତ୍ ବାନ୍ଧ । ଅଣ୍ଡା ଭଡ଼ । ଗାମୁଛା ନାହିଁ ?

: କିଛୁ ନାହିଁ ବାବୁ ! ଖାଲି—ଖାଲି ।

: ଗାମୁଛାଟାଏ ନାହିଁ ? କିନ୍ତୁ ଏଣେ କାମିଜ ପିନ୍ଧା ହେଇଚ । ସେଣେ ପୁଣି ଦାଢ଼ି ଛଡ଼ା ହେଇଚ । ଖାସା ରସିକଟାଏ ତ ଦେଖୁଚ । ହଉ, ଉଠା···

ମନକୁ ମନ ହସ ମାଡ଼ୁଥାଏ । କଳୁ ହସିବାର ଉପାୟ ନାହିଁ । ପଇସା ରୋଜଗାର କରିବାକୁ ହେବ । ଉଠେଇଲି ଥର ଥର କରି । ଆଣି ଜମାକଲି ସବୁ ଜିନଷ ପାର୍ଶଲ ଅଫିସରେ । ଜିନଷ ଓଜନ ହେଲା ।

ମାଲ ବାବୁ କହିଲେ : ଉଁ-ହୁଁ, ଏତେ ଲଗେଜ୍ ତ ସାଙ୍ଗରେ ଯିବନାହିଁ !

: ନା, ନା, ସେକଥା କହିବେ ନାହିଁ ଦୟାକରି । ବାବୁଜଣକ କହିଲେ—କିଛି ତକଲିପ୍ ହେବ ନାହିଁ । ମୁଁ କୁଲି କରି ସବୁ ମୋ ସାଙ୍ଗରେ ଉଠେଇନେବି । ସିଧା ହାଓଡ଼ା ତ ଯିବ…

: ଗଲେ କ'ଣ ହେଲା ! ଟ୍ରେନ ଭାରି ଭିଡ଼ ହେଉଛି, ଲୋକ ବସିବାକୁ ଜାଗା ନାହିଁ, ଏ ମାଲ୍‌ସବୁ ଯିବ କେମିତି ?

: ଲେଖନ୍ତୁ, ଲେଖନ୍ତୁ । କହି, ବାବୁ ଗୋଟାଏ ଟଙ୍କା କାଢ଼ି ଗୁଞ୍ଜିଦେଲେ ମାଲ୍ ବାବୁଙ୍କ ହାତରେ । ତାପରେ ଗୁଳଲି ଖାତା ଉପରେ ପେନ୍‌ସିଲ । ଠିଆ ହୋଇ ସବୁ ଦେଖିଲି ।

ମାଲ ବୁକ୍ ସରିଲା । ବାବୁ ଏଥର ବାହାରକୁ ଆସିଲେ । କହିଲେ, : ଜିନଷଗୁଡ଼ା ଉଠାଇଦବୁ କମ୍ପାର୍ଟମେଣ୍ଟରେ । ଏକାସାଙ୍ଗରେ ବକ୍‌ସିସ୍ ଦେଇଦେବି ।

: ହଉ, ଆଗେ ଦ ଗୁରଣା ଦଆନ୍ତୁ ତ, କିଛି ଖାଏ ।

: ଖାଇବୁ କିଛି ? ନେ, ନେ ! ବାବୁଙ୍କର ବଡ଼ ଦୟା । ଦଅଣା ବଢ଼େଇଦେଲେ ମୋ ଆଡ଼କୁ ।

ଯାହା ମିଳିଲା ! ଷ୍ଟେସନ ବାହାରକୁ ଗଲି । ଗୁଲ ଗୁଲ ହୋଇ କଲେଜ ରାସ୍ତା ଧରିଲି । ସାମ୍‌ନାରେ ଗୋଟାଏ ବଡ଼ ଗୁଲ୍‌ଗୁଲା ଦୋକାନ । ଦଅଣାର ପେଟେ ହେଲା । ଚଳିଯିବ । ଦ ଗିଲାସ ପାଣି ପିଇ ଫେରି ଆସିଲି ଷ୍ଟେସକୁ । ବାବୁ ମୋ ଅପେକ୍ଷାରେ ଠିଆ ହୋଇଛନ୍ତି ।

: ଏତେ ଡେରି ହେଲା ଯେ ! ମତେ ଦେଖି ପଚାରିଲେ ।

: ଖାଇସାରି ତ ଆସିଲି । ଗାଡ଼ି କେତେବେଳେ ?

: ପୁରୀ ହାଓଡ଼ା ପାସେଞ୍ଜର ଏଠି ପହଞ୍ଚିବ ଦଶଟା ପନ୍ଦରରେ । ରାଇଟ୍ ଟାଇମ୍ । ଆଉ କୁଆଡ଼େ ଯାଆନା । ଜିନଷ ଜଗି ବସ୍ ।

: ଆପଣଙ୍କର କି ବ୍ୟବସା ବାବୁ !

: ପାନ ଦୋକାନ ଅଛି କଲିକତାରେ । କାହିଁକି ?

: ନା, ଏମିତି ପଚାରୁଥିଲି । କଲିକତା ଭଡ଼ା କେତେ ?

: ପାଞ୍ଚ ଟଙ୍କା ବାରଣା । କାହିଁକି, କଲିକତା ଯିବୁ ନା କ'ଣ ?

: ଯିବାକୁ ତ ଇଚ୍ଛା, ହେଲେ ପଇସା ନାହିଁ ?

: ତୋର ଗୋଟାଏ ପଇସା କ'ଣରେ ପାଗଲା ? ଉଠିପଡ଼ ଗାଡ଼ିରେ । ପଇସିକିଆ ଚିଲମଟା କିଣି ପକା, ଦି ପଇସାର ଗଞ୍ଜେଇ । ଚଢ଼ା ଦମ୍ ! ଟିକଟ୍ କଲେକ୍ଟର ଆସିଲେ ଦାଢ଼ି ଆଖିଁ ଛୁଡ଼ା ହେଇଯିବୁ । ଚିଲମ ଦେଖେଇଦବୁ । କିନ୍ତୁ ଏ କାମିଜ୍‌ଟା ଅଣ୍ଡୁଆ କରିବ । କାନ୍ଧ ମୁଣ୍ଡରେ ଠେକା କରି ବାନ୍ଧିଦେ । ମାଲ୍ ଉଠାଇବାକୁ ବି ଆରାମ୍ ହେବ ।

ବାବୁଙ୍କ ମୁହଁକୁ ଟିକିଏ ବକ ବକ କରି ଚାହିଁଲି । ବଡ଼ ବୁଦ୍ଧିଆ ଲୋକ । ପାଟିରେ ବାଣ୍ଟୁଲି ବାଜୁନି । ଅନର୍ଗଳ କହି ଚାଲିଚନ୍ତି ।

କହିଲି : ମୁଣ୍ଡରେ ଠେକା ବାନ୍ଧି ମାଲ୍‌ତକ ତ ଉଠେଇଦେବି ଆରାମରେ, ହେଲେ କେତେ ମିଳିବ କହନ୍ତୁ ତ !

: କେତେ ତୁ କହୁନୁ !

: ମୁଁ କ'ଣ କହିବି ? ଆପଣଙ୍କର କ'ଣ ବିଚାର ନାହିଁ ?

: ସେ ବିଶ୍ୱାସ ଅଛି ଯଦି ଚୁପ୍ କର । ଦେଖ୍, ଗାଡ଼ି ଘଣ୍ଟି ବାଜିଲା, ଚାଲ୍···କହି ବାବୁ ଲଣ୍ଡଭଣ୍ଡ ହେଇ ମାଲ୍ ପାଖକୁ ଆସିଲେ ।

ଗାଡ଼ି ଆସି ଠିଆହେଲା । ଭୀଷଣ ଭିଡ଼ ପ୍ରତ୍ୟେକ କମ୍ପାର୍ଟମେଣ୍ଟ । 'ମଙ୍ଗଳ ରାତି, ବୁଧ ପାହାନ୍ତି' କରି କଲିକତାର ଝୋଟକଲ ଆଉ ଆସାମର ଚା ବଗିଚା ଉଦ୍ଦେଶ୍ୟରେ ଚାଲିଛନ୍ତି ବୀର ଶ୍ରୀ ଗଜପତି ଜାତିର କଳିଙ୍ଗପୁତ୍ରେ ! କଳିଙ୍ଗର ଅତୀତ ଇତିହାସରେ···ଏ ଜାତିର ପୂଏ ବେପାର ବାଣିଜ୍ୟ ପାଇଁ ବଣିକ ସାଜି ଯାଉଥିଲେ ସୁଦୂର ଜାଭା, ସୁମାତ୍ରା, ବୋର୍ଣ୍ଣିଓ । ଆଉ ସହସ୍ର ବର୍ଷ ପରେ ଆଜିର ଓଡ଼ିଆପୁଅ ଯାଉଛି ଆସାମ, ରେଙ୍ଗୁନ, କଲିକତାକୁ ବେଠି ବେଗାରି ଖଟିବା ପାଇଁ, କୁଲି ବେଶରେ ! ଜାତିଟା ଆଗଉଛି ନା ପଛଉଛି ? ଦେଶଟା ଉଠୁଛି ନା ପଡ଼ୁଛି ?

କଲିକତି ପାନଦୋକାନୀ ବାବୁଙ୍କ କିନିଷପତ୍ର ମୁଣ୍ଡରେ ଲଦି କମ୍ପାର୍ଟମେଣ୍ଟକୁ ଉଠେଇଲାବେଳେ ମନକୁ ମନ ଭାବିଲି, ଦେଢ଼କୋଟି ଲୋକଙ୍କ ଓଡ଼ିଶା ଦେଶରେ

ତିନି ଘର ଯେତେବେଳେ କୁଲି-ମୂଲିଆ, ମୋ ପରି · ଜଣେ ଅଧାପାଠୁଆର ପେଟ ପାଇଁ ମୁଣ୍ଡରେ ବୋଝ ଉଠେଇବାରେ ବା ଲଜ୍ଜା କ'ଣ ?

ମାଲ ସରଞ୍ଜାମ ରଖାରଖି କରିଦେଇ ବାବୁଙ୍କ ଆଗରେ ହାତ ପାତିଲି,

: ମୋ ପାଉଣାଟା···

ପକେଟ ଭିତରୁ ପଇସା କେତେ କାଢ଼ି ତିନି ଚାରି ଥର ଭଲକରି ଗଣି ହିସାବ କରି ବାବୁ ମୋ ଆଡ଼କୁ ବଢ଼ାଇଦେଲେ—ଆଠଣା ।

: ଏତିକି ? ମୁଁ ପଚାରିଲି ।

: ଆଉ କେତେ ? ଖେଙ୍କାରି ଗୋଡ଼େଇଲେ ବାବୁ । ଦି'ଅଣା ଖାଇବାକୁ ନେଇଥିଲୁ, ମନେ ନାହିଁ ?

: ହଁ, ଅଛି ।

: ଅଛି ତ ଆଉ କ'ଣ ? ଯା···ଯା···

: ଆଉ କିଛି ଦିଅନ୍ତୁ ।

: ନା, ଆଉ କିଛି ମିଳିବନି । ପଇସା କ'ଣ ଶସ୍ତା ପାଇଛୁ କି ? ବେଶୀ ଦେଲରୁ···ବାବୁ ଆଖି କାଢ଼ି କଟମଟ କରି ଚାହିଁଲେ ।

: ତେରି ମେରି ଦେଖାଉଛନ୍ତି କାହିଁକି ? ହକ ମେହନତ କଲି···

: ତୁ ହକ ମେହନତ୍ କଲୁ, ଆମେ କ'ଣ ପଇସା ଗଛ ଲଗେଇଛୁ କେଉଁଠି ! ଜାଲ ହଲେଇଦେଇ ତଳୁ ଗୋଟେଇ ଆଣି ଖଇରାତ ବାଣ୍ଟୁଛୁ ?

ତାଙ୍କ ମୁହଁକୁ ଟିକିଏ ଭଲକରି ଚାହିଁଲି । ତାଳରୁ ତଳପାଯାଏ । ମୋହିନୀ ମାର୍କା ବାସ୍ନା ଅଁଳା ତେଲ ମାଙ୍ଗଭଙ୍ଗା ଟେରି ଦେହରୁ କପାଳ ଉପରକୁ ବୋହି ପଡ଼ୁଛି । ଓଠରେ ପାନବୋଳ । ସୁନାଖିଲବସା ଦାନ୍ତରେ ଖଇର ରଙ୍ଗର ପ୍ଲଟ । ନେଳିଆ ଟୁଇଲ୍ କନାର ହାତକଟା କାମିଜ୍ ସାଙ୍ଗକୁ ନାକ-ତଳର ମୁନିଆ ନିଶ ବେଶ୍ ମାନିଛି । ନଅ ହାତିଆ ପିନ୍ଧା ଧୋତି କୁଞ୍ଚ ହୋଇ ପଡ଼ିଛି ଆଣ୍ଠୁ ତଳକୁ । ଗୋଡ଼ରେ ଖାକି ମୋଜା ଆଉ ପାଦରେ କଳା ପମ୍ପସୁ । ଓଡ଼ିଶୀ ବୋକାମୀ ଆଉ କଲିକତା ଗୁଲିବାଜିର ଗୋଳିଆଘଣ୍ଟା ଖେଚୁଡ଼ି ସଭ୍ୟତାର ବାବୁଆନା !! ମୋ ଦୈନ୍ୟର ହାହାକାର ଭିତରେ ବି ମତେ ଟିକିଏ ହସ ମାଡ଼ିଲା ମନେ ମନେ । କିନ୍ତୁ ହସିବା ଲୋକର କାନ୍ଦ ମାଗିବାର ଅଧିକାର ନାହିଁ ।

ସେଥିପାଇଁ ଗମ୍ଭୀର ହୋଇ ଟିକିଏ ଧମକଦିଆ ଗଳାରେ କହିଲି : ଭାରି ଖଇରାତି କରୁନେବାଲା । ଖଟିଛୁ, ପଇସା ଦବ । ଆଖି ଦେଖାଉଛ କାହିଁକି ?

: କ'ଣ କହିଲୁ ? ବାବୁ ରାଗିଉଠିଲେ ଏଥର—"ନାମେଇ ଯା" କହୁଛୁ—"ନାମେଇ ଯା", ନଇଲେ 'ଦେଖିବେ' ଇଚ୍ଛୁଣି···କହି ମାରିବାକୁ ଉହୁଁକି ଆସିଲେ ।

ଡବା ସାରା ଲୋକ ହଁ ହଁ କରିଉଠିଲେ । ପାଗଳାଟା, ଦି'ପଇସା ଅଧିକ ମାଗୁଛି ଦେଇଦଉନ କାହିଁକି !

'ପାଗଳା'ଟା ଶୁଣି ଲୋକଙ୍କ ସହାନୁଭୂତିଶୀଳ ମନ୍ତବ୍ୟରେ ଚମକି ଉଠିଲି । ସତେ, ସତେ ତାହେଲେ ମୁଁ ପାଗଳା ପରି ଦେଖାଯାଉଛି ? ମୋ ଭିତରେ ଗୋଟାଏ ଭୀଷଣ ପ୍ରତିକ୍ରିୟା ଆରମ୍ଭ ହୋଇଗଲା । ଆକାଶ ପାତାଳ କେତେ କ'ଣ ଭାବିଗଲି । ସମସ୍ତ ଜୀବନଟା ତାହେଲେ ମୋର ବ୍ୟର୍ଥ ହୋଇଗଲା ! ସାମାନ୍ୟ ଗୋଟାଏ ଭୁଲ୍‌ରେ ସବୁଟା ଓଲଟ ପାଲଟ ହୋଇଗଲା । କ'ଣ କରିବି ଏହା ପରେ—ଜୀବନର ବାକି ଦିନଗୁଡ଼ିକ କେମିତି କାଟିବି ?

ଏତିକିବେଳେ ଗାଡ଼ିଟା ଦୋହଲିଉଠିଲା ।

ମୋ ପାଖରେ ବସିଥିବା ଲୋକ ଏକା ସାଙ୍ଗରେ ପାଟିକରି ଉଠିଲେ : ଓହ୍ଲେଇ ଯାରେ ପାଗଳା ! ଗାଡ଼ି ଛାଡ଼ିଲା ଯେ···

: ଏଁ ! ମୁଁ ଯେପରି କେତେ ଦୁଶ୍ଚିନ୍ତା ଭିତରୁ ଚମକି ଉଠିଲି ।

: ନାମେଇ ଯା ! ହୁକୁମ ଦେଲା ପରି ଚଢ଼ା ଗଳାରେ ହାଙ୍କିଲେ 'କେଉଁ' ଓଡ଼ିଆ ବାବୁ ।

: ହୁଁ···

: ହୁଁ କ'ଣରେ ! ଯା—ଓହ୍ଲେଇ ଯା ।

ନିର୍ବିକାରଙ୍କ ପରି ମୁଁ ଠିଆହେଲି । ଗାଡ଼ିଟା ଜୋରରେ ଚାଲିଲାଣି । ଓହ୍ଲେଇବା ସମ୍ଭବ ନୁହେଁ ଆଉ ।

: ସେ 'ହାବଡ଼ା' ଯିବ ନା କଣ ! କହିଲା ଜଣେ ନୋଳିପିନ୍ଧା ଲୋକ : ମୋ ଆଡ଼କୁ ସେ ବକ୍‌ବକ କରି ଚାହିଁ ସେଣେ ବଟୁଆ ଖୋଲି ଗୁଆକାତିରେ ଠକ୍ ଠକ୍ କରି କେତକି ଖଇର କାଟୁଛି ।

: ଗୁଲୁ, ଗୁଲୁ, କାଲୁଆ ଝୋଟକାଲରେ ଲଗେଇଦବାକ୍ସି ମୁହଁଟା ପାଗଲା ପରି ଦିଶୁଛି ସିନା…ଭେଣ୍ଡିଆ ମଣିଷଟା ! ଖୁବ୍ ଖଟିବ ! ଯିବୁ କିରେ ଆମ ସାଙ୍ଗରେ ? ଆ ଏଠିକି, ବ' !

ଗଳାରେ ତାର କେତେ ଦୟାର ସହାନୁଭୂତି ! ଭାବିଲି, ଯା' ହେଉ, ଦାଢ଼ିଟା ମୋ ଚେହେରାଟାକୁ ବିକୃତ କରିଥିଲେ ବି ଭାଗ୍ୟରେ ଅନ୍ୟର କରୁଣା ପାଇବାର ବାଟ ଫିଟାଇଛି ।

ଏଠିକି ଆସ ! ଆଉ ଗୋଟିଏ କଣ୍ଠରେ ଭଦ୍ର ଆହ୍ୱାନ । ଭାଗ୍ୟୋଦୟର ଆଭାସ । କପର ଟିକିଏ ଶିହରଣ ଅନୁଭବ କଲି । ଦି ଖୋଜ ଆଗେଇଯାଇ ବସିପଡ଼ିଲି । ମୋ ପାଇଁ ଟିକିଏ ଟିକିଏ ଘୁଞ୍ଚିଯାଇ ଜାଗା କରିଦେଲେ ସେମାନେ ।

ବସିଯାଇ ଏଥର ସାରା କମ୍ପାର୍ଟମେଣ୍ଟର ଯାତ୍ରୀଙ୍କ ଆଡ଼କୁ ଅନେଇଲି । ପଞ୍ଚାଳିଶ ଜଣ ବସିବାର ଡବାରେ ପ୍ରାୟ ଶହେ ଷରଣ ଲୋକ । ଠେଲାପେଲା ! ପାଇଖାନା ଦୁଆରମୁହଁରେ ବି ଜିନିଷପତ୍ରଗୁଡ଼ାକ ଉପରେ ବୋଝ ଉପରେ ବୋଝ ଲଦା ହେଲା ପରି ଜକାଜକି ହୋଇ ବସିଛନ୍ତି । ଠିଆ ହୋଇଥିବା ଏତେଗୁଡ଼ା ଲୋକଙ୍କ ଭିତରୁ ବସିବାକୁ କାହାକୁ ନ ଡାକି ଏମାନେ ମତେ ଡାକିଲେ କାହିଁକି ?

ବୋଧହୁଏ ମୋ ଦାଢ଼ିଆ ମୁହଁର ବୀଭତ୍ସ ଚେହେରା କେବଳ ଦ୍ରଷ୍ଟବ୍ୟ ନୁହେଁ…ସେଇ ଦାଢ଼ି ପଛରେ ଆତ୍ମଗୋପନ କରି ରହିଥିବା ଅଦୃଶ୍ୟ ଚରିତ୍ରଟି ବି କୌତୁହଳର କାରଣ !

: ଦାଢ଼ି କାହିଁକି ରଖିଛ ? ଜଣେ ପଚାରିଲା ।

: ମନ ହେଲା ।

: ଉହୁଁ, ଖାଲି ମନହେଲା ନା ଆଉ କିଛି କଥା ଅଛି ? କହି ମୋ ମୁହଁକୁ ଭଲକରି ନିରୀକ୍ଷଣ କରି କହିଲା— ବାବାଜି ବନିଛ ?

: ନା ।

: କେଉଁ ମଠର ମହନ୍ତ ?

: ନା ।

: ଆଶ୍ରମ କରିଛ ?

: ନା ।

: ସବୁ ତ ନା ! ଆଉ କ'ଣ ଗ୍ରୁଁ ଗ୍ରୁଁ ଦାଢ଼ି ଲମ୍ବିଗଲା ? ଜଣେ ବେଶ୍ ରହସିଆ ଗଳାରେ କହି ଅଣ୍ଟାରୁ ଗୋଟାଏ କାଗଜ ପୁଡ଼ିଆ କାଢ଼ିଲା ।

କିଛି ସମୟ ପାଇଁ ସମସ୍ତଙ୍କ ମୁହଁରେ ଗୋଟାଏ ମୁରୁକି ହସ ।

: ଚଲମ ଅଛି ବାବା ? କାଗଜ ପୁଡ଼ିଆ ଖୋଲୁ ଖୋଲୁ ପଚାରିଲା ଲୋକଟି ।

: ଚଲମ ! ମୁଁ ଆଶ୍ଚର୍ଯ୍ୟରେ ପଚାରିଲି ।

: ହଁ, ନିଅ, ଗଞ୍ଜେଇ ରଗଡ଼ । ତରବରରେ ଗାଡ଼ିକି ଆସିଲି, ସକାଳ ଧୂପ ଉଠିନି ।

: ନା, ନା, ମୋର ସେସବୁ ଚଳେନା । ଆପଣମାନେ ଖାଆନ୍ତୁ ।

: ଦାଢ଼ି ଗୁଡ଼ା ସିନା ବଢ଼ିଛି, ନଇଲେ ମୁହଁ ଦେଖି ବୁଝି ପାରୁନୁ ! ଭଲ ଘର ପିଲା । ଜଣେ ମୋ ମୁହଁକୁ ତନ୍ନ ତନ୍ନ କରି ଚାହିଁ କହିଲା—ଚାଲିଚଳନ, କଥାଭାଷା ସବୁ କେମିତି ନିଆରା-ନିଆରା ମନେ ହେଉନି ?

ବର୍ଷକ ପରେ ଆଜି ମୋ ବୁନିଆଦି ବଂଶର ଆଭିଜାତ୍ୟ କଥା ସ୍ମରଣ ହେଲା । ବାପା-ଅଜାଙ୍କ ଉଦ୍ଦେଶ୍ୟରେ ମଥା ନଇଁପଡ଼ିଲା ।

ମତେ କିଛିକ୍ଷଣ ସ୍ତବ୍ଧ ହୋଇ ବସିରହିବା ଦେଖି ଗଞ୍ଜେଇଖୋର ଲୋକଟି କହିଲା : ଲୁଚଉଚ କାହିଁକି ବାବୁ ! ତମର ଘପଦ ଭଲ ଶୁଣିଲେ ଆମେ କ'ଣ ନେଇଯିବୁ ?

: ନା, ନବା କଥା ନୁହେଁ । ମୋର ଭଲ କଥା କ'ଣ ଅଛି ଯେ କହିବି ?

: ଠିକ୍ କହୁଛ । ଗରିବର ଭଲ କ'ଣ ? ଖଟି ଖାଇବା ଲୋକ ଯେ, ତା' ପାଇଁ ପଛ ନାହିଁ କି ଆଗ ନାହିଁ । ନିତିଦିନିଆର ଝାଳ-ନାଳ ଜୀବନ । ଯେତିକି ମେହନତ୍ କରି ଆଣିଲା, ସେତିକି ଖାଇ-ପିଇ ହେକ୍କୁଟି ମାରି ରହିଲା । କାଣି କଉଡ଼ି ରୋଜଗାର ନାହିଁ ତ ଦୁନିଆ ତା ପାଇଁ ଅନ୍ଧାର ।

ଚଲମଟାଏ ଚଢ଼େଇ ଦେଇଚି ଏ ଭିତରେ । ମଉଜିଆ ମିଜାଜର ରଙ୍ଗୀନ ଦୁଆର ସାହାଣ ମେଲା । ଲୋକଟା ଗଞ୍ଜେଡ଼ି ହେଲେ କ'ଣ ହେଲା ଦେଶ ବିଦେଶ ବୁଲି ଟିକିଏ ଚାଲାଖ ହୋଇଚି । ତା ବୁଝିବାରେ ଅଛି ନୂତନ ଦୃଷ୍ଟିକୋଣ ।

ଏତିକିବେଳେ କୋଠରୀର ପୂର୍ବପଟ ସିଟ୍ ଆଡ଼ୁ ଗୋଟାଏ କାହାର ନାକୀ ସ୍ୱରର ଗୀତ ଶୁଣାଗଲା—"ଦିଅର ଭାଉଜ ରହସ୍ୟ" । ଦି ପଇସିକିଆ ବହିରେ ରସିକ ହାମିଦ୍‌ଙ୍କର ସଙ୍ଗୀତୋଚ୍ଛ୍ୱାସ !

ଗୀତବୋଲା ସାଙ୍ଗରେ ତାଳି ମାରି ଫୁଟ୍‌କି ଫୁଟେଇ ଜଣେ କେତେ ମୁଣ୍ଡହଲା ଆରମ୍ଭ କରିଦେଲେ ।

ସେମାନଙ୍କ ସହିତ ବାଦବୁଦିଆ ଲଗେଇ ଆମ ଏପାଖ ପଶ୍ଚିମ ପଟକୁ ଆରମ୍ଭ ହେଇଗଲା "ବସନ୍ତରାସ"ର ଗୀତ ଗାୟନ ।"

ଗାଡ଼ିର ଛକ୍ ଛକ୍ ଆବାଜ ସାଙ୍ଗକୁ ଯାତ୍ରୀମାନଙ୍କର ବକ୍ ବକ୍ କଥା ଆଉ ଗୀତର ଲହରି ସାଙ୍ଗକୁ ଠକ୍ ଠକ୍ ତାଳିର ଉଲ୍ଲାସ । ସବୁ ଭିତରେ ମୋ ମନ ଭିତରର ଆଲୋଚନା ଯେପରି ଚକାଭଉଁରୀ ଖାଇଲା ପରି ଗୋଳମାଳ ହୋଇଗଲା ।

ଏ ଭିତରେ ଅନେକ ଷ୍ଟେସନ ବାହାରିଗଲାଣି ।

ଦିପହର ଗୁଇଲେଉଟାର ଖରା ତେଜ ମଉଳି ଆସିଲାଣି । ଭଦ୍ରକ ଷ୍ଟେସନରେ ଗାଡ଼ି ରହିଲା ।

ଗରମ ସୋଲର ଘୁଗୁନି !

ଦି ପଇସାକୁ ଗୋଟାଏ ଦନାରେ ଦନାଏ । ଗରମ ଗରମ । ରାଗ ମସଲା ପଡ଼ି ପାଗ ହୋଇଚି । ସମସ୍ତେ କିଣିଲେ । ପାଖରେ ଅଛି ଆଠଣା ପଇସା, କଲିକତା ବାବୁ ଦେଇଥିଲେ । ସେତିକି ସମ୍ବଳ । ଭୋକ ହଉଚି, ହେଲେ ଦେଖି ଗୁଣି ହିସାବ କରି ଖର୍ଚ୍ଚ କରିବାକୁ ପଡ଼ିବ । 'ପୁରି, ସିଙ୍ଗଡ଼ା' ଡାକ ଡାକ ମୁଣ୍ଡରେ ଗୋଟାଏ କାଲିନବୁଜ ବାକ୍ସ ରଖି ଚାଲିଗଲା ସାହୁକାର । ବର୍ଷେ ଉପର ହୋଇଗଲା, ପୁରି, ରସଗୋଲା ଖାଇନି । ପାଟି ନାଲେଇଗଲା । କିଣି ଖାଇବି ଚାରଣାର ?

ଆଉ ଚାରଣା ବାକି ରହିବ ।

ନା, ଥାଉ । ଦିପଇସାର ଘୁଗୁନି ଚଣାରେ କାମ ଚଳାଇ ଦେଇଥାଏଁ ।

ଆଗରେ ବାଲେଶ୍ୱର । ଦେଖାଯିବ ସେଇଠି । ଯଦି ଭୋକ ଲାଗେ···

ମନ୍ଦ ହୋଇନି ! ଆଉ ଦି ପଇସାର କିଣି ଖାଇଲି ଘୁଗୁନି । ଆଳୁଦମ ବି ଅଛି । ହଉ, ସେଥିରୁ ବି ଅଣାକର ଖାଏ···

ଖାଇସାରି କଳ ପାଖକୁ ଯାଇଁ ଆଖି ବୁଜି ପେଟେ ପାଣି ପିଇଦେଲି । ଆଃ···କି ଶାନ୍ତି !

ଦାନ୍ତକୁ ଭଲକରି ପାଣିରେ ଧୋଇଦେଲି । ଥପ ଥପ ହୋଇ ପାଣି ବୋହି ପଡ଼ୁଚି । କମିଜ ପକେଟରେ ହାତ ମାରିଲି । ହଠାତ୍ ପୁଣି ହୋସ୍

ହେଲା । ହେଃ, ରୁମାଲ ଖୋଜିବାର ଅଭ୍ୟାସଟା ଏ ବର୍ଷକ ଭିତରେ ବି ଯାଇନି ! ସବୁ ଯାଏ, ଅଭ୍ୟାସ ଯାଏନା ମଣିଷର, ପ୍ରକୃତି ବଦଳେ ନାହିଁ । ତା ବଦଳି ଯାଉଥିଲେ ଜେଲ୍ ଭାଙ୍ଗିଲା ପରେ ଖୁଣୀ ସାଧୁ ବନୁଥାନ୍ତା । ଚୋର ଭଦ୍ରଲୋକ ପାଲଟୁଥାଆନ୍ତା । ଧନୀ ଗରିବଙ୍କୁ ଦେଖି ପାରୁଥାନ୍ତା । ଜମିଦାର ଚାଷୀ କାନ୍ଧରେ ହାତ ପକାଉଥାଆନ୍ତା । ସବୁ ମଣିଷ ସମାନ ଦିଶୁଥାନ୍ତେ ସମସ୍ତଙ୍କ ଆଖିରେ । ସମାଜରୁ ଉଚ୍ଚ ନୀଚ ଭାବ ଚାଲିଯାଉଥାଆନ୍ତା । ସୁଖୀ ଦୁନିଆ ହସି ଉଠୁଥାନ୍ତା ପରିପୂର୍ଣ୍ଣ ଜୀବନର ଆନନ୍ଦରେ । ମୋର ସେଇ ଜେଲର ଆସାମୀ ବନ୍ଧୁ ସୁଧାକରଙ୍କୁ କମ୍ୟୁନିଷ୍ଟ ହେବାକୁ ପଡ଼ୁ ନ ଥାନ୍ତା ।...

ଘଣ୍ଟି ବାଜିଉଠିଲା । ପାଣି ନେଇସାରି ଇଞ୍ଜିନ ଲାଗିଲା ଡବା ଦେହରେ । ଯୋଡ଼ି ହୋଇଗଲା । ଏଥର ପୁଣି ଧାଇଁବ ଗାଡ଼ି । ନିର୍ଜୀବ ଡବାଗୁଡ଼ିକ ଜୀବନ୍ୟାସ ପାଇଲା ପରି ଝିକ ଝିକ କରିଉଠିବ । ଧୂଆଁ ଛାଡ଼ି ସୁ ସୁ ଗର୍ଜନ କରି ଇଞ୍ଜିନ୍ ଛୁଟି ଚାଲିବ...ଆଉ ତା ପଛେ ପଛେ ଡବା ଭିତରର ଶହ ଶହ ଯାତ୍ରୀଙ୍କ କଳ୍ପନା ବି ଆଗେଇଚାଲିବ ଲକ୍ଷ୍ୟପଥରେ ।

ପରସ୍ପର ସହିତ ଗଭୀର ଯୋଗାଯୋଗ ଏଇପରି । ଜଣକ ସହିତ ଆଉ-ଜଣକର ଚ୍ଛା । ଜଣେ ଦଶଟାଙ୍କୁ ନେଇ ଚାଲେ । ଦଶଟା ଅଛନ୍ତି ବୋଲି ବି ଜଣେ ଚାଲିବାର ଉଦ୍ଦୀପନା ପାଏ । ଦଶଟା ଡବାକୁ ଟାଣି ନବାର ଦାୟିତ୍ୱ ନ ଥିଲେ ଇଞ୍ଜିନଟା ପାଣି ପବନ ଖାଇ ଇମିତି ସଜ ବାଜ ହୁଅନ୍ତା କାହିଁକି ? ଇଞ୍ଜିନ ନ ଥିଲେ ବି ଏ ଡବା ଭିତରେ ଏତେଗୁଡ଼ାଏ ଯାତ୍ରୀ ବସନ୍ତେ କାହିଁକି ? ଡବା ଭିତରର ଖଣ୍ଡେ ଖଣ୍ଡେ ସିଟ୍‌ର ମୂଲ୍ୟ କେବଳ ଟଙ୍କାର ଅଙ୍କ କଷା ଭିତରେ ଆବଦ୍ଧ ନୁହେଁ, ବୃହତ୍ତର ଜୀବନର କ୍ରିୟାନୁଷ୍ଠାନ ଭିତରେ, ଦଶ ଜଣଙ୍କ ସାଥିରେ ନିଜକୁ ମିଶେଇ, ନିଜ ସାଙ୍ଗରେ ଆଉ ଦଶଜଣଙ୍କୁ ନେଇ ଆଗକୁ ଆଗେଇଯିବାରେ, ପୃଥିବୀକୁ ଆଗେଇ ଦବାରେ ।

ଏଇଥିରୁ ମନେହେଲା, ଏଇ ଯେ ମୁଁ ଗାଡ଼ିରେ ବସି ଚାଲିଚି, କୁଆଡ଼େ କାହିଁକି ଚାଲିଚି—ତା ମୁଁ ନିଜେ ଠିକ୍ କରି ନ ଜାଣିଥିଲେ ବି ଦଶ ଜଣ ଯାଉଛନ୍ତି ବୋଲି ମୁଁ ବି ଯାଉଚି, ଆଉ ମୁଁ ଯାଉଚି ବୋଲି ଦଶ ଜଣ ଆନନ୍ଦ ପାଉଚନ୍ତି... ଆଉ ମତେ ନେଇଯିବାରେ ତାଙ୍କ ଅଗୋଚରରେ ବି ସେମାନେ ଯେ ସେଇ ବିଶ୍ୱ ମାନବିକତାବୋଧର ସତ୍ୟରେ ଉଦ୍ଦୀପ୍ତ—ଏଥିରେ କ'ଣ କିଛି ସନ୍ଦେହ ଅଛି ?

ଗାର୍ଡ଼ ହୁଇସିଲ୍ ଦେଲା ।

ଗାଡ଼ି ଛାଡ଼ିବାର ସଙ୍କେତ ।

ତଳେ ଠିଆ ହୋଇଥିଲି । ଧଡ଼ ହେଲା ପରେ ଥରଥର ହୋଇ ଉଠି-ପଡ଼ିଲି ଡବାରେ । ଦୁଆର ମୁହଁରେ ଠିଆହୋଇ ଗତିଶୀଳ ଟ୍ରେନରୁ ଷ୍ଟେସନର ଇଟା-ପଥରର ଘରଗୁଡ଼ାକୁ ଅନେଇ ଭାବିଲି, ପଡ଼ିରହିଲେ ଏମାନେ, ଆମେ ଚାଲିଲୁ । ଆମ ପରି ଲକ୍ଷ ଲକ୍ଷ ଯାତ୍ରୀଙ୍କୁ ସ୍ୱାର ପ୍ଲାଟଫର୍ମ ଉପରେ ଖୁଆଇ ପିଆଇ ସୁସ୍ଥ କରି ଚାଲିବାର ନୂତନ କୌଳସ୍ ଭରିଦେବାରେ ଏହାର ପ୍ରତିଟି ଦିନ ଜୀବନ୍ତ ଆଉ ମୁଖରିତ ! ସେ ଯେଉଁଠି ସେଇଠି ପଡ଼ି ରହୁଚି, କିନ୍ତୁ ଆମକୁ ଆଗେଇ-ଦେବା ଭିତରେ ସେ ଯେ କର୍ତ୍ତବ୍ୟ କରିଚାଲିଚି, ସେଇ ହିଁ ତା ନିର୍ଜୀବ ଇଟା ପଥରର କାନ୍ଥକୁ ପ୍ରାଣବନ୍ତ କରି ରଖିଚି, ଅମର କରି ରଖିଚି ତା ନାଁକୁ । ସାର୍ଥକ କରିଛୁ ତା ଗଢ଼ା-ତୋଳାର ସୃଜନ ଶକ୍ତିକୁ ।

ସିଟ୍ ପାଖକୁ ଆସିଲି ବସିବାକୁ । କିନ୍ତୁ ଏ କ'ଣ ? ମୋ ଜାଗାରେ ଯେ ଆଉ ଜଣେ ବସିପଡ଼ିଚି !

ଗଞ୍ଜେଡ଼ ଲୋକଟି ମତେ ସାମନାରେ ଦେଖି ବସିପଡ଼ିଥିବା ଲୋକଟିକୁ ଉଦ୍ଦେଶ୍ୟ କରି କହିଲା—ଉଠିଯା, ଏଠି ସେ ବସିଚନ୍ତି ।

: ବସିଥିଲେ କ'ଣ ହେଲା ? ସିଟ୍ କ'ଣ ଖରିଦ୍ କରିଛନ୍ତି ସେ ? ତାପରେ ମତେ ସିଧାସଳଖ ଅନେଇ ପଚାରିଲା—ପାଗଲାଟା ପରି ଦିଶୁଚୁ ! ଟିକଟ କରିଚୁ ?

: ନା ।

: ଟିକଟ ନ କରି ତୁ ବସିବୁ, ଆଉ ଆମେସବୁ ଟିକଟ କରି ଠିଆହେବୁ ! ରେଲବାଇର ଜୋଇଁପୁଅ କି ତୁ ?

: ହଉ, ବସ ବସ ! ଟିକିକ କଥାରେ ଏତେ ଦୂରକୁ କାହିଁକି ? ପାଗଲା ହେଲେ କ'ଣ ଲୋକର ବସିବା ଅଧିକାର ନ ଥାଏ ?

: ହିଁ ନ ଥାଏ କିଏ କହୁଚି ? ଟିକଟ କରିଥିଲେ ତ ବସିବୁ !

: ଟିକଟ ନ କରିଥିଲେ ବି କ'ଣ ଜଣେ ବସିପାରିବ ନାହିଁ ?

: ନା, କାହିଁକି ବସିବ ?

: ଆଚ୍ଛା, ନ ବସି ଠିଅହୋଇ ଗଲେ ମୁଁ କ'ଣ ହାଓଡ଼ାରେ ପହଞ୍ଚି ପାରିବିନି ?

: ଠିଆହୋଇ ପହଞ୍ଚିପାରିବୁ ଯେ, ହେଲେ ଠିଆ ହୋଇ ଯିବାର ବି ତୋର ଅଧିକାର ନାହିଁ ।

: କାହିଁକି ? ଟିକଟ କରନି ବୋଲି ?

: ହଁ, ଟିକଟ କରନୁ ବୋଲି ।

: ଟିକଟ ନ କରିବାଟା ଖାଲି ଅନ୍ୟାୟ ନା ଆଉ କିଛି ଆଇନ-ବିରୁଦ୍ଧ କାମ କଲେ ଅନ୍ୟାୟ ହୁଏ ?

: ତା' ମାନେ ? ସେ ମତେ କଟ ମଟ କରି ଚାହିଁଲା ।

: ତା ମାନେ, ମୁଁ ଟିକିଏ ଉତ୍ତେଜିତ ହୋଇ କହିଲି, ମୁଁ ଟିକଟ କରିଥିଲେ ଏଠୁ ତୁମକୁ ଉଠାଇ ଦେଇ ପାରିଥାନ୍ତ ତ ?

: ହଁ ।

: ତାହେଲେ ତୁମେ ଉଠ ।

: କାହିଁକି ?

: ମୁଁ ଟିକଟ କରିଛି ।

: କାହିଁ ଦେଖେଇଲୁ ?

: ତୁମେ ଟିକଟ ଦେଖିବ ! କେଉଁଠି ଏ ଅଧିକାର ତୁମର ଅଛି ଦେଖେଇଲ ?

: ବଦମାସ୍‌ଟାଏ କରେ !

ଏଥର ମୁଁ ଫାଏଁ କରି ହସିଉଠିଲି । କହିଲି, ଦୁନିଆରେ ସମସ୍ତେ ଅନ୍ୟାୟ କରନ୍ତି । ଧରା ପଡ଼ିଗଲେ ବଦମାସ୍ ବୋଲି ଗାଳି ଦିଅନ୍ତି । ନିଜ ଦୋଷଟା ଦେଖନ୍ତି ନାହିଁ । ମୁଁ ଏକା ନୁହେଁ, ସମସ୍ତେ କିଛି ନା କିଛି ଦୋଷରେ ଦୋଷୀ । ତଥାପି ସେମାନେ ଦଳି ଚକଟି ଚାଲିଛନ୍ତି । ଖାଲି ନ୍ୟାୟକୁ ଦେଖିଲେ ଆଗେଇ ହେବନି । ପୁରାପୁରି ଖୋଲଣା ନ୍ୟାୟରେ କେହି ନିଜକୁ ତଉଲି ଚାଲିପାରେ ନାହିଁ । ଭଗବାନଙ୍କ ସୃଷ୍ଟିରେ ବି ଭୁଲ୍ ଅଛି । ମଣିଷ ଦେହ ଧରି ନାରାୟଣ ଜନ୍ମ ହୋଇ ଶ୍ରୀକୃଷ୍ଣ ରୂପରେ ମହାଭାରତ ଯୁଦ୍ଧରେ କେତେ ଅନ୍ୟାୟ କରି ଯାଇଛନ୍ତି ! ଅନଧିକାର ପ୍ରବେଶ ସବୁ ଅଧିକାର ଭିତରେଇ ଅଛି । ତୁମେ ଉଠି ଛିଡ଼ା ହୁଅ, ମୁଁ ବସେ । ମତେ ବସିବାକୁ ଦିଅ ।

: କ'ଣ ଜବରଦସ୍ତ କରିବୁ ?

: ଦରକାର ପଡ଼ିଲେ କରିବି । ମଣିଷ ଜନ୍ମ ଯେତେବେଳେ ପାଇଛି, ସବୁ ଅଧିକାର ବି ତା ସାଙ୍ଗେ ସାଙ୍ଗେ ପାଇଛି । ହାତ ଧରି ବୁଝାଇବା, ଆଉ ନ ବୁଝିଲେ ଧରି ଛେଚିବା ।

: ହଠାତ୍ ଉଠି ଠିଆ ହୋଇପଡ଼ିଲା ଲୋକଟା । ଦେଖିଲି, ଭଯ୍ୟରେ ସେ ଥରୁଛି । ରାଗରେ ମୋ ଦାନ୍ତଗୁଡ଼ାକ ଠିଆହୋଇ ପଡ଼ିବାର ସେ ଦେଖିଲା କି କ'ଣ, ବରଷାପଡ଼ ପରି ଥରଉଠିଲା ।

କହିଲି—ବାପ୍, ହୋଇଗଲା ? ଏଇ ଷ୍ଟାରକୁ ନେଇ ମୋ ଅଧିକାର ସମ୍ବନ୍ଧରେ ପ୍ରଶ୍ନ କରୁଥିଲ ?

ମୋ ମୁହଁକୁ ସେ ବକ୍ ବକ୍ କରି ଚାହିଁଲା । କହିଲି—ହଉ, ବସ ବସ । ଦୁର୍ବଳ ଲୋକକୁ ଆଶ୍ରା ଦେବା କଥା ଶାସ୍ତ୍ରରେ ଅଛି । ଯେ ଡରୁଆ ତାକୁ ହିମ୍ମତ୍ ଦେବା ଉଚିତ୍ । ବସ । ତୁମ ଗୋଡ଼ ଥରୁଛି । ଓଲଟି ପଡ଼ିବ । ବସ । ମୁଁ ତା କାନ୍ଧରେ ହାତ ଦେଇ ଦାବି ବସେଇଦେଲି ସିଟ୍ ଉପରେ ।

ଏଥର ସେ ପୁଣି ମୋ ମୁହଁକୁ ସିଧାସଳଖ ଚାହିଁଲା : କହିଲା, ତୁମକୁ ପାଗଳ ବୋଲି ତ ମନେ ହେଉନି !

: କ'ଣ, ହେଉଚବା କଥା କହିଲରୁ ?

ଏଥର ସମସ୍ତେ ହୋ ହୋ କରି ହସିଉଠିଲେ । ସେ ବି ହସି ଉଠିଲା । କହିଲା : ପ୍ରଥମେ ମୁଁ ସତକୁ ସତ ଭାବିଲି ତୁମେ ମତେ ପିଟିବ । କିନ୍ତୁ ଏଇକ୍ଷଣି ଦେଖୁଛି···ତୁମେ କାହାକୁ ପିଟିବା ଲୋକ ନୁହଁ, ପିଠା ସହିଯିବା ଲୋକ ।

: ଆଚ୍ଛା, ତୁମ ବୁଦ୍ଧିକୁ ତାରିଫ୍ କରୁଛି ।

: ତାରିଫ୍‌ର ପ୍ରଶ୍ନ ନୁହେଁ । କୁହ ତ, କୁଆଡ଼େ ଯିବ ତୁମେ ? ଆସ, ବସ, ଏଇଠି ଜାଗା ହୋଇଯିବ । କହି ସେ ପାଖ ଲୋକଙ୍କୁ ଟିକିଏ ଟିକିଏ ଘୁଞ୍ଚିଯିବାକୁ ଇଙ୍ଗିତ ଦେଲା ।

: ଏତେ କଷ୍ଟରେ ଖିନ୍ଦ-ଖାନ୍ଦ ହୋଇ ବସିବା କି ଦରକାର ? ମୁଁ ଟିକିଏ ଛିଡ଼ା ହୁଏନା । କ୍ଷତି କ'ଣ ?

: ନା ନା, ବସ । କହି ସେ ମୋ ହାତକୁ ଟାଣି ଧରି ପାଖରେ ବସେଇ-ଦେଲା । କହିଲା—କୁଆଡ଼େ ଯିବ ?

: କିଛି ଠିକ୍ ନାହିଁ ।

: ତେବେ ବି ?

: ଗାଡ଼ି ଯେଉଁ ପର୍ଯ୍ୟନ୍ତ ଯିବ ।

: ହାଓଡ଼ା ?

: ତା ବି ଚଳିବ ।

: କ'ଣ କରିବ ସେଠି ଯାଇଁ ? ସେ ଯେଉଁ ସହର !

: ତୁମେ ଦେଖିଛ ବୋଲି ସିନା ତା ବିଷୟରେ କଥା ଭାବି ଡରି ଯାଉଛ । ମୁଁ କ'ଣ ଦେଖିଛି ଯେ ଭୟ କରିବି !

: ଭୟ କରିବା କଥା ନୁହେଁ । ସେଠି ଯାଇଁ କରିବ କ'ଣ ?

: ସେ ସହରରେ ଯେତେ ଅଛନ୍ତି ସବୁ କ'ଣ କିଛି କରୁଛନ୍ତି ?

ଏଥର ଲୋକଟା ଚୂପ୍ ହୋଇଗଲା । କହିଲା, ଖୁବ୍ ଚାଲାକ୍ ତୁମେ ।

: ସତେ ? ମନକୁ ମନ ଅର୍ଦ୍ଧ ସ୍ୱଗତ କଣ୍ଠରେ କଥା ପଦକ ଉଚ୍ଚାରଣ କରି କହିଲି — ଚାଲାକ ନ ହୋଇଥିଲେ ମୁଁ କ'ଣ ବର୍ଷେ ଜେଲ୍ ଖଟିଥାଆନ୍ତି ?

: ବର୍ଷେ ଜେଲ୍ ଭୋଗିଛ ? ଏଥର ସମସ୍ତେ ଆଶ୍ଚର୍ଯ୍ୟରେ ପାଟି କରି ଉଠିଲେ । କ'ଣ କରିଥିଲ ? ଚୋରି ?

: ତା, ତାଠୁ ବୀରତ୍ୱପୂର୍ଣ୍ଣ କୀର୍ତ୍ତି । ଖୁନ୍ !!

: ଛୁରି ଭୁଷି ଦେଇଥିଲ କାହାକୁ ? — ଗଞ୍ଜେଡ଼ି ଲୋକଟା ପଚାରିଲା ଗଞ୍ଜେଇ ରଗଡ଼ୁ ରଗଡ଼ୁ । ଏ ତାର ସନ୍ଧ୍ୟା ଧୂପ — ତୃତୀୟ କଳି । ଦ୍ୱିତୀୟ କଳି ଛୁଇଲେ ଉଠାବେଳେ ଯାଜପୁରରୋଡ଼ ପାଖରେ ହୋଇ ଯାଇଛି ।

କଥା ନହସରେ କେତେବେଳେ ଯେ ବାଲେଶ୍ୱର ଡେଇଁ ଗାଡ଼ିଟା ଭୁସ୍ ଭୁସ୍ କରି ଖଡ଼ଗପୁର ଅଭିମୁଖେ ଧାଇଁଚାଲିଛି, ଖିଆଲ କରିନି । ମତେ କେନ୍ଦ୍ର କରି ସହଯାତ୍ରୀଙ୍କ ଭିତରେ ଆଶ୍ଚର୍ଯ୍ୟ କୌତୂହଳ । ସେମାନଙ୍କ ପାଖରେ ମୁଁ ଯେପରି ଏକ ରହସ୍ୟ !

ରାତି ଏଗାରଟା ପ୍ରାୟ ।

ଖଡ଼ଗପୁର ଷ୍ଟେସନରେ ଗାଡ଼ି ଲାଗିଲା । ଚାରିଆଡ଼େ ଆଲୋକମୟ । ଅସମ୍ଭବ ହଟ୍ଟଗୋଳ । ଗୁଡ଼ାଏ ଲୋକ ଓହ୍ଲେଇଗଲେ ଆମ କମ୍ପାର୍ଟମେଣ୍ଟରୁ ପଶ୍ଚିମ ଗାଡ଼ି ଧରିବେ ବୋଲି । ଟାଟା କାରଖାନାର ମଜ୍‌ଦୁର ଅନେକ ଥିଲେ ଆମ ଡବାରେ । ବେଶ୍ ଫାଙ୍କା ଫାଙ୍କା ଲାଗିଲା ଟ୍ରେନ୍‌ଟା । ଏତେବେଳକେ ଟିକିଏ ଆରାମ !

: ଚାଲ ଖାଇବା । ସେଇ ଲୋକଟି କହିଲା ।

: ନା, ପଇସା ନାହିଁ ।

: ମୋ ପାଖରେ ଅଛି ।

: ଧନ୍ୟବାଦ ।

: ଗ୍ଲାସ, ଗ୍ଲାସ, ଗ୍ଲାସରେ ଓପାସ ରହନ୍ତୁ ନାହିଁ । ଲୋକଟି ଦମ୍ଭାଳ୍ପ ଗଳାରେ କହିଲା ।

: ଜୀବନଟା କେତେଗୁଡ଼ାଏ ବ୍ୟତିକ୍ରମର ସମଷ୍ଟି ।

: ତ ହୋଇପାରେ । ସ୍ୱା ବୋଲି ଗ୍ଲାସରେ ନ ଖାଇ ବ୍ୟତିକ୍ରମଧର୍ମୀ ହେବାରେ କ'ଣ ବେଶୀ ସାନ୍ତ୍ୱନା ମିଳେ ?

ଏଥର ଲୋକଟାକୁ ଖୁବ ଭଲ ଲାଗିଲା । କିଛି ସମୟ ଆଗରୁ ମତେ ତାକୁ ଭଲ ଲାଗି ଆସିଥିଲା । ପଗ୍ଧରଲା, ତୁମେ କେଉଁଠିକି ଯିବ ?

: କଲିକତା ।

: କ'ଣ କର ସେଠି ?

: ଗୋଟାଏ ସାହେବ ବଙ୍ଗଲାରେ ଚପରାସି ।

ଚପରାସି ?

: ହୁଁ ।

: କେତେ ପାଅ ?

: ସତୁର । ଉପ୍ପର ବକ୍‌ସିସ୍ ଅଛି । ମେମ୍ ସାହେବ ମତେ ଖୁବ ଭଲ ପାଏ । ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ି ଘରେ ଅଭାବ ଯୋଗୁଁ କଲିକତା ପଳେଇ ଯାଇଥିଲି । ସାହେବ ଗୋଟାଏ ଇଂରେଜୀ କମ୍ପାନୀର ଡିରେକ୍ଟର ।

: କେତେ ପାଅ ପ୍ରଶ୍ନରୁ ଏତେଗୁଡ଼ାଏ କହିଯିବାର କିଛି କାରଣ ବୁଝିଲି ନାହିଁ । କଥା ମଝିରେ ବାଧାଦେଇ କହିଲି, ସାହେବଙ୍କ ନାଁ କ'ଣ ?

: ଉଇଲ୍‌ସନ୍ । ସ୍ତ୍ରୀଙ୍କ ନାଁ ଲିଲି ଉଇଲ୍‌ସନ୍ ।

: ଲିଲି ଖୁବ୍ ସୁନ୍ଦରୀ ?

: ଖୁବ୍ !

ଇଲେକ୍‌ଟ୍ରିକ୍ ଆଲୁଅରେ ତା' ଆଖି ଦୁଇଟା ଧକ୍ କରି ଜଳି ଉଠିଲା ।

: ଆସ, ଖାଇବ ଆସ । ଉଠ । ମୋ ପାଖରେ ପଇସା ଅଛି । କଲିକତାରେ ଯାଇଁ ପହଞ୍ଚିଗଲେ ଟଙ୍କାର ଅଭାବ ନାହିଁ । ମେମ୍ ସାହେବ ପକେଟ ଦେଇଣ୍ଟି ନୋଟ ଗୁଞ୍ଜିଦିଏ ।

: ତା ସାଙ୍ଗରେ ବାହାରକୁ ଉଠି ଯାଉଁ ଯାଉଁ ପଚାରିଲି—ଖୁବ୍ ଭଲ ପାଏ ନା ମେମ୍ ସାହେବ ?

: ଖୁବ୍ ଭଲ ।

: ପୁଅ ଝିଅ କ'ଣ ମେମ୍ ସାହେବର ?

: ତିନି ବର୍ଷର ଝିଅଟିଏ—ଡଲି । ମାସେ ଛୁଟି ନେଇ ଯାଇଥିଲି । ପନ୍ଦର ଦିନ ବଡ଼ କଷ୍ଟମଷ୍ଟରେ ରହିଲି । 'ଡଲି' ମନେ ପଡ଼ିଲା ସବୁବେଳେ । ମେମ୍ ସାହେବ ପ୍ରତି ଚାରି ଦିନରେ ଚିଠି ଲେଖିଲ ଚାଲି ଆସିବାକୁ । ମୋ ବିନା ଦଣ୍ଡେ ଚଳିପାରିବନି ମେମ୍ ସାହେବ । କହୁ ଅନ୍ୟମନସ୍କତା ଭିତରେ ସେ ମୋ ହାତ ଧରି ପକେଇଲା ଗଭୀର ଆନ୍ତରିକତାର ଚିହ୍ନ ସ୍ୱରୂପ !

ମନେହେଲା, ସେ ଯେପରି ମୋଠାରୁ କିଛି ସାନ୍ତ୍ୱନା ଖୋଜୁଛି ।

ଚାରି ଖଣ୍ଡ ପୁରି ଦି ଜାଗାରେ । ବୁଲି ବକାଲୀକୁ କହିଲା ସେ ।

: ତୁମ ନାଁ କ'ଣ ? ମୁଁ ପଚାରିଲି ।

: ମହେନ୍ଦ୍ର ।

: ବାହା ହୋଇଛ ?

: ହଁ । ମୋ ଆଡ଼କୁ ଗୋଟାଏ ଠୁଙ୍ଗାରେ ପୁରି ବଢ଼େଇଦେଇ କହିଲା ମହେନ୍ଦ୍ର—ମିଠା ନବ ?

: ନା ।

: ନିଅ, ନିଅ !! ପଇସା ଅଛି । ବନ୍ଧୁତାର ପ୍ରଥମ ଉନ୍ମେଷ । ମୋର ମନେପଡ଼ିଲା ମୋ ଜୀବନର ପ୍ରଥମ ବନ୍ଧୁ ସୁରେଶ କଥା । ଏଇମିତି ଗୋଟାଏ କଥାର ପ୍ରସଙ୍ଗ ଭିତରେ ଆଲୋଚନା ଜମି ଉଠିଥିଲା । ଆଉ ସେଇ ଆଲୋଚନାରୁ, ଆନ୍ତରିକତା···

: ଦେ'ରେ ଦଇଟା, ଦଇଟା ରସଗୋଲା ଦେ । ଦୋକାନୀକୁ ଉଦ୍ଦେଶ୍ୟ କରି କହିଲା ମହେନ୍ଦ୍ର । ବନ୍ଧୁ ପାଇଁ ସର୍ବସ୍ୱ ଦେଇ ନିଃସ୍ୱ ହୋଇଯିବାରେ ଯେପରି କି ଅସରନ୍ତି ଆନନ୍ଦ !

: ନା, ଗୋଟାଏ ଯଥେଷ୍ଟ । ରସଗୋଲାଟା ଦୋକାନୀ ହାତରୁ ନେଇ ପଚାରିଲି — ବାହା ହୋଇଛ, ସ୍ତ୍ରୀକି ନେଇ ସାଙ୍ଗରେ ଯାଉନ ?

: ହେଃ, ସ୍ତ୍ରୀ…

: କ'ଣ ହେଲା ?

: କାଲୀ ଅପରଛନୀ, ସେଇଟା ଗୋଟାଏ କି ସ୍ତ୍ରୀ !

: ବାହା ହେଲ କାହିଁକି ?

: ମୁଁ କ'ଣ ମାଗୁଥିଲି ! ବାପା ଜବରଦସ୍ତ ବାହା କରିଦେଲେ ।

: ଜବରଦସ୍ତ ? ପୁରୁଷପୁଅ ତୁମେ ।

: ହେଲେ କ'ଣ ହେବ ? ଆମ ସମାଜ କଥା ଦେଖୁନ !

ଠିକ୍ ତ ! ଯେଉଁ ସମାଜରେ ମହେନ୍ଦ୍ର ପରି ପୁରୁଷପିଲା ଅଭିଭାବକ ପାଖରେ ଅସହାୟ, ସେଠି ଆଉ ତ ପର ଝିଅ ବା କ'ଣ କରିଥାଆନ୍ତା ?

ପଚାରିଲି—ତୁମ ସ୍ତ୍ରୀ କିଛି କହେନା ?

: କ'ଣ କହିବ ? ଘରେ ଅଛି ଖାଉଛି, ପିଉଛି—ବୋହୂଗିରି କରୁଛି ।

: ଛି, ଛି, ତାର ଦୋଷ କ'ଣ ?

: ଦୋଷ ମୋର ବା କେଉଁଠି ?

: ବାପାଙ୍କ ଆଦେଶ ମାନି ବାହାହେଲ ଯେତେବେଳେ, ନିରୀହ ଝିଅ ଉପରେ ଦାଉ ସାଧୁଛ କାହିଁକି ?

ମୋ କଥା ଶୁଣି ନ ଶୁଣିଲା ପରି ଆଡେଇ ହୋଇ କଲ ପାଖକୁ ପାଣି ପିଇବାକୁ ଚାଲିଗଲା ମହେନ୍ଦ୍ର । ମତେ ସେଇଠୁଁ ଗୋଟାଏ ପାଣିପାଣ୍ଡେ ଆସି ପାଣି ଟେକିଦେଲା ।

ହୁଇସିଲ୍ ବାଜିଲା । ସବୁଜ ଆଲୁଅ ହଲିଲା । ଗାଡ଼ି ଚାଲିବାର ସଙ୍କେତ । ଆଗରେ ଲାଇନ ଖୁଣ୍ଟ ଦେହରେ ସିଗ୍‌ନାଲ୍‌ଟା ହୁଏତ ବହୁତ ତଳକୁ ପଡ଼ିସାରିଛି । ଏ ଗାଡ଼ି ଆଉ ଛିଡ଼ା ହେବନି । ଏ ଗାଡ଼ି ଆଉ ପଛକୁ ଫେରିବନି । ଏ ଗାଡ଼ି ଆଗେଇବାର ନିଶାରେ ମାତାଲ !

କମ୍ପାର୍ଟମେଣ୍ଟ ଭିତରକୁ ଉଠିଆସିଲୁ ଦୁହେଁ । ମୁଁ ଫେରି ଆସିଲି ସିଟ୍ ଉପରକୁ । ମହେନ୍ଦ୍ର କିନ୍ତୁ ଠିଆ ହୋଇ ରହିଲା ସେଇ ଦୁଆରମୁହଁରେ । ଠିଆ

ହେଉ ବଗୁର, ଠିଆ ହେଉ । ସ୍ତବ୍ଧ ଅନ୍ଧକାର ଭିତରେ ଅଦୃଶ୍ୟ ପ୍ରକୃତିକୁ ଚାହିଁ, ଏଇ ଚଳାୟମାନ ଟ୍ରେନ୍ ଭିତରୁ ତା ମନର ବସ୍ତୁତ୍ତ୍ୱ ଭିତରେ ବେଦନଦଗ୍ଧା ନିରପରାଧିନୀ ସ୍ତ୍ରୀର କରୁଣ ଆତ୍ମାକୁ ସେଇ ପଳାୟମାନ ପୃଥିବୀର ଅସୀମତା ଭିତରେ ସେ ହୁଏତ ଖୋଜି ଦେଖୁ ।

ଖୋଜି ଦେଖୁ !

ଟିକିଏ ସାନ୍ତ୍ୱନା ପାଉ !

କେତେବେଳ ଯାଏ ମହେନ୍ଦ୍ର ଦୁଆର ମୁହଁରେ ଠିଆ ହୋଇ ରହିଲା କହି- ପାରିବିନି । ଏ ଭିତରେ ମତେ ନିଦ ଲାଗିଯାଇଛି । ସେଇ ବସିଲାଠି ଘୁମେଇ ପଡ଼ିଛି ମୁଁ । ଘୁମେଇ ଘୁମେଇ ଅବଚେତନ ମନ ଭିତରେ ମହେନ୍ଦ୍ରର ଶ୍ୱେତାଙ୍ଗିନୀ ଲିଲି ଉଇଲସନ୍‌କୁ ସ୍ୱପ୍ନ ଦେଖିଛି, ଆଉ କଥାଭାଷା କରିଛି ତା କାଳୀ ଅପରିଚ୍ଛନ୍ନା ଗ୍ରାମ୍ୟ କୁଳବଧୂଟି ସହିତ !

କାହା ହାତ ବାଜି ହଠାତ୍ ଯେତେବେଳେ ନିଦ ଭାଙ୍ଗିଯାଏ, ଦେଖେ, ବାହାରେ ଫରଚ୍ଛ ହୋଇଯାଇଛି ।

ଏଇଟା ସନ୍ତ୍ରାଗାଛି । ଆଗ ଷ୍ଟେସନ ହାଓଡ଼ା । ଏଇଠି ଟିକଟ ଆସି ନେଇଯିବ ଟିକଟ କଲେକ୍ଟର । ସବୁ ଡବାରେ ଜଣେ ଦି ଜଣ ଏକା ସାଙ୍ଗରେ ଉଠିପଡ଼ି ଟିକଟ ଚେକ୍ କରିବେ ।

ମୋ ପାଖରେ ସେଇ ଗଞ୍ଜେଡ଼ି ଲୋକଟା କାନ୍ଧ ପାଖକୁ ମୁହଁ ଆଣି କହିଲା,
: ଟିକଟ ନାହିଁ, ପାଇଖାନା ପାଖକୁ ଉଠି ଚାଲିଯାଅ, ନଇଲେ ଧରି ନେବ ।

କିନ୍ତୁ ଉଠି ଚାଲିଯିବାର ଆଉ ସମୟ ନାହିଁ । ପୂର୍ବ ପଶ୍ଚିମ କମ୍ପାର୍ଟମେଣ୍ଟର ଦି ପାଖରୁ ଟିକଟ ମାଗି ମୋର ଆଡ଼କୁ ଆସୁଛନ୍ତି ଦି ଦି ଜଣ ଟିକଟ କଲେକ୍ଟର । ବସି ରହିଲି ନିର୍ଜୀବଙ୍କ ପରି ।

: ସାଧୁ ବାବା, ଟିକଟ ଲିକାଲୋ ।

: ଟିକଟ କଇନ ।

କାହିଁକି ବୋଲେନ ? ଓଡ଼ିଆ ଭାଷାର ଏକ ବିକୃତ ଉଚ୍ଚାରଣ କରି ବଙ୍ଗାଳୀ ଟି.ଟି.ସି. ଦାଦା ମୋ ଆଡ଼କୁ ମୁରଟ ଦେଖାଇ ଚାହିଁଲେ । ଲିକାଲୋ ଟିକଟ । ଆଉ ଜଣକଠୁ ଟିକଟ ମାଗୁ ମାଗୁ ମୋ ଉଦ୍ଦେଶ୍ୟରେ ପୁଣିଥରେ କହିଲେ—

: ଟିକଟ ନାହିଁ । ମୁଁ ଉଠି ଛିଡ଼ା ହୋଇ ପଡ଼ିଲି ତାଙ୍କ ଆଗରେ ।

: ଟିକଟ ନେଇଁ ତୋ ଗାଡ଼ି ଚଢ଼ା କାହେ ? କହି ଠ୍ୟାସ୍ କରି ଗୋଟାଏ ଚୁପୁଡ଼ା ଲଗାଇଦେଲେ ମୋ ଗାଲ୍‌ରେ । ତାପରେ ଗୁଡ଼ି ପକେଟରେ ହାତ ଭରତି କରି···ଲୁକାଲେ ପଇସା କହି ଦରାଣ୍ଡି କସିଲେ ।

: ଏ କ୍ୟା ହୈ ? କହି ପକେଟରୁ ଖଣ୍ଡେ କାଗଜ ଆଣିଲେ ଟି.ଟି.ସି. ।

ମୋ ପକେଟ ଭିତରେ ଏ ଗୁଡ଼ି ଚଉତା କାଗଜଟା ଆସିଲା କେଉଁଠୁ ? ମୁଁ ଆଶ୍ଚର୍ଯ୍ୟ ହେଲି ।

କାଗଜ ଖୋଲି ମୋ ମୁହଁକୁ ବକ୍ ବକ୍ କରି ଚାହିଁ କହିଲେ ଟି.ଟି.ସି. ବାବୁ : ଏଟା ପାଗଳ ନା କି ? ଦେଖୁଛ ମୁଖାର୍ଜୀ, ପକେଟରେ ଟିକଟ ରଖେତେ ଅଥଚ ବଲେ ନା କି ଟିକଟ ନେଇଁ···କହି ଚଉତା କାଗଜଟାକୁ ମୋ ପକେଟରେ ଗୁଞ୍ଜିଦେଇ ତା ଭିତରୁ ହଳଦିଆ ଟିକଟାକୁ ନେଇ ଚାଲିଗଲେ ଟି.ଟି.ସି. ।

ଗାଡ଼ି ଛାଡ଼ିଲା ।

ପକେଟ ଭିତରେ ଟି.ଟି.ସି. ଲୋକ କୋଚି କରି ଗୁଞ୍ଜିଦେଇ ଯାଇଥିବା କାଗଜଟାକୁ କାଢ଼ି ମେଲେଇ ଦେଖିଲି । ଦି ଧାଡ଼ି ଲେଖା ଅଛି—

: ବନ୍ଧୁ, ଚେଙ୍ଗାଲ୍ ଷ୍ଟେସନରେ ଓହ୍ଲେଇ ପଡ଼ୁଛି । ଘରକୁ ଫେରିଯାଉଛି। ଛୁଟି ପନ୍ଦର ଦିନ ବାକି ଅଛି । ତୁମକୁ ଅପମାନ ଦେଇଥିଲି—କ୍ଷମା କରିବ। ମୋ ଟିକଟଟା ହାଓଡ଼ା ପର୍ଯ୍ୟନ୍ତ । ତୁମକୁ ଦେଇଗଲି । କାମରେ ଆସିବ । ଇତି ।

ମହେନ୍ଦ୍ର

ହଲି, ଦୋହଲି, ଝୁଲି ଝୁଲି ଗାଡ଼ିଟା ଆସି ଠିଆ ହେଲା ହାଓଡ଼ା ଷ୍ଟେସନରେ ।

ବଡ଼ ଷ୍ଟେସନ ।

ହୋ—ହା, ଯୋ—ଘା ହୋଇ ସମସ୍ତେ ଓହ୍ଲେଇ ପଡ଼ିଲେ ।

ପୁରା ଟ୍ରେନଟା ଖାଲି ହୋଇଗଲା ସେଇଠି ପନ୍ଦର ମିନିଟ ଭିତରେ ।

ଆକାଶରେ ସେଣେ ସିନ୍ଦୁରି ଫାଟିଛି ହୁଏତ । କଅଁଳିଆ ଗୋଲାପୀ ଖରାରେ ଉଜ୍ଜ୍ୱଳ ହୋଇଆସୁଛି ଚାରିଆଡ଼ । ଗାଡ଼ି ଭିତରୁ ପ୍ଲାଟଫର୍ମ ଉପରକୁ ଓହ୍ଲେଇଲି । କଳ ପାଖକୁ ଚାଲି ଚାଲି ହୋଇ ଗଲି । ମୁହଁ ଧୋଇଲି ।

ସାତ ନମ୍ବର ପ୍ଲାଟଫର୍ମ ।

ଘଡ଼ି ଝୁଲୁଚି । ଛଅଟା ଦଶ ।

କୁଲି ମୁଣ୍ଡରେ ଜିନିଷ ଲଦି ଯେ ଯାଆନ୍ତେ ଯିବା ପାଇଁ ବ୍ୟସ୍ତ । ମୋ ସାଙ୍ଗରେ ଯେଉଁମାନେ ଏତେ ବାଟ ବସି ଆସିଥିଲେ ସେମାନେ କେତେବେଳେ ଓହ୍ଲେଇ ଚାଲିଗଲେଣି । ସେ କଲିକତା ପାନବିକାଳୀ ବାବୁଟି ! ଅନେକ-ଗୁଡ଼ାଏ ଜିନିଷ । କୁଲିମାନଙ୍କ ସାଙ୍ଗରେ ଖଉଖଟକା କରୁଛନ୍ତି । ମୋ ଆଡ଼କୁ ଚାହିଁଲେ । ତାପରେ ଗୁଏଁ ଗୁଏଁ ମୁହଁ ବୁଲେଇ ନେଲେ । ପାନଖିଆ ଓଠ ଫାଟି ଫାଟି ଯାଇଛି । ନିଶର ମୂଳ ନିଦ ବାଉଳାରେ ବେଢ଼ଙ୍ଗ ହୋଇଯାଇଛି । କଲି ଷକା, ମଙ୍ଗମଗ ଟେଶ ଅଲୁରୁ ବାଲୁରୁ ହୋଇଯାଇଛି—ବିଲାତି କୁକୁରର ନଡ଼କା କାନ ପରି ଦି କାନମୁଣ୍ଡା ଉପରକୁ ଝୁଲି ପଡ଼ୁଛି । ଲୋକଟା ଅଦ୍ଭୁତ ! ଚାଲି ଚାଲି ହୋଇ ଆଗକୁ ଗଲି ।

କୁଆଡ଼େ ଯିବ ?

ଆଗରେ କାଠ ବେଞ୍ଚ । ଟିକିଏ ବସିପଡ଼ିଲି । ତଳ ପକେଟରେ ଅଭିଶ ଶୁରଣା ଅଛି । କାଢ଼ି ଗଣିଲି । ମହେନ୍ଦ୍ରର ଚିଠିଟା ପୁଣିଥରେ ଖୋଲି ପଢ଼ିଲି । ଲୋକଟା କି ଉଦାର ! ଟିକଟଟା ମୋ ପକେଟରେ ଗୁଞ୍ଜି ଦେଇ ଯାଇ ନ ଥିଲେ ହୁଏତ ଏଠି ପୁଣି ସେଇ ଜେଲ ଦୁଆର ଦେଖିବାକୁ ପଡ଼ିଥାନ୍ତା ।

ଚିଠିଟା ପୁଣି ଥରେ ପଢ଼ିଲି ।

ପ୍ରତିଟି ଅକ୍ଷର ଯେମିତି ଏକ ଅପୂର୍ବ ଧ୍ୱନି ନେଇ ଝଙ୍କୃତ ହୋଇଉଠିଲା ମୋ କାନ ପାଖରେ । ସମସ୍ତ ଅକ୍ଷରଗୁଡ଼ିକର ସମନ୍ୱୟତା ଭିତରେ ଯେପରି ସେଇ ଧଳା କାଗଜ ଟିକକ ଉପରେ ରୂପାୟିତ ହୋଇଉଠିଲା ଏକ ପ୍ରାଣମୟ ଚରିତ୍ରର ଛବି ! ଉଚ୍ଛ୍ୱାସ ସ୍ନେହର ବ୍ୟଞ୍ଜନାରେ ଛଳଛଳ । ଅକପଟ ଆନ୍ତରିକତାର ବ୍ୟଥାରେ କୋମଳ ! ବେଦନାଦରଦୀ-ହୃଦୟର ଅପୂର୍ବ ଆଲେଖ୍ୟ !

ଚିଠିଟି ପୁଣି ଥରେ ପଢ଼ୁ ପଢ଼ୁ ମୋ ଆଖି ଛଳ ଛଳ ହୋଇଆସିଲା ।

ଏତିକିବେଳେ ପଛପଟୁ ମୋ କାନ୍ଧ ଉପରେ କାହାର କରସ୍ପର୍ଶ ମୁଁ ଅନୁଭବ କଲି ।

: ଉମାକାନ୍ତ ବାବୁ !

: କିଏ ? ଚମକିଉଠି ପଛକୁ ଚାହିଁଲି ।

: ଚିହ୍ନି ପାରୁଛନ୍ତି ? ଭଙ୍ଗା ଭଙ୍ଗା ଓଡ଼ିଆରେ ପଚାରିଲା ଏକ ଅନିନ୍ଦ୍ୟ ସୁନ୍ଦରୀ ନାରୀକଣ୍ଠ ।

: ହଁ, କେଉଁଠି ଦେଖିଲା ପରି ମନେ ହେଉଚି ।

: ମନେ ପକାନ୍ତୁ ତ !

: ହଁ, ଦେଖିଛୁ କେଉଁଠି । କିନ୍ତୁ ଠିକ୍ ମନେ ପଡ଼ୁନାହିଁ ।

: କିନ୍ତୁ ମୁଁ ତ ଆପଣଙ୍କୁ ଚିହ୍ନିପାରିଲି ଏ ବେଶରେ ! କାହିଁକି ହୋଇଛନ୍ତି ଏମିତି ? ଆରତିର ବିରହରେ ?

: ଓ, ଆପଣ ମିସ୍ ବେଲା ମଜୁମଦାର ?

: ଚିହ୍ନିପାରିଲେ ତା'ହେଲେ !

: ହଁ, ଚିହ୍ନିଲି ତ ।

: କେଉଁଠି ଚିହ୍ନିଲେ ? ଆରତି ନାଁ ନ ଧରିଥିଲେ ଆପଣ କ'ଣ ମତେ ଚିହ୍ନିଥାଆନ୍ତେ ? ଏ ଚିହ୍ନିବାଟା ଆପଣଙ୍କ ମନରେ ଛାପ ପକାଇଥିବା ମୋ ରୂପର ଗର୍ବ କଥା ନୁହେଁ ଏ ହେଉଛି 'ଆରତି' ନାଁର ସାର୍ଥକତାର ଚିହ୍ନ ! କହି, ମୋ ଆଡ଼କୁ ଟିକିଏ ସ୍ନିଗ୍ଧ ଦୃଷ୍ଟିରେ ଚାହିଁ କହିଲେ ମିସ୍ ବେଲା, କୁଆଡ଼େ ଯିବେ ଆପଣ ?

: ଆପଣ ? ହୋ ହୋ କରି ହସିଉଠିଲି । ଏ ଚେହେରାଟା ଦେଖିଲା ପରେ ବି 'ଆପଣ' ସମ୍ବୋଧନ ।

: ମଣିଷର ଚେହେରାଟା କ'ଣ ସବୁ ! ହୃଦୟ ବୋଲି କିଛି ନାହିଁ ?

: ହୃଦୟ ? ମୁଁ ପୁଣି ହସିଉଠିଲି ! ମିସ୍ ବେଲାଙ୍କୁ ଦେଖି ମୁଁ ଯେପରି ଗୋଟାଏ କି ଅବଲମ୍ବନ ପାଇଲା ପରି ଟିକିଏ ଆଶ୍ୱସ୍ତ ମନେକଲି । କିନ୍ତୁ ହଠାତ୍ ନିଜକୁ ସଯତ କରିନେଇ କହିଲି — ଏତେ ସକାଳୁ କୁଆଡ଼େ ଆସିଥିଲ ?

: ଆମ ପାର୍ଟିର ଚାରି ଜଣ କମ୍ରେଡ୍ ରାଞ୍ଚି ଏକ୍ସପ୍ରେସ୍‌ରେ ଜାମସେଦପୁରରୁ ଆସିବାର ଥିଲା । ସେମାନଙ୍କୁ ଫୁଲମାଳ ପିନ୍ଧାଇ ପାଛୋଟି ନେବାର ଦାୟିତ୍ୱ ଥିଲା ମୋ ଉପରେ ।

: କାହାନ୍ତି ସେମାନେ ?

: ଆସି ନାହାନ୍ତି । ହୁଏତ କିଛି ଅସୁବିଧା ହୋଇଛି । ହୁଏତ ଟ୍ରେନର ଭଡ଼ା ଯୋଗାଡ଼ ହୋଇପାରିନି ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ।

ଟ୍ରେନର ଭଡ଼ା ଯୋଗାଡ଼ ହୋଇ ନ ପାରିବାର ଆଶଙ୍କା ଭିତରେ ବି ଏ ପାର୍ଟିର ନେତାମାନଙ୍କୁ ଷ୍ଟେସନରୁ ପାଛୋଟି ନେବାପାଇଁ ଫୁଲମାଳାର ପଇସା ଯୋଗାଡ଼ ହୋଇପାରେ···

: ଦୈନ୍ୟର ଅଶ୍ରୁ ଭିତରେ ସଂଘର୍ଷର ଶାନ୍ତି, ଆଉ ଅଭାବର ବ୍ୟର୍ଥତା ଭିତରେ, ଆଶାର ବର୍ତ୍ତୁଳ ଆକାଶ ତ ବାନ୍ଧେଇ ରଖିଛି ଏ ପାର୍ଟିଟାକୁ । ଫୁଲମାଳା ପାଇଁ ପଇସା ଯୋଗାଡ଼ କରିବାକୁ ପଡ଼େ ନା ଏ ପାର୍ଟିକୁ । ମାଳାର ଫୁଲ ହେବା-ପାଇଁ କେତେ ଲକ୍ଷ ପ୍ରାଣ ଯେ ଅପେକ୍ଷା କରି ରହିଛି ଏ ପାର୍ଟି ଶିବିରର ଉଦ୍ୟାନରେ, ତା କ'ଣ ବିଶ୍ୱାସ କରିବେ ଆପଣ ?

ଟିକଏ ହସିଲି । କହିଲି—ତୁମ ଶିବିରର ଫୁଲଝଣୀ ଯେତେବେଳେ ଦେଖିନି ସେତେବେଳେ ତା ଉଦ୍ୟାନରେ ଲକ୍ଷ ପ୍ରାଣ-ପୁଷ୍ପର ମୁଞ୍ଜରଣ ସମ୍ବନ୍ଧରେ ଧାରଣା ବା ହେବ କ'ଣ ?

: କାହିଁକି, ଆମ ଶିବିରର ଫୁଲଝଣୀ ପାଖକୁ ଯିବାରେ ବାଧା କେଉଁଠି ଅଛି ? ଚାଲନ୍ତୁ ଯିବେ, କହି ମୋ ଆଡ଼କୁ ସ୍ନିଗ୍ଧ ଭଙ୍ଗୀରେ ଚାହିଁଲା ବେଲା ।

: ନା, ନା, ସେ ସୌଭାଗ୍ୟ ହେବାକୁ ମୋର ଡର ଅଛି ।

: ଡର କାହିଁକି ? ମୁଁ ତ ସାଙ୍ଗରେ ଅଛି ।

: ତୁମେ ସାଙ୍ଗରେ ଥିଲେ ଭାଗ୍ୟ ପରିବର୍ତ୍ତିତ ହୋଇଯାଏ ?

: ହୋଇ ନ ଯିବ କାହିଁକି ? ବିଶ୍ୱାସ ରଖନ୍ତୁ ।

: ବିଶ୍ୱାସ ରଖିପାରିବାର ବୁଦ୍ଧି ଥିଲେ, ଏ ଭଙ୍ଗା ପ୍ରାଣର ବିଭତ୍ସ ଚେହେରା ନେଇ 'ବାଉଳା' ବେଶରେ ବାହାରିଥାନ୍ତି କାହିଁକି ?

: ଆପଣ ବୋଧହୁଏ ଜାଣନ୍ତି ନାହିଁ, ବେଲା କହିଲା···ଭଙ୍ଗା ପ୍ରାଣର ବାଉଳାଙ୍କ ପାଇଁ ହିଁ ଆମ ଶିବିରର ମୁକ୍ତ ଫୁଲଝଣୀ ! ନିଜ ଉପରେ ବିଶ୍ୱାସ ରଖିବାର ବୁଦ୍ଧି ଆପଣଙ୍କର ନାହିଁ ବୋଲି ଆପଣ କହୁଛନ୍ତି, କିନ୍ତୁ ସେଠିକି ଚାଲନ୍ତୁ ଦେଖିବେ ବିଶ୍ୱାସ ଆପଣଙ୍କର ଆପେ ଫେରି ଆସିବ ।

: ସତେ ! ମୁଁ ଟିକଏ କୌତୂହଳ ଦୃଷ୍ଟିରେ ବେଲା ଆଡ଼କୁ ଚାହିଁ କହିଲି—ତୁମ ପାର୍ଟିର ଶିବିର ନିବାସୀ ହେଲେ ବିଶ୍ୱାସ ଫେରିଆସେ ବୋଲି, ତୁମର ତରୁଣ ବନ୍ଧୁ ଅସିତ୍ ଆତ୍ମହତ୍ୟା କରି ମଲେ ନା କଣ ?

: ଆତ୍ମହତ୍ୟା ତ ନୁହେଁ ! ତାଙ୍କର ହାର୍ଟ ଫେଲ୍ ହେଲା ।

: ହାର୍ଟଫେଲ୍ ଆଉ ଆତ୍ମହତ୍ୟା ଭିତରେ ବିଶେଷ କିଛି ଫରକ୍ ମୁଁ ଦେଖେନି ମିସ୍ ମଜୁମଦାର ! ନିଜ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ହରାଇ ବସିଲେ ଲୋକ ଶୀଘ୍ର ମରିବା ପାଇଁ ପ୍ରଥମଥର ଆଶ୍ରା ନେଇ ବିଷ ଖାଇ ଆତ୍ମହତ୍ୟା କରେ । ଆଉ ଯିଏ ଟିକିଏ ଟିକିଏ କରି ଆତ୍ମପ୍ରତ୍ୟୟ ହରାଇ କ୍ରମଶଃ ଗ୍ଲାନିପଙ୍କରେ ସେ ବିଷ ବଦଳି ବ୍ରାଣ୍ଡି ଖାଏ । ପ୍ରାଣଟାକୁ ତିଳ ତିଳ କରି ପୋଡ଼ି ଜାଳି ଭସ୍ମ କରିଦିଏ । ହାର୍ଟଫେଲ୍ ବି ପ୍ରକାରାନ୍ତରେ ଆତ୍ମହତ୍ୟାର ରୂପାନ୍ତର !

ଏଥର ଚୁପ୍ ହେଇଗଲି ବେଲି । କହିଲି—ଆପଣଙ୍କର ଏ ଉକ୍ତିକୁ ଖଣ୍ଡନ କରିବାର ଯୁକ୍ତି ଅଛି ମୋ ପାଖରେ । କିନ୍ତୁ ଏ ପ୍ଲାଟଫର୍ମ ଉପରେ ଛିଡ଼ାହୋଇ ସେ ସବୁ ନୁହେଁ । ଟିକିଏ ସୁସ୍ଥ ହୋଇ ବସିଲି ପରେ । ଚାଲନ୍ତୁ···

: କୁଆଡ଼େ ? ତୁମ ଶିବିରକୁ !

: ଶିବିର କାହିଁକି ? ଆମ ଘରକୁ ।

: କମ୍ୟୁନିଷ୍ଟ ହେଲେ ବୁଦ୍ଧି ବୃତ୍ତିର ବିକାଶ ହୁଏ ନା, ଲୋପ ପାଏ ?

: ଘରକୁ ଡାକିଲି ବୋଲି ଏକଥା କହୁଛନ୍ତି ?

: ଖାଲି ଘରକୁ ନୁହେଁ, ତୁମେ ମତେ ସାମାଜିକ ଦୃଷ୍ଟିରୁ···ପୃଥିବୀର କୌଣସିଠିକି ବି ଡାକିପାରିବନି, ଜାଣ ? ତୁମ ପାର୍ଟି ଶିବିରକୁ ନୁହେଁ କି ତୁମ ଘରକୁ ବି ନୁହେଁ ।

: କାରଣ ?

: କାରଣ ତୁମ ସହିତ ମୋର ସମ୍ବନ୍ଧଟା କଣ ?

: ବନ୍ଧୁତା !

: ବନ୍ଧୁତା ? ମୁଁ ଶ୍ଳେଷ କଣ୍ଠରେ ପଚାରିଲି. ବନ୍ଧୁ କ'ଣ ଏତେ ଶସ୍ତାରେ ମିଳେ କଲିକତାରେ ? କହି ଟିକିଏ ରହିପାଇ ପୁଣି କହିଲି, ପୁରୀର ବି. ଏନ୍. ଆର. ହୋଟେଲରେ ତୁମ କମ୍‌ରେଡ୍ ବନ୍ଧୁ ଅସିତ୍‌ଙ୍କ ପାଖରେ ତୁମେ ମତେ କିଛି ସମୟ ପାଇଁ ଦେଖିଥିଲ । ସେଇ ଦେଖା କ'ଣ ବନ୍ଧୁତା ।

: କାହିଁକି ହବନି ? ବନ୍ଧୁତା ମାନେ କଣ ? ବନ୍ଧୁତାର ମାପକାଠି ?

: ମୋର କେହି ବନ୍ଧୁ ନାହାନ୍ତି, ମୁଁ କହି ପାରିବି ନି ।

: ଏବେ ନାହାନ୍ତି ! ଆଗେ ତ ଥିଲେ ?

: କିଏ ସେ ?

: ସୁରେଶ ବାବୁ ?

: ଓ, ହଁ, ସୁରେଶ ବନ୍ଧୁ ଥିଲା ମୋର ଦିନେ ।

: ତେବେ କହନ୍ତୁ, ବନ୍ଧୁତାର ମାପକାଠି କ'ଣ ?

: ବନ୍ଧୁତା, ମାନେ ମୁଁ ଟିକିଏ ରହି ରହି ହୋଇ କହିଲି—ହୁଏତ 'ଭଲ ଲାଗିବା'' ମାନେ 'ଗଭୀର ଭାବରେ ଭଲ ଲାଗିବା ।

: ତାହେଲେ ମତେ ସେଦିନ ଆପଣ ଭଲ ଲାଗିଥିଲେ ବୋଲି ମୁଁ ଯଦି କୁହେ, ଆଉ ସେଇ ଦୃଷ୍ଟିରୁ ଆପଣଙ୍କୁ ଆଜି ବନ୍ଧୁ ବୋଲି ଭାବେ···

: ସେ ଭାବିବାଟା ଭୁଲ୍ । କାରଣ ବନ୍ଧୁତାର ଅର୍ଥରେ ମୁଁ ଯେ 'ଭଲ ଲାଗିବା' କଥା କହିଲି ସେ ପରସ୍ପରକୁ ଭଲ ଲାଗିବାର ବିଚାର ଦୃଷ୍ଟିରୁ । କେବଳ ଜଣକୁ ଆଉ ଜଣେ ଭଲ ଲାଗିବାର କଥା ନୁହେଁ ।

: ଓ, ଆପଣ କହିବାକୁ ଚାହାନ୍ତି, ଆପଣ ମତେ ଭଲ ଲାଗିଥିଲେ ବି ମୁଁ ଆପଣଙ୍କୁ ଭଲ ଲାଗି ନ ଥିଲି । ଏଣୁ ମୁଁ ଆପଣଙ୍କୁ ବନ୍ଧୁ ଭାବରେ ନେଲେ ବି, ଆପଣ ମତେ ବାନ୍ଧବୀ ଭାବରେ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି ।

: ନ ହେବାର ଅନ୍ୟ କାରଣ ବି ଅଛି । ମୁଁ କହିଲି । ହଠାତ୍ ଦେଖି ଦେଖି, ନାରୀର ଗୋଟାଏ ପୁରୁଷକୁ ହଠାତ୍ ଭଲ ଲାଗି ଯିବାର ନିର୍ଲଜ ସ୍ୱୀକାରୋକ୍ତି ସମ୍ବନ୍ଧରେ ବି ମୋର ଅନେକ ସନ୍ଦେହ ଅଛି । ସେମାନଙ୍କର 'ଭଲ ଲାଗିବା'ଟା, ଯେ କି ମୌଳିକ ଅନୁଭୂତିର ଭିତ୍ତି ଉପରେ ପ୍ରତିଷ୍ଠିତ ତା କି ମୁଁ ବୁଝିପାରେ ନା ।

: ବୁଝି ପାରୁନାହାନ୍ତି କାରଣ ଆପଣ ''ଭଲ ଲାଗିବାର' ଅର୍ଥ ଟାକୁ ସିଧା ସଳଖ ''ପ୍ରେମ'' ବୋଲି ଧରି ନେଉଛନ୍ତି ।

ପ୍ରେମ—ଇ ତ ! ତା ଛଡ଼ା ଆଉ କଣ ଭଲ ଲାଗିବାର ତାତ୍ପର୍ଯ୍ୟ ?

: ନା, ପ୍ରେମ ନୁହେଁ ।

: ମୁଁ କହୁଛି 'ପ୍ରେମ' ।

: ସବୁ କ୍ଷେତ୍ରରେ କିନ୍ତୁ ନୁହେଁ ।

: ହେଲା, ସ୍ଥଳ ବିଶେଷରେ ପ୍ରେମର ଅଭିବ୍ୟକ୍ତି ଅଛି ତ ?

: ଥାଇ ପାରେ ?

: ପାରେ ଯଦି ସ୍ୱୀକାର କରୁଛ ମୋର ସେଭଳକରେ ଚାଲବ । ତା ଛଡ଼ା ମୁଁ ଯେତେ ଦୂର ଜାଣେ 'ପ୍ରେମର' ଉଦ୍ଦେଶ୍ୟ ଯେଉଁଠି ନାହିଁ···ସେଠି ଗୋଟାଏ ପୁରୁଷକୁ ନାରୀର "ଭଲ ଲାଗିବା" କଥାଟା ଗୋଟାଏ ଆଧୁନିକ ଶିକ୍ଷାର ପାଲିସ ଲଗା ଭଣ୍ଡାମି !

: ଆଃ, ଆପଣ ବଡ଼ ଦୁର୍ମୁଖ ! କହି ସେ ଫିକ୍ କରି ଟିକିଏ ହସି ଦେଲା, କହିଲା···ହଉ ବନ୍ଧୁ, ନ ସିବେ ପଛକେ, ଜଣାଶୁଣା ହିସାବରେ···ଆପଣ ତ ଯାଇପାରନ୍ତି ଆମ ଘରକୁ ।

: ନା, ତା ବି ନୁହେଁ ! ଜଣାଶୁଣା ଥିଲେ ଖାଲି କେହି କାହା ଘରକୁ ଚାଲି ଯାଏ ନା । ଜଣାଶୁଣା ଭିତରେ ଘନିଷ୍ଠତା ଥିବା ଉଚିତ ! ତେବେ ମୁଁ ତୁମ ଅନୁରୋଧ ରକ୍ଷା କରିବି ଗୋଟାଏ ଦୃଷ୍ଟିରୁ ।

: ସେ କଣ ?

: ପ୍ରୟୋଜନ । ମୁଁ ନିର୍ଲିପ୍ତ ଗଳାରେ କହିଲି ।

: ବେଶ୍, ସେଇଆ ହିଁ ହଉ ।

: ହଁ, ମୋର ଟିକିଏ ଆଶ୍ରା ଦରକାର କେତେ ଘଣ୍ଟା ପାଇଁ । କଲିକତା ପ୍ରଥମ ଥର ପାଇଁ ଆସୁଛି । ବିରାଟ ସହର ! ଏଠି କିଏ କେଉଠୁ ଆସେ, କୁଆଡ଼େ କେମିତି ଯାଏ, ଠଉରିବା ମୁସ୍କିଲ । ଏ ଷ୍ଟେସନଟାକୁ ଦେଖି ସହର ବିରାଟତ୍ୱକୁ ଅନୁମାନ କରି ପାରୁଛି । ସେ ବିରାଟତ୍ୱକୁ ଥରେ ସାକ୍ଷାତ କରିନେଇ ପାରିଲେ··· ତୁମଠୁ ମୁଁ ଛୁଟି ନେବି । ପାରିବ ଯଦି, ମତେ ସେଭଳି ସାହାଯ୍ୟ କରି କଲିକତାର ବିଶାଳତା ସହିତ ଥରେ ମୁକାବିଲା କରେଇ ଦିଅ ମତେ । କହି, ମୁଁ ଷ୍ଟେସନ ଫାଟକ ଆଡ଼େ ଆଗେଇଲି ।

ବେଲା ମୋ ସାଙ୍ଗେ ସାଙ୍ଗେ, ଦେହକୁ ଲାଗିଲା ପରି ଘଷି ହୋଇ ଚାଲିଲା ଦୀପ୍ତ ଭଙ୍ଗୀରେ ।

## ॥ ୨୪ ॥

ଆଲୋକ ଉଦ୍‌ଭାସିତ ଚୌରଙ୍ଗୀର ଏକ ସମ୍ଭ୍ରାନ୍ତ ହୋଟେଲ । ତାର ଏକ ନିଭୃତ କୋଠରୀରେ ବସିଥିଲୁ ମୁଁ ଆଉ ବେଲା । ସାମନା ସାମନି । କିଛି କାଶ୍ମୀରୀ ପଲାଉ ଆଉ ମୁର୍ଗୀର ରୋଷ୍ଟ ରଖା ହୋଇଛି ଟେବଲ୍ ଉପରେ । ଗୋଟାଏ କଡ଼କୁ ବେଲାର ସୁଦୃଶ୍ୟ ଭ୍ୟାନିଟି ବ୍ୟାଗ୍ ।

ନୀଳାଭ ବିଦ୍ୟୁତାଲୋକରେ କକ୍ଷଟି ଅପୂର୍ବ ଶ୍ରୀ ଧାରଣ କରିଛି । ଦାମୀ ଟଏଲେଟର ପରିପାଟୀରେ ବେଲାର ଗୌରକାନ୍ତି ମୁଖମଣ୍ଡଳ ଚକ୍ ଚକ୍ କରୁଛି । ଜାଫ୍ରାନୀ ରଙ୍ଗର ଜର୍ଜେଟ ଶାଢ଼ୀ ସାଙ୍ଗକୁ ବାଦାମୀ ରଙ୍ଗର ସିଲ୍କ ବ୍ଲାଉଜ, ତା ପରିପୁଷ୍ଟ ଯୌବନରେ ଆଣି ଦେଇଛି କାମନା ଦୀପ୍ତ ସୌନ୍ଦର୍ଯ୍ୟର ଲାବଣ୍ୟ ! ହାତରେ ପଟେ ପଟେ ରେଶମି କାଚ ଆଉ କେଉଁଠି କିଛି ଅଳଙ୍କାର ନାହିଁ । ଶାମ୍ପୁ ଲଗାଇ ହୁଏ ତ ମୁଣ୍ଡ ଧୋଇଥିଲା ବେଲା । ଖୋଲା କେଶର ଅଜସ୍ରତା ବିକ୍ଷିପ୍ତହୋଇ ପଡ଼ିଛି ପିଠି ଉପରେ । ଦୁଇ କାନ୍ଧ ଉପରକୁ ବି କେରାଏ କେରାଏ ଉଡ଼ି ଆସି ପଡ଼ିଛି । ପଙ୍ଖାର ମୃଦୁ ପବନରେ ସେଗୁଡ଼ିକ ଖେଳୁଛନ୍ତି ସତେକି ଫଣୀ ପରି ।

ନିର୍ନିମେଷ ନୟନରେ କିଛି କ୍ଷଣ ତା ଆଡ଼କୁ ଚାହିଁ ରହି କହିଲି, ବର୍ଷକ ପରେ ଏ ବାଦ୍‌ଶାହୀ ଖାନା ଖାଉଛି ମିସ୍ ମଜୁମଦାର, ଏ ଆତିଥେୟତା ପାଇଁ ଧନ୍ୟବାଦ !

: ନୋ ମେନ୍‌ସନ୍ ପ୍ଲିଜ୍ ! ଚମତ୍କାର ସାହେବି କାଇଦାରେ କହିଲା ବେଲା — ଖାଇ ସାରିଲା ପରେ ଧନ୍ୟବାଦ ଦେବା ବିଧି । କିନ୍ତୁ ଆପଣ ନ ଚାଖିବା ଆଗରୁ କହି ବସିଲେଣି ।

: କହି କିଛି ଭୁଲ୍ କରି ନା । ମୁଁ କହିଲି, ସ୍ତ୍ରୀ ଯଦି ପୁରୁଷର ଆତିଥେୟତା ଗ୍ରହଣ କରେ···ତାହେଲେ ସେ ଖାଇବା ଶେଷରେ ପ୍ରଶଂସା କରେ । କାରଣ ସେ ପାଚକା ହେବାର ସୌଭାଗ୍ୟ ନେଇ ଜନ୍ମ ହୋଇଛି କି ନା, ତେଣୁ ସେ ଖାଦ୍ୟ ସାମଗ୍ରୀ ସ୍ୱାଦ ଚାଖି ଧନ୍ୟବାଦ ଦିଏ । ପୁରୁଷ ପକ୍ଷରେ କିନ୍ତୁ ଓଲଟା ! ତା ଆଗରେ ଖାଦ୍ୟପଦାର୍ଥ ରଖା ହେଲେଇ ସେ ଧନ୍ୟବାଦ ଦେବାପାଇଁ ଶତମୁଖ ହୋଇ ଉଠେ । ଖାଦ୍ୟଟା ତା ପାଖରେ ବଡ଼, ସ୍ୱାଦ ନୁହେଁ ।

ହସିଲା ଟିକିଏ ବେଲା । କହିଲା — ଖାଆନ୍ତୁ ।

: ଲେଡ଼ିଜ୍ ଫାଷ୍ଟ୍, ମୁଁ କହିଲି ।

: ହଉ, ଫରମାଲିଟି ରଖନ୍ତୁ । ଏ ବିଲାତ ନୁହେଁ ।

: ବିଲାତ ନୁହେଁ ଠିକ୍, କିନ୍ତୁ ଆମେ ସବୁ ବିଲାତି କାଇଦାରେ ଖାଉଛୁ ! ଏ ଚିକେନ୍ ରୋଷ୍ଟ, ଏ ଭେଜିଟେବଲ୍ ସୁପ୍, ଏ ଟମାଟୋ ସାଲାଡ୍ ।

: କଣ୍ଟା ଚାମଚ ନେଇ ଖାଇବା ଆରମ୍ଭ କଲା ବେଲା । ମୁଁ କିନ୍ତୁ ଚଳାଇଲି ହାତରେ ।

: ଏ କଣ ? ଚାମଚ ନଉ ନାହାନ୍ତି ।

: ଅଭ୍ୟାସ ନାହିଁ । ତା ଛଡ଼ା ତୃପ୍ତି ଆସେ ନା ମୋର ।

କ୍ରିଂ, କିର ଘଣ୍ଟି ବାଜିଉଠିଲା ।

ବୟ ଆସି ସଲାମ ହେଲା ।

: କ୍ରିମ୍ ସାଉସ୍, ଅର୍ଡ଼ର ଦେଲା ବେଲା ।

କହିଲି—ଆଉ କଣ ହେବ । ଏଇ ତ ଯଥେଷ୍ଟ ।

: ଖାଆନ୍ତୁ ନା ।

: ନ ଖାଇ କିଁଣ ପେଟ ଖାଲି ରଖିଛୁ ବୋଲି ତୁମର ଧାରଣା ?

: ଧାରଣା ନୁହେଁ, ଅନୁମାନ ।

: ସେ ଅନୁମାନ ପ୍ରତ୍ୟେକ ନାରୀ ଜାତିର ଏକ ସହଜାତ ସଦ୍‌ଗୁଣ, ନା···?

: ରନ୍ଧା କେମିତି ହୋଇଛି ? ବେଲା ପଚାରିଲା ।

: ସେ କଥା ତୁମେ କହିବ ।

: ମୁଁ ଦେଇଛି ଯେତେବେଳେ, ମନ୍ତବ୍ୟଟା ଆପଣଙ୍କ ମୁହଁରୁ ମୋର ଶୁଣିବା କଥା । ଶେଷରେ ଗୋଟାଏ ବାଜେ ହୋଟେଲକୁ ନେଇ ଆସିଲି ବୋଲି କହିବେନି ତ ?

କଲିକତାର ମୁଁ କ'ଣ ଜାଣେ ଯେ କୌଣସି ହୋଟେଲକୁ ବାଜେ କହିବି ? ସକାଳ ପହରୁ, ଚିତ୍ତରଞ୍ଜନ ଏଭିନ୍ୟୁରେ ତୁମ ଘରଠୁ···ଏଇ ହୋଟେଲର କକ୍ଷ ପର୍ଯ୍ୟନ୍ତ । ହାଓଡ଼ାଠୁ ଆସିବା ବାଟରେ ବାସ୍‌ରେ ବସି ଦେଖିଛି ପାଞ୍ଚତାଲା, ସାତତାଲା କୋଠାର ମାଳା । ଦିନର ଆଲୁଅରେ କଲିକତାର ବ୍ୟସ୍ତତା । କର୍ମମୁଖର ନଗରୀର ରାଜପଥରେ ଲୋକର ଠେଲାପେଲା ଭିଡ଼ ! ଟ୍ରାମ, ମଟର,

ଇଚ୍ଛା । ଗୋଟାକ ପଛକୁ ଗୋଟାଏ । ଅନେକ ସମୟରେ ମନେ ହେଉଛି ଯେମିତି ଗୋଟାକ ଉପରେ ଗୋଟାଏ ଚଢ଼ି ଡେଇଁପଡ଼ି ଛୁଟିଯିବାକୁ ବ୍ୟସ୍ତ, ଲଗାମ ଛିଣ୍ଡା ଘୋଡ଼ାପଲ ! ଜୀବନଟା ଏଠି ଯେପରି ଗୋଟାଏ ଚଳନ୍ତି ଆକ୍‌ସିଡେଣ୍ଟ ।

: ଚମତ୍କାର ! ପାଟିରେ ଟମାଟୋ ସାଲାଦରୁ କିଛି ରଖି କହିଲା ବେଲା — ଆପଣ କବିତା ଲେଖନ୍ତି ନା ପଢ଼ନ୍ତି ?

: ଦୁଇଟାରୁ କୌଣସିଟାଇ କରେନା । କବିତାର ଧାର ଧରେନା ମୁଁ ।

: କଥା କହିବାର ଭଙ୍ଗୀ ଏଡ଼େ ଚମତ୍କାର କେମିତି ?

: ଏମିତି ଗ୍ରେପ୍ ଫ୍ରୁଟ୍ କକ୍‌ଟେଲ ଖାନା ପାଇଲେ, କଥା କହିବାର ଭଙ୍ଗୀରେ କବିତାର ଉଚ୍ଛ୍ୱାସ ଆପେ ଆପେ ଆସେ !

: ମୁଁ ରୋଜ ଏମିତି କକ୍‌ଟେଲ ଡିସ୍ ଦେବି । କଥା କହିବାକୁ ରହିବେ ମୋ ପାଖରେ ସବୁ ଦିନ ?

: କଥା ଶୁଣିବାର ରୁଚି ତ ଖୁବ୍ ମହାର୍ଘ ଦେଖୁଛି । ତୁମେ କୌଣସି ବାଦ୍‌ସାଙ୍କ ହାରେମ୍ ବାସିନୀ ବେଗମ୍ ହେବା ଉଚିତ୍ତ୍ ମିସ୍ ମଜୁମଦାର, ସରସ କଥା ଶୁଣିବାର ପିପାସା ତୁମର ଶାନ୍ତ ହୁଅନ୍ତା !

: ଭୁଲ୍ କହିଲେ । ବେଗମ୍ ତ ଶୁଣନ୍ତି ନାହିଁ । ବାଦ୍‌ସାଙ୍କ କାନରେ ଶୁଣାନ୍ତି ।

: ଓ, ସବୁ ଜାଣିଛ ତାହେଲେ ।

: ସବୁ ନୁହେଁ କିଛି କିଛି ।

: ତୁମର କିଛି ଜାଣିବାଟା, ମୋ ପାଇଁ ସବୁ ଜାଣିବାଠୁ ବି ବେଶୀ । କଲିକତା ପରି ମହାନଗରୀରେ ଅଛ, ତୁମର ଅଜଣା ଆଉ କଣ ?

: ମହାନଗରୀରେ ରହିଲେ କଣ ସବୁ ଜଣାଯାଏ ? ଏଠି କଣ ମୂର୍ଖ ନାହାନ୍ତି ?

: ତା ଆଇପାରନ୍ତି । କିନ୍ତୁ ଥିବେ ଯେତେକ, ସେମାନେ ନିଶ୍ଚୟ ମହାନଗରୀର ମହାମୂର୍ଖ !!

ହଣଦେ ହସିଉଠିଲା, ବେଲା ।

ଖିଆ ସରି ଆସିଥିଲା । ଟଏଲେଟ ରୁମ୍‌କୁ ଯାଇ ମୁଁ ମୁହଁ ଧୋଇ ଆସିଲି । ସେଇ ଟେବୁଲ ଉପର ବେସିନ୍‌ରେ ଗରମ ପାଣି ମାଖି ମୁହଁ ଧୋଇନେଲା ବେଲା । କହିଲା, ଆଉ ଟିକିଏ ବସନ୍ତୁ । ପୁଡ଼ିଙ୍ଗ୍ ଖାଇବେ ନା ଆଇସ୍‌କ୍ରିମ୍ ?

: ମୋର ଆଉ କିଛି ଚଳିବନି ।

: ସବୁ ଚଳିବ ! ହସି ହସି କହିଲା ବେଲା । ସେଇ ସକାଳ ପହରୁ ଆପଣ ସବୁ କିଛିକୁ ନାହିଁ ନାହିଁ କହୁଛନ୍ତି···ଅଥଚ···

: ସବୁ ଚଳେଇ ନଉଛୁ ନା ? ମୁଁ ବି ହସି ହସି କହିଲି : ସେଲୁନ୍ ଭିତରକୁ ଟାଣି ନେଇ ଦାଢ଼ୀ କାଟିବାକୁ ଜିଦ୍ କଲ । ଦାଢ଼ୀ କାଟିଲେ ଚଳିବ ନି ବୋଲି କହୁଥିଲି । କିନ୍ତୁ ବାଧ୍ୟ କଲ । ଦାଢ଼ୀର ଜଙ୍ଗଲ ସାଫ୍ କଲି । ବାସନା ତେଲ ଲଗେଇ, ସାବୁନ ମାଖି ଗାଧୋଇବା ଚଳିବ ନି ବୋଲି ଯୁକ୍ତି କରୁଥିଲି, ଅଥଚ ବାଥ୍‌ରୁମ୍ ଭିତରକୁ ଯାଇଁ ଜେଲ୍ ଜୀବନର ଅସନା ଦେହଟାକୁ ସଫା ସୁତୁରା କରି ଭଦ୍ର ହୋଇ ଉଠିଲି । ଫଟା କାମିଜ ଆଉ ଚିରା ଧୋତିଟା ବଦଳେଇଲେ ଚଳିବ ନି ବୋଲି କହୁଥିଲି, ଅଥଚ ହ୍ୱାଇଟ ଓ୍ୱେ ଲେଡ଼-ଲରୁ ଦାମୀ ପ୍ୟାଣ୍ଟ-ସାର୍ଟ, ଟାଇ, କୋର୍ଟ ପିନ୍ଧି ସାହେବୀ ଚେହେରା ବାଗେଇ ନେଲି । ମୋଜା, ଜୋତା, ଫେଲଟ୍ ହ୍ୟାଟ୍ କିଛି ବାଦ ଗଲା ନି । ସନ୍ଧ୍ୟାରେ ଏଠିକି ବୁଲି ବାହାରିଲା ବେଳେ ମୋ କୋଟର ବଟନ୍ ହୋଲ୍‌ରେ, ତୁମ ବଗିଚାର ଗୋଟାଏ ଗୋଲାପ ଆଣି ପିନ୍ଧାଇ ଦବାକୁ ଜିଦ୍ କଲାବେଳେ, ଛିଇ ଦେଖେଇ କହିଲି ନା, ନା, ଏତେ ସଉକ ଚଳିବ ନି । କିନ୍ତୁ ଏ ହୋଟେଲର ନିର୍ଜନ ଘରେ ବସି, ପଙ୍ଖାର ହାଓ୍ୱାରେ ଉଡ଼ି ଖେଳୁଥିବା ସେଇ ଗୋଲାପ ଫୁଲର ଗନ୍ଧକୁ ମୁଁ ଆଘ୍ରାଣ ଆଘ୍ରାଣ କରି ତୁମ ସୌନ୍ଦର୍ଯ୍ୟ-ବୋଧ ଜ୍ଞାନର ତାରିଫ୍ କରୁଛି ମନେ ମନେ । କଅଣ ? ଠିକ୍ ନା ? ଏଇଥିପାଇଁ କହୁଛ ତ ସବୁ ଚଳିଯିବ ?

: ଯାଃ, ବେଳା ଗମ୍ଭୀର ଆନ୍ତରିକତାରେ ମୋ ହାତ ଆପୁଡ଼େଇ ଦେଲା ?

ବେଲା ହାତର ସ୍ପର୍ଶ !

ଇଲେକ୍‌ଟ୍ରିକ୍ ସକ୍ ମାରିଲା ପରି ମୁଁ ଚମକି ଉଠିଲି ।

ପାଇନାପଲ୍ ଆଇସ୍‌କ୍ରିମ୍ ଆଣି ରଖିଦେଲା ବଏ ! ଚଳେଇ ନେବାକୁ ବାଧ୍ୟ ହେଲି ।

: ବିଲ୍ ଲେଆଓ ବଏ ! ବେଲା ଡାକିଲା ବଡ଼ଲୋକି ଗଳାରେ ।

: ଜି, ମେମ୍‌ସାହେବ । ସଲାମ ଠୁଙ୍କି ବୁଲିଗଲା ବେହେରା । କିଛି ସମୟ ପରେ ଗୋଟାଏ ପ୍ଲେଟରେ କିଛି ପାନମହୁରି, ଦାନ୍ତଖୁଣ୍ଟା ଖଡ଼ିକା ଆଉ ଖଣ୍ଡେ

କାଗଜର ବିଲ୍ ନେଇ ଚାଲିଆସିଲା । ଆଣି ରଖିଦେଲା ଟେବଲ୍ ଉପରେ । ବ୍ୟାଗ ଖୋଲି, ବେଲା ଟଙ୍କା କାଢ଼ିଲା । ଊଣେଇଶ ଟଙ୍କା ଚାରଣା । ଫିଙ୍ଗିଦେଲା ଦୁ'ଖଣ୍ଡ ଦଶ ଟଙ୍କିଆ ନୋଟ । କହିଲା, ଯାଓ ବକ୍‌ସିସ୍ ଲେଓ !'

ପୁଣି ସଲାମ ଠୁକିଲା, ବଏ ।

ଉଠି ଛିଡ଼ାହେଲା ବେଲା । କହିଲା ଚାଲନ୍ତୁ ଟାକ୍‌ସି କରି ଟିକିଏ ବୁଲି ଆସିବା । କଲିକତାର ରାତି କି ଚମତ୍କାର, ଚାଲନ୍ତୁ ଦେଖିବେ ।

ତା ସାଙ୍ଗେ ଉଠି ତଳକୁ ଆସୁ ଆସୁ କହିଲି—ଦେଖେଇବ ତ ଅନେକ । କିନ୍ତୁ ଏତେ ଦେଖିବାର ଦୃଶ୍ୟକୁ ମନେ ରଖିବ କେମିତି, ମିସ୍ ମଜୁମଦାର ?

: ମନେ ରଖିବା ନ ରଖିବା ଆପଣଙ୍କ କଥା । ମୋର କର୍ତ୍ତବ୍ୟ ଦେଖାଇବା ।

: କିନ୍ତୁ ସେ କର୍ତ୍ତବ୍ୟ କରିବାରେ ଲାଭ କଣ ତୁମର ?

: ଆନନ୍ଦ ! ମୋ ଆଡ଼କୁ କଟାକ୍ଷ ଢାଳି କହିଲା, ତୁମକୁ ଦେଖିବାରେ ଯଦି ଆନନ୍ଦ ଥାଏ । ତୁମକୁ ଦେଖାଇବାରେ ତା'ଠୁ ବଳି ଆନନ୍ଦ !

: ମତେ ଦେଖିବାରେ ତୁମର ଆନନ୍ଦ କାହିଁକି ବୁଝି ପାରୁନାହିଁ ତ !

: ଏତେ ସହଜରେ ଆପଣ ବୁଝି ପାରୁଥିଲେ କଣ ପୁରୁଷ ହେଇ ଜନ୍ମ ହୋଇଥାଆନ୍ତେ ?

: ମାନେ ?

: ମାନେ ନାରୀ ବୁଝିବାର ବେଦନା ନେଇ ଜନ୍ମ ହୋଇଛି । ଆଉ ପୁରୁଷ ନ ବୁଝିବାର ଛଳନା…

: କିନ୍ତୁ ନାରୀକୁ ହିଁ ସାଧାରଣତଃ ଛଳନାମୟୀ ବୋଲି କହିଥାନ୍ତି କବିମାନେ ।

: କବିମାନେ ଅସାଧାରଣ ଭାବରେ ପୁରୁଷ କି ନା ! ନିଜ ଚରିତ୍ରର ଦୋଷ ଅନ୍ୟ ଉପରେ ଲଦି ପାର ପାଇଯାଆନ୍ତି । କହି, ଚାଲି ଚାଲି ହୋଇ ଆସିଲି ଗ୍ରାଣ୍ଡ ହୋଟେଲ ସାମନାକୁ । ଚାହିଁଲି, ପ୍ରଶସ୍ତ ରାସ୍ତା ସେପାଖେ ଧାଡ଼ି ବାନ୍ଧି ଠିଆ ଟାକ୍‌ସି ଆଡ଼କୁ ।

ଡାକିବାକୁ ପଡ଼ିଲା ନାହିଁ । ଟାକ୍‌ସିବାଲା କିପରି ବୁଝି ପାରିଲା କେଜାଣି, ଗାଡ଼ି ଆଣି ଲଗେଇ ଦେଲା ଫୁଟ୍ ପାଥ୍ ପାଖକୁ ।

ଦୁଆର ଖୋଲି ଦେଲି, ବେଲା । କହିଲି ବସନ୍ତୁ ।

: ମୋ କାମଟା ତୁମେ କଲ କାହିଁକି ? ମୁଁ ପଚାରିଲି । ଦୁଆରଟା ମୋର ଖୋଲିଦେବା କଥା ତୁମପାଇଁ । ଏଇଟା ବୋଧହୁଏ, ମ୍ୟାନର୍ସ ?

: ତା ଠିକ୍ ! କିନ୍ତୁ ଏଠି ପ୍ରୟୋଜନଟା ମୋର କିନା ? ଆପଣଙ୍କୁ ନେଇ ବୁଲିଯିବା…

: ବଡ଼ 'ଫରମାଲ୍' ତମେ ମିସ୍ ମଜୁମଦାର ! କହି, ମୁଁ ଭିତରକୁ ଯାଇ ବସିଲି । ବେଲା ମୋ ଦେହକୁ ଘଷିହୋଇ ବସିଲା ପରେ ପଛ ଗଦି ଉପରକୁ ଆଉଜି ପଡ଼ି, ଦୁଆର ଲକ୍ କଲା । କହିଲା, ଜୋସ୍ନା-ସ୍ନାତ ଗଙ୍ଗାର ବକ୍ଷ ଦେଖିବେ ନା, ମୂର୍ତ୍ତିମନ୍ତ ଶୁଭ୍ରତାର ଭିକ୍ଟୋରିଆ ମେମୋରିଆଲ ?

: ମହାନଦୀରେ ଜୋସ୍ନାବିହାର କରିଛି । ଗୁମ୍ବଦମୀ ଚକିତ ସବୁଜ ପ୍ରାନ୍ତର ଉପରେ ସାମ୍ରାଜ୍ଞୀ ଭିକ୍ଟୋରିଆଙ୍କ ସ୍ମୃତି ମନ୍ଦିର ଦେଖାଯାଉ ।

ଛୁଟି ଚାଲିଲା ଟାକ୍‌ସି !

: ବାହାରେ ଛୁଟନ୍ତ ବାସ ଟ୍ରାମ୍‌ର ଶବ୍ଦ ସମାରୋହ ଭିତରେ ଲୋକଙ୍କର ବ୍ୟସ୍ତ କୋଳାହଳ । ବିଜୁଳି ଆଲୁଅର ଜ୍ୟୋତିର୍ମୟ ବନ୍ୟା ଭିତରେ ଦୀପ୍ତ ପ୍ରାଣର କର୍ମ ଉଚ୍ଛ୍ୱାସ ! ପଛରୁ ଚାବୁକ ମାରି, ମହାନଗରୀର ଶୋଣିତ ଚେତନାକୁ କିଏ ଯେପରି ଉନ୍ମାଦ କରି ତୋଳିଛି ! ଟାକ୍‌ସିର ଧୂସର ଅନ୍ଧକାର ଭିତରେ ଅର୍ଦ୍ଧ-ସ୍ୱଗତ କଣ୍ଠରେ କହିଲି…କି ସାଂଘାତିକ ଏ କଲିକତା ! ମଣିଷର ରକ୍ତ ଭିତରେ ଯିଏ ଉନ୍ମାଦନା ଯେପରି ବହ୍ନିର ଶିଖା ଜାଳି ଦେଇଛି ! ପ୍ରାଣ ଯେପରି ଏଠି ପୋଡ଼ି ଜଳି ନିଃଶେଷ ହୋଇଯାଉଛି । ଏଠି ଶାନ୍ତି କାହିଁ, ମିସ୍ ମଜୁମଦାର ?

: ଠିକ୍ କହିଛନ୍ତି । ଏଠି ଶାନ୍ତି ନାହିଁ । ମହାନଗରୀର ଅତୃପ୍ତ ଆତ୍ମା ଯେପରି ହାଇ ହାଇ କରୁଛି ।

: ତଥାପି ଏଠି ଲୋକ ବଞ୍ଚିଛି ? ମୁଁ ଆଶ୍ଚର୍ଯ୍ୟରେ ପଚାରିଲି ।

: ହଁ ବଞ୍ଚିଛି ! ବଞ୍ଚିଛି ସୁଖର ଐଶ୍ୱର୍ଯ୍ୟରେ କିନ୍ତୁ ନୁହେଁ, ସଂଘର୍ଷର ପ୍ରତିଘାତ ଭିତରେ । ମନର ଫୁର୍ତ୍ତିରେ ନୁହେଁ ପେଟର ଜ୍ୱାଳାରେ ।

: ବିଶ୍ୱର ମହାଜୀବନକୁ 'ଜ୍ୱାଳା' ହିଁ ତାହେଲେ ଏ ମହାନଗରୀର ଦାନ ! ମୁଁ ବିଷର୍ଣ୍ଣ ଗଳାରେ କହିଲି ।

: ହଁ, ତା ଛଡ଼ା ଆଉ କ'ଣ ? କିନ୍ତୁ କହି ପାରିବେ, ଅଶାନ୍ତ ଜ୍ୱାଳାରେ ଜଳିବା ପାଇଁ ଏ ଦୁରନ୍ତ ନିଶା କାହିଁକି ମହାନଗରୀର ପ୍ରାଣରେ ? ଆଶ୍ଚର୍ଯ୍ୟ ଗଳାରେ ପଚାରିଲା, ବେଲା ।

: ଏ ସର୍ବନାଶୀ ନିଶା, ମିସ୍ ମଜୁମଦାର ! ଏ ନିଶାର କିଛି କାରଣ ନାହିଁ । ଏ ନିଶା ମଣିଷ ପ୍ରକୃତିର ସହଜାତ । କହି ପାରିବ ମତେ : ଏ କଲିକତା ସହର ବୁଲାଇ ଦେଖାଇବା ପାଇଁ ତୁମର କାହିଁକି ନିଶା ଜାଗିଛି ?

: ଠିକ୍ କଥା, ମୁଁ କିଣ କହି ପାରିବ, ସେ ନିଶାର ବହ୍ନି ତେଜରେ ମୁଁ କାହିଁକି ଜଳୁଛି ? କାହିଁକି ମାତଲାମି କରୁଛି···ଆପଣଙ୍କ ସାଙ୍ଗରେ ଧରି ଏ ମହାନଗରୀର ରାଜପଥରେ ? କହ, ଟିକିଏ ରହିଯାଇ ପଚାରିଲ, ବେଲା···ଏ ଜ୍ୱଳନ କଣ ନିଷ୍ଫଳ ? ଏ ମାତଲାମି କଣ ନିରର୍ଥକ ?

: ଗାଡ଼ି ସିଧି ରୋକୁଙ୍ଗି, ମେମ୍‌ସାହେବ ?

: ରୋକୋ ! ଟାକ୍ସି ଭିତରେ ବେଲା ସଜାଡ଼ି ହୋଇ ବସିଲା, ଓହ୍ଲାଇବା ପାଇଁ ।

ଟାକ୍ସି ଠିଆ ହେଲା ।

ଡ୍ରାଇଭର ଲକ୍ ଖୋଲି ଦେଲା । ବ୍ୟାଗରୁ ଦଇଟା ଟଙ୍କା କାଢ଼ି ଧରେଇଲା ଦେଲା, ବେଲା । କହିଲା—ଯାଓ ।

ସଲାମ ଦେଇ ଚାଲିଗଲା ଡ୍ରାଇଭର ।:

ରାସ୍ତା ଉପରେ ଠିଆ ହୋଇ କିଛିକ୍ଷଣ ସ୍ତବ୍ଧ ହୋଇ ଚାହିଁ ରହିଲି ମେମୋରିଆଲ ଆଡ଼େ ! କି ଚମତ୍କାର ! ମୋ ପାଟିରୁ ଅସ୍ଫୁଟ ସ୍ୱରରେ ବାହାରି ଆସିଲା—ମିସ୍ ମଜୁମଦାର, ଏ ସ୍ୱପ୍ନ ନା ସତ୍ୟ ?

: ସ୍ୱପ୍ନ ନୁହେଁ କି ସତ୍ୟ ନୁହେଁ । ଏ ଏକ ସୃଷ୍ଟି !!

: ସୃଷ୍ଟି ! ଚମତ୍କାର କଥା ପଦେ କହିଛ, ମିସ୍ ମଜୁମଦାର. ଏ ଏକ ଅସାଧାରଣ ସୃଷ୍ଟି । କହ, ଚାଲି ଚାଲି ହୋଇ ଭିକ୍ଟୋରିଆ ମେମୋରିଆଲ ଆଡ଼କୁ ଆଗେଇ ଯାଉ ଯାଉ ମୁଁ ପଚାରିଲି, କହି ପାରିବ—ତୁମ ପରି ଜଣେ ସୂକ୍ଷ୍ମ ଦୃଷ୍ଟି କୋଣ ସମ୍ପନ୍ନ ଅସାମାନ୍ୟ ନାରୀର ପ୍ରେମ ପାଇ; ଅସିତ୍ ମଦଖାଇ ଜୀବନଟାକୁ ପୋଡ଼ି ଛାରଖାର କରି ଦେଲା କାହିଁକି ?

: କିଏ ଜାଣେ ? ସେ ମୋର୍ ପ୍ରେମ ଚାହିଁଥିଲେ କି ଆଉ କଣ ?

: ବୁଝି ପାରିଲି ନାହିଁ, ମଜୁମଦାର । ପ୍ରେମ ଛଡ଼ା ଆଉ କଣ କିଛି ଚାହିଁଥିଲା, ଅସିତ୍ ?

: ମୋର ତ ସେଇଆ ମନେ ହୁଏ ।

: ସେ କଣ ?

: ଦେହ ।

ସାମ୍‌ନାକୁ ଦୃଷ୍ଟି-ଫେରାଇ ବେଲାର ଗୌରକାନ୍ତ ମୁଖମଣ୍ଡଳ ଆଡ଼େ ଚାହିଁଲି । ଜୋତ୍ସ୍ନାଲୋକରେ ସ୍ପଷ୍ଟ ଦେଖିଲି ସେ ମୁହଁ ଯେପରି ଏକ ସକରୁଣ ବ୍ୟଥାରେ ଫାଟି ପଡ଼ୁଛି ! ସ୍ତବ୍ଧ କଣ୍ଠରେ ପଚାରିଲି, ଅଦିତି ସହିତ ତୁମର ପ୍ରେମ ଭିତରେ ଦେହର କିଛି ସମ୍ପର୍କ ନ ଥିଲା ମିସ୍ ମଜୁମଦାର ?

: ନା, ଦୈହିକ କିଛି ନ ଥିଲା । କହି, ସେ ହଠାତ୍ ଚୁପ୍ ହୋଇଗଲା ।

: କେବଳ ମାନସିକ ଭିତରେ ରଖିବାକୁ ମୁଁ ବାଧ୍ୟ ହୋଇଥିଲି ।

: ବାଧ୍ୟ କାହିଁକି ?

: ସମାଜର ଅନୁଶାସନ ନାହିଁ ?

: କମ୍ୟୁନିଷ୍ଟ ହୋଇ ବି ତୁମେ ତା ମାନ ?

: କମ୍ୟୁନିଷ୍ଟ କଣ ସୃଷ୍ଟି ଛଡ଼ା ?

: ସୃଷ୍ଟି ଛଡ଼ା ନିଶ୍ଚୟ ନୁହେଁ, କିନ୍ତୁ ଅସାମାଜିକ ।

: ପାର୍ଟି ବିରୁଦ୍ଧରେ ଏତେ ବଡ଼ ନାଲିଶକୁ କିନ୍ତୁ ମୁଁ ସ୍ୱୀକାର କରିବି ନାହିଁ ।

: ସତ୍ୟଟାକୁ ସ୍ୱୀକାର ନ କରିବାର ଔଚିତ୍ୟ ହିଁ ତ ଅସମାଜିକ ।

: ଏଥର ଫିକ୍ କରି ହସି ଉଠିଲା ବେଲା । କହିଲା, କି ଯୁକ୍ତି ଆପଣଙ୍କର !

: ଭୟ କରୁଛ ?

: ନା, କମ୍ୟୁନିଷ୍ଟ ଭୟ କରେ ନା ।

: ସେଇଥିପାଇଁ ଅଣ୍ଡରଗ୍ରାଉଣ୍ଡ ଯାଏ ? ମୁଁ କହିଲି ଅନ୍ଧାରିଆ ଗଳାରେ, ଆତ୍ମ ଗୋପନ କରି ଲୁଚି ରହେ ବର୍ଷ ବର୍ଷ……

: ଲୁଚି ରହିବା ମୂଳରେ କଣ କେବଳ ଭୟ ହିଁ ଏକମାତ୍ର କାରଣ ହୋଇପାରେ ?

: ତା ଛଡ଼ା ଆଉ କ'ଣ ?

: ଲୁଚି ରହିବାଟା ଦରକାର ପଡ଼େ ନା କ'ଣ ମଣିଷ ଜୀବନରେ ?

: ସ୍ଥଳ ବିଶେଷରେ ପଡ଼ିପାରେ । ଆଉ ସେ ପଡ଼ିବା ମୂଳରେ ପ୍ରାଣର ଆତଙ୍କ ହିଁ ଏକମାତ୍ର କାରଣ ମୋ ମତରେ ।

: ଆପଣଙ୍କ ମତରେ କାହିଁକି ? ବୁର୍ଜୋୟାବାଦୀଙ୍କ ମତରେ । ବେଲା ଶ୍ଳେଷ କଣ୍ଠରେ କହିଲା ।

: ଆଚ୍ଛା ହେଲା, ତାପରେ···

: ତାପରେ ? ହଁ, କଣ କହୁଥିଲି···

: ଭୁଲିଗଲ କ'ଣ କହୁଥିଲ ? ମୁଁ ହସି ଉଠିଲି, ବୁର୍ଜୋୟା ଶବ୍ଦ ଉଚ୍ଚାରଣ କରୁ କରୁ ହିଁ ରାଗରେ ତାତି ଉଠି ସ୍ମରଣ ଶକ୍ତି ହରେଇ ବସିଲ ? ତୁମେ କଣ କହୁଛ, ସେମାନେ ରହିବେ ନାହିଁ ?

: ରହିବେ ନାହିଁ କାହିଁକି ? ମଣିଷ ଭାବରେ ରହିବେ । ଶ୍ରେଣୀ ହିସାବରେ ଆମେ ତାଙ୍କୁ ରଖେଇ ଦେବୁ ନାହିଁ ।

: ଦେବ ନାହିଁ ? ମୁଁ ପୁଣି ଥରେ ପଚାରିଲି ।

: ନା, ନା, ନା··· ଝଞ୍ଜାପରି ଗର୍ଜି ଉଠିଲା ବେଲା ।

: ସେଥିପାଇଁ ତ କହୁଥିଲି, ପ୍ରତିକ୍ରିୟାର ଏତେ ବଡ଼ ସ୍ପର୍ଦ୍ଧା ! ଯେଉଁ ପାର୍ଟିର··· ତାର କର୍ମୀ ଧର-ପଗଡ଼ ବେଳକୁ ମୁହାଁମୁହିଁ ମୁକାବିଲା କରିବାର ସାହସ ପାଏନା । ଅଣ୍ଡରଗ୍ରାଉଣ୍ଡ ଯାଇ ଆତ୍ମଗୋପନ କରେ ।

: ମୁଁ ବି ତ କହୁଥିଲି, ଟିକିଏ ଥଙ୍ଗ ଥଙ୍ଗ ହୋଇ କହିଲା ବେଲା··· ଆତ୍ମଗୋପନ କରି ଲୁଚିରହିବା ମୂଳରେ ସବୁବେଳେ କାରଣଟା କ'ଣ ଭୟ ?

: ଆଉ କ'ଣ ତେବେ ?

: ମୁଁ ଯଦି କହେ ନିଆଁ ଲଗାଇବାର କୌଶଳ ।

: 'ସାହସ' କୁହ, ନିଆଁ ଲଗାଇବାର 'କୌଶଳ' କାହିଁକି ? ଭୟର ବିପରୀତ ଶବ୍ଦଟା ହେଲା ସାହସ । କ'ଣ କହୁଛ ? ଆଚ୍ଛା, ବୁଝାଅ ତାହେଲେ, ନିଆଁ ଲଗାଇବାର ସାହସଟା ମୁହାଁମୁହିଁ ନ ଦେଖେଇ ଅଣ୍ଡର ଗ୍ରାଉଣ୍ଡରେ ଛପି-ଯିବାର କାରଣ କ'ଣ ?

: ହସେଇଲେ ଆପଣ । ନିଆଁଟା କ'ଣ ମୁହାଁମୁହିଁ ଲଗାଯାଏ ? ଆପଣଙ୍କ ଚୁଲିରେ ଦିଆସିଲି କାଠି ଲଗେଇବ ଆପଣଙ୍କୁ ଛୁଡ଼ା କରେଇ—ତା କ'ଣ ସମ୍ଭବ ? ନିଆଁ ଲଗାଇବାକୁ ହେଲେ କୌଶଳରେଇ ଲଗାଇବାକୁ ହୁଏ, ଉମାକାନ୍ତ ବାବୁ ! ଦର୍ଶକଙ୍କୁ ଛୁଡ଼ା କରେଇ ଯେ ନିଆଁ ଲଗାଇବାକୁ ଆଗେଇଯାଏ ସେ ହୁଏତ ନିର୍ବୋଧ କିମ୍ବା ନିଆଁ ଲଗାଳିମାନଙ୍କ ଭିତରର ଏକ ଶିଖିମନାଇ ଯେ ନିଆଁ ଲଗାଇବାକୁ ଯିବା ଆଳରେ ସମସ୍ତ ପାର୍ଟିଟାକୁ ବୁର୍ଜୋୟାଙ୍କ ହାତରେ ଧରିପକାଇ ଦେବାକୁ ଚାହେଁ । ବୁର୍ଜୋୟାଙ୍କ ଦଲାଲ୍ ।

: ଓ, ତୁମ ପାର୍ଟିର "ଅଣ୍ଡର-ଗ୍ରାଉଣ୍ଡ" ଯିବା ବୁଝି ଠାରୁ, ତାହେଲେ ଏହିପରି ଯୁକ୍ତି ଉପରେ ସାବ୍ୟସ୍ତ କରି ଏକ ଅସାଧାରଣ ଅସ୍ୱଭାବରେ ବ୍ୟବହାର କରୁଛ ବୁର୍ଜୋୟାଙ୍କ ବିରୁଦ୍ଧରେ ?

କଲିକତାର ଏ ପାଖଟା ବେଶ୍ ଶାନ୍ତ । ବିସ୍ତୃତ ସବୁଜ ପ୍ରାନ୍ତର ଉପରେ ଜ୍ୟୋତ୍ସ୍ନା ବିଛି ହୋଇପଡ଼ିଛି । ଶୁଭ୍ର ମାର୍ବଲର ଭିକ୍ଟୋରିଆ ମେମୋରିଆଲ ଜଣାପଡ଼ୁଛି ସତେ ଯେପରି ଉଜ୍ଜ୍ୱଳତାର ମୂର୍ତ୍ତିମନ୍ତ ଉଚ୍ଛ୍ୱାସ ! ଜହ୍ନ ଦକ୍ଷିଣ ଆକାଶକୁ ଢଳି ପଡ଼ିଛି । ମେମୋରିଆଲର ଅନେକ ଅଂଶ ସଫେଦ, ବାକିତକ ଛାୟାର ସ୍ନିଗ୍ଧତାରେ ମାୟାମୟ ।

ଲନ୍‌ର ଏକ ଅଂଶରେ ସିମେଣ୍ଟ ବେଞ୍ଚ ଉପରେ ବସିଲୁ ଆମେ ଦୁହେଁ । କହିଲି : ତୁମକୁ ଅଶେଷ ଧନ୍ୟବାଦ, ମିସ୍ ମଜୁମଦାର ! ଏ ଅଲୌକିକ ସୌନ୍ଦର୍ଯ୍ୟ ଆଖିରେ ଦେଖିପାରିଲି···

: ଏଥିପାଇଁ ଧନ୍ୟବାଦ କାହିଁକି ମତେ ? ସୌନ୍ଦର୍ଯ୍ୟ ଗଢ଼ା ହୋଇଛି ଦେଖିବା ପାଇଁ । ଆପଣ ଏକୁଟିଆ ଆସିଲେ ବି ଦେଖି ପାରିଥାନ୍ତେ ।

: ତା ହୁଏତ ପାରିଥାନ୍ତି । କିନ୍ତୁ ଖାଲି ଦେଖିବାଟା କ'ଣ ସବୁ ? ଉପଭୋଗ କରିବାଟା···

: ଉପଭୋଗ ବି କରିଥାନ୍ତେ···

: ନା, ତୁମ ବିନା ଉପଭୋଗ କରିପାରି ନ ଥାନ୍ତି କେବେ । ଉପଭୋଗ ଏକା ଏକା ହୁଏନା । ଜଣେ ଦରକାର ସାଙ୍ଗକୁ । ପାଖରେ ଜଣେ ନ ଥିଲେ,··· ମାନେ···ମୁଁ ଟିକିଏ ରହିଯାଇ ବେଲି ମୁହଁକୁ ଆନ୍ତରିକ ପ୍ରସନ୍ନତାରେ ଚାହିଁ କହିଲି—ସେ ଜଣକ ପୁଣି ତୁମ ପରି ଶିକ୍ଷିତ ରୁଚିସମ୍ପନ୍ନା ନ ହୋଇଥିଲେ, ଉପଭୋଗ କରିବାରେ ସାର୍ଥକତା ଆସେନା···

: ଏ ଆପଣଙ୍କର କେବଳ ବଢ଼େଇ କରି କହିବା କଥା । ବେଲି କହିଲା, ସଲଜ୍ଜ କଣ୍ଠରେ ।

: ନା, ପ୍ରଶସ୍ତି କରୁନି ମିସ୍ ମଜୁମଦାର ! କମ୍ୟୁନିଷ୍ଟ ପାର୍ଟିର ଝିଅ ପୁରୁଷଠୁ ପ୍ରଶସ୍ତି ଶୁଣେନା···ପ୍ରଶସ୍ତି କରେ ତାକୁ ଦଳକୁ ଭିଡ଼ିବା ପାଇଁ । ମୁଁ ଜାଣେ, କିନ୍ତୁ ମୁଁ ଆଶ୍ଚର୍ଯ୍ୟ ହେଉଛି ଗୋଟାଏ କଥା ଭାବି, ତୁମ ପରି ଜଣେ ବିଚକ୍ଷଣା ନାରୀର "ଭଲ ପାଇବା" ପାଇଁ ଅସିତ୍ ମଦ୍ୟପ ହେଲା କାହିଁକି ? କି ଦୁଃଖର ଜ୍ୱାଳାରେ ?

: ବେଳେ ବେଳେ ମୁଁ ବି ସେଇଆ ଭାବେ । ବେଲା କହିଲା ଆକାଶ଼ ଆଡ଼କୁ ଚାହିଁ ଧୂସର କଣ୍ଠରେ—ହୁଏତ ମୋଠୁ ସେ ଯାହା ଚାହିଁଥିଲେ ପାଇବାକୁ ମୁଁ ତା ଦେଇପାରିଲି ନାହିଁ । ମୁଁ ଦେଇଥିଲି 'ଭଲ ପାଇବା', ସେ ହୁଏ ତ ଚାହିଁଥିଲେ, 'ଦେହ' ।

: 'ଭଲ ପାଇବା' ନ କହି ବୁଝ ତୁମେ ଦେଇଥିଲ 'ମନ', କିନ୍ତୁ ଅସିତ୍ ଚାହିଁଥିଲା 'ଦେହ' । ମୋ ମତରେ ତା'ର ସେପରି ଚାହିଁବାଟା ବି ତ ଦୋଷାବହ ନୁହେଁ, ମିସ୍ ମଜୁମଦାର ! ବିଶ୍ୱକବି ତ ପୁଣି କହିଛନ୍ତି, "ମନେର ମିଲନ ଚାହେ ଦେହେର ମିଲନ ।"

: କିନ୍ତୁ ବିଶ୍ୱକବିଙ୍କ ଏ 'ଦେହ'ର ପ୍ରୟୋଜନବୋଧଟା କ'ଣ କେବଳ ଭୋଗର ଲାଳସା ଚରିତାର୍ଥ ପାଇଁ ? ବେଲା ପଚାରିଲା ।

ମୁଁ ଚୁପ୍ ହୋଇ ବସିରହିଲି ।

: ମୋ ମତରେ, ଟିକିଏ ଚିନ୍ତା କଲା ପରି ଅଟକି ଅଟକି ହୋଇ କହିଲା ବେଲା, 'ମନେର ମିଲନ' ଜନିତ ମୋହାଚ୍ଛନ୍ନ ସମ୍ବନ୍ଧକୁ ଆହୁରି ସାର୍ଥକ, ଆହୁରି ଆତ୍ମ-ନିର୍ଭରଶୀଳ କରିବା ପାଇଁ ହୁଏତ 'ଦେହର ମିଲନର' ଯୁକ୍ତି ବାଢ଼ିଛନ୍ତି । ସେ ତ କେବଳ ଦେହ ପାଇଁ ଦେହର ଭୋଗ ନୁହେଁ, ହୃଦୟର ନିଭୃତ ପ୍ରଦେଶରେ ମନକୁ ପ୍ରତିଷ୍ଠା କରିବା ପାଇଁ ~~ଜନ୍ମଜନ୍ମାନ୍ତର ପାଇଁ~~ । ତାର ସ୍ଥାୟିତ୍ୱର ପାଇଁ ।

: ତା'ହେଲେ ଅସିତ୍‌କୁ ଦେହ ଦେଇ ନ ଥିଲ କ'ଣ ତା' ଆଡ଼ୁ ମନର ମିଳନ-ଜନିତ ସମ୍ପର୍କର ପ୍ରତିଷ୍ଠା ପାଇଁ କୌଣସି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ପାଇବାର ଆଶା ନ ଥିଲା ବୋଲି ?

: ଅନେକଟା ସେଇଆ ।

: କାହିଁକି ? ବାଧା ଥିଲା କେଉଁଠି ଅସିତ୍‌ଠୁ ସେ ପ୍ରତିଶ୍ରୁତି ପାଇବାରେ ?

: ସେଇଟା ଯେତିକି ସାମାଜିକ, ସେତିକି ଆର୍ଥିକ । ଅସିତ୍ ଓଡ଼ିଆ କରଣ ! ଆଉ ମୁଁ ବଙ୍ଗାଳୀ ବ୍ରାହ୍ମଣ । ଅସିତ୍ କୋଟିପତି ବ୍ୟବସାୟୀର କୁଳରତ୍ନ, ଆଉ ମୁଁ ଦରିଦ୍ର ପରିବାରର ଉପାର୍ଜନଶୀଳା ଶିକ୍ଷୟିତ୍ରୀ । ପ୍ରଫୁଲ୍ଲ ପଟ୍ଟନାୟକଙ୍କ କୁଳବଧୂ ହେବାର ଯୋଗ୍ୟତା କ'ଣ ମୋର ଥିଲା ?

: ସେଥିପାଇଁ ଅସିତ୍ ତା ବୁନିଆଦି ବଂଶର ଅହମିକା ବିରୁଦ୍ଧରେ ପ୍ରତିବାଦ ନ କରି ପାରିବାର ଅସହାୟତାରେ ଭାଙ୍ଗିପଡ଼ି ନିଜକୁ ଧ୍ୱଂସ କରିବାର ମୁକ୍ତ ପଥ ବାଛିନେଲା !

: ସେ ପଥରୁ ତାଙ୍କୁ ଫେରେଇବା ପାଇଁ ମୁଁ କମ୍ ବହୁତ ଚେଷ୍ଟା କରିଛି । ବାଧ୍ୟ କରିଛି, ବିବାହ ହେବା ପାଇଁ ।

: ଭୁଲ୍ କରିଛ, ମିସ୍ ମଜୁମଦାର ! ବିବାହ ହେବାକୁ ବାଧ୍ୟ କରାଇ ସର୍ବନାଶ କରିଛ ତୁମେ ଅସିତର ।

: ଅସିତ୍ ଙ୍କ ବିବାହ ପରେ ମତେ ଏ କଥା ବରାବର କହନ୍ତି । ଆପଣ ବି କହୁଛନ୍ତି । କିନ୍ତୁ କାହିଁକି ? ଏବେ ବି ମୁଁ ବୁଝିପାରୁ ନାହିଁ ?

: ବୁଝିବନି ତୁମେ କୌଣସି ଦିନ । ଯେଉଁ ନାରୀ, ପୁରୁଷର ମନ ନେଇ ଦେହ ଦିଏନା, ସେ ତା ମନର ପୁରୁଷର ଶୁଭାର୍ଥିନୀ ଭାବରେ ତା ପାଇଁ ଯେତେ ଉଦାରତା ଦେଖାଇ, ଅନ୍ୟ ଝିଅ ବିବାହ କରି ଘର ସଂସାର ଗଢ଼ିବାରେ ସାହାଯ୍ୟ କରୁନା କାହିଁକି, ଅସଲରେ ସେଇ ହିଁ ତାର ପରମ ଶତ୍ରୁ । ପୁରୁଷ ବୋଲି କ'ଣ ତା ମନର ପ୍ରେମ ଆଉ ଦେହର ପ୍ରଣୟ ଦୁଇଟା ଅଲଗା ?

ବେଲା କ'ଣ ଗୋଟାଏ ଆପତ୍ତି କରିବାକୁ ଯାଉଥିଲା, ମୁଁ କହିଲି : ପ୍ରତିବାଦ କର ନାହିଁ, ମିସ୍ ମଜୁମଦାର ! ପ୍ରେମ ସମ୍ବନ୍ଧରେ ଏ ସତ୍ୟ ମୋର ବ୍ୟକ୍ତିଗତ ଅନୁଭୂତି ଉପରେ ପ୍ରତିଷ୍ଠିତ—କୌଣସି ଆଦର୍ଶଗତ ତତ୍ତ୍ୱ ଉପରେ ନୁହେଁ । ସ୍ୱା ଏ ଖାଲି ପୁରୁଷ ପାଇଁ ନୁହେଁ—ସ୍ତ୍ରୀ ପାଇଁ ବି । ଭଲ ପାଇବାର ସତ୍ୟ ଏଇଆ ।

: ବ୍ୟକ୍ତିଗତ ଅନୁଭୂତି କଥା କହିଲେ । ସେ କ'ଣ ? ବେଲା ପଚାରିଲା ।

: ହଁ, ବ୍ୟକ୍ତିଗତ । ଅଲକା ମତେ ଭଲ ପାଇଥିଲା । ମତେ ବିବାହ କରିବାକୁ ଚାହିଁଲା । ମୁଁ କହିଲି, ମୁଁ ଜଣକୁ ଭଲପାଏ । ତୁମକୁ ବିବାହ କରି-ପାରିବି ନାହିଁ । ତାଠୁ ବରଂ ତୁମେ ଅନ୍ୟ କାହାକୁ ବିବାହ କର । ସୁଖୀ ହେବ ।

: ତାପରେ ? ଆଶ୍ଚର୍ଯ୍ୟ ସ୍ତବ୍ଧ ଗଳାରେ ପଚାରିଲା ବେଲା ।

: ତାପରେ ଆଉ କ'ଣ ? ଅଲକା ବିଷ ଖାଇ ଆତ୍ମହତ୍ୟା କଲା !

: ଆତ୍ମହତ୍ୟା ?

: ହଁ, ତା ଛଡ଼ା ଅଲକାର ଆଉ କି ଉପାୟ ଥିଲା କୁହ ? ମୋ ପାଇଁ ତା ଭଲପାଇବା ଯଦି ଆନ୍ତରିକ ହୋଇଥାଏ···

: ସେଇ ସନ୍ଦେହରେ ତା ହେଲେ ଆପଣ ବର୍ଷେ ଜେଲ୍ ଭୋଗିଲେ ?

: ତୁମେ କିପରି ଜାଣିଲ ମୁଁ ଜେଲ ଭୋଗିଛି ବୋଲି ?

: ମୁଁ ଜାଣିଛି ?

: କେମିତି ?

: ସେ ଅନେକ କଥା । ବେଞ୍ଚ ଉପରୁ ଉଠି ଛିଡ଼ା ହୋଇପଡ଼ିଲା ବେଲା । ଯେପରି ଗୋଟାଏ କି ଦୁଃସହ ଯନ୍ତ୍ରଣାରେ ତା ମୁଣ୍ଡର ଶିରସ୍ନାୟୁ ଧକ୍ ଧକ୍ କରିଉଠିଛି ।

ସେ ମୃଦୁ ପଦକ୍ଷେପରେ ପରିକ୍ରମା କଲା ।

ମୁଁ ତା ପାଖେ ପାଖେ ଚାଲିଲି ।

ଗୋଟାଏ କି ଅଜଣା ଫୁଲର ମହକ ଭାସି ଆସୁଥିଲା ଶାନ୍ତ ନିଶୀଥର ପବନ ହିଲ୍ଲୋଳରେ । ବେଲାର ମୃଦୁ ଅଳକଦାମ ଉଡ଼ୁଥିଲା ମଝିରେ ମଝିରେ । ମୁଁ ଦେଖି ପାରୁଥିଲି । ତା' ପିନ୍ଧା ଜର୍ଜେଟ ଶାଢ଼ୀରେ ବି ଦାମୀ ଜେସ୍‌ମିନର ଛିଟିକା ପଡ଼ିଥିଲା କେଉଁଠି । ସେ ଗନ୍ଧର ଆଭାସ ବି ମୁଁ ପାଉଥିଲି କିଛି କିଛି ।

: ସେ ଅନେକ କଥା । ବେଲା କହେଇ ଆରମ୍ଭ କଲା—ସେତେବେଳେ ଦେଖିଲି ଅସିତ୍ ମୋ ଦେହ ନ ପାଇ, ସାଂଘାତିକ ଭାବରେ ବେଶ୍ୟାସକ୍ତ ହୋଇ ଉଠିଛନ୍ତି…ରାତି ଦିନ ଲାଗି, ବୁଝେଇ, ମନେଇ ଶେଷକୁ ବିବାହ କରିବାକୁ ଜିଦ୍ ଧରିଲି ମୁଁ । ଆପଣଙ୍କ ବନ୍ଧୁ ସୁରେଶ ମଧ୍ୟ ସାହାଯ୍ୟ କଲେ । ଏକାଠି ପଢ଼ୁଥାଉ ଆମେ ତିନିହେଁ । ମୁଁ ଜାଣି ନ ଥିଲି, ସୁରେଶ ନିଜର କିଛି ଗୋପନ ଉଦ୍ଦେଶ୍ୟ ସାଧନ କରିବା ପାଇଁ ମୋ ସାଙ୍ଗରେ ହାତ ମିଳେଇଛନ୍ତି । କାହିଁକି ବା ଜାଣନ୍ତି ? ସୁରେଶ ବୁଝେଇଲେ ନି କେବଳ, ଅସିତ୍‌ଙ୍କୁ ପ୍ରଲୁବ୍ଧ କରେଇଲେ ଆରତିର ରୂପ ଗୁଣ ବର୍ଣ୍ଣନା କରି । ବିବାହ ହେବାକୁ ସମ୍ମତ ହେଲେ ଅସିତ୍ । ବିବାହ ସମ୍ପନ୍ନ ହେଲା । କିନ୍ତୁ ଚତୁର୍ଥୀ ରାତି ପରେ, ସେତେବେଳେ ଅସିତ୍ ମୋ ପାଖକୁ ଆସି ମୋ ଗାଲରେ ଠାସ୍ ଠାସ୍ ଦି ଆପଡ଼ କଷି ଦେଇ କହିଲେ—ଏ ତୁ କ'ଣ କଲୁ ରାକ୍ଷସୀ ? ମୋ ଜୀବନ ନଷ୍ଟ କରିଦେଲୁ, କରିଦେଲୁ, ତା ସାଙ୍ଗକୁ ଆଉ ଗୋଟାଏ ନିରୀହା ବାଳିକାର ସର୍ବନାଶ କଲୁ ? ମୁଁ କିଛି ବୁଝିପାରିଲି ନାହିଁ । ଥକ୍କା ହୋଇ ଅସିତ୍‌ଙ୍କ ମୁହଁକୁ ଚାହିଁଲି । କହି ବେଲା ଟିକିଏ ରହିଗଲା ।

: ମାଡ଼ ଦେବାର କୈଫିୟତ୍ ଚାହିଁଲ ? ମୁଁ ପଚାରିଲି ।

: ନା, ନା, କୈଫିୟତ୍ ନୁହେଁ । ସେଇଦିନ ପ୍ରଥମ ମୁଁ ବୁଝିଲି ଅସିତ୍ କି ସାଂଘାତିକ ଭାବରେ ଭଲ ପାଉଥିଲେ ମତେ !

: ତେବେ ?

: ତାଙ୍କ ମୁହଁକୁ ଚାହିଁଲି, ଜାଣିବା ପାଇଁ କେଉଁ ନିରୀହା ବାଳିକାର କି ସର୍ବନାଶ କଲି ମୁଁ । କହିଲେ ଅସିତ୍—ଖାଲି ନିରୀହା ନୁହେଁ, ଯାହାକୁ ବିବାହ

କରେଇଦେଲ ତୁ ଆଉ ସୁରେଶ ମିଳି, ସେ କି ଅଗ୍ନିଶିଖା ଜାଣୁ ? ସେ ଶିଖାର ତେଜ ଆଗରେ ମୋ ପରି ଚରିତ୍ରହୀନ କ'ଣ ଛିଡ଼ା ହୋଇ ପାରିବ ?

ଦିନେ ଗଲି ତାଙ୍କ ଘରକୁ । ଆରତିକୁ ଦେଖିଲି । ରୂପର ଏପରି କମନୀୟ ସୌନ୍ଦର୍ଯ୍ୟ ନାରୀ ହୋଇ ବି ଆଗରୁ କେବେ କଳ୍ପନା କରି ନ ଥିଲି । ଶାନ୍ତ ସ୍ନିଗ୍ଧ ଲାବଣ୍ୟର ଐଶ୍ୱର୍ଯ୍ୟ ଭିତରେ କି ଶିଖାସ୍ଥିତ ଦର୍ପର ଅହଙ୍କାର ! ଲଜ୍ଜାରେ ମୁଣ୍ଡ ନୁଆଁଇ ଫେରିଆସିଲି । ସୁରେଶକୁ ଭର୍ତ୍ସନା କଲି । ସେଇ ଦିନଠୁ ସେ ଆଉ ଦେଖାଦିଏ ନି ମତେ । ଅସିତ୍ରଙ୍କୁ କହିଲି : ବିବାହ ନ କରିବା ଆଗରୁ ଯାହା କରିଥିଲ କରିଥିଲ, ଏଣିକି ସଂଯତ ହୁଅ । ସାଧନା କର । କେଉଁ ପୁରାଣ ଯୁଗରେ ପାର୍ବତୀ ତପସ୍ୟା କରି ମହାଦେବଙ୍କୁ ପାଇଥିଲେ । ପ୍ରେମର ତପସ୍ୟା ଖାଲି ନାରୀ ପାଇଁ ନୁହେଁ ! ପୁରୁଷ ବି ଯଦି ସାଧନା କରେ ଯେତେ ନିଷ୍ଠୁର ହେଲେ ବି ଦିନେ ନା ଦିନେ ଧରିଦେବ ନାରୀ ।

ହସିଉଠିଲେ ଅସିତ୍ର । କହିଲେ, ସାଧନାଟା କ'ଣ ତିନିଟା ଅକ୍ଷରର ସମଷ୍ଟି ? ତପସ୍ୟାଟା କ'ଣ ଖାଲି ଯୋଗାସନରେ ବସିଲେଇ ହୋଇଯାଏ ? ମନର ପବିତ୍ରତା, ନିଷ୍ଠାର ପରାକାଷ୍ଠା. କିଛି ଲୋଡ଼ା ହୁଏ ନାହିଁ ସେଥିପାଇଁ ? ଚୁପ୍ ହୋଇଗଲି । ଅସିତ୍ରଙ୍କର ଏ ଯୁକ୍ତି ବିରୁଦ୍ଧରେ ତର୍କ କରିବାର କୌଣସି ଉପାଦାନ ଖୋଜି ପାଇଲି ନାହିଁ । ଅସିତ୍ର କହିଲେ···ତୁମେ କହିବ ବେଲା, ମନକୁ ପବିତ୍ର କର ! କିନ୍ତୁ ସେ ପବିତ୍ରତା ଯଦି ବ୍ରାହ୍ମଣର ତୁଳସୀ ପାଣି ମୁଣ୍ଡରେ ସିଞ୍ଚି ସମ୍ଭବ ହେଉଥାଆନ୍ତା, ତାହେଲେ ଏଇକ୍ଷଣି ମୁଁ ତା କରନ୍ତି । କହି, ମୋ ଆଡ଼କୁ ତାଚ୍ଛଲ୍ୟରେ ଚାହିଁ ଭ୍ରୂକୁଟୀ କରି କହିଲେ : ମୋ ଆତ୍ମାକୁ ନେଇ ରହିବ ତୁମେ—ଆଉ ଏଣେ କହିବ ନିଷ୍ଠାର ପରାକାଷ୍ଠା କଥା ? ଏତେ ଦିନ ତୁମେ ମତେ ଫାଙ୍କି ଦେଇଛ, ଆଜି ଆଉ ମୁଁ ଛାଡ଼ିବି ନାହିଁ । ଧରି ଦେବାକୁ ହେବ ତୁମକୁ ମୋ ପାଖରେ—କହି ପ୍ରଥମେ ସେଇଦିନ, ସେ ମତେ ହୋଟେଲର ସେଇ ନିଭୃତ କୋଠରୀରେ, ଯେଉଁଠି ସନ୍ଧ୍ୟାରେ ଆମେ ଆଜି ବସି ଖାଇଲେଇ, ସେଇଠି ବସେଇ ବସେଇ ରଖି ଛୋଟ ପିଲାଟି ପରି ମୋ ହାତ ଉପରେ ମୁଣ୍ଡ ରଖି କହିଁ କହିଁ ହୋଇ କାନ୍ଦିଉଠିଲେ । ନାରୀର ପ୍ରେମ ପାଇଁ ପୁରୁଷ ଏପରି ଛାତି ଫଟେଇ କାନ୍ଦେ, ସେଇଦିନ ପ୍ରଥମ କରି ବୁଝିଲି । ଛି, ଛି, କି ଭୁଲ୍ ମୁଁ କରିଛି ! କି ଦୋଷ ମୁଁ କରିଛି ଅସିତ୍ରଙ୍କ ପ୍ରତି ! ସେଦିନ ମନେ ହେଲା, ତାଙ୍କ ଗୋଡ଼ତଳେ ପଡ଼ିଯାଇ ମୁଣ୍ଡପିଟି କହିବି, ତୁମେ କାନ୍ଦି ପାରିଲ, ମୁଁ ଯେ କାନ୍ଦି ପାରୁ ନାହିଁ ବନ୍ଧୁ, ମୁଁ ଯେ ଅହଲ୍ୟା ପରି ପଥର ପାଲଟି ଯାଇଛି । ପଦାଘାତରେ ତୁମେ ମୋ କଠିନ ପ୍ରାଣରେ ସେଇ ନାରୀତ୍ୱର ସଞ୍ଚାର କର । ମତେ ଧନ୍ୟା କର । ତୁମର ଯୋଗ୍ୟା କରିନିଅ । କହୁ କହୁ ବେଲାର ଗଳା ବାଷ୍ପରୁଦ୍ଧ ହୋଇଆସିଲା ।

: ତାପରେ ସେଇ ଦିନରୁ, ରୌଦ୍ର-ଦଗ୍ଧ ଦିନର ଆଲୋକ ଭିତରେ, ପୃଥିବୀର ବହୁ ଦୁର୍ଗମ ପଥେ ପଥେ, ସନ୍ଧ୍ୟାର ଗୋଧୂଳି ଆଉ ରାତିର ଅନ୍ଧାର ଭିତରେ ତାଙ୍କୁ ଏଠୁ ସେଠିକି, ସେଠୁଁ ଆଉ କେଉଁଠିକି ସାଙ୍ଗରେ ଧରି ଧରି ଘୂରି ବୁଲୁଛି ମୁଁ। ଆଶ୍ୱାସନା ଦେଉଛି, ସାନ୍ତ୍ୱନା ଦେଉଛି—ମୁଁ ଅଛି, ସବୁଦିନ ରହିବି। ମୁଁ ତୁମର ମନର ସାଥି ହେବି, ଦେହର ସାଥୀ ତୁମେ କର ଆରତିକୁ। ଯେତେ ବୁଝେଇଛି, ସେତେ ଥର ସେ ମତେ କାଢ଼ି ଦେଖେଇ ଦେଇଛନ୍ତି ଆରତି ବାକ୍ସରୁ ବାହାର-ଥିବା ତୁମର ଚିଠି···

: ତୁମେ ପଢ଼ିଛ ସେ ଚିଠି ? ମୁଁ ପଚାରିଲି।

: ହଁ ପଢ଼ିଛି।

: ଓଡ଼ିଆ ତୁମେ ପଢ଼ି ଜାଣ ?

: ଲେଖି ବି ଜାଣେ। ନାରୀ ଯେଉଁ ପୁରୁଷକୁ ଭଲପାଏ, ତା ଭାଷା ଆଉ ତା ସାହିତ୍ୟକୁ ପ୍ରାଣ ଦେଇ ଭଲ ନ ପାଇଲେ, ସେ କ'ଣ ତା ମନର ପୁରୁଷର ପ୍ରେମର ଭାଷା ବୁଝିପାରେ ? ଆଉ ପ୍ରେମର ଭାଷା ବୁଝି ନ ପାରିଲେ ଭଲ ପାଇବା କାହିଁ ?

: ଠିକ୍ କହୁଛ, ମିସ୍ ମଜୁମଦାର ! ଅଳକା ସେଇଥିପାଇଁ ଓଡ଼ିଆ ଶିଖିବାକୁ ଏତେ ବ୍ୟଗ୍ର ହୋଇ ଉଠିଥିଲା। ଆଜି ବୁଝିପାରୁଛି। କହ ମୁଁ ଟିକିଏ ରହିଯାଇ ପଚାରିଲି···ଚିଠି ଦେଖାଏ ଅସିତ୍, ଆରତି ବିରୁଦ୍ଧରେ କିଛି କହେନା ତୁମ ଆଗରେ ?

: ନା, କୌଣସି ଦିନ ନୁହେଁ। ବରଂ ଅନେକ ସମୟରେ ଅଦ୍ଭୁତ କଥାସବୁ ଆଲୋଚନା କରି ବସନ୍ତି। କହନ୍ତି, ବେଲା ! ମୁଁ ତୁମ ମନଟା ପାଇଲି, ଦେହଟା ନ ପାଇବାର କି ଦୁଃଖ ମୁଁ ବୁଝିଛି। ଉମାକାନ୍ତ ଆରତିକୁ ଭଲ ପାଇଛି···ଆରତି ଉମାକାନ୍ତର ମନଟା ଦେଖିଛି। ସେଇଥିପାଇଁ ତା ଦେହଟାକୁ ସେ ନିଷ୍କଳଙ୍କ କରି ରଖିବାର ସାଧନାରେ ପାର୍ବତୀ ପରି ତପସ୍ୟା କରୁଛି ! କହି-ପାରିବ, ତାର ଏ ବ୍ରତଚାରିଣୀ ରୂପର ଏକ ଶ୍ରେଷ୍ଠ ଉପାସକ ଭାବରେ ମୁଁ କି ଆଦର୍ଶଗତ କର୍ତ୍ତବ୍ୟ କରିପାରେ ? ଆଉ ବୋଧହୁଏ ସେଇଥିପାଇଁ, ସେଦିନ ପୁରୀ ବି.ଏନ୍.ଆର. ହୋଟେଲକୁ ଆପଣଙ୍କୁ ଡକେଇ ଆଣି ଆରତିର ଚିଠି ଆପଣଙ୍କୁ ଦେଖେଇ ପଚାରିଥିଲେ, ଗ୍ରହଣ କରିପାରିବ ଆରତିକୁ ? ଭଲ ଯଦି ପାଇଥିଲ ଆରତିକୁ, ତା ପାଇଁ ସାମାଜିକ ଆଇନଶୃଙ୍ଖଳାକୁ ଛିନ୍ନ କରି ବେପରୁଆ ଭାବରେ ପ୍ରେମିକର ଏକ ଚରମ ଆଦର୍ଶ ଦେଖାଇପାରିବ ? ଆରତିକୁ ଗ୍ରହଣ କରିପାରିବ ? କିନ୍ତୁ···

ବେଲା ରହିଗଲା କଥା ମଝିରେ।

କହିଲି, ମୁଁ କିନ୍ତୁ କିଛି ଜବାବ ଦେଇପାରିଲି ନାହିଁ। ଆରତିର ବିବାହିତ ସ୍ୱାମୀ ହୋଇ ବି ଅସିତ୍ ସେଦିନ ଯେଉଁ ଉଦାରତା ଦେଖାଇ ପାରିଥିଲା, ମୁଁ ଆରତିର ପ୍ରେମିକ ହୋଇ ବି ସେ ଉଦାରତାର ସୁଯୋଗ ଗ୍ରହଣ କରିବା ପାଇଁ କାଣିଚାଏ ସାହସ ବି ଦେଖାଇ ପାରି ନ ଥିଲି। ଆଜି ବୁଝୁଛି, ମଦ୍ୟପ ହେଲେ ବି ଅସିତ୍ କ ଉଚ୍ଚକୋଟିର ପ୍ରେମିକ! ତା ନ ହେଲେ ବିବାହିତ ଅସିତ୍‌କୁ ସାଙ୍ଗରେ ନେଇ ତୁମେ କ'ଣ ଅପର୍ଣ୍ଣାର କଳଙ୍କକୁ ହସି ହସି ମୁଣ୍ଡରେ ମାରି ଆଜି ସୌଭାଗ୍ୟବତୀ ବୋଲି ଭାବିପାରୁଥାଆନ୍ତ?

: ଠିକ୍ କହିଛନ୍ତି ଉମାକାନ୍ତ ବାବୁ! ଅସିତ୍‌ଙ୍କ ସହିତ ସମ୍ପୃକ୍ତ ହୋଇ ଆଜି ମୋ ପରିବାର, ଆଉ ସମାଜର ଯେତେ କିଛି କଳଙ୍କିନୀର ଅପବାଦ, କିଛି କି ଗ୍ରାହ୍ୟ କରେନା ମୁଁ! ଏପରି କି ସେ ହାର୍ଟଫେଲ୍ କରି ମଲା ପରେ ଭାଇମାନେ ଯେତେ ଜୋର୍ କଲେ ମତେ ବିବାହ ଦେବା ପାଇଁ, ସେତେ ବେପରୁଆ ଭାବରେ ମୁଁ ପ୍ରତିବାଦ କରି କହିଲି—କଳଙ୍କିନୀର ଚରିତ୍ରକୁ ଲୁଚେଇ ଛପେଇ ବିବାହ ଦେଇ ସମାଜର ଆଉ ଗୋଟାଏ ପବିତ୍ର ବଂଶର ଚରିତ୍ରକୁ ଭ୍ରଷ୍ଟ କରିବାକୁ ଭାବୁଛ କାହିଁକି ତୁମେମାନେ? ଏଇ ମୁଁ ବେଶ୍ ଅଛି। ପାର୍ଟିର କାମ କରୁଛି, ଦେଶ ଆଉ ଦଶର ସେବା କରୁଛି। ସେବା କରିବାକୁ ବାହାରିଛି ଅଧଃପତିତର। ମୁଁ ପତିତା ହୋଇଛି···ପତିତର ସେବା ମୋ ଦେଇ ଭଲ ହୋଇପାରିବ। ମତେ ସେଇଆ କରିବାକୁ ଛାଡ଼ିଦିଅ! ଭାବିଲି, ସେମାନଙ୍କର କଥା ଯେତେବେଳେ ରଖିଲି ନାହିଁ, ସେମାନଙ୍କର ଗଳଗ୍ରହ ବି ହେବା ମୋର ଉଚିତ ନୁହେଁ। ତା ପରଠୁ ଶିକ୍ଷୟିତ୍ରୀର ଜୀବନ ବାଛି ନେଇଛି।

: ଅସିତ୍ ମଲାପରଠୁ ତୁମେ ଆଉ ତାଙ୍କ ଘରକୁ କେବେ ଯାଇଛ?

: ହଁ, ଆଉ ଥରେ ଯାଇଥିଲି ଯେଉଁଦିନ ଅସିତ୍‌ଙ୍କ ବାପା ପ୍ରଫୁଲ୍ଲ ବାବୁ ଆମ ଘରକୁ ଆସିଥିଲେ ଆରତିକି ଖୋଜିବା ପାଇଁ।

: କୁଆଡ଼େ ପଳେଇଛି ଆରତି? କିଛି ଜାଣି?

: ନା, କିଛି କହିପାରିବିନି। ଆରତି ପଳେଇଯିବା ଆଉ ତା ସାଙ୍ଗେ ସାଙ୍ଗେ ସୁରେଶ ବି କଲିକତାରୁ ହଠାତ୍ ଅନ୍ତର୍ଦ୍ଧାନ ହୋଇଯିବା ମୂଳରେ କିଛି କାରଣ ଅଛି ବୋଲି ମୁଁ ସନ୍ଦେହ କରୁଛି। କିନ୍ତୁ ବହୁଦିନରୁ ସୁରେଶର ପ୍ରବେଶ ଯେ ମନା ହୋଇ ଯାଇଥିଲା ପ୍ରଫୁଲ୍ଲ ବାବୁଙ୍କ ଘରେ, ତାହା ମୁଁ ଜାଣେ।

: କାହାଠୁ ଜାଣିଥିଲ?

: ଅସିତ୍‌ଙ୍କଠୁ। ଆରତି ପରି ଏକ ପବିତ୍ର ଚରିତ୍ରର ଝିଅକୁ ଚକ୍ରାନ୍ତ କରି ତାଙ୍କ ସହିତ ବିବାହ ଦେବା ପଛରେ ତୁମ ପରି ବନ୍ଧୁ ପ୍ରତି···ଯେ ବିଶ୍ୱାସ-

ଘାତକତାର କୂଟଚକ୍ରାନ୍ତ ଥିଲା, ଏକଥା ଅସିତ୍ ଯେଉଁଦିନ ବୁଝି ପାରିଥିଲେ ସେଇ-ଦିନ ମୋର ସାମନାରେ ସେ ସୁରେଶଙ୍କୁ ଖୁନ୍ କରିବାକୁ ବସିଥିଲେ । ସେଇଦିନୁ ଦୁହିଁଙ୍କ ଭିତରେ କଥାଭାଷା ତ ଦୂରର କଥା, ଦେଖାଚାହାଁ ବି ହୁଏନା ।

: ସୁରେଶ କେଉଁଠି ରହୁଥିଲା ?

: ଠିକ୍ କେଉଁଠି ରହୁଥିଲା ତା ମୁଁ କହିପାରିବିନି । ତେବେ ପଡ଼ା ଗୁଡ଼ିଦେଇ ମଝିରେ କଂଗ୍ରେସର ତିରଙ୍ଗା ପତାକା ତଳେ ମହାତ୍ମା ଗାନ୍ଧିଙ୍କ ଜିନ୍ଦାବାଦ କରିବାର ମୁଁ କେତେ ଦିନ ଦେଖିଛି । ସେ ସମୟରେ ସେ ମାଣିଆବୁରୁଜର ଟିଣ ଛପର କଂଗ୍ରେସ ଭବନରେ ରହୁଥିବାର ମୁଁ ଜାଣିଥିଲି । ଥରେ ମତେ ଖଦଡ଼ ଟୁଲମୁଣି ଧରଣିଖିବା ପ୍ରସ୍ତାବରେ ଅନୁପ୍ରାଣିତ କରିବା ପାଇଁ ଫିଟନ୍ ଗାଡ଼ିରେ ବସେଇ ନେଇ ବି ଯାଇଥିଲା । ଅସିତ୍ ଜାଣିପାରିଲେ । ତାପରେ ମୋର ଯିବା ବନ୍ଦ ହୋଇଗଲା । କହୁ କହୁ ବେଲା ଉଠିପଡ଼ି ସିଧା ଧରି ଆସି ଠିଆ ହେଲା ମହାରାଣୀ ଭିକ୍ଟୋରିଆଙ୍କ କଳା ମୂର୍ତ୍ତି ସାମ୍ନାରେ ।

ପଚାରିଲି : କ'ଣ ଦେଖୁଛ ?

: ନା ଦେଖୁନାହିଁ, ଭାବୁଛି ।

: କ'ଣ ?

: ଇତିହାସର ପୃଷ୍ଠାରେ ଏ ଅମର ହୋଇପାରିଲେ । ସେ କ'ଣ କେବଳ ସାମ୍ରାଜ୍ଞୀ ବୋଲି ?

ବେଲା କ'ଣ ଭାବି ଏ ପ୍ରଶ୍ନ କଲା ବୁଝି ପାରିଲି ନାହିଁ ।

ତାପରେ ମୁଣ୍ଡ ନୁଆଁଇ ସେ ପ୍ରଣାମ କଲା । ମୁଁ ବୁଝିଲି, ଇତିହାସର ସାମ୍ରାଜ୍ଞୀଙ୍କୁ ନୁହେଁ, ମହାମାନବର ସେବାରେ ଉତ୍ସର୍ଗୀକୃତ ଏକ ମହନ୍ମନାଙ୍କର ପ୍ରାଣର ଆଦର୍ଶ ଉଦ୍ଦେଶ୍ୟରେ ସେ ଜଣାଇଲା ତା ହୃଦୟର ବିନମ୍ର ପ୍ରଣତି ।

ମୋ ଅଜାଣତରେ ଗୋଟାଏ ଦୀର୍ଘନିଃଶ୍ୱାସ ବାହାରି ଆସିଲା ।

କିନ୍ତୁ କାହା ପାଇଁ ?

ଐଶ୍ୱର୍ଯ୍ୟମୟୀ ବ୍ରିଟିଶ ସାମ୍ରାଜ୍ଞୀ ଭିକ୍ଟୋରିଆ ନା ସାମ୍ରାଜ୍ୟବାଦର ଧ୍ୱଂସ-ଶପଥ-ଦୀପ୍ତା ବେଲାର ଉଦ୍ଦେଶ୍ୟରେ !!

## ॥ ୨୪ ॥

କଲିକତାରେ ଆଜି ମୋର ଦ୍ୱିତୀୟ ଦିନ ।

ଗ୍ରାଇଲେଣ୍ଟାରେ ଖାଇସାରି ଡ୍ରଇଂ ରୁମ୍‌ରେ ବସି ଷ୍ଟେଟ୍‌ସ୍‌ମ୍ୟାନ ପଢ଼ୁଛି । ବେଲା ଦଶଟାରେ ସ୍କୁଲ୍ ଚାଲିଯାଇଛି । ନୃପେନ ବାବୁଙ୍କ ସ୍ତ୍ରୀ, ମତେ ଖାଇବା ପିଇବାକୁ ଦେଇ ଡ୍ରଇଂ ରୁମ୍ ସଂଲଗ୍ନ ଗୋଟିଏ ଘରେ ଆରାମ କରିବାକୁ ପରାମର୍ଶ ଦେଇଗଲେ । ମୁଁ କିନ୍ତୁ ସେଥିପ୍ରତି ବିଶେଷ ମନଯୋଗ ନ ଦେଇ ଡ୍ରଇଂ ରୁମ୍‌ରେ ବସି କେତେବେଳେ ଖବର କାଗଜ, କେତେବେଳେ "ମାଇଁ ମାଗାଜିନ୍"ର ପୃଷ୍ଠା ଓଲଟେଇ ଦେଖୁଥିଲି । ଠିକ୍ ପଢ଼ିବା ପାଇଁ ବିଷୟବସ୍ତୁ ଖୋଜି ପୃଷ୍ଠା ପରେ ପୃଷ୍ଠା ଓଲଟାଉଥିଲି କି ନାହିଁ ତା ବି କହିପାରିବିନି । ମନ ଭିତରେ କେତେଗୁଡ଼ାଏ ଅସଂଲଗ୍ନ ଚିନ୍ତା । ସମାଧାନ ଖୋଜି ନ ପାଇବାର ପରବର୍ତ୍ତୀ ଅବସ୍ଥା ଯାହା ହୁଏ···ଏକ ପ୍ରକାର ସେଇ ରକମର ଅବ୍ୟବସ୍ଥିତ ଭାବ ।

ବାହାରେ ପୋର୍ଟିକୋରେ ଗୋଟାଏ ମଟର ଆସି ଠିଆ ହେବାର ଶବ୍ଦ ଶୁଣାଗଲା ।

ଜୋତାର ମଚ୍ ମଚ୍ ଶବ୍ଦ ଭିତରେ ଜଣେ ଦୀର୍ଘକାୟ ପୁରୁଷ ଆସି ଠିଆ ହେଲେ ମୋ ସାମ୍ନାରେ । ପଚାରିଲେ — ବେଲା ଫେରିଆସିନି ସ୍କୁଲରୁ ?

କିଛି ଉତ୍ତର ନ ଦେଇ ଅବାକ୍ ହୋଇ ଚାହିଁ ରହିଲି ।

: ଓ, ମତେ ଚିହ୍ନିପାରୁ ନାହାନ୍ତି ? ମୁଁ ବେଲାର ମଝିଆଁ ଭାଇ । ଦେଖନ୍ତୁ ତ, କି ଅନ୍ୟାୟ କରିଛି ବେଲା ? ଆପଣ କାଲିଠୁ ଆସିଲେଣି, ଅଥଚ ଥରେ ପରିଚୟ କରେଇ ଦେଇନି ଘରର କାହା ସାଙ୍ଗରେ !

: ନା, କରେଇ ଦେଇଛନ୍ତି । ଆପଣଙ୍କ ବଡ଼ ଭାଇ ବୋଧହୁଏ ନୃପେନ୍ ବାବୁ ?

: ଓ, ଦାଦାଙ୍କ ସାଙ୍ଗେ ପରିଚୟ ହୋଇଛି ? ହଁ, କାଲି ସାରାଦିନ ମୁଁ ବି ତ ନ ଥିଲି ଘରେ । ଆଜି ବଡ଼ି ଭୋରୁ ଚାଲି ଯାଇଥିଲି, ଏଇ ଫେରୁଛି । ବେଲାର ଦୋଷ ନୁହେଁ ବାସ୍ତବିକ ।

: ଆପଣ ଚମତ୍କାର ଓଡ଼ିଆ କହୁଛନ୍ତି ତ !

: ଚମତ୍କାର ? ସଗର୍ବେ ଟିକିଏ ହସିଲେ ଭଦ୍ରଲୋକ । କହିଲେ, କହୁଥିବ ! ଗଲା ଛ' ବର୍ଷ ଧରି ବର୍ମ୍ମାରେ ଆପଣଙ୍କ "ଜଗନ୍ନାଥ ଦେଶ"ର ଭାଇମାନଙ୍କୁ ନେଇ ଠିକାଦାରୀ କରୁଛି ନା ? ସେମାନେ ତ କିଛି ବୁଝନ୍ତି ନାହିଁ । ମୋ ପାଇଁ ବି ହିନ୍ଦି କହିବା ଅପେକ୍ଷା ଓଡ଼ିଆ ଶିଖି କହିବା ସହଜ ।

: ବର୍ମ୍ମାରେ ଆପଣ କେଉଁଠି ରହନ୍ତି ?

: ରେଙ୍ଗୁନ୍ ।

: କେମିତିକା ସହରଟା ଦେଖିବାକୁ ?

: ବିଉଟିଫୁଲ୍ ! ଚାଲନ୍ତୁ ଯିବେ ମୋ ସାଙ୍ଗରେ !

: କେବେ ଯିବେ ଆପଣ ?

: କାଲି ସକାଳେ ଜାହାଜ ଯିବ ।

: ଟିକଟ କେତେ ପଡ଼େ ?

: କେତେ ଆଉ ? ଏଇ ତେର ଚଉଦ ଟଙ୍କା ଭିତରେ । କାଲି ଆପଣଙ୍କ "ଉଡ଼ିଶ୍ୟା" ଦେଶର ପ୍ରାୟ ପଚାଶ "ଜଣାକାନ୍ତେ" ଲୋକ "ରୱାନା" ହେବେ ଏଠୁ । ମୁଁ ସେମାନଙ୍କୁ ନେଇ ଯାଉଛି ।

: ଓ, ମୁଁ ଗମ୍ଭୀର ହୋଇ କହିଲି, କେତେ ପାଆନ୍ତି ସେମାନେ ? ଦରମା ?

: ପ୍ରଚୁର ! କହି ହଠାତ୍ ରହିଯାଇ ପଚାରିଲେ — ଆପଣଙ୍କ ନାଁ କ'ଣ ?

: ଉମାକାନ୍ତ । ଆପଣଙ୍କର ?

: ମୃଣ୍ମୟ ।

ମୁଁ ହାତ ଉଠାଇ ନମସ୍କାର କଲି ।

: ଏ କ'ଣ ? ଏତେବେଳକେ ନମସ୍କାର କଲେ ଯେ ?

: ଆପଣଙ୍କ ଚେହେରାର ଔଜ୍ଜ୍ୱଲ୍ୟରେ ଏତେବେଳେ ଯାଏଁ ଧନ୍ଦି ହୋଇ ଯାଇଥିଲି ।

ହୋ ହୋ କରି ହସିଉଠିଲେ ମୃଣ୍ମୟ ବାବୁ । କହିଲେ—ଚେହେରା, ଆପଣଙ୍କର ବି ତ କିଛି କମ୍ ସୁନ୍ଦର ନୁହେଁ ! ଆଚ୍ଛା, ବେଶ୍ କିଛି ପଢ଼ିଥିଲା ପରି ମନେ ହେଉଛି । କ'ଣ କରିବାକୁ ଆସିଛନ୍ତି ଏଠିକି ।

: କ'ଣ କରିବାକୁ ଆସିଛୁ ଠିକ୍ ଜାଣେନା । ଆସିଯାଇଛୁ···ଏତିକି ଯାହା । ତାପରେ ଆଉ କ'ଣ କରିବ, କୁଆଡ଼େ ଯିବ, କିଛି ଠିକ୍ କରିନି ।

: ଅନୁସନ୍ଧାନର ଯୋଗାଡ଼ ତ କରିବାକୁ ପଡ଼ିବ ?

: ତା ପଡ଼ିବ ନିଶ୍ଚୟ । ଅବଶ୍ୟ ଗୋଟାଏ ରକମର ଅସ୍ଥାୟୀ ବନ୍ଦୋବସ୍ତ ହୋଇଯାଇଛି ।

: ସେ କ'ଣ ? ଟିକିଏ ହସି ହସି ପଚାରିଲେ ମୃଣ୍ମୟ ବାବୁ ।

: ଆପାତତଃ ଠିକ୍ ହୋଇଛି ମୁଁ ମିସ୍ ମଜୁମଦାରଙ୍କୁ କବିତ୍ୱପୂର୍ଣ୍ଣ କଥା ଶୁଣେଇବି, ଆଉ ସେ ମତେ "ଗ୍ରାଣ୍ଡ ହୋଟେଲ୍' ବା "ଫିରପୋ"ରେ ଦାମୀ ଖାନା ଖୁଆଇବେ ।

: ହୋ ହୋ କରି ପୁଣି ତାଳେ ହସିଉଠିଲେ ମୃଣ୍ମୟ ବାବୁ । କହିଲେ— ଯାହେଉ ଏତେଦିନକେ ବେଲା ତା ଉପାର୍ଜନର ସଦ୍‌ବ୍ୟବହାର କରିବା ପାଇଁ ଗୋଟାଏ ଅବଲମ୍ବନ ପାଇଚି । ଓ.କେ. ! ମୁଁ ଗଲିଲି । କହିଦବାକୁ ଆସିଥିଲି, ବେଲା କୁଆଡ଼େ ବୁଲିଯିବା ପାଇଁ ମୋ ଗାଡ଼ିଟା ମାଗିଥିଲା । ରଖି ଦେଇଗଲି । ସ୍କୁଲରୁ ଫେରିଲେ କହିଦେବେ । ବୋଧହୁଏ ଆପଣଙ୍କୁ ନେଇ ସେ କଲିକତା ସହର ବୁଲେଇ ଦେଖେଇବ । କହି ଫଟ୍ ଫଟ୍ କରି ପାଦୁକା ପକେଇ ଘର ଭିତରୁ ନିଷ୍କ୍ରାନ୍ତ ହୋଇଗଲେ ମୃଣ୍ମୟ ବାବୁ ।

ହାତରେ ଚା' କପେ ନେଇ ଘର ଭିତରକୁ ଆସିଲେ ଚନ୍ଦନା ଦେବୀ— ବେଲାର ବୌଦି, ନୃପେନ୍ ବାବୁଙ୍କ ସ୍ତ୍ରୀ । ସସମ୍ଭ୍ରମେ ମୁଁ ଉଠି ଠିଆ ହୋଇ- ପଡ଼ିଲି ।

: କାଲିଠୁ ମୁଁ ତୁମ ସଙ୍ଗେ କଥାଭାଷା ହେବା ପାଇଁ ବେଲ ଉତ୍କଣ୍ଠିତ । ଏତେବେଳକେ ପାଇଲି । ବସ ନା, ଠିଆ ହୋଇ ରହିଲ କାହିଁକି ?

: ଆପଣ ବସନ୍ତୁ ! ମୁଁ କହିଲି ।

: ହଁ, ବସୁଛି, ତୁମେ ବସ । ଚା' ନିଅ ।

: ମୁଁ ଏତେ ଚା' ଖାଏନା ।

: କିନ୍ତୁ ବଙ୍ଗାଳୀ ପରିବାରରେ ଚା' କପେ ଦେଇ କେବଳ ଆତିଥେୟତା କରାଯାଏନା, ସାହାଯ୍ୟ, ସହାନୁଭୂତି ବି ଆଦାୟ କରାଯାଏ ।

: ମୋ ପରି ଲକ୍ଷ୍ମୀଛଡ଼ା ପାଖରୁ କି ସାହାଯ୍ୟ ଆଦାୟର ସୁଯୋଗ ଥାଇ-ପାରେ ଆପଣଙ୍କର ? ସେ ଯାହାହେଉ, ଆପଣ ବି ଏପରି ପ୍ରାଞ୍ଜଳ ଓଡ଼ିଆ କହୁଛନ୍ତି କିପରି ?

: ମୁଁ ମେଦିନପୁରର ଝିଅ ଯେ !

: ଆପଣଙ୍କ ଦକ୍ଷିଣ ନାସାପୁଟରେ ନେଳୀ ପଥରବସା ସୁନାର ମାଛି ହିଁ କଳିଙ୍ଗ ସଂସ୍କୃତିର ଚିହ୍ନ । କହି ମୁଁ ସଗର୍ବେ ଟିକିଏ ହସିଲି ।

: ଏଇ ନାକମାଛିଟା ପାଇଁ ବେଳାଠୁ ମତେ ଅନେକ ସମୟରେ ପରିହାସ ଶୁଣିବାକୁ ପଡ଼େ । ବେଳେ ବେଳେ ବିରକ୍ତ ହୋଇ କାଢ଼ି ରଖି ଦେବାକୁ ଗଲେ କିନ୍ତୁ ବେଲା ଅଭିମାନରେ ଓଠ ଫୁଲାଏ । କହେ—ଟିକିଏ ଥଟ୍ଟା କରି କହିଲି ବୋଲି ରାଗିଯାଉଚ ବୌଦି ? ତୁମ ମୁହଁକୁ କିନ୍ତୁ ଭାରି ମାନେ ଏ ପଥର ବିନ୍ଦୁଟି । ମୁଁ ବି ଲକ୍ଷ୍ୟ କଲି ଚନ୍ଦନା ଦେବୀଙ୍କ ମୁଖ-ପଦ୍ମର ଲାବଣ୍ୟ ଝଲକ ଯେମିତି ସେଇ ନାକମାଛିଟିକୁ କେନ୍ଦ୍ର କରି [illegible] ଫୁଟି ଉଠେ ।

ଗୁଁ କପ୍‌ରେ ଚୁମକ୍ ଦେଇ ପଚାରିଲି : କି ସାହାଯ୍ୟ କଥା କହୁଥିଲେ ବୌଦି ?

: ହିଁ, ଚନ୍ଦନା ଦେବୀ କାନ୍ଥ ଘଡ଼ି ଆଡ଼କୁ ଆଖିଡ଼ୋଳା ଫେରେଇ ଟିକିଏ ଗୁହିଁନେଇ କହିଲେ—ବେଲାର ସ୍କୁଲ ଫେରିବା ସମୟ ହେଇଗଲାଣି । ଏଇକ୍ଷଣି ସେ କହିଦିଏଁ ।

ତାପରେ ସେ ଟିକିଏ ବାହାର ଦୁଆର ଆଡ଼କୁ ଗୁହିଁଲେ ।

: କେହି ନାହାନ୍ତି । ମୁଁ କହିଲି । ବେଲା ଆସିଲେ ବା କ୍ଷତି କ'ଣ ?

: ଇଲେ ମୋ ବୋଉ ଲୋ ! ମୋ ମୁଣ୍ଡ ଆଉ ରହିବ ? କହି ଟିକିଏ କ'ଣ ଭାବିନେଇ ପୁଣି କହିଲେ—ବେଲାକୁ ତୁମେ ମନେଇ ପାରିବନି ବାହା ହବାକୁ ?

: ସେ କ'ଣ ମୋ କଥା ରଖିବେ ?

: ନିଶ୍ଚୟ ରଖିବେ ।

: କେମିତି ଜାଣିଲେ ?

: ମୁଁ ନାରୀ, କୁମାରୀ ଝିଅର ମନ ବୁଝି ପାରିବିନି ? କାଲି ସକାଳୁ ତୁମକୁ ପାଇଲା ପରଠୁ ବନ ହରିଣୀ ପରି ସେ କି ଚଞ୍ଚଳ ଆନନ୍ଦରେ ଫାଟି ପଡ଼ୁଛନ୍ତି, ତା ମୁଁ ଜାଣେ ।

: କିନ୍ତୁ ବେଲଙ୍କ ସହିତ ମୋର ଜଣାଶୁଣା କେଶୀ ଦିନର ନୁହେଁ, ଆପଣ ଜାଣନ୍ତି ?

: ନା, ତା ମୁଁ କିଛି ଜାଣେନା ।

: ବର୍ଷକ ତଳେ ପୁଣାର ଏକ ହୋଟେଲରେ ତାଙ୍କ ସହିତ ମୋର ଗୋଟିଏ ଘଣ୍ଟାର ଦେଖାସାକ୍ଷାତ । ତାପରେ ଦୀର୍ଘ ତେର ମାସ ପରେ କାଲି ହାଓଡା ଷ୍ଟେସନରେ ଅପ୍ରତ୍ୟାଶିତ ଦେଖା ।

: ତୁମେ କ'ଣ କମ୍ୟୁନିଷ୍ଟ ପାର୍ଟିର ଲୋକ ?

: ନା, ମୁଁ ଏକ ବାଉଳ । କାଲି ସକାଳେ ମୋ ଜଙ୍ଗଲକୁଣ୍ଡ ଦାଢ଼ିଭରା କଦର୍ଯ୍ୟ ଚେହେରାଟାକୁ ଆପଣ ଦେଖି ନ ଥିଲେ ?

: କାହିଁ ? ନା ତ ?

: ମତେ ଲୁଚେଇବେନି ! ଟାକ୍‌ସିଟା ଆସି ଯେତେବେଳେ ଘର ସାମ୍‌ନାରେ ଠିଆ ହେଲା, ଆଉ ବେଲ ଦୌଡ଼ିଆସି ଘର ଭିତରୁ ତରତରରେ ପୁଣି ବାହାରି ଗଲେ, ସେଇ ଅବସରରେ ଉପର ମହଲା ଝରକାର ପର୍ଦା ଆଢ଼ୁଆଳରୁ ଆପଣ ମୋ ଆଡକୁ ଚାହିଁ ନ ଥିଲେ ?

ଟିକିଏ ମୃଦୁକି ହସି କହିଲେ ଚନ୍ଦନା ଦେବୀ : ସେଇ ଅବସରରେ ତୁମେ ବି ମତେ ଦେଖିନେଇଛ ? ଆଚ୍ଛା, ତରତରରେ ଘରୁ କ'ଣ ନେଇଯାଇ ସେ ତୁମକୁ ସାଙ୍ଗରେ ଧରି ଗଲେ ଜାଣିଛ ?

: ସେଲୁନ୍‌କୁ ।

: ଓ ! ଚନ୍ଦନା ପୁଣି ଥରେ ଆଖିମିଟିକା ମାରି ତୃପ୍ତିରେ ହସିଉଠିଲେ ।

: ହସିଲେ କାହିଁକି ?

: ଆମ ପାଖରେ ସେ ତୁମର ଦାଢ଼ିଆ ଚେହେରାର ଦୃଶ୍ୟ ଦେଖାଇବାକୁ ଚାହିଁ ନ ଥିଲେ । ସେଇଥିପାଇଁ ତ -କହୁଛି, ହଁ, ତୁମେ···ତୁମେ କହୁଛି ବୋଲି କିଛି ମନେକରୁଛ ?

: ନା, ମନେ କରିବି କାହିଁକି ? ଆପଣ ବେଲଙ୍କୁ କେତେ ଭଲ ପାଆନ୍ତି ମୁଁ ଜାଣେ ।

ବାହାରେ ଟକ୍‌ସାର ଘଣ୍ଟି ଶୁଭିଲା ।

ଉଠି ଛିଡ଼ା ହୋଇପଡ଼ିଲେ ଚନ୍ଦନା । ନିଶ୍ଚୟ ଆସିଲେ ବେଲା । ସ୍କୁଲ ଛୁଟି ହୋଇଯାଇଛି । କହି ସନ୍ତର୍ପଣରେ ଘରୁ ବାହାରି ଚାଲିଗଲେ ।

ସପ୍ରତିଭ ହସରେ ଘରଭିତରକୁ ପଶିଆସିଲା ବେଲା । କହିଲା, ମୃଣ୍ମୟଦା’ କାର୍ଡ଼ଟା ରଖିଦେଇ ଯାଇଛନ୍ତି ନା ?

: ହଁ, ଅନେକ ବେଳୁ । ଆଉ କହିଯାଇଛନ୍ତି, ତୁମର କୌଣସି କମ୍ରେଡ଼ ବନ୍ଧୁଙ୍କୁ କୁଆଡ଼େ ବୁଲେଇ ନେଇଯିବାର ଅଛି···ଦେଖିବ ପୁଲିସ ଭୟରେ ଗାଡ଼ି ସମେତ ସବୁ ଯେମିତି ଅଣ୍ଡର ଗ୍ରାଉଣ୍ଡ ଚାଲି ନ ଯାଏ !

: ବାଃ, ମୃଣ୍ମୟଦା’ଙ୍କୁ ଇମିତି ଚାଲାକ୍‌ରେ କଥା କହି ଆସିଲଣି ? ତାହେଲେ କଲିକତାରେ ତାଙ୍କୁ ବାହା ହବା ପାଇଁ ଝିଅର ଅଭାବ ହଉଛନ୍ତି କାହିଁକି ବୌଦି ? ବଙ୍କା ପାଟିରେ ପ୍ରଶ୍ନଟା ଚନ୍ଦନାଙ୍କ ଉଦ୍ଦେଶ୍ୟରେ କରି ଅନ୍ଦର ମହଲକୁ ଚାଲିଗଲା ବେଲା । ଗଲାବେଳେ ଦୁଆର ମୁହଁରେ ଟିକଏ ଛିଡ଼ାହୋଇ ପଛକୁ ଫେରି ଚାହିଁ ମୋତେ ଉଦ୍ଦେଶ୍ୟ କରି କହିଗଲା, କମ୍ରେଡ଼ ବନ୍ଧୁଙ୍କୁ ନେଇ ଗାଡ଼ି ସହିତ ମୁଁ ଅଣ୍ଡର ଗ୍ରାଉଣ୍ଡ ଉଦ୍ଦେଶ୍ୟରେ ଗାଏବ୍ ନ ହୋଇ ଯିବି, ତାର ସତର୍କ ପ୍ରହରୀ ହିସାବରେ ଆପଣଙ୍କୁ ଯିବାକୁ ହେବ ଗାଡ଼ିର ସାଙ୍ଗେ ସାଙ୍ଗେ । ଲୁଗାପଟା ପିନ୍ଧି ପ୍ରସ୍ତୁତ ହୁଅନ୍ତୁ, ମୁଁ ଏଇ ଫେରୁଛି ।

ବେଲା କଥାରେ ପ୍ରତିବାଦ କରି ଲାଭ ନାହିଁ । ମୁଁ ଟିକଏ ମନକୁ ମନ ଚିନ୍ତା କଲି, ଆଜି ବେଲା ସାଙ୍ଗରେ ନଗର ଭ୍ରମଣରୁ ଫେରିଆସି ରାତିରେଇ ଠିକ୍ କରିନେବି କାଲିଠୁ ମୋର ଅଭିଯାନ ଆରମ୍ଭ ହେବ କେଉଁ ରହସ୍ୟଲୋକର ସନ୍ଧାନରେ !

ଟମାଟୋ ରଙ୍ଗର ମୁର୍ଶିଦାବାଦ ସିଲ୍‌କ ଶାଢ଼ୀ ପିନ୍ଧି ସାମ୍‌ନାରେ ଆସି ଠିଆହେଲା ବେଲା । ଗ୍ରେଟ ବେଣୀ ପକେଇ ମୁଣ୍ଡ ବାନ୍ଧିଛି । କାଲି ଅପେକ୍ଷା ମୁହଁରେ ଟଏଲେଟ୍‌ର ପରିପାଟୀ କିଛି କମ୍ । କାଲିର ଉନ୍ମନା ଭାବାବେଶ ନାହିଁ ଅଙ୍ଗର ଲାବଣ୍ୟରେ । ବେଶବାସରେ କିଛି ପ୍ରଶାନ୍ତିର ସ୍ନିଗ୍ଧତା ! ଉଚ୍ଛ୍ୱାସ ନାହିଁ, କିନ୍ତୁ ଉଷ୍ଣତା ଅଛି । ଚନାଘନା ନାହିଁ, କିନ୍ତୁ ତନ୍ମୟତା ଅଛି ।

ବେଶ୍ ଲାଗିଲା ।

: ଏ କ’ଣ ? ମୋ ମୁହଁକୁ ଚାହିଁ ଠିଆହେଲେ ଯେ ! ପହରା ଦେବାକୁ ଯିବେ ନାହିଁ ?

: ଶେଷକୁ ତୁମ ମୃଣ୍ମୟୀ ଦା'ଙ୍କ ପ୍ରହରୀ କରି ଛାଡ଼ିଲ ମତେ ?

: ସେଇଟା ତ ତାଙ୍କର ଦାନ, ଆପଣଙ୍କର ଅର୍ଜ୍ଜନ ! ମତେ କାହିଁକି ଦୋଷ ଦେଉଛନ୍ତି ? ତାଙ୍କ ହୁକୁମ ଜଣାଇବାର ଦାୟିତ୍ୱ ନେଲେ ଯେତେବେଳେ, ହୁକୁମ ତାମିଲ କରିବା ପାଇଁ ମୁଁ ହୁଏତ ଟିକିଏ ଅନୁରୋଧ କଲି ।

: ବେଶ୍, ଶିରୋଧାର୍ଯ୍ୟ । ମୁଁ କହିଲି, ଏଇ ବେଶରେ ତେବେ ଯାଏ !

: ବେଶଟା ସମ୍ବନ୍ଧରେ ମୋର କିଛି କହିବାର ନାହିଁ । ସେ ଆପଣଙ୍କର ରୁଚି ଉପରେ ନିର୍ଭର କରେ ପୁରାପୁରି ।

: ଭୟ କରୁଛ ?

: କିଛି କରୁଛି ନିଶ୍ଚୟ । କାଲି ସକାଳର ଚେହେରାଟା ମୁଁ ଭୁଲିନି ।

: ବାଣ୍ଟି ରଖି ଖୁବ୍ ବୀଭତ୍ସ ଦେଖାଯାଉଥିଲି ନା ?

: ନା, ବୀଭତ୍ସ ନୁହେଁ, ରୁଦ୍ର ।

: ରୁଦ୍ର ? ମୁଁ ରହସ୍ୟ ଗଳାରେ ପଚାରିଲି ।

: ହଁ, ରୁଦ୍ର ସୁନ୍ଦର !

: ତାହେଲେ ମତେ ଭୟ କରିଥିଲ ବୋଲି କହିଲ ଯେ !

: ହଁ, ଭୟ ତ ! ଭୟାନକ ସୌନ୍ଦର୍ଯ୍ୟ ଭିତରେ ମୁଗ୍ଧ ହୋଇଯିବାର ଭୟ ତ ଅଛି !

: କ'ଣ ସବୁ କହୁଛ ତୁମେ ମିସ୍ ମଜୁମଦାର !

: ଆପଣଙ୍କ ଅବୋଧ୍ୟ ତ କିଛି କହୁ ନାହିଁ ! କହି ବେଲା ପୋର୍ଟିକୋ ଆଡ଼କୁ ଯାଇଁ ମୋ ଉଦ୍ଦେଶ୍ୟରେ ଗାଡ଼ିର ଆଗ ସିଟ୍‌ର ଦୁଆର ଖୋଲିଦେଲା ।

ମୁଁ ବସିଲା ପରେ ସେ ଆରପାଖେ ବୁଲିପାଇ ଷ୍ଟିଅରିଂ ପାଖରେ ବସି ଗାଡ଼ିରେ ଷ୍ଟାର୍ଟ ଦେଲା ।

: କ ଗାଡ଼ି ଏଇଟା ? ମୁଁ ପଚାରିଲି ।

: କିଛି ଗୋଟାଏ ହୋଇଥିବ । କମ୍ପାନୀ ନାଁ ଜାଣି ଲାଭ କ'ଣ ? ଭଲ ଚାଲିଲେଇ ହେଲା ।

: ତଥାପି ନାଁର ଗୋଟାଏ ଗୁରୁତ୍ୱ ତ ଅଛି ?

: ଗୁରୁତ୍ୱ ଆଉପାରେ ? କନ୍ତୁ ମୁଲ୍ୟାସ୍ତନଟା ନାଁରେ ନୁହେଁ, କାର୍ଯ୍ୟରେ । କହି ସେଲ୍‌ଫର ବଟନ୍ ଚପି ଷ୍ଟାର୍ଟ ଦେଲ ଗାଡ଼ିରେ । ବ୍ୟାକ୍ କରି, ଫାଟକ ଆଡ଼କୁ ବୁଲେଇ, ସଦର ରାସ୍ତା ଉପରକୁ ଆଣି ପଚ୍ଚରିଲ — ଆଜି କୁଆଡ଼େ ଯିବେ ?

: ଯୁଆଡ଼େ ଗଲେ ତୁମେ ଖୁସି ହେବ ।

: ଡାଇମଣ୍ଡ ହାର୍ବରର ନା ବାଲିଗଞ୍ଜ ଲେକ୍ ? ଗାଡ଼ି ଆସ୍ତେ ଆସ୍ତେ ଛିଡ଼ି ନେଲା ।

: ଦୁଇଟିଯାକର ସୌନ୍ଦର୍ଯ୍ୟ ଗଭୀର ଜଳରାଶିକୁ କେନ୍ଦ୍ର କରି । ମୋ ମତରେ ଯେ କୌଣସିଟିକୁ ଦେଖିଲେଇ ଚଳିବ ।

: ଗୋଟିଏ ପାଖରେ, ଅନ୍ୟଟି ବହୁଦୂରରେ । ବେଲା କହିଲା ଲୋକଙ୍କ ଗହଳି ଭିତରେ କାର୍‌ଟାକୁ ଅଙ୍କେଇ ବଙ୍କେଇ ନେଇ ନେଇ ।

: ଯେ ଦୂରରେ ସେ ଏଇମିତି ସୁନ୍ଦର ମନ ଭିତରେ । ପାଖ ଦୃଶ୍ୟଟା ଆଗେ ଦେଖାଯାଉ ।

: ବଲିଗଞ୍ଜ ଲେକ୍ ତା'ହେଲେ !

: ବେଶ୍ ! ଆଚ୍ଛା, ଟିକିଏ ରହିଯାଇ କହିଲା, ପୁରୀ ଯାଇଥିଲ ଅସିତ୍ ଯାଙ୍ଗରେ, କେତେ ଦିନ ଥିଲ ?.

: ଛ' ସାତ ଦିନ ।

: ପୁରୀଠୁ ଚିଲିକା ଯାଇଁ ଦେଖିଛ ? ଚିଲିକା ହ୍ରଦ !

: ଆପଣଙ୍କ କବି ରାଧାନାଥଙ୍କର "ମରାଳମାଳିନୀ ନୀଳାମ୍ବୁ ଚିଲିକା ?"

: ହଁ, ସେଇ ଚିଲିକା । ବେଲା ଆଡ଼କୁ କଣେଇ କରି ଗୁହିଁ ମୁଁ କହିଲି, ରାଧାନାଥଙ୍କୁ ଶୁଣିଛ ନା ପଢ଼ିଛ ?

: ଦେଖିଛୁ ।

: କେଉଁଠି ?

: ଚିଲିକାର ନୀଳ ଜଳ-ଦର୍ପଣରେ, ପ୍ରକୃତିର ଐଶ୍ୱର୍ଯ୍ୟରେ, ଆକାଶର ପ୍ରଶାନ୍ତିରେ ।

: କାଳିଗଞ୍ଜ ଲେକ୍ ଚିଲିକା ପରି ?

: ଅଲକା କ'ଣ ଆରତି ପରି ?

: ତା ନୁହେଁ ଅବଶ୍ୟ । ତେବେ ଉଭୟେ ନାରୀ ତ !

: ସେ ଦୃଷ୍ଟିରୁ ବାଲିଗଞ୍ଜ ଲେକ୍ ଆଉ ଚିଲିକା ଉଭୟେ ବୃହତ୍ ଜଳର ଭଣ୍ଡାର । ତା ନ ହେଲେ ବାଲିଗଞ୍ଜ ଲେକ୍ କୃତ୍ରିମ ଆଉ ଚିଲିକା ପୃଥିବୀର ସୌନ୍ଦର୍ଯ୍ୟଭଣ୍ଡାରକୁ ପ୍ରକୃତିର ଶ୍ରେଷ୍ଠ ଦାନ ।

: ଅସିତ୍‌କୁ ଭଲ ପାଇ ଓଡ଼ିଶାଟାକୁ ଭଲ ପାଇବସିଛ ଦେଖୁଛି ।

: ଓଡ଼ିଆ ଜାତିଟାକୁ ବି ।

: ସେ ବିଷୟରେ କିନ୍ତୁ ମୋର ସନ୍ଦେହ ଅଛି ।

: କାହିଁକି ?

: ଏପର୍ଯ୍ୟନ୍ତ ତୁମ ଦେଶ ଲୋକଙ୍କର ଓଡ଼ିଆ ଜାତିଟା ପ୍ରତି ଯେଉଁ ମନୋଭାବ ଲକ୍ଷ୍ୟକରି ଆସିଛି···

: କ'ଣ ସେଇଟା ? ପଚାରିଲା ବେଲା ।

: ଘୃଣା ଆଉ ବିଦ୍ରୂପ ! କିନ୍ତୁ କହିପାରିବ ମିସ୍ ମଜୁମଦାର, ଓଡ଼ିଆ ଦେଶକୁ, ଓଡ଼ିଶାର ଧର୍ମକୁ ଆଉ ଓଡ଼ିଶାର ପ୍ରକୃତିକୁ ଏତେ ଭଲ ପାଇ ତୁମ ବଙ୍ଗାଳୀ ଜାତିଟା ଓଡ଼ିଆର ସଂସ୍କୃତିକୁ ଶ୍ରଦ୍ଧା କରେନା କାହିଁକି ? ଓଡ଼ିଆର ବଡ଼ଠାକୁର ଜଗନ୍ନାଥଙ୍କୁ ତୁମର ମହାପୁରୁଷ ଚୈତନ୍ୟ ସାଷ୍ଟାଙ୍ଗ ପ୍ରଣିପାତ ଜଣାଇଲେ, ଅଥଚ ଓଡ଼ିଆର ମଣିଷତ୍ୱକୁ କେବଳ ବଗିଚାର ମାଳୀ ରୂପରେ ତୁଚ୍ଛ କରି ଦେଖିଲେ କାହିଁକି ତୁମ ଜାତୀୟ କବି ରବୀନ୍ଦ୍ରନାଥ ? ଯେଉଁ ମଣିଷର ହାତଗଢ଼ା ଦେବତାକୁ ବଙ୍ଗାଳୀ ପୂଜା କରୁଛି, ସେଇ ମଣିଷକୁ ପୁଣି 'ଉଡ଼େ' କହି ପରିହାସ କରୁଛି କେମିତି ?

: ଅସ୍ୱୀକାର କରିବିନି । ଆମ ଜାତିର ଏ ଦୁର୍ନାମ ସାରା ଭାରତରେ ଅଛି । ବଙ୍ଗାଳୀ ଭାରତର କୌଣସି ପ୍ରଦେଶର ସଂସ୍କୃତିକୁ ବଡ଼ ବୋଲି ସ୍ୱୀକାର କରେନା । ସେ ପଶ୍ଚିମ-ଭାରତୀୟଙ୍କର ବୀରତ୍ୱକୁ ମାନେ, ଦକ୍ଷିଣ-ଭାରତୀୟଙ୍କ ଶିକ୍ଷାକୁ ଶ୍ରଦ୍ଧା କରେ, ଉତ୍ତର-ଭାରତୀୟଙ୍କ ଧର୍ମ ସମ୍ପର୍କକୁ ପ୍ରଣତି ଜଣାଏ, କିନ୍ତୁ ପୂର୍ବ-ଭାରତରେ ସେ କହେ, ତାଆରି ସଂସ୍କୃତି ହିଁ ସର୍ବାପେକ୍ଷା ବଡ଼ । କାହିଁକି ସେପରି କହେ, ତା ମୁଁ ଜାଣିନି ।

: ଜାଣିନ କାହିଁକି ? କହିବିନି । ତୁମ ଜାତୀୟ ଜୀବନର ସଂସ୍କୃତିକ ଅହଙ୍କାର ତୁମ ଭିତରେ ବି ତ ଅଛି କି ନା !

ବେଲା ପୂର୍ବାପେକ୍ଷା ଟିକିଏ ଗମ୍ଭୀର ହୋଇ ବସି ଗାଡ଼ିରେ ଷ୍ଟାର୍ଟ ଦେଲା । ଚୌରଙ୍ଗୀ ଅତିକ୍ରମ କରି କାର୍ ଛୁଟିଥିଲା ଦୁରନ୍ତ ବେଗରେ ।

ମୁଁ କହିଲି—ବଙ୍ଗ ଦିନେ ସାରା ଭାରତରେ ସମୃଦ୍ଧିଶାଳୀ ପ୍ରଦେଶ ଥିଲା—ଏ କଥା ପ୍ରଶସ୍ତିମୂଳକ କିମ୍ବଦନ୍ତୀ ନୁହେଁ, ଘଟଣାବହୁଳ ଇତିହାସର କଥା । ମୋଗଲ ପଠାଣଙ୍କ ରାଜତ୍ୱ ବେଳେ ଦିଲ୍ଲୀର ସାହାନ୍‌ସା ବାଦଶାଙ୍କ ଲୋଲୁପ ଦୃଷ୍ଟି 'ସୋନାର ବାଙ୍ଗଲା' ଦେଶକୁ କେବଳ ଲୁଣ୍ଠନ କରି ତୃପ୍ତ ହେଲା ନାହିଁ, ଚୂର୍ଣ୍ଣବିଚୂର୍ଣ୍ଣ କରିଦେଲା ତା ଧର୍ମର ସଂହତିକୁ । ତାପରେ ଆସିଲା ବ୍ରିଟିଶ ସାମ୍ରାଜ୍ୟର ଶୋଷଣରାଜ୍ । ସମସ୍ତ ବଙ୍ଗର ନାଭିକେନ୍ଦ୍ର କଲିକତା ମହାନଗରୀ, ଯେ ଏତେଦିନ ବଙ୍ଗାଳୀ ଜାତିର ଅନ୍ନସଂସ୍ଥାନର କର୍ମପୀଠ ଥିଲା, ତା' ହେଲା ଗୋରା ସାହେବଙ୍କର ଚାରଣଭୂଇଁ । ବନ୍ଦ ହେଲା ଉପାର୍ଜ୍ଜନର ସମସ୍ତ ଦ୍ୱାର କିମ୍ୱା ମଧ୍ୟବିତ୍ତ ପାଇଁ । ଜାତିର ମେରୁଦଣ୍ଡ ଭାଙ୍ଗିପଡ଼ିଲା । ଉପାୟ କ'ଣ ? ଜାତିଟା କ'ଣ ନିଶ୍ଚିହ୍ନ ହୋଇଯିବ ଭୂ ପୃଷ୍ଠରୁ ? ଅସମ୍ଭବ ! ଗର୍ଜ୍ଜି ଉଠିଲା ସମସ୍ତ ବଙ୍ଗାଳୀ ପ୍ରାଣ । ବାହାରିଲେ ସନ୍ତ୍ରାସବାଦୀର ଦଳ । ବିପ୍ଳବର ପୃଷ୍ଠଭୂମି ଉପରେ ସେମାନେ ଲଗେଇଲେ ବିଦ୍ରୋହର ବାରୁଦ । ଯେଉଁ ବିଭେଦ ଦେଖା ଦେଇଥିଲା ପରସ୍ପର ଭିତରେ, ଐକ୍ୟର ମହାମନ୍ତ୍ରରେ ତାକୁ ଉଦ୍‌ବୁଦ୍ଧ କଲେ ଯୁଗଜନ୍ମା ରାଜା ରାମମୋହନ ରାୟ ଆଉ ରାସବିହାରୀ ବୋଷ । ରାଜନୈତିକ ଚେତନାକୁ କେବଳ ଅଗ୍ନିଳ କରାଗଲା ନାହିଁ, ଭାଷା, ସାହିତ୍ୟ ଆଉ ସଭ୍ୟତାର ସମନ୍ୱିତ ଶକ୍ତିକୁ ସଂଗଠିତ କରି ମାଇକେଲ ଆଉ ବଙ୍କିମଙ୍କ ପରି ଜାତୀୟ କବିଙ୍କଦ୍ୱାରା ଗଢ଼ାଗଲା ବଙ୍ଗାଳୀ ସଂସ୍କୃତି । ତାପରେ ଘରେ ଘରେ, ଆବାଳ-ବୃଦ୍ଧ-ବନିତାଙ୍କ ମୁହଁରେ କୋରସ୍ ବୋଲି ଶିଖାଗଲା—"ବଙ୍ଗାଳୀର ମାନ, ବଙ୍ଗାଳୀର ପ୍ରାଣ ଏକ ହେଉ, ଶ୍ରେଷ୍ଠ ହେଉ" । ସେଇଥିରୁ "ବାଙ୍ଗାଲି" ସଂସ୍କୃତିରଶ୍ରେଷ୍ଠତ୍ୱ ଜାହିର୍ କରିବା ନିଶା ପ୍ରତ୍ୟେକ ବଙ୍ଗାଳୀର ଏକ ପ୍ରକୃତିଗତ ବ୍ୟାଧିରୂପେ ଦେଖାଗଲା । ଆଉ ସେଇ ବ୍ୟାଧି ଏଣିକି ଏପରି ମାରାତ୍ମକ ହୋଇଉଠିଛି ଯେ ଭାରତର ପ୍ରତ୍ୟେକ ଜାତି ଆଜି ମହାଭାରତୀୟ ମନ୍ତ୍ରରେ ଏକ ହେବାର ବ୍ରତ ଗ୍ରହଣ କରିଥିଲେ ବି ବଙ୍ଗାଳୀ ଜାତିର ସାଂସ୍କୃତିକ ଔଦ୍ଧତ୍ୟକୁ କୌଣସିମତେ କ୍ଷମା କରିପାରୁ ନାହିଁ । ଏହାରି ଫଳରେ କ୍ରମଶଃ ଦେଖାଗଲାଣି, ବଙ୍ଗାଳୀ ନିଜ ଘରେ ଏକ ହୋଇ ପାରିଥିଲେ ବି ସାରା ଭାରତରେ ବାକି ସଭିଙ୍କଠୁ ପୃଥକ୍ ହେଲାପରି ମାଟି, ପାଣି, ପବନ ବାସନ୍ଦ ହୋଇପଡ଼ିଛୁ । ଖାଲି ଓଡ଼ିଶାରେ ନୁହେଁ, ବିହାର, ପଞ୍ଜାବ, ମଧ୍ୟପ୍ରଦେଶ ସବୁଠି ଆଜି ବଙ୍ଗାଳୀକୁ ସମସ୍ତଙ୍କର ଘୃଣା—ତାର ଏଇ ଅତି-ବଙ୍ଗାଳୀପଣିଆ ପାଇଁ, ତାର ସାଂସ୍କୃତିକ ଅହମିକା ପାଇଁ । ସେ ଆଜି କକ୍ଷଚ୍ୟୁତ ନକ୍ଷତ୍ର ପରି ଘୂରିବୁଲୁଛି ଭାରତର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ଯାଏ । କେଉଁଠି ତାର ସ୍ଥିରତା ନାହିଁ ।

ହଠାତ୍ ବ୍ରେକ୍ ଦେଇ କାର୍ ବନ୍ଦ କଲି । କହିଲି, ଆପଣଙ୍କ ବିଶ୍ଳେଷଣ ଷୋଳପୁରି ଭୁଲ୍ କହି ହେବ ନାହିଁ । ଓଡ଼ିଆର ଜାତୀୟତା ଉପରେ ଆଘାତ ନ ଦେଇ

ବିଶ୍ୱକବି 'ମାଳୀ'ର ଆଉ ଗୋଟାଏ କି ବିଶ୍ଳେଷଣ ଦେଇ "ଦୋଷଘାଟନମ୍" ତ ଲେଖି ପାରିଥାନ୍ତେ । 'ଉଡ଼େ' କହିବାଦ୍ୱାରା ତାଙ୍କର "ବିଶ୍ୱକବି" ସୁନାମଟାକୁ ତାଙ୍କର ଅତି ବଙ୍ଗାଳିତ୍ୱ ଭାବ ଯେ କଳଙ୍କିତ କଲା, ଏଥିରେ ସନ୍ଦେହ ନାହିଁ । ବିଶ୍ୱର ମହାମାନବିକତାବୋଧରୁ ଓଡ଼ିଆ ତ ବିଚ୍ଛିନ୍ନ ନୁହେଁ ! ରବୀନ୍ଦ୍ର ବିଶ୍ୱକବି ହେଲେ ବି ଓଡ଼ିଆ ତାଙ୍କୁ କ୍ଷମା କରିବ କାହିଁକି ? ତା'ର କ'ଣ ଜାତୀୟ ସମ୍ମାନ ନାହିଁ ?

: ଚୁପ୍ କର, ଏତେ ବଡ଼ ପାଟି କାହିଁକି ? ମୁଁ କହିଲି, କିଏ ଯଦି ତୁମ କଥା ଶୁଣେ ?

: ମାନେ ? ରତ୍ନାକରଙ୍କୁ କାର୍‌ଟାକୁ ପାଖେଇ ରଖି ଲକ୍ ଖୋଲି ମତେ ଓହ୍ଲେଇବାକୁ ନିର୍ଦ୍ଦେଶ ଦେଇ କହିଲା ବେଲା—ଶୁଣିଲେ କ'ଣ ହେଇଯିବ ?

: ଏଇଟା ଯେ କଲିକତା ! ବଙ୍ଗ ଦେଶର ସାଂସ୍କୃତିକ ପୀଠ ! ଓଡ଼ିଆ ପାଇଁ ହୋଇ କହିବାରେ ତୁମର ଭୟ ନାହିଁ ?

: କାହା ପାଇଁ ହୋଇ ତ ମୁଁ କହୁ ନାହିଁ । ମୁଁ ସତ କହୁଛି, ଆଉ ସତ କହିବାରେ ବଙ୍ଗାଳୀର ପୁଅ ଝିଅ କେହି ପଶ୍ଚାତ୍‌ପଦ ନୁହେଁ । ବଙ୍ଗାଳୀ ଯେତେ ଭୁଲ୍‌ସଚେତନବୋଧ ହୁଏତ ଭାରତର ଅନ୍ୟ କୌଣସି ଜାତି ସେପରି ନୁହେଁ ।

: ଗୋଟିଏ ଦୃଷ୍ଟିରୁ ତୁମ କଥା ଠିକ୍—ସବୁ ଦିଗରୁ ନ ହେଲେ ବି ! ଆଚ୍ଛା, ଗାଡ଼ି ଏଠି ରଖିଲ କାହିଁକି ?

: ଏଇ ଯେ ବାଲିଗଞ୍ଜ ! ହେଇ ଯେ ସାମନାରେ ଲେକ୍ !

: ସତେ ! ମୁଁ ଅର୍ଦ୍ଧସ୍ୱଗତ କଣ୍ଠରେ କହିଲି, ବାଲିଗଞ୍ଜର ଏ ଅଞ୍ଚଳଟା ତ ବେଶ୍ ଶାନ୍ତ ମନେ ହେଉଛି !

: ଖାଲି ଶାନ୍ତ ନୁହେଁ, ସମ୍ଭ୍ରାନ୍ତ ବି । କଲିକତାର ବହୁ ଆଭିଜାତ୍ୟ ପରିବାର ରହନ୍ତି ଏ ପାଖରେ । କହି, ବେଲା ଫାଟକ ଡେଇଁ ଲେକ୍ ଆଡ଼କୁ ଆଗେଇଲା ।

ଉତ୍ତୀର୍ଣ୍ଣ ଗୋଧୂଳିର ଗୋଲାପୀ ଆକାଶ ଝଲମଲ କରୁଛି ହ୍ରଦର ପ୍ରସାରିତ ଜଳରାଶିରେ । ଲେକ୍‌ର ଚାରିପାଖେ ଗଛବୃକ୍ଷର ସବୁଜ ମାଧୁରୀ । କୂଳ ପାଖରୁ ଅଳ୍ପ ଦୂରଛଡ଼ା ହୋଇ ହ୍ରଦ ଭିତରେ ଛୋଟ ଦ୍ୱୀପଟିଏ ପରି ଚକଡ଼ାଏ ମାଟିର ଢିପ । ତାର ଉପରେ ଆମ୍ବ, ଜାମୁ ଆଉ ଖଜୁରି ଗଛର ମଝିରେ ମଝିରେ ମାଧବୀ ଲତାର କୁଞ୍ଜ, ଲୁରିଅନା ପତ୍ରର ଶ୍ୟାମଳ ସମାବେଶ । ହ୍ରଦ ଉପରକୁ ଯିବା ପାଇଁ ଲେକ୍‌ର ତୀର ପାଖରୁ ଅଣଓସାରିଆ କାଠର ପୋଲଟିଏ ଲମ୍ବି ଯାଇଛି ।

: ଚାଲନ୍ତୁ ସେଇଠି ଯାଇଁ ବସିବା । କହି, ବେଲା ମୋ ମୁହଁକୁ ସପ୍ରସନ୍ନ ଭଙ୍ଗୀରେ ଚାହିଁଲା ।

: ଆସିଥାଇଁ ଯେତେବେଳେ, ଉପଭୋଗ କରିବା ଠିକ୍‌ଏ । ମୁଁ କହିଲି, କିନ୍ତୁ ସେଠି ଯେ ଅନେକ ଲୋକ ?

: ଭୟ କ'ଣ ? ବେଲା କହିଲା, 'ଅନେକ'ର ଭିଡ଼ ମଝିରେଇ ତ ଅନୈକ୍ୟ ହୋଇ ରହିପାରିବାରେ ବାହାଦୁରି ! 'ବହୁ'ର କୋଳାହଳ ଭିତରେ ଇ ତ ଦୁଇଟି ପ୍ରାଣ ପରସ୍ପରକୁ ଶୁଣିବାର ସାର୍ଥକ ବ୍ୟାକୁଳତା…

: ଚମତ୍କାର ! ତୁମକୁ କଥାରେ ହରେଇବା ଅସମ୍ଭବ ଦେଖୁଛି ।

: ମତେ ହରେଇବାକୁ ଏ ଭିତରେ ଚେଷ୍ଟା ଆରମ୍ଭ କରିଛନ୍ତି ନା କ'ଣ ? କି ସୌଭାଗ୍ୟ ମୋର ?

: ମୋ ପାଖରେ ହାରିବାଟା ତୁମର ସୌଭାଗ୍ୟର କଥା କେମିତି ମିସ୍ ମଜୁମଦାର ?

: ତା' ଆପଣ ବୁଝିବେନି । ମନର ବନ୍ଧୁ ପାଖରେ ହାରିଲେ ନାରୀର ଗର୍ବ, ଆଉ ମନର ବାନ୍ଧବୀ ପାଖରେ ବିଜୟୀ ହେଲେ ପୁରୁଷର ଅହଙ୍କାର-ଏଇ ଦୁଇଟା ବିପରୀତ ଚରିତ୍ରର ସମନ୍ୱୟ ଉପରେ ତ ସମାଜର ବିକାଶ ! କହି, ବେଲା କାଠ ବ୍ରିଜ୍‌ଟା ପାର୍ ହୋଇ ସବୁଜ କୁଦ ଉପରକୁ ଆସିଲା । ଏଣେ ତେଣେ ଆଖି ବୁଲେଇଲା କୌଣସି ଏକ କୁଞ୍ଜ ବିତାନର ନିଭୃତ ଅନ୍ୱେଷଣରେ । ତାପରେ ଉତ୍ଫୁଲ୍ଲ କଣ୍ଠରେ କହିଲା—ସେଇଟିକି ଚାଲନ୍ତୁ ! ଏତେ ସୁନ୍ଦର ଜାଗା ଅଥଚ କେହି ସେଠି ନାହାନ୍ତି !

: ନାହାନ୍ତି କିଏ କହିଲା ? ଏଇ ତ ମୁଁ ଦେଖିପାରୁଛି ।

: କାହାକୁ ?

: ସନ୍ଧ୍ୟାର ନିଭୃତଯୌବନୀ ରମଣୀଯୁତା, କୁଞ୍ଜର ସାନ୍ଦ୍ର ପଲ୍ଲବ ଅଞ୍ଚଳରେ ହ୍ରଦର ଜଳ-ଦର୍ପଣ ଆଡ଼କୁ ତନ୍ମୟ ଚାହାଣିରେ ଚାହିଁ ତା ଜ୍ୟୋତ୍ସ୍ନା-ଚିକ୍‌କଣ କେଶଗୁଚ୍ଛର ବେଣୀରଚନାରେ ଆତ୍ମବିଭୋରା !

: ସତେ ତ ! କି ସୂକ୍ଷ୍ମ ଦୃଷ୍ଟି ଆପଣଙ୍କର !

: ସୂକ୍ଷ୍ମ ନୁହେଁ, ଅନୁସନ୍ଧାନୀ ।

: ପୁରୁଷର ଅନୁସନ୍ଧାନୀ ଦୃଷ୍ଟିକୁ ମୋର କିନ୍ତୁ ଖାଲି ଭୟ । ବେଲା କହିଲା ସପ୍ରତିଭ ଗଳାରେ ।

: ଏତେବେଳକୁ ଆଉ ଉତ୍ସୁକର ସତର୍କ ହେବାକୁ ବସି ଲାଭ କ'ଣ ? ବନ୍ଧୁ ଆଗରୁ ଧରା ପଡ଼ଯାଇଛ ।

ଚମକ ଉଠିଲ ପର ମୋ ଆଡ଼କୁ ଚାହିଁଲ ବେଲା । କହିଲ—ଧରା ପଡ଼ଯାଇଛ ?

: ହଁ ।

: କ'ଣ ?

: ତୁମର ବୈଷ୍ଣବୀ ଅନୁରାଗ !

ବେଲାର ମୁହଁରେ ମୁଠାଏ ଫଗୁର ଝଲକ ସ୍ପଷ୍ଟ ହୋଇଗଲା ।

ସଲଜ୍ଜଭାବରେ ଝାଉଁଳି ପଡ଼ିଲା ପରି ବକ୍ଷାଞ୍ଚଳକୁ ସଜାଡ଼ିନେଇ ସେ ବସିଲା ଗ୍ରାମ୍ୟାବତାନର ନଇଁଚିରେ । କହିଲା : ସନ୍ଧ୍ୟାର ପ୍ରଶାନ୍ତ କେମିତି ଶୂନ୍ୟରୁ ଓହ୍ଲାଇ ଆସୁଛି ଦେଖୁଛନ୍ତି ?

: ହଁ, ଦେଖୁଛି । କିନ୍ତୁ ତୁମେ ବୋଧହୁଏ ମତେ ଦେଖେଇ ଦେବା ଭିତରେ ଅନୁଭବ କରୁଛ ? କହି ମୁଁ କିଛିକ୍ଷଣ ସ୍ତବ୍ଧ ହୋଇ ବସିରହିଲି ।

ଲେକ୍ ମଝିରେ ଗୋଟିଏ ଶ୍ଳେଟ ଡଙ୍ଗାରେ ଦୁଇ ଜଣ କିଏ ବସି ଆଦୁଲା ମାର ଗୀତ ଗାଉଛନ୍ତି । ମୃଦୁ ପବନରେ ସେ ଗୀତର ଅସ୍ପଷ୍ଟ ଧ୍ୱନି ଭାସିଆସୁଛି ।

ମୋ ଅଜାଣତରେ ଆଖି ବୁଜି ହୋଇଆସିଲା । ସେ ଧ୍ୱନି ଯେପରି ମୋ ନିଗୂଢ଼ ମର୍ମକୁ ଛୁଇଁ ସଂଭିଭୂତ କରିଦେଲା ।

କିଛିକ୍ଷଣ ପରେ ଯେତେବେଳେ ପୁଣି ଆଖି ଖୋଲି ଚାହେଁ, ଦେଖେ ଗୋଧୂଳିର ରକ୍ତିମା ନିଶ୍ଚିହ୍ନ ହୋଇଯାଇଛି ଆକାଶରୁ । ଜହ୍ନ ଉଠିଛି···ରାତିର ଧୂସରତାରେ ସ୍ନିଗ୍ଧତାର ସଫେଦ !

ବେଲା ଆଉଜି ବସିଛି କାଠଚମ୍ପା ଗଛକୁ । ତା ଆଖିତୋଳା ସେଇପରି ବୁଜି ରହିଛି । ଏପର୍ଯ୍ୟନ୍ତ ବି ତନ୍ମୟ ବିହ୍ୱଳତାରେ ସେ ଶୁଣୁଛି ସେଇ ସଙ୍ଗୀତ-ଧ୍ୱନିର ଲଳିତ ମୂର୍ଚ୍ଛନା ।

ଶୁଣୁ ବାପୁଣା ! ତାକୁ ବାଧା ଦେବି ନାହିଁ । ହ୍ରଦ ଆଡ଼କୁ ମୁହଁ ଫେରାଇ ନୀଳ ଜଳରାଶିରେ କୁଞ୍ଚିତ ଜ୍ୟୋତ୍ସ୍ନାର ପ୍ରତିବିମ୍ବ ଉପଭୋଗ କଲି ।

ମଝିରେ ସ୍ୱପ୍ନରୁ ଚମକି ଉଠିଲା ପରି ବେଲା ମତେ ହଲେଇ ଦେଇ କହିଲା : ଆପଣ କବି ନୁହନ୍ତି, କବିତାର ଧାର ଧାରନ୍ତି ନାହିଁ କହୁଥିଲେ, ଜ୍ୟୋତ୍ସ୍ନା-ଶୋଭା ଦେଖି ହଠାତ୍ ଏପରି ଅନ୍ୟମନସ୍କ ହୋଇ ବସି ରହିଛନ୍ତି ଯେ ?

: ତୁମେ ତ ସର୍ବହରା କମ୍ୟୁନିଷ୍ଟ ପାର୍ଟିର ନେତ୍ରୀ, ଅସିତ୍ ତ ଐଶ୍ୱର୍ଯ୍ୟଶାଳୀ ସାମନ୍ତବାଦୀ ଗୋଷ୍ଠୀର 'ବ୍ରହ୍ମସ୍' ପ୍ରେମିକ ! ତା ପାଖରେ ତୁମର ଅନ୍ୟମନସ୍କତା ଘଟିଲା କିପରି ?

: ଠିକ୍ କଥା ! ମୁଁ ଭାବୁଛି, ସୌନ୍ଦର୍ଯ୍ୟ ବୋଧହୁଏ କବିକୁ ମୁଗ୍ଧ କରେ, ଅ-କବିକୁ ଲୁବ୍ଧ କରେ !

: ବୋଧହୁଏ ସେଇଆ ! ତୁମେ କାବ୍ୟାନୁରାଗିଣୀ, ସେଇଥିପାଇଁ ଆଖିବୁଜି ଶୋଭାସମ୍ପଦକୁ ମର୍ମେ ମର୍ମେ ଅନୁଭବ କରୁଛ । ମୁଁ ଅରସିକ, ଜ୍ୟୋତ୍ସ୍ନା-ସୌନ୍ଦର୍ଯ୍ୟକୁ ଲୋଭାତୁର ଦୃଷ୍ଟିରେ ନିରୀକ୍ଷଣ କରୁଛି ।

ଘୂର୍ଣ୍ଣିତ ପଙ୍ଖାର ସନ୍ଧି ଭିତରେ ଚନ୍ଦ୍ରର କ୍ୱଚିତ୍ କିରଣ ଝରି ପଡ଼ୁଛି । ବେଲାର ମୁହଁ ଉପରେ ଝଲକାଏ ଚକ୍ ଚକ୍ ହୋଇ ଖେଳୁଛି । ଚମତ୍କାର ଦେଖାଯାଉଛି ସେ ।

: ପଚାରିଲି, ତୁମ ନାଁ କ'ଣ 'ବେଲା'? କେବଳ ଦୁଇଟି ଅକ୍ଷର ?

: କାହିଁକି ? ଆଉ ଟିକିଏ ବେଶୀ ଅକ୍ଷରର ସମଷ୍ଟି ହୋଇଥିଲେ କ'ଣ କିଛି କାମରେ ଆସିଥାନ୍ତା ଆପଣଙ୍କର ?

: ବୋଧହୁଏ । ମୁଁ ଧୂସର କଣ୍ଠରେ କହିଲି ।

: ବେଶ୍ । ଅଛି ଆଉ ଦଇଟା ଅକ୍ଷର ।

: କ'ଣ ? ମୁଁ ଉତ୍କଣ୍ଠାରେ ପଚାରିଲି ।

: ରାଣୀ ।

: ବେଲାରାଣୀ ?

: ହଁ ।

: ଶେଷ ଦୁଇଟାକୁ ବାଦ୍ ଦେଇଥିଲ କାହିଁକି ?

ମୁଁ ବାଦ୍ ଦେଇ ନ ଥିଲି ।

: କିଏ ତେବେ ?

: ଅସିତ୍ । ଏତେ ବଡ଼ ନାଁଟାକୁ ଉଚ୍ଚାରଣ କରିବାରେ ତାଙ୍କର ଶ୍ରମଶଃ ଅସୁବିଧା ହେଉଥିଲା ବୋଧହୁଏ ।

: ତାହେଲେ ତୁମ ନାଁର ବାକି ଯେଉଁ ଦୁଇଟା ଅକ୍ଷର ଅମିତ୍ ପାଇଁ ଚଳନ୍ତ ହେଉଥିଲା ତାକୁ ମୁଁ ଗ୍ରହଣ କରି ନେଲି । ଆଜିଠୁ ତୁମର ନାଁ ମୋ ପାଖେ "ରାଣୀ", ବେଲା ନୁହେଁ ।

: କିନ୍ତୁ "ରାଣୀ" ଶବ୍ଦଟା ଯେ "ସାମନ୍ତବାଦିତା"ର ସଙ୍କେତ ! ମୋ ମନ ଜାଣି "ରାଣୀ" ଶବ୍ଦଟାକୁ ଅମିତ୍ ବାଦ୍ ଦେଇଥିଲେ ସମ୍ବୋଧନରୁ ।

: ଅମିତ୍ ତୁମ 'ମନ' ଜାଣିଥିଲା, ମୁଁ କିନ୍ତୁ ତୁମ 'ପ୍ରାଣ'କୁ ଚିହ୍ନିଛି ରାଣୀ ! ତୁମେ ସର୍ବହରା ଦଳର ଅଭିଯାତ୍ରିଣୀ ହେଲେ ବି ତୁମର ହୃଦୟ, ମହିମ୍ନା ରାଣୀର ଦୟା-ଦାକ୍ଷିଣ୍ୟରେ ଉଦାର ! କରୁଣାର ଅଶ୍ରୁଳ ଆକୃତିରେ ଭରା ତୁମର ପ୍ରାଣ ! ତୁମେ କେବଳ ଅମିତ୍‌ର ବିପ୍ଳବିଣୀ, ବିଦ୍ରୋହିଣୀ ବେଲା ନୁହଁ, ତୁମେ ଯେ କୌଣସି ପୁରୁଷ ପାଇଁ ନାରୀତ୍ୱର ପ୍ରାଣପ୍ରାଚୁର୍ଯ୍ୟରେ ସଞ୍ଚାରିଣୀ ପଲ୍ଲବିନୀ ଲତିକା !

: ଉମାକାନ୍ତ ବାବୁ ? ଉଚ୍ଛ୍ୱସିତ ଆବେଗରେ ସ୍ପର୍ଶ କଲା ମତେ ବେଲା ।

: ତୁମ ହାତ ଥରୁଛି କାହିଁକି ? ମୁଁ ପଚାରିଲି ।

: କାହିଁ, ନାହିଁ ତ ? ମୋ ଦେହରୁ ହାତ କାଢ଼ିଦେଇ କହିଲା ବେଲା, ମୋ ହାତ ଥରିନ । ମୋ ସ୍ପର୍ଶରେ ଆପଣଙ୍କ ଦେହ ଶିହରି ଉଠିଛି ।

: ଏଁ ! ଗୁଏଁ କରି ଚମକି ଉଠିଲି ମୁଁ । ସତେ ତ, ସାରା ଦେହ ରୋମାଞ୍ଚିତ ହୋଇଉଠିଛି ମୋ ଅଜାଣତରେ । କିନ୍ତୁ କାହିଁକି ? ଅର୍ଦ୍ଧ ସ୍ୱଗତ କଣ୍ଠରେ ମୁଁ ପଚାରିଲି ।

କାହିଁକି ? ବେଲା ଟିକିଏ ରହିଯାଇ କହିଲା—ମୋ ସଞ୍ଚାରିଣୀ ପଲ୍ଲବିନୀ ରୂପଟାକୁ ମନେ ମନେ କଳ୍ପନା କରି ଆପଣ ଉତ୍ତେଜିତ ହୋଇ ଉଠିଛନ୍ତି ନିଜ ଅଜାଣତରେ ।

: ଠିକ୍ କହୁଛ ! ପୁରୁଷର ମନ ଉପରେ ତା ପାର୍ଶ୍ୱବର୍ତ୍ତିନୀର ପ୍ରତ୍ୟକ୍ଷ ସ୍ପର୍ଶ ଅପେକ୍ଷା କଳ୍ପନାରେ ମୂର୍ତ୍ତିମତୀ ସେଇ ନାରୀର ଅଦୃଶ୍ୟ ପ୍ରଭାବ ବୋଧହୁଏ ବହୁତ ବେଶୀ ସକ୍ରିୟ ! କିନ୍ତୁ ଏ ବିଭ୍ରମ ବା ମୋର ହେଲା କାହିଁକି ?

: କିଛି କାରଣ ନାହିଁ । ଇମିତି ହୁଏ ।

: ନା, ନା, ଏ ଦୁର୍ବଳତାର କିଛି କାରଣ ନାହିଁ ତୁମେ କହୁଛ ? ମୁଁ କ୍ଷୁବ୍ଧ ଗଳାରେ ପଚାରିଲି ।

: କ'ଣ ବା ଥାଇପାରେ ? ବେଲା ବିଷର୍ଣ୍ଣ ଗଳାରେ କହିଲା ।

: ଅଛି ରାଣୀ, ଅଛି । ଦୁଇ ଦିନ ଭିତରେ କ'ଣ ବା ଜାଣିଲ ତୁମେ ମୋର ? ମୁଁ ଯେ କି ଭୀରୁ, କି ଦୁର୍ବଳ, ତା ତୁମେ କିପରି ଜାଣିବ ?

: ଆରତିଙ୍କୁ କଥା ଦେଇ, ବିବାହ କରିବାକୁ ବେପରୁଆ ଭାବରେ ସତ୍ ସାହସ ଦେଖାଇ ପାରିଲେନି, ଏହି ଦୁର୍ବଳତା କଥା କହୁଛନ୍ତି ତ ?

: ଖାଲି ସେତିକି ନୁହେଁ, ସେଦିନ ଅସିତ୍ର ପାଖରେ କ'ଣ ହିମତ୍ କରି କହିପାରିଲି, ଆରତିକି ମୁଁ ଭଲ ପାଇଛି, ଆଉ ତାକୁ ଗ୍ରହଣ କରିବି ଯଦି ତାର ସ୍ୱାମୀ ଭାବରେ ସେ ତାକୁ ମୁକ୍ତ ଦିଏ ? ତାପରେ ଅଳକା ! ଅଳକା ମତେ ଭଲ ପାଉଥିଲା···ପ୍ରାଣ ଦେଇ, ସର୍ବସ୍ୱ ଦେଇ । ମୋ ପାଇଁ ସେ ହସି ହସି ଜହର ଖାଇ ମରିପାରିଲା, କିନ୍ତୁ କାପୁରୁଷ ମୁଁ, ମୁଁ କ'ଣ ଏତିକି ମୁହଁ ଫିଟେଇ କହିପାରିଲି— ଅଳକା, ମୁଁ ତୁମର ସ୍ୱାମୀ ହୋଇପାରିବିନି ସତ, କିନ୍ତୁ ବନ୍ଧୁ ହୋଇ ରହିପାରିବି ଚିରଦିନ । ଆରତିକୁ ମୁଁ ମୋ ହୃଦୟରେ ପ୍ରତିଷ୍ଠା କରିବାକୁ ଚାହିଁଥିଲି ବିବାହିତା ସ୍ତ୍ରୀ ରୂପେ । ପାରିଲିନି । ଭୟ କଲି ସମାଜର ଶୃଙ୍ଖଳାକୁ ମୁକାବିଲା କରିବା ପାଇଁ । ମତେ ଏତେ ଦୁର୍ବଳ ଜାଣି ବି ତୁମେ ଯେତେବେଳେ ଦେଇଛ ତୁମର ଭଲପାଇବା, ସେତେବେଳେ ମୋ କ୍ଷୁଦ୍ର ପରିବାରର ସଂସାର, ସେ ପଛେ ଶୂନ୍ୟ ରହିଲା ଆରତି ଅପେକ୍ଷାରେ, ତୁମକୁ କିନ୍ତୁ ମୁଁ ପ୍ରତିଷ୍ଠା କରିବି ମୋ ବୃହତ୍ତମ ପୃଥିବୀର କର୍ମଭୂମିରେ ! ତୁମକୁ ବାନ୍ଧବୀ ଭାବରେ ପାଇ ମୋ ବ୍ୟର୍ଥ ଜୀବନକୁ ଧନ୍ୟ କରିବି ବିଶ୍ୱ ଜନତାର ସେବାରେ—ଦୀନ ଦୁଃଖୀର କଲ୍ୟାଣସାଧନରେ । ବିବାହିତ ଜୀବନର ସୁଖ-ସଂସାର ସେଇ କ'ଣ ପୁରୁଷ ଜନ୍ମର ଏକମାତ୍ର ସଦ୍‌ଗତିର ପଥ ? ଆଉ କ'ଣ କିଛି ନାହିଁ ? ପରାଧୀନ ଦେଶର ସ୍ୱାଧୀନତା ପାଇଁ ଜାତୀୟ ପତାକା ତଳେ ମୁକ୍ତିର ସଂଗ୍ରାମ—ତାର କ'ଣ କିଛି ପ୍ରୟୋଜନ ନ ଥିଲା ଜୀବନରେ ? କହି ଗୋଟାଏ ଅସହ୍ୟ ଉତ୍ତେଜନାରେ ମୁଁ ଉଠି ଛିଡ଼ା ହୋଇପଡ଼ିଲି ।

: ଏ କ'ଣ ? ଉଠି ପଡ଼ିଲେ ଯେ ? ବେଲା ଶୁଷ୍କ କଣ୍ଠରେ ପଚାରିଲା ।

: ହଁ, ଏଥର ଫେରିବା ରାଣୀ, ରାତି ଅନେକ ହୋଇଛି ।

: କାହିଁ ? ଏଇ ତ ମାତ୍ର ରାତି ଆଠଟା ।

: ହଁ, ସେତିକି କ'ଣ କମ୍ ? ତା'ଛଡ଼ା ରଜନୀର ଗଭୀରତା କ'ଣ ସମୟର କଣ୍ଟାରେ ମପାଯାଏ ? ନିର୍ଜ୍ଜନ ପ୍ରହରର ଭୟଙ୍କରତା ଦୃଷ୍ଟିରୁ ରଜନୀର ଗଭୀରତାକୁ ବିଚାର କରି ଦେଖିଛ କେବେ ?

: ମୁଁ ସାଙ୍ଗରେ ଥାଇ ବି ଆପଣ ଏ ରାତିର ନିର୍ଜ୍ଜନତାକୁ ଭୟ କରୁଛନ୍ତି ?

: ତୁମେ ପାଖରେ ଅଛ ବୋଲି ତ ରଜନୀର ପ୍ରଥମ ପ୍ରହରରେ ହିଁ ତା ଭୟଙ୍କର ନିର୍ଜ୍ଜନତା ସମ୍ବନ୍ଧରେ ସଚେତନ ହୋଇଉଠିଛି ରାଣୀ !

: ମୁଁ ପାଖରେ ଅଛୁ ବୋଲି ? କଥା ପଦକ ପୁନରାବୃତ୍ତି କଲା ବେଳା ।

: ହଁ, ତୁମେ ଅଛ ବୋଲି ଖାଲି ଭୟ କରୁନି, ଭୟ କରିବାର ମନର ଦୁର୍ବଳତା ଲାଗି ବି ନିଜ ଉପରେ ଘୃଣା ହେଉଛୁ ମୋର । କହି, ପୋଲ ଆଡ଼କୁ ମୁହଁ ଫେରାଇ ଚଞ୍ଚଳ ପଦକ୍ଷେପରେ ଅତିକ୍ରମ କରି ଆସିଲି ରାସ୍ତା ଉପରକୁ ।

ଏ ଭିତରେ ସମସ୍ତ ବାଲିଗଞ୍ଜ ଉଦ୍ଭାସିତ ହୋଇଉଠିଛି ।

ରାସ୍ତା ପାଖରେ କାରୁଟା ଏ ଭିତରେ ଟିକିଏ ଯେପରି ଯୁମେଇ ପଡ଼ିଥିଲା ପରି ମନେହେଲା ।

ଦୁଆର ଖୋଲି ଖୋଲି ନିଜେ ବସିଲି ।

ଷ୍ଟିଅରିଂ ପାଖରେ ବସି ଗାଡ଼ିରେ ଷ୍ଟାର୍ଟ ଦେଇ ପଚାରିଲା ବେଳା : ହଠାତ୍ ଆପଣଙ୍କର କ'ଣ ହେଲା ?

: ମୁଁ କ'ଣ ନିଜେ ବୁଝିପାରୁଛି କ'ଣ ହେଉଛି ?

: ମୁଁ କିଛି ଭୁଲ୍ କଲି ?

: ତା ବି କ'ଣ ଠିକ୍ କହିପାରୁଛି ? ମୋର କ'ଣ କିଛି କହିବାର ସାହସ ଅଛି ?

: କାହିଁକି ସାହସ ନାହିଁ ?

: କାହିଁକିର ଉତ୍ତର ନାହିଁ ରାଣୀ । କାହିଁକିର ଜବାବ ଦେଇ ପାରିବି ଯଦି, ନିଜକୁ ଦୁର୍ବଳ ମନେ କରିବି କାହିଁକି ?

: କହିବାର ସାହସ ସଂଗ୍ରହ ନ କରି ଜୀବନଟାକୁ କ'ଣ ଏଇମିତି ବ୍ୟର୍ଥ କରିଦେବେ ଆପଣ ?

: ବ୍ୟର୍ଥ କ'ଣ ହେଇଯାଇନି ? କ'ଣ ଅଛି ଆଉ ଏ ଲକ୍ଷ୍ମୀଛଡ଼ା, ବାଉଳିଆ ଜୀବନରେ ? କେତେ ବଡ଼ ଆଶା ନେଇ ଅରୁନ୍ଧତୀକୁ ଭଲ ପାଇଥିଲି ! କାହିଁ, ସାମାନ୍ୟ ଟିକିଏ ସାହସ ଅଭାବରେ ସବୁ ଯେ ଓଲଟ ପାଲଟ ହୋଇଗଲା ! ଆରତିକ ତ ଭଲପାଏ ବୋଲି ମୁହଁ ଖୋଲି କହି ପାରିଲିନି । ଆରତି ତ ବିବାହ କଲା । ତାପରେ ଅଳକାର ସ୍ୱେଚ୍ଛାପ୍ରଣୋଦିତ ଭଲପାଇବାକୁ ପ୍ରତ୍ୟାଖ୍ୟାନ କଲି ବା କାହିଁକି ? ନିଜ ଇଚ୍ଛାରେ ଆତ୍ମହତ୍ୟା କଲା ସେ । ସେଥିପାଇଁ ବା ମୁଁ ନିଜକୁ ଦୋଷୀ ବୋଲି ମାନିଲି କାହିଁକି ? ବାପା ଓକିଲ ଦେଇ ଅପିଲ କରି ମତେ ଜେଲ୍‌ରୁ ଖଲାସ କରି ନେଇଥାନ୍ତେ ତାଙ୍କୁ ବା ନେହୁରା ହେଇ ଓକିଲ କରିଆରେ

କହିଲି କାହିଁକି ମତେ ବର୍ଷେ ଜେଲ୍ ଭୋଗିବାକୁ ଛାଡ଼ିଦେବା ପାଇଁ । ବର୍ଷକ ପରେ ସୁନା ପୁଅଟି ପରି ଘରକୁ ଫେରିଯାଇ ପାରିଥାଆନ୍ତି । କିନ୍ତୁ କଣ ଭାବି ନିରୁଦ୍ଦେଶ ପଥର ଯାତ୍ରୀ ହେଲି ? ହାଓଡ଼ା ଷ୍ଟେସନରେ ତୁମକୁ ଅଚାନକ ଭେଟିଲି । ଚିହ୍ନି ନ ଚିହ୍ନିଲା ପରି ମୁହଁ ବୁଲେଇ ନେଇଥିଲେ ତୁମେ କ'ଣ ବା କରିଥାଆନ୍ତ ? ଆସିଲି ତୁମ ସାଙ୍ଗରେ । କିଛି ଘଣ୍ଟା ପାଇଁ ଟିକିଏ ଆଶ୍ରା ଚାହିଁଥିଲି । କିନ୍ତୁ ସେ କେତେ ଘଣ୍ଟା କ'ଣ ସରି ନାହିଁ ଏପର୍ଯ୍ୟନ୍ତ !! ଆରତିକୁ ସବୁଦିନ ପାଇଁ ହରାଇବା ଦୁଃଖରେ ଯେଉଁ ଜୀବନକୁ କାଙ୍ଗାଳର ଭିକ୍ଷାବୃତ୍ତି ପରି ଅଶ୍ରୁ ସର୍ବସ୍ୱ କରିଥିଲି, ତାକୁ ପୁଣି ଏ ଦାମୀ ପୋଷାକରେ ସାଜ-ସୁଜ ଚହଟ ଚକ୍‌ଚକ କଲି କାହିଁକି ? କହିପାରିବ, କାହିଁକି ତୁମ ସାଙ୍ଗରେ ଇମିତି କଥା କହି, ହସି, ନାଚି ଘୂରି ବୁଲୁଛି ? କ'ଣ ମୁଁ ଚାହୁଁଛି, କ'ଣ ମୁଁ ଭାବୁଛି ? କ'ଣ ମୁଁ କରିବି, ଲକ୍ଷ୍ୟ ବା କେଉଁଠି ? କିଛି କ'ଣ ଠିକ୍ କରିଛି ! ଠିକ୍ କରିବାର ଧୈର୍ଯ୍ୟ କ'ଣ ଅଛି ମୋର ? ମୁଁ ଯେ ଜ୍ଞାନଶୂନ୍ୟ, ବିବେକଶୂନ୍ୟ, ଲକ୍ଷ୍ୟଭ୍ରଷ୍ଟ, ବିଭ୍ରାନ୍ତ !! ମୋ ପିଚ୍ଛା ଧରି ତୁମେ ଭୁଲ କରିଛ ରାଣୀ ! ତାଠୁ ମୁଁ କିଛି ପଚାରିବି, ସିଧା ସଳଖ ଉତ୍ତର ଦେବ ?

: ଦେବି । ଗାଡ଼ିର ସ୍ପିଡ୍ ଧିମେଇଦେଇ ନମ୍ର ସ୍ୱରରେ କହିଲା ବେଲା ।

: ନା, ଗାଡ଼ିର ବେଗ କମାଅ ନାହିଁ । କେତେ ଜୋରରେ ଗାଡ଼ି ନେଇପାରିବ ?

: କାହିଁକି ?

: କେବେ ଆକ୍‌ସିଡେ଼ଣ୍ଟ କରିଛ ?

: ନା ।

: କେବେ ଗାଡ଼ି ଚଳେଇ ଯାଉ ଯାଉ ଅଧ ବାଟରେ ଗାଡ଼ି ଖରାପ ହୋଇଯାଇଛି ? ରାସ୍ତା ମଝିରେ ହତାଶ ହୋଇ ମନର ବିରକ୍ତିରେ ଛଟପଟ ହୋଇଛ ?

: ନା ।

: ଚୌରଙ୍ଗୀ ଆଉ କେତେ ମିନିଟର ରାସ୍ତା ?

: ଦଶ ମିନିଟ । କିନ୍ତୁ ମୁଁ ସ୍ପିଡ୍ ଦେଉଛି । ପାଞ୍ଚ ମିନିଟ୍‌ରେ ପହଞ୍ଚେଇଦେବି ।

: ଆଜି ବି ମତେ ଖୁଆଇବ କୌଣସି ସମ୍ଭ୍ରାନ୍ତ ହୋଟଲରେ ?

: ଖୁଆଇବି ।

: ଖାନାର ଅର୍ଡର ଆଜ ମୁଁ ଦେବ ।

: ବେଶ୍ ।

: କଲିକତାର ଅନେକ କିଛି ଦେଖେଇଲ । ତେବେ ବି ବହୁତ ବାକି ରହିଗଲା ।

: ଆଉ କ'ଣ ଦେଖିବେ ।

: ମ୍ୟୁଜିୟମ—ମନୁମେଣ୍ଟ ।

: ସେ ସବୁ କାଲି । ଆଜି ସାଢ଼େ ନ'ଟାରେ ଦେଖିବେ ଚାଲନ୍ତୁ 'ମେଟ୍ରୋ'ରେ ଇଂଲିଶ ଛବି ।

: ଛବି ? ହୋ ହୋ କରି ଗଲା ଫାଟି ହସିଉଠିଲି । କିଛି ଧସ୍ତାଧସ୍ତି ଯୁଦ୍ଧର ଛବି ? ଦେଖିଲେ ସାହସ ସଞ୍ଚାର ହେବ ନା ?

: ଆପଣଙ୍କ ଦେଶରେ ଗୋଟାଏ 'ବୋଲି' ଅଛି—ଦେଖା ଶିଖା ଓଡ଼ିଶା । ଦେଖନ୍ତୁ, କିଛି ଦେଖିଲେ ଶିଖିପାରିବେ ଯଦି···

ପୁଣି ଥରେ ହସିଉଠିଲି ।

: ଏଇ ଚୌରଙ୍ଗୀ । ବେଲା କହିଲା, ଗାଡ଼ିର ସ୍ପିଡ୍ କମେଇ ଦେଇ ।

: କେଉଁଠି ଓହ୍ଲେଇବା ?

: ଟିକିଏ ଆଗରେ ।

: କାଲିର ସେଇ ହୋଟେଲ ?

: ହଁ, ସେଇ ହୋଟେଲର ସେଇ କ୍ୟାବିନ୍ । ମୋର ଭୁଲ୍ ହୁଏନା ।

: ଅସିତ୍ତଙ୍କ ସ୍ମୃତି ଜଡ଼ିତ ନା ?

କିଛି ନ କହି, ରାସ୍ତା କଡ଼କୁ ଗାଡ଼ି ଠିଆ କରି, ବେଲା ଆଗେଇଲା, ସେଇ ହୋଟେଲ ଉଦ୍ଦେଶ୍ୟରେ । ତା ସାଙ୍ଗେ ସାଙ୍ଗେ ଉପରକୁ ଉଠିଲି ମୁଁ । ସେଇ ପରିଚିତ 'ବଏ'—କ୍ୟାବିନର ପରଦା ପାଖେଇ ଦେଇ ଭିତରକୁ ରାସ୍ତା ଦେଖେଇଦେଲା ।

: ଉଜ୍ଜ୍ୱଳ ଇଲେକଟ୍ରିକ୍ ଆଲୁଅରେ ଦେଖିଲି ବେଲାର ଲଲାଟରେ ବିନ୍ଦୁ ବିନ୍ଦୁ ଝାଳ ଜମିଉଠିଛି ।

କହିଲି : ରୁମାଲ ନାହିଁ ? ମୁହଁଟା ପୋଛି ପକାଅ ! ବଡ଼ କ୍ଳାନ୍ତ ଦେଖାଯାଉଛ ତୁମେ !

: ଆଉ ଆପଣ ? • ଭ୍ୟାନିଟି ବ୍ୟାଗ୍‌ରୁ ରୁମାଲ କାଢ଼ି କାଢ଼ି ପଚାରିଲା ବେଲା ।

: ମୁଁ ଦେଖାଯାଉଥିବି କ୍ଲାନ୍ତ ! କହି, କୁଶନ୍‌ଥିଆ ଚେୟାରରେ ବସି ପଡ଼ିଲି ।

: କି ଖାନାର ଅର୍ଡ଼ର ଦେବେ ଡାଏଲୁ । ବେଲା କହିଲା ସପ୍ରତିଭ ଗଳାରେ ।

: ବସ । ପଙ୍ଖା ହାଓ୍ୟାରେ ଟିକିଏ ସୁସ୍ଥ ହୁଅ ଆଗେ ।

: ମୁଁ ଅସ୍ୱସ୍ତି ଅନୁଭବ କରୁଛୁ, ଆପଣ କିପରି ଜାଣିଲେ ? ବେଲା ଆଶ୍ଚର୍ଯ୍ୟ ଗଳାରେ ପଚାରିଲା ।

: ତନ ଘଣ୍ଟା ନାଗ୍ଚଋଣ୍ଟ ନେଇ ଖେଳାବୁଲି କଲ, ତୁମ ମୁହଁର ଭାବରୁ କିଛି ଅନୁମାନ କରିପାରିବି ନାହିଁ ?

ଗୋଟାଏ ଦୀର୍ଘନିଃଶ୍ୱାସ ପକେଇଲା ବେଲା ।

: କିନ୍ତୁ କାହିଁକି ହଠାତ୍ ଏମିତି ନିସ୍ତବ୍ଧ ହୋଇଗଲ ରାଣୀ ? ତୁମେ କ'ଣ ଭାବୁଛ ମୁଁ କିଛି ବିତୃଷ୍ଣା ଭାବ ଦେଖାଇଛି ତୁମ ପ୍ରତି ? ମୋ ଅଲକ୍ଷ୍ୟରେ ମୁଁ ତୁମକୁ ଆଘାତ ଦେଇଛି ?

: ନା, ନା ।

: ତେବେ ? ହଠାତ୍ ଅସିତ୍ ମନେ ପଡ଼ୁଛି ନିଶ୍ଚୟ ! ଏମିତି ସନ୍ଧ୍ୟାରେ ସେ ମନେ ପଡ଼ିବା କଥା । ମୁଁ ଜାଣେ ।

: ଆପଣଙ୍କର ଆଁଇଚ ମନେ ପଡ଼ୁଛି ତାହେଲେ ?

: ଅଲକା ବି ।

: ଅଲକାକୁ କ'ଣ ଆପଣ ଭଲପାଇ ଆସୁଥିଲେ ? ବେଲା ପ୍ରଗଳ୍ଭ କଣ୍ଠରେ ପଚାରିଲା ।

: ଠିକ୍ ଭଲପାଇ ଆସୁଥିଲି ନୁହେଁ, ଶ୍ରଦ୍ଧା କରି ଆସୁଥିଲି । ସମ୍ମାନ ଦେଖାଇ ଆସୁଥିଲି ମୋ ପ୍ରତି ତା' ଭଲପାଇବାର ନିଷ୍ଠାକୁ । ମୋ ଭଲପାଇବାର ପ୍ରଭାବ ପଡ଼ିଥିଲା ଆଇଚ ଉପରେ, ଆଉ ଅଲକାର ପ୍ରଭାବ ମୋ ଉପରେ । ସେଥିରେ ମୁଁ ଏତେଦୂର ପ୍ରଭାବିତ ହୋଇ ଯାଇଥିଲି ଯେ କେତେଥର, କେସ୍‌ର ହାତ୍ର ଦେଲେ କହିପାରିଲିନି ଅଲକାକୁ ମୁଁ ଭଲପାଇନି ବୋଲି ! ଅଲକାର ଭଲ ପାଇବାର

ଶକ୍ତି ମତେ ସମ୍ପୂର୍ଣ୍ଣ କାବୁ କରି ଦେଇଥିଲା । ମୂକ ଆଉ ନିର୍ବେଦ ! ମୋର ତା ପ୍ରତି ଏତେ ଟିକିଏ ଭଲପାଇବା ନ ଥିଲେ ବି ତାର ସର୍ବଶକ୍ତିମାନ ଭଲପାଇବା ଆଗରେ ମୋ ମୁଣ୍ଡ ନଇଁ ପଡ଼ିଥିଲା । ମୁହଁ ଟେକି ତାର ସେ ଭଲ ପାଇବାକୁ ଅସ୍ୱୀକାର କରିବା ମୋ କ୍ଷମତାର ବହିର୍ଭୂତ ହୋଇ ଯାଇଥିଲା । କହି, ମୁଁ ଟିକିଏ ରହିଯାଇ କହିଲି, ଆରତି ଉପରେ ମୋ ଭଲପାଇବାର ପ୍ରଭାବ ଯୋଗୁଁ ସେ ଯଦି ତା ବିବାହିତ ସ୍ୱାମୀଙ୍କୁ ପ୍ରତ୍ୟାଖ୍ୟାନ କରିପାରେ, ମୋ ପ୍ରତି ଅଳକାର ଭଲପାଇବା ସମ୍ମାନାର୍ଥେ ମୋର କ'ଣ କିଛି କର୍ତ୍ତବ୍ୟ ନାହିଁ ? କହି ମୁଁ 'ବୟ'କୁ କିଛି ମାଂସ, ମୋଗଲାଇ ପରଟା ଆଣିବାକୁ ଆଦେଶ ଦେଲି ।

: ଅଳକା ପ୍ରତି ଆପଣଙ୍କର ସେ କର୍ତ୍ତବ୍ୟ କରିବା ପଥରେ କ'ଣ କେହି ଅନ୍ତରାୟ ହୋଇ ଛିଡ଼ା ହୋଇଛି ଆପଣ ଭାବୁଛନ୍ତି ? ବେଲା କିଛିଣ୍ଡ ଗଳାରେ ପଚାରିଲା ।

: କେହି ହେବାଟା 'ହେବା' ଲୋକର ଦୋଷ ନୁହେଁ ରାଣୀ, କାହାକୁ 'ହେବା' ପାଇଁ ସୁଯୋଗ ଦେବାଟା ପ୍ରଥମେ ମୋର ଦୋଷ ।

: ସେଥିପାଇଁ ସତର୍କ ରହିବାକୁ ଚାହୁଁଛନ୍ତି ?

: ଚାହିଁଲା ପରି ଚାହିଁପାରୁଛି କେଉଁଠି ? ପଦେ ପଦେ ସ୍ଖଳନ ଯେ ମୋର ପ୍ରକୃତିଗତ ଦୁର୍ବଳତା ।

: ଆପଣ ନିଜେ ନିଜର ଆତ୍ମସମୀକ୍ଷକ ! ବେଲା କହିଲା ପରିହାସ କଣ୍ଠରେ । ତା କହିବା ଭଙ୍ଗୀ ଭିତରେ କେଉଁଠି ଯେପରି ଟିକିଏ ତାଚ୍ଛଲ୍ୟର ଆଭାସ ଥିଲା ପରି ମନେହେଲା । ବୁଝିପାରିଲି, ମୋର ସେପରି ମନ୍ତବ୍ୟରେ ସେ ଆଘାତ ପାଇଛି ।

'ବୟ' ଆଣି ଖାନା ରଖି ଦେଇଗଲା ।

ପଚାରିଲି : ଏ ହୋଟେଲରେ ଡ୍ରିଙ୍କର ବ୍ୟବସ୍ଥା ଅଛି ବୋଧହୁଏ ?

: ବୋଧହୁଏ କାହିଁକି ? ନିର୍ଭୁଲ ଭାବରେ ଅଛି ।

: ଜାଣେ, ଡ୍ରିଙ୍କର ବ୍ୟବସ୍ଥା ସମ୍ବନ୍ଧରେ ତଥ୍ୟ ଯୋଗାଇବାରେ ତୁମର ଭୁଲ ହେବ ନାହିଁ । ଅସିତର ଏ ପ୍ରିୟ ହୋଟେଲଟାକୁ ଯେତେବେଳେ ଭୁଲିନ, ଭୁଲିନ ଯେତେବେଳେ ଏଇ ହୋଟେଲର ଏଇ ସ୍ମୃତିବହୁଳ କ୍ୟାବିନ୍‌ଟିକୁ, ସେତେବେଳେ ଏଠାକାର ଖାନା-ପିନା ବ୍ୟବସ୍ଥା ସମ୍ବନ୍ଧରେ ବା ଆବଶ୍ୟକୀୟ ତଥ୍ୟ ଯୋଗାଇବାରେ ଭୁଲ୍ କରିବ କାହିଁକି ? ମୁଁ କିନ୍ତୁ ଠିକ୍ ଡ୍ରିଙ୍କସ୍‌ର ବ୍ୟବସ୍ଥା ଥିବା ନ ଥିବା ସମ୍ବନ୍ଧରେ ତଥ୍ୟ ସଂଗ୍ରହ ପାଇଁ ପ୍ରଶ୍ନ କରି ନ ଥିଲି । ମୁଁ ତା ଅନ୍ତରାଳରେ ଆଉ ଗୋଟାଏ ଉତ୍ତର ଚାହୁଁଥିଲି ।

: ତା ବି ମୁଁ ଅନୁମାନ କରିପାରୁଛି । ବେଲି ନର୍ମ୍ମ ଗଳାରେ କହିଲା, ଆଉ ସେ ରହସ୍ୟ ପ୍ରଶ୍ନର ପ୍ରକାଶ୍ୟ ଉତ୍ତର ଦେଲି, ମୁଁ ଚରିତ୍ରବତୀ ନୁହେଁ ।

ଗୁଳିର ଚୋଟ ଖାଇଲା ପରି ଚମକି ଉଠିଲି ମୁଁ । ମୋ ହାତରୁ ମାଂସର ଏକ ଟୁକୁରା ପ୍ଲେଟରେ ଖସିପଡ଼ିଲା ।

କ୍ରିଂ କରି ବେଲ ବାଜିଉଠିଲା ।

ସଫା ଉର୍ଦ୍ଦି ପିନ୍ଧା 'ବୟ' ଆସି ସଲାମ ଦେଲା ।

ଜିନ୍ ଦୁଇ ପେଗ୍, ବେଲି ଅର୍ଡ଼ର ଦେଲା ଉତ୍ତେଜିତ ଗଳାରେ । କହିଲା, : ଏ କ୍ୟାବିନ୍‌ର ସ୍ମୃତି ସହିତ ଅସିତ୍‌ଙ୍କର ଡ୍ରିଙ୍କ କରିବାର ରୋମାନ୍‌ସବହୁଳ ସ୍ମୃତି ମୋର ମନେ ଅଛି କି ନାହିଁ ଆପଣ ଜାଣିବାକୁ ଚାହିଁଥିଲେ ? ସେ ସ୍ମୃତିକୁ ଏତେଦିନ ପରେ ମତେ ସ୍ମରଣ କରାଇଦେଇ କମ୍ରେଡ଼ ଭାବରେ ଏକ ବଡ଼ କର୍ତ୍ତବ୍ୟ କରିଛନ୍ତି ଆପଣ ! ଧନ୍ୟବାଦ !

: ତୁମ ଚରିତ୍ରହୀନତାର ପ୍ରାମାଣିକ ସତ୍ୟ ପ୍ରକାଶ ସହିତ ମତେ ହଠାତ୍ କମ୍ରେଡ଼ ସମ୍ବୋଧନ କରି ବସିବାର ପ୍ରୟୋଜନବୋଧଟା କିନ୍ତୁ ଅବୋଧ୍ୟ ରହିଯାଉଛି ମୋର, ମୁଁ ବିସ୍ଫାରିତ ଦୃଷ୍ଟିରେ ଚାହିଁ କହିଲି ।

ନାରୀ ମାନେ ଇ ରହସ୍ୟମୟୀ ! ପୁଣି ଚରିତ୍ରହୀନା ନାରୀ—ସେ ଯେ ଅବୋଧ୍ୟ ହେବ, ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ?

'ବୟ' ଆଣି ଡ୍ରିଙ୍କ୍‌ସ ଦେଇଗଲା ଗୋଟିଏ ସୁଦୃଶ୍ୟ ନାଲ ଗ୍ଲାସରେ ।

: ପାଣୀୟର ରଙ୍ଗ ଗୋଲାପୀ ବୋଲି ମୋର ଧାରଣା ଥିଲା । ଏ ଯେ ଝରଣାର ଜଳ ପରି ସ୍ୱଚ୍ଛ ! ମୁଁ ଆଶ୍ଚର୍ଯ୍ୟରେ ପଚାରିଲି ।

: ନାରୀ ଅମୃତମୟୀ କି ନା ! ଆଉ ଅମୃତର ରଙ୍ଗ ସ୍ୱଚ୍ଛ ବୋଧହୁଏ ! ତା ଛଡ଼ା ··· ବେଲି ପାଣୀୟ ଗ୍ଲାସ ଆଡ଼େ ଟିକିଏ ଲୋଲୁପ ଦୃଷ୍ଟି ପକେଇ କହିଲା—ପୁରୁଷ ଡ୍ରିଙ୍କ୍ କଲେ ନାରୀର ଯୌବନ ପାନ କରେ । ସେଥିପାଇଁ ସେ ପାଣୀୟର ଗୋଲାପୀ ରଙ୍ଗଟାକୁ ପସନ୍ଦ କରେ । କାରଣ ଯୌବନ ସଚରାଚର ରଙ୍ଗୀନ୍ ! କିନ୍ତୁ ନାରୀ ତ ପୁରୁଷର ଯୌବନ ପାନ କରେନା, ସେ କାମନା କରେ ପୌରୁଷର ଦର୍ପ ! ଆଉ, ଦର୍ପଟା ବୋଧହୁଏ ସୂର୍ଯ୍ୟାଲୋକ ପରି ସମୁଜ୍ଜ୍ୱଳ ଦୀପ୍ତ । ସେଥିପାଇଁ ଚରିତ୍ରହୀନା ନାରୀ ପୁରୁଷର ଦର୍ପ ପାନ କରିବାକୁ ଯାଇଁ ଶୁଭ୍ର ପାଣୀୟକୁ ହିଁ ପସନ୍ଦ କରେ ।

ଗୋଟାଏ ଲେମନେଡ଼ ବୋତଲର ଠିପି ଖୋଲି ଦିଏ ଢାଳିଦେଲି ଗ୍ଲାସରେ । ସଫେଦ୍ ଫେଣର ଉଚ୍ଛ୍ୱାସ ଉଠିଆସିଲା ଭୁର୍ ଭୁର୍ ହୋଇ ଉପରକୁ । ଚମତ୍କାର ଖୁସ୍‌ବୋଇ ଜିନ୍‌ର ।

ଗ୍ଲାସ ଉଠେଇନେଲା ବେଲା !

: ସତକୁ ସତ ପିଇବ ? ମୁଁ ପଚାରିଲି ସ୍ତମ୍ଭିଭୂତ ଗଳାରେ ।

: ନିଶ୍ଚୟ ପିଇବି । ଆପଣଙ୍କ ପରି ଜଣେ ଚରିତ୍ରବାନ୍ ପ୍ରେମିକ ସାମ୍ନାରେ ମୋ ପରି ଜଣେ ଚରିତ୍ରହୀନାର ମାତାଲ୍ ହେବାର କି ଆନନ୍ଦ ଅଛି ଆପଣ କ'ଣ ବୁଝିବେ ? ଦୁର୍ନାମ ଅର୍ଜନର ଏତେ ବଡ଼ ସୁଯୋଗକୁ ମୁଁ ଛାଡ଼ିଦେବି ?

ଟିକିଏ ବିରକ୍ତ କଣ୍ଠରେ କହିଲି : ଦୁର୍ନାମ ଅର୍ଜନଟାକୁ ସୌଭାଗ୍ୟର କଥା ବୋଲି ତୁମେ ଭାବିପାର, କିନ୍ତୁ ମତେ ଚରିତ୍ରବାନ୍ ପ୍ରେମିକ ବୋଲି କହିଲ କାହିଁକି ?

: ଠିକ୍ କହୁଛି ତ । ଆଉଜଣକ ଭଲପାଇଛନ୍ତି ବୋଲି ଆପଣ ପ୍ରେମିକର ଅଟଳ ନିଷ୍ଠା ନେଇ ଅଳକାର ଭଲପାଇବାକୁ ପ୍ରତ୍ୟାଖ୍ୟାନ କଲେ । ଆଉ ଅଳକାର ଏକନିଷ୍ଠ ଭଲପାଇବା ପାଇଥିଲେ ବୋଲି ପ୍ରତିଜ୍ଞାବଦ୍ଧ ହୋଇଛନ୍ତି ଅନ୍ୟ କୌଣସି ନାରୀର ବନ୍ଧୁ ହେବେନି ବୋଲି । ପ୍ରେମିକପଣିଆର ଏ ଯେଉଁ ଅସାଧାରଣ ଚରିତ୍ରବତ୍ତା, ତା' କ'ଣ ମୁଁ ସ୍ୱୀକାର କରିବିନି ? ତାକୁ କ'ଣ ମୁଁ ସମ୍ମାନ ଦେବି ନାହିଁ ? କହି ଢକ୍ ଢକ୍ କରି ପିଇଗଲା ବେଲା ଗ୍ଲାସର ଅର୍ଦ୍ଧେକ ।

ସ୍ତବ୍ଧ ଦୃଷ୍ଟିରେ ମୁଁ ବେଲାର ଉନ୍ମାଦନୀ ଚେହେରା ଆଡ଼କୁ ଅନେଇ ରହିଲି । ଥରେ ଭାବିଲି, ତା ହାତରୁ ପାନପାତ୍ରକୁ ଟାଣି ଆଣି, ତାକୁ ଏ ସର୍ବନାଶୀ ପଥରୁ ନିବୃତ୍ତ କରେଇବି । କିନ୍ତୁ କାହିଁକି କେଜାଣି, ତାର ମାତାଲିନୀ ରୂପ ଦେଖି ମୁଁ ଭୟରେ ଥରିଉଠିଲି । ତଥାପି କେଉଁଠି ଯେପରି ଟିକିଏ ଆଘାତ ଦେବାର ସତ୍ସାହସ ମୋର ଫେରିଆସିଲା । କହିଲି···ଅସିତ୍ତ୍ ତୁମକୁ ନ ପାଇ ନିଜର ସର୍ବନାଶ କରିଗଲା ଭ୍ରାନ୍ତ କରି । ତୁମେ ପୁଣି ମଦର ଆଶ୍ରା ନେଉଛ କାହିଁକି ? ନିଜର ସର୍ବନାଶ କରିବ ବୋଲି ?

: ହୁଏତ ସେଇଆ ।

: କିନ୍ତୁ ଉଦ୍ଦେଶ୍ୟ କ'ଣ ନିଜର ସର୍ବନାଶ ଡାକି ଆଣିବାରେ ? ଅସିତ୍ତର ଥିଲା ତୁମକୁ ନ ପାଇବାର ଅବଶୋଷ ! କିନ୍ତୁ ତୁମର କ'ଣ ? ସେ କ'ଣ ଅସିତ୍ତକୁ ଧରି ନ ଦେବାର ଅବଶୋଷ ?

: ଆପଣ ସେଇଆ କହିବେ ମୁଁ ଜାଣେ । ମତେ ବିଦ୍ରୂପ କରିବେ । ବେଲା କହିଲା ରୁଦ୍ଧ ଆବେଗରେ । ମୁଁ ବି ଜାଣେ, ସେ ଅବଶୋଷ ପାଇଁ ଯଥାର୍ଥତା

ଖୋଜି ଦେଖାଇ ପାରିବନି—ଅସିତ୍ ଯେତେବେଳେ ଆଉ ସଂସାରରେ ନାହିଁ ପୃଥିବୀରେ । କିନ୍ତୁ…ମୁଁ ଯେ ହାଉ ହାଉ ହୋଇ ଜଳୁଛି, ମୋ କ୍ଷୁଧିତ ନାରୀପ୍ରାଣ ଯେ ଛଟପଟ କରି ମୁଣ୍ଡ ପିଟି ମରୁଛି…କେଉଁଠି ତାର ପ୍ରତିକାର ? କେଉଁଠି ତାର ସାନ୍ତ୍ୱନା ?

ତା' ଆବେଗ-ଉଚ୍ଛ୍ୱସିତ କଥାର ଆବେଦନରେ ମୋ ହୃଦୟ କରୁଣାରେ ଆର୍ଦ୍ର ହୋଇଆସିଲା । ସମ୍ବେଦନଶୀଳ କଣ୍ଠରେ କହିଲି : ସାନ୍ତ୍ୱନା ଅଛି ତୁମ ପାଇଁ ରାଣୀ !

: ଅଛି ? ମୋ ମୁହଁରୁ କଥା ଛଡ଼େଇନେଇ କହିଲା ବେଲା, ଅଛି ବୋଲି ମନେ ହୋଇଥିଲା ଆଜି ସନ୍ଧ୍ୟାରେ—ବାଲିଗଞ୍ଜ ଲେକ୍ କୂଳେ ସେଇ ଗ୍ରୀଷ୍ମଗନ୍ଧି କୁଞ୍ଜର ମାଧୁରୀମୟ ନିଭୃତ ଭିତରେ—ଆପଣ ମତେ ଡାକିଥିଲେ 'ରାଣୀ' ବୋଲି । କହିଥିଲେ—ତୁମ ନାଁର ଶେଷ ଦୁଇଟି ଅକ୍ଷର, ଯାହା ଅସିତ୍ ପାଇଁ ଗଚ୍ଛିତ ହୋଇଥିଲା, ତାକୁ ମୁଁ ଗ୍ରହଣ କରନେଲି । ଆଜିଠୁ ତୁମେ ମୋ ପାଖେ 'ବେଲା' ନୁହଁ, 'ରାଣୀ' !

କହୁ କହୁ ହଠାତ୍ ଏକ ପ୍ରବଳ ଉତ୍ତେଜନାରେ ତା' କଣ୍ଠ ଅଶ୍ରୁ-ଗଦ୍‌ଗଦ୍ ହୋଇଆସିଲା ।

ବୟକୁ ଡାକି ଗ୍ଲାସର ଅବଶିଷ୍ଟ ପାନୀୟତକ ଫିଙ୍ଗିଦେଇ ଆସିବାକୁ ନିର୍ଦ୍ଦେଶ ଦେଲି ।

ଆପତ୍ତି କଲା ନାହିଁ ବେଲା । କିଛିକ୍ଷଣ ଗୁମ୍ ହୋଇ ବସିରହିଲା । ତାପରେ ରୁମାଲ୍‌ରେ ଆଖିର ଲୁହ ପୋଛି କହିଲା : ମଦତକ ଫିଙ୍ଗେଇ ଦେଲେ, କିନ୍ତୁ ଏ ରାକ୍ଷସୀ ମନର କ୍ଷୁଧାର ଜ୍ୱାଳାକୁ କାଢ଼ିନେଇ ଫିଙ୍ଗିଦେଇ ପାରିବେ ?

: ତ' ମତେ ପାରିବାକୁ ହେବ ନାହିଁ ରାଣୀ, ତୁମେ ନିଜେଇ ତା' ପାରିବ । କହି, ଟିକିଏ ରହିଯାଇ ହଠାତ୍ ଉଠି ଠିଆ ହୋଇପଡ଼ିଲି ।

: ବସନ୍ତୁ ଆଉ ଟିକିଏ । କୁହନ୍ତୁ କେମିତି ମୁଁ ତା ପାରିବି ?

: ଟିକିଏ ଚିନ୍ତା କର । ନାରୀ ଯେ ଶକ୍ତିରୂପିଣୀ ! ବିଶ୍ୱର ବିକ୍ଷୁବ୍ଧ ଆତ୍ମାକୁ ସାନ୍ତ୍ୱନା ଦେଇଆସିଛି ତ ସର୍ବସହନଶୀଳା ନାରୀ ସୃଷ୍ଟିର ଆଦିମ କାଳରୁ ! ତୁମ ଭିତରର ଅନ୍ତର୍ନିହିତ ଶକ୍ତିକୁ ଥରେ ସଞ୍ଚାଳିତ କରିବାକୁ ଚେଷ୍ଟାକର ରାଣୀ, ଦେଖିବ ସବୁ ଅସ୍ଥିରତା ତଳେ ତୁମର ଧୈର୍ଯ୍ୟ ଫେରିଆସିଛି । ମହିଷମର୍ଦ୍ଦିନୀ ଦେବୀର ସେଇ ଅମିତ ତେଜ ତୁମ ଭିତରେ ବି ଜାଗିଉଠିବ ! ଅଶ୍ରୁର ହାହାକାର ଭିତରେ ତୁମେ ଖୋଜି ପାଇବ ହସିବାର ଆନନ୍ଦ । ଜଳିବାର ଗୌରବ ଭିତରେ ପାଇବ ବଞ୍ଚିବାର ସ୍ୱର୍ଗ । କହି ଉଦ୍‌ଭ୍ରାନ୍ତଙ୍କ ପରି ବାହାରକୁ ପଳେଇ ଆସିଲି ।

କ ଅସହ୍ୟ ବେଦନାରେ ମୋ ପ୍ରାଣ ଯେ ହତଭାଗିନୀ ବେଲା ପାଇଁ କାନ୍ଦି-ଉଠିଲା, ତା କିଛି ବୁଝିପାରିଲି ନାହିଁ ।

* * *

ବୁଝି ପାରିଲି ନାହିଁ, ବେଲାକୁ ସେଠି ଏକାକିଆ ଛାଡ଼ି ଉନ୍ମାଦଗ୍ରସ୍ତଙ୍କ ପରି ମୁଁ କାହିଁକି ଚୌରଙ୍ଗୀର ଲୋକଗହଳି ଭିତରେ ଛପି ନିଶ୍ଚିହ୍ନ ହୋଇଗଲି ! ବେଲାର ଅନୁସନ୍ଧାନୀ ଦୃଷ୍ଟିସୀମା ଭିତରୁ ନିଜକୁ କାହିଁକି ଲୁଚାଇ ରଖିବାର ଆପ୍ରାଣ ଚେଷ୍ଟା କଲି !

ବେଲା ମତେ ଖୋଜି ବାହାର କରିବ ? ହୋଟେଲର ବିଲ୍ ଚୁକ୍ତି କରି ଗାଡ଼ି ପାଖକୁ ଆସି ମତେ ତା ଭିତରେ ନ ଦେଖି ଆଶ୍ଚର୍ଯ୍ୟରେ ଚିତ୍କାର କରିଉଠିବ ? କୁଆଡ଼େ ଗଲି ବୋଲି ବ୍ୟସ୍ତହୋଇ ଖୋଜି ବୁଲିବ ? ଏସ୍‌ପ୍ଲାନେଡ଼ରୁ ଡେଲହାଉସି ? ମୋତିଶିଲ୍ ଗଳିରୁ ବଡ଼ନ୍ ଷ୍ଟ୍ରୀଟ୍ ? ଚୌରଙ୍ଗୀ ପାର୍କରୁ ଭିକ୍ଟୋରିଆ ମେମୋରିଆଲର ସବୁଜ ପ୍ରାନ୍ତର ?

ଟ୍ରାମଟା ଧରି ଏଇ ଯେ ମୁଁ ଆସି ପହଞ୍ଚିଲିଣି ସର୍କୁଲାର ରୋଡ଼ରେ ! ଆଗରେ ଯେ ସିଆଲଦା ଷ୍ଟେସନ ! ଆଉ କ'ଣ ଖୋଜି ବାହାର କରିବ ମଣିଷକୁ ? କଲିକତାର ଏ ଜନସମୁଦ୍ରରୁ ମୋ ଗ୍ରୁପ୍ଥାର କି ସନ୍ଧି ଆଉ ପାଇବ ବେଲା ? ଏଇ ଯେ ମୁଁ ନିଶ୍ଚିହ୍ନ ହୋଇଗଲି ତା ଧରାଛୁଆଁର ପରିଧିର ବାହାରେ ।

ପୂର୍ବ ବଙ୍ଗରୁ ଗୋଟାଏ କି ଗାଡ଼ି ଆସି ଲାଗିଛି ସିଆଲଦା ପ୍ଲାଟଫର୍ମରେ । ଯାତ୍ରୀଙ୍କ ଠେଲାପେଲା ଭିତରେ ଆତ୍ମଗୋପନ କରି ରହିଯିବା ପାଇଁ ଏଇ ହିଁ ପ୍ରକୃଷ୍ଟ ସୁଯୋଗ । ଟ୍ରାମରୁ ଓହ୍ଲାଇପଡ଼ି ଷ୍ଟେସନର ପ୍ରଶସ୍ତ କରିଡ଼ର ପାର ହୋଇ ଇଣ୍ଟରକ୍ଲାସ ୱେଟିଙ୍ଗ୍ ରୁମର କାଠ ବେଞ୍ଚ ଉପରେ ବସିପଡ଼ିଲି । ବେଲା ହାତରୁ ମୁକ୍ତି ପାଇବାର ଉତ୍ତେଜନାରେ ମୋ ଗ୍ରୁପ୍ଥ ଥରୁଥିଲା ଏପର୍ଯ୍ୟନ୍ତ । କିଛିକ୍ଷଣ ନିସ୍ତବ୍ଧ ହୋଇ ବସି ପ୍ରକୃତିସ୍ଥ ହେଲି ।

ବେଞ୍ଚ ସାମ୍ନାରେ ଗୋଟାଏ ଲମ୍ବା ଟେବଲ୍ । ତା'ରି ଉପରେ ଦ'ହାତ ଛନ୍ଦାଛନ୍ଦି କରି ରଖି ମୁଣ୍ଡ ଥୋଇ ଟିକିଏ ଆଖି ବୁଜିଲି । ଉଃ ! ବଡ଼ କ୍ଳାନ୍ତ ! ଆଖି ବୁଜିଲାମାତ୍ରେ ତୃପ୍ତିର ଆରାମରେ ଦେହ ହାତ ନିସ୍ପନ୍ଦ ହୋଇଆସିଲା ।

କିଛିକ୍ଷଣ ପରେ ଗ୍ରୁଙ୍ଗ୍ରୁଇଆ ହୋଇ ନିଦ ଲାଗି ଆସିବାର ମୁଁ ଅନୁଭବ କଲି ।

ଆସୁ ନିଦ ! କୁଆଡ଼େ ଆଉ ଯିବ ? ଅବଚେତନ ମନ ଭିତରେ 'କୁଆଡ଼େ ଯିବ', 'କୁଆଡ଼େ ଯିବ' ଭାବୁ ଭାବୁ କେତେବେଳେ ଗଭୀର ନିଦରେ ଶୋଇପଡ଼ିଛି, କିଛି ଜାଣିନି ।

କାହା ଡାକରେ ଯେତେବେଳେ ନିଦ ଭାଙ୍ଗେ, ଦେଖେ ଭୋର ହୋଇ-ଆସିଛି । ଘର ସଫା କରିବା ପାଇଁ ଗୋଟାଏ ହାତରେ ଫିନାଇଲର ବାଲ୍‌ଟି, ଆଉ ଗୋଟାଏ ହାତରେ ପହଁରା ଧରି ଛିଡ଼ାହୋଇଛି ମେହେନ୍ତର ।

ଧଡ଼ପଡ଼ ହୋଇ ଉଠି ବାହାରକୁ ଆସିଲି । ବସ୍ ଚାଲିବା ଆରମ୍ଭ ହୋଇଛି । ଟ୍ରାମ ବନ୍ଧୁ ଅନେକ ଆଗରୁ ଚାଲିଲଣି ରାସ୍ତାରେ । ମହାନଗରୀ କର୍ମଚଞ୍ଚଳ ହୋଇଉଠିବାକୁ ସାମାନ୍ୟ ଡେରି ଅଛି ।

ଷ୍ଟେସନର ଚୌହଦ୍ଦି ଅତିକ୍ରମ କରି ରାସ୍ତା ଉପରକୁ ଆସିଲି । ପ୍ରଶସ୍ତ ହାରିସନ୍ ରୋଡ଼ ଲମ୍ବି ଯାଇଛି ହାଓଡ଼ା ଷ୍ଟେସନ ଆଡ଼େ । ଚାଲିଲି ଏକମୁହାଁ ହୋଇ ।

ଭାବି ଭାବି ଚାଲିଲି — କୁଆଡ଼େ ଯିବି ?

ଗୋଟାକ ପରେ ଗୋଟାଏ ଟ୍ରାମ୍ ଅତିକ୍ରମ କରି ଚାଲିଗଲା । ହାତଟଣା ରିକ୍‌ସା ଖଣ୍ଡେକ ପରେ ଖଣ୍ଡେ ଧାଡ଼ିବାନ୍ଧି ଚାଲିଛି । ରାତି ଚାରିଟାରୁ ହାଓଡ଼ାକୁ ଗାଡ଼ି ଆସିବା ଆଉ ଗାଡ଼ି ଛାଡ଼ିବା ଆରମ୍ଭ ହୋଇଯାଏ । ଏହି ଭିତରେ ଚାହୁଁ ଚାହୁଁ କେତେ ବସ୍ ଆଉ ଟ୍ରାମ୍ ଲୋକଙ୍କ ଠେଲାପେଲା ଭିଡ଼ରେ ଜାମ୍ ହୋଇ ଉଠିଲଣି । ବେପରୁଆ ଭାବରେ ଅନେକ ରେଲିଂ ଧରି ଝୁଲି ଝୁଲି ଚାଲିଛନ୍ତି । ଜୀବନ ପ୍ରତି ଭୟ ନାହିଁ ସେମାନଙ୍କର । ବଞ୍ଚିବା ପାଇଁ ଦୈନନ୍ଦିନ ଜୀବନର ସଂଗ୍ରାମଯାତ୍ରୀ ସେମାନେ । ମୃତ୍ୟୁକୁ ଭ୍ରୂକ୍ଷେପ ନାହିଁ । ବଞ୍ଚିପାରିଲେ ଜୀବନ । ଜୀବନ ଅଛି ବୋଲି ବଞ୍ଚିବା ସେମାନଙ୍କର ଧାରଣାର ବାହାରେ ।

ଆଗରେ ହାଓଡ଼ା ବ୍ରିଜ୍ । ଗଙ୍ଗାନଦୀ ଉପରେ ଅସମାନ କାଠର ବିରାଟ ସେତୁ । ଗୋଟାଏ କଡ଼କୁ ଫୁଟ୍‌ପାଥ୍ ଉପରେ ବାଡ଼କୁ ଧରି ଟିକିଏ ଠିଆହେଲି । ଚାହିଁଲି ଗଙ୍ଗାର ପ୍ରଶସ୍ତ ବକ୍ଷକୁ । ଅସଂଖ୍ୟ ନୌକା, ଷ୍ଟିମର ଆଉ ଜାହାଜ । ପୋଲର ଦୁଇ ପାଖରେ···ଯେତେ ଦୂରକୁ ଦୃଷ୍ଟି ପଡ଼େ ଛୋଟ ବଡ଼ ଜାହାଜର ମାଳ । ବଙ୍ଗଲକ୍ଷ୍ମୀଙ୍କର ବିଜୟ ପତାକା ଉଡ଼ାଇ ସମସ୍ତେ ଯେପରି କେଉଁ ଦ୍ୱୀପାନ୍ତର ଉଦ୍ଦେଶ୍ୟରେ ବାଣିଜ୍ୟ ବ୍ୟବସାୟ ପାଇଁ ଯିବାକୁ ଉଦ୍ୟତ ! ହଠାତ୍ ମନେ ପଡ଼ିଲା, ଏତେଗୁଡ଼ାଏ ଜାହାଜ ଭିତରୁ, ରେଙ୍ଗୁନକୁ କ'ଣ କେହି ଯାଏ ?

ରେଙ୍ଗୁନ କଥା ମନେ ପଡ଼ିବାରୁ ମୃଣ୍ମୟ ବାବୁଙ୍କ କଥା ମନେ ପଡ଼ିଲା । ଚାଳିଶ ଜଣ ଓଡ଼ିଆ ଶ୍ରମିକ ନେଇ ଆଜି ସକାଳେ ରେଙ୍ଗୁନ ଅଭିମୁଖେ ଯିବା କଥା ସେ କହୁଥିଲେ । ଖୋଜି ଦେଖିବି ?

କ୍ଷତି କ'ଣ ? ଏମିତି ତ ପୂର୍ବ ପୁରୁଷ ବାରବୁଲାଙ୍କ ପରି ! ଅରେ ଯାଉଁ ବର୍ମାଗାମୀ ଯାତ୍ରୀ କଳିଙ୍ଗ ସନ୍ତାନମାନଙ୍କୁ କଲିକତା ବନ୍ଦର ଆଗରେ ଅଭିବାଦନ ଜଣାଇ ଆସେ ନା—କ୍ଷତି କ'ଣ ?

ମୋ ପାଖ ଦେଇ ଧାଡ଼ି ଧାଡ଼ି ଲୋକ ଚାଲିଛନ୍ତି—ପିମ୍ପୁଡ଼ି ପଲ ପରି ! ଶେଷ ନାହିଁ, ବିରାମ ନାହିଁ ।

ଶୁଣିବେ କିଏ ? ଜଣେ ଧୋବଧବଳିଆ ବାବୁଙ୍କୁ ଉଦ୍ଦେଶ୍ୟ କରି ଡାକିଲି—ଏଠି ଏତେ ଜାହାଜ, ରେଙ୍ଗୁନକୁ କ'ଣ ଏଇଥିରୁ କେହି ଯାଏ ।

ଲୋକଟା ଅଟକି ହୋଇ ଟିକିଏ ଛିଡ଼ା ହେଲା । ମତେ ଆପାଦମସ୍ତକ ନିରୀକ୍ଷଣ କଲା । କହିଲା, କୋଲକାତାଏ ନୂତନ ଆଛେ ?

: ହଁ, ନୂଆ ଆସିଛି ମୁଁ ।

: ରେଙ୍ଗୁନ ଯାନା ହୋବେ ତ ଖିଦିରପୁର ଯାଓ—କହି ସେ ତରତର ହୋଇ ଚାଲିଗଲା ।

ମୋ ଆଖି ଆଗରେ ଏକ ନୂତନ ଦୁନିଆର ଛବି ଭାସିଉଠିଲା !!

## ।। ୨୭ ।।

ବସ୍ଟ ଖିଦିରପୁର ଡକ୍ ।

ଗଙ୍ଗାର ବକ୍ଷ ଏଠି ପ୍ରଶସ୍ତ । ଜଳ ଗଭୀର । ଜାହାଜ ପରେ ଜାହାଜ । ହଜାର ହଜାର କୁଲି ମୂଲିଆ ଲାଗିଛନ୍ତି । କେଉଁଥିରେ ବୋଝେଇ ହେଉଛି ମାଲ୍, କେଉଁଥିରୁ ଖଲାସ ହେଉଛି । ଡଙ୍ଗା ଆଉ ବୋଟ—ହୁଇସିଲ ଆଉ ଧୁଙ୍ଗା । କିଏ କୁଆଡ଼େ ଯାଉଚି, କିଏ କେଉଁଠୁ ଆସୁଚି ଖବର ନେବାର ଫୁରୁସତ୍ ନାହିଁ । ହଜାର ହଜାର ବ୍ୟସ୍ତଚଞ୍ଚଳ ପ୍ରାଣ କାର୍ଯ୍ୟତତ୍ପରତା ଭିତରେ ମେସିନ୍ ପରି ମେହନତ କରି ଚାଲିଛି । ସମଷ୍ଟିଗତ ଶ୍ରମିକ ବାହୁର ପରାକ୍ରମ ଏଠି ଯେପରି ଊର୍ଦ୍ଧ୍ୱକୁ ହାତ ଟେକି ଅମିତ-ଦର୍ପରେ ହୁଙ୍କାର ଦେଇ ଉଠିଛି । ଖଟିବାର ଦୁର୍ବାର ଆନନ୍ଦରେ ଡକ୍‌ର ଅଣସ୍ୱସ୍ତି ଆତ୍ମା ପ୍ରାଣବନ୍ତ ଉଦ୍ଦୀପନାରେ ସତେ ଯେପରି ହୋ-ହୋ କରି ନାଚି-ଉଠିଛି । ଖାଲି ମୁଁ ଏକାକିଆ ଯେମିତି ଏ କର୍ମ-ପ୍ରବାହର ଗତିଛନ୍ଦର ବାହାରେ ! ଅକର୍ମଣ୍ୟ ! ବେକାର !! ବିପର୍ଯ୍ୟସ୍ତ, ବିକ୍ଷୁବ୍ଧ ପ୍ରାଣ ନେଇ ଶୂନ୍ୟଦୃଷ୍ଟିରେ ଚାହିଁଛି, ଆଉ ହା-ହୁତାଶର ଦୀର୍ଘଶ୍ୱାସ ଛାଡ଼ି ଭାବୁଛି, କୁଆଡ଼େ ଯିବ ? କ'ଣ କରିବ ?

କିନ୍ତୁ କାହିଁକି ? ଏ କର୍ମ-ଚଞ୍ଚଳ ପ୍ରାଣପ୍ରବାହ ଭିତରେ ମୁଁ କ'ଣ ଭାସି ଯାଇପାରିବ ନାହିଁ ? ଏମାନଙ୍କ ସାଙ୍ଗରେ ଏକ ହୋଇ ମୁଁ କ'ଣ ମେହନତର ଘର୍ମ-ନିଗିଡ଼ା ତୃପ୍ତି ପାଇପାରିବ ନାହିଁ ? ମୁଁ କ'ଣ ଶାନ୍ତି ପାଇପାରିବନି ସଂଘର୍ଷଶୀଳ ଜୀବନର ସଂଗ୍ରାମ ଭିତରେ ? କ'ଣ ହୋଇଛି ମୋର ? ଆରତିକୁ ଭଲ ପାଇ ମୁଁ କ'ଣ ଶକ୍ତିହୀନ ହୋଇଯାଇଛି ? ନାରୀର ପ୍ରେମ କ'ଣ ପୁରୁଷର ଐଶ୍ୱର୍ଯ୍ୟ ? ତେବେ, ତେବେ ମୁଁ କାହିଁକି ହାଇ ହାଇ କରି ବୁଲୁଛି ମନର ଅବଶୋଷରେ ?

ଜଣକୁ ଭଲପାଇ କାହା ଜୀବନ ତ ବ୍ୟର୍ଥ ହୋଇଯାଉନି ? ଏଇ ମୋ ସାମନାରେ ହଜାର ହଜାର ଲୋକ ଯେ ଖଟୁଛନ୍ତି ମୁଣ୍ଡଝାଳ ତୁଣ୍ଡରେ ମାରି, ସେମାନେ ସମସ୍ତେ କ'ଣ ଅପ୍ରେମିକ ? ଜୀବନରେ ଭଲ ପାଇ ନାହାନ୍ତି ସେମାନେ କାହାକୁ ? ଭଲପାଇ ସେମାନଙ୍କ ଭିତରୁ ସମସ୍ତେ କ'ଣ ତାଙ୍କ ମନର ନାରୀକୁ ପାଇଛନ୍ତି ? ଏମାନଙ୍କ ଭିତରେ କ'ଣ ହତାଶ ପ୍ରେମିକ ନାହାନ୍ତି ? ଏମାନଙ୍କ ଗହଣରେ କ'ଣ ଅତୃପ୍ତ ଆତ୍ମା ନାହିଁ ?

କାହିଁ ? କାହାର ତ ଜୀବନ ଓଲଟ ପାଲଟ ହୋଇଯାଇ ନାହିଁ ! କେହି ତ ମୋ ପରି ବିବାଗୀ ମନ ନେଇ ଅକର୍ମା ହୋଇ ଘୂରି ବୁଲୁ ନାହିଁ ? ଘର ସଂସାର, ବନ୍ଧୁ ପରିଜନ ସମସ୍ତଙ୍କୁ ଛାଡ଼ି ମୁଣ୍ଡରେ ହାତରଖି ଅକର୍ମଣ୍ୟ ହୋଇ ରାସ୍ତା କଡ଼ରେ ଛିଡ଼ାହୋଇ ରହି ନାହିଁ ? ମୁଁ ତେବେ ନିଜ ଉପରେ ବୀତଶ୍ରଦ୍ଧ କାହିଁକି ? ମୁଁ ତେବେ ଚାରିଆଡ଼ ଅନ୍ଧାର ଦେଖୁଛି କାହିଁକି ? ମୋ ପାଇଁ ଆଲୋକ ନାହିଁ, ମୋ ପାଇଁ ପୃଥିବୀର ସମସ୍ତ ସହାନୁଭୂତି ଶେଷ ହୋଇଯାଇଛି ବୋଲି କାହିଁକି ଭାବୁଛି ? ମୋ ପାଇଁ ବଞ୍ଚିବାର ସମସ୍ତ ଦ୍ୱାର ରୁଦ୍ଧ ହୋଇଗଲା ବୋଲି କାହିଁକି ଭାବୁଛି ମୁଁ ?

ମହାମାନବର ଯାତ୍ରା ଛନ୍ଦରେ ମୁଁ କ'ଣ ପାଦ ମିଶାଇ ଚାଲିପାରିବ ନାହିଁ ? ବିଶ୍ୱଜୀବନର ମଙ୍ଗଳମୟ ଧାରା ସହିତ ମୋ ପ୍ରାଣର ସମ୍ବନ୍ଧ ଯୋଗ କ'ଣ ରଖିପାରିବ ନାହିଁ ? ନିଜର ଶକ୍ତି ଉପରେ, ସାମର୍ଥ୍ୟ ଉପରେ, ସାହସ ଉପରେ ବିଶ୍ୱାସ ରଖିପାରିବ ନାହିଁ ! ପାରିବ ନାହିଁ ?

ଚେଷ୍ଟା କରି ଦେଖେ ଥରେ !
ଥରେ ହେମନ୍ତ ବାବୁ ଅଗ୍ରସର ହୁଏ···

× × ×

ଆଗକୁ ପାଦ ବଢ଼େଇଲି ।

ଡକ୍‌ର ପୂର୍ବପଟକୁ ଗୋଟାଏ କି ଅଫିସଘର । ଚାଲି ଚାଲି ହୋଇ ଗଲି ସେ ଆଡ଼କୁ । ଲକ୍ଷ୍ୟ କଲି ଲୋକଙ୍କର ବ୍ୟଗ୍ରଚଞ୍ଚଳ କର୍ମବ୍ୟସ୍ତତାକୁ । ମତେ କେହି ଫେରି ଚାହୁଁ ନାହିଁ । ସମସ୍ତେ ନିଜ ନିଜର ଜଞ୍ଜାଳରେ କାର୍ଯ୍ୟତତ୍ପର ।

ଖଣ୍ଡିଏ କାଠ ବେଞ୍ଚ ପଡ଼ିଛି ଅଫିସ୍ ଘର ପଛପଟକୁ । ସେଇଠି ଟିକିଏ ବସି ଗଙ୍ଗାର ମୁକ୍ତ ବକ୍ଷକୁ ଅନେଇଲି । ସକାଳ ଖରା ଟାଣ ହୋଇଆସିଛି । ଗଙ୍ଗାର ବିକ୍ଷୁବ୍ଧ ଜଳରାଶି ଆଉଟା ରୁପା ପରି ଝଲମଲ କରୁଛି ।

କେତେବେଳଯାଏ ସେମିତି ଅନେଇ ରହିଛି ଜାଣିପାରିନି । ହଠାତ୍ ମୋ ପିଠି ଉପରେ କାହାର ସ୍ନେହକମ୍ପ କରର ସ୍ପର୍ଶ ପାଇ ଚମକି ଉଠିଲି । କିଏ ମୃଣ୍ମୟ ବାବୁ ? ମୁଁ କାବା ହୋଇ ତାଙ୍କ ମୁହଁକୁ ଚାହିଁ କହିଲି— ଆପଣ ଏଠି କାହିଁକି ?

: କାଲି କହିଥିଲି, ମୃଣ୍ମୟ ବାବୁ ସହଜ ଭାବରେ କହିଲେ— ମୋର କେତେକ ଲୋକ ରେଙ୍ଗୁନ ଯିବେ ।

: ହଁ, କହିଥିଲେ ଆପଣ ! କିନ୍ତୁ ସେ ଜାହାଜ କ'ଣ ଏଇଠୁ ଯିବ ? ମୁଁ [illegible] ଗଳାରେ ପଚାରିଲି ।

: ସେ ସମ୍ବାଦ ଆପଣ ପରେ ବୁଝିବେ, ଆଗେ ଟିକିଏ ବାହାରକୁ ଆସନ୍ତୁ ମୋ ସାଙ୍ଗରେ । କହି ମୃଣ୍ମୟ ବାବୁ ମୋ ହାତ ଧରି ଗମ୍ଭୀର ଆନ୍ତରିକତାରେ ଟାଣିନେଲେ ବାହାରକୁ ।

ଡକ୍ ବାହାରେ ରାସ୍ତା ଉପରେ ଛିଡ଼ାହୋଇଛି ମୃଣ୍ମୟ ବାବୁଙ୍କ ସେଇ ଗାଡ଼ି । କଳା ମଚ ମଚ ଚାରି ସିଲିଣ୍ଡରର ଫୋର୍ଡ଼ ! କିନ୍ତୁ କି ଆଶ୍ଚର୍ଯ୍ୟ ! ଷ୍ଟିଅରିଂ ପାଖରେ ସେ କିଏସେ ? ମିସ୍ ମଜୁମଦାର ଆସିଛନ୍ତି ନା କ'ଣ ମୃଣ୍ମୟ ବାବୁ ? ଆଉ ପଛରେ ସେ କିଏ ବସିଛନ୍ତି ? ଚନ୍ଦନା ଦେବୀ ?

: ହଁ କାଲି ରାତିରେ ହୋଟେଲ ପାଖରୁ ଆପଣ ଅନ୍ତର୍ଦ୍ଧାନ ହୋଇଯିବା ପରଠୁ ବେଲା ଆପଣଙ୍କୁ ଖୋଜି ଖୋଜି ହତାଶ ହୋଇ ପ୍ରାୟ ରାତି ଗୋଟାକୁ ଫେରିଛି । ଆଉ ଆଜି ସକାଳେ, ପୁଣି ଯେତେବେଳେ ସର୍ଚ୍ଚ ପରୱାନା ନେଇ ବେଲା ବାହାରିଲା, ଚନ୍ଦନା ବୌଦି ତାଙ୍କ ନଣନ୍ଦ କାଲେ ଆପଣଙ୍କୁ ଖୋଜୁ ଖୋଜୁ ଅନ୍ତର୍ଦ୍ଧାନ ହୋଇଯିବେ, ଏଇ ଆଶଙ୍କାରେ ବେଲାକୁ ଗାର୍ଡ଼ ଦେବା ପାଇଁ ପଛ ସିଟରେ ଆସି ଜବରଦସ୍ତ ବସିଲେ । ମୋର ତ ଏଇ ଜାହାଜରେ କୁଲିମାନଙ୍କୁ ନେଇ ଚାଲିଯିବା କଥା ! ଗାଡ଼ିରେ ମତେ ଏଠି ଛାଡ଼ିଦେଇ ଉଭୟେ ଆପଣଙ୍କ ଅନ୍ୱେଷଣରେ ମହାନଗରୀ ପର୍ଯ୍ୟଟନରେ ବାହାରିଆନ୍ତେ । ଅବଶ୍ୟ ହାଓଡ଼ା ଷ୍ଟେସନଟା ଆମେ ଆସିଲା ବାଟରେ ଦେଖିଆସିଛୁ । ମୁଁ ତାକୁ ଷ୍ଟେସନ ଆଉ ଥରେ ଦେଖିଆସିବା କଥା କହି ଜୋର୍ କରି ନେଇଯାଇଥିଲି । ମୋର କେମିତି ମନେ ହେଉଥିଲା···ଆପଣ ହୁଏତ କଲିକତା ଛାଡ଼ି ଚାଲିଯିବାକୁ ଠିକ୍ କରି ଷ୍ଟେସନକୁ ଯାଇଥିବେ । ବେଲା କିନ୍ତୁ ମୋ କଥା ଶୁଣି ହସି ଉଡ଼େଇ ଦେଇଥିଲା । କଲିକତା

ମହାନଗରୀର ମାୟା ଆପଣ ଏତେ ଶୀଘ୍ର କାଟି ପାରିବେ ନାହିଁ ବୋଲି ତାର ବଦ୍ଧମୂଳ ଧାରଣା ହୋଇଥିଲା । ଦେଖୁଛି ତା'ର କଥା ହିଁ ଠିକ୍ । ଆପଣ ଆସି ଏଠି ଆତ୍ମଗୋପନ କରି ରହିଛନ୍ତି ।

: ଆତ୍ମଗୋପନ ଆଉ କରିପାରିଲି କେଉଁଠି ? ଏଇ ତ ଧରା ପଡ଼ିଗଲି ! କହି ମୁଁ ଧୀର ପଦକ୍ଷେପରେ କାର୍ ଆଡ଼କୁ ଆଗେଇଲି ।

ଚନ୍ଦନା ଦେବୀ ଆନନ୍ଦର ଆତିଶଯ୍ୟରେ ପାଟିକରି ଉଠିଲେ ।

ବେଲା କିନ୍ତୁ ଗମ୍ଭୀର ହୋଇ ମୋ ଆଡ଼କୁ ଚାହିଁ ଗାଡ଼ି ଭିତରୁ ତଳକୁ ଓହ୍ଲାଇଆସି ତଳକୁ ନଇଁପଡ଼ି ମୋ ପାଦଧୂଳି ନେଇ ମୁଣ୍ଡରେ ମାରିଲା । ହଠାତ୍ ମତେ ଏପରି ଅଭିନବ ଭଙ୍ଗୀରେ ପ୍ରଣାମ କରିବାର ଭଙ୍ଗୀ ଦେଖି ମୁଁ ଆଶ୍ଚର୍ଯ୍ୟରେ ତା ମୁହଁକୁ ଚାହିଁରହିଲି ।

: ବୌଦି ! ଚନ୍ଦନାଙ୍କ ଆଡ଼କୁ ମୁହଁ ବୁଲେଇ ବେଲା ମତେ ନମସ୍କାର କରିବାକୁ ଠାରିଦେଲା ।

: ନମସ୍କାର ବୌଦି ! ଆପଣ ହଠାତ୍ ଏପରି ଭାବରେ ଚାଲି ଆସିଲେ ଯେ ? ମତେ ଖୋଜି ଖୋଜି ଆପଣଙ୍କ ଆଦରର ନଣନ୍ଦ କୁଆଡ଼େ ହଜିଯିବେ କାଳେ, ଏଇ ଭୟରେ ନା ?

: ସେ ଭୟ ଅ-ଭୟ କଥା ପରେ ବୁଝିବେ, ଆଗେ ଚାଲନ୍ତୁ କିଛି ଖାଇ ଆସିବେ । କହି ବେଲା ମୋ ହାତ ଧରି ଟିକିଏ ଆଗକୁ ଟାଣି ନେଉ ନେଉ ଚନ୍ଦନାଙ୍କୁ ଉଦ୍ଦେଶ୍ୟ କରି କହିଲା, ତୁମେ ସେଇ ଗାଡ଼ି ଭିତରେ ବସିଥାଅ ବୌଦି, ମୁଁ ଯାଙ୍କୁ କିଛି ଖୁଆଇଆଣେ ସାମ୍ନା ରେସ୍ତୋରାଁରୁ ।

: ମୁଁ ତାହେଲେ ଟିକଟ ଫିକଟର ବ୍ୟବସ୍ଥା କରିବାକୁ ଯାଏ ! ମୁଣ୍ମୟ ବାବୁ କହିଲେ, ସର୍ଦ୍ଦାର ଆସିଲାଣି କି ନାହିଁ ଦେଖେ !

: ଯାଅ, ବେଲା ମୁଣ୍ମୟ ବାବୁଙ୍କୁ ଅନ୍ୟମନସ୍କ ଭାବରେ ଉତ୍ତର ଦେଇ ରାସ୍ତାର ପ୍ଲାଟଫର୍ମରେ କିଛି ଦୂରରେ ଦେଖାଯାଉଥିବା କ୍ୟାବିନ ଆଡ଼େ ଚାଲୁ ଚାଲୁ ପଚାରିଲା—କାଲି ରାତିରେ କେଉଁଠି ରହିଲେ ?

: ଏ ପ୍ରଶ୍ନଟା ପଚାରିବା ଆଗରୁ ତୁମର ଆଉ ଗୋଟାଏ ପ୍ରଶ୍ନ ପଚାରିବା ଉଚିତ୍ ଥିଲା ମିସ୍ ମଜୁମଦାର···ମୁଁ ହଠାତ୍ ତୁମ ପାଖରୁ ପଳେଇ ଆସିଲି କାହିଁକି ?

: ନା, ସେ ପ୍ରଶ୍ନଟା ମୁଁ ନିଜକୁ ନିଜେ ପଚାରି ଉତ୍ତର ପାଇସାରିଛି । ମୋ ପାଖରୁ ସେପରି ଭାବେ ପଳେଇ ଆସିବା ଛଡ଼ା ଆପଣଙ୍କର ଆଉ ଅନ୍ୟ ଉପାୟ

ନ ଥିଲି । ଆପଣ ଉଦ୍ୟମରେ ଥରି ଉଠିଥିଲେ । ଆରତି ପାଖରେ ଆପଣ ନାରୀର ପ୍ରେମିକା ରୂପଟି ଦେଖିଥିଲେ, ବାନ୍ଧବୀ ଅଳକା ପାଖରେ ଦେଖିଥିଲେ ନାରୀର ମହୀୟସୀ ରୂପ, କିନ୍ତୁ ମୋ ପାଖରେ ଆପଣ ଦେଖିଲେ ନାରୀର ରାକ୍ଷସୀ କ୍ଷୁଧାର ବୀଭତ୍ସ ରୂପ । ଭୟ ପାଇବା ସ୍ୱାଭାବିକ ଆପଣଙ୍କ ପକ୍ଷରେ । ଆପଣଙ୍କୁ ତିନି ଚାରି ଘଣ୍ଟା ପାଗଳୀଙ୍କ ପରି ଖୋଜିସାରି ଶେଷରେ ଭିକ୍ଟୋରିଆ ମେମୋରିଆଲର ସେଇ ଜ୍ୟୋତ୍ସ୍ନାସ୍ନାତ ସବୁଜ ଲନ୍ ଉପରେ କ୍ଷୁବ୍ଧ ହୋଇ କିଛିକ୍ଷଣ ବସି ମୁଁ ସେଇ ସନ୍ଧ୍ୟାରୁ ବାଲିଗଞ୍ଜ ଲେକ୍‌ଠୁ ଆରମ୍ଭ କରି ହୋଟେଲ ପର୍ଯ୍ୟନ୍ତ ଯେମିତି ଯାହା କଥାବାର୍ତ୍ତା ହୋଇଥିଲା ସେସବୁକୁ ମନେ ମନେ ଆଲୋଚନା କରି ଦେଖିଲି, ମୋର ସର୍ବଗ୍ରାସୀ ରାକ୍ଷସୀ ରୂପଟା ହିଁ ମୋର ସବୁ ସାବଧାନତା ସତ୍ତ୍ୱେ ଆପଣଙ୍କ ପାଖରେ ଧରା ପଡ଼ିଯାଇଛି । କହି, ଟିକିଏ ରହିଯାଇ କହିଲି ବେଲା—ଆଉ ବାସ୍ତବିକ ଆପଣ ହଠାତ୍ ସେପରି ଭାବରେ ମତେ ଠକି ଚାଲି ନ ଯାଇଥିଲେ ବୋଧହୁଏ ମୁଁ ଆପଣଙ୍କର ସର୍ବନାଶ କରିବାକୁ ପ୍ରାଣାନ୍ତକ ଚେଷ୍ଟା ନ କରି ଛାଡ଼ି ନ ଥାନ୍ତି ।

: କ'ଣ ତୁମେ କହୁଛ ରାଣୀ ?

: ନା, ନା, ରାଣୀ ନୁହେଁ, ବେଲା କୁହନ୍ତୁ । ମିସ୍ ମଜୁମଦାର, ତା ବି କହିପାରନ୍ତି—ରାଣୀ କିନ୍ତୁ ନୁହେଁ । ଆପଣଙ୍କର ଅନାବିଲ ସ୍ନେହର ପାତ୍ରୀ ହେବାକୁ ଯୋଗ୍ୟା ମୁଁ ନୁହେଁ ।

: ନ ହୋଇପାରିଥାଅ, ଭବିଷ୍ୟତରେ ହେବ, ସେ ବିଶ୍ୱାସ ତ ରଖିପାର ?

: ନା, ସେ ବିଶ୍ୱାସ ବି ମୋର ନାହିଁ ।

: ଆଶ୍ଚର୍ଯ୍ୟ ! କମ୍ୟୁନିଷ୍ଟ ପାର୍ଟିର ନେତ୍ରୀ ହୋଇ ବି ସେ ଆତ୍ମବିଶ୍ୱାସ ତୁମର ନାହିଁ ?

: ନା ।

: ତେବେ ଦୁଇ ଦିନ ତଳେ ମତେ ଷ୍ଟେସନ ପାଖରେ କହୁଥିଲ ଯେ ତୁମ ପାର୍ଟିର ଶିବିରପନ୍ଥୀ ହେଲେଇ ଆତ୍ମବିଶ୍ୱାସ ଫେରିଆସେ !

: ଆଜି ବୁଝୁଛି, ସେଇଟା ଗୋଟାଏ ଭଣ୍ଡାମି !! ଗୋଟାଏ ସ୍ଲୋଗାନର ସାନ୍ତ୍ୱନା ! ବିଶ୍ୱାସ ନୁହେଁ, ବଞ୍ଚନା !

: ନା, ତା ନୁହେଁ । ଗୋଟାଏ ପାର୍ଟିର ସ୍ଲୋଗାନ କେବଳ ସାନ୍ତ୍ୱନାର କଥା ହୋଇ ନ ପାରେ ମିସ୍ ମଜୁମଦାର ! କର୍ମ୍ମ ଭାବରେ ତା ଏକ ସତ୍ୟ ଆଉ ସିଦ୍ଧିର କଥା । କିନ୍ତୁ ତା ହେଉଛି ସାଧନାସାପେକ୍ଷ । ନୀତି ଆଉ ନିଷ୍ଠାର

କଥା । ସେ ନିଷ୍ଠା ତୁମର ନାହିଁ ବୋଲି··· ତୁମେ କିଛି ପାଇଲ ନାହିଁ ଭାବି ସବୁ କିଛିକୁ ଠକାମି ବୋଲି କହୁଛ ।

: ମୁଁ ଗୋଟାଏ ଉତ୍ତେଜନାରେ ପାର୍ଟି ଭିତରକୁ ଯାଇଥିଲି ବୋଲି ଆପଣ କହୁଛନ୍ତି ? କେଳ ଶୁଷ୍କ ଗଳାରେ ପଚାରିଲି ।

: କେବଳ ତୁମେ ନୁହଁ, ଯେଉଁ ପାର୍ଟିର ଶୃଙ୍ଖଳା ଯେତେ ବେଶୀ କଡ଼ା··· ସେ ପାର୍ଟି ଭିତରେ ଶୃଙ୍ଖଳିତ କର୍ମୀଙ୍କ ସଂଖ୍ୟା ସେତେ ଅଧିକ । ଯେଉଁ ପାର୍ଟି ଯେତେ ବେଶୀ ବିଶ୍ୱାସ ଆଣିଦେବାର ଭରସା ଆଣିଦେବ ବୋଲି ପ୍ରଚାର କରେ··· ସେ ପାର୍ଟିରେ ସେତେ ବେଶୀ ଆସ୍ଥା ଆଉ ଆତ୍ମପ୍ରତ୍ୟୟହୀନ ଲୋକ ଆଶ୍ରା ନିଅନ୍ତି । ସେଇ ଦୃଷ୍ଟିରୁ ତୁମର କମ୍ୟୁନିଷ୍ଟ ପାର୍ଟି ଅନ୍ତମାଧାରେ ମଣିଷର ସାମାଜିକ ଦାବୀ ସମ୍ବନ୍ଧରେ ପ୍ରଚାର କରେ ବୋଲି ଧନ, ମାନ, ନିଷ୍ଠା ଆଉ ବିଶ୍ୱାସ ସବୁ ଦିଗରୁ ପାର୍ଟିଟା ଶୋଚନୀୟ ଭାବରେ ଦେଉଲିଆ । ସେଇଥିପାଇଁ ବୋଧହୁଏ କମ୍ୟୁନିଷ୍ଟ ପାର୍ଟିର କର୍ମୀ ନିଜକୁ ନିଜେଇ କହେ 'ସର୍ବହରା' ।

: ନା, ନା, ପାର୍ଟି ସଭ୍ୟଙ୍କର ଏପରି ସୂଚକିକ ପର୍ଯ୍ୟାଲୋଚନାକୁ ମୁଁ କିନ୍ତୁ ମାନିପାରିବି ନାହିଁ ଉମାକାନ୍ତ ବାବୁ ! ମୁଁ ଦୁର୍ବଳ ବୋଲି···ମୋର ଆତ୍ମବିଶ୍ୱାସ ନାହିଁ ବୋଲି ସମସ୍ତ ପାର୍ଟିର 'ଇଜମ୍' ଭୁଲ୍—ଏହା ମୁଁ କଦାପି ସ୍ୱୀକାର କରିବି ନାହିଁ ।

ସ୍ୱୀକାର କରିବାକୁ ମୁଁ ବି କହୁନି । ମୁଁ ଖାଲି ଏତିକି କହୁଛି— ଯେ ଯାହା ନୁହେଁ, ସେ ତା ହୋଇଛି ବୋଲି କହିବାକୁ ଖାଲି ଅନ୍ୟାୟ ନୁହେଁ, ତା' ଚରିତ୍ରର ବିପରୀତ କିଛି କରିବା ବି ଅନୁଚିତ । ଯେପରି ତୁମେ···ଭଲ ପାଇଲ ଜଣେ ସାମନ୍ତବାଦୀ ପରିବାରର କୁବେର ପୁତ୍ରକୁ ଅଥଚ ତୁମ ଚରିତ୍ରର ସଂପୂର୍ଣ୍ଣ ବିପରୀତ ଆଦର୍ଶଧର୍ମୀ କମ୍ୟୁନିଷ୍ଟ ପାର୍ଟିପରି ଏକ ସଂହତିପୂର୍ଣ୍ଣ ଦଳକୁ ମାନିନେଲ ତୁମ କର୍ମଜୀବନର ପଥପ୍ରଦର୍ଶକ ରୂପେ । ନିଜ ଭିତରେ ନିଜେ ତୁମେ ଦୁଇଟା ବିପରୀତମୁଖୀ ଆଦର୍ଶବାଦକୁ ଗ୍ରହଣ କରିବା ଫଳରେ ଦେଖାଦେଲା ସଂଘର୍ଷ । ଗୋଟାଏ ଆଡ଼େ ବିଶ୍ୱାସ ଉପରେ ଶକ୍ତ ହୋଇ ଛିଡ଼ା ହେବାକୁ ଚେଷ୍ଟା କଲାବେଳେ ଅସଲ 'ଆତ୍ମବିଶ୍ୱାସ' ଶବ୍ଦ ଏକ ସାନ୍ତ୍ୱନା ଛଡ଼ା ଆଉ କିଛି ନୁହେଁ ବୋଲି ଆସିଲା ଆତ୍ମଗ୍ଲାନି ।

ରେସ୍ତୋରାଁ ସାମ୍‌ନାରେ ଛିଡ଼ାହୋଇ ମୋ ମୁହଁକୁ ମୁହୂର୍ତ୍ତିକ ପାଇଁ ବିସ୍ଫାରିତ ଦୃଷ୍ଟିରେ ଚାହିଁଲି କେଳା । ତାପରେ ଭିତରକୁ ପଶି ଯାଇଁ କ୍ୟାବିନର ପରଦା ଆଡ଼େଇ ମତେ ଡାକିଲା : ଆସନ୍ତୁ ।

: ମତେ ଭୋକ ନାହିଁ ମିସ୍ ମଜୁମଦାର ! ମୋର କେବଳ ଗୁ' କପେ ହେଲେ ଚଳିଯିବ । ତୁମେ କିଛୁ କିଛୁ ପେଟ ପୂରେଇ ଖାଅ । ତୁମ ଚେହେରା ଯାହା ହୋଇଛି···

: ମୁଁ କାଲି ରାତରେ କିଛି ଖାଇନି ବୋଲି ଆପଣ ଅନୁମାନ କରିପାରିଲେ ? ବେଲା ପଚାରିଲା ।

: ଅନୁମାନ କାହିଁକି ? ମୁଁ ଦେଖିଛି ତ ତୁମେ କିଛି ଖାଇ ନ ଥିଲ ।

ବଏ ଆସି ସଲାମ ଦେଲା । ବେଲା କହିଲା : ଲଞ୍ଚ ତିଆରି ହୋଇଛି ?

: ଲଞ୍ଚ କାହିଁକି ? ବର୍ତ୍ତମାନ ତ ମୋଟେ ଦଶଟା । ମୁଁ ନମ୍ର ସ୍ୱରରେ କହିଲି ।

: ହେଉ ଦଶଟା ! ଆପଣ ଖାଇନାଅନ୍ତୁ ପେଟ ପୂରାଇ । କହି ସେ ବଏକୁ ଖାଦ୍ୟସାମଗ୍ରୀ ଆଣିବାକୁ ନିର୍ଦ୍ଦେଶ ଦେଲା ।

: ମତେ ଏତେ ସକାଳୁ ପେଟ ପୂରାଇ ଖୋଇବା ପାଇଁ କାହିଁକି ଜିଦ୍ ଧରିଛ ମିସ୍ ମଜୁମଦାର ?

: ପୁରୁଷଙ୍କୁ ଜିଦ୍ କରି ଖୁଆଇବା ବଙ୍ଗନାରୀର ଏକ ଜନ୍ମଗତ ସ୍ୱଭାବ ଉମାକାନ୍ତ ବାବୁ ! ତା ଭିତରେ ସେ କି ଅସରନ୍ତି ତୃପ୍ତି ପାଏ, ଆପଣ ତା ବୁଝିବେନି । କହି ଟିକିଏ ରହିଯାଇ କହିଲା—ତା ଛଡ଼ା, ଜୀବନରେ ଆଉ କ'ଣ କେବେ ପାଖରେ ବସି ଆପଣଙ୍କୁ ଖୁଆଇପାରିବି ?

: ଏ କଥା କାହିଁକି କହିଲ ବେଲା ! ମୁଁ କାଲି ରାତରେ ତୁମ ପାଖରୁ ଗୁଲିଆସିଲି ବୋଲି ? ଆଉ ଯେ କେବେ ଦରକାର ପଡ଼ିଲେ ଯାଇଁ ସାକ୍ଷାତ କରିବନି, ଏକଥା କାହିଁକି ଭାବିଲ ?

: କାହିଁକି ଭାବିଲି ତା' କ'ଣ କହିପାରିବି ? ପୁସ୍ତରେ ବର୍ଷକ ତଳେ ସେଇ ରାତର କିଛିକ୍ଷଣ ଦେଖା ଦେଲେ, ଆପଣଙ୍କ ସହିତ ପଦେ ହେଲେ କଥାବାର୍ତ୍ତା ନହୋଇ ଯେପରି ମନେ ହୋଇଥିଲା···ନିଶ୍ଚୟ ଭବିଷ୍ୟତରେ ଆଉ କୌଣସିଠି ଦେଖା ହେବ, ସେଇପରି ଆଜି, ଦୁଇ ଦିନ ଧରି ଦେଖା ସାକ୍ଷାତର ଆନ୍ତରିକତା ପରେ ବି କାହିଁକି ଯେ ମନେ ହେଉଛି···ଜୀବନରେ ଆଉ କେବେ ଦେଖା ହେବ ନାହିଁ··· ଏଇ ହିଁ ଶେଷ ଦେଖା···ସେ କଥା ମୁଁ କ'ଣ କହିପାରିବି ? କହୁ କହୁ ବେଲାର ଆଖି ଅଶ୍ରୁ ସଜଳ ହୋଇଆସିଲା ।

ବଏ ଆଣି ଖାନା ରଖି ଦେଇଗଲା ଟେବୁଲ୍ ଉପରେ ।

କହିଲି : ତୁମ ଆଖିର ଲୁହ ଭିତରେ ମୁଁ କ'ଣ କିଛି ଖାଇପାରିବି ବେଲା ?

: ନା, ମୋ ରାଣି, ଆପଣଙ୍କୁ ଖାଇବାକୁ ହେବ । ଭୟ କରନ୍ତୁ ନାହିଁ । ମୁଁ ଆପଣଙ୍କୁ ମୁଠାଏ ଖାଇବାକୁ ଦେବାର ପ୍ରଲୋଭନ ଦେଖାଇ ମହାନଗରୀର ମାୟାଜାଲ ଭିତରେ ଆଉ ବାନ୍ଧି ରଖିବାର ଷଡ଼ଯନ୍ତ୍ର କରିବି ନାହିଁ ।

: ମତେ ଧରି ରଖିବାର ଜଞ୍ଜାଳରେ ତୁମେ ଏତେ ଶୀଘ୍ର ଅତିଷ୍ଠ ହୋଇଉଠିଲ ମିସ୍ ମଜୁମଦାର ?

ବେଲା ଚୁପ୍ କରି କିଛିକ୍ଷଣ ବସି ରହି ଅନ୍ୟମନସ୍କ ଭାବରେ ଖଣ୍ଡେ ଟୋଷ୍ଟ ଛିଣ୍ଡେଇ ପାଟିରେ ଦେଇ କହିଲା, ଆପଣ ସଦାବେଳେ ଆଘାତ ଦେବାର ସୁଯୋଗ ଖୋଜନ୍ତି କାହିଁକି ? ଆପଣଙ୍କୁ ଧରି ରଖିବାଟା ଏକ ଜଞ୍ଜାଳ—ଏ କଥା କହି ମତେ ଅପମାନ ଦେବାର ଅର୍ଥ କ'ଣ ? ବେଲାର ଗଳା ଭାରି ଶୁଣାଗଲା ।

: ନା, ମୁଁ ଏମିତି ହାଲୁକା ଭାବରେ କଥା ପଦକ କହିଚି ମିସ୍ ମଜୁମଦାର ! ତା ଉପରେ ବିଶେଷ ଗୁରୁତ୍ୱ ଦେବାର କିଛି ନାହିଁ । କହି ମୁଁ ହଠାତ୍ ହାତ ଧୋଇବାକୁ ଉଠି ଚାଲିଗଲି ।

: କ୍ଷିଆ ସରିଗଲା ?

: ଏକ ପ୍ରକାର ।

: ଭାତ ଯେ ସେଇମିତି ଥୁଆ ହୋଇଛି ।

: ସ୍ନେହମୟୀ ବଙ୍ଗରମଣୀ ଦୃଷ୍ଟିରେ ପୁରୁଷ ଚିରଦିନ କ୍ଷୁଧାର୍ତ୍ତ । ଅନ୍ନପୂର୍ଣ୍ଣାର ଅସରନ୍ତି ଭଣ୍ଡାର ଉଜାଡ଼ି କରି ଖୁଆଇ ପୁରୁଷର ଜନ୍ମଜନ୍ମାନ୍ତରର କ୍ଷୁଧା ଶାନ୍ତ କରିପାରିଲେ ସେ ହୁଏତ ନିଜକୁ ସୌଭାଗ୍ୟବତୀ ମନେକରନ୍ତି ! କିନ୍ତୁ ବିଶ୍ୱ ବ୍ରହ୍ମାଣ୍ଡର ଦୁର୍ବାର କ୍ଷୁଧା ନେଇ ଜନ୍ମହେବାର ସୌଭାଗ୍ୟ କ'ଣ ମୁଁ ପାଇଛି ମିସ୍ ମଜୁମଦାର ! କେତେ ଟିକିଏ ବା ମୋର ପ୍ରାଣ ? କି ସାମାନ୍ୟ ବା ମୋ ଜଠରର କ୍ଷୁଧା ? ତାକୁ ତୃପ୍ତ କରିବା ପାଇଁ ତୁମେ ଏତେ ବ୍ୟାକୁଳ ହୋଇଉଠିଛ କାହିଁକି ? ସର୍ବହରା ବୁଭୁକ୍ଷୁ ଦଳର ନେତ୍ରୀ ତୁମେ ! 'ଜୈ ଭୁଖା ହୁଁ'ଙ୍କର ସଂଖ୍ୟା କ'ଣ କମ୍ ଅଛନ୍ତି ମହାନଗରୀର ରାଜପଥରେ ?

କିଛି ଉତ୍ତର ଦେଇପାରିଲା ନାହିଁ ବେଲା । ଅଶ୍ରୁଳ ଦୃଷ୍ଟିରେ କିଛିକ୍ଷଣ ମୋ ଆଡ଼କୁ ଚାହିଁରହି କ'ଣ ଗୋଟାଏ ପଚାରିବାକୁ ଯାଉଥିଲା । ମୁଁ କହିଲି, ଟିକିଏ ଆଗରୁ ମତେ ଆଉ ମହାନଗରୀର ମାୟାଜାଲରେ ବାନ୍ଧି ରଖିବାର ଷଡ଼ଯନ୍ତ୍ର ନ କରିବା କଥା କହୁଥିଲି···କିନ୍ତୁ କାଲି ରାତି ଆଉ ଆଜି ସକାଳେ ମତେ ଖୋଜି ବାହାର କରିବାକୁ ଖୋଜି ବୁଲୁଛ କାହିଁକି ଜାଣିପାରେ ?

: ଜାଲର ଛନ୍ଦଣି ଭିତରୁ ମୁକ୍ତ ନେଇଯିବାରେ ସାହାଯ୍ୟ କରିବାକୁ ।

: ଧନ୍ୟବାଦ ! ସାହାଯ୍ୟଟା କି ପ୍ରକାର ?

ବିଶଦ ବର୍ଣ୍ଣନାର ପ୍ରୟୋଜନ ନାହିଁ । ଶୁଣିଲା ପରି ବି କିଛି ନୁହେଁ । ଆପଣ କଲିକତାରେ ରହନ୍ତୁ ନାହିଁ···ଏଇଆ କହିବାକୁ ଖୋଜୁଥିଲି । ଏଠି ପ୍ରଲୋଭନର ପଥ ଏତେ ପ୍ରଶସ୍ତ ଯେ ଆପଣ ରହିଲେଇ ଲକ୍ଷ୍ୟଚ୍ୟୁତ ହେବେ ।

: ଦୁଇ ଦିନ ରହି ତା ମୁଁ ବେଶ୍ ବୁଝିପାରୁଛି । କହି, ରେସ୍ତୋରାଁ ଭିତରୁ ବାହାରି ରାସ୍ତା ଉପରକୁ ଆସିଲି । ବିଲ୍ ଚୁକ୍ତି କରି ବେଲା ଆସି ଠିଆ ହେଲା ମୋ ପାଖରେ । କହିଲା : ମୋର ଗୋଟିଏ ଅନୁରୋଧ, ଏ ମନିବ୍ୟାଗଟି ଆପଣ ରଖନ୍ତୁ ।

: କ'ଣ ଅଛି ତା ଭିତରେ ? ମୁଁ ଆଶ୍ଚର୍ଯ୍ୟରେ ପଚାରିଲି ।

: ସାମାନ୍ୟ କିଛି ପାଥେୟ । ଆପଣ ଘରକୁ ଫେରିବେନି ମୁଁ ଜାଣେ । କୁଆଡ଼େ ଯିବେ ତା ବି ଆପଣ ଜାଣନ୍ତି ନାହିଁ । କ'ଣ କରିବେ ସେ ବି ଆପଣଙ୍କ କଳ୍ପନାର ବାହାରେ । ତେବେ ବି ଆପଣଙ୍କୁ ଶୂନ୍ୟହସ୍ତରେ ମୁଁ ଯିବାକୁ ଦେଇପାରିବି ନାହିଁ ଉମାକାନ୍ତ ବାବୁ ! ମୋ ଅନୁରୋଧ ଆପଣଙ୍କୁ ରଖିବାକୁ ହେବ ।

ଡକ୍ ସାମନା ରାସ୍ତା ଉପରେ ଠିଆ ହୋଇଥିବା ମୃଣ୍ମୟ ବାବୁଙ୍କ ଗାଡ଼ି ଆଡ଼କୁ ଯାଉ ଯାଉ ମୁଁ କହିଲି : ତୁମ ଅନୁରୋଧ ମୁଁ ରଖିବି ଗୋଟିଏ ସର୍ତ୍ତରେ । ସାହାଯ୍ୟ କିଛି ମୋର ଦରକାର । ରେଙ୍ଗୁନ ପର୍ଯ୍ୟନ୍ତ ଯିବାପାଇଁ ଜାହାଜର ଖଣ୍ଡେ ଟିକଟ ପାଇଁ ସାମାନ୍ୟ କିଛି ଟଙ୍କା, ତୁମ ମୃଣ୍ମୟଦା'ଙ୍କ କୁଲିଙ୍କ ଭିତରେ ଜଣେ ହୋଇ ଯିବାର ଟିକିଏ ସୁବିଧା···

: ମୃଣ୍ମୟ ଦା, ନିଜେ ଯିବେ । ତାଙ୍କୁ କହିଦେବି ?

: ନା, କିଛି କହିଦେବାର ପ୍ରୟୋଜନ ନାହିଁ । କେବଳ ଖଣ୍ଡେ ଟିକଟ କାଟି ମତେ ତାଙ୍କ କୁଲିଙ୍କ ଗହଣରେ ବସାଇଦେବାର ସୌଜନ୍ୟ—ସେତିକି ଯଥେଷ୍ଟ । କହି ମୁଁ ମନିବ୍ୟାଗଟିକୁ ଫେରାଇନେବା ପାଇଁ ବେଲା ଆଡ଼କୁ ବଢ଼ାଇଦେଲି ।

: ନା. ବ୍ୟାଗ ଆଉ ମୁଁ ଫେରାଇ ନେବି ନାହିଁ । ଆପଣଙ୍କୁ ଜୋର କରି କିଛି ଦେବାର କୌଣସି ଅଧିକାର କ'ଣ ମୋର ନାହିଁ ?

: ଖୁବ୍ ଅଛି । କିନ୍ତୁ ଜଣକ ଉପରେ ଅଧିକାର ବିସ୍ତାର କରିବା ଆଗରୁ ନିଜେ କେତେଦୂର ଅନ୍ୟର ଅଧିକାରକୁ ସ୍ୱୀକାର କରିନେବା ପାଇଁ ପ୍ରସ୍ତୁତ··· ସେକଥା ଆଗେ ବିଚାର କରି ଦେଖିବା ଉଚିତ ।

: ତା ମୁଁ ଦେଖିଛୁ । ମୋ ପାଖରେ ଆପଣଙ୍କ ଅଧିକାର, ତା' କ'ଣ ମତେ ମୁହଁରେ ଖୋଲି କହିବାକୁ ହେବ ?

: ବେଶ୍, ସେଥିପାଇଁ ପ୍ରସ୍ତୁତ ଅଛ ?

: ନିଶ୍ଚୟ ।

: ପରୀକ୍ଷା ଦେଇପାରିବ ?

: ଦରକାର ହେଲେ ତା ବି ଦେଇପାରିବି ।

: ତୁମେ ବିବାହ କର ମିସ୍ ମଜୁମଦାର ! ନାରୀର ସେବା ପ୍ରଥମେ ଗୃହରୁ ଆରମ୍ଭ । ତାପରେ ପୃଥିବୀର ବାହାରେ ବିଶ୍ୱଜୀବନର ବୃହତ୍ତର ସମାଜରେ । ପ୍ରେମିକାଟିଏ ନାରୀର ଏକମାତ୍ର ପରିଚୟ ନୁହେଁ । ଗୃହିଣୀ ଆଉ ଭଗିନୀ ହେବାରେ ବୋଧହୁଏ ନାରୀଜନ୍ମର ଚରମ ସାର୍ଥକତା । ପ୍ରେମିକା ଭାବରେ ତୁମର ନିଷ୍ଠା ଜଣକୁ ହୁଏତ ପ୍ରେମିକ-ସମ୍ରାଟ କରିପାରେ; କିନ୍ତୁ ଗୃହିଣୀ ଆଉ ଭଗିନୀ ହିସାବରେ ତୁମର ତ୍ୟାଗ ଆଉ ସେବା ବିଶ୍ୱଜୀବନକୁ କରିବ ଅମୃତମୟ···କହୁ କହୁ ମୋ ଗଳା ବାଷ୍ପରୁଦ୍ଧ ହୋଇଆସିଲା ।

କଥା ଲହରରେ କେତେବେଳେ ଗାଡ଼ି ପାଖକୁ ଆସି ଯାଇଥିଲୁ ଖିଆଲ ନାହିଁ । ଡକ୍ଟର ମୃଣ୍ମୟ ବାବୁଙ୍କ ସାଙ୍ଗରେ ଧରି ଚନ୍ଦନା ଦେବୀ ପାଖକୁ ଲଗିଆସି ପଚାରିଲେ—କିଛି ଖାଇଲେ···?

ବେଲି କହିଲା : ଭାତ କୃଷ୍ଣ ଦୁର୍ଗା ହେଲା ନାହିଁ ।

: କିନ୍ତୁ ମୋ ପେଟ ପୂରିଯାଇଛି ଚନ୍ଦନା ନୂଆବୋଉ ! ଜୀବନରେ ବୋଧହୁଏ ପେଟଭରି ଖାଇବାର ଏତେବଡ଼ ତୃପ୍ତି ମୁଁ ଆଉ କେବେ ପାଇନି !

ଆଶ୍ଚର୍ଯ୍ୟରେ ମୋ ମୁହଁକୁ ଚାହିଁଲେ ଚନ୍ଦନା ଦେବୀ । ମୃଣ୍ମୟ ବାବୁ ପଚାରିଲେ : କିଛି ନ ଖାଇ ପେଟ ପୂରିଯିବାର ତୃପ୍ତି···ସେ କ'ଣ ଉମାକାନ୍ତ ବାବୁ ।

: ଆପଣ ବୁଝିପାରିବେନି । ମୁଁ କହିଲି—ବୁଝିବେ ଚନ୍ଦନା ନୂଆବୋଉ । କହି ବେଲିର ହାତଟି ନେଇ ମୁଁ ଚନ୍ଦନାଙ୍କ ହାତରେ ଧରେଇଦେଇ କହିଲି—ଏ ଅନ୍ନପୂର୍ଣ୍ଣାଙ୍କ ହାତ ନୂଆବୋଉ, ଏ ହାତ ଗୋଳା ବାରୁଦରେ ନିଆଁ ଲଗେଇ ଧ୍ୱଂସ କରିବା ପାଇଁ ନୁହେଁ । ଏ ଅମୃତହସ୍ତା କଲ୍ୟାଣମୟୀଙ୍କର, ଜନ୍ମ ମୃତ୍ୟୁକୁ ସଞ୍ଜୀବିତ କରିବା ପାଇଁ···କହି ଟିକିଏ ରହିଯାଇ କହିଲି—କାଲି ଅପରାହ୍ଣରେ ଏ ଦୁର୍ଦ୍ଧର୍ଷ ଝିଅଟି ମୋ ଛଡ଼ା ଆଉ କାହା କଥା ମାନିବ ନାହିଁ ବୋଲି ଆପଣ ଅଭିଯୋଗ କରୁଥିଲେ; କିନ୍ତୁ ଆଜି ସେ ସୁନା ଝିଅଟି ପରି କେମିତି ବିନମ୍ରା ହୋଇ-ଉଠିଛି ଆପଣଙ୍କ ପାଖରେ, ଥରେ ପରୀକ୍ଷା କରି ଦେଖନ୍ତୁ ତ !

: ତା' ତ ଦେଖିବ; କିନ୍ତୁ ସେ ପରୀକ୍ଷାର ଫଳ ଜାଣିବା ପାଇଁ ତୁମେ ଅପେକ୍ଷା କରିବ, ମତେ କଥା ଦିଅ । କହି ଅଶ୍ରୁଳ ଆବେଗରେ ମୋ ହାତକୁ ଧରି ପକେଇଲେ ଚନ୍ଦନା ଦେବୀ ।

: ନା, ତା ପାରିବି ନାହିଁ ନୂଆବୋଉ ! ମତେ ଯିବାକୁଇ ହେବ । ହେଲେ, କଥା ଦେଇ ଯାଉଛି, ବଞ୍ଚିଥିଲେ ଦିନେ ନା ଦିନେ ନିଶ୍ଚୟ ଫେରିଆସିବି । ଫେରିଆସିବି ମୋ ସ୍ନେହମୟୀ ଭଗିନୀର ସୀମନ୍ତ ସିନ୍ଦୂର ଟୋପାରେ ଗୃହିଣୀ ଜୀବନର ଦୀପ୍ତ ଐଶ୍ୱର୍ଯ୍ୟ ଦେଖିବା ପାଇଁ ।

ଗଳବସ୍ତ୍ର ହୋଇ ମୋ ପାଦରୁ ଧୂଳି ନେଇ ନେଲି ମୁଣ୍ଡରେ ମାରିଲି । ତା ପରେ ଚନ୍ଦନା ଦେବୀ ଆଉ ମୃଣ୍ମୟ ବାବୁଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରି ଉଠି ଛିଡ଼ା ହେଲି ।

ଗୋଟାଏ ଉଦ୍‌ଗତ ଅଶ୍ରୁର ଉଚ୍ଛ୍ୱାସକୁ ଚାପିରଖିବା ପାଇଁ ପ୍ରାଣାନ୍ତକ ଚେଷ୍ଟାକରି ଉଦ୍‌ଭ୍ରାନ୍ତଙ୍କ ପରି ଜଟ୍ ଆଡ଼େ ଏକମୁହାଁ ହୋଇ ଛୁଟିଗଲି ।

॥ ୨୭ ॥

ବଙ୍ଗୋପସାଗରର ତରଙ୍ଗାୟିତ ବକ୍ଷ ଉପରେ ଦୋଦୁଲ୍ୟମାନ ଜାହାଜର ଗଢିଛନ୍ଦ ସହିତ ଭାବନା-ବିକ୍ଷୁବ୍ଧ ପ୍ରାଣର କଳ୍ପନା ନେଇ ଦୁଇ ଦିନ ଦୁଇ ରାତି ପରେ ରେଙ୍ଗୁନର ବିରାଟ ବନ୍ଦରରେ ଯେତେବେଳେ ଆସି ପହଞ୍ଚିଲି, ସେତେବେଳେ ମନେ ହେଲା, ବିଶାଳ ପୃଥିବୀର ପରିବ୍ୟାପ୍ତି ଭିତରେ ଅନୁଶୋଚନାର ଅବକାଶ କାହିଁ ? ପ୍ରକୃତିର ଅପରନ୍ତ ଲୀଳା ଉତ୍ସବ ଯେ ଚାରିଆଡ଼େ ! ଯେତେଦୂରକୁ ଦୃଷ୍ଟି ପଡ଼ୁଛି ଦେଖା ଯାଉଛି ଉଦ୍ଦାମ ପ୍ରାଣର ଚଞ୍ଚଳତାରେ ସମସ୍ତ ଦୃଶ୍ୟମାନ ଜଗତ ଅଗ୍ନିମୂର୍ତ୍ତି । ଏଠି ଆଘାତରେ ଭାଙ୍ଗିପଡ଼ି ନ ପାଇବାର ଗ୍ଲାନି ଭିତରେ ସାରା ଜୀବନ ଧରି କାନ୍ଦିବାର ସ୍ଥାନ କାହିଁ ? ଜୀବନ ଯେ ଏଠି ମୃତ୍ୟୁଞ୍ଜୟୀ ! ଧ୍ୱଂସର ସ୍ତୂପ ଉପରେ ନୂତନ ସୃଷ୍ଟିର ପ୍ରାଣ ପ୍ରତିଷ୍ଠା ପାଇଁ ଏଠି ଯେ ଅବିରାମ ଚାଲିଛି ଗଢ଼ିତୋଳିବାର ପ୍ରଚେଷ୍ଟା ! କଳ୍ପନାର କୋଣାର୍କରେ ମୂର୍ତ୍ତି ମାରିବା ପାଇଁ ଏଠି ଯେ ଶିଳ୍ପୀ ଧରମା ପରି ଲକ୍ଷ ଲକ୍ଷ ପ୍ରାଣ ସାଧନାର ବଳିଷ୍ଠ ଶପଥରେ ଅସ୍ଥିର ଉନ୍ମାଦ !

ପ୍ରାଣପ୍ରାଚୁର୍ଯ୍ୟର କି ଉଦ୍ଦାମ ସ୍ଫୁରଣ ! ବଞ୍ଚିବାର କି ଦୁର୍ବାର ଅଭିଳାପ୍ସା- ଦେଖି ଦେଖି ଭାବନାର ଉତ୍ତେଜନାରେ ମୋର ସମସ୍ତ ଦେହ ରୋମାଞ୍ଚିତ ହୋଇ

ଉଠିଲି । ଯେପରି ମନେହେଲା···ମହାଜୀବନର ସଂଘର୍ଷମୁଖର ଜୟଯାତ୍ରା ମତେ ତୂର୍ଯ୍ୟନିନାଦରେ ଆହ୍ୱାନ କରୁଛି ପ୍ରାଣ ସ୍ରୋତର ଉଦ୍ଦାମ ତରଙ୍ଗ ଉପରକୁ ଦୁର୍ଦ୍ଦମ ଉତ୍ସାହରେ ଡେଇଁପଡ଼ିବା ପାଇଁ ! ମୋ ଭିତରେ ମୁଁ ଯେପରି ଏକ ଅଜ୍ଞାତ ପ୍ରେରଣାର ଉତ୍ତାପ ଅନୁଭବ କଲି । ତା'ପରେ ଜାଲତର ଲକ୍ଷ୍ୟବଦ୍ଧ ମୃଗ ପରି ଲମ୍ଫ ଦେଇ ଛୁଟି ନିଶ୍ଚିହ୍ନ ହୋଇଗଲି ରେଙ୍ଗୁନ ରାଜପଥର ଜନକୋଳାହଳ ଭିତରେ ।

ସ୍ୱର୍ଗ ଦିନ ତଳେ ବେଲାକୁ କହିଆସିଛି, କେବଳ ପ୍ରେମିକା ହେବାର ନାରୀଜୀବନର ଶେଷ ପରିଣତି ନୁହେଁ ! ଏ ଆଦର୍ଶର ଉପଦେଶ କ'ଣ କେବଳ ବେଲା ପାଇଁ ? ମୋ ନିଜ କଥା କ'ଣ ସେଇ ଦୃଷ୍ଟିରୁ ମୋର ବିଚାରକରି ଦେଖିବାର ନୁହେଁ ! ଆରତିକୁ ଭଲ ପାଇଛି । ତାକୁ ଏ ଜୀବନରେ ପାଇଲି ନାହିଁ । ତା' ବୋଲି ତାରି ବିଚ୍ଛେଦରେ ବିରହଦଗ୍ଧ ପ୍ରାଣ ନେଇ କେବଳ ଝୁରୁ ପ୍ରେମିକ ପରି ହାଇ- ହାଇ କରି ଅଶ୍ରୁ ଢାଳିବା କ'ଣ ମୋ ଜୀବନର ଶେଷ ପରିଣତି ? କାହିଁକି ? ମତେ ନ ପାଇ ଆରତି ତ ଆତ୍ମହତ୍ୟା କରି ମରି ନାହିଁ ? ସେ ତ ପୁଣି ଅସିତକୁ ବିବାହ କଲା ! ଅସିତର ମୃତ୍ୟୁ ପରେ ବି ସେ ପଳାତକା ! ସେ ଇହଜଗତରେ ବଞ୍ଚି ନାହିଁ, ଏକଥା କିଏ ଭାବୁଛି କାହିଁକି ? ହୁଏତ ସେ ରହିଛି ଦୈନନ୍ଦିନ ଜୀବନର ସଂଘର୍ଷ ଭିତରେ—ତା ଭଙ୍ଗା ପ୍ରାଣର ପୋଡ଼ାଭୂଇଁ ଉପରେ ନୂତନ ଜୀବନର ସବୁଜ ବଗିଚା ତିଆରି କରିବାରେ ଲାଗିପଡ଼ିଛି ! ହୁଏତ ସବୁ ହରିଣୀର ଦୀର୍ଘଶ୍ୱାସ ଭିତରେ ଅନାଗତ ବସନ୍ତର ମଳୟସ୍ପର୍ଶ ଅପେକ୍ଷାରେ ଆଶା ବାନ୍ଧି ବସିଛି ! ମତେ ଖୋଜି ବୁଲୁଛି । କିଏ ଜାଣେ ହୁଏତ ଦିନେ ନା ଦିନେ ମତେ ସେ ଏଇ ପୃଥିବୀର ବନ୍ଧୁର ଦୁର୍ଗମ ପଥର କିଛିକ ଉପରେ ହଠାତ୍ ଆବିଷ୍କାର କରି ଆନନ୍ଦରେ ଚିତ୍କାର କରିଉଠିବ ! କିଏ ଜାଣେ ? ବଞ୍ଚିଥିଲେ ସବୁ ସମ୍ଭବ !! କାହିଁକି ବା ଭାବୁଛି ଆଜିର ଏ ପ୍ରଭାତ, ପୃଥିବୀର ଶେଷ ପ୍ରଭାତ ? ଗୋଟିଏ ରାତିର ଅନ୍ଧକାର ଭିତରେ କ'ଣ ମହାଜୀବନର ମୃତ୍ୟୁ ? ସୃଷ୍ଟିର ଆଦିମକାଳରୁ କେତେ ସହସ୍ର ଲକ୍ଷ ରାତି ଆସିଗଲାଣି, କେତେ ଦୁଃଖ···କେତେ ହାହାକାର···କେତେ ଲକ୍ଷାଧିକ ପ୍ରାଣର ଜ୍ୱାଳାକୁ ଉପଶମ କରି ଆସୁଛି ତ ପ୍ରତିଦିନର ନୂତନ ସୂର୍ଯ୍ୟୋଦୟ ! ଆଲୋକର ଶଙ୍ଖଚିଲ ଢାଳିଦେଇ ଯାଉଛି ତ ବଞ୍ଚିବାର ସୁନେଲି ବାର୍ତ୍ତା ! ମୋ ଦୁଃଖ କ'ଣ ସବୁଦିନ ଥିବ ? ଏ ବିଶାଳ ପୃଥିବୀରେ ମୋ ପାଇଁ ବଞ୍ଚିବାର ଅବଲମ୍ବନ କ'ଣ ଆଉ କିଛି ନାହିଁ ? ନା, ନା···ମୋ ଭାଗ୍ୟର ପରିବର୍ତ୍ତନ ନିଶ୍ଚୟ ହେବ । ଅଦୃଷ୍ଟର ପରିହାସ ମୋ ପାଇଁ ଶେଷ ବିଚାର ନୁହେଁ । ତା'ର ବି ପୁନର୍ବିଚାର ହେବନି ହେବ । ମତେ ବଞ୍ଚିରହିବାକୁ ହେବ । ମୁଁ ବଞ୍ଚି ରହିବି ସମୟର ସମସ୍ତ ଘାତ-ପ୍ରତିଘାତ ଭିତରେ । ମୋ ଭିତରେ ଯେ ଅସୀମ ଚେତନାର ପ୍ରାଣତରଙ୍ଗ !!

ଏ ସୃଷ୍ଟିରେ ମୁଁ କ୍ଷୁଦ୍ର ହେଲେ ବି ତୁଚ୍ଛ ନୁହେଁ । ମୁଁ ସାମାନ୍ୟ ହେଲେ ବି ଅବହେଳିତ ହୋଇ ରହି ନ ପାରେ । ମୁଁ ପ୍ରଥମେ ମଣିଷ···ତାପରେ ପ୍ରେମିକ । ମଣିଷ ହୋଇ ଆଗେ ମୁଁ ବଞ୍ଚେ···ତା'ପରେ ଦେଖିବି ଅପ୍ରେମିକ ହୋଇ ବି ମୁଁ ସୃଷ୍ଟିରେ ମୋ ଦାବୀ ସାବ୍ୟସ୍ତ କରିପାରୁଛି କି ନାହିଁ ? ଅନ୍ୟାୟ ବିରୁଦ୍ଧରେ ମୋ ବଜ୍ରମୁଷ୍ଟିର ଆଘାତ ଦେଇପାରୁଛି କି ନାହିଁ ?

ହଠାତ୍ ଗୋଟାଏ କି ବିକଟ ଶବ୍ଦ !

ମୋ ଦେହକୁ ଘଷିହୋଇ ପର ଗୋଟାଏ ମଟର ବ୍ରେକ୍ ଦେଇ ଛିଡ଼ା ହୋଇଗଲା । "ଉମାକାନ୍ତ ବାବୁ ?" ମୃଣ୍ମୟ ବାବୁ ଚିତ୍କାର କରି ଉଠିଲେ— ଏ କ'ଣ, ପାଗଳଙ୍କ ପରି ଛୁଟି ଆସି ଆପଣ ଏଠି ରାସ୍ତା ମଝିରେ ? କ'ଣ ହୋଇଛି ଆପଣଙ୍କର ?

ମୁଁ ଆତ୍ମସ୍ଥ ହେଲି । କହିଲି, କାହିଁ କିଛି ହୋଇ ନାହିଁ ତ !

: ଆପଣ ପଳେଇ ଆସିଲେ ଯେ ?

: ସେଇ ସର୍ତ୍ତରେ ତ ମୁଁ କଲିକତାଠି ଜାହାଜରେ ଚଢ଼ିଥିଲି ! ଦୁଇ ଦିନ ଦୁଇ ରାତି ଆପଣଙ୍କ ସାଙ୍ଗରେ ପାଖରେ ବସି ଆସିଲି । କାହିଁ ପଦେହେଲେ ତ କଥା ବାର୍ତ୍ତା ହୋଇ ନାହିଁ ଆପଣଙ୍କ ସାଙ୍ଗରେ ! ରେଙ୍ଗୁନରେ ଜାହାଜ ଲାଗିଲେ ଆପଣ ମତେ ଅଯଥା ବିରକ୍ତ କରିବେ ନାହିଁ—କୌଣସି ରକମର ସମ୍ପର୍କ ରଖିବାକୁ ବାଧ୍ୟ କରିବେ ନାହିଁ—ଯାହା ବି ମୁଁ ନେଲିର ସାହାଯ୍ୟ ଗ୍ରହଣବେଳେ ସର୍ତ୍ତ କରିଥିଲି । ସେଇ ଅନୁସାରେ ଜାହାଜରୁ ଓହ୍ଲେଇ ମୋ ଗନ୍ତବ୍ୟପଥ ମୁଁ ଧରିଛି···

: ସେଥିରେ ମୁଁ ବାଧା ଦେବି ନାହିଁ । ତା ବୋଲି ଦୁଇ ଦିନ ପରେ ଜାହାଜରୁ ଓହ୍ଲେଇଲେ, ଆଗେ ଚାଲନ୍ତୁ···ଖାଇପିଇ ସୁସ୍ଥ ହେବେ । ତାପରେ ଯାହା ଉଚିତ ମନେ କରିବେ···! ହଁ, କଥା ମଝିରେ ହଠାତ୍ ରହିଯାଇ କହିଲେ ମୃଣ୍ମୟ ବାବୁ, ଆସନ୍ତୁ ଆସନ୍ତୁ ଆପଣଙ୍କୁ ପରିଚୟ କରାଇ ଦିଏ···କହି ଗାଡ଼ି ଭିତରକୁ ଚାହିଁବା ପାଇଁ ନିର୍ଦ୍ଦେଶ ଦେଇ କହିଲେ—ମିଃ ଚ୍ୟାକନ୍ ବାର୍ଡ ! ମୋ ବ୍ୟବସାୟର ଫାଇନାନ୍‌ସିଂ ପାର୍ଟନର ।

ମୁଁ ନମସ୍କାର କଲି ।

: ଗୁଡ଼ ମର୍ଣ୍ଣିଂ । ଇଂରାଜୀରେ କହିଲେ ମିଃ ବାର୍ଡ ।

: ମିଃ ବାର୍ଡ ମୋ ଅପେକ୍ଷା ଆହୁରି ଭଲ ଓଡ଼ିଆ କହିପାରନ୍ତି । କହିଲେ ମୃଣ୍ମୟ ବାବୁ । ଆପଣଙ୍କ ଦେଶ ଲୋକଙ୍କ ସହିତ ବର୍ଷ ବର୍ଷ ଧରି କାମ କରି ସେ ଚମତ୍କାର ଓଡ଼ିଆ ଶିଖି ନେଇଛନ୍ତି ।

: ଓଡ଼ିଆ ଶିଖିବାର ବାହାଦୁରି କେବଳ ମୋର ନୁହେଁ…ଆପଣଙ୍କ ଦେଶ ଲୋକଙ୍କର ବର୍ମୀ ଶିଖିବାର ବୁଦ୍ଧି ବି ବିଚକ୍ଷଣ କହି ମୃଣ୍ମୟ ବାବୁଙ୍କ ଆଡ଼କୁ ଚାହିଁ ପୁଣି କହିଲେ—ଆପଣ ଏତେ ବର୍ଷ ବର୍ମାରେ ରହି ଆମ ଭାଷା ଭଲ ଭାବରେ କହିପାରୁ ନାହାନ୍ତି…ଅଥଚ ଦେଖୁଛନ୍ତି ତ ଓଡ଼ିଆମାନେ କି ସ୍ୱାଚ୍ଛନ୍ଦ ଭାବରେ ଆମ ଭାଷା କହନ୍ତି !

ଜଣେ ବର୍ମୀଙ୍କ ମୁହଁରୁ ଓଡ଼ିଆ ପୁଅର ଦକ୍ଷତା ସମ୍ବନ୍ଧରେ ପ୍ରଶଂସା ଶୁଣି ମୋ ଛାତି ଗର୍ବରେ ଫୁଲି ଉଠିଲା । ତାଙ୍କ ଆଡ଼କୁ ଆଗ୍ରହରେ ନିରୀକ୍ଷଣ କରି ଦେଖିଲି—ଉଜ୍ଜ୍ୱଳ ଗୌରବର୍ଣ୍ଣର ବଳିଷ୍ଠ ଚେହେରା । ତୀକ୍ଷ୍ଣ ନାସା, ପ୍ରଶସ୍ତ ଲଲାଟ, ବୁଦ୍ଧିଦୀପ୍ତ ଚକ୍ଷୁର ତାରକାରେ ଉଦାର ମନର ପ୍ରଶାନ୍ତ ତେଜ । ବିନମ୍ର ଭଙ୍ଗୀରେ ଆଉଥରେ ପ୍ରଣାମ କଲି ।

: ଏ କ'ଣ ? ଥରେ ନମସ୍କାର କରିଥିଲେ ନା ?

: ହଁ ।

: ପୁଣି ଥରେ କାହିଁକି ?

: ଆପଣଙ୍କ କଥା ଭାରି ଭଲ ଲାଗିଲା । ଏ ସୁଦୂର ବର୍ମାରେ…ଓଡ଼ିଆ ଜାତି ପ୍ରତି ଜଣେ ବର୍ମିଜ୍‌ର ଏପରି ଆନ୍ତରିକ ପ୍ରଶଂସା—ମତେ ବାସ୍ତବିକ ଅଭିଭୂତ କରିଛି ।

: ହୋ ହୋ କରି ହସିଉଠିଲେ ମି: ବାଓ । କହିଲେ, ଆପଣ ବଡ଼ ସେଣ୍ଟିମେଣ୍ଟାଲ ମନେ ହେଉଛନ୍ତି ! ଆଚ୍ଛା, ବସନ୍ତୁ ଗାଡ଼ି ଭିତରେ । ମୃଣ୍ମୟ ବାବୁଙ୍କ ସହିତ ଆପଣଙ୍କର କୌଣସି ସମ୍ପର୍କ ରହି ନ ପାରେ; କିନ୍ତୁ ମୋ ସହିତ ?

: ନା, ଆପଣଙ୍କ ସହିତ ବି ନୁହେଁ ।

: କାରଣ ?

: କାରଣ ଆପଣଙ୍କ ସହିତ ସମ୍ପର୍କ ରହିଲେ ମୃଣ୍ମୟ ବାବୁଙ୍କ ସହିତ ବି ରହିବ ପ୍ରକାରାନ୍ତରେ ।

: ନା, ରହିବ ନାହିଁ ।

: କେମିତି ବିଶ୍ୱାସ କରିବି ? ମୁଁ କହିଲି ।

: ବିଶ୍ୱାସ କରିବାକୁ ହୁଏ । ସମାଜ ଭିତରେ ଜଣେ ହୋଇ ରହିଲେ ଅପରିଚିତ ସହିତ ସମ୍ବନ୍ଧ ସ୍ଥାପନ କରିବାକୁ ହୁଏ । ଏ ବିଶାଳ ସୃଷ୍ଟି ଗଢ଼ି ଉଠିଛି ଅଜଣାକୁ ଜାଣିବାରେ, ଅପରିଚିତକୁ ବିଶ୍ୱାସ କରିବାରେ । ତା ନ

ହେଲେ ଆପଣ ଯେ ପାହୁଣ୍ଡେ ଆଗେଇ ପାରିବେ ନାହିଁ । ଏ ବିରାଟ ରେଙ୍ଗୁନ୍ ସହରରେ ଆପଣଙ୍କୁ ଜଣେ କାହାକୁ ତ ପ୍ରଥମେ ବିଶ୍ୱାସ କରି କେଉଁଠି ମୁଣ୍ଡ ଗୁଞ୍ଜି-ବାକୁ ହେବ ? ତେବେ କ୍ଷତି କ'ଣ ମୁଁ ଯଦି ପ୍ରଥମ ସୌଭାଗ୍ୟବନ୍ତ ପୁରୁଷ ହୁଏ ଆପଣଙ୍କୁ କିଛି ବିଶ୍ୱାସ ଦେବା ପାଇଁ ?

: ସାର୍ ! ମୁଁ କୃତଜ୍ଞତାପୂର୍ଣ୍ଣ ଗଳାରେ କହିଲି ।

: ନୋ ସାର୍ ! ବସନ୍ତୁ ଆପଣ ଗାଡ଼ି ଭିତରେ । ଯଦି ଆପଣଙ୍କର ଦ୍ୱିତୀୟ ଥର ପାଇଁ ମୃଣ୍ମୟ ବାବୁଙ୍କ ସହିତ ଦେଖା ହୋଇଛି ମୋ ଚଳନ୍ତି ଜଗତର ପରିଧି ଭିତରେ, ତା'ହେଲେ ସେଇ ମୁହୂର୍ତ୍ତରେ ଆପଣ ମତେ ଛାଡ଼ିଯିବେ । ହେଲା ?

: ଆଜ୍ଞା ! କାର୍‌ର କବାଟ ଖୋଲି ମୁଁ ପଛ ସିଟ୍‌ରେ ବସିଲି ।

ଗାଡ଼ି ଆସି ଠିଆହେଲା ଗୋଟିଏ ଦ୍ୱିତଳ ପ୍ରସାଦର ଫାଟକ ପାଖରେ । ତାପରେ ମିଃ ବାଓ ବର୍ମ୍ମୀ ଭାଷାରେ କ'ଣ କହିଲେ କେଜାଣି, ମୃଣ୍ମୟ ବାବୁ ଆଗ ସିଟ୍‌ର ଦୁଆର ଖୋଲି ତଳକୁ ଓହ୍ଲେଇଗଲେ ।

: ମୁଁ ଏଇଠି ରହୁଛି ଉମାକାନ୍ତ ବାବୁ ! ମୋ ସାଙ୍ଗରେ ଆପଣ ତ ଆଉ ଦେଖା କରିବାକୁ ଚାହାନ୍ତି ନାହିଁ । ତେବେ ବି ମୋ କାର୍ଡ଼ ରଖିଥାନ୍ତୁ, ଯଦି କେବେ ଦରକାର ମନେ କରିବେ…କହି ମୋ ହାତକୁ ଖଣ୍ଡେ ଛପା ଭିଜିଟିଙ୍ଗ୍ କାର୍ଡ଼ ବଢ଼େଇଦେଇ ମୃଣ୍ମୟ ବାବୁ ନମସ୍କାର କଲେ ।

ପ୍ରତି-ନମସ୍କାର ଜଣାଇବାକୁ ଯାଇ ମୋ ଅଜାଣତରେ ଆଖି ଛଳ ଛଳ ହୋଇଆସିଲା ।

ଗାଡ଼ିରେ ପୁଣି ଷ୍ଟାର୍ଟ ଦେଇ ଧୀର ମନ୍ଥର ଗତିରେ ରାସ୍ତା ଉପରକୁ ନେଇ କହିଲେ ମିଃ ବାଓ—ମୃଣ୍ମୟ ବାବୁ ରହିଲେ ଅଫିସ୍‌ରେ । ଜାହାଜରୁ ଓହ୍ଲେଇ କୁଲିମାନେ ଏଇଠିକି ଆସିବେ । ଚାଲନ୍ତୁ ମୁଁ ଆପଣଙ୍କୁ ନେଇଯିବି ମୋ ବଗିଚା ଘରକୁ । ସେଠି କିଛିଦିନ ଆପଣ ବିଶ୍ରାମ କରି ସ୍ଥିର ମନରେ କର୍ମ୍ମପନ୍ଥା ଠିକ୍ କରିବେ ।

: କେତେ ଦୂର ଏଠିକି ?

: ବେଶୀ ନୁହେଁ । ଦେଢ଼ମାଇଲ୍ ହେବ ।

ମଟର ଭିତରୁ ରେଙ୍ଗୁନର ପ୍ରଶସ୍ତ ରାଜପଥ ଆଡ଼େ ଅନେଇଲି । ଦିନ ଏଗାରଟା ପ୍ରାୟ । କର୍ମ୍ମବ୍ୟସ୍ତତାରେ ସମସ୍ତ ସହର ଚଞ୍ଚଳ ହୋଇଉଠିଛି । ରାସ୍ତାର ଦୁଇପାଖେ ସୁଦୃଶ୍ୟ କୋଠାର ଧାଡ଼ି ! ଫୁଟ୍‌ପାଥ୍ କଡ଼କୁ ଦୂରଛଡ଼ା ହୋଇ ବଡ଼ ବଡ଼ ଗଛର ଛଙ୍କାଳିଆ ସବୁଜ ମାଧୁରୀ । ରୌଦ୍ରଦୀପ୍ତ ଆକାଶ ।

ବ୍ରିଟିଶ ସାମ୍ରାଜ୍ୟର ଆଧୁନିକ ସଭ୍ୟତା ମାଟି ଆଉ ଆକାଶ ଭିତରେ ଦୃଶ୍ୟମାନ ପୃଥିବୀର ସବୁକିଛି ଉପରେ ଛାଲି ଦେଇଛି ତା' ରୁଚି-ଉଜ୍ଜ୍ୱଳ ସୌନ୍ଦର୍ଯ୍ୟବୋଧର ଆଭିଜାତ୍ୟ ସମ୍ପଦ !

ଏଠି ଲୋକମାନଙ୍କର ବେଶଭୂଷା ଯେତିକି ବିଚିତ୍ର, ସେତିକି ସୁନ୍ଦର । ପୁରୁଷଙ୍କ ଅଣ୍ଟା ଉପରେ ଘେରଆ ହୋଇ ପିନ୍ଧା ଚିତ୍ର ବିଚିତ୍ର ରଙ୍ଗ ବେରଙ୍ଗର ଲୁଙ୍ଗି ଆଉ ଦେହରେ ଝିଲମିଲ କନାର ଖଣ୍ଡେ ଖଣ୍ଡେ ଫତୁଆ । ମୁଣ୍ଡରେ ସିଲ୍କ କନାର ବଡ଼ ରୁମାଲଟିଏ ଚଉଡ଼ା ହୋଇ ଗୁଡ଼ାହୋଇ କାନର ଗୋଟାଏ ପାଖକୁ ଫାଶ ପଡ଼ି ଗଣ୍ଠିଆ ହୋଇଛି । ଆଉ ସ୍ତ୍ରୀମାନଙ୍କର ପିନ୍ଧା ଢିଲା ପାଇଜାମା ଉପରେ ଚକ୍‌ମକ୍ କନାର ଜ୍ୟାକେଟ । ବେକରେ ପଥରର ମାଳ । କାନରେ ପଥରବସା ସୁନାର ଫୁଲ । ମୁଣ୍ଡରେ ଓଢ଼ଣା ନାହିଁ । କାହାର ବାଳ ବେଣୀ ପଡ଼ିଛି ତ କାହାର ବବ ହୋଇ ଦି କାନ୍ଧ ଉପରକୁ ଝୁଲି ରହିଛି । ଗୋଡ଼ରେ ଜୋତା । ହାତରେ ସମସ୍ତଙ୍କର ନାଲି, ହଳଦୀ ବା ବାଇଗଣୀ ରଙ୍ଗର ଛତା । ଖରା ତାତିରୁ ରକ୍ଷା ପାଇବା ପାଇଁ କି ସେ ଏକ ଦେଶଗତ ଫେସନ୍, କିଛି ବୁଝିପାରିଲି ନାହିଁ ।

ପୋଷାକ-ଆବୃତ ଦେହର ବାକି ଯେଉଁ ଅଂଶତକ ଆଖିରେ ପଡ଼େ ତା' ଭିତରେ ପ୍ରଧାନ ହେଲା ମୁହଁ ଆଉ ହାତର କିଛି ଅଂଶ । ସମସ୍ତଙ୍କ ବର୍ଣ୍ଣ ପ୍ରାୟ ଉଜ୍ଜ୍ୱଳ ଗୌର । ମୁହଁର ଗଠନ କାହାର ଗୋଲ, କାହାର ବା ଚେପ୍‌ଟା । ମୁହଁର ଗଢ଼ଣ ତୁଳନାରେ ଆଖି ଦୁଇ ଛୋଟ । କିନ୍ତୁ ସେଇ ଛୋଟ ଛୋଟ ଆଖି ଭିତରେ ମିଞ୍ଜି ମିଞ୍ଜି ହୋଇ ଖେଳୁଥିବା ତାରା ଦୁଇଟି ସତେ ଯେପରି ଆଲୋକର ବିନ୍ଦୁ !

ସଦର ରାସ୍ତାରୁ ଡାହାଣ ପଟକୁ ବଙ୍କେଇ ଯାଇଥିବା ଅପେକ୍ଷାକୃତ ଗୋଟିଏ ସଙ୍କୀର୍ଣ୍ଣ ରାସ୍ତା ଆଡ଼କୁ କାର୍ ବୁଲେଇନେଇ ମିଃ ବାଓ କହିଲେ, ଆପଣ ଚୁପ୍ ହୋଇ ବସିଛନ୍ତି ଯେ ! କ'ଣ ଭାବୁଛନ୍ତି ମନେ ମନେ ?

: ନା, କିଛି ଭାବୁ ନାହିଁ । ଦେଖୁଛି, କି ଚମତ୍କାର ସହର !

: ଏଇ ସାମାନ୍ୟ ଅଂଶ ଟିକିଏ ଦେଖି ଏତେବଡ଼ ସାର୍ଟିଫିକେଟ ଦେଇ-ବସିଲେ ରେଙ୍ଗୁନ୍‌କୁ ?

: ସାର୍ଟିଫିକେଟ୍ ଦେଲେ ସାମାନ୍ୟ ଟିକିଏ ଦେଖିବାକୁ ହୁଏ । ସମୁଦାୟଟା ଦେଖି ଯେଉଁ ମତ ବନିଯାଏ, ତା'ର ଅଭିବ୍ୟକ୍ତି 'ଚମତ୍କାର' ଶବ୍ଦରେ ନୁହେଁ··· । କାରଣ ସମୁଦାୟଟା ଦେଖିସାରିଲା ବେଳକୁ ମନ ଭିତରେ ଅସଲ 'ଚମତ୍କାର' ଶବ୍ଦଟା

ଭଲ-ମନ୍ଦ, ସୁନ୍ଦର-ଅସୁନ୍ଦର ପ୍ରଭୃତି ନାନା ବିରୋଧ ମତବାଦ ଭିତରେ ତାର ଯଥାର୍ଥ ଚମତ୍କାରିତା ହଜିଯାଇ ବସିଥାଏ । ଯାହା ଭଲ, ଯାହା ସୁନ୍ଦର, ସେ ତାର ସାମାନ୍ୟ ଟିକକ ଭିତରେ ହିଁ ଭଲ ଆଉ ସୁନ୍ଦର । ଯେ ଭଲ ଲାଗେ, ସେ ପ୍ରଥମରୁ ହିଁ ଲାଗେ ଆଶ୍ଚର୍ଯ୍ୟ ଆଉ ଅପୂର୍ବ । ଶେଷଟା 'ତା ସମଷ୍ଟିଗତ ସମଗ୍ରତାର ସାଫଲ୍ୟ ହୋଇପାରେ; କିନ୍ତୁ ଆରମ୍ଭର "ସାମାନ୍ୟ" ହିଁ ସାର୍ଥକତାର ଆଭାସ···ଆଉ ସେଇଥିପାଇଁ ଦର୍ଶକ ଆଖିରେ ସେଇ ଆଭାସଟିକକ ହିଁ ଲାଗେ ଚମତ୍କାର ।

: ଆପଣ ଜଣେ ସୌନ୍ଦର୍ଯ୍ୟପିପାସୁ କଳାବନ୍ତ ମନେ ହେଉଛନ୍ତି ।

: ମତେ କଳାବନ୍ତ ବୋଲି ଯେଉଁ ଆଖି ଠଉରି ପାରିଛି, ତାହା ନିଶ୍ଚୟ ଜଣେ ସୂକ୍ଷ୍ମଦର୍ଶୀର !

ହୋ-ହୋ କରି ହସିଉଠିଲେ ମିଃ ବାର୍ଓ । ତାପରେ ହଠାତ୍ ଷ୍ଟିଅରିଂ ମୋଡ଼ି ବାଁ ହାତର ଗୋଟିଏ ଗଳି ଆଡ଼କୁ ମଟର ନେଇ ଠିଆ କରାଇଲେ ଗୋଟାଏ ପାଚେରିଘେରା ବଗିଚା ଫାଟକ ଆଗରେ ।

"ବ୍ୟୁଟିଭିଲା"

ଫାଟକ ସାମ୍‌ନାରେ ଗୋଟିଏ ବ୍ରୋଞ୍ଜ ପ୍ଲେଟ ଉପରେ ଲେଖାହୋଇଛି କଳା ଅକ୍ଷରରେ ।

ମଟର ଠିଆ ହେବା ମାତ୍ରେ ଦେଖିଲି, ଜଣେ ଲୋକ ଭିତରୁ ଦୌଡ଼ି ଦୌଡ଼ି ଆସି ଫାଟକର ଗୁବ ଖୋଲିଦେଲା । ତାହା ଲୁହା ଛଡ଼ର ଦୁଇ ଫାଳିଆ ଫାଟକକୁ ହାତରେ ଠେଲିଦେଇ ମଟର ପାଖକୁ ଆସି ମିଲିଟାରି ପ୍ଲିସ୍ ପରି ବୁଟ୍‌ରେ ବୁଟ୍ ବାଡ଼େଇ ସଲାମ ଦେଲା । ଦେଖିଲି, ଲୋକଟି ଖାକି ପୋଷାକ ପିନ୍ଧିଛି । ଚେହେରା ବି ଅନେକଟା ନେପାଳୀ ପରି ।

ଗାଡ଼ି ଭିତରୁ ଓହ୍ଲେଇପଡ଼ି ଫାଟକ ଭିତରକୁ ଗଲିଲି ମିଃ ବାର୍ଓଙ୍କ ପଛେ ପଛେ । ପାଚେରି କଡ଼େ କଡ଼େ ଝଙ୍କାଳିଆ ଡାଳ-ପତ୍ରର ବଡ଼ ବଡ଼ ଗଛ । ବଗିଚା ଭିତରେ କେଉଁଠି ଯେ ଗୋଟାଏ ଦୁମହଲା କୋଠା ତା'ର ଅପୂର୍ବ ନିର୍ମାଣ ଶ୍ରୀ ନେଇ ଗର୍ବିତ ଭଙ୍ଗୀରେ ଠିଆ ରହିଛି, ହଠାତ୍ ବୁଝିବାର ଉପାୟ ନାହିଁ ।

: ବଗିଚାଟା ମୋ ଜେଜେବାପାଙ୍କ ଅମଳର । ଆଗେ ଏଠି ପନିପରିବା ଚାଷ ହେଉଥିଲା । ବାପା ବିଲାତରୁ ଫେରିଆସି ଯା ଚେହେରାକୁ ପୁରାପୁରି ସାହେବି କରି ତୋଳାଇଲେ ! ଆଳୁ, କଦଳୀ, ପିଆଜ, ବାଇଗଣର ଚାଷ ଉଠେଇ ଦିଆଗଲା । ସେ ଜାଗାରେ ଲଗିଲା ଦେଶୀ ବିଦେଶୀ ଫୁଲର ଗଛ — ସ୍ୱୋଇଟ୍‌ପିସ ଲତା, ରଜନୀଗନ୍ଧା, ଗୋଲାପ ଆଉ ଗିଲାଡ଼ୋନା । କହି ମିଃ ବାର୍ଓ ମତେ ଆଗେଇ ନେଇଗଲେ ।

ଯାଉ ଯାଉ ଦେଖିଲି, ବଗିଚାର ପ୍ରଶସ୍ତ ରାସ୍ତା ଦୁ' ପାଖରେ ସବୁଜ ଲନ୍ ଧାରେ ଧାରେ ଲଗିଛି କୋଟନ ଗଛର ଧାଡ଼ି, ଆଉ ମଝିରେ ମଝିରେ ପାନ୍‌ସି ଆଉ କାଲେଣ୍ଡୁଲା ଫୁଲର ବର୍ଣ୍ଣସମାବେଶ। ସବୁଜର ଢେଉ ଆଉ ଫୁଲର ଝଲକ ଏକତ୍ର ମିଶି ସମସ୍ତ ବଗିଚାକୁ ଯେପରି ସ୍ୱର୍ଗର ନନ୍ଦନ କାନନ ପରି କରି ତୋଳିଛି ସାର୍ଥକ କଳ୍ପନାର କର୍ମଭୂମି !

: କି ଆଶ୍ଚର୍ଯ୍ୟ ! ମୁଁ ଆନନ୍ଦରେ ଚିତ୍କାର କରିଉଠିଲି···ସାମ୍ନାରେ ସେଇ ଦମହଲା କୋଠାଟା ଇମିତି ଘନ ସବୁଜ ଦେଖାଯାଉଛି କାହିଁକି ?

ହସିଉଠିଲେ ମି : ବାଓ। କହିଲେ, ମାଧବୀଲତା ଆଉ ଝୁରିଅନା ଗଛର ପତ୍ରସମାବେଶରେ ସମସ୍ତ କୋଠାଟିକୁ ଆଚ୍ଛାଦିତ କରାଯାଇଛି। ଦୂରରୁ ଭ୍ରମ ହେବ ସତେ ଯେପରି ସବୁଜ ପ୍ରକୃତି ଏକ ସୁଡ଼ଙ୍ଗ ରଚନା କରି ନିଭୃତିରେ ବସି ଘୁମଉଛି। ଏଇଠି ଆପଣ ରହିବେ। ଜାଗାଟା ପସନ୍ଦ ହେଉଛି ?

କହିଲି, ମୋ ଜୀବନରେ ଏଇ ପ୍ରଥମ ଏପରି ଏକ ଅପୂର୍ବ ରମଣୀୟ ଜାଗାରେ ଆସି ରହିବା।

: ଏଇଠି ନିର୍ଜନ ଶାନ୍ତ ପ୍ରକୋଷ୍ଠ ଭିତରେ ବସି ଆପଣଙ୍କ କର୍ମପଥର ଗତି ନିର୍ଦ୍ଧାରଣ କରିବେ। କହି ମି : ବାଓ କୋଠା ଭିତରକୁ ଯାଇଁ ତାର ଏକ ପ୍ରଶସ୍ତ କକ୍ଷ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲେ, ସେଇଟି ଆପଣଙ୍କ ପାଇଁ। ସବୁ କିଛିର ବ୍ୟବସ୍ଥା ଅଛି। ଖାଇବା-ପିଇବାର ଯୋଗାଡ଼ ସବୁ କରିଦେବ ଏଇ ସାଥୀ—ନେପାଳୀ ଜଓ୍ୱାନ। ଯେମିତି ବିଶ୍ୱସ୍ତ, ସେମିତି କର୍ମଠ।

: ଆପଣଙ୍କ ସହିତ ଆଉ ଦେଖା ହେବ ନାହିଁ ? ମୁଁ ଉତ୍କଣ୍ଠାରେ ପଚାରିଲି।

: ନ ହୋଇପାରେ। ନ ହେଲେ ବି ଆପଣଙ୍କ ଚର୍ଚ୍ଚାରେ କିଛି ଅସୁବିଧା ହେବ ନାହିଁ। ମୁଁ ସୁବିଧା ଦେଖି ଆସିବି। ମୋର ଅନେକ କାମ, ଏଥର ମୁଁ ଯାଏଁ·· କହି ମି : ବାଓ ଆଗକରି ହାତ ଟେକି ମତେ ନମସ୍କାର କଲେ।

ପ୍ରତି-ନମସ୍କାର ଜଣାଇଲି। କିନ୍ତୁ ତା' ସେ ଲକ୍ଷ୍ୟ କଲେ କି ନାହିଁ, ବୁଝିପାରିଲି ନାହିଁ।

ଗଡ଼୍ ଗଡ଼୍ କରି ଚାଲିଗଲେ ମି : ବାଓ। ବାରଣ୍ଡା ଉପରେ ମୁଁ କିଛିକ୍ଷଣ ତାଙ୍କ ଆଡ଼େ ଚାହିଁରହିଲି। ଫାଟକ ବାହାରେ ସେ ମଟରରେ ବସି ଷ୍ଟାର୍ଟ ଦେଇ ଚାଲିଗଲା ପରେ ସେଇ ନେପାଳୀ ଯୁବକ ଫାଟକ ବନ୍ଦ କରି ମୋ ପାଖକୁ ଆସି ସଲାମ ଦେଲା। ପଚାରିଲି, ତୁମ ନାଁ ?

: ଜଙ୍ଗ୍ ବାହାଦୁର୍।

: ଏଇ ବଗିଚ୍ଚାରେ ତୁମେ ରୁହ ?

: ଜୀ !

: ମୁଁ ଭଲ ହିନ୍ଦୀ କହିପାରେନା । ତୁମେ କିନ୍ତୁ ଚମତ୍କାର ହିନ୍ଦୀ କହୁଛ ଦେଖୁଛି ।

: ଜୀ ସରକାର୍ ! ମୁଁ ବିହାରରେ ପିଲାଟି ଦିନରୁ ଥିଲି । କହି ଜଙ୍ଗ ବାହାଦୁର୍ ନଅ ବର୍ଷ ଦିନୁ କିପରି ବିଦେଶ କରିଛି, ଉତ୍ତର-ଭାରତର ବଡ଼ ବଡ଼ ସହର ବୁଲିଛି, କେଉଁଠି ଦରଓ୍ୱାନ ହୋଇଛି, କେଉଁଠି ସିପାହୀ ସାଜିଛି, କେଉଁଠି ଖାନ୍‌ସମା ହୋଇ ଶହ ଶହ ଟଙ୍କା ରୋଜଗାର କରିଛି···ସବୁ ଗୋଟି ଗୋଟି କରି ବଖାଣି ତା ଉଠାପଡ଼ା ଜୀବନର ଅନୁଭୂତ କଥା ଗର୍ବରେ ଛାତି ଫୁଲେଇ ମତେ କହି ଚମତ୍କୃତ କରିଦେଲା ।

ଶାଳୁଆ ରଙ୍ଗ, ପରି ଭେଣ୍ଡିଆ ଟୋକାଟାଏ ଜଙ୍ଗ ବାହାଦୁର୍ । ନାକଟା ସାମାନ୍ୟ ଚେପ୍‌ଟା ହେଲେ ବି ସବୁ ମିଶି ଦିପଟ ତା ମୁହଁକୁ ଆଣି ଦେଇଛି ଏକ ସ୍ପର୍ଦ୍ଧିତ ଭଙ୍ଗୀର ଠାଣି । ଛୋଟ ଆଖି ଦୁଇଟିରୁ ସତେ ଯେପରି କୃତଜ୍ଞତାର ନମ୍ରତା ଝରିପଡ଼ୁଛି ! ମିଠା-କଡ଼ାର ମିଶାମିଶି ଚେହେରାଟି ଖୁବ ଭଲ ଲାଗିଲା ମତେ । ପିନ୍ଧିବା, ଖାଇବା, ଶୋଇବା, ବସିବା ସବୁ କିଛିର ନିପୁଣ ବ୍ୟବସ୍ଥା ଭିତରେ ଦୁଇଟି ଦିନ କୁଆଡ଼େ ବିତିଗଲା ବୁଝିପାରିଲି ନାହିଁ ।

ଜାହାଜ-ଯାତ୍ରାର କ୍ଳାନ୍ତି ଚାଲିଯାଇଛି । ଏଥର ମୋ ଭବିଷ୍ୟତ୍ କର୍ମପନ୍ଥା ସ୍ଥିର ଠିକ୍ କରିବା କଥା ।

ସେଦିନ ସନ୍ଧ୍ୟାରେ ଲନ୍‌ରେ ପଡ଼ିଥିବା ବେତ ଚୌକି ଉପରେ ବସି 'ମେରିଗୋଲ୍ଡ଼' ଫୁଲର ପୁଷ୍ପିତ ସୌନ୍ଦର୍ଯ୍ୟ ଦେଖୁଛି, ଜଙ୍ଗ ବାହାଦୁର ଆସି ସଲାମ୍ ଦେଲା । କହିଲା, ସାହେବ ଆପଣଙ୍କ ପାଇଁ ଗୋଟାଏ ସୁଟ୍ କିଣି ପଠେଇ ଦେଇଛନ୍ତି, ଆଉ ଏ ଚିଠିଟି ଦେଇଛନ୍ତି । ସାହେବଙ୍କ ଖାନାପିନା ଆଜି ଏଇ ବଗିଚାରେ ହେବ । ଆପଣଙ୍କୁ ପଚାରି ଖାନାର ବ୍ୟବସ୍ଥା କରିବାକୁ ହୁକୁମ ହୋଇଛି ।

ଆଶ୍ଚର୍ଯ୍ୟରେ ଚମକି ଉଠିଲି । ମତେ ପଚାରି ସାହେବଙ୍କ ଖାନାପିନାର ବ୍ୟବସ୍ଥା ! ସେ କ'ଣ ବାହାଦୁର୍ ! ମି : ବାଓ୍ୱଙ୍କ ଖାନାର ରୁଚି ସମ୍ବନ୍ଧରେ ମୁଁ କ'ଣ ଜାଣେ ?

ଜଙ୍ଗ୍ ବାହାଦୁର୍ ଟିକିଏ ହସିଲା । କହିଲା, ଆମ ସାହେବଙ୍କର ଅଜବ୍ ଫର୍ମାସ ହଜୁର ! ଏଠିକି ତାଙ୍କର ଯେତେଜଣ ବନ୍ଧୁବାନ୍ଧବ ଆସନ୍ତି ଦିନେ ଦିନେ ସେଇମାନଙ୍କ ମର୍ଜି ଅନୁସାରେ ଖାନା ପ୍ରସ୍ତୁତ ହୁଏ, ଆଉ ସାହେବ ଆସି ଭିନରୁ ଖାଆନ୍ତି ।

: ଓ, ଏପରି ଭାବରେ ଖାନା ତିଆରି କରି ଖାଇବା ତା'ହେଲେ ଏ ବଗିଚାରେ ଏକ ଗତାନୁଗତିକ ପ୍ରଥା । ବେଶ୍, ମୁଁ ତାହେଲେ ତୁମକୁ ଆଜାଦ ଦେଲି ବାହାଦୂର୍…ତୁମ ଇଚ୍ଛା, ଯେମିତି ଚାହଁ ସେମିତି ଖାନା ତିଆରି କର । ସାହେବଙ୍କୁ ମୁଁ କହିବି…ସେ ଖାନା ମୋରି ନିର୍ଦ୍ଦେଶରେ ହିଁ ତିଆରି ହୋଇଛି ।

: ଜୀ ସରକାର ! କହି ବାହାଦୂର୍ ଚାଲିଗଲା । ମୁଁ ଅନ୍ୟମନସ୍କ ଭାବରେ ବଗିଚାରେ ପଦଚାରଣ କଲି । ଭାବିଲି, ବିଚିତ୍ର ପ୍ରକୃତିର ଲୋକ ମି: ବାଓ । ଜଣା ନାହିଁ, ଶୁଣା ନାହିଁ, ହଠାତ୍ ଦେଖି ଦେଖି ନଜର କରି ନେଇ ଏ ବଗିଚା ଭିତରେ ଆଣି ବାଦ୍‌ସାହୀ ମୌଜରେ ରଖି ମୋ ପାଇଁ ଏତେଟା ଆଦର-ଅଭ୍ୟର୍ଥନାର ବ୍ୟବସ୍ଥା କରିବା ଯେମିତି ଜଙ୍ଗଲରେ ବୁଲୁଥିବା ଲୋକ ମୁଣ୍ଡରେ ହାତୀ ସୁନା କଳସ ଢାଳି ରଜା କରିନେଲା ପରି ଉପନ୍ୟାସର କାହାଣୀ ।

ସନ୍ଧ୍ୟାର ବତୀ ଜଳିଉଠିଲା । ସମସ୍ତ ଉଦ୍ୟାନ ଆଲୋକମୟ ହୋଇଉଠିଲା ବିଦ୍ୟୁତ୍ ଆଲୋକର ରୋଷଣୀରେ ।

ଆଜି ଗଛ-ପତ୍ରର ଡାଳ ସନ୍ଧିରେ ରଙ୍ଗ ବେରଙ୍ଗ ବଲ୍‌ବର ରଙ୍ଗୀନ ଆଲୁଅ ଜଳି ଉଠିବାର ଦେଖିଲି । ବଗିଚାର ଲନ୍ ଭିତରେ ସିମେଣ୍ଟ କୁଣ୍ଡରୁ ପାଣିର ଫୁଆରା ଉଠିବାର ଦେଖିଲି । ଫୁଆରାର ଜଳ-ଉଚ୍ଛ୍ୱାସ ଉପରେ ଝଟକୁଛି ନାଲି, ନେଳୀ ଆଲୁଅର ଝଲକ ! ସତେ ଯେପରି ଆଷାଢ଼ର ଇନ୍ଦ୍ରଧନୁ ହସିଉଠିଛି ସନ୍ଧିର ଆକାଶକୁ ସଚକିତ କରି ! ମି: ବାଓ ଆସିବେ—ସେଇଥିପାଇଁ ବୋଧହୁଏ ଜଙ୍ଗ୍ ବାହାଦୂର୍ ଉଦ୍ୟାନର ସମସ୍ତ ସୌନ୍ଦର୍ଯ୍ୟକୁ ଉନ୍ମୁକ୍ତ କରିଦେଇଛି ।

ଫାଟକ ଖୋଲିଥିଲା ହୁଏତ । ଦେଖିଲି ଚକୋଲେଟ୍ ରଙ୍ଗର ଖଣ୍ଡିଏ କାର୍ ବଗିଚା ଭିତରକୁ ଆସି କୋଠା ସାମ୍ନାରେ ଠିଆହେଲା ।

ମୁଁ ଗାଡ଼ି ଉଦ୍ଦେଶ୍ୟରେ ଫେରିଲି ।

: ହାଲୋ ଗୁଡ୍ ଇଭିନିଂ ! ପାଟି କରି ଉଠିଲେ ମି: ବାଓ । କହିଲେ, ଆପଣ ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇ ନାହାନ୍ତି ଯେ…

ସାମାନ୍ୟ ଟିକିଏ ହସି କହିଲି—କେଉଁଥିପାଇଁ ପ୍ରସ୍ତୁତ ?

: ବୁଲିଯିବା ପାଇଁ ।

: ଦେଖନ୍ତୁ, ମୁଁ ଟିକିଏ ଗମ୍ଭୀର ହୋଇ କହିଲି, ଆପଣଙ୍କର ଏ ସୌଜନ୍ୟ ପାଇଁ ମୁଁ ଯେତେ ବେଶୀ କୃତଜ୍ଞ ନୁହେଁ, ତା'ଠୁ ବଳି ଆଶ୍ଚର୍ଯ୍ୟ ।

: ଆଶ୍ଚର୍ଯ୍ୟ !

: ହଁ, କ'ଣ ପାଇଁ ଆପଣ ଏତେଟା କରୁଛନ୍ତି କିଛି ଭାବିପାରୁନାହିଁ ।

ମୋ ହାତ ଧରି ସେ ଲନ୍ ଉପରକୁ ଆସି କୁର୍ଚ୍ଚିରେ ବସିଲେ । କହିଲେ, ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଆପଣଙ୍କ ଯତ୍ନ ନେବା ମୂଳରେ ମୋର ନିଶ୍ଚୟ କିଛି ଉଦ୍ଦେଶ୍ୟ ଅଛି । ଭାବିଥିଲି, କିଛିଦିନ ପରେ ସେ କଥା କହିବି । କିନ୍ତୁ ଆପଣଙ୍କୁ ଯେପରି ସନ୍ଦେହୀ ଦେଖୁଛି, ସେ ଅବସ୍ଥାରେ ଖୋଲି କହିଦେବା ଭଲ ।

: କୁହନ୍ତୁ ।

: ଆପଣଙ୍କୁ ମତେ ସାହାଯ୍ୟ କରିବାକୁ ପଡ଼ିବ । ମୋ କମ୍ପାନୀର ପାଇଁ ଜଣେ ଶିକ୍ଷିତ ଓଡ଼ିଆ ଯୁବକ ପ୍ରୟୋଜନ । ମୋ ପାଖରେ ଆପଣଙ୍କ ଦେଶର ପ୍ରାୟ ଚାରି ଶହ ଶ୍ରମିକ କାମ କରନ୍ତି । ସେମାନଙ୍କ ଭଲ ମନ୍ଦ ବୁଝିବା, ସୁବିଧା ଅସୁବିଧା ଦେଖିବା ମୋ ପକ୍ଷରେ ଏକ ଗୁରୁତର ସମସ୍ୟା । ଆପଣ ମତେ ସାହାଯ୍ୟ କରିବେ ସେଥିରେ ।

: ଏ ତ ଆପଣଙ୍କୁ ସାହାଯ୍ୟ କରିବା କଥା ନୁହେଁ, ଏ ଯେ ଆପଣଙ୍କର ମତେ ସାହାଯ୍ୟ କଲା ପରି ହେଲା । ଗଲା ଦୁଇ ଦିନ ଧରି ମୁଁ ଭାବୁଥିଲି, ବସି ବସି କେତେ ଦିନ ଆପଣଙ୍କର ଅନ୍ନ ଧ୍ୱଂସ କରିବି ?

: ଆପଣ ଖୁସି ତ ? ମି. ବାଓ ପଚାରିଲେ ।

: ଖୁସି ନୁହେଁ, କୃତଜ୍ଞ ।

: ନା, ସେ ନୌକର ମନୋବୃତ୍ତି ମୋର ପସନ୍ଦ ନୁହେଁ । କହି ମୋ କାନ୍ଧ ଉପରେ ଏକ ଆନ୍ତରିକତାର ଥାପଡ଼ ମାରି କହିଲେ — ପ୍ରସ୍ତୁତ ହୋଇ ଆସନ୍ତୁ, ଟିକିଏ ବୁଲିଆସିବା ।

ମୁଁ ଟିକିଏ ରହି ରହି ହେଲି ।

: ଆସନ୍ତୁ ! ମି. ବାଓ କହିଲେ । ସଙ୍କୋଚର କୌଣସି କାରଣ ନାହିଁ । ଯେଉଁଦିନଠୁ ଆପଣ ଚାକିରିରେ ଯୋଗ ଦେବେ ଆଉ ଯେ କେତେ ଘଣ୍ଟା କାମ ଉପରେ ରହିବେ, ସେଇ ସମୟତକ ଆପଣ ମୋ ପ୍ରତି ଆବଶ୍ୟକୀୟ ସମ୍ମାନ ଦେଖାଇପାରନ୍ତି । ତାପରେ ଆପଣ ମୋର ବନ୍ଧୁ ।

: ସେ ମୋର ସୌଭାଗ୍ୟ । କହି ମୁଁ ଉଠି ଠିଆ ହେଲି ।

: ନୂଆ ପୋଷାକ ପଠେଇଥିଲି । ବଦଳି ଆସନ୍ତୁ ।

: ନା, ଏଇଥିରେ ମୋର ଚଳିବ ।

: ବେଶ୍, ମତେ ଟିକିଏ ନିରୀକ୍ଷଣ କରି କହିଲେ ମି. ବାଓ — ହଁ, ଆମ ବର୍ମୀ ପୋଷାକ ତ ଆପଣଙ୍କୁ ବେଶ୍ ମାନୁଛି ! ଏ ଲୁଙ୍ଗି ଆଉ ଏ ରଙ୍ଗୀନ ଫତେଇ ଚମତ୍କାର ଦିଶୁଛି ଆପଣଙ୍କୁ ।

: ଖଣ୍ଡେ ରୁମାଲ ମୋର ଦରକାର ।

: ମୁଣ୍ଡରେ ବାନ୍ଧିବା ପାଇଁ ?

: ହଁ, ମୁଁ ଭାବୁଛି, କାଲିଠୁ ଏଇ ବର୍ମ୍ମୀ ବେଶଟାକୁ ହିଁ ସବୁଦିନ ପାଇଁ ଚଳେଇବି । ଆପଣଙ୍କ ଭାଷା ଶିଖିବି ।

: ଆମ ଖାନା ?

: ତା' ବି ।

: ନା, ନା, ତା' ଆପଣ ପାରିବେନି । ଆମେମାନେ ସବୁ ମ୍ଲେଚ୍ଛ ।

: କି ଆଶ୍ଚର୍ଯ୍ୟ ! ଆପଣଙ୍କୁ ଦେଖିଲେ କିଏ ସେକଥା କହିବ ? ଏ ସୁନ୍ଦର ରେଙ୍ଗୁନ, ଆଉ ସୁନ୍ଦର ମଣିଷର ଏ ସୁନ୍ଦର ପୋଷାକ !

: ବାହାର ସୁନ୍ଦର, ଭିତରଟା କିନ୍ତୁ···

: ନା ନା, ସେମିତି କହିବେନି । ମୁଁ ପ୍ରତିବାଦ କଲି ।

: ଭାରତବାସୀଙ୍କୁ ଆମ ଦେଶ ଲୋକ କଅଣ କହନ୍ତି ଜାଣନ୍ତି ? 'କାଲା' ।

: ଆମେ କଳା ବୋଲି ? ମୁଁ ପଚାରିଲି ।

: ହୁଏତ ସେଇଆ କି ଆଉ କ'ଣ ମୁଁ ଜାଣିନି । କିନ୍ତୁ ମୁଁ ଦେଶ ବିଦେଶ ବୁଲି ଯାହା ଜାଣିଛି, ଆମ ଲୋକଙ୍କ ପରି ଅଜବ ପ୍ରକୃତିର ମଣିଷ ଆଉ କେଉଁଠି ନାହାନ୍ତି । କହି ସେ କାରର ଦୁଆର ଖୋଲି ମତେ ବସିବାକୁ ସଙ୍କେତ ଦେଇ ଗାଡ଼ିରେ ଷ୍ଟାର୍ଟ ଦେଲେ ।

: ପ୍ରକୃତି ଯଦି ଅଜବ ହୁଏ, ଆପଣଙ୍କ ଦେଶ ଲୋକଙ୍କ ରୁଚି ବି ଅଦ୍ଭୁତ ହୋଇଥିବ ?

: ଅଦ୍ଭୁତ ତ ! ଟେଙ୍ଗ-ଟେଙ୍ଗର ଲୁଙ୍ଗି, ଫତେଇ, ରୁମାଲ ଭିତରେ ଅଧା ଲଙ୍ଗଳା ମଣିଷର ରୁଚି କିମ୍ଭୂତ ହେବା ତ ସ୍ୱାଭାବିକ ।

: ନିଜ ଲୋକଙ୍କ ନିନ୍ଦା ଆପଣଙ୍କ ମୁହଁରେ କାହିଁକି ବୁଝି ପାରୁନି ।

: କିଛିଦିନ ରହିଲେ ବୁଝିବେ । ଏଠି ସ୍ତ୍ରୀର ରାଜତ୍ୱ । ପୁରୁଷ ଏଠି ଗୌଣ । ନାରୀ ହିଁ ବାହାର, ଭିତର ଘରଆଡ଼ର କର୍ତ୍ତ୍ରୀ । ଜୀବନଟା ଏଠି ଏକ ଫୁଲର ସୁରଭି ପରି ସ୍ୱପ୍ନମୟ । ପ୍ରକୃତିର ଐଶ୍ୱର୍ଯ୍ୟ ଏଠି ଢାଳି ହୋଇଛି ବନ ଜଙ୍ଗଲ-ପାହାଡ଼ରେ । ଏଠି ଅଭାବ ନାହିଁ କାହାର । ଲକ୍ଷ୍ମୀଙ୍କ ଶସ୍ୟଭଣ୍ଡାର ଏଠି ଚାରିଆଡ଼େ ଖେଳେଇ ହୋଇ ପଡ଼ିଛି । ଯେ ଆସୁଛି ସେ ମନଭରି ଲୁଟି ନେଇ ଚାଲିଯାଉଛି । ସେଇଥିପାଇଁ ଐଶ୍ୱର୍ଯ୍ୟର ପ୍ରାଚୁର୍ଯ୍ୟ ଭିତରେ ଏ ଦେଶର ଲୋକ

କେବଳ ଅକର୍ମଣ୍ୟ ନୁହେଁ, ଅସହ୍ୟ ଆଉ ବର୍ବର । ଯାହାର ବଞ୍ଚିବା ପାଇଁ ସଂଘର୍ଷ ନାହିଁ, ସେ ବିଳାସୀ ହୋଇପାରେ, କିନ୍ତୁ ସଭ୍ୟ ନୁହେଁ ।

: ଜାତିର ଏ ଆଳସ୍ୟକୁ ଭାଙ୍ଗିବା ପାଇଁ କ'ଣ କିଛି ଚେଷ୍ଟା ହୋଇଛି ରାଷ୍ଟ୍ର ତରଫରୁ ?

: ଲୁଣ୍ଠନକାରୀ ସାମ୍ରାଜ୍ୟବାଦୀ ବ୍ରିଟିଶରାଜ୍ କରିବ ଚେଷ୍ଟା ? କୂପମଣ୍ଡୂକ ଜାତିଟା ଯେତେ ଭୋଗବିଳାସରେ ଲିପ୍ତ ରହି ଘରେ ବସି ରହିବ, ସେତେ ସୁବିଧା ସେମାନଙ୍କ ପକ୍ଷରେ ଲୁଟ୍‌ପାଟ୍ କରି ମତଲବ ହାସଲ କରିବା ପାଇଁ ।

ମଟର ଆସି ଠିଆ ହେଲା ଗୋଟାଏ ବିରାଟ ମନ୍ଦିର ସାମନାରେ ।

: ଆସନ୍ତୁ, ଆମ ପାଗୋଡ଼ା ଦେଖିବେ । ମି. ବାଓ କହିଲେ । ଏଇଟା ବୌଦ୍ଧ ମନ୍ଦିର ।

: କି ଆଶ୍ଚର୍ଯ୍ୟ କଳାନୈପୁଣ୍ୟ ! ଗାଡ଼ିରୁ ଓହ୍ଲେଇ ମନ୍ଦିର ଭିତରକୁ ଗଲି । ବେଢ଼ା ଭିତରେ କାଠି ନାଚ ଚାଲିଛି । ଦୁଇ ଜଣ ଲୋକ ବସି ହାତରେ ବାଉଁଶ ଧରି ଥରେ ତଳେ ବାଡ଼ଉଛନ୍ତି, ତାପରେ ଦୁହିଁଙ୍କୁ ଏକାଠି ଠୁକୁଛନ୍ତି । ବାଉଁଶର ସେଇ ଠୁକ୍ ଠୁକ୍ ତାଳ ସହିତ ପାଦର ଛନ୍ଦ ମିଳାଇ ନାଚୁଛନ୍ତି ଜଣେ ଯୁବକ, ଆଉ ଜଣେ ଯୁବତୀ । ସେମାନଙ୍କୁ ଘେରି ଛିଡ଼ା ହୋଇଥିବା ଦର୍ଶକଙ୍କ ଭିତରୁ କେତେ ଜଣ ଗୁଣୁ ଗୁଣୁ କରି ଗାଉଛନ୍ତି କି ଗୋଟାଏ ଗ୍ରାମ୍ୟ ଗୀତ । ଭାଷା ତାର ବୁଝି ହେଉ ନାହିଁ ; କିନ୍ତୁ ତା ଲହରି ଭିତରେ ଅଛି ଏପରି ଏକ କରୁଣ ମୂର୍ଚ୍ଛନା ଯାହା ପ୍ରାଣକୁ ସ୍ପର୍ଶ କରେ ।

: ଦୂରରେ ସେମାନେ ଠିଆ ହୋଇଛନ୍ତି ବୌଦ୍ଧ ଲାମା । ମି. ବାଓ କହିଲେ ।

ଗେରୁଆପିନ୍ଧା ଲାମାମାନଙ୍କୁ କିଛିକ୍ଷଣ ନିରୀକ୍ଷଣ କରି କହିଲି : ସେ'ପରେ କୁଆଡ଼େ ଯିବା ?

: ରେଙ୍ଗୁନର ପ୍ରସିଦ୍ଧ ପାର୍କ । ମି. ବାଓ ଆସି ଗାଡ଼ିରେ ବସିଲେ । କହିଲି—ଆପଣଙ୍କ 'ବ୍ୟୁଟିଭିଲ୍' ଉଦ୍ୟାନଠୁ ଆହୁରି ସୁନ୍ଦର ?

: ସୌନ୍ଦର୍ଯ୍ୟ କ'ଣ ତୁଳନା କରାଯାଏ ? ସେ ଏକ ଅନୁଭବର କଥା ।

କହିଲି : ଆଉ ନୁହେଁ, ଚାଲନ୍ତୁ ଫେରିଯିବା ।

:ଚାଲନ୍ତୁ । ଆପଣଙ୍କ ସଙ୍ଗେ ଆଜି ଡିନର ଖାଇବି ମୁଁ । ଜଙ୍ଗ୍ ବାହାଦୁରକୁ କେମିତି ଦେଖୁଛନ୍ତି ?

: ଖୁବ୍ ଭଲ ।

: ତାର ଇତିହାସ କିଛି ଶୁଣିଲେଣି ?

: ତା' ବାଉଳିଆ ଜୀବନର ଇତିହାସ ? ମୁଁ ପଚାରିଲି ।

: ଖାଲି ବାଉଳିଆ ନୁହେଁ, ବିରହ-ଦଗ୍‌ଧ ପ୍ରାଣର ଇତିହାସ ।

ମୁଁ ଚୁପ୍ ହୋଇଗଲି । ବୁଝିଲି, ଜଙ୍ଗ୍ ବାହାଦୁରର ବିରହ-ଦଗ୍‌ଧ ପ୍ରାଣର ସମ୍ବାଦ ଯେ ସଂଗ୍ରହ କରି ମତେ ଆଭାସ ଦେଉଛି···ସେ ନିଶ୍ଚୟ ତା'ଠାରୁ ବଳି ଦରଦୀ-ପ୍ରାଣ ।

ଅନୁମାନ ମୋର ଭୁଲ ନୁହେଁ ।

ତିନି ମାସର ମିଳାମିଶା ଓ ଅନ୍ତରଙ୍ଗତା ଭିତରେ ଆବିଷ୍କାର କଲି ମି. ବାଓ କେବଳ କବି ପ୍ରକୃତିର ରସିକ ଲୋକ ନୁହନ୍ତି, ଜଣେ ଉଚ୍ଚକୋଟିର ସଙ୍ଗୀତାନୁରାଗୀ ପ୍ରେମିକ ।

ଏ ଭିତରେ ମୋ ଜୀବନ ଏକ ବିଚିତ୍ର ଢଙ୍ଗରେ ଗଢ଼ିଉଠିଛି । କେବଳ ବେଶଭୂଷାରେ ନୁହେଁ, କଥାବାର୍ତ୍ତା ଆଉ ଚାଲିଚଳନରେ ମୁଁ ଜଣେ ପକ୍‌କା ବର୍ମୀ ପାଲଟିଯାଇଛି । ମୋର ଲୁଙ୍ଗି, ଜ୍ୟାକେଟପିନ୍ଧା ପୋଷାକ ସାଙ୍ଗକୁ ମୋ ମୁହଁର ଜଙ୍ଗଲକୃତ ଦାଢ଼ି ଆଣିଦେଇଛି ଏକ ଅପୂର୍ବ ଗାମ୍ଭୀର୍ଯ୍ୟ ।

ଝଲମଲ ରଙ୍ଗୀନ୍ ବେଶର କୋମଳତା ଆଉ କଳାମଚମଚ ଦାଢ଼ିର ରୁକ୍ଷତା, ଉଭୟେ ମିଶି ଯେ କି ଚିତ୍ର ସୁନ୍ଦର ଦେଖାଯାଏ, ତା ଲକ୍ଷ୍ୟକରି ବେଳେ ବେଳେ ପରିହାସ କରନ୍ତି ମି. ବାଓ ।

ମତେ ସାଙ୍ଗରେ ଧରି ବୁଲି ବାହାରିଲି ବେଳେ ବିଶେଷ କରି କେତେକ ବ୍ୟକ୍ତିଗତ ଆଲୋଚନା କରନ୍ତି ସେ । ମୁଁ ଦେଖିବାକୁ ବେଶ୍ ଲମ୍ବା ଚଉଡ଼ା : ଭଲ ଇଂରାଜୀ କହିପାରେ ! ଦାଢ଼ି କାଟିଦେଇ ପେଣ୍ଟ୍-କୋଟ୍-ହାଟ୍ ପିନ୍ଧିଲେ ପୂରା ସାହେବ ପରି ଦେଖାଯାନ୍ତି ! ଇତ୍ୟାଦି । ଶେଷରେ ପଚାରି ବସନ୍ତି—ହଠାତ୍ ଏଠିକି ଆସି ଦାଢ଼ି ରଖିବାର ଖିଆଲ ହେଲା କାହିଁକି ?

କଥାକୁ ଗୋଳେଇ ପୋଳେଇ ଦିଏ । କହେ···ଖିଆଲ ମୂଳରେ ସେମିତି କିଛି ନିର୍ଦ୍ଦିଷ୍ଟ ଯୁକ୍ତି ନାହିଁ । ତା ଛଡ଼ା ମୁଁ ଭାବେ, ଦାଢ଼ି ଯେତେବେଳେ ଭଗବାନଙ୍କର ସୃଷ୍ଟି, ତାକୁ ରଖିଲେ ବା କ୍ଷତି କ'ଣ ?

ସେଦିନ ସନ୍ଧ୍ୟାରେ ମତେ ସାଙ୍ଗରେ ଧରି ବୁଲି ବାହାରିଥିଲେ ସେ । ଅନ୍ୟାନ୍ୟ ଦିନ ଅପେକ୍ଷା ମଟରର ଷ୍ପିଡ୍ ଟିକିଏ ବେଶୀ ବଢ଼େଇଥିଲେ ମି. ବାଓ । ଇଞ୍ଜିନର୍ ଘିର୍‌ଘିର୍ ଆବାଜ ଭିତରେ ମୋତେ ଉପରି ମୁଲାଏମ କଣ୍ଠରେ ପଚାରିଲେ,

: ଆପଣ ଭଗବାନ ବିଶ୍ୱାସ କରନ୍ତି ?

: ଭଗବାନ ? ମୁଁ ଅର୍ଦ୍ଧ ସ୍ୱଗତ କଣ୍ଠରେ ଉଚ୍ଚାରଣ କଲି—ଠିକ୍ କହିପାରିବିନି ।

: ଭଗବାନଙ୍କୁ ସ୍ମରଣ କରୁଛନ୍ତି ଯେ !

: ହଁ, କରୁଛି ତ !

: କାହିଁକି ? ଆପଣ ଯାହାଙ୍କୁ ଜାଣନ୍ତି ନାହିଁ, ଯାହାଙ୍କ ସମ୍ବନ୍ଧରେ କୌଣସି ସ୍ପଷ୍ଟ ଧାରଣା ନାହିଁ, ଆପଣଙ୍କର ତାଙ୍କୁ କଥାକଥାକେ ସାକ୍ଷୀ ମାନିବାର ଅର୍ଥ କ'ଣ ?

ଟିକିଏ ଇତସ୍ତତଃ ହେଲି । ତାପରେ ପଚାରିଲି : ଆଚ୍ଛା, ଭଗବାନ ଅଛନ୍ତି ବୋଲି ଆପଣ ବିଶ୍ୱାସ କରନ୍ତି ?

: ନା, ବିଶ୍ୱାସ କରେନା । ମୁଁ ବିଶ୍ୱାସ କରେ ମତେ —'ମୁଁ' ଅଛି, ଏଇ 'ମୁଁ'ର ଆତ୍ମପ୍ରତ୍ୟୟ ହିଁ ମୋ ସ୍ଥିତିର ମୂଳରେ ।

: ଠିକ୍ ବୁଝିପାରିଲି ନାହିଁ ।

: ଯେଉଁଦିନ ବୁଝିପାରିବେ ସେଦିନ ଦାଢ଼ି କାଟି ପକାଇବେ ।

: ଦାଢ଼ି ଥରେ କାଟିଥିଲି । ବେଲା କଟେଇ ଦେଇଥିଲା ।

: ବେଲା କିଏ ?

ଚମକି ପଡ଼ିଲି : ବେଲା ? ଓ ହଁ, ବେଲାଙ୍କୁ ଆପଣ ଜାଣନ୍ତି ହୁଏତ ! ମିସ୍ ମଜୁମଦାର । ମୁଁ କହିଲି, ଆପଣଙ୍କ ବ୍ୟବସାୟର ଅଂଶୀଦାର ମୃଣ୍ମୟ ବାବୁଙ୍କ ସାନ ଭଉଣୀ ।

: ବେଲାଙ୍କୁ ମୁଁ ଦେଖିଛି, ଜାଣିନି ।

: ଜାଣନ୍ତିନି ମାନେ ?

: ମାନେ ଦିନକ ପାଇଁ ଯାଇଥିଲି କଲିକତା । ମୃଣ୍ମୟ ଘରକୁ ଯାଇଥିଲି ଡିନର ଖାଇ । ବେଲାଙ୍କ ସାଙ୍ଗେ ଦେଖାହୋଇଛି, କିନ୍ତୁ ଆଳାପ ହୋଇନି । ସେଇଥିପାଇଁ କହିଲି, ଦେଖିଛି…ଜାଣିନି । ଟିକିଏ ରହିଯାଇ ମି. ବାଓ ପୁଣି କହିଲେ—ଆପଣଙ୍କ ଦାଢ଼ି ବେଲା କଟେଇ ଦେଇଥିଲେ, ଅର୍ଥ ?

ଜେଲ୍‌ରୁ ଫେରିଲାବେଳେ ମୋର ଅନେକ ଦାଢ଼ି ହୋଇଯାଇଥିଲା ।

: ଓଃ ସେ ଦାଢ଼ି ତାହେଲେ ଜେଲର ଦାଢ଼ି, ଆପଣଙ୍କ ମନର ଦାଢ଼ି ନୁହେଁ ।

: ମାନେ ? ମୁଁ ଆଶ୍ଚର୍ଯ୍ୟ ଗଳାରେ ପଚାରିଲି ।

: ଜେଲ୍‌ର ଦାଢ଼ି ଆଉ ମନର ଦାଢ଼ି, ଦୁଇଟା ଅଲଗା କଥା ନୁହେଁ ? ଜେଲରେ ଦାଢ଼ି ବଢ଼ିଥିଲା, କାରଣ ଭଣ୍ଡାରୀ ମିଳୁ ନ ଥିଲା ବୋଲି । ମନର ଦାଢ଼ି ହେଲା କୌଣସି ମତଲବରେ ଉଦ୍ଦେଶ୍ୟ ରଖି ଦାଢ଼ି ଗୁଣ୍ଡିବା ।

ମୁଁ ଉପର ମନରେ ହସିଉଠିଲେ ବି ଭିତରେ ଭିତରେ ଅସ୍ୱସ୍ତି ହେଲି ଗୋଟାଏ କଥା ଭାବି—ଯାହାହେଉ, ମୋ ଦାଢ଼ିକୁ ନେଇ କଚଟେଇଦେବା ମୂଳରେ ମି. ବାଓ ବିଶେଷ କିଛି ଗୁରୁତ୍ୱ ଥାଇପାରେ ଭାବି ସନ୍ଦେହ କରି ନାହାନ୍ତି । କହିଲି, : ଏଥର ବି ଯେଉଁ ଦାଢ଼ି ରଖିଛି ସେ ବି ତ ସେମିତି କିଛି ଉଦ୍ଦେଶ୍ୟମୂଳକ ନୁହେଁ ।

: କିଏ କହିଲା ନୁହେଁ ? ଭଗବାନଙ୍କୁ ନ ଦେଖି, ତାଙ୍କ ସମ୍ବନ୍ଧରେ କିଛି ନ ଜାଣି, କଥାରେ କଥାରେ ତାଙ୍କୁ ସାକ୍ଷୀ ଦେଇ ପରି ଦାଢ଼ି କାହିଁକି ରଖିଛନ୍ତି ସେ ବିଷୟରେ ଗୋଟାଏ ସ୍ପଷ୍ଟ ଧାରଣା ମନ ଭିତରେ ନ କରି ଆପଣ ଦାଢ଼ି ବଢ଼େଇଛନ୍ତି ବୋଲି କହି ଫାଙ୍କି ମାରିବାକୁ ବସିଛନ୍ତି ମତେ । କିନ୍ତୁ ଭଗବାନଙ୍କୁ ନ ଜାଣି 'ଭଗବାନ'ଙ୍କୁ ଡାକିବା, ଆଉ ଦାଢ଼ି ରଖିବାର କାରଣ ନ ଭାବି ଦାଢ଼ି ଗୁଣ୍ଡିବା କିଛିଯ୍ଯ ଏକ କଥା ନୁହେଁ । କୁହନ୍ତୁ, ଏଠିକି ଆସି ହଠାତ୍ କାହିଁକି ଦାଢ଼ି ବଢ଼େଇବା କଥା ଠିକ୍ କଲେ ଆପଣ ?

ବଡ଼ ଅଡ଼ୁଆରେ ପଡ଼ିଗଲି, କ'ଣ ଉତ୍ତର ଦେବି ଖୋଜି ପାଇଲି ନାହିଁ ।

: ଚୁପ୍ ରହିଲେ ଯେ ? କାର୍‌ର ଷ୍ଟିଡ଼୍ ମନ୍ଥୀଭୂତ କରି ପଚାରିଲେ ମି. ବାଓ—କହିବାକୁ ସଙ୍କୋଚ ବୋଧ କରୁଛନ୍ତି ନା । ପାଖାପାଖି ବାରମାସ ରହିଲେଣି ମୋ ପାଖରେ, ଏତେ ମିଳାମିଶା, ଅନ୍ତରଙ୍ଗତା, ତେବେ ବି ଉଦାସ ଆଉ ଗମ୍ଭୀର ଆପଣ ! କାହିଁକି ? ଏମିତି ଡରି ଡରି ଚଳିବା ମୂଳରେ କାରଣ କ'ଣ ଥାଇପାରେ ? ମୁଁ ଭାବୁଛି···କହୁ କହୁ ହଠାତ୍ କଥା ମଝିରେ ରହିଗଲେ ମି. ବାଓ ।

କ'ଣ ଅନୁମାନ କରୁଛନ୍ତି ? ମୁଁ ପଚାରିଲି ।

: ଆପଣ ଭଗ୍ନ-ପ୍ରେମିକ ।

: ଭଗ୍ନ-ପ୍ରେମିକ ? କଥା ପଦକ ଅନମନସ୍କ ଭାବରେ ଉଚ୍ଚାରଣ କରି ଚମକି ଉଠିଲି ମୁଁ ।

: ହଁ, ଭଗ୍ନ-ପ୍ରେମିକ, ଅଉ ହେଇଥିପାଇଁ ଭୀରୁ । ବୋଧହୁଏ କୌଣସି ତରୁଣୀକୁ ଭଲ ପାଇ ଆପଣ ତାକୁ ନିଜର କରିବାରେ ବିଫଳ-ମନୋରଥ ହୋଇଛନ୍ତି । ସମାଜର ଶାସନ ହେଉ ବା ଗୁରୁଜନଙ୍କର ବାଧା ବନ୍ଧନ ଯୋଗୁ ହେଉ··· ଆପଣ ମନର ନାୟିକାକୁ ପାଇବାରେ ହାରିଛନ୍ତି··· ଫଳରେ ଡରି ଯାଇଛନ୍ତି

ଆପଣ, ସାହାସ ହରେଇ ବସିଛନ୍ତି । ଦୁନିଆରେ କାହାକୁ ମୀରଙ୍କର ସହିତ ମୁକାବିଲା କରିବା ଆପଣଙ୍କ ପକ୍ଷରେ ସମ୍ଭବ ହେଉନି ଆଉ । ଆତ୍ମବିଶ୍ୱାସ ହରେଇଛନ୍ତି···ସମସ୍ତଙ୍କ ଭୟ ଆପଣଙ୍କର । ଭିତରର କଥା କହିବା, ଆଗପଛ ଭାବି ଦବି ଦବି ଜବାବ ଦେବା ଆପଣଙ୍କ ସ୍ୱଭାବ ହୋଇଉଠିଛି ।

: କେମିତି ଜାଣିଲେ ଆପଣ ?

: ଜାଣିଲି ମାନେ ଅନୁମାନ କରି କହୁଛି ଆପଣଙ୍କ ଚେହେରାଟାକୁ ଦେଖି । ଆପଣ ନିଶ୍ଚୟ ଆଗରୁ ଏମିତି ନ ଥିଲେ । ମାନେ ଆପଣଙ୍କ ପିଲାବେଳେ ଯେପରି ବଳିଷ୍ଠ, ଦୃଢ଼ଙ୍କିଁ ଚେହେରା ଦେଖିବାକୁ···ଆପଣଙ୍କ ବ୍ୟକ୍ତିତ୍ୱ .ସେ ତୁଳନାରେ ଖୁବ୍ ଖୁବ୍ ମନେହୁଏ । କାହିଁକି ? କ'ଣ ହୋଇପାରେ ଆଉ କାରଣ ?

: ଏତେ ବଳିଷ୍ଠ ଚେହେରା ମୋର, ଅଥଚ ମୁଁ ଡରିଗଲି ସମାଜର ଅନୁଶାସନରେ ? ମୁଁ ବେପରୁଆ ଗଳାରେ କହିଲି ।

ହସିଉଠିଲେ ମିଃ ବାଓ । ଚେହେରାଟା ଆପଣଙ୍କର ବଳିଷ୍ଠ, ଚରିତ୍ର ନୁହେଁ । ଆଉ ଧିର ଚରିତ୍ର ବା ଯଦି ଦୃଢ଼ ହୋଇଥାଏ ··ଯେଉଁ ଚରିତ୍ର ପ୍ରେମାସକ୍ତ, ତାକୁ ଦବେଇବା ପାଇଁ ସମାଜକୁ କେତେ ସମୟ ଲାଗେ ? ପୁଣି ପ୍ରେମକ୍ଷେତ୍ରରେ ଗୋଟାଏ ପୁରୁଷକୁ ଆଖି ଦେଖେଇ ରଖିବା ବୋଧହୁଏ ସବୁଠାରୁ ବଳି ସହଜ । ପ୍ରେମିକ ମାନେଇ ଭୀରୁ ଆଉ ଯେ ଗୁପ୍ତ ପ୍ରେମିକ, ତାଠୁ ବଳି ଦୁର୍ବଳ ଚରିତ୍ରର ଲୋକ ବୋଧହୁଏ ସମାଜରେ ବିରଳ ।

: କୁଆଡ଼େ ନେଇ ଚାଲିଛନ୍ତି ମତେ ? ମୁଁ ଅସ୍ଥିର ଉଦ୍‌ବେଗରେ ପଚାରିଲି···ଅନେକ ଦୂର ଚାଲିଆସିଲା ପରି ମନେ ହେଉଛି । କାହିଁ ସହରର ଏ ଅଞ୍ଚଳଟା କେବେ ଦେଖିଲା ପରି ତ ମନେ ହେଉ ନାହିଁ !

: ନା, ଦେଖି ନାହାନ୍ତି । ସହରର ଏପାଖଟା ଭୀରୁଙ୍କ ପାଇଁ ।

: ମତେ ନେଇଆସିଲେ ଯେ !

: ଆପଣଙ୍କୁ ଭୀରୁ ବୋଲି ବୋଲି ଜାଣିଲି ଯେତେବେଳେ···

: ଓଃ, ମୁଁ ଶୁଖିଲା ହସ ଭିତରେ ଦାନ୍ତ ନିକୁଟି କହିଲି···ଆପଣ ନିଜେ ଯେ ଆସିଲେ ?

: ଭୀରୁକୁ ନିର୍ଭୀକ କରିବା ପାଇଁ ।

: ରାତିର ଅନ୍ଧକାର ଭିତରେ ?

: ବ୍ୟଭିଚାରର ବିଳାସ ଭିତରେ ବି ।

: ସେ କ'ଣ ?

: ଆସନ୍ତୁ ଦେଖିବେ ।

ସଦର ରାସ୍ତା ଉପରୁ ଗାଡ଼ି ବଙ୍କେଇଗଲା ଗଳି ଭିତରକୁ । ଆସି ଠିଆ ହେଲା ଗୋଟାଏ ଦୋତାଲା କୋଠା ସାମ୍‌ନାରେ ।

: ଏଠି ଷ୍ଟ୍ରିଟ୍ ଆଲୁଅ ପର୍ଯ୍ୟନ୍ତ ନାହିଁ ।

: ସହରର ଅଭିଶପ୍ତ ଅଞ୍ଚଳ ଏଇଟା । ଭୟ ନାହିଁ, ବାହାରର ଅନ୍ଧାର ଭିତରେ ଏଠି ଆଲୁଅର ରୋଷଣୀ ଅଛି । ଆସନ୍ତୁ ମୋ ସାଙ୍ଗରେ ଦେଖିବେ । କହୁ କହୁ ମିଃ ବାର୍ଓ ମୋ ହାତ ଧରି ତଳ ସିଡ଼ି ବାଟେ କୋଠାର ଉପର ମହଲାକୁ ଉଠିଲେ ।

ଉପର ମହଲାର ପ୍ରଶସ୍ତ ବାରଣ୍ଡା ଉପରେ ମତେ ଟିକିଏ ଅପେକ୍ଷା କରିବାକୁ ସଙ୍କେତ ଦେଇ ମିଃ ବାର୍ଓ ପାଖ ଘରର ଦୁଆର ଆଗରେ ଝୁଲୁଥିବା ପର୍ଦ୍ଦା ଆଡ଼େଇ ଭିତରକୁ ପଶିଗଲେ ।

ଉତ୍ତେଜନାରେ ମୋ ଛାତି ଧଡ଼ ଧଡ଼ କରି ଉଠିଲା । କି ଜାଗା ଏଇଟା ? କେଉଁଠି ଆସି ପହଞ୍ଚିଲି ମୁଁ ?

: ଆସନ୍ତୁ । ପାତଳା ନାରୀ କଣ୍ଠର ଆହ୍ୱାନ । ପଛକୁ ଫେରି ଚାହିଁଲି... ପରଦା ସେପାଖୁ ବାହାରକୁ ଟିକିଏ ମୁହଁ କାଢ଼ି ମୋତେ ଚାହିଁ ରହିଛି ଦୁଇଟି ତରଙ୍ଗାୟିତ ଆଖି ।

ମନ୍ତ୍ରମୁଗ୍ଧ ଭଳି ମୁଁ ଘର ଭିତରକୁ ପାଦ ବଢେଇଲି । କି ଅପୂର୍ବ ସାଜସଜ୍ଜା ! ପ୍ରଶସ୍ତ କୋଠରୀର କାନ୍ଥଗୁଡ଼ିକ ହାଲ୍‌କା ଗୋଲାପୀ ରଙ୍ଗରେ ଧଉଳା ହୋଇଛି । ଆଉ ତା ଉପରେ ଝୁଲୁଛି ହୋଇଛି ସୁନେଲି ଫ୍ରେମବନ୍ଧା ଉଦ୍‌ଭିନ୍ନଯୌବନା ସୁନ୍ଦରୀ ନାରୀର ଛବି । ତଳେ ବିଛା ହୋଇଛି ସବୁଜ ରଙ୍ଗର କାର୍ପେଟ । ଘରର ଦକ୍ଷିଣ ପଟ କାନ୍ଥକୁ ଲାଗି ସେଇ କାର୍ପେଟ ଉପରେ ପଡ଼ିଛି ଗୋଟାଏ ମୋଟା ଗଦି, ଆଉ ସେଇ ଗଦି ଉପରେ ଦାମୀ ଚଦର ପରିହୋଇ ରଖାହୋଇଛି ଭେଲଭେଟର ଲମ୍ବା ଲମ୍ବା ବାଲିଶ୍ । ରାଜା ବାଦ୍‌ଶାହାଙ୍କ ବୈଠକ ଆଡ଼ାରେ ଶୋଭା ପାଇଲା ପରି ଫୁଲଦାନୀମାନ ରଖା ହୋଇଛି ସେଇ ଗଦି ଉପରେ, ଆଉ ଗୋଟାଏ ସୁନେଲି ପିଲସକରେ ଗୁଞ୍ଜା ହୋଇଥିବା ଧୂପକାଠି ଦେହରୁ ଭୁରୁଭୁରୁ ହୋଇ ଉଠୁଛି ଅଗରୁ ଗନ୍ଧର କୁଣ୍ଡଳୀକୃତ ସୁରଭି । ଟିକିଏ ଦୂରକୁ ଥୁଆ ହୋଇଛି ତମ୍ବାଳିଆ ରଙ୍ଗର ଏସ୍‌ରାଜ । ତଳେ ଡ଼ୁଗି-ତବଲା ବି ରଖା ହୋଇଛି କନାର ମୁଚୁଳା ଉପରେ ହାଲ୍‌କା ବଙ୍କ-ଭଙ୍ଗୀରେ ।

ମତେ ଯେଉଁ ନାରୀଟି ପରଦା ଅନ୍ତରାଳରୁ ନାରୀ ସ୍ୱରରେ ଘର ଭିତରକୁ ଡାକିଥିଲା, ସେ ଏ ଭିତରେ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଯାଇଛି ।

ମିଃ ରାଓ ବସିଛନ୍ତି ସେଇ ଗଦି ଉପରେ ବାଲିଶକୁ ଆଉଜି ଏକ ବାଦଶାହୀ ଠାଣିରେ । ତାଙ୍କ ମୁହଁରେ ଦାମୀ ସିଗାରେଟ ଖଣ୍ଡେ ! ଆଖିର ଦୃଷ୍ଟିରେ ଗଡ଼ ଜିଣିବା ବୀରତ୍ୱର ପ୍ରସନ୍ନ ଦୀପ୍ତି !!

: ଏଠି କ'ଣ କରିବା ? ମୁଁ ଆଶ୍ଚର୍ଯ୍ୟରେ ପଚାରିଲି ।

: ଆଗେ ବସନ୍ତୁ ! ପରେ ସବୁ ବୁଝିପାରିବେ ।

: ନା, ନା, ଆପଣ ବସନ୍ତୁ । ମୁଁ ବାହାରେ ଗାଡ଼ି ଭିତରେ ଅପେକ୍ଷା କରୁଛି ।

: ଅବୋଧ ଛୁଆଟି ପରି ବ୍ୟବହାର କରିବେ ନାହିଁ ଉମାକାନ୍ତ ବାବୁ ! ଆପଣ କ'ଣ ତା ଜାଣିବାରେ ମୋର କିଛି ବାକି ନାହିଁ । କହି ଗମ୍ଭୀର ଆନ୍ତରିକତାରେ ସେ ବସିଲାଠୁ ଟିକିଏ ଆଗକୁ ଝୁଙ୍କିପଡ଼ି ମୋ ହାତ ଟାଣିନେଇ ପାଖରେ ବସାଇଦେଲେ । କହିଲେ, ପୃଥିବୀରେ ସ୍ୱର୍ଗ ଅଛି, ଏକଥା କାହାଠୁ ଶୁଣିଥିବେ । ମୁଁ ଆପଣଙ୍କୁ ଦେଖେଇ ଦେଉଛି, ଆପଣ ମତେ ସାବାସ୍ ଦେବେ ତ ?

ପ୍ରଣାମ କରି କହିଲି, ମୁଁ ଆପଣଙ୍କଦ୍ୱାରା ଉପକୃତ । ସାବାସ୍ କ'ଣ, ମୋ ପ୍ରାଣ ବି ଦେବାକୁ ପ୍ରସ୍ତୁତ ଅଛି ।

: ଆପଣଙ୍କ ପ୍ରାଣଟା ନେଇ ମୁଁ କ'ଣ କରିବି ? ମୁଁ ଆପଣଙ୍କ ବନ୍ଧୁ ବୃହେଁ । ଆପଣଙ୍କ ଚେହେରାଟାରେ ମୁଁ ପ୍ରେମରେ ପଡ଼ିଯାଇଛି । ସ୍ତ୍ରୀ ହୋଇଥିଲେ ଆପଣଙ୍କୁ କେବେଠୁ ଫାନ୍ଦରେ ପକେଇ ସାରନ୍ତିଣି ।

ସଶବ୍ଦେ ହସିଉଠିଲି ମୁଁ ।

ମିଃ ରାଓଙ୍କର ଏ କି ରସିକତା ? କଥାର ଏ କି ପ୍ରାଣଖୋଲା ଉଚ୍ଛ୍ୱାସ ! ମିଃ ରାଓ କ'ଣ ମାଦକଦ୍ରବ୍ୟ ଖାଇଛନ୍ତି ?

ମନକୁ ମନ ସ୍ମରଣ କଲି ମିଃ ରାଓଙ୍କ ବିଗତ ଚାରି ମାସର ମିଳାମିଶା, ହସ-ଖୁସିର ଦିନଗୁଡ଼ିକୁ । କାହିଁ ଦିନେ ହେଲେ ତ ତାଙ୍କୁ ଏଣୁ ତେଣୁ କିଛି କହିବାର ଲକ୍ଷ୍ୟ କରି ନ ଥିଲି ! ଭୁଲରେ ତ ସେ କେବେ ପରିହାସ କରି ନ ଥିଲେ ମୋ ସାଙ୍ଗରେ ! ତେବେ ଆଜି ହଠାତ୍ ତାଙ୍କର ଏ କି ବ୍ୟବହାର ? ମୋ ବିଷୟରେ ସବୁ କିଛି ସମ୍ବାଦ ସଂଗ୍ରହ କରିଛନ୍ତି ବୋଲି କହିଲେ ! କାହାଠୁ ସଂଗ୍ରହ କଲେ ? ମୃଣ୍ମୟ ବାବୁଙ୍କଠାରୁ ? ମୃଣ୍ମୟ ବାବୁ କ'ଣ ସେଇ ଦିନଠୁ କଲିକତା ଫେରି ଯାଇ ନାହାନ୍ତି ? ନ ଯାଇଥିଲେ ବି ମୃଣ୍ମୟ ବାବୁ ବା କଣ

ଜାଣନ୍ତି ମୋ ସମ୍ବନ୍ଧରେ ? ବେଲ ବା ଜାଣେ କ'ଣ ଯେ ସେ କହୁଥିବ ମୁଣ୍ଡମୁଣ୍ଡ ବାବୁଙ୍କୁ ? ନା, ଏହା ମିଃ ବାଓଙ୍କର ଗୋଟାଏ ଓଲଡ ଗୋଲ୍ଡ ଷ୍ଟୁଲ୍ ! ମୋଠୁ କଥା ନେବା ପାଇଁ ଗୋଟାଏ ଠାସୁକ-ମରା ପରିହାସ ।

: ସିଗାରେଟ୍ ନିଅନ୍ତୁ । ଥ୍ରି କ୍ୟାସଲର ଖୋଲା ଟିଣଟାକୁ ବଢ଼େଇଦେଲେ ମୋ ଆଡ଼କୁ ମିଃ ବାଓ ।

: ନା ଆଜ୍ଞା, ମୁଁ ଖାଏ ଯେ ଏଠି କିନ୍ତୁ ନୁହେଁ ।

: ଏ ପୁଣ୍ୟପୀଠରେ ନୁହେଁ ? ହୋ-ହୋ ହସି ଗଡ଼ିଗଲେ ମିଃ ବାଓ । ଆପଣମାନେ ଦେବାଳୟରେ, ପୂଜାମଣ୍ଡପରେ, ପବିତ୍ର ସ୍ଥାନରେ ଧୂଆଁ ଖାଆନ୍ତି ନାହିଁ, ପାନ ଚୋବାନ୍ତି ନାହିଁ, ଛେପ ପକାନ୍ତି ନାହିଁ । ଏ ଘରଟାକୁ ଆପଣ ସେଇମିତି କିଛି ପୁଣ୍ୟପୀଠ ଭାବୁଛନ୍ତି ନା କ'ଣ ? ଚମତ୍କାର ଦୂରଦୃଷ୍ଟି ଆପଣଙ୍କର । କହି ବଡ଼ ପାଟିକରି ଡାକିଲେ ମିଃ ବାଓ—ଓସ୍ତାଦ୍ ।

ଧଳା ଚପ୍‌କନ ଉପରେ ଗିଲିକରା ଝିଲ୍‌ମିଲ୍ ପଞ୍ଜାବିପିନ୍ଧା ଜଣେ ବୟସ୍କ ମୁସଲମାନ ଆସି ସଲାମ ଦେଲା ।

: ବାଈଜୀଙ୍କର ଆଉ କେତେ ଡେରି ?

: ନାଚ ପାଇଁ ସଜ ହେଉଛନ୍ତି ହଜୁର !

ବୁଝିବାକୁ ବାକି ରହିଲା ନାହିଁ, ଏ ବେଶ୍ୟାଳୟ ।

ସମସ୍ତ ଦେହ ମୋର ଘୃଣାରେ ରୋମାଞ୍ଚିତ ହୋଇଉଠିଲା । ଥରେ ଭାବିଲି, ଉଠି ଚାଲିଯିବି । କିନ୍ତୁ କାହିଁକି କେଜାଣି ମିଃ ବାଓଙ୍କ ମୁହଁକୁ ଚାହିଁ ଅଟକିଗଲି ।

: ଏଠି ଆପଣ ଓଡ଼ିଆରେ କଥାବାର୍ତ୍ତା କରିବେ ନା ବର୍ମିଜ୍‌ରେ ?

: କାହିଁକି ? ମୁଁ ଅବାକ୍ ହୋଇ ଚାହିଁଲି ।

: ବାଈଜୀ ଓଡ଼ିଆଣୀ । କଲିକତା ସୁନାଗାଛିରୁ ଆସିଛନ୍ତି ଏଠିକି । ଆସିବା ମୂଳରେ ଏକ ଚମତ୍କାର କାହାଣୀ ଅଛି ।

: ତାଙ୍କ ଘର କେଉଁଠି ?

: ପୁରୀର ଚନ୍ଦନପାଟ ।

: ଓଡ଼ିଶା ସମ୍ବନ୍ଧରେ ଆପଣ ଏତେ ଜାଣନ୍ତି ! ମୁଁ ଆଶ୍ଚର୍ଯ୍ୟରେ ପଚାରିଲି ।

: ଏ ଜାଣିବା ବିଷୟବସ୍ତୁ ଯଦି ଓଡ଼ିଶାର ଗର୍ବର କଥା, ତାହେଲେ ଖାଲି ଆଶ୍ଚର୍ଯ୍ୟ ନ ହୋଇ ଆପଣ ମତେ ବାହାବା ଦେବା ଉଚିତ୍ ।

ଲଜ୍ଜାରେ ମୋ ମୁହଁ କଳା ପଡ଼ିଗଲା । ଏତେବେଳକେ ମିଃ ବାର୍ଓ ମତେ ଆଘାତ ଦେଲେ, ମୁଁ ବୁଝିପାରିଲି ।

ବାସ୍ତବିକ ଓଡ଼ିଆପୁଅ ରେଙ୍ଗୁନ୍‌କୁ କୁଲିଗିରି କରିବାକୁ ଆସି ନାହିଁ, ଓଡ଼ିଆଝିଅ ବି ବେଶ୍ୟାଗିରି କରି ପେଟ ପୋଷିବାକୁ ଆସିଛି । ଛି, ଛି…ଜାତିର କି ଅଧଃପତନ !

ମତେ ବିମର୍ଷ ଦେଖି କହିଲେ ମିଃ ବାର୍ଓ : ମୋ ମନ୍ତବ୍ୟରେ କ୍ଷୁଣ୍ଣ ହେଲେ ନା କ'ଣ ? ସବୁ ଦେଶର ବଦନାମ୍ ଅଛି, ସବୁ ଜାତିର କଳଙ୍କ ଅଛି । କହୁଛି ତ ଆପଣଙ୍କୁ—ବର୍ମିଜ ସ୍ତ୍ରୀ…ବାରବିଳାସିନୀଙ୍କଠୁ ବଳି ଚରିତ୍ରହୀନା ! ଅସୁସ ଆଉ ଆରାମ ଭିତରେ ସମସ୍ତ ଜାତିଟା ଧ୍ୱଂସ ହୋଇଯାଉଛି ।

: ଆପଣ ଏ ପଥରେ କାହିଁକି ? ହଠାତ୍ ପଚାରି ବସିଲି ସାହସ କରି ।

: ସମାଜରେ କ'ଣ ଆପଣ ଏକମାତ୍ର ଭୀରୁ ଆଉ ଦୁର୍ବଳ ! ଆଉ କେହି ନାହାନ୍ତି ?

: ବୁଝିପାରୁଛନ୍ତି ଯେତେବେଳେ ଅନ୍ୟାୟ କରୁଛନ୍ତି, ସଂଯତ କରିପାରୁ ନାହାନ୍ତି ନିଜକୁ ?

: ଏ ନୀତି କାବ୍ୟ ବହିରୁ ପଢ଼ି କହି ଶିଖିଛନ୍ତି । କାର୍ଯ୍ୟରେ ପରିଣତ କରିଛନ୍ତି କେବେ ?

ଚୁପ୍ ହୋଇଗଲି । ତଳକୁ ମୁହଁ ପୋତି ଗୁମ୍ ହୋଇ ବସିରହିଲି । ଠିକ୍ ତ ମୋ ଦୁର୍ବଳତା ସମ୍ବନ୍ଧରେ ମୁଁ ସଚେତନ, ତଥାପି ଆଉରତ କଥା ନ ଭାବି କେବେ ମନକୁ ସ୍ଥିର ରଖିପାରିଛି ! ଆଉରତ ପ୍ରତି ଆସକ୍ତି ମୋ ଜୀବନର ଅଧଃ-ପତନର ମୂଳରେ, ତେବେ ବି ଶତଚେଷ୍ଟା କରି କେବେ ନିର୍ଲିପ୍ତ ରହିପାରିଛି ଆଉରତ ସମ୍ବନ୍ଧରେ ?

ହଠାତ୍ ଦାମୀ ଏସ୍‌ନେସର କଡ଼ା ଗନ୍ଧରେ ସମସ୍ତ ଆବହାଓ୍ୱା ମହକି ଉଠିଲା ।

ନୂପୁରର ମୃଦୁ ନିକ୍କଣ ଭିତରେ ଚକିତ ବିଦ୍ୟୁତ୍‌ଶିଖା ପରି ଯେଉଁ ଅପୂର୍ବ ରୂପସୀ ସେ ମଜ୍‌ଲିସ୍ କକ୍ଷକୁ ପଶି ଆସି ଗ୍ରୀବା ଢଳେଇ କଟାକ୍ଷ ହାଣି ଭୂଷଣ ଜ୍ୟୋତିର ଝଟକ ଭିତରେ ହସି ହସି ଅଭିବାଦନ ଜଣାଇଲେ, ସତେ ଯେପରି ସେ କେଉଁ ବସନ୍ତ ଉଦ୍ୟାନର ପୁଷ୍ପିତା ପଦ୍ମ !

: ଆସ ମୋହିନୀ, ତୁମକୁ ମୋ ବନ୍ଧୁଙ୍କ ସହିତ ପରିଚିତ କରାଇଦିଏ । କହି ମିଃ ବାର୍ଓ ମୋ କାନ୍ଧରେ ହାତ ପକେଇ କହିଲେ—ତୁମରି ଦେଶର ଲୋକ ।

ନମସ୍କାର କରି ମୋ ଆଡ଼କୁ ବିସ୍ମାରିତ ଦୃଷ୍ଟିରେ ଚାହିଁ ହସି ହସି କହିଲେ ମୋହିନୀ : ମତେ ଆଉ ଠକିପାରିବେ ନାହିଁ । ମୋ ଦେଶର ଲୋକ ଏପରି ହ୍ୟାଣ୍ଡ୍‌ସମ୍ ସୁନ୍ଦର ହେବେ ନାହିଁ ।

: ଏ ତେବେ କେଉଁ ଦେଶର ଲୋକ ବୋଲି ଭାବୁଛ ?

: ପଞ୍ଜାବ ।

: ଏ ଶିଖ୍ ?

: ନର୍ମ୍ମାଲ ଭାବରେ ଶିଖ୍ ! ବାଉଜୀ ହସି ହସି କହିଲେ ।

ମୋ ଆଡ଼କୁ ଚଞ୍ଚଳ ଦୃଷ୍ଟିରେ ଚାହିଁ କହିଲେ ମିଃ ବାଓ—ଠିକ୍ କହିଛ । ମୁଁ ପରୀକ୍ଷା କରୁଥିଲି ତୁମ ବୁଦ୍ଧିର ।

ମିଃ ବାଓ ଏତେ ସହଜରେ ମୋହିନୀଙ୍କ କଥାକୁ ସ୍ୱୀକାର କରିନେବା ମୂଳରେ କି ଉଦ୍ଦେଶ୍ୟ ଥାଇପାରେ, ଅନୁମାନ କରିପାରିଲି ନାହିଁ । କିନ୍ତୁ ମତେ ଟିକିଏ ବେଶ୍ ଆରାମ୍ ଲାଗିଲା ।

: ଆପଣଙ୍କ ନାଁ କ'ଣ ? ପଚାରିଲେ ମୋହିନୀ ।

: ମୋ ନାଁରୁ କ'ଣ ପାଇବେ ? ଧରନ୍ତୁ ଜୟନ୍ତ ସିଂ । ମୁଁ ଦର୍ପିତ ଭଙ୍ଗୀରେ କହିଲି ।

: ଆପଣ ଚମତ୍କାର ବଙ୍ଗଳା କହି ପାରୁଛନ୍ତି ତ ?

: ଅତି ଚମତ୍କାର ! ଯୋଗ କଲେ ମିଃ ବାଓ ।

: ମୁଁ କିନ୍ତୁ ଓଡ଼ିଆ ଗୀତ ଗାଇବି ?

: ମୁଁ ସଙ୍ଗୀତ-ରସିକ ନୁହେଁ ।

: ଦାଢ଼ି ରଖିଛନ୍ତି କାହିଁକି ?

: ସେ ଶିଖ୍‌ର ଧର୍ମ୍ମ ।

: ଭାରତରେ ବୋଧହୁଏ ଏତେ ବଡ଼ ଧର୍ମ୍ମ-ସଚେତନ ଜାତି ଆଉ ନାହିଁ । ମୋହିନୀ କହିଲେ ।

: ହୁଏତ ନାହିଁ । ମୁଁ ଜବାବ୍ ଦେଲି ।

: ତା ଯଦି ମାନୁଛନ୍ତି, ତାହେଲେ ଏ୍ୟା' ବି ମାନିବେ···ଯେ ଧର୍ମ୍ମ-ସଚେତନ, ସେ ନିଶ୍ଚୟ ପ୍ରାଣ-ସଚେତନ । ଆଉ ଯେ ପ୍ରାଣ-ସଚେତନ, ସେ ସାଂଘାତିକ ଭାବରେ ଭାବପ୍ରବଣ ।

: ଆଉ ସେ ଭାବପ୍ରବଣ, ସେ ନିଶ୍ଚୟ ରସ-ସଚେତନ । ମିଃ ବାଓ ହୋ-ହୋ କରି ହସିଉଠିଲେ ।

: ନାଚ ଦେଖିବେ ନା ଗୀତ ଶୁଣିବେ ?

: ମୋ ବନ୍ଧୁଙ୍କ ପସନ୍ଦ ।

: ମୋର କୌଣସି ପାଇଁ ଆଗ୍ରହ ନାହିଁ ।

: ଯୋଗୀ-ବୈରାଗୀଙ୍କ ତପସ୍ୟା ଭାଙ୍ଗିବା ପାଇଁ ଆମ୍ଭମାନଙ୍କର ସୃଷ୍ଟି । ଅରସିକକୁ ରସିକ କରି ତୋଳିବା ହେଲା ଆମ ଜୀବନର ସାଧନା । କହି ବାଈଜୀ ହସିଉଠିଲେ ।

: ତାହେଲେ ମୋ ମତାମତର ଅପେକ୍ଷା କାହିଁକି ? ବିଦ୍ରୂପ କରି କହିଲି ମୁଁ ।

ଏସ୍‌ରାଜ ଉଠେଇନେଇ ମୋହିନୀ କୋଳରେ ଧରିଲେ । ଟିକିଏ ଦୂରଛଡ଼ା ହୋଇ ବସିଲେ ଓସ୍ତାଦ୍ । ତବ୍‌ଲାରେ ଚାପଟ ଦେଲେ । ଠାଇଁ ଠାଇଁ କରି ବାଜି ଉଠିଲା ତବଲା । ଏସ୍‌ରାଜର ତାରରେ ଝଙ୍କୃତ ହୋଇଉଠିଲା ଇମନ୍ କଲ୍ୟାଣ ।

ଏତିକିବେଳେ ଜଣେ ପରିଚାରିକା ଭିତରପଟୁ ଘେନି ଆସିଲା ଦୁଇଟି ନେଳୀ କାଚଗ୍ଲାସରେ କିଛି ପାନୀୟ ।

ମିଃ ବାଓ ମୋ ଆଡ଼କୁ କଣେଇ କରି ଚାହିଁଲେ ।

ଚୁପ୍‌ହୋଇ ବସିରହିଲି ମୁଁ ।

ସୁରର ଅନ୍ତରା କ୍ରମଶଃ ମାତିଉଠିଲା ।

ଗୋଲାପୀ ବିଦ୍ୟୁତ୍ ଆଲୋକ ଭିତରେ ରାଗିଣୀର ଝଙ୍କାର ସଙ୍ଗେ ଯେପରି ସୃଷ୍ଟି କଲା ମାୟାଲୋକ । ସମସ୍ତ ପ୍ରାଣ ମୋର ସ୍ପନ୍ଦିତ ହୋଇଉଠିଲା ।

ହାତରେ ଗ୍ଲାସ ଉଠେଇନେଇ ମିଃ ବାଓ ଚୁମକ୍ ଦେଲେ ପାନୀୟରେ ।

କାନ୍ଥ ଦେହରେ ଢିଂ କରି ବାଜିଉଠିଲା ଘଣ୍ଟି ।

: କିଏ ଦେଖ୍ ତ ବାହାରେ ? ଗୀତ ମଝିରେ ଆଖି ଠାରି ପରିଚାରିକାକୁ ନିର୍ଦ୍ଦେଶ ଦେଲେ ବାଈଜୀ ।

ପରିଚାରିକାର ସ୍ୱାଗତ ଅଭିବାଦନକୁ ଅପେକ୍ଷା ନ କରି ଘର ଭିତରକୁ ପଶିଆସିଲେ ଯେଉଁ ଦୀର୍ଘକାୟ ପୁରୁଷ, ଦେଖି ଚମକି ଉଠିଲି ମୁଁ । ଭୁଲ୍ ଦେଖୁ ନାହିଁ ତ ? ସନ୍ଦେହ କଲି ନିଜ ଆଖିକୁ !

: ଆସନ୍ତୁ, ଆସନ୍ତୁ ସୁରେଶ ବାବୁ । ଆନନ୍ଦରେ ପାଟିକରି ଉଠିଲେ ମିଃ ବାଓ । ମୋହିନୀ ବାଈଙ୍କ ଓଠରେ ଖେଳିଗଲା ବଧୂଲି ରଙ୍ଗର ହସ ଟିକିଏ ।

ସୁରେଶ ?

କାବ୍‌ବା ହୋଇ ମୁଁ ଅନେଇଲି ।

ଠିକ୍ ତ ! ସେଇ ହେହେରା । ସେଇ ଠାଣି । ବେଶରେ ଅବଶ୍ୟ ପରିବର୍ତ୍ତନ ହୋଇଛି । ଖାଣ୍ଟି ସାହେବୀ ପୋଷାକ । କିନ୍ତୁ ସୁରେଶ ଏଠି କାହିଁକି ? ସୁରେଶ ଏଠି କେମିତି ?

ଶିରା-ପ୍ରଶିରାରେ ଏକ ତଡ଼ିତ୍ ପ୍ରବାହ ଖେଳିଗଲା । ପ୍ରବଳ ଉତ୍ତେଜନାରେ ଉଠି ଛିଡ଼ା ହୋଇପଡ଼ିଲି ।

ହୋ-ହୋ କରି ହସିଉଠିଲେ ମିଃ ବାଓ । ଚାଲିଯିବେ ଆପଣ ?

ମୁଣ୍ଡ ହଲାଇ ଛୁଟି ମାଗିଲି ।

: ଯାଆନ୍ତୁ···ଯାଆନ୍ତୁ । ଆଉ ଥରେ ଦୁଇଥର ଆସିଲେ ଅଭ୍ୟସ୍ତ ହୋଇଯିବେ । ମୁଁ ଜଣେ ପରିଚିତ ବନ୍ଧୁ ପାଇଛି । ଆପଣ ଯାଇପାରନ୍ତି ।

ସମସ୍ତଙ୍କ ଉଦ୍ଦେଶ୍ୟରେ ମୁଁ ବିଚଳିତ ଭାବରେ ନମସ୍କାର ଜଣାଇ ଛୁଟିପିଟି ହୋଇ ପଳେଇ ଆସିଲି ।

ସୁରେଶ ମତେ ଚିହ୍ନି ପକେଇଲା ନା କ'ଣ ?

ଲୁଙ୍ଗି, ଫତେଇ, ଦାଢ଼ିର ବିଚିତ୍ର ସମାବେଶ ଭିତରେ ମୋର ଏ ଉଦ୍ଭଟ ସୁନ୍ଦର ଚେହେରାଟାକୁ ସୁରେଶ ଚିହ୍ନି ପାରିଲା ?

## ॥ ୨୮ ॥

ରାସ୍ତା ଉପରେ ଆସି ଠିଆହେଲି ।

ଆଶ୍ଚର୍ଯ୍ୟ ଉତ୍ତେଜନାରେ ସମସ୍ତ ଦେହ ଥରୁଛି ।

ଜମାଟବନ୍ଧା ଅନ୍ଧକାର ଘୁରିଅଡ଼େ । ଠିକ୍ କହିଥିଲେ ମିଃ ବାଓ, ଖାଲି ଏ ଗଳିକି ଆସି ନିର୍ଭୀକ ହୋଇ ଫେରେ । କି ଅଦମ୍ୟ ସାହସ ମୋ ହାତ ମୁଠାରେ ! ସୁରେଶକୁ ଯାଉଛି ଟାଣିଆଣିବ ମୋହିନୀ ବାଈଙ୍କ କକ୍ଷରୁ । ଓଟାରି–

ଆଣି ପସ୍ତାଇବ…କହ, କେଉଁଠି ଲୁଚେଇ ରଖିଛୁ ଆରତୀକୁ ? କହ, ନଇଲେ ଆଜି ତୋ ରକ୍ତ ଚଟା ପିଇବ…

ହଠାତ୍ କ'ଣ ହୋଇଗଲା ଜାଣିପାରିଲି ନାହିଁ। ମୋ ରକ୍ତ ଏମିତି କିଆଁ ପାଇଁ ତାତିଉଠିଲା କେମିତି ବୁଝିପାରିଲି ନାହିଁ। ଦେହଟା କି ଗରମ ! ନିଜ ହାତରେ ନିଜକୁ ଅନୁଭବ କରି ଚମକିଉଠିଲି ମୁଁ।

ଉପର ମହଲାରୁ ଗୀତର ଲହର ଭାସିଆସୁଛି। ଆସର ଜମି ଉଠିଛି। ମିଃ ବାଣ୍ଡେ ଏ ଭିତରେ ଗ୍ଲାସର ସମସ୍ତ ପାନୀୟ ନିଃଶେଷ କରି ଦେଇଛନ୍ତି ନିଶ୍ଚୟ। ଆଉ ସୁରେଶ ! ସୁରେଶ କ'ଣ ମଦଖିଆ ଆରମ୍ଭ କରିଦେଇଛି ? ସେ ବି କ'ଣ ପକ୍କା ମାତାଲ ହୋଇଯାଇଛି ?

କିନ୍ତୁ…

ନା, ଏମିତି ଅସ୍ଥିର ହେଲେ ଚଳିବ ନାହିଁ। ନିଜକୁ ସଂଯତ କରିବାକୁ ହେବ। ସୁରେଶ ଖାପଣ ! ସୁରେଶ ମାରାତ୍ମକ ! ସାମାନ୍ୟ ସୁରାକ ପାଇଲେ ହୁଏତ ଅନ୍ତର୍ଦ୍ଧାନ ହୋଇଯିବ ସେ ରେଙ୍ଗୁନ୍‌ରୁ। ସବୁ ଚେଷ୍ଟା ମୋର ବ୍ୟର୍ଥ ହୋଇଯିବ। ପ୍ରତିଶୋଧ ନେଇ ପାରିବିନି। ପ୍ରତିହିଂସା ସାଧି ପାରିବିନି। ମତେ ସ୍ଥିର ରହିବାକୁ ପଡ଼ିବ।

ହଠାତ୍ ଆକ୍ରମଣ ଠିକ୍ ନୁହେଁ।

ସୁରେଶ ଶିକାରୀ ! ସୁରେଶ ଗ୍ୟାଙ୍ଗ୍ ! ମତେ କୌଶଳରେ ସବୁ କିଛି ସମ୍ବାଦ ସଂଗ୍ରହ କରିବାକୁ ପଡ଼ିବ।

ଅବ୍ୟବସ୍ଥିତ ହୃଦୟ ନେଇ ସେଇ ଗଳି ଭିତରେ ଆଗ ପଛ ହୋଇ କିଛି ସମୟ ପଦଚାରଣ କଲି। ତାପରେ ଏକ ଘୁଣ୍ଟି ପରେ ଛୁଟି ଆସିଲି 'ବ୍ୟୁଟିଭିଲା' ଉଦ୍ଦେଶ୍ୟରେ। ତା' ନିଭୃତ କକ୍ଷ ଭିତରେ ଗମ୍ଭୀର ନିର୍ଜ୍ଜନ ଅନ୍ଧକାରରେ ବସି ଗଢ଼ିଲି ମୋ ଚକ୍ରାନ୍ତର ଯୋଜନା।

ଆରତୀକୁ ଆଣି ସୁରେଶ ଏଠି ଲୁଚେଇ ରଖିଛି ? ତାକୁ ବିବାହ କରିଛି ? ବିବାହ କରିଛି ଯଦି, ପୁଣି ବେଶ୍ୟାସକ୍ତ କାହିଁକି ସୁରେଶ ?

ଆରତୀ ବଞ୍ଚିଛି ତା'ହେଲେ !

ଆରତୀକୁ କରାୟତ୍ତ କରିବା ପାଇଁ ସୁରେଶ ଏତେ ଦୂରକୁ ଯାଇପାରେ ? କି ଦୁର୍ଦ୍ଦାନ୍ତ ପ୍ରେମିକ ସୁରେଶ ! କି ସାଂଘାତିକ ସ୍ୱୈଣ !! କି ଖାପଣ ନାରୀମାଂସ-ଲୋଭୀ ରାକ୍ଷସ !!! ଆଉ ଭାବିପାରିଲି ନାହିଁ।

ସମସ୍ତ କଳ୍ପନା ମୋର ହାର ମାନିଲା ।

ଆଉଥରେ ଯଦି ଆସିଥାଏ ସୁରେଶ ସହିତ, କେମିତି ବା ଆସିଲା ? ପରକୀୟା ଆଉଥରେ, କୁଳବଧୂ ଆଉଥରେ, ଅଥବା ଆଉଥରେ ଆସିଲା କିପରି ସୁରେଶ ସାଙ୍ଗରେ ?

ସୁରେଶ କ'ଣ ଯାଦୁ ଜାଣେ ? ତାକୁ ଭୁଲେଇ ଆଣିଛି ?

ଆଶ୍ଚର୍ଯ୍ୟ ! ତା' କ'ଣ ସମ୍ଭବ ? ମୁଁ ଏପରି ଉଦ୍ଭଟ କଳ୍ପନାରେ ସମୟ ନଷ୍ଟ କରୁଛି କାହିଁକି ? ଧୈର୍ଯ୍ୟ ଧରି ସବୁ ଖୋଜି ବାହାର କରିବାକୁ ଯେ ହେବ ମତେ !

ମୋହିନୀ ବାଈ ! ସେଇ ହିଁ ଉପଯୁକ୍ତ ପଥପ୍ରଦର୍ଶକ । ତାଙ୍କରି ପାଖରୁ ହିଁ ମିଳିବ ସବୁ କିଛି ଗୁପ୍ତ ସମ୍ବାଦ ।

ପଡ଼ି ରହିଲା ମିଃ ବାଓ୍ୱାଙ୍କ ଅଫିସ କାମ । ତହିଁ ଆରଦିନ ଦଶଟାକୁ ବାହାରି ପଡ଼ିଲି ବାଈଜୀଙ୍କ ଉଦ୍ଦେଶ୍ୟରେ ।

ହଠାତ୍ ଆପଣ ? ମୋହିନୀ ପଚାରିଲେ, ଆଶ୍ଚର୍ଯ୍ୟ ଗଳାରେ ।

: କ୍ଷମା ମାଗିବାକୁ ଆସିଛି । କାଲି ଆପଣଙ୍କୁ ଅପମାନ କରିଗଲି ।

: ଅପମାନ ?

: ହଁ, ଆପଣ ଗୀତ ଗାଉଥିଲେ, ମୁଁ ଅବଜ୍ଞା କରି ଉଠି ଚାଲିଗଲି ।

: ମୁଁ କିନ୍ତୁ ଅପମାନିତ ମନେ କରିନି, ବରଂ ଖୁବ୍ ଖୁସି ହୋଇଛି ।

: କ'ଣ ଭାବି ?

: ଆପଣ ମୋ ଖାପ୍‌ଟରେ ଏତେ ସହଜରେ ପଡ଼ିଗଲେ ବୋଲି ।

ଟିକିଏ ହସିଲି ମୁଁ ।

: ହସିଲେ କାହିଁକି ? ସ୍ତ୍ରୀ ସଂକ୍ରାନ୍ତ ବ୍ୟାପାରରେ ଆପଣ ବଡ଼ ଦୁର୍ବଳ । ସେଇଥିପାଇଁ ସ୍ତ୍ରୀଙ୍କ ସଂସର୍ଗରେ ନ ଆସିବାକୁ ପ୍ରଥମରୁ ଚେଷ୍ଟା କରନ୍ତି । କିନ୍ତୁ ଥରେ ଆସିଗଲେ ଆପଣ ଧୈର୍ଯ୍ୟ ହରେଇ ବସନ୍ତି ।

କହିଲି : ଆପଣଙ୍କ ଅନୁମାନ ଠିକ୍ । ଆଉ କିଛି କହିପାରିବେ ମୋ ଦୁର୍ବଳ ଚରିତ୍ର ସମ୍ବନ୍ଧରେ ?

: ପାରିବି । ଆପଣ ସ୍ୱାର୍ଥପର । ଯେଉଁ ସ୍ତ୍ରୀକୁ ଚାହିଁବେ, ତାକୁ ଆଉ କେହି ଅନେଇଲେ ଆପଣ ଈର୍ଷାରେ ଜଳିଯିବେ ।

: ଶିଖ୍ ପ୍ରେମିକର ଚରିତ୍ର ସେଇଠୁ ।

: ଆପଣଙ୍କର କୃପାଣ ଅଛି ? ମୋହିନୀ ବାଈ ହଠାତ୍ ଗଳାର ସ୍ୱର ଗମ୍ଭୀର କରି ପଚାରିଲେ ।

: କୃପାଣର ସନ୍ଧାନ କାହିଁକି ନେଲେ ? କାହାଠୁ ପ୍ରତିଶୋଧ ନେବେ ?

: ମତେ ସାହାଯ୍ୟ କରିବେ ନେବାରେ ?

: କ'ଣ ଦେବେ ମତେ ?

: ଯାହା ଚାହିଁବେ ।

: ମୋର ହୋଇ ରହିବେ ସବୁଦିନ ? ମୁଁ ରହସ୍ୟାବୃତ ଗଳାରେ ପଚାରିଲି ।

: ବେଶ୍ୟା କାହାର ସବୁଦିନର ହୋଇ ରହେନି ।

: ଶୁଆ ମୁଖ ଶୁଆ ମୁହଁରେ ?

: ଆମେ ତାକୁ ବଜେଇ କଥାର ମୂଲ୍ୟ ଆଦାୟ କରିବାରେ ଅଭ୍ୟସ୍ତ କି ନା, ସଙ୍କୋଚ ନାହିଁ ନିଜର ଦୋଷ ତ୍ରୁଟିକୁ ସ୍ୱୀକାର କରିବାରେ ।

: ଏଥର ବି ହାର୍ ହେଲି ମୋର । କହି ମୁଁ ମୋହିନୀଙ୍କ ହାତ ଧରି ପକେଇଲି ଗଭୀର ଆନ୍ତରିକତାରେ ।

: ଏତେ ସକାଳେ ଆସିଲେ କାହିଁକି ? ପ୍ରେମ ନା ପ୍ରତିହିଂସା !

: ମାନେ ?

: ବେଶ୍ୟା ଘରକୁ ଆପଣଙ୍କ ପରି ଉଦ୍‌ଭ୍ରାନ୍ତ ଚେହେରାର ଲୋକ ଦୁଇଟି କାରଣରେ ଆସନ୍ତି । ହୁଏତ ପ୍ରେମ ପାଇଁ କିମ୍ବା ପ୍ରତିହିଂସାର ଦାଉ ସାଧିବା ପାଇଁ ।

: ଯଦି କୁହେ ପ୍ରେମ ?

ହୋ-ହୋ କରି ହସିଉଠିଲେ ମୋହିନୀ । ଆପଣ ଯେ ପ୍ରେମିକ ନୁହନ୍ତି ।

: ପ୍ରେମିକ ନୁହେଁ ?

: ନା ।

: କିପରି ଜାଣିଲେ ?

: ଆପଣଙ୍କର ଯେ ଲାଜ-ସମ୍ଭ୍ରମ ଅଛି ! ଯେ ନିର୍ଲଜ୍ଜ ନୁହେଁ, ସେ ପ୍ରେମିକ ହେବ କିପରି ? ଦିଜଣ ପୁରୁଷ ବସିଥିଲେ ବୋଲି ଆପଣ କାଲି ରାତିରେ ମୋ

ମୁହଁକୁ ସିଧା-ସଳଖ ଅନେଇ ପାରିଲେ ନାହିଁ । ଯେଉଁ ବେଶ୍ୟା ଦଶଟା ପୁରୁଷଙ୍କ ଆଗରେ ଉଲଗ୍ନ ଦେହ ମେଲେଇ ନାଚ ଗାଇ ତାମସା କରେ, ତାକୁ କି ପ୍ରେମ ଦେବେ ଆପଣ ?

: ତାହେଲେ ଖବୃଛନ୍ତି ପ୍ରତିହିଂସା ନେବା ଉଦ୍ଦେଶ୍ୟରେ ଆସିଛୁ ?

: ନିର୍ଭୁଲ ଭାବରେ ସେଇଆ ।

: କିନ୍ତୁ କାହାଠୁ ?

: ମୁଁ ବେଶ୍ୟା । ପୁରୁଷର ଦୃଷ୍ଟିରୁ ତା' ଭିତରେ ମନର ମତଲବ ବୁଝିପାରେ । କୁହୁକ ରାଜ୍ୟର କାଉଁରି କନ୍ୟା ନୁହେଁ, ମନ ଭିତରେ କାହାଠୁ ପ୍ରତିହିଂସା ନେବାକୁ ଆପଣ ଠିକ୍ କରିଛନ୍ତି, ତା' ନାଁ କହିଦେବି ?

ଚମକି ଉଠିଲି । ମୋହିନୀ କିଛି ମନ୍ତ୍ର ଜାଣନ୍ତି ନା କ'ଣ ? ମୋ ଭିତର ମତଲବର ଏ ଅଦ୍ଭୁତ ବିଶ୍ଳେଷଣ ସେ କଲେ କିପରି ?

କଥାର ପ୍ରସଙ୍ଗ ବଦଳେଇବାକୁ ଚେଷ୍ଟାକଲି । ପଚାରିଲି···ହଠାତ୍ ମୋର କୃପାଣ ଅଛି କି ନାହିଁ ପଚାରୁଥିଲେ କାହିଁକି ?

: ଶିଖ୍‌କୁ ଦେଖିଲେ ତା କୃପାଣ କଥା ମନରେ ପଡ଼େ । ଭାରତରେ ଆଉ କୌଣସି ଜାତିର ଲୋକ ସମ୍ବନ୍ଧରେ ତାର ବୀରତ୍ୱ ନେଇ ଏତେ ଆସ୍ଥାବାନ୍ ନୋହୁଁ ଆମେ ।

ମୁଁ ଟିକିଏ ହସିଲି ।

: ହସିଲେ କାହିଁକି ? ପଚାରିଲେ ମୋହିନୀ ।

କହିଲି : ଶିଖ୍‌ଙ୍କ ବୀରତ୍ୱ ସମ୍ବନ୍ଧରେ ଆପଣ ଏପରି ଆସ୍ଥାବାନ୍ ହୋଇ-ଉଠିବା ମୂଳରେ ନିଶ୍ଚୟ ବ୍ୟକ୍ତିଗତ ଅନୁଭୂତି ଅଛି ।

ଫଗୁର ଝଲକ ପରି ଲାଲ ହୋଇଉଠିଲା ବାଈଜୀଙ୍କ ମୁହଁ ।

: କୌଣସି ଶିଖ୍‌କୁ ଭଲ ପାଇଥିଲେ ବୋଧହୁଏ ? ପଚାରିଲି ସହାନୁଭୂତି-ପୂର୍ଣ୍ଣ ଗଳାରେ ।

: ସେ ଅନେକ କଥା । ରୂପର ଚମକ ନେଇ ପୁରୀର ଚୂଡ଼ଙ୍ଗସାହିରୁ ଆସ୍ଥାନ ଉଠାଇ ମୁଁ ଯେତେବେଳେ ଆସି ରହିଲି କଲିକତାର ସୁନାଗାଛିରେ, ବନ୍ଧା ଗ୍ରାହକ ଭାବରେ ମୋର ଯୁଟିଲେ ତିନିଜଣ ପ୍ରେମିକ । ତାଙ୍କ ଭିତରେ ଜଣେ ବଙ୍ଗାଳୀ ଜମିଦାରୀ ଚୌଧୁରୀ ନୃପେନ୍ଦ୍ର ରାୟ—ନୃତ୍ୟ ଆଉ ସଙ୍ଗୀତ ରସିକ । ମତେ

ଗୀତ ଶିଖେଇବା ପାଇଁ ସେ ରଖିଲେ ଜଣେ ଓସ୍ତାଦ । ବାଲିଗଞ୍ଜରେ ତାଙ୍କର ବାଗାନ ବାଡ଼ିକୁ ଗାଡ଼ି ପଠେଇ ସେ ମତେ ସକାଳୁ ନେଇଯାଆନ୍ତି ପ୍ରତି ରବିବାର ଦିନ । ସେଇଠି ମୁଁ ଗୀତ ଶିଖେ । ସନ୍ଧ୍ୟାରେ ଜମିଦାର ସାହେବ ଆସନ୍ତି । ସେଦିନର ଶିଖା ଗୀତ ସେ ଥରେ ଶୁଣନ୍ତି । ତାପରେ ନିର୍ଦ୍ଦେଶ ଦିଅନ୍ତି ତାଙ୍କର ଡ୍ରାଇଭର ହୋସେନ୍‌କୁ ମତେ ରାତି ଦଶଟାରେ ଆଣି ସୋନାଗାଛିରେ ମୋ ମଜ୍‌ଲିସ ଘରେ ଛାଡ଼ି ଦେବାକୁ ।

ସବୁ ଦିନ ପରି ଦିନେ ରବିବାର ସନ୍ଧ୍ୟାରେ ମୁଁ ବାଗାନ ବାଡ଼ିରେ ଜମିଦାରଙ୍କ ଅପେକ୍ଷାରେ ସାଜସଜ୍ଜା ହୋଇ ବସିଛି, ହୋସେନ୍ ପ୍ରାୟ ରାତି ଆଠଟାକୁ ଆସି ସଲାମ ଦେଇ କହିଲା : ଜମିଦାର ସାହେବ ଆଜି ଆସିପାରିବେ ନାହିଁ । ଦୁଇ ବର୍ଷର ଜଣାଶୁଣା ଭିତରେ ଏପରି ବ୍ୟତିକ୍ରମ ସେଇ ପ୍ରଥମ । ମୁଁ ଟିକିଏ ଆଶ୍ଚର୍ଯ୍ୟ ହେଲି । ପଚାରିଲି : ଜମିଦାର ସାହେବ ଅଛନ୍ତି କେଉଁଠି ?

: ମତେ କହିବାକୁ ନିଷେଧ କରିଛନ୍ତି । ଜବାବ ଦେଇ କହିଲା ହୋସେନ୍,
: ହୁକୁମ ହୋଇଛି, ଆପଣଙ୍କୁ ନେଇ ଘରେ ଛାଡ଼ିଦେବା ପାଇଁ ।

: ମୁଁ କିନ୍ତୁ ଦେଖାକରି ଯିବି । ଜିଦ୍‌ଧରି କହିଲି, ଗାଡ଼ିଅଛି, ମତେ ନେଇ ଚାଲ ଜମିଦାରଙ୍କ ପାଖକୁ ।

ହୋସେନ୍ ଟିକିଏ ବି ଆପତ୍ତି ନ କରି କହିଲା : ଆସନ୍ତୁ ।

ମୁଁ ସୋଲ୍ଲାସେ ଗାଡ଼ିରେ ଉଠି ବସିଲି । ହୋସେନ୍, ଡରଡରରେ ଷ୍ଟିଅରିଂ ପାଖରେ ବସି ଗାଡ଼ିରେ ଷ୍ଟାର୍ଟ ଦେବାକୁ ଯାଉଛି, ଏତିକିବେଳେ ଜଣେ ଦୀର୍ଘକାୟ ଶିଖ୍ ଯୁବକ ଆସି ଠିଆ ହେଲା ଗାଡ଼ି ସାମ୍‌ନାରେ । ମତେ ସଲାମ୍ ଦେଇ କହିଲା : ମେମ୍ ସାହେବ, ଆପଣ ଗାଡ଼ିରୁ ଓହ୍ଲେଇ ଘର ଭିତରେ ଅପେକ୍ଷା କରନ୍ତୁ । ମୋ ପାଖକୁ କୌଣସି ଖବର ଚୌଧୁରୀ ସାହେବ ନ ପଠେଇଲା ପର୍ଯ୍ୟନ୍ତ ମୁଁ ଆପଣଙ୍କୁ ଏଠୁ ଯିବାକୁ ଦେବି ନାହିଁ ।

: କିଏସ୍ ତୁମେ ?

: ମୁଁ ଏଇ ବାଗାନ୍ ବାଡ଼ିର ଜଗୁଆଳି ।

: ଦି ବର୍ଷ ହେଲା ମୁଁ ଏଠିକି ଆସିଛି । ତୁମକୁ ତ ଦେଖି ନାହିଁ ।

: ମେମ୍ ସାହେବା ପର୍ଦ୍ଦାନସିନ୍ । ଆପଣଙ୍କ ସାମ୍‌ନାକୁ ଆସିବା ହୁକୁମ ଜମିଦାର ସାହେବ କେବେ ଦେଇ ନାହାନ୍ତି । ମୁଁ କେବଳ ଜଗୁଆଳି ନୁହେଁ··· ବାଗାନ୍ ବାଡିରେ ଜମିଦାର ସାହେବ ଥିଲା ସମୟତକ ମୁଁ ତାଙ୍କର ଦେହରକ୍ଷୀ ।

ଗାଡ଼ିରୁ ଓହ୍ଲାଇ ଘର ଭିତରକୁ ଆସିଲି । ହୋସେନ୍‌କୁ ଫେରେଇ ଦେଲି ।

ସେଇ ସନ୍ଧ୍ୟା ରାତି ଦଶଟା । ଖାଦ୍ୟପାନ୍ତ ମନ ନେଇ ଚକ୍ରାରେ ଛଟପଟ କରୁଛି, ହଠାତ୍ ପୁଣି ମଟରର ଶବ୍ଦ ଶୁଣାଗଲା । ପର୍ଦ୍ଦା ପାଖକୁ ଆସି ଦେଖିଲି ସାମ୍‌ନାରେ ଜମିଦାର ସାହେବ । ଅତିରକ୍ତ ପି'ଛନ୍ତି । ସଳଖ ହୋଇ ଠିଆ ହେବାର ଶକ୍ତି ନାହିଁ । ଦେହ ଭାଙ୍ଗି ଭାଙ୍ଗି ପଡ଼ୁଛି । ଟଳି ଟଳି ଘର ଭିତରକୁ ଆସି ମୋ କାନ୍ଧରେ ହାତ ପକେଇ କହିଲେ···ଅନେକ ଡେରି ହେଇଗଲା ମୋହିନୀ ! ସିଟି ବାର୍ ଆଗରେ ମୋ ଗାଡ଼ିଟା ରଖି ଦେଇ ମତେ ନ କହି ହୋସେନ୍ ପଳେଇଛି ।

ଆଶ୍ଚର୍ଯ୍ୟରେ ଚମକି ଉଠିଲି । ହୋସେନ୍‌ତ ଏଠିକି ଆସିଥିଲା । ମୁଁ କହିଲି ।

: କେତେବେଳେ ? ପଚାରିଲେ ଜମିଦାର ସାହେବ ।

: ଦୁଇଘଣ୍ଟା ଆଗରୁ । ଆସି କହିଲା, ଆପଣ ଆଜି ଆସି ପାରିବେନି । ମତେ ନେଇ ଘରେ ଛାଡ଼ି ଦେଇ ଆସିବାକୁ ତାକୁ ହୁକୁମ ଦେଇଛନ୍ତି ।

: ତାପରେ ?

: ମୁଁ କହିଲି, ଜମିଦାର ସାହେବଙ୍କୁ ଦେଖା କରି ମୁଁ ଘରକୁ ଫେରିବି । ମତେ ନେଇ ଚାଲ ସେ କେଉଁଠି ଅଛନ୍ତି । ସେ ତରବର ହେଇ ଗାଡ଼ିର ଦୁଆର ଖୋଲିଦେଲା । ମୁଁ ପଛ ସିଟ୍‌ରେ ବସିଲି । ଦୁଆର ଲକ୍ କରି ହୋସେନ୍ ଷ୍ଟିଅରିଂ ପାଖରେ ବସିବାକୁ ଯାଉଛି, ଏତିକିବେଳେ ଆପଣଙ୍କ ବଗିଚାର ଜଗୁଆଳି ଆସି ବାଧା ଦେଲା ହୋସେନ୍‌କୁ । ଚୌଧୁରୀ ସାହେବ ମତେ ଖବର ନ ପଠେଇଲା ପର୍ଯ୍ୟନ୍ତ ମୁଁ ମେମ୍ ସାହେବଙ୍କୁ ଏ ଜାଗା ଛାଡ଼ି ଯିବାକୁ ଦେବି ନାହିଁ ।

ହୋସେନ୍ ରାଗି ଉଠିଲା ।

ବଚସା ହେଲା ଦୁହିଁଙ୍କର ।

କଥା କଟା କଟିରେ ଝଗଡ଼ା ବଢ଼ି ଉଠିଲା । ମୁଁ ଗାଡ଼ି ଭିତରେ ବସି ଦେଖୁଥାଏ । ହଠାତ୍ ହୋସେନ୍ ପାଟି କରି, ବେପରୁଆ ମିଜାଜରେ ଗାଡ଼ିରେ ଷ୍ଟାର୍ଟ ଦେବାକୁ ଆରମ୍ଭ କଲା ମାତ୍ରେ, ଫଟ୍ କରି ଅଣ୍ଟାରୁ କୃପାଣ କାଢ଼ି ଦେଖେଇ ଦେଲା ଜଗୁଆଳି ।

ମୁଁ ଓହ୍ଲେଇ ପଡ଼ିଲି ।

ଗାଡ଼ି ନେଇ, ଏକ ମୁହାଁ ପଳେଇଲା ହୋସେନ୍ !

: ନମକ୍‌ହାରାମ, ବେଇମାନ୍ ହୋସେନ୍ ! ଗର୍ଜ୍ଜି ଉଠିଲେ ଜମିଦାର । କହିଲେ ମୋ ମାତାଲମିର ସୁଯୋଗ ନେଇ, ଆଜି ତୁମର ସର୍ବନାଶ କରିବାକୁ ବସିଥିଲା ସଇତାନ୍ । ଏଠୁ ବିଫଳ ମନୋରଥ ହୋଇ ଫେରିଯାଇ, ଗେଟ୍‌ରକ୍ଷକଭଳି, ବାର୍ ସାମନାରେ ଗାଡ଼ି ରଖି ଗୁଡ଼ି ପଳେଇଛି ସେଇଥିପାଇଁ । କିନ୍ତୁ, ମୁଁ ତାକୁ ଛାଡ଼ିବି ନାହିଁ । ଆଜି ପୁଲିସକୁ ଖବର ଦେଇ ଗିରଫ୍ କରେଇବି ତାକୁ । ସର୍ଦ୍ଦାର ତୁମର ଇଜ୍ଜତ ରଖିଦେଲା, କହି ସେ ବାରଣ୍ଡା ଉପରକୁ ଯାଇ ବଡ଼ ପାଟିରେ ଡାକିଲେ—ବିକ୍ରମ ସିଂ ?

ସାମ୍‌ନାରେ ଆସି ଠିଆ ହେଲା ସେଇ ଦୁର୍ଦ୍ଧର୍ଷ ଶିଖ୍ ଯୁବକ ।

କିପାନ୍ କାହିଁ ହେଁ ? ଗର୍ଜ୍ଜି ଉଠିଲେ ଚୌଧୁରୀ ସାହେବ ।

ଜୀ ହଜୁର ! କହି କମରରେ ହାତ ପକେଇଲା ବିକ୍ରମ । ଝୁଲୁଥିବା ଚମଡ଼ାର 'ମିଆନ' ଭିତରୁ ଟାଣି ଆଣି ଦେଖେଇଦେଲା କୃପାଣ । କହିଲା : ହୁକୁମ ହୋ' ତୋ, ହୋସେନ୍‌ର ଗର୍ଦ୍ଦନ କାଟି ଆଣି ଦେଖେଇ ଦେବି ।

ସେ କି ସାଂଘାତିକ ମୂର୍ତ୍ତି ବିକ୍ରମ ସିଂହର । କି ଉତ୍କଟ ସୁନ୍ଦର ଚେହେରା !!

: ବକ୍‌ସିସ୍ ଲେ ! ଛାତି ପକେଟରେ ଥିବା ମନିବ୍ୟାଗଟାକୁ କାଢ଼ି ବଢ଼େଇଦେଲେ ଜମିଦାର ସାହେବ ।

: ନେହିଁ ହଜୁର ! ସଲାମ ଦେଇ କହିଲା ବିକ୍ରମ ! ଏ ହାମାରା ଫର୍ଜ ! ମେମ୍ ସାହେବ କି ଇଜ୍ଜତ୍ ବଚାନା ହାମାରା ଧରମ ଥା । କହି ପୁଣି ଥରେ ସଲାମ ଦେଇ ଚାଲିଗଲା ବିକ୍ରମ ସିଂ !

ମୁଁ ତା ବଳଦୀପ୍ତ ବଳିଷ୍ଠ ଚେହେରା ଆଡ଼େ ଲୋଭାତୁର ଦୃଷ୍ଟିରେ କିଛିକ୍ଷଣ ଚାହିଁ ରହିଲି ।

ତା'ପରେ···

ସେଇ ଦିନଠୁ ମନ ଭିତରେ କେଉଁଠି ଯେପରି ଗୋଟାଏ ଶୂନ୍ୟତା ଅନୁଭବ କଲି । କେତେ ଅତୃପ୍ତ ବାସନା, କେତେ ଚଞ୍ଚଳ କାମନାର ତୃଷ୍ଣା ମତେ ଯେପରି ରକ୍ତାକ୍ତ ଉଚ୍ଛାଟରେ ଅସ୍ଥିର କରି ତୋଳିଲା । କି ଉନ୍ମତ୍ତ ସମ୍ଭୋଗର ଲାଳସା ବହ୍ନିରେ ମୋ ବାରବିଳାସିନୀ ପ୍ରାଣ ଯେ ହାଉ ହାଉ କରି ଜଳି ଉଠିଲା କିଛି ବୁଝିପାରିଲି ନାହିଁ । ଉଃ, ସେ କି ଅସ୍ୱସ୍ତି !

ଫାନ୍ଦ ବସେଇଲି ।

ଏଣୁ ତେଣୁ କାମର ବାହାନାରେ, ବାଗାନ ବାଡ଼ିକୁ ଜମିଦାରଙ୍କ ଅଣ୍ଡାଳ-ସାରରେ ଯା ଆସ କଲି ଘନ ଘନ। ଆସି ବିକ୍ରମ ସିଂକୁ ଡାକେ। କାମର ଫରମାସି କରେ। କେତେବେଳେ ହୁକୁମ ଦଏ-ଯାଇଁ ଚୌଧୁରୀ ସାହେବଙ୍କୁ ଡାକି ଆଣ। ରୁଟିନ୍ ବାହାରେ, ମୋର ଯା-ଆସ ଟାକୁ ଜମିଦାର ସାହେବ ତାଙ୍କ ସୌଭାଗ୍ୟର କଥା ବୋଲି ବିଗୁରନ୍ତି। କ୍ରମଶଃ ବିକ୍ରମ ସିଂ ସହିତ ମୋର ଘନିଷ୍ଠତା ଜମି ଉଠେ।

: ବିକ୍ରମ ସିଂ କ'ଣ ଅବିବାହିତ ଥିଲା ? କଥା ମଝିରେ ବାଧା ଦେଇ ମୁଁ ପଗ୍ଚରିଲି ମୋହିନୀକୁ।

: ସେ କଥା ଶେଷ ପର୍ଯ୍ୟନ୍ତ ମୁଁ ପଗ୍ଚରି ପାରିନାହିଁ। ସେ କଥା ବୁଝିବା ବି ଆମ ବ୍ୟବସାୟର ଧର୍ମ ନୁହେଁ, କହି ମୋହିନୀ ନିଜକୁ ନିଜେ ଉପହାସ କଲା ପରି ଟିକିଏ ମୁରୁକି ହସ ହସି କହି ଗ୍ଚଲିଲେ—ଦିନେ, ଗୁରୁନାନକଙ୍କ ଜନ୍ମ ପର୍ବ ସେଦିନ, ବିକ୍ରମ ସିଂକୁ ନିମନ୍ତ୍ରଣ କଲି ମୋ ସୋନାଗାଛିର ମଜ୍‌ଲିସ କକ୍ଷକୁ। ଏତେଦିନକେ, ବାଞ୍ଛିତ ଶୀକାରକୁ ହାତ ମୁଠାରେ ପାଇ ମନେ ମନେ କୁରୁଳି ଉଠିଲି ମୁଁ। ରାକ୍ଷସୀ କ୍ଷୁଧା ମୋର ଦାଉ ଦାଉ ଜଳି ଉଠିଲା। କହିଲି—ସର୍ଦ୍ଦାର, ଜମିଦାର ସାହେବଙ୍କଠୁ ହୁକୁମ ନେଇ ତୁମକୁ ଡାକି ଆଣିଛି। ଫେରି ଯିବାକୁ ତରତର ହବନି। ଆରାମରେ ବସ। ଖିଆ-ପିଆ କର।

: ଜୀ ମେମ୍ ସାହେବ, କହି ବିକ୍ରମ ବସିଲାଠୁ ହଠାତ୍ ଉଠି ଛିଡ଼ା ହୋଇ ସଲାମ ଦେଲା।

: ଏ କଣ ? ଦି ହାତରେ ତା କାନ୍ଧ ଧରି ବସେଇ ଦେଇ କହିଲି : ଆଜି ଆଉ ମେମ୍ ସାହେବ ନୁହେଁ ସର୍ଦ୍ଦାର। ମୁଁ ବାରବାଲାସିନୀ। ଦେହର ବ୍ୟବସା କରେ। ତୁମକୁ ମୋ ହାତରୁ ଆଜି ପି'ବାକୁ ହେବ।

: ମେମ୍ ସାହେବ ? ଆଶ୍ଚର୍ଯ୍ୟରେ ପାଟି କରି ଉଠିଲା ବିକ୍ରମ। କହିଲା, : ମାଫ୍ କରିବେ। ନିଶା କରିବା ମୋ ଧର୍ମରେ ନାହିଁ।

: ତୁମ ଧର୍ମରେ ଆଉ କ'ଣ ସବୁ ନାହିଁ ? ମୁଁ ପଗ୍ଚରିଲି ତାଆରି ଗଳାରେ।

: ବିଶ୍ୱାସଘାତକତା ! କହିଲା ସର୍ଦ୍ଦାର।

: କିନ୍ତୁ ଆମର ଧର୍ମ ହେଲା ସେଇ ଦୁଇଟା ଯାକ। 'ନିଶା' ଆଉ 'ବିଶ୍ୱାସଘାତକତା'। ବେଶ୍ୟା ଘରକୁ ଯେ ଆସେ, ସେ ଦୁଇଟାଯାକ ଶିଖିବାକୁ

ପଡ଼େ । କହି ଗ୍ଲାସରେ କିଛି ମଦ ଢାଳି ଢକ ଢକ କରି ପିଇ, ଆଉ ଗ୍ଲାସେ ବଢ଼େଇଦେଲି ମୁଁ ବିକ୍ରମ ଆଡ଼କୁ ।

: ମେମ୍ ସାହେବ ? ଆଖି ଲାଲ୍ କରି ଗର୍ଜି ଉଠିଲା ବିକ୍ରମ । ମାଫ୍ କରିବେ । ମତେ ପିଇବାକୁ ଦିଅନ୍ତୁ । କହି ସେ ଚାଲିଯିବା ପାଇଁ ଦୁଆର ଆଡ଼କୁ ମୁହାଁଇଲା ।

ଚିଟ୍‌କିଣି ଲଗେଇ ଦେଇ, ଦୁଆର ମୁହଁରେ ଠିଆ ହେଲି ବାଟ ଆଗୁଳି । କହିଲି : ବିକ୍ରମ, ତୁମେ ମତେ ଭଲପାଅ । ମୁଁ ଜାଣେ । ବେଶ୍ୟାର ଆଖିକି ଫାଙ୍କି ଦେଇ ପାରିବନି ପୁରୁଷର ଛଳନା !

: ନା, ନା, ମୁଁ ଭଲପାଏନା । ସବୁ ଝୁଟ୍ !

: ଝୁଟ୍ ? ମୁଁ ଫାଁଏ କରି ଗର୍ଜି ଉଠିଲି । ତା'ହେଲେ ହୋସେନ୍ ହାତରୁ କାହିଁକି ସେଦିନ ବଞ୍ଚେଇଥିଲ ମୋ ନାରୀତ୍ୱକୁ ? କାହିଁକି ସନ୍ଦେହ କରିଥିଲ ହୋସେନ୍‌କୁ ? କି ଅନିଷ୍ଟ ସେ ମୋର କରିବ ବୋଲି ଆତଙ୍କିତ ହୋଇ ଉଠିଥିଲ ! ସେ ପର୍ଯ୍ୟନ୍ତ ମୋ ଆଡ଼କୁ ଦିନେ ବି ଆସି ନ ଥିଲ ତମେ ! ତେବେ ଭିତରେ ଭିତରେ ଲକ୍ଷ୍ୟକରି, ମୋ ରୂପ ଆଉ ଯୌବନରେ ତୁମେ ମୁଗ୍ଧ ନ ହୋଇଥିଲେ— କାହିଁକି ସେଦିନ ମୋ ସତୀତ୍ୱକୁ ରକ୍ଷା କରିବାକୁ ଆଗେଇ ଆସିଥାଆନ୍ତ ? ତା ଛଡ଼ା ଗୋଟାଏ ବାରବିଳାସିନୀ ବେଶ୍ୟାର ସତୀତ୍ୱ ! କି ଗୁରୁତ୍ୱ ସେ ସମାଜର ଦୃଷ୍ଟିରେ ! କେତେ ବା ତାର ମୂଲ୍ୟ ! ହୋସେନ୍ ମତେ ନେଇ ବେଇଜତ୍ କରିଥିଲେ ତୁମର ଯାଉଥିଲା କ'ଣ ? ତୁମେ କାହିଁକି ଅସହିଷ୍ଣୁ ହୋଇ ଉଠିଲ ? ମତେ ଭଲ ନପାଉଥିଲେ କାହିଁକି ଆସିଥାନ୍ତା ଈର୍ଷା ତୁମ ମନରେ । ତୁମେ କାହିଁକି ଛଟପଟ କରି ଉଠୁଥାନ୍ତ । କାହିଁକି କାଢ଼ି ଦେଖେଇଥାନ୍ତ ତୁମ କୃପାଣ ? କହି ପାରିବ ?

: ମେମ୍ ସାହେବ ! ଆପଣ ଯେ ମୋ ଅନ୍ନଦାତାର ପ୍ରେମିକା । ଆପଣଙ୍କ ଇଜ୍ଜତ୍...

: ନା, ନା, ପ୍ରେମିକା ନୁହେଁ, ମୁଁ କହିଲି, ରକ୍ଷିତା ! ତୁମ ଅନ୍ନଦାତା ହିଁ ମୋର ଅର୍ଥଦାତା ! ମୋ ଦେହ ବିନିମୟରେ ସେ ମତେ ଦିଅନ୍ତି ଐଶ୍ୱର୍ଯ୍ୟ ! ମୋ ଦେହ ଉପରେ ତାଙ୍କର ଅଧିକାର ଥାଇପାରେ...କିନ୍ତୁ ମୋ ପ୍ରାଣ ଉପରେ ; ମୋ ମନ ଉପରେ ତାଙ୍କର କୌଣସି ଅଖ୍ତିଆର ନାହିଁ । ତୁମେ ମୋ ନିଷ୍ପାପ ମନକୁ ଦେଖିଛ । ମୁଁ ଜାଣେ ତୁମେ ମତେ ଭଲପାଇଛ ବିକ୍ରମ...ଆଜିଠୁ ତୁମେ ମୋର ସ୍ୱାମୀ । କହି ଉନ୍ମାଦିନୀଙ୍କ ପରି ବିକ୍ରମର ଛାତି ଉପରକୁ ଝାମ୍ପି ପଡ଼ି ମୁଁ ଦି ହାତରେ ଜାବୁଡ଼ି ଧରିଲି ତା ମାଂସଳ ଦେହକୁ । •

: ମେମ୍ ସାହେବ! ପାଟିକରି ସଜୋରରେ ଧକ୍କା ଦେଇ ଠେଲିଦେଲା ମତେ ସର୍ଦ୍ଦାର। କହିଲା ହଟିଯାଅ, ନଇଲେ···

ନିଶାର ଜୋରରେ ଛାଡ଼ିଦେଲି ମୁଁ। ଦାନ୍ତ ରଗଡ଼ି ଝାମ୍ପି ଧରିଲି ସର୍ଦ୍ଦାରର ଦାଢ଼ି। ଝିଙ୍କିଦେଲି ତା' ମୁଣ୍ଡକୁ ପଛକୁ। ଫସିଗଲା ତା ଦେହ କାମୁଡ଼ି କୁଟିକୁଟି କରିଦେବା ପାଇଁ—କହିଲି ନଇଲେ କ'ଣ? କ'ଣ ଧମକଉଛୁ ମତେ? ଜମିଦାରକୁ କହିଦେବୁ?

: ଅଲବତ୍।

: ଅଲବତ୍? ଖୁବେଇକି କାଚଗ୍ଲାସଟା। ଫିଙ୍ଗିଦେଲି ମୁହଁକୁ ଲକ୍ଷ୍ୟକରି। ବାଜିଲା ଡାଏ କରି ତା' କପାଳରେ! ଭାଙ୍ଗି ଚୂର୍ମାର୍ ହୋଇଗଲା। ଫାଁଏକରି ଗଜାଉଠିଲା ଶିଖର ଦୁର୍ଦ୍ଧର୍ଷ ସ୍ରୋତ!

ରକ୍ତ! ଝର ଝର କରି ଝରିପଡ଼ିଲା ରକ୍ତର ଧାର। ମୁଣ୍ଡରେ ପଶିଯାଇଛି କାଚର ଟୁକୁଡ଼ା! ଲହୁ ଲୁହାଣ ହୋଇଗଲା ସମସ୍ତ ଦେହ।

ମୁଣ୍ଡ ଝାଏଁ ଝାଏଁ ହୋଇ ଉଠିଲା ମୋର।

କିନ୍ତୁ ସେତେବେଳକୁ ସୈତାନ୍ ହୋଇଛି ଭୟଙ୍କର। ଗୋଟେ ହାତ ଅଛୁଟ ତାର! ସନ୍ଦୁକ୍ ହାତ ଗୁଞ୍ଜେଇ 'ମିଆନ୍'ରୁ କାଢ଼ିଆଣିଲା କୃପାଣ। ଝଲମଲ କରିଉଠିଲା ଶାଣୁଆ ଧାର। ଝକ୍ ଝକ୍ କରିଉଠିଲା ତୀକ୍ଷ୍ଣ ମୁନ! ମୁହୂର୍ତ୍ତକ ଭିତରେ ଯେମିତି ନିଆଁ ଲାଗିଗଲା। ପ୍ରଚଣ୍ଡ ନିଆଁ! ହାହା ହାହା ଜଳିଉଠିଲା ସମସ୍ତ ଘର। ଚିତ୍କାର କରି ଉଠିଲି : ସର୍ଦ୍ଦାର, ମତେ ବଞ୍ଚାଅ! ହୋଟେନ୍ ହାତରୁ ମୋ ଇଜ୍ଜତକୁ ବଞ୍ଚେଇଛ, ତୁମ ହାତରୁ ଏ ପ୍ରାଣକୁ ବଞ୍ଚାଅ।

ଗୋଟାଏ ଅଟ୍ଟହାସର ଗର୍ଜନ ଶୁଣିଲି।

କୋଠାର ଛାତ ଯେମିତି ଚୂର୍ମାର ହୋଇ ଭାଙ୍ଗିପଡ଼ିଲା ମୋ ଉପରେ!

ତଳେ କଚ୍ଛଡ଼ାହୋଇ ପଡ଼ିଲି।

ହୋସ୍ ନାହିଁ।

ଅଜ୍ଞାନ।

କେତେବେଳେକେ ଚେତା ଫେରିଆସିଲା ସେତେବେଳେ, ଶିହରି ଉଠିଲି! ଏ କଣ? କି ଭୟଙ୍କର ଦୃଶ୍ୟ।

ମୋହନା ସ୍ପଷ୍ଟ ଉଦ୍‌ବେଗରେ ଥରଥରେଇ ଉଠି ମତେ ଜାବୁଡ଼ି ଧରିଲେ।

: କ'ଣ ହେଲା? ମୁଁ ପଚାରିଲି।

: କି ବୀଭତ୍ସ ସେ ଦୃଶ୍ୟ । ବିକ୍ରମ ସିଂ ଚିତ୍‌ହୋଇ ଓଲଟି ପଡ଼ିଛି ଚଟାଣ ଉପରେ । ସେଇ କୃପାଣ ଗଳିଯାଇଛି ଛାତିର ପିଞ୍ଜରା ଭିତରେ । ଛୁଟିଛି ରକ୍ତର ସ୍ରୋତ । ଉଜାଣି ବନ୍ୟାପରି । ଲହୁରେ ଉବୁଟୁବୁ ସମସ୍ତ ଘର । କ'ଣ କରିବି ? ଘୂରିଆଡ଼ ଯେମିତି ଅନ୍ଧାର ଦେଖାଗଲା । ତଥାପି ହୃଦେସ୍ ଯାଇଁ, କୃପାଣଟାକୁ ଝିଙ୍କିଆଣିଲି ଛାତିଭିତରୁ । କିନ୍ତୁ ସେତେବେଳକୁ ସବୁ ଶେଷ ହୋଇଯାଇଛି ।

: ଶେଷ ! ମୋ ପାଟିରୁ ଚମକିଲା ପରି ବାହାରିଆସିଲା ।

: ହୁଁ...

ସ୍ତବ୍ଧ ହୋଇ ବସିରହିଲେ ମୋହିନୀ କିଛିକ୍ଷଣ ।

: ଏତେସବୁ କଥା ମତେ କାହିଁକି କହିଲେ ? ପଚାରିଲି ଉଦାସ ଗଳାରେ ।

: କାହିଁକି କହିଲି, କେଜାଣି ? ମୁଁ କ'ଣ ଠିକ ଭାବିପାରୁଛି, କ'ଣ କହିବାକୁ ଯାଇଁ କ'ଣ କହିବସିଲି ? ହୁଏତ ଏତେଦିନ ଛଟପଟ କରୁଥିଲି ମୁଁ ! କାହାକୁ ଜଣେ ଖୋଜୁଥିଲି ନିଜର କରି ! ବିଶ୍ୱାସୀ··

ବିଶ୍ୱାସୀ ? ମତେ ଶିଖ ଭାବି ବିଶ୍ୱାସ କରି ବସିଛନ୍ତି ଏ ଭିତରେ ? ମୁଁ ନିଜକୁ ପରିହାସ କଲାପରି ବିଦ୍ରୁପ ଗଳାରେ କହିଲି···କିନ୍ତୁ ମୁଁ ଯେ ଶିଖ ନୁହେଁ ।

: ନ ହୋଇପାରନ୍ତି । ଆପଣଙ୍କ ବାହାରର ଚେହେରା ତ ଶିଖ୍ ?

: ବାହାରର ଚେହେରାଟା କ'ଣ ଜଣକୁ ବିଶ୍ୱାସ କରିବା ପାଇଁ ସବୁକିଛି ?

ହସିଲେ ଟିକିଏ ମୋହିନୀ । କହିଲେ : ଯାହାର ବାହାରଟା ଭୟଙ୍କର ତା ଭିତରଟା ସୁନ୍ଦର । ଆଉ ଯିଏ ବାହାରେ ସୁନ୍ଦର ସେ ଭିତରେ କଦାକାର, କୁତ୍ସିତ ! କହି ହଠାତ୍ ମୋ ପାଖରୁ ଉଠିଯାଇ ସେ ପଲଙ୍କର ବିଛଣା ତଳୁ କାଢ଼ିଆଣିଲେ ଗୋଟାଏ ଲମ୍ବା ଛୁରୀ ! ଆଣି ବଢ଼େଇଦେଲେ ମୋ ଆଡ଼କୁ ।

: ଏଇ ସେ ଛୁରୀ ?

: ହୁଁ ।

: କ'ଣ ଲାଗିଛି ଏଗୁଡ଼ା ?

: ବିକ୍ରମ ସିଂର ରକ୍ତ ! ଏ ଭିତରେ ଶୁଖି କଳା ପଡ଼ିଯାଇଛି ।

ଟିପ ମାରି ଛୁରୀର ଶାଣ୍ ପରୀକ୍ଷା କରୁ କରୁ ପଚାରିଲି : କାହିଁକି ରଖିଛନ୍ତି ଏ ଛୁରୀଟା ?

: କହିପାରିବନି । କାନ୍ଥରେ ଝୁଲ୍‌ହୋଇଥିବା ଗୁରୁନାନକଙ୍କ ଛବି ଆଡ଼କୁ ଚାହିଁ କହିଲେ ମୋହିନୀ—ହୁଏତ ଭଲ ପାଇଥିଲି ବିକ୍ରମ ସିଂକୁ । ଖାଲି ବିକ୍ରମକୁ ନୁହେଁ—ତା'ର ଶାଣିତ କୃପାଣକୁ···କୃପାଣ ଧରି ଛିଡ଼ାହେବାର ଦର୍ପିତ ଷାରତ୍ୱକୁ । କହୁ କହୁ ଗଳା ବାଷ୍ପରୁଦ୍ଧ ହୋଇଆସିଲା ।

ତାଙ୍କ ମୁହଁକୁ ଚାହିଁଲି :

: ଆଶ୍ଚର୍ଯ୍ୟ ହେଉଛ ? ମୋହିନୀ ପଚାରିଲେ, ଭାବୁଛ ମୁଁ ବାରବିଳାସିନୀ । ଭଲ ପାଇବାର କ'ଣ ବୁଝେ ? ଠିକ୍ କଥା । ଦେହର ବ୍ୟବସା କରୁଛି । ତା' ବୋଲି କ'ଣ ମୋର ପ୍ରାଣ ନାହିଁ ? ମନର ପୁରୁଷକୁ ଖୋଜିବାର ବ୍ୟାକୁଳତା ନାହିଁ ? ଖୋଜି ପାଇଲେ ହୃଦୟ ଖୋଲି ଦେଖାଇବାର ଉନ୍ମାଦନା ନାହିଁ ? ସମାଜ ଭାବେ ପତିତା, ହୃଦୟହୀନା—ଦେହ ବିକି ପଇସା ଆଦାୟ କରିବାର ଆର୍ଥିକ ଲାଳସା ଭିତରେ ହିଁ ତା' ପ୍ରେମର ପୈଶାଚିକ ପରିଣତି । ବିକ୍ରମ ବି ଠିକ୍ ସେଇଆ ଭାବି ମତେ ସେଦିନ ପ୍ରଶ୍ନ କରିଥିଲା—ମେମ୍ ସାହେବ, ନାରୀର ଦେହ ଆଉ ମନ ଦୁଇଟା ଅଲଗା ଅଲଗା ବୋଲି କହୁଛ ; କିନ୍ତୁ ଦେଇପାରିବ ଦେହଠୁ ଅଲଗା କରି ତୁମ ମନର ସ୍ୱତନ୍ତ୍ର ପ୍ରେମ ! ମନର ପ୍ରେମ ଦେଲାବେଳେ ତୁମ ରକ୍ତମାଂସର ଦେହରେ ଜାଗିବନି ଉତ୍ତେଜନାର ତୋଫାନ ? ସେ ତୋଫାନ ମତେ ଆକ୍ରାନ୍ତ କରିବ ନାହିଁ ? ସେ ତୋଫାନର ଝଡ଼ ମତେ ଦୋହଲାଇ ଦେବ ନାହିଁ ? ମତେ କ୍ଷିପ୍ତ କରି ତୋଳିବନି ? ଆଉ କ୍ଷିପ୍ତ ହୋଇଉଠିଲେ ଶିଖର ଉଦଗ୍ର ପ୍ରାଣରେ ଯେ ଲାଳସାର ବହ୍ନି ଜଳିଉଠିବ, କ'ଣ ଦେଇ ଶାନ୍ତ କରିବ ତାକୁ ? କ'ଣ ଅଛି ତୁମର ? ଦେହ ! ଦେହଇ ତ ସର୍ବସ୍ୱ ନାରୀର ! ସେ ଦେହକୁ ତ ତୁମେ ଟେକି ଦେଇଛ ଜମିଦାର ସାହେବଙ୍କ ପରି ଦଶଟାଙ୍କ ହାତରେ ଧ୍ୱଂସ ହୋଇଯିବା ପାଇଁ । ଶିଖ୍ ଜୁଆନ ଜାଣି ଜାଣି କାହାର ଉଚ୍ଛିଷ୍ଟ ଗ୍ରହଣ କରେନା ମେମ୍ ସାହେବ ! ମତେ ମାଫ୍ କର ।

ଏକା ନିଃଶ୍ୱାସରେ କହିସାରି ମୋହିନୀ ଟିକିଏ ଦମ୍ ନେଲେ ।

ପୂର୍ବ କଥାର ଛିନ୍ନସୂତ୍ରକୁ ମନେପକେଇ ପଚାରିଲି : ଯାହାର ବାହାରଟା ସୁନ୍ଦର, ତା ଭିତରଟା କୁତ୍ସିତ ; ଆଉ ବାହାର ଯାହାର କୁତ୍ସିତ, ତା ଭିତର ନିଶ୍ଚୟ ସୁନ୍ଦର—ଏ ସତ୍ୟ କ'ଣ ସବୁଠି, ସବୁ କ୍ଷେତ୍ରରେ ?

: ବ୍ୟତିକ୍ରମ ଥାଇପାରେ । କିନ୍ତୁ ଗୋଟାଏ କ'ଣ ଆଶ୍ୱାସନା ନାହିଁ ? ବାହାରର ଭୟଙ୍କର ରୂପକୁ ଦେଖିସାରିଲା ପରେ ମଣିଷ ଏପରି ହୁସିଆର ହୋଇଯାଏ ଯେ ଭିତରର ଚେହେରାଟା ଅକସ୍ମାତ୍ ଯଦି ସୁନ୍ଦର ନ ହୋଇ ଆହୁରି ଭୟଙ୍କର ହୋଇଆଏ, ତାହେଲେ ଧୋକ୍କା ଖାଇବାର ଅବକାଶ ନ ଆଏ ।

କଥାର ବିଶ୍ଳେଷଣ ଶୁଣି ଆଶ୍ଚର୍ଯ୍ୟ ହେଲି । ବୁଝିଲି ବେଶ୍ୟା ହେଲେ ବି ପୁରୁଷ ମନ ଚିହ୍ନିବାର ଯେଉଁ ଅସାଧାରଣ ଅନୁଭୂତି ଅଛି ମୋହିନୀଙ୍କର, ତାକୁ ହସି ଉଡ଼େଇ ଦବାର ନୁହେଁ । କହିଲି : ବେଶ୍, ମୋ ସମ୍ବନ୍ଧରେ ଆପଣ ଏତେଟା ନିର୍ଭରଶୀଳ ଯଦି, କଥା ଦେଲି, ଦୁର୍ଦ୍ଦିନରେ ସ୍ମରଣ କରିବେ ମତେ, ପୃଥିବୀରେ ଯଦି ବଞ୍ଚିକରି ଥାଏ, ନିଶ୍ଚୟ ଆସି ଠିଆ ହେବି ପାଖରେ ।

ବାହାରେ, ତଳମହଲରେ ଝିଞ୍ଜିରିର ଖଡ଼ ଖଡ଼ ଶବ୍ଦ ଶୁଣାଗଲା ।

: ସୁଶୀଳା ! ପରିଚାରିକା ଉଦ୍ଦେଶ୍ୟରେ ଡାକିଲେ ମୋହିନୀ, ଦେଖ୍ ତ କିଏ ଡାକୁଛି ?

: ଯାଉଛି ମା ! କହି ପରିଚାରିକା ସେଇ ଭିତରପଟୁ ତଳମହଲର ଦୁଆର ଖୋଲି ପାଟି ଶୁଣେଇ କହିଲା—ସୁରେଶ ବାବୁ ଆସିଛନ୍ତି ମା' ! ଉପରକୁ ଯିବେ ?

: ସୁରେଶ ! ମୁଁ ସ୍ତବ୍ଧ ଗଳାରେ ପଚାରିଲି ।

: ହଁ ! ଆପଣ ଟିକିଏ ଆରପାଖ ଘରକୁ ଯାଆନ୍ତୁ । କି ମତଲବରେ ପୁଣି ଆସିଛି ମୁଁ ଦେଖେ । କହି ମୋ ପାଖରୁ ତରତର ହୋଇ ବାହାର ବାରଣ୍ଡା ଆଡ଼େ ଉଠି ଚାଲିଗଲେ ମୋହିନୀ ।

ପ୍ରବଳ ଉତ୍ତେଜନାରେ ମୋ ଦେହର ରୁମ ଟାଙ୍କୁରି ଉଠିଲା । କ'ଣ କରିବି କିଛି ଠିକ୍ କରିପାରିଲି ନାହିଁ । ତା'ପରେ ଭାବିଲି, ଏଇ ସୁଯୋଗ—ଶୁଣେ, କି ଉଦ୍ଦେଶ୍ୟରେ ଏଠିକି ଆସିଛି ସୁରେଶ ! ଭିତରପଟ ଘରକୁ ଯାଇଁ ଗୋଟାଏ କଣକୁ ଲୁଚିବସିଲି ।

ସାଙ୍ଗରେ ସୁରେଶକୁ ଧରି ଟିକକ ପରେ ଫେରିଆସିଲେ ମୋହିନୀ ।

: ମୋ ଟଙ୍କା କେବେ ଦେବ ? ମୋହିନୀଙ୍କ ରୁକ୍ଷ ଗଳାର ଆହ୍ୱାନ ।

ଯେତେବେଳେ ଆସିଲେ ଟଙ୍କାର ପ୍ରଶ୍ନ । ଛ-ସାତଶହ ଟଙ୍କା ପାଇଁ ଏତେ ଅବିଶ୍ୱାସ ତୁମର ?

: ଅବିଶ୍ୱାସ ଭିତରେ ପତିତାଗୋଷ୍ଠୀର ପ୍ରତିଷ୍ଠା । ତୁମ ସମାଜର ଚରିତ୍ରର 'ବିଶ୍ୱାସ'ର ବାହାରେ ଆମେ । ପନ୍ଦର ଦିନ ଭିତରେ ଟଙ୍କା ଫେରାଇଦେବାକୁ କହିଥିଲ । ଦେଢ଼ ବର୍ଷ ଉପରେ ଆସି ହେଲା । ପାଞ୍ଚଶ' ସାଙ୍ଗକୁ ଆଉରି ଦୁଇଶ' ନେଇସାରିଲଣି । କେଉଁ ବିଶ୍ୱାସଟା ରଖିଛ ତୁମେ ?

: ମୁଁ ବିଶ୍ୱାସଘାତକ ନୁହେଁ ମୋହିନୀ ! ଟଙ୍କା ଦେଇ ନ ପାରିଲେ ଅର୍ଥ ଉପାର୍ଜନର ଏକ ବଢ଼ିଆ ଯନ୍ତ୍ର ମୁଁ ଦେବି ତୁମକୁ ।

: ସତେ ? ସେ ଯନ୍ତ୍ର ଉପରୁ ତୁମର ଲୋଭ ଛୁଡ଼ିଲାଣି ତ ?

: ଲୋଭ ଛୁଡ଼ିଗଲାଣି ମୋର ମୋହିନୀ ! ଆଜି ହିଁ ମୋର ଶେଷ ଚେଷ୍ଟା । କିଛି ଟଙ୍କା ଦେବ ମତେ ?

: ଶେଷ ଚେଷ୍ଟା ପାଇଁ ଟଙ୍କାର କ'ଣ ଦରକାର ? ଝିଅଟା କ'ଣ ଟଙ୍କା ଷେବେଇବ ?

: ନାରୀ ମନ ଉପରେ ଟଙ୍କା-ସୁନାର କି ମୋହିନୀ ଶକ୍ତି ଅଛି, ତା' ନାରୀ ହୋଇ ତୁମେ ଜାଣନା ?

: ତା ଜାଣେ । କିନ୍ତୁ ତା' ପରି ଝିଅ ଟଙ୍କା-ସୁନା ପ୍ରଲୋଭନରେ ପଡ଼ି ଭୁଲିଯିବ, ଶେଷକୁ ଏଇ ସିଦ୍ଧାନ୍ତ କଲ ତୁମ ପରି ପ୍ରେମିକ ?

: ସିଦ୍ଧାନ୍ତ ନ ହେଲେ ବି ଏଇ ମୋର ଶେଷ ଚେଷ୍ଟା । ଇନ୍ଦ୍ରବତୀ ନଦୀକୂଳରେ ନିର୍ଜ୍ଜନ ଡାକବଙ୍ଗଳାରେ ସୁନାର ଐଶ୍ୱର୍ଯ୍ୟରେ ତାକୁ ସଜେଇ କାଲି ମୋର ଶେଷ ଚେଷ୍ଟା କରି ଦେଖିବି ଥରେ ।

: ଦେଢ଼ ବର୍ଷ ଭିତରେ ଶେଷ ଚେଷ୍ଟା କରିପାରିଲ ନାହିଁ ?

: ନା, ଏତେଦିନ ସେ ଚନ୍ଦ୍ରାକରି ଦେଖିବାକୁ ନେଇଥିଲି ମହଲତ ।

ହସିଉଠିଲେ ମୋହିନୀ ବାଈ । କାଲି ତା'ହେଲେ ସେ ମହଲତର ଦିନ ପୂରିବ ?

: ହଁ, କାଲିଇ ହେଉଛି ତା' ଆଡ଼ୁ ଶେଷ ଉତ୍ତରର ନିଷ୍ପତ୍ତି···ଆଉ ମୋ ଜୀବନର ଶେଷ ସିଦ୍ଧାନ୍ତର ଯବନିକା ।

: ଅଭିନୟର ରଙ୍ଗଭୂମି କେଉଁଠି ? ତୁମର ସେଇ ପଚୁଗଳିର ଅନ୍ଧକାର ?

: ନା, କହିଲି ପରି ଇନ୍ଦ୍ରବତୀ କୂଳର ଡାକବଙ୍ଗଳା ।

: କିନ୍ତୁ ମୋର ତ ଭୟ ହୁଏ, ସେ ରାଜି ନ ହେଲେ ତାକୁ ବୋଧହୁଏ ଶେଷ କରିଦେବ ସେଇଠି ! ଭସେଇଦେବ ଇନ୍ଦ୍ରବତୀ ନଦୀର ତରଙ୍ଗରେ ! କି ନିଷ୍ଠୁର ତୁମେ ସୁରେଶ ! ନାରୀମାଂସଲୋଭୀ ପୁରୁଷ ଇମିତି ପୁଣି ଥାଏ ?

: ଖବରଦାର ମୋହିନୀ ! ତୁମେ ସଂଯତ ହୋଇ କଥା କୁହ ! ମୁଁ ନାରୀ ମାଂସଲୋଭୀ ପୁରୁଷ, ଆଉ ତୁମେ ଶିଶୁ-ରକ୍ତଲୋଭୀ ବାଘୁଣୀ ନୁହଁ ?

: ଗୋଟାଏ ଦୁର୍ବଳ ମୁହୂର୍ତ୍ତରେ ତୁମକୁ ମୋ ଦେଶର ଲୋକ ଭାବି ଜୀବନର ଭୁଲ୍ ସ୍ୱୀକାର କରିଛି ବୋଲି ତୁମେ ମତେ ଧମକେଇ ଟଙ୍କା ନେବ ?

: ଯାହା ଭାବ, ମତେ ଆଜ ପାଞ୍ଚଶ' ଦେବାକୁ ହିଁ ହେବ । ତା' ଛଡ଼ା ମୁଁ କ'ଣ ତୁମକୁ ଫାଶିକାଠରୁ ବଞ୍ଚେଇନି ! ରେଙ୍ଗୁନ୍ ଗୁଇନ୍ଦା ପୁଲିସ ହାତରୁ ତୁମକୁ ନ ବଞ୍ଚେଇଥିଲେ ତୁମେ କ'ଣ ଏପର୍ଯ୍ୟନ୍ତ ପ୍ରାଣରେ ଥାଆନ୍ତ ? ତୁମେ ତ ପୁଣି ଏବେ ମତେ ସର୍ବସ୍ୱ ଦେବାକୁ ଚାହିଁଥିଲ ? ଭୁଲିଗଲ ଦଶ ମାସ ତଳର କଥା ? ···ସୁରେଶର ଗଳା ଉତ୍ତେଜନାରେ ଥରଉଠିଲା ।

ଘର ଭିତରେ ଲୁଚିରହି ସବୁ ଶୁଣିଲି ।

: ମୋଟେ ତିନିଶ' ଟଙ୍କା ! ସୁରେଶର କର୍କଶ ଗଳା ।

: ଆଉ ନାହିଁ ।

: ନା, ଆଉ ଦୁଇଶ' ଦେବାକୁ ହେବ ।

: ମୋ ସୁନା କାଚ ନେଇଯାଅ ।

: ବେଶ୍, ଦିଅ । ଆଜ ମୁଁ ନିର୍ଦ୍ଦୟ ମୋହିନୀ ! ନାରୀକୁ ଏତେଦିନ କରୁଣାମୟୀ ପ୍ରେମିକା ଭାବରେ କଳ୍ପନା କରି ଆସିଥିଲି । ଆଉ ତାହିଁ ମତେ ଉତ୍କ୍ଷିପ୍ତ କରି ତୋଳିଛି ପୃଥିବୀର ସମସ୍ତ ନାରୀ ଜାତି ବିରୁଦ୍ଧରେ । ସେମାନଙ୍କଠୁ ପ୍ରତିହିଂସା ନେବା ପାଇଁ ମୁଁ ଶପଥ ନେଇଛି । ସତୀତ୍ୱର ଅହଙ୍କାରକୁ ମୁଁ ନିର୍ମମ ଆଘାତରେ ଚୂର୍ଣ୍ଣମାର କରିଦେବାକୁ ଚାହେଁ । ମୁଁ ଦଳିଦେବାକୁ ଚାହେଁ ସେମାନଙ୍କ ସ୍ୱର୍ଗ । ।

ଟେବୁଲ ଉପରେ ଦୁମ୍ ଦୁମ୍ କରି ତିନିଟା ବିଧାର ଆବାଜ ଶୁଣିପାରିଲି ।

: ଆଉ କ'ଣ ନେବ ?

: ନା, ଧନ୍ୟବାଦ । କାଲି ରାତିରେ ଆସି ଦେଖା କରିବି । ଆରତିକୁ ମୁଁ ମାରିବି ନାହିଁ ମୋହିନୀ ! ମୁଁ ତାକୁ ମରି ମୁକ୍ତି ନେବାକୁ ଦେବି ନାହିଁ । ଏତେଦିନ ଜିଆଇ ରଖିଛି ତାକୁ···ସତୀ ହୋଇ ସ୍ୱର୍ଗରେ ଦେବୀ ହେବା ପାଇଁ ନୁହେଁ । ମୁଁ ତାକୁ ଭିଡ଼ିଆଣିବି ତୁମରି ଏଇ ବ୍ୟଭିଚାରର ରସାତଳକୁ । ତାକୁ ନର-ରାକ୍ଷସମାନେ କାଟି କାମୁଡ଼ି ଖାଇବେ, ତା' ଦେହକୁ ପାଶବିକ ଅତ୍ୟାଚାରରେ ପିଷ୍ଟ କରି ତୁଳା ଭିଣିଲା ପରି ଛିନ୍ ଭିନ୍ କରି ଧ୍ୱଂସ କରିବେ—ଏଇଆ ମୁଁ ଦେଖିବି ଉଲ୍ଲାସ ଆନନ୍ଦରେ । ଏପର୍ଯ୍ୟନ୍ତ ମୁଁ ମଣିଷ ହୋଇ ରହିଥିଲି—କାଲିଠୁ ହେବି ରାକ୍ଷସ ! କହି ଜୋତା ପିଟି ଦୁମ୍ ଦୁମ୍ କରି ସିଡ଼ି ଓହ୍ଲେଇ ଚାଲିଗଲା ସୁରେଶ ।

ମନେ ହେଲା, ମୁଁ ଯେପରି ଏକ ରହସ୍ୟଘନ ନାଟକର ରୋମାଞ୍ଚକର ଦୃଶ୍ୟ ଦେଖୁଛି !!

: ସବୁ ଶୁଣି ପକେଇଲେ ନା ? ମୋହିନୀ ବାଈ ମୋ ବସିଲା ଘରଭିତରକୁ ପଶିଆସି ପଚାରିଲେ ।

ତାଙ୍କ ମୁହଁ ଗୋଟିପଣେ ଶୁଖିଯାଇଛି ।

କହିଲି : ଭୟ ନାହିଁ । ଆପଣ ମତେ ବିଶ୍ୱାସ କରିଛନ୍ତି ।

: କିନ୍ତୁ ସେ ବିଶ୍ୱାସର ପରୀକ୍ଷା ଆପଣଙ୍କ ପାଇଁ ଏତେ ଶୀଘ୍ର ଆରମ୍ଭ ହୋଇଯିବ, ଏ ଧାରଣା ମୋର ନ ଥିଲା ।

: ଏଇ ସୁରେଶଠୁ ପ୍ରତିଶୋଧ ନେବା କଥା ଭାବି ଆପଣ ମତେ ସାହାଯ୍ୟ କରିବା ପାଇଁ କହୁଥିଲେ ନିଶ୍ଚୟ ! ମୁଁ ପଚାରିଲି ।

ମୋହିନୀ ବାଈ ନୀରବ ରହିଲେ ।

ତାଙ୍କ ମୁହଁକୁ ବିସ୍ଫାରିତ ଦୃଷ୍ଟିରେ ଚାହିଁରହିଲି କିଛିକ୍ଷଣ । ତାଙ୍କ ଆଖି ଲାଲ ହୋଇଉଠିଛି ଉତ୍ତେଜନାରେ ।

: ମତେ ସାହାଯ୍ୟ କରିପାରିବେ ? ମୁଁ ପଚାରିଲି ।

: କ'ଣ ?

: ବିକ୍ରମ ସିଂଙ୍କର ସେଇ ଚୁକ୍ତଟା !

ମୋହିନୀ କ'ଣ କହିବାକୁ ଯାଉଥିଲେ । କିନ୍ତୁ ତାଙ୍କ ଉତ୍ତରକୁ ଅପେକ୍ଷା ନ କରି ପଲଙ୍କର ଗୁପ୍ତି ଭିତରୁ ସେଇ ଶୁଖିଲା ରକ୍ତବୋଳା କୃପାଣଟାକୁ କାଢ଼ି ଅଣ୍ଟାରେ ଖୋସି ଉଦ୍‌ଭ୍ରାନ୍ତଙ୍କ ପରି ଛୁଟିଆସିଲି ବାହାରକୁ ।

ରେଙ୍ଗୁନ ମଧ୍ୟାହ୍ନର ରୌଦ୍ର-ଦଗ୍ଧ ମାଟି ନିଆଁ ପରି ତାତିଉଠିଛି ।

ମୋ ଦେହର ଶିରା-ପ୍ରଶିରାରେ ଜଳିଉଠିଲା ସେଇ ତାତିର ହୁତାଶନ ।

## ॥ ୨୯ ॥

ସୂର୍ଯ୍ୟ ବୁଡ଼ିଯାଉଛି ଉଚ୍ଚ ପାଗୋଡ଼ାର ସେପାଖେ ।

'ବ୍ୟୁଟିଭିଲ୍'ର ବାତାୟନ ଭିତରୁ ସନ୍ଧ୍ୟାର ରକ୍ତିମ ଆକାଶକୁ ଚାହିଁ ଛିଡ଼ା ହୋଇଥିଲି ମୁଁ । ସମସ୍ତ ପୃଥିବୀ ମୋ ଆଗରେ ଲାଲ୍ ହୋଇ ଉଠୁଥିଲା—ରକ୍ତ ପରି ପ୍ରଚଣ୍ଡ ଲାଲ ।

ଗୋଟାଏ କି ଅଗ୍ନି-ଶପଥରେ ମନଟାକୁ ତିଆରି କରୁଥିଲି ମୁଁ । ପ୍ରସ୍ତୁତ କରୁଥିଲି ନିଜକୁ ଗୋଟାଏ କି ସାଂଘାତିକ ଅବସ୍ଥାର ସମ୍ମୁଖୀନ ହେବା ପାଇଁ । ଦୁର୍ଦ୍ଧର୍ଷ ବିକ୍ରମରେ ଶିକାର ଉପରେ ଲମ୍ଫ ଦେଇ ମାଡ଼ି ବସିବା ପାଇଁ ଦେହର ଅପରିମିତ ଶକ୍ତିକୁ ପୁଞ୍ଜୀଭୂତ କରୁଥିବା ଜଙ୍ଗଲର ହିଂସ୍ର ଜାନୁଆର ପରି । ମୋ ଅଲକ୍ଷ୍ୟରେ ମୁଁ ଉତ୍ତେଜନାରେ ଥରି ଉଠୁଥିଲି । ଦେହର ରୁମ ଟାଙ୍କୁରି ଉଠୁଥିଲା ସିଂହର କେଶର ପରି । ଝଡ଼ ପରି ଗର୍ଜୁଥିଲା ନାକର ନିଃଶ୍ୱାସ । ନିଜକୁ ପ୍ରସ୍ତୁତ କରୁଥିଲି ମୁଁ ।

ମନର ଚିନ୍ତାରେ ସାମଞ୍ଜସ୍ୟ ନାହିଁ । ନିର୍ଦ୍ଦିଷ୍ଟ ନାହିଁ ଭାବନାର ଲକ୍ଷ୍ୟରେ । ତଥାପି ବନ୍ୟ ବିକ୍ରମରେ ଛଟପଟ କରୁଛି ମୁଁ । ଦୃପ୍ତ ପ୍ରତିଜ୍ଞାରେ ବଜ୍ରମୁଷ୍ଟି ମୋର ଥରିଉଠୁଛି ।

ଗୋଧୂଳିର ଲୋହିତ ଝଲକ ଆକାଶରୁ ନିଶ୍ଚିହ୍ନ ହୋଇଗଲା । ଉଦ୍ଭଟ କଳ୍ପନାର ମଝିରେ ମଝିରେ ସଚେତନ ହୋଇଉଠୁଛି ମୁଁ । ଅସ୍ପଷ୍ଟ ହୋଇ ଲକ୍ଷ୍ୟ କରୁଛି ମୋ ସାମ୍ନାରେ ଦୃଶ୍ୟମାନ ପୃଥିବୀର ଘରଆଡ଼ । ଅନ୍ଧାର ମାଡ଼ି ଆସୁଛି । ସନ୍ଧ୍ୟାର ଅନ୍ଧକାର ଗାଢ଼ରୁ ଆହୁରି ବୀଭତ୍ସ ଗାଢ ହୋଇଆସୁଛି । ସମୁଦ୍ରର ଉଦ୍‌ବେଳିତ ତରଙ୍ଗ ପରି ମାଡ଼ି ଆସୁଛି ଲହଡ଼ିର ଜୁଆର । କାଳନାଗୁଣୀର ଫଣା ପରି ମୁଣ୍ଡ ଟେକି ତେଉ ପରେ ତେଉ ଆସି ଚୋଟ ମାରୁଛି ମାଟିର ସୀମାନା ଉପରେ । ଦୋହଲି ଉଠିଲା ପରି ଲାଗୁଛି ମୋ ପାଦତଳର ଭୂଇଁ । ଭୂମିକମ୍ପ ହେବ କି କ'ଣ ? କସ୍ତୁଡ଼ି ହୋଇ ପଡ଼ିବି ତଳେ !

ମୁଣ୍ଡ ଘୂରେଇଦଏ ।

ବସିପଡ଼େ ଖଟ ଉପରେ ।

ହଠାତ୍ ଶୁଣିଲି ପରି ଲାଗେ, କେଉଁଠି ଦୂରରେ କିଏ ଯେପରି ଗୁମୁରି ଗୁମୁରି କାନ୍ଦୁଛି ! କେଉଁ ନୀରନ୍ଧ୍ର ଅନ୍ଧକାରର ଗହ୍ୱର ଭିତରୁ କାହାର ନିଷ୍ପାପ ବନ୍ଦୀ ଆତ୍ମା ଯେପରି ହାହାକାର କରି ଆର୍ତ୍ତକଣ୍ଠରେ ଡାକି ଡାକି କହୁଛି : ଆସ, ମତେ ଏଠୁ ନେଇଯାଅ । ମତେ ଉଦ୍ଧାର କର । ମୁଁ ମରିଗଲି ! ମୋ ପ୍ରାଣ ଗଲା !!

ଚମକି ପଡ଼େ ।

କିଏ ? କିଏସ୍ ଡାକୁଛ ମତେ ?

ଆରତି ?

ଉଠି ଠିଆ ହୋଇପଡ଼େ । ଏବେ, କାହିଁ ମୋ ପାଦ ଅଚଳ ତ ! ଏଇ ତ ମୁଁ ଶକ୍ତ ହୋଇଛି ! ଖୁବ୍ ଶକ୍ତ ! ପାହାଡ଼ ପରି କଠିନ ଶକ୍ତ ! ଅଟଳ ବନ୍ଧନରେ ସ୍ଥିତ ! କଠୋର ଶପଥରେ ସ୍ଥିତ !! ଅହଙ୍କୃତ ବୀରତ୍ୱର ଦୁର୍ଗ ପରି ଦର୍ପିତ !!!

ନିଆଁର ଝଲକ ପରି ହଠାତ୍ ଗୋଟାଏ କ୍ଷୁଦ୍ର ଚିନ୍ତାର ଉତ୍ତାପରେ ସମସ୍ତ ଦେହ ଥରିଉଠିଲା । ଦୌଡ଼ିଗଲି ଟେବୁଲ ପାଖକୁ । ଡ୍ରୟର ଟିକ୍ ଆଣିଲି ଗୋଟାଏ ଟାଣରେ । ବାହାର କଲି ଛୁରୀଟା । ଶୁଖିଲା ରକ୍ତମଖା ଛୁରୀଟା । ଟିପ ମାରି ଅଙ୍ଗୁଠିରେ ତା' ଶାଣୁଆ ଧାରକୁ ଆଗେ ପରୀକ୍ଷା କରିନେଲି ସେଇ ଅନ୍ଧକାରରେ । ଲୁଙ୍ଗିଟା ଭଲକରି ପିନ୍ଧିଲି । ଅଣ୍ଟା ପାଖରେ ପକେଇଲି ମାଲ୍‌କୁଞ୍ଚ ଗଣ୍ଠି । ଗଳେଇଲି ଫତେଇଟା । ମୁଣ୍ଡରେର କଷିକରି ଭିଡ଼ିଲି ରୁମାଲଟା । ନିଜକୁ ଥରେ ଆଉଁସିନେଲି । ଛୁରୀଟା ଅଣ୍ଟାରେ ଖୋସି ଦ'ହାତରେ ସାଉଁଳିନେଲି ଦାଢ଼ିଟା । ତା'ପରେ ମନେ ମନେ ଭୈରବ ଅଟ୍ଟହାସରେ ରକ୍ତପିପାସୁ କାପାଳିକ ପରି ମୁଁ ସେଇ ରୁଦ୍ଧ ପ୍ରକୋଷ୍ଠ ଭିତରେ ନାଚଉଠିଲି ।

ନାଚି ନାଚି ପିଞ୍ଜରାବଦ୍ଧ ବ୍ୟାଘ୍ର ପରି ପଞ୍ଝା ପକାଇ ଘର ଭିତରେ ଏପାଖରୁ ସେପାଖ କିଛିକ୍ଷଣ ଅସହିଷ୍ଣୁ ଉତ୍ତେଜନାରେ ବାଁ ହାତର ପାପୁଲି ଉପରେ ଡାହାଣ ମୁଷ୍ଟିକୁ ସଜୋରରେ ଆଘାତ କରି ଓଠ କାମୁଡ଼ି ଦାନ୍ତ ରଗଡ଼ିଲି । ତା'ପରେ କୁଦା ମାରିଲି ଘର ପାହୁଣ୍ଡ ପକେଇ ଦୁଆର ଖୋଲି ପର୍ଦ୍ଦା । ଫିଙ୍ଗି ଛୁଟିଆସିଲି ବାହାରକୁ ।

ବଙ୍କିଗଳିଟା କେମିତି ପାର ହୋଇଛି, ଦେଢ଼ ମାଇଲ ରାସ୍ତା କେମିତି ଡେଇଁ ଡେଇଁ ଆସିଛି କିଛି ଜାଣିନି । ମିଃ ବାଓଙ୍କ ପାଖରେ ଯେତେବେଳେ ପହଞ୍ଚେ... ବୁଝିପାରିଲି...ମୋ ଆତ୍ମାର ଭିତରେ ମୁଁ ଆଉ ନାହିଁ । ଗୁଣିଆର ମନ୍ତ୍ରପୂତା ମଶାଣିର ଜାଅନ୍ତା ମୂର୍ଦ୍ଧାର ପରି ମୁଁ ଯେମିତି କାହାକୁ ଗୋଡ଼େଇ ଖାଇବାକୁ ଦାନ୍ତ ରଗଡୁଛି ।

: ଏତେ ରାତିରେ ଆପଣ କୁଆଡ଼େ ? ମିଃ ବାଓ ପଚାରିଲେ ।

ହଠାତ୍ ଗୋଟାଏ କ'ଣ କହି ପକେଇବାକୁ ଯାଉଥିଲି । ଟିକିଏ ଥତମତ ହୋଇଗଲି । ମନକୁ ସ୍ଥିର କରିବାକୁ ଚେଷ୍ଟା କଲି । କିନ୍ତୁ ନା... ଅସମ୍ଭବ ।

: କ'ଣ ହୋଇଛି ଆପଣଙ୍କର ? ଆଜି ଅଫିସ ଆସିଲେ ନାହିଁ କାହିଁକି ? କାଲି ରାତିରେ ଆପଣଙ୍କୁ ମୋହନ୍ତିଙ୍କ ଘରକୁ ଜୋର୍‌କରି ନେଇଗଲି, କିଛି ଭାବିଲେ ନା କ'ଣ ?

: ନେଇଯିବା ଯୋଗ୍ୟ ନୁହେଁ । ଭାବୁଛି, ମତେ ଆପଣ ସେଠି ଅପ୍ରସ୍ତୁତ କଲେ ବୋଲି ।

: ଅପ୍ରସ୍ତୁତ ?

: ହଁ, ସୁରେଶ ବାବୁଙ୍କ ସାମ୍ନାରେ···

: ସେ ତ ପରେ ଆସିଲେ ।

: ମଝିରେ ମଝିରେ ଆସନ୍ତି, ଆପଣ ଜାଣିଥିଲେ ତ ?

: ତା ଠିକ୍ । କିନ୍ତୁ ହଠାତ୍ ସେ ଆସି ପହଞ୍ଚିଯିବେ, ତା' ମୁଁ ଜାଣିବି କିପରି ?

: ସେ ଜାଗାକୁ ମତେ ମୂଳରୁ ନ ନେବା ଉଚିତ୍ ଥିଲା ।

: କାହିଁକି ?

: ସୁରେଶ ଯେ ମୋ ଦେଶ ଲୋକ ।

: କ୍ଷତି କ'ଣ ? ଟିକିଏ ରହିଥିଲେ ପରିଚୟ କରେଇ ଦେଇଥାନ୍ତି ।

: ମୁଁ ହଠାତ୍ ଉଠି ଆସିଲି । ସେ କିଛି ପଚାରିଲେନି ?

: ହଁ, କ'ଣ ଗୋଟାଏ ପଚାରିଥିଲେ ଅବଶ୍ୟ । ଠିକ୍ ମନେ ପଡ଼ୁନାହିଁ । ମତେ ନିଶା ହୋଇଯାଇଥିଲା । ତାଙ୍କ ପ୍ରଶ୍ନର ଉତ୍ତରକୁ ତାଚ୍ଛଲ୍ୟର ହସଟାଏ ହସି ଉଡ଼େଇ ଦେଇଥିଲି ।

: ଭୁଲ୍ କଲି । ତାଙ୍କ ସହିତ କାଲି ଜଣାଶୁଣା ହୋଇଥିଲେ ଭଲ ହୋଇଥାନ୍ତା ।

: ଆଜି ଚାଲନ୍ତୁ ଯିବା ।

: ନା, ଆପଣଙ୍କ ସାଙ୍ଗରେ ନୁହେଁ । ମୁଁ ଏକା ଚୁହେଁ ତାଙ୍କ ଘରକୁ ଯିବି ।

: ଏକା ?

: ହଁ, ଏକାନ୍ତରେ ଦୁଃଖ ସୁଖ ହୋଇ ଆସିବି ।

: ମୁଁ ଗଲେ ଆପଣଙ୍କ ଐକାନ୍ତିକ ଆଲୋଚନାରେ ବ୍ୟାଘାତ ଆସିବନି, କଥା ଦେଉଛି ।

: ନା, ନା, କ୍ଷମା କରିବେ । ଆଜି ଦିନକ, ପ୍ରଥମ ଦେଖାସାକ୍ଷାତ ଆଉ ଆଲୋଚନାଟା ତୃତୀୟ ପୁରୁଷ ଉପସ୍ଥିତିରେ ନୁହେଁ ।

: ଆପଣ ବଡ଼ ଲାଜକୁଳା ।

ମୁଁ ଟିକିଏ ହସିଲି ।

: ତାହେଲେ ଡ୍ରାଇଭରକୁ କହିଦେଉଛୁ, ଆପଣଙ୍କୁ ଛାଡ଼ିଦେଇ ଆସିବ ।

: ଧନ୍ୟବାଦ । ମୁଁ ବାହାରକୁ ଚାଲିଆସିଲି ।

ମୋ ସାଙ୍ଗେ ସାଙ୍ଗେ ରାସ୍ତା ଉପରକୁ ଚାଲି ଚାଲି ହୋଇ ଆସି ପଚାରିଲେ ମି: ବାଓ—କାଲି କାମକୁ ଆସିବେ ତ ? ଆପଣଙ୍କର ଦିନକ ଅନୁପସ୍ଥିତିରେ ସବୁ ଆଜି ଗୋଳମାଳ ହୋଇଯାଇଛି ।

: କାଲି ଯାଇଁ ସବୁ ଠିକ୍ କରିଦେବି ।

ଡ୍ରାଇଭର ଗାଡ଼ି ଆଣି ରାସ୍ତାରେ ରଖିଲା ।

ଦୁଆର ଖୋଲି ସାମ୍ନାରେ ବସିଲି ।

: ଗାଡ଼ି ରଖିବେ, କଥାବାର୍ତ୍ତା ସାରି ବରିଗୃହକୁ ଫେରି ଗାଡ଼ି ଛାଡ଼ିଦେବେ ।

: ନା, ନା, ମତେ ସୁରେଶ ବାବୁଙ୍କ ଘରେ ଛାଡ଼ିଦେଇ ଡ୍ରାଇଭର ଚାଲି-ଆସିବ । ଫେରିବା ବ୍ୟବସ୍ଥା ମୁଁ କରିନେବି ।

: ଆଚ୍ଛା ! ମି. ବାଓ ଅଫିସ ରୁମ୍‌କୁ ଫେରିଗଲେ ।

ଗାଡ଼ିରେ ଷ୍ଟାର୍ଟ ଦେଲା ଡ୍ରାଇଭର ।

: କୁଆଡ଼େ ଯିବେ ଆଜ୍ଞା !

: ସୁରେଶ ବାବୁଙ୍କ ଘର ଦେଖିଛ ?

: ଜୀ ହଜୁର !

: କେତେ ଥର ଯାଇଛ ?

: ସୁମାର ନାହିଁ । ଡ୍ରାଇଭର କହିଲା ଗାଡ଼ିରେ ସ୍ପିଡ଼୍ ଦେଇ ।

: ସାହେବଙ୍କ ଦୋସ୍ତ ?

: ଦୋସ୍ତ ? ହୁଁ । ଗାଡ଼ି ଭିତରର ଧୂସର ଅନ୍ଧକାରରେ ଡ୍ରାଇଭର ଟିକିଏ ହସିଲା ପରି ମନେ ହେଲା ।

: ସୁରେଶ ବାବୁଙ୍କ ଘର ଦୁଆର ମୁହଁକୁ ଗାଡ଼ି ନେବ ନାହିଁ ।

: ତେବେ ?

: ଟିକିଏ ଦୂରଛଡ଼ା କରି ରଖିବ ।

: ତା'ପରେ ?

: ମତେ ସେଇଠି ଓହ୍ଲାଇଦେଇ ସାଙ୍ଗରେ ନେଇ ଦେଖେଇ ଦେବ ଘରଟା । ତା'ପରେ ତୁମର ଛୁଟି ।

: ହୁଁ ।

: କେତେ ସ୍ପିଡ୍‌ରେ ନେଇଯାଉ ଗାଡ଼ି ? ମୁଁ ପଚାରିଲି ।

: ଏଜନଟା ଆକ୍‌ସିଡେଣ୍ଟ କରିଛି ।

: ମଣିଷ ମାରିଛ ?

: ଗୋଟାକୁ ଜୀବନରେ । ଦୁଇଟାକୁ ଜଖମ ।

: ସଜା ମିଳିଛି ?

: ନା । ସାତଖୁନ୍ ମାଫ୍ ।

: ମାଫ୍ ? କେମିତି ?

: ଦୋଷ ମୋର ନୁହେଁ ।

: ଯେଉଁ ଲୋକଟାକୁ ମାରିଦେଲ ?

: ତାର ମରିବାର ଥିଲା । ମୋ ଓକିଲ ପ୍ରମାଣ କରିଦେଲେ···ସେ ଆପେ ମଟର ଚକତଳେ ମୁହଁ କରିକି ପଡ଼ିଲା ।

: ମାତାଲ ?

: ସେ ନୁହେଁ, ମୁଁ ।

: ତୁମେ ମଦ ଖାଇଥିଲ ?

: ହଁ, ଆଜ୍ଞା !

: ସେ ମଟର ଚକତଳେ ପଡ଼ିଲା କାହିଁକି ?

: ଦୁନିଆରେ ପଡ଼ିବାର କିଛି କାରଣ ନାହିଁ ବାବୁ !

: କାରଣ ନ ଥାଇ ମଣିଷ ପଡ଼େ ?

: କାରଣ ନ ଥାଇ ଯୁକ୍ତି କରି କାରଣ ଦେଖେଇ ମୋ ଓକିଲ ତ ତାକୁ ପକେଇ ମତେ ଛଡ଼େଇଦେଲେ···

: ବାଃ ! ଡ୍ରାଇଭରର ପିଠି ଥାପଡ଼େଇ ଦେଲି ମୁଁ । କିଏ ସେ ଓକିଲ ?

: ସାହେବଙ୍କ ଦୋସ୍ତ ।

: କେତେ ଟଙ୍କା ଖର୍ଚ୍ଚ ହେଲା ତୁମର ?

: ସାହେବ ଦେଇଛନ୍ତି ।

: ଦରମା ?

: ଠିକ୍ ପାଉଛି—ପ୍ରତି ମାସରେ ।

: ମି. ବାଓ ଖୁବ୍ ଦୟୁ ବନ୍ତ ନା ?

: ତାଙ୍କ ବିଷୟରେ ଆପଣ ମୋଠାରୁ ବେଶୀ ଜାଣନ୍ତି ହଜୁର । ତା’ ହଠାତ୍ କଥା ମଝିରେ ରହସ୍ୟାଳ କହିଲା ଡ୍ରାଇଭର—ଏଇ ଗଳିର ଶେଷ ଘରଟା । ଗାଡ଼ି ଏଇଠି ରଖିବ ନା ନେଇଯିବ ?

: ଏଇଠି ରଖ ଭୀଷଣ ଅନ୍ଧାର ଯେ !

: ନାମଜାଦା ଗଳି ଆଜ୍ଞା ! ଡ୍ରାଇଭର ଟିକିଏ ହସି ଗାଡ଼ି ରୋକିଲା ।

ଓହ୍ଲାଇ ଛିଡ଼ା ହେଲୁ ତଳେ ।

ଘରଆଡ଼କୁ ଟିକିଏ ଅନେଇଲୁ ।

ଏଇ ଭିତରେ ଘରଆଡ଼ ଶୁନ୍‌ଶାନ୍ ।

: ଚାଲ ଦେଖେଇ ଦବ ।

: ଆସନ୍ତୁ ଆଜ୍ଞା ! ଡ୍ରାଇଭର ଆଗେ ଆଗେ ଚାଲିଲା ।

ସ୍ତବ୍ଧତା ଭିତରେ ଜୋତାର ମଚ ମଚ ଶବ୍ଦ ।

: କିଏ ଆସୁଛି ଜଣେ ?

: ମଦ ଭାଟିଟା ଏଇ କଡ଼ରେ । ଟିକିଏ ବେଗି ଚାଲନ୍ତୁ ହଜୁର୍, ଡ୍ରାଇଭର କହିଲା ।

: ମଦୁଆଙ୍କୁ ତୁମେ ଡର ? ମୁଁ ପଚାରିଲି ।

: ମଦୁଆଙ୍କୁ ନୁହେଁ, ମଦକୁ…

: ମଦକୁ ଡର ? ମୁଁ ଆଶ୍ଚର୍ଯ୍ୟରେ କହିଲି : ନିର୍ଜୀବ ପାଣିପିଆ ତାକୁ ଡରିବାର କ’ଣ ଅଛି ?

: ସେଇ ତ କଥା ନୁହେ ଆଜ୍ଞା ! ସେଇ ତ ମାତାଲମି କରେ । ମଣିଷକୁ ଘଟାଏ…ଝିଙ୍କାଏ…ମଡାଏ । ସେଇ ତ…।

: ମଣିଷ ତା ପାଖ ନ ମାଡ଼ିଲେ ?

: ଦୂରରେ ରହିଲେ କେଜାଣି କ’ଣ ହେବ ! ପାଖ ମାଡ଼ିଲେ କାହୁ ରକ୍ଷା ନାହିଁ ।

: ସେଇଥିପାଇଁ ରାସ୍ତାଟା ବଙ୍କେଇ ଗଲା ବୋଧହୁଏ ?

: ହଁ, ଆଜ୍ଞା ! ଅନ୍ଧାର ଭିତରେ ଡ୍ରାଇଭରର ଗଳା କେମିତି ଥରି ଥରି ଶୁଣାଗଲା । …ସେଇ ଆସ ଘରଟା । ଆଲୁଅ ଜଳୁଛି ।

ଧପ୍ କରି ଛିଡ଼ା ହୋଇ ପଡ଼ିଲି । ଏଇଠୁ ଫେରିଯାଅ ତୁମେ ।

: ଆଉ ଟିକିଏ ଆଗେ ଯିବା ।

: ଆଉ ସେଇ ଦି' ମହଲା କୋଠାଟା ତ ?

: ହଁ । ଦୁଆର ଝରକା ବନ୍ଦ ସବୁ । ଫାଟ ସନ୍ଧରେ ଆଲୁଅ ଦିଶୁଛି ।

: ବୁଝିଲି, ଯାଅ । ବକ୍‌ସିସ୍ ନିଅ । ଗୋଟାଏ ଦଶଟଙ୍କିଆ ନୋଟ ବଢ଼େଇଦେଲି ଡ୍ରାଇଭର ହାତକୁ ।

ସେଇ ଅନ୍ଧାର ଭିତରେ ନିଶ୍ଚିହ୍ନ ହୋଇଗଲା ଡ୍ରାଇଭର ।

ପୁଣି ଥରେ ଚାରି ଆଡ଼କୁ ଚାହିଁଲି ।

ଆଉ କେହି ନାହିଁ । ମାତାଲଟା ଚାଲିଯାଇଛି । ଅନ୍ଧାର ଥମ୍ ଥମ୍ କରୁଛି । ଗୋଟାଏ କି ପଚା ଗନ୍ଧରେ ଗଳାର ଅନ୍ତରୁଙ୍ଗ ଆବ୍‌ହାଓ୍ୱା ବସେଇ ଉଠିଛି ।

କୋଠା ସାମନାକୁ ଗଲି ।

ପାହାଚ ଉଠି ବାରଣ୍ଡା ଉପରକୁ ଉଠିଲି ।

ଆଙ୍ଗୁଠିରେ ଦୁଆର ଠକ୍ ଠକ୍ କରି ବାଡ଼େଇଲି ।

: କିଏ ? ଭିତରୁ ଗୁରୁ ଗମ୍ଭୀର ପ୍ରଶ୍ନ ଶୁଣାଗଲା ।

ପୁଣି ଠକ୍ ଠକ୍ କରି ବାଡ଼େଇଲି ।

ଛିଟ୍‌କିଣି ଖୋଲିବାର ଆବାଜ୍ ଶୁଣିଲି ଭିତରୁ ।

ଦୁଆର ଖୋଲିଲା ।

ସାମ୍‌ନାରେ ସୁରେଶ । କିନ୍ତୁ ଏ କି ଗନ୍ଧ ? ସୁରେଶ ପିଇଛି ନା କ'ଣ ?

ଡାକିବାକୁ ଅପେକ୍ଷା ନ କରି ଘର ଭିତରକୁ ପଶିଗଲି । ବର୍ମିଜ ଭାଷାରେ କହିଲି—ଶୁଭ ରାତ୍ରି । ମତେ ଚିହ୍ନି ପାରୁଛନ୍ତି ?

: କାଲି ରାତିରେ ମୋହିନୀ ବାଈଜୀଙ୍କ ଘରେ ଦେଖିଥିଲି । ମିଃ ବାଓଙ୍କ ସାଙ୍ଗରେ ତୁମେ ଯାଇଥିଲ ବୋଧହୁଏ । ସୁରେଶ ଭଙ୍ଗା ଭଙ୍ଗା ବର୍ମୀ ଭାଷାରେ ପଚାରିଲା—କ'ଣ ଦରକାର ?

: ଟିକିଏ ବସିବାକୁ କହିବେ ନି ?

: ହଁ, ହଁ, ବସନ୍ତୁ ।

: ଦୁଆରଟା ବନ୍ଦ କରିଦିଅନ୍ତୁ । ମୁଁ ଅନୁରୋଧ କଲି ।

: କାହିଁକି ?- ସୁରେଶ ବିସ୍ମୟରେ ପଚାରିଲା ।

: ପୁଲିସ୍ ମୋ ପିଛା ଧରିଛି । ଗାଡ଼ିରେ ବସି ପିଉଥିଲି ମୁଁ ।

: ଓଃ । ଟିକିଏ ହସିଲା ସୁରେଶ । ...ଏ ଗଳାଟାରେ ପୁଲିସର ସ୍ପର୍ଶ ଜୁଲମ । ହଉ, ଟିକିଏ ବସିଯାଅ । ଏ ଘର ଭିତରକୁ ଆସିଛ...ଦେଖିଛ ପୁଲିସ ?

: ନା ।

: ଦେଖିଥାଏ ବି ଯଦ, ଖତ ନାହିଁ । ସେମାନେ ସବୁ ମୋର ଜଣା ଶୋଲମ । କିନ୍ତୁ ମୁଁ ଏଠି ରହେ ଜାଣିଲ କେମିତି ?

: ଆପଣ ମିଃ ବାଓଙ୍କ ବନ୍ଧୁ । ଆପଣଙ୍କ ଘର ଜାଣିବିନି !

: ଆଉ କେବେ ଆସିଥିଲ ?

: ନା ।

: ଟେବୁଲ ସେ ପାଖେ ହଠାତ୍ ବସିପଡ଼ିଲା ସୁରେଶ । ପିଅ ସରବତ ?

: ହିଁ ।

: କିନ୍ତୁ ତୁମକୁ ତ ମାତାଲ ମନେ ହେଉନି ?

: ପେଟ ଭରି ପିଇପାରିଛୁ କେଉଁଠି ?

: ଆଉ ପିଇବ ?

: ଆପଣଙ୍କ ବୋତଲ-ବନ୍ଧୁ ହବାର ଭାଗ୍ୟ କ'ଣ ମୋର ଅଛି ।

: କାହିଁକି ନାହିଁ ! ସୁରେଶ ହାତ ବଢ଼େଇଦେଲା କରମର୍ଦ୍ଦନ ପାଇଁ । ତାପରେ ଉଠି ଚାଲିଗଲା ଭିତରକୁ । ଆଖି ପିଛୁଳାକେ ନେଇଆସିଲା ଗୋଟାଏ ହୁଇସ୍କିର ବୋତଲ ଆଉ ଦୁଇଟା ଗ୍ଲାସ । ନିଅ, ଢାଳ ।

: ଆପଣ ଢାଳନ୍ତୁ ।

: ଆଉ ଆପଣ ନୁହେଁ । ଏଇ ମୁହୂର୍ତ୍ତରୁ ଆମେ ଦୁହେଁ ବନ୍ଧୁ ।

ସେଇ ସୁରେଶ, ସେଇ ତା'ର ଚରିତ୍ର । ସବୁ ସେମିତି ଅଛି । ଖାଲି, ଆଖିର ଦୃଷ୍ଟି...ନିଶାରେ ଲାଲ ଆଉ ମନର ଯନ୍ତ୍ରଣାରେ ତୀକ୍ଷ୍ଣ ହୋଇଉଠିଛି ।

: ବେଶ୍, ମୁଁ ଇ ଢାଳୁଛି । ପିଅ...କହି ଗ୍ଲାସରେ ଢାଳି ବଢ଼େଇ ଦେଲା ସୁରେଶ ଆଡ଼କୁ ।

ଢକ ଢକ କରି ପିଇ ଚାଲିଲା ସୁରେଶ ।

ହୁଇସ୍କିର ନିଶା ଘୁରିକରି ଉଠିଲେ ତାକୁ । ଭାବିଲା ଆଜି ମୋର ଜୟ ହେବ ନିଶ୍ଚୟ ।

ସୁରେଶ ଗର୍ଜିଉଠିଲା ପରି ଟେବୁଲ ଉପରେ ଗୋଟାଏ ମୁଷ୍ଟି ମାରିଲା । ତାପରେ ମୋ ଆଡ଼କୁ ଚାହିଁ କହିଲା : ତୁମେ ଶିଖ୍ ?

: ହଁ ।

: ଦାଢ଼ିଟା ବେଶ୍ ମାନିଛି ମୁହଁକୁ ।

: ଏ ପୋଷାକଟି ?

: ଚମତ୍କାର ! ମୁଁ ଭାବୁଛି, ଏ ଚେପ୍‌ଟା ନାକଆ, ମୋଟା ଓଠଆ ବର୍ମିଜ୍‌ମାନେ ସମସ୍ତେ ଯଦି ଦାଢ଼ି ରଖନ୍ତେ ତୁମ ପରି··· ପୃଥିବୀରେ ସବୁଠୁ ନୃଶଂସ ଜାତି ହିସାବରେ ବୋଧହୁଏ ବାଜିମାତ୍ କରନ୍ତେ ।

ସୁରେଶ ପୁଣି ପିଇଲା ।

ଏଇ ସୁଯୋଗ ।

ମୁଁ ହଠାତ୍ ଧରି ପକେଇଲି ସୁରେଶର ଛାତି ଉପର କାମିଜଟାକୁ ।

ଚମକି ଉଠିଲା ସୁରେଶ—ଏ କ'ଣ ?

: ବାଜିମାତ୍ ? ମୁଁ ଗର୍ଜି କରି ଉଠିଲି । ବସେଇଦେଲି ଗୋଟାଏ ମୁଷ୍ଟି ସୁରେଶର ମୁହଁ ଉପରେ । ଆରତି କାହିଁ ?

ଅବାକ୍ ହୋଇ ଚାହିଁଲା ମୋ ମୁହଁକୁ ସୁରେଶ । କିଏସ୍ ତୁ ?

ଚିପି ଧରିଲି ତା' ତଣ୍ଟି ଦି ହାତରେ ।

ଏପରି ଅତର୍କିତ ଆକ୍ରମଣ ପାଇଁ ପ୍ରସ୍ତୁତ ନ ଥିଲା ସୁରେଶ । ସମସ୍ତ ଦେହ ତାର ବରଡ଼ା ପତର ପରି ଥରିଉଠିଲା ।

ଥରୁଥିଲି ମୁଁ ବି ।

: ଆରତି କାହିଁ କହ ?

: କିଏ ? ଉମାକାନ୍ତ ? ମୋ ଗଳା ବାରି ପକାଇଲା ସୁରେଶ । ତୁ ଏଠି ? ଡକାୟତ !

: ଡକାୟତ ମୁଁ ନା ତୁ ?

ହଠାତ୍ ବିଦ୍ୟୁତ୍ ବେଗରେ ମୋ ହାତମୁଠାର ଖାପଚରୁ ଖସିଗଲା ସୁରେଶ । ଖସି ଧାଇଁଗଲା ଭିତରକୁ । ସିଡ଼ି ଦେଇ ଫଟ ଫଟ କରି ଉଠିଗଲା ଉପର ମହଲାକୁ । ଧାଇଁଲି ତା ପଛେ ପଛେ । ଘର ଭିତରେ ପଶି ଦୁଆର କିଳିଦେଲା । ହଠାତ୍ ଗୋଟାଏ ଚିତ୍କାର ଶୁଣିଲି । ଚାବୁକର ସିପ୍ ସିପ୍ ଶବ୍ଦ । ଆରତିକୁ ନିର୍ମମ ଭାବରେ ପିଟିବା ଆରମ୍ଭ କରିଦେଇଛି ପାଷଣ୍ଡ । ଦୁଆରକୁ ଧୁମ୍ ଧୁମ୍ କରି ପକେଇଲି ଦି ଗୋଇଠା । ମଟ ମଟ ହୋଇ ଭାଙ୍ଗି ଚୂରମାର ହୋଇଗଲା କବାଟ । ପଶିଗଲି ଭିତରକୁ ।

ଆଉଥରେ ତଳେ ପଡ଼ିଛୁ । ବେହୋସ୍ !!

ସ୍ପ୍ରିଙ୍ଗ ଧରି ମୋ ଉପରକୁ ଡେଇଁ ଆସିଲା ସୁରେଶ । ନିଶା ଛାଡ଼ିଯାଇଛି ତାର । ପାଖରେ ଶିକାର ପାଇ ଚହକି ଉଠିଛି ସେ । ମତେ ଯେପରି ଦଳି ଚକଟି ଚୂର୍ଣ୍ଣ ବିଚୂର୍ଣ୍ଣ କରିଦେବ ।

ହୋ ହୋ କରି ହସିଉଠିଲି । ଘୃଣିତ ଅଟ୍ଟହାସ । ମୁଖର କୁହାଟ ପରି ପ୍ରଚଣ୍ଡ ଅଟ୍ଟହାସ । କାଢ଼ିଲି ଅଣ୍ଟାରୁ ଛୁରୀଟା । ଧରିଲି ମୁଠାରେ ଶକ୍ତ କରି । ପଚାରିଲି : ମୃତ୍ୟୁ ନା ମୁକ୍ତି ?

: ପ୍ରତିହିଂସା ? ଗର୍ଜି ଉଠିଲା ସୁରେଶ ।

: କି ଭୁଲ୍ ମୁଁ କରିଥିଲି ତୋର ? ପ୍ରତିଶୋଧ ନେବାକୁ ଆଗେଇ ଆସିଛୁ ?

: ମୋ ମନର ନାରୀକୁ ଭୁଲେଇଛୁ ତୁ । ଆରତିକୁ ପାଇଥିଲି ମୁଁ ପ୍ରଥମେ । ମତେ ବିବାହ କରାଇ ଦେବାର ସୌଜନ୍ୟ ବାହାରେ ଦେଖେଇ, ଭିତରେ ପ୍ରତାରଣାର ଧପ୍‌ପାବାଜି ଭିତରେ କାବର କଲୁ ତାକୁ । ମୁଁ ଭୁଲିଯିବି ? ମୁଁ ମାପ୍ କରିବି ?

: ଆରତି ଚାହେଁ ତତେ ?

: ସ୍ତ୍ରୀର ପୁଣି ମତାମତ ? ପୁରୁଷର କ୍ରୀତଦାସୀ ସେ ।

: ଜାଣିପାରିଛୁ କେବେ ନାରୀର ମନ ?

: ନାରୀ ଦେହର ମାଂସ ଲୋଡ଼ା ମୋର ! ଦାନ୍ତ ରଗଡ଼ି ସୁରେଶ ଝାମ୍ପି ପଡ଼ିଲା ମୋ ଉପରକୁ ।

ଘୁଞ୍ଚିଆସିଲି ପଛକୁ ।

: ହୁସିଆର୍ ! ପାଟି କରି ଉଠିଲି ।

: ନା, ନା, ନା । ମୋ ହାତରୁ ଛୁରୀଟା ଛଡ଼େଇବାର ଚେଷ୍ଟା କଲା ସୁରେଶ ।

ଆଉ ନୁହେଁ ।

: ସୁରେଶ ! ଗର୍ଜି ଉଠିଲି ମୁଁ । ଆଖିରୁ ନିଆଁ ହୁଳା ବାହାରିଲା ପରି ସ୍ପଷ୍ଟ ଦିଶିଲା ନାଲି ଦେଖାଗଲା ମତେ । ମୁଣ୍ଡକୁ ଉଠିଗଲା ରକ୍ତର ଝଲକ । ଟାଣି ଧରିଲି ସୁରେଶର ଚୁଟି । ବସେଇଦେଲି ଛୁରୀଟାକୁ ତା ଛାତି ଉପରେ ।

: ଆଃ !!! ତଳେ କଚାଡ଼ି ହୋଇ ପଡ଼ିଲା ସୁରେଶ । ଗୋଟାଏ କରୁଣ ଆର୍ତ୍ତନାଦ କରି ।

ରକ୍ତର ତପ୍ତ ବୈତରଣୀ ବହିଗଲା ଉଚ୍ଛଳ ତରଙ୍ଗରେ ।

ଦୁର୍ବାର ଆନନ୍ଦରେ ନାଚିଉଠିଲି ମୁଁ ।

ଉଦ୍ଦଣ୍ଡ ତାଣ୍ଡବରେ ବୁଡ଼ି ବୁଲିଲା ସାରା ଘରଟା ।

ତାପରେ ସ୍ତବ୍ଧ ହୋଇ ଠିଆ ହେଲା । ଅନେଇଲା ସୁରେଶ ଆଡ଼େ— ସୁରେଶର କ୍ଷତ-ବିକ୍ଷତ ରକ୍ତାକ୍ତ ଦେହଟା ଆଡ଼େ । ଶେଷ, ସବୁ କିଛି ଶେଷ !!

ଘରର ଗୋଟାଏ କଣକୁ ପଡ଼ିଛି ମୂର୍ଚ୍ଛିତା ଆରତି ।

ଆରତି ! ଉଠ ! ଉଠ !! ଦେଖ, ରକ୍ତର ପ୍ରବାହ ଛୁଟିଆସୁଛି । ଉଷ୍ଣ ରକ୍ତର ସ୍ରୋତ ! କି ରୁଦ୍ର ବୀରତ୍ୱ ଦୃଶ୍ୟ !!

ଦେଖ ଆରତି ! ଚିତ୍କାର କରି ଉଠିଲା ରକ୍ତାକ୍ତ ପୁଲକରେ । ଦେଖ, ମୁଁ ପ୍ରତିଶୋଧ ନେଇଛି । ପିଶାଚଠୁ ବଳି ନିର୍ମମ ହୋଇଛି । ତୁମ ପାଇଁ ମୁଁ ମୃତ୍ୟୁର ମୁକାବିଲା କରିଛି । ବିଜୟୀ ବୀର ମୁଁ । ରକ୍ତଟୀକା ପିନ୍ଧାଇଦିଅ ମତେ । ଉଠ ।

ଉନ୍ମାଦଙ୍କ ପରି ଆଞ୍ଜୁଳାଏ ରକ୍ତ ନେଇ ମୂର୍ଚ୍ଛିତା ଆରତିର କପାଳରେ ବୋଳିଦେଲା । ସତୀ ସାଧ୍ୱୀ ଆରତି—ତପସ୍ୱିନୀ ଆରତି । କି ସୁନ୍ଦର ମାନିଛି ଏ ରକ୍ତର ପ୍ରଲେପ ଆରତିର ମୁହଁକୁ !!

ଗର୍ବରେ ହସିଉଠିଲା ।

ତଳୁ ଉଠେଇ କାନ୍ଧରେ ପକେଇଲା ଆରତିକି ।

ଲାଇଟ୍ ଅଫ୍ କଲା ।

ଅନ୍ଧାର…

ବାହାରେ ଜଣା ଗର୍ଜୁଛି…

ଘନୀଭୂତ ଅନ୍ଧକାର ।

ଫୁଲ ପରି ହାଲୁକା ଆରତିର ଦେହଟା !

ସିଡ଼ିର ପାହାଚ ଓହ୍ଲେଇଲା—ଗୋଟିକପରେ ଗୋଟିଏ । ଭୟ କ'ଣ ? ମୁଁ ଲୁଚି ଲୁଚିଛି । ମୁଁ ମଣିଷ ମାରିଛି । ମୁଁ ଖୁଣୀ ।

ମୁଁ ନିର୍ମମ ଖୁଣୀ ।

ମୁଁ ନିର୍ଦ୍ଦୟ ଖୁଣୀ ।

ମୁଁ ନିର୍ଭୀକ ଖୁଣୀ ।

ମୁଁ ସନ୍ନ୍ୟାସବାଦୀ । ପୃଥିବୀ ମତେ ଭୟ କରେ । ମୁଁ ମରଣଜୟୀ । ମୃତ୍ୟୁ ମତେ ପ୍ରଣାମ କରେ ।

ଅନ୍ଧକାରକୁ ଭୟ କ'ଣ ମୋର ?

ଆଗେଇ ଚାଲିଲା…

ଦୃଢ଼ ପଦକ୍ଷେପରେ ଆଗେଇଗଲା ।

ଉଦ୍‌ଭ୍ରାନ୍ତଙ୍କ ପରି ଅଗେଇଗଲା ଦ୍ରୁତ ଛନ୍ଦରେ ।

ଦୁର୍ଦ୍ଧର୍ଷ ବିକ୍ରମରେ ଆଗେଇଗଲା ଇନ୍ଦ୍ରାବତୀ ନଦୀତଟ ଭୟ-ଶଙ୍କୁଳ ଜଙ୍ଗଲର ନଗ୍ନ-ନିର୍ଜନ ନିଭୃତ ଅନ୍ତର୍ମୁଖ ।

# ଉପସଂହାର

ରାତି ପାହିଆସେ ।

ପକ୍ଷୀର କାକଳିରେ ବାଜିଉଠେ ଆଗାମୀ ଦିନର ନହବତ ।

ଲମ୍ଫ ଦେଇ ଦେଇ ମୁଁ ଅତିକ୍ରମ କରି ଚାଲେ ଜଙ୍ଗଲ ପରେ ଜଙ୍ଗଲ ।

ପାହାନ୍ତାର ଶିଶିରଭିଜା ଫୁଲ ଗନ୍ଧରେ ବନିତାର ସ୍ୱପ୍ନ ଭାଙ୍ଗିଯାଏ ।

ଫେରିଆସେ ମୂର୍ଚ୍ଛିତା ଆରତିର ଚେତନା ।

ମୋ କାନ୍ଧ ଉପରେ ଚହଲିଉଠେ ତା' ଦେହ ।

ମନର ଆନନ୍ଦରେ ବସିପଡ଼େ ମୁଁ ସେଇ ବନର ଝଙ୍କୃତିରେ । ଡାକେ— ଆରତି !

ଚକିତା ହରିଣୀ ପରି କରୁଣ ଦୃଷ୍ଟିରେ ମୋ ଆଡ଼କୁ ଚାହେଁ ସେ ।

: ଚାଲିପାରିବ ? ମୁଁ ପଚାରେ ।

: କେତେ ଦୂର ଆଉ ? ମୋ ହାତମୁଠାରେ ହାତ ରଖି ଶକ୍ତ କରି ଧରେ ମତେ ଆରତି ।

: ଆଗରେ ଇରାବତୀ ନଦୀ । ଚାଲ...ଆଜି ତା'ର କୂଳରେ ଠିଆହୋଇ ଯୁଗଳ-ଜୀବନର ପ୍ରଥମ ସୂର୍ଯ୍ୟୋଦୟ ଦେଖିବା ।

ଆରତି ହସେ...

× × ×

ବନ୍ଧୁ ନାହିଁ, ସ୍ୱଜନ ନାହିଁ । ନିରଳସ ନିରାଡ଼ମ୍ବର ଜୀବନ । ଜନସମାଜଠୁ ଉପହାସ୍ୟ ଆମେ । ତଥାପି ଦୁଃଖ ନାହିଁ । ପ୍ରକୃତିର ଲୀଳା-ଉତ୍ସବ ଭିତରେ ପ୍ରେମର ଅଫୁରନ୍ତ ଉପଭୋଗ ଆମର ।

ସେଇ ଆମର ସୁଖ ।

ସେଇ ଆମର ଶାନ୍ତି ।